An Authenticated Edition

OF

# LAVANYAVATI

BY

## UPENDRA BHANJA

## Part I.

*Edited with different readings, introduction & notes.*

*By*

Rai Bahadur A. B. MOHANTI M.A.

# ଲାବଣ୍ୟବତୀ

ରସିକରାଜ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

ପ୍ରଥମ ଭାଗ

ବହୁପାଠ, ମୁଖବନ୍ଧ ଟୀକା ସହ

ରାୟ ବାହାଦୁର ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି ଏମ୍.ଏ.ଙ୍କ ଦ୍ୱାରା

ସଙ୍କଳିତ

ଶୁଦ୍ଧ ଦ୍ୱିତୀୟ ସଂସ୍କରଣ

ପ୍ରକାଶକ—

ଉତ୍କଳ ବିଶ୍ୱବିଦ୍ୟାଳୟ

କଟକ

୧୯୫୨

ମୂଲ୍ୟ ତିନି ଟଙ୍କା

ଅନୁଶୀଳନ କରିବା ତ ଦୂରର କଥା; କିନ୍ତୁ ସେସବୁକୁ ସେମାନଙ୍କର ଦୃଷ୍ଟିରେ ଆଣିବା ବିଷୟରେ ଅମ୍ଭମାନଙ୍କ ଉଦ୍ୟମ। ସେଥିରେ କାବ୍ୟ ଦୃଶ୍ୟ ଦ୍ୱାରା ନ କରି ଚଳୁଥିବା ସ୍ୱଭାବ ନୈୟାୟିକଙ୍କ ସୂକ୍ଷ୍ମ ବିଷୟ ବାଦରେ ମଧ୍ୟ ନିଜର ଗଣ୍ଠିଧନ କରି ସର୍ବ ନିଜର ମତରୂପେ ପ୍ରକାଶ କରିବାର ସ୍ୱଗ୍ରନ୍ଥମାନ ବର୍ଣ୍ଣନ୍ତି। ସେମାନଙ୍କ କାବ୍ୟର ଗୁଣ ଦୋଷ ଦର୍ଶନାତ୍ମକ ଗ୍ରନ୍ଥ ପ୍ରଭୃତି ନାନା ପ୍ରକାର ନ କରି କବିଙ୍କ ଉପରେ ଅର୍ଥାତ୍ ସେମାନଙ୍କ ନାମ ଧରି ଉପରେ ତାଙ୍କ ସୂକ୍ଷ୍ମ ନିନ୍ଦା କରିବା ନିଜ ବୃତ୍ତି କରିଥିଲେ। ଇଂରେଜୀ ଭାଷା ଓ ସମାଲୋଚକ “ପୋପ” ଏହିପରି ସମାଲୋଚକଙ୍କୁ ଆକ୍ଷେପ କରି ଯଥେଷ୍ଟ କହିଅଛନ୍ତି ( ମତ୍ ସଂକଳିତ ଉପଯୋଗିତାର ଭୂମିକା ଦ୍ରଷ୍ଟବ୍ୟ )।

## କାବ୍ୟର ଶରୀର

କାବ୍ୟର ସ୍ୱରୂପ ଓ ଲକ୍ଷଣମାନ ନିର୍ଣ୍ଣୟ କରି ଦେଖିଲେ କାବ୍ୟସ୍ଥିତ ଶରୀର-ମାନ ଯଥାଯଥ ଅନୁଭୂତ ହେଲେ ପ୍ରକୃତ ଓ ଉତ୍କୃଷ୍ଟ ଅନୁମାନ ପ୍ରକାଶ ହୋଇ ପାରିବ। କାବ୍ୟର ଶରୀର;—ଧ୍ୱନି, ବର୍ଣ୍ଣ, ପଦ ଓ ବାକ୍ୟ ଯଥାକ୍ରମେ ସୂକ୍ଷ୍ମା, ପଶ୍ୟନ୍ତୀ, ମଧ୍ୟମା ଓ ବୈଖରୀ ରୂପେ ବାଗ୍‌ଦେବୀଙ୍କ ଶରୀରର ଚତୁଷ୍ଟୟ ଅବସ୍ଥା।

## ବର୍ଣ୍ଣାଦିର ଉତ୍ପତ୍ତି

ଆତ୍ମା ବୁଦ୍ଧିଦ୍ୱାରା ସ୍ୱ-ଭାବ ପ୍ରକାଶ କରିବାକୁ ଇଚ୍ଛା କଲେ ମନରେ ପ୍ରକାଶ ହୁଏ। ତତ୍ପରେ ମନ ଶରୀରସ୍ଥ ଅଗ୍ନିକୁ ଆଘାତ କରେ, ସେଥିରୁ ବାୟୁ ଉର୍ଦ୍ଧ୍ୱକୁ ପ୍ରେରିତ ହୁଏ। ଅଗ୍ନି ଓ ବାୟୁର ସଂଯୋଗରୁ ଓ ନାଭିଦେଶରୁ ଯେଉଁ ନାଦ ଉତ୍ପନ୍ନ ହୁଏ, ପ୍ରଥମତଃ ସୂକ୍ଷ୍ମ ନାଦ ଜାତ ହୁଏ, ତାହାର ଅପର ନାମ ଧ୍ୱନି। କଣ୍ଠାଦି ସ୍ଥାନରେ ବାକ୍ ଇନ୍ଦ୍ରିୟ ସହିତ ବାୟୁ ସଂଘର୍ଷ କଲେ ବର୍ଣ୍ଣରୂପ ବାକ୍ ଜାତ ହୁଏ, ତାହାର ନାମ ପଶ୍ୟନ୍ତୀ। ଏହି ବର୍ଣ୍ଣମାନଙ୍କ ସମଷ୍ଟିରେ ପଦ ( ଅର୍ଥଯୁକ୍ତ ) ଜାତ ହୁଏ, ତାହାର ନାମ ମଧ୍ୟମା ଓ ପଦମାନଙ୍କ ସମଷ୍ଟିରେ ବାକ୍ୟରୂପ ବୈଖରୀ ଜାତ ହୁଏ। ଏମାନଙ୍କର ଉତ୍ପତ୍ତି ପ୍ରୟୋଜନ-ହେତୁକ; କାରଣ ବିନା ପ୍ରୟୋଜନରେ କୌଣସି କାର୍ଯ୍ୟ ସଂଘଟିତ ହୁଏ ନାହିଁ।

## ତାର ପ୍ରୟୋଜନ

ଭାବପ୍ରକାଶ ନିମିତ୍ତ ଧ୍ୱନି, ବର୍ଣ୍ଣ, ପଦ ଓ ବାକ୍ୟାଦିର ଜନ୍ମ। ଭାବ ଅରୂପ, ପଦ ଓ ବାକ୍ୟାଦି ଦ୍ୱାରା ତାହା ରୂପବାନ୍ ହୁଏ। ଭାବ ଓ ବାଣୀ ଅର୍ଥ ଓ ଶବ୍ଦ କେତେକଙ୍କ ମତରେ କାବ୍ୟର ଶରୀର। କିନ୍ତୁ ଶବ୍ଦ ( ଅର୍ଥଯୁକ୍ତ ପଦାବଳୀ ) କାବ୍ୟର ଶରୀର—ଏହା କହିବା ସମୀଚୀନ। ଏହା ଜଗନ୍ନାଥ ପଣ୍ଡିତ ତାଙ୍କ ରସଗଙ୍ଗାଧରରେ ଯଥାଯଥ ବର୍ଣ୍ଣାଇ ଅଛନ୍ତି। ବାଣୀ ଦ୍ୱାରା ଭାବ

ମାଧୁର୍ଯ୍ୟରୁ ହୁଏ । ଭାବ ଓ ବାଣୀର, ସୃଷ୍ଟି ଓ ପ୍ରକୃତିର, ଜଡ଼ ଓ ଅନ୍ତରର ସମ୍ବନ୍ଧରେ ସମାନୁପାତ ନିର୍ଦ୍ଧାରିତ ହୁଏ । ଭାବମୟୀ ବାଣୀହିଁ ଚିନ୍ମୟୀ ପ୍ରକୃତି । ଯେପରି ଜୀବ ଜଗତ୍ ଶିବ ଓ ଶକ୍ତି ଆତ୍ମକ। ସେହିପରି ବାକ୍ୟ ବା କାବ୍ୟଜଗତ୍ ଭାବ ଓ ବାଣୀ ଆତ୍ମକ । ଶବ୍ଦ ଓ ଅର୍ଥର ମିଳନ, ପ୍ରକୃତି ଓ ପୁରୁଷର ଲୀଳା, ରାଧା ଓ କୃଷ୍ଣଙ୍କ ଲୀଳା ଏକ ଲୀଳାପନ୍ନ । ମନୁଷ୍ୟ ନିଜର ମନୋଗତ ଭାବକୁ ପ୍ରକାଶ କରିବାକୁ ଇଚ୍ଛା କଲେ କେତେବେଳେ ତାକୁ ସମ୍ପୂର୍ଣ୍ଣ ଉପଯୁକ୍ତ ବାଣୀ ମିଳେ ନାହିଁ, କିନ୍ତୁ ଅନ୍ତର ଉଦ୍ବେଗମୟ ପରି ବୋଧ ହୁଏ । କେତେବେଳେ ବା ସେ ଭାବର ଯଥାର୍ଥ ବାଣୀ ପାଏ—ଅର୍ଥାତ୍ ତାହାର ଭାବ ଓ ବାଣୀର ସମ୍ପୂର୍ଣ୍ଣ ମେଳ ହୁଏ । ପୁନଶ୍ଚ କେତେବେଳେ ଭାବ ପ୍ରକାଶ ନିମନ୍ତେ ଅଦୌ ବାଣୀ ମିଳେ ନାହିଁ । ଯଥା—ମହାକୃଷ୍ଣ ପଦ :—

ଭାବ ଖୋଜେ ବାଣୀ, ବାଣୀ ଖୋଜେ ଭାବ, ଲାଗେ ଖୋଜାଖୋଜି ବଡ଼ ।
କାହିଁ ଜନ୍ମାନ୍ତର କାହିଁ ନୋହିଛି କାହିଁ ତା ବଡ଼ ଅନ୍ତର ॥
ରାଧା କୃଷ୍ଣ ପ୍ରେମ ବଡ଼ ଅନୁପମ ଦୁହେଁଙ୍କ ଜୀବନର ।
ବୈଷ୍ଣବଙ୍କ ଧାମ ବୃନ୍ଦାବନ ସମ ସୁଖ ଲଭେ ସେ କବିର ॥

ସେହି ଭାବ ଓ ଭାଷାର ମିଳନ, ଯାହାଙ୍କର ଭାବ ଓ ବାଣୀ ସମଭାବରେ ଗତି କରନ୍ତି । ଉପଯୁକ୍ତ ବାଣୀରେ ସ୍ୱ ଭାବକୁ ଅଭିବ୍ୟକ୍ତ କରିବା ନିମନ୍ତେ ଜଗତ୍ ବିଖ୍ୟାତ ମହାକବି କାଳିଦାସ ଶବ୍ଦାର୍ଥରୂପୀ ପାର୍ବତୀ ପରମେଶ୍ୱରଙ୍କୁ ରଘୁବଂଶର ଆଦ୍ୟରେ ସ୍ତୁତି କରିଅଛନ୍ତି ।

## କାବ୍ୟର ସ୍ୱରୂପ

ମନୁଷ୍ୟର ଯେପରି ଶରୀର, ଗୁଣ, ଦୋଷ, ଅଳଙ୍କାର ଓ ଆତ୍ମା ଅଛି, ସେହିପରି କାବ୍ୟର ଶରୀର-ଶବ୍ଦ (ଅର୍ଥଯୁକ୍ତ ପଦାବଳୀ;) ଗୁଣ—ପ୍ରସାଦ, ମାଧୁର୍ଯ୍ୟାଦି; ଦୋଷ—ଶ୍ରୁତିକଟୁ, ପୁନରୁକ୍ତି ପ୍ରଭୃତି; ଅଳଙ୍କାର—ଅନୁପ୍ରାସ ଓ ଉପମାଦି; ଆତ୍ମା—ରସ ବା ଧ୍ୱନି । ପ୍ରସିଦ୍ଧ ଆଲଙ୍କାରିକମାନେ କାବ୍ୟର ସ୍ୱରୂପ ବା ଲକ୍ଷଣ ଭିନ୍ନ ଭିନ୍ନ ରୂପେ ନିର୍ଦ୍ଦେଶ କରିଥିଲେହେଁ କାବ୍ୟ ପାଠ ଓ ଶ୍ରବଣରେ ଲୋକଙ୍କ ସାମାଜିକଙ୍କ ମନରେ ରମଣୀୟ ବା ଚମତ୍କାର ଭାବ ଜନ୍ମେ —ଏ ବିଷୟରେ ସମସ୍ତେ ଏକମତ । ବର୍ତ୍ତମାନ ସଂସ୍କୃତ ଆଲଙ୍କାରିକମାନଙ୍କ ପ୍ରଦତ୍ତ କାବ୍ୟର ସ୍ୱରୂପ ବା ଲକ୍ଷଣମାନଙ୍କୁ ବିଚାର କଲେ କାବ୍ୟର ସମସ୍ତ ବିଷୟ ସ୍ପଷ୍ଟଭାବରେ ପ୍ରତିପନ୍ନ ହେବ ।

## ଅଗ୍ନି ପୁରାଣ

"ସଂକ୍ଷେପାଦ୍ ବାକ୍ୟମିଷ୍ଟାର୍ଥବ୍ୟବଚ୍ଛିନ୍ନା ପଦାବଳୀ ।
କାବ୍ୟଂ ସ୍ଫୁରଦଲଙ୍କାରଂ ଗୁଣବଦ୍ ଦୋଷବର୍ଜିତମ୍ ।"

ଅଭିପ୍ରେତ ଅର୍ଥ ପ୍ରକାଶ କରିବା ପଦାବଳୀ ଯେ ବାକ୍ୟ ତାହା କାବ୍ୟ ନାମରେ ଅଭିହିତ, ତାହା ଅଲଙ୍କାରଯୁକ୍ତ, ସଗୁଣ ଓ ଦୋଷଶୂନ୍ୟ । ଗୁଣ ରସର ସ୍ଥାୟୀ ଧର୍ମ । ଏଠାରେ ଗୁଣ ସ୍ୱୀକାର କରିବା ହେତୁ ଗୌଣଭାବରେ ରସ ମଧ୍ୟ ସ୍ୱୀକାର କରିବାକୁ ହେଲା ।

## ଆଚାର୍ଯ୍ୟ ଦଣ୍ଡୀ

କାବ୍ୟାଦର୍ଶକାର ଲେଖିଅଛନ୍ତି :—ଇଷ୍ଟାର୍ଥବ୍ୟବଚ୍ଛିନ୍ନା ପଦାବଳୀ (ଏହି ସୂତ୍ର କଥନରୁ ଜଣାଯାଏ ଯେ ଅଗ୍ନି ପୁରାଣ କାବ୍ୟାଦର୍ଶ ପରେ ଲିଖିତ ।) ଅଭିପ୍ରେତାର୍ଥ ପ୍ରକାଶ କରିବା ପଦାବଳୀକୁ କାବ୍ୟ—ଏପରି ପଦାବଳୀ ନିଶ୍ଚୟ ଚିତ୍ତର ଆନନ୍ଦଦାୟକ । ଆନନ୍ଦ ଭାବ ବା ଚମତ୍କାର ପ୍ରତିପାଦକ ପଦାବଳୀ ପ୍ରଧାନତଃ ରସାତ୍ମିକା ।

## ବାମନାଚାର୍ଯ୍ୟ

"ରୀତିରାତ୍ମା କାବ୍ୟସ୍ୟ"—ରୀତି ହେଉଛି କାବ୍ୟର ଆତ୍ମା । ଏଠାରେ ରୀତିର ଅର୍ଥ ବିଶିଷ୍ଟ ପଦରଚନା । ବିଶିଷ୍ଟ ଶବ୍ଦଦ୍ୱାରା ବିଶେଷ ଗୁଣଯୁକ୍ତ ଶବ୍ଦ ବୁଝାଯାଏ । ଅର୍ଥାତ୍ ପ୍ରସାଦ ମାଧୁର୍ଯ୍ୟାଦି ଗୁଣଯୁକ୍ତ । ଏଠାରେ ରସ ନିମିତ୍ତ ବାମନ ଗୁଣର ଉପରେ ଜୋର ଦେଇ ଅଛନ୍ତି—ତେଣୁ ଗୌଣରୂପେ ରସ ସ୍ୱୀକୃତ ହେଲା ।

## ଧ୍ୱନିକାର

ଆନନ୍ଦବର୍ଦ୍ଧନାଚାର୍ଯ୍ୟ—"ଧ୍ୱନିରାତ୍ମା କାବ୍ୟସ୍ୟ"—କାବ୍ୟର ଆତ୍ମା ଧ୍ୱନି । ବ୍ୟଙ୍ଗ୍ୟ ହେତୁ ରସ ସ୍ୱୀକୃତ ହେଲା । ଏ ସୂତ୍ର କଥନରେ ଚିତ୍ରକାବ୍ୟ, ଅର୍ଥଚିତ୍ର ଓ ଶବ୍ଦଚିତ୍ର ପରିତ୍ୟକ୍ତ ହେଲା ।

## ବକ୍ରୋକ୍ତି ଜୀବିତକାର

"ବକ୍ରୋକ୍ତିଃ କାବ୍ୟଜୀବିତମ୍" ବକ୍ରୋକ୍ତି କାବ୍ୟର ପ୍ରାଣ । ପୂର୍ବବତ୍ ଏ ମଧ୍ୟ ଅବ୍ୟାପ୍ତି ଦୋଷଦୁଷ୍ଟ । ହେମଚନ୍ଦ୍ରଙ୍କ ମତରେ କାବ୍ୟ ବକ୍ରୋକ୍ତି, ସ୍ୱଭାବୋକ୍ତି ଓ ରସୋକ୍ତିରେ ଗଠିତ । ବକ୍ରୋକ୍ତି ଓ ସ୍ୱଭାବୋକ୍ତି ଅଧିକାଂଶ ସ୍ଥଳରେ ରସାତ୍ମିକ । ବକ୍ରୋକ୍ତିକୁ ଶବ୍ଦାଳଙ୍କାର ରୂପେ ହେମଚନ୍ଦ୍ର ସ୍ପଷ୍ଟ ସ୍ୱୀକାର କରିଅଛନ୍ତି । ବର୍ତ୍ତିକାକାରଙ୍କ ମତରେ ବକ୍ରୋକ୍ତି ବାଚ୍ୟ ଅର୍ଥ ବ୍ୟତୀତ ବ୍ୟଞ୍ଜକ ଅର୍ଥରେ ସମସ୍ତ ରସାତ୍ମକ ଚମତ୍କାର ପ୍ରତିପାଦକ ଉକ୍ତିକୁ ବୁଝାଏ; କିନ୍ତୁ ସଙ୍କୀର୍ଣ୍ଣ ଅର୍ଥରେ ଏହା ଶବ୍ଦାଳଙ୍କାର ମାତ୍ର ।

## ଭୋଜରାଜ

"ଅଦୋଷଂ ଗୁଣବତ୍ କାବ୍ୟମଲଙ୍କାରୈରଲଙ୍କୃତମ୍ ।
ରସାନ୍ୱିତଂ କବିଃ କୁର୍ବନ୍ କୀର୍ତ୍ତିଂ ପ୍ରୀତିଂ ଚ ବିନ୍ଦତି ।"

ଦୋଷବର୍ଜିତ, ଗୁଣଯୁକ୍ତ, ଅଲଙ୍କାରମଣ୍ଡିତ ଓ ରସଯୁକ୍ତ ପଦାବଳୀକୁ କାବ୍ୟ । (ସରସ୍ୱତୀ-କଣ୍ଠାଭରଣ) ।

## ମମ୍ମଟ ଭଟ୍ଟ

କାବ୍ୟପ୍ରକାଶକାର :—"ଅଦୋଷୌ ଶବ୍ଦାର୍ଥୌ ସଗୁଣାବନଲଙ୍କୃତୀ ପୁନଃ କ୍ୱାପି ।" ଦୋଷଶୂନ୍ୟ, ଗୁଣଯୁକ୍ତ, ଅଲଙ୍କାର ନ ଥାଇ ମଧ୍ୟ ଶବ୍ଦାର୍ଥ କାବ୍ୟ ଅଟେ । ଗୁଣ ଗ୍ରହଣ ହେତୁ ଗୌଣତ୍ୱରେ ରସ ସ୍ୱୀକୃତ ହେଲା ।

## ବିଶ୍ୱନାଥ କବିରାଜ

ସାହିତ୍ୟଦର୍ପଣକାର :—"ବାକ୍ୟଂ ରସାତ୍ମକଂ କାବ୍ୟମ୍" କାବ୍ୟର ଆତ୍ମା ରସ । ବିଶ୍ୱନାଥ ପୂର୍ବ ଆଲଂକାରିକଙ୍କ ସ୍ୱରୂପକଥନମାନଙ୍କୁ ଖଣ୍ଡନ କରିଅଛନ୍ତି । ଯଥା—ଅପୂର୍ବ ସଂଯୋଜନ ମାତ୍ର; ତେବେ ବାମନଙ୍କ ଉକ୍ତି ଦୋଷଦୁଷ୍ଟ । ବକ୍ରୋକ୍ତି ଅଲଂକାର ବିଶେଷ ! ସଦୋଷ ହୋଇ ମଧ୍ୟ ରସ ବା ଧ୍ୱନିଯୁକ୍ତ ପଦାବଳୀ କାବ୍ୟରୂପେ ସ୍ୱୀକୃତ ହୁଏ—ଯେପରି କୀଟବିଦ୍ଧ ରତ୍ନ । କୀଟ ଭେଦରେ ରତ୍ନର ରତ୍ନତ୍ୱ ନଷ୍ଟ ହୁଏ ନାହିଁ; ଦୋଷଯୁକ୍ତ ହୋଇ ମଧ୍ୟ କାବ୍ୟ କୀଟବିଦ୍ଧ ରତ୍ନବତ୍ ତାରତମ୍ୟ ଭେଦରେ ସ୍ୱୀକୃତ ହୁଏ । ଗୁଣ ରସର ସ୍ଥାୟୀ ଧର୍ମ, ଅଲଙ୍କାର ଅସ୍ଥାୟୀ ଧର୍ମ । ତେବେ ଧର୍ମୀ, ଅର୍ଥାତ୍ କାହା ଧର୍ମ ବା ଅଙ୍ଗ ଗୁଣକୁ ଜାଣିବା ସମୀଚୀନ ନୁହେଁ । ତେଣୁ "ରସାତ୍ମକଂ ବାକ୍ୟଂ କାବ୍ୟମ୍" କହିବା ଉଚିତ—ଏହି ଉକ୍ତିରେ ମମ୍ମଟ ଓ ଭୋଜରାଜଙ୍କୁ ଆକ୍ଷେପ କରିଥିଲେ । କାବ୍ୟସ୍ଥ ନୀରସ ପଦାବଳୀର ବର୍ଣ୍ଣନାସ୍ଥଳ ରସାତ୍ମକ କାବ୍ୟର ଅଙ୍ଗୀଭୂତ ହେତୁ ଗୌଣତ୍ୱରେ ରସାଶ୍ରିତ । ତେଣୁ ତାହା କାବ୍ୟରୂପେ ବିଶ୍ୱନାଥ ଗ୍ରହଣ କରିଅଛନ୍ତି ।

## ଜଗନ୍ନାଥ ପଣ୍ଡିତ

ରସଗଙ୍ଗାଧରକାର :—କାବ୍ୟାନ୍ତର୍ଗତ ନୀରସ ବସ୍ତୁର ବର୍ଣ୍ଣନକୁ ଗୌଣତ୍ୱରେ ରସାଶ୍ରିତ ନ କହି "ବାକ୍ୟଂ ରସାତ୍ମକଂ କାବ୍ୟମ୍" ବିଶ୍ୱନାଥଙ୍କ ଏହି ସ୍ୱରୂପକଥନରେ ଦୋଷ ଦର୍ଶାଇ କହନ୍ତି—"ଜଳ ପ୍ରବାହ, ବେଗ ପତନ, ଉତ୍ପତନ, ଭ୍ରମଣ, କପି ବାଳକ କ୍ରୀଡ଼ାରେ ସମ୍ପୂର୍ଣ୍ଣ ଅଛି । ଏହା କାବ୍ୟ ଭାବିବାକୁ ହେବ ।" ତେଣୁ ସେ "ରମଣୀୟାର୍ଥ-ପ୍ରତିପାଦକଃ ଶବ୍ଦଃ କାବ୍ୟମ୍" ଏପରି ସ୍ୱରୂପ ନିର୍ଦ୍ଦେଶ କରିଅଛନ୍ତି । ଏହା ଅବ୍ୟାପ୍ତି ଓ ଅତିବ୍ୟାପ୍ତି ଦୋଷଶୂନ୍ୟ । ଏଥିରେ ଗୁଣ, ଅଲଙ୍କାର, ବକ୍ରୋକ୍ତି, ସ୍ୱଭାବୋକ୍ତି, ରସୌଚିତ୍ୟ, ସମସ୍ତ ସ୍ୱୀକୃତ ହେଲା ।

## କାବ୍ୟର ପ୍ରୟୋଜନ

ମନୁଷ୍ୟର ଜୀବନଯାତ୍ରା ନିର୍ବାହ ପ୍ରସଙ୍ଗରେ ଚାରୋଟି ଅର୍ଥ, ଉଦ୍ଦେଶ୍ୟ ବା ପ୍ରୟୋଜନ ଅଛି, ତାହା ଯଥାକ୍ରମେ ଧର୍ମ, ଅର୍ଥ, କାମ ଓ ମୋକ୍ଷ । ଏହି

ଏହାର ତାତ୍ପର୍ଯ୍ୟ ଏହି ଯେ ;—ଯେ ଶବ୍ଦମାନଙ୍କର ଯୋଜନା କରି ଜାଣନ୍ତି, ଶବ୍ଦ ଓ ଅର୍ଥଗତ ନୈପୁଣ୍ୟ ଦେଇ ପାରନ୍ତି ଓ ଉପଯୁକ୍ତ କାଳରେ ଯଥାର୍ଥ ପ୍ରୟୋଗ କରି ପାରନ୍ତି, ସେ ସ୍ୱର୍ଗରେ ଅନନ୍ତ କାମ (ସୁଖ) ଲାଭ କରନ୍ତି ଏବଂ ଯେ ନ ଜାଣନ୍ତି ସେ ଅଯଥା ପ୍ରୟୋଗ ଦ୍ୱାରା ଦୋଷଯୁକ୍ତ ଅର୍ଥାତ୍ ପାପଭାକ୍ ହୁଅନ୍ତି । ପୁନଶ୍ଚ "ଏକଃଶବ୍ଦଃ ସୁପ୍ରଯୁକ୍ତଃ ସମ୍ୟକ୍‌ଜ୍ଞାତଃ ସ୍ୱର୍ଗେ ଲୋକେ ଚ କାମଧୁକ୍ ଭବତି ।" ବୋଲି ଜଣା ଯାଏ । ଓ ଅଭିମତରୂପେ ପ୍ରଯୁକ୍ତ ହେଲେ ଶବ୍ଦ ସ୍ୱର୍ଗରେ ଓ ମର୍ତ୍ତ୍ୟରେ କାମଧେନୁବତ୍ କାର୍ଯ୍ୟ କରେ—କାମନାନୁଯାୟୀ ଅଭୀଷ୍ଟ ଫଳ ପ୍ରଦାନ କଲା ଭଳି କାବ୍ୟ ଅଭୀଷ୍ଟ ଅର୍ଥ ପ୍ରଦାନ କରେ । ଧ୍ୱନିପ୍ରଧାନ ଶାସ୍ତ୍ର 'କାନ୍ତା'ସମ୍ମିତ କାବ୍ୟ । କାନ୍ତାର କଥା ଧ୍ୱନି ଭୂୟିଷ୍ଠା ହୋଇ ରହିଥାଏ । ତେଣୁ କାବ୍ୟର ଗୌରବ ଅଧିକ ଯୁକ୍ତିଯୁକ୍ତ । ଶ୍ରୁତି, ସ୍ମୃତି, ଇତିହାସ ଓ ପୁରାଣମାନଙ୍କରେ ପ୍ରତ୍ୟକ୍ଷଦର୍ଶୀ ମହାପୁରୁଷମାନଙ୍କର ଗୁଣକୀର୍ତ୍ତନାଦିର ବାକ୍ୟମାନ ସନ୍ନିବିଷ୍ଟ ହୁଏ—ଏହାହିଁ କାବ୍ୟର ଉତ୍କର୍ଷସାଧକ ଅର୍ଥାତ୍ କାବ୍ୟ ଯେତେ ଯେତେ ଶାସ୍ତ୍ରମାନଙ୍କୁ, ଶ୍ରୁତି, ସ୍ମୃତି, ପୁରାଣ ଓ ଇତିହାସାଦିକୁ ଅନୁସରଣ କରେ । ତେତେ କାବ୍ୟର କମନୀୟତା ବଢ଼େ । ଶ୍ରୁତି ସ୍ମୃତି ପୁରାଣ ଇତିହାସାଦିରେ ଏହା ଦୃଷ୍ଟ ହୁଏ । ପୁରାଣ, ମହାଭାରତ ଓ ସ୍ମୃତି ବେଦରୂପେ ସ୍ୱୀକୃତ ଯଥା :—ପୁରାଣଂ ପଞ୍ଚମୋ ବେଦଃ । ଭାରତଂ ପଞ୍ଚମୋ ବେଦଃ । ଶ୍ରୁତିମୂଳା ବୈ ସ୍ମୃତିଃ । ଅତଏବ କାବ୍ୟର ମୂଳ ଉପାଦାନ ଶ୍ରୁତି, ସ୍ମୃତି, ଇତିହାସ ଓ ପୁରାଣାଦିକୁ ସ୍ୱୀକୃତ । ପୁନଶ୍ଚ କାବ୍ୟାଲାପାଂଶ୍ଚ ବର୍ଜୟେତ୍—କାବ୍ୟାଳାପ ତ୍ୟାଗ କରିବ—ଏହା ଦ୍ୱାରା ଅସତ୍ କାବ୍ୟ କେବଳ ନିଷିଦ୍ଧ ହେଲା । ଯଦ୍ୟପି କାବ୍ୟ ମାତ୍ର ନିଷିଦ୍ଧ ହୁଏ, ତେବେ ଭାରତ ରାମାୟଣ ମଧ୍ୟ ନିଷିଦ୍ଧ ହେବ ! ତାହା ହୋଇ ନ ପାରେ; କାରଣ ବାଲ୍ମୀକି ଏବଂ ବ୍ୟାସ ରାମାୟଣ ଓ ଭାରତକୁ କାବ୍ୟ ଆଖ୍ୟା ପ୍ରଦାନ କରିଅଛନ୍ତି । ବେଦରେ ମଧ୍ୟ କାବ୍ୟଲକ୍ଷଣଯୁକ୍ତ ବାକ୍ୟମାନ ଦୃଷ୍ଟ ହୁଏ । ଦ.ପ୍ର । ଯଥା—ଅର୍ଥବ୍ୟକ୍ତି ପ୍ରଭୃତି ଗୁଣ; ଉପମା, ରୂପକ ଅତିଶୟୋକ୍ତି ପ୍ରଭୃତି ଅଳଙ୍କାର; ଶୃଙ୍ଗାର, ବୀର, କରୁଣ ଓ ଶାନ୍ତ ପ୍ରଭୃତି ରସ । କାବ୍ୟ ସାଧାରଣତଃ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧ । ବ୍ୟଙ୍ଗ୍ୟ, ଗୁଣୀଭୂତ ବ୍ୟଙ୍ଗ୍ୟ ଓ ଚିତ୍ର କାବ୍ୟ । ଜଗନ୍ନାଥ ପଣ୍ଡିତ ଏହି ବିଭାଗକରଣକୁ ଆକ୍ଷେପ କରି କହନ୍ତି ଯେ ଏହା ଠିକ୍ ନୁହେଁ । ଅର୍ଥଚିତ୍ର ଓ ଶବ୍ଦଚିତ୍ରକୁ ସମାନ ଭାବରେ ଅଧମ କାବ୍ୟ କହିବା ଅଯୁକ୍ତ । ଅର୍ଥଚିତ୍ର ଓ ଶବ୍ଦଚିତ୍ର ମଧ୍ୟରେ ତାରତମ୍ୟ ସ୍ପଷ୍ଟ ଭାବରେ ଜଣାଯାଏ । ତାରତମ୍ୟ ଥାଇ ଯଦି ଗୋଟିଏ ଭେଦରେ ସେ ଦୁଇଟିକୁ ନେବା ତେବେ ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟର ସାମାନ୍ୟ ଭେଦ ଥାଇ କରି ତାଙ୍କୁ ପୃଥକ୍ ଭାବରେ ଗ୍ରହଣ କଲ । ପ୍ରାଧାନ୍ୟ ଓ ଅପ୍ରାଧାନ୍ୟରେ ଭେଦ ମାତ୍ର; ତେଣୁ ଏହା ସାମାନ୍ୟ । ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟ ମଧ୍ୟରେ ଭେଦ ସ୍ୱଳ୍ପ, ଏହା କହିବା ଠିକ୍ ନ ହେଲେହେଁ—ବସ୍ତୁ କଳ୍ପ ଜଗତର

କାବ୍ୟକୁ ଗ୍ରହଣ କରିବା ଉଚିତ । ଯଥା :—୧ । ଉତ୍ତମୋତ୍ତମ—ଧ୍ୱନି । ଉତ୍ତମ—ଗୁଣୀଭୂତ ବ୍ୟଙ୍ଗ୍ୟ; ମଧ୍ୟମ—ଅର୍ଥଚିତ୍ର, ଅଧମ—ଶବ୍ଦଚିତ୍ର । ଧ୍ୱନିକାରଙ୍କ ମତରେ କାବ୍ୟ କାବ୍ୟ ଓ ବ୍ୟଙ୍ଗ୍ୟ ଭେଦରେ ଦ୍ୱିବିଧ—ଏ ଉକ୍ତି ମଧ୍ୟ ସମୀଚୀନ । ଧ୍ୱନି ଓ ଗୁଣୀଭୂତ ବ୍ୟଙ୍ଗ୍ୟ ଏହାର ଅନ୍ତର୍ଗତ ।

## ରସ

ପରମଜ୍ୟୋତି ପରମବ୍ରହ୍ମ ଭଗବାନଙ୍କର ସମସ୍ତ ବିଷୟରେ ସହଜ ଆନନ୍ଦ ପ୍ରକଟିତ ହୁଏ, ଅର୍ଥାତ୍ ଭଗବାନ ଲୀଳା କରିବାକୁ ଇଚ୍ଛା କଲେ ତାଙ୍କର ଲୀଳାଶକ୍ତିରୁ ସ୍ୱାଭାବିକ ଆନନ୍ଦର ପ୍ରକାଶିତ ହୁଏ । ତୈତ୍ତିରୀୟ ଉପନିଷଦ ରସ ନାମରେ ସେହି ଆନନ୍ଦ ପ୍ରକାଶିତ ହୁଏ ।

"ଶୁଦ୍ଧାନନ୍ଦଚିଦ୍ରୂପଂ ଉତ୍ପନ୍ନଂ ଶୁଦ୍ଧଚେତସମ୍ ।"

ଭଗବାନ୍ ପ୍ରଥମେ ଆନନ୍ଦମୟ, ସେ ପୁଣି ଚିନ୍ମୟ ଓ ସତ୍ୟମୟ । ସତ୍ୟୋ ନିତ୍ୟଃ ସଃ, ଆନନ୍ଦଚିଦ୍ଘନଃ ସଃ, ସଚ୍ଚିଦାନନ୍ଦମୟଃ ସଃ । ଆନନ୍ଦର ଅଦ୍ୟ ଜଗତରୁ ଅହଙ୍କାର (ପରମପୁରୁଷଙ୍କ ଶକ୍ତି ସ୍ୱଭାବରେ ପ୍ରକୃତିର ଯୋଗରୁ ମହତ୍ତତ୍ତ୍ୱ ବା ବୁଦ୍ଧି ଜାତ ହୁଏ । ସେହି ମହତ୍ତତ୍ତ୍ୱ ବା ବୁଦ୍ଧିତତ୍ତ୍ୱ ଚନ୍ଦ୍ର ଜଳାନ୍ତ ତ୍ରିଧା ଏ । ବୁଦ୍ଧିରୁ ଅହଂକାର ଜନ୍ମେ । ସେ ଅହଂକାର ସତ୍ତ୍ୱ, ରଜ ଓ ତମୋମୟ । ସେହିପରି ଚିନ୍ମୟ ପ୍ରକୃତି ସେହି ଆନନ୍ଦ ଅହଂକାରକୁ ଜାତ କରେ । ପୁନଶ୍ଚ ସେହି ଅହଂକାରରୁ ଅଭିମାନ ଜାତ ହୁଏ) । ଉକ୍ତ ଅହଂକାର ସମଷ୍ଟିଭାବରେ ସତ୍ତ୍ୱରଜସ୍ତମୋମୟ—କିନ୍ତୁ ବ୍ୟଷ୍ଟିଭାବରେ ସତ୍ତ୍ୱମୟ ଅହଂକାର, ରଜୋମୟ ଅହଂକାର ଓ ତମୋମୟ ଅହଂକାର । ତାହା ଯଥାକ୍ରମେ ସତ୍ତ୍ୱାଭିମାନ, ରଜୋଭିମାନ ଓ ତମୋଭିମାନ ରୂପେ ଜାତ । ଅହଂକାରରୁ ଯାହା ପରମପୁରୁଷଙ୍କର ସତ୍ତ୍ୱ ରଜ ଓ ତମୋଗୁଣକୁ ଅବଲମ୍ବନ କରି ସ୍ଥାୟୀଭାବ ରୂପେ ଜାତ ହୁଅନ୍ତି । ସେହି ସ୍ଥାୟୀ ଭାବଗଣ ୨ ପ୍ରକାର ସ୍ୱଭାବ୍ୟଗ୍ରସ୍ତ ସଂଯୋଗଦ୍ୱାରା ଅର୍ଥାତ୍ ବିଭାବ, ଅନୁଭାବ ଓ ବ୍ୟଭିଚାରୀଭାବ ସଂଯୋଗରେ ଭିନ୍ନ ଭିନ୍ନ ଲକ୍ଷଣାକ୍ରାନ୍ତ ହୋଇ ଭିନ୍ନ ଭିନ୍ନ ରସରୂପରେ ପରିଣତ ହୁଅନ୍ତି । ଯେପରି ରତି ସଂଯୋଗ ଦ୍ୱାରା—ସ୍ତ୍ରୀ ପୁରୁଷ ଅବଲମ୍ବନ, ମାଲ୍ୟ-ଚନ୍ଦନାଦି ଉଦ୍ଦୀପନ ରୂପ ବିଭାବ; କଟାକ୍ଷ, ଭ୍ରୂବିକ୍ଷେପ, ସ୍ତମ୍ଭସ୍ୱେଦାଦି ଅନୁଭାବ; ଲଜ୍ଜା, ଆଲସ୍ୟାଦି ବ୍ୟଭିଚାରୀ ଭାବର ସଂଯୋଗ ଏବଂ ବିପ୍ରଲମ୍ଭରୂପ ଶୃଙ୍ଗାର-ରସରେ ପରିଣତ ହୁଏ, ସେହିପରି ଅନ୍ୟ ସ୍ଥାୟୀଭାବଗଣ ତ୍ରିସଂଯୋଗାଦି ହାସ୍ୟ କରୁଣାଦି ରସରୂପେ ପରିଣତ ହୁଅନ୍ତି । ରତିରୁ ଶୃଙ୍ଗାର, ବୈଚିତ୍ର୍ୟ ବା କୌତୁକରୁ ହାସ୍ୟ, ଅବସ୍ଥା ବା ଉତ୍ସାହରୁ ବୀର, ସନ୍ତୋଷ ବା ଜୁଗୁପ୍ସାରୁ ବୀଭତ୍ସ ଜାତ ହୁଏ । ମୂଳରେ ଶୃଙ୍ଗାର ହିଁ ରସ; ସମୁଦ୍ରର ତରଙ୍ଗାକାରରୂପ ଉଚ୍ଚ ଭେଦ ଭେଦ ତୋଳେ; ଯେପରି ବାୟୁର ରୂପ ଭେଦରେ ବାୟୁରେ ବାୟୁ ଓ ବାୟୁର ବାୟୁ ରୂପ ଉଚ୍ଚ ଭେଦରେ କଳ୍ପନା ଜାତ

ହୁଏ । ଏହି ଶୃଙ୍ଗାରାଦି ଚାରି ଗୋଟି ମୌଳିକ ରସ । ଅପର ଚାରି ଗୋଟି ହାସ୍ୟ, କରୁଣ, ଅଦ୍ଭୁତ ଓ ଭୟାନକ ଯଥାକ୍ରମେ ଶୃଙ୍ଗାର, ରୌଦ୍ର, ବୀର ଓ ବୀଭତ୍ସରୁ ଜାତ ( ଭରତନାଟ୍ୟଶାସ୍ତ୍ର ) । ଆଧୁନିକ ଆଳଂକାରିକଙ୍କ ମତରେ ଏମାନଙ୍କ ମଧ୍ୟରେ କାର୍ଯ୍ୟକାରଣ ସମ୍ବନ୍ଧ ନାହିଁ, କିନ୍ତୁ ପରସ୍ପରରେ ମୈତ୍ରୀ ବିଦ୍ୟମାନ । ହାସ୍ୟରେ ଚିତ୍ତର ବିକାଶ, ସ୍ୱାଭାବିକ ଭାବ; କରୁଣରେ ବିକ୍ଷୋଭ, ସ୍ୱାଭାବିକ କ୍ଷୋଭ; ଅଦ୍ଭୁତରେ ବିସ୍ତାର, ସ୍ୱାଭାବିକ ବିସ୍ତୃତି; ଭୟାନକରେ ବିକ୍ଷେପ, ସ୍ୱାଭାବିକ ଭୟ । ଶୃଙ୍ଗାରର ବୀଭତ୍ସ, ବୀରର ଭୟାନକ, ରୌଦ୍ରର ଅଦ୍ଭୁତ, ହାସ୍ୟର କରୁଣ ବିରୋଧୀ । ସାହିତ୍ୟଦର୍ପଣକାରଙ୍କ ମତରେ ଶୃଙ୍ଗାରର ଶତ୍ରୁ କରୁଣ, ବୀଭତ୍ସ, ବୀର ଓ ଭୟାନକ; ହାସ୍ୟର ଭୟାନକ ଓ କରୁଣ; କରୁଣର ହାସ୍ୟ ଓ ଶୃଙ୍ଗାର; ରୌଦ୍ରର ହାସ୍ୟ, ଶୃଙ୍ଗାର ଓ ଭୟାନକ; ବୀରରସର ଭୟାନକ ଓ ଶାନ୍ତ; ଭୟାନକର ଶୃଙ୍ଗାର, ବୀର, ରୌଦ୍ର, ହାସ୍ୟ ଓ ଶାନ୍ତ; ଶାନ୍ତର ବୀର, ଶୃଙ୍ଗାର, ରୌଦ୍ର, ହାସ୍ୟ ଓ ଭୟାନକ । ଏହି ଉକ୍ତି ଦୋଷବହ; କାରଣ ଶୃଙ୍ଗାରର ବିରୋଧୀ ବୀରରସ ଏଠା ଠିକ୍ ନୁହେଁ । ଶୃଙ୍ଗାରର କରୁଣ ବିରୋଧୀ ହୁଏତ ଠିକ୍, କିନ୍ତୁ ରୌଦ୍ରର ଶତ୍ରୁ ଉଲ୍ଲେଖ ନାହିଁ । ପ୍ରକୃତରେ କରୁଣ ବିରୋଧୀ ହେଲେ ରୌଦ୍ର ମଧ୍ୟ ବିରୋଧୀ ହେବ । ହାସ୍ୟର ବିରୋଧୀ କରୁଣ ଓ ଭୟାନକ କହନ୍ତି, କିନ୍ତୁ ରୌଦ୍ର ଓ ବୀଭତ୍ସ ସୁଦ୍ଧା ହୋଇପାରନ୍ତି । ଶୃଙ୍ଗାରର ବିରୋଧୀ ବୀଭତ୍ସ; ବୀରର ବିରୋଧୀ ଭୟାନକ । ଶାନ୍ତ ଓ ଭୟାନକ ମଧ୍ୟରେ ମୈତ୍ରୀ ଥିବା ହେତୁ ବୀରର ମଧ୍ୟ ପରସ୍ପର ବିରୋଧୀ । ଶୃଙ୍ଗାରର ବିରୋଧୀ ବୀଭତ୍ସ ହେତୁ ଶୃଙ୍ଗାର ଓ ବୀରର ମୈତ୍ରୀ ଅତି ସ୍ପଷ୍ଟ । ଏହିପରି ମତର ଅନୈକ୍ୟ ପରିଦୃଷ୍ଟ ହୁଏ । ସାହିତ୍ୟ ଜଗତରେ ବୀଭତ୍ସ କରୁଣର ଓ ରୌଦ୍ର ଭୟାନକର ମିଶ୍ରଣେ ଲକ୍ଷିତ—ଏହା ମଧ୍ୟ ସ୍ୱୀକୃତ । ରସଗଙ୍ଗାଧରରେ ଉକ୍ତ ଅଛି, ବୀର ଶୃଙ୍ଗାରର, ଶୃଙ୍ଗାର ହାସ୍ୟର, ବୀର ଅଦ୍ଭୁତର, ବୀର ରୌଦ୍ରର, ଶୃଙ୍ଗାର ଅଦ୍ଭୁତର ଅବିରୋଧୀ । ( ଉକ୍ତପଦ୍ ମଧ୍ୟ ଶାନ୍ତକୁ ନବମ ରସ ରୂପେ ଗ୍ରହଣ କରି ଅଛନ୍ତି । ରସଗଙ୍ଗାଧର ଦେଖ । )

କେତେକ ଆଳଂକାରିକ ଶାନ୍ତକୁ ରସ ରୂପେ, କେତେକ ବାତ୍ସଲ୍ୟକୁ ରସ-ରୂପେ, ପୁଣି କେହି ସ୍ନେହ ଓ ଭକ୍ତିକୁ ରସ ରୂପେ ସ୍ୱୀକାର କରନ୍ତି । ଭୋଜଙ୍କର ଶୃଙ୍ଗାର ପ୍ରକାଶରେ କହନ୍ତି—କେତେକ ରତିକୁ ଦଶବିଧ ବୋଲି କହନ୍ତି; କିନ୍ତୁ ପ୍ରକୃତରେ ଆସ୍ୱାଦନର ଉପଯୋଗୀ ହେତୁ ଶୃଙ୍ଗାରହିଁ କେବଳ ରସ । ଅପରଙ୍କ ମତ ଷୋଡ଼ଶ ଶତ ଲେଖକଙ୍କ ସରସ୍ୱତୀ କଣ୍ଠାଭରଣରେ ରସ ଦ୍ୱାଦଶ କହି ଶାନ୍ତ ସହିତ ନବରସ ଏବଂ ପ୍ରେୟସ୍, ଉଦାତ୍ତ ଓ ଉଦ୍ଧତକୁ ନେଇ ଅଛନ୍ତି । ତାଙ୍କ

ମତରେ ଶୃଙ୍ଗାରହିଁ କେବଳ ରସ । ଭୋଜରାଜଙ୍କ ଏ ମତ ସମୀଚୀନ ନୁହେଁ । କାରଣ ଭୋଜରାଜଙ୍କ ନିଜ ମତ ଅନୁସାରେ ଶାନ୍ତରସ ଶୃଙ୍ଗାରରେ ମଧ୍ୟ ଥାଇ ଅହଙ୍କାରର ତ କଥା ନୁହେଁ । ଭକ୍ତିରସ ଲେଖିବା ଅନୁଭବ ଶେଷ ଚେତନା ଧର୍ମ-ଥାନ୍ତା ଅଚେତ ଏକାକାଳ ଅନୁଭବ ଆନନ୍ଦ ଅନୁଭବ ହେଲା । ଯଦି ପ୍ରକୃତିରେ ଦୁଃଖ ଅନୁଭବ ହେଉଥାନ୍ତା ତେବେ ଲୋକେ ଦୁଃଖରସପୂର୍ଣ୍ଣ ଦୃଶ୍ୟ ଓ ଶ୍ରାବ୍ୟ କାବ୍ୟ ଦେଖନ୍ତେ ବା ଶୁଣନ୍ତେ ନାହିଁ । ଲୌକିକ ଜଗତରେ ଦୁଃଖ ହୁଏ ଯେପରି ରାମଙ୍କ ବନବାସରେ ଲୋକଙ୍କ ଦୁଃଖ ଲୌକିକ ଦୁଃଖ କାବ୍ୟ ଶ୍ରବଣରୁ ଅଲୌକିକ ଓ ରସାତ୍ମକ ବନବାସଦୁଃଖ ସୁଖ ଜାତ ହୁଏ । ରସ ହେତୁ କାବ୍ୟ ଆସ୍ୱାଦ୍ୟ ହୁଏ । ରସ ବିନା କେହି ପ୍ରବୃତ୍ତି ନାହିଁ କହିଲେ ଚଳେ । ସାମାଜିକଙ୍କ ଅନ୍ତଃକରଣରେ ସ୍ଥିତ ଶୁଦ୍ଧକର୍ମଜନିତ ସଂସ୍କାରବଶରୁ ରସ ଜାତ ହୁଏ । ଏହି ରସ ଦଶ ଦାକ୍ଷିଣ୍ୟାଦି ଗୁଣାବଳୀର ଅଭିବ୍ୟକ୍ତି କାରଣରୂପେ ବିଦ୍ୟମାନ । ଭୋଜରାଜଙ୍କ ମତେ କବି କାବ୍ୟ ରଚନାରେ ଶୃଙ୍ଗାରୀ ହେଲେ—ରସନାମ୍ନି ହେଲେ ଜଗତ୍ ରସମୟ, ଅନ୍ୟଥା ନୀରସ ହୁଏ; କିନ୍ତୁ ଯେବେ ଅଶୃଙ୍ଗାରୀ—ଅରସିକ ହେଲେ ଜଗତ୍ ନୀରସମୟ ହୁଏ । ସେଥିପାଇଁ ଶୃଙ୍ଗାର ରସ ମଧ୍ୟରେ ପ୍ରଧାନ । ଶୃଙ୍ଗଂ ହ୍ୟାମନ୍ମଥୋଦ୍ଭିତ୍ତି ଶୃଙ୍ଗାରଃ । ଧ୍ୱନିକାର ମଧ୍ୟ କହନ୍ତି, "ଶୃଙ୍ଗାର ଏବ ମଧୁରଃ ପରଃ ପ୍ରହ୍ଲାଦନୋ ରସଃ । ତନ୍ମୟଂ କାବ୍ୟମାଶ୍ରିତ୍ୟ ମାଧୁର୍ଯ୍ୟଂ ପ୍ରତିତିଷ୍ଠତି ।" ଏକଲ ଶୀବଭୋଜଙ୍କୁ ଅନେକ ପ୍ରଧାନ କହିବାରେ ସାମର୍ଥ୍ୟ ଥିବା ହେତୁରୁ ଜାମଣ—ଶୃଙ୍ଗାରର ସମସ୍ତଙ୍କ ପ୍ରତି ମନୋହାରିତ୍ୱ ଅଛି; ତେଣୁ ରସର ମୂଳଭୂତ ହେତୁ ଶୃଙ୍ଗାର ପ୍ରଥମରେ ଲିଖିତ । ଭାମହ ପ୍ରଭୃତି 'ଶୃଙ୍ଗାରହାସ୍ୟକରୁଣା ଦାଶକାଂ ସ୍ୱପ୍ନସ୍ତିକ୍ୟ ମନଶାଖିଭିଃ ତେଷୁ ତେଷୁ ବୀଜରୂପସ୍ଥାନାତ୍ ଚୁଷ୍ଟ୍ୟାଂ ଦାସଃ" ବାସ୍ତବିକ । ଶୃଙ୍ଗାର ପ୍ରଧାନ ରାଜା ସଦୃଶ । ତାର ଅନୁଗାମୀ ହାସ୍ୟ । ହାସ୍ୟର ବିରୋଧୀ କରୁଣ । ତେଣୁ ତାହା ମଧ୍ୟ ଶୃଙ୍ଗାରର ବିରୋଧୀ । ରୌଦ୍ରରସ କରୁଣର ହେତୁଭୂତ ବା ମୂଳ ହେବାରୁ ତାହା ଶୃଙ୍ଗାରର ତଥା ହାସ୍ୟର ବିରୋଧୀ । ଧର୍ମ (ଶୃଙ୍ଗାର) ଓ ଅର୍ଥ ଧର୍ମମୂଳକ । ବୀର ରସ ମଧ୍ୟ ଧର୍ମମୂଳକ । ଶୃଙ୍ଗାର ଓ ବୀର ଉଭୟ ଧର୍ମମୂଳକ ହେବାରୁ ବୀରରସର ଅଂଶରୂପରେ ବା ଆନୁକୂଲ୍ୟରେ ସାଧାରଣତଃ ଶୃଙ୍ଗାର ଉଦ୍ଭବ ହୋଇଥାଏ; ତେଣୁ ବୀରରସ ଶୃଙ୍ଗାରର ବିରୋଧୀ ନହେଁ, ବୀରରସର ବିରୋଧୀ ଭୟାନକ । ଭୟାନକର ନିର୍ବେଦଭୂତ ବା ହେତୁ ବୀଭତ୍ସ; ତେଣୁ ବୀଭତ୍ସ ମଧ୍ୟ ବୀରରସର ବିରୋଧୀ । ଶୃଙ୍ଗାରର ବିରୋଧୀ ବୀଭତ୍ସ; ତେଣୁ ସ୍ୱତଃ ଭୟାନକ ମଧ୍ୟ ଶୃଙ୍ଗାରର ବିରୋଧୀ, ଏହି ବିଷୟରେ ବୀଭତ୍ସ ଓ ଭୟାନକ ଶୃଙ୍ଗାରର ଓ ବୀରର ବିରୋଧୀ । ଏହି ନ୍ୟାୟରେ ଶୃଙ୍ଗାର ସମ୍ବନ୍ଧ ଅଙ୍ଗ କହିଲେ ଚଳେ । ଅଦ୍ଭୁତ ବୀର ରସର ଅଙ୍ଗ ବା ଜନକ; ତେଣୁ ଶୃଙ୍ଗାରର ଅଦ୍ଭୁତ ଅଙ୍ଗ କହିଲେ ଦୋଷାବହ ନୁହେଁ । ସଂସାରଲୀଳାରେ ଶୃଙ୍ଗାର ରସର ବିଶେଷ ଉପଯୋଗିତା

ତଥା ପ୍ରାଧାନ୍ୟ ପରିଲକ୍ଷିତ ହୁଏ । ତେଣୁ ଏହ ରସର ପ୍ରକାଶ, ସ୍ଥିତି, ପ୍ରତିପତ୍ତି ଓ ପ୍ରବୃଦ୍ଧି ନିମିତ୍ତ ଅନ୍ୟ ରସମାନଙ୍କର ସ୍ଥିତି, ଏବଂ ତଥା ଉଦାର୍ଯ୍ୟଳ ହିସାବରେ ମୁଖ୍ୟତଃ ଗୌଣତଃ ପ୍ରସଙ୍ଗର ଅନୁରୋଧରେ ପ୍ରୟୋଜନ ଅଛି ।

## ଭାବ

ବିକାରୋ ମାନସୋ ଭାବଃ—ମନର ବିକାରହିଁ ଭାବ । ରସମାନଙ୍କୁ ପ୍ରକାଶ ବା ବ୍ୟକ୍ତ କରନ୍ତି ବୋଲି ସେମାନେ ଭାବ ( ଭାବୟନ୍ତି କଟନ୍ତି ରସାନ୍ ) । ବାକ୍ୟ ଦ୍ୱାରା ବା ଅଭିନୟ ଦ୍ୱାରା ପ୍ରକାଶିତ ହେବା ସାମାଜିକଙ୍କ ସୁଖ ଦୁଃଖାଦିର ଅନୁଭବ ଜନିତ ବାସନାରୂପ ମନର ବିକାରକୁ ଭାବ କହନ୍ତି । ନିଜ ନିଜର ରସୋଦ୍‌ଗମର କାରଣ ଭୂତ ଆଲମ୍ବନ ବିଭାବ—ନାୟକ ନାୟିକାଙ୍କ—ଦ୍ୱାରା ରତ୍ୟାଦିଙ୍କଠାରେ ପ୍ରକାଶମାନ ହେଲେ, ଶୃଙ୍ଗାରାଦି ରସ ହେବାପରେ ଜାଗ୍ରତ ହୁଅନ୍ତି । ଏହ ଅର୍ଥ ହୃଦୟର ଅନୁକୂଳ ତାହାର ଭାବ ଉଦ୍ଭବ ଅଛି । ଅଙ୍ଗ ଦ୍ୱାରା ଦୃଷ୍ଟ ନାଟ୍ୟଶାଳ୍ୟ ଦ୍ୱାରା ଏପରି ଅନୁଭବଯୁକ୍ତ ହୁଏ । ସ୍ଥାୟୀଭାବ ୮ଟୋଟି ( କେତେକଙ୍କ ମତରେ ୯ଟୋଟି ), ସଞ୍ଚାରୀଭାବ ୩୩ ଟୋଟି ଓ ସାତ୍ତ୍ୱିକ ଭାବ ୮ଟୋଟି । ସାମାଜିକ ସୁଖ ଦୁଃଖ ଭାବକୁ ଅନୁଭବ କରେ । ହୃଦୟରେ ସେହି ଭାବରେ ଭାବନାକୁ ( ତନ୍ମୟୀଭୂତି ) ଭାବ କହନ୍ତି ।

## ସ୍ଥାୟିଭାବ

ଉପରି କଥିତ ସ୍ଥାୟିଭାବ ସଞ୍ଚିହ୍ନତ ଓ ବ୍ୟବହୃତରୂପେ ଦ୍ୱିବିଧ । ପ୍ରଥମ ସଞ୍ଚିହ୍ନତ । ସାମାଜିକଙ୍କ ମନୋଭିଳାଷ ବିଶେଷ ଯାହା ବିଭାବାଦିଙ୍କ ଦ୍ୱାରା ଉଦ୍ରିକ୍ତ ଲାବସ୍ଥା ତାହା ସ୍ଥାୟିଭାବ । ଯାହା ସୋପଯାନମାନଙ୍କ (ବିଭାବ, ଅନୁଭାବ ଓ ବ୍ୟଭିଚାରୀ) ଦ୍ୱାରା ପୁଷ୍ଟି ହୋଇ ଉପଚିତ ହୁଏ ଏବଂ ଉତ୍ତରୋତ୍ତର ଚମତ୍କାର ଅବସ୍ଥିତ କରେ ତାହା ସ୍ଥାୟିଭାବ । ପୁନଶ୍ଚ ଯାହା ବିରୁଦ୍ଧ ବା ଅବିରୁଦ୍ଧ ଭାବ ଦ୍ୱାରା ବିଚ୍ଛିନ୍ନ ବା ଲୁପ୍ତ ହୁଏ ନାହିଁ ଓ ଅନ୍ୟ ଭାବମାନଙ୍କୁ ନିଜର ରୂପ ପ୍ରଦାନ କରେ ତାହା ସ୍ଥାୟିଭାବ—ଅନ୍ତଃକରଣର ବୃତ୍ତି ହେଉ ସଦ୍ୟ ବାସନାତ୍ମକ ହେଲେହେଁ ରତ୍ୟାଦି ସ୍ଥାୟିଭାବମାନେ ସଂସ୍କାର ରୂପରେ ଚିତ୍ତରେ ଚମତ୍କାର ସ୍ଥାୟୀ ଅଟନ୍ତି । ଏତଦ୍ଭିନ୍ନ ଚିତ୍ତ ବୃତ୍ତି ବହୁବିଧ ଅଛନ୍ତି ମାତ୍ର ବ୍ୟବହୃତ ( କାମତଃ ବ୍ୟବହୃତ କିମ୍ବା ନିର୍ଦ୍ଦିଷ୍ଟ ) ସ୍ଥାୟିଭାବ । ଯେ ଭାବ-ପ୍ରକର୍ଷ ପ୍ରାପ୍ତ ହୋଇ ରସରୂପରେ ପରିଣତ ହୁଏ ତାହାର ନାମ ସ୍ଥାୟୀ । ଦ୍ୱିତୀୟ ବ୍ୟବହୃତ—ଲୌକିକାଦି ତୁଳ୍ୟ ଲୋକାନ୍ତର ବ୍ୟବହୃତ କାର୍ଯ୍ୟବାଦ (ବିଭାବ, ଅନୁଭାବ ଓ ବ୍ୟଭିଚାରୀ) । ସେହି କାର୍ଯ୍ୟବାଦ ସ୍ଥାୟିଭାବ ଦ୍ୱାରା ଉପର ଉକ୍ତ ସବୁ ସମର୍ଥନ କରନ୍ତି । ସାମାନ୍ୟ ଗୁଣ ଯୋଗରେ ସ୍ଥାୟୀ, ବାହ୍ୟ ଓ ସାତ୍ତ୍ୱିକମାନଙ୍କ

ଦେଖିଲୁ ରସର ସ୍ଥାୟୀ ଭାବ ଅର୍ଥାତ୍ ବିଭାବ ଓ ଅନୁଭାବ ଦ୍ୱାରା ବ୍ୟଞ୍ଜିତ ହୋଇ ୪୯ ଭାବ ଦ୍ୱାରା (ସାତ୍ତ୍ୱିକ ୮ + ବ୍ୟଭିଚାରୀ ୩୩ + ସ୍ଥାୟୀଭାବ ୮) ସାମାନ୍ୟ ସଂଯୋଗରେ ରସର ସୃଷ୍ଟି ହୁଏ । କେତେକ କହନ୍ତି ସ୍ଥାୟୀଭାବମାନେ ରସତ୍ୱ ପ୍ରାପ୍ତ ହୁଅନ୍ତି । ଯେପରି ସମାନ ଲକ୍ଷଣଯୁକ୍ତ ଓ ସମାନ ଅଙ୍ଗ ପ୍ରତ୍ୟଙ୍ଗବିଶିଷ୍ଟ ପୁରୁଷଙ୍କ ମଧ୍ୟରେ କୌଣସି ପୁରୁଷ ରାଜାର ହେଲେ, ବିଦ୍ୟା ଓ କର୍ମକୁଶଳତା ଦ୍ୱାରା ରାଜା ହୁଅନ୍ତି ଓ ଅନ୍ୟ ଅଳ୍ପବୁଦ୍ଧି ଲୋକମାନେ ତାଙ୍କର ଅନୁଚର ହୁଅନ୍ତି, ସେହିପରି ବିଭାବ, ଅନୁଭାବ ଓ ବ୍ୟଭିଚାରୀଭାବ ସ୍ଥାୟୀଭାବର ଆଶ୍ରୟ କରି ରହନ୍ତି । ସ୍ୱାଙ୍ଗିତ ଭାବ ଜନସଂଯୋଗରେ ରାଜା ଯେପରି ରାଜକାର୍ଯ୍ୟ ସାଧନ କରନ୍ତି, ସେହିପରି ବିଭାବାଦି ଦ୍ୱାରା ସ୍ଥାୟୀଭାବ ରସତ୍ୱ ପ୍ରାପ୍ତ ହୁଏ । ଲୋକଙ୍କର ରାଜା, ଶିଷ୍ୟଙ୍କର ଗୁରୁ ଭଳି ଏହି ଭାବଙ୍କର ସ୍ଥାୟୀଭାବ ଶ୍ରେଷ୍ଠ ଅଟନ୍ତି । ବ୍ୟଞ୍ଜନାଦି ଯୋଗରେ ଅନ୍ନର ସ୍ୱାଦୁତା ଭଳି ବିଭାବାଦି ଯୋଗରେ ସ୍ଥାୟୀଭାବର ପୁଷ୍ଟି ହୁଏ ।

## ରତି

ରତି ।—ଅନୁକୂଳ ଅର୍ଥରେ ଚିତ୍ତର ପ୍ରେମକ୍ଷେତ୍ରରେ ଆର୍ଦ୍ରତା, ବସନ୍ତାଦି ଋତୁ, ପୁଷ୍ପମାଳ୍ୟ ଆଲିଙ୍ଗନ, ସୁନ୍ଦର ଭୋଜନ, ଉତ୍କୃଷ୍ଟ ବିହାର ସ୍ଥଳ ପ୍ରଭୃତି ଅନୁକୂଳ ଭାବ ଦ୍ୱାରା ଜାତ ହୁଏ । ସ୍ମିତ, ମଧୁର ବଚନ, ଭ୍ରୂକ୍ଷେପାଦି ଅନୁଭାବ ଦ୍ୱାରା ଅଭିନୀତ ହୁଏ ।

## ହାସ

ବାଗଙ୍ଗାଦି ବିକୃତିରୁ ଚିତ୍ତର ବିକାଶ—ପରର ଚେଷ୍ଟାନୁକରଣ, ଅସମ୍ବଦ୍ଧ ପ୍ରଳାପ, ମୂର୍ଖତା ଓ ଲୌଲ୍ୟାଦି ବିଭାବ ଦ୍ୱାରା ଜାତ ହୁଏ । ତାହା ସ୍ମିତ, ହସିତ, ବିହସିତ, ଉପହସିତ, ଅପହସିତ ଓ ଅତିହସିତ ଦ୍ୱାରା ଅଭିନୀତ ହୁଏ ।

## ଶୋକ

ଇଷ୍ଟନାଶାଦିଜନିତ ଚିତ୍ତର ବିକ୍ଳବତା—ପ୍ରିୟଜନ ବିୟୋଗ, ବିଭବନାଶ, ବଧବନ୍ଧନ ଦୁଃଖାନୁଭବ ବିଭାବ ଦ୍ୱାରା ଜାତ ହୁଏ । ଅଶ୍ରୁପାତ, ବିଳାପ, ବୈବର୍ଣ୍ଣ୍ୟ, ସ୍ୱରଭଙ୍ଗ, ଭୂମିପାତ, ପରିଦେବନ, ଆକ୍ରନ୍ଦନ, ଦୀର୍ଘନିଶ୍ୱାସ ପ୍ରଭୃତି ଅନୁଭାବ ଦ୍ୱାରା ଅଭିନୀତ ହୁଏ ।

## କ୍ରୋଧ

ଅପକର୍ଷଣ ସ୍ମୃତି, ବିବାଦ, କଳହ ପ୍ରଭୃତିରୁ ବିଭାବ ଦ୍ୱାରା ଜାତ ହୁଏ । ଭ୍ରୂଭଙ୍ଗି, ନାସାସ୍ଫୁରଣ, ଓଷ୍ଠ ଦଂଶନ, ହସ୍ତ ଓ ସ୍କନ୍ଧ, ଶିର ଘୂର୍ଣ୍ଣନ ଦ୍ୱାରା ଅଭିନୀତ ହୁଏ । ପ୍ରତିକୂଳ ବିଷୟରେ ତୀକ୍ଷ୍ଣତା କ୍ରୋଧ ।

## ଉତ୍ସାହ

ଦାନବୀରତ୍ୱରେ ସ୍ଥିରତର ସମାବେଶ, ଉତ୍ତମ ପ୍ରକୃତିସମ୍ପନ୍ନ, ଅବିଚଳିତ ଶକ୍ତି ଧୈର୍ଯ୍ୟ ଶୌର୍ଯ୍ୟାଦି ଗୁଣର ଦ୍ୱାରା ଜାତ ହୁଏ। ଅପ୍ରମାଦ କ୍ଷିପ୍ରତାଦ୍ୱାରା ଏହା ଅଭିନୀତ ହୁଏ।

## ଭୟ

ଭୟଶୀଳ ଶକ୍ତିହୀନ ଚିତ୍ତର ବ୍ୟାକୁଳ ଭାବ। ସ୍ତ୍ରୀ ଓ ନୀଚ ପ୍ରକୃତିକ, ଗୁରୁ ଓ ରାଜା ଅପରାଧ, ଶୂନ୍ୟ ଗୃହ, ଘନ ଅରଣ୍ୟ ଦର୍ଶନ, ଅନ୍ଧକାର, କାନ୍ତାର, ଦୁର୍ଦ୍ଦିନ, ନିଶାନ୍ଧକାର, ପେଚକ ଓ ନିଶାଚରଙ୍କ ଶବ୍ଦ ଶ୍ରବଣାଦି ବିଭାବ ଦ୍ୱାରା ଜାତ ହୁଏ। କର ଚରଣ ହୃଦୟ କମ୍ପନ, ସ୍ତମ୍ଭ, ମୁଖର ଶୁଷ୍କତା, ଜିହ୍ୱା ପରିଲେହନ, ସ୍ୱେଦ, ବେପଥୁ, ପରିତ୍ରାଣ ଅନ୍ୱେଷଣ ଧାବନ ଚିତ୍କାର ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନୀତ ହୁଏ।

## ଜୁଗୁପ୍ସା

ସ୍ତ୍ରୀ ନୀଚ ପ୍ରକୃତିକ—ଦୋଷ ଦର୍ଶନ ହେତୁକ ବୈମୁଖ୍ୟ ଜନକ ଘୃଣା ବା ଗର୍ହା। ଅହୃଦ୍ୟ ଶ୍ରବଣ ଓ ଦର୍ଶନ ଆଦି ବିଭାବ ଦ୍ୱାରା ଜାତ ହୁଏ। ସର୍ବାଙ୍ଗସଙ୍କୋଚ ଦ୍ୱାରା ଉତ୍ତମ ଲୋକଙ୍କର ଓ ମୁଖ ଘୂର୍ଣ୍ଣନାଦି ଦ୍ୱାରା ନୀଚଲୋକଙ୍କ ଦ୍ୱାରା ଏହା ଅଭିନୀତ ହୁଏ।

## ବିସ୍ମୟ

ଅଲୌକିକ ପଦାର୍ଥ ଦର୍ଶନରେ ଚିତ୍ତର ବିକାଶ। ମାୟା, ଇନ୍ଦ୍ରଜାଲ, ଅତିମାନୁଷ କର୍ମ, ବିଚିତ୍ର ଶିଳ୍ପ, ଚିତ୍ରଶିଳ୍ପାଦି ଅଲୌକିକ ପଦାର୍ଥ ପ୍ରଭୃତି ବିଭାବ ଦ୍ୱାରା ଜାତ। ନୟନ ବିସ୍ତାର, ଅନିମେଷ ଦୃଷ୍ଟି, ଭ୍ରୂ ଉତ୍କ୍ଷେପ, ରୋମହର୍ଷ, ସ୍ୱେଦ, ସାଧୁବାଦାଦି ଅନୁଭାବରେ ଅଭିନୀତ।

## ନିର୍ବେଦ

ଦାରିଦ୍ର୍ୟ, ଅପମାନ, କ୍ରୋଧ, ତାଡ଼ନ, ଇଷ୍ଟଜନ ବିୟୋଗ, ଭବ ଦୁଃଖ ତତ୍ତ୍ୱଜ୍ଞାନାଦି ବିଭାବରୁ ଜାତ। ବାଷ୍ପାକୁଳିତ ନୟନ, ନିଃଶ୍ୱାସ, ଉଚ୍ଛ୍ୱାସ, ଓ ଦୀନତାର ବିସ୍ତାରାଦି ଅନୁଭାବ ଦ୍ୱାରା ଅଭିନୀତ ହୁଏ। ପୁନଶ୍ଚ ନିର୍ବେଦଠାରେ ପରମତତ୍ତ୍ୱର ବିଶ୍ରାମଜନିତ ସୁଖ—ଶମ।

## ବିଭାବ

ବିଭାବୋ ବିଜ୍ଞାନାର୍ଥଃ। "ବିଭାବ୍ୟନ୍ତେ ଜ୍ଞାୟନ୍ତେ ଅନେନ ବାଗଙ୍ଗସତ୍ତ୍ୱାଭିନୟା ଇତ୍ୟତୋ ବିଭାବଃ" (ଭରତ)। ବାଗଙ୍ଗ ଅଭିନୟାଶ୍ରିତ ବହୁ ଅର୍ଥ ଏହା ଦ୍ୱାରା ଜଣାଯାଏ ବୋଲି ଏହାର ନାମ ବିଭାବ।

"ତତ୍ର ଜ୍ଞେୟୌ ବିଭାବାସ୍ତୁ ରସ୍ୟାସ୍ୱାଦନହେତବଃ ।
ତେ ଦ୍ୱିଧାଲମ୍ବନା ଏକେ ତଥୈବୋଦ୍ଦୀପନାଃ ପରେ ।"

କାବ୍ୟ ଓ ନାଟକରେ ରତ୍ୟାଦି ସ୍ଥାୟିଭାବମାନଙ୍କର ଉଦ୍‌ବୋଧକାରଣ ରୂପ ସୀତାଦି (ଆଲମ୍ବନ) ଏବଂ ମାଲ୍ୟ ଚନ୍ଦ୍ର, ଚନ୍ଦନ କୋକିଳାଳାପ (ଉଦ୍ଦୀପନ) ଇତ୍ୟାଦିକୁ ବିଭାବ କୁହାଯାଏ ।

"ଆଲମ୍ବନବିଭାବଃ ସ ଜ୍ଞାନିଭିରଭିମୃଚ୍ୟତେ ।
ଯେନାଦର୍ଶାଦି ରୂପେଣ ସଂସ୍କାରସ୍ତେନ ଜାୟତେ ।
ଅନ୍ୟଃ ପଟ୍ଟିଲିଷ୍ୟସ୍ୟ ଅିଶନ୍ମାଦେବର୍ଣ୍ଣେନ ଯଃ ।
ତତ୍ ପ୍ରବୋଧଂ ସ ମାଲ୍ୟର୍ତ୍ତୁଚନ୍ଦନେନ୍ଦ୍ୱାଦ୍ୟାଦିଭିଃ ।
ଉଦ୍ଦୀପନବିଭାବସ୍ତୁ ସ ତୈଃ ସୁରଭି ବାନ୍ଧବ ।
ଦ୍ୱେଧାପି ପ୍ରପଞ୍ଚେତେ ଚୈବଂ ମନ୍ୟତେ ରସ ବେଦିଭିଃ"—ଭାବପ୍ରକାଶ ।

ଆଲମ୍ବନ ବିଭାବ ରସବୋଧର କାରଣ । ସେହି ସଂସ୍କାର ଅଦର୍ଶନ ରୂପରେ ଆଲମ୍ବନାଦିର ସ୍ମରଣଦ୍ୱାରା ଓ ଅନ୍ୟ ପ୍ରକାରରେ ଉଦ୍‌ବୁଦ୍ଧ ଓ ପୁନଃ ପୁନଃ ଅନୁଭୂତ ହୁଏ । ସେହି ସଂସ୍କାରର ଉଦ୍ରେକ ନିମନ୍ତେ ପୁଷ୍ପମାଲ୍ୟ, ବସନ୍ତାଦି ଋତୁ, ଚନ୍ଦ୍ର, ଚନ୍ଦନ ଉଦ୍ଦୀପନ ବିଭାବ ହୁଅନ୍ତି । ସେହି ସଂସ୍କାର ବା ସେହି ସଂସ୍କାରର ଆଶ୍ରୟୀ ନାୟକ ବା ନାୟିକା ଉଦ୍ଦୀପନ ବିଭାବମାନଙ୍କ ଦ୍ୱାରା ପୁଲକ, ହାସ୍ୟ, ସ୍ୱେଦ, ଚେଷ୍ଟା କରେ, ଝୁରେ, ମରେଣି, ଲଢ଼େ ଓ ଚେଷ୍ଟା କରେ । 'ଇତ୍ୟାଦିର ବିଷୟ ନାୟିକାଦି ଆଲମ୍ବନ । ଇତ୍ୟାଦିର ଉଦ୍ଦୀପକର ହେତୁ ଚନ୍ଦ୍ର, ଚନ୍ଦନ କୋକିଳାଳାପାଦି ଉଦ୍ଦୀପନ ।' ଯାହା ରସକୁ ଉଦ୍ଦୀପିତ ଅର୍ଥାତ୍ ଉଦ୍‌ବୁଦ୍ଧ କରେ ତାହା ଉଦ୍ଦୀପନ ବିଭାବ । ଯଥା:- ଆଲମ୍ବନର ରୂପ, ଭୂଷଣ ଚେଷ୍ଟାଦି, ଦେଶ କାଳାଦି (ଅଧ ଷଡଦ୍ୱାର୍ତ୍ତୁ ଚନ୍ଦ୍ର, ଚନ୍ଦନ କୋକିଳାଳାପ ଭ୍ରମର ଝଙ୍କାର ପ୍ରଭୃତି) । ଆଲମ୍ବନର ତଥା ଉଦ୍ଦୀପନର ବିଷୟ ଅନେକ ଉଦାହରଣ ଉପସଂହାରରେ ଦେଖ ।

## ନାୟକ

ନାୟକ ନାୟିକାଦି ଆଲମ୍ବନ :—ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ, ଧୀର ପ୍ରଶାନ୍ତ ଭେଦରେ ଚତୁର୍ବିଧ । ଏମାନେ ଦକ୍ଷିଣ, ଧୃଷ୍ଟ, ଅନୁକୂଳ, ଶଠଭେଦରେ ଷୋଡ଼ଶ ବିଧ । ଏମାନେ ପୁଣି ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ଅଷ୍ଟଚତ୍ୱାରିଂଶତ୍ ହୁଅନ୍ତି । ନାୟକଠାରୁ ସ୍ୱଳ୍ପରେ ଅଳ୍ପ ଗୁଣ ପୀଠମର୍ଦ୍ଦ । ଶୃଙ୍ଗାର ରସରେ ନାୟକର ସହାୟ ବିଟ, ଚେଟ ଓ ବିଦୂଷକ । ଅର୍ଥକାର୍ଯ୍ୟ ଚିନ୍ତନ ବ୍ୟାପାରରେ ମନ୍ତ୍ରୀ ରାଜାଙ୍କ ସାହାଯ୍ୟକାରୀ । ରାଜାଙ୍କ ଅନ୍ତଃପୁରରେ କଞ୍ଚୁକୀ, ବାମନ, ଷଣ୍ଢ, କିରାତ, ମ୍ଳେଚ୍ଛ, ଆଭୀର, ଶକାର, କୁବ୍ଜାଦି ସହାୟକ ଅଛନ୍ତି । ଧର୍ମକାର୍ଯ୍ୟରେ ପୁରୋହିତ ଓ ତାପସାଦି ସହାୟକ । ଏମାନେ ପୁଣି ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧ । ମନ୍ତ୍ରୀ ପୁରୋହିତ ତାପସାଦି

ଉଦ୍ଧତ; ଶଠ, ବିଦୂଷକାଦି ମଧ୍ୟମ; ଶକାର, ଚେଟ, ତାମ୍ବୁଳିକ ଓ ଗାନ୍ଧିକାଦି ଅଧମ । ସ୍ତ୍ରୀ ବା ନାୟକଙ୍କର ବୃତ୍ତି ତ୍ରିବିଧ । ତାହା ଯଥାକ୍ରମେ କାମ୍ୟାର୍ଥ, ଧର୍ମାର୍ଥ ଓ ସନ୍ତୋଷାର୍ଥକ ( ଉପେନ୍ଦ୍ର ଏହି କାମ୍ୟାର୍ଥକୁ ଲାବଣ୍ୟବତୀରେ ବୃତ୍ତିଜ୍ଞାର୍ଥ କହିଅଛନ୍ତି ) । ନାୟକଙ୍କର ଶୋଭା, ବିଳାସ, ମାଧୁର୍ଯ୍ୟ, ଗାମ୍ଭୀର୍ଯ୍ୟ, ସ୍ଥୈର୍ଯ୍ୟ, ତେଜ, ଲଳିତ ଓ ଔଦାର୍ଯ୍ୟ ଏହି ଅଠଗୋଟି ସାତ୍ତ୍ୱିକ ଗୁଣ । ନିମ୍ନ ରେ ନାୟକ ଓ ନାୟିକାଙ୍କର ଭେଦଭେଦ ଲକ୍ଷଣ ଉପସ୍ଥାପନ କରୁଅଛୁ ।

## ନାୟିକା

ନାୟିକା ତ୍ରିବିଧା :—ସ୍ୱକୀୟା, ପରକୀୟା ଓ ସାଧାରଣୀ । ମୁଗ୍ଧା, ମଧ୍ୟା ଓ ପ୍ରଗଲ୍ଭା ଭେଦରେ ସେ ସ୍ୱକୀୟା ପୁଣି ତ୍ରିବିଧା । ମୁଗ୍ଧା ମଧ୍ୟ ଜ୍ଞାତଯୌବନା ଓ ଅଜ୍ଞାତଯୌବନା ରୂପେ ଦୁଇ ପ୍ରକାର । ଏହା ମଧ୍ୟ ନବୋଢ଼ା ଓ ବିଶ୍ରବ୍ଧନବୋଢ଼ା ଭେଦରେ ଦ୍ୱିବିଧା । ମଧ୍ୟା—ଅତି ଲଜ୍ଜିତା ନବୋଢ଼ା । ପ୍ରଗଲ୍ଭା—ପତିମାତ୍ର ବିଷୟକ କେଳିକଳାପଟୋପବିଦା । ମଧ୍ୟା ଓ ପ୍ରଗଲ୍ଭା ମାନାବସ୍ଥାରେ ତ୍ରିବିଧା :— ଧୀରା, ଅଧୀରା ଓ ଧୀରାଧୀରା । ପୁନଶ୍ଚ ଧୀରାଦି ଜ୍ୟେଷ୍ଠା କନିଷ୍ଠା ଭେଦରେ ଦ୍ୱିବିଧା । ପରକୀୟା :—ଦ୍ୱିବିଧା, ପରୋଢ଼ା ଓ କନ୍ୟକା । ଗୁପ୍ତା, ବିଦଗ୍ଧା, ଲକ୍ଷିତା, କୁଳଟା, ଅନୁଶୟାନା ଓ ମୁଦିତା ଏମାନେ ପରୋଢ଼ାର ଅନ୍ତର୍ଗତା । ଗୁପ୍ତା ମଧ୍ୟ ତ୍ରିବିଧା :—ବୃତ୍ତସୁରତଗୋପନା, ବର୍ତ୍ତିଷ୍ୟମାଣ ସୁରତ-ଗୋପନା, ବୃତ୍ତିବର୍ତ୍ତିଷ୍ୟମାଣ ସୁରତଗୋପନା । ବିଦଗ୍ଧା କ୍ରିୟାବିଦଗ୍ଧା ଓ ବାଗ୍‌ବିଦଗ୍ଧା ରୂପେ ଦ୍ୱିବିଧା । ଅନୁଶୟାନା ତ୍ରିବିଧା :—ବର୍ତ୍ତମାନ ସଙ୍କେତ ସ୍ଥାନର ବିଘାତରେ, ଭାବୀ ସଙ୍କେତ ସ୍ଥାନର ଅଭାବ ଶଙ୍କାରେ ଓ ନିଜଦ୍ୱାରା ଅନୁପସ୍ଥିତ ସଙ୍କେତ ସ୍ଥାନରେ କାନ୍ତଗମନର ଅନୁମାନରେ ଦୁଃଖିତା । ସାଧାରଣୀ —ବେଶ୍ୟା । ସ୍ୱକୀୟା, ପରକୀୟା ଓ ସାମାନ୍ୟ ବନିତାମାନେ ଅନ୍ୟ ସମ୍ଭୋଗ ଦୁଃଖିତା, ବକ୍ରୋକ୍ତିଗର୍ବିତା ଓ ମାନବତୀ ଭେଦରେ ତ୍ରିବିଧା । ବକ୍ରୋକ୍ତି-ଗର୍ବିତା—ପ୍ରେମଗର୍ବିତା ଓ ସୌନ୍ଦର୍ଯ୍ୟ ଗର୍ବିତା ଭେଦରେ ଦ୍ୱିବିଧା । ମାନବତୀ— ପ୍ରିୟର ଅପରାଧ ସୂଚନାକାରୀ ଚେଷ୍ଟାର ନାମ ମାନ । ମାନ ତ୍ରିବିଧ— ଲଘୁ, ମଧ୍ୟମ ଓ ଗୁରୁ । ଅଳ୍ପରେ, କଷ୍ଟରେ ଓ ଅତି କଷ୍ଟରେ ମାନ ଦୂର ହେବାରୁ ଯଥାକ୍ରମେ ଲଘୁ, ମଧ୍ୟମ ଓ ଗୁରୁ ହୁଏ । ଅପରାଧ ମାନରେ ଉଦାହରଣ । ପରନାୟିକା ଦର୍ଶନଜନିତ ମାନ ଲଘୁ । ଗୋତ୍ରସ୍ଖଳନାଦି ଜନିତ ମଧ୍ୟମ । ଅପର ସ୍ତ୍ରୀସଙ୍ଗଜନିତ ଗୁରୁ । ଏହି ଷୋଡ଼ଶବିଧ ନାୟିକା ଅଷ୍ଟ ଅବସ୍ଥାରେ ପ୍ରତ୍ୟେକ ଅଷ୍ଟବିଧ :—ପ୍ରୋଷିତଭର୍ତ୍ତୃକା, ଖଣ୍ଡିତା, କଳହାନ୍ତରିତା, ବିପ୍ରଲବ୍ଧା, ଉତ୍କଣ୍ଠା, ବାସକସଜ୍ଜା, ସ୍ୱାଧୀନଭର୍ତ୍ତୃକା ଓ ଅଭିସାରିକା । ଏହିରୂପ ନାୟିକାମାନେ ଗଣନାରେ ଅଷ୍ଟବିଂଶୋତ୍ତର ଶତ—୧୨୮ ଭେଦ ଅଟନ୍ତି । ସେହି ନାୟିକା-ମାନେ ପୁନଶ୍ଚ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧା :—ଉତ୍ତମ

ପ୍ରଥମବୟସ୍କା ହେଲେହେଁ ଲୁଚାଳାଳସୀ ନାୟିକା ଲଜ୍ଜା, ଲଘୁ ଓ ଅଧିକବୟସ୍କା ତ୍ରିବିଧମ ହେଲେ ଲୁଚାକୃତ ଚେଷ୍ଟାକାରିଣୀ ନାୟିକା ମଧ୍ୟା । ତ୍ରିଂଶତମ ଲୁଚକାଶ୍ୟ ହେଲେହେଁ ତ୍ରିଂଶତମ ଅଧିକଧାରିଣୀ ସେ ଅଧମ ଅଟେ । ବାଣୀ ବନ୍ଧାମକାରିଣୀ ମାର୍ଗଶୀରଣୀ ସଖୀ ନାମରେ ପଣ୍ଡିତ ।

## ଉଦ୍ଦୀପନ

ଉଦ୍ଦୀପନ ବିଭାବ ଚତୁର୍ବିଧ :—ଆଲମ୍ବନର ଗୁଣ, ଚେଷ୍ଟା, ଅଳଙ୍କାର ଏବଂ ତଟସ୍ଥ । (୧) ଆଲମ୍ବନ ଗୁଣ—ରୂପଯୌବନାଦି, (୨) ଆଲମ୍ବନର ଚେଷ୍ଟା ଯୌବନୋଦ୍ଭୂତ ହାବଭାବାଦି, (୩) ନାୟିକାର ଅଳଙ୍କାର ନୂପୁର, ଅଙ୍ଗଦ ଓ କାଞ୍ଚୀ, (୪) ତଟସ୍ଥ—ବସନ୍ତାଦି ଋତୁ, ମାଲ୍ୟ, ଚନ୍ଦନ, ଚନ୍ଦ୍ର, କୋକିଳାଳାପ, ଉଦ୍ୟାନ, ମଳୟାନିଳ ପ୍ରଭୃତି (ସାହିତ୍ୟଦର୍ପଣ ଓ ପ୍ରତାପରୁଦ୍ରୀୟ) । ଆଲମ୍ବନର ଚେଷ୍ଟା ହାବଭାବାଦିକୁ ଭରତ, ଧନଞ୍ଜୟ ପ୍ରଭୃତି ସ୍ତ୍ରୀମାନଙ୍କର ଯୌବନରେ ସତ୍ତ୍ୱଜ ଅଳଙ୍କାରରୂପେ କହନ୍ତି ।

"ଅଳଙ୍କାରାସ୍ତୁ ସତ୍ତ୍ୱଜ୍ଞା ଜ୍ଞେୟା ଭାବସମାଶ୍ରୟାଃ ।
ଯୌବନେଽଭ୍ୟଧିକାଃ ସ୍ତ୍ରୀଣାଂ ବିକାରା ବକ୍ତ୍ରଗାତ୍ରଜାଃ" ।
(ଭରତ)

ଭରତଙ୍କ ମତରେ ଭାବ, ହାବ ଓ ହେଳା ଅଙ୍ଗଜାତ କହନ୍ତି । (ଅଙ୍ଗଜ—ନେତ୍ରାନ୍ତ, ଭ୍ରୂ, ଗ୍ରୀବାରେଚନୀ ଆଦି ଭାବର ସୂଚକ ବୋଲି ସେହି ଅଙ୍ଗରୁ ଜନ୍ମରୂପେ ପ୍ରକାଶ ହେବାରୁ ଅଙ୍ଗଜ) । ଅଯତ୍ନଜ—ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ଧୈର୍ଯ୍ୟ, ପ୍ରାଗଲ୍‌ଭ୍ୟ ଓ ଔଦାର୍ଯ୍ୟ (ଶୋଭାଦି ସମସ୍ତ ଦେହର ପ୍ରଯତ୍ନ ଅଭାବରେ ଶୋଭାଦି ହୁଅନ୍ତି) । ସ୍ୱଭାବଜ—ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, କିଳକିଞ୍ଚିତ, ମୋଟ୍ଟାୟିତ, କୁଟ୍ଟମିତ, ବିବ୍ବୋକ, ଲଳିତ ଓ ବିହୃତ (ଯୁବତୀମାନଙ୍କ ସ୍ୱାଭାବିକ ପ୍ରଯତ୍ନାଦିରୁ ଲୀଳାଦି ଜାତ ହୁଏ) । ଅଙ୍ଗଜ ୩, ସ୍ୱଭାବଜ ୧୦, ଅଯତ୍ନଜ ୭ । ଦଶରୂପକାର ଧନଞ୍ଜୟ ଭରତଙ୍କ ମତକୁ ଅନୁସରଣ କରିଅଛନ୍ତି । ଭୋଜରାଜଙ୍କ ମତରେ

"ସ୍ମୃତୀଚ୍ଛାସଙ୍କଳ୍ପାତ୍ମିକା ମନୋବାକ୍‌କାୟସମ୍ଭବାଃ ।
ବିଳାସା ଯେ ତରସ୍ୱୀଣାଂ ଜ୍ଞେୟା ଲୀଳାଦୟସ୍ତୁ ତେ ।"

ସ୍ମରଣ, ଅଭିଳାଷ ଓ ଚିନ୍ତାରୁ ବିଶେଷରୂପେ ଜାତ ନାୟିକାଙ୍କ ମାନସ, ବାଚିକ ଓ କାୟିକ ବିଳାସ (ଭାବବିଶେଷ) ଲୀଳାଦି ଅଟନ୍ତି । ଏମାନେ ସ୍ୱାଭାବିକ । ଏମାନଙ୍କ ସଂଖ୍ୟା ଦ୍ୱାଦଶ । ପୂର୍ବ ଦଶ ସଙ୍ଗରେ ଭୋଜରାଜ କ୍ରୀଡ଼ିତ ଓ କେଳି ଏହି ଦୁଇଙ୍କୁ ଗ୍ରହଣ କରିଅଛନ୍ତି । ସାହିତ୍ୟଦର୍ପଣକାର

ଆଉ କହନ୍ତି ଯେ ଅଙ୍ଗଜ ଓ ଅଯତ୍ନଜ ଦଶଗୋଟି ସ୍ତ୍ରୀ ଓ ପୁରୁଷ ଉଭୟଙ୍କର । ହେଲେହେଁ ମଧ୍ୟ ତାହା ନାରୀରେ ଶୋଭା ବଢ଼ାଅନ୍ତି ।

" ହେଲାହାବାଦୟସ୍ତ୍ୱନ୍ୟେ କେଷାଞ୍ଚିତ୍ ସ୍ତ୍ରୀପୁଂସୟୋରପି ।"

କିନ୍ତୁ ଭରତ ଓ ଧନଞ୍ଜୟ ଏହି ଦଶଟିକୁ ପୁରୁଷଙ୍କ ଅଳଂକାରରୂପେ କହି ନାହାନ୍ତି । ଭରତ ସ୍ତ୍ରୀମାନଙ୍କର ସତ୍ତ୍ୱଜାତ ସମାଧିର ବିଂଶ ଅଳଙ୍କାର କହି ଅଠଗୋଟି ପୌରୁଷ ସତ୍ତ୍ୱଭେଦ ଅଳଙ୍କାର କହିଅଛନ୍ତି । ତାହା ଯଥାକ୍ରମେ ଶୋଭା, ବିଳାସ, ମାଧୁର୍ଯ୍ୟ, ସ୍ଥୈର୍ଯ୍ୟ, ଗାମ୍ଭୀର୍ଯ୍ୟ, ଲଳିତ, ଔଦାର୍ଯ୍ୟ ଓ ତେଜ । ଏ, ଅଠଗୋଟିକୁ ଧନଞ୍ଜୟ, ବିଶ୍ୱନାଥ ପ୍ରଭୃତି ସାତ୍ତ୍ୱିକ ନାୟକଗୁଣ ରୂପେ କହିଅଛନ୍ତି । ହାବ, ଭାବ ଓ ହେଳା—ଅଙ୍ଗଜ, ଏ ତିନୋଟିରେ ସମସ୍ତ ଆଳଂକାରିକ ଏକମତ । ଅଯତ୍ନଜ ସାତଗୋଟି—ଏ ବିଷୟରେ ଭରତ, ବିଶ୍ୱନାଥ, ଧନଞ୍ଜୟ ଓ ଉଜ୍ଜ୍ୱଳନୀଳମଣିକାର ରୂପଗୋସ୍ୱାମୀ ଏକମତ । କିନ୍ତୁ ପ୍ରତାପରୁଦ୍ରୀୟ ଓ ସାହିତ୍ୟଦର୍ପଣରେ ଅଯତ୍ନଜ ମଧ୍ୟରୁ କେବଳ ମାଧୁର୍ଯ୍ୟ ଓ ଧୈର୍ଯ୍ୟ ସ୍ୱୀକୃତ । ବିଶ୍ୱନାଥ ଭରତଙ୍କ ସ୍ୱଭାବଜ ୧୦ କହିଅଛନ୍ତି—ସେ ପ୍ରକାରାନ୍ତେ ଦଶଟିକୁ ବିହୃତକୁ ବିକୃତ କହି ଆଉ ଅଠଗୋଟି ସ୍ୱୀକାର କରିଅଛନ୍ତି । ତାହା ମଦ, ତପନ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ ଓ କେଳି । ସାହିତ୍ୟଦର୍ପଣ ଓ ପ୍ରତାପରୁଦ୍ରୀୟରେ ଅଙ୍ଗଜ ୩, ଅଯତ୍ନଜ ୨ । ତାହା ମାଧୁର୍ଯ୍ୟ ଓ ଧୈର୍ଯ୍ୟ ଏବଂ ସ୍ୱଭାବଜ ଭରତୋକ୍ତ ଦଶ ଛଡ଼ା ଆଉ ତିନିଗୋଟି କୁତୂହଳ, ହସିତ ଓ ଚକିତକୁ ଗ୍ରହଣ କରିଅଛନ୍ତି । ପ୍ରତାପରୁଦ୍ରୀୟ ଓ ସାହିତ୍ୟଦର୍ପଣର ମତ ସମାନ । ସାହିତ୍ୟଦର୍ପଣକାର ଆଚାର୍ଯ୍ୟ ବିଶ୍ୱନାଥ ଶୃଙ୍ଗାର ପ୍ରସଙ୍ଗରେ କହନ୍ତି ଯେ ସ୍ତ୍ରୀମାନଙ୍କର ଅଙ୍ଗଜ ଓ ସ୍ୱଭାବଜ ଅଳଙ୍କାର କଥିତ ହେଲା; ଏତଦ୍‌ଭିନ୍ନ ସାତ୍ତ୍ୱିକ ଭାବ ଓ ଅନ୍ୟ ଚେଷ୍ଟା ମଧ୍ୟ ଅନୁଭାବ ଅଟେ । ସ୍ତ୍ରୀମାନଙ୍କର ଅଙ୍ଗଜ, ସ୍ୱଭାବଜ ଅଳଙ୍କାର ଓ ସାତ୍ତ୍ୱିକଭାବ ସମସ୍ତ ବୋଲି ବିଶ୍ୱନାଥ ଉକ୍ତିର ମାନ୍ୟ ପ୍ରଦାନ କଲେ । ହେଳାଦି ହାବ, ଭାବ, ଲୀଳା, ବିଳାସାଦିକୁ ସ୍ତ୍ରୀମାନଙ୍କର ଉଦ୍ଦୀପକରୂପେ ବର୍ଣ୍ଣନା କରି ଯାଇ କହନ୍ତି ।

" ଉଦ୍ଦୀପନମେତେଷାମଣ୍ଡଳେଷୁ କଥ୍ୟତେ ।"

ପଣ୍ଡିତମାନେ ଏମାନଙ୍କୁ ଅନୁଭାବ ରୂପେ ଜାଣନ୍ତି । ଉଜ୍ଜ୍ୱଳନୀଳମଣିରେ

" ଉଦ୍ଭାସନ୍ତ ବଲ୍ଲଭା ଭବେୟୁସ୍ତାସୁ ପ୍ରିୟଂ ପ୍ରତି ।
କଥିତା ଗୁଣାନାମତଦ୍‌ଧର୍ମତ୍ୱେନ ସମ୍ପାଦିତ ସ୍ତ୍ରୀଷ୍ୱପି ।"

## ଭାବାଦିର ସ୍ୱରୂପ କଥନ

" ଦେହାତ୍ମକଂ ଭବେତ୍ ସତ୍ତ୍ୱଂ ସତ୍ତ୍ୱାଦ୍ ଭାବଃ ସମୁତ୍ଥିତଃ ।
ଭାବାତ୍ ସମୁତ୍ଥିତୋ ହାବୋ ହାବାଦ୍ ହେଳା ସମୁତ୍ଥିତା ।"

ଦେହର ସାର ସତ୍ତ୍ୱ, ସତ୍ତ୍ୱରୁ ଭାବ, ଭାବରୁ ହାବ ଓ ହାବରୁ ହେଳା ଯଥାକ୍ରମେ ଜାତ ( ଉତ୍ପନ୍ନ )।

ଭାବ—ନିର୍ବିକାର ଚିତ୍ତରେ ପ୍ରଥମ ବିକାରକୁ ଭାବ କହନ୍ତି। ହାବ—ଭ୍ରୂ, ନେତ୍ରାଦି ବିକାରକୁ ସମ୍ପୂର୍ଣ ଭାବ ପ୍ରକାଶକ ଭାବରୂପ ଅଳ୍ପ ପ୍ରକାଶମାନ ବିକାରକୁ ହାବ କହନ୍ତି। ହେଳା—ସେହି ଭାବ ଅଧିକରୁ ଭାବରେ ପ୍ରକାଶିତ ହେଲେ ହେଳା ହୁଏ। ଶୋଭା—ରୂପ, ଯୌବନ, ଲାବଣ୍ୟ ଓ ଭୋଗାଦି ଦ୍ୱାରା ଯେ ଅଙ୍ଗମାନଙ୍କର ଭୂଷଣ ତାହା ଶୋଭା। କାନ୍ତି—କାମଦ୍ୱାରା ବର୍ଦ୍ଧିତ ଶୋଭା ବା ଶ୍ରେଷ୍ଠ କାନ୍ତି ନାମରେ କଥିତ। ଦୀପ୍ତି—ଅତି ବିସ୍ତୀର୍ଣ୍ଣ କାନ୍ତିକୁ ଦୀପ୍ତି କହନ୍ତି। ମାଧୁର୍ଯ୍ୟ—ସର୍ବାବସ୍ଥାବିଶେଷରେ ରମଣୀୟତା। ପ୍ରାଗଲ୍‌ଭ୍ୟ—ନିଃଶଙ୍କିତ୍ୱ। ଔଦାର୍ଯ୍ୟ—ସର୍ବ ସମୟରେ ନମ୍ରତା, ଶିଷ୍ଟତ୍ୱର ବା ପ୍ରେମରେ ଅନୁକୂଳତା। ଧୈର୍ଯ୍ୟ—ଆତ୍ମଶ୍ଲାଘାଶୂନ୍ୟ ଓ ଅଚଞ୍ଚଳ ମନର ବୃତ୍ତିକୁ ଧୈର୍ଯ୍ୟ କହନ୍ତି। ଲୀଳା—ମଧୁର ପ୍ରଚାରଚେଷ୍ଟା ଦ୍ୱାରା ପ୍ରିୟର ଅନୁକରଣ। ବିଳାସ—ପ୍ରିୟଜନ ଦର୍ଶନାଦି ଦ୍ୱାରା ଗମନ, ସ୍ଥିତି ଓ ବ୍ୟାପାରରେ ଯେଉଁ ତାତ୍କାଳିକ ବୈଶିଷ୍ଟ୍ୟ ତାର ନାମ ବିଳାସ।

"ଯାନସ୍ଥାନାସନାଦୀନାଂ ମୁଖନେତ୍ରାଦିକର୍ମଣାଂ।
ବୈଶିଷ୍ଟ୍ୟଂ ବିଳାସଃ ସ୍ୟାଦିଷ୍ଟସନ୍ଦର୍ଶନାଦିନା"—

ପ୍ରିୟଦର୍ଶନାଦିରୁ ଗମନ କରିବା, ବିଶ୍ରାମସ୍ଥାନ ଦେବା ଓ ଆସନ ବିଛାଇବା ଓ ମୁଖ ନେତ୍ର ପ୍ରଭୃତିର ଅଦ୍ଭୁତ ବିଶିଷ୍ଟ ଭାବକୁ ବିଳାସ କହନ୍ତି—ଉଜ୍ଜ୍ୱଳ ଓ ଦର୍ପଣ। ବିଚ୍ଛିତ୍ତି—ବେଶ ରଚନାର ଅଳ୍ପତାରେ ମଧ୍ୟ ଯାହା କାନ୍ତିକୁ ପୋଷଣ କରେ ଅର୍ଥାତ୍ ଅଳ୍ପ ସୌନ୍ଦର୍ଯ୍ୟ ବୃଦ୍ଧି, ତାହା ବିଚ୍ଛିତ୍ତି। ବିଭ୍ରମ—ପ୍ରିୟର ଆଗମନାଦିରେ ଆନନ୍ଦ ଓ ଅନୁରାଗବଶରୁ ଭ୍ରମରେ ଅସ୍ଥାନରେ ଭୂଷଣାଦିର ପରିଧାନକୁ ବିଭ୍ରମ କହନ୍ତି। ଲଳିତ—ଅଙ୍ଗମାନଙ୍କର ସୁକୋମଳତା ହେତୁ ମନୋହର ବିନ୍ୟାସ ବିଶେଷକୁ ଲଳିତ କହନ୍ତି। କିଳକିଞ୍ଚିତ—କ୍ରୋଧ, ଅଶ୍ରୁ, ହର୍ଷ ଓ ଭୟାଦିର ମିଶ୍ରଣ; ପ୍ରିୟତମର ସଙ୍ଗମରୁ ଏକ କାଳରେ ହର୍ଷର ସ୍ମିତ, ରୁଦିତ, ହସିତ, ଭୟ, କ୍ରୋଧ, ଦୁଃଖ, ଶ୍ରମାଦିର ସଙ୍କରଣକୁ କିଳକିଞ୍ଚିତ କହନ୍ତି :—

"ସ୍ମିତଶୁଷ୍କରୁଦିତହସିତତ୍ରାସକ୍ରୋଧ - ଶ୍ରମାଦୀନାଂ।
ସଙ୍କରକରଣଂ ହର୍ଷାଦସକୃତ୍ କିଳକିଞ୍ଚିତଂ ତଜ୍ଜ୍ଞେୟମ୍।"

(ଉଜ୍ଜ୍ୱଳ ଓ ଦର୍ପଣ ମଧ୍ୟ ଦେଖ)

ମୋଟ୍ଟାୟିତ—ପ୍ରିୟତମର କଥାନୁକରଣାଦିରେ ପ୍ରିୟର ଅନୁସ୍ମୃତିରେ ଅନ୍ତଃକରଣର ତନ୍ମୟତାକୁ ମୋଟ୍ଟାୟିତ କହନ୍ତି—(ଧନଞ୍ଜୟ)।

ଇଷ୍ଟଜନସ୍ୟ କଥାୟାଂ ଲୀଳାହେଲାଦର୍ଶନେନାପି ।
ତଦ୍ଭାବଭାବନକୃତଂ ମୋଟ୍ଟାୟିତମିତ୍ୟଭିଖ୍ୟାତମ୍” ।

( ଭରତ, ଦର୍ପଣ ମଧ୍ୟ ଦେଖ )

କୁଟ୍ଟମିତ—କେଶ, ଅଧର, ସ୍ତନାଦି ଗ୍ରହଣ ବ୍ୟାପାରରେ ଆନନ୍ଦମଗ୍ନା ହୃଦୟରେ ଦୁଃଖ ମଧ୍ୟ ଯେ କୋପାଦି ପ୍ରକାଶ ତାହା କୁଟ୍ଟମିତ (ଧନଞ୍ଜୟ) ।

“କେଶସ୍ତନାଧରାଦିଗ୍ରହଣାଦତିହର୍ଷସମ୍ଭ୍ରମୋତ୍ପନ୍ନମ୍ ।
କୁଟ୍ଟମିତଂ ବିଜ୍ଞେୟଂ ସୁଖମପି ଦୁଃଖୋପଚାରେଣ” ।

( ଭରତ ଓ ଦର୍ପଣ ପଧ ଦେଖ )

ବିବ୍ବୋକ—ଅତି ଗର୍ବରେ ଇଷ୍ଟ ବସ୍ତୁରେ ମଧ୍ୟ ଅନାଦର—(ଦର୍ପଣ) ।

‘ଇଷ୍ଟାନାଂ ଭାବନାଂ ପ୍ରାପ୍ତାବଭିମାନତୋ ଗର୍ବସମ୍ଭୂତଃ ।
ସ୍ତ୍ରୀଣାମନାଦରକୃତୋ ବିବ୍ବୋକୋ ନାମ ବିଜ୍ଞେୟଃ ।”

ବିହୃତ ବା ବିକୃତ—ବାକ୍ୟ କହିବାକୁ ଅବସର ପାଇଥିଲେ ମଧ୍ୟ ଲଜ୍ଜାରେ ନ କହିବାକୁ ବିହୃତ କହନ୍ତି ।

“ବିହୃତଂ ପ୍ରାପ୍ତକାଲସ୍ୟ ବାକ୍ୟସ୍ୟାକଥନଂ ହ୍ରିୟା” ।

(ପ୍ରତାପରୁଦ୍ରୀୟ) ।

“ପ୍ରାପ୍ତାନାମପି ବଚସାଂ କ୍ରିୟତେ ଯଦଭାଷଣଂ ହ୍ରିୟା ସ୍ତ୍ରୀଭିଃ ।
ବ୍ୟାଜାତ୍ ସ୍ୱଭାବାଦ୍ ବା ଜ୍ଞେୟଂ ତଦ୍ ସମୁଦାହୃତଂ ବିହୃତମ୍ ।”

କୁତୂହଳ—ରମ୍ୟ ଦର୍ଶନରେ ଚପଳତାକୁ କୁତୂହଳ କହନ୍ତି । ଚକିତ—ପ୍ରିୟତମଙ୍କ ସମ୍ମୁଖରେ ଅଳ୍ପ କାରଣରୁ ମଧ୍ୟ ଭୟରେ ବ୍ୟଗ୍ରତା, “ଚକିତଂ ଭୟସମ୍ଭ୍ରମଃ” । ହସିତ—ଯୌବନାଦି ବିକାରଜାତ ବୃଥା ବା ଅକସ୍ମାତ୍ ହାସ । କେଳି—ବିହାରକାଳରେ କାନ୍ତଙ୍କ ସହିତ କ୍ରୀଡ଼ା । ବିକ୍ଷେପ—ପ୍ରିୟତମଙ୍କ ନିକଟରେ ଅଳଙ୍କାରମାନଙ୍କର ଅର୍ଦ୍ଧରଚନା, ବୃଥା ଚତୁର୍ଦ୍ଦିଗକୁ ଦୃଷ୍ଟିପାତ, ମନ୍ଦମନ୍ଦ ରହସ୍ୟ ଖ୍ୟାପନ । ମୌଗ୍ଧ୍ୟ—ଜଣାଥିବା ବସ୍ତୁର ଅଜଣା ଭଳି ସ୍ୱାମୀ ଆଗରେ ଜିଜ୍ଞାସାକୁ ତତ୍ତ୍ୱବେତ୍ତାମାନେ ମୌଗ୍ଧ୍ୟ କହନ୍ତି । ତପନ—କାନ୍ତ ବିରହରେ କାମର ଆବେଗରେ ଜାତ ବ୍ୟାପାରର ନାମ ତପନ । ମଦ—ସୌନ୍ଦର୍ଯ୍ୟ ଓ ଯୌବନାଦି ଦ୍ୱାରା ଯେ ଗର୍ବଜ ବିକାରର ପ୍ରକାଶ । (ରସପଟ୍ଟିକାର ପର୍ଯ୍ୟାୟ ଶ୍ଳୋକର ଉଦାହରଣମାନ ଦ୍ରଷ୍ଟବ୍ୟ) ।

## ଅନୁଭାବ

“ଅନୁଭାବୋ ବିକାରୋଽଥଃ ।” ଚିତ୍ତସ୍ଥ ଭାବମାନଙ୍କର ଜ୍ଞାପକ । ଅନୁ ପଶ୍ଚାତ୍ ଭବଃ ଉତ୍ପତ୍ତିର୍ଯେଷାମ୍—ଯେଉଁମାନଙ୍କର ଉଦ୍ଭବ ପଛରେ ହୁଏ ।

"ଶାନ୍ତ ର କାର୍ଯ୍ୟତଥା ତାନ୍ୟନୁଭବେନ"—ସ୍ଥାୟୀଭାବର କାର୍ଯ୍ୟସ୍ୱରୂପ ଅଟନ୍ତି ବା ଉତ୍ପନ୍ନ ସ୍ଥାୟୀଭାବକୁ ଯେ ଅନୁଭବ କରାନ୍ତି । "ଅନୁଭାବୟନ୍ତୀତି ଅନୁଭାବାଃ" ହ୍ଲକର ସ୍ୱତନ୍ତ୍ର ଗୁଣ ନ୍ୟାୟ ! ସେହି ଭ୍ରୂକ୍ଷେପ, କଟାକ୍ଷ, ସ୍ମିତାଦି ଦ୍ୱାରା ସାମାଜିକଙ୍କ ହୃଦୟସ୍ଥ ସ୍ଥାୟୀଭାବ ପ୍ରକାଶିତ ହୁଏ ଓ ରସ ପୁଷ୍ଟ ହୁଏ, ତାହା ଅନୁଭାବ ।

## ସାତ୍ତ୍ୱିକ

ହୃଦୟସ୍ଥ ଭାବ ଦ୍ୱାରା ଉଦ୍ଭବ ହେଉ ସାତ୍ତ୍ୱିକମାନେ କଟାକ୍ଷାଦି ତୁଲ୍ୟ ସ୍ଥାୟୀଭାବମାନଙ୍କର କାର୍ଯ୍ୟ ହୋଇ ଅନୁଭାବତ୍ୱ ପ୍ରାପ୍ତ ହେଲେହେଁ ସେମାନଙ୍କର ବ୍ରାହ୍ମଣ ପରିବ୍ରାଜକ ନ୍ୟାୟରେ ପୃଥକ୍ ଗ୍ରହଣରେ ଅସାଧାରଣ କାରଣ ଅଛି । ଅଭିନୟାଦି ଦ୍ୱାରା ପରଗତ ସୁଖଦୁଃଖାଦି ଭାବନାରେ ହୃଦୟର ଅତ୍ୟନ୍ତ ଅନୁକୂଳ ଭାବକୁ ସତ୍ତ୍ୱ କହନ୍ତି । ସତ୍ତ୍ୱ ଦ୍ୱାରା ନିଷ୍ପାଦିତ ଭାବ ସାତ୍ତ୍ୱିକ ।

"ପରସ୍ୟ ସୁଖଦୁଃଖାଦେରନୁଭବେନ ଚେତସଃ ।
ଅତ୍ୟନ୍ତାନୁକୂଳତ୍ୱେନ ଯଃ ତ ତଦ୍ଭାବଭାବନମ୍ ।
ତତ୍ସତ୍ତ୍ୱଂ ତେନ ନିର୍ବୃତ୍ତାଃ ସାତ୍ତ୍ୱିକା ଇତି କୀର୍ତ୍ତିତାଃ ।
ଅନୁଭାବତ୍ୱ ସାମ୍ୟେଽପି ସତ୍ୟପ୍ୟେଷାଂ ପୃଥଗ୍ଭିଦା ।
ଲକ୍ଷଣଂ ପୃଥଗ୍ଵକ୍ତବ୍ୟାତ୍ତି ତେ ତ ସୂମ୍ବଦସ୍ତୁ ଟୃତାଃ" ।
(ଦ୍ୱିବସ୍ତୁଭାଣ) ।

(ଉଦ୍ଭାବ ତ୍ରିକଳ୍—ଜ୍ୱେଦନ୍ୟେକାବସ୍ଥାନେମ୍, ତଦ୍ଭାବ୍ୟ ଭାବଦ୍ୟୋତି) ।

"ସତ୍ତ୍ୱଂ ନାମ ମନଃପ୍ରଭବତ୍ୱାତ୍ ସମାହିତମନସ୍ତ୍ୱାତ୍ ଉତ୍ପଦ୍ୟତେ । ମନଃ ସମାଧାନାତ୍ ଉଦ୍ଦେଶ୍ୟ ନିର୍ବୃତ୍ତିରିତି । ତସ୍ୟ ଯୋଽସୌ ସ୍ୱଭାବଃ ରୋମାଞ୍ଚାଶ୍ରୁଦୟଃ ସ ନ ଶକ୍ୟତେଽନ୍ୟମନସା କର୍ତ୍ତୁମ୍ ଲୋକସ୍ୱଭାବାନୁକରଣାଚ୍ଚ ନାଟ୍ୟସ୍ୟ ସତ୍ତ୍ୱମୀପ୍ସିତମ୍ । କୋ ଦୃଷ୍ଟାନ୍ତଃ ? ଇହହି ନାଟ୍ୟଧର୍ମିପ୍ରବୃତ୍ତାଃ ସୁଖଦୁଃଖକୃତା ଭାବାସ୍ତଥା ସତ୍ତ୍ୱବିଶୁଦ୍ଧାଃ କାର୍ଯ୍ୟା ଯଥା ସରୂପାଃ ଭବନ୍ତି । ତତ୍ର ଦୁଃଖଂ ନାମ ରୋଦନାତ୍ମକଂ ତତ୍କଥମଦୁଃଖିତେନ, ସୁଖଂ ଚ ପ୍ରହର୍ଷାତ୍ମକଂ କଥମସୁଖିତେନ ଅଭିନେତୁଂ ଶକ୍ୟତେ ଇତି । ଏତଦେବାସ୍ୟ ସତ୍ତ୍ୱଂ ଯଦ୍ଦୁଃଖିତେନ ବାଷ୍ପରୋମାଞ୍ଚୌ ଦର୍ଶୟିତବ୍ୟୌ ଇତି କୃତ୍ୱା ସାତ୍ତ୍ୱିକା ଭାବା ଇତ୍ୟଭିବ୍ୟାଖ୍ୟାତାଃ" (ଭରତ) ।

ସତ୍ତ୍ୱ ମନରୁ ଜାତ । ତାହା ନିଶ୍ଚଳ ମନରୁ ଜାତ ହୁଏ । ମନର ସମାଧାନରେ ସୁଖପ୍ରାପ୍ତି । ରୋମାଞ୍ଚ, ଅଶ୍ରୁ ପ୍ରଭୃତି ଅନ୍ୟ ମନୋଭାବରୁ ଉଠେ ନାହିଁ—ଅର୍ଥାତ୍ ଚଞ୍ଚଳ ମନରୁ ଜନ୍ମେ ନାହିଁ । ଲୋକସ୍ୱଭାବାନୁକରଣରୁ ନାଟ୍ୟର ସତ୍ତ୍ୱ ଇପ୍ସିତ ଅଟେ । ଇତ୍ୟାଦି ।

ପୁନଶ୍ଚ "ରଜସ୍ତମୋଭ୍ୟାମସ୍ପୃଷ୍ଟଂ-ମନଃ ସତ୍ତ୍ୱମିହୋଚ୍ୟତେ ।
ନିର୍ବୃତ୍ତେଽସ୍ୟ ତଦ୍‌ଯୋଗାଦ୍ ପ୍ରଭବନ୍ତୀତି ସାତ୍ତ୍ୱିକାଃ ।"
(ଭୋଜରାଜ) ।

ରଜ ତମୋଗୁଣକୁ ଜାତ କ୍ରୋଧ ମଧ୍ୟ ସ୍ଥିର ସତ୍ତ୍ୱଗୁଣ ଅଧିପୂର୍ବ ହୃଦୟକୁ ଅଧିକାର କରେ ଇତର ଓ ପରେ ରଜ ଓ ତମୋଗୁଣ ଦ୍ୱାରା ବିଚଳିତ ନହେବା ପ୍ରକୃତାନ୍ୱିତ ନୁହେଁ । ସେହି ହୃଦୟ ସତ୍ତ୍ୱମୟ ବା ସତ୍ତ୍ୱ ନାମରେ ଅଭିହିତ ହୁଏ ଓ ମନର ସ୍ଥିତି କରିବା ସେହି ସତ୍ତ୍ୱର ଯୋଗରୁ ସାତ୍ତ୍ୱିକ ଜାତ ହୁଏ । ସାତ୍ତ୍ୱିକ ଭାବ ଆଠଗୋଟି—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ । କେତେକଙ୍କ ମତରେ ମନୋମୟ ନିର୍ଭିତ ଭାବ ସ୍ଥାୟୀଭାବଗଣ ପଞ୍ଚଭୂତାତ୍ମକ ଅନ୍ନମୟ ପିଣ୍ଡକୁ ସଞ୍ଚାଳନ କରି ସତ୍ତ୍ୱ ସ୍ୱରୂପ ଉତ୍କର୍ଷକୁ ଓ ସାଧୁଭାବୁ ସତ୍ତ୍ୱଶବ୍ଦରେ କଥିତ ପ୍ରାଣ-ମୟ ପିଣ୍ଡରେ ପ୍ରବେଶ ଏବଂ ସାତ୍ତ୍ୱିକ ଭାବକୁ ଅନୁଭବ କରନ୍ତି । ପ୍ରାଣର ଭୂମିର ଅନୁରୋଧରେ ସ୍ତମ୍ଭ, ଜଳଭାଗର ଅନୁରୋଧରେ ବାଷ୍ପ, ତେଜର ଯୋଗରୁ ସ୍ୱେଦ, ବାୟୁ ସମ୍ପର୍କରେ ବୈବର୍ଣ୍ଣ୍ୟ, ଆକାଶ ଯୋଗରୁ ପ୍ରଳୟ । ଅନିଳ ଅନୁରୋଧରେ ମନ୍ଦ, ମଧ୍ୟ ଓ ଉତ୍କୃଷ୍ଟ ଭେଦରେ ରୋମାଞ୍ଚ, ବେପଥୁ ଓ ବୈସ୍ୱର୍ଯ୍ୟ ଜାତ ହୁଏ । ପୁନଶ୍ଚ କେତେକ କହନ୍ତି—ଅନ୍ୟ ଭାବର ନିରପେକ୍ଷତାରେ ଉପର ପ୍ରତ୍ୟକ୍ଷୀଭୂତ ବାଳକାଦିଙ୍କ ଭଣ୍ଡ—ତତ୍ପର ସାତ୍ତ୍ୱିକ ; ପୁନଶ୍ଚ କେତେକ କହନ୍ତି—ଅନ୍ତରଙ୍ଗ ପ୍ରାଧାନ୍ୟରେ ଚୁକାର ବି କରସାଦ ସାଧାରଣତାରେ ଅଙ୍ଗଜାତ ବଳ୍ ଯୋଗରୁ ଭାବରେ ସ୍ତମ୍ଭାଦିଙ୍କୁ ସାତ୍ତ୍ୱିକ କହନ୍ତି । ଅନ୍ୟ କେତେକ କହନ୍ତି କଣାଦିଙ୍କ ବୈଶେଷିକ ଶାସ୍ତ୍ରର ପଦାର୍ଥସମୂହ ଦ୍ରବ୍ୟ ଗୁଣକର୍ମାଦିରୁ ତ ପୃଥକ୍ ହେବା ଭଳି ଅଳଙ୍କାର ଶାସ୍ତ୍ରରେ ସ୍ତମ୍ଭାଦିଙ୍କୁ ସାତ୍ତ୍ୱିକ କହନ୍ତି । ଏହିପରି ପ୍ରାଚୀନ ଆଳଙ୍କାରିକଗଣଙ୍କ ମଧ୍ୟରେ ନାନା ଅନେକ ମତଭେଦ ଦୃଷ୍ଟ ହୁଏ । ତେବେ ସମ୍ପ୍ରତି ଆମର ସେଥିରେ ଆବଶ୍ୟକ ନାହିଁ . କେବଳ ସ୍ତମ୍ଭ ଅନୁଭାବର ଅନ୍ତର୍ଗତ ହେଲେହେଁ କୌଣସି ବିଶିଷ୍ଟତା ହେତୁ ପାର୍ଥକ୍ୟ ଥିବାରୁ ସାତ୍ତ୍ୱିକ ନାମରେ କଥିତ (ମହାନାଥ ପୁଣି କୁମାରସ୍ୱାମୀଙ୍କୃତ ପ୍ରତାପରୁଦ୍ରୀୟ ରତ୍ନାପଣ ଟୀକାରୁ ଅନୂଦିତ) * ।

---

* କେଚିତ୍ତୁ ମନୋମୟବର୍ତ୍ତିଭିର୍ଭାବୈର୍ଗଣୈଃ ପଞ୍ଚଭୂତାତ୍ମକାନ୍ନମୟ-କୋଷାଚ୍ଛାଦକସ୍ୟ ମନୋମୟାଦାନ୍ତର୍ଯ୍ୟାଦନ୍ନଂ ସଂକ୍ରମ୍ୟ ସଂପ୍ରତ୍ୟସ୍ତେ ମନୋମୟସ୍ୟ ଇତି ପ୍ରାପ୍ତୟା ସତ୍ତ୍ୱଗୁଣୋତ୍କର୍ଷାତ୍ ସ ଏବେତି ସତ୍ତ୍ୱାଂଶବର୍ତ୍ତ୍ୟଂ ପ୍ରାଣମୟଂ ପ୍ରବିଷ୍ଟାଃ ସାତ୍ତ୍ୱିକତ୍ୱମନୁଭବନ୍ତି । ତତ୍ର ପ୍ରାଣସ୍ୟ ଭୂମ୍ୟନୁସରଣେ ସ୍ତମ୍ଭଃ, ଜଳାନୁସରଣେ ବାଷ୍ପଃ, ତେଜସୋଽନୁସରଣେ ସ୍ୱେଦଃ, ବାୟୁସମ୍ପର୍କେ ବୈବର୍ଣ୍ଣ୍ୟମାକାଶା-ନୁସରଣେ ପ୍ରଳୟଃ । ଅନିଳାନୁସରଣସ୍ୟ ମନ୍ଦମଧ୍ୟମୋତ୍କୃଷ୍ଟତ୍ୱସ୍ୟ ଭେଦାତ୍ କ୍ରମେଣ

ସେହି ବୈଶିଷ୍ଟ୍ୟ : — ପରଗତ ସୁଖ ଦୁଃଖାଦି ଭାବନାରେ ମନର ଅତ୍ୟନ୍ତ ଅନୁକୂଳ ଭାବ ଉଦୟାଦି । ମନ ସେହି ସୁଖ ଦୁଃଖଭାବାତ୍ମକ ହୁଏ ଓ ସେତେବେଳେ ମନରେ ଅନ୍ୟ ଭାବର ଗତି ନ ଥାଏ । ସେହି ଭାବର ପ୍ରାଧାନ୍ୟ ହେତୁ ତାହା ସତ୍ତ୍ୱ— ସେଠାରେ ରଜ ଓ ତମ ଦ୍ୱାରା ମନ ଆକ୍ରାନ୍ତ ହୁଏ ନାହିଁ । ସେହି ସତ୍ତ୍ୱମୟ ମନର କ୍ରମଶଃ ଆନନ୍ଦମୟ ଭାବ ହେଲେ ରସାସ୍ୱାଦ ହୁଏ । ତେଣୁ ତାହା ବ୍ରହ୍ମାସ୍ୱାଦସହୋଦର ବା ସଚ୍ଚିଦାନନ୍ଦମୟ ଅଟେ । ସେପରି ସାତ୍ତ୍ୱିକ ସ୍ତମ୍ଭ ସ୍ୱେଦ ଆଦି ଅନୁଭାବ ସେହିପରି ଭାବ ସ୍ୱଭାବ ସ୍ୱରୂପତ୍ ଅନ୍ତର୍ଗତଃ ଭାବର ହେତୁ ମଧ୍ୟ ଅନୁଭାବ (ଉଜ୍ଜ୍ୱଳନୀଳମଣିର ବିଶ୍ୱନାଥ ଟୀକା) ।

## ସ୍ତମ୍ଭାଦିର ଲକ୍ଷଣ

ସ୍ତମ୍ଭ—ହର୍ଷ ଭୟ ରୋଗ ବିସ୍ମୟ ବିଷାଦ ମଦ ରୋଷ ଆଦି ବଶରୁ ଶରୀରର ନିଶ୍ଚେଷ୍ଟତା ଅର୍ଥାତ୍ ନିଶ୍ଚଳୀଭାବ । ସ୍ୱେଦ—କ୍ରୋଧ ଭୟ ହର୍ଷ ଲଜ୍ଜା ଦୁଃଖ ଶ୍ରମ ରୋଗ ତାପ ଘାତ ସଂପୀଡ଼ନାଦିରୁ ଶରୀରରେ ଜଳୋଦ୍‌ଗମ । ରୋମାଞ୍ଚ — ଶଙ୍କା ଭୟ ଶୀତ ହର୍ଷ କ୍ରୋଧ ରୋଗାଦିରୁ ଶରୀରରେ ରୋମର ଉଦ୍‌ଗମ—ରୋମ ଟାଙ୍କୁରିବା । ସ୍ୱରଭେଦ (ସ୍ୱରଭଙ୍ଗ,—ଭୟ ହର୍ଷ କ୍ରୋଧ ଜ୍ୱର ରୋଗ ମଦାଦିରୁ ବିସ୍ୱରତା । ବେପଥୁ (କମ୍ପ)—ଶୀତ ଭୟ ହର୍ଷ ଲୋଭ ସ୍ପର୍ଶ ଜରାରୁ ଜାତ । ଗାତ୍ରର କମ୍ପ (ରାଗ ଦ୍ୱେଷ ଶ୍ରମାଦିରୁ ଗାତ୍ରକମ୍ପ—ସାହିତ୍ୟଦର୍ପଣ) । ବୈବର୍ଣ୍ଣ୍ୟ—ଶୀତ କ୍ରୋଧ ଭୟ ଶ୍ରମ ରୋଗ କ୍ଲମ ତାପରୁ ଶରୀରର ବର୍ଣ୍ଣର ବିକାର (ବିଷାଦମଦରୋଷାଦୌ ବର୍ଣ୍ଣାନ୍ୟତ୍ୱମ୍) । ଅଶ୍ରୁ—ଶୋକ, ଅନୁତାପ ହର୍ଷ ଶୀତ ରୋଷ ଓ ଧୂମରୁ ନେତ୍ରଜାତ ଜଳ । ପ୍ରଳୟ—ଶ୍ରମ ମୂର୍ଚ୍ଛା ମଦ ନିଦ୍ରା ଅଭିଘାତ ମୋହାଦିରୁ ଚେଷ୍ଟା ଓ ଜ୍ଞାନର ନାଶ । (ଉଭୟ) ।

---

ରୋମାଞ୍ଚବେପଥୁବୈବର୍ଣ୍ଣ୍ୟାଣି ଚ ବଦନ୍ତି । ତେଷାଂ ସ୍ୱଭାବତୋଽନୁଭାବତ୍ୱେଽପି ସତ୍ତ୍ୱେଣ ଉତ୍ପଦ୍ୟମାନତ୍ୱଲକ୍ଷଣେନ ବିଶେଷେଣ ସତ୍ତ୍ୱଂ, ତଜ୍ଜନ୍ୟାଃ ସାତ୍ତ୍ୱିକା ଇତ୍ୟୁକ୍ତାଃ । ଅନ୍ୟେ ପୁନରନୁଭାବସ୍ୟାଧିକ୍ୟେନାଧିକ୍ୟଂ ଚ ଲକ୍ଷଣସଦ୍ଭାବାଦନ୍ୟତୋଽପ୍ୟେତେ ସାଧାରଣ୍ୟେଽପି ପଙ୍କଜାଦିବତ୍ ଯୋଗରୂଢ଼ିତ୍ୱେନ ସ୍ତମ୍ଭାଦୟ ଏବ ସାତ୍ତ୍ୱିକା ଇତ୍ୟୁକ୍ତାଃ । ତେଷାମ୍ ଏକାଦଶ ସଂଖ୍ୟା ଦ୍ରବ୍ୟ ପ୍ରତ୍ୟବାଦକାର୍ଥ ଶବ୍ଦବଦଲଙ୍କାରଶାସ୍ତ୍ରସିଦ୍ଧ୍ୟା ସ୍ତମ୍ଭାଦିଷ୍ୱେବ ସାତ୍ତ୍ୱିକ ବ୍ୟବହାର ଇତି ଦର୍ଶିତଞ୍ଚ ଏବଂ ପ୍ରାଚ୍ୟମାଲଙ୍କାରିକାଣାମନେକଧା ପରିଭାଷ୍ୟ ଦର୍ଶିତେ । ତଦ୍ୟଥା ତଥାପ୍ତି ନ ତେଷାଂ ହୃଦୟଙ୍ଗମାସ୍ତାଃ । ବନ୍ଧୁ ସ୍ତମ୍ଭାଦୀନାମନୁଭାବାନ୍ତର୍ଗତେଽପି ତେନ ବିଶେଷେଣ ପାର୍ଥକ୍ୟମିତ୍ୟେତଦେବାପେକ୍ଷିତ ଇତି । ( ପ୍ରୀତି ସନ୍ଦର୍ଭସ୍ୟ ଟୀକା ) ।

## ବ୍ୟଭିଚାରୀ ଭାବ

(ସଂଜ୍ଞା) :—ବ୍ୟଭିଚାରିଣ ଇତି କସ୍ମାତ୍? ଉଚ୍ୟତେ—ବି ଅଭି ଇତ୍ୟେତାବୁପସର୍ଗୌ । ଚର ଗତୌ ଧାତୁଃ । ଏ ବ୍ୟର୍ଥବାଗଙ୍ଗସତ୍ତ୍ୱୋପେତାନ୍ ବିବିଧମାଭିମୁଖ୍ୟେନ ରସେଷୁ ଚରନ୍ତୀତି ବ୍ୟଭିଚାରିଣଃ । ଚରନ୍ତି ନୟନ୍ତୀତ୍ୟର୍ଥଃ । କଥଂ ନୟନ୍ତି? ଉଚ୍ୟତେ—ଯଥା ସୂର୍ଯ୍ୟ ଇଦଂ ନକ୍ଷତ୍ରଂ ବାସରଂ ନୟତୀତି । ନ ଚ ତେନ ବାହୁଭ୍ୟାଂ ସ୍କନ୍ଧେନ ବା ନୀୟତେ । କିନ୍ତୁ ଲୋକପ୍ରସିଦ୍ଧମେତତ୍ । ଯଥାୟଂ ସୂର୍ଯ୍ୟୋ ନକ୍ଷତ୍ରଂ ଦିନଂ ବା ନୟତୀତି ଏବମେତେ ବ୍ୟଭିଚାରିଣ ଇତ୍ୟବଗନ୍ତବ୍ୟାଃ । ଏମାନଙ୍କ ସଂଖ୍ୟା ୩୩ । ଏମାନେ ସବୁ ରସରେ ସଞ୍ଚାର କରନ୍ତି; ତେଣୁ ଏମାନଙ୍କୁ ସଞ୍ଚାରୀ ବା ବ୍ୟଭିଚାରୀ କହନ୍ତି । ଏମାନେ ସ୍ଥାୟିଭାବ ଓ ରସର ସହକାରୀ କାରଣ ଅଟନ୍ତି । ଆଲମ୍ବନ ବିଭାବ—ନାୟକ ନାୟିକାଙ୍କର ପରସ୍ପର ସଙ୍ଗମ ନିମନ୍ତେ ତନ୍ତ୍ର ଆଦି ଯେ ଉଦ୍ଦୀପକ ହୁଏ ତାକୁ ବ୍ୟଭିଚାରୀ କହନ୍ତି । ସ୍ଥାୟିଭାବକୁ ପୁଷ୍ଟ କରିବା ପାଇଁ ପ୍ରକାଶିତ ହୁଅନ୍ତି ଓ ପୁଣି ପର ତିରୋହିତ ହୁଅନ୍ତି । ବ୍ୟଭିଚାରୀ ଭାବ ସମୁଦାୟ, ଯେପରି ସମୁଦ୍ରରେ ତରଙ୍ଗ ଜାତ ହୋଇ ବିଲୀନ ହୋଇଯାଏ, ସେହିପରି ସ୍ଥାୟିଭାବମାନଙ୍କ ଉପସ୍ଥିତିରେ ସେମାନେ ଆବିର୍ଭୂତ ହୋଇ [illegible], ରତ୍ୟାଦିର ପୋଷଣ ପୂର୍ବ ତିରୋହିତ ହୁଅନ୍ତି । ନିର୍ବେଦ, ଗ୍ଲାନି, ଶଙ୍କା, ଶ୍ରମ, ଧୃତି, ଜଡ଼ତା, ହର୍ଷ, ଦୈନ୍ୟ, ଔଗ୍ର୍ୟ, ଚିନ୍ତା, ତ୍ରାସ, ଈର୍ଷା, ଅମର୍ଷ, ଗର୍ବ, ସ୍ମୃତି, ମରଣ, ମଦ, ସୁପ୍ତି, ନିଦ୍ରା, ବିବୋଧ, ବ୍ରୀଡ଼ା, ଅପସ୍ମାର, ମୋହ, ଅଳସତା, ଆବେଗ, ତର୍କ, ଅବହିତ୍ଥା, ବ୍ୟାଧି, ଉନ୍ମାଦ, ବିଷାଦ, ଔତ୍ସୁକ୍ୟ, ଚପଳ ଏହି ୩୩ ଗୋଟି ।

"ଯଥା ବାରିଧୌ ସତ୍ୟେବ କଲ୍ଲୋଲା ଉଲ୍ଲସନ୍ତି ବିଲୀୟନ୍ତେ ଚ ତଦ୍ୱଦେବ ରତ୍ୟାଦୌ ସ୍ଥାୟିନି ସତ୍ୟେବାବିର୍ଭାବତିରୋଭାବାଭ୍ୟାମାଭିମୁଖ୍ୟେନ ଚରନ୍ତୋ ନିର୍ବେଦାଦୟୋ ବ୍ୟଭିଚାରିଣୋ ଭାବାଃ"—ରସଗଙ୍ଗା ।

"ଯେ ଉପକୁର୍ବନ୍ତି ମାତ୍ରାନ୍ତୁ ସ୍ଥାୟିନଂ ରସମୁତ୍ତମମ୍ ।
ଉପକୃତ୍ୟ ଚ ଗଚ୍ଛନ୍ତି ତେ ମତା ବ୍ୟଭିଚାରିଣଃ" ପ୍ରସ୍ତ ।

ଉପେନ୍ଦ୍ର ଭଞ୍ଜଙ୍କ [illegible] ଉଦାହରଣମାନ ଦେଖ ।

## ରସନିଷ୍ପତ୍ତି

ତତ୍ର ବିଭାବାନୁଭାବବ୍ୟଭିଚାରିସଂଯୋଗାଦ୍ରସନିଷ୍ପତ୍ତିଃ"—(ଭରତ)

ବିଭାବ, ଅନୁଭାବ ଓ ବ୍ୟଭିଚାରୀର ସଂଯୋଗରୁ ରସ ବୋଧ ହୁଏ । ଦୃଷ୍ଟାନ୍ତ ସ୍ୱରୂପ ବ୍ୟଞ୍ଜନାଦି ଦ୍ରବ୍ୟ ଯୋଗେ ଯେପରି ଅନ୍ନ ସ୍ୱାଦୁମୟ—ରସମୟ ହୁଏ, ସେହିପରି ନାନାଭାବ ପ୍ରାପ୍ତ ହୋଇ ସ୍ଥାୟିଭାବଗଣ ରସତ୍ୱ ପ୍ରାପ୍ତ ହୁଅନ୍ତି (ଭରତ) । ଏହି ସୂତ୍ରରୂପ ଭରତଙ୍କ ଉକ୍ତିକୁ ନାନା ଆଳଙ୍କାରିକ ନାନା ପ୍ରକାରରେ ବ୍ୟାଖ୍ୟା

କରିଥାନ୍ତି । ଉତ୍ପତ୍ତିବାଦୀ ଭଟ୍ଟଲୋଲ୍ଲଟଙ୍କ ମତରେ—ବିଭାବଦ୍ୱାରା ଜନ୍ମିତ ଓ ଅନୁଭାବଦ୍ୱାରା ବିଶେଷରୂପେ ପ୍ରତୀତ ଏବଂ ବ୍ୟଭିଚାରୀ ଦ୍ୱାରା ପରିବର୍ଦ୍ଧିତ ସ୍ଥାୟୀଭାବ ରସ ଅଭେଦାନୁଭବରେ ନଟଠାରେ ପ୍ରତୀତ ହୁଏ । ଅନୁକାରୀ ନଟ ଓ ନଟୀ ଅନୁକାର୍ଯ୍ୟ ରାମ ଓ ସୀତାଙ୍କର ଅନୁକରଣ । ଅନୁକାରୀ ନଟର ଦୃଷ୍ଟି ସର୍ବଦା ଜନରଞ୍ଜନ ଓ ଅର୍ଥାର୍ଜନରେ ଅନୁରକ୍ତ; ତେଣୁ ତାହାଙ୍କ ରସାସ୍ୱାଦ ହେବା ଅସମ୍ଭବ । ରସାସ୍ୱାଦ ହେଉଥିଲେ ହେଁ ନଟ ନ ହୋଇ ସାମାଜିକ ହେବ । ଅନୁମିତିବାଦୀ ଶ୍ରୀଶଙ୍କୁକଙ୍କ ମତ:—ସ୍ଥାୟୀଙ୍କ ଅଭେଦ ଭାବନାରେ ନଟଠାରେ ପ୍ରକାଶିତ ବିଭାବାଦି ଦ୍ୱାରା ଅନୁମିତ ସ୍ଥାୟୀଭାବ ସାମାଜିକଙ୍କ ଦ୍ୱାରା ଆସ୍ୱାଦିତ ହୋଇ ରସତ୍ୱ ପ୍ରାପ୍ତ ହୁଏ । ଅନୁକାର୍ଯ୍ୟ ରାମ ସୀତାଦିଙ୍କଠାରେ ଓ ଅନୁକାରୀ ନଟ ନଟୀଠାରେ ବା ସାମାଜିକଙ୍କଠାରେ ରସ ଅନୁମିତ ହୋଇ ନ ପାରେ; କାରଣ ଅନୁକାର୍ଯ୍ୟ ରାମ ସୀତା ନିଜ ରୂପରେ ସାମାଜିକଙ୍କ ସମ୍ମୁଖରେ ଉପସ୍ଥିତ ନ ଥିବାରୁ ସ୍ଥାୟୀଭାବ ଶୂନ୍ୟାଭିଧ ରସ ନଟ ନଟୀଠାରେ ତେଣୁ ସମ୍ଭବପର ନୁହେଁ ଏବଂ ଯାହାର ଅସ୍ତିତ୍ୱ ନାହିଁ ତାହା କିପରି ଅନ୍ୟଠାରେ ଥିବା ରୂପେ ଅନୁମିତ ହେବ । ପୁନଶ୍ଚ ରସ ମଧ୍ୟ ଉତ୍ପାଦିତ ହୋଇ ପାରେ ନାହିଁ—କାରଣ ପ୍ରକୃତ ହେଲେ ପ୍ରକୃତ କାର୍ଯ୍ୟ ଉତ୍ପାଦିତ ହେବ । ସଂସାରରେ ଦେଖାଯାଏ ଯେ, କାରଣ ଦ୍ୱାରା କାର୍ଯ୍ୟ ଉତ୍ପାଦିତ ହୁଏ । ଏଠାରେ ବିଭାବାଦି ଲୌକିକ କାରଣବତ୍ କାରଣ ନୁହନ୍ତି; ତେଣୁ ରସ କାର୍ଯ୍ୟରୂପେ ଜନ୍ମ ବା ଉତ୍ପାଦିତ ହେବ । ପୁନଶ୍ଚ ରସ ମଧ୍ୟ ବ୍ୟଙ୍ଗ୍ୟ ହୋଇ ପାରେ ନାହିଁ; କାରଣ ସିଦ୍ଧବସ୍ତୁହିଁ କେବଳ ବ୍ୟଙ୍ଗ୍ୟ ହୁଏ । ରସ ସିଦ୍ଧବସ୍ତୁ ନୁହେଁ; ତେଣୁ ଏହା ବ୍ୟଙ୍ଗ୍ୟ ନୁହେଁ । ଏଣୁ ରସ କାର୍ଯ୍ୟକାରଣ ଭାବ, ଅନୁମାନ ଓ ବ୍ୟଞ୍ଜନା ଦ୍ୱାରା ରସର ନିଷ୍ପତ୍ତି ହୋଇ ପାରେ ନାହିଁ । ଏହା ଦର୍ଶାଇ ଭଟ୍ଟନାୟକ ସ୍ୱମତ ସ୍ଥାପନ କରି କହନ୍ତି ଯେ, ଭରତଙ୍କ ସୂତ୍ରର ଅର୍ଥ—ଭୋଜ୍ୟଭୋଜକ ଭାବ ସମ୍ବନ୍ଧରେ ବିଭାବାଦିମାନଙ୍କ ଯୋଗରେ ରସ ନିଷ୍ପତ୍ତି ହୁଏ । କାବ୍ୟ ନାଟକରେ ସାଧାରଣ ଭାବ ଏବଂ ବିଭାବ ଆଦିମାନଙ୍କ ଯୋଗେ ସାଧାରଣରୂପେ ପ୍ରତୀୟମାନ ସ୍ଥାୟୀଭାବ—ସତ୍ତ୍ୱୋଦ୍ରେକ ପ୍ରକାଶାନନ୍ଦ ସମ୍ବିଦାନନ୍ଦ ଭୋଗରୂପ ବା ଭୋଗର ଅପର ନାମ ଭାବନା ବ୍ୟାପାରରେ ଭୋଗ କରିଥାଏ । ଭୁକ୍ତିବାଦୀ ଭଟ୍ଟନାୟକଙ୍କ ମତରେ କାବ୍ୟରେ ପଦମାନଙ୍କର ତିନୋଟି ବୃତ୍ତି ଅଛି—ଅଭିଧା, ଭାବକତ୍ୱ ଓ ଭୋଜକତ୍ୱ । ତାଙ୍କ ମତରେ ଅଭିଧାଦ୍ୱାରା ଅଭିଧା ଓ ଲକ୍ଷଣା ବୁଝାଏ । ଭାବକତ୍ୱର ଅର୍ଥ ସାଧାରଣୀକରଣ—ଏହାଦ୍ୱାରା ବିଭାବାଦି ଓ ସ୍ଥାୟିଭାବଗଣ ବ୍ୟକ୍ତିଗତ ନ ହୋଇ ସାଧାରଣ ଭାବରେ ଜ୍ଞାତ ହୁଅନ୍ତି । ଯଥା—ବିଭାବ—ରାମ ସୀତା ବ୍ୟକ୍ତିଗତ ରାମ-ସୀତାରୂପେ ବୋଧ ନ ହୋଇ ନାୟିକା ସାମାନ୍ୟରୂପେ ଏବଂ ସେମାନଙ୍କର ସୀତାଙ୍କଠାରେ ରତି ମଧ୍ୟ ରାମଗତ ଓ ସୀତାଗତ ନ ହୋଇ ସାଧାରଣ ରତିରୂପରେ ବୁଝାଏ । ଭୋଜକତ୍ୱ ବଳରେ ସାଧାରଣ ଭାବରେ ସ୍ଥାୟିଭାବ

ସାଧାରଣ ଭାବରେ ବିଭାବାଦି ଯୋଗେ ଉତ୍ପନ୍ନ ହୁଏ । ବ୍ୟକ୍ତିବାଦୀ ଅଭିନବ ଗୁପ୍ତାଦିଙ୍କ ମତରେ—କାବ୍ୟରେ ଗୁଣାଳଙ୍କାର ଯୋଗେ ଓ ନାଟକରେ ଚତୁର୍ବିଧ ଅଭିନୟ—ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ଯୋଗେ ଲୋକପ୍ରସିଦ୍ଧ କାର୍ଯ୍ୟକାରଣ ସହକାରୀ ରୂପ—ସାଧାରଣଭାବେ ଗ୍ରହଣୀୟ ଅଲୌକିକ ବିଭାବାଦି ଶବ୍ଦରେ ନାମିତ ବିଭାବାଦି ଦ୍ୱାରା ଅନୁଭବଜନିତ ବାସନାରୂପରେ ସ୍ଥିତ ସ୍ଥାୟୀଭାବଗଣ ସାଧାରଣରୂପେ ଆସ୍ୱାଦ୍ୟମାନ ହୋଇ ରସରୂପରେ ବ୍ୟକ୍ତ ହୁଏ । ସ୍ଥାୟୀଭାବାଦିଙ୍କର ବାସ୍ତବ ଯୋଗେ ବ୍ୟଙ୍ଗ୍ୟବ୍ୟଞ୍ଜକ ସମ୍ବନ୍ଧରେ ରସ ବ୍ୟକ୍ତ ହୁଏ । ରସ ନିଷ୍ପତ୍ତିର ଅର୍ଥ ରସାଭିବ୍ୟକ୍ତି । ସାମାଜିକ ହୃଦୟରେ ବାସନାରୂପେ ବିଦ୍ୟମାନ ସ୍ଥାୟୀଭାବଗଣ ଲୌକିକ ସାଂସାରିକ କାରଣ—ଯଥା ନାୟକ, ନାୟିକା, ଚନ୍ଦ୍ର, ମଳୟପବନ, ଉଦ୍ୟାନାଦି ଦ୍ୱାରା ଅନୁମିତ ହୁଏ (ଅନୁମାନର ଅର୍ଥ ଏ ପ୍ରସଙ୍ଗରେ ଏହି ଯେ—ଏହି ବ୍ୟକ୍ତି ରତିମାନ୍, କାରଣ ରତିର କାର୍ଯ୍ୟ କଟାକ୍ଷାଦି ଏହାଙ୍କଠାରେ ଦେଖାଯାଉଅଛି—ଯାହାର କଟାକ୍ଷାଦି ନାହିଁ ସେ ରତିମାନ୍ ନୁହେଁ—ଯେପରି ବିରକ୍ତ, ସନ୍ନ୍ୟାସୀ ପ୍ରଭୃତି) ଓ କାବ୍ୟ ପାଠକ ଏବଂ ନାଟକ ଦ୍ରଷ୍ଟାଙ୍କ ଦ୍ୱାରା ଆସ୍ୱାଦିତ ହୁଏ ।' ସ୍ଥାୟୀଭାବଗଣ ବିଭାବାଦିଙ୍କ ଯୋଗେ ସାଧୁତାଲାଭ କରି ରସନାମରେ ଅଭିହିତ ହୁଅନ୍ତି । ତେଣୁ ରସ ବିନା ବିଭାବାଦି ପୃଥକ୍ ପ୍ରକାଶିତ ହୁଅନ୍ତି ନାହିଁ । ଅମ୍ଳ, ଖଣ୍ଡ, ମରିଚ ଓ କର୍ପୂରାଦି ଯୋଗେ ଏକ ଅପୂର୍ବ ଆସ୍ୱାଦବିଶିଷ୍ଟ ପାନକ ରସ ଗଠିତ ହୁଏ । ତାର ପାନକାଳରେ ଖଣ୍ଡ ମରିଚାଦିଙ୍କର ସ୍ୱତନ୍ତ୍ର ଆସ୍ୱାଦ ନ ମିଳି ସମୁଦ୍ଧ ପାନକ ରସର ଆସ୍ୱାଦ ମିଳେ । ସେହିପରି ବିଭାବାଦିଙ୍କ ସମସ୍ତ ଯୋଗ ରସନ ମଧ୍ୟରେ ଲୀନ ହୁଏ । ଏହାର ଆସ୍ୱାଦକାଳରେ ବିଭାବାଦି ସମୂହର ଆସ୍ୱାଦ ମିଳେ, ସ୍ୱତନ୍ତ୍ରଭାବରେ 'ସେମାନଙ୍କର ଆସ୍ୱାଦ ମିଳେ ନାହିଁ ।

"କାରଣଂ କାର୍ଯ୍ୟସଞ୍ଚାରିରୂପା ଅପି ହି ଲୋକତଃ ।
ରସୋଦ୍ବୋଧେ ବିଭାବାଦ୍ୟାଃ କାରଣାନ୍ୟେବ ତେ ମତାଃ ।
ପ୍ରତୀୟମାନଃ ପ୍ରଥମଂ ପ୍ରତ୍ୟେକଂ ହେତୁରୁଚ୍ୟତେ ।
ତତଃ ସମ୍ବଳିତାଃ ସର୍ବେ ବିଭାବାଦି ସଚେତସାମ୍ ।
ପ୍ରପାନକରସନ୍ୟାୟାଚ୍ଚର୍ବ୍ୟମାଣୋ ରସୋ ଭବେତ୍ ।"
(ସାହିତ୍ୟଦର୍ପଣ)

ଦର୍ପଣକାର ପୁନଶ୍ଚ କହନ୍ତି ବିଭାବାଦିଙ୍କ ମଧ୍ୟରୁ ଗୋଟିଏ ବା ଦୁଇଟି ଥିଲେ ମଧ୍ୟ ଅନ୍ୟର ବା ଅନ୍ୟଙ୍କ ଅଧ୍ୟାହାରରେ ' ରସବୋଧ ହୁଏ ଓ ଦୋଷ ସମ୍ଭବେ ନାହିଁ । "ସଦ୍ଭାବଶ୍ଚେଦ୍ ବିଭାବାଦେର୍ଦ୍ୱୟୋରେକସ୍ୟ ବା ଭବେତ୍ ।
ଝଟିତ୍ୟନ୍ୟସମାକ୍ଷେପେ ତଦା ଦୋଷୋ ନ ବିଦ୍ୟତେ ।"

## ଅଭିଧା

ରସ ସ୍ୱୟଂ ମଧ୍ୟ ଅଭିଧା ବୃତ୍ତିରେ ବାଚ୍ୟ ହୋଇ ପାରେ ନାହିଁ । ଯଦି ବାଚ୍ୟ ହୁଏ ତେବେ ତାହା ସ୍ୱଶବ୍ଦଦ୍ୱାରା ( ଜାତିର ନାମ ସାମାନ୍ୟଭାବରେ ରସ ଏ ଶବ୍ଦଦ୍ୱାରା ) ବା ଶୃଙ୍ଗାରାଦି ଶବ୍ଦଦ୍ୱାରା ( ବିଶେଷ ଯଥା:—ଶୃଙ୍ଗାର, କରୁଣ, ବୀଭତ୍ସ ) କଥିତ ହେବ । ଏହା କିନ୍ତୁ ସମ୍ଭବପର ନୁହେଁ । ବିଭାବାଦିର ପ୍ରୟୋଗ ନ କରି "ଶୃଙ୍ଗାର, ଶୃଙ୍ଗାର" ଶବ୍ଦ ଶହେ ଥର ଉଚ୍ଚାରଣ କରିଲେ ରସର ପ୍ରତୀତି ହେବ ନାହିଁ । ବିଭାବାଦିଙ୍କର ପ୍ରୟୋଗରେ ଓ ରସ ଶବ୍ଦର ଅପ୍ରୟୋଗରେ ଅର୍ଥାତ୍ ବିଭାବ ଅନୁଭାବାଦିଙ୍କ ଯୋଗରେ ଓ ରସ ଶବ୍ଦର ସ୍ଥାନର ଅଭାବରେ ମଧ୍ୟ ରସ ପ୍ରତୀତ ହୁଏ । ଏହି ଅନ୍ୱୟ ବ୍ୟତିରେକ ବ୍ୟାପାର ଦ୍ୱାରା ଅର୍ଥାତ୍ ବିଭାବାଦିଙ୍କ ହେତୁରେ ରସ ନିଷ୍ପତ୍ତି ଓ ବିଭାବାଦିଙ୍କ ଅଭାବରେ ରସ ଅନିଷ୍ପତ୍ତି ହେତୁ ଅଭିଧା ବୃତ୍ତିଦ୍ୱାରା ରସ ନିଷ୍ପନ୍ନ ହୁଏ ନାହିଁ ।

## ତାତ୍ପର୍ଯ୍ୟ

ରସ ତାତ୍ପର୍ଯ୍ୟବୃତ୍ତିରେ ଲବ୍ଧ ହୁଏ, ଏହା ମଧ୍ୟ ଠିକ୍ ନୁହେଁ । କାରଣ ରସ ଅଭିଧା ବୃତ୍ତିରେ ଲଭ୍ୟ ନୁହେଁ । ଅଭିଧା ବୃତ୍ତି ଉପରେହିଁ ତାତ୍ପର୍ଯ୍ୟ ଅବସ୍ଥିତ । ବିଧେୟ ଓ ଅନୁବାଦ୍ୟ ଯୋଗରେ ବିଧେୟ କିମ୍ବା ଅନୁବାଦ୍ୟ ଉଦ୍ଦିଷ୍ଟ ବା ଅଭିପ୍ରେତ । ଅନୁବାଦ୍ୟ ବା ସିଦ୍ଧ ହେଉଛି ସେ ଶବ୍ଦ, ଯାହାର ଅର୍ଥ ଆଗରୁ ଅନ୍ୟ ଉପାୟରୁ ଜଣା ଯାଇଥାଏ । ସାଧ୍ୟ ବା ବିଧେୟର ଅର୍ଥ ହେଉଅଛି ସେ ଅର୍ଥ ସାଧନ ବା ଲାଭ କରିବାକୁ ହେବ, ଯାହା ଜଣା ନ ଥିଲା ବର୍ତ୍ତମାନ ଜଣା ଯାଉଅଛି । ସିଦ୍ଧ ବା ଅନୁବାଦ୍ୟ ସାଧ୍ୟ ବା ବିଧେୟପର ହେଲେ ତାତ୍ପର୍ଯ୍ୟ ହୁଏ । ବାଳକମାନଙ୍କ ମଧ୍ୟରେ ରାମ, ଶ୍ୟାମ ଓ ଗୋବିନ୍ଦ ଦୁଷ୍ଟ । ଏହି ବାଳକଙ୍କ ଦୁଷ୍ଟତ୍ୱ ଏଠାରେ ବିଧେୟ । ସ୍କୁଲପଣ୍ଡିତଙ୍କ ପୋଲିସ ଯାଉଅଛନ୍ତି । ପୋଲିସମାନଙ୍କ ଯିବା ଅନ୍ୟ ପ୍ରମାଣରୁ ଲବ୍ଧ ହୋଇଅଛି । ଜଳ ପଡ଼ିବାର ଖବର ହେଲା ଏଠାରେ ବିଧେୟ ( ଅପ୍ରାପ୍ତ ଯେ ସେ ବିଧେୟ; ଆଗରୁ ଜଣା ନ ଥିଲା, ପ୍ରାପ୍ତ ହୋଇ ନ ଥିଲା, ବର୍ତ୍ତମାନ ପ୍ରାପ୍ତ ହେଲା ) । ଏହିପରି ଅନ୍ୟ ପ୍ରକାରରେ ଅପ୍ରାପ୍ତ ହେବା ଯେତେବେଳେ ବିଧେୟର କଥନ ହୁଏ ଏବଂ ସେହିଭଳି ଅର୍ଥରେ ତାତ୍ପର୍ଯ୍ୟ ନାମକ ବ୍ୟାପାର ଘଟେ । କିନ୍ତୁ ପ୍ରସ୍ତୁତ ସ୍ଥଳରେ ହୁଏ ନାହିଁ । ଯଦି ପ୍ରତୀତ ମାତ୍ର ଅର୍ଥରେ ତାତ୍ପର୍ଯ୍ୟର ପ୍ରୟୋଗ ସମ୍ଭବପର ହୁଏ, ତେବେ ଆଗ ଘୋଡ଼ା ଦଉଡ଼ୁଛି, ଏହା କହିଲେ ପଛ ଘୋଡ଼ା ଦଉଡ଼ୁଛି; ଏ ଅର୍ଥ ମଧ୍ୟ ଆସିଯିବ । ପଛ ଦଉଡ଼ୁ ବା ନ ଦଉଡ଼ୁ, ସେଥିରେ ତାତ୍ପର୍ଯ୍ୟର କିଛି ଯାଏ ଆସେ ନାହିଁ । ତେଣୁ ରସ ତାତ୍ପର୍ଯ୍ୟଗମ୍ୟ ନୁହେଁ ।

## ଲକ୍ଷଣା

ରସ ମଧ୍ୟ ଲକ୍ଷଣାଗମ୍ୟ ବା ଲକ୍ଷଣୀୟ ନୁହେଁ । କାରଣ ଲକ୍ଷଣାବୃତ୍ତିରେ ମୁଖ୍ୟାର୍ଥର ବାଧା ଥାଏ । ତେଣୁ ରସବୋଧରେ ମୁଖ୍ୟାର୍ଥର ବାଧା ନ ଥିବାରୁ ରସ ଲକ୍ଷଣୀୟ ନ ହୋଇ ବ୍ୟଙ୍ଗ୍ୟ ହୁଏ,

( ମୁଖ୍ୟାର୍ଥ ବାଧେ ତଦ୍ୟୁକ୍ତୋ ଯୟାନ୍ୟାର୍ଥଃ ପ୍ରତୀୟତେ ।
ରୂଢ଼େଃ ପ୍ରୟୋଜନାଦ୍ୱାଽସୌ ଲକ୍ଷଣା ଶକ୍ତିରର୍ପିତା — ଦର୍ପଣ)

## ଅନୁମାନ

ରସ ମଧ୍ୟ ଅନୁମେୟ ନୁହେଁ । ବିଭାବାଦି ରସର ବ୍ୟଞ୍ଜକମାତ୍ର । ଲୌକିକ କାରଣ ତୁଲ୍ୟ ସେମାନେ କାରଣ ନୁହନ୍ତି । ଲିଙ୍ଗ ସାଧ୍ୟ ଦ୍ୱାରା ବ୍ୟାପ୍ତ ହୁଏ ଯଥା—"ପର୍ବତୋ ବହ୍ନିମାନ୍ ଧୂମାତ୍" । ଏଠାରେ ଧୂମ ହେଉଛି ଲିଙ୍ଗ । ଯେଉଁଠାରେ ଧୂଆଁ ଥାଏ, ସେହିଠାରେ ନିଆଁ ଥାଏ । ପର୍ବତରେ ଧୂମ ଅଛି, ତେଣୁ ପର୍ବତ ବହ୍ନିମାନ୍ । ଏଠାରେ ଲିଙ୍ଗ ଧୂମ, ବହ୍ନି ସାଧ୍ୟ । ବହ୍ନି ଧୂମ ଦ୍ୱାରା ବ୍ୟାପ୍ତ, କାରଣ ବହ୍ନିର କାର୍ଯ୍ୟ ଧୂମ । ଅଗ୍ନିବ୍ୟତୀତ ଧୂମ ହୋଇପାରେ ନାହିଁ । ଅନୁମାନ ପ୍ରସଙ୍ଗରେ ଧୂମକୁ ଆମେ କାରଣରୂପେ ଧରନ୍ତୁ । ଲୌକିକ କାରଣ ବା ଲିଙ୍ଗ ( ଧୂମପରି ) ବିଭାବାଦିଙ୍କୁ ଓ କାରଣ ଭାବି ରସକୁ ଅନୁମାନ କରାଯାଇ ପାରିବ ନାହିଁ । କାରଣ ବିଭାବାଦି ବ୍ୟଞ୍ଜକମାତ୍ର; କିନ୍ତୁ ରସାଦିର ବିଭାବାଦି-ମାନେ ଲିଙ୍ଗ ହୋଇ ନ ପାରନ୍ତି ।

## ପ୍ରତ୍ୟକ୍ଷ

ରସ ପ୍ରତ୍ୟକ୍ଷଗମ୍ୟ ନୁହେଁ । ପ୍ରତ୍ୟକ୍ଷ ନିର୍ବିକଳ୍ପ ଓ ସବିକଳ୍ପକରୂପେ ଦ୍ୱିବିଧ । ସବିଶେଷ ଜ୍ଞାନ ଅର୍ଥାତ୍ ବିଶେଷ ଭାବରେ ବିଶିଷ୍ଟ ଧର୍ମ ବା ଗୁଣଦ୍ୱାରା ଯାହାର ବୋଧ ହୁଏ, ତାହାର ଜ୍ଞାନ ସବିକଳ୍ପକ । ବିଶିଷ୍ଟ ଭାବରେ ବୋଧ ନ ହୋଇ ମୋଟାମୋଟି ସାମାନ୍ୟ ଭାବରେ ଯାହାର ବୋଧହୁଏ, ତାହା ନିର୍ବିକଳ୍ପକ । ରସ ନିର୍ବିକଳ୍ପକ ହୋଇ ନ ପାରେ, କାରଣ ବିଭାବ-ଅନୁଭାବାଦିଙ୍କ ଦ୍ୱାରା ତାହାର ନିଷ୍ପତ୍ତି ହୁଏ । ସବିକଳ୍ପକ ମଧ୍ୟ ହୋଇ ନ ପାରେ, କାରଣ ସବିକଳ୍ପକ ନିର୍ବିକଳ୍ପକ ଉପରେ ପ୍ରତିଷ୍ଠିତ । ବିଶିଷ୍ଟ ବାକ୍ୟାଦିର ଅନୁଶୀଳନ ତଥା ବିଭାବାଦିଙ୍କ ବୋଧର ସାହଚର୍ଯ୍ୟରେ ରସର ନିଷ୍ପତ୍ତି ହୁଏ; ତେଣୁ ରସ ନିର୍ବିକଳ୍ପକ ନୁହେଁ । ପୁନଶ୍ଚ ସବିକଳ୍ପକ ବିଷୟରେ କାବ୍ୟପ୍ରକାଶକାର ପ୍ରମାଣାନ୍ତର ଦର୍ଶାଇ କହନ୍ତି ଯେ, ରସ ଅଲୌକିକ ଆନନ୍ଦସ୍ୱରୂପ । ତାହା ସାମାଜିକଙ୍କ ଦ୍ୱାରା ଆସ୍ୱାଦିତ ହୁଏ । ସ୍ୱୟଂ ପ୍ରକାଶମାନ ହୋଇ ଜ୍ଞାନର ବିଷୟୀଭୂତ ହୁଏ ବୋଲି ଏହା ଲୌକିକ କାରଣକୁ ଅପେକ୍ଷା କରେ ନାହିଁ । ରସର ନିଷ୍ପତ୍ତିରେ ଲୌକିକ କାର୍ଯ୍ୟ-କାରଣ ଭାବ ସମ୍ଭବେ ନାହିଁ । କାରଣ ନାଶରେ କାର୍ଯ୍ୟର

ଉତ୍ପନ୍ନ ହୁଏ । ଯଥା ଘଟରୂପ କାର୍ଯ୍ୟରେ କୁଲାଲରୂପ କାରଣ ବିଦ୍ୟମାନ ନ ଥାଏ; କିନ୍ତୁ ରସରେ ବିଭାବାଦି ସମୂହଙ୍କର ନାଶ ହୁଏ ନାହିଁ । ବିଭାବାଦି ଲୌକିକ କାରଣ ନ ହୋଇ ଅଲୌକିକ ହେତୁ କାରଣରୂପେ ଅଲୌକିକ କାର୍ଯ୍ୟରୂପ ରସ ସହିତ ବିଦ୍ୟମାନ ଥାଆନ୍ତି । ତେଣୁ ପ୍ରକାଶାନନ୍ଦ ଚିନ୍ମୟସ୍ୱରୂପ ଅଲୌକିକ ରସର ଲୌକିକ ପ୍ରମାଣ ଦ୍ୱାରା ବୋଧ ହୋଇପାରେ ନାହିଁ ।

## ଜ୍ଞାପ୍ୟ

ରସ ମଧ୍ୟ ଜ୍ଞାପ୍ୟ ନୁହେଁ । ଜ୍ଞାନର ବିଷୟରୂପେ ଏହା ଜଣାଯାଏ ନାହିଁ । ସାଧାରଣ ଉପାୟଦ୍ୱାରା ରସ ଜ୍ଞାତ ହୋଇ ପାରେ ନାହିଁ, କାରଣ ସମାଜଙ୍କ ସ୍ଥାୟୀଭାବ ଉତ୍ପାଦ ଅଜ୍ଞାତ । ତାହା ବର୍ତ୍ତମାନ ସ୍ଥାନ ଓ କାଳର ଇନ୍ଦ୍ରିୟର ଗୋଚରରେ ଆସି ପାରିବ ନାହିଁ । ମନୀଷୀ କହନ୍ତି ଯେ ସିଦ୍ଧ ବସ୍ତୁହିଁ ଜ୍ଞାନର ବିଷୟ ହୁଏ । ରସ ସିଦ୍ଧବସ୍ତୁ ନୁହେଁ, ତେଣୁ ତାହା ଜ୍ଞାପ୍ୟ ହୋଇ ନ ପାରେ । ଘଟ ସିଦ୍ଧବସ୍ତୁ, ତାହା ଦର୍ଶନ ଇନ୍ଦ୍ରିୟଦ୍ୱାରା ଜଣାଯାଏ । ରସ ଘଟପରି ନିଷ୍ପନ୍ନ ହୋଇ ବିଦ୍ୟମାନ ହେଉ ନ ଥିବାରୁ ତାହା ସିଦ୍ଧ ନୁହେ, ତେଣୁ ତାହା ଜ୍ଞାପ୍ୟ ନୁହେଁ । ସାହିତ୍ୟଦର୍ପଣକାର କହନ୍ତି—ଜ୍ଞାନର ବିଷୟୀଭୂତ ସିଦ୍ଧ ପଦାର୍ଥ ମଧ୍ୟ ସମସ୍ତ ସମୟରେ ଜଣାଯାଏ ନାହିଁ । ଘଟ ଜ୍ଞାପ୍ୟ ହୋଇ ମଧ୍ୟ କେବେ କେବେ ଜଣାଯାଏ ନାହିଁ । ରସ ସେପରି ନୁହେ; କାରଣ ରସର ବୋଧ ବିନା ତାହାର ଅସ୍ତିତ୍ୱ ନାହିଁ ।

## ସ୍ମରଣ

ରସ ସ୍ମରଣର ବିଷୟ ନୁହେଁ । ପଦାର୍ଥ ସହିତ ଇନ୍ଦ୍ରିୟର ସଂଯୋଗ ତଥା ଅନ୍ୟ କାରଣରୁ ପଦାର୍ଥର ଜ୍ଞାନ ହୁଏ । ପଦାର୍ଥଜ୍ଞାନ ମନରେ ଗୋଟିଏ ସଂସ୍କାର ପ୍ରଦାନ କରେ । ସଂସ୍କାରର ଜାଗରଣରେ ସମୟ ବିଶେଷରେ ପଦାର୍ଥର ସ୍ମୃତି ଜାତ ହୁଏ । ସଂସ୍କାର ହେତୁ ଅନୁଭବକୁ ସ୍ମୃତିର କାରଣ-ରୂପେ ଗ୍ରହଣ କରିବାକୁ ହେବ । ଅନୁଭବ ପ୍ରତ୍ୟକ୍ଷରେ ରସରେ ନାହିଁ, ବିଭାବାଦିଙ୍କ ଅନୁଭବ ରସରେ ଅପେକ୍ଷିତ କରାଯାଏ ମାତ୍ର । ଯଦି ଅନୁଭବର ବିଷୟରୂପେ ରସକୁ ସ୍ୱୀକାର କରାହୁଏ, ତେବେ ତାହା କାର୍ଯ୍ୟ ହୋଇ ପାରିବ ନାହିଁ । ଅନୁଭବର ଅଭାବରେ ସ୍ମୃତିର ଅଭାବ । ରସ ସ୍ମୃତିର ବିଷୟ ନୁହେଁ, ତେଣୁ ତାହା କାର୍ଯ୍ୟ ।

## ଶୃଙ୍ଗାର

ଶୃଙ୍ଗାର ଦ୍ୱିବିଧ, ସମ୍ଭୋଗ ଓ ବିପ୍ରଲମ୍ଭ । ସ୍ଥାୟୀଭାବ—ରତି । ଆଲମ୍ବନ—ସ୍ତ୍ରୀ ପୁରୁଷ । ଉଦ୍ଦୀପନ—ବସନ୍ତାଦି ଋତୁ, ମାଲ୍ୟ, ଅନୁଲେପନ, ଅଳଙ୍କାର, ଚନ୍ଦ୍ର, ଚନ୍ଦ୍ରିକା, ଚନ୍ଦନ, ଉପବନ, ମଳୟ ପବନ, ଏକାନ୍ତ

ସ୍ମିତାଦି । ଅନୁଭାବ—ନୟନଭଙ୍ଗୀ, ଭ୍ରୂବିକ୍ଷେପ, କଟାକ୍ଷ, ଲଳିତ ମଧୁର ଅଙ୍ଗ ବିକ୍ଷେପ, ମୁଖାବଲୋକନ, ଗୁଣ ଶ୍ରବଣ ଓ କୀର୍ତ୍ତନ, ସ୍ମିତସ୍ୱେଦାଦି । ବ୍ୟଭିଚାରୀ—ଉଗ୍ରତା, ମରଣ, ଆଳସ୍ୟ ଓ ଜୁଗୁପ୍ସା ବ୍ୟତୀତ ନିର୍ବେଦାଦି ଅନ୍ୟ ସମସ୍ତ ଭାବ । ବିପ୍ରଲମ୍ଭ ଶୃଙ୍ଗାରରେ ଅନୁଭାବ—ନିର୍ବେଦ, ଗ୍ଲାନି, ଶଙ୍କା, ଅସୂୟା, ଶ୍ରମ, ଚିନ୍ତା, ଔତ୍ସୁକ୍ୟ, ନିଦ୍ରା, ସ୍ୱପ୍ନ, ବିବ୍ବୋକ, ବ୍ୟାଧି, ଉନ୍ମାଦ ଓ ଅପସ୍ମାର ଆଦି । ଶୃଙ୍ଗାରର ବର୍ଣ୍ଣ ଶ୍ୟାମ, ଦେବତା ବିଷ୍ଣୁ । ଶୃଙ୍ଗାରର ବିଭାଗ—ଅଯୋଗ, ବିପ୍ରଯୋଗ ଓ ସଂପ୍ରଯୋଗ ( ସମ୍ଭୋଗ ) । ପରସ୍ପରର ସମାଗମରେ ସଂଯୋଗ ବା ସମ୍ଭୋଗ, ତାହାର ଅଭାବରେ ଅଯୋଗ । ପରାଧୀନତା ହେତୁ, ଦୂରଦେଶାବସ୍ଥାନ, ଦୈବପିତୃ ଗୁରୁଙ୍କ ଅଧୀନତା ହେତୁ ଅସମାଗମ ବଶତଃ ଅଯୋଗ ହୁଏ । ଅଯୋଗ ଓ ବିପ୍ରଯୋଗରେ ବିପ୍ରଲମ୍ଭ ଶୃଙ୍ଗାର । କେତେକଙ୍କ ମତରେ ବିପ୍ରଲମ୍ଭ ଚତୁର୍ବିଧ—ପୂର୍ବରାଗ, ମାନ, ପ୍ରବାସ ଓ କରୁଣ । କେତେକ କରୁଣକୁ ଭେଦରୂପେ ମାନନ୍ତି ନାହିଁ । ସାହିତ୍ୟଦର୍ପଣକାରଙ୍କ ମତରେ କରୁଣକୁ ବିପ୍ରଲମ୍ଭ ଶୃଙ୍ଗାରର ଭେଦବିଶେଷରୂପେ ସ୍ୱୀକାର କରିବାର ଅର୍ଥ ଏହି ଯେ, ତାହା ପ୍ରଥମତଃ କରୁଣ ରସରୂପେ ସ୍ଥିତ ହେଲେହେଁ ପରେ ଆକାଶବାଣୀ ଶ୍ରବଣ ବା ଦୈବବଳରୁ ଶୃଙ୍ଗାରର ସ୍ୱରୂପ ପ୍ରାପ୍ତ ହୁଏ । ସଙ୍ଗମ ପ୍ରତ୍ୟାଶାରେ ରତିର ଉତ୍ପତ୍ତି ହୁଏ । "ପୁନରଲଭ୍ୟେ ଶରୀରାନ୍ତରେଣ ବା ଲଭ୍ୟେ ତୁ କରୁଣାଖ୍ୟ ଏବ ରସଃ । ଯତ୍ରାକାଶସରସ୍ୱତୀ ଭାଷାନନ୍ତରମେବ ଶୃଙ୍ଗାରଃ । ସଙ୍ଗମ ପ୍ରତ୍ୟାଶାୟା ରତେରୁଦ୍ଭବାତ୍ । ଅସ୍ୟଂ ତୁ କରୁଣଃ ଇତ୍ୟପରେ ମନ୍ୟନ୍ତେ ।" କିନ୍ତୁ ପ୍ରାଚୀନ ପଣ୍ଡିତମାନେ ଏହାକୁ କରୁଣ ରସରୂପେ ଗ୍ରହଣ କରିଅଛନ୍ତି । ମମ୍ମଟଭଟ୍ଟ ବିପ୍ରଲମ୍ଭକୁ ଅଯୋଗରେ ପଞ୍ଚବିଧ କହନ୍ତି । ଅଭିଳାଷ ହେତୁକ (ପୂର୍ବରାଗ) ବିରହହେତୁକ, ଈର୍ଷାହେତୁକ, ପ୍ରବାସହେତୁକ ଓ ଶାପହେତୁକ । ଦଶରୂପକ ଗ୍ରନ୍ଥ 'ମତରେ ବିପ୍ରଲମ୍ଭ ଶୃଙ୍ଗାରର ଦଶଟି ଅବସ୍ଥା', ତାହା ଯଥାକ୍ରମେ ଅଭିଳାଷ, ଚିନ୍ତନ, ସ୍ମୃତି, ଗୁଣକଥା, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ସଂଜ୍ୱର, ଜଡ଼ତା ଓ ମରଣ । ସମାଗମର ପୂର୍ବ ଅଯୋଗ ବା ପୂର୍ବରାଗରେ ସମାଗମ ପର ବିପ୍ରଯୋଗରେ ଏହି ଦଶ ଦଶା ଦେଖା ଯାଉଥାଏ । ଦର୍ଶନ ଓ ଶ୍ରବଣ ଯୋଗୁଁ ପୂର୍ବର ଅନୁରାଗରେ ସ୍ପୃହା, ତାହା ତ୍ରିବିଧ—ବିସ୍ମୟ, ଆନନ୍ଦ ଓ ସାଧ୍ୱସ ହେତୁକ । ସାକ୍ଷାତ୍ ଦର୍ଶନ, ଚିତ୍ର, ସ୍ୱପ୍ନରେ ମାତ୍ର ଦର୍ଶନ, ସଖୀ ଗୀତ ଓ ମାଗଧାଦିଙ୍କ ଗୁଣ ପ୍ରଶଂସା ଶ୍ରବଣରେ ଅଭିଳାଷ ହୁଏ (ପୂର୍ବରାଗ) । ସାତ ପ୍ରଣୟ ଛାଡ଼ି ନାୟକ ନାୟିକାଙ୍କ ବିରହର ଦୁଇଟି ଭେଦ ହୁଏ, ତାହା ମାନ ଓ ପ୍ରବାସ । ମାନ ପୁଣି ଦ୍ୱିବିଧ—ପ୍ରଣୟମାନ ଓ ଈର୍ଷାମାନ । ପ୍ରେମରେ ବଶୀକରଣହିଁ ପ୍ରଣୟ । ପ୍ରଣୟର ଭଙ୍ଗରେ ମାନକୁ ପ୍ରଣୟମାନ କହନ୍ତି । ତାହା ନାୟକ ନାୟିକା ଉଭୟଙ୍କର । ପ୍ରିୟର ଅନ୍ୟ ସ୍ତ୍ରୀସଙ୍ଗମ ପରେ

ନାୟିକାର ଚୌଷଟ ନାମ ଈର୍ଷ୍ୟାମାନ । ତାହାଂ ଶ୍ରବଣ, ଅନୁମାନ ଓ ଦର୍ଶନ-ଜନିତ । ଏଠାରେ ମାନ ଈର୍ଷାହେତୁକ ଗୁରୁତର । ଶ୍ରବଣ ସଖୀ ମୁଖରୁ; ଅନୁମାନ ଉତ୍ସ୍ୱପ୍ନାୟିତ (ବଳବଳାଇବା), ଭୋଗାଙ୍କ ଓ ଗୋତ୍ର ସ୍ଖଳନରୁ (କୃଷ୍ଣ ଦ୍ୱାରା ଅସାବଧାନତାରେ ଅନ୍ୟାର ନାମ କହିଦେବା) ଓ ଦର୍ଶନ ଚକ୍ଷୁ ଗୋଚରରୁ ଜାତ ହୁଏ । ଏହି ମାନ ନିବାରଣ ଉପାୟ ଛଅ ପ୍ରକାର—ସାମ, ଭେଦ, ଦାନ, ନତି, ଉପେକ୍ଷା ଓ ରସାନ୍ତର । ମଧୁର ବଚନର ନାମ ସାମ । ନାୟିକାର ସଖୀକୁ ହସ୍ତଗତ କରିବା ଭେଦ । ଛଳରେ ଭୂଷଣାଦି ଅର୍ପଣର ନାମ ଦାନ । ପାଦପତନର ନାମ ନତି । ସାମାଦି ପ୍ରୟୋଗ ବ୍ୟର୍ଥ ହେଲେ ଅବହେଳା ପ୍ରଦର୍ଶନ ଉପେକ୍ଷା । ଭୟ, ହାସ ଇତ୍ୟାଦି ରୂପ ରସାନ୍ତରକୁ ତୋଳିବାପଂଶର ନାମ ରସାନ୍ତର । ପ୍ରବାସ ବିପ୍ରୟୋଗ ତ୍ରିବିଧ—କାର୍ଯ୍ୟଜାତ, ସମ୍ଭ୍ରମଜାତ ଓ ଶାପଜ । କାର୍ଯ୍ୟଜାତ ତ୍ରିବିଧ—ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ସମ୍ଭ୍ରମଜ—ଉତ୍ପାତ ନିର୍ଘାତ ବାତାଦି ଜନ୍ୟ ବିପ୍ଳବରୁ ଜାତ । ଶାପଜ—ନିକଟରେ ଥାଇ ମଧ୍ୟ ଶାପ ହେତୁ ସ୍ୱରୂପର ଅନ୍ୟ ପ୍ରକାର ହେବା । ଚତୁର୍ବିଧ ବିପ୍ରଲମ୍ଭର ପରେ ସମ୍ଭୋଗ ମଧ୍ୟ ଚତୁର୍ବିଧ । ଭୟ, ରତି, ପ୍ରୀତି, ସ୍ତବ, ରାଗ, ବେଗ ସମାପ୍ତି ଏମାନେ ରତିର ପର୍ଯ୍ୟାୟ—ଫଳାବସ୍ଥା ଦ୍ୱୟଃ । ହେତ୍ୱବସ୍ଥା ଚ ରତମ୍ । ତତ୍ରୋଃ ପର୍ଯ୍ୟାୟଶବ୍ଦାନାମେକାର୍ଥତ୍ୱେଽପି କିଞ୍ଚିତ୍ ଭେଦ୍ୟତେ । ଯଥା ଐଶ୍ୱର୍ଯ୍ୟୋଦ୍ଭାବନ୍ତଃ । ଶତ୍ରୁଯୋଗାତ୍ ଶଙ୍କାଃ । ତତ ଉପସ୍ଥିତ୍ୟେଣ ଭୟନାଦନୁଭବନାଦ୍ଭୟଃ । ଫଳାବସ୍ଥାୟାଂ ସୁଖହେତୁ ତଦ୍‌ପର୍ଯ୍ୟଦନେନ ରମଣାଦ୍ରତିଃ । ତଦ୍ ପ୍ରସ୍ଫୁରଣାତ୍ ପ୍ରୀତିଃ । କାମିତାର୍ଥ୍ୟେନ ସ୍ତବେନ ସ୍ତବ୍ୟମାନତ୍ୱାତ୍ ସ୍ତବଃ । ତଦ୍‌ରଞ୍ଜନାତ୍ ରାଗଃ । ସ୍ୱଗନ୍ଧାତୋଃ ସୁଖାତ୍ତିବାବସ୍ୟ ନାଡ଼ୀମୁଖାତ୍ ପୃଥକ୍ ଭବନାଦ୍ ବେଗଃ । ରତସ୍ୟ ସମାପନତ୍ୱ ସମାପ୍ତିଃ । ସମ୍ପ୍ରୟୋଗ, ରତ, ଲଟି, ଶୟନ, ମୋହନ ଓ ସୁରତ ଏକପର୍ଯ୍ୟାୟ—ସଙ୍ଗତୟୋଃ ସ୍ତ୍ରୀପୁଂସୟୋଃ ସମ୍ୟକ୍ ପ୍ରକୃଷ୍ଟୋ ଯୋଗଃ ସମ୍ପ୍ରୟୋଗଃ । ହେତ୍ୱବସ୍ଥାୟାଂ କାନ୍ତାୟାମଙ୍କ ପରିଷ୍ୱଙ୍ଗେନ ରମଣାଦ୍ ରତମ୍ । ଉନ୍ମଥବ୍ୟଭିଚାରମନ୍ୟଂ ରଭସ୍ୱଗାଢ ଲଟଃ । ଶୟନାସ୍ତୁ ପ୍ରଧାନୀକରୟୋଃ ଶୟନାତ୍ ଶୟନମ୍ । ଅନ୍ୟ ବ୍ୟାପାରେଭ୍ୟୋ ମୋହନାଦ୍ ବୈଚିତ୍ର୍ୟକରଣାତ୍ ମୋହନମିତି । ସମ୍ପ୍ରୟୋଗର ଚତୁଃଷଷ୍ଟି ଭେଦ—ଆଲିଙ୍ଗନ ଚୁମ୍ବନ ନଖଚ୍ଛେଦ୍ୟ ଦଶନଚ୍ଛେଦ୍ୟ ସଂବେଶନ ଶୀତ୍କୃତ ପୁରୁଷାୟିତ ଔପରିଷ୍ଟକ ଭେଦ ମଧ୍ୟାନାମଷ୍ଟଧା ବିକଳ୍ପଭେଦା ଅଷ୍ଟାବିଂଶତିଶ୍ଚତୁଃଷଷ୍ଟି ରିତି ବାଭ୍ରବୀୟାଃ—କାମସୂତ୍ର । କରୁଣ ଓ ବିପ୍ରଲମ୍ଭର ମଧ୍ୟ ଭେଦ ଏହି ଯେ ବଧ ବନ୍ଧନାଦିରୁ ଜାତ କରୁଣ—ତାହା ନିରପେକ୍ଷ (ଆଲମ୍ବନର ନାଶରୁ); ବିପ୍ରଲମ୍ଭରେ ଅପେକ୍ଷା ଅଛି ନାୟିକାଙ୍କ ଠାରେ । ଏବଂ କରୁଣ ଅନ୍ୟ ବିପ୍ରଲମ୍ଭ । କରୁଣନ୍ତୁ ଶାପକ୍ଲେଶ......ବଧ

ବର୍ଦ୍ଧନସମ୍ଭୂତ ନବପ୍ରେମଭାବ ଔତ୍ସୁକ୍ୟ ତଦ୍ଭାବସମ୍ଭୂତ ସାପେକ୍ଷ ଭାବେ। ବିପ୍ରଲମ୍ଭକୃତଃ ଏବମନ୍ୟାନ୍ୟକର୍ତ୍ତୃଣଃ ଅନ୍ୟସ୍ତୁ ବିପ୍ରଲମ୍ଭଃ ଏବଂ ସଂଶ୍ଳେଷ ସମ୍ଭୋଗଃ ଶୃଙ୍ଗାରେ ଭବତି।

## ହାସ୍ୟ

ସ୍ଥାୟୀଭାବ—ହାସ। ବିଭାବ—ବିକୃତବେଶାଲଙ୍କାର, ଧୃଷ୍ଟତା, ଲୌଲ୍ୟ, ଅସତ୍ ପ୍ରଳାପ, ବ୍ୟଙ୍ଗଦର୍ଶନ, ଦୋଷୋଦାହରଣ। ଅନୁଭାବ—ଓଷ୍ଠଦଂଶନ, ନାସା କପୋଳ ସ୍ପନ୍ଦନ, ଦୃଷ୍ଟି ବିସ୍ତାର ଓ ସଙ୍କୋଚ, ସ୍ୱେଦ, ମୁଖର ରକ୍ତିମା ଓ ପାର୍ଶ୍ୱ ଗ୍ରହଣ। ବ୍ୟଭିଚାରୀ—ଆଳସ୍ୟ, ଅବହିତ୍ଥା, ତନ୍ଦ୍ରା, ନିଦ୍ରା, ସ୍ୱପ୍ନ, ପ୍ରବୋଧ ଓ ଅସୂୟାଦି। ହାସ୍ୟ ଦ୍ୱିବିଧ—ଆତ୍ମସ୍ଥ ଓ ପରସ୍ଥ। ତାହା ନିଜେ ହସିବା ଓ ପରକୁ ହସାଇବା। ହାସ୍ୟର ଭେଦ ଛ'ଗୋଟି। ତାହା ଯଥାକ୍ରମେ—ସ୍ମିତ, ହସିତ, ବିହସିତ, ଉପହସିତ ଅପହସିତ ଓ ଅତିହସିତ—ସ୍ମିତ ହସିତ ଉତ୍ତମଙ୍କର। ବିହସିତ ଉପହସିତ ମଧ୍ୟମଙ୍କର। ଅପହସିତ ଓ ଅତିହସିତ ଅଧମଙ୍କର। ଈଷତ୍ ଫୁଲ୍ଲକପୋଳ, ମୃଦୁକଟାକ୍ଷ, ଅଦୃଶ୍ୟଦନ୍ତ ଓ ମଧୁର ହାସ୍ୟରେ ସ୍ମିତ। ଉତ୍ଫୁଲ୍ଲମୁଖ ନେତ୍ର ଓ କପୋଳ ଓ କିଞ୍ଚିତ୍ ଦନ୍ତ ଲକ୍ଷିତ ହେଲେ ହସିତ। କୁଞ୍ଚିତ କପୋଳ ଓ ଚକ୍ଷୁ, ମଧୁରସ୍ୱର ଓ ମୁଖର ରକ୍ତିମା ପ୍ରଦର୍ଶନରେ ବିହସିତ। ଉତ୍ଫୁଲ୍ଲ ନାସିକା, କୁଟିଳ ଦୃଷ୍ଟିପାତ, କୁଞ୍ଚିତ ସ୍କନ୍ଧ ଓ ଶିରରେ ଉପହସିତ। ଅସ୍ଥାନରେ ହସିବା, ଅଶ୍ରୁଯୁକ୍ତ ଦୃଷ୍ଟି, ସ୍କନ୍ଧ ଓ ଶିରର କମ୍ପନରେ ଅପହସିତ। ଅଶ୍ରୁପୂର୍ଣ୍ଣ ଚକ୍ଷୁ, ଖର ଉଚ୍ଚହାସ୍ୟ, ହସ୍ତରେ ପାର୍ଶ୍ୱ ଧାରଣ କରୁଥିଲେ ଅତିହସିତ। ବର୍ଣ୍ଣ—ଶ୍ୱେତ। ଦେବତା—ପ୍ରମଥ।

## କରୁଣ ରସ

ସ୍ଥାୟୀଭାବ—ଶୋକ। ବିନଷ୍ଟବନ୍ଧୁ ଶୋଚନୀୟ ବ୍ୟକ୍ତି ଆଲମ୍ବନ। ଶାପକ୍ଲେଶ ବିନିପାତ, ଇଷ୍ଟଜନ ବିରହ, ବିଭବନାଶ, ବଧ, ବନ୍ଧନ, ଉପଘାତ, ବ୍ୟସନ ପ୍ରାପ୍ତି ପ୍ରଭୃତି ବିଭାବ। (ବନ୍ଧୁର ଦାହକର୍ମ; ତାହାର ଦ୍ରବ୍ୟ ବସ୍ତ୍ର ଭୂଷଣାଦି ଉଦ୍ଦୀପନ। ଅନୁଭାବ—ଅଶ୍ରୁପାତ, କ୍ରନ୍ଦନ, ମୁଖ ଶୋଷଣ, ବୈବର୍ଣ୍ଣ୍ୟ, ସ୍ରସ୍ତଗାତ୍ରତା, ନିଶ୍ୱାସ ଓ ସ୍ମୃତିବିଲୋପ, ଦୈବନିନ୍ଦା, ସ୍ତମ୍ଭ, ପ୍ରଳାପ ପ୍ରଭୃତି। ସଞ୍ଚାରୀ—ନିର୍ବେଦ, ଗ୍ଳାନି, ଔତ୍ସୁକ୍ୟ, ଆବେଗ, ମୋହ, ଶ୍ରମ, ଅପସ୍ମାର, ବ୍ୟାଧି, ବିଷାଦ, ଜଡ଼ତା, ଉନ୍ମାଦ, ତ୍ରାସ, ଆଳସ୍ୟ, ଚିନ୍ତା, ଅଶ୍ରୁ, ବୈବର୍ଣ୍ଣ୍ୟ, ବେପଥୁ ପ୍ରଭୃତି। ବର୍ଣ୍ଣ—କପୋତ। ଦେବତା—ଯମ।

## ରୌଦ୍ର ରସ

ସ୍ଥାୟୀଭାବ କ୍ରୋଧ। ଆଲମ୍ବନ—ରାକ୍ଷସ, ଦାନବ, ଉଦ୍ଧତ ମନୁଷ୍ୟ, ଅପରାଧୀ ଓ ଶତ୍ରୁ। ଉଦ୍ଦୀପନ—ଶତ୍ରୁକୃତ ଅପରାଧ, କ୍ରୋଧ, ଧର୍ଷଣ, ଅଧିକ୍ଷେପ,

ଅବମାନନ, ଅନୃତ ବଚନ, ବାକ୍ ପାରୁଷ୍ୟ, ଦ୍ରୋହ ଓ ମାତ୍ସର୍ଯ୍ୟ । କାର୍ଯ୍ୟ—ତାଡ଼ନ, ପାଟନ, ପୀଡ଼ନ, ଛେଦନ, ଭେଦନ, ପ୍ରହରଣ, ଆହରଣ, ଶସ୍ତ୍ରପାତ, ସମ୍ପ୍ରହାର, ରୁଧିରାକର୍ଷଣାଦି । ଅନୁଭାବ—ରକ୍ତ ନୟନ, ସ୍ୱେଦ, ଭ୍ରୁକୁଟି, ଦନ୍ତଦ୍ୱାରା ଓଷ୍ଠ ପୀଡ଼ନ, ଗଣ୍ଡସ୍ଫୁରଣ, ହସ୍ତାଗ୍ର ନିଷ୍ପେଷଣାଦି । ସଞ୍ଚାରୀ—ସମ୍ମୋହ, ଉତ୍ସାହ, ବେଗ, ଅମର୍ଷ, ଚପଳତା, ଉଗ୍ରତା, ସ୍ୱେଦ, ବେପଥୁ, ରୋମାଞ୍ଚ ଓ ଗଦ୍‌ଗଦାଦି । ରାକ୍ଷସଙ୍କ ତୁଲ୍ୟ ଦାନବଙ୍କର ମଧ୍ୟ ରୌଦ୍ର ରସ ଅଛି; କେବଳ ରାକ୍ଷସଙ୍କର ତାହା ନୁହେ । ରାକ୍ଷସଙ୍କ ରୂପ ଭୀଷଣ, ସେମାନଙ୍କ ଶରୀର ଓ ବଚନାଦି ରୌଦ୍ର, ସେମାନଙ୍କ ଅଙ୍ଗଚେଷ୍ଟା ରସ ରୌଦ୍ର । ବର୍ଣ୍ଣ—ରକ୍ତ ବା ପିଙ୍ଗଳ । ଦେବତା—ରୁଦ୍ର ।

## ବୀର

ସ୍ଥାୟିଭାବ ଉତ୍ସାହ । ବିଭାବ, ଅସମ୍ମୋହ, ଅଧ୍ୟବସାୟ, ନୟ, ବିନୟ, ପରାକ୍ରମ, ବଳ, ଶକ୍ତି, ପ୍ରତାପ ପ୍ରଭାବାଦି ଶବ୍ଦ । ଅନୁଭାବ—ସ୍ଥୈର୍ଯ୍ୟ, ଶୌର୍ଯ୍ୟ, ତ୍ୟାଗ, ବୈଶାରଦ୍ୟାଦି । ବ୍ୟଭିଚାରୀ—ଧୃତି, ମତି, ଗର୍ବ, ଆବେଗ, ଉଗ୍ରତା ଅମର୍ଷ, ସ୍ମୃତି ଓ ରୋମାଞ୍ଚାଦି । ଅଧୁନାତନ ଆଲଙ୍କାରିକ ବୀର ରସକୁ ଚତୁର୍ବିଧ ରୂପେ କହନ୍ତି—ଧର୍ମବୀର, ଦାନବୀର, ଦୟାବୀର ଓ ଯୁଦ୍ଧବୀର । ନାଟ୍ୟଶାସ୍ତ୍ରକାରଙ୍କ ମତରେ ଯୁଦ୍ଧବୀରହିଁ କେବଳ ବୀର । ରସଗଙ୍ଗାଧରକାରଙ୍କ ମତରେ ଶୃଙ୍ଗାର ରସ ପରି ବୀରରସର ଅନେକ ଭେଦ ହୋଇପାରେ । ଯଥା:—ଧର୍ମବୀର, ଦାନବୀର, ଦୟାବୀର, ସତ୍ୟବୀର, ପାଣ୍ଡିତ୍ୟବୀର, କ୍ଷମାବୀର, ଯୁଦ୍ଧବୀର ଓ ବଳବୀର ପ୍ରଭୃତି । କେବଳ ଯୁଦ୍ଧବୀର କହିବା ମଧ୍ୟ ଠିକ୍ ନୁହେଁ, କାରଣ ଧର୍ମବୀର କହିଲେ ଯଥେଷ୍ଟ ହୁଅନ୍ତା । ସେହେତୁ ଯୁଦ୍ଧବୀର ଧର୍ମକୁ ଅନୁସରଣ କରନ୍ତି । ଯୁଦ୍ଧବୀର ଅଧର୍ମକୁ ଅନୁସରଣ କଲେ ବୀରରସରେ ଦୋଷ ସମ୍ଭବ ରସାଭାସ ହେବ । କେବଳ ଧର୍ମବୀର କହି ବିଷୟମାନଙ୍କର ଭିନ୍ନତା ଦେଖାଇ ପାରିଲେ ଯଥେଷ୍ଟ ହେବ—ଧର୍ମବୀର ଦୟା ବା ଦାନ ପ୍ରଭୃତି ହେତୁ । କିନ୍ତୁ ଏପରି ନ କହି ଦୟାବୀର ସତ୍ୟବୀର କହିଲେ ଠିକ୍ ହେବ । ବର୍ଣ୍ଣ—ଗୌର । ଦେବତା—ମହେନ୍ଦ୍ର ।

## ଅଦ୍ଭୁତ

ସ୍ଥାୟିଭାବ ବିସ୍ମୟ । ବିଭାବ—ଦିବ୍ୟଦର୍ଶନ ଈପ୍ସିତ ମନୋରଥ ପ୍ରାପ୍ତି, କୃତ୍ରିମ ବନ, ଦେବମନ୍ଦିର ଗମନ, ଅସମ୍ଭାବ୍ୟମାନ ମାୟା ଇନ୍ଦ୍ରଜାଳାଦି । ଅନୁଭାବ—ନୟନ ବିସ୍ତାର ଓ ଅନିମେଷ ଦୃଷ୍ଟି, ରୋମାଞ୍ଚ, ଅଶ୍ରୁ, ସ୍ୱେଦ, ହର୍ଷ, ସାଧୁବାଦ ପ୍ରଦାନ, ହାହାକାର, କରଚରଣ ଅଙ୍ଗୁଳି ଆଦି ଭ୍ରମଣାଦି । ବ୍ୟଭିଚାରୀ—ଆବେଗ, ସମ୍ଭ୍ରମ, ଜଡ଼ତା, ପ୍ରଳୟ, ଅଶ୍ରୁ, ସ୍ତମ୍ଭ ଓ ଗଦ୍‌ଗଦାଦି । ବର୍ଣ୍ଣ—ପୀତ । ଦେବତା—ବ୍ରହ୍ମା ।

## ବୀଭତ୍ସ

ସ୍ଥାୟିଭାବ ଜୁଗୁପ୍ସା । ଅସ୍ପୃଶ୍ୟ ଓ ଅପ୍ରିୟ ଦର୍ଶନ, ଅଶ୍ଳୀଳ ଶ୍ରବଣ ଦର୍ଶନ ଓ ସନ୍ନିଧାନ । ବିଭାବ ( ଶବ—ଆଲମ୍ବନ, ଅନ୍ତ୍ରବଦାଳିତ୍ୱାଦି ଉଦ୍ଦୀପନ ) । ଅନୁଭାବ—ସର୍ବାଙ୍ଗବିକ୍ଷେପ, ମୁଖନେତ୍ର ଘୂର୍ଣ୍ଣନ, ଥୁତ୍କାର, ନିଷ୍ଠୀବନ, ଉଦ୍-ବେଜନ, ରୋମାଞ୍ଚ, ନେତ୍ରନିମୀଳନାଦି । ବ୍ୟଭିଚାରୀ—ଅପସ୍ମାର, ମୋହ, ଆବେଗ, ବ୍ୟାଧି ଓ ମରଣାଦି । ବର୍ଣ୍ଣ—ନୀଳ । ଦେବତା—ମହାକାଳ ।

## ଭୟାନକ

ସ୍ଥାୟିଭାବ—ଭୟ । ବିଭାବ—ବିକୃତ ଶବ୍ଦାଦି ପ୍ରାଣିଦର୍ଶନ, ହିଂସା, ଉଲ୍ଲୁକ, ଶ୍ୟେନ, ଗୃଧ, ଉଦ୍‌ବେଗ, ଶୂନ୍ୟଗୃହ, ଅରଣ୍ୟପ୍ରବେଶ ଓ ମରଣ । ସ୍ୱଜନ ବଧ ବନ୍ଧନର ଦର୍ଶନ ଶ୍ରବଣ ଓ କଥନ, ଚୋର ଇତ୍ୟାଦି । ଅନୁଭାବ—କମ୍ପିତ କରଚରଣ, ଚକ୍ଷୁଚଳନ, ପୁଲକ, ମୁଖବୈବର୍ଣ୍ଣ୍ୟ, ସ୍ୱରଭେଦ । ସଞ୍ଚାରୀ—ଶଙ୍କା, ମୋହ, ଦୈନ୍ୟ, ଆବେଗ, ଚପଳତା, ତ୍ରାସ, ଅପସ୍ମାର, ମରଣ, ସ୍ତମ୍ଭ, ସ୍ୱେଦ, ଗଦ୍‌ଗଦ, ରୋମାଞ୍ଚ, ବେପଥୁ, ବୈବର୍ଣ୍ଣ୍ୟାଦି । ବର୍ଣ୍ଣ—କୃଷ୍ଣ । ଦେବତା—ଯମଦେବ ।

## ଶାନ୍ତ

ସ୍ଥାୟୀ—ନିର୍ବେଦ ବା ଶମ । ଆଲମ୍ବନ—ଜଗତର ଅନିତ୍ୟତା । ଉଦ୍ଦୀପନ—ବେଦାନ୍ତ ଶ୍ରବଣ, ତପୋବନ ତାପସ ଦର୍ଶନାଦି । ଅନୁଭାବ—ବିଷୟରେ ଅରୁଚି, ଶତ୍ରୁ ମିତ୍ର ପ୍ରତି ଉଦାସୀନତା, ଚେଷ୍ଟାଶୂନ୍ୟତା, ନାସାଗ୍ରେ ଦୃଷ୍ଟି ଆଦି । ବ୍ୟଭିଚାରୀ—ହର୍ଷ, ଉନ୍ମାଦ, ସ୍ମୃତି ଓ ମତି ପ୍ରଭୃତି ।

## ଭାବ

ଦେବ, ଦ୍ୱିଜ, ଗୁରୁ ଓ ରାଜାଦିଙ୍କର ଭକ୍ତିକୁ ଭାବ କହନ୍ତି । କେହିକେହି ପୁତ୍ର ଓ ପ୍ରେମିକର ଭକ୍ତିକୁ ଭାବ କହନ୍ତି; କିନ୍ତୁ ଅନ୍ୟଙ୍କ ମତରେ ତାହା ସଖ୍ୟ ଓ ବାତ୍ସଲ୍ୟ ରୂପେ ଗ୍ରହଣୀୟ । ସାମଗ୍ରୀର ଅଭାବରୁ ରସ ରୂପ ପ୍ରାପ୍ତ ନ ହେବାରୁ ସ୍ଥାୟୀ ରତ୍ୟାଦିଙ୍କୁ ଭାବ କୁହାଯାଏ । ବିଭାବାଦିଙ୍କ ଦ୍ୱାରା ପୁଷ୍ଟ ବ୍ୟଭିଚାରୀ ନିର୍ବେଦାଦି ପ୍ରାଧାନ୍ୟରେ ବର୍ଣ୍ଣିତ ହେଲେ ଭାବ ପ୍ରାପ୍ତ ହୁଏ । ରସ ଓ ଭାବ ମଧ୍ୟରେ ପାର୍ଥକ୍ୟ ଏହି ଯେ ଦେବ ଦ୍ୱିଜାଦି ଆଲମ୍ବନ ହେଲେ ସ୍ଥାୟୀ ଭକ୍ତିକୁ ଭାବ କହନ୍ତି । ନାୟକ ନାୟିକା ଆଲମ୍ବନ ହେଲେ ରତି ରସ ସଂଜ୍ଞା ଲଭକରେ । କାନ୍ତାବିଷୟକ ରତି ମଧ୍ୟ ଅନୁଭାବ ଓ ସଞ୍ଚାରୀଙ୍କ ଦ୍ୱାରା ପୁଷ୍ଟ ନ ହେଲେ ଭାବ ହୁଏ । ଏହିପରି ରସତ୍ୱ ପ୍ରାପ୍ତ ହେବା ପୂର୍ବରୁ ସ୍ଥାୟୀଭାବଗଣ ଭାବରୂପେ ଉକ୍ତ ହୁଅନ୍ତି । ଯେଉଁଠାରେ ସଞ୍ଚାରୀ ପ୍ରଧାନ ରୂପରେ ପ୍ରକାଶ ହୁଏ ସେଠାରେ ତାହାକୁ ଭାବ କହନ୍ତି । ସଞ୍ଚାରୀ ତ ରସର ଅଙ୍ଗ, ତେବେ କିପରି ତାହାର ପ୍ରଧାନତା ସ୍ୱୀକାର କରାହୁଏ । ରାଜ ଭୃତ୍ୟ-ସ୍ୱରୂପ ମନ୍ତ୍ରୀର ବିବାହରେ ମନ୍ତ୍ରୀ

ପ୍ରଧାନ ହୋଇ ବିଭକ୍ତରୂପେ ଅନେକ ଅଙ୍ଗ ଥାଏ, ତାର ସ୍ୱାମୀ ହୋଇ ମଧ୍ୟ ରାଜା ଅନେକ ସମୟରେ ସ୍ୱତନ୍ତ୍ର। ସେହିପରି କୌଣସି ବିଶେଷ ପ୍ରସଙ୍ଗରେ ସଞ୍ଚାରୀ ପ୍ରଧାନରୂପେ ପ୍ରତୀତ ହେଲେ ନିଜର ସ୍ୱାମୀଭୂତ ରସ ଉପରେ ପ୍ରଧାନ ହୋଇ ଭାବ ସଂଜ୍ଞା ପ୍ରାପ୍ତ ହୁଏ । ଏହିପରି ଦେଖାଯାଏ ଯେ ଏକ ସୁଗନ୍ଧିତ ଦ୍ରବ୍ୟରେ କସ୍ତୁରୀ, ଅଗୁରୁ ଓ ଅନ୍ୟାନ୍ୟ ଆଦି ମୂଳ ଉପାଦାନ ରସ ସଦୃଶ ଏକମାତ୍ର ସ୍ୱାଦରୂପେ ଜଣାଯାନ୍ତି—ସେମାନେ ଭାବର ପୃଥକ୍ ଆସ୍ୱାଦ ତ ହୁଏ ନାହିଁ, କେବଳ ତାହାର ପ୍ରଧାନଭାବରେ ସମଗ୍ର ପ୍ରକଟିତ ହୋଇପାରେ। ସେହି ପ୍ରକାରରେ ଯେବେ କୌଣସି ଉପାଦାନର ଆଧିକ୍ୟ ହୁଏ ତେବେ ତାହାର ପ୍ରଧାନ ଭାବରେ ବୋଧ ହୁଏ, ସେହିପରି ସଞ୍ଚାରୀ ସ୍ଥଳବିଶେଷରେ ପ୍ରଧାନରୂପେ ପ୍ରତୀତ ହୁଏ ଓ ଭାବ ସଂଜ୍ଞା ପ୍ରାପ୍ତ ହୁଏ । "ଯଦ୍ୟପି ସକଳମେବ ରାଜ୍ୟଂ ବେଷ୍ଟନୈବ ଜାୟତେ ଭୂମଣ୍ଡଳଧନବଲାଦିତ୍ୟା ତଥାପି କ୍ୱାପି ବ୍ୟଭିଚାରିଣଃ ସ୍ୱାତନ୍ତ୍ର୍ୟେଣ ଦୃଷ୍ଟମନ୍ତ୍ରୀଣେ ଭବନ୍ତି ସୋଽପି ରାଜ୍ୟାନୁଭାବ ପ୍ରକାଶିତୋ ଭାବ ଉଚ୍ୟତେ।" ଏକାବଳୀ ଗ୍ରନ୍ଥ ଉକ୍ତେଃ । ପ୍ରଭୃତିର ବୈଶିଷ୍ଟ୍ୟରେ ଅନେକ ପ୍ରକାର ଭେଦ ହୋଇ ରସ—ରସାଭାସ, ଭାବାଭାସ, ଭାବଶାନ୍ତି, ଭାବୋଦୟ, ଭାବସନ୍ଧି, ଭାବଶବଳତା ରୂପ ପ୍ରାପ୍ତ ହୁଏ ।

## ରସାଭାସ

ରସ କେବଳ ପ୍ରକୃତ ବା ଉଚିତ ଭାବକୁ ଛାଡ଼ି ଅନ୍ୟ ଦିଗରେ ପ୍ରବୃତ୍ତ ହେଲେ ରସାଭାସ ହୁଏ। ସ୍ୱପତି ତ୍ୟାଗ କରି ଅନ୍ୟ ପୁରୁଷରେ ରତି, ଗୁରୁପତ୍ନୀଠାରେ ରତି, ନୀଚ ବ୍ୟକ୍ତିଠାରେ ରତି, ରୌଦ୍ରରେ ପୂଜ୍ୟଙ୍କଠାରେ କ୍ରୋଧ, ଶାନ୍ତରେ ନୀଚଶୀଳରେ ଶାନ୍ତି, ହାସ୍ୟରେ ଗୁରୁ ଓ ପୂଜ୍ୟଙ୍କର ଆଲମ୍ବନ ହେବା, କରୁଣରେ ବିରକ୍ତଠାରେ କରୁଣା, ବୀରରେ ନୀଚପାତ୍ରରେ ଉତ୍ସାହ, ଭୟାନକରେ ଉତ୍ତମ ପାତ୍ରରେ ଭୟ, ବୀଭତ୍ସରେ ଯଜ୍ଞ ପ୍ରସଙ୍ଗରେ ଘୃଣା, ଅଦ୍ଭୁତରେ ଐନ୍ଦ୍ରଜାଲିକଙ୍କଠାରେ ବିସ୍ମୟ ହେବା ପ୍ରଭୃତି ରସାଭାସ। ଲୋକ, ବିଶ୍ୱନାଥ, ବିଦ୍ୟାନାଥ ପ୍ରଭୃତିଙ୍କ ମତରେ ପଶୁପକ୍ଷୀଙ୍କ ରତିକୁ ରସାଭାସ କୁହାଯାଏ।

"ହୀନପାତ୍ରେଷୁ ତିର୍ଯ୍ୟକ୍ଷୁ ନାୟକପ୍ରତିଯୋଗିଷୁ ।
ଗୌଣେଷ୍ୱପି ପଦାର୍ଥେଷୁ ତମାଭାସଂ ବିଜାନତେ" ( ଲୋକ ) ।

ନୀଚ ନାୟକଠାରେ, ପକ୍ଷୀ ସର୍ପାଦିଙ୍କଠାରେ, ପ୍ରତିନାୟକଠାରେ, ଅପ୍ରଧାନ ପାତ୍ରଙ୍କଠାରେ ସେହି ରସକୁ ଆଭାସ—ନିକୃଷ୍ଟ ବୋଲି କହନ୍ତି। ଏକାବଳୀକାର ବିଦ୍ୟାଧରଙ୍କ ମତରେ ଏ ଉକ୍ତି ସମୀଚୀନ ହୁଏ। ତିର୍ଯ୍ୟକ୍ ପ୍ରାଣୀଙ୍କଠାରେ ମଧ୍ୟ ରତିଭାବର ସମ୍ଭାବନା ଅଛି। ସଂବାଦ ଶକୁନ୍ତଳ୍ୟ ତିର୍ଯ୍ୟକ୍ପ୍ରାଣୀମାନେ ମାନବର ପାଇଁ ହେଲାରେ ଯୋଗ୍ୟ ହୁଅନ୍ତି—ଏ ଉକ୍ତି ମଧ୍ୟ ଯୁକ୍ତିଯୁକ୍ତ ହୁଏ ।

ଏପରି ସୁନ୍ଦର ଉକ୍ତିରେ ମଧ୍ୟ ବୁଝାଯିବ ଯେ କେବଳ ମନୁଷ୍ୟଙ୍କଠାରେ ମଧ୍ୟ ବିଶ୍ୱାସର ଜ୍ଞାନ ନ ଥାଏ । ବାତ୍ସଲ୍ୟ ରସ ସମ୍ଭବନ୍ତି ରସ ପ୍ରୀତି ପ୍ରଯୁକ୍ତ । ବିଶ୍ୱାସର ଜ୍ଞାନ ନିମନ୍ତେ; ତେଣୁ ତାହାକୁ ପ୍ରାଣୀଙ୍କର ରସ ଅଛି ।

## ଭାବାଭାସ

ଅନୁଚିତ ରୂପରେ ଭାବ ବର୍ଣ୍ଣିତ ହୋଇ ରସାଙ୍ଗର ଅଙ୍ଗ ହେଲେ ଭାବାଭାସ ହୁଏ । ଯେବେ ବ୍ୟଞ୍ଜନା ପ୍ରଧାନ ଭାବରେ ପ୍ରକାଶ ହୋଇ ଭାବର ଅବସ୍ଥା ପ୍ରାପ୍ତ ହୁଏ ଓ ଅନ୍ୟ କୌଣସି ଆଶ୍ରୟର ଅଙ୍ଗ ହୁଏ, ତେବେ ସେ ମଧ୍ୟ ଭାବାଭାସ ହୁଏ ।

## ଭାବଶାନ୍ତି

ଯେବେ ଗୋଟିଏ ଭାବର ପୁଷ୍ଟି ହେବା କାଳରେ ଅନ୍ୟ କୌଣସି ବିରୁଦ୍ଧ ଭାବ ଉପସ୍ଥିତ ହୁଏ ଓ ପ୍ରଥମ ଭାବର ସମାପ୍ତିରେ ଚମତ୍କାର ଭାବ ଜନ୍ମେ, ତେବେ ତାହା ଭାବଶାନ୍ତି ହୁଏ ।

## ଭାବୋଦୟ

ଯେଉଁଠାରେ କୌଣସି ଭାବର ଶାନ୍ତି ପରେ କୌଣସି କାରଣରୁ ଅନ୍ୟ ଏକ ଭାବର ଉଦୟ ହୁଏ ଓ ତାହା ଦ୍ୱାରା ଚମତ୍କାରିତା ଜନ୍ମେ, ତେବେ ସେଠାରେ ଭାବୋଦୟ ହୁଏ ।

## ଭାବସନ୍ଧି

ଏକ କାଳରେ ସମାନ ଭାବରେ ଚମତ୍କାରପ୍ରଦ ଦୁଇଟି ଭାବର ଉପସ୍ଥିତିରେ ଭାବସନ୍ଧି ହୁଏ ।

## ଭାବଶବଳତା

ଗୋଟିଏ ପରେ ଗୋଟିଏ ହୋଇ ଯେବେ ବହୁତ ଭାବର ଏକ ସ୍ଥାନରେ ମେଳନ ହୁଏ ତେବେ ଭାବଶବଳତା ହୁଏ ।

ଭରତ ନାଟ୍ୟସୂତ୍ରରେ ଶାନ୍ତ ରସର ଉଲ୍ଲେଖ ନାହିଁ; ତେଣୁ ସେଥିରେ ତାର ସ୍ୱରୂପ ଓ ଲକ୍ଷଣ ପ୍ରଦତ୍ତ ହୋଇ ନାହିଁ । ଅନ୍ୟ ଆଠ ରସର କେତେକ ଦ୍ୱିବିଧ, ତ୍ରିବିଧ ଓ ଚତୁର୍ବିଧ ରୂପ କଥିତ ହେଲେହେଁ ତାହା ସାଧାରଣତଃ ତ୍ରିବିଧ । ଶୃଙ୍ଗାର—ବାକ୍ୟ, ନେପଥ୍ୟ ଓ କ୍ରିୟାତ୍ମକ । ହାସ୍ୟ ଓ ରୌଦ୍ର—ଅଙ୍ଗ, ନେପଥ୍ୟ ଓ ବାକ୍ୟଜ ଭାବରେ ତ୍ରିବିଧ । କରୁଣ—ଧର୍ମୋପଘାତଜ, ଅପଚୟ ଜାତ ଓ ଶୋକଜ । ବୀର—ଦାନବୀର, ଧର୍ମବୀର, ଯୁଦ୍ଧବୀର, ଓ ଦୟାବୀର । ଭୟାନକ—ବ୍ୟାଜ, ଅପରାଧ ଓ ଭୟଜ । ବୀଭତ୍ସ—କ୍ଷୋଭଜ, ଉଦ୍‌ବେଗଜ ଓ ଶୁଦ୍ଧ । ( ବିଷ୍ଠା କୃମି ପ୍ରଭୃତି ଦ୍ୱାରା ଉଦ୍‌ବେଗୀ, ରୁଧିରାଦିରୁ

ଜାତ ହୋଇଛି )। ଅଦ୍ଭୁତ—ବିସ୍ମୟ ଓ ଆନନ୍ଦ। ଏହି ଅଠ ରସମାନେ ଉକ୍ତ ଲକ୍ଷଣାଦି ଦ୍ୱାରା ଲକ୍ଷିତ ଅଟନ୍ତି।

## ରସ

ରସବୋଧରେ ପରମ ସୁଖ ଜାତ ହୁଏ। ସଂସାରରେ ଲୌକିକ ସୁଖ ଦୁଃଖର କାରଣଭୂତ ବ୍ୟାପାର ଧନ, ଐଶ୍ୱର୍ଯ୍ୟ, ପୁତ୍ରାଦି ଲାଭରୁ ତଥା ବନ୍ଧୁବିଚ୍ଛେଦ, ବନ୍ଧୁନାଶ ଓ ବନବାସାଦିରୁ ଲୌକିକ ସୁଖ ଦୁଃଖ ଜାତ ହୁଏ। ଲୌକିକ ସୁଖ ଦୁଃଖ କାବ୍ୟରେ ବର୍ଣ୍ଣିତ ହେଲେ ଓ ନାଟକରେ ଅଭିନୀତ ହେଲେ ପରମ ସୁଖ ଜାତ ହୁଏ। ଲୌକିକ ସୁଖର ତ ପରମ ସୁଖ ହେବାର କଥା; ଲୌକିକ ଦୁଃଖର କଥାରୁ ହେବ, ଏ କଥା ଅପୂର୍ବବତ୍ ବୋଧ ହୁଏ। ରାମଚନ୍ଦ୍ରଙ୍କ ବନବାସ, ସୀତାହରଣ, ଦଶରଥଙ୍କ ପ୍ରାଣତ୍ୟାଗ ଓ ପୁତ୍ର ମରଣାଦି ରାମଚନ୍ଦ୍ରାଦିଙ୍କୁ ଦୁଃଖପ୍ରଦ ହୋଇଥିଲା; କିନ୍ତୁ ତାହା କାବ୍ୟ ଓ ନାଟକରେ ବର୍ଣ୍ଣିତ ହେବାରୁ ଅଲୌକିକ ଭାବାପନ୍ନ ହୋଇ ମହା ସୁଖପ୍ରଦ ହେଲା। ଏହା କିପରି? ଏଥିପ୍ରତି ଉତ୍ତର ପ୍ରଦତ୍ତ ହୋଇଅଛି ଯେ, ସହୃଦୟଙ୍କ ଅନୁଭବହିଁ ତାହାର କେବଳ ପ୍ରମାଣ। ଯଦି ଦୁଃଖ ଅନୁଭୂତ ହେଉଥାଆନ୍ତା, ନାଟକ ଦର୍ଶନରେ ଓ କାବ୍ୟପାଠରେ କେହି ପ୍ରବୃତ୍ତ ହେଉ ନ ଥାଆନ୍ତେ। କରୁଣ ରସପ୍ରଧାନ ରାମାୟଣାଦିରୁ ସୁଖର ଉତ୍ପତ୍ତି ହୁଏ ବୋଲି ଲୋକେ ତତ୍ପ୍ରତି ଆକାଂକ୍ଷିତ ହୁଅନ୍ତି। ଲୋକେ ହରିଶ୍ଚନ୍ଦ୍ରାଦିଙ୍କ ଚରିତ ଦର୍ଶନ ଓ ଶ୍ରବଣରେ ଅଶ୍ରୁପାତ କରନ୍ତି; ତାହା ତାଙ୍କ ହୃଦୟର ଦ୍ରବତା ପ୍ରକାଶ କରେ; ଅର୍ଥାତ୍ ସେହି ଅଶ୍ରୁପାତାଦି ଆନନ୍ଦସଂବଳିତ ଅଟେ। ସାହିତ୍ୟଦର୍ପଣକାର ଏହା ଲେଖି ଅଛନ୍ତି। ରସଗଙ୍ଗାଧରରେ ମଧ୍ୟ ଲିଖିତ ଅଛି ଯେ ଏହା ଅଲୌକିକ କାବ୍ୟ ବ୍ୟାପାରର ମହିମା ଯେ ପ୍ରଯୋଜ୍ୟ ଅରମଣୀୟ ଶୋକାଦି ପଦାର୍ଥ ଅଲୌକିକ ଆହ୍ଲାଦ ପ୍ରଦାନ କରନ୍ତି। "ଅୟଂ ହି ଲୋକୋତ୍ତରସ୍ୟ କାବ୍ୟବ୍ୟାପାରସ୍ୟ ମହିମା ଯତ୍ ପ୍ରଯୋଜ୍ୟା ଅରମଣୀୟା ଅପି ଶୋକାଦୟଃ ପଦାର୍ଥା ଆହ୍ଲାଦମଲୌକିକଂ ଜନୟନ୍ତି।" ଲୌକିକ କାରଣ କାବ୍ୟରେ ଅଲୌକିକ ଭାବ ପ୍ରାପ୍ତ ହୁଏ। କାରଣ ଲୌକିକ ବିଶିଷ୍ଟତାକୁ ତ୍ୟାଗ କରି ବିଭାବାଦି, ଅନୁଭାବାଦି ଓ ସାମାଜିକ ତଥା ପାଠକଗଣ ସାଧାରଣରୂପେ ଗୃହୀତ ହୁଅନ୍ତି; ଅର୍ଥାତ୍ ରାମ ସୀତାଦି ସ୍ୱ ସ୍ୱ ବ୍ୟକ୍ତିତ୍ୱ ହରାଇ ସାଧାରଣ ମାନବରୂପରେ, ସ୍ତ୍ରୀପୁଂ ଇତ୍ୟାଦି ରାମଗତ ଓ ସୀତାଗତ ନ ହୋଇ ସାଧାରଣ ମାନବଗତ ରତି ଆଦି ଭାବରେ—(ଇତ୍ୟାଦି ସାଧାରଣ ଭାବରେ) ସାମାଜିକ ଓ ପାଠକ ବିଶିଷ୍ଟ ସାମାଜିକ ଓ ପାଠକ ନ ହୋଇ ସାଧାରଣ ପାଠକ ଓ ସାମାଜିକ ଭାବରେ ଗୃହୀତ ହୁଅନ୍ତି। ଏଣୁ ଏ ସବୁ ଲୌକିକ ଭାବାଦି ନ ହୋଇ ଅସାଧାରଣ ବା ଅଲୌକିକ ବିଭାବାଦି ହୁଅନ୍ତି।

ତହୁଁ ଅଲୌକିକ ସୁଖ ଲାଭ ହୁଏ । ଅନୁକାର୍ଯ୍ୟ-ନାୟକ ନାୟିକା ରାମ ସୀତାଦିଙ୍କ ସୁଖ ଦୁଃଖ ହେଉଛି ଲୌକିକ । ସାମାଜିକଙ୍କ ସୁଖ ରସବୋଧ ଅଲୌକିକ । ତେବେ ଅନୁକାରୀ ନଟ ନଟୀଙ୍କର କଥା କଣ । ତାଙ୍କର ରସବୋଧ ହୁଏ କି ନାହିଁ । ଯେତେବେଳେ ରାମ ସୀତାଦିଙ୍କ ଚରିତ ସେମାନଙ୍କ ଦ୍ୱାରା ଅନୁକୃତ ହୋଇ ପ୍ରଦର୍ଶିତ ହୁଏ ଓ ସୁଖ ଦୁଃଖ ଭାବ ତାଙ୍କ ଦ୍ୱାରା ଅଭିବ୍ୟକ୍ତ ହୁଏ, ସେ ନଟ ନଟୀ-ମାନେ ମାନବ ହେତୁ ସ୍ୱୟଂ ଲୌକିକ ସୁଖଦୁଃଖବଶାପନ୍ନ—ତାଙ୍କ ଦ୍ୱାରା ସେହି ସେହି ରାମ ସୀତାଦିଗତ ଭାବମାନ କଦାପି ଅନୁଭୂତ ନ ହେବ । କାରଣ ସେ ଭାବମାନଙ୍କ ପ୍ରତି କିଛି ତାଙ୍କ ହୃଦୟରେ ପଶୁଥିବ । ପରନ୍ତୁ କର୍ତ୍ତବ୍ୟ ଅନୁରୋଧରେ ତାଙ୍କର ମନ ସାମାଜିକଙ୍କ ଚିତ୍ତରଞ୍ଜନରେ ତଥା ଅର୍ଥୋପାର୍ଜନରେ ଅଭିନିବିଷ୍ଟ ଥିବା ହେତୁ ତତ୍ ତତ୍ ଭାବର ବୋଧ ହେଲେହେଁ ତାହା ଅଭ୍ୟାସ-ଜନିତ । ସେଥିରେ ତନ୍ମୟ ହୋଇ ନିଜର ସ୍ୱାତନ୍ତ୍ର୍ୟ ହରାନ୍ତି ନାହିଁ । ନାୟକ ନାୟିକାଙ୍କ ଭାବର ବୋଧ ନ ହେଲେ ନଟ ନଟୀମାନେ ସୁନ୍ଦରଭାବରେ ନିଜର କାର୍ଯ୍ୟ ସାଧନ କରି ପାରିବେ ନାହିଁ । କୃତ୍ରିମ ଭାବ ଅବଲମ୍ବନ କରି ଅକୃତ୍ରିମ ଭାବ ଦର୍ଶାଇବାହିଁ ତାଙ୍କର କାର୍ଯ୍ୟ । ତାଙ୍କର ସେହି ରସର ଅନୁଭବ ଲୌକିକ କି ନୁହେଁ, କଣ ତା ଅଲୌକିକ ? ଅଲୌକିକ ଭାବରେ ତାଙ୍କର ରସର ଅନୁଭବ ମାତ୍ର ହୁଏ । କିନ୍ତୁ ପ୍ରାୟ ଯନ୍ତ୍ରବତ୍ ଚାଳିତ ହୋଇ ସେମାନେ ନିଜର କାର୍ଯ୍ୟ ସାଧନ କରନ୍ତି । ନଟନଟୀମାନେ ଯେବେ ରସ ଆସ୍ୱାଦନ କରନ୍ତି ଅର୍ଥାତ୍ ସେ ରସରେ ତନ୍ମୟ ହୁଅନ୍ତି (ଅର୍ଥାତ୍ ତଦ୍ଭାବ ଭାବିତ ହୁଅନ୍ତି) ସେମାନେ ନିଜର ସ୍ୱାତନ୍ତ୍ର୍ୟ ହରାଇବେ ଓ ନିଜର ଉଦ୍ଦେଶ୍ୟ ସାଧନ କରି ପାରିବେ ନାହିଁ । ଅନୁକାରୀ ନଟ ନଟୀ ନ ହୋଇ ସାମାଜିକ ହୋଇଯିବେ । ପୁନଶ୍ଚ କୌଣସି ଧନୀ ବା ରାଜା ପୁରାଣ ଧର୍ମଶାସ୍ତ୍ର ବା କାବ୍ୟାଦି ଶ୍ରବଣ କରିବାକୁ ଇଚ୍ଛା କରନ୍ତି ଓ ସେଥି ନିମନ୍ତେ ଜଣେ ଉପଯୁକ୍ତ ପାଠକ ନିଯୁକ୍ତ କରନ୍ତି, ତେବେ ସେ ପାଠକର ହୃଦୟରେ ରସବୋଧ ହେବ କି ନାହିଁ ? ସେ ପାଠକର ଅବସ୍ଥା ଠିକ୍ ସେହି ନଟ ନଟୀଙ୍କ ସଦୃଶ ଅଟେ ।

ସାମାଜିକ ପାଠକ ତଥା ଶ୍ରୋତାଙ୍କର କିପରି ରସବୋଧ ହୁଏ ତାହା ଅଧୁନା ବକ୍ତବ୍ୟ । ପାଠକ, ଶ୍ରୋତା ତଥା ସାମାଜିକ ତିନିହେଁ—କେତେକ ଅତ୍ୟଧିକ ଭାବପ୍ରବଣ, କେତେକ କାବ୍ୟାସକ୍ତ ଓ କେତେକ ମଧ୍ୟଧରଣର—ଅର୍ଥାତ୍ ନୂତନ କାବ୍ୟାସକ୍ତ ବା ନୂତନ ଅତ୍ୟଧିକ ଭାବପ୍ରବଣ । ଯେଉଁମାନେ ଅତ୍ୟଧିକ ଭାବପ୍ରବଣ ସେମାନେ ଅତ୍ୟଧିକ କରୁଣ ବିବାଦମୟ ଘଟନା ଦର୍ଶନ ଶ୍ରବଣରେ ଅସମର୍ଥ ହୁଅନ୍ତି; ଦେଖିଲେ ଶୁଣିଲେ କିଛିକ୍ଷଣରେ ବ୍ୟାକୁଳ ହୋଇ ପଡ଼ନ୍ତି । ଏପରି ଭାବରେ ଅଭିନୀତ ହେବା କାଳରେ ସ୍ଥାନ ଛାଡ଼ି ଚାଲିଯାଆନ୍ତି ବା ଅତ୍ୟଧିକ କ୍ରନ୍ଦନାଦି କରି ସ୍ପୃହା ପ୍ରଦର୍ଶନ କରନ୍ତି । ସେମାନେ କଣ ଆନନ୍ଦ ଅନୁଭବ କରିବାକୁ ସୁବିଧା ନାହିଁ ? ଏହା କହିବା ସମୀଚୀନ ନୁହେଁ । ସେମାନେ ସେ ବିଷୟମାନ ଜାଣନ୍ତି ଓ

ଜଗତ୍ କେନ୍ଦ୍ରରେ ତାଙ୍କର ଅନ୍ତର୍ଦୃଷ୍ଟି ସତ୍ୟାନୁଭୂତ ଅଛି ଓ ତଦ୍ ବିଷୟମାନଙ୍କ ସୂଚନାଦ୍ୱାରା ତାଙ୍କର ହୃଦୟ ଦ୍ରବୀଭୂତ ହୋଇଥାଏ । ସେମାନେ ଜାଣନ୍ତି, ମାନବ ଜୀବନ ସୁଖ ଦୁଃଖମୟ, ଦୁଃଖ ପରେ ସୁଖ ଆସିବ, ପରମାନନ୍ଦ ଲାଭ ହେବ । କିନ୍ତୁ ସେ ଯନ୍ତ୍ରଣା, କ୍ଲେଶ, ଉତ୍ପୀଡ଼ନ, ଉତ୍ପାଡ଼ନ ଆଦିର ପୁନରାବୃତ୍ତି ସେମାନେ ସ୍ପୃହାନ୍ତି ନାହିଁ । ମଧ୍ୟମ ଶ୍ରେଣୀର ପାଠକ ଓ ଦର୍ଶକଙ୍କ ବିଷୟ ବିମର୍ଶ—ମାନବ ସାଧାରଣତଃ ସତ୍ୟର, ନ୍ୟାୟର, ସୁନ୍ଦରର, ଧର୍ମର, ସୌଖ୍ୟର ଓ ଶିବ ପ୍ରକୃତିର ଅନୁରାଗୀ ତଥା ପକ୍ଷପାତୀ । ସେମାନଙ୍କ ଅଭାବ ବୋଧରେ ସହୃଦୟ ମାନବର ହୃଦୟରେ ବିକ୍ଷୋଭ ବା ଅଶାନ୍ତି ଆସେ । ମାନବଜାତିର ପ୍ରକୃତିସ୍ଥ ବୋଧରେ ମାନବସମାଜର ଦୁଃଖରେ—ସୌଖ୍ୟ ବା ଶାନ୍ତିର ଅଭାବରେ ସେ ଅସହମାନ ହୋଇ ସହାନୁଭୂତ ହେଉ ସମବେଦନା ପ୍ରକାଶ ପୂର୍ବକ ଅଶ୍ରୁପାତଦ୍ୱାରା ସହୃଦୟତାର ପରିଚୟ ପ୍ରଦାନ କରେ । ସେହି କରୁଣ କାହାଣୀରେ 'ମାନବଚରିତର ଉତ୍କର୍ଷ ପରିସ୍ଫୁଟ ହୁଏ । ହୃଦୟସ୍ଥ ପ୍ରେମର ଅନୁରାଗର ଉତ୍କର୍ଷତା, ହୃଦୟର ପବିତ୍ରତା, ଧର୍ମପ୍ରାଣତା ଓ ଅନ୍ୟାନ୍ୟ ସଦ୍‌ଗୁଣାବଳୀ ବର୍ଣ୍ଣନରେ ସମ୍ଭ୍ରମର ବୃଦ୍ଧି ଅତି ଉନ୍ନତ ସ୍ଥାନ ପ୍ରାପ୍ତ ହୁଏ । ଏହା ପରିବ ପ୍ରୀତିକର, ସୁଖମୟ ତଥା ଆନନ୍ଦମୟ । ଉତ୍କୃଷ୍ଟ ତତ୍ତ୍ୱ କରୁଣ ଦୃଶ୍ୟକୁ ପ୍ରଧାନ ଆଖ୍ୟା ପ୍ରଦାନ କରିଅଛନ୍ତି ।

ସତ୍ୟ ପ୍ରତି, ନ୍ୟାୟ ପ୍ରତି, ଶିବ ଓ ସୁନ୍ଦରର ପ୍ରତି ଅସତ୍ୟ ଆଚରଣରେ ପ୍ରକୃତ ବିକ୍ଷୋଭ ଆସେ । ସେହି ବିକ୍ଷୋଭ କ୍ରୋଧର ଆକାର ଧାରଣ କରେ ଓ ସେ ମାନବର ପ୍ରତି ସହାନୁଭୂତ ହୋଇ ମାନବର ପ୍ରତିନିଧିରୂପେ ତାହାର ତତ୍ତ୍ୱରେ ବିକ୍ଷିପ୍ତ ଆସେ । ଧର୍ମର ଅନ୍ତର୍ବୋଧରେ, ସତ୍ୟର ଅନ୍ତର୍ବୋଧରେ ସେହି ଭାବ ସ୍ପୃହଣୀୟ—ତେଣୁ ତାହା ସୁଖପ୍ରଦ । ଜୁଗୁପ୍ସାରେ ମଧ୍ୟ ସେହିପରି । ଗର୍ହିତ ଘୃଣ୍ୟ ଆଚରଣ ଦର୍ଶନରେ ଶିବ, ସୁନ୍ଦର, ମଧୁର, ସୁକୁମାର ଆଦି ଭାବ ପ୍ରତି ଆସ୍ଥାବାନ୍ ମାନବହୃଦୟ ଉତ୍ପୀଡ଼ିତ ଉତ୍ତ୍ୟକ୍ତ ହୁଏ ଓ ତଦନୁରୂପ ତାହାର ବିକ୍ଷିପ୍ତ ପ୍ରଦର୍ଶନ କରେ । ଏହି ସଂସାର ବିଚିତ୍ର । ସମସ୍ତ ଭାବର ସମ୍ମିଶ୍ରଣଦ୍ୱାରା ଶିବ ଅଶିବର, ସୁନ୍ଦର ଓ ଅସୁନ୍ଦରର, ପ୍ରିୟ ଓ ଅପ୍ରିୟର ଓ ନାନାବିଧ ପଦାର୍ଥମାନଙ୍କର ବୈଚିତ୍ର୍ୟମାନଦ୍ୱାରା ସଂସାରର ବୈଚିତ୍ର୍ୟ ପ୍ରକାଶମାନ ହୁଏ । ଏହି ଯଥାଯଥ ଚରିତ୍ର ଚିତ୍ରଣରେ ସେ ସ୍ୱାଭାବିକତା, ପ୍ରକୃତ ଅନୁରୋଧରେ ବିଷୟମାନଙ୍କ ଉପଯୋଗିତା ଓ ସେହି ପରମ ଉଦ୍ଦେଶ୍ୟ ସାଧନରେ ମୁଖ୍ୟ, ଗୌଣ ଭାବରେ ଅନୁକୂଳ ବା ପ୍ରତିକୂଳ ଭାବରେ ବିଷୟମାନଙ୍କର ପ୍ରୟୋଜନୀୟତା ପ୍ରକୃତ ଏହି ରସ ଭାବ ଜ୍ଞାନମାନଙ୍କ ଦ୍ୱାରା ପ୍ରକାଶିତ ହୁଏ । ଏହି ପରମ ସ୍ୱଭାବ ଭାବରେ ପଦାର୍ଥମାନଙ୍କର ସ୍ଥାପନରେ ଯେ ସୁଖ ଲାଭ ତାହା ଅକଳନୀୟ । ଏହିପରି ଉତ୍କୃଷ୍ଟ ବିଷୟରେ ମଧ୍ୟ ସାଧାରଣ

ମାନବର ଧର୍ମ ପ୍ରବର୍ତ୍ତିତ ହୁଏ । ରସବୋଧ କାଳରେ ପାଠକ ଓ ସାମାଜିକର ହୃଦୟ ସେହି ରସରେ ତନ୍ମୟ ହୁଏ, ଅନ୍ୟ କୌଣସି ବିଷୟର ଜ୍ଞାନ ନ ଥାଏ । ଏହା ଅଲୌକିକ ଭାବ । ସେହି ଭାବରେ ହୃଦୟ ତନ୍ମୟ ହୁଏ; ମାତ୍ର ସେହି ରସର୍ କେବଳ ସେ ଆସ୍ୱାଦ କରେ । ହୃଦୟ ଯେ ମୁଖ୍ୟତଃ ଆନନ୍ଦମୟ ହୁଏ ତାହା ନୁହେଁ—ହୃଦୟରେ ଯେ ଭାବ, ରସ ଦ୍ୱାରା ହୁଏ ତାହା ସୁଖପ୍ରଦ । ମାନବଙ୍କ ମନର ସାର୍ଥକତା ସକଳ ପ୍ରତିପାଦକ ଶ୍ରେଷ୍ଠ ତଦା ସୁନ୍ଦର ଓ ସୁଖମୟ ।

କାବ୍ୟରେ ତିନିପ୍ରକାର ଶବ୍ଦ ପ୍ରଯୁକ୍ତ ହୁଏ—ବାଚକ, ଲକ୍ଷଣିକ ଓ ବ୍ୟଞ୍ଜକ । ତେଣୁ ତାହାର ଅର୍ଥ ତିନି ପ୍ରକାର—ବାଚ୍ୟାର୍ଥ, ଲକ୍ଷ୍ୟାର୍ଥ ଓ ବ୍ୟଙ୍ଗ୍ୟାର୍ଥ । ବାଚକ ଶବ୍ଦର ଯେ ଅର୍ଥ ତାହା ବାଚ୍ୟାର୍ଥ; ଲକ୍ଷଣିକ ଶବ୍ଦର ଯେ ଅର୍ଥ ହୁଏ ତାହା ଲକ୍ଷ୍ୟାର୍ଥ ଓ ବ୍ୟଞ୍ଜକ ଶବ୍ଦର ଯେ ଅର୍ଥ ହୁଏ ତାହା ବ୍ୟଙ୍ଗ୍ୟାର୍ଥ । ଯେଉଁ ଶକ୍ତିଦ୍ୱାରା ଏହି ତିନି ପ୍ରକାର ଅର୍ଥ ହୁଏ ତାହା କ୍ରମଶଃ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନା । ଶବ୍ଦ କାରଣ, ଅର୍ଥ କାର୍ଯ୍ୟ । ତେଣୁ ଅର୍ଥବୋଧକ ଅଭିଧା, ଲକ୍ଷଣା ଓ ବ୍ୟଞ୍ଜନାରେ ବ୍ୟାପାର କହନ୍ତି । ଏହି ତିନିଗୋଟି ଶବ୍ଦର ଶକ୍ତି ଅଟନ୍ତି, ଏମାନଙ୍କୁ ବୃତ୍ତି ମଧ୍ୟ କହନ୍ତି ।

## ଅଭିଧା

ବାଚକ ଶବ୍ଦର ଅର୍ଥବୋଧ କରିବା ଶକ୍ତିକୁ ଅଭିଧା କହନ୍ତି । କୌଣସି ବସ୍ତୁକୁ ଦେଖି କିମ୍ବା ଶୁଣି ଏହାର ନାମ ଏହା ଅଟେ ବା ଏହି ନାମର ଏହି ବସ୍ତୁ ରୂପ ଅର୍ଥ ଅଟେ, ଏହି ନିର୍ଦ୍ଦେଶକୁ ସଙ୍କେତ କହନ୍ତି । ଯେଉଁ ଶବ୍ଦ ସାକ୍ଷାତ୍ ସଙ୍କେତ ହୋଇଥିବା ବସ୍ତୁ ବା ଅର୍ଥକୁ କହେ ତାହା ବାଚକ ଶବ୍ଦ ଅଟେ । ବାଚକ ଶବ୍ଦ ସାଧାରଣତଃ ତିନିବିଧ—ଯୌଗିକ, ରୂଢ଼ ଓ ଯୋଗରୂଢ଼ । ଯୌଗିକ—ଯେଉଁ ଶବ୍ଦର ଅର୍ଥ ତାହାର ଅବୟବମାନଙ୍କ ଅର୍ଥ ଦ୍ୱାରା ବୋଧହୁଏ, ଯଥା ଭଜନ ଗାୟନ ମାନସିକ । ପ୍ରକୃତି ପ୍ରତ୍ୟୟଜନିତ ଅର୍ଥକୁ ଅପେକ୍ଷା ନ କରି ଯେଉଁ ଶବ୍ଦର ଅର୍ଥ ହୁଏ, ତାହା ରୂଢ଼—ବୃକ୍ଷ, ଗୋ (ଯେ ଗଛ ହୁଏ ତାହା ବୃକ୍ଷ; ଯେ ଗମନ କରେ ସେ ଗୋ; ଏଠାରେ ପ୍ରକୃତିପ୍ରତ୍ୟୟଜନିତ ଅର୍ଥ ନ ବୁଝାଇ ଅନ୍ୟ ଏକ ଅର୍ଥରେ ଶବ୍ଦ ପ୍ରସିଦ୍ଧି ଲାଭ କରିଛି) । ଯୋଗରୂଢ଼—ଯେଉଁ ଶବ୍ଦରେ ପ୍ରକୃତିପ୍ରତ୍ୟୟଜନିତ ଅର୍ଥ ଓ ରୂଢ଼ି ଅର୍ଥ ଅଛି, ତାହା ଯୋଗରୂଢ଼—ପଙ୍କଜ, ପୀତାମ୍ବର (ପଙ୍କରୁ ଅନେକ ପଦାର୍ଥ ଜାତ ହୁଏ—ଏଠାରେ ପ୍ରକୃତିପ୍ରତ୍ୟୟଜନିତ ଅର୍ଥ ଅଛି ଅର୍ଥାତ୍ ଯୌଗିକ ଅର୍ଥ ଅଛି ଓ ତେବେ ଏହା ପଦ୍ମ ଅର୍ଥରେ ରୂଢ଼ି—ପ୍ରସିଦ୍ଧି ଲାଭ କରିଛି) ।

## ଲକ୍ଷଣା

ଲକ୍ଷ୍ୟାର୍ଥରେ (୧) ମୁଖ୍ୟାର୍ଥର ବାଧ, (୨) ମୁଖ୍ୟାର୍ଥର ଯୋଗ ବା ସମ୍ବନ୍ଧ, (୩) ରୂଢ଼ି ବା ପ୍ରୟୋଜନ ଏହି ତିନି କାରଣ ଆବଶ୍ୟକ । ରୂଢ଼ି ଲକ୍ଷଣା :—

କଳିଙ୍ଗ ସାହସିକ—କଳିଙ୍ଗ ଶବ୍ଦଦ୍ୱାରା କଳିଙ୍ଗ ଦେଶ ବୁଝାଏ—ଏଠାରେ 'ଦେଶ ଅର୍ଥ ବାଧିତ ହୋଇ କଳିଙ୍ଗ ଦେଶର 'ସହିତ ସମ୍ବନ୍ଧ ଥିବା' ଅର୍ଥାତ୍ ତନ୍ମଧ୍ୟରେ ବାସ କରୁଥିବା ବ୍ୟକ୍ତିଙ୍କୁ ବୁଝାଉଛି । 'କଳିଙ୍ଗବାସୀ' ସ୍ଥାନରେ କେବଳ କଳିଙ୍ଗ କହିବାରୁ ତାହା ରୂଢ଼ି ହେଲା । ପ୍ରୟୋଜନ ଲକ୍ଷଣା—ମହାନଦୀରେ ଗଉଡ଼ ଗାଁ । ମହାନଦୀ ସ୍ରୋତରେ ଗଉଡ଼ ଗାଁ ହେବା ଅସମ୍ଭବ; ତେଣୁ ମୁଖ୍ୟାର୍ଥ ଅର୍ଥ ମହାନଦୀରେ ବାଧ ହେଲା—ମହାନଦୀ ସ୍ରୋତର ସମ୍ବନ୍ଧ ହେଇ ତଟ ବୁଝାଇଲା । ମହାନଦୀ ତଟର ସାର୍ଥକତା କହିବା ଦ୍ୱାରା ଶୀତଳତା ଓ ପବିତ୍ରତା ବୁଝାଉଛି । ଏହା ହେଲା ପ୍ରୟୋଜନ । ବ୍ୟଙ୍ଗ୍ୟରେ ଯୁକ୍ତ ହେଲେ ପ୍ରୟୋଜନଲକ୍ଷଣା ଓ ବ୍ୟଙ୍ଗ୍ୟରହିତ ହେଲେ ରୂଢ଼ିଲକ୍ଷଣା ହୁଏ । ଲକ୍ଷଣା ପୁଣି ଦୁଇ ଭାଗରେ ବିଭକ୍ତ—ଯଥା—ଉପାଦାନ ଲକ୍ଷଣା ଓ ଲକ୍ଷଣ ଲକ୍ଷଣା ( ତାହା ଯଥାକ୍ରମେ ଅଜହତ୍ସ୍ୱାର୍ଥା ଓ ଜହତ୍ସ୍ୱାର୍ଥା ରୂପେ ଖ୍ୟାତ ) । ସେ ଦୁଇଟି ପୁଣି ସାରୋପା ଓ ସାଧ୍ୟବସାନା ଭେଦରେ ଦ୍ୱିବିଧ । ଏହି ଅଷ୍ଟବିଧ ପୁଣି ଶୁଦ୍ଧା ଓ ଗୌଣୀରୂପେ ଦ୍ୱିବିଧ ହୋଇ ଷୋଡ଼ଶ-ପ୍ରକାର ହୁଅନ୍ତି । ଏମାନଙ୍କ ସବିସ୍ତର ବର୍ଣ୍ଣନ ନିମନ୍ତେ ସାହିତ୍ୟଦର୍ପଣ ବା କାବ୍ୟପ୍ରକାଶ ଦ୍ରଷ୍ଟବ୍ୟ । ଏଠାରେ ଅବଶ୍ୟଜ୍ଞାତବ୍ୟ ବିଷୟମାନ ମାତ୍ର ପ୍ରଦତ୍ତ ହେଲା ।

## ଗୌଣୀ

'ମୁଖଚନ୍ଦ୍ର' ଏଠାରେ ମୁଖକୁ ଚନ୍ଦ୍ର କହିଲେ ମୁଖ୍ୟାର୍ଥ ବାଧ ହେଲା; କାରଣ ମୁଖ ବା କିପରି ଚନ୍ଦ୍ର ହେବ । କିନ୍ତୁ କାନ୍ତି ଆଦି ସମାନ ଗୁଣ ବା ଧର୍ମର ସମ୍ବନ୍ଧ ଦ୍ୱାରା ଲକ୍ଷ୍ୟାର୍ଥର ବୋଧ ହେଲା । ଅର୍ଥାତ୍ ମୁଖ ଚନ୍ଦ୍ରର ସମାନ କାନ୍ତିଯୁକ୍ତ ଅଟେ । ଶୁଦ୍ଧା—ମହାନଦୀରେ ଗଉଡ଼ଗାଁ । ଏଠାରେ ସାଦୃଶ୍ୟ ସମ୍ବନ୍ଧ ବିନା ଅନ୍ୟ ସମ୍ବନ୍ଧଦ୍ୱାରା ସାମୀପ୍ୟ ସମ୍ବନ୍ଧଦ୍ୱାରା ଲକ୍ଷ୍ୟାର୍ଥ ଜ୍ଞାନ ହେଲା—ତେଣୁ ଶୁଦ୍ଧା ଲକ୍ଷଣା ହେଲା । ( ଶୁଦ୍ଧା ଲକ୍ଷଣା ସାଦୃଶ୍ୟ ସମ୍ବନ୍ଧ ବ୍ୟତୀତ ଆଂଶିକ ଭାବ, ତାଦାତ୍ମ୍ୟ, ତାଦର୍ଥ୍ୟ ଓ ସାମୀପ୍ୟାଦି ସମ୍ବନ୍ଧରେ ହୁଏ ) । ସାଦୃଶ୍ୟ ସମ୍ବନ୍ଧରେ ଗୌଣୀ ଲକ୍ଷଣା ହୁଏ ।

## ଉପାଦାନ ଲକ୍ଷଣା

ଅର୍ଥଲାଭ ପାଇଁ ଯେଉଁଠାରେ ମୁଖ୍ୟ ଅର୍ଥକୁ ନ ଛାଡ଼ି ଅନ୍ୟ ଅର୍ଥର ଆକ୍ଷେପ ବା ଗ୍ରହଣ କରାଯାଏ, ସେଠାରେ ଉପାଦାନ ଲକ୍ଷଣା ହୁଏ । ଏହାକୁ ଅଜହତ୍ସ୍ୱାର୍ଥା କହନ୍ତି । ଖଣ୍ଡା ଗୁଡ଼ାକ ପଶି ଯାଉଛି—ଖଣ୍ଡାଗୁଡ଼ାକ ନ

ବର୍ଚ୍ଛା ପଶିପାରନ୍ତି ନାହିଁ—ମୁଖ୍ୟାର୍ଥ ବାଧ ହେଲା; କିନ୍ତୁ ଅନ୍ୱୟ ସିଦ୍ଧି ନିମନ୍ତେ ବର୍ଚ୍ଛା ସହିତ ସଂଯୋଗ ସମ୍ବନ୍ଧର କାରଣ ବର୍ଚ୍ଛାଧାରୀ ଲୋକଙ୍କୁ ବୁଝାଉଛି। ଏଠାରେ ବର୍ଚ୍ଛା ଶବ୍ଦ ନିଜ ଅର୍ଥକୁ ଛାଡ଼ି ନାହିଁ, ପୁଣି 'ଧାରିବାଗଣ' ଏହି ଅର୍ଥକୁ ଆଣି ଲଗାଉଛି। ଏହାକୁ ଉପାଦାନ ଲକ୍ଷଣା କହନ୍ତି। ଅର୍ଥାନ୍ତର ସଂକ୍ରମିତ ଧ୍ୱନିରେ ଏହି ଲକ୍ଷଣା ହୁଏ। ସମାସୋକ୍ତି ଅଳଙ୍କାରର ମୂଳ।

## ଲକ୍ଷଣ ଲକ୍ଷଣା

ଅର୍ଥଲାଭ ପାଇଁ ଯେଉଁଠାରେ ମୁଖ୍ୟ ଅର୍ଥକୁ ଛାଡ଼ି ଅନ୍ୟ ଅର୍ଥକୁ ଗ୍ରହଣ କରାଯାଏ ସେଠାରେ ଲକ୍ଷଣଲକ୍ଷଣା ହୁଏ। ନଦୀଗର୍ଭରେ ଗଉଡ଼ ସାହି—ଏଠାରେ ମୁଖ୍ୟ ଅର୍ଥ ମଧ୍ୟଜଳପ୍ରବାହକୁ ଛାଡ଼ି ଲକ୍ଷ୍ୟାର୍ଥ ତଟଭୂମି ଗ୍ରହଣ କରା ହେଉଅଛି।

"ଭଲ କଲ ଦେଖ ମୋର କ୍ରୂରାଙ୍କ ବଦନ।
ଉପକାରୀ ସୁହୃଦ ସେ ଅଟନ୍ତି ଏ ଜନ।"

ଏଠାରେ ମୁଖ୍ୟାର୍ଥ—ଅପକାର କରିବା ଲୋକଙ୍କୁ ଉପକାରୀ କୁହାଯାଏ ନାହିଁ; ତେଣୁ ମୁଖ୍ୟାର୍ଥର ବାଧ ହେଉଛି। ମୁଖ୍ୟାର୍ଥକୁ ଛାଡ଼ି ବିପରୀତ ଅର୍ଥ ଅପକାରୀ ଲକ୍ଷ୍ୟାର୍ଥ ହେଲା। ଏହାକୁ ଜହତ୍ସ୍ୱାର୍ଥା କହନ୍ତି। ଅତ୍ୟନ୍ତତିରସ୍କୃତ ବାଚ୍ୟ ଧ୍ୱନିରେ ଲକ୍ଷଣ ଲକ୍ଷଣା ହୁଏ। ଅପ୍ରସ୍ତୁତପ୍ରଶଂସା ଓ ଅନନ୍ୱୟାଦି ଅଳଙ୍କାରର କାରଣ। ବିପରୀତ ଅର୍ଥରେ—ବ୍ୟାଜସ୍ତୁତିର କାରଣ। ସାରୋପା:—ଯେଉଁଠାରେ ଆରୋପ କରାଯିବା ବିଷୟ ଓ ଆରୋପ ବିଷୟ ଉଭୟ ଉପାତ୍ତ ହୁଏ ସେଠାରେ ସାରୋପା ଲକ୍ଷଣା ହୁଏ। ଯଥା—ଶର୍ମା, ବୃଦ୍ଧ ଅଶ୍ୱ, ଧଳା ଘୋଡ଼ା ଦଉଡ଼ୁଛି, ଇତ୍ୟାଦି। ରୂପକ ଅଳଂକାରରେ ଏହି ଲକ୍ଷଣା ହୁଏ। ସାଧ୍ୟବସାନା:—ଯେଉଁଠାରେ ଆରୋପ ବିଷୟ ନ ଥାଇ କେବଳ ଆରୋପ୍ୟମାଣ ( ଆରୋପ କରାଯିବା ବିଷୟ ) ଥାଏ, ସେଠାରେ ସାଧ୍ୟବସାନା ଲକ୍ଷଣା ହୁଏ ( ବିଷୟୀ ଦ୍ୱାରା ବିଷୟର ନିଗରଣରେ ଏହି ଲକ୍ଷଣା ହୁଏ )। ଏ ବାଘ, ଏ ଗଧ, ଏ ଚନ୍ଦ୍ର, ଏ ପାରିଜାତ, ଏ ଆନନ୍ଦ। ତାହା ଯଥାର୍ଥ ସଦୃଶ ବିଷୟ ଉକ୍ତ ହୋଇ ନାହିଁ। ତେଣୁ ବିଷୟୀ ବାଘ ଶବ୍ଦରେ ତାହା ନିଗୀର୍ଣ୍ଣ ହୋଇଅଛି ( ଗିଳିଯାଇଛି )। "ଏ" ଏହି ଶବ୍ଦ ବିଷୟରୂପେ ଗୃହୀତ ହେବ ନାହିଁ, ଏହା 'ଅତିଶୟୋକ୍ତିର' ମୂଳ ବୀଜ ଅଟେ; ଗୃହୀତ ହେଲେ ସାରୋପା ହୋଇଯିବ। ସାରୋପାରେ ବିଷୟ ବିଷୟୀ ଉଭୟେ ଉକ୍ତ, ସାଧ୍ୟବସାନାରେ ବିଷୟୀ ମଧ୍ୟରେ ବିଷୟ ଲୁପ୍ତ। ଅନ୍ୟ ଭେଦମାନ ଅଳଙ୍କାର ଗ୍ରନ୍ଥାନ୍ତରୁ ଦ୍ରଷ୍ଟବ୍ୟ।

## ତାତ୍ପର୍ଯ୍ୟ

ଅନୁବାଦ ବା ସିଦ୍ଧ ଯେତେବେଳେ ବାକ୍ୟରୁ ବା ସାଧ୍ୟରୁ ହୁଏ, ସେତେବେ ତାତ୍ପର୍ଯ୍ୟ ବୃତ୍ତି ହୁଏ । ପୂର୍ବେ ଏହା କଥିତ ହୋଇଅଛି । ବିଦ୍ୟାନାଥ ପ୍ରଭୃତି ଆଲଙ୍କାରିକମାନେ କହନ୍ତି ଯେ, ତାତ୍ପର୍ଯ୍ୟହିଁ ବାକ୍ୟାର୍ଥ । ବ୍ୟଞ୍ଜନାବୃତ୍ତିଃ— ଅଭିଧା, ଲକ୍ଷଣା ଓ ତାତ୍ପର୍ଯ୍ୟ ବୃତ୍ତି ଯେ ନିଜର ଅର୍ଥକୁ ବୁଝାଇ ବିରତ ହୋଇଯିବାପରେ ଯାହାଦ୍ୱାରା ଅନ୍ୟ ଅର୍ଥର ବୋଧହୁଏ ସେହି ଶବ୍ଦ ଓ ଅର୍ଥ ଥିବା ଶକ୍ତିକୁ ବ୍ୟଞ୍ଜନା କହନ୍ତି । ଯେପରି ସାଧାରଣ ଅଞ୍ଜନ ଅପ୍ରକଟ ବସ୍ତୁକୁ ପ୍ରକଟ କରିଦିଏ, ସେହିପରି ଏହି ବ୍ୟଞ୍ଜନା ଅଭିଧେୟାର୍ଥ ଓ ଲକ୍ଷ୍ୟାର୍ଥର ଅତିରିକ୍ତ ଅର୍ଥକୁ ବୋଧ କରାଏ । ଅତଏବ ଏହି ଶବ୍ଦଶକ୍ତି ଅର୍ଥ ଯାହାଦ୍ୱାରା ବୋଧ ହୁଏ ତାହା ବ୍ୟଞ୍ଜନାବୃତ୍ତି । ଏହି ବ୍ୟଞ୍ଜନା ଦ୍ୱାରା ଲବ୍ଧ ଅର୍ଥକୁ ବ୍ୟଙ୍ଗ୍ୟାର୍ଥ, ଧ୍ୱନ୍ୟର୍ଥ, ଆକ୍ଷେପାର୍ଥ, ଅବଗମ୍ୟାର୍ଥ, ସୂଚ୍ୟାର୍ଥ ଓ ପ୍ରତୀୟମାନ ଅର୍ଥ କହନ୍ତି । ଯେଉଁ ଶବ୍ଦ ବାଚକ ହୁଏ ସେ ଲାକ୍ଷଣିକ ଓ ବ୍ୟଞ୍ଜକ ମଧ୍ୟ ହୁଏ । ମହାନଦୀରେ ଘୋଷପଲ୍ଲୀ । ମହାନଦୀ ଶବ୍ଦ ପ୍ରବାହବୋଧରେ ବାଚକ ଅଟେ । ଏହି ସ୍ଥଳେ ମହାନଦୀ ଶବ୍ଦ ପ୍ରବାହ ବୋଧରେ ବାଚକ; ତଟ ବୋଧରେ ଲାକ୍ଷଣିକ; ଶୀତଳତା ଓ ପବିତ୍ରତା ବୋଧରେ ବ୍ୟଞ୍ଜକ ଅଟେ । ଅଭିଧା ଓ ଲକ୍ଷଣା ଶକ୍ତି କେବଳ ଶବ୍ଦକୁ ଆଶ୍ରୟ କରେ । ବ୍ୟଞ୍ଜନା ଶବ୍ଦ ଓ ଅର୍ଥ ଉଭୟକୁ ଆଶ୍ରୟ କରେ । ତେଣୁ ବ୍ୟଞ୍ଜନା ଦୁଇ ପ୍ରକାର ହୁଏ—ଶାବ୍ଦୀ ଓ ଆର୍ଥୀ । ଶାବ୍ଦୀ ବ୍ୟଞ୍ଜନାର ମଧ୍ୟ ଦୁଇଟି ଭେଦ; ଅଭିଧାମୂଳା ଓ ଲକ୍ଷଣାମୂଳା ।

## ଅଭିଧାମୂଳା ଶାବ୍ଦୀ ବ୍ୟଞ୍ଜନା

ବହୁତ ଶବ୍ଦ ଅଛି ଯେଉଁମାନଙ୍କର ଅର୍ଥ ଅନେକ । ସଂଯୋଗ ଆଦିଦ୍ୱାରା ସେହିପରି ଅର୍ଥ ନିୟନ୍ତ୍ରିତ ହୋଇ ଯେବେ କେବଳ ଗୋଟିଏ ଚମତ୍କାରବୋଧକ ଅର୍ଥ ପ୍ରତୀତ ହୁଏ—ସେତେବେଳେ ତାହା ଅଭିଧାମୂଳକ ବ୍ୟଞ୍ଜନା ଦ୍ୱାରା ହୁଏ । ଅର୍ଥାତ୍ ଅନେକାର୍ଥ ଶବ୍ଦମାନଙ୍କର ମୁଖ୍ୟାର୍ଥବୋଧକ ଅଭିଧା ଶକ୍ତିକୁ ନିୟନ୍ତ୍ରଣ କରିବା ସଂଯୋଗ ଆଦି ଅନେକ କାରଣ ଅଛନ୍ତି । ସଂଯୋଗ, ବିୟୋଗ, ସାହଚର୍ଯ୍ୟ, ବିରୋଧ, ଅର୍ଥ, ପ୍ରକରଣ, ଲିଙ୍ଗ ଅନ୍ୟ ଶବ୍ଦର ସନ୍ନିଧି, ସାମର୍ଥ୍ୟ, ଔଚିତ୍ୟ, ଦେଶ, କାଳ, ବ୍ୟକ୍ତି ଓ ସ୍ୱର ଆଦି । ସଂଯୋଗ—ଶଙ୍ଖଚକ୍ରଯୁକ୍ତ ହରି । ବିୟୋଗ—ଶଙ୍ଖଚକ୍ରରହିତ ହରି । ସାହଚର୍ଯ୍ୟ—ରାମ ଲକ୍ଷ୍ମଣ । ବିରୋଧ—ରାମ ରାବଣ । ଅର୍ଥ—ଭବବନ୍ଧନ ନାଶ ନିମନ୍ତେ କାହିଁକି ସ୍ଥାଣୁଙ୍କୁ ଭଜୁ ନାହିଁ—ସ୍ଥାଣୁର ଅର୍ଥ ଖୁଣ୍ଟ ଓ ଶିବ—ଏଠାରେ ଅର୍ଥକୁ ଶିବ । ପ୍ରକରଣ—ଦେବ ଶବ୍ଦର ଅର୍ଥ ଦେବତା, ରାଜା ଓ ଗର୍ଜନ୍ୟ ମେଘ ଦେବ; ଦେବ ଆପଣ ସବୁ ଜାଣନ୍ତି—ରାଜାଙ୍କ ଅର୍ଥରେ । ଲିଙ୍ଗ—କୁପିତ ମକରଧ୍ୱଜ—ମକରଧ୍ୱଜର

ଅର୍ଥ ସମୁଦ୍ର ଓ କାମଦେବ; ଏଠାରେ ଅର୍ଥ କାମଦେବ, କାରଣ ସମୁଦ୍ର ଚନ୍ଦ୍ର ଓ ଅଚେତନ । ଅନ୍ୟର ସନ୍ନିଧି—କୁଙ୍କୁମ ଦେବଙ୍କର—ଶୁଙ୍ଗାଦ୍ଧି ଏବ ସାନ୍ନିଧ୍ୟରୁ କାମଦେବ ବୁଝାଉଛି । ସାମର୍ଥ୍ୟ—ମଧୁମତ୍ତ କୋକିଳ; ମଧୁ ଶବ୍ଦର ଅନେକ ଅର୍ଥ—ମଦ୍ୟ, ମଦିରା; ମକରନ୍ଦ ଓ ବସନ୍ତକାଳ; କିନ୍ତୁ ବସନ୍ତ କାଳହିଁ ସାମର୍ଥ୍ୟ କୋକିଳକୁ ମତ୍ତ କରିବାରେ । ଔଚିତ୍ୟ—ଦୟିତା ମୁଖକୁ ରକ୍ଷା କରନ୍ତୁ, ଅନେକ ପ୍ରକାର ଲକ୍ଷଣ—ଏଠାରେ ଦୟିତା ମୁଖକୁ ଅପେକ୍ଷା କରି· ଔଚିତ୍ୟରୁ ଅନୁକୂଳ ରୂପ ପାଳନ ନିଶ୍ଚିତ ହେଉ । ଦେଶ—ଏଠାରେ ପରମେଶ୍ୱର ବର୍ତ୍ତମାନ; ରାଜଧାନୀ ରୂପ ଦେଶକୁ ସ୍ୱର୍ଗକୁ ବୁଝାଉଛି । କାଳ—ଚିତ୍ରଭାନୁ ବିଭାତି ପାଳୁଅଛନ୍ତି—ଦିବସରେ ସୂର୍ଯ୍ୟ; ରାତିରେ ଅଗ୍ନି । ବ୍ୟକ୍ତି—ମିତ୍ରଂ ଭାତି—ଏଠାରେ ସୂର୍ଯ୍ୟକୁ ବୁଝାଉଛି, ମିତ୍ର ପୁଂଲିଙ୍ଗରେ ସୂର୍ଯ୍ୟ—ଏହା ସ୍ପଷ୍ଟ ହେଲେ—ସ୍ତ୍ରୀଲିଙ୍ଗରେ ନୁହେଁ । ଉଦାହରଣ ଏହା ପ୍ରକରଣଙ୍କୁ ସ୍ପଷ୍ଟ ହେବ । ସ୍ୱର—ବେଦରେ ପ୍ରଯୁକ୍ତ ସ୍ୱରରୁ ଅର୍ଥନିର୍ଣ୍ଣୟରେ, ଅଭିଦେଶରେ ଓ କାବ୍ୟରେ ମଧ୍ୟ ବ୍ୟଞ୍ଜନା ହୁଏ ।

## ଆର୍ଥୀ ବ୍ୟଞ୍ଜନା

ବକ୍ତା, ବୋଦ୍ଧବ୍ୟ, କାକୁ, ବାକ୍ୟ, ବାଚ୍ୟ, ଅନ୍ୟସନ୍ନିଧି, ପ୍ରସ୍ତାବ, ଦେଶ କାଳ ଆଦିର ବୈଶିଷ୍ଟ୍ୟ ଓ ସହୃଦୟତା ଯୋଗୁଁ ଅର୍ଥାନ୍ତରକୁ (ଅଭିଧା ଓ ଲକ୍ଷଣା ଦ୍ୱାରା ନ ହେବା ବ୍ୟଙ୍ଗ୍ୟାର୍ଥ) ପ୍ରକାଶ କରାଇବା ଅର୍ଥର ବ୍ୟାପାରକୁ ଆର୍ଥୀ ବ୍ୟଞ୍ଜନା କହନ୍ତି । ଜଣଙ୍କ ମତାନୁସାରେ ବ୍ୟଞ୍ଜନାବୃତ୍ତି ବାଚ୍ୟ, ଲକ୍ଷ୍ୟ ଓ ବ୍ୟଙ୍ଗ୍ୟ ତିନି ଅର୍ଥରେ ହୋଇ ପାରେ । ଏଥିପାଇଁ ଉପରିକଥିତ ବକ୍ତାଆଦିଙ୍କ ବୈଶିଷ୍ଟ୍ୟଦ୍ୱାରା ହେବା ଆର୍ଥୀ ବ୍ୟଞ୍ଜନା ତିନି ପ୍ରକାର ହୋଇ ପାରନ୍ତି—ବାଚ୍ୟସମ୍ଭବା, ଲକ୍ଷ୍ୟସମ୍ଭବା ଓ ବ୍ୟଙ୍ଗ୍ୟସମ୍ଭବା । ଅଳଙ୍କାର ଶାସ୍ତ୍ର ଦେଖ ।

## ଧ୍ୱନି

ବାଚ୍ୟାର୍ଥ ଭଳି ବ୍ୟଙ୍ଗ୍ୟ ଅର୍ଥ ଶବ୍ଦଦ୍ୱାରା କଥିତ ହୋଇ ରହେ ନାହିଁ । ବ୍ୟଙ୍ଗ୍ୟ ଧ୍ୱନିତ ହୁଏ—ଧ୍ୱନିଦ୍ୱାରା ପ୍ରକାଶିତ ହୁଏ—ଏଥିପାଇଁ ଯେଉଁଠାରେ

---

ସଙ୍କେତ—ଏହି ଶବ୍ଦରୁ ଏହି ଅର୍ଥ ଜଣାଯିବ, ଏହିରୂପ ଶକ୍ତି ଗ୍ରହଣ କରିବାର ସମ୍ବନ୍ଧ—ସଙ୍କେତ । ସଂସାରରେ ବ୍ୟବହାରରୁ ଓ ଅନ୍ୟାନ୍ୟ କାରଣରୁ ଏହି ଶବ୍ଦର ଏହି ନିର୍ଦ୍ଦିଷ୍ଟ ଅର୍ଥ ଏହା-ଟେ ବୋଲି ଜଣେ ଜାଣେ, ଶକ୍ତି ଅର୍ଥାତ୍ ଯାହାଦ୍ୱାରା ଶବ୍ଦର ଅର୍ଥ ଜଣାଯାଏ, ତାହା ଶକ୍ତି । ଶକ୍ତିଗ୍ରହଣର ଉପାୟମାନ ଯଥାକ୍ରମେ—ବ୍ୟାକରଣ, ଉପମାନ, କୋଷ, ଆପ୍ତବାକ୍ୟ,... ବ୍ୟବହାର, ବାକ୍ୟଶେଷ, ବ୍ୟାଖ୍ୟା, ଜଣା ପଦର ସାନ୍ନିଧ୍ୟରୁ ଅର୍ଥ ବୋଧ ହୁଏ ।

ବ୍ୟଙ୍ଗ୍ୟାର୍ଥର ପ୍ରଧାନତା ହୁଏ ତାକୁ ଧ୍ୱନି କହନ୍ତି । ଯେଉଁ ସ୍ଥାନରେ ବାଚ୍ୟାର୍ଥର ଚମତ୍କାର ହୁଏ ସେଠାରେ ବାଚ୍ୟାର୍ଥର ପ୍ରାଧାନ୍ୟ, ଯଦି ସେଉଁଠାରେ ବ୍ୟଙ୍ଗ୍ୟାର୍ଥର ଚମତ୍କାର ହୁଏ, ସେଠାରେ ବ୍ୟଙ୍ଗ୍ୟାର୍ଥର ପ୍ରାଧାନ୍ୟ ଓ ବାଚ୍ୟାର୍ଥର ଅପ୍ରାଧାନ୍ୟ ହୁଏ । ଧ୍ୱନିର ଦୁଇଟି ପ୍ରଧାନ ଭେଦ—ଲକ୍ଷଣାମୂଳ ଓ ଅଭିଧାମୂଳ ।

## ଲକ୍ଷଣାମୂଳ ଧ୍ୱନି

ଯେଉଁ ଧ୍ୱନିରେ ବାଚ୍ୟାର୍ଥର ବାଧା ହୁଏ ସେଠାରେ ଲକ୍ଷଣାମୂଳ ଧ୍ୱନି ହୁଏ । ଏହାକୁ ଅବିବକ୍ଷିତ ବାଚ୍ୟଧ୍ୱନି କହନ୍ତି । ଏହି ଧ୍ୱନିରେ ବ୍ୟଙ୍ଗ୍ୟ ପ୍ରୟୋଜନବତୀ ଲକ୍ଷଣା ହୁଏ, ରୂଢ଼ି ଲକ୍ଷଣା ହୁଏ ନାହିଁ, କାରଣ ରୂଢ଼ିଲକ୍ଷଣାରେ ବ୍ୟଙ୍ଗ୍ୟ ହୁଏ ନାହିଁ । ଦୁଇଗୋଟି ଭେଦ (୧) ଅର୍ଥାନ୍ତର ସଂକ୍ରମିତ ବାଚ୍ୟଧ୍ୱନି, (୨) ଅତ୍ୟନ୍ତ ତିରସ୍କୃତ ବାଚ୍ୟଧ୍ୱନି । ଅର୍ଥାନ୍ତର ସଂକ୍ରମିତ ବାଚ୍ୟ—ଯହିଁରେ ବାଚ୍ୟ ଅର୍ଥ ଅନ୍ୟ ଅର୍ଥରେ ସଂକ୍ରମଣ କରେ; ଅର୍ଥାତ୍ ଲକ୍ଷ୍ୟାର୍ଥରେ ପ୍ରବେଶ କରେ ସେଠାରେ ଅର୍ଥାନ୍ତରସଂକ୍ରମିତ ବାଚ୍ୟ ଧ୍ୱନି ହୁଏ । ଏ ଧ୍ୱନି ପଦଗତ ଓ ବାକ୍ୟଗତ । ଏଥିରେ ପ୍ରୟୋଜନବତୀ ଉପାଦାନ ଲକ୍ଷଣା ହୁଏ । (୩) ଅତ୍ୟନ୍ତ ତିରସ୍କୃତ ବାଚ୍ୟ ଧ୍ୱନି—ଯେଉଁଠାରେ ବାଚ୍ୟାର୍ଥର ସର୍ବଥାରୂପେ ତିରସ୍କାର—ତ୍ୟାଗ କରାହୁଏ ସେଠାରେ ଅତ୍ୟନ୍ତ-ତିରସ୍କୃତ ବାଚ୍ୟଧ୍ୱନି ହୁଏ । ଏଠାରେ ବାଚ୍ୟାର୍ଥ ସମ୍ପୂର୍ଣ୍ଣରୂପେ ଖଣ୍ଡିତ ହୁଏ । ଏଥିରେ ପ୍ରୟୋଜନବତୀ ଲକ୍ଷଣଲକ୍ଷଣା ହୁଏ । ଏହା ପଦଗତ ଓ ବାକ୍ୟଗତ ।

## ଅଭିଧାମୂଳ ଧ୍ୱନି

ଏହାକୁ ବିବକ୍ଷିତ ଅନ୍ୟପରବାଚ୍ୟ ଧ୍ୱନି କହନ୍ତି । କାରଣ ଏଥିରେ ବାଚ୍ୟାର୍ଥକୁ ଅପେକ୍ଷା ରହେ; ଅର୍ଥାତ୍ ବାଚ୍ୟାର୍ଥ ମଧ୍ୟ ବାଞ୍ଛନୀୟ ହୁଏ । ଏଥିରେ ବାଚ୍ୟାର୍ଥ ନିଜର ସ୍ୱରୂପ ପ୍ରକାଶ କରେ ଓ ବ୍ୟଙ୍ଗ୍ୟାର୍ଥକୁ ମଧ୍ୟ ପ୍ରକାଶ କରେ । ଏହା ଦ୍ୱିବିଧ—ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଓ ସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ।

ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି—ଯେଉଁଥିରେ ରସ, ଭାବ ଆଦି ବ୍ୟଙ୍ଗ୍ୟ ହୁଏ, ତାକୁ ଅସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି କହନ୍ତି । ଏଥିରେ କାବ୍ୟର ସର୍ବୋପରି ଅକଥନୀୟ ଚମତ୍କାର ହୁଏ । ଏହା ପୂର୍ବେ ସବିସ୍ତର କଥିତ ହୋଇଅଛି ।

ସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି—ବାଚ୍ୟ ଅର୍ଥର ବୋଧ ହେବାପରେ କ୍ରମଶଃ ବ୍ୟଙ୍ଗ୍ୟ ଅର୍ଥ ପ୍ରକଟ ହେଲେ ସଂଲକ୍ଷ୍ୟକ୍ରମ ବ୍ୟଙ୍ଗ୍ୟ ଧ୍ୱନି ହୁଏ । ଏହା ତ୍ରିବିଧ:—ଶବ୍ଦଶକ୍ତ୍ୟୁଦ୍ଭବ, ଅର୍ଥଶକ୍ତ୍ୟୁଦ୍ଭବ ବା ଶବ୍ଦ ଓ ଅର୍ଥ ଉଭୟ

ଶକ୍ତିଉଦ୍ଭବ । ଶବ୍ଦଶକ୍ତ୍ୟୁଦ୍ଭବ ମଧ୍ୟ ଦ୍ୱିବିଧଃ—ବସ୍ତୁ ଧ୍ୱନି ଓ ଅଳଙ୍କାର ଧ୍ୱନି । ଅର୍ଥଶକ୍ତି ଉଦ୍ଭବ ଧ୍ୱନି—ଯେଉଁଠାରେ ଶବ୍ଦ ପରିବର୍ତ୍ତନ ହେଲା ପରେ ମଧ୍ୟ ବ୍ୟଙ୍ଗ୍ୟାର୍ଥର ପ୍ରତୀତି ହୁଏ, ସେଠାରେ ଅର୍ଥଶକ୍ତ୍ୟୁଦ୍ଭବ ଧ୍ୱନି ହୁଏ । ବ୍ୟଞ୍ଜକ ଓ ବ୍ୟଙ୍ଗ୍ୟ ଭୂତ ଅର୍ଥ ହୁଏ । ବ୍ୟଞ୍ଜକ ଅର୍ଥ ତିନି ପ୍ରକାର—ସ୍ୱତଃ ସମ୍ଭବୀ, କବି ପ୍ରୌଢ଼ୋକ୍ତିମାତ୍ରସିଦ୍ଧ, କବିନିବଦ୍ଧବକ୍ତୃ ପ୍ରୌଢ଼ୋକ୍ତିମାତ୍ରସିଦ୍ଧ । ଏ ପ୍ରତ୍ୟେକ ପୁଣି ଚାରି ପ୍ରକାର ବିଭକ୍ତ—ବସ୍ତୁରେ ବସ୍ତୁ, ବସ୍ତୁରେ ଅଳଙ୍କାର, ଅଳଙ୍କାରରେ ବସ୍ତୁ ଓ ଅଳଙ୍କାରରେ ଅଳଙ୍କାର । ଶବ୍ଦ ଓ ଅର୍ଥ ଉଭୟ ଶକ୍ତି ଉଦ୍ଭବ ଧ୍ୱନିଃ—ଯହିଁରେ କେତେକ ପଦର ପରିବର୍ତ୍ତନରେ ଓ ଅନ୍ୟ କେତେକ ପଦର ଅପରିବର୍ତ୍ତନରେ ମଧ୍ୟ ବ୍ୟଙ୍ଗ୍ୟ ସୂଚିତ ହୁଏ, ସେଠାରେ ଏହି ଧ୍ୱନି ହୁଏ । ଏହାର ଅନେକ ଭେଦ ଅଛି । ଅଳଙ୍କାର ଗ୍ରନ୍ଥାଦିରେ ଦ୍ରଷ୍ଟବ୍ୟ ।

## ଗୁଣୀଭୂତ ବ୍ୟଙ୍ଗ୍ୟ

ଯେ ବ୍ୟଙ୍ଗ୍ୟାର୍ଥ ବାଚ୍ୟାର୍ଥଠାରୁ ଉତ୍କୃଷ୍ଟ ନୁହେଁ—ଅର୍ଥାତ୍ ବାଚ୍ୟାର୍ଥର ସମାନ ବା ବାଚ୍ୟାର୍ଥଠାରୁ ନ୍ୟୂନ ଚମତ୍କାର ଅଟେ, ତାକୁ ଗୁଣୀଭୂତବ୍ୟଙ୍ଗ୍ୟ କହନ୍ତି । ଧ୍ୱନିରେ ବ୍ୟଙ୍ଗ୍ୟ ମୁଖ୍ୟ ଓ ଏଥିରେ ବ୍ୟଙ୍ଗ୍ୟ ଗୌଣ ଅଟେ । ଏହି ହେତୁ ଏହାକୁ ଗୁଣୀଭୂତ ବ୍ୟଙ୍ଗ୍ୟ କହନ୍ତି । ଏହାର ଅଷ୍ଟଭେଦ ଅଛି । ଅଗୂଢ଼, ଅପରାଙ୍ଗ, ବାଚ୍ୟସିଦ୍ଧ୍ୟଙ୍ଗ, ଅସ୍ଫୁଟ, ସନ୍ଦିଗ୍ଧ, ତୁଲ୍ୟପ୍ରାଧାନ୍ୟ, କାକ୍ୱାକ୍ଷିପ୍ତ ଓ ଅସୁନ୍ଦର । ଅଳଙ୍କାର ଶାସ୍ତ୍ର ଦେଖ ।

## ଗୁଣ

ଗୁଣ ରସର ସ୍ଥାୟୀ ଧର୍ମ । ରସ କାବ୍ୟର ଆତ୍ମା । ତେଣୁ ଗୁଣ ରସର ଅନ୍ତରଙ୍ଗ । ଶବ୍ଦ ଅର୍ଥର ଅସ୍ଥାୟୀ ଧର୍ମ ଅଳଙ୍କାର, ତେଣୁ ଅଳଙ୍କାର ରସର ବହିରଙ୍ଗ । ଆତ୍ମାର ଶୌର୍ଯ୍ୟାଦି ଧର୍ମ (ଗୁଣ) ପରି ରସର ପ୍ରସାଦ ମାଧୁର୍ଯ୍ୟାଦି ଗୁଣ ଅଛି । ଗୁଣ ସମବାୟ ବୃତ୍ତିରେ (ଅପୃଥକ୍ ଭାବରେ, ଅଚଳ ସ୍ଥିତିରେ, ଅବିନା ଭାବରେ, ଅର୍ଥାତ୍ ଯେଉଁଠାରେ ରସ ସେଠାରେ ଗୁଣ ଓ ଯେଉଁଠାରେ ଗୁଣ ସେଠାରେ ରସ) ରସର ଉତ୍କର୍ଷର କାରଣ ଅଟେ । ଅଳଙ୍କାର ସଂଯୋଗ ବୃତ୍ତିରେ (ଥାଉ ବା ନ ଥାଉ) ରସର ଉତ୍କର୍ଷର କାରଣ ଅଟେ । ଗୁଣ ରସ ବିନା ରହେ ନାହିଁ । ଅଳଙ୍କାର ରସ ବିନା ରହେ । ଗୁଣ ନିଶ୍ଚୟ ରସର ଉପକାର କରେ । ଅଳଙ୍କାର କିନ୍ତୁ ନିଶ୍ଚିତ ଭାବରେ ରସର ଉପକାର କରେ ନାହିଁ । ଗୁଣ ସ୍ଥାୟୀ ଧର୍ମ ହେତୁ ସାକ୍ଷାତ୍ ସମ୍ବନ୍ଧରେ ରସରେ ରହେ । କିନ୍ତୁ ଅଳଙ୍କାର ଅସ୍ଥାୟୀ ହେତୁ ସାକ୍ଷାତ୍ ସମ୍ବନ୍ଧରେ ରସରେ ରହେ ନାହିଁ । କାବ୍ୟର ଶବ୍ଦ ଅର୍ଥରୂପ ଶରୀରରେ

ଅଳଙ୍କାର ରହିବ । ଗୁଣ କହିଲେ ବୁଝିଲେହେଁ ଶୌଣସମ୍ବନ୍ଧରେ—ପରମ୍ପରା ସମ୍ବନ୍ଧରେ—ସମବାୟ ସମ୍ବନ୍ଧରେ, ଶବ୍ଦ ଓ ଅର୍ଥରେ ରହିବ । ଯେପରି ଶୌର୍ଯ୍ୟାଦି ଆତ୍ମାର ଧର୍ମ ଆକାରର ନୁହେଁ, ସେହିପରି ମାଧୁର୍ଯ୍ୟାଦି ଗୁଣମାନେ ହିଁ ରସର ଧର୍ମ—ବର୍ଣ୍ଣମାନଙ୍କର ନୁହେଁ । ବର୍ଣ୍ଣମାନେ ଗୁଣର ବ୍ୟଞ୍ଜକ ମାତ୍ର । ଯେପରି ବାଳକମାନେ ସ୍ଥୂଳଶରୀର ଦେଖି ଅଳ୍ପ ବ୍ୟକ୍ତିରେ ଏ ଶୂର ବୋଲି ଶୂରତ୍ୱବୁଦ୍ଧି ଜଡ଼ମତି ଲୋକେ ପୋଷଣ କରନ୍ତି, ସେହିପରି ଶୃଙ୍ଗାରାଦି ରସ ଧର୍ମର (ରସର ଯେ ଧର୍ମ—ଗୁଣ ତାହାର) ବ୍ୟଞ୍ଜକ ସୁକୁମାରାଦି ବର୍ଣ୍ଣ ଦର୍ଶନରେ ସେହି ସୁକୁମାରାଦି ବର୍ଣ୍ଣମାନଙ୍କରେ ମାଧୁର୍ଯ୍ୟାଦି ଗୁଣ ବ୍ୟବହାର ବେଳ ଲୋକେ କରନ୍ତି । ବସ୍ତୁତଃ ଗୁଣ ରସର ଧର୍ମ । ଗୁଣ ଓ ଅଳଙ୍କାର ସମବାୟ ବୁଝିବେ ରସରେ ରହନ୍ତି; ସେ ଦୁହିଙ୍କ ମଧ୍ୟରେ ଭେଦ ନାହିଁ ଏହା କେତେକ କହନ୍ତି ।

"ଯୁବତେରିବ ରୂପମଙ୍ଗ କାବ୍ୟଂ ସ୍ୱଦତେ ଶୁଦ୍ଧଗୁଣଂ ତଦପ୍ୟତୀବ ।
ବିହିତଂ ପ୍ରଣୟଂ ନିରନ୍ତରାଭିଃ ସଦଲଂକାରବିକଳ୍ପ-କଳ୍ପନାଭିଃ ॥
ଯଦି ଭବତି ବଚଶ୍ଚ୍ୟୁତଂ ଗୁଣେଭ୍ୟୋ ବପୁରିବ ଯୌବନବନ୍ଧ୍ୟମଙ୍ଗନାୟାଃ ।
ଅପି ଜନଦୟିତାନି ଦୁର୍ଭଗତ୍ୱଂ ନିୟତମଲଂକରଣାନି ସଂଶ୍ରୟନ୍ତେ ।
( ଯୁବତେରିବ ରୂପଲଙ୍କି—ପାଠାନ୍ତର )"

ଯୁବତୀଙ୍କ ରୂପସଦୃଶ ସର୍ବଦା ସୁଧିର ଅଳଙ୍କାର ବିହୀନ ସେ କାନ୍ତା ସ୍ୱାଦୁ ଶୁଦ୍ଧ ଗୁଣଯୁକ୍ତ କାବ୍ୟ ଅତି ପ୍ରୀତିପ୍ରଦ । ଅର୍ଥାତ୍ ଯୁବତୀର ସ୍ୱଭାବରୂପ ସଦୃଶ କାବ୍ୟର ଗୁଣ ସର୍ବଦା ଅଳଙ୍କାରମଣ୍ଡିତ ହେବା ଉଚିତ । କାବ୍ୟ ଗୁଣହୀନ ହେଲେ ନାରୀର ଯୌବନହୀନ ରୂପ ତୁଲ୍ୟ ହୁଅନ୍ତି ଅତଏବ ସେଥିରେ ଅତି ପ୍ରିୟ ହେଲେହେଁ ଅଳଙ୍କାର ଶୋଭାପ୍ରଦାନ କରେ ନାହିଁ । ( [illegible] ) "କାବ୍ୟଶୋଭାୟାଃ କର୍ତ୍ତାରୋ ଧର୍ମା ଗୁଣାସ୍ତଦତିଶୟହେତବସ୍ତ୍ୱଲଂକାରାଃ ।" ଗୁଣମାନେ କାବ୍ୟଶୋଭାର ଜନକ ଓ ଅଳଙ୍କାରମାନେ ଶୋଭାର ଅତିଶୟ ବୃଦ୍ଧିକାରକ ଅଟନ୍ତି । କେବଳ ଗୁଣ ସଦ୍‌ଗୁଣ ଯୋଗରେ ବା ଅଳଙ୍କାରଯୋଗରେ କାବ୍ୟ ହୁଏ । ଯଦି ସବୁ ଗୁଣରେ କାବ୍ୟ ହେବାର କଥା ହେବେ ସବୁ ଗୁଣରେ ଯୁକ୍ତ ହୁଅନ୍ତି ; ଏ ଗୌଡ଼ୀ ଓ ପାଞ୍ଚାଳୀ ରୀତି କାବ୍ୟର ଆତ୍ମା ହେବେ (କାରଣ ବାମନାଚାର୍ଯ୍ୟଙ୍କ ମତେ କାବ୍ୟର ଆତ୍ମା ରୀତି) । କେବେ କେଉଁ କେତେକ ଗୁଣ ଯେ ଗଉଡ଼ କାବ୍ୟ ହେବ ! ନାହିଁ, ତା ନିଶ୍ଚୟ ହୋଇ ପାରେ । ଗୁଣ ନ ଥାଇ ଅଳଂକାର ହେଲେ ମଧ୍ୟ କାବ୍ୟ ହୁଏ । ଏହା ବାମନ ଓ ଭୋଜଙ୍କ ମତ ବୋଧହୁଏ । ଅଗ୍ନିପୁରାଣରେ ଯଥାର୍ଥ ବର୍ଣ୍ଣିତ ଅଛି ।

ଅଲଂକୃତମପି ପ୍ରୀତ୍ୟୈ ନ କାବ୍ୟଂ ନିର୍ଗୁଣଂ ଭବେତ୍ ।
ବପୁଷ୍ୟଲଲିତେ ସ୍ତ୍ରୀଣାଂ ହାରୋ ଭାରାୟତେ ପରମ୍ ।"

ସୁତରାଂ ଅନୁଭବ ଶାସ୍ତ୍ରରେ ଦୀର ଦେଖିବି ସ୍ୱର ଓ ସ୍ୱରୂପର ଗୁଣଗ୍ରାହ ଭାଷ୍ୟରେ ଅଳଙ୍କାର ସୃଷ୍ଟିପ୍ରଦ କରନ୍ତି ।

## ରୀତି

ଭୋଜରାଜଙ୍କ ମତରେ ରୀତି ଷଡ଼୍‌ବିଧ:—ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଅବନ୍ତିକା, ଲାଟୀ ଓ ମାଗଧୀ । ବୈଦର୍ଭୀ ସମସ୍ତ ଗୁଣଯୁକ୍ତ । ଗୌଡ଼ୀ କେବଳ ଓଜ ଓ କାନ୍ତିଗୁଣଯୁକ୍ତ ଏବଂ ଅଧିକ ସମାସ ତଥା ଉଦ୍ଭଟପଦବାହିନୀ । ପାଞ୍ଚାଳୀ ଓଜ ଓ କାନ୍ତିଗୁଣରହିତ, ପାଞ୍ଚ ବା ଛଅ ପଦ ନିର୍ମିତ । ଲାଟୀ ସମସ୍ତ ରୀତି ମିଶ୍ରଣରେ ନିର୍ମିତ । ଅବନ୍ତିକା ପାଞ୍ଚାଳୀ ଓ ବୈଦର୍ଭୀର ମଧ୍ୟବର୍ତ୍ତୀ ଓ ଦୁଇ ତିନି, ଚାରି ପଦରେ ନିର୍ମିତ । ମାଗଧୀ ଏକ ଖଣ୍ଡରୀତି, ପୂର୍ବରୀତିମାନଙ୍କର ଅନିର୍ବାହରେ ଏହା ସମ୍ଭବ:—ଅଗ୍ନିପୁରାଣ ମତରେ ରୀତି ଚତୁର୍ବିଧ—ପାଞ୍ଚାଳୀ ଗୌଡ଼ୀ, ବୈଦର୍ଭୀ ଓ ଲାଟୀ । ତେଣୁ ଗୁଣର ସଂଖ୍ୟା ଓ ନାମ ଜାଣିବା ଦରକାର ।

ଭରତଙ୍କ ମତରେ ଗୁଣସଂଖ୍ୟା ଦଶ । ବାମନ, ଦଣ୍ଡୀ ପ୍ରଭୃତି ଏହା ସମର୍ଥନ କରନ୍ତି । ଶ୍ଳେଷ, ପ୍ରସାଦ, ସମତା, ମାଧୁର୍ଯ୍ୟ, ଓଜ, ସୌକୁମାର୍ଯ୍ୟ, ଅର୍ଥବ୍ୟକ୍ତି, ସମାଧି, ଉଦାରତା ଓ କାନ୍ତି । ଭୋଜରାଜ ଓ ବିଦ୍ୟାନାଥଙ୍କ ମତରେ ଗୁଣସଂଖ୍ୟା ଚବିଶ । ପୂର୍ବୋକ୍ତ ଦଶ ବ୍ୟତୀତ ସେମାନେ ଉଦାତ୍ତତା, ସୁଶବ୍ଦତା, ପ୍ରେୟସ୍, ଔର୍ଜିତ୍ୟ, ବିସ୍ତର, ସୌକ୍ଷ୍ମ୍ୟ, ଗାମ୍ଭୀର୍ଯ୍ୟ, ସଂକ୍ଷେପ, ଭାବିକ, ସମ୍ମିତତ୍ୱ, ପ୍ରୌଢ଼ି, ରୀତି, ଗତି ଓ ଉକ୍ତି ଯୋଡ଼ନ୍ତି । କେତେକଙ୍କ ମତରେ ଗୁଣସଂଖ୍ୟା ନବ—ତାହା ଯଥାକ୍ରମେ ଓଜ, ପ୍ରସାଦ, ମାଧୁର୍ଯ୍ୟ, ଉକ୍ତି, କାନ୍ତି, ସୁଶବ୍ଦତା, ଗାମ୍ଭୀର୍ଯ୍ୟ, ଭାବିକ ଓ ଦୀପ୍ତି । ମମ୍ମଟ, ହେମଚନ୍ଦ୍ର, ବିଶ୍ୱନାଥ, ବିଦ୍ୟାଧର ପ୍ରଭୃତିଙ୍କ ମତରେ ଗୁଣ ତିନୋଟି—ମାଧୁର୍ଯ୍ୟ, ଓଜ ଓ ପ୍ରସାଦ [ଅଗ୍ନିପୁରାଣମତେ ଗୁଣ ଦ୍ୱିବିଧ—ସାମାନ୍ୟ ଓ ବୈଶେଷିକ । ସାମାନ୍ୟ ଗୁଣର ତ୍ରିବିଧ—ଶବ୍ଦାଶ୍ରୟ, ଅର୍ଥାଶ୍ରୟ ଓ ଶବ୍ଦାର୍ଥୋଭୟାଶ୍ରୟ । ଶବ୍ଦାଶ୍ରୟୀ ଗୁଣ ସପ୍ତବିଧ—ଶ୍ଳେଷ, ଲାଳିତ୍ୟ, ଗାମ୍ଭୀର୍ଯ୍ୟ, ସୌକୁମାର୍ଯ୍ୟ, ଉଦାରତା, ସତ୍ୟ ଓ ଯୌଗିକୀ । ଅର୍ଥଗୁଣ ଷଡ଼୍‌ବିଧ:—ମାଧୁର୍ଯ୍ୟ, ସଂବିଧାନ, କୋମଳତା, ଉଦାରତ୍ୱ, ପ୍ରୌଢ଼ି ଓ ସାମୟିକତା । ଶବ୍ଦାର୍ଥ ଉଭୟଗୁଣ ଷଡ଼୍‌ବିଧ—ପ୍ରସାଦ, ସୌଭାଗ୍ୟ, ଯଥାସଂଖ୍ୟ, ପ୍ରଶସ୍ତତା, ପାକ ଓ ରାଗ । ] ବିଶ୍ୱନାଥ କବିରାଜ ଓ ଜଗନ୍ନାଥ ପଣ୍ଡିତଙ୍କ ମୂଳ ବିବେଚନାର ଉକ୍ତି ଅନୁସାରେ

"ଶ୍ଳେଷସମାଧିରୌଦାର୍ଯ୍ୟଂ ପ୍ରସାଦ ଇତି ଯେ ପୁନଃ
ଗୁଣାଶ୍ଚିରନ୍ତନୈରୁକ୍ତା ଓଜସ୍ୟନ୍ତର୍ଭବନ୍ତି ତେ ।"

ଶ୍ଳେଷ, ସମାଧି ଔଦାର୍ଯ୍ୟ ଓ ପ୍ରସାଦ ଓଜ ଗୁଣର ଅନ୍ତର୍ଗତ । ଏ ମତ ଅନୁସାରେ ଗୁଣ ତିନୋଟି ମାତ୍ର । ଏହି ତିନୋଟି ଦେଖି ଶବ୍ଦାର୍ଥଙ୍କଠାରେ ଗୁଣ

କଲେ (ଅଲଙ୍କାର୍ଯ୍ୟଙ୍କ ମାଧୁର୍ଯ୍ୟ, ଅଗ୍ରାମ୍ୟତ୍ୱ ଓଜ) ଗୁଣର ସତ୍ତ୍ୱ ସ୍ୱୀକାର କରିବାରେ ମଧ୍ୟ ବାଧା ପଡ଼ୁଛି । ଏହିପରି ବିଚାର କଲେ କାବ୍ୟର ଗୁଣ ମଧ୍ୟ ସ୍ୱୀକାର କରିବାକୁ ହେବ ନାହିଁ । ସବୁଠି ଦୋଷର ଅଭାବ ଗୁଣ ନୁହେଁ । ଗୁଣ ଶବ୍ଦଗତ ଓ ଅର୍ଥଗତ । ଉଭୟପ୍ରକାର ଗୁଣର ନାମ ଏକମାତ୍ର, ଲକ୍ଷଣ ଭିନ୍ନ । ପ୍ରଥମତଃ ଶବ୍ଦଗୁଣର ବିବୃତ୍ତି ପ୍ରଦତ୍ତ ହେଉ । (୧) ଶ୍ଳେଷ—ଅନେକ ପଦର ଏକପଦରୂପେ ବୋଧ । (୨) ପ୍ରସାଦ—ପ୍ରସିଦ୍ଧାର୍ଥ ପଦ-ଯୋଜନା ବା ଗାଢ଼ତ୍ୱ ଓ ଶିଥିଳତ୍ୱର ବ୍ୟତିକ୍ରମରେ ଯୋଜନା । (୩) ସମତା—ଆରମ୍ଭ ଶେଷ ପର୍ଯ୍ୟନ୍ତ ରୀତିର ଅଭେଦତା (ମୃଦୁ, ଗାଢ଼ ଓ ମିଶ୍ରବର୍ଣ୍ଣ-ମାନଙ୍କରେ ଆରମ୍ଭ ଭଳି ଶେଷ ହେବା)। (୪) ସୁକୁମାରତା—କୋମଳବର୍ଣ୍ଣ ଯୋଜନା । (୫) ଅର୍ଥବ୍ୟକ୍ତି—ଶୀଘ୍ର ଅର୍ଥବୋଧକତା । (୬) ଉଦାରତା—କଠିନ ବର୍ଣ୍ଣଯୋଜନା ରୂପ ବନ୍ଧର ଲକ୍ଷଣତା—(ବିକଟତ୍ୱ—ପଦମାନଙ୍କର ନାଚିଲାପରି ହେବା)। (୭) ଓଜ—ସମାସବାହୁଲ୍ୟତା । (୮) କାନ୍ତି—ଗାଢ଼ବନ୍ଧ ପ୍ରୟୋଗରେ କର୍ଣ୍ଣ ଓ ମନର ପ୍ରସାଦଜନକତା ବା ବନ୍ଧର ଉଜ୍ଜ୍ୱଳତା । (୯) ସମାଧି—ରୀତିର ଗାଢ଼ତ୍ୱ ଓ ଶିଥିଳତ୍ୱର କ୍ରମଶଃ ସ୍ଥିତି ବା ଅନ୍ୟ ଧର୍ମର ଅନ୍ୟତ୍ର ଆରୋପ । (୧୦) ମାଧୁର୍ଯ୍ୟ—ବାକ୍ୟରେ ପୃଥକପଦତା । (୧୧) ଉଦାରତା—ଉତ୍କର୍ଷ ବିଶେଷଣରେ ନିପୁଣ ଗୁଣ । (୧୨) ସୁଶବ୍ଦତା—ସୁବନ୍ତ ଓ ତିଙନ୍ତରେ ବ୍ୟୁତ୍ପତ୍ତିଯୁକ୍ତ ପଦବିନ୍ୟାସ । (୧୩) ପ୍ରେୟ—ପ୍ରିୟ ଉକ୍ତିର ପ୍ରୀତିଯୁକ୍ତ ବଚନ । (୧୪) ଊର୍ଜ୍ଜିତ୍ୟ—ଗାଢ଼ବନ୍ଧତା ବା ସୁସ୍ଥିରତ୍ୱ । (୧୫) ବିସ୍ତର—ହେତୁର ସମର୍ଥନ କରିବାକୁ ବେଶି କହିବା । (୧୬) ସମ୍ମିତତ୍ୱ—ଅର୍ଥାନୁସାରୀ ପଦଯୋଜନା । ଅଭିଧେୟ ବୃଦ୍ଧିରେ ପଦ ଊଣା ବା ଅଧିକ ନ ହେବା । (୧୭) ଗାମ୍ଭୀର୍ଯ୍ୟ—ବାକ୍ୟରେ ଧ୍ୱନିଭାବ ରହିବା । (୧୮) ସଂକ୍ଷେପ—ସଂକ୍ଷିପ୍ତ ଭାବରେ ଉଦ୍ଦେଶ୍ୟ କଥନ । (୧୯) ସୌକ୍ଷ୍ମ୍ୟ—ବିଷୟକୁ ଅଳ୍ପ ପ୍ରକାଶ କରିବା । (୨୦) ପ୍ରୌଢ଼ି—ଉକ୍ତିର ବୈଚିତ୍ର୍ୟ—ଉକ୍ତିରେ ଶବ୍ଦର ପରିବର୍ତ୍ତନ ଅସହ୍ୟତା (ଉକ୍ତିର ପରିପାକରୁ ପ୍ରୌଢ଼ି ଜନ୍ମେ—ପରିପାକ—ନାରିକେଳ, ଖର୍ଜ୍ଜୁର, ମୃଦ୍ୱୀକା ପ୍ରଭୃତି ତୁଲ୍ୟ)। (୨୧) ଉକ୍ତି—ଭଙ୍ଗୀତ୍ୱ ବା ଉକ୍ତିର ଭଣିତି । (୨୨) ରୀତି—ଆରମ୍ଭ ଅନୁରୂପ ନିର୍ବାହ; ଯେପରି ପଦ ସନ୍ନିବେଶରେ ଆରମ୍ଭ ହୋଇଅଛି, ସେହିପରି ଶେଷ ନିର୍ବାହରେ ଏ ଗୁଣ । (୨୩) ଗତି—ସ୍ୱରର ଆରୋହ ଅବରୋହରେ ସୁରମ୍ୟତା । (୨୪) ଭାବିକ—ପ୍ରେମଯୁକ୍ତ ବାକ୍ୟବିନ୍ୟାସ ।

## ଅର୍ଥ ଗୁଣ

ଶ୍ଳେଷ-ଯୋଜନା ନ ହେବା ବାକ୍ୟାର୍ଥରେ ବୁଝିବ ଚତୁରତାରେ ସୁନ୍ଦର ଯୋଜନା । ପ୍ରସାଦ—ନ୍ୟୂନାଧିକ ପଦ ନ ଥାଇ ଅର୍ଥର ବିମଳତା ।

ମାଧୁର୍ଯ୍ୟ—ଉକ୍ତର ଉକ୍ତିରେ ପୁନଃ କଥନରେ ଉକ୍ତି ବୈଚିତ୍ର୍ୟ ବା କ୍ରୋଧାଦିରେ ଅତୀବ୍ରତା । ସମତା—ପ୍ରକ୍ରମ ଅଭଙ୍ଗରେ ଅର୍ଥର ଯୋଜନାରେ ଅବିଷମତା ବା ଯେଉଁ ରୂପରେ ଅର୍ଥ ବୋଧ ହୁଏ ତାହାର ବ୍ୟତିକ୍ରମ ନ ହେବା । ସୌକୁମାର୍ଯ୍ୟ—ଅନିଷ୍ଠୁରତା ବା ହଠାତ୍ ଶୋକଦାୟିତ୍ୱ ଅଛିବନ୍ଧୁଳ ଅପାରୁଷ୍ୟ । ଅର୍ଥବ୍ୟକ୍ତି—ସ୍ୱରୂପର ସାକ୍ଷାତ୍ କଥନ ବା ବସ୍ତୁର ଅସାଧାରଣ କ୍ରିୟା ଓ ରୂପର ବର୍ଣ୍ଣନ । ଉଦାରତା—ସମ୍ପଦର ଉତ୍କର୍ଷକଥନ ବା ଗ୍ରାମ୍ୟାର୍ଥ ପରିହାର । ଓଜ—ବିଷୟମାନଙ୍କର ବର୍ଣ୍ଣନରେ ଅଭିପ୍ରାୟବିଶେଷ କଥନ ବା ଗୋଟିଏ ପଦାର୍ଥର ବହୁ ପଦରେ କଥନ ବା ବହୁ ପଦାର୍ଥର ଏକ ପଦରେ କଥନ । ଗୋଟିଏ ବାକ୍ୟାର୍ଥରେ ବହୁ ବାକ୍ୟର, ବହୁ ବାକ୍ୟାର୍ଥର ଏକ ବାକ୍ୟରେ ଓ ବିଶିଷ୍ଟ ଅଭିପ୍ରାୟ କଥନ । କାନ୍ତି—ପ୍ରସ୍ତୁତବସ୍ତୁ ଅର୍ଥର୍ ନିରନ୍ତର ସ୍ପଷ୍ଟ ହେବା ରସର ଉତ୍କର୍ଷ ପ୍ରାପ୍ତି । ସମାଧି—ବ୍ୟାଜର ଅବଲମ୍ବନ । ଉଦାତ୍ତ—ଅଭିପ୍ରାୟର ଉତ୍କର୍ଷ । ଔର୍ଜ୍ଜିତ୍ୟ—ବଡ଼ ଅହଙ୍କାର । ପ୍ରେୟ—ଅର୍ଥରେ ଅଗ୍ରାମ୍ୟତା । ସୁଶବ୍ଦତା—ଦାରୁଣ ବିଷୟମାନରେ ଅଦାରୁଣରୂପ ବ୍ୟବହାର । ସୌକ୍ଷ୍ମ୍ୟ—ସଙ୍କେତରୁ ଘନିଷ୍ଠବୁଦ୍ଧି ଦ୍ୱାରା ଯାହାର ଅର୍ଥ ଜ୍ଞାନ । ଗାମ୍ଭୀର୍ଯ୍ୟ—ଅର୍ଥବୋଧ ନିମନ୍ତେ ଶାସ୍ତ୍ରର ଅପେକ୍ଷା । ବିସ୍ତର—ଅର୍ଥର ବିସ୍ତୃତି । ସଂକ୍ଷେପ—ଅର୍ଥର ସଙ୍କୋଚ । ସମ୍ମିତ—ଶବ୍ଦ ଓ ଅର୍ଥର ତୁଲ୍ୟତା । ଭାବିକ—ଭାବପ୍ରାୟ ଉକ୍ତି-ବିନ୍ୟାସ । ଗତି—ଅର୍ଥରୁ ଅର୍ଥାନ୍ତର ବୋଧ । ରୀତି—ବିଷୟମାନଙ୍କର ଉତ୍ପତ୍ତି ଆଦି କ୍ରିୟାର କ୍ରମ । ଉକ୍ତି—ଅଭୀଷ୍ଟ ଅର୍ଥର ସାକ୍ଷାତ୍ ପ୍ରତିପାଦନ ଅନୁଚିତ, ତେଣୁ ଭଙ୍ଗୀରେ ପ୍ରତିପାଦନ । ପ୍ରୌଢ଼ି—କବିଙ୍କ ଅଭିମତ ବସ୍ତୁର୍ଥ ବିଷୟର ଯୁକ୍ତିରେ ପ୍ରତିପାଦନ । ଅଗ୍ନିପୁରାଣୋକ୍ତ ଗୁଣମାନଙ୍କ ମଧ୍ୟରୁ ଅଧିକାଂଶର ମୂଳ ପ୍ରକାଶ ହୁଏ ; ପୁନଶ୍ଚ ଗାମ୍ଭୀର୍ଯ୍ୟ—ବିଶିଷ୍ଟ ଲକ୍ଷଣାନୁସାରେ ଉଦ୍ଦେଶ୍ୟ ଉଚ୍ଚସ୍ତରବ୍ୟଞ୍ଜକ ବିଶିଷ୍ଟ ଶବ୍ଦାବଳୀରେ ହୁଏ । ସନ୍ଧାନ—ଅପେକ୍ଷିତ ପ୍ରସଙ୍ଗର କଥନ ଯେ ସହକାରୀ ତାହା ସନ୍ଧାନ । ପ୍ରୌଢ଼ି—ଯେ ସ୍ଥାନରେ ଅଭିପ୍ରାୟ ନିର୍ବାହ ପ୍ରତି ଉପଯୋଗିତା ହେତୁଗର୍ଭିଣୀ ଯୁକ୍ତି ବାକ୍ୟମାନ । ସାମୟିକା—ନିୟମ ବା ପ୍ରତିଜ୍ଞା ସହିତ ଅର୍ଥର ନ୍ୟସ୍ତର । ସୌଭାଗ୍ୟ—ଯେ ଉକ୍ତିରେ କୌଣସି ଉତ୍କର୍ଷବିଶିଷ୍ଟ ଗୁଣ ପ୍ରକାଶ ହୁଏ ସେହି ଉଦାରତାକୁ ସୌଭାଗ୍ୟ କହନ୍ତି । ଯଥାସଂଖ୍ୟ—ଶବ୍ଦର କଥନରେ ସମାନର ଅନ୍ୟୋନ୍ୟ ଅନ୍ୱୟ । ପ୍ରଶସ୍ତତା—ବର୍ଣ୍ଣନୀୟ ଦାରୁଣ ବସ୍ତୁର ଅଦାରୁଣ ଶବ୍ଦଦ୍ୱାରା ବର୍ଣ୍ଣନ । ପାକ—କୌଣସି ଉଚ୍ଚ ପରିଣତି । ତାହା ମୃଦ୍ୱୀକା, ନାରିକେଳ, ଖର୍ଜ୍ଜୁର, ଗୁଡ଼ ଭେଦରେ ଅନେକ ପ୍ରକାର । ରାଗ—କାବ୍ୟର ବିଶିଷ୍ଟ ଛାୟା ବା ଶୋଭା—କାନ୍ତ୍ୟ ଛାୟାବିଶେଷଃ । ତାହା ହାରିଦ୍ର (ମାଞ୍ଜିଷ୍ଠ), କୌସୁମ୍ଭ

ଓ ଗାଳୀ ଭେଦରେ ବିଶେଷ । ଯାହା ସୁଲକ୍ଷଣଯୋଗର ତାହା ବୈଚିତ୍ର୍ୟ । ପ୍ରଶସ୍ତତା ପ୍ରକୋଷ୍ଠ ପ୍ରସନ୍ନତା ( ଅର୍ଥଗୁଣ ) । ସୌକୁମାର୍ଯ୍ୟ—ପ୍ରସାଦ ( ଶବ୍ଦଗୁଣ ) ଯଥାଯଥ—ସମାସଶୂନ୍ୟରୂପେ ପ୍ରକାଶ । ଏମାନଙ୍କ ମଧ୍ୟରେ କେତେକ ଦୋଷପରିହାରକ ରୂପେ ଗୁଣ । କେତେକ ସ୍ୱତଃ ଉତ୍କର୍ଷ ହେତୁ ଗୁଣ । ଏମାନଙ୍କ ମଧ୍ୟରୁ ପୂର୍ବ କେତେକ ଅନ୍ତଃସ୍ଥ ଶୋଭା ହେତୁ ପରମ ଉତ୍କୃଷ୍ଟ । ଗୁଣ ଯେ ଦୋଷ ପରିହାରକ ଏହା ସର୍ବସମ୍ମତ ନୁହେଁ । କଠୋର ବା ଶ୍ରୁତିକଟୁ ନିବାରକ ସୌକୁମାର୍ଯ୍ୟ । ଗ୍ରାମ୍ୟତାର ବାରଣାର୍ଥ କାନ୍ତି । ଅପୁଷ୍ଟାର୍ଥ ଓ ନେୟାର୍ଥର ନିବାରକ ଅର୍ଥବ୍ୟକ୍ତି । ନ୍ୟୂନାଧିକ ପଦର ନିବାରକ ସମ୍ମିତତ୍ୱ । ଅନଲଂକାର ଓ ଅପୁଷ୍ଟାର୍ଥର ଉଦାରତା । ବିସନ୍ଧିର ଔଜ୍ଜ୍ୱଲ୍ୟ, ଯତିଭ୍ରଷ୍ଟର ଶବ୍ଦ, ଅପ୍ରସନ୍ନ ଓ କ୍ଲିଷ୍ଟର ପ୍ରସାଦ । ଅଶ୍ଳୀଳର ଉକ୍ତି । ବ୍ୟାକରଣଦୁଷ୍ଟର ସୌଶବ୍ଦ । ବିଷମ ଓ ପ୍ରକ୍ରମଭଙ୍ଗର ସମତା । ପରୁଷର ପ୍ରେୟାନ୍ । ଶିଥିଳର ଶ୍ଳେଷ । ଅସମସ୍ତର ଓଜ । ଅନବୀକୃତର ମାଧୁର୍ଯ୍ୟ । ଏହିପରି ବିଚାର କରି ଦେଖିଲେ ଗୁଣ ତିନି ହେଉନ୍ତୁ, ଦଶ ହେଉନ୍ତୁ, ନଅ ହେଉନ୍ତୁ, ଛବିଶ ହେଉନ୍ତୁ ବା ଚବିଶ ହେଉନ୍ତୁ, ସମସ୍ତେ ଦୋଷର ବିପର୍ଯ୍ୟୟ ରୂପେ ଗ୍ରହଣ ନିଆଯାଇ ପାରନ୍ତି । ସ୍ଥଳରେ କେତେକ କହନ୍ତି, ଅର୍ଥବ୍ୟକ୍ତି ପ୍ରସାଦର ଅନ୍ତର୍ଗତ । ଔଦାର୍ଯ୍ୟ ବା ଉଦାରତା ଓ ଔଜ୍ଜ୍ୱଲ୍ୟ ଓଜର; ପ୍ରୌଢ଼ି, ରୀତି, ସଂକ୍ଷେପ, ସୌକ୍ଷ୍ମ୍ୟ, ବିସ୍ତାର, ସମ୍ମିତତ୍ୱ, ପ୍ରେୟାନ୍ ଓ ସମତା ରୀତିର ଅନ୍ତର୍ଗତ । ସାମାନ୍ୟ ଧ୍ୱନିକର ଅନ୍ତର୍ଗତ । ଶ୍ଳେଷ ଶ୍ଳେଷାଳଙ୍କାରର ଅନ୍ତର୍ଗତ । ଓଜ, ପ୍ରସାଦ, ମାଧୁର୍ଯ୍ୟ, ରୀତି, କାନ୍ତି, ସୂକ୍ଷ୍ମତା, ଗାମ୍ଭୀର୍ଯ୍ୟ, ସ୍ୱଭାବ ଓ ସ୍ୱାଦ ଏହି ନଅଗୋଟି ଗୁଣ । ଧର୍ମସୂରି ମାଧୁର୍ଯ୍ୟ, ଓଜ, ପ୍ରସାଦ ଓ ସୂକ୍ଷ୍ମତା ଏହି ଚାରି ଗୋଟିକୁ ଗୁଣରୂପେ ସ୍ୱୀକାର କରି କହନ୍ତି ଯେ, ଉକ୍ତଗୋଟି ଗୁଣ ଓଜ, ପ୍ରସାଦ ଓ ମାଧୁର୍ଯ୍ୟ ମୋଟେ ତିନି ସ୍ୱୀକୃତପଦ । ରସ-ଗଙ୍ଗାଧରରେ ଲିଖିତ ଅଛି—ସମତା ସର୍ବଥା ଅଗ୍ରାହ୍ୟ । ଓଜର ଅନ୍ୟ ଚାରିଗୋଟି ଭେଦ କେବଳ ବୈଚିତ୍ର୍ୟମାତ୍ର, ଗୁଣ ହୋଇ ପାରେ ନାହିଁ, ତା ହେଲେ ପ୍ରତି ଶ୍ଳୋକ ଅର୍ଥବୈଚିତ୍ର୍ୟ ହେତୁ ଗୁଣସଂଖ୍ୟା ହେବ । ଅବିଧାନୁଯୁକ୍ତ ପଦାବଳୀ ଓଜର ପଞ୍ଚମ ଭେଦ । ଅନବୀକୃତ, ଅମଙ୍ଗଳରୂପ, ଅଶ୍ଳୀଳ, ଗ୍ରାମ୍ୟ, ଉଦ୍‌ଘାଟକ, ଅପୁଷ୍ଟାର୍ଥ ଦୋଷମାନଙ୍କର ନିରାକରଣରେ ସ୍ୱଭାବୋକ୍ତି ଅଲଙ୍କାରର ଉପଯୁକ୍ତ ରସବତ୍ ଅଲଂକାରର ସ୍ଥାନ । ଏସବୁ କବିଗଣ ଜ୍ଞାନ ରୂପ, ଗୁଣ ନୁହେଁ । ତାହେଲେ ପ୍ରତ୍ୟେକ ମଧ୍ୟ କାବ୍ୟଗୁଣ ହେବ । ଏଣୁ ମମ୍ମଟାଦି ତିନିଗୋଟି ଗୁଣ ସ୍ୱୀକାର କରନ୍ତି । ତାହା ପ୍ରସାଦ, ଓଜ ଓ ମାଧୁର୍ଯ୍ୟ । ପୂର୍ବାଚାର୍ଯ୍ୟଙ୍କ ମତସମୂହ ଆଲୋଚନାରେ ଗୁଣର ପ୍ରକୃତି ସ୍ପଷ୍ଟ ପ୍ରକାଶ ହେବ—ଏହି ଉଦ୍ଦେଶ୍ୟରେ ଉପର କଥିତ ବିଷୟମାନ ପ୍ରଦତ୍ତ ହେଲା । ସମ୍ଭୋଗ ଶୃଙ୍ଗାର, କରୁଣ, ବିପ୍ରଲମ୍ଭ ଶୃଙ୍ଗାର ଓ ଶାନ୍ତ ରସରେ ମାଧୁର୍ଯ୍ୟ ଗୁଣର କ୍ରମାନ୍ୱୟରେ ଆଧିକ୍ୟ ବର୍ତ୍ତମାନ । ବୀର, ବୀଭତ୍ସରେ

( ବିଶ୍ୱନାଥଙ୍କ ମତେ ବ୍ୟଞ୍ଜକରେ ) କ୍ରମଶଃ ଓଜଗୁଣର ଆଧିକ୍ୟ ରହିଥାଏ । ଅନ୍ୟ କେତେକଙ୍କ ମତରେ ଅଦ୍ଭୁତ, ହାସ୍ୟ ଓ ଭୟାନକରେ ମାଧୁର୍ଯ୍ୟ ଓ ଓଜ ଉଭୟ ଗୁଣ ରହିଥାଏ ।

ମାଧୁର୍ଯ୍ୟ—ଟ, ଠ, ଡ, ଓ ଢ ଭିନ୍ନ କ ଠାରୁ ମ ପର୍ଯ୍ୟନ୍ତ ସମସ୍ତ ବର୍ଣ୍ଣ; ଙ, ଞ, ଣ, ନ ଓ ମ ଯୁକ୍ତ, ହ୍ରସ୍ୱ ର ଓ ଣ, ଅସମାସ ଓ ଅଳ୍ପ ସମାସ ଯୁକ୍ତ ମଧୁର ରଚନା । ଓଜ—ବର୍ଗର ପ୍ରଥମ ଓ ତୃତୀୟ ବର୍ଣ୍ଣଙ୍କ ସହିତ ଦ୍ୱିତୀୟ ଚତୁର୍ଥ ବର୍ଣ୍ଣଙ୍କର ଯୋଗ; ଟ, ଠ, ଡ ଓ ଢ ବର୍ଣ୍ଣମାନଙ୍କ ବାହୁଲ୍ୟ; ଦୀର୍ଘ ସମାସ, କଠୋର ବର୍ଣ୍ଣ ରଚନାରେ ଓଜ ଗୁଣ, । ପ୍ରସାଦ—ସବୁ ରସରେ ଓ ସବୁ ରଚନାରେ ବ୍ୟବହୃତ । ଯାହାର ଶ୍ରବଣମାତ୍ରେ ଅର୍ଥ ବୋଧହୁଏ, ତାହା ପ୍ରସାଦ ଗୁଣ ।

ଭୋଜରାଜ କହନ୍ତି ଯେ ଅଲଙ୍କାର ଯୋଗେ କାବ୍ୟ ଶ୍ରବଣସୁଖଦ ହେଲେ ହେଁ ଗୁଣବର୍ଜିତ ହେବ ନାହିଁ । ଗୁଣ ଓ ଅଳଙ୍କାର ଯୋଗମଧ୍ୟରେ ଗୁଣଯୋଗ ମୁଖ୍ୟ । କାବ୍ୟରେ ଗୁଣମାନେ ତ୍ରିବିଧ—ବାହ୍ୟ, ଅଭ୍ୟନ୍ତର ଓ ବୈଶେଷିକ । ଶବ୍ଦଗୁଣ ବାହ୍ୟ, ଅର୍ଥଗୁଣ ଅଭ୍ୟନ୍ତର, ଦୋଷ ସତ୍ତ୍ୱେ ଯେଉଁମାନେ ଗୁଣରୂପେ ବିବେଚିତ ସେମାନେ ବୈଶେଷିକ । ଦୋଷ ବିଷୟ ପ୍ରସଙ୍ଗରେ ସେ ବିଷୟ କଥିତ ହେବ । ଅଗ୍ନିପୁରାଣରେ ଶବ୍ଦ ଓ ଅର୍ଥ ଉଭୟାଶ୍ରିତ ଅଳଙ୍କାରରୂପେ ପ୍ରଶସ୍ତି, କାନ୍ତି, ଔଦାର୍ଯ୍ୟ ସଙ୍ଗତ ଯାବଦର୍ଥତା ଓ ଅଭିବ୍ୟକ୍ତି ସୂଚିତ । ପ୍ରଶସ୍ତି ଦ୍ୱିବିଧ—ସ୍ତୁତି ଓ ପ୍ରେମୋକ୍ତି । ଚିତ୍ତସ୍ପର୍ଶିକରେ ପ୍ରେମୋକ୍ତି ଓ ଗୁଣକୀର୍ତ୍ତନରେ ସ୍ତୁତି । ତାହା ପୂର୍ବୋକ୍ତ ମାଧୁର୍ଯ୍ୟ ଓ ଉଦାରତା ଗୁଣରୂପେ ଧରାଯାଇ ପାରେ । କାନ୍ତି ଓ ସ୍ୱରୂପ ଗୁଣ ବିଷୟରେ କଥିତ ହୋଇଅଛି । ଯାବଦର୍ଥତା ଓ ସମ୍ମିତତ୍ୱ ଏକ କଥା । ଔଦାର୍ଯ୍ୟ ସୁଶବ୍ଦତାରୂପେ ସ୍ୱୀକୃତ ହୋଇପାରେ । ଅଭିବ୍ୟକ୍ତି—ଅର୍ଥର ପ୍ରକଟତ୍ୱ । ତାହା ଶ୍ରୁତି ଓ ଆକ୍ଷେପରୂପେ ଦ୍ୱିବିଧ । ଶ୍ରୁତି ନୈମିତ୍ତିକ ଓ ପାରିଭାଷିକରୂପେ ଦ୍ୱିବିଧ । ସଙ୍କେତରୁ ପରିଭାଷା, ଯାହା ହେତୁ ପାରିଭାଷିକ ହୁଏ । ସେମାନେ ମୁଖ୍ୟ ଓ ଔପଚାରିକରୂପେ ଦ୍ୱିବିଧ । [illegible] ରୂଢ଼ି ହେତୁ ସ୍ୱ ଅଭିଧେୟରୁ ସ୍ଖଳିତ ହୋଇ ଯାହା ଦ୍ୱାରା ଶବ୍ଦ ମୁଖ୍ୟାର୍ଥର ବାଚକ ହୁଏ, ତାହା ଔପଚାରିକ । ଏହା ଲକ୍ଷଣା ଯୋଗେ ଲାକ୍ଷଣିକ ଓ ଗୌଣୀ । ଅଭିଧେୟର ଅବିନାଭାବରେ ଯେ ଅନ୍ୟାନ୍ୟ-ବୋଧ ତାହାକୁ ଲକ୍ଷଣା କହନ୍ତି । ଅଭିଧେୟର ସହିତ ସମ୍ବନ୍ଧ ହେତୁ, ସାମୀପ୍ୟ ହେତୁ, ସମବାୟ ହେତୁ, ବୈପରୀତ୍ୟ ହେତୁ ଓ କ୍ରିୟାଯୋଗରେ ଲକ୍ଷଣା ପାଞ୍ଚ ପ୍ରକାର । ଗୁଣମାନଙ୍କର ଅନନ୍ତତା ହେତୁ ଗୌଣୀ ଅନନ୍ତ । ଉକ୍ତର ପ୍ରତିଷେଧ ତୁଲ୍ୟ ଅଭିଧାଦ୍ୱାରା କଥନେଚ୍ଛାର ଯେ ବିଶେଷ ତାହାକୁ ଆକ୍ଷେପ କହନ୍ତି । ଶ୍ରୁତିର ଅର୍ଥ ଲଭ୍ୟମାନ ନ ହୋଇ ସର୍ବତ୍ର ଅର୍ଥ ସ୍ୱଚେତନରୂପେ ପ୍ରତିଭାତ ହୁଏ; ସ୍ୱୟଂ ଶବ୍ଦ ଓ ଅର୍ଥଦ୍ୱାରା ଲବ୍ଧ ହେଲେହେଁ

ଧ୍ୱନିକାବ୍ୟ ବ୍ୟଙ୍ଗ୍ୟ ମୁଖ୍ୟ ହୁଏ ବୋଲି ତାହାକୁ ଅଶେଷ ଧ୍ୱନି କହନ୍ତି । ଅଲଙ୍କାରନ୍ତ ବ୍ୟଞ୍ଜନାର ଅନ୍ୟ ସମସ୍ତ ଗୁଣଗୁଡ଼ିକ ସ୍ପଷ୍ଟ ହୋଇ ଅଛନ୍ତି ।

## ଦୋଷ

ଶବ୍ଦବୋଧଜ୍ଞାନକୁ ଦୋଷ କହନ୍ତି; ଅର୍ଥ ପ୍ରତୀତିରେ ବାଧା ହେଲେ ଦୋଷ ହୁଏ । ଯେ କାବ୍ୟର ଅପକର୍ଷର ହେତୁ ତାହା ଦୋଷ । ରସର ଅପକର୍ଷକ ହେତୁକୁ ଦୋଷ କହନ୍ତି । ଆଳଙ୍କାରିକ କହନ୍ତି ଯେ ଯେପରି ସୁନ୍ଦର ଶରୀର କୁଷ୍ଠଦୋଷରେ ଦୂଷିତ ହେଲେ ତ୍ୟାଜ୍ୟ, ସେହିପରି ଦୋଷଯୁକ୍ତ କାବ୍ୟ ବର୍ଜ୍ୟ : "ସ୍ୟାଦପି ସୁନ୍ଦରଂ ବପୁଃ ଶ୍ୱିତ୍ରେଣୈକେନ ଦୁର୍ଭଗମ୍" । ଦୋଷ ପଦ, ପଦାଂଶ, ବାକ୍ୟ, ବାକ୍ୟାର୍ଥ ଓ ରସରେ ଦୃଷ୍ଟ ହୁଏ ।

ପଦଦୋଷ—ଅସାଧୁ ବା ଚ୍ୟୁତସଂସ୍କୃତି—ବ୍ୟାକରଣଗତ ଦୋଷ । ଅପ୍ରଯୁକ୍ତ—ଅଭିଧାନାଦିରେ ଥିଲେ ହେଁ କବିମାନଙ୍କ ଦ୍ୱାରା ପ୍ରଯୁକ୍ତ ନୁହେଁ ଯଥା—ଦୁଷ୍ମ୍ୟନ୍ତ ଇତ୍ୟାଦି । କର୍ପୂର-ସ୍ୱର୍ଣ୍ଣ-ଅସ୍ଥ୍ୟାର୍ଥ ! ବୁଝାଇଥାଏ; ମୂଳ ନ କହି ଯେତେବେଳେ ଅଶ୍ଳୀଳାର୍ଥ ବୁଝାଯାଏ । ଅସମର୍ଥ ଶବ୍ଦଶାସ୍ତ୍ରରେ ଯୋଗ ମାତ୍ରରେ ପ୍ରଯୁକ୍ତ; ଜଳଧର, ଅମ୍ବୁଧର ମେଘ ଅର୍ଥରେ ପ୍ରସିଦ୍ଧ; ସେତେବେ ତାହା ସମୁଦ୍ର ଅର୍ଥରେ ପ୍ରଯୁକ୍ତ ହୁଏ । ଅନର୍ଥକ—ପାଦପୂରଣ ନିମନ୍ତେ କେବଳ ପ୍ରଯୁକ୍ତ । ନେୟାର୍ଥ—ସ୍ୱକଳ୍ପିତ କଳ୍ପିତାର୍ଥ । ଉଷ ସପତ୍ନୀ, ଉମା ସପତ୍ନୀ, ହର (ଶିବ) ମାର ଅର୍ଥରେ । ସନ୍ଦିଗ୍ଧ—ଅର୍ଥରେ ସନ୍ଦେହ ଜନ୍ମିଲେ—ମହାବ୍ରତ—ଯଜ୍ଞ ଓ ପର୍ବତ ଅର୍ଥରେ ପ୍ରଯୁକ୍ତ, ତାହା ନିର୍ଣ୍ଣୟ କରି ନ ହେବା; ତଥା ପ୍ରଭୂତ ମୂର୍ତ୍ତି—ଅଗ୍ନି, ଶିବ ଓ ସୂର୍ଯ୍ୟ ଅର୍ଥରେ ପ୍ରଯୁକ୍ତ, କିନ୍ତୁ ଠିକ ନିର୍ଣ୍ଣୟ ହୋଇ ନ ହେବା । କ୍ଲିଷ୍ଟ—ବିଳମ୍ବ ଦ୍ୱାରା ଅର୍ଥବୋଧ; ଯଥା—ଦଧିସୁତ ସୁତ ବା ଦୁଗ୍ଧ ସୁତ ବା ଇତ୍ୟାଦି । ଅପ୍ରଯୋଜକ—ବୃଥା ବିଶେଷଣ ଯୋଗ, ଯେ ବିଶେଷଣରେ କୌଣସି ପ୍ରୟୋଜନ ନାହିଁ । ଗୂଢ଼ାର୍ଥ—ଅପ୍ରସିଦ୍ଧ ଅର୍ଥରେ ପ୍ରଯୁକ୍ତ, ଶୋଣିତ ରକ୍ତ ଅର୍ଥରେ ନୋହି ପାଟଳ ବର୍ଣ୍ଣ ବୁଝାଇଲେ । ଅନ୍ୟାର୍ଥ—ଦୃଷ୍ଟାନ୍ତ—ବିଭଜନ—ସେବା ଅର୍ଥରେ (ବାଣ୍ଟିବା ଅର୍ଥ ନ ହୋଇ) । ଅପ୍ରତୀତ-କେବଳ ଶାସ୍ତ୍ରରେ ପ୍ରସିଦ୍ଧ, ମଳ—ମଳଅର୍ଥରେ, ଭୂପସ୍ତବ ଇତ୍ୟାଦି । ଅଶ୍ଳୀଳମଙ୍ଗଳବ୍ୟଞ୍ଜକ—ଅମଙ୍ଗଳାରୋପଣ, ଶିବ ନ କହି ଅମଙ୍ଗଳାରୋପଣ କହିଲେ ଅମଙ୍ଗଳର ସୂଚନା, ଅବାଚ୍ୟ ଶିଶ—ସହଜ ବହୁ ନ ବୁଝାଇ ଏକାର୍ଥରେ ଧ୍ୱନି ବୁଝାଏ । ପରୁଷ ବା ଶ୍ରୁତିକଟୁ ।

## ବାକ୍ୟଦୋଷ

ଶବ୍ଦହୀନ—ପଦାନ୍ତର ଯୋଗରେ ବ୍ୟାକରଣଗତ ଦୋଷ । କ୍ରମଭଙ୍ଗ—ଯେଉଁ ଯୋଡ଼ା ନ କରି ଯୋଡ଼ା ହୁଏ । ବିସନ୍ଧି—ସନ୍ଧି କରିବା ସ୍ଥାନରେ

ସନ୍ଧି ନ କରିବା ଓ ସନ୍ଧି ନ କରିବା ସ୍ଥାନରେ ସ  କରିବା । ପୁନରୁକ୍ତି—ସ୍ପଷ୍ଟ । ନଗାର୍ଣ୍ଣି—ପଦମାନଙ୍କ ମଧ୍ୟରେ ବିଭକ୍ତିମାନଙ୍କର ଅସଂଗତି । ସଂକୀର୍ଣ୍ଣ—ଗୋଟିଏ ବାକ୍ୟର ପଦ ଯେବେ ଅନ୍ୟ ବାକ୍ୟର ପଦ ସଙ୍ଗରେ ମିଶେ ଓ ଅର୍ଥରେ ବାଧା ଜନ୍ମାଏ । ଅପଦ—ବୀରାଦି ସ୍ଥଳରେ ବର୍ଣ୍ଣମାନଙ୍କର ଯୋଗରେ କାନ୍ତ ବା କୋମଳ, କଠୋର ଓ ଗ୍ରାମ୍ୟପଦମାନଙ୍କର ଏକତ୍ର ସମାବେଶ । ବାକ୍ୟ ଗର୍ଭିତ—ଏକ ବାକ୍ୟ ମଧ୍ୟରେ ଅନ୍ୟ ବାକ୍ୟର ସ୍ଥିତିହେତୁ ଅର୍ଥବୋଧରେ ବିଘ୍ନ ଘଟିବା । ଭଗ୍ନପଦ ଓ ଭଗ୍ନଛନ୍ଦ । ଅସ୍ଥାନର ବା ଅନନ୍ୱୟ—କ୍ରିୟାପଦର ସ୍ଥାନତା । ଅଶ୍ରୁତି—ରସର ଅନୁରୂପ ଶବ୍ଦବିନ୍ୟାସ ନ ହେବା; କରୁଣ ରସରେ ପରୁଷ ବର୍ଣ୍ଣ ରଚନା । ବିସର୍ଗଲୁପ୍ତ—ବହୁ ସ୍ଥାନରେ ବିସର୍ଗ ଲୋପ କରି ବହୁଳ ଓକାରର ବ୍ୟବହାର—ଓତ୍ୱଅରେ କେଉଁଠାରେ ବିସର୍ଗ ଲୋପ ଗୁଣ ଯଥା—ମନୋଯୋଗ (ଏଠାରେ ଓକାର ନ ହୋଇ ଗୁଣ—କାରଣ ପ୍ରସିଦ୍ଧି ହୋଇଛି ଏହା ସିଦ୍ଧ) । ଅପଦସ୍ଥ ସମାସ—ସମାସ ନ କରିବା ସ୍ଥାନରେ ସମାସ କରିବା । ବାଚ୍ୟବର୍ଜିତ—ବକ୍ତବ୍ୟ ଉକ୍ତ ନ ହେଲେ ଏହି ଦୋଷ ହୁଏ । ସମାପ୍ତ ପୁନରାତ୍ତ—ବାକ୍ୟର ସମାପ୍ତି ହେବା ପରେ ପୁଣି ସେହି ବାକ୍ୟରେ ସମ୍ବନ୍ଧ ଥିବା ପଦର ବ୍ୟବହାର । ପତତ୍ପ୍ରକର୍ଷ—ପ୍ରଥମତଃ ଉତ୍କୃଷ୍ଟ କଥା ଓ ପରେ ଅପକୃଷ୍ଟ କଥନ । ଅଧିକ ପଦ, ନ୍ୟୂନ ପଦ ଓ ପ୍ରକ୍ରମଭଙ୍ଗ ଆଦି । ଅଶ୍ଳୀଳତ୍ୱ—ଲଜ୍ଜାଦାୟକ ଘୃଣାଜନକ ଅମଙ୍ଗଳ ଅର୍ଥ ପ୍ରକାଶରେ ଏ ଦୋଷ । ଶ୍ଳେଷର ବାହୁଲ୍ୟ ଶୈଥିଲ୍ୟ । ସମତାର ଅଭାବ; ସୌକୁମାର୍ଯ୍ୟର କଠୋର—ଶ୍ରୁତିକଟୁ ପଦର ବହୁଳତା ପଦ-ଦୋଷ । ପ୍ରସାଦର ଅଭାବ । (ଅପ୍ରସିଦ୍ଧ ପଦମାନଙ୍କର ଅପ୍ରଯୋଗରେ ଏ ଦୋଷ) :—ଅର୍ଥବ୍ୟକ୍ତିର ନେୟାର୍ଥ । କାନ୍ତିର ଗ୍ରାମ୍ୟ । ଓଜର ଅସମର୍ଥ । ମାଧୁର୍ଯ୍ୟ—ଅନବଧାନ (ପଦଯୋଜନାର ଅନବଧାନ) । ଔଦାର୍ଯ୍ୟର ଅଳଙ୍କାର ଓ ଅସ୍ପଷ୍ଟତା ଇତ୍ୟାଦି ।

## ବାକ୍ୟାର୍ଥ ଦୋଷ

ଅପାର୍ଥ—ସମୁଦାୟ ଅର୍ଥଶୂନ୍ୟ । ବ୍ୟର୍ଥ—ପ୍ରୟୋଜନହୀନ ପଦର ବିନ୍ୟାସ । ଏକାର୍ଥ—ଅନ୍ତରେ ଅନର୍ଥକ ପ୍ରୟୋଗ । ସଂଶୟ—ନିର୍ଦ୍ଦିଷ୍ଟ ଭାବ ଅପୂର୍ଣ୍ଣ ହେଉ ଅର୍ଥ ବିଶେଷ ପ୍ରକାଶରେ ବାଧା । କ୍ରମଭଙ୍ଗ ବା ଅପକ୍ରମ । ଖିନ୍ନ—ଅଭିପ୍ରାୟ ନିର୍ବାହରେ ଅସମର୍ଥ । ଅତିମାତ୍ର—ଅତି ଅଲୌକିକ ଯଥା:—ଗୋପୀଙ୍କ ଅଶ୍ରୁଯୋଗରେ ଯମୁନା ଉଛୁଳିବା । ପରୁଷ—କଠୋର ବ୍ୟବହାର—ନାୟକ ଦେଶାନ୍ତର୍ଗତ କରି ପ୍ରକାଶ କରିବା । ବିରସ—ଅପ୍ରସ୍ତୁତ ରସ, ଚିତ୍ର ବା ପରିମୁକ୍ତାବେଳେ କୁଞ୍ଜିତା ନାୟିକା ସମ୍ଭୋଗ ପ୍ରାର୍ଥନା । କରୁଣ ରସ ଏଠାରେ ପ୍ରସ୍ତୁତ, ତତ୍ସ୍ଥାନରେ ଶୃଙ୍ଗାରର ଅବସ୍ଥିତି । ଅନବୀକୃତ—ଏକ ଶବ୍ଦର ପୁନଃପୁନଃ କଥନ । ନିର୍ହେତୁ—ହେତୁ ନ ଥାଇ ବିପରୀତ କଥନ । ସଦୃଶ ଅବଶ୍ୟ

ସମ୍ମାନ, ଏହା ଦେଖି ଶତ୍ରୁମାନେ ବିଷ୍ୟାଠବାରେ ଲାଗିଲେ । ବିଷ୍ୟାଠବାରେ ଲାଗିବାର କାରଣ ଯୁକ୍ତ ହେଲ ନାହିଁ । ଅପୁଷ୍ଟ—ଅପ୍ରଯୋଜକ ପଦଦୋଷ ଭିନ୍ନ; ଏହା ମମ୍ମଟ ଓ ବିଶ୍ୱନାଥ ଅର୍ଥାଲଙ୍କାର ରୂପେ ଧରିଛନ୍ତି । ଅଧିକ ପଦରେ ପଦାର୍ଥର ଅନ୍ୱୟବୋଧ ସଙ୍ଗେ ସଙ୍ଗେ ବାଧା ଜଣାଯାଏ । ଏହା ଅନ୍ୱୟବୋଧ ପରେ ଜଣା ହୁଏ । ବ୍ୟାହତ—କୌଣସି ବିଷୟର ଉତ୍କର୍ଷ ବା ଅପକର୍ଷ ପରେ ଅନ୍ୟରୂପେ କହିବା । ଅଶ୍ଳୀଳ ସ୍ପଷ୍ଟ । କଷ୍ଟ—ବହୁ ଚିନ୍ତା ପରେ ଯାହାର ଅର୍ଥବୋଧ ହୁଏ ।

ପ୍ରସିଦ୍ଧବିରୋଧିତା—ପ୍ରସିଦ୍ଧ ବିଷୟର ବିପରୀତ ବା ଅନ୍ୟଥା କଥନ—ଶୂଳପାଣି ହରି । କାମଦେବଙ୍କ ଚକ୍ର, ଅଧରରେ ନୀଳତା ଇତ୍ୟାଦି । ସାକାଙ୍କ୍ଷ—ଯାହା ସହିତ ଯାହାର ଆକାଙ୍କ୍ଷା ନାହିଁ ତାହା ସହିତ ତାର ଯୋଗ କରିବା—ଶିବଙ୍କର ଧନୁର୍ଦ୍ଧ ଯଶି ସ୍ଥ କରନ୍ତି । ସ୍ତ୍ରୀରତ୍ନ ତ ଯୁଗ୍ମକ କର୍ଣ୍ଣର ସମ୍ପତ୍ତି—ସ୍ତ୍ରୀରତ୍ନ ଏଠାରେ ଦୋଷାବହ । ସହଚରଭିନ୍ନତା—ସନ୍ନ୍ୟାସୀ ସଙ୍ଗେ କାମିନୀ । ଖଳ ସଙ୍ଗେ ସାଧୁର ସଂଯୋଗ । ଅସ୍ଥାନଯୁକ୍ତତା—ନିଷ୍ପ୍ରୟୋଜନ ବାକ୍ୟର ଉକ୍ତି ପରେ ବୃଥାରେ କଥା କହିବା । ଅବିଶେଷରେ ବିଶେଷ—ସ୍ମରକର ନାହିଁ ମନ୍ତ୍ର—ସାମାନ୍ୟ ରହି ସ୍ଥାନରେ ସ୍ମରକର ଉକ୍ତି ଦୋଷାବହ । ବିଶେଷରେ ଅବିଶେଷ—ଜଳନିଧିରେ ଜଳମା ଅନ୍ୟାନ୍ୟ ଜଳଧରର ଗମନ କରନ୍ତି—ଜମ୍ମିଧି ସ୍ଥାନରେ ରହିବା । ସାଧ୍ୟ ଅପ୍ରଯୁକ୍ତତା—ସାଧ୍ୟର ପ୍ରତିଷ୍ଠାବରେ ପ୍ରଧାନରୂପେ କଥିତ ନ ହେବା—ଅନବଦ୍ୟ ବା ସପକ୍ଷ ଏବଂ ବୀର ବିପକ୍ଷ ନାଶ କରିବେ—ଦୋଷାବହ । ପରପକ୍ଷ ନାଶ କରି ସ୍ୱପକ୍ଷ ଆନନ୍ଦିତ କରିବା ହିଁ ସାଧ୍ୟ । କେଶବକେମୋଚନ୍ଦ୍ର ତନ୍ତ୍ର, ବିରହପ୍ରାଣହରଣ କେମନେ ଯାନ୍ତି ପଥ ନାହିଁ । ବିରହପ୍ରାଣହରଣ—ଏହା ବିରହିଣୀର କହିବା ଉଚିତ ହୁଏ ।

## ରସ ଦୋଷ

ରସ, ସ୍ଥାୟୀଭାବ ଓ ସଞ୍ଚାରୀଙ୍କର ସ୍ୱଶବ୍ଦ—ବାଚ୍ୟତା । ଅନୁଭାବ ଓ ବିଭାବର କଷ୍ଟକଳ୍ପନା—ପ୍ରକରଣାଦିର ବିଚାର କରିବା ପରେ ବହୁତ ବିଲମ୍ବ ଓ କଷ୍ଟରେ ବିଭାବାଦିଙ୍କ କଳ୍ପନା ହେବ । ପ୍ରତିକୂଳ ବିଭାବାଦିର ଗ୍ରହଣ, ଯଥା—ଶାନ୍ତାଦିର ବିଭାବାଦି ଶୃଙ୍ଗାରାଦି ରସରେ ଗ୍ରହଣ । ପୁନର୍ଦୀପ୍ତି—ରସକୁ ବାରମ୍ବାର ଦୀପ୍ତ କରିବା:—କୁମାରସମ୍ଭବରେ ରତିର ବିଳାପ ପ୍ରସଙ୍ଗରେ ମୋହପରାୟଣା ହୋଇ କରୁଣକୁ ଦୀପ୍ତ କରି ପୁଣି "ଅଥ ସା ପୁନରେବ ବିହ୍ୱଳା" ବୋଲି ଦୀପ୍ତ କରିବାରେ ଦୋଷ । ଅକାଣ୍ଡପ୍ରଥନ—ଅସମୟରେ ବିସ୍ତାର କରିବା; ବେଣୀସଂହାର ନାଟକରେ ଅନେକ ବୀରଙ୍କୁ ନାଶ କରିବା ସମୟରେ ରାଣୀ ଭାନୁମତୀଙ୍କ ସଙ୍ଗ ଦୁର୍ଯ୍ୟୋଧନଙ୍କ ଶୃଙ୍ଗାର ରସ ବର୍ଣ୍ଣନ । ଅକାଣ୍ଡ ଛେଦ—

ଅସମୟରେ ରସଭଙ୍ଗ ହେବା—ମହାବୀରଚରିତ ନାଟକର ଦ୍ୱିତୀୟ ଅଙ୍କରେ ରାମ ଓ ପରଶୁରାମଙ୍କ ସଂରମ୍ଭ କାଳରେ ବୀରରସର ଅବସରରେ ରାମଙ୍କର "କଙ୍କଣ ମୋଚନ ନିମନ୍ତେ ଯାଉଛି"—ଏହି ଉକ୍ତିରେ ଶୃଙ୍ଗାରରସ ଦ୍ୱାରା ବୀରରସର ଭଙ୍ଗ । ଅପକୃଷ୍ଟ ରସର ଅତ୍ୟନ୍ତ ବିସ୍ତୃତି—କିରାତାର୍ଜୁନୀୟ ଭାରବିର କାବ୍ୟ—ଅଷ୍ଟମ ସର୍ଗରେ ଅପ୍ସରାଙ୍କ ଶୃଙ୍ଗାରରସର ବିସ୍ତୃତ ବର୍ଣ୍ଣନା ଦୋଷାବହ । ପ୍ରଧାନ ନାୟିକାଙ୍କ ଅନନୁସନ୍ଧାନ—ରତ୍ନାବଳୀରେ ବାଭ୍ରବ୍ୟ ଆସନ୍ତେ ସାଗରିକାଙ୍କୁ ଭୁଲିଯିବା । ପ୍ରକୃତିବିପର୍ଯ୍ୟୟ—ପ୍ରକୃତି ତ୍ରିବିଧ—ଦିବ୍ୟ, ଅଦିବ୍ୟ ଓ ଦିବ୍ୟାଦିବ୍ୟ । ଏମାନେ ପୁଣି ଧୀରୋଦାତ୍ତ, ଧୀରୋଦ୍ଧତ, ଧୀରଲଳିତ ଓ ଧୀରପ୍ରଶାନ୍ତ ଭେଦରେ ଚତୁର୍ବିଧ । ପୁନଶ୍ଚ ଏମାନେ ଉତ୍ତମ, ମଧ୍ୟମ ଓ ଅଧମ ଭେଦରେ ତ୍ରିବିଧ । ଯାହାର ଯେଉଁ ପ୍ରକୃତି ତାକୁ ସେହି ରୂପେ ବର୍ଣ୍ଣନା ନ କଲେ ପ୍ରକୃତିବିପର୍ଯ୍ୟୟ ଦୋଷ ହୁଏ । ଧୀରୋଦାତ୍ତ ରାମଙ୍କର ଧୀରୋଦ୍ଧତ ତୁଲ୍ୟ ଛଳରେ ବାଲିବଧ । କୁମାରସମ୍ଭବରେ ମାତୃ ପିତୃ ରୂପ ପାର୍ବତୀ ପରମେଶ୍ୱରଙ୍କ ସମ୍ଭୋଗ ବର୍ଣ୍ଣନା । ଅନଙ୍ଗବର୍ଣ୍ଣନା—ରସର ଅନୁପୋଷକ ବର୍ଣ୍ଣନା । କର୍ପୂରମଞ୍ଜରୀରେ ନାୟିକାଙ୍କ ବସନ୍ତ ବର୍ଣ୍ଣନକୁ ଅନାଦର କରି ବନ୍ଦୀବର୍ଣ୍ଣନାର ପ୍ରଶଂସା ।

## ଅଳଙ୍କାର ଦୋଷ

ଉପମାରେ—ନ୍ୟୂନତା, ଅଧିକତା, ଲିଙ୍ଗଭେଦ, ବଚନଭେଦ, କାଳଭେଦ, ପୁରୁଷଭେଦ, ବିଧିଭେଦ, ଅସାଦୃଶ୍ୟ ଓ ଅସମ୍ଭବରେ ଉପମା ଦୋଷ । ଉତ୍ପ୍ରେକ୍ଷା ଦୋଷ—ଯଥା ଯେପରି ଶବ୍ଦମାନଙ୍କ ପ୍ରୟୋଗ । ଉତ୍ପ୍ରେକ୍ଷାମୂଳକ ଅର୍ଥାନ୍ତରନ୍ୟାସ ଦୋଷ ଉତ୍ପ୍ରେକ୍ଷାର ସମର୍ଥନକୁଟି ଅର୍ଥାନ୍ତରନ୍ୟାସର ପ୍ରୟୋଗ ଦୂଷିତ । ଉତ୍ପ୍ରେକ୍ଷାରେ ଅସତ୍କଳ୍ପନା ହୁଏ ଏବଂ ଉତ୍ପ୍ରେକ୍ଷିତ ଅର୍ଥର ସମର୍ଥନ ଲାଗି ଅର୍ଥାନ୍ତରନ୍ୟାସର ସାହାଯ୍ୟ ଅତ୍ୟନ୍ତ ଅଯୁକ୍ତ; ତେଣୁ ଅନୁଚିତାର୍ଥ ଦୋଷ ହୁଏ । ସମାସୋକ୍ତିରେ ଉପମାବାଚକ ଶବ୍ଦ ଓ ଅପ୍ରସ୍ତୁତ ପ୍ରଶଂସାରେ ଉପମେୟବାଚକ ଶବ୍ଦମାନଙ୍କ ପ୍ରୟୋଗ ଦୋଷାବହ ।

## ପଦଦୋଷର ଗୁଣରୂପେ ଗ୍ରହଣ

ଅସାଧୁତା ବା ଚ୍ୟୁତସଂସ୍କୃତି—ଅନୁକରଣରେ । ଅପ୍ରଯୁକ୍ତ—ଅନୁକରଣରେ । ଦୁଷ୍ଟ—( ଶୁଦ୍ଧାଚଳାଦ—ଯେ ଚତୁଃଷଷ୍ଟିକଳା ମଧ୍ୟରେ ଭଲ ବାଚସ୍ପତିରୂପେ ଗଣିତ ସେ ବ୍ୟକ୍ତି ) ଅନୁପ୍ରାସରେ ଗୁଣ । ଅନର୍ଥକ—ଯମକରେ ତୁ ହି ଆଦି ପ୍ରୟୋଜକାଦରେ ଗୁଣ । ଅପୁଷ୍ଟାର୍ଥ—ଛନ୍ଦାନୁରୋଧରେ । ଅବାଚକ—ଚତୁଃଷଷ୍ଟୀ କଳାନ୍ତର୍ଗତ ସଂକେତାଦରେ । ଅପ୍ରତୀତ—ଶାସ୍ତ୍ରଜ୍ଞଙ୍କ ଆଳାପରେ । କ୍ଲିଷ୍ଟ—ଶୀଘ୍ର ଅର୍ଥବୋଧରେ । ଗୂଢ଼ାର୍ଥ—ବ୍ୟାଖ୍ୟାରେ । ନେୟାର୍ଥ—ପ୍ରହେଳିକାଦିରେ । ସନ୍ଦିଗ୍ଧ—ପ୍ରତାରଣାଦିରେ । ନିହତ—

ଉଦ୍ଭୂତ କଥନରେ । ଅପ୍ରଯୋଜକ—ସ୍ୱରୂପମାତ୍ର କଥନରେ । ଦେଶ୍ୟ—ମହାକବି ବ୍ୟବହୃତ ହେଲେ । ଗ୍ରାମ୍ୟ—ଘୃଣାବହ, ଅଶ୍ଲୀଳ ଓ ଅମଙ୍ଗଳସୂଚକ ତ୍ରିବିଧ; ଘୃଣାବହ—ସମ୍ଭାଷ ( ଶ୍ଲେଷାନ୍ତମଧ୍ୟ, ବୈଦ୍ୟକରେ ପ୍ରଚଳିତ ) ହେଲେ । ଗୁପ୍ତରେ—(ଭଗିନୀ, ଭଗବତୀ—ଶବ୍ଦମାନଙ୍କ ପ୍ରଥମ ଭଗିନୀ ଗୁପ୍ତ ହେଲେ ) ଅନ୍ୟ ଲକ୍ଷିତରୁ, ବାଚ୍ୟା-ନ୍ତରରେ ଗୁପ୍ତଭାବ, ଶୌଣ୍ଡିକରେ ଘୃଣାବହ (ନିଷ୍ଠ୍ୟୂତ, ଉଦ୍ଗୀର୍ଣ୍ଣ, ବାନ୍ତ ସ୍ୱରୂପମାତ୍ରରେ କଥିତ ନ ହୋଇ ଗୌଣବୃତ୍ତିରେ, ସ୍ପର୍ଶ, ଅଗ୍ନି ତେଜ ଉଦ୍ଗୀରଣ ଦିଅନ୍ତି) ଇତ୍ୟାଦି ଗୁଣଭୂତ ହେଉଅଛି ।

## ବାକ୍ୟ-ଦୋଷର ଗୁଣ

ପଦସ୍ଥାନ— ବକ୍ତାବଶରୁ ବହୁବାସ୍ଥିତରେ ଗୁଣ । କ୍ରମଭଙ୍ଗ—ସମ୍ବନ୍ଧ ଜ୍ଞାନର ହେତୁ ଥିଲେ ଗୁଣ । ବିସନ୍ଧି—ଦୁର୍ବାଚକ ଓ ସଂସ୍କୃତ ସମ୍ବନ୍ଧରେ ଗୁଣ । ପୁନରୁକ୍ତି—ଅନୁକମ୍ପାଦି ସହିତ କହିଲେ ଗୁଣ । ବ୍ୟାପ୍ତି—ବିଶେଷ ଲକ୍ଷଣରେ ଗୁଣ । ସଂକୀର୍ଣ୍ଣ—ଚାଟୁବାକ୍ୟରେ ଗୁଣ । ଅପଦ—ବିଷାଦରେ ଗୁଣ । ପତିତ ରସାନ୍ତର ଭାବସ୍ଥାନରେ ଗୁଣ । ବାକ୍ୟ ମଧ୍ୟରେ ବାକ୍ୟ ରହିଲେହେଁ ଯଦି ଅନୁକୂଳ ପଦାର୍ଥ ସମର୍ଥିତ ହେଲେ ଦୋଷ ହୁଏ ନାହିଁ । ଉଲ୍ଲଙ୍ଘ ଓ ପତନ—ସଜ୍ଜନମାନଙ୍କର ଉଦ୍ଦେଶନ ହେଲେ ଗୁଣ । ଶବ୍ଦର ପର୍ଯ୍ୟାୟ ଶବ୍ଦ ଅଭାବ ହେଲେ ପୁନରୁକ୍ତିକାର ହେବାର କଥା ନୁହେଁ । ସ୍ୱଜନୋପମ—ପ୍ରସିଦ୍ଧ ଶବ୍ଦ ପ୍ରୟୋଗରେ ଦୋଷ ନୁହେଁ । ଅଧିକାପଦ—ସେଇଁଠାରେ ଅନୁମାନରେ ଉପସମ୍ପନ୍ନ ଅର୍ଥ ପ୍ରତୀତ ହୁଏ ସେଠାରେ ଦୋଷ ନୁହେଁ । ଛନ୍ଦୋଭଙ୍ଗ—ଅସ୍ଥାନରେ ଗୁରୁ ହେଲେ ଯଦି ଶ୍ରୁତି ତତ୍ପରେ ଲଘୁ ହୁଏ ତେବେ ଗୁଣ ହୁଏ । ଅଶ୍ଲୀଳ—ଦ୍ରାଘିମ୍ୟ ହେଲେ ଦୋଷ ନୁହେଁ, କିମ୍ବା ଅଛୁ, ହୁଏ, ଅତଃ ପ୍ରୟୋଗ କରିବାକୁ ହେବ । ଶ୍ଳେଷର ବାଚ୍ୟାର୍ଥ ସ୍ଥୂଳ— ବନ୍ଧର ସ୍ପାଷ୍ଟତ୍ୱରେ ଗୁଣ । ଶମ—ଅର୍ଥାଲଙ୍କାର ବଶରୁ ଗୁଣ । କଠୋର—ବୀରରସାଦିର ଅନୁକୂଳ ହେତୁ ଦୋଷ ନୁହେଁ । ଅପ୍ରସିଦ୍ଧ ଦୁଷ୍ପ୍ରାପ୍ୟର ବିପର୍ଯ୍ୟୟ —ଚିତ୍ରକାବ୍ୟ ଅର୍ଥାତ୍ ଅଷ୍ଟଦଳକମଳାଦି ବନ୍ଧରେ ଗୁଣ । ନେୟାର୍ଥ (ଅର୍ଥ ଦ୍ୱାରା ଶବ୍ଦାର୍ଥ)—ଯଦି ତାହା ଅତି ପ୍ରସିଦ୍ଧ ହୁଏ ତାହା ସହଜରେ ଜଣାଯାଏ । ଗ୍ରାମ୍ୟ—ଗ୍ରାମ୍ୟ ଉକ୍ତିରେ ଦୋଷ —ପଣ୍ଡିତଙ୍କ ଉକ୍ତିରେ ତାହା ଗୁଣତ୍ୱ ପ୍ରାପ୍ତ ହୁଏ । ଓଜର ବିପରୀତ ଅସମସ୍ତ —ପ୍ରୌଢ଼ବନ୍ଧରେ ସାମ୍ୟ ହେଲେ ଗୁଣ । ଅନବୀକୃତ—ସମସ୍ତ ସ୍ଥାନରେ ଅନବୀକୃତ ହେଲେହେଁ ଅନ୍ୟ ରସ ଅଙ୍ଗୀଭୂତରେ ଅନ୍ୟ ଗୀତ ଗ୍ରହଣ କଲେ ଗୁଣ ହୁଏ । ଅନଳଂକାର—ପୂର୍ବାପର ଅନୁସନ୍ଧାନ ପ୍ରୟୋଜନବଶରୁ ଗୁଣ ।

## ବାକ୍ୟାର୍ଥ ଦୋଷର ଗୁଣ—

ଅପାର୍ଥ—ମତ୍ତ, ଉନ୍ମତ୍ତ, ବାଳୋକ୍ତିରେ ଗୁଣ । ଅପ୍ରଯୋଜକ—ପ୍ରସ୍ତାବଦଶରେ ସ୍ଥାନେ ସ୍ଥାନେ ଗୁଣ । ବିଶେଷାନଭିଧାୟକ—ଅବିଶେଷତରେ ଉକ୍ତ—ଭିନ୍ନ ଦୋଷପଦରେ ଗୁଣ । ଅପକ୍ରମ—ଉପଦେଶରୁ ଯାଗ ଉଦ୍ଦୀପନ ପ୍ରଦର୍ଶ ପ୍ରକାଶରେ ଗୁଣ ହୁଏ ।

ସନ୍ଦିଗ୍ଧ—ସଂଶୟ ନିମନ୍ତେ ପ୍ରୟୋଗରେ ଏହା ଗୁଣ । ଅନୁଚିତ—ଅଧି ହେଉଥିବେ ଗୁଣ—(ପ୍ରଥିଷ୍ଠ ରୂପ ବାଚ୍ୟାଂଶରେ ଦେଖିଲୁ ବଚନ ଦ୍ୱାରା ପ୍ରକୃତ ବାକ୍ୟ ପରିପୋଷଣ ପରିବାର୍ଦ୍ଧ ଶବ୍ଦ ହେଉ) । ଗ୍ରାମ୍ୟ—ସାଧାରଣ ଅନୁବାଦ; ଉପଚାରଭିନ୍ନ ଦ୍ୱାରା ବର୍ଣ୍ଣନାର ଚମତ୍କାରିତାରେ ଗୁଣ । ଅପ୍ରମାଣ ବା ଅଶ୍ଲୀଳ—ବୀର୍ଯ୍ୟାଭିଧାନ (ସୁରତର କ୍ରିୟାଳାପ) ଓ ବର୍ଣ୍ଣନାରେ ଗୁଣ, ଏହା ଗୌଡ଼ବାସୀଙ୍କ ପ୍ରିୟ । ପରୁଷ—ବିରୁଦ୍ଧ ଲକ୍ଷଣାଦ୍ୱାରା ଅର୍ଥାନ୍ତରରେ ଲକ୍ଷିତ ହେଲେ ଗୁଣ; ଦେହ ସହ ବାସ ଭକ୍ଷଣ କର, ସେଠାରେ ବିଶ୍ୱାସ କରନା ! ସେ ମନରେ ତୁ ଅଳ୍ପ କାଳରେ ପୋଷ୍ୟ ହେବୁ ନାହିଁ । ବିରସ—ଅଲୌକିକ ପ୍ରଭୃତ ଦେବାଦିଙ୍କ ବର୍ଣ୍ଣନାରେ ବିରୁଦ୍ଧ ରସର ଅଦୃଷ୍ଟି ହୁଏ । ହୀନୋପମା, ଅଧିକୋପମା—କବିଙ୍କ ଉକ୍ତିରେ ରାଜାଙ୍କଠାରୁ ଦେବ ବା ଦେବଙ୍କଠାରୁ ରାଜାଙ୍କ ବର୍ଣ୍ଣନରେ ଗୁଣ । ଅସଦୃଶୋପମା—ବାଚ୍ୟଭେଦ ଉପପାଦକତାରେ ଗୁଣ । ଅପ୍ରସିଦ୍ଧୋପମା— ଉପ ମାନର ଉଦ୍ଦୀପନ ହେବାର ଗୁଣ । ନିରଲଙ୍କାର—ଅର୍ଥର ଔଜ୍ଜ୍ୱଲ୍ୟରେ ଗୁଣ । ଅନନ୍ୱୟ ଅଶ୍ଲୀଳାଦି—ଧର୍ମ ପ୍ରୟୋଗରେ ଗୁଣ । ଦେଶବିରୁଦ୍ଧ—ରାଜା ଓ ଦେବତାଙ୍କ ପ୍ରଭାବରେ କାଳବିରୁଦ୍ଧ—ଅନଭିପ୍ରେତ ଉତ୍ପାଦନ ହେଲେ । ଲୋକବିରୁଦ୍ଧ—ଅବସ୍ଥା ବିଶେଷ ହେଲେ, ଦୁଃଖୀ ବା ବିରହୀଙ୍କ ଅବସ୍ଥା ବର୍ଣ୍ଣନା । ଯୁକ୍ତିବିରୋଧ—ଅବସ୍ଥାବିଶେଷରେ କବିଙ୍କ ଉକ୍ତିରେ । ଔଚିତ୍ୟବିରୋଧ—ସମସ୍ତ ବିଶେଷ ଯୋଗ୍ୟ । ବଚନବିରୋଧ—ଅବସ୍ଥା ବିଶେଷ ଯୋଗ୍ୟ; ଧର୍ମବିରୋଧ—ଶାସ୍ତ୍ରବଶତଃ । ଧର୍ମଶାସ୍ତ୍ରବିରୁଦ୍ଧ—ଉଭୟ ଧର୍ମଶାସ୍ତ୍ରବଚନ ବଶତଃ । କାମଶାସ୍ତ୍ରବିରୋଧ—ଭୟ ଓ କ୍ରୋଧରେ ଲଜ୍ଜାବୈଶିଷ୍ଟ୍ୟ ହେଲେ ରାଜ ବିଷୟର ସ୍ଥଳ ହେଉଥିବେ ଗୁଣ । ନବୀନ କେତେକ ଆଳଙ୍କାରିକଙ୍କ ମତେ ବୈଯାକରଣ ଉକ୍ତିରେ ଦୁଃଶ୍ରବତ୍ୱ ଗୁଣ । ଅଶ୍ଲୀଳ—ସୁରତାରମ୍ଭ, ଗୋଷ୍ଠୀରେ (ସମ୍ଭୋଗାର୍ଥ ସମବେତ ସ୍ତ୍ରୀ ପୁରୁଷଙ୍କ ସମଦାୟ) ଗୁଣ । ନିହତାର୍ଥ, ଅପ୍ରଯୁକ୍ତ ପ୍ରଭୃତି ଶ୍ଳେଷ ସମ୍ବାଦରେ ଗୁଣ । କଥିତପଦତ୍ୱ—ବିହିତ ଅନୁବାଦତ୍ୱ, ବିସ୍ମୟ, ବିଷାଦ, କ୍ରୋଧ, ଦୈନ୍ୟ, ଲାଟାନୁପ୍ରାସ, ପ୍ରସାଦନ, ଅର୍ଥାନ୍ତରସଂକ୍ରମିତବାଚ୍ୟ ଓ ହର୍ଷାଦିରେ ଗୁଣ । ସନ୍ଦିଗ୍ଧ—ବ୍ୟାଜ ସ୍ତୁତିରେ ଗୁଣ । କଷ୍ଟତ୍ୱ ଓ ଦୁଃଶ୍ରବତ୍ୱ—ବୈୟାକରଣାଦିଙ୍କଠାରେ ଗୁଣ । ଗ୍ରାମ୍ୟ—ଅଧମୋକ୍ତିରେ ଗୁଣ ।

କଟୋକ୍ତି —ଖ୍ୟାତ ଅର୍ଥରେ ଗୁଣ । ଏଣୁ ସମସ୍ୟୋକ୍ତିରେ ଖ୍ୟାତ ବିରୁଦ୍ଧତାରେ ଗୁଣ । ଆକାଶ ଓ ପାପରେ ମଳିନତା; ହାସ୍ୟ ଓ ଯଶରେ ଧବଳତା; କ୍ରୋଧ ଓ ପ୍ରତାପର ରକ୍ତିମା; ନଦୀ ଓ ସମୁଦ୍ରରେ ପଦ୍ମ ଓ ଇନ୍ଦୀବର ବିକାଶ; ଦ୍ୱୀପ ସରୋବରରେ ହଂସାଦିପକ୍ଷିସମୂହ ସ୍ଥିତି, ଜଳାଶୟର ଶୈବାଳାଦି । ବର୍ଷାଋତୁରେ ହଂସଙ୍କର ମାନସସର ଗମନ, ଚାତକଙ୍କ ଜଳପାନରେ ଓ ଗ୍ରୀଷ୍ମମଧ୍ୟରେ ଅଶୋକ ଓ ବକୁଳର କ୍ରମଶଃ ବିକାଶ । ଶରତ୍କାଳରେ ଯୁବତୀଙ୍କ ଅଙ୍ଗରେ ହାର ଶୋଭିବା । କନ୍ଦର୍ପଙ୍କ ଧନୁ ଓ ଶର ପୁଷ୍ପ-ନିର୍ମିତ ଓ ଧନୁର ଗୁଣ ଭ୍ରମରମାଳାନିର୍ମିତ । ମଦନବାଣରେ ଓ ସ୍ତ୍ରୀଙ୍କ କଟାକ୍ଷରେ ଯୁବକଙ୍କ ହୃଦୟର ବିଦୀର୍ଣ୍ଣତା । ଦିବସରେ ପଦ୍ମ ଓ ରାତ୍ରିରେ କୁମୁଦର ବିକାଶ । ଶୁକ୍ଲପକ୍ଷରେ ଚନ୍ଦ୍ରକିରଣ; ମେଘଧ୍ୱନିରେ ମୟୂରଙ୍କ ନୃତ୍ୟ; ଅଶୋକର ଫଳଶୂନ୍ୟତା; ବସନ୍ତରେ ଜାତିପୁଷ୍ପର ବିକାଶଶୂନ୍ୟତା । ଚନ୍ଦନ ବୃକ୍ଷର ଫଳ ଓ ପୁଷ୍ପର ଶୂନ୍ୟତା । ଏପରି ପ୍ରଚେତାମାନ କାବ୍ୟାଦିରେ ପରିଦୃଷ୍ଟ ହୁଏ । ପୁନଶ୍ଚ ଧନୁର୍ଜ୍ୟା, ପୁଷ୍ପମାଳା, ମୁକ୍ତାହାର, ଜଘନକାଞ୍ଚି ଓ କରକଙ୍କଣାଦି ପ୍ରୟୋଗ । ଧନୁର୍ଜ୍ୟା—ଧନୁରେ ଗୁଣଟିଏ ଥିଲା ହେବା ଅର୍ଥରେ ( ଜ୍ୟା ଦେଇ ଧନୁ ନଇଁବା କର୍ତ୍ତବ୍ୟ ଜନ ) । ପୁଷ୍ପମାଳା—ଉତ୍କୃଷ୍ଟ ପୁଷ୍ପମାଳା । ମୁକ୍ତାମାଳା—ଅନ୍ୟ ରତ୍ନମିଶ୍ରିତ ନୁହେଁ । ଜଘନକାଞ୍ଚି, କରକଙ୍କଣ—ଉତ୍କୃଷ୍ଟ ଜଘନ ଓ କର ଅର୍ଥରେ ପ୍ରଯୁକ୍ତ । ନ୍ୟୂନପଦତା—ଅନାଦର ଓ ପ୍ରମତ୍ତତାଦିରେ ଗୁଣ । ଅଧିକପଦତା—ହାସ୍ୟରେ ଦୋଷ ଥିଲେ ତାହା ଗୁଣ । ପତତ୍ପ୍ରକର୍ଷତା—ସୁକୁମାର ଅର୍ଥ ପ୍ରୟୋଗରେ ଗୁଣ । ରସ ଓ ଭାବାଦିଙ୍କ ସ୍ୱଶବ୍ଦକଥନ ଦୋଷ—ବିଭାବ ଓ ଅନୁଭାବଙ୍କ ଅକଥନରେ କେବଳ ସଞ୍ଚାରୀ ସ୍ୱଶବ୍ଦ କଥନରେ ଗୁଣ । ପ୍ରତିକୂଳ ସଞ୍ଚାରୀ ଆଦିଙ୍କ ବାଧ୍ୟତ୍ୱରେ କଥନ ଗୁଣ । ବିରୁଦ୍ଧ ରସର ସମାବେଶରେ ଦୋଷ—ବିରୁଦ୍ଧ ରସ ସ୍ମରଣରେ ବା ସାଦୃଶ୍ୟ ବିବକ୍ଷାକଥନରେ ଏହା । ରସରେ ଅଙ୍ଗ ଭାବରେ ( ଅପ୍ରଧାନ ଭାବରେ ) ସ୍ଥିତ ରସମାନଙ୍କର ବିରୋଧ ହୁଏ ନାହିଁ । ମୁନି ଭରତଙ୍କ ମତେ କାବ୍ୟଦୋଷ ଦଶବିଧ; ଯଥା—ଗୂଢ଼ାର୍ଥ, ଅର୍ଥାନ୍ତର, ଅର୍ଥହୀନ, ଭିନ୍ନାର୍ଥ, ଏକାର୍ଥ, ଅଭିପ୍ଲୁତାର୍ଥ ( ଅସମ୍ବଦ୍ଧାର୍ଥ ), ନ୍ୟାୟାଦପେତ, ବିଷମ, ବିସନ୍ଧି ଓ ଶବ୍ଦଚ୍ୟୁତ । ଏହି ଦୋଷମାନଙ୍କର ସ୍ଥୂଳ ଜ୍ଞାନରେ ଲେଖକ ଓ ଏଣୁ ସୁଧୀଙ୍କ ତଥା ମୂର୍ଖ ଦୁର୍ବଳ ଓ କବିତା ଲେଖିବାରେ ସମର୍ଥ ହେବେ ।

## ଅଳଙ୍କାର

ଅଳଙ୍କାର ତ୍ରିବିଧ—ଶବ୍ଦାଶ୍ରିତ, ଅର୍ଥାଶ୍ରିତ ଓ ଉଭୟାଶ୍ରିତ । ଶବ୍ଦ—ଶ୍ରାବ୍ୟ, ଉଚ୍ଚାରଣସାପେକ୍ଷ, ଅବଚ୍ଛେଦକ ଓ ବାଚ୍ୟ । ଅର୍ଥ—ଶ୍ରୋତ ଅନୁସାପେକ୍ଷ, ଅବଚ୍ଛେଦ୍ୟ, ଶବ୍ଦାନୁକୂଲ୍ୟ ଅଭ୍ୟନ୍ତର ବିଷୟ । ସେହିମାନେ ଦ୍ୟୁତି ଅବ ସ୍ଥିତ ( ଯଥା ଉପମା—ଦ୍ୟୁତି, ଲେପ; ଅଗମ, ବିଭାବ,

ବୃତ୍ତି ଓ ଲକ୍ଷ୍ୟ-ସମ୍ବନ୍ଧ ଶବ୍ଦବୈଚିତ୍ର୍ୟ ଯୋଗୁ ) ଶବ୍ଦକୁ ଅଳଙ୍କୃତ କରିବାରେ ସମର୍ଥ ସେମାନଙ୍କୁ ଶବ୍ଦାଳଙ୍କାର କହନ୍ତି । ମୁନିଙ୍କ ମତେ ଯମକ ଏକମାତ୍ର ଶବ୍ଦାଳଙ୍କାର । ଅଗ୍ନିପୁରାଣମତେ ଏମାନେ ନବବିଧ :—ଛାୟା, ମୁଦ୍ରା, ଉକ୍ତି, ଯୁକ୍ତି, ଗୁମ୍ଫନା, ବାକୋବାକ୍ୟ, ଅନୁପ୍ରାସ, ଚିତ୍ର ଓ ଦୁଷ୍କର ( ଦୁର୍ବୋଧକ ) । ଭୋଜରାଜାଙ୍କ ମତରେ ଶବ୍ଦାଲଙ୍କାର ଚତୁର୍ବିଂଶତି :—ଜାତି, ଗତି, ରୀତି, ବୃତ୍ତି, ଛାୟା, ମୁଦ୍ରା, ଉକ୍ତି, ଯୁକ୍ତି, ଭଣିତି, ଗୁମ୍ଫନା, ଶଯ୍ୟା, ପଠିତି, ଯମକ, ଶ୍ଳେଷ, ଅନୁପ୍ରାସ, ଚିତ୍ର, ବାକୋବାକ୍ୟ, ପ୍ରହେଳିକା, ଗୂଢ଼, ପ୍ରଶ୍ନୋତ୍ତର, ଅଧ୍ୟେୟ, ଶ୍ରବ୍ୟ, ପ୍ରେକ୍ଷ୍ୟ ଓ ଅଭିନୟ । ମମ୍ମଟ ଭଟ୍ଟ ଓ ବିଶ୍ୱନାଥ କବିରାଜଙ୍କ ମତରେ ଶବ୍ଦାଲଙ୍କାର ଷଡ଼୍‌ବିଧ :—ବକ୍ରୋକ୍ତି, ଅନୁପ୍ରାସ, ଯମକ, ଶ୍ଳେଷ, ଚିତ୍ର ଓ ପୁନରୁକ୍ତବଦାଭାସ । ବିଶ୍ୱନାଥଙ୍କ ମତରେ ପ୍ରହେଳିକା ଅଳଙ୍କାର ନୁହେଁ, ରସର ପ୍ରତିକୂଳ ହେଲେହେଁ ଏଥିରେ ବୈଚିତ୍ର୍ୟ ଅଛି । ଜାତି :—ସଂସ୍କୃତ, ପ୍ରାକୃତ ଓ ଅପଭ୍ରଂଶାଦି । ଗତି—ଗଦ୍ୟ, ପଦ୍ୟ ଓ ମିଶ୍ର । ଏମାନଙ୍କ ଉପଭେଦ ଷଡ଼୍‌ବିଧ—ଦ୍ରୁତ, ମଧ୍ୟ, ବିଳମ୍ବିତ, ଦ୍ରୁତମଧ୍ୟ, ଦ୍ରୁତବିଳମ୍ବିତ, ମଧ୍ୟବିଳମ୍ବିତ । ( ପଦ୍ୟାଦି ପ୍ରବନ୍ଧରେ ଏହି ବ୍ୟବସ୍ଥିତି; କିନ୍ତୁ ପାଠର ସମ୍ବନ୍ଧରେ ଗତି ) । ରୀତି—ବୈଦର୍ଭୀ, ପାଞ୍ଚାଳୀ, ଗୌଡ଼ୀ, ଆବନ୍ତୀ, ଲାଟୀ ଓ ମାଗଧୀ ( ପୂର୍ବେ ସ୍ପଷ୍ଟ କଥିତ ହୋଇଅଛି ) । ବୃତ୍ତି—ଯାହା ଚିତ୍ତକୁ ବିକାଶିତ, ବିକ୍ଷିପ୍ତ, ସଙ୍କୋଚିତ ଓ ବିସ୍ତୃତ କରି ରସରେ ପ୍ରବର୍ତ୍ତାଏ ତାହା ବୃତ୍ତି । ତାହା ଚତୁର୍ବିଧ—କୈଶିକୀ, ଆରଭଟୀ, ଭାରତୀ ଓ ସାତ୍ତ୍ୱତୀ । ଭୋଜଙ୍କ ମତରେ କୈଶିକୀ ବୃତ୍ତିରେ ରଜ ଓ ତମଗୁଣ ବିଲୀନ ହେବା ହେତୁ ସତ୍ତ୍ୱୋଦ୍ରେକ ପ୍ରକାଶାନନ୍ଦମୟ ସବିଦ୍ ବିଶ୍ରାମ ହେତୁ ଶୃଙ୍ଗାର ରସ, ହାସ୍ୟ ରସ ପ୍ରବର୍ତ୍ତେ । କେବଳ ସତ୍ତ୍ୱଗୁଣର ପ୍ରାଧାନ୍ୟ ହେତୁ ଶୃଙ୍ଗାର ହାସ୍ୟ ଓ ସ୍ୱପ୍ନାଦି · ଅଦ୍ଭୁତର ପ୍ରସର ହୁଏ । ବିନାଶ ନ ହୋଇ ଅନ୍ୟ କୌଣସି ଗୁଣର ପ୍ରାଦୁର୍ଭାବ (ଅଧିଶଯ୍ୟ ନ ହେବା ହେତୁ ଚିତ୍ତ ବିକ୍ଷିପ୍ତ ହୁଏ; ତହିଁରେ ଉତ୍ତମ ବାକ୍ୟାଦି ବୈଚିତ୍ର୍ୟକୁ ଅବଲମ୍ବି ଉଦ୍ବେଗପୂର୍ଣ୍ଣମୟ ଚିତ୍ତକୁ ବିକ୍ଷେପ ତଥା ପ୍ରତ୍ୟବଧାନରେ ରୌଦ୍ର ଓ କରୁଣ ରସର ଉନ୍ମେଷ ହୁଏ । ସତ୍ତ୍ୱ ଓ ରଜଗୁଣ ବିଲୀନ ହୋଇଥିବା ଓ ତମୋମୟ ଚିତ୍ତକୁ ସଙ୍କୋଚ ତମଃମୟ ଅବସ୍ଥା ଜନ୍ମେ; ତହିଁ ବୀଭତ୍ସ ଓ ଭୟାନକ ଜାତ ହୁଏ । ସତ୍ତ୍ୱ ଓ ତମଗୁଣ ବିଲୀନ ହୋଇ ହୃଦୟରେ କେବଳ ରଜଗୁଣ ପ୍ରତିଷ୍ଠିତ ହେଲେ ବହିର୍ମୁଖ ବ୍ୟାପାରର ଉନ୍ମେଷରୁ ଚିତ୍ତ ବିସ୍ତାରାବସ୍ଥା ପ୍ରାପ୍ତ ହୁଏ, ତହିଁ ବୀର ଓ ଅଦ୍ଭୁତ ରସ ଜାତ ହୁଏ । ବିଶ୍ୱନାଥ ଓ ଭୋଜଙ୍କ ମତରେ ଶୃଙ୍ଗାର ହାସ୍ୟରେ କୈଶିକୀ; ବୀର ଓ ଅଦ୍ଭୁତରେ ସାତ୍ତ୍ୱତୀ; ରୌଦ୍ର ଓ କରୁଣରେ ଆରଭଟୀ; ବୀଭତ୍ସ ଓ ଭୟାନକରେ ଭାରତୀ । ଭରତ ସୂତ୍ରରେ କରୁଣ ବୀଭତ୍ସରେ ଭାରତୀ, ରୌଦ୍ର ଭୟାନକରେ ଆରଭଟୀ ରୂପେ ସୂଚିତ ଅଛି ; ବୋଧ ହୁଏ ମୁଦ୍ରଣ ପ୍ରମାଦ । ପୂର୍ବ ଉଦ୍ଧୃତ ପ୍ରସଙ୍ଗରେ କଥିତ ହୋଇଅଛି ଯେ,

ରୁଦ୍ରଙ୍କର ହାସ୍ୟାଦିରେ ରୌଦ୍ର ଓ କରୁଣ, ରୁଦ୍ରଙ୍କର ହାସ୍ୟପରେ ବୀଭତ୍ସ ଓ ଅଦ୍ଭୁତାଦିକ । ଏଠାରେ ଭୋଜରାଜ ଓ ବିଶ୍ୱନାଥ କବିରାଜ ସ୍ଥାନରେ ବିରୋଧ ଓ ବିରୋଧ ସ୍ଥାନରେ ସଂକୋଚ ସ୍ୱୀକାର କରିଅଛନ୍ତି । ଏଣୁ ଉଭୟଙ୍କରେ ବୈଷମ୍ୟ ପରିଦୃଷ୍ଟ ହେଲା ।

## ଛାୟା

ଅନ୍ୟ ଉକ୍ତିର ଅନୁକରଣକୁ ଛାୟା କହନ୍ତି । ତାହା ଲୋକ, ଛେକ (ପଣ୍ଡିତ), ଅର୍ଭକ (ଶିଶୁ), ଉନ୍ମତ୍ତ, ପୋଟା (ଶଠସ୍ୱଭାବ) ଓ ମତ୍ତଙ୍କ ଉକ୍ତିଭେଦରେ ଷଡ୍‌ବିଧ । ଲୋକୋକ୍ତି ଛାୟା—ଆଜି ରାତି ହେଲା ଅନ୍ଧକାର ରହିଯାଅ । ଛେକୋକ୍ତିରେ—ଯେ କାନ୍ତାମୁଖଲାବଣ୍ୟରେ ମୁଗ୍ଧ ନୁହେଁ ସେ ନର-ପଶୁ । ଅର୍ଭକୋକ୍ତି—ସେ କୋଠାଏ ଜଣେ ଅଦ୍ଭୁତ ସ୍ୱର୍ଣ୍ଣବୃକ୍ଷ, ଯାହାର ମୂଳ ଚନ୍ଦ୍ର, । ମାଳି ନବ ବୃଷଗଣ ଚରନ୍ତି, ଯାହାର ଫଳ ମୁକ୍ତାଫଳ । ଉନ୍ମତ୍ତୋକ୍ତି—ଦେଖୁଛ କି ମୋ ପ୍ରାଣବନ୍ଧୁ, କଣ କହୁଅଛନ୍ତି, ସେ ଆମ କଥା କଣ ପଶୁରୁଛନ୍ତି, ସେ ଆମ କଥା ଜଣାଇଲେ ଶୁଣୁଅଛନ୍ତି । ତାଙ୍କ କଥାରେ ଭଣ । କହ ତା କ କହ ହେବେ ଶତ୍ରୁ ସେହି ଅଭିମାନ ଏଠାକୁ ଫେରିଣ ଆସିବେ କି (ଏହା ପ୍ରମତ୍ତର ଉକ୍ତି) । ପୋଟାର ଉକ୍ତି—ଛଳକ ମୁଁ ସହିବାରେ ଅସମର୍ଥା, ଚନ୍ଦନରେ ମୋର ଅବଶ୍ୟ ଦୋଷ ଘଟୁଛି, କୁଙ୍କୁମରାଗ ପୋଛି ଭୂଷାଇଲା ଜାଣୁଅଛି । ମତ୍ତୋକ୍ତି—ପି ପି ପ୍ରିୟ ସ ସ ସ୍ୱୟଂ ମୁ ମୁ ମୁଖ ମଦିରା ଦେଲେ ଦଅ ଇତ୍ୟାଦି ।

## ମୁଦ୍ରା

ବାକ୍ୟରେ ସ୍ୱ ଅଭିପ୍ରାୟସୂଚକ ଶବ୍ଦର ଯୋଜନା—ଯାହା କି ସ୍ୱତଃ ଆନନ୍ଦ ପ୍ରଦାନ କରେ, ତାହା ପଦ, ବାକ୍ୟ, ବିଭକ୍ତି, ବଚନ, ସମୁଚ୍ଚୟ ଓ ସଂବୃତ୍ତି ଭେଦରେ ଷଡ୍‌ବିଧ । ଯଥା—ପଦମୁଦ୍ରା:—ହେ ସଖି, ତାହା ମୁଖର ଦାଗ, ଦାଗଧନ୍ୟ କୃଷ୍ଣ ସଦୃଶ ଇତ୍ୟାଦି । ବିଭକ୍ତିରେ:—ତାର ବୃଦ୍ଧି ରୂପ କାମଧେନୁ ଲକ୍ଷ୍ମୀ ପ୍ରଦାନ କଲା, ରୋଗ ଦୂର କଲା, କୀର୍ତ୍ତି ପ୍ରସବ କଲା, ମଳିନତା ଦୂର କଲା ଇତ୍ୟାଦି ଏହା ପଞ୍ଚ ଭାବରେ ପ୍ରଯୁକ୍ତ ) । ବଚନମୁଦ୍ରା—ଦେବୀ ଚନ୍ଦ୍ରମୁଖୀ ତୁମ୍ଭକୁ ଜାଣ ଦେଇଅଛନ୍ତି । ପ୍ରଭାତରେ ସମ ପୂଜା ତନକ ତୁମ୍ଭର ପିତା; ହେ କଲ୍ୟାଣି, ସେହି କୁଳରେ ସୂର୍ଯ୍ୟ ଓ ଆତ୍ମ ସୁତ ସେହି କୁଳର ରାଜାମାନଙ୍କର ତୁମ୍ଭେ ବଧୂ । ସମୁଚ୍ଚୟ ମୁଦ୍ରା:—ଯାହା ପୂର୍ବେ ଭୂମିରେ ପ୍ରଣୟୀ ଥିଲା ସେହି ତୁମ୍ଭର ଏହି ବୃତ୍ତାନ୍ତ ଜାତ ହେଲା । ସଂବୃତ୍ତି ମୁଦ୍ରା—ଅନାସ୍ରି ବିଷ୍ଣୁଙ୍କ ଦ୍ୱାରା ପ୍ରସେନଙ୍କର ସେହି ମଣିରତ୍ନ ଆଜ ଯେଉଁ ଯୋଗରେ ଲବ୍ଧ ହେଲା ତାହାର କୀର୍ତ୍ତିନରର

ଆପଣମାନଙ୍କର କି ପ୍ରୟୋଜନ । ଏଠାରେ "ପାପୀଙ୍କ କଥା ମଧ୍ୟ କିଛିମୁ ଅମଙ୍ଗଳକର" ହେତୁ ଅପରାଙ୍କ ଗାଳିନଦେଇ ଦଣ୍ଡ ସ୍ୱୀକାର୍ଯ୍ୟ ବୋଧକ ହେତୁ ଏହା ଅନୁକ୍ତି ଯୁକ୍ତ ।

## ଉକ୍ତି

ବାଧ୍ୟ ବା ନିଷେଧଦ୍ୱାରା ବିଶିଷ୍ଟ ଅର୍ଥ ବୋଧ ହେଲେ ଉକ୍ତି ହୁଏ । ବାଧ୍ୟ:— ଗୁରୁଙ୍କ ସେବା କରିବୁ ଓ ସତୀଙ୍କୁ ଭଲ ପାଇବୁ । ନିଷେଧ—ସ୍ୱାମୀଙ୍କ ଦ୍ୱାରା ଲାଞ୍ଛିତ ହେଲେହେଁ କ୍ରୋଧରେ ପ୍ରତିକୂଳ ଆଚରଣ କରିବ ନାହିଁ । ଅଧିକାର— ଅନୁଚରଣୀଙ୍କଠାରେ ଅନୁରାଗିଣୀ ହେବୁ, ସମ୍ପଦରେ ଗର୍ବ କରିବୁ ନାହିଁ ଏହି-ପରି ଯୁବତୀମାନେ ଗୃହିଣୀ ହୁଅନ୍ତି । ପ୍ରତିକୂଳାଚାରିଣୀ କୁଳର କ୍ଲେଶପ୍ରଦା । ବିକଳ୍ପ:—ଧନଦାନ କରନ୍ତି, ଶରୀର ବା ଜୀବନ ଦେବ । ବୟସ୍ୟ ଏକ ଉଦ୍ଧାର ବା ବେଦ ହେଉ, ଜ୍ଞାନୀ ଜନଙ୍କ ସଙ୍ଗତ ଶାନ୍ତ ବା ତ୍ରିଦଣ୍ଡୀ ହେଉ । ଯଥା ଇଚ୍ଛା ଭଲ ହେଉ ବା ମନ୍ଦ ହେଉ । ନିୟମ ବିଚାର ହି ଅର୍ଥହୀନ, ଏହି ପାର୍ଥହିଁ ଧନୁର୍ଦ୍ଧର, ସେ କେବଳ ଅର୍ଜୁନଙ୍କ ଦ୍ୱାରା ଜୁଟିହିଁ, ଅନ୍ୟଙ୍କ ଦ୍ୱାରା ପୂଜିତ ଅଟନ୍ତି । ସଂଯୋଗ, ଅନ୍ୟଯୋଗ, ଅତ୍ୟନ୍ତ ଯୋଗ ଲକ୍ଷଣ ରୂପ ତିପ୍ରକାର ନିୟମ । ପରିସଂଖ୍ୟା—ଧାର୍ମିକ ଗୁଣରେ ଏହାର, ତେଣୁ ଏ ପ୍ରାଣପ୍ରଦା ।

## ଯୁକ୍ତି

ଯୋଜନା ନ ହେଲା ଅଯୁକ୍ତ ଶବ୍ଦ ବା ଅର୍ଥର ପୁନଃ ଯୋଜନାକୁ ଯୁକ୍ତି କହନ୍ତି:—ପଦ, ପଦାର୍ଥ, ବାକ୍ୟ, ବାକ୍ୟାର୍ଥ ପ୍ରବନ୍ଧ ଓ ପ୍ରକରଣରେ ଏହା ଷଡ଼୍ବିଧ—ପଦ:—ଯୋଗରୂଢ଼, ହେତୁ, ପର୍ଯ୍ୟାୟ, ଅସଂକୀର୍ଣ୍ଣ ଓ ପରସ୍ପରରେ ନିର୍ମିତ:—ପୂର୍ବ ଦିଗରେ ଉମାକାନ୍ତ ଶ୍ରୀପୀଠବିଦ୍ଧର (ଶମ୍ଭୁଙ୍କ ଶ୍ରୀପୀଠ ବିନ୍ଦୁର) ଶୋଭନ୍ତି ଜଳ ଓ ପଶ୍ଚିମ ଦିଗରେ ସୂର୍ଯ୍ୟାଗ୍ନିନାଥ ମୃଡଙ୍କର (ଦଶରଥର ପୁତ୍ରଅଗ୍ନି) ତେଜାତିକୁ ବିସ୍ତାର କରୁଛି ଏପରି ଯେ ସୂର୍ଯ୍ୟଙ୍କ ତେଜ ତୁମମାନଙ୍କୁ ରକ୍ଷା କରନ୍ତୁ ଅନିଶ । ଗର୍ବ, ନିଗର୍ବ ଓ ସମୁଚ୍ଚୟାଦି ଯୋଜନାର ଦ୍ୱାରା ହେଲେ ବାକ୍ୟଯୁକ୍ତି । ବସ୍ତୁର ଜାତି ଗୁଣ କ୍ରିୟା ଓ ଦ୍ରବ୍ୟର ଯୋଜନାରେ ପଦାର୍ଥଯୁକ୍ତି । କ୍ରିୟାସମୁଚ୍ଚୟ, କ୍ରିୟା ଅଭ୍ୟାସ, କ୍ରିୟାସମ୍ବନ୍ଧବ୍ୟା-ପାର, ଯଥା କଥା ବା ଯେ ଯେ ଯୋଗରେ ବାକ୍ୟାର୍ଥଯୁକ୍ତି । ଅଣଭେଦକୁ ଉଦ୍ଧାର ବର୍ଣ୍ଣିତ ସୂତ୍ରରେ ପ୍ରକରଣ ଯୁକ୍ତି । ପ୍ରକରଣବ୍ୟାପୀ ବସ୍ତୁର ଉପପତ୍ତି ହେତୁ ପ୍ରବନ୍ଧଯୁକ୍ତି । ( ଭୋଜ ଦେବ ) ।

## ଭଣିତ

ଉକ୍ତିର ଭଙ୍ଗୀକୁ ଭଣିତ କହନ୍ତି । ତାହା ସମ୍ଭବ, ଅସମ୍ଭବ, ନିଷେଧ, ସମ୍ବୃତ, ଅପୂର୍ବ ଓ କଳନା ଭେଦରେ ଷଡ଼୍‌ବିଧ । ସମ୍ଭବ—ବୈଢଗଣ୍ଡୂଣ୍ଡିର ଗର୍ଭସ୍ଥିତ ନୀଳ ଜଳକଣପ ଶିଶଳିତ ବେଶୁତ ସହିତ ଜ୍ୟୋତ୍ସ୍ନାର ସାଦୃଶ୍ୟ ହେଲେ । ଅସମ୍ଭବ—ମୃଣାଳତନ୍ତୁ ଜୋଗାଣ୍ଡାନ୍, ମୃଣାଳତନ୍ତୁରେ ବନ୍ଧ କରନ୍ତି । ନିଷେଧ—ରେବତୀ-ଦଶନୋଚ୍ଛିଷ୍ଟ କାଦମ୍ବରୀସ୍ପୃଷ୍ଟ ମଦମତ୍ତ ବଳଦେବ ତୁମ୍ଭଙ୍କୁ ରକ୍ଷା କରନ୍ତୁ ( ଉଚ୍ଛିଷ୍ଟ ଓ ମଦ୍ୟପାନ—ଅପବିତ୍ର—କିନ୍ତୁ ପବିତ୍ର ହେବା ) । ସମ୍ବୃତଭଣିତ:—ସେ ନାରୀ ଭୁବନର ଭୂଷଣ ! ଉପମାନର ଉପମାନ । ଅପୂର୍ବ—ଜ୍ୟୋତିଷକୁ ତମ, ଜଳକୁ ଅଗ୍ନି ଜାତ ହେବା । କଳନା:—ସମୁଦ୍ର ତରଙ୍ଗର ଦୃଶ୍ୟ, ଦୃଶ୍ୟବସ୍ତୁ ମନରେ ଚିନ୍ତାକଲେ ସେହି ରୂପ ବଡ଼ ପ୍ରୀତିପଦ ।

## ଗୁମ୍ଫନା

ବାକ୍ୟରେ ଶବ୍ଦ ଓ ଅର୍ଥର ଆନୁପୂର୍ବ୍ୟରେ ରଚନା ଅର୍ଥାତ୍ ଅର୍ଥ ଅନୁରୂପ ଶବ୍ଦର ଯୋଜନା ବା କ୍ରମ ସମ୍ବନ୍ଧ ହୋଇ ଶବ୍ଦାର୍ଥର ରଚନାବିଧିର ନାମ ଗୁମ୍ଫନା । ଶବ୍ଦ, ଅର୍ଥ, କ୍ରମ, ପର୍ଯ୍ୟାୟ, ପଦ ଓ ବାକ୍ୟର ରଚନାରେ ଏହା ଷଡ଼୍‌ବିଧ । ଶବ୍ଦ—ନିରର୍ଥକ ଶବ୍ଦ ଅର୍ଥାନୁରୂପ ବାକ୍ୟରେ ରଚିତ ହେଲେ, ଯଥା—ଶ୍ୟାମଙ୍କ ଅଧରୋଷ୍ଠରେ ମଧୁରାକୁଳା ତରୁଣୀ ଦନ୍ତକ୍ଷତ ହୋଇ ସ୍ତନିତଃ ସୋପାନରେ ପତିତ ହୋଇ ଠଂଠଂଠ, ଠଂଠଂଠ, ଠଂଠ, ଠଂଠଂଠ ପ୍ରସୃତ ହେଉଛି । ଅର୍ଥ:—ଆକାଶ ଅର୍ଥରେ ଦିକ୍‌କାଳାଦି ଭୂମି ଶବ୍ଦ ସମ୍ବନ୍ଧର, ଦର୍ଶ—ସେ ଆକାଶରେ ପ୍ରକାଶମାନ । ସେହି ଅବକାଶରେ ଯାହାଙ୍କ କିରଣ ଅମୃତତ୍ୱ ପ୍ରାପ୍ତ ହୁଏ—ଚନ୍ଦ୍ର । ଯେ ଏମାନଙ୍କ ସୃଷ୍ଟିକୁ ଜାତ—ଜଳରାଶିକୁ ଜାତ—ସେମାନଙ୍କର ଚିନ୍ତନ-ବାସ୍ତୁ-ଇତ୍ୟାଦି । କ୍ରମ:—ନୀଳପଦ୍ମର ଦନ୍ତପଦ୍ମ ( ଦର୍ଶନୀୟ ) ସ୍ତନାଗ୍ର ନୟନକମଳର ଶୋଭା । ସ୍ତନାଗ୍ରଭାଗ—ଉଚ୍ଚ କୁମ୍ଭକୁ ପରାଜୟ କରୁଛି । ନୂପୁରଧ୍ୱନି ହଂସଗତିର ବିଭ୍ରମକୁ ଅନୁକରଣ କରୁଛି । ଯାହାର ମୁଖଶୋଭା ଚନ୍ଦ୍ରଶୋଭାକୁ ଦୂଷିତ କରୁଛି । ଅର୍ଥାନୁରୂପ ରଚନାକୁ ଯୌଗିକ ବାଚସ୍ପତି ପର୍ଯ୍ୟାୟରେ ପର୍ଯ୍ୟାୟ ରଚନା—ଶୁକ ସଙ୍ଗରେ ସଲାପ କରିବାରେ ଅଭ୍ୟସ୍ତା ଯେ ଶୁକା ସେ ଶୁକର ପ୍ରଳାପକୁ ଜାଣେ, କୋକିଳବାଣୀ ସ୍ତ୍ରୀ, ମୁଁ ତ ଧୂର୍ତ୍ତ ଶୁଣି ନ ହେବି ( ହେ ସୁଭ୍ରୂ, ସମ୍ପାଦକଥା ସ୍ତ୍ରୀ, ମୁଁ ସେଥିରେ ଭୁଲିବା ଲୋକ ନୁହେଁ ) । ପଦବୃତ୍ତ—ଅନେକ ଅପୂର୍ବାର୍ଥ ପଦମାନଙ୍କର ଅନୁପ୍ରାସ ଓ ଛନ୍ଦାନୁବର୍ତ୍ତ ନାମରେ ଅର୍ଥାନୁପ୍ରାସରେ ରଚିତ ହୋଇଥିବା ପଦରଚନା ( ଦେଖ ଦୋଷ ) । ବାକ୍ୟବୃତ୍ତ—ଶ୍ଳୋକରେ ପଦ ସମସ୍ୱରତା, ଅନୁକ୍ରମରେ ପଦ ଯୋଜନା ଓ ପାଣିନୀଙ୍କ ଅନ୍ୟ ନିବନ୍ଧନାରେ

ବିଭିନ୍ନ ଶ୍ଳିଷ୍ଟ ବୁଝି ହୁଏ । ବସ୍ତୁତ ଅର୍ଥର ଅଳ୍ପ ଶବ୍ଦରେ କଥନ ଦୃଷ୍ଟାନ୍ତରେ ମଧ୍ୟ ଗାମ୍ଭୀର୍ଯ୍ୟବଳ କଥାରୁ ବାକ୍ୟାର୍ଥ ରଚନା ହୋଇଛି ।

## ଶଯ୍ୟା

ପଦାର୍ଥମାନଙ୍କର ପରସ୍ପର ଯୋଜନାରେ ଶଯ୍ୟା ହୁଏ । କୌଣସି ଏକ ବିଷୟ ମନେ ରଖି ସେହି ବିଷୟର ପ୍ରବନ୍ଧ ରଚନାରେ ପ୍ରସ୍ତୁତ ବିଷୟର ପରିପୋଷଣ ପକ୍ଷରେ ଅଧିକତର ଯୋଜନାକୁ ଶଯ୍ୟା କହନ୍ତି । ପ୍ରକ୍ରାନ୍ତ, ଅପକ୍ରାନ୍ତ, ଅଳଙ୍କାର, ପଦ, ବାକ୍ୟ, ପ୍ରଶଂସା ଭେଦରେ ଛଅ ବିଧ । ପ୍ରକ୍ରାନ୍ତ—ଏହା ତଥା ଏଥିର ପ୍ରତିଜ୍ଞା ପୂର୍ଣ୍ଣ କଥାରେ ଉମାଙ୍କୁ ଶିବଙ୍କ ଦେଇ ମନ୍ମଥଙ୍କୁ ସପ୍ତରୋପାଶ୍ରମୀଙ୍କୁ ଋଷିଙ୍କୁ ସ୍ମରଣ କଲେ । ସପ୍ତର୍ଷିଙ୍କ ଆଗମନ ପ୍ରକ୍ରାନ୍ତ ହେଲା । ଅପକ୍ରାନ୍ତ—ଏହି ପୁସ୍ତକରେ ପୁରାତନ ଇତିହାସ କଥିତ ଅଛି, ନିଷାଦ ଓ ସମ୍ବରଣ ଋଷିଙ୍କ ସମ୍ବାଦ ମଧ୍ୟ କଥିତ । ଏଠାରେ ନିଷାଦ ସମ୍ବାଦ ହେଉଛି ଅପକ୍ରାନ୍ତ । ଅଳଙ୍କାର—ଅଜିତ ସମୟର ହୋଇଲେହେଁ ସ୍ତମ୍ଭିତ ନୂତନ ମୁକୁଳୋଦ୍ଗମ ହେବା କଦମ୍ବବନ ସମୂହ ଆଳାପ କମଳାରସପ୍ରଦ ହେଲା । ପୁଷ୍ପହାସ ରୂପକ ଯୋଜନା । ପଦଘଟନା—ସାହାର ମୁଖ ଛାଇ ହୋଇ ଦୂରାରୁ ବର୍ଣ୍ଣିତ ପଣ୍ଡିତ ହେବା ଦ୍ୱାରା ଧ୍ୱନିର ଦ୍ୱାରା 'ସ୍ୱ' ଓ 'ସ୍ୱା' କହିବାରେ ସ୍ୱାଦ ହେଲା, ସେହି ଏ ଶ୍ରବଣ । ସ୍ୱ ଓ ସ୍ୱା ପଦର ଯୋଜନାରେ ସ୍ୱାଦ ହେଲା । ବାକ୍ୟଘଟନା—ହେ ହଂସ, ମୋର କାନ୍ତାକୁ ପ୍ରଦାନ କର, ତୁମେ ଏହାର ଗତି ହରଣ କରିଛ, ଏକ ଦେଶର କାର୍ଯ୍ୟରୁ ଆଉ ଯାହା ଦେଖୁ ତାହା ଦେଇପାରୁଛୁ । ପ୍ରଶଂସା—ଏକ ବନରେ ଶ୍ରାବଣ, ଅନ୍ୟରେ ଚନ୍ଦ୍ର, ପଦ୍ମତଳ ଶଯ୍ୟାରେ ମାଧବ ( ବସନ୍ତ ), ଚନ୍ଦ୍ରସ୍ଥଳେ ଶରତ୍, ଅଙ୍ଗରେ ଗ୍ରୀଷ୍ମ, ହେମନ୍ତରେ ସ୍ୱର୍ଣ୍ଣଶଯ୍ୟା ତଳବନରେ, ମୃତ୍ୟୁଧାର ମୁଖପଦ୍ମ ସନ୍ନିବଦ୍ଧରେ ଶିଶିର ବାସ କରିଛୁ ।

## ଘଟିତ

ଏକ ଅର୍ଥରେ ପ୍ରଯୁକ୍ତ ଉଚ୍ଚାରଣ ଅନ୍ୟ ଅର୍ଥରେ ପ୍ରବର୍ତ୍ତିଲେ ଘଟିତ ହୁଏ । କାକୁ, ସ୍ୱର, ପଦଚ୍ଛେଦ, ଅବଗଣ୍ଠ ଓ କାନ୍ତି ଭେଦରେ ଏହା ଷଡ୍‌ବିଧ । ଭିନ୍ନ କଣ୍ଠଧ୍ୱନିରେ କାକୁ ହୁଏ । ତାହା କାକ୍ୱ ଓ ଅପେକ୍ଷ ରୂପେ ଦ୍ୱିବିଧ ।

ସଖି ମୋହର ଦୂତ ପ୍ରିୟବର । ମୁହିଁ ତାହାର କେତେବ ପ୍ରିୟ ଅଟେ ।
ହେତ ପ୍ରିୟ ଯଦି କାର୍ଯ୍ୟ ତାହାର । ତାହାର ବିନା ମୁହିଁ କି ପ୍ରିୟବର ।

ପ୍ରଥମ ଉଚ୍ଚାରଣରେ ବିଧି, ପର ଉଚ୍ଚାରଣରେ ନିଷେଧ । ଏଠ ନାୟିକାର କୃତ୍ରିମ ପ୍ରୀତି ହେଉଛି ମୁଁ ପ୍ରିୟା ନୁହେଁ । ସ୍ୱର ଭେଦାଦରେ ମଧ୍ୟ ଘଟିତ

ଏକ୍ଷପଦ୍ । କେତେକ ପଣ୍ଡିତ ଅନ୍ୟରୂପେ ଗ୍ରହଣ କରନ୍ତି । ସେ ମତରେ ପୂର୍ବୋକ୍ତ ପାଦର ପଦ, ପାଦ, ଶ୍ଳୋକାର୍ଦ୍ଧ ଇତ୍ୟାଦିର ଅନ୍ୟଥା କରଣରେ ଘଟିତ ହୁଏ ।

"ସ୍ୱର୍ଗେ ବସନ୍ତି ସେହ ତ୍ୟାଗଶୀଳ ଜନ । ନରକେ ରମନ୍ତି ତାର ତ୍ୟାଗହୀନ ।
ତ୍ୟାଗୀରେ ନାହିଁ ତ କିଛି ଦୁଃଖଲ । ତ୍ୟାଗ କଲେ ସର୍ବ ବନ୍ଧନ ଛୁଟ ।"

ଯଦି ଚତୁର୍ଥ ପାଦକୁ ପ୍ରଥମ ପାଦ କରି ଅନ୍ୟ ତିନି ପାଦ ବଦଳାଯାଏ, ତ୍ୟାଗର ପ୍ରଶଂସା ନ ହୋଇ ନିନ୍ଦା ହେବ । ଯଥା:—

"ସର୍ବ ବ୍ୟସନ କଟେ ତ୍ୟାଗ ଦ୍ୱାର । ମିଥ୍ୟା ଦ୍ରୁତେଏଣୁ ପ୍ରଶଂସା ଏଥାଇ ।
ପଦ୍ମଲୋଚନା ଦାଶ ଏଡ଼େ ତ୍ୟାଗ । ମୋର ହେଲୁ ସର୍ବ ବ୍ୟସନ ଯୋଗ ।"

ଏହିପରି ପ୍ରକୃତି, କାବ୍ୟ, ପାଦ, ପାଦାର୍ଦ୍ଧ ଓ ଶ୍ଳୋକ ଅନ୍ୟଥାକରଣରେ ଘଟିତ ହୁଏ । ଭୋଜରାଜଙ୍କ ସରସ୍ୱତୀକଣ୍ଠାଭରଣ ଦେଖ ।

## ଯମକ

ନିରର୍ଥକ ବା ଭିନ୍ନ ଭିନ୍ନ ଅର୍ଥଯୁକ୍ତ ସାର୍ଥକ ସ୍ୱର ବ୍ୟଞ୍ଜନ ସମୂହର ପୂର୍ବକ୍ରମ ଅନୁସାରୀ ଆବୃତ୍ତିକୁ ଯମକ କହନ୍ତି । ଯମକରେ ଯେଉଁ ସ୍ୱର ବ୍ୟଞ୍ଜନ ସମୁଦାୟ ଭୂତ ପଦର ଦୁଇ ବା ତତୋଽଧିକବାର ପୂର୍ବକ୍ରମ ଅନୁସାରେ ଆବୃତ୍ତି ହୁଏ, ସେହି ପଦ କେଉଁ ସ୍ଥଳରେ ନିରର୍ଥକ ବା କେଉଁ ସ୍ଥଳରେ ସାର୍ଥକ ହୁଏ । ପୁନଶ୍ଚ କେଉଁଠି ପ୍ରଥମ ବ୍ୟବହୃତ ସାର୍ଥକ ଓ ତାହାର ଆବୃତ୍ତ ପଦ ନିରର୍ଥକ; କେଉଁଠାରେ ଉଭୟ ନିରର୍ଥକ ଓ କେଉଁଠି ଉଭୟ ସାର୍ଥକ । ଏହି ଲକ୍ଷଣରେ ଭୂଷାଗଣ, ସାର୍ଥକ ହୋଇଲେହେଁ ଭିନ୍ନ ଭିନ୍ନ ଅର୍ଥଯୁକ୍ତ ହେବା ଉଚିତ । କାରଣ ଯେଉଁଠି ଭିନ୍ନ ଥାକ ଗୋଟିଏ ଅର୍ଥଯୁକ୍ତ ପଦ ହୁଅନ୍ତି, ସେଠାରେ ଲାଟାନୁପ୍ରାସ ହୁଏ । ବର୍ଣ୍ଣାନୁପ୍ରାସରେ କେବଳ ବ୍ୟଞ୍ଜନର ଆବୃତ୍ତି ହୁଏ; କିନ୍ତୁ ଯମକରେ ସ୍ୱର ଓ ବ୍ୟଞ୍ଜନ ଉଭୟଙ୍କର ଆବୃତ୍ତି ହୁଏ । ଲାଟାନୁପ୍ରାସ ଓ ବର୍ଣ୍ଣାନୁପ୍ରାସରୁ ଯମକ ପୃଥକ୍ । ଯମକ, ଶ୍ଳେଷ ଓ ଚିତ୍ର ଅଳଙ୍କାରମାନଙ୍କରେ ଡ, ଲ ଓ ନଙ୍କ ମଧ୍ୟରେ ଅଭେଦ ବୁଝିବାକୁ ହେବ । ଭରତଙ୍କ ମତରେ ଦଶବିଧ ଅଭ୍ୟାସରେ ଯମକ ହୁଏ । ତାହା ଦଶବିଧ—ପାଦାନ୍ତ, କାଞ୍ଚୀ, ସମୁଦ୍ଗ, ବିକ୍ରାନ୍ତ, ଚକ୍ରବାଳ, ସନ୍ଦଷ୍ଟ, ପାଦାଦି ଯମକ, ଆମ୍ରେଡ଼ିତ, ଚତୁର୍ବ୍ୟବସିତ ଓ ମାଳା ଯମକ । ଅଗ୍ନିପୁରାଣରେ ଭରତଙ୍କ ମତ ସ୍ୱୀକୃତ । ପାଦାନ୍ତ ଯମକ—ଚତୁଷ୍ପାଦବିଶିଷ୍ଟ ପ୍ରତ୍ୟେକ ପାଦର ଅନ୍ତରେ ସମାନ ବର୍ଣ୍ଣବିଶିଷ୍ଟ ପଦ ଥିଲେ; ଅର୍ଥାତ୍ ପ୍ରଥମ ପାଦର ଅନ୍ତରେ ଥିବା ପଦ ଅନ୍ୟ ପାଦମାନଙ୍କରେ ଆବୃତ୍ତି ହେଲେ ଏହି ଯମକ ହୁଏ । କାଞ୍ଚୀ—ପାଦର ଆଦ୍ୟରେ ଓ ଅନ୍ତରେ ସମାନ ବର୍ଣ୍ଣବିଶିଷ୍ଟ ପଦ ଥିଲେ ଏହି ଯମକ ହୁଏ; ଏହାକୁ ଆଧୁନିକ ଆଳଙ୍କାରିକମାନେ ଆଦ୍ୟନ୍ତ ଯମକ କହନ୍ତି । ଆଧୁନିକଙ୍କ

କାଞ୍ଚୀ ଯମକ ଅନ୍ୟପ୍ରକାର, ତାହା ପରେ ପ୍ରଦତ୍ତ ହେବ । ସମୁଦ୍ଗ—ପଦର ଅର୍ଦ୍ଧ ଯେବେ ଆବୃତ୍ତି ହୁଏ ଅର୍ଥାତ୍ ଦ୍ୱିପାଦବିଶିଷ୍ଟ ପଦରେ ଯେବେ ପ୍ରଥମ ପାଦ ଦ୍ୱିତୀୟ ପାଦରେ ଓ ଚତୁଷ୍ପାଦବିଶିଷ୍ଟ ପଦରେ ପ୍ରଥମ-ପାଦ ଓ ଦ୍ୱିତୀୟ ପାଦ ତୃତୀୟ ଓ ଚତୁର୍ଥ ପାଦରେ ଆବୃତ୍ତ ହୁଏ । ବିକ୍ରାନ୍ତ ଯମକ—ଗୋଟିଏ ଗୋଟିଏ ପାଦର ବ୍ୟବଧାନରେ ଦୁଇଟି ପାଦ ସଦୃଶ ହେଲେ ଏହି ଯମକ ହୁଏ । ଚକ୍ରବାଳ—ପୂର୍ବ ପାଦର "ଅନ୍ତ"ର ସହିତ ପର ପାଦର "ଆଦି" ସମ ହେଲେ ଏହି ଯମକ ହୁଏ—ଏହା ଶୃଙ୍ଖଳା । ସନ୍ଦଂଶ—ଦ୍ୱିତୀୟ ପାଦ ଚତୁର୍ଥ ପାଦରେ ଆବୃତ୍ତ ହେଲେ ଏହି ଯମକ ହୁଏ । ପାଦାଦି ଯମକ—ପ୍ରଥମ ପାଦର ଆଦିରେ ଥିବା ବର୍ଣ୍ଣ ସହିତ ସବୁ ଅନ୍ୟ ତିନିପାଦର ଆଦିରେ ଆବୃତ୍ତ ହୁଏ । ଆମ୍ରେଡ଼ିତ—ପ୍ରତ୍ୟେକ ପାଦର ଶେଷରେ ଅକ୍ଷରଦ୍ୱୟର ଆବୃତ୍ତିରେ ଏହି ଯମକ—ଏହା ପ୍ରାନ୍ତ ଯମକ । ଚତୁର୍ବ୍ୟବସିତ—ଚତୁଷ୍ପାଦବିଶିଷ୍ଟ ପଦରେ ପ୍ରଥମ ପାଦ ଆଉ ତିନି ପାଦରେ ଆବୃତ୍ତ ହେବା । ଏହା ସଂସ୍କୃତରେ ମହାଯମକ ଓ ଓଡ଼ିଆରେ ସଙ୍ଘଯମକ । ମାଳା ଯମକ—ନାନାରୂପ ସ୍ୱରରେ ଯୁକ୍ତ ହୋଇ ଗୋଟିଏ ବ୍ୟଞ୍ଜନ ପୁନଃପୁନଃ ଆବୃତ୍ତ ହେଲେ ଏହି ଯମକ ହୁଏ । ଉପେନ୍ଦ୍ର ମାଳ ଯମକକୁ ଅନ୍ୟ ପ୍ରକାରରେ କହନ୍ତି । ଯମକ ପ୍ରଧାନତଃ ପାଦାବୃତ୍ତି ଓ ବର୍ଣ୍ଣାବୃତ୍ତିରେ ଦ୍ୱିବିଧ । ଭରତଙ୍କ ମତରେ ପାଦାବୃତ୍ତି ଓ ଶବ୍ଦାବୃତ୍ତିରେ ଯମକ ଦଶବିଧ । ତାଙ୍କ ପରବର୍ତ୍ତୀ ଆଳଙ୍କାରିକଙ୍କ ମଧ୍ୟରୁ କେତେକଙ୍କ ମତରେ ଯମକ କେବଳ ପାଦର ଆବୃତ୍ତିରେ ଦଶବିଧ । ତାହା ମୁଖ, ସନ୍ଦଂଶ, ଆବୃତ୍ତି, ଗର୍ଭ, ସନ୍ଦଷ୍ଟକ, ପୁଚ୍ଛ, ପଂକ୍ତି, ଯୁଗ୍ମକ, ପରିବୃତ୍ତି ଓ ସମୁଦ୍ଗକ । ପ୍ରଥମ ପାଦର ଦ୍ୱିତୀୟ ପାଦରେ ଆବୃତ୍ତିକୁ ମୁଖ, ପ୍ରଥମ ପାଦର ତୃତୀୟ ପାଦରେ ଆବୃତ୍ତି ସନ୍ଦଂଶ । ପ୍ରଥମ ପାଦର ଚତୁର୍ଥ ପାଦରେ ଆବୃତ୍ତିକୁ ଆବୃତ୍ତି । ଦ୍ୱିତୀୟ ପାଦରେ ତୃତୀୟ ପାଦର ଆବୃତ୍ତିକୁ ଗର୍ଭ, ଦ୍ୱିତୀୟରେ ଚତୁର୍ଥ ପାଦର ଆବୃତ୍ତିକୁ ସନ୍ଦଷ୍ଟକ; ତୃତୀୟର ଚତୁର୍ଥରେ ଆବୃତ୍ତିକୁ ପୁଚ୍ଛ । ପ୍ରଥମର ଚତୁର୍ଥରେ ଓ ଦ୍ୱିତୀୟର ତୃତୀୟରେ ଆବୃତ୍ତିକୁ ପରିବୃତ୍ତି । ପ୍ରଥମ ପାଦର ଦ୍ୱିତୀୟ ପାଦରେ ଓ ତୃତୀୟର ଚତୁର୍ଥରେ ଆବୃତ୍ତିକୁ ଯୁଗ୍ମକ । ପ୍ରଥମ ପାଦର ଅନ୍ୟ ତିନି ପାଦରେ ଆବୃତ୍ତିକୁ ପଂକ୍ତି । ପ୍ରଥମ ଓ ଦ୍ୱିତୀୟ ଏହି ପାଦର ତୃତୀୟ ଓ ଚତୁର୍ଥ ଏହି ଦୁଇ ପାଦରେ ଆବୃତ୍ତିକୁ ସମୁଦ୍ଗକ କହନ୍ତି । ପୁନଶ୍ଚ ପାଦର ଅର୍ଦ୍ଧବୃତ୍ତ; ଅର୍ଥାତ୍ ପଦର ଅଧ ଅଂଶରେ ଆବୃତ୍ତି ହେଲେ ଷୋଡ଼ିଏ ଗୋଟି ଭେଦ ହୁଏ । ପାଦର ପ୍ରଥମ ଅର୍ଦ୍ଧର ସହିତ ପ୍ରଥମ ଅର୍ଦ୍ଧର ଆବୃତ୍ତିରେ ଦଶ । ପର ଅର୍ଦ୍ଧର ( ଅନ୍ତ ଅର୍ଦ୍ଧ ) ସହିତ ପର ଅର୍ଦ୍ଧର ଆବୃତ୍ତିରେ ଦଶ । ପୂର୍ବପର ପାଦର ପାଦ ସହିତ ଆବୃତ୍ତି ଦଶ, ଏରୂପ ମୋଟରେ ତିରିଶ ଭେଦ ହୁଏ । ପୁଣି ପାଦକୁ ତ୍ରିଖଣ୍ଡ, ଅର୍ଥାତ୍ ପାଦକୁ ତିନିଭାଗ କଲେ ପୂର୍ବପର ପ୍ରଥମ, ମଧ୍ୟ ଓ ଅନ୍ତ ଭେଦରେ ତିନି ପାଦର ଆବୃତ୍ତିରେ ଦଶ ଏରୂପ ମୋଟରେ ତ୍ରିଂଶ ଭେଦ

ହୁଏ । ପୁନଶ୍ଚ ଯମକର ନାନା ପ୍ରକାରରେ ଭେଦ ହୁଏ । ପ୍ରଥମତଃ ଯମକ ଅବ୍ୟପେତ (ଲଗି ଲଗି ହୋଇ), ବ୍ୟପେତ (ଛାଡ଼ି ଛାଡ଼ି ରହି) ଭେଦରେ ଦ୍ୱିବିଧ । ସ୍ଥାନ, ଅସ୍ଥାନ ଓ ପାଦଭେଦରେ ତାହା ଅନେକବିଧ । ପାଦମଧ୍ୟରେ ଆଦି, ମଧ୍ୟ ଓ ଅନ୍ତ କ୍ରମରେ ରହିଲେ ତାହା ସ୍ଥାନଯମକ । ଏହା ନ ହୋଇ ସନ୍ଧିବଶତଃ ଅନ୍ୟତ୍ର ପଦମାନେ ରହିଲେ ଅସ୍ଥାନ ଯମକ ହୁଏ । ଅସ୍ଥାନ ଯମକ ପୁଣି ସ୍ଥୂଳ ଓ ସୂକ୍ଷ୍ମ ଭେଦରେ ଦ୍ୱିବିଧ । ବହୁବର୍ଣ୍ଣର ଆବୃତ୍ତିରେ ସ୍ଥୂଳ ଓ ଅଳ୍ପ ବର୍ଣ୍ଣର ଆବୃତ୍ତିରେ ସୂକ୍ଷ୍ମ ହୁଏ । ଅସ୍ଥାନ ଯମକ ମଧ୍ୟ ସ୍ଥାନ ଯମକ ପରି ବ୍ୟପେତ ଓ ଅବ୍ୟପେତ । ଚତୁଷ୍ପାଦ ବିଶିଷ୍ଟ ପଦ୍ୟର ପ୍ରତ୍ୟେକ ପାଦରେ ଅବ୍ୟପେତ ଆଦି, ଅନ୍ତ, ମଧ୍ୟ, ଆଦିମଧ୍ୟ, ଆଦିଅନ୍ତ, ମଧ୍ୟାନ୍ତ ଓ ଆଦିମଧ୍ୟାନ୍ତ ଯମକ ହୁଏ ତିନୋଟି, ଦୁଇଟି ଓ ଗୋଟିଏ ପାଦରେ ମଧ୍ୟ ସେହିପରି ଯମକମାନ ହୁଏ । ଯେଉଁ ପଦ୍ୟମାନ ଚତୁଷ୍ପାଦ ବା ଚତୁଷ୍ପାଦରୁ ଅଧିକ ପାଦବିଶିଷ୍ଟ (ଓଡ଼ିଆରେ ବିଶେଷ ଦେଖାଯାଏ) ସେମାନଙ୍କର ମଧ୍ୟ ସେହିପରି ଯମକମାନ ହୁଏ । ଅବ୍ୟପେତ ଯମକରେ ଗୋଟିଏ ପାଦରେ ଆବୃତ୍ତି ହୁଏ, କେବଳ ଏକ ପାଦର କଥା ଅନ୍ୟ ପାଦରେ ଆବୃତ୍ତି ହୁଏ ନାହିଁ । ଆବୃତ୍ତିର ଆଧିକ୍ୟରେ ଅବ୍ୟପେତ ଯମକରେ ଆଦି, ମଧ୍ୟ ଓ ଅନ୍ତ ହେତୁ ତ୍ରିବିଧ ଯମକ ହୁଏ । ବ୍ୟପେତ ଯମକରେ ମଧ୍ୟ ଅବ୍ୟପେତ ତୁଲ୍ୟ ଭେଦମାନ ପରିଦୃଷ୍ଟ ହୁଏ; ଅର୍ଥାତ୍ ଚାରି ପାଦରେ, ତିନି ପାଦରେ, ଦୁଇ ପାଦରେ ଓ ଏକ ପାଦରେ ଆଦି ମଧ୍ୟାଦି ସପ୍ତ ପ୍ରକାର ଭେଦରେ ଯମକମାନ ହୁଏ । ଏହା ସ୍ଥୂଳ ଓ ସୂକ୍ଷ୍ମରୂପେ ପାଦରେ, ପାଦ ସନ୍ଧିରେ, ସ୍ୱରଭେଦରେ ଓ ଅନ୍ୟ ଭେଦାନ୍ତରେ ପରିଦୃଷ୍ଟ ହୁଏ । ଚତୁଷ୍ପାଦ ଏକାକାର ହେଲେ ମହାଯମକ ହୁଏ — ଏହା ସଂସ୍କୃତ ଆଳଙ୍କାରିକମାନେ କହନ୍ତି । ଭରତ ଏହାକୁ ଚତୁର୍ବ୍ୟବସିତ କହନ୍ତି । ଓଡ଼ିଆରେ ଏହାକୁ ସର୍ବଯମକ କହନ୍ତି । କାଞ୍ଚୀଯମକ — ଭୋଜଦେବ ପ୍ରଭୃତିଙ୍କ ମତେ ଏଥିରେ ପାଦର ଶେଷ ଶବ୍ଦ ପର ପାଦର ଆଦ୍ୟରେ ଆବୃତ୍ତି ହୁଏ । ଏହାକୁ ଭରତ ଚକ୍ରବାଳ କହନ୍ତି । ଓଡ଼ିଆରେ ଏହା ଶୃଙ୍ଖଳା ନାମରେ ଖ୍ୟାତ । ଭରତଙ୍କ ମତେ କାଞ୍ଚୀଯମକ ଅନ୍ୟ ପ୍ରକାର । ତାହା ଆଧୁନିକ ଆଦ୍ୟନ୍ତ ଯମକ ଅଟେ । ଶ୍ରୀ ଦଣ୍ଡୀ ସ୍ୱାମୀଙ୍କ ମତେ ସନ୍ଦଷ୍ଟ ପୂର୍ବପାଦର ଶେଷ ପରପାଦର ଆଦ୍ୟରେ ଆବୃତ୍ତି ହୁଏ । ସମୁଦ୍ଗକ ତିନି ପ୍ରକାର — ପ୍ରଥମ ତୃତୀୟ ସହିତ ଦ୍ୱିତୀୟ ଚତୁର୍ଥ; ପ୍ରଥମ ସହିତ ଦ୍ୱିତୀୟ; ତୃତୀୟ ସହିତ ଚତୁର୍ଥ; ପ୍ରଥମ ସହିତ ଚତୁର୍ଥ, ଦ୍ୱିତୀୟ ସହିତ ତୃତୀୟ ସମାନ ହେଲେ ।

ଓଡ଼ିଆ ସାହିତ୍ୟରୁ କେତେକ ଯମକର ଉଦାହରଣ ପ୍ରଦତ୍ତ ହେଲା । ଯଥା:— ଏକାକ୍ଷର ଯମକ, ଦ୍ୱିବର୍ଣ୍ଣାଦି ଯମକ, ଦ୍ୱିପାଦ୍ୟ ଯମକ, ବ୍ୟାବୃତ୍ତି ଯମକ, ସ୍ଥୂଳ ଯମକ, ଅବିଚ୍ଛିନ୍ନ ଯମକ, ସମପାଦ ଯମକ, ଦ୍ୱୀପ ଯମକ, ଅର୍ଦ୍ଧଯମକ,

ମଧ୍ୟ ଯମକ, ଆଦ୍ୟନ୍ତ ଯମକ, ଅନ୍ତ ମଧ୍ୟ ଯମକ, ମଧ୍ୟାନ୍ତ ଯମକ, ମାଳ ଯମକ, କାଞ୍ଚୀ ଯମକ, ଶୃଙ୍ଖଳା, ଯମକଶୃଙ୍ଖଳା, ସିଂହାବଲୋକନ, ଚତୁର୍ଗତିକା-ବନ୍ଧନର ମଣ୍ଡଳଚକ୍ର ଶୃଙ୍ଖଳା, ଶବ୍ଦାର୍ଥାଳଙ୍କାର ଶୃଙ୍ଖଳା ଇତ୍ୟାଦି ।

## ଏକାକ୍ଷରାଦ୍ୟ ଯମକ

( ବି: ଚି: ୩୬।୬ )—ଝଙ୍କ ମୁଞ୍ଜ ନଳିନ, ଝୁମ୍ପ ମୁଞ୍ଜ ନୟନ, ଝୁମ୍ପକେତନ ଖର ଶର—ଇତ୍ୟାଦି । ଏହାକୁ ଅନୁପ୍ରାସ ଓ ଏହି ଅଳଙ୍କାରରେ ନ ନେଇ ଯମକରେ କି ନିମନ୍ତେ ଗ୍ରହଣ କରାଯିବ । ଯମକର ଅର୍ଥ ଯୋଡ଼ିଏ ନୁହେଁ, ଦୁଇଟି, ଜାଁଇକ, ଜାଁଇଲାକୁ ଯୋଡ଼ିଏ ଇତ୍ୟାଦି । ବିରଞ୍ଚି ମାଳ ଯମକର ଲକ୍ଷଣ ଉଦାହରଣ ଦେଇଅଛନ୍ତି । ସେ କହନ୍ତି ସେ ଯୋଡ଼ିଏ ବ୍ୟଞ୍ଜନ ନାନାରୂପ ସ୍ୱରରେ ଯୁକ୍ତ ହୋଇ ମାଳଯମକ ହୁଏ । ଉଦାହରଣରେ ଦେଇଅଛନ୍ତି:—ହଳୀ ଗଳୀ ଲୁଳୀ ମାଳୀ ଖୁଲୀ ଆଳୀ ଲଳୀ ଜାଳୀ । ବଲୋ ବଲୋଚ୍ଚଲୋଲୁଲୋ ମୁଷଲୀ ତୁଳିଲକ୍ଷଣ । ଏଠାରେ ବାହୁମାନ ସ୍ୱରରେ ଏ ପଦ "ହଳୀ ମୁଖ ଇତ୍ୟାଦି" କହା ହୋଇଅଛି । ଏହାର ଯଉପାଦ ୬।୭।୯, ୪।୫।୯; ୭, ୯, ୯—ଯହି ପ୍ରତ୍ୟେକ ଖଣ୍ଡର ଶେଷ ଅକ୍ଷରରେ ପଡ଼େ । ଏଥିରେ ପ୍ରତ୍ୟେକ ଖଣ୍ଡର ପ୍ରଥମ ଅକ୍ଷର ଅନ୍ୟ ଖଣ୍ଡମାନଙ୍କର ପ୍ରଥମ ବା ଆଦ୍ୟରେ ଆବୃତ୍ତ ହୋଇଅଛି । ବର୍ଣ୍ଣାନୁପ୍ରାସରେ କେବଳ ବ୍ୟଞ୍ଜନର ଆବୃତ୍ତି ହୁଏ, ଯମକରେ ସ୍ୱର ବ୍ୟଞ୍ଜନ ଉଭୟଙ୍କର—ଏଠାରେ ସେହି ନିୟମର ବ୍ୟତିକ୍ରମ ହୋଇଛି । ଦ୍ୱିବର୍ଣ୍ଣାଦ୍ୟ ଯମକ—ପ୍ରତ୍ୟେକ ଚରଣର ଆଦ୍ୟ ଅକ୍ଷରମାନ ଆବୃତ୍ତି ହେଲେ ଏହି ଯମକ ହୁଏ—ଶରନାଦ ଶିଳୀମୁଖ, ସୁମୁଖି ସୁମ୍ମୁଖାଙ୍କ, ଛ ଛ କଲୁଛ ମଦନ ଗ୍ଲାନି । ଇତ୍ୟାଦି ବି: ଚି: ୩୬।୭ । ବୃଦ୍ଧ୍ୟାଦ୍ୟଯମକ—ପୂର୍ବୋକ୍ତ ପ୍ରତ୍ୟେକ ଚରଣର ଆଦ୍ୟରେ ଯୋଡ଼ିଏ ଶବ୍ଦ ଆବୃତ୍ତି ହେଲେ—ଆବୃତ୍ତି ଶବ୍ଦଟି ନିରର୍ଥକ ଓ ସାର୍ଥକ ହୋଇ ପାରେ । ନିଧି ଯୋଡ଼ି ଯୋଡ଼ି ପଡ଼ି ଝଣାଯାଏ—ବହୁବଚନ ଅଣୁ ଦିନେ ଦିନେ ଶୁଣୁଛି ମାର ମାରଣ ମାଗୁଅଛି । ୩୬।୯ । ଏହା ଅବ୍ୟପେତ । ଦ୍ୱିରୁକ୍ତ ଯମକ—ଶବ୍ଦମାନେ ପ୍ରତ୍ୟେକ ଚରଣର ଶେଷରେ ଆବୃତ୍ତ ହେଲେ ଏହି ଯମକ ହୁଏ । ଯେମନ୍ତେ ଗମ ଗମ, ବଦନ ଭମ ଭମ, ବାଘର ସ୍ୱାଦ ଅନ ଅନ । ବି: ଚି: ୩୬।୧୦ । ଏଥିରେ ଦୁଇଟି ଶବ୍ଦ ସାର୍ଥକ ଓ ଏହା ଅବ୍ୟପେତ । ଯୁଗ୍ମ ଯମକ—ପ୍ରତ୍ୟେକ ଚରଣର ଶେଷରେ ଦ୍ୱିବର୍ଣ୍ଣବିଶିଷ୍ଟ ନିରର୍ଥକ ବା ସାର୍ଥକ ଶବ୍ଦର ଦ୍ୱିତ୍ୱରେ ଏହି ଯମକ ହୁଏ । ମୁକ୍ତାମାଳକର ହାସ ସୁଧାର ଧାର ହରେ ଶାବ କାମରତିର ଇତ୍ୟାଦି ବି: ଚି: ୩୬।୧୧ । ଅନୁକ୍ରମ ଯମକ—ଶବ୍ଦମାନେ ଯେବେ ସ୍ୱ ଅବସ୍ଥାନ ପରବର୍ତ୍ତୀ ବର୍ଣ୍ଣନାଙ୍କରେ

ଖଚିତ ପଦମାନଙ୍କ ସବୁ ତୁଙ୍ଗାତୁଙ୍ଗ ହୋଇ ଯନ୍ତ୍ର, ତେବେ ଏହି ଯମକ ହୁଏ । ରମଣୀମଣି ସରସ ରସ ସାର ସାରଙ୍ଗ ରଙ୍ଗ ବାସ ଧନ । ବୈ: ବି: ୩୬ । ୬୨ । ସମଗ୍ର ଯମକ—ଯମକ (କେବଳ) ଦୁଇ ବା ତତୋଽଧିକ ବର୍ଣ୍ଣ-ସହିତ ପଦରେ ପୁନଃପୁନଃ ବହୁଶଃ ଅବୃତ୍ତି ହେଲେ ଏହି ଯମକ ହୁଏ । ବାରଣଗତି ଯାଉ, ବରଣେ ଯଦା ମୋର, ଖରଓଲଗଣୀ ବୋଲୁଥା । ମାରଣ ଧରେ ମାର, ବାରଣ ନାହିଁ ମୋର, ତାରଣ ଧରା ମୋର ତୁମ ରେ ଇତ୍ୟାଦି ପଦରେ ଯଣ ବା ରଣ ଅନ୍ତ୍ୟ ଅବୃତ୍ତି ବୈ: ଚି: ୩୬ । ୬୪ । ସମଗ୍ର ଯମକ—ପଦ ମଧ୍ୟରେ ସର୍ବତ୍ର ବର୍ଣ୍ଣଦ୍ୱୟ ପଦମାନ ବହୁଶଃ ଅବୃତ୍ତିରେ ଏହି ଯମକ ହୁଏ । ଏହା ସ୍ଥାନ ଓ ଅସ୍ଥାନ ଯମକ ଅଟେ । ଭୂଷଣ କୋଇକର, ଭୂଷଣ ସୁବଦନ, ଭୂଷଣ ଧରଣୀ ଯଶ । ଭଙ୍ଗୀର ପଲ୍ଲବ, ସଙ୍ଗୀ ରଙ୍ଗ ବର, ଯୋଗୀର ଧୀର ପୁର ହେବ ଇତ୍ୟାଦି । ଏଠାରେ ଦର, ସନ୍ଧି ଗିର ପ୍ରଭୃତିର ପୁନଃ ପୁନଃ ଅବୃତ୍ତି ହେଉଛି ଏହା ସମଗ୍ର ଯମକ । ଧ୍ୱନି ଯମକ—କେବଳ ବର୍ଣ୍ଣସହିତ ବା ପଦର ପୁନଃପୁନଃ ଅବୃତ୍ତିରେ ଯଦି ଭ ଧ୍ୱନିର ସନ୍ଧା ପ୍ରକାଶ ହୁଏ ଓ କର୍ଣ୍ଣପ୍ରୀତିକର ହୁଏ । ସର ସର ହସତ ଭସ ଭସ ଲସତ ରୁଚି ରୁଚିର ଚୋଷେ ଇତ୍ୟାଦି । ୩୬ । ୬୯ ବୈ: ଚି: ।

ଆଦ୍ୟ ଯମକ—ଏହା ପାଦର ବା ପାଦଖଣ୍ଡର ଆଦ୍ୟରେ ହେବ । ଅବ୍ୟପେତ, ବ୍ୟପେତ ଭେଦରେ ଦ୍ୱିବିଧ । କଳପି କଳପି କଲେ ପର୍ଣ୍ଣବାସେ ଯାଇଁ । ରାବଣ ଅଦ୍ୟ ଯମକ ପିଡ଼ିତ ଶୁଭେ ତହିଁ । ଚଳ ଚଳ ପୁଷ୍ପ ଧାମେ ଚାହିଁ ଲୋଚନେ । ଚଳ ଚଳ ଶୋଭନ ତାହାର ନିବାରିବେ ବୈ: ବି: ୬୯—୩୬।୩୬ । ଏଠାରେ ପ୍ରଥମ ପାଦଦ୍ୱୟରେ ଅବ୍ୟପେତ । ଦ୍ୱିତୀୟ ପଦ ଦ୍ୱୟରେ ଅବ୍ୟପେତ ଓ ବ୍ୟପେତ ବା ବିରଚିତ ବିରଚିତ ଅନ୍ତ୍ୟ ମିଳ ଲକ୍ଷଣ ପାଇଁ । ରଞ୍ଜନ ରଞ୍ଜନସ୍ୱନା ଏଥୁ ଶେଳ ଭରଳ—ଅବ୍ୟପେତ । ସଙ୍ଗଲେ ସମ୍ପ୍ରତି ବେଶ ଦେଖ ହୋଇ ଅଛି ଶୋଭନ । ସଙ୍ଗତ ଭଙ୍ଗ ବଦନ ଶେଳବାଲୁ ମୋ ମନ—ବ୍ୟପେତ । ଲ: ୬—୧୯।୨୦ ଓ ପ୍ରେମସୁଧାନିଧି ୧ମ ଛାନ୍ଦ ଦେଖ । ମଧ୍ୟ ଯମକ—ନବୀନ ସ୍ୱାମୃତ ସ୍ମିତ ଭସ୍ମନା ଦିଏ ଉଦୟ । ଏ ନୀଳ କମଳ କମଳ କାନ୍ତ ବହୁ ହେମନ୍ତ । ଲ:—୬ । ୬୧ ଓ ପ୍ରେମସୁଧାନିଧି ୩ୟ ଛାନ୍ଦ । ପ୍ରାନ୍ତ ଯମକ...ବନ୍ଦିଙ୍କ ଅନୁକୂଳ ପୁଷ୍ପ ଘନବନ୍ଧ । ବନୋଦରେ ସଙ୍ଗେ ଘେନ ପୁତେ ଘନବନ୍ଧ । କୋ: ବ୍ର: ୧୧।୩୯ ଓ ପ୍ରେ: ସୁ: ୯ମ ଛାନ୍ଦ । ଆଦ୍ୟପ୍ରାନ୍ତ—ବସନ୍ତରେ ବାରମ୍ବା ଅବଶ୍ୟ । ବସନ୍ତ ହୃତ ଲାଗିବେ ବଶ । ବସନ୍ତ କିଠାରୁ ଦିନବନ୍ଧୁ ବସନ୍ତ ଯୁଗ ସମ ଉଜ୍ଜଳ ଶବଶ—ପ୍ରେ: ସୁ: ୧୯ଶ ଛାନ୍ଦ । ଭୁବନ ଏଥିରେ ମୁଦିତ ମୋହେ ସର୍ବ ଭୁବନ । ଜୀବନକାନ୍ତ ଏ କିମ୍ପା ପ୍ରାଣୀଙ୍କର ଜୀବନ । ଲ: ୬।୨୨ । ପାଦଖଣ୍ଡର ଆଦ୍ୟନ୍ତ—ବୈ: ବି: ୩୬।୧୪—ଦ୍ରୁମଣି ଅସୁର, ସବୁ

ତାପ ନାଶକ, ସାରଙ୍ଗମୁଖି ତୁ ଆସାର ଇତ୍ୟାଦି । ମଧ୍ୟବ୍ୟପେତ—ନେତ୍ରଛନ୍ତି କଳଧଣ୍ଡ ବକ୍ରଛନ୍ତି କଳଧଣ୍ଡ ଅବସରରେ । କାହିଁ କୁମୁଦ କକ୍ଷପାଳ ଗ୍ରାମ୍ୟଦ କାହିଁ କୁମୁଦ ପଡ଼ସାରି । ଭ୍ରମରେ । ଗୁଞ୍ଜିତ ଭ୍ରମରେ ଗୁଞ୍ଜତ । ଯେ ମଧୁର ବାସ ଯେ ମଧୁର ବାସ ସେହି ମଧୁର ବାସ ସତ । ପୌ: ବୃ: ସୂ:—୯।୧୦ । ଅନ୍ତ ମଧ୍ୟ ଓ ଅନ୍ତ ଯମକ—ରଣ ରଣକ ଦର୍ପ ବାରଣ । ରଣ ରଣ ନୂପୁର ଚରଣ । ରଣରେ ଧାର ତାହୁ ଜନ୍ୟ କାରଣ ଯୋଗଥାଇ ସେ ମୋ ଶରଣ ହେ । ଚୋବକ । ପ୍ର: ସୂ: ୧୧।୬୩ । ମହାଯମକ—ଯହିଁ ପ୍ରଥମ ପାଦ ଅନ୍ୟ ତିନି ପାଦରେ ଆବୃତ୍ତ ହୁଏ ପାଦମାନଙ୍କ ବୃଥଭାଗ ଉଚିତ ପଦରୁ ଅଟେଛିଲ ହେଲେ—ପ୍ରଥମ, ତୃତୀୟ, ପଞ୍ଚମ, ସପ୍ତମ ସମାନ; ତଥା ଦ୍ୱିତୀୟ, ଚତୁର୍ଥ ଷଷ୍ଠ ଓ ଅଷ୍ଟମ ସମାନ ହେଲେ ମହାଯମକ ହୁଏ । ଏହିମତ ଶ୍ଳୋକରକଙ୍କ ମତ । ଓଡ଼ିଆରେ ତାହା ମହାଯମକ ଓ ସର୍ବଯମକ ରୂପେ ଦ୍ୱିବିଧ. କିନ୍ତୁ ଓଡ଼ିଆରେ ତାହା ଭିନ୍ନ । ପ୍ରଥମ ଦ୍ୱିତୀୟପାଦ ସମାନ ଅର୍ଥାତ୍ ପ୍ରଥମ ପାଦ ଦ୍ୱିତୀୟରେ ଆବୃତ୍ତ ହେଲେ ତୃତୀୟ ଚତୁର୍ଥରେ ଆବୃତ୍ତ ହେଲେ ମହାଯମକ ହୁଏ । ଏହିରେ ପ୍ରଥମ ତୃତୀୟରେ, ଦ୍ୱିତୀୟ ଚତୁର୍ଥରେ ଆବୃତ୍ତ ହୁଏ । ରମ୍ଭା ଉରୁବର୍ଣ୍ଣିବାର ଅଣି କ ଲୋକରେ ! ରମ୍ଭା ଉରୁ ବର୍ଣ୍ଣିବାର ଆଣି କ ଲୋକରେ । ହେରେ ହଂସ ଗତି ଗତିହି କ ନ୍ତ ଆଲୋକରେ । ଶରେ ହଂସ ଗତି ଗତିହି କାନ୍ତ ଆଲୋକରେ । ବ: ବ: ୩୪।୩୬—ସର୍ବଯମକ—ବାଣିରେ ସୁଶବର ସୁମନର ହେରେ । ବାହୁବରେ ଦୁହିବର ସୁମନର ହେରେ । ବାଣିବରେ ସୁଶବର ସୁମନର ହେରେ । ବାହୁବରେ ଦୁହିବର ସୁମନର ହେର । ଉପେନ୍ଦ୍ର ଭଞ୍ଜ ପ୍ରଥମ ପାଦର ଅନ୍ତରେ ଓ ଦ୍ୱିତୀୟ ପାଦର ଅନ୍ତରେ ଏକ ଶବ୍ଦର ପୁନଃପୁନଃ ଆବୃତ୍ତିକୁ ମହାଯମକ କହନ୍ତି । ଯଥା କାନ୍ତି ଶୋଭା ବଶି କୁମୁଦ କୁମୁଦ । ବଳୋଚ୍କ ବାସ ପ୍ରକାଶି କୁମୁଦ କୁମୁଦ—ବୈ: ବି- ୧୯—୨।୧୩।୧୪ । ସୁନିଷ୍ଠ ବଣ ପ୍ରକାଶିବ ସୁମନଶର ସୁମନଶର । ଦଗ୍ଧକ ଅଶିଲ ସୁମନସର ସୁମନସର—ମହାଯମକ ! ଦ୍ୱିପାଦ ବଣିକ ପଦରେ ଉଭୟ ପାଦ ସମାନ ଥିଲେ ଅର୍ଥାତ୍ ପ୍ରଥମପାଦ ଦ୍ୱିତୀୟପାଦରେ ଆବୃତ୍ତ ହେଲେ ବୈଦେହୀଶ-କାରଙ୍କ ମତେ ତାହା ସର୍ବଯମକ । ବୈଦେହୀ ସୁମନା ସୁମନା ଏ ଦୁରନ୍ତ । ଗଲହେଶ୍ନ ସୁମନା ସୁମନା ଏ ସୁରଣି । ବୈ: ବି ୧୯—୧୫।୬।୧୭ । ସୁନିଷ୍ଠ ଅଙ୍ଗମଧ୍ୟର ଭଜନାରେ ଶୋଭା ସାରସ ତତ୍ତ୍ୱ । ଅଙ୍ଗମଧ୍ୟର ଭାବନାରେ ଶୋଭା ସରସ ତତ୍ତ୍ୱ । ଲ. । ଉପେନ୍ଦ୍ର ଯାହାକୁ ମହାଯମକ କହନ୍ତି ତାକୁ ସଂସ୍କୃତ ଆଲଙ୍କାରିକମାନେ ମହାଯମକରୂପେ ସ୍ୱୀକାର କରନ୍ତି ନାହିଁ । ସେ ଯାହାକୁ ସର୍ବଯମକ ଓ ଅଭିମନ୍ୟୁ ଯାହାକୁ ମହାଯମକ ଓ ଯାହାକୁ ସର୍ବଯମକ ବୋଲି କହନ୍ତି ସେ ସମସ୍ତ ସଂସ୍କୃତରେ ମହାଯମକ ଅଟେ । ମାଳଯମକ—ପଦର ପାଦମାନଙ୍କରେ ପ୍ରାୟ ଆଦ୍ୟକୁ ଛାଡ଼ି ପରେ ଶବ୍ଦମାନଙ୍କ ପୁନଃପୁନଃ ଆବୃତ୍ତିରେ ମାଳ ଯମକ ହୁଏ । ବଗୁଭଳି ମାଳଯମକରେ କବି ମଣେ । ଭୂଲେ ଭ୍ରମ ଭ୍ରମ ଭ୍ରମ ନେଣି

ଯୋଗ ବଡ଼ର। ବୈ: ବା ୧୯—୧୩। ଯୋଡ଼ି ଯମକ—ପଦମାନଙ୍କ ମଧ୍ୟରେ ଅକ୍ଷରମାନ ଯୋଡ଼ି ଯୋଡ଼ି ହୋଇ ଥିଲେ ଯୋଡ଼ି ଯମକ ହୁଏ। ଏହା ପ୍ରାୟ ସ୍ୱର ଯମକ ତୁଲ୍ୟ ଅଟେ—ପ୍ରେ: ସୁ: ୧୩ ଛାନ୍ଦ। ନିୟମ ଯମକ—ପାଦର ଆଦ୍ୟନ୍ତର ଶବ୍ଦର ଯିଏ ଥିଲା ଆବୃତ୍ତିରେ ଏହି ଯମକ ହୁଏ। ଧୀରେ ଧୀରେ ଧୀରେ ଯେବେ ଏଥି ପୋଇ ଗୁଡ଼ା। ଧର ଧର ଧରଣୀ ତୋଷାଙ୍କ କହୁଛନ୍ତି ସେ—ବୈ: ବି: ୬୦ ଛାନ୍ଦ। ତ୍ରିଭଙ୍ଗୀ ଯମକ—ପାଦଟା ତିନୋଟି ଭାଗରେ ପଡ଼ି, ପ୍ରତ୍ୟେକ ଭାଗ ଶେଷରେ ଯମକ, ଯଥା—ରାମା ଶ୍ରୀପିରେ ଚୋର ହସ୍ତିରେ ଦୁଃଖସ୍ମୃତିରେ ଦ୍ୱୀପି। ପ୍ରେମସୁଧାନିଧି ୧୦ମ ଛାନ୍ଦ।

## ଶୃଙ୍ଖଳା

ପୂର୍ବ ପାଦର ଅନ୍ତ ଯେ ପର ପାଦରେ ଆଦ୍ୟରେ ଆବୃତ୍ତି ହୁଏ ଏବଂ ଏହି କ୍ରମରେ ପ୍ରସଙ୍ଗ ଶେଷ ହୁଏ, ତାକୁ ଶୃଙ୍ଖଳା କହନ୍ତି। ତାର ଶ୍ରବଣ ସଜ୍ଜନ ଜନ ସମ୍ମତର। ତରଳ ଲକ୍ଷ ନିର୍ଦ୍ଧନ ଅଭିନ୍ନ ଜିଣିବ ଇତ୍ୟାଦି ବୈ: ବି:—୩୨ ଛାନ୍ଦ। ସଂଯୁକ୍ତ ଶୃଙ୍ଖଳା—ପାଦର ଅନ୍ତରେ ଯମକ ଥାଇ—ପାଦର ଅନ୍ତ ଶବ୍ଦ ପରପାଦର ଆଦ୍ୟରେ ଆବୃତ୍ତି ହୁଏ ଏବଂ ଏହି କ୍ରମରେ ପ୍ରସଙ୍ଗ ସମାପ୍ତି ହୁଏ, ତେବେ ଏହି ଯମକ ହୁଏ। ଧୀର ତେଜୋର ଅନନ୍ତର ଧନ ଶୁଦ୍ଧ ଏ ଛାନ୍ଦ ରସ ସାରସାର। ସାରସ୍ୱତୀ ଶୁଦ୍ଧା ଶୁଦ୍ଧପ୍ରେମା ସୁଧା ମଦନେ ହୋଇ ଜାଣ ଭର। ବୈ: ବି: ୩୮ ଛାନ୍ଦ। ଶୃଙ୍ଖଳାକୁ ମଧ୍ୟ ସିଂହାବଲୋକନ କହନ୍ତି। ଚକ୍ରସିଂହାବଲୋକନ—ପ୍ରଥମ ପାଦର ଆଦରେ ଥିବା ଶବ୍ଦ ପ୍ରାନ୍ତରେ ଆବୃତ୍ତି ହୋଇ ପୁନଶ୍ଚ ପର ପାଦର ଆଦ୍ୟରେ ଆବୃତ୍ତି ହେବ ଏବଂ ପରେ ପାଦର ପ୍ରାନ୍ତ ଶବ୍ଦ ପର ପାଦର ଆଦରେ ନଥିଲେ ବା ତାର ଅଙ୍ଗସ୍ଥିତ ବର୍ଣ୍ଣମାନ ଆବୃତ୍ତି ହେଲେ ଏହି ଯମକ ହୁଏ ବୈ: ବି: ୩୩—ଧୀରେ ଏ ଛାନ୍ଦ ଅନଙ୍ଗ ସିନ୍ଧୁ ଶୁଦ୍ଧ ବାଣୀ ହରଣା କର ଧୀରେ। ଧୀରେ ଭୁବନା କଲେ ହୋଇ ଚେତନା ତୋଷାଣି ସୁଗନ୍ଧାରେ ଇତ୍ୟାଦି। ମଣ୍ଡୂକପ୍ଲୁତ ଶୃଙ୍ଖଳା:—ପୂର୍ବ ପାଦର ଶେଷ ଶବ୍ଦ ପର ପଦର ଆଦ୍ୟରେ ଆବୃତ୍ତି ହୋଇ ମଧ୍ୟରେ ମଧ୍ୟରେ ଅକ୍ଷରମାନ ଛାଡ଼ି ଛାଡ଼ି ଆବୃତ୍ତି ହୁଏ ଓ ବର୍ଣ୍ଣ ବିଶେଷ ମଧ୍ୟ ଛାଡ଼ି ଛାଡ଼ି ହୋଇ ପ୍ରାୟ ମୂଳରୁ ଶେଷ ପର୍ଯ୍ୟନ୍ତ ପଦରେ ରହେ। ବର ବାରଣଗମନା ମନାକ୍ଷୀ ଅନା। ଅନାସ୍ୱଜ୍ଞରେ ସୁମୁହିଁ ମୁହିଁ ତ ଶମନା। ମନାଇ କରୁଣା କର ଦରଷ ଦର୍ଶନା। ସନାମ ହେବି ନାହିଁ ଉଚ୍ଚ ପାଇ ମିନା। ଏଥିରେ ମନା ମନା, ମୁହିଁ ମୁହିଁ, କର କର, ଦର ଦର ମଧ୍ୟରେ ଯମକ ଓ ନଅଟି 'ନା' ଅଛି—ମଣ୍ଡୂକର ପ୍ଲୁତ ତୁଲ୍ୟ ଏହି ନା ଅକ୍ଷରମାନଙ୍କୁ ଛାଡ଼ି ଛାଡ଼ି ବସିଛି। ଗଙ୍ଗା ସ୍ରୋତାଧିକାର ଶୃଙ୍ଖଳା:—ପ୍ରଥମ ପାଦର ପ୍ରଥମ ଅକ୍ଷର ସ୍ଥିର ଏବଂ ପାଦର ଶେଷ ଓ ଆଦ୍ୟ ସନ୍ଧିରେ ଯୋଗିଏ

ଅକ୍ଷର ରହୁଥାଏ; ଅର୍ଥାତ୍ ପ୍ରଥମ ପାଦର ପ୍ରଥମ ଅକ୍ଷର ପାଦର ପ୍ରାନ୍ତ ଓ ଅନ୍ୟ ଅକ୍ଷର ସହିତ ପଠିତ ହେଲେ ଏକ ଅର୍ଥ ବୋଧକ ଶବ୍ଦ ବୁଝାଇବ—ଯେପରି ଗଙ୍ଗାର ଜଳ ସର୍ବତ୍ର ବିସ୍ତୃତ ହେଲେ ଲୋକେ ସେ ଜଳକୁ ଗଙ୍ଗାଜଳ କହନ୍ତି, ସେହିପରି ଏଠାରେ ଏକ ବିଷୟ ଜଣାଯିବ । ପୂର୍ବୋକ୍ତ ପ୍ରଥମ ପାଦର ପ୍ରଥମ ଅକ୍ଷର ପରେ ଗୋଟିଏ ଗୋଟିଏ ବର୍ଣ୍ଣର ଦ୍ୱିଗୁଣ ମୂଳରୁ ଶେଷ ପର୍ଯ୍ୟନ୍ତ ରହେ । ଯଥା:—ଧର ଲ ଷରର ସାସା ରଭ ସସ ହ । ହରିଣ ଦେଦେ ଦ ଦ ଖ ଖ କବ ଉଭ ହ୍ନ—ଲଳିତ୍ୟାଦି ୩୪—୪୨ ।

ସର୍ବାଙ୍ଗ ପାଦ ଶୃଙ୍ଖଳା—ପ୍ରତ୍ୟେକ ପାଦରେ ଏହି ଶୃଙ୍ଖଳା—ସଙ୍କେତ—ପାଦର ପଦମାନଙ୍କର ଏପରି ଯୋଜନା ଯେ ଶିକୁଳିରେ ବନ୍ଧାହୋଇ ହେଲାପରି ପଦକୁ ପଦ ବାନ୍ଧି ହୋଇ ରହିଛି । ଯଥା ସାରଙ୍ଗ ରଙ୍ଗିତ ଶରକୁ ଶରୁଣୀ ରୁଣୀ ଇତ୍ୟାଦି:—ସାରଙ୍ଗକୁ ରଙ୍ଗ; କିନ୍ତୁ ସାରଙ୍ଗପାଦ ଶବ୍ଦ ଚୟନ; ପୁଣି ରଙ୍ଗିତକୁ ଶର ବାନ୍ଧି ରଖିଛି—କିନ୍ତୁ ପରଶବ୍ଦ ଶରକୁ—ଏହିପରି ପାଦରେ ସର୍ବାଙ୍ଗ ଶୃଙ୍ଖଳାରେ ବନ୍ଧ । ଦଣ୍ଡୀସ୍ୱାମୀ ତ୍ରିବିଧମନ୍ତ୍ର ଯମକ ମଧ୍ୟରେ ଗ୍ରହଣ କରିଅଛନ୍ତି, ତାଙ୍କୁ ବିଭାଗ କରିଅଛନ୍ତି (୧) ପାଦ ପ୍ରତିଲୋମ ଯମକ; (୨) ଶ୍ଳୋକାର୍ଦ୍ଧ ପ୍ରତିଲୋମ ଯମକ, (୩) ଶ୍ଳୋକ ପ୍ରତିଲୋମ ଯମକ । ଏ ଯମକରେ ଓଲଟାଇ କରି ପଢ଼ିବାକୁ ହେବ । ଏପରି ପଢ଼ିଲେ ପୂର୍ବ ପାଠ ଓ ପର ପାଠ ସମାନ ହେବ । ଉଦ୍ଭଟେନ୍ଦୁ ରଚ୍ଛାଦି ଓ ଦ୍ରୁଥରେ ତାକୁ ବିଲୋମ ଅନୁଲୋମ କହନ୍ତି । କାରଣ ପ୍ରଥମ ପାଠଟି ଅନୁଲୋମରେ ଥାଏ; ଓଲଟା ପଢ଼ିବାଟି ବିଲୋମ, ଯଥା—ଧୀର ସେବେ ସେନାବାର ଲଯା ଯାଇ ଲବ: ନାଶେ ତେତେ ରଙ୍କ ! ନହି ତଳ ପୂର୍ବଦ୍ୱର ବମ ନଭ ଲଭ ପ୍ରଯୁକ୍ତ ହେବ । ବୈ. ବି: ୪୧।୧୨ । ଏଥ୍ୟା ପାଦଗତ । ପଦାର୍ଥ, ଶ୍ଳୋକଗତ ବା ପ୍ରତିଲୋମ ଯମକ ପ୍ରେମସୁଧାନିଧିର ପଞ୍ଚଦଶ ଛାନ୍ଦ ଦେଖ । ଧାର ଦର୍ଶନ ମାତ୍ର ହେଲା—ପାଠକ ଅନ୍ୟତ୍ର ଯାହା ଖୋଜି ହେବ ଦେଖି ନେବେ ।

## ଅନୁପ୍ରାସ

ସ୍ୱରର ସମତା ନ ଥାଇ ଅନେକରୂପ ବର୍ଣ୍ଣଙ୍କର ସାମ୍ୟକୁ ଅନୁପ୍ରାସ କହନ୍ତି । ଏଠାରେ ବର୍ଣ୍ଣର ଅର୍ଥ ବ୍ୟଞ୍ଜନ ବର୍ଣ୍ଣ । ସାମ୍ୟର ଅର୍ଥ—ଥରେ ବ୍ୟବହାର ଆଉ ଥରେ ବ୍ୟବହାର ହେବା । 'ଅନୁ' ର ଅର୍ଥ ବାରମ୍ବାର । 'ପ୍ର' ର ଅର୍ଥ ପ୍ରକର୍ଷ । ଯେଉଁଠାରେ ରସମାନଙ୍କର ଅନୁକୂଳ ବର୍ଣ୍ଣମାନଙ୍କର ଅସ ଓ ନ୍ୟାସ ହୁଏ ଓ ବାରମ୍ବାର ରଖାଯାଏ । ଭରତଙ୍କ ମତରେ ଅଳଙ୍କାର ଚାରିଗୋଟି ମାତ୍ର । ଉପମା, ଦୀପକ, ରୂପକ, ଓ ଯମକ । ଅନୁପ୍ରାସ ବିଷୟ ଭରତଙ୍କ ନାଟ୍ୟଶାସ୍ତ୍ରରେ ନାହିଁ । ପ୍ରଧାନତଃ ଏହା ଦୁଇ ପ୍ରକାର ବର୍ଣ୍ଣାନୁପ୍ରାସ ଓ ଶବ୍ଦାନୁପ୍ରାସ । ଦଣ୍ଡୀସ୍ୱାମୀଙ୍କ ମତରେ ଅନୁପ୍ରାସ ଦ୍ୱିବିଧ—ବୃତ୍ତ୍ୟନୁପ୍ରାସ

ଓ ଶ୍ରୁତ୍ୟନୁପ୍ରାସ । ସାହିତ୍ୟଦର୍ପଣକାରଙ୍କ ମତେ ଅନୁପ୍ରାସ ପଞ୍ଚବିଧ ; ଛେକ, ବୃତ୍ତି, ଶ୍ରୁତି, ଅନ୍ତ୍ୟ ଓ ଲାଟ । କେଶବାର୍କଙ୍କ ମତରେ ଅନୁପ୍ରାସ ଷଡ଼୍‌ବିଧ । ଶ୍ରୁତି, ବୃତ୍ତି, ବର୍ଣ୍ଣ, ପଦ, ବିଭକ୍ତି ଓ ଲାଟ ଅନୁପ୍ରାସ । କେଶବାର୍କଙ୍କ ମତ ଅନୁସାରେ ଅନୁପ୍ରାସର ସଂଖ୍ୟା ବୃଦ୍ଧି ହେଲା । କାରଣ ଏଥି ଦ୍ୱାରା ଅନୁପ୍ରାସର ଗୁଣ ଓ ପ୍ରକୃତ ତତ୍ତ୍ୱସ୍ୱରୂପ ଅବଗତ ହେବା । ପ୍ରାଚୀନ ଅଳଙ୍କାରିକଙ୍କ ମତେ ଶ୍ରୁତି ଅନୁପ୍ରାସ ସର୍ବଶ୍ରେଷ୍ଠ । ଶ୍ରୁତ୍ୟନୁପ୍ରାସ ତ୍ରିବିଧ—ଗ୍ରାମ୍ୟ, ନାଗର ଓ ଉପନାଗର । ଗ୍ରାମ୍ୟ ଚତୁର୍ବିଧଃ—ମସୃଣ, ବର୍ଣ୍ଣ ମସୃଣ, ବର୍ଣ୍ଣୋଲ୍ଲଟ ଓ ବର୍ଣ୍ଣାନୁଲ୍ଲଟ । ପଦସ୍ଥିତ ବର୍ଣ୍ଣମାନଙ୍କର ଏପରି ସନ୍ନିବେଶ ହେବ ଯେପରି କି ସେ ସବୁ ଏକପଦ-ରୂପେ ବୋଧ ହେବ । ଯଥା। ମସୃଣ—ହୃଷ୍ଟ ଲୁଟିଲେ ଫୁଲ ଶେଯ ଉପରେ । କେଳି କରନ୍ତି କାନ୍ତ କାନ୍ତା ସଙ୍ଗରେ ଇତ୍ୟାଦି ର-ଳ; ୨୦-୧ । ବର୍ଣ୍ଣ ମସୃଣ—ଗୁଚ୍ଛ ମଧ୍ୟସ୍ଥିତ ନାନା ବର୍ଣ୍ଣର ପୁଷ୍ପମାନଙ୍କ ସଦୃଶ ବର୍ଣ୍ଣମାନଙ୍କର ସ୍ଥାନଭେଦରେ ସନ୍ନିବେଶ—ଦେଖ ତଳୁଁ ଶୁଣିଲି କାଳି ନାକ୍ଷେ ପାଖେ ନାହିଁ ଦବା ଉତ୍ତୁଣ । ମାରି ହୃଦେ ହାତେ ନାଥ ନାଥ ବୋଲି ଉଚ୍ଚ ସ୍ୱରେ ଡକ୍କ କାନ୍ଦୁଣ । ଲ୍ଲ. ୧୬-୧ । ବର୍ଣ୍ଣୋଲ୍ଲଟ—ବନ୍ଧୁର ବା ଉତ୍କଟ ( କଡ଼ା ) ରୂପ ବର୍ଣ୍ଣମାନଙ୍କର ସଙ୍ଘାତସୂତ୍ରରେ ବର୍ଣ୍ଣୋଲ୍ଲଟ ହୁଏ । ଅଛି ବଳ ମନ୍ତ୍ରିବନ୍ତ, ବାଧାକା କି କଟକ ଗଣ୍ଡ । ସୁନ୍ଦରୀ ସଂସାରେ ଇନ୍ଦ୍ର କରୁ ଦେଉଛୁ । ଧର୍ଷି ବୃତ୍ତ ଅସୁର ନାଶ କରଣ ଏଥିର ଇତ୍ୟାଦି ଲ୍ଲ: ୧୧-୧୮ । ବର୍ଣ୍ଣାନୁଲ୍ଲଟ—ଉତ୍କଟ ନୁହେଁ କି ମସୃଣ ନୁହେଁ । ଦେଖ ନଖ ଶର୍ବ ଶେଯକୁ ଉଠିଲେ ଆପଣାର ବାଧ ଏ ପଥ । ସବ ସର୍ବଜ୍ଞଟା କାଲ୍ଲ କଥା ଶୁଣି ବାଞ୍ଛିକି କଲେ ସେ ଅନ୍ୟଥା । ଲ୍ଲ—୧୬-୨୨ ।

## ନାଗର

ଗ୍ରାମ୍ୟର ବିପରୀତ ଲକ୍ଷଣଯୁକ୍ତ, ଯେ ଅତି ମଧୁର ନୁହେଁ ସେ ନାଗର । ସମାନ ସ୍ଥାନରୁ ଉଚ୍ଚାରିତ ହେଲେହେଁ ଭେଦ ଥିବା ସତ୍ତ୍ୱେ ଏକତ୍ୱ ବୁଦ୍ଧି, ଅସମାନ ସ୍ଥାନରୁ ଉଚ୍ଚାରିତ ହୋଇ ଭେଦରେ ଏକତ୍ୱ ବୁଦ୍ଧି । ଏକତ୍ୱରେ ମଧ୍ୟ ଏକତ୍ୱ ଅବଲମ୍ବ ଅର୍ଥାତ୍ ସାଜାତ୍ୟର ଅନୁପାତମାନଙ୍କରେ ମଧ୍ୟ ସନ୍ନିବେଶଙ୍କ ପ୍ରଶ୍ନଧାନ - ଦ୍ୱାରା ସାଜାତ୍ୟ ଅବଲମ୍ବ [ ୧ ] ସ୍ୱଜାତୀୟ ସନ୍ଧି ଘଟାଇ ଯଥା—ସ୍ୱଂସ, ସ୍ୱସ ଇତ୍ୟାଦି ( ସମସ୍ଥାନ ) । ସ୍ତ୍ରୀର ଛ—(ଅସମସ୍ଥାନ) ଛ ଓ ବ; ତ, ବ ଓ ଳ ଇତ୍ୟାଦି ( ଏକତ୍ୱନବ୍ଧକ ) । ଉପନାଗର—ଡ ଓ ଳ କାର ଜନ୍ମ ଶ୍ରୁତିରୁ ପ୍ରତ୍ୟକ୍ଷ ଅଟେ, କିନ୍ତୁ ତାଙ୍କର ଶ୍ରୁତିସାମ୍ୟ ଅନୁମାନରୁ ପ୍ରତୀତ ହୁଏ । ସେହିପରି ନ ଓ ଣ; ର ଓ ଲ; ଦନ୍ତ୍ୟ ଓ ତାଲବ୍ୟ ବର୍ଣ୍ଣମାନଙ୍କର । ସବୁ ଅନୁପ୍ରାସ ଗ୍ରାମ୍ୟ ବାହୁଲ୍ୟ ବର୍ଣ୍ଣମାନଙ୍କ ଦ୍ୱାରା ବ୍ୟବହୃତ ହୋଇ ପ୍ରୀତିକର ହୁଏ । ଜ୍ୟୋତ୍ସ୍ନା ଚନ୍ଦ୍ରମାରୁ, ଲାବଣ୍ୟ ଅଙ୍ଗନାରୁ ମଣ୍ଡିତ କଲା ପରି ଅନୁପ୍ରାସ କାବ୍ୟକୁ ମଣ୍ଡିତ କରେ । ଅନୁପ୍ରାସ ବର୍ଣ୍ଣସ୍ଥ ଓ ପଦସ୍ଥ । ସ୍ୱ ବର୍ଗସ୍ଥ ବର୍ଣ୍ଣମାନଙ୍କରେ ରଚିତ କାବ୍ୟବ୍ୟାପୀ

ସନ୍ଦର୍ଭକୁ ବୃତ୍ତ୍ୟନୁପ୍ରାସ କୁହାଯାଏ; ତାହା ବହୁବିଧ । କାର୍ଣ୍ଣାଟିକୀ—କ ବର୍ଗର । କୌନ୍ତଳୀ—ଚ ବର୍ଗର । କୌଙ୍କୀ—ଟ ବର୍ଗର । କୌଙ୍କଣୀ—ତ ବର୍ଗର । ବାନବାସିକା—ପ ବର୍ଗର । ଦ୍ରାବିଡ଼ୀ—ଅନ୍ତ୍ୟସ୍ଥ ବର୍ଣ୍ଣର । ମାଧୁର୍ଯ୍ୟ—ଊଷ୍ମ ବର୍ଣ୍ଣର । ମାତ୍ସୀ—ଦୁଇ ବା ତିନିବର୍ଗର । ମାଗଧୀ—ଅନ୍ତ୍ୟସ୍ଥ ସହିତ କ ଓ ଚ ବର୍ଗର । ତାମ୍ରଲିପ୍ତିକା—ସ୍ୱ ବର୍ଗର ଅନ୍ତ୍ୟ ସଂଯୋଗରେ (ପଞ୍ଚମବର୍ଣ୍ଣ) ଯୋଗରେ । ଓଡ୍ରୀ—ବର୍ଗର ସରୂପ ସଂଯୋଗ ପ୍ରଥମରେ 'କ୍କ, ଚ୍ଚ, ଟ୍ଟ ପ୍ରଭୃତିରେ' । ପୌଣ୍ଡ୍ରୀ—ଅସମାନ ରୂପ ସଂଯୋଗରେ, 'ତ୍ସ, ର୍ଗ, ଷ୍ଟ' । କାବ୍ୟରେ ବର୍ଣ୍ଣ ଶିଥିଳ ବା କଠୋର ହେବ ନାହିଁ, ହେଲେ ଅନୁପ୍ରାସ ଭଙ୍ଗ ହେବ । କିନ୍ତୁ ଗାର ରୌଦ୍ରାଦିରେ କଠୋର ବର୍ଣ୍ଣବିନ୍ୟାସ ପ୍ରଶଂସନୀୟ । ଅନୁପ୍ରାସ ଓ ବୃତ୍ତି ମଧ୍ୟରେ ପାର୍ଥକ୍ୟ ଏହି ଯେ 'ଅନୁପ୍ରାସ' ଚରଣର ଆଦି ଅନ୍ତ ଓ ମଧ୍ୟରେ ହୁଏ, ଅଂଶବିଶେଷରେ ହୁଏ ବା ହୁଏ ନାହିଁ । କିନ୍ତୁ ବୃତ୍ତି କାବ୍ୟର ଶରୀର ସମସ୍ତ ବ୍ୟାପି ରହେ । ଦ୍ୟ କେତେକ ଆଳଙ୍କାରିକ ବୃତ୍ତ୍ୟନୁପ୍ରାସକୁ ଅନ୍ୟଥା ଗ୍ରହଣ କରନ୍ତି । ହ୍ରସ୍ୱ, ଦୀର୍ଘ, ଅନୁସ୍ୱାରାଦି ବର୍ଣ୍ଣମାନଙ୍କର ସମ୍ବନ୍ଧ ଓ ଅସମ୍ବନ୍ଧରେ ତଥା ସମସ୍ତ ଓ ବ୍ୟସ୍ତ ଭେଦରେ (ସମାସ ଓ ଅସମାସ ଭେଦରେ) ବୃତ୍ତି ପ୍ରଧାନତଃ ତ୍ରିବିଧ । ବୃତ୍ତିର ଗୁଣ ତ୍ରିବିଧ; ତାହା ଯଥାକ୍ରମେ ସୁକୁମାରତା, ପ୍ରୌଢ଼ି ଓ ମଧ୍ୟମତା । ବୃତ୍ତି ଦ୍ୱାଦଶଧା ପରିକୀର୍ତ୍ତିତ ହୁଏ । ଗମ୍ଭୀରା, ଓଜସ୍ୱିନୀ, ପ୍ରୌଢ଼ା, ମଧୁରା, ନିଷ୍ଠୁରା, ଶ୍ଲଥା, କଠୋରା, କୋମଳା, ମିଶ୍ରା, ପରୁଷା, ଲଳିତା ଓ ଅମିତା । ଗମ୍ଭୀରା—ପ୍ରାୟ ଟ ବର୍ଗ ଓ ପ ବର୍ଗର ଦ୍ୱିତୀୟ ଚତୁର୍ଥ ବର୍ଣ୍ଣ, ଣକାର ଓ ଫକାରର ସ୍ୱ ସଂଯୋଗ ଓ ବିନ୍ଦୁ ସଂଯୋଗରେ ଗଠିତ—ଗାଢ଼ୁଆ ତରୁଣୀ ସଙ୍ଗେ ଝଗୁ ଖେଳି ପିତୃମନ୍ଦିରକୁ ଗଲୁ । ସେହି ସ୍ମୃତିରଙ୍ଗ ସ୍ଫୁରିତ କରିବ ହୃଦୟରେ ପ୍ରକାଶ ନାହିଁ । ତା ସୁହିଁ । ଦ୍ୟୁତିବନ ଆନନ୍ଦ ହୋଇ । ଗଣ୍ଡଦେଶ ରୋମ ଉଲ୍ଲସିଲ । ଏଥି ଉଦାହରଣମାନ କବିର—ଚି: ୩୮।୯ ବା ଲ: ୨୪।୬ । ଓଜସ୍ୱିନୀ—ବର୍ଗର ପ୍ରଥମ ଚତୁର୍ଥ ପଞ୍ଚମର ଦୁଇ ତିନଥର ଆବୃତ୍ତି ଓ ମୂର୍ଦ୍ଧନ୍ୟ ବର୍ଣ୍ଣ ଯୋଗରେ ଗଠିତ । ଶବ୍ଦଲହରୀର ଲକ୍ଷିତ ହେବ । ବିଶେଷ ଅଲଙ୍କାର ଅଳଙ୍କାର ଉଦାହରଣ ବି. ଚ. ୨୨।୧୩ । ପ୍ରୌଢ଼ା—ମୂର୍ଦ୍ଧନ୍ୟ ଓ ଅନୁନାସିକ ବର୍ଣ୍ଣର ବହୁଳ ସଂଯୋଗରେ ଓ ପୂର୍ବ ବର୍ଣ୍ଣର ଗୁରୁତାରେ—ଉଦ୍ଭଟ ଜଳଦୁ ବର ଶର ଆଳସ୍ୟ ପରିହରି ଅଙ୍ଗ ଦହି ଖାଉ । ଗଳେ ଜୋଂସ୍ନ ବର୍ଣ୍ଣନ୍ତୁ ଆଉଁଷ ପାଇ ଦାସୁ ସ୍ତମ୍ଭ ସ୍ରାବଣ ପଡ଼ଇଟ । ବୈ. ବି. ୪୬।୩୬ ବା କୋ. ବ୍ର. ୫୬।୨୯ । ମଧୁରା—ପ୍ରାୟ ଅନୁସ୍ୱାରଯୁକ୍ତ ପୂର୍ଣ୍ଣବର୍ଣ୍ଣରେ—ସଜଳ ଜଳଦ କାନ୍ତି । ନୀଳମଣି ଦୀପ୍ତି । ର:ମ:୯—୨୪ । ନିଷ୍ଠୁରା—ସଂଯୋଗ ବାହୁଲ୍ୟରେ । ଦିଗ୍ଭିଙ୍କ ଧୁମ୍ର ନାହିଁ ଲକ୍ଷ ଲକ୍ଷ ଲକ୍ଷ୍ୟ ବସଥ ଯୋଗ ଯେ ଇତ୍ୟାଦି । ବୈ: ବି: ୪୩।୨୮ । ଶ୍ଲଥା—ବ୍ୟଞ୍ଜନ ବର୍ଣ୍ଣମାନଙ୍କ ଅସଂଯୋଗରେ । ର: ଶ: ୯।୨୪ । ତରୁଣ ଦେବାଙ୍କ ଦୋହନ୍ତି ଦୋହନ୍ତି ଦିହ ଏ ସ୍ୱନ୍ଦ ଅଧର ଇତ୍ୟାଦି । କଠୋରା—ପ୍ରାୟ ଉଷ୍ମବର୍ଣ୍ଣ ଓ ରେଫାଦି ସଂଯୋଗରେ—

ଦର୍ପଣରେ ସ୍ୱର୍ଗ ମାର୍ଗେ ଶୋଭେ ଅର୍ଦ୍ଧଚନ୍ଦ୍ର ! ଚକ୍ରଚଣ୍ଡ ଗର୍ଜି ପଡ଼େ ସ୍ୱର୍ଗଭୃତ୍ ବାଷର । ପର୍ବତ ସଙ୍ଘର୍ଷ ଲଗ୍ନ ନଭେ ଖଣ୍ଡାଦାତ । ପ୍ରଚଣ୍ଡ ବଜ୍ରାଟ କାଟେ ଗରଜି ନିର୍ଘାତ । ଚେ.ମଲ—'ସ୍'କାର 'ଣ'କାରାଦି ବର୍ଣ୍ଣ ଯୋଗରେ ଓ ସ୍ୱାଳ୍ପ ଅସଂଯୁକ୍ତ କୋମଳ ବର୍ଣ୍ଣରେ ରଚନା—କଳନ୍ଦ ରମଣୀ ସ୍ତୁତିବାଣୀ ଶୁଣି କରୁଣା-ନିଧି କରୁଣାରେ । କହେ ଅରୁଣ ମହାଦ୍ୟୁତେ ବରୁଣ ବରୁଣ ଦେବ ଗଗନରେ ଇତ୍ୟାଦି ର: କ: ୯—୮ ବା ବି: ଚି: ୨୫—୪ । ମିଶ୍ର—ସ୍ୱାଳ୍ପ କଠୋରବର୍ଣ୍ଣ, ଦନ୍ତ୍ୟ, ତାଳବ୍ୟ ଓ ମୂର୍ଦ୍ଧନ୍ୟ ବର୍ଣ୍ଣମାନଙ୍କର ବାହୁଲ୍ୟରେ ରଚନା । ଜଡ଼େ କଟାକ୍ଷ ଯାଉ ନୋହିଥିଲା ଦେଖାଇ କୋଳଲେ ଶୁଣି ଚିତ୍ତ ଦହୁଣ୍ଡା, କୃପା ନିଜ ଛୁଟିଲେକ କହୁଣା ଇତ୍ୟାଦି ର: ସ: ୬୧—୧୬ । ପରୁଷ :—ଉଚ୍ଚ ଅନ୍ତଃସ୍ଥ ବର୍ଣ୍ଣମାନଙ୍କ ବାହୁଲ୍ୟରେ ରଚନ :—ସରଣୀ କଣ୍ଠାର ଅନ୍ଧାରିକର । ଯାବନ୍ନର୍ଦ୍ଧ୍ୱାଦି ଅଛି ମଧ୍ୟ । ଲଳିତ :—ଦନ୍ତ୍ୟ, ଓଷ୍ଠ୍ୟ ଓ ତାଳବ୍ୟ ବର୍ଣ୍ଣମାନଙ୍କ ମଧ୍ୟରେ ଅନ୍ତଃସ୍ଥ ବର୍ଣ୍ଣ ସଂଯୋଗରେ ରଚନା :—ବିମ୍ବେ ଜଳ୍ପଶୋଭା ଅକାର୍ଯ୍ୟ । ଜଳ୍ପଶୋଭା ବନ୍ଦର୍ପ ଜିବାଲୁ । ଗଭୀର ଶ୍ୟାମ ଦାନ୍ତକୁ ଅନୁମାନ ତୁମ୍ଭେ ଦେଖ ସେ ଛବି ଲକ୍ଷଣ—ଇତ୍ୟାଦି କୋ. ସ୍ତୁ: ୬୪—୨ । ଅମିତ:—କକାର ଓ ଲକାର ବାହୁଲ୍ୟରେ ରଚିତ:—କୁଟିଳ କୁନ୍ତଳା କାମଦୋଳନି କଳ କୁଶଳା କମଳବଦନା । କଳୀନ୍ଦ୍ର-ଗମନା ଦର୍ପିତୁଙ୍ଗସ୍ତନୀ କୁଙ୍କୁମଲିପ୍ତନୀରଦାନା ଇତ୍ୟାଦି ର: କ: ୯—୧୬ । ଏହି ଦ୍ୱାଦଶ ବୃତ୍ତ୍ୟନୁପ୍ରାସ ଗୌଡ଼ମାର୍ଗାଦି ଗୁଣମାନଙ୍କଠାରୁ ଓ ବୈଦର୍ଭୀ ଆଦି ବୃତ୍ତିଗଣରେ ଅନ୍ତର୍ଗତ ହୋଇପାରେ । ବୃତ୍ତ୍ୟନୁପ୍ରାସ ଓ ବର୍ଣ୍ଣାନୁପ୍ରାସ ମଧ୍ୟରେ ଭେଦ ନିର୍ଣ୍ଣୟ କରିବା ଦୁଷ୍କର । ବର୍ଣ୍ଣର ଆବୃତ୍ତିରେ ବର୍ଣ୍ଣାନୁପ୍ରାସ । ଏହା ମଧ୍ୟ ଦ୍ୱାଦଶବିଧ । ଯଥା :—ସ୍ତବକଗାଦ୍, ଛେକ, ଗର୍ଭ, ଚତୁର୍ଦଶପଦ, ଶୃଙ୍ଖଳମୁକ୍ତ, କ୍ରମବାନ୍, ଲାଟାନୁପ୍ର, ସମ୍ପୁଟ, ମିଥୁନ, ଦେହଳୀ, ଯମକ ଓ ବଲୟ । (୧) ସ୍ତବକ ସ୍ଥାନେ ସ୍ଥାନେ ସ୍ତବ-ସ୍ତବକ ତୁଲ୍ୟ ଅନୁପ୍ରାସ :—କଇଁଚିଗା ଚନ୍ଦ୍ର କଳଙ୍କ ଅଙ୍କରେ ମୃଗ ଚଞ୍ଚଳ ଦେଖିଲୁ । କୃଷ୍ଣବର୍ଣ୍ଣ ସାବଧାନ ହୁଅରେ ଦେଖିଲି ବାଲ୍ମୀକି ଜଣାଇଲୁ । ମଞ୍ଜୁଳଟିକା ପଞ୍ଚଜନ୍ୟ । ଚତୁରୀ ସଖୀ ଘଟନ୍ତି କୃଷ୍ଣଙ୍କ ତୁମ୍ଭଠେ ବାଣୀ ଉଚାରିଲୁ—କୋ: ସ୍ତୁ: ୧୦ । (୨) ଛେକ—କୌଣସି ସ୍ଥାନରେ ଛକି ହୋଇ ବର୍ଣ୍ଣର ଆବୃତ୍ତିରେ ଅନୁପ୍ରାସ:—କାନ୍ତ ସ୍ୱର୍ଣ୍ଣ ପଲ୍ଲବୀ ଦେଖାଇ ଶତବନବାନ ଜଣିଲୁ—କୋ: ସ୍ତୁ: ୬—୧୬ । ଏଠାରେ ପ୍ରଥମ ପାଦର ଅନ୍ତ୍ୟାକ୍ଷରରେ ନିଷ୍ପନ୍ନରେ 'ନ୍ତ'ର ଆବୃତ୍ତି ହେବାରୁ ଛେକ ଅନୁପ୍ରାସ । (୩) ଗର୍ଭ :—ଅନ୍ୟବର୍ଣ୍ଣମାନଙ୍କ ମଧ୍ୟରେ ଉକ୍ତ ବର୍ଣ୍ଣମାନଙ୍କ ଆବୃତ୍ତି:—କମ୍ପୁ କମ୍ପାଳ ପିତୁଳା ପଢେ ଢାଙ୍କ ବାନ୍ଧି ଚାଳମଞ୍ଚି କାଟ । ପ୍ରଭାତ ଏ ବନ୍ଦି ଚନ୍ଦ୍ରକୁ ପ୍ରକାଶି ସଙ୍କେତ ପଣାରୁ ପାଶ—କୋ: ସ୍ତୁ: ୩୦—୧୦ । (୪) ଚତୁର୍ଦଶପଦ:—ବର୍ଣ୍ଣମାନଙ୍କ ସକାଶ ସଂକେତରୁ ଏ ଅନୁପ୍ରାସ ହୁଏ । ରୂପମା ଅପମାନ ପାଇ ଗଲେ । ବନ ବାହାନରେ ଯାଇ ପଶିଲେ । ଚନ୍ଦ୍ରାରୁ ଚନ୍ଦନ ହେବାରୁ ବଳେ । ଜଳ ତୁଳନାରୁ ଚ୍ୟୁତ ପାଇଲେ ଇତ୍ୟାଦି— ବି: ଚି: ୭୫।

୧୯ । ଏଠାରେ ଉପମା ଅପମାନେ ଏହି ଦୁଇଟି ପଦ ମଧ୍ୟରେ ‘ପ’ ବର୍ଣ୍ଣ ଦୁଇଟି ‘ପମା’ ମଧ୍ୟରେ । ଘନ ଜଘନରେ ନର ଆବୃତ୍ତି ମଧ୍ୟରେ ଦୁଇଟି ‘ଘ ଓ ଜ’ ବର୍ଣ୍ଣ ; ଚିନ୍ତାକୁ ଚିନ୍ତନ—ଏଠାରେ “କୁ” ଗୋଟିଏ ବର୍ଣ୍ଣର ବ୍ୟବଧାନ, ଏହାପରି ଅସମାନ ଦେଖିବୁ ବିଭାଗ ସହୋଦରକୁ ଜନ୍ମକ୍ଷେତ୍ର । (୫) ଶୃଙ୍ଖଳମୂଳ:—ପଦର ବର୍ଣ୍ଣମାନଙ୍କ ମଧ୍ୟରୁ କେତେକ ଗୁଡ଼ି ଓ କେତେକ ଗୋଟା ପରପଦାର ଶମୀଣ । ଯାଦବଙ୍କର ଡାଳଙ୍କୁ ତରୁଣୀ ଲଣୀ । ଶାଙ୍ଗଧର ଓଲ ବୈଦେହୀରମଣୀ ଇତ୍ୟାଦି ବ: ଚି:୩୪-୩୩ । (୬) କ୍ରମଦାନ:—କ୍ରମେ ଯୋଡ଼ ଯୋଡ଼ି ହୋଇ ବର୍ଣ୍ଣମାନଙ୍କର ସ୍ତୁତି—କୃଷ୍ଣ କୁହେ କୁହିଁବ ମନ ଜେଣି ବାଣ୍ଡିଁ ନ ଯାଇ ଉପୁଜାଇ ପ୍ରେମ । ଅଲେଖତ ଲେଖନବନ୍ଧୁ ଏଟି ବନ୍ଧନ ଯୁଗଳ ହୋଇଗଲା ଦେଖୁ ହେ—ଦୋ:ସ୍ତୁ:୧୩—୨୪ । (୭) ବାର୍ଜୀସ୍ତ—ଚ୍ୟୁତକ୍ରମ—ବର୍ଣ୍ଣାନୁପ୍ରାସ ବାପର୍ଜନ୍ମ ! ସଦା ଦାସ ଭାବେ ନର ଭଜିଲେ ଶିବ । ବଶୀଭୂତ ତାର ନିତ୍ୟ ସଙ୍ଗ ବରଜ । (୮) ସମ୍ପୁଟ :—ପଦର ପାଦସ୍ଥ ଆଦ୍ୟଭାଗର ବର୍ଣ୍ଣସ୍ଥ ସ୍ୱର ସହିତ ପାଦର ମଧ୍ୟ ଭାଗ ଓ ଅନ୍ତ୍ୟଭାଗରେ ଆବୃତ୍ତି । ଅଙ୍ଗ ପ୍ରମାଦେଶ ନାଚୁଛିଭାବେ, ଆବୋରୁ ପଦ୍ମଦଳ, ଯାହା ତେଜ ତୋଷେ ର: ମ: ୧୬—୩୫ । ବାଘ ଯେନ ଯେନ ବହୁଛନ୍ତି ପ୍ରେମେ ହୋଇ ଅଛନ୍ତି, ମିତେ ଏକ ତେଜ ଦମ୍ପତି ବଶୀଭୂତଛନ୍ତି—ବ: ଚି: ୭୯-୧ । (୯) ମିଥୁନ—ଦୁଇଟି ସମ ବର୍ଣ୍ଣର ଏକତ୍ର ସନ୍ନିବେଶ—ଆସ ମୋର ପ୍ରେମ ହେ ରସିକ ଠାକୁର । ଏ କୁଦାସ ସ୍ତୁତିକୁ ଶୁଣାନ୍ତୁ ନର ତୁମ୍ଭ ! (୧୦) ଚେଣ୍ଡିକା :—ବେଣି ପଦରୁ ପଦ ବର୍ଣ୍ଣରେ ଅନୁପ୍ରାସ—ପିଳ ପୀଳ ପିଳା ଭଙ୍ଗ ଅପିଳ । ଅଛି ତେତ୍ୟାଦି ପଣି ପ୍ରଭୁ ଲୀଳା—ଇତ୍ୟାଦି ବ: ଚି: ୫୯—୩୭ । (୧୧) ଛଟ:—ପୂର୍ବୋକ୍ତ ଲକ୍ଷଣମାନଙ୍କରୁ ଭିନ୍ନ କୌଣସି ନିୟମ ନ ଥିବ—ଭ୍ରମର ଅଙ୍ଗ ବଗାଡ଼ି ପ୍ରବନ୍ଧନାଦବର ପ୍ରଦ ହୋଇ । ଭୂଷଣବାଣ ବାକ୍ୟଯୋଗକୁ ଚତୁସ୍ପ୍ରେଷ ଗଲେ ଥୋଇ ଇତ୍ୟାଦି ଦୋ: ସ୍ତୁ: ୧୬—୨ । (୧୨) ବାଙ୍ଗ—ଏକବର୍ଣ୍ଣର ଦନ୍ତବଃ ଆବୃତ୍ତି—ବୃନ୍ଦାବନୀକର ଚମକବାଣୀ, ତାଳ ଭ୍ରମର ଲୋଚନ । ଚଉଷଠି କଳା ଉସତେ କୁଶଳା କନ୍ଦର୍ପ-ଦର୍ପ-ବିମୋଚନା, ଧୂଜନେ, ଚନ୍ଦ୍ରବଦନୀ ବୃନ୍ଦକେଶୀ—ଲ: ଛ: ୨ । ୧୮ ଘ ବ: ଷ: ୬ । ୨୯ ଦେଖ ।

## ପଦାନୁପ୍ରାସ

ପଦସ୍ଥ ସମସ୍ତ ଓ ଅସମସ୍ତ ବର୍ଣ୍ଣମାନଙ୍କର ଆବୃତ୍ତିରେ ଅନୁଷ୍ଟି । ତାହା ମଧୁର, ଚତୁର, ଲକ୍ଷଣ, ସମ୍ପୁଟ, ସମ୍ପୁଟାବଳୀ, ଶୀଲ, ସ୍ତବକବାନ୍, ସ୍ଥାଣ, ମିଥୁନ, ମିଥୁନାବଳୀ, ଶୃଙ୍ଖଳମୂଳ ଓ ସ୍ୱନ୍ଦିତ ଭେଦରେ ଦ୍ୱାଦଶବିଧ । ୧ । ମଧୁର—ଯାବଦବ୍ରଜା ସ୍ତବକବୃନ୍ଦା ବିଲ୍ଲାଉବାର ସମ୍ପଦ । ଜଗତେ ଗତେ ପ୍ରଭୃତ ଦୁରଫଳ ଭୂଳନା ବାହିଁବି ହେବ ବ: ଚି: ୪୪।୨୬ । ୨ । ଚତୁରତା

—ସଂଯୁକ୍ତ ବର୍ଣ୍ଣର ଅଧିକାରେ ଅନୁପ୍ରାସ'ର ବାହୁଲ୍ୟତା:— ବ୍ୟଜନ କେତେ ଗାଙ୍କ
ଝକଡ ଅର୍ଦ୍ଧଗାଡ଼ି ଉର୍ଦ୍ଧ୍ୱ ଅଙ୍କକଳ ଯେ । ବିଳାସ କୁକଳାସ ସନ୍ଧିସ ବନ୍ଧ ଲକ୍ଷ୍ୟ
କୁଣ୍ଡଳିର ଏମନ୍ତ ଯେ—ବୈ: ବ: ୪୩।୬୩। ଟ୍ରୁସ୍ୱଣ—ସ୍ୱର ସହିତ ଅନୁଯୁକ୍ତ:—
ଶୁଣ ଅଗୋ ପ୍ରାଣସଖୀ ସ୍ୱଭାବ କା ଘଟେ କ୍ଲେଶ । କଟାକ୍ଷ ବାଣରେ କାମ କରଇ
ପ୍ରବେଶ । ୪ । ସଂଯୁକ୍ତ:—ସଦର୍ପ ଶତ୍ରୁ କନ୍ଦର୍ପ ସିଦ୍ଧ ଅମୃ ମତ । ଏଥାର ସବୁ
ନଷ୍ଟ ଦଳ ବାକ୍ୟ ଅବ ! ସବୁ ସେ ଅପବାଦ ହେତୁ ଅବ୍ୟକ୍ତାଧ୍ୱନିରେ
ସଂଯୁକ୍ତ । ୫ । ସମ୍ପୁଟାବଳୀ:— କିଏ କାହାର ଶରୀର ସମାନହିଁ ଶବ । ଶବ ସମାନହିଁ
କାହାର କାହା ଶରୀର । ୬ । ଶିର—ଅନୁପ୍ରାସ ପ୍ରଥମରେ ନ ରହି ଶେଷରେ ଅବକାଶରେ-
ବାଣୀ ରାଜା କଳା ପ୍ରମାଣ ମାତ୍ରକ ମୁକ୍ତିଶକେଶୀ ଇତ୍ୟାଦି । ଏଥିରେ ବାଲା-
କାଳାନ୍ତରେ ଅଛି ସେ ଏହି ପ୍ରକାର ବ୍ୟବହାର । ପୂର୍ବାପେକ୍ଷାରେ ସୁମନାବଳୀ
ମନୋହରେ । ପୁଷ୍ପର ରଭଞ୍ଜି ଲୋଳସ ତଥିକାନ୍ତରେ ସୁବାସ ହସିବାରେ—
ଏଠାରେ ମାଳ ମାଳ ଲୁଟି ଲଟି; ବାଲା ଢାଳା "କା" ଗୋଟିଏ ବର୍ଣ୍ଣ ଛଡ଼,
କାଳାନ୍ତରେ ଅଛିରେ ଦୁଇ ରେ ମଧ୍ୟରେ "ଅନ୍ତ" ଦୁଇଟି ବର୍ଣ୍ଣ ଅଛି । ଏହାର
ବ୍ୟବହାର—ଦୁଇଟି ବର୍ଣ୍ଣ ଛଡ଼ । ସେହିପରି ସୁମନାବଳୀ ଏଠାରେ "ବଳି"
ଦୁଇଟି ମଧ୍ୟରେ ଦୁଇଗୋଟି ବର୍ଣ୍ଣ ଅଛି । ସୁମନାବଳୀ ମନୋହରେ—"ମନ"
ମଧ୍ୟରେ ଦୁଇଟି ବର୍ଣ୍ଣ ଅଛି:—ଏଣୁ ସ୍ଥାନରେ ଅନୁପ୍ରାସ ହେଲୁ ଶିର ହେଲେହେଁ
ସ୍ପଷ୍ଟରେ ବାଧା ନ ପଡ଼ିବାରୁ ଦୋଷ ନ ହୋଇ ଗୁଣ ହେଲା । ୭ । ସ୍ତବକବାନ୍ଧ:—
ପଲ୍ଲବର ଅନନ୍ତ ମଞ୍ଜରୀମାନଙ୍କ ଗାରବାସମସ୍ତ—ଇତ୍ୟାଦି ବୈ: ଚି: ୪୪-୬୧ ।
ସ୍ଥାନେ ସ୍ଥାନେ ପୁଷ୍ପସ୍ତବକ ପରି ଟଙ୍କଶବ୍ଦାଧିଯୁକ୍ତ ପଦ ବିନ୍ୟାସ । ୮ । ସ୍ଥାଙ୍କ—
ବିନ୍ଦୁମାନୁପ୍ରାସ ମଧ୍ୟ ଉଦାହରଣ:—କଦଳୀ ବେଳାରେ ତଳବି ବେଳାରେ ଲବଙ୍ଗ-
ସାଗରକୁ—ବୈ: ଚି: ୬୦-୬୧ । ୯ । ମିଥୁନ:—ଯୋଡ଼ି ଯୋଡ଼ି ହୋଇ
ରହିବା—ଶର ବଦନ ଚନ୍ଦ୍ର ଚନ୍ଦ୍ରବତୀ ଯେଣୁ ତେଣୁ ଡ କର୍ମବାର ନାଦ ।
ଝୁଣ୍ଟିଅ ଝୁଣ୍ଟିଅ ପଡ଼େରେ ଥିବ— ବୈ: ଚି: ୫୯-୬୭ । ୧୦ । ମିଶ୍ରାବଳୀ:—ତଳୁର
ଶିଖେ ଶିଖୀ ମୁଖରେ ମୁଖର । କଣ୍ଠଳଗ୍ନେ ରହିଲ ଝଙ୍କାର ନିଘୋଷ । ଘନ ଘନ
ଘନାଘନ ଗର୍ଜନେ ଘୋଟଇ । ପ୍ରିୟା ପ୍ରିୟ ବାଟେ ଘନ ଘାଟରେ ଡରଇ ।
ପଦମାନେ ଯୋଡ଼ ଯୋଡ଼ ହୋଇ ସବୁଁ ବିଦ୍ୟମାନ । ୧୧ । ବୃଷ୍ଣିଗୁମ୍ଫ:—
ଦୃଷ୍ଟିକର୍ଲ ଲକ୍ଷଣ:—ରସିକ ଶିବ ମୋହନ ମୋହନରେ ବନ୍ଧ ବାନ୍ଧିବା ତ
ପ୍ରତେ । କାହାର ବଦନ ମୁହଁ ମୁହଁ ର ବୋଲିବ ନୋହୁଛ ପ୍ରତେ । ମିତ ହେ ।
ସୁହୃତ ଲୁଚ ମୋ ନେତେ । ଦାସ ତ ସତ ହେବାର ବାଞ୍ଛିତ ପଡ଼ିତ ହେବ
ହେତନେତ୍ର:—ବୈ: ଚି: ୫୮-୬ । ୧୨ । ପୁନରୁକ୍ତିମାନ:—ସଙ୍ଗୀତରେ ଅଙ୍ଗନାରୀ
ସଭାସଙ୍ଗୀ । ଭଙ୍ଗୀ ହେଲେ କଥାକୁ କ ମୁଁ ଅନୁଷଙ୍ଗୀ । ଭଙ୍ଗୀ କହିବା
କାହୁଁ ଅଛ ସଂସଙ୍ଗୀ । ଯୋଗୀ ଜନ୍ମରେ ପ୍ରଥମ ତ ବିଯୋଗୀ ।

## ଦ୍ୱିରୁକ୍ତି

ଏହା ଲାଟାନୁପ୍ରାସ ରୂପେ ଗୃହୀତ ହୋଇ ପାରେ, କିନ୍ତୁ ସ୍ୱତନ୍ତ୍ରରୂପେ ଲକ୍ଷିତ ହେଲା । ଦ୍ୱିରୁକ୍ତି ସ୍ୱଭାବତଃ ଗୌଣ, ଆଗ୍ରହଣୀୟ ଓ ନାମରୁ ଦ୍ୱିରୁକ୍ତରୂପ ହୁଏ । ସ୍ୱଭାବତଃ ଦ୍ୱିରୁକ୍ତି—ଯାହା ଦ୍ୱିରୁକ୍ତି ଯମକରୂପେ କଥିତ ହୋଇଅଛି—ସ୍ୱପନରେ ଶମ ଶମ ବଦନ ଭମ ଭମ ଦିଶଇ ଶୁଣ ଆନ ଆନ ବି: ଚି: ୩୬-୧୦ । ଗୌଣତଃ—ପିନ୍ଧିଛି ଅମୃତ ବଚନ ଯେ ଚନ୍ଦନ ଅମୃତ ଅମୃତ ନାମଟି ନାମ ପୁଣ । ମଧୁ ତ ଅଟେ ମଧୁର ଅର୍ଥ ଗିନା ଲଭ । ସମାନେ ଏସବୁର ନାହିଁ ଏଡ ଗଗଣ । ଏହି ସକଳ ଗୁଣ ଏକ ଧାରରେ ପୂଣ । ଧରିଛି ବାଳାମଣି ଅପୂର୍ବ ଏହା ଭଣ । ବୀପ୍ସା—ଶୁଣ, ଲାଭ ଓ କ୍ରିୟାରେ ହୁଏ—ଏହିପରି ଆଗ୍ରହଣୀୟରେ—ମିଠା ମିଠା, ଦେଖୁ ଦେଖୁ ପ୍ରଭୃତି ପ୍ରୟୋଗରେ କେତେ ଥଇବ ଅନୁଭୂତି ଧର୍ମ ହୁଏ । ଜୟ ଜୟ ଜଗନ୍ନାଥ ଜଗତର ନାଥ । ତୋହର ଚରଣେ ସଦା ଲଗିଅ ମୋହର ମାଥ ( ୨ ଥର ) :—୩ ଥର—ଜୟ ଜୟ ଜୟ ରାମ ଜନକତ୍ମଜ । ହନ ହରଷ ଦାନବେ ସଦା ବିଶାଂଙ୍କ ନ୍ୟୁ: ୧ ଓ ଜୟ ଜୟ ଜୟ ପରମାନନ୍ଦ । ଜୟ ଅନାଦି ଅଦ୍ୱୈତ ଅଭେଦାନ-ଇ: ମ: ୪ ଛାନ୍ଦ । ଦ୍ୱିରୁକ୍ତି ପୁନଃ—ସମ୍ଭ୍ରମ, ହର୍ଷ ଆବେଗ, ବାମ୍ୱାରମ୍ବ ହୁଏ । କ୍ରିୟା ସମଭିବ୍ୟାହାର ଓ କ୍ରିୟାବିଶେଷଣ ପଦାନ୍ତରରେ ଲକ୍ଷିତ ହୋଇଅଛି, ତାକୁ ନାମାନୁପ୍ରାସ ମଧ୍ୟ କହନ୍ତି ।

## ଲାଟାନୁପ୍ରାସ

ଏକ ଶବ୍ଦର ହେତୁ ଅର୍ଥର ଅଭେଦରେ ପଦାବୃତ୍ତି । ବ୍ୟବହିତ, ଅବ୍ୟବହିତ, ବାକ୍ୟ, ସମସ୍ତ, ବ୍ୟସ୍ତସମସ୍ତ, ଚକ୍ରଶୀଳ ଓ ଗର୍ଭ ଭେଦରେ ଅନେକବିଧ । ସେମାନଙ୍କରେ କେତେକ ଉଦାହରଣ ମାତ୍ର ପ୍ରଦତ୍ତ ହେଲା :—

ଅବ୍ୟବହିତ ବାକ୍ୟ (୧) ସ୍ୱରେ ସ୍ୱର ଯଦେଶ ଯଶ ପୁଣ ଗୌରବେ ଗୌରବ । ଯୌବନେ ଯୌବନ ଜଟାଧର ଲିଂଗି ହୃଦୟ ନୃପତି । (୨) ହୋଇ ମୁଖ ତୋର ମୁଖସମ । ଫୁଲ୍ ପଦ୍ମ କେତନ ପଦ୍ମ କେତନ । ତୋର ମୂର୍ତ୍ତି ତୋର ମୂର୍ତ୍ତିସମ । ରୂପ ତ ଅଛି ତୁଳନା ତୋହର; ତୋର ବାନା ଶଳ ସଙ୍ଗ ଅଙ୍ଗେ ଲୁଟେଶୋଦର । (୩) ଶୁଣି ଶୁଣ ଆଳେ ଭାଗ ହେଲୁ କୁନ୍ଦରେ । ଶୁଣ ପୁଣ କହେ ମୁହିଁ ଟେକ ଦାଳ୍ପରେ । ଜଗତେ ନାହିଁ କିଛି ରମ୍ୟ ଲଳନା ସମ । ଭବେ ନାହିଁ କିଛି ରମ୍ୟ ଲଳନା ସମ । (୪) ଧନେ ଅର୍ଜିଲିକ ନର କୁଳୀନ ହୋଇ । ଧନ ମହାପାପୀ ଯେ ଲୋକ କହିବଇ । ଧନଠାରୁ ଆନ ମିତ୍ର ସଂସାରେ ନାହିଁ । ଧନ ଅର୍ଜି ଧନ ଅର୍ଜି ହନ୍ତି ଭାଇ । (୫) ଶ୍ରଦ୍ଧା ଯହିଁ ଯହିଁ ଥାଇ ସେଠାରେ କ ପ୍ରୟୋଜନ । ନ ଥିଲେ ସେହି ସ୍ଥଳ ତ ସେଠାରେ କ ପ୍ରୟୋଜନ । (୬) ଯେ ଦେଖିଛି ନାଥ ତବ ବଦନସରୋଜ । ନାହିଁ ତାର

ସମ୍ପାଦେ ଯାନ ଶବସ୍ତୁ କାଣ୍ଡି । ସେ ଯେ ଦେବୀଙ୍କୁ ନାଥ ତେ ବଦନ ସଚ୍ଚେଲ । ନାହିଁ ଭାର ଯଥାଦେ ଯାନ ଶବସ୍ତୁ କାଣ୍ଡି । ଇତ୍ୟାଦି ନାନାପ୍ରକାରରେ ଲଟାନୁପ୍ରାସ ଦେଖାଇଥାନ୍ତି । ଏହି ଲାଟାନୁପ୍ରାସର ଉଦାହରଣ ଓଡ଼ିଆ କାବ୍ୟମାନଙ୍କରେ ସ୍ଥାନେ ସ୍ଥାନେ ଦେଖିବାକୁ ମିଳେ ।

ଓଡ଼ିଆ କାବ୍ୟମାନଙ୍କରେ କବିମାନଙ୍କ ବୃତ୍ତ୍ୟାନୁପ୍ରାସ ଅନେକ ସ୍ଥଳରେ ଦେଖିବାକୁ ମିଳେ । ଉପେନ୍ଦ୍ରଭଞ୍ଜଙ୍କର "ବ" ଅକ୍ଷର, ସୁଭଦ୍ରା ପରିଣୟରେ "ସ" ଅକ୍ଷର, ବୈଦେହୀଶ ବିଳାସରେ "ବ" ଅକ୍ଷର, ବାସୁଦେବ ବିଳାସରେ "ତ" ଅକ୍ଷର, କଳାକଉତୁକରେ—ପୂର୍ବ ଓ ଶେଷ "କ" ଅନୁପ୍ରାସ । ପୁନଶ୍ଚ ବାଦିରାଜ ଚନ୍ଦ୍ରମଣିରେ "ଅ, ଆ, ଇ, ଈ, ଉ, ଊ, କ, ଖ, ଗ, ଘ, ନ, ପ ଓ ମ ସ୍ଥାନୀୟ ବର୍ଣ୍ଣର ପୂର୍ବ ଅନୁପ୍ରାସ; କ ଚ ଟ ତ ପ ର ବୃତ୍ତ୍ୟାନୁପ୍ରାସ ୧୨ ଛାନ; ଏକବର୍ଣ୍ଣ ଦ୍ୱିବର୍ଣ୍ଣ, ତ୍ରିବର୍ଣ୍ଣ, ଚତୁର୍ବର୍ଣ୍ଣ, ପଞ୍ଚବର୍ଣ୍ଣମାନଙ୍କ ଅନୁପ୍ରାସ ୩୫-୧୫ । ପୁନଶ୍ଚ ଆଦ୍ୟ ମଧ୍ୟ, ଅନ୍ତ, ଆଦ୍ୟମଧ୍ୟ, ଆଦ୍ୟାନ୍ତ, ମଧ୍ୟାନ୍ତ, ଆଦ୍ୟମଧ୍ୟାନ୍ତ, ଅନୁପ୍ରାସମାନ ଯଥା—ଆଦ୍ୟାନୁପ୍ରାସ ଉଦ୍ଧୃତ ହୋଇଅଛି । ମଧ୍ୟାନୁପ୍ରାସ—ବା ଶ୍ରୀ ନଦବନମଣିପ୍ରି ଦେ ଗୁଣ ଗୁଣି ଗୁଣି ଥିବ କ ମୋର ଜୀବ ଇତ୍ୟାଦି ବା: ଚ: ୩୨-୪ ଓ ୮୫ । ୨୧-୨୫ । ଅନ୍ତ୍ୟାନୁପ୍ରାସ :—କୃଷ୍ଣଚରିତ୍ର କାଳି ଅନ୍ତରେ । ନବକିଶୋର ବନ୍ଧୁ ଉଦିତରେ । ବା: ଚ: ୩୬ ଛାନ୍ଦ ୧୫-୧୬-୨୦ । ଆଦ୍ୟାନ୍ତମଧ୍ୟାନୁପ୍ରାସ । ଧୀରେ ଧୀରେ ଗୁଣ ରସ କଣେ ବାରସ କରତରେ ସଖିଡ଼ଅଛି । ବା: ଚ: ୨୩ । ଆଦ୍ୟ ମଧ୍ୟାନୁପ୍ରାସ—ଗରିବ କା ବୁଦ୍ଧି ଅଛି କେହି ଜାତି ବରେକ । ନରିବ ତା ଲଗି ତରିବ ସୁର ସିନ୍ଧୁ ପାଇଁ । ବା: ଚ: ୧୩-୫ । ଆଦ୍ୟାସ୍ତାନ୍ତ୍ୟାନୁପ୍ରାସ—ଶରଦେ ଗ୍ଲାନି କଲି । ସନ୍ତ ମାନସ ହରଇ । ହଂସାଳୀ ଗମନେ ଦେବିକା ବମନେ ବୋଲନ୍ତ ବଜାଇ ଲରିବ । ବା: ଚ: ୨ ଛାନ୍ଦ ଓ ୮୫।୨୨-୩୦ । ଦ୍ୱିବର୍ଣ୍ଣ ଅନୁପ୍ରାସ । କଳାବାଳିକ ଲଳା ସାଧିବ ଜନନୀ ସୁଖ ଦେଉ ମନ ଇତ୍ୟାଦି ବା: ଚ: ୧୧ ଛାନ୍ଦ । ବର୍ଣ୍ଣାନୁପ୍ରାସ—ଦ୍ୱିବିଧ; ପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଅର୍ଥାତ୍ ସମସ୍ତ ବା ଅସମସ୍ତ । ଅସମ୍ପୂର୍ଣ୍ଣ—ବୁଝିକିରି ଯେବେ ଧୀରେ ଗୁଣ କୋଳାକାନ୍ତର ଲୁଚ ସୁସ୍ୱାଦ ସୁଧାପି ସ୍ନୀ ଇତ୍ୟାଦି ବା: ଚ: ୮୧ ଛାନ୍ଦ । ସମ୍ପୂର୍ଣ୍ଣ—ଯେବେ ଅବେ ଅଜସ୍ର ସୁରମ୍ୟ ଗୁଣ ଅସ ନାରୀନ ପ୍ରେମର ସ୍ଥାଗ ଇତ୍ୟାଦି ବା: ଚ: ୩୨-୧ । ଅଲ୍ପ ବର୍ଣ୍ଣାନୁପ୍ରାସ—ଧୀରେ ଯେବେ ଧୀରେ ଗୋଦାର ଅର୍ଥରେ ବନ୍ଦ କରୁଣରେ ବସି । ସୁଖ ଅନ୍ତ୍ୟରେ ଦନ୍ତି ସନ୍ତରେ ଗଳିହି ମୁଁ ଶତେ ବୁଝି ଇତ୍ୟାଦି ବା: ଚ: । ସ୍ୱରୂପ ପ୍ରାନ୍ତାନୁପ୍ରାସ—ପୂର୍ବବର୍ଣ୍ଣର ଅନ୍ତରେ ମାତ୍ର । ତୁଣ୍ଡବନାନାଳିକା ମଧ୍ୟେ ବସି ଯାନନ ଦ୍ୱାରକ୍ତୁ ସୁଧାର ଧରେ । ଶରବାଳ ମାଳେର ମଣ୍ଡଳ ବଦୁଲର ସମତ୍ୱ ବଳଲୁ ଗାତ ଭ ଇତ୍ୟାଦି ବା: ଚ: ୩୨-୨ । ଛେକାନୁପ୍ରାସ—ଏକତ୍ର ବହୁ ବ୍ୟଞ୍ଜନର ଯେବେ ସ.ଶ ଆବୃତ୍ତି ଜଗନ୍ନାଥ ଓ ସମ୍ପ୍ରଦାୟଙ୍କ ମତେ । ବିଦ୍ୟାଧରଙ୍କ

ମତର ହୋଇଛି ବ୍ୟଞ୍ଜନର ବହୁଶଃ ଆବୃତ୍ତିରେ ଛେକାନୁପ୍ରାସ । ଏହି ମତ ଓଡ଼ିଆ କାବ୍ୟକାରମାନେ ଗ୍ରହଣ କରିଅଛନ୍ତି । ଏହାର ଓ ବୃତ୍ତ୍ୟନୁପ୍ରାସର ପାର୍ଥକ୍ୟ ଏହି ଯେ ଏଥିରେ ବର୍ଣ୍ଣ ସମଷ୍ଟିର ବୃତ୍ତ୍ୟାନୁପ୍ରାସରେ ପ୍ରାୟ ଗୋଟିଏ ବର୍ଣ୍ଣର ଆବୃତ୍ତି । ଯେପରି ପ୍ରାପ୍ତି ଅଛିରେ ବାଳାବନ୍ଧ ପାଶରେ ଦଶ ସାଧୁଙ୍କ ନବୃଶରେ ଇତ୍ୟାଦି ବାଃ ଉଃ ୩୬-୪ । ପ୍ରେ: ଧୂ: ୭ମ ଛନ୍ଦ—ଅଚ୍ୟୁତ ଛେକାନୁପ୍ରାସ—ପୂର୍ଣ୍ଣ ପଦ ପାଦାନ୍ତରେ ଆବୃତ୍ତି ନ ହୋଇ କେବଳ ପାଦାନ୍ତରେ ପ୍ରେ: ଧୂ:—୩ୟ ଛନ୍ଦ । ବହୁତ କରେ ଭ୍ରମର ମାରନ୍ତୁ ଏହି ନିବଦ୍ଧ ଲଗାଇବ । ଦୂର ଜାବ କାହ-ବନ୍ଧିର ଲଭିବା ଯାଏ ବି ବାଙ୍ଗ୍ୟ ଦଶାଇବ ଇତ୍ୟାଦି । ଅନ୍ତ୍ୟାନୁପ୍ରାସ—ପଦର ପଦମାନଙ୍କ ମଧ୍ୟରେ ବର୍ଣ୍ଣମାନଙ୍କର ଆବୃତ୍ତି । ନବୀନା ବାଳା ମୁହିଁ ଧନ୍ୟାସ ନ୍ୟାସ ବସ୍ତୁ ଧୀଂସକ ଯାନ ମ ନେଉବ ଇତ୍ୟାଦି ବା: ଉ: ୩୬-୫ । ଶିରାଣୀ ଅନୁପ୍ରାସ—ସିନ୍ଧ ଅନ୍ତରେ କୃଷ୍ଣ ଦାତରେ ବୁଝି ବାଜରେ ବାଶି ଇତ୍ୟାଦି ବା: ଉ: ୭୯ ଛନ୍ଦ । ବର୍ଣ୍ଣାନୁପ୍ରାସ—ବା: ଉ: ୮୫ । ୧୧-୧୫ ଗୁଣ ସୁଧାକରଙ୍କୁ ନିଦ୍ରା ବନାଶନେ ଇତ୍ୟାଦି । ଅନୁପ୍ରାସ ସାହିତ୍ୟଦର୍ପଣକାର ଓ କାବ୍ୟପ୍ରକାଶକାରଙ୍କ ମତରେ ପଞ୍ଚବିଧ—ଛେକ, ଶ୍ରୁତି, ବୃତ୍ତି, ଅନ୍ତ୍ୟ ଓ ଲାଟ । କେବଳ ବୃତ୍ତ୍ୟନୁପ୍ରାସ ବିଷୟରେ ମତର ଅନୈକ୍ୟ ଦୃଷ୍ଟ ହୁଏ । ଅନେକ ବ୍ୟଞ୍ଜନର ଏକଧା ସ୍ୱରୂପତଃ ବୃତ୍ତି କ୍ରମତଃ ନୁହେଁ ବା ପୁନଃପୁନଃ ଅନେକଧା ସ୍ୱରୂପତଃ କ୍ରମତଃ ବା ଏକ ଏକ ଆବୃତ୍ତିରେ ବୃତ୍ତ୍ୟନୁପ୍ରାସ ହୁଏ ।

## ଶ୍ଳେଷ

ଯେଉଁ ପଦ ଦୁଇ ବା ତତୋଽଧିକ ଅର୍ଥ ବହନ କରେ ତାହାକୁ ଶ୍ଳିଷ୍ଟ ପଦ କହନ୍ତି; ଅର୍ଥାତ୍ ଯେଉଁ ପଦରେ ଗୋଟିକରୁ ଅଧିକ ଅର୍ଥ ହୁଏ ସେଠାରେ ଶ୍ଳେଷ ହୁଏ । ଏହା ଶବ୍ଦଶ୍ଳେଷ ଓ ଅର୍ଥଶ୍ଳେଷ ଭେଦରେ ଦ୍ୱିବିଧ । ଶବ୍ଦାଶ୍ରିତ ଅଳଙ୍କାର—ଶବ୍ଦାଳଙ୍କାର; ଅର୍ଥାଶ୍ରିତ ଅଳଙ୍କାର—ଅର୍ଥାଳଙ୍କାର ସଦୃଶ । ଶବ୍ଦାଶ୍ରିତ ଅଳଙ୍କାର—ଶବ୍ଦାଳଙ୍କାର ଓ ଅର୍ଥାଶ୍ରିତ ଅଳଙ୍କାର-ଅର୍ଥାଳଙ୍କାର ହୁଏ । ବାକ୍ୟର ଉଚ୍ଚାରିତ ଶବ୍ଦ କେବଳ ଗୋଟିଏ ଅର୍ଥ ପ୍ରକାଶ କରେ । ସମସ୍ତ ବା ବାକ୍ୟ ଯେବେ ଦ୍ୱିବିଧ ବହୁତ ଅର୍ଥ ପ୍ରକାଶ କଲେ ଅର୍ଥ ଭେଦକୁ ଶବ୍ଦଭେଦ ସ୍ୱୀକାର କରିବାକୁ ହେବ । ଏକ ଦେଖାଗଲେହେଁ ସ୍ୱରବ୍ୟଞ୍ଜନ ଗଠିତ ଶବ୍ଦମାନେ କେବେଳେ କେବେଳେ ସମପ୍ରଯତ୍ନ, ସ୍ୱର ଓ ସ୍ଥାନାଦିରେ ଉଚ୍ଚାରିତ ହୁଅନ୍ତି । କେବେଳେ କେବେଳେ ପ୍ରଯତ୍ନ ସ୍ଥାନାଦିର ଭେଦରେ ସେମାନେ ଉଚ୍ଚାରିତ ହୁଅନ୍ତି । ପ୍ରଥମଟି ଅର୍ଥଶ୍ଳେଷ ଓ ଦ୍ୱିତୀୟଟି ଶବ୍ଦଶ୍ଳେଷ । ଏକ ପ୍ରଯତ୍ନାଦିରୁ ଉଚ୍ଚାରିତ ଶବ୍ଦମାନଙ୍କର ଶ୍ଳେଷ ଚମତ୍କାର ତୁଲ୍ୟ । ଏହା ଅଭଙ୍ଗ ଶ୍ଳେଷ ନାମରେ କଥିତ । ପ୍ରଯତ୍ନାଦିର ସମତାରେ ଉଚ୍ଚାରିତ ଶବ୍ଦ ଥିଲେ ଅର୍ଥ ବହନ

କଲେ ତାହା ଏକ ବୃନ୍ତରୁ ଦୁଇଟି ଫଳସଦୃଶ ଅଟେ—ଏହା ଅଭଙ୍ଗ ଶ୍ଳେଷ ନାମରେ କଥିତ । କାବ୍ୟପ୍ରକାଶକାର ମମ୍ମଟଭଟ୍ଟ ଏହା ସ୍ୱୀକାର ନ କରି କହନ୍ତି ଯେ, "ଶବ୍ଦାଶ୍ରିତତ୍ୱାଦ ନ କିନ୍ତୁ ଅନ୍ୱୟବ୍ୟତିରେକ ଭାବ ଜାଣିବା ଉଚିତ" ଶବ୍ଦ ପରିବର୍ତ୍ତନ ସହିଷ୍ଣୁତ୍ୱ ଅର୍ଥ ଶ୍ଳେଷର ଧର୍ମ ଅଟେ । ମମ୍ମଟଙ୍କ ମତରେ କିନ୍ତୁ ସଭଙ୍ଗ ଓ ଅଭଙ୍ଗ ଶ୍ଳେଷ ଉଭୟ ଶବ୍ଦାଳଙ୍କାର ଅଟନ୍ତି । ତାଙ୍କ ମତରେ ଗୁଣ, ଦୋଷ ଓ ଅଳଙ୍କାରମାନଙ୍କର ଶବ୍ଦଗତ ଓ ଅର୍ଥଗତ ବିଭାଗ ଅନ୍ୱୟ ବ୍ୟତିରେକ ଉପରେହିଁ ନିର୍ଭର କରେ । କୌଣସି ଶବ୍ଦର ସ୍ଥିତି ଅନୁସାରେ ଯଦି ଦୋଷ, ଗୁଣ ଓ ଅଳଙ୍କାର ପ୍ରତୀତ ହୁଏ ଓ ସେହି ଶବ୍ଦର ପରିବର୍ତ୍ତନରେ ଯଦି ଦୋଷ, ଗୁଣ ଓ ଅଳଙ୍କାରରେ ବାଧା ଘଟେ, ତେବେ ତାହା ଶବ୍ଦଗତ ବୋଲି ଜାଣିବ । ପୁନଶ୍ଚ ଶବ୍ଦର ପରିବର୍ତ୍ତନଦ୍ୱାରା ଅର୍ଥାତ୍ ପର୍ଯ୍ୟାୟ ଶବ୍ଦର ପ୍ରୟୋଗରେ ଦୋଷ, ଗୁଣ ଓ ଅଳଙ୍କାର ପୂର୍ବବତ୍ ରହନ୍ତି, ତେବେ ତାହା ଅର୍ଥଗତ ରୂପେ ଧରାଯିବ । ଶ୍ଳେଷ ଭଙ୍ଗ, ଅଭଙ୍ଗ ଓ ସଭଙ୍ଗାଭଙ୍ଗ ଭେଦରେ ତ୍ରିବିଧ । ପୁନଶ୍ଚ ପ୍ରତ୍ୟେକ ପ୍ରକୃତ-ମାତ୍ରାଶ୍ରିତ, ଅପ୍ରକୃତ ମାତ୍ରାଶ୍ରିତ ଓ ଉଭୟାଶ୍ରିତ । ଏହି ତିନିଗୋଟି ମଧ୍ୟରୁ ପ୍ରକୃତ ମାତ୍ରାଶ୍ରିତ (ଅର୍ଥାତ୍ ପ୍ରାକରଣିକ ମାତ୍ରାଶ୍ରିତ), ଅପ୍ରକୃତ ମାତ୍ରାଶ୍ରିତ (ଅପ୍ରାକରଣିକ ମାତ୍ରାଶ୍ରିତ)—ଦୁଇଟି ବିଶେଷ୍ୟଶ୍ଳିଷ୍ଟ ଓ ବିଶେଷ୍ୟଅଶ୍ଳିଷ୍ଟ । ଉଭୟାଶ୍ରିତ କେବଳ ବିଶେଷ୍ୟମାତ୍ରଶ୍ଳିଷ୍ଟ । ଶ୍ଳେଷ ଅଳଙ୍କାର ବହୁତ ଅଳଙ୍କାରରେ ଦେଖାଯାଏ । ଆଚାର୍ଯ୍ୟ ଦଣ୍ଡୀ କହନ୍ତି, "ଶ୍ଳେଷଃ ସର୍ବାସୁ ପୁଷ୍ଣାତି ପ୍ରାୟୋ ବକ୍ରୋକ୍ତିଷୁ ଶ୍ରିୟମ୍" (କାବ୍ୟାଦର୍ଶ ୨-୩୬୦) ଅର୍ଥାତ୍ ଶ୍ଳେଷ ପ୍ରାୟ ସମସ୍ତ ବକ୍ରୋକ୍ତିରେ ଶୋଭା ବଢ଼ାଏ । ପୁନଶ୍ଚ ମନେ ରଖିବା ଉଚିତ ଯେ, ଅନ୍ୟ ଅଳଙ୍କାରମାନଙ୍କ-ମଧ୍ୟରେ ଶୁଦ୍ଧ ଶ୍ଳେଷର ଉଦାହରଣ ହୋଇ ପାରେ ନାହିଁ । ଯେଉଁଠାରେ ଶ୍ଳେଷ ଥାଏ ସେଠାରେ ଅନ୍ୟ ଅଳଙ୍କାର ମଧ୍ୟ ଅବଶ୍ୟ ରହେ । ଯଦି ଏପରି ଅବସ୍ଥାରେ ସବୁଠି ଅନ୍ୟ ଅଳଙ୍କାରମାନଙ୍କ ନାମରେହିଁ ଶ୍ଳେଷର ବ୍ୟବହାର କରାଯାଏ, ତେବେ ଶ୍ଳେଷ ଅଳଙ୍କାରର ନାମ ମଧ୍ୟ ରହିପାରିବ ନାହିଁ । ଶ୍ଳେଷର ସହିତ ମିଳିତ ଅନ୍ୟ ଅଳଙ୍କାରମାନଙ୍କର ବାଧକ ରୂପେ ଶ୍ଳେଷକୁ ସ୍ୱୀକାର କରି ତାହାର ପ୍ରାଧାନ୍ୟ ମାନିବାକୁ ହେବ । ସମାସୋକ୍ତି ଓ ଅପ୍ରସ୍ତୁତ ପ୍ରଶଂସାରେ ମଧ୍ୟ ଦୁଇଗୋଟି ଅର୍ଥ ହୁଏ; କିନ୍ତୁ ସେହି ଦୁଇଟିରେ ଗୋଟିଏ ଅର୍ଥ ଅଭିଧେୟ (ବାଚ୍ୟ) ହୁଏ, ଅନ୍ୟ ଅର୍ଥ ବାଚ୍ୟ ଅର୍ଥ ନୁହେଁ, କିନ୍ତୁ ଗୁଣୀଭୂତ ବ୍ୟଙ୍ଗ୍ୟରୂପ ହୁଏ । ସମାସୋକ୍ତିରେ କେବଳ ପ୍ରସ୍ତୁତ ଅର୍ଥହିଁ ବାଚ୍ୟାର୍ଥ ହୁଏ । ଅପ୍ରସ୍ତୁତ ପ୍ରଶଂସାରେ କେବଳ ଅପ୍ରସ୍ତୁତର ବର୍ଣ୍ଣନାହିଁ ବାଚ୍ୟାର୍ଥ ହୁଏ; କିନ୍ତୁ ଶ୍ଳେଷରେ ଦୁଇଟି ଅର୍ଥ ବାଚ୍ୟାର୍ଥ ହୁଏ । ପ୍ରାଚୀନ କବିମାନଙ୍କରେ ବିଶେଷତଃ ଉପେନ୍ଦ୍ର ଭଞ୍ଜଙ୍କର ପ୍ରାୟ ପ୍ରତ୍ୟେକ କାବ୍ୟର ପ୍ରାରମ୍ଭରେ ଓ କାବ୍ୟମାନଙ୍କର ସ୍ଥାନେ ସ୍ଥାନେ ଶ୍ଳେଷର ବହୁଳ ପ୍ରୟୋଗ ବିଦ୍ୟମାନ । ବିଶେଷତଃ ବୈଦେହୀଶବିଳାସର ପ୍ରଥମ ଛାନ୍ଦର ପ୍ରଥମ ଦୁଇପଦରେ ସଭଙ୍ଗ, ଅଭଙ୍ଗ ଓ ସଭଙ୍ଗାଭଙ୍ଗ ଶ୍ଳେଷର ଉଦାହରଣ

ପରିଦୃଷ୍ଟ ହୁଏ । ଲାବଣ୍ୟବତୀର ପ୍ରାରମ୍ଭରେ ପୁଣି ଦ୍ରଷ୍ଟବ୍ୟ । ବୈଦେହୀଶ ବିଳାସର ଆଦ୍ୟରେ—ରାମ, ସୀତା ଓ ଶିବଙ୍କର, ଲାବଣ୍ୟବତୀର ପ୍ରାରମ୍ଭରେ ରାମ, ପଶୁପତି ଓ ବଳରାମଙ୍କର ସ୍ତୁତିପ୍ରସଙ୍ଗରେ ଶ୍ଳେଷର ପ୍ରୟୋଗ ବିଦ୍ୟମାନ । ବିଦଗ୍ଧ-ଚିନ୍ତାମଣିର ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ପଦମାନ ଯଥାକ୍ରମେ ସଭଙ୍ଗ, ଅଭଙ୍ଗ ଓ ଭଙ୍ଗାଭଙ୍ଗର ଉଦାହରଣ । ଶ୍ଳେଷର ନାନାପ୍ରକାର ପ୍ରୟୋଗ କାବ୍ୟମାନଙ୍କରେ ବ୍ୟବହୃତ । ଲକ୍ଷଣ ଶ୍ଳେଷ :—ବୈ: ବି: ୩୪।୧୨ :—ବ୍ୟଙ୍ଗ୍ୟ ଶ୍ଳେଷ ଅପ୍ରସ୍ତୁତାର୍ଥ ବୈ: ବି: ୩୪।୧୪ । ଶ୍ଳେଷରୂପ ଯମକାଶ୍ରିତ ସଙ୍କର ବୈ: ବି: ୩୪।୨୩ :—ବିଦଗ୍ଧ ଚିନ୍ତାମଣି ଟୀକା ଦେଖ । ଅନ୍ୟାନ୍ୟ ଅଳଙ୍କାର ସହିତ ଶ୍ଳେଷର ସଙ୍କର କାବ୍ୟମାନଙ୍କରେ ଦ୍ରଷ୍ଟବ୍ୟ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ୨୫ ଛାନ୍ଦ ଶ୍ଳେଷରେ ବର୍ଷା, ଶୀତ ଓ ଗ୍ରୀଷ୍ମ ବର୍ଣ୍ଣିତ । ଲାବଣ୍ୟବତୀରେ ବୃଷ ଲଗ୍ନର ବର୍ଣ୍ଣନା ଶ୍ଳେଷାଶ୍ରୟରେ ଲକ୍ଷିତ ହୁଏ । ଲାବଣ୍ୟବତୀ, ସୁଭଦ୍ରାପରିଣୟ, ବିଦଗ୍ଧଚିନ୍ତାମଣି ପ୍ରଭୃତିରେ ଦ୍ୱି ଅର୍ଥ, ତିନି ଅର୍ଥ ଶ୍ଳେଷରେ ଅନ୍ତର୍ଗତ । ସୁଭଦ୍ରାପରିଣୟରେ ନଅ ଅର୍ଥରେ ଏକ ପଦ ଶ୍ଳିଷ୍ଟ ହେବା ଦେଖାଯାଏ :—ସୁ: ପ: ୩୯—୬୦ ପଦ ଦେଖ । ଦ୍ୱି ଅର୍ଥ :—ସୁ: ପ: ୧।୨୨ ଓ ବୈ: ବି: ୩୪।୯, ତିନି ଅର୍ଥ :—ବୈ: ବି: ୩୪।୧୦ ଇତ୍ୟାଦି ଇତ୍ୟାଦି ।

## ପୁନରୁକ୍ତବଦାଭାସ

ଭିନ୍ନ ଭିନ୍ନ ରୂପଗତ ଶବ୍ଦମାନଙ୍କର ଏକ ଅର୍ଥରେ ପ୍ରୟୋଗର ପ୍ରତୀତିରେ—ଅର୍ଥାତ୍ ଏକାର୍ଥବୋଧକ ଶବ୍ଦ ପୁନର୍ବାର ଉକ୍ତ ହେଲାପରି ଜଣାଗଲେ ପୁନରୁକ୍ତବଦାଭାସ ହୁଏ । 'ଅଳି କାନ୍ତ ପ୍ରିୟ ବଚନରୁ କର୍ଣ୍ଣେ ଶୁଣି । ତୋଷ ମାନି ନାଶ କଲୁ ଗର୍ବ ଶିରୋମଣି । ହେମ କନକ ରାଶି ତା ପୁଲକିତ ହେଲା । ପଦ୍ମ କମଳ ବଦନେ ହାସ ବୃଦ୍ଧି' ଇତ୍ୟାଦି ପ୍ରେ: ସୁ: ୬୬-୧ । ପ୍ରିୟ ଓ କାନ୍ତ—ଏକାର୍ଥବୋଧକ—ପ୍ରିୟର ଅର୍ଥ ମଧୁର । ତୋଷ ଓ ମାନ ଏକାର୍ଥ କିନ୍ତୁ ଏଠାରେ ଭିନ୍ନ ଅର୍ଥ । ହେମ କନକ—ସୁନା ଅର୍ଥରେ ଏକାର୍ଥ—କିନ୍ତୁ ପ୍ରୟୋଗ—କନକର ଅର୍ଥ ଚମ୍ପକ । ପଦ୍ମ କମଳ ଅର୍ଥ ଏକ, କିନ୍ତୁ କମଳ ଏଠାରେ ମୃଗ ଅର୍ଥରେ ପ୍ରଯୁକ୍ତ । କେତେକ ଆଳଙ୍କାରିକଙ୍କ ମତରେ ଅର୍ଥାଶ୍ରିତ ହେବାରୁ ଅର୍ଥାଳଙ୍କାରର ଗଣ୍ୟ ହୁଏ । ଶ୍ଳେଷ ଅଧ୍ୟାୟରେ ଏହାର ବିଚାର ପ୍ରଦର୍ଶିତ ହୋଇଅଛି । ସେମାନଙ୍କ ମତେ ଅର୍ଥକୁ ଆଶ୍ରୟ କରିବାରୁ ଏହା ଅର୍ଥାଳଙ୍କାର । ଅନ୍ୱୟବ୍ୟତିରେକ ନ୍ୟାୟରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ନିର୍ଣ୍ଣୟ ହୁଏ । ମମ୍ମଟଙ୍କ ମତରେ ପୁନରୁକ୍ତବଦାଭାସ ଶବ୍ଦାଳଙ୍କାର ଓ ଉଭୟାଳଙ୍କାର ( ଶବ୍ଦ ଓ ଅର୍ଥାଳଙ୍କାର ଉଭୟ ) ପୁନରୁକ୍ତବଦାଭାସ ନାମରେ ଓ 'ଅନ୍ୟ'ଭାବରେ ହୋଇଛି ଦ୍ୱିବିଧ । ଏହା ପୁଣି ସଭଙ୍ଗଶବ୍ଦନିଷ୍ଠ ଓ ଅଭଙ୍ଗଶବ୍ଦନିଷ୍ଠ । ପ୍ରାଚୀନ କାବ୍ୟମାନଙ୍କରେ ପୁନରୁକ୍ତବଦାଭାସର ବହୁଳ ଉଦାହରଣ ପରିଦୃଷ୍ଟ ହୁଏ ।

## ଶବ୍ଦାଳଂକାର

ଶବ୍ଦ ଅଳଙ୍କାର ଉତ୍କର୍ଷ :—ବର୍ଣ୍ଣ, ସ୍ଥାନ, ସ୍ୱର, ଆକାର, ଶବ୍ଦ ଓ ବନ୍ଧ । ବର୍ଣ୍ଣଦ୍ୱାରା ଏଠାରେ ବ୍ୟଞ୍ଜନ ବୁଝିବାକୁ ହେବ, କାରଣ ସ୍ୱରର ପୃଥକ୍ ନିର୍ଦ୍ଦେଶ ହୋଇଅଛି ।

## ବର୍ଣ୍ଣଗତ

ଏକ, ଦୁଇ, ତିନି, ଚାରି, ତଥା ସର୍ବ ବ୍ୟଞ୍ଜନରେ ଶବ୍ଦକାବ୍ୟ ରଚିତ ହୁଏ । ଏକାକ୍ଷର—କଙ୍କୁ କଙ୍କ କୋକୋ କାକ କାକା କକୁ କକ୍ର । କିକେ କକ କେକା କେକୋ କକି କଙ୍କ କକ :—ପ୍ରେ: ସୁ: ୧୬-୭ । ଦୁନିଷ୍ଟ ଲ: ବା: ୬୨-୨୩ । ଦ୍ୱି ଅକ୍ଷର :—ସସାରେ ସାର ସୁରସ ସରସୀ । ସସାର ସିସ ସୁରସ ସରସୀ ଲ: ବ: ୨-୨୧ । ତ୍ରି ଅକ୍ଷର :—ମାରି ମାରଣ ରଣ ରଣ ମରମେ ରମି । ମୁର ମାରଣେ ରମେ ରମା ରମଣୀ ମଣି । ଏପରି ଚତୁରକ୍ଷର ମଧ୍ୟ । ସର୍ବ ବ୍ୟଞ୍ଜନ—କେଶଗା ଘନେ ଶୃଙ୍ଗ ଉଦ୍ୟାନ ସମୁମଣି । ଏକାଦଶ ଅକ୍ଷର (ବ୍ୟଞ୍ଜନ):—ମ ଯ ର ସ ତ ଜ ଭ ନ ଗ ଓ ଲ :—ଗଜଗୁଳ ଗତିରେ ଯେ ଉଷ୍ଣିଜ ମନ । ଯତନେ ସନମାନଙ୍କରେ ହେଲୁ ମଗନ । ସପ୍ତକ ସ୍ୱର ବ୍ୟଞ୍ଜନ ରଚିତ କାବ୍ୟ:—ଖ ଛ ଶ ଯ ଫ ଧ ଣ :—ଖାଣ ସଲିଳେ ରଷନିଧି ସୁଦ୍ଧୁଣ । ଜଯମ ଧ୍ୱନ ସ୍ୱସାରେ ମଧୁର ରବ । ଯୁକ୍ତାକ୍ଷର ବ୍ୟଞ୍ଜନ ରହିତ ଶବ୍ଦକାବ୍ୟ :—ଲ, ଢ, ତ, ଥ, ଦ, ଧ, ଛ, ପ, ର, ନ, ଖ, ଜ, ଶ, ଚ, ଘ ଓ ଙ ଏହି ଷୋଳ ଅକ୍ଷର ଯୁକ୍ତବର୍ଣ୍ଣ । "ଦାଣ୍ଡ ମାଛି ଜଳଧରେ ଲୁଧାଉମଣ । ନାଚଥ ଦାଣ୍ଡ ମାରି କାନ୍ଦେ ଗୋପିକାଗଣ ।" ସଦାଉଜସ୍ପ :—"ଶାଣ ଶଣୀ ଖିଣୁ ଶଣେଶାଶେଷ । ଶାଣ ଶଣୀ ଖିଣୁ ଶୀର୍ଷେଣ ଶ୍ରଣ" :—ବି: ବ: ୨-୨୨ ।

## ସ୍ଥାନ

ଉର କଣ୍ଠାଦ ସ୍ଥାନକୁ ଉଚ୍ଚାରିତ ବର୍ଣ୍ଣମାନଙ୍କରେ ରଚିତ ଶବ୍ଦକାବ୍ୟ :—ଯଥା କଣ୍ଠ୍ୟ, ତାଲବ୍ୟ, ଦନ୍ତ୍ୟ, ଓଷ୍ଠ୍ୟ, ମୂର୍ଦ୍ଧନ୍ୟ, କଣ୍ଠୋଷ୍ଠ୍ୟ, କଣ୍ଠମୂର୍ଦ୍ଧନ୍ୟ, ଦନ୍ତ୍ୟକଣ୍ଠ୍ୟ ଓ କଣ୍ଠ୍ୟ । କଣ୍ଠ୍ୟ :—କୁହୁ କୁହୁକୀ ଲୁଚିଲୁଚି ପୁଷ୍ପଶ୍ରୀଚିହ୍ନିତ । ଶୁଚିକୁନ୍ଦ ଉତ୍ଫୁଲ୍ଲ ଦୁଷ୍ଟହୃଦ କତ । ତାଲବ୍ୟ :—ପରମସୁନ୍ଦର ପାଦେ ବନ୍ଧ ମୋର ମନ । ସଦା ମୋ ହୃଦୟ ସୁଦେ କର କୃପା କାରଣ । ଦନ୍ତ୍ୟ :—ପରମସୁନ୍ଦର ଦୃଢ଼ ରାମ ରଘୁବର । ଭଜି ଭକ୍ତି ନର ତାର ଦୁଃଖ ଭବ ପାର । ଓଷ୍ଠ୍ୟ :—ଚନ୍ଦ୍ର ଚନ୍ଦନ ଅଙ୍ଗେ ଦେଲେ ନେଇ । ଅନଳ-ସହ ନାରସ୍ତୁ ଶୋଭନ୍ତି । ବି: ବ: ୨-୩୨; ପ୍ରେ: ସୁ: ୧୬-୯ । ମୂର୍ଦ୍ଧନ୍ୟ :—ପଞ୍ଚଦଶ-ଦଳ ଯାଇ ଜଗଜୀବନ । ପାଦ ପଦ୍ମ ଭବପତି ପଶୁପଞ୍ଜନ । କଣ୍ଠୋଷ୍ଠ୍ୟଦନ୍ତ୍ୟ :—ହେ ପିତାମ୍ବର ଶଙ୍ଖଚକ୍ର କର । ରଣ ଦୁର୍ଦ୍ଦଣ୍ଡ ଶତ୍ରୁହର । କଣ୍ଠ୍ୟମୂର୍ଦ୍ଧନ୍ୟ :—ଅଳି କଳ ଅଳକ ଯୁକ୍ତ ସାଦ୍ୱୀ ଆନନ । କଳିତ କାମୁକ

ନୟନ ଫଟି ଆସିଲ । ଦନ୍ତ୍ୟକଣ୍ଠ୍ୟ :—ସଦାନନ୍ଦ ସଦାନନ୍ଦ ତଥା ସନାତନ । ଭାବ ସଖା ଭଜ ମନ ଦିଲ ଅବିହୁନ । କଣ୍ଠ୍ୟ :—ଅଗ ଅଗ ଝଗ ଜଗଦ୍‌କ । ଅଘ ଅକଳ୍ପ ହକ ଅକ । ସ ଓଷ୍ଠ୍ୟ (ଯାହାକୁ ଓଡ଼ିଆ କାବ୍ୟମାନଙ୍କର ସର୍ବୋତ୍କୃଷ୍ଟ ଭକ୍ତି) :—ହେମ ପ୍ରାଭବ ଭୂମିପ ପ୍ରାଭବେ । ବାମ୍ପ ପ୍ରାବଲ ଭବ ଭବ ଭବେ । ପ୍ରେ: ସୁ: ୧୬-୮ ଇତ୍ୟାଦି ।

## ସ୍ୱର

ହ୍ରସ୍ୱ ଏକସ୍ୱର, ଦୀର୍ଘ ଏକସ୍ୱର, ହ୍ରସ୍ୱ ଦ୍ୱିସ୍ୱର, ଦୀର୍ଘ ଦ୍ୱିସ୍ୱର, ହ୍ରସ୍ୱ ତ୍ରିସ୍ୱର, ଦୀର୍ଘ ତ୍ରିସ୍ୱର, ହ୍ରସ୍ୱ ଚତୁଃସ୍ୱର, ଦୀର୍ଘ ଚତୁଃସ୍ୱର, ପ୍ରଭୃତି ବ୍ୟଞ୍ଜନସ୍ୱରଯୁକ୍ତ ସ୍ୱରସ୍ଥାନ । ଗ୍ରନ୍ଥଅଟେ ଏମାନଙ୍କର ଉଦାହରଣ ବହୁଳ, [ ଦେହଳଭଞ୍ଜଙ୍କ ସରସ୍ୱତୀ ବର୍ଣ୍ଣାଭରଣ ଦେଖ ] :—ଯଥା ଅର୍ଥାତ୍ ଦୁଇ ବ୍ୟଞ୍ଜନ ସ୍ୱରଯୁକ୍ତ—ଧୀରେ ଧୀରେ ଦେଖିଲେ ଦେଁରେ ଅଳକ ନୋ ଶୋଭିଣୀ । ଦେବେ ଶଶୁ ଅଶ୍ରୁ ନାଙ୍କୁ କ ଦୋଷେ ସୁମୁଖୀ । ବୈ: ବି: ୩୪-୧୬ ।

## ଅବନା

ମଧ୍ୟମଣି ଜୀବନ ଗଜମସ୍ତକବତ । ଭଲହଁ ଦେଲ ରମ୍ୟ ମଣ୍ଡପତ ମଣ୍ଡ । ବୈ: ବି: ୩୪-୧୫ । ପ୍ରଭୃତିରୁ ବର୍ଣ୍ଣୋଦ୍ଧୃତ—ବର୍ଣ୍ଣ ସ୍ୱର୍ଣ୍ଣ ମୂର୍ତ୍ତି ବୃତ୍ତି ଅଛଇ ଯୁଗଳେ । ବ୍ୟର୍ଥ ଅର୍ଥ ପୃଥ୍ୱୀ ଅର୍ଥୀ ହୃଅନ୍ତୁ ଜଗତେ । ବୈ: ବି: ୩୪-୪୨ । ସ୍ୱର ସଂଯୋଗୋଦ୍ଧୃତ—ଅଙ୍ଗ ଅଙ୍ଗେ ତେବେ ଇଷ ଇତସ୍ତତଃ ଦିଅ । ଉତ୍ତୁଙ୍ଗ ତତ୍ତ୍ୱଳକୁ ଲୁଚି ଲୁପ ଦାନକର । ବୈ: ବି: ୩୬-୩୬ ।

## ଆକାର

ନାନା ପ୍ରକାର ଅଷ୍ଟଦଳକମଳବନ୍ଧ, ଚତୁଃଶୃଙ୍ଗ କମଳବନ୍ଧ, ଷୋଡ଼ଶଦଳ କମଳବନ୍ଧ, ଷଡ଼ର ଚକ୍ରବନ୍ଧ ନାନାବିଧ, ଦ୍ୱିଚତୁଃଶୃଙ୍ଗଚକ୍ରବନ୍ଧ, ତ୍ରିଶୃଙ୍ଗାତ୍ମକ ଚକ୍ରବନ୍ଧ, ବିଂଶତିପଦ ଚକ୍ରବନ୍ଧ, ଷଡ଼ଯନ୍ତ୍ରବନ୍ଧ, ବ୍ୟୋମବନ୍ଧ, ମୁରଜବନ୍ଧ—ନାନାବିଧ; ଉପେନ୍ଦ୍ରଭଞ୍ଜଙ୍କ ଚିତ୍ରକାବ୍ୟ ବନ୍ଧୋଦୟରେ ନାନା-ପ୍ରକାର ବନ୍ଧ ଅଛି । ଯଥା:—ଅଷ୍ଟାଳୀ, ସୂର୍ଯ୍ୟରଥ, ପ୍ରାସାଦ, ଗିରି ପ୍ରାସାଦ, ବିମାନ, ମଣ୍ଡପ, ମହାରଥ, ପୁଷ୍ପକରଥ, ରଥ, ପ୍ରାଚୀନରଥ, ଚକ୍ର, ଧନୁର୍ଯନ୍ତ୍ର, ମୁରଜବନ୍ଧ, ଜଳମତ୍ସ୍ୟ, ଶୂଳ, ଖଡ୍ଗ, ମୁରଜବନ୍ଧଦ୍ୱୟ, ପରଶୁ, ବୃକ୍ଷ, ମତ୍ସ୍ୟ, ଧ୍ୱଜ, ଷୋଡ଼ଶଦଳ ପଦ୍ମ, ଶିବ, କପାଟ, ଅଷ୍ଟଦଳ ପଦ୍ମ, ଦ୍ୱାଦଶ ପଦ୍ମ, ଅଷ୍ଟକ ପଦ୍ମ, ଚତୁରଙ୍ଗ, ଗୁଚ୍ଛ, ଗଦା, ଡମ୍ବରୁ, ଶକଟ, ଚକ୍ର, ନାଗନାଗୀ, ଧର୍ମ, ବୀଣା, ଛତା, କୋମ୍ପିଷ୍ଟକ,, ତାଳପାଦ. ମାଳା, ନିଶାଖା, କୁମ୍ଭ, ଯମଦାଢ଼, ହଳଦ, କଙ୍କଣୀ, ଲଗୁଡ଼, ନିଶାଖାଦ୍ରୁମ, ରଥ, ଶରବାଣ, ଟାଉ, ଖାଟ, ଧନୁ, ଲତା, ବାଣ, ନାଗପାଶ, ମହାପଦ୍ମ, ମହାଚକ୍ର, ଚନ୍ଦ୍ରହାସ, ସ୍ୱସ୍ତିକ, ଛତ୍ର, କଳସ, ପଦ୍ମଚକ୍ର,

ଛାସ, ଦର୍ପଣ, ଧ୍ୱଜ, ଶଙ୍ଖଳ, ଚନ୍ଦ୍ରବିମ୍ବ, ଅକାଶ, ଯୁଗଳମୂର୍ତ୍ତି, ଅଷ୍ଟକୋଣ, ଭ୍ରମର, ପର୍ଯ୍ୟଙ୍କ ପ୍ରଭୃତି ବନ୍ଧମାନ ପରିଦୃଷ୍ଟ ହୁଏ । ଉପେନ୍ଦ୍ରଙ୍କ ଆକାର, ଗତ ଓ ବନ୍ଧ ପ୍ରଭୃତିର ଏକାନ୍ତ ଗୁରୁତ୍ୱ ଲକ୍ଷିତହୁଏ । ଏହି ବନ୍ଧମାନଙ୍କ ବିଷୟରେ ଜ୍ଞାନ ନଥିଲେ ତତ୍କାବ୍ୟବବୋଧନ୍ତୁ ଦୁଷ୍କର । ଏପରି ବନ୍ଧମାନଙ୍କ ବିଷୟ ଅନ୍ୟତ୍ର କୌଣସି କବିଙ୍କ ଦ୍ୱାରା ପ୍ରଦର୍ଶିତ ହୋଇ ନାହିଁ । ଦୁଃଖର କଥା, ଏହି ବନ୍ଧମାନଙ୍କର ପ୍ରାୟ ଲକ୍ଷଣ ଉପେନ୍ଦ୍ର ଦେଇ ନାହାନ୍ତି । ତାହା ଗ୍ରନ୍ଥାନ୍ତରରେ ପ୍ରଦର୍ଶିତ ହେଉ ।

## ଗତଚିତ୍ର

ଗତପ୍ରତ୍ୟାଗତ, ଭୁଜଙ୍ଗପଦ, ଅଜାମେଷ ଯୁଦ୍ଧ, ମଣ୍ଡୁକପ୍ଲୁତି, ଶାର୍ଦ୍ଦୂଳବିକ୍ରୀଡ଼ିତ, ଗୋମୂତ୍ରିକା ଓ ସର୍ବତୋଭଦ୍ର ଭେଦରେ ନାନାବିଧ:—ଗତପ୍ରତ୍ୟାଗତ ଅର୍ଥାତ୍ ଅନୁଲୋମ ବିଲୋମ—ତାହା ମଧ୍ୟ ସେମସ୍ତୁତ ରୂପେ କଥିତ । ସେମସ୍ତୁତ :—ବୈ. ବି: ୧୯ଛନ୍ଦ—୬୨,୬୩ ପଦ । ଅନୁଲୋମ ବିଲୋମ ଅର୍ଥାତ୍ ଗତପ୍ରତ୍ୟାଗତ—ପଦଗତ, ପାଦଗତ ଓ ବାକ୍ୟଗତ ରୂପେ ପରିଦୃଷ୍ଟ ହୁଏ । ପାଦଗତ ଯଥା:—ପଦର ପାଦକୁ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ପଢ଼ିଲେ ଯାହା, ଶେଷରୁ ଲେଉଟାଇ ପଢ଼ିଲେ ତାହା ହୁଏ । ଯଥା:—ବାର ସେପରି ସେନାବାର ବସାସବ ରବ.ନାଶେ ଶେଷେଜ ରବି । ଶରେ ବଳସ୍ତ୍ରବର ଉମ ମତରତ ଭିସ୍ତୁଷ୍ଟ ହେବ । ବୈ.ବି: ୪୯।୧୭ । ପୁନଶ୍ଚ ବାକ୍ୟଗତ ଲୋମ ବିଲୋମ ପ୍ରେ: ସୁ: ୧୬ ଛନ୍ଦ :—ଏହି ଛନ୍ଦ ୨୦ ପଦ । ମୂଳ ଦାସ ପଦ ଅନୁଲୋମ ଓ ଶେଷ ୧୦ ପଦ ବିଲୋମରେ ପଢ଼ିଲେ ପଦ ବନ୍ଦୀ ଏପ ହୁଏ; କିନ୍ତୁ ୨୦ ପଦର ମଧ୍ୟ ଅନୁଲୋମରେ ଅର୍ଥ ଅଛି । ଭୁଜଙ୍ଗ ପଦ:—ଅଶ୍ୱ ସେପରି ନ୍ୟାସ୍ତବଳ ଖେଳ ପରି ଅବେଳ ଗର ଛାଡ଼ି ପାଦ ଶବାଏ ସେହିପରି ପଦର ବର୍ଣ୍ଣମାନଙ୍କର ବସାଣ । ଯଥା—ଶଜାଗତ ବୀଭୂଷଣ । ଜଣି ନାହିଁ ମୁଁ ଢ ହୋଇ । ତେଜ ଅଢ ଶୁଳୁବେଶ । ତାକି ସହ ସତ ଛୋଡ଼ି । ଚି: ବ । ସୁ ୩୬।୪୪।୬୬ । ଅଶ୍ୱଗତିବନ୍ଧ—ଚି:ବ ଦ୍ରୃ୬୬—ସ୍ତ୍ରୁ୬୨ । ଅଜାମୁଦ୍ଧ—ଉଷବଲଧ୍ୟଂସି ସାତ ସଜାମାରବ । ଉମାରସ ଧନଅସ ଲସିତକର ଚି: ବି:—୬୨ସ୍ତୁ—୨୬ପଦ । ମଣ୍ଡୁକପ୍ଲୁତି—ଦୁଇ ଦୁଇ ବର୍ଣ୍ଣ ଛାଡ଼ି ପଢ଼ିଲେ ଅର୍ଥ ମିଳବ—ଯଥା 'ହେ'ଖାଉ'ବି' 'ଅସ୍ତୁ' 'ସୁଖ' 'ଦା'ନ'ରେ । 'ଆ' ସୁ ଦେବା 'ଥ'ଲୀ ପ୍ରା'ଣୀ' ଭଖ 'ମୋ' ରେ । 'ପାଶେ' ଥ'ଓ' ଗୋ ଳା'ହୁ' ବୋଲି କରି । ବିତେଜ କରି ରଖୁ ନେଇ ତେଜର ହୋଇ ସୁଚିଅ ଥିଣ ମୋ ପାଶକୁ—ଚିः ବି:—ଛ ୨।୬।୧୬ ପଦ ଦେଖ । ଶାର୍ଦ୍ଦୂଳବିକ୍ରୀଡ଼ିତ—"—ତରର ଭୋଗେହ ରେ ତୋ ମାନସରେ । ଉଷସାବିଳାସୀ ଭତ

ରୂପରେ" । ପ୍ରଥମ ପାଦର ବର୍ଣ୍ଣମାନଙ୍କ ସହିତ ଦ୍ୱିତୀୟ ପାଦର ବର୍ଣ୍ଣ ତଳ ଉପରକୁ ପଢ଼ିଲେ ହେବ :—ଧର ବସ ରସା ରୋଗେ ହେଳାରେ । ଦେଖାନ୍ତି ମାର କନ୍ତ ସନ୍ଧ୍ୟାରେ ଯତରେ । ଲା୨।୬୪।୨୨ ପଦ ଉ: ବ: ଦେଖ । ଦ୍ୟାଖ୍ୟା ଗଣ:—ବୈ: ବି: ୧୯ଛ ୧୦।୧୧ ପଦ । ସର୍ବତୋଭଦ୍ର:—ପଦର ପାଦକୁ ଅନୁଲୋମ ବିଲୋମରେ ପଢ଼ିଲେ ସମାନ ହୁଏ । ପୁନଶ୍ଚ ପ୍ରତି ପାଦର ପ୍ରଥମ ଅକ୍ଷରମାନଙ୍କୁ ଉପରୁ ତଳକୁ ଓ ଶେଷ ପାଦମାନଙ୍କୁ ତଳୁ ଉପରକୁ ପଢ଼ିଲେ ଦ୍ୱିତୀୟ ପାଦର ବର୍ଣ୍ଣମାନ—ସେହିପରି ତୃତୀୟ ଓ ଚତୁର୍ଥ ପାଦର ବର୍ଣ୍ଣମାନଙ୍କର ପାଠରେ ସର୍ବତୋଭଦ୍ର ହୁଏ । ଦ ର ସ ର ର ସ ଦ୍ର ର ତ ର ସ ସ ର ତ ର । ଶ ର ଧ ର ର ଧ ର ଶ ର ତ ର ସ ସ ର ନ ର । ବ: ଚି: ପୃ୬୩-୨ ପଦ ଦେଖ ।

## ଗୋମୂତ୍ର

ପାଦ ଗୋମୂତ୍ରିକା, ଯୁଗ୍ମ ଗୋମୂତ୍ରିକା, ଅର୍ଦ୍ଧଶ୍ଳୋକ ଗୋମୂତ୍ରିକା, ଶ୍ଳୋକ ଗୋମୂତ୍ରିକା, ବିପରୀତ ଗୋମୂତ୍ରିକା, ଅର୍ଦ୍ଧ -ଗୋମୂତ୍ରିକା, ଅର୍ଦ୍ଧଗୋମୂତ୍ରିକା, ପ୍ରସାର ଅର୍ଦ୍ଧ ଗୋମୂତ୍ରିକା ବନ୍ଧ, ଗୋମୂତ୍ରିକା ଧେନୁ, ଶତ ଧେନୁ, ସହସ୍ର ଧେନୁ, ଅୟୁତ ଧେନୁ, ଲକ୍ଷ ଧେନୁ କୋଟି ଧେନୁ ଓ କାମ ଧେନୁ । ଗୋମୂତ୍ରିକାର ବନ୍ଧର ଉଦାହରଣ:—ଶ୍ରୀ ଶ୍ରୀ ସ୍ୱର୍ଣ୍ଣଦାର୍ଯ୍ୟ ବର ସୁରାଦିକ । ସାହାଯ୍ୟ କୁଳୀ ମୋର ଜୀବବନ୍ଧୁ—ଉ: ବ: ପୃ୪୧-୬ପଦ, ବୈ: ବି: ୪୮-୧୩ପଦ, ଲା: ୨ମ ଖଣ୍ଡ ୮.୯ପଦ । ପ୍ରଥମ ପାଦର ୧ମ, ୩ୟ, ୫ମାଦି ବର୍ଣ୍ଣସହ ଦ୍ୱିତୀୟ ପାଦର ୨ୟ, ୪ର୍ଥ, ୬ଷ୍ଠାଦି ବର୍ଣ୍ଣ ପାଠ ଓ ଦ୍ୱିତୀୟ ପାଦର ୧ମ ୩ୟ, ୫ମାଦି ବର୍ଣ୍ଣ ସହ ପ୍ରଥମ ପାଦର ୨ୟ, ୪ର୍ଥ, ୬ଷ୍ଠାଦି ବର୍ଣ୍ଣମାନଙ୍କର ପାଠ କଲେ ଯଥାକ୍ରମେ ପ୍ରଥମ ପାଦ ଓ ଦ୍ୱିତୀୟ ପାଦ ହେବ । ଚିତ୍ରକାବ୍ୟର ଏହିପରି କେତେକ ନିଦର୍ଶନ ଦେଇ ଲୋକଗଣ କହନ୍ତି ଯେ ଦୁରୂହ, କଠୋର ଓ ଦୁର୍ବୋଧ ହେଉ ଏବଂ ଏହା ଅସୀମ ହେଉ କେବଳ ବାକ୍ ମାର୍ଜିତ ହେଉ ।

## ବାକୋବାକ୍ୟ.

ଉକ୍ତ ପ୍ରସ୍ତାବ ସହ ବାକ୍ୟର ବାକୋବାକ୍ୟ ନାମକ:—ତାହା ଶକ୍ତି, ବକ୍ରୋକ୍ତି, ବୈଦଗ୍ଧ୍ୟୋକ୍ତି, ଗୂଢ଼ୋକ୍ତି, ସନ୍ଦେହୋକ୍ତି ଓ ଶ୍ଳେଷୋକ୍ତି ଭେଦରେ ଷଡ଼୍ବିଧ । ଏହା ଉତ୍କଳୀୟ ଓଡ଼ିଆ କାବ୍ୟମାନଙ୍କରେ ବହୁଳ ପରିଦୃଷ୍ଟ ହୁଏ— ରସକଲ୍ଲୋଳ, ବୈଦେହୀଶ, ଲାବଣ୍ୟବତୀ, ଉଦ୍ଧବଚିନ୍ତାମଣିରେ ନାୟକ ନାୟିକା ଓ ନାୟିକା ସଖୀଗଣଙ୍କ କଥୋପକଥନରେ ଏହା ପରିପୂର୍ଣ୍ଣ । ଲାବଣ୍ୟବତୀ ୫ମ ଓ ୬ଷ୍ଠ ଛାନ୍ଦ ଓ ଅନ୍ୟାନ୍ୟ ଦ୍ରଷ୍ଟବ୍ୟ । ପାଦଟୀକା ଉତ୍ତରେ ରଚୁବାଣୀ କହୁଅଛନ୍ତି ।

## ପ୍ରହେଳିକା

ବ୍ୟସ୍ତାକ୍ଷର, ଦତ୍ତାକ୍ଷର, ଦତ୍ତବ୍ୟସ୍ତାକ୍ଷର, ମୁଷ୍ଟି, ବିନ୍ଦୁମତୀ ଓ ଅର୍ଥ ପ୍ରହେଳିକା ଭେଦରେ ଏହା ଷଡ଼ବିଧ:—ଦତ୍ତାକ୍ଷର, ବ୍ୟସ୍ତାକ୍ଷର ଓ ଦତ୍ତବ୍ୟସ୍ତାକ୍ଷର—ଚମ୍ପୂ: ସୁ: ୧୬ ଛାନ୍ଦ ୪ । ୫ । ୬ ପଦମାନ ଓ ଉପେନ୍ଦ୍ରଙ୍କ ପ୍ରାୟ ସମସ୍ତ କାବ୍ୟରେ ପରିଦୃଷ୍ଟ ହୁଏ ।

## ଅକ୍ଷର ମୁଷ୍ଟି

ପଦକୁ ଦୁଇଥର ଲେଖି ମୁରଜବନ୍ଧ ନ୍ୟାୟରେ ପଢ଼ିବାକୁ ହେବ:—ଅଛ ଅଛ ଆର୍ମ ଆର୍ମ । ସ୍ତ୍ରୀଜ ଭଜ ଧଜ ଭଜ । ମୋଭ ମୋଲ ମୋଉ ମୋଭ । ଲସୁ ଲସୁ ଲସୁ ଲସୁ । ଏହାକୁ ମୁରଜବନ୍ଧ ନ୍ୟାୟରେ ପଢ଼ିଲେ..ଅଛ ମୋ ଦୁର୍ଲଭ ସ୍ତ୍ରୀଭ । ଅଛି ମୋ ସୁଲଭ ରଜ । ଅଛ ମୋ ସୁଲଭ ଧର୍ମ । ଅଛ ମୋ ସୁଲଭ ଢର୍ମ ।

## ବିନ୍ଦୁମତୀ

ବ୍ୟଞ୍ଜନବର୍ଣ୍ଣ ସ୍ଥାନରେ ବିନ୍ଦୁ ଅର୍ଥାତ୍ '୦' ଲେଖି ସ୍ୱରମାନଙ୍କୁ ତତ୍ ସଙ୍ଗରେ ଯୋଗ କରିବ—( ସଂଯୁକ୍ତ ବ୍ୟଞ୍ଜନସ୍ଥାନରେ ମଧ୍ୟରେ କେବଳ ଗୋଟିଏ ବିନ୍ଦୁ ବା '୦' ଦେବାକୁ ହେବ । ୦ ୦ ୦ େ୦ା ୦ ୦ ୦ି ୦ ୦ି । ୦ େ୦ ୦ ୦ଂ ୦ ୦ ୦ ୦ । ୦ୀ=କମଳଲୋଚନ ଶ୍ରୀହରି । ଭବତାରଣ ଶଙ୍ଖଚକ୍ରଧାରୀ ।

## ଅର୍ଥ ପ୍ରହେଳିକା

ଦାସନ ସଙ୍କେତ ଦଶମ ଭବନ ଛାଡ଼ି । କୁମ୍ଭ ଦୁଆରେ ରହିଛି ଚୁମ୍ବିତ କେସନ ଜିଣିଲି । ଦ୍ୱିଅର୍ଥ ପଦ ପ୍ରୟୋଗଦ୍ୱାରା ଏକୁ ଅନ୍ୟ ଫଳ ସୂଚିତ ହେବା ହେତୁ ଏହା ଅର୍ଥ ପ୍ରହେଳିକା ।

## ଗୂଢ଼

କେତେକଙ୍କ ମତେ—କ୍ରିୟା, କାରକ, ସମ୍ବନ୍ଧ, ପାଦ, ଅଭିପ୍ରାୟ ଓ ବସ୍ତୁମାନଙ୍କର ଗୋପନରେ ଗୂଢ଼ ପଦାଳଙ୍କାର ହୁଏ । ଯାନ ବାହନ ଯୋଗେ ତୁ ଗୋପପୁର ଯାଉ । ତୋର ମୁଖ ଦିନା ନାଶେ ଆସୁର ବାଟକୁ । ଏଠାରେ କ୍ରିୟା ଗୁପ୍ତ ହେଲା । 'ତୁ ଗୋପପୁର ଛାଡ଼ି ଯାଅ ନାହିଁ' ଏ ଅର୍ଥ ସୂଚିତ ଗୁପ୍ତରେ ହେଲା । ବସ୍ତୁଗୂଢ଼—କମଳବଦନି ତୋର ସବୁ ଫାଟେ ଇଚ୍ଛା ମୋର । ତୁହି ଅଟୁ ସୁଧାର ଆଧାର । ଦେବୀ ନା ବୋଲିଲେ ତୁହି । ଇଚ୍ଛା ମୋର ତୋର ତହିଁ । ନ ବୋଇଲେ ଛାଡ଼ିବି ନଜର । ଦେବୀ ନା—ଦେବୀ ନୁହେଁ, ଦେବୀ ଇଶ୍ୱରୀ; ଦେବ ନାହିଁ—ଏପରି ବସ୍ତୁଗୂଢ଼ । ଏହିପରି କାରକାଦି ମଧ୍ୟ ଗୂଢ଼ ହୁଏ ।

## ପ୍ରଶ୍ନୋତ୍ତର

ଅନ୍ତଃ ପ୍ରଶ୍ନ, ବହିଃ ପ୍ରଶ୍ନ, ବହିରନ୍ତ ପ୍ରଶ୍ନ, ଜାତି ପ୍ରଶ୍ନ, ପୃଷ୍ଟ ପ୍ରଶ୍ନ ଉତ୍ତର ପ୍ରଶ୍ନ—ଉପେନ୍ଦ୍ରଭଞ୍ଜଙ୍କ ଚିତ୍ରକାବ୍ୟ ବନ୍ଧୋଦୟ ଦେଖ। "ଭୃତ୍ୟ ଆନନ୍ଦରୁ ପ୍ରଶ୍ନ ଉତ୍ତରେ! ଅନୁକ୍ରମ ଶ୍ଳୋକ ଛନ୍ଦ ଗୀତରେ"—୨ୟ ଛାନ୍ଦ—୪୩ ପଦ—୫୦ ପଦ ଦେଖ ଚିତ୍ର କାବ୍ୟ ବନ୍ଧୋଦୟ। ଏହି ପ୍ରଶ୍ନୋତ୍ତରରେ ଭୁଜଙ୍ଗ, ମଣ୍ଡୁକପ୍ଲୁତ, ଶାର୍ଦ୍ଦୂଳବିକ୍ରୀଡ଼ିତ ପ୍ରଭୃତି ଓ ନାନାବିଧ ଅନ୍ତର୍ଲାପି ଓ ବହିର୍ଲାପି—ଚିତ୍ରକାବ୍ୟ ବନ୍ଧୋଦୟର ୨ୟ ଓ ୩ୟ ଛାନ୍ଦ ଦେଖ।

## ଅଧ୍ୟେୟ

ବାଲ୍ୟରେ, କଉଶଲ୍ୟ ଓ ବ୍ୟୁତ୍ପତ୍ତିରେ ଯେ କାରଣ ସେ ଅଧ୍ୟେୟ। ତଦ୍ଭୁକ୍ତ ଲୋକଶାସ୍ତ୍ରକାବ୍ୟାବେକ୍ଷାର ଫଳ—ତାହା ସତ୍ତ୍ୱବାଦ। କାବ୍ୟ, ଶାସ୍ତ୍ର, ଇତିହାସ, କାବ୍ୟଶାସ୍ତ୍ର, କାବ୍ୟ ଇତିହାସ, ଶାସ୍ତ୍ର ଇତିହାସ—ଇତ୍ୟାଦି; ବୈଦେହୀଶ ଦେଖ। ଶ୍ରାବ୍ୟକାବ୍ୟ, ଦୃଶ୍ୟକାବ୍ୟ ଓ ଅଭିନୟାଦି ମଧ୍ୟ ଅଳଙ୍କାର ମଧ୍ୟରେ ବୈଦେହୀ ଗ୍ରହଣ କରିଅଛନ୍ତି।

ମାଘ, ନୈଷଧ, ଭଟ୍ଟି ପ୍ରଭୃତି ସଂସ୍କୃତ କାବ୍ୟମାନଙ୍କରେ ଉପେନ୍ଦ୍ର, ଅଭିମନ୍ୟୁ ପ୍ରଭୃତିଙ୍କ ଓଡ଼ିଆ କାବ୍ୟମାନଙ୍କରେ ଏମାନଙ୍କର ପ୍ରୟୋଗ ଥିବା ସ୍ଥଳେ ଏମାନଙ୍କ ବିଶେଷ ପରିଷ୍କାର କରିବା ସମୀଚୀନ ହେବ। କାବ୍ୟପ୍ରକାଶ ଓ ସାହିତ୍ୟଦର୍ପଣରେ ଚିତ୍ରକାବ୍ୟର ବିଶେଷ ଆଦର ନାହିଁ। ବିଶ୍ୱନାଥ କବିରାଜ କହନ୍ତି—ପ୍ରହେଳିକା ରସର ପରିପନ୍ଥୀ, ଅଳଙ୍କାର ନୁହେଁ; ଉକ୍ତିର ବୈଚିତ୍ର୍ୟ ମାତ୍ର। ଆମ୍ଭମାନଙ୍କ ମତରେ ଯାହା ବୈଚିତ୍ର୍ୟ ପ୍ରଧାନ କରେ ତାହା ହିଁ ଅଳଙ୍କାର। ରସ ନ ଥାଇ ମଧ୍ୟ ନାଂଶ ଅଳଙ୍କାର ସମ୍ଭବପର ହୁଏନାହିଁ। ପ୍ରହେଳିକା ? ରସର ପରିପନ୍ଥୀ ଏହା ମଧ୍ୟ କହିବା ସମୀଚୀନ ନୁହେଁ। ଉତ୍ତମାଦେଶ ସ୍ୱାବାଶ୍ରିତ ବା ରସାଶ୍ରିତ। ରସର ସୃଷ୍ଟି ମୁଖ୍ୟତଃ ନ ହେଲେହେଁ ଗୌଣତଃ ରସର ସୃଷ୍ଟି ହୁଏ। ଏହା ସ୍ୱୀକାର କରିବାକୁ ହେବ। ଏହା କଳାବିଦ୍ୟାର ଅନ୍ତର୍ଗତ। ଉପେନ୍ଦ୍ରଭଞ୍ଜ ତାଙ୍କ କାବ୍ୟମାନଙ୍କରେ ବାତ୍ସ୍ୟାୟନଙ୍କ ନାମ ଉଲ୍ଲେଖ କରିଅଛନ୍ତି। ସେ ମଧ୍ୟ ବାତ୍ସ୍ୟାୟନଙ୍କ କାମସୂତ୍ରରେ ପାରଦର୍ଶୀ ଥିଲେ। ସେ ତତ୍କୃତ ରସପଞ୍ଚକରେ ନାୟକ ନାୟିକା ଲକ୍ଷଣ, ଆଲମ୍ବନ, ଉଦ୍ଦୀପନ, ଦଶଦଶା ଦୂତୀ-ଲକ୍ଷଣ, ଭାବବିଭାବ, ବନ୍ଧପଦ୍ଧ, ନିଶ୍ୱାସ, ଚୁମ୍ବନ, ଆଲିଙ୍ଗନମାନଙ୍କର ଭେଦ, ସାତ୍ତ୍ୱିକଭାବ ପ୍ରଭୃତିର ଯେ ବିଶ୍ଳେଷଣ ପ୍ରଦର୍ଶନ କରିଅଛନ୍ତି, ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ସେ ବାତ୍ସ୍ୟାୟନଙ୍କ କାମସୂତ୍ରରେ ବିଶେଷ ଅଭିଜ୍ଞ ଥିଲେ। ଆଉ କାଳି ସାମୁଦ୍ରିକ ଶିକ୍ଷାଦିର କଥା ଯେ—ଛନ୍ଦୋଲୋକ, ଗୂଢ଼ଶ୍ଳୋକ, ସମସ୍ୟାପୂରଣ,

ଅନ୍ତର୍ଲାପି, ବହିର୍ଲାପି ପ୍ରଭୃତି ଯାବତୀୟ ଅପ୍ରାକୃତିକ ଦୋଷରେ ଦୁଷ୍ଟ ପଦ୍ୟ ଗୁମ୍ଫନର କଥା, ସେମାନେ ପ୍ରକୃତ ବିଷୟ ନ ଜାଣି ଅଯଥା ଏପରି ମତ ବ୍ୟକ୍ତ କରନ୍ତି । ବାତ୍ସ୍ୟାୟନଙ୍କ କାମସୂତ୍ରରେ ଲିଖିତ ଅଛି, "ଅଭ୍ୟାସପ୍ରୟୋଜ୍ୟାଂଶ୍ଚ ଚାତୁଃଷଷ୍ଟିକାନ୍ ଯୋଗାନ୍ କନ୍ୟା ରହସ୍ୟେକାକିନ୍ୟଭ୍ୟସେତ୍" । ରାଜକନ୍ୟା, ସମ୍ଭ୍ରାନ୍ତବଂଶୀୟ କନ୍ୟାମାନେ ଚତୁଃଷଷ୍ଟି କଳା ଏକାନ୍ତରେ ଅଭ୍ୟାସ କରିବେ । ଚତୁଃଷଷ୍ଟି କଳା ମଧ୍ୟରୁ ନୃତ୍ୟ, ଗୀତ, ବାଦ୍ୟ, ଆଲେଖ୍ୟ ଅଙ୍କ ପ୍ରହେଳିକା, ପ୍ରତିମାଳା, ଦୁର୍ବାଚକ ଯୋଗ, ପୁସ୍ତକ ବାଚନ, ନାଟକାଖ୍ୟାୟିକା ଦର୍ଶନ, କାବ୍ୟ ସମସ୍ୟାପୂରଣ, ଅକ୍ଷରମୁଷ୍ଟିକା କଥନ, ମ୍ଲେଚ୍ଛିତ ବିକଳ୍ପ, ଦେଶଭାଷା ଜ୍ଞାନ, ନିମିତ୍ତଜ୍ଞାନ, ଯନ୍ତ୍ରମାତୃକା, ଧାରଣ ମାତୃକା, ସମ୍ପାଠ୍ୟ, ମାନସୀ, କାବ୍ୟକ୍ରିୟା, ଛନ୍ଦୋଜ୍ଞାନ, କ୍ରିୟାକଳ୍ପ, ଛଳିତକ, ଯୋଗ ପ୍ରଭୃତି ବିଶେଷରେ କୁମାର କୁମାରୀ-ମାନେ ଶିକ୍ଷାଲାଭ କରୁଥିଲେ ଏବଂ ଏହାର ଏପରି ଆଲୋଚନା ହେଉଥିଲା ଯେ ତାହାର ଶିକ୍ଷା ଓ ଜ୍ଞାନରେ କିଛି ବାଧାବୋଧ ହେଉ ନ ଥିଲା । ଉତ୍କଳରେ ରାଜପରିବାର, ଖଣ୍ଡାୟତ ସାମନ୍ତ ପରିବାର ଓ ଉଚ୍ଚ କରଣ ସାମନ୍ତ ପରିବାରରେ ଏ ସବୁର ବିଶେଷ ଆଲୋଚନା ହେଉଥିଲା । ତାହାର ନିଦର୍ଶନ ଅନେକ ସ୍ଥଳେ ଦେଖା-ଯାଏ । ଦୁଃଖର କଥା ଏହି କଳାବିଦ୍ୟାମାନଙ୍କ ପ୍ରତି ଆଧୁନିକ ଶିକ୍ଷିତ ଶିକ୍ଷା-ଭିମାନୀଙ୍କ ଅବହେଳା ପ୍ରଦର୍ଶିତ ହେଉଅଛି । ଉପେନ୍ଦ୍ରଭଞ୍ଜ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ନବମ ଛାନ୍ଦର ଉପସଂହାରରେ କହନ୍ତି, "ଏ ତ ପ୍ରାକୃତ କାବ୍ୟ ପ୍ରସି-ଦ୍ଧାନ୍ତ ସବୁ । ଦୃଷ୍ଟି ଦୃଷ୍ଟାନ୍ତର ଏଥି ଅଛି ବିଶେଷତ । ଯେବେ ନୈଷଧ ପଢ଼ିବେ । ଉପଭୋଗ କରନ୍ତୁ ବୁଧ ପ୍ରମୋଦ କରିବେ ।" ନୈଷଧକୁ ଆଦର୍ଶ କରି ଉପେନ୍ଦ୍ର ପ୍ରମୁଖ କାବ୍ୟମାନ ଲେଖି ଅଛନ୍ତି । ନୈଷଧ ଦ୍ୱାଦଶ ଶତାବ୍ଦୀରେ ଲିଖିତ । ଭୋଜ-ରାଜଙ୍କ ସରସ୍ୱତୀକଣ୍ଠାଭରଣ ନୈଷଧକାରଙ୍କ ସମୟର ପ୍ରାୟ ୧୫୦ ବର୍ଷ ପୂର୍ବେ ଲିଖିତ ହେବା ସମ୍ଭବପର । ଶ୍ରୀହର୍ଷ ତାହା ପାଠ କରିଥିବେ । ଯେଣୁ ଭୋଜରାଜଙ୍କ ସରସ୍ୱତୀକଣ୍ଠାଭରଣ ପାଠ ନ କଲେ ନୈଷଧ ତଥା ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟକଳାର ମହତ୍ତ୍ୱ ବୁଝିବା ଦୁରୂହ ମାତ୍ର । ଏଥିହେତୁ ଭୋଜରାଜଙ୍କ ସରସ୍ୱତୀ କଣ୍ଠାଭରଣକୁ ପ୍ରଧାନତଃ ଆଶ୍ରୟ କରି ଶବ୍ଦାଳଙ୍କାରର ବିଚାର ପ୍ରଦତ୍ତ ହେଲା ।

## ଅଳଙ୍କାର

ଭୋଜରାଜ ଅଳଙ୍କାରମାନଙ୍କୁ ତ୍ରିଧା ବିଭକ୍ତ କରିଅଛନ୍ତି :— ଯଥା ଶବ୍ଦାଳଙ୍କାର, ଅର୍ଥାଳଙ୍କାର ଓ ଶବ୍ଦାର୍ଥ ଉଭୟାଳଙ୍କାର । ଜାତ୍ୟାଦି ଅନୁପ୍ରାସ ପର୍ଯ୍ୟନ୍ତ ଚତୁର୍ବିଂଶତି ଶବ୍ଦାଳଙ୍କାର ବିଷୟ କଥିତ ହେଲା । ତାଙ୍କ ମତରେ ଅର୍ଥାଳଙ୍କାର—ଜାତି, ବିଭାବନା, ହେତୁ, ଅହେତୁ, ସୂକ୍ଷ୍ମ, ଉତ୍ତର, ବିରୋଧ, ସମ୍ଭବ, ଅନ୍ୟୋନ୍ୟ, ପରିବୃତ୍ତି, ନିଦର୍ଶନ, ଭେଦ, ସମାହିତ, ଭ୍ରାନ୍ତି, ବିତର୍କ, ମୀଳିତ, ସ୍ମୃତି, ଭାବ, ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ, ଅର୍ଥାପତ୍ତି,

ଲକ୍ଷଣର ଅଭିସାରିକା ତଥା ନାୟିକାଙ୍କ କାମସ୍ପୃହାର ବିଷୟ ଯାହା ଧାରାବାହିକ ପରିଦୃଷ୍ଟ ହୁଏ ତାହା ସମାଜଗତ ଶୃଙ୍ଖଳ ସ୍ଥଳରେ ଦୃଷ୍ଟାନ୍ତ ମାତ୍ର । ଉପେନ୍ଦ୍ର ରସପଞ୍ଚକରେ ନାୟିକାମାନଙ୍କ ନିନ୍ଦା ଓ ପ୍ରଶଂସା କରିଅଛନ୍ତି । ବେଶ୍ୟାସଙ୍ଗ ବର୍ଜନୀୟ—ଏହା ଉପେନ୍ଦ୍ର ବାତ୍ସ୍ୟାୟନଙ୍କ ତୁଲ୍ୟ ଉପଦେଶ ଦେଇ ଅଛନ୍ତି । "ସ୍ତ୍ରୀଧିସ୍ଥାନା ଧନ ଅର୍ଥୀନା, ସେଠାରୁ ପ୍ରୀତି କିପରି ବା ନା" ଇତ୍ୟାଦି ଉକ୍ତ୍ୟାଦି । ଏଥି ବେଶ୍ୟା ପ୍ରଶଂସା ସେ ପଣିକା ନାମରେ ଅଭିହିତା । ତାଙ୍କ ଦ୍ୱାରା ପୁରୁଷ ଦେହ-ଚିତ୍ତନର ଅନିଷ୍ଟ ସାଧିତ ହୁଏ ନାହିଁ । ବାତ୍ସ୍ୟାୟନଙ୍କ କାମଶାସ୍ତ୍ର ଦ୍ରଷ୍ଟବ୍ୟ । ଏ ସମସ୍ତର ବର୍ଣ୍ଣନା ସମାଜର ସମ୍ପୂର୍ଣ୍ଣ ଚିତ୍ରର ଅଂଶ ମାତ୍ର । ଏ ପ୍ରସଙ୍ଗରେ ମଧ୍ୟ ଉପେନ୍ଦ୍ର ପ୍ରାଚୀନ ସଂସ୍କୃତ ସାହିତ୍ୟିକଙ୍କ ପଦାଙ୍କ ଅନୁସରଣ କରିଅଛନ୍ତି ।

ଉପେନ୍ଦ୍ରଙ୍କ ପୂର୍ବକାଳୀନ ଓ ସମକାଳୀନ ଉତ୍କଳର ରାଜପୁତ୍ରମାନଙ୍କ ତଥା ତାଙ୍କ ଅଧୀନସ୍ଥ ସାମନ୍ତ ରାଜନ୍ୟ ମଣ୍ଡଳୀଙ୍କର ବିଳାସମୟ ବୃତ୍ତି ତଥା ସ୍ୱାର୍ଥନୈତିକତା ଓ ସେମାନଙ୍କ ଉତ୍ପୀଡ଼ନାରେ ବାଧ୍ୟ ହୋଇ ପ୍ରଜାବର୍ଗଙ୍କର ଘୃଣ୍ୟବୃତ୍ତି ଅବଲମ୍ବନ କରିବା ବିଷୟ ରାଜଚରିତ୍ର ଓ ତାଙ୍କ ଓଡ଼ିଆ ସାହିତ୍ୟ ପରିଚୟର ମୁଖବନ୍ଧରେ ବର୍ଣ୍ଣିତ ଅଛନ୍ତି । ପାଶବିକ କାମ ଚରିତାର୍ଥତା, ସ୍ୱାର୍ଥ ନୈତିକତା ଓ ଲୁପ୍ତମାନ୍ୟତାବୋଧ ଘୃଣ୍ୟକ୍ରିୟା କଳାପ ସମସ୍ତଙ୍କ ରାଜବଂଶରେ ସ୍ଥାନଲାଭ କରିଥିଲା । ରାଜବଂଶରେ ଈର୍ଷାପରାୟଣତା ଓ ବ୍ୟଭିଚାରୀଙ୍କ ସ୍ୱାର୍ଥପରତା ସବୁ ଯୁଗରେ ସବୁଠି ପ୍ରାୟ ପରିଦୃଷ୍ଟ ହୁଏ । ବାଣଭଞ୍ଜଙ୍କ ଦୁର୍ଗ ଦେଉଳର ଧ୍ୱଂସ ଚିହ୍ନମାନରେ ସ୍ୱାର୍ଥଚରିତ୍ରବାଦୀଙ୍କ ନିଷ୍ଠୁରତାର କଳଙ୍କ ଚିହ୍ନମାନ ପ୍ରକଟ ହୋଇଅଛି । ଘୁମୁସର ରାଜବଂଶରେ ରାଜ୍ୟଲିପ୍ସା ହେତୁ ରାଜାମାନଙ୍କର ହତ୍ୟାକାଣ୍ଡ ଅତି ଘୃଣ୍ୟ ବିଷୟ ; ଏହା କେହି ଅସ୍ୱୀକାର କରିବ ନାହିଁ । ଗୋପୀନାଥ ଭଞ୍ଜଙ୍କ ଦ୍ୱାରା ଜ୍ୟେଷ୍ଠଭ୍ରାତା ବନମାଳୀଙ୍କ ହତ୍ୟା; ଗୋପୀନାଥ ଭଞ୍ଜଙ୍କ ପୁତ୍ର କାମସୁନ୍ଦର, ଶ୍ରୀକରଧର୍ମୀ, ସର୍ବେଶ୍ୱର ଭଞ୍ଜଙ୍କର ଧନଞ୍ଜୟଙ୍କର ପ୍ରିୟବଶୀ ନିୟୋଗୀ ରାଜକୁମାର ଚରମରୂପବତୀ କନ୍ୟା ମହୁରି ମହାଦେବୀଙ୍କ ଦ୍ୱାରା ହତ୍ୟା; ମାତାଙ୍କ ପ୍ରରୋଚନାରେ ନୀଳକଣ୍ଠଙ୍କ ଦ୍ୱାରା ଧନଞ୍ଜୟଙ୍କ ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ଓ ତତ୍ପୁତ୍ର ଶତ୍ରୁଘ୍ନଙ୍କ ବଧ ଓ ଘନଭଞ୍ଜଙ୍କ ଦ୍ୱାରା ରଣଭଞ୍ଜଙ୍କ ହତ୍ୟା ବ୍ୟାପାରମାନ ଅତ୍ୟନ୍ତ ଗର୍ହିତ ; ଯାଦବ ଗୋପୀନାଥଙ୍କ ପୁତ୍ର ଧନଞ୍ଜୟ ଯେପରି ଧାର୍ମିକ ସେପରି ସତ୍ୟନିଷ୍ଠ ଥିଲେ ; ନୀଳକଣ୍ଠଙ୍କ ପୁତ୍ର ଉପେନ୍ଦ୍ର ଅତି ଧାର୍ମିକ, ଉଦାର ସରଳପ୍ରାଣ ଓ ସଚ୍ଚିଦାନନ୍ଦମୟୀ ଦେବୀ ବାଣାମ୍ବୀଙ୍କ ଆରାଧନାରେ ସାତ୍ତ୍ୱିକ ହୃଦୟରେ ଅନାରତ ବ୍ୟାପୃତ ଥିଲେ । ଘୁମୁସର ରାଜବଂଶର ସ୍ୱାର୍ଥନୈତିକତାର ପ୍ରଭାବ ଉପେନ୍ଦ୍ରଙ୍କ ଜୀବନରେ ପ୍ରତିଫଳିତ ହେବାରୁ ତାଙ୍କ କାବ୍ୟାଦି ଉଚ୍ଚ ଆଦର୍ଶମୟ ଜୀବନର ଚିତ୍ର ପରିବର୍ତ୍ତେ ଅନ୍ୟଧାର ଚରିତ୍ର

ଓ ଘୋର ଅଶ୍ଳୀଳ ବର୍ଣ୍ଣନାଦ୍ୱାରେ ମୂର୍ଚ୍ଛିତ ! ଏହି ଅଶ୍ଳୀଳ ବର୍ଣ୍ଣନାମାନଙ୍କର ସନ୍ନିବେଶ ହେତୁ ଉପେନ୍ଦ୍ରଙ୍କ ହୀନଚରିତ୍ରତା ପ୍ରମାଣିତ କରିବା ଶତ୍ରୁମାନଙ୍କ ଉଦ୍ଦେଶ୍ୟରୂପେ ଅନୁମିତ ହୁଏ । ହୀନ ନୈତିକତା ଓ ଚରିତ୍ରହୀନତା ଯଦି କାବ୍ୟଗତ ଅଶ୍ଳୀଳତାର କାରଣ ହୁଏ, ତେବେ ଆମ୍ଭେମାନେ କାଳିଦାସ, ମାଘ, ଶ୍ରୀହର୍ଷ, ଜୟଦେବ, ଲୋଲିମ୍ବରାଜ, ବିଦ୍ୟାପତି, ଚଣ୍ଡୀଦାସ ପ୍ରଭୃତିଙ୍କୁ ହୀନଚରିତ୍ର ଓ ହୀନଚରିତ୍ରମୟ ଯୁଗର ବ୍ୟକ୍ତି ମଧ୍ୟ କହିପାରୁ । ଏ ଯୁକ୍ତି କେବଳ ହାସ୍ୟ ଉଦ୍ଦୀପନ କରେ । ପୂର୍ବେ କଥିତ ହୋଇଅଛି ଯେ କାଳିଦାସ, ଶ୍ରୀହର୍ଷ ପ୍ରଭୃତିଙ୍କ ପଦାଙ୍କ ଅନୁସରଣ କରି ଉପେନ୍ଦ୍ର ସ୍ୱ କାବ୍ୟମାନ ଲେଖି ଅଛନ୍ତି । ପଣ୍ଡିତ ଲୋକେଶ୍ୱରଙ୍କ ସମ୍ଭୋଗ ବର୍ଣ୍ଣନା ମଧ୍ୟ କାଳିଦାସ ସମାଲୋଚକଙ୍କ ଦୃଷ୍ଟିରୁ ତ୍ରାଣ ଲଭି ନାହାନ୍ତି । ଶ୍ରୀହର୍ଷଙ୍କ ଅତ୍ୟଧିକ ଅଶ୍ଳୀଳତାର ବିଶ୍ଳେଷଣ ଓ ଜୟଦେବଙ୍କ ବାହ୍ୟାର ସୂକ୍ଷ୍ମାନୁଭୂତିର ବର୍ଣ୍ଣନା ସାହିତ୍ୟିକଙ୍କ ଦୃଷ୍ଟିରେ ଦୋଷାବହ । କବି ଉପେନ୍ଦ୍ର ଏହି ପରମ୍ପରା ରକ୍ଷା କରି ଅଛନ୍ତି । କେବଳ ଯେ ପରମ୍ପରା ରକ୍ଷା କରି ଅଛନ୍ତି ତାହା ନୁହେଁ, ସେ କାବ୍ୟରେ ମଧ୍ୟ ସେ ଅତି ଉତ୍କୃଷ୍ଟ ପାରଦର୍ଶିତା ଲାଭ କରି ଅଛନ୍ତି । ସେ ଯାହା ପଢ଼ିଥିଲେ ତାହା ତାର ଚରମସୀମା ଲାଭ କରିଅଛି । ଅଶ୍ଳୀଳତା ସେ ପରିହାର କରି ପାରି ନାହାନ୍ତି; କିନ୍ତୁ ଭୋଜରାଜ ପ୍ରଭୃତିଙ୍କ "ଶୃଙ୍ଗାରୀ ଚେତ୍ କବିଃ" ଏହି ଭାବ ସେହି କାଳରେ ସାହିତ୍ୟିକଙ୍କ ହୃଦୟରେ ବଦ୍ଧମୂଳ ଥିବାରୁ ଏପରି ଅଶ୍ଳୀଳତା ସ୍ୱତଃ ସାହିତ୍ୟରେ ସ୍ଥାନଲାଭ କରିଅଛି । ଆଲଙ୍କାରିକମାନେ ଅଶ୍ଳୀଳତା, ଗ୍ରାମ୍ୟତା ପ୍ରଭୃତିକୁ ଦୋଷରୂପେ ବର୍ଣ୍ଣନା କରି ପରିହାର କରିବାକୁ ଉପଦେଶ ପ୍ରଦାନ କରି ଅଛନ୍ତି । କିନ୍ତୁ ଯେଉଁ ଅଶ୍ଳୀଳାର୍ଥ ବିଷୟମାନ ପ୍ରାଚୀନ କବିମାନଙ୍କ ଦ୍ୱାରା ବ୍ୟବହୃତ ହୋଇଅଛି ତାହା ଗୁଣରୂପେ ସ୍ୱୀକାର କରିବାକୁ ହେବ । ଏହିପରି ନିୟମ, ବାଧ୍ୟ ନିର୍ଦ୍ଦିଷ୍ଟ ହୋଇଛି । "ଅପଶ୍ୟାର୍ଥଂ ପଦାଶ୍ଳୀଳଂ ଚର୍ବିତାର୍ଥଂ ଶ୍ରୁତିଷୁ ବା । କବିସଂଘୃଷ୍ଟ ପ୍ରୟୋଗେ ଭୂମ୍ନା ପ୍ରଯୁକ୍ତୋ ନାନୁଭୂଷଣେ" — ଭୋଜରାଜ ସରସ୍ୱତୀ କଣ୍ଠାଭରଣ ପ୍ରଥମ ପରିଚ୍ଛେଦ । ଉପେନ୍ଦ୍ର ସତ୍ୟନିଷ୍ଠ, ଜିତେନ୍ଦ୍ରିୟ, ଧର୍ମଧ୍ୟାନୀ, ସମଦର୍ଶୀ ଓ ଭଗବଦ୍ଭକ୍ତ ଥିଲେ । ରାମତାରକ ମନ୍ତ୍ରରେ ସିଦ୍ଧି ଲାଭ କରିବା ବିଷୟ ଉପେନ୍ଦ୍ର ସ୍ୱକାବ୍ୟମାନଙ୍କରେ ଉଲ୍ଲେଖ କରି-ଅଛନ୍ତି । ଯଥା—ତାରକମନ୍ତ୍ର ପରଶାଦେ । ମୋହିତ କରିପଞ୍ଚ ବୈଦେ-ବି-୧୬ ୪୬ । "ତାରକ ମନ୍ତ୍ର ନାମ ସାହାଯ୍ୟ । ଶାଶି ଦେଖି ଉପେନ୍ଦ୍ର ଭଞ୍ଜର" ଛ: ଭୂ: 'ଛ' ୧୬-୨୦ ପଦ । କୋ. ସୁ. ୩୬-୩୦ ପଦ ଇତ୍ୟାଦି । ପ୍ରକୃତ ଜିତେନ୍ଦ୍ରିୟ ନ ହେଲେ ରାମତାରକ ମନ୍ତ୍ର ସିଦ୍ଧ ହୁଏ ନାହିଁ । ମହାଦେବ, ହନୁମାନ୍, ତୁଳସୀଦାସ ପ୍ରଭୃତି ରାମତାରକ ମନ୍ତ୍ରର ଅଧିକାରୀ । ଆମ ଉତ୍କଳ ଦେଶରେ କୃପାସିନ୍ଧୁ ବଳରାମ ଦାସ ଓ ଉପେନ୍ଦ୍ରଭଞ୍ଜ ରାମତାରକ ମନ୍ତ୍ରରେ ସିଦ୍ଧି-ଲାଭ କରିଥିଲେ । ଲୋକେ କହନ୍ତି ଯେ, ବୈଷ୍ଣବମାନେ ହିଁ କେବଳ ରାମ-ତାରକ ମନ୍ତ୍ରରେ ସିଦ୍ଧିଲାଭ କରନ୍ତି, ତା ଠିକ୍ ନୁହେଁ । ଶୂଦ୍ରମାନେ ମଧ୍ୟ

ବ୍ରହ୍ମଚର୍ଯ୍ୟ ରକ୍ଷା କରି ଶେଷରେ ଅଶ୍ୱଡାଳୀ ନୋହିଲ ପାରନ୍ତି । ଉପେନ୍ଦ୍ର ଦାରପରିଗ୍ରହ କରିଥିଲେ ଏବଂ ବୃଦ୍ଧ ହୋଇଲେ । ନୟାଗଡ଼ ରାଜା ବିନାୟକ ସିଂହଙ୍କ କନ୍ୟା ଲକ୍ଷ୍ମୀଙ୍କର ପ୍ରଥମା ସ୍ତ୍ରୀ ଓ ବାଣପୁର ରାଜା ଅଚ୍ୟୁତ ବଳି-ଭଦ୍ରଙ୍କ କନ୍ୟା ଭବାନୀଙ୍କର ଦ୍ୱିତୀୟା ସ୍ତ୍ରୀ ଥିଲେ । ବାଣପୁର ରାଜକନ୍ୟା ସୁପଣ୍ଡିତା, ପତିପ୍ରାଣା ଓ ଗୃହକର୍ମକୁଶଳା ଥିବାରୁ କବିଙ୍କର ଯୌବନ ଜୀବନରେ ନିବିଡ଼ ଶାନ୍ତିର ସମ୍ଭୋଗଭୂମି ଥିଲେ । କବି ୪୦ ବର୍ଷରେ ଦେହତ୍ୟାଗ କରିଥିଲେ । ତାଙ୍କର ହୃଦୟରେ ବିଷୟବାସନା ଥିଲା ଓ ତାଙ୍କ ଜୀବନ ଜ୍ଞାନ ଓ ପୁଣ୍ୟ ହୋଇଥିଲେ, ସେ ଅଳ୍ପ କାଳ ମଧ୍ୟରେ ୪୦/୪୫ ଖଣ୍ଡ ଖଣ୍ଡକାବ୍ୟାଦ ଲେଖିପାରି ନ ଥାଆନ୍ତେ । କାଳିଦାସଙ୍କ ଜନ୍ମସ୍ଥାନଟା ଐକମତ୍ୟ ନାହିଁ ବିଦ୍ୟମଣ୍ଡଳରେ ଦେଖାଯାଏ ଶୁଣ, କିନ୍ତୁ ସମଗ୍ର ଉତ୍କଳ ଖଣ୍ଡରେ ଉପେନ୍ଦ୍ରଙ୍କ ବିଷୟରେ କିଛି ମ ଶୁଣାଯାଏ ନାହିଁ । ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ସେ ଜଣେ ଚରିତ୍ରବାନ୍ ମହାପୁରୁଷ ଥିଲେ । ଏପରି ଦୋଷାରୋପ ମହାପୁରୁଷଙ୍କଠାରେ କରିବା ଅତ୍ୟନ୍ତ ହୋଇନ୍ତ ବିଷୟ । ବିଜୟଚନ୍ଦ୍ର ଉତ୍କଳର ପ୍ରାଚୀନ ସାହିତ୍ୟରେ ଅଧିକାରୀ ନ ଥିଲେ ଏବଂ ତାଙ୍କ ସହାୟକାରୀମାନଙ୍କର ମଧ୍ୟ ପ୍ରାଚୀନ ସାହିତ୍ୟରେ ପ୍ରବେଶ ନ ଥିଲା । ଏ ବିଷୟ ଅନେକମାନଙ୍କୁ ପ୍ରତ୍ୟକ୍ଷ ହେବରେ ଜଣା । ସୁନ୍ଦର ତାହାର ପ୍ରତ୍ୟକ୍ଷ ପ୍ରମାଣ ସ୍ୱରୂପ ଗୋଟିଏ ମାତ୍ର ଉଦାହରଣ ପ୍ରଦତ୍ତ ହେଲା । ବିଜୟଚନ୍ଦ୍ର ତାଙ୍କ ଓଡ଼ିଆ ସାହିତ୍ୟ ପରିଚୟରେ ଓଡ଼ିଆ ପ୍ରାଚୀନ କାବ୍ୟମାନଙ୍କରୁ ଅଶ୍ଳୀଳାଂଶ ବର୍ଜନ-ପୂର୍ବକ କେବଳ ଉପାଦେୟ ଶ୍ଳୋକାଂଶମାନ ପ୍ରଦାନ କରିଅଛନ୍ତି । ଏହା ତାଙ୍କ ମୂର୍ଖତାରେ ଦେଖାଅଛନ୍ତି । ବାରମାସୀର ୩୪ ଶ୍ଳୋକଟି ସେ ତାଙ୍କ ଓଡ଼ିଆ ସାହିତ୍ୟ ପରିଚୟରେ ପୂର୍ଣ୍ଣଭାବରେ ପ୍ରକାଶିତ କରିଅଛନ୍ତି । ସେ ଜାଣନ୍ତି ଯେପରି ଅଶ୍ଳୀଳ ସେପରି ଅଶ୍ଳୀଳ ପଦାବଳୀ ଅନ୍ୟତ୍ର ବିରଳ । ଏଥିରୁ ବିଜୟଚନ୍ଦ୍ରଙ୍କ ଜ୍ଞାନର ପରିଚୟ ମିଳେ । ଅନ୍ୟ ଏକ ଦୋଷ ଆରୋପ କରାଯାଏ ଯେ ଉପେନ୍ଦ୍ରଙ୍କର ବ୍ୟାକରଣଜ୍ଞାନ ନ ଥିଲା । ବିଜୟଚନ୍ଦ୍ର କହନ୍ତି, "ସମ୍ଭବତଃ ପଣ୍ଡିତମାନେ ଉପେନ୍ଦ୍ରଙ୍କୁ ଅଳଙ୍କାର ଓ ସାହିତ୍ୟ ବିଷୟରେ କିଛି କିଛି ଶିକ୍ଷା ଦେଇଥିଲେ; କିନ୍ତୁ ବ୍ୟାକରଣ ବିଷୟରେ ଭଲ ରକମ ଶିକ୍ଷା ଦେଇ ନ ଥିଲେ । ପ୍ରସୂତର ପ୍ରତିବଶୀର କେତେକ ଆଳସ୍ୟପରିପୂର୍ଣ୍ଣ ଓ ପଣ୍ଡିତଗ୍ରାହୀ ବ୍ୟକ୍ତି ସ୍ୱ ସ୍ୱ କୃତମାନଙ୍କରେ ନିଜ ନିଜର ପାଣ୍ଡିତ୍ୟାଭିମାନ ଦର୍ଶାଇବା ଉଦ୍ଦେଶ୍ୟରେ ଅପ୍ରଧାନମାନଙ୍କରୁ ଅପ୍ରଚଳିତ ଶବ୍ଦମାନ ସଂଗ୍ରହ କରିଥିଲେ ।" ଏହାଦ୍ୱାରା ବିଜୟଚନ୍ଦ୍ର କହନ୍ତି ଯେ ଉପେନ୍ଦ୍ରଙ୍କର ସାମାନ୍ୟ ସାହିତ୍ୟ ଓ ଅଳଙ୍କାର ଜ୍ଞାନ ଥିଲା, ବ୍ୟାକରଣଜ୍ଞାନ ଭଲ ନ ଥିଲା ଓ କେତେକ ଅପ୍ରଚଳିତ ନିୟମ ନ ସ୍ୱ ଗ୍ରନ୍ଥମାନଙ୍କରେ ବ୍ୟବହାର କରି ନିଜର ପାଣ୍ଡିତ୍ୟାଭିମାନ ଉପେନ୍ଦ୍ର ଦର୍ଶାଇଅଛନ୍ତି । ସେ ଜଣେ ଆଳସ୍ୟପରିପୂର୍ଣ୍ଣ ଓ ପଣ୍ଡିତଗ୍ରାହୀ ଥିଲେ । ଉପେନ୍ଦ୍ରଙ୍କ ବିଦ୍ୟା ବିଷୟରେ ଏପରି ଜଣ ସେ ଅନଭିଜ୍ଞଙ୍କ ବିଷୟରେ ମତ ବ୍ୟକ୍ତ କରନ୍ତି ଯେ, "ଅନ୍ତମନ୍ଦ୍ୟ ଜଣେ ପଣ୍ଡିତାଭିମାନୀ

ବ୍ୟକ୍ତ ଥିଲେ ; ସେ ସଂସ୍କୃତ, ମରହଟ୍ଟୀ, ହିନ୍ଦୀ ଓ ବଙ୍ଗଳା ଜାଣିଥିଲେ । ଅଳଙ୍କାର ନିର୍ଣ୍ଣୟରେ ସେ କେତେକ ସ୍ଥଳରେ ଉପେନ୍ଦ୍ରଙ୍କ ତ୍ରୁଟି ନ ଧରି ଶାସ୍ତି ସରଳ ଓଡ଼ିଆ ଭାଷାରେ ତାଙ୍କ କାବ୍ୟମାନ ରଚନା କରିଥିଲେ ।”

ବର୍ତ୍ତମାନ ବିଚାର୍ଯ୍ୟ ଉଭୟଙ୍କ ବ୍ୟାକରଣ ଜ୍ଞାନ ବିଷୟ ଥିଲା । ବିଜୟଚନ୍ଦ୍ରଙ୍କ ଉକ୍ତିରୁ ପ୍ରକାଶ ଯେ ଉପେନ୍ଦ୍ରଙ୍କ ତୁଲ୍ୟ ଅଭିମନ୍ୟୁ ବ୍ୟାକରଣରେ ଅନଭିଜ୍ଞ ନ ଥିଲେ । ଆମ୍ଭେମାନେ ପ୍ରାଚୀନ ସାହିତ୍ୟ ଯଥାସମ୍ଭବ ତନ୍ନ ତନ୍ନ କରି ପାଠ କରିଅଛୁଁ । ସେଥିରୁ ଦୃଢ଼ଭାବରେ ବ୍ୟକ୍ତ କରି ପାରୁଁ ଯେ ବିଜୟଚନ୍ଦ୍ରଙ୍କ ଉକ୍ତି ସମ୍ପୂର୍ଣ୍ଣ ଦୋଷମୂଳକ ଓ ବିଦ୍ଵେଷମୂଳକ । ଭାଷା ଜ୍ଞାନ, ସାହିତ୍ୟ ଜ୍ଞାନ, ଅଳଙ୍କାର ଜ୍ଞାନ, ସମସ୍ତ ବିଷୟରେ ଉପେନ୍ଦ୍ର ଅଭିମନ୍ୟୁଙ୍କ ଗୁରୁ । ଅଭିମନ୍ୟୁ ମଧ୍ୟ ଶ୍ଳୋକରେ ତାହା ବ୍ୟକ୍ତ କରିଅଛନ୍ତି, “ଉପେନ୍ଦ୍ର ସେ ଅଭିମନ୍ୟୁ ମୁହିଁ । ପାସୋର ନ ଯିବ ଗୁରୁକୁହିଁ ।” ବିଦଗ୍ଧଚିନ୍ତାମଣିର ଅଧିକାଂଶ ସ୍ଥଳ ଉପେନ୍ଦ୍ରଙ୍କ କାବ୍ୟମାନଙ୍କୁ ବିଶେଷତଃ ଲାବଣ୍ୟବତୀକୁ ଏପରି ଅବିକଳ ସ୍ଥାପିତ ହୋଇଅଛି ଯେ, ତାହା ପାଠ କଲେ ଅଭିମନ୍ୟୁଙ୍କ ପ୍ରତି ଆଦର ଅନେକାଂଶରେ ତୁଟିଯାଏ । ଅଧିକ ମଧ୍ୟ ସେହି ତଥାକଥିତ ବ୍ୟାକରଣଗତ ପ୍ରମାଦମାନ ଆଧୁନିକ ସାହିତ୍ୟ-ସୁଜନଙ୍କ ଦୃଷ୍ଟିରେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟମାନଙ୍କରେ ଗୋଚରୀଭୂତ ହୁଏ, ସେହି ପ୍ରମାଦମାନ ଦୀନକୃଷ୍ଣ ବିଶେଷତଃ ଅଭିମନ୍ୟୁଙ୍କ କାବ୍ୟମାନଙ୍କରେ ପୂର୍ଣ୍ଣଭାବରେ ପରିଲକ୍ଷିତ ହୁଏ । ଉପେନ୍ଦ୍ରଙ୍କ ଉତ୍ତମ ବ୍ୟାକରଣ ଜ୍ଞାନ ନ ଥିଲା; କିନ୍ତୁ ସେ ସରଳ ଭାଷାରେ ପ୍ରାଞ୍ଜଳ କାବ୍ୟଗ୍ରନ୍ଥମାନ ନିର୍ମାଣ କରିବାରେ ସମର୍ଥ ହୋଇଥିଲେ— ଏହାହିଁ ବଡ଼ ଆଶ୍ଚର୍ଯ୍ୟର ବିଷୟ । ସାହିତ୍ୟ ସହିତ ବ୍ୟାକରଣର କି ସମ୍ବନ୍ଧ, ତାହା ନିର୍ଣ୍ଣୟରୂପେ ଜାଣିବା ଉଚିତ । ଉପେନ୍ଦ୍ରଭଞ୍ଜଙ୍କ କାବ୍ୟମାନଙ୍କରେ ସରଳସ୍ଥଳ ପାରମ୍ପର୍ଯ୍ୟତଃ ଅଶୁଦ୍ଧଭାବରେ ଲକ୍ଷିତ କି ନା ତାହା ପ୍ରଥମତଃ ବିଚାର୍ଯ୍ୟ । ଯଦି ତାଙ୍କ ପୂର୍ବକାଳ କବିମାନଙ୍କ ଗ୍ରନ୍ଥଠାରୁ ତାଙ୍କ ଭାଷାରେ ବହୁ ବ୍ୟତିକ୍ରମ ଲକ୍ଷିତ ହୁଏ ଓ ଯଦି ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ସେହି ତଥାକଥିତ ବ୍ୟାକରଣ-ଗତ ପ୍ରମାଦମାନ ତାଙ୍କ ପୂର୍ବବର୍ତ୍ତୀ କବିଙ୍କ କାବ୍ୟମାନଙ୍କରେ ପରିଦୃଷ୍ଟ ନ ହୁଏ, ତେବେ ଆମ୍ଭେମାନେ ଉପେନ୍ଦ୍ରଙ୍କଠାରେ ଦୋଷାରୋପ କରି ପାରୁଁ । ଯଦି ସେହି ପ୍ରମାଦମାନ ପୂର୍ବତନ କାବ୍ୟମାନଙ୍କରେ ପରିଲକ୍ଷିତ ହୁଏ, ତେବେ ସେହି ପ୍ରୟୋଗମାନଙ୍କୁ ପ୍ରମାଦରୂପେ ନ ଧରିବା ଭାଷାତତ୍ତ୍ଵ ଜ୍ଞାନର ସମ୍ପୂର୍ଣ୍ଣତା ଅଭିବ୍ୟକ୍ତ କରେ ନାହିଁ । ଓଡ଼ିଆ ଭାଷା ଓ ସାହିତ୍ୟ ସଂସ୍କୃତ ଭାଷା ଓ ସାହିତ୍ୟ ପରି ସ୍ଥିର ଓ ଅପରି-ବର୍ତ୍ତନୀୟ ନୁହେଁ । ଜୀବନ୍ତ ଭାଷା ଓ ସାହିତ୍ୟ ଜୀବନ୍ତ ଓ ବର୍ଦ୍ଧମାନ । ତହିଁ ଭାଷା ଓ ସାହିତ୍ୟକୁ ବ୍ୟାକରଣ ଅନୁସରଣ କରିବ । ଦୁଃଖର କଥା, ପାଶ୍ଚାତ୍ୟ ସଂସର୍ଗରେ ଶିକ୍ଷାର ପ୍ରବର୍ତ୍ତନ ହେବାରୁ ଓଡ଼ିଆ ଭାଷା ଗୋଟିଏ ଅଭିନବ ତଥା ବିକୃତ ରୂପ ପ୍ରାପ୍ତ ହେଲା । ସେ ସମୟରେ କବିମାନେ ନୂତନ ଧରଣର କାର୍ଯ୍ୟ କରିବା

ପ୍ରବନ୍ଧାଦି ଲେଖିଲେ, ସେମାନେ ଓଡ଼ିଆ ଭାଷାର ପ୍ରକୃତି ଭଲ ରକମ ଜାଣି ନ ଥିଲେ, କାରଣ ସେମାନଙ୍କର ପ୍ରାଚୀନ ଓଡ଼ିଆ ଭାଷା ଓ ସାହିତ୍ୟରେ ଯଥାଯଥ ଅଭିଜ୍ଞତା ନ ଥିଲା । ସେମାନେ ଓଡ଼ିଆ ଭାଷାକୁ ସଂସ୍କୃତ ଭାଷାର ଅନୁରୂପ କରିବାକୁ ଚେଷ୍ଟା କରି ତାର ସରଳ ସହଜ ପ୍ରକୃତିକୁ ନଷ୍ଟ କରିଦେଲେ ଓ ଶୁଦ୍ଧ କରିବାକୁ ଯାଇ ତାହା ବିକୃତ କରିଦେଲେ । ସେମାନେ ସଂସ୍କୃତ ଭାଷା ଓ ସାହିତ୍ୟରେ ମଧ୍ୟ ବିଶେଷ ପାରଦର୍ଶୀ ନ ଥିବାର ସୂଚନା ପ୍ରଦାନ କରିଅଛନ୍ତି । ଓଡ଼ିଆ ଭାଷାର ବିଶେଷତ୍ୱ ଏହି ନବୀନ ଲେଖକଙ୍କ ହସ୍ତରେ ଲୋପ ପାଇବାକୁ ଲାଗିଲା । (୧) ଓଡ଼ିଆରେ ହଲନ୍ତ ଶବ୍ଦର ପ୍ରୟୋଗ ନ ଥିଲା । କିଞ୍ଚିତ, ମହତ, ମନାକ, ଉଷତ, ସ୍ୱରାଟ, ବାକ, ଦିଗ, ପୃଥକ, ଧିକ, ତାବତ, ଯାବତ, ଟିକ । କିନ୍ତୁ ଏମାନଙ୍କ ହସ୍ତରେ ତାହା ହଲନ୍ତ ହେଲା । ପୁନଶ୍ଚ କେତେକ ଯାବନିକ ଶବ୍ଦ ଓଡ଼ିଆ ଭାଷାରେ ହଲନ୍ତ ବଦଳେ ସ୍ୱରାନ୍ତ ହୋଇଥିଲା—ଇଜତ, ତାଲିମ, ଗରମ, ଶହର, ଫାଜିଲ, ନଶାପ, କବୁଲିୟତ, ଅବୁଲ ପ୍ରଭୃତି । କିନ୍ତୁ ତାହା ସବୁ ହଲନ୍ତ ହେବାକୁ ଲାଗିଲାଣି । (୨) ସଂସ୍କୃତରେ ଅସ୍ତି ଅର୍ଥରେ ମତୁପ୍‌ର 'ମ' ଓ 'ବ' ବିକଳ୍ପରେ ହୁଏ; କିନ୍ତୁ ପ୍ରାଚୀନ ଓଡ଼ିଆରେ କେବଳ 'ବ' ହୁଏ—ଦ୍ୟୁତିବନ୍ତ, ଧୀବନ୍ତ, ବସୁବନ୍ତ, ଶ୍ରୀବନ୍ତ, କାନ୍ତିବନ୍ତ, ଧନବନ୍ତ, ଯଶୋବନ୍ତ, ତେଜବନ୍ତ, ବିଦ୍ୟାବନ୍ତ, ଲକ୍ଷ୍ମୀବନ୍ତ ଏବଂ ସ୍ତ୍ରୀଲିଙ୍ଗରେ—ଧୀବନ୍ତୀ, ଶ୍ରୀବନ୍ତୀ, ଯଶୋବନ୍ତୀ, ଗୁଣବନ୍ତୀ—ଇତ୍ୟାଦି । (୩) ବାଣି, ଶୋଷି, ବାଣୁଚି, ଜୋଡ଼ି, କଷି, ଥାଇ, ବାନ୍ଧି—ପଦମାନଙ୍କୁ ଦେଖାଇ ଦେଇ ଏମାନେ କହନ୍ତି ଏ ସବୁ ପ୍ରୟୋଗ ପ୍ରାମାଦିକ—ସମାପିକା ଅର୍ଥରେ ଅସମାପିକାର ପ୍ରୟୋଗ । କିନ୍ତୁ ଏସବୁ ସମାପିକା—ବାଣଇ, ଶୋଷଇ, ବାନ୍ଧଇ ପ୍ରଭୃତିର ସଂକ୍ଷିପ୍ତ ରୂପ ମାତ୍ର । (୪) ପ୍ରବେଶ ହେଲେ, ଆନନ୍ଦ ହେଲେ, ସନ୍ତୋଷ ହେଲେ, ଉତ୍ପତ୍ତି ହେଲା, କ୍ଷମା କରିଲା, ସେ କ୍ରୋଧ ହେବେ, ପ୍ରକାଶ ହୋଇଲା, ଜାତ ହେଲା, ବିସ୍ମୟ ହୋଇ, ତୃପ୍ତି ହେଲା—ଏହି ପ୍ରୟୋଗମାନଙ୍କୁ ପ୍ରାମାଦିକ ଓ ସେ ସ୍ଥାନରେ ପ୍ରବିଷ୍ଟ ହେଲେ, ଆନନ୍ଦିତ ହେଲେ, ସନ୍ତୁଷ୍ଟ ହେଲେ ପ୍ରଭୃତି କହି ସଂସ୍କୃତ ଢଙ୍ଗର ପ୍ରକ୍ରିୟା ଧରନ୍ତି । (୫) ବିରସ ତେଜି, ଶିରୀଷକୁ କୋମଳ ଜାଣି, ଭ୍ରମରକୁ କୁଟିଳ. ହୃଦୟ, ବ୍ୟାକୁଳ ମେଘ ନ ହେବୁଟି, ଶଙ୍ଖ ନ ଛାଡ଼ିଲା କାତର, ଶୁଣିବ ଚପଳେ, ଦେଖି ତା ତୃଳ, ଚପଳ ପ୍ରବେଶ ହେଲା ଆସି ନେଇଥିଲେ—ବିଶେଷ୍ୟ ସ୍ଥାନରେ ବିଶେଷଣର ପ୍ରୟୋଗମାନ ଦୋଷବହ ବୋଲି କହନ୍ତି । ଏମାନଙ୍କର ପ୍ରାକୃତ ଭାଷାରେ ତଥା ସଂସ୍କୃତ ଭାଷାରେ ଅନଭିଜ୍ଞତା ସୂଚିତ ହୁଏ; କାରଣ ଏପରି ପ୍ରୟୋଗମାନ ପ୍ରାକୃତରେ ବହୁଳ ଓ ସଂସ୍କୃତରେ ମଧ୍ୟ ସ୍ଥାନେ ସ୍ଥାନେ ପରିଦୃଷ୍ଟ ହୁଏ । ପଲ୍ଲବଂ ନ ଆଶ୍ରମବାସିତ୍ ପ୍ରତ୍ୟାଖ୍ୟଂ ଭୂଷ । ସକଳପୁରବାସି ଦେଶ—ଭାଗବତ ୧୯ଶ ସ୍କନ୍ଧ । ଏ ପ୍ରୟୋଗମାନଙ୍କରେ—କୋମଳ—କୋମଳତ୍ୱ ବା ଗୁଣ ଅର୍ଥରେ ଗ୍ରହଣୀୟ ।

(୬) ଶୋଭିତ, ଲେଖିତ, ଗତ, ସଙ୍ଗତ, ପ୍ରସନ୍ନ, ପ୍ରାପ୍ତ, ରଞ୍ଜିତ, ଦଳିତ, ହୃଷ୍ଟ, ହର୍ଷିତ, ଶୁଷ୍କ, ମତ୍ତ, ମୋହିତ ପ୍ରଭୃତି ଶବ୍ଦମାନଙ୍କୁ ବିଶେଷଣ ରୂପେ ପ୍ରାମାଦିକ ଦେଖିବା ଅତ୍ୟନ୍ତ ଦୁଃଖର ବିଷୟ । ସଂସ୍କୃତରେ ସ୍ତ୍ରୀଲୋକ ପ୍ରତ୍ୟୟ କରି ଶବ୍ଦମାନଙ୍କୁ ଦେଲେ ବିଶେଷ୍ୟ ଅର୍ଥ ବୁଝାଏ । ସଂସ୍କୃତରେ ଏପରି ପ୍ରୟୋଗମାନ ବହୁଳ, ବିଶେଷତଃ କାଳିଦାସଙ୍କର ଏ ପ୍ରୟୋଗମାନ ଅତି ପ୍ରିୟ । (୭) ମନମଥ, ମନାନନ୍ଦ, ମନାନ୍ତର, ମନମୋହନ, ଜଗମୋହନ, ଜଗବନ୍ଧୁ, ଜଗତାନନ୍ଦ, ଖଗ୍ଗୀଳ, ମହାପ୍ରତାପୀ, ମହାବିବେକ, ଶଙ୍ଖିନୀ, କର୍ଣ୍ଣିକା, ଅହର୍ନିଶି, ମନକାମନା, ମନବାଞ୍ଛା, ଖଗଶ୍ରେଷ୍ଠ, ଭବଶୂନ୍ୟ, ହୃଷୀକେଶୀ ପ୍ରଭୃତି ଖାଣ୍ଟି ଓଡ଼ିଆ ପଦମାନଙ୍କୁ ସନ୍ଧିଦ୍ୱାରା ସମାସବଦ୍ଧମାନେ ପ୍ରାମାଦିକ ଭାଷା ଓ ସଂସ୍କୃତ ବ୍ୟାକରଣର ପରିଚୟ ପ୍ରଦାନ କରନ୍ତି । (୮) ବିଶେଷ୍ୟର ଯେ ଲିଙ୍ଗ, ବିଶେଷଣର ସେହି ଲିଙ୍ଗ ହେବ—ଏହା ସଂସ୍କୃତ ଭାଷାର ଧର୍ମ । ଓଡ଼ିଆ ଭାଷାରେ ଏହାର ବ୍ୟତିକ୍ରମ ଦେଖାଯାଏ; ଏହି ବ୍ୟତିକ୍ରମ ଦେଖାଯିବା ସ୍ୱାଭାବିକ । ବୈଦିକ ସାହିତ୍ୟରେ ଏହା ପରିଦୃଷ୍ଟ ହୁଏ, ସଂସ୍କୃତରେ ମଧ୍ୟ ତାହାର ଅଭାବ ଅଛି । କିନ୍ତୁ କଠୋର ନିୟମ ହେତୁ ତାହା ବିଶେଷତ୍ୱରେ ସ୍ଥାନଲାଭ କରି ପାରିଲା ନାହିଁ । (ସାମାନ୍ୟେ ନପୁଂସକମ୍, ବିଧେୟ ଇତ୍ୟାଦି—ସଂସ୍କୃତରେ ତାହାର ନିଦର୍ଶନ) । କଟାକ୍ଷ, ଅନୁରାଗୀ, ମନୋହାରୀ, ସର୍ବଗୁଣସମ୍ପନ୍ନା, ରତ୍ନବେଣୀ, ପଦ୍ମବାସୀ, ଶଙ୍ଖକୁସୁମାଳୀ, ସୁଲକ୍ଷଣା-ବିହାରୀ, ଚନ୍ଦ୍ରମୁଖୀ, ଗୁଣଶାଳୀ, ବୀଣାପାଣି, ଲାବଣ୍ୟବତୀ, କଳାବିଳାସୀ, ରସରଙ୍ଗବିହାରୀ ପ୍ରଭୃତି ଶବ୍ଦମାନ ଲାବଣ୍ୟବତୀରେ ଦେଖାଯାଏ । ଦୀନକୃଷ୍ଣ ଉପେନ୍ଦ୍ରଙ୍କଠାରୁ ପ୍ରାଚୀନ, ସମକାଳୀନ ନ ହେଲେହେଁ ଦୀନକୃଷ୍ଣ ବୟୋଜ୍ୟେଷ୍ଠ ଥିଲେ ଏବଂ ତାଙ୍କର ରସକଲ୍ଲୋଳ ଲାବଣ୍ୟବତୀର ବହୁପୂର୍ବେ ଲିଖିତ : ଦେଶଦାଣ୍ଡ, ଯଶୋଦା ଭାଗ୍ୟବନ୍ତ, କଳାନିଧିହାସୀ, ତିଳକଧାରୀ (ଦୀନକୃଷ୍ଣ) ଦୀନକୃଷ୍ଣଙ୍କଠାରୁ ପ୍ରାଚୀନ ଦେବଦୁର୍ଲ୍ଲଭ—ବିବିଧରୂପୀ, ଅପସ୍ମାର, ଅଯୋଗ୍ୟ ସୁଲଗ୍ନ, ମହାପାପୀ ପ୍ରଭୃତି (ରହସ୍ୟମଞ୍ଜରୀ):— ଦେବଦୁର୍ଲ୍ଲଭଙ୍କଠାରୁ ଶିଶୁ-ଶଙ୍କର ପ୍ରାଚୀନ, ଅବୋଧବାଳା, ଅଚଳକୋଳୀ, ପରବାସୀ ରମଣୀ, ପ୍ରୀତି ଅନୁରାଗୀ (ଉଷାଭିଳାଷ) ଏହି କେତେକ କବିଙ୍କର ପ୍ରୟୋଗ କେବଳ ପ୍ରଦର୍ଶିତ ହେଲା । ଏଥିରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ପ୍ରାଚୀନ ଓଡ଼ିଆ ଭାଷାରେ ବିଶେଷ୍ୟ ବିଶେଷଣର ଲିଙ୍ଗକୁ ଯଥାସମ୍ଭବ ଛାଡ଼ିବାକୁ ଲାଗିଥିଲା । ଭାଷାର ସହଜ ସରଳ ଓ ସ୍ୱାଭାବିକ ହୋଇଥିଲେ ବିଶେଷଣର ଲିଙ୍ଗ ବହୁସ୍ଥାନରେ ଛାଡ଼ି ଯାଇଥାଆନ୍ତା ଓ ଇଂରାଜୀ ଭାଷା ପରି ଭାଷାରେ ବଳ ଆସିଥାନ୍ତା ଏବଂ ସୁନ୍ଦର ଭାବନା କହିବାରେ ସଙ୍କୋଚ ବୋଧ କରୁ ନ ଥାଆନ୍ତେ— ଆମ୍ଭମାନଙ୍କ ମଧ୍ୟରେ ଏସବୁ ଜଗଦ୍ଦଳରୁ ଭାଷାକୁ ମୁକ୍ତ କରିବା ଉଚିତ । କିନ୍ତୁ ଦୁଃଖର କଥା ନୂତନ ପଣ୍ଡିତର ଲେଖକମାନଙ୍କ ହସ୍ତରେ ଭାଷା ପୁନର୍ବାର

ପଣ୍ଡିତ୍ ଗଣି କରି ସଂସ୍କୃତ-ମାଳାର ସୁନାମ ହାନି କରିବାକୁ ଲାଗିଲେ । ପୁନଶ୍ଚ ସଂସ୍କୃତ ବ୍ୟାକରଣ ପ୍ରୟୋଗଠାରୁ ସ୍ୱତନ୍ତ୍ରରୂପେ ଓଡ଼ିଆରେ ସ୍ତ୍ରୀଲିଙ୍ଗାନ୍ତ ଶବ୍ଦମାନ—କୁଟିଳାକ୍ଷୀ, ସୁଦନ୍ତୀ, କାଳସର୍ପିଣୀ, ଦୂଷଣଦୂଷା, ଅଙ୍ଗୁଳି, ବଳିଷ୍ଠା, ଶାଙ୍ଗ୍ର, 'କୃଶୋଦରୀ, ମୃଦୁଶା, ସୁଦୃଶୀ, ସୁଶ୍ରୀ, ସ୍ୱାଧୀନପତିକା ଓ ବିଦଗ୍ଧଚିନ୍ତାମଣିର ୪୭ ସ୍ଥଳରେ ପ୍ରକଟିତ୍ୱା, ବାଡ଼ଶୀ, ଶବ୍ଦାନିଶାନୀ, ଉତ୍ପଳିନୀ, କେତକଗନ୍ଧଦାୟୀ, ପ୍ରଦୀପ୍ତିକା, ଜନଲ୍ଲଭା, ଭାଗ୍ୟାବତୀ, ଉର୍ଣ୍ଣିକା, ସୁଦର୍ଶନିକା, ବସନ୍ତାଳୀ, ଉଦ୍ଧାଦକା, ଅନୁରାଗୀ, ପ୍ରଭେଦିକା—ପ୍ରାଚୀନ ଓ ଉପେନ୍ଦ୍ରଙ୍କ ପରବର୍ତ୍ତୀ ଅଭିମନ୍ୟୁଙ୍କ କାବ୍ୟାଦିରେ ପରିଦୃଷ୍ଟ ହୁଏ । ଦୁଃଖର କଥା ବିଦଗ୍ଧଚିନ୍ତାମଣି ପ୍ରମୁଖ ସମାଲୋଚକମାନେ ପ୍ରାଚୀନ ସାହିତ୍ୟର ଧାର ନ ଧରି ନିଜ ନିଜର ବ୍ୟକ୍ତିଗତ ବିଶେଷଜ୍ଞ ରୂପେ ପରିଚୟ ପ୍ରଦାନପୂର୍ବକ ମହାଜନଙ୍କ ପ୍ରତି ଆକ୍ଷେପ କରିଅଛନ୍ତି । ସାରଳାଦାସଙ୍କଠାରୁ ଆରମ୍ଭ କରି ବଳରାମ, ଜଗନ୍ନାଥ, ଅଚ୍ୟୁତ, ହଳଧର, ପୀତାମ୍ବର, ରଘୁନାଥ, ଧନଞ୍ଜୟ, ଦୀନକୃଷ୍ଣ, ଉପେନ୍ଦ୍ର, ଦାଶରଥି, ସଦାନନ୍ଦ, ଅଭିମନ୍ୟୁ, ଦୀନବନ୍ଧୁ ଓ ଭକ୍ତଚରଣ ପ୍ରଭୃତିଙ୍କ କୃତିମାନଙ୍କରେ ଉପର୍ଯ୍ୟୁକ୍ତ ପ୍ରୟୋଗମାନ ଅତ୍ୟଧିକ ପରିମାଣରେ ପରିଦୃଷ୍ଟ ହୁଏ । ଅଭିମନ୍ୟୁ ଉପେନ୍ଦ୍ରଙ୍କ ଏ ବିଷୟରେ ବଳଶାଳି ଅଟନ୍ତି—ପୂର୍ବବର୍ତ୍ତୀ ସାହିତ୍ୟିକ ଦୃଷ୍ଟାନ୍ତ ବିଷୟମାନ ଅଭିମନ୍ୟୁଙ୍କ ବିଦଗ୍ଧଚିନ୍ତାମଣିରେ ପର୍ଯ୍ୟୁଦସ୍ତର ଶବ୍ଦମାନ; କିନ୍ତୁ ଏଠାରେ ବିଶେଷଣର ଲିଙ୍ଗ ପ୍ରୟୋଗରେ ଅଭିମନ୍ୟୁ ବିଶେଷ ସ୍ୱାଧୀନତା ଅବଲମ୍ବନ କରିଅଛନ୍ତି—ବିଦଗ୍ଧଙ୍କ ଯୁକ୍ତି ଅନୁସାରେ ଅଭିମନ୍ୟୁଙ୍କ ବ୍ୟାକରଣଜ୍ଞାନ ଉପେନ୍ଦ୍ରଙ୍କଠାରୁ ଅତ୍ୟଧିକ ନ୍ୟୂନ ଥିଲା । ଅତି ବିଶେଷ କହିବା ନିଷ୍ପ୍ରୟୋଜନ—ଏହି ପ୍ରସଙ୍ଗରେ "ମୌନଂ ହି ଶୋଭନଂ" କହି ଯାଉ ହେଲୁ । ଶେଷରେ ଆମ୍ଭମାନଙ୍କର ସବିଶେଷ ଅନୁରୋଧ, ଏହି ସାହିତ୍ୟାନୁରାଗୀମାନେ ପ୍ରାଚୀନ ହିନ୍ଦୀ (ତୁଳସୀଦାସଙ୍କ ରାମଚରିତମାନସ), ବଙ୍ଗଳା, ମରହଟ୍ଟି ପ୍ରଭୃତିର ସାହିତ୍ୟମାନ ପାଠ କରନ୍ତୁ, ତେବେ ଯାଇ ସେମାନେ ଆମ୍ଭମାନଙ୍କ ଯୁକ୍ତିର ସାରବତ୍ତା ଉପଲବ୍ଧି କରି ପାରିବେ ।

ତୃତୀୟ ଦୋଷ :—କ୍ଲିଷ୍ଟତ :—ଉପେନ୍ଦ୍ରଙ୍କର କାବ୍ୟ କବିତା ସବୁରେ କ୍ଲିଷ୍ଟତା ତଥା ଅନ୍ୟାନ୍ୟ ଦୋଷମାନ ଲକ୍ଷିତ ହୁଏ । ବିଶେଷତଃ ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, କଳାକଉତୁକ ପ୍ରଭୃତି କାବ୍ୟମାନଙ୍କରେ କ୍ଲିଷ୍ଟତା ସହିତ ଅପ୍ରଯୁକ୍ତତା, ଗ୍ରାମ୍ୟତା, ଅନ୍ୟାର୍ଥ, ଅସ୍ପଷ୍ଟାର୍ଥ, ଅସମର୍ଥ, ଗୂଢ଼, ନେୟାର୍ଥାଦି ପ୍ରାୟଶଃ ପରିଦୃଷ୍ଟ ହୁଏ । ପୂର୍ବେ କହି ହୋଇଅଛି ଯେ ମୂଳାବୈଶିଷ୍ଟରେ ଦୋଷମାନେ ଗୁଣ ରୂପରେ ପରିଣତ ହୁଅନ୍ତି । ଲୋକେ ଉପେନ୍ଦ୍ରଙ୍କ କାବ୍ୟ କବିତାମାନ ପାଠ କରି ଏହି ଦୋଷମାନ ସାଧାରଣତଃ ଅନୁଭବ କରନ୍ତି । ସେଥିନିମନ୍ତେ ଶବ୍ଦାଳଙ୍କାର, ଦୋଷ, ଗୁଣ ଓ ରସ ପ୍ରଭୃତି ବିଷୟ ସଂକ୍ଷେପରେ ଆମ୍ଭମାନଙ୍କ ଦ୍ୱାରା ଆଲୋଚିତ ହୋଇଅଛି । ପୂର୍ବେ କହି ହୋଇଅଛି ଯେ କଷ୍ଟ, ଅନର୍ଥକ, ଅପ୍ରଯୁକ୍ତାଦି ଦୋଷ, ଅନ୍ୟାର୍ଥ, ନେୟାର୍ଥ, ଅସ୍ପଷ୍ଟାର୍ଥ, ଅବାଚକ, ଅପ୍ରତୀତ,

ଶ୍ଳେଷ, ଗୂଢ଼ାର୍ଥ, ସନ୍ଦେହ, ହେୟ, ଗ୍ରାମ୍ୟ, ଦୁଷ୍ଟ ଓ ଅଶ୍ଳୀଳାଦି ଯଥାକ୍ରମେ ଅନୁପ୍ରାସ, ଯମକ, ଅନୁକରଣ, ପ୍ରହେଳିକା. ଛନ୍ଦର ଶବ୍ଦବୋଧ, କାମଶାସ୍ତ୍ରବାର୍ତ୍ତା, ପଣ୍ଡିତଙ୍କ ଆଳାପ, ଶୀଘ୍ର ଅର୍ଥବୋଧ, ବ୍ୟାଖ୍ୟା, ପ୍ରକରଣ, ମହାକବିମତଙ୍କ, ନୀରସ, ଗୁପ୍ତ ଓ ଲକ୍ଷିତାଦି ଦ୍ୱାରା ଗୁଣରୂପେ ସ୍ୱୀକୃତ ହୋଇଥାନ୍ତି । ତେଣୁ ପ୍ରତି ଦୋଷ ନ କରି ତାହାର ବିଚାର କରିବା ଆବଶ୍ୟକ । ଉପେନ୍ଦ୍ର ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ, କଳାକଉତୁକାଦିରେ ବ, ସ ଓ ଜ ବର୍ଣ୍ଣମାନଙ୍କର ଆଦ୍ୟାନୁପ୍ରାସ ଓ ସ୍ଥାନାନୁପ୍ରାସ ରକ୍ଷା କରିଅଛନ୍ତି । ଏହା ସହଜ ବିଷୟ ନୁହେଁ । ମୂର୍ଖଙ୍କ କଥା ଦୂରେ ଥାଉ ଅତି ବିଦ୍ୱାନ୍ ବ୍ୟକ୍ତି ମଧ୍ୟ ଅଭିଧାନ ସାହାଯ୍ୟ ନେଇ ଏପରି କାବ୍ୟ ଲେଖିବା ସମ୍ଭବପର ନୁହେଁ । ଅଦ୍ଭୁତପ୍ରତିଭା, ଶକ୍ତି, ବ୍ୟୁତ୍ପତ୍ତି, ବିବେକ ଓ ବହୁଶାସ୍ତ୍ରଦର୍ଶିତାବଳରେ ଓ ଭଗବତ୍ କୃପାବଶତଃ ଏପରି କାର୍ଯ୍ୟ ସମାହିତ ହୋଇପାରେ । ଏଥିସକାଶୁ ଗୁଣ ଦ୍ୱାରା ସଙ୍ଗେ କେତେ ଶବ୍ଦ ସ୍ୱୀକାର-ପୂର୍ବକ ଶବ୍ଦମାନଙ୍କୁ ପଣ୍ଡିତ ଏକ ଉପଯୁକ୍ତ ସ୍ଥାନରେ ବ୍ୟବହାର କରିବାକୁ ହୋଇଥିଲେ, ତାହା କେବଳ ପଣ୍ଡିତଙ୍କ ଦ୍ୱାରା ଅନୁମେୟ । ରସକଲ୍ଲୋଳକାର ଦୀନକୃଷ୍ଣ ରସକଲ୍ଲୋଳର ଷୋଡ଼ଶ ଛାନ୍ଦର ୬୦ ପଦରେ ଉଲ୍ଲେଖ କରିଅଛନ୍ତି :— “କଥ ଅକ୍ଷରେ କଲି ଯେ ଗୀତ । କେତେହେଁ ଏଥି ନ ହେବ ସତ । କିନ୍ତୁ ହେଲେହେଁ ଜାଣିବ ଏଥି ଶ୍ରମହିଁ ସେତେ ହେ ॥” ଉପେନ୍ଦ୍ର ମଧ୍ୟ ତାଙ୍କ କାବ୍ୟ-ମାନଙ୍କରେ ଏହି ମର୍ମରେ ଲେଖିଅଛନ୍ତି :—“କେତେ କଷ୍ଟେ ହୁଏ ଗୀତ ନାହିଁ ଏ ବିଚାର । କରନ୍ତି ନାହିଁ ସେ ଭଲ କଥରେ ଆଦର ॥” ଛାନ୍ଦଭୂଷଣ ଛା ୧-୧୬ ପଦ । ସେହିରୂପେ ଏ ଗୀତ ଯ ବର୍ଣ୍ଣ ଭ୍ରମ ହୋଇ । ସୁଧୀ ସୁରସିକ-ମାନେ ଶୋଧି ଦେବେ ଯୁକ୍ତି ॥ ସୁ: ପ: ୧ ଛାନ୍ଦ ସକଳ ଛାନ୍ଦ ଏ ସରସ ଗୀତ । ଛତ ବର୍ଣ୍ଣ ଏ ନୂତନ ଜାତି । ସହିତ କବିତ୍ୱ ସହାୟମାନ । ସାତଶତ ପଞ୍ଚବିଂଶ ପଦେ ପୂର୍ଣ୍ଣ । ଯମକ ବନ୍ଧ । ଶବ୍ଦାର ଦୃଷ୍ଟି ପାଦାଦ୍ୟ ବନ୍ଧ । ସୁ: ପ: ୧୨-୬୦ ପଦ । କଳାକଉତୁକ ଏ ଗୀତ ନାମ ହେବ ଖ୍ୟାତିକ । କବୁଦ୍ଧେ ପ୍ରଭ ପାଦରେ ଦୀର୍ଘ ଅଦ୍ୟାନ୍ତ ନ । କଷ୍ଟଙ୍କୁ ଜାଣିବେ ସୁକବି ଯେଉଁମାନେ ପ୍ରାଜ୍ଞ । ନ ଥାଇ ଜ୍ଞାମରେ ଯେ ଜନ ସେହୁ ଦୋଷଜ୍ଞ । କଳି ନ ଥିବ ଅଭିଧାନ ଶବ୍ଦମାନଙ୍କ । କଥା ପ୍ରସଙ୍ଗ ବେଲ୍ଲିକ ଯଥା ସେହୁ ସେ ଲେକ ॥ ବୈଦେହୀଶ ବିଳାସରେ ବର୍ଦ୍ଦ, ବିନ୍ଦୁ, ବିକୁକ୍ତି, ବ୍ୟାକୋଷ ପ୍ରଭୃତି ଶବ୍ଦମାନଙ୍କର ପ୍ରୟୋଗ ବିଜ୍ଞବ୍ୟକ୍ତିଙ୍କ ତହିଁରେ ହେବା ତ ଆଶ୍ଚର୍ଯ୍ୟର ବିଷୟ ନୁହେଁ । ଦୀନକୃଷ୍ଣ ମଧ୍ୟ ରସକଲ୍ଲୋଳରେ ‘କ’ର ଆଦ୍ୟାନୁପ୍ରାସ ରକ୍ଷା କରିବା ନିମିତ୍ତ “କନ୍ଦର୍ପଜ ସୁହିତ, କୁମୁଦଦାନ, କୁଧର, କପର୍ଦ୍ଦୀପାନ କମଳପୋଦ୍ଭବକୁମାର-ଦର୍ପ, କମଳଧର, କାଳସ୍ୱ, କଶ୍ୟପନନ୍ଦନ-ବାହନ-ଶ୍ରେଷ୍ଠ କୁବଳୟ ପ୍ରଭୃତି ଶବ୍ଦମାନ ପ୍ରୟୋଗ କରିଅଛନ୍ତି । ଆମ୍ଭେମାନେ କହୁଁ ଯେଉଁମାନେ ମହାକାବ୍ୟ ରଚନାରେ ପ୍ରବୃତ୍ତ ହୁଅନ୍ତି, ସେମାନେ ଅଭିଧାନ

ସାହାଯ୍ୟ ନେବାରେ ପ୍ରାନ୍ତ ବାଧ ହୁଅନ୍ତି ଏବଂ ଯଦି ପ୍ରସଙ୍ଗର ଅନୁସନ୍ଧାନରେ (ପୁନରୁକ୍ତି ଅର୍ଥାତ୍ ପୁନଃପୁନଃ ଉକ୍ତି ଦୋଷ ପରିହାର ସ୍ଥଳରେ) ଯଦି ଅର୍ଥାନ୍ତର ସାଧାରଣରେ ଅପ୍ରଚଳିତ ଶବ୍ଦ କବି ପ୍ରୟୋଗ କରନ୍ତି, ତେବେ କବିଙ୍କ ଦୋଷ ସମ୍ବନ୍ଧରେ ତାହା ଆମ୍ଭେମାନେ ବୁଝିବାରେ ଅକ୍ଷମ (ଅଭିପ୍ରାୟର ଅନୁସନ୍ଧାନରେ ଏହା ସ୍ପଷ୍ଟ ହେବ)। ସେହିମାନେ ଉଦ୍ଦେଶ୍ୟ, ଅର୍ଥ ନ ବୁଝି ଉଚ୍ଚାର କରନ୍ତି, କବିଙ୍କଠାରେ ବୃଥା ଦୋଷାରୋପ କରନ୍ତି, ଉପେନ୍ଦ୍ର ତାଙ୍କୁ ଅଶେଷ ଗର୍ବ ମୁଦ୍ରା ପରିଣାମର ୧୩ ଶ ଛାନ୍ଦ ଶେଷରେ କହିଅଛନ୍ତି, "ସାରମେୟ ପ୍ରାୟ ହୋଇ ଏହି ନୃଶଂସପ୍ରାଣୀ। ସ୍ୱନ ବ୍ୟର୍ଥ ନ କହିବ ବୁଝି ଏ ଗୀତ। ସ୍ୱଭାବେ ଲୁହିଲ ଲୁଚିମ୍ବ ତାହା ପୁଚ୍ଛ ପରି। ଯିଏ ଲେଖିବାର ଶିଳ୍ପ ଜ କାବ୍ୟ ଅର୍ଥ ଜାଣି। ସମ୍ଭାବ୍ୟ ପୋଷଣ କିଛି ଭୂମ୍ଭ ଜାଣିବାର। ଶୁଣିଲ୍ଲ ଦେଲରେ ବାଚଂଯମ ଭୂତପରି।"

ସୁ ଭାବ୍ୟଙ୍କ ଶବ୍ଦମାନଙ୍କ ଅର୍ଥ ସହଜରେ ବୋଧଗମ୍ୟ ହେବ, ଏହା ଅଭିପ୍ରାୟରେ ଉପେନ୍ଦ୍ର ଗୀତାଭିଧାନ ପ୍ରସ୍ତୁତ କରି ପରବର୍ତ୍ତୀ ସାହିତ୍ୟିକ ଓ ପାଠକଙ୍କ ପନ୍ଥା ସୁଗମ କରି ଦେଇଅଛନ୍ତି। ସେକ୍ସପିଅର୍, ମିଲ୍ଟନ୍, ଟେନିସନ୍ ପ୍ରଭୃତି ଇଂରେଜ କବିମାନଙ୍କ ପ୍ରଯୁକ୍ତ ଶବ୍ଦାବଳୀର ଅଭିଧାନ ପରବର୍ତ୍ତୀ ପଣ୍ଡିତଙ୍କ ଦ୍ୱାରା କି ପରିଶ୍ରମରେ ସଙ୍କଳିତ ହୋଇଅଛି, ତାହା ସହଜେ ଅନୁମେୟ। ଉପେନ୍ଦ୍ର ସେହି କାର୍ଯ୍ୟ ନିଜେ ସାଧନ କରିଥିବାରୁ କି ଉପକାର ସାଧନ କରି ନାହାନ୍ତି। ଉପେନ୍ଦ୍ର ଏହି ଶବ୍ଦ ସ୍ଥାନ ବି ଶେଷୀ ତ ଭୁଲ। ବିକ୍ଷିପ୍ତ ସ୍ଥାନରେ ବ୍ୟବହୃତ ଯେ ହୁଏତ, ଉପଯୁକ୍ତ ସ୍ଥାନରେ ତାହାର ଅର୍ଥ କହି ଉପେନ୍ଦ୍ର ନ ଅଭ୍ୟାସ କଲେ ତାହା ବୁଝାଯାଇ ନାହିଁ। ସଂସ୍କୃତ ସାହିତ୍ୟରେ କାଳିଦାସ, ଶ୍ରୀହର୍ଷ ପ୍ରଭୃତି ହୋଇ ପୂର୍ବ ଦିଗ, ଧନ୍ୟ ଉପସର୍ଗ ବେଦ, ପ୍ରଭୃତିଶବ୍ଦ ଯେଉଁ ନିମ୍ନସ୍ଥ ତଥାପି—ପଦମାନ ହେବହିରି, ଅନୁବେଦ, ନିମ୍ନସ୍ଥ ପ୍ରଭୃତିଶବ୍ଦକାର ସ୍ଥାନରେ ଲେଖିଅଛନ୍ତି। ଉକ୍ତ ପ୍ରୟୋଗମାନ ଉପେନ୍ଦ୍ରଙ୍କର ସଂସ୍କୃତ ସାହିତ୍ୟରେ ବିଶେଷରୂପେ ଅଧିକାର ଥିବା ପ୍ରକାଶ ହୁଏ। କାଳିଦାସଙ୍କରେ ଶବ୍ଦାଳଙ୍କାରସହ କଳାବିଦ୍ୟାର ମଧ୍ୟ ଶିକ୍ଷା ପ୍ରଦାନ ହେଉଥିଲା। ତାଙ୍କ ଓଡ଼ିଶାର ଅନୁଶୀଳନ ହେତୁ ଶ୍ରୀଭଗବତ ଓ ଦାସ୍ୟାମ୍ବୁକଙ୍କ କାମସୂତ୍ର ତଥା ଜାମ୍ବୁମଙ୍ଗଳ ଟୀକାରେ ଲିଖିତ ଅଛି। ବାତ୍ସ୍ୟାୟନ କହନ୍ତି ଜନ୍ୟମାନେ ମଧ୍ୟ ଚତୁଃଷଷ୍ଟି-କଳାର ଅଭ୍ୟାସ କରିବେ। କଳା ବିଦ୍ୟା ସହିତ ସାହିତ୍ୟର ଯେଉଁ ଘନିଷ୍ଠ ସମ୍ବନ୍ଧ ଶବ୍ଦମାନ ତାହା ଚିନ୍ତାଶୀଳ ସାହିତ୍ୟିକଙ୍କୁ ବିଶେଷରୂପେ ବିଦିତ ଅଛି। ସୌନ୍ଦର୍ଯ୍ୟ, ସୁରୁଚି, ବୈଚିତ୍ର୍ୟ ଓ ରହସ୍ୟମୟ ବ୍ୟାପାରମାନ କଳାବିଦ୍ୟାରେ ପରିପୂର୍ଣ୍ଣ। କଳାବିଦ୍ୟାର ଅନୁଶୀଳନ ନିମିତ୍ତ କା

ଭୂଷିମଣ୍ଡ, ଚତୁରତା ଓ ପାଣ୍ଡିତ୍ୟ ଅବଲୋକ ତାହା ବର୍ଣ୍ଣନ ଚାଲିଅଛି କବିମାନେ ଜାଣନ୍ତି । ପୂର୍ବେ କହେଁଛି କହୁଅଛୁ ଯେ ଚଉଷଠି କଳା ମଧ୍ୟରେ ଅନ୍ୟାନ୍ୟଙ୍କ ସହିତ ପ୍ରହେଳିକା, ଛନ୍ଦମାଳା, ଦୁର୍ବାଚକ ଯୋଗ ପୁସ୍ତକ ବାଚନ, ନାଟକାଖ୍ୟାୟିକାଦର୍ଶନ, କାବ୍ୟସମସ୍ୟା ପୂରଣ- ( ଏହି ଛଅଗୋଟି କଳାବିଦ୍ୟାରେ ବଚନକୌଶଳ ), ଅକ୍ଷର ମୁଷ୍ଟିକା କଥନ, ମାନସୀ କାବ୍ୟକ୍ରିୟା ଓ ଛଳିତକ ଯୋଗ ଅନ୍ତର୍ଗତ । ଏହିସବୁ ଇତର ସାଧାରଣଙ୍କ ଭୂଷିରା ଅଗୋଚର . ନାୟକ ନାୟିକା, ନାୟିକା ଓ ସହଚରୀଙ୍କ ମଧ୍ୟରେ ଏ ସବୁର ପ୍ରୟୋଗ ଉପେନ୍ଦ୍ରଙ୍କ କାବ୍ୟ ପ୍ରଭୃତିରେ ପରିଦୃଷ୍ଟ ହୁଏ । ଏହାକୁ ଅଧୁନାକ ଶିକ୍ଷିତମାନେ ଅସ୍ୱାଭାବିକ ବୋଲି କହନ୍ତି । ପୂର୍ବକାଳରେ ଏ ସବୁରେ ଯେମାନେ ଶିକ୍ଷା ଅଭ୍ୟାସ କରୁଥିବା ହେତୁ ତାହା ସେମାନଙ୍କ ପାଖରେ ସୁଗମ ହୋଇଥିଲା । ଉପେନ୍ଦ୍ରଙ୍କ କାବ୍ୟ କବିତାରେ ପୂର୍ବୋକ୍ତ ବିଷୟମାନଙ୍କ ସନ୍ନିବେଶ ବହୁଶଃ ପରିଦୃଷ୍ଟ ହୁଏ । କବିତାପୂର୍ବସ୍ଥ ଚତୁଷ୍ୟମଣ୍ଡି ଓ ଲୁହ୍ରାଶିମଣ୍ଡି—ଏହା ମହାକବି ଉପେନ୍ଦ୍ର ସ୍ୱ କାବ୍ୟମାନଙ୍କରେ ନାନାସ୍ଥାନରେ ନିର୍ଦ୍ଦେଶ କରିଅଛନ୍ତି । ବୈଦେହୀଶ ବିଳାସ ଅଷ୍ଟ ପୂର୍ବ ନଃ ସ୍ଥ ୫—୩୦ ପଦ' ଏ ଛନ୍ଦେ ଯେତେ ଶୁଦ୍ଧର୍ଣ୍ଣ ବ: ସ୍ତା: ୬-୨୨ ପଦ । ଏ ଲକ୍ଷ୍ମଣ ପୋଳବଳ ସବୁ ପୁଷ୍ଟ ତଳି— ପ୍ରେ: ମୁ ଘ: ୯୬-୯୩ ପଦ । ଶୁଣ ରାଣୀ ପ୍ରଣମ୍ୟ ମନେ ଏଥି ଉଦୟ; କୋ: ବ୍ର: ଛା ୯-୧ ପଦ । ରସିକେ ରସିକ କୋବିଦ ଜନେ ଯେ ଏ ଛନ୍ଦ ସ୍ୱର୍ଣ୍ଣରୀ ପୂର୍ଣ୍ଣ—କୋ: ବ୍ର: ୯ ଛାନ୍ଦ । ବୁଧବୋଧକ ଡ ଉଦୟ-ଲ୍ଲ୨୨-୨୨-୨୩ ପଦମାନ । ବିନ୍ୟାସ କରନ୍ତି କବିନ୍ଦ୍ର ଶୃଙ୍ଗାରୀ ଜବ ସଗୁଣେ ମନେ-ରସି: କ: ୧୧୮ ପଦ । ଚିତ୍ରନ୍ଧି ଜାଣେ ଉପେନ୍ଦ୍ର ଗୁହ୍ୟ ଉପଯୋଗ ରସପଣ୍ଡିକ । ଏହି ଷଷ୍ଠିଯୌକ୍ତି ଲକ୍ଷ୍ୟମଣ୍ଡି ଲକ୍ଷ୍ୟ ଯଥା ବକ୍ରୋକ୍ତିର ଅଭିବ୍ୟକ୍ତିରେ ଓ ଅଳଙ୍କାରର ସମର୍ଥନରେ ସ୍ୱମା ଅର୍ଥରେ—ସ୍ୱମନେ ଦନ୍ଧିବଚନରେ ଜଳୁ ଜପ । ମାର ଅର୍ଥରେ—ରମା ରସଶିଷ୍ଟ ସେହିକାଳେ । ଅନଳ ଅର୍ଥରେ—ଭୀମ ଅନଳ ଛଳାର—ପ୍ରୟୋଗମାନ ଲାବଣ୍ୟବତୀ ପ୍ରଭୃତିରେ ପରିଦୃଷ୍ଟ ହୁଏ । ସେ ସବୁ ଅନ୍ୟ ବୋଧସ୍ଥ ଶ୍ରୀକୃଷ୍ଣ ଦେବାଦ୍ରିଲେଖ କଳା ଦୃଷ୍ଟିରେ ଭାବୁକଙ୍କର ପ୍ରାଚୀନ ସାହିତ୍ୟରେ ସେମାନଙ୍କୁ ଦୋଷରୂପେ ଗ୍ରହଣ କରିବାକୁ ହେବ ନାହିଁ । ସତ୍ୟ ତରେ କଳାବିତ୍ ରସିକ କବିମାନଙ୍କର ଏପରି ଉକ୍ତିମାନଙ୍କୁ ଦୋଷ ମଧ୍ୟରେ ଗ୍ରହଣ କରି ଆଲଙ୍କାରିକମାନେ ଲକ୍ଷ୍ୟଭ୍ରଷ୍ଟ ହୋଇ ପଡ଼ି ଜଣାଯାଉଛନ୍ତି । ଏପରି ଶୃଙ୍ଗାରୀ ଉକ୍ତିମାନ ଘନଭଞ୍ଜ, ଉପେନ୍ଦ୍ର, ଭକ୍ତଚରଣ, ଅଭିମନ୍ୟୁ ପ୍ରଭୃତିଙ୍କ କାବ୍ୟମାନଙ୍କରେ ପ୍ରାୟ ପରିଦୃଷ୍ଟ ହୁଏ । ତେଣୁ ତାହା ଉତ୍କଳ କାବ୍ୟର ବିଶେଷତ୍ୱ ରୂପେ ଗ୍ରହଣ କରିବାକୁ ହେବ । ଆହୁରି ଏଥି ଜାଣିବା ଉଚିତ ଯେ ସବୁଠାରେ ଅର୍ଥ ପ୍ରତୀତ ହେଲେ ଏବଂ ଭାବ ବୋଧମାନ ଗୁଣରୂପେ ପରିଗଣିତ ହେବା ଉଚିତ ।

ଉପେନ୍ଦ୍ରଭକ୍ତ ପ୍ରମୁଖଙ୍କର 'ଏ ସବୁରେ ଦୋଷ ହୁଏ' ଏହି ଜ୍ଞାନ ଲେଶ ନ ଥିଲା, ଏହା କହିବା ବୁଦ୍ଧିମାନ୍ଦ୍ୟର ନିଦର୍ଶନ ମାତ୍ର । ବିଜୟଚନ୍ଦ୍ର କହନ୍ତି, "ଯେତେ ପଢ଼ନ୍ତି ଯାହାଙ୍କୁ ଉପେନ୍ଦ୍ରଙ୍କ କାବ୍ୟ ଗୁରୁ ଦୁର୍ବୋଧ; ସେମାନେ ତାଙ୍କ କାବ୍ୟରୁ କିଛି ନ ପଢ଼ି କେବଳ ଶୁଣାଶୁଣିରୁ ମନେ ରଖିଥିବା ପଦେ ଅଧେ ବଖାଣି ନିଜ ନିଜ ପାଣ୍ଡିତ୍ୟ ପ୍ରଦର୍ଶନର ପରିଚୟ ପ୍ରଦାନ କରନ୍ତି; ଏହା ଅଳ୍ପାଂଶଙ୍କ ପ୍ରତି ପ୍ରଯୁଜ୍ୟ ।" ଆମ୍ଭ-ମାନଙ୍କ ମତରେ ବିଜୟଚନ୍ଦ୍ର ଓ ତାଙ୍କ ସାହାଯ୍ୟକାରୀମାନେ ଏହି ପନ୍ଥାର ପଥିକ ଥିଲେ । ଏପରି ମନ୍ତବ୍ୟ ପ୍ରକାଶ କରିବାର ଅଭିପ୍ରାୟ କଣ ? ଅନଭିଜ୍ଞତା ଗୋପନପୂର୍ବକ ଜନସାଧାରଣରେ ପର ପ୍ରତି ଆକ୍ଷେପ କରି କୌଶଳବାଟରେ ନିଜର ପାଣ୍ଡିତ୍ୟ ପ୍ରକାଶ କରିବାର ଏହା କୃତିତ୍ୱପୂର୍ଣ୍ଣ ଉପାୟବିଶେଷ ଅଟେ । ଆମ୍ଭେମାନେ ଦୃଢ଼ଭାବରେ କହିପାରୁଁ ଯେ, ବିଜୟଚନ୍ଦ୍ର ଓ ମନମୋହନଙ୍କର ସମ୍ପ୍ରଦାୟ ଯେ ହୃଦୟରେ ପ୍ରକୃତ ଅଭିଜ୍ଞ ଥିଲେ ଓ ସେମାନେ ଉପେନ୍ଦ୍ରଙ୍କ କାବ୍ୟମାନ ଅଭିନିବେଶ ସହ ଯଥାଯଥ ପାଠ କରିଥିଲେ ସେମାନଙ୍କ ସ୍ଥିର ନିଶ୍ଚୟ ଅନ୍ୟ ପ୍ରତି ଧାରଣ କରି ଥାଆନ୍ତା । ସମସ୍ତ ସମୟରେ ବିଦ୍ୱେଷ ମଧ୍ୟ ଗୁଣୀଙ୍କ ଗୁଣ ସ୍ୱୀକାର କରେ ନାହିଁ । ଯଦ୍ୟପି କୌଣସି କାଳୀୟ କବି ଉପେନ୍ଦ୍ରଙ୍କର ଦୋଷାଂଶକୁ ଏକ ଅଂଶର ଅଧିକାଂଶ ହୋଇ ଲକ୍ଷ୍ୟ ଖଣ୍ଡରେ କାବ୍ୟ ପ୍ରଣୟନ କରିଥାଆନ୍ତେ, ତେବେ ସମ୍ଭବତଃ ଭାରତ ଆକାଶ ପ୍ରଶଂସାର ଅତ୍ୟୁଚ୍ଚ ଧ୍ୱନିରେ ସମ୍ପୂର୍ଣ୍ଣ ନିମଗ୍ନ ହୋଇ ଥାଆନ୍ତା । ପୁନଶ୍ଚ ଅନ୍ୟ କେତେକ ଦୋଷ ଉପେନ୍ଦ୍ରଙ୍କଠାରେ ନ୍ୟସ୍ତ କରନ୍ତି—"ଉପେନ୍ଦ୍ରଙ୍କ ନାଟକୀୟ ବା ଔପନ୍ୟାସିକ କାବ୍ୟମାନଙ୍କରୁ ସ୍ପଷ୍ଟତଃ ବୋଧ ହୁଏ ଯେ, ତାଙ୍କର ମାନବଜୀବନ ବିଷୟରେ ଅତି ସଂକୀର୍ଣ୍ଣ ଧାରଣା ଥିଲା । ସେ ନିଜକୁ ଭିତରର ଅପ୍ରାକୃତିକ ଜୀବନନାଟ୍ୟାରେ ରଚ ଅବାସ୍ତବ ଥିବା ହେତୁ ଏବଂ ସଂସାରର ଦୁଃଖଯନ୍ତ୍ରଣାମୟ ଜୀବନର ଘଟଣାମାନଙ୍କର ସମ୍ମୁଖୀନ ହୋଇ ନ ଥିବା ହେତୁ ମାନବଜୀବନର ପ୍ରକୃତ ସ୍ୱଭାବ ଭାବ ତାଙ୍କୁ ପୂର୍ଣ୍ଣଭାବରେ ଅବଗତ ଥିଲା; ଉପେନ୍ଦ୍ରଙ୍କ ଭୌଗୋଳିକ ଜ୍ଞାନ ଦୋଷଯୁକ୍ତ । କୂପମଣ୍ଡୂକର ଦୂଷିତ ଜଳବାୟୁରେ ତଥା ପରିବେଷ୍ଟନରେ ତାଙ୍କର ହୃଦୟର ବଳ ଓ ସରସତା ନଷ୍ଟପ୍ରାୟ ହୋଇ ଯାଇଥିବା ହେତୁ ବିଶାଳ ସମୁଦ୍ର ଓ ପାର୍ବତ୍ୟ ଅଞ୍ଚଳାଦିର ମନୋହର ଦୃଶ୍ୟାବଳି ତାଙ୍କ ହୃଦୟରେ ଭାବାନ୍ତର ଜାଗ୍ରତ କରାଇ ପାରି ନ ଥିଲା । ଲାବଣ୍ୟବତୀରେ ସମୁଦ୍ରର ବର୍ଣ୍ଣନା ନ କରିବା ଅର୍ଥାତ୍ ସମୁଦ୍ର କୂଳରେ ବସି ଅନ୍ୟ ନ ଦେବା ତାହାର ପ୍ରକୃଷ୍ଟ ନିଦର୍ଶନ । ତାଙ୍କ କାବ୍ୟ-ମାନଙ୍କରେ ଚିତ୍ରିତ ମାନବଜୀବନରେ ପ୍ରାଣବତ୍ତା ଓ ସରସତା ନାହିଁ; ଅର୍ଥାତ୍ ଚିତ୍ରିତ ମାନବଜୀବନ ଆଳସ୍ୟ ତଥା ବ୍ୟସନମୟ ଭୋଗବାଦ ଲକ୍ଷ୍ୟ । ଉପେନ୍ଦ୍ରଙ୍କ ଔପନ୍ୟାସିକ କାବ୍ୟମାନଙ୍କରେ ମାନବଜୀବନର ସଂକୀର୍ଣ୍ଣତା, ଅନୁ-ଦାରଭାବ ଏବଂ କୃତ୍ରିମ ଭାବାଦି ପରିଦୃଷ୍ଟ ହୁଏ" । ଯେଉଁ ଯୁଗରେ ଉପେନ୍ଦ୍ରଙ୍କ କାବ୍ୟମାନ ଲିଖିତ ସେହି ଯୁଗରେ ପ୍ରାୟ ଭାରତର ଅନ୍ୟତ୍ର ତଥା ଉତ୍କଳର

ପ୍ରାଚୀନ ଲକ୍ଷଣମାନେ ହିଁ ସ୍ୱୀକାର୍ଯ୍ୟ ବୋଲି ଲେଖିଅଛନ୍ତି । ଏହି ଦୋଷ ହେତୁ ଏମାନଙ୍କଠାରେ ଅଳଙ୍କାର ଶାସ୍ତ୍ରମାନଙ୍କର ପ୍ରଭୁତ୍ୱ । ଔପନ୍ୟାସିକ କାବ୍ୟ—ଧର୍ମ ବା ନୀତି ଶାସ୍ତ୍ର ନୁହେଁ । ମାନବଜୀବନର ଚତୁର୍ବର୍ଗ ଉଦ୍ଦେଶ୍ୟ ତାହା ଯଥାକ୍ରମେ ଧର୍ମ, ଅର୍ଥ, କାମ ଓ ମୋକ୍ଷ । ସାଧାରଣ ମାନବଜୀବନରେ ଅର୍ଥାତ୍ ସଂସାରୀ ଲୋକମାନଙ୍କ ଜୀବନରେ ମୋକ୍ଷର ବିଷୟ ମୁଖ୍ୟତଃ ବିବେଚ୍ୟ ନୁହେ । ମାନବର ସମସ୍ତ କ୍ରିୟା କଳାପ ଧର୍ମ ଉପରେ ପ୍ରତିଷ୍ଠିତ । ମନୁଷ୍ୟ କୌଣସି କାର୍ଯ୍ୟ ନ କରି ରହି ପାରେ ନାହିଁ; ତେଣୁ ସେ ଯାହା କରେ ତାହା କର୍ମ, ଅକର୍ମ ଓ ବିକର୍ମ ନାମରେ କଥିତ । ଶାସ୍ତ୍ରବିହିତ ଆଚରଣ ନାମ କର୍ମ । ଶାସ୍ତ୍ରବିହିତ ସଦାଚରଣର ଅପାଳନାକୁ ଅକର୍ମ ଓ ଶାସ୍ତ୍ରନିଷିଦ୍ଧ ଆଚରଣ ବିକର୍ମ ନାମରେ ଅଭିହିତ । ଧର୍ମ ଆଚରଣକୁ କର୍ମ, ତାହାର ଅପର ନାମ ଧର୍ମ । ମନୁଷ୍ୟ ଯେ ମହାପୁରୁଷ ତାହା ପୃଥକ ଜଣା-ଯାଏ । କର୍ମ ପରିପାଳନରୁ, ଅପର ଜୀବଙ୍କଠାରୁ ପାର୍ଥକ୍ୟ ଜାଣ । ଧର୍ମର ଯଥାଯଥ ଆଚରଣ ନିମନ୍ତେ ସ୍ୱାସ୍ଥ୍ୟ ରକ୍ଷଣ ଆଦୌ କର୍ତ୍ତବ୍ୟ । "ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍ ।" ଶରୀରର ରକ୍ଷା ନିମନ୍ତେ ଆହାର ତୁଲ୍ୟ କାମ ମଧ୍ୟ ନିତାନ୍ତ ଆବଶ୍ୟକ । କାମର ଉପଯୁକ୍ତ ସେବା ନ ହେଲେ ସ୍ନାୟୁ ଉତ୍ତେଜନାବଶତଃ ଉନ୍ମାଦାଦି ନାନା ରୋଗ ହେତୁ ଶରୀରର ଅପଚୟ ହୁଏ । ଧର୍ମ, ଅର୍ଥ ଓ କାମ ମଧ୍ୟରେ କାମଠାରୁ ଅର୍ଥ ଗରୀୟାନ୍, କାରଣ ପ୍ରାୟତଃ ଅର୍ଥଦ୍ୱାରା କାମ ସାଧିତ ହୁଏ । ପୁନଶ୍ଚ ଅର୍ଥଠାରୁ ଧର୍ମ ଗରୀୟାନ୍, କାରଣ ଅର୍ଥ ଧର୍ମଦ୍ୱାରା ସାଧିତ ହୁଏ । ମାନବଜୀବନର ସୁଖ ବୋଧ ନିମନ୍ତେ କାମଶାସ୍ତ୍ରର ଅନୁଶୀଳନ ଓ ଉପଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଅବଶ୍ୟ କରଣୀୟ । ନାୟକ ନାୟିକାଙ୍କ ପ୍ରେମ ବିଷୟ ପ୍ରଧାନତଃ ଔପନ୍ୟାସିକ କାବ୍ୟମାନଙ୍କରେ ବର୍ଣ୍ଣିତ ହୁଏ । ଧର୍ମ, କାମ ଓ ଅର୍ଥଗତ ବିଷୟମାନ ଗୌଣ-ଭାବରେ ସ୍ଥାନ ଲାଭ କରେ, ଧର୍ମ ଓ ଅର୍ଥ ବିନା ହେଲେ କାମର ତୃପ୍ତି, ପୁଷ୍ଟି ତଥା ସନ୍ତୁଷ୍ଟିର ଅବକାଶ ନାହିଁ । କାମର ଚରିତାର୍ଥତା ପରେ ନିଷ୍କାମତ୍ୱର ସ୍ଥିତି ଆସେ । ତାହା ଏ ସ୍ଥଳରେ ବର୍ଣ୍ଣ୍ୟ ନୁହେଁ । ଅନୁରୂପତ ଅସ୍ତିତ୍ୱ ଲୋକଙ୍କ ପ୍ରବୃତ୍ତିମାର୍ଗରେ ହେଉ ପରେ ନିବୃତ୍ତି ସ୍ୱତଃ ଆସେ । ଯେଉଁ ସ୍ଥାନ ସମ୍ଭବ ଧର୍ମ, ଅର୍ଥ ଓ କାମର ଯଥାଯଥ ସେବା ସମ୍ଭବ ହୁଏ, ସେହି ସ୍ତ୍ରୀ ମଧ୍ୟ ନିବୃତ୍ତି ମାର୍ଗର ସଦାଚରଣରେ ସ୍ୱାମୀଙ୍କ ସହଧର୍ମିଣୀ ଭୂମେ ବସେ ; ମହାଭାରତକାର ଯଥାର୍ଥ କହିଅଛନ୍ତି—"ଅର୍ଦ୍ଧଂ ଭାର୍ଯ୍ୟା ମନୁଷ୍ୟସ୍ୟ ଭାର୍ଯ୍ୟା ଶ୍ରେଷ୍ଠତମା ସଖା, ଭାର୍ଯ୍ୟା ମୂଳଂ ତ୍ରିବର୍ଗସ୍ୟ ଭାର୍ଯ୍ୟା ମୂଳଂ ତରିଷ୍ୟତଃ ।" ଔପନ୍ୟାସିକ କାବ୍ୟରେ ଲେଖକଙ୍କ ଜୀବନରେ କାମର ପ୍ରାଧାନ୍ୟ ସ୍ୱୀକରଣୀୟ । ପ୍ରାଣୀର ସ୍ୱଭାବରେ, ଅନୁରାଗର ପ୍ରାବଲ୍ୟରେ ନାୟକ ନାୟିକାଙ୍କ ବୈଧ ପ୍ରେମ ବା କାମଗତ ସତ୍ୟ ମୁକ୍ତ ବାସ୍ତବ କ୍ରିୟାକଳାପର ଯଥାଯଥ ଅଭିବ୍ୟକ୍ତି ମାନବଜୀବନରେ ସଂକୀର୍ଣ୍ଣତା, ସନ୍ଧାନତା ତଥା ଦେହକୋଳାହଳ ବହିର୍ଭୂତ ନ ହୋଇ ବରଂ ପ୍ରାଣର ଉଚ୍ଛ୍ୱାସ ଆବେଗ, ଉତ୍ତେଜନା ଓ ଉନ୍ମାଦନାର ମଧୁମୟ ଚେତନାରୂପେ ଗ୍ରହଣୀୟ । ଏବକାଧ

ଶୃଙ୍ଗାରରସର ଅତ୍ୟଧିକ ବିଶ୍ଳେଷଣରେ ମାନବଜୀବନରେ ସଙ୍କୀର୍ଣ୍ଣତା ଅଧିକ ସୂଚିତ ହୁଏ । ଏପରି ମତ ଦେଇ କବିତା ଜୀବନର ଗାରସ ଜଡ଼ିତ୍ୱ ତଥା ମଣିର ବିଚିତ୍ରିତା ଓ ପ୍ରମତ୍ତତାର ନିର୍ଦ୍ଦେଶକ । କିନ୍ତୁ, ଆମ୍ଭେମାନେ କହୁଁ ବିଜୟଚନ୍ଦ୍ରଙ୍କ ସମାଲୋଚନା ଏକଦେଶଦର୍ଶିତା ତଥା ବିଦ୍ୱେଷରେ ପୂର୍ଣ୍ଣ ଅଟେ । ଉପେନ୍ଦ୍ରଙ୍କ ଭୌଗୋଳିକ ଜ୍ଞାନ ଭ୍ରମାତ୍ମକ । ଏ ବିଷୟରେ ଆମ୍ଭେମାନେ ଏକମତ, କାରଣ ସେ ଅନେକ ସ୍ଥଳରେ ଦେଶମାନଙ୍କ ନାମ ଉଲ୍ଲେଖକରିବାରେ ପଟ ଓ ପଟକୁ ଦୁଇଟି ଭୂଖଣ୍ଡରୂପେ ଗ୍ରହଣ କରିଅଛନ୍ତି । ମଣ୍ଡଳର ଅବସ୍ଥିତି ମଧ୍ୟ—ତାହା ତାଙ୍କୁ ଅବିଦିତ ଥିଲା । ଦେଶମାନଙ୍କର ଅବସ୍ଥିତି ବିଷୟରେ ମଧ୍ୟ ସେ ଭ୍ରମ ମତ ଖ୍ୟାପନ କରିଅଛନ୍ତି । ଦେଶ, ପର୍ବତ, ନଦୀମାନଙ୍କ ଅବସ୍ଥିତି ଓ ନାମକରଣରେ ଆମ୍ଭେମାନେ ସାରଳା ଦାସ, ବଳରାମ ଦାସ ପ୍ରଭୃତି ପ୍ରାକୃତ ପୁରାଣ ଲେଖକ ତଥା କାବ୍ୟମାନଙ୍କରେ ଭ୍ରମ ସ୍ୱୀକାର ଦେଖୁଁ । ସେ ଭ୍ରମ ତେତେଦୂର ଉଲ୍ଲେଖ୍ୟ ନୁହେଁ । କାବ୍ୟର ପ୍ରସଙ୍ଗ ବିଚାରର ତାହା ଗୌଣାଂଶ ମାତ୍ର । ଏ ଦୋଷକୁ ଅବଶ୍ୟ ଆମ୍ଭେମାନେ ସମର୍ଥନ କରୁ ନାହୁଁ । ଏହି ଦୋଷ ମଧ୍ୟ ସଂସ୍କୃତ ପୁରାଣ ଓ କାବ୍ୟାଦିରେ ଅଳ୍ପାଧିକ ପରିମାଣରେ ପରିଦୃଷ୍ଟ ହୁଏ ।

ପ୍ରକୃତିର ମନୋହର ଦୃଶ୍ୟଗୁଡ଼ିକ—ଯଥା ସମୁଦ୍ର ଓ ପର୍ବତାଦିର ଦୃଶ୍ୟ ଉପେନ୍ଦ୍ରଙ୍କ ହୃଦୟରେ ଭାବାନ୍ତର ଆଣି ପାରି ନ ଥିଲା । ବିଜୟଚନ୍ଦ୍ର ମଜୁମଦାରଙ୍କ ସମୁଦ୍ର ବର୍ଣ୍ଣନାକୁ ଲକ୍ଷ୍ୟ କରି ବୋଧହୁଏ ଉପେନ୍ଦ୍ରଙ୍କୁ ଏପରି କହିଅଛନ୍ତି । ମଜୁମଦାରଙ୍କ ସମୁଦ୍ରବର୍ଣ୍ଣନାର ଅନୁରୂପ ସମୁଦ୍ରବର୍ଣ୍ଣନା ଆମ୍ଭେମାନେ ମହାଭାରତରେ ଦେଖିବାକୁ ପାଉଁ, କିନ୍ତୁ ରାମାୟଣରେ ଦେଖିବାକୁ ପାଉ ନା । ସୁତରାଂ ସମୁଦ୍ର ବର୍ଣ୍ଣନାର ଅବକାଶ ଥିବା ସତ୍ତ୍ୱେ ଅନେକ କବି ମଧ୍ୟ ସମୁଦ୍ର ବର୍ଣ୍ଣନା କରି ନାହାନ୍ତି, ତେବେ କଣ ସେମାନେ ପ୍ରକୃତିର ମନୋହର ଦୃଶ୍ୟରେ ଆକୃଷ୍ଟ ହୋଇ ନ ଥିଲେ । ସମୁଦ୍ରର ବର୍ଣ୍ଣନା ନ ହେଲା ବୋଲି ସେ ପ୍ରଭାବ ଅନୁଭବ ହେଲ ଏହା କହିବା ସମୀଚୀନ ନୁହେଁ । ନଦୀ, ନଗର, ଦ୍ୱୀପ, ସରୋବର, ନାରୀ, ନଗରଦ୍ୱାର, ବନଭୂମି, ଗିରି, ଉପବନ, ଚନ୍ଦ୍ରସୂର୍ଯ୍ୟଙ୍କ ଉଦୟ ଓ ଅସ୍ତକାଳୀନ ପ୍ରଭାତ ଓ ସନ୍ଧ୍ୟା, ମୃଗୟା, ଜଳବିହାରାଦିର ଜୀବନ୍ତ ଚିତ୍ରଣ ଓ ବନସ୍ଥ ବୃକ୍ଷ, ଲତା, ପଶୁ ଓ ପକ୍ଷୀଗଣଙ୍କ ଚେଷ୍ଟାଦିର ସରସ ଓ ବୈଚିତ୍ର୍ୟପୂର୍ଣ୍ଣ ଆଲେଖ୍ୟ ବିଜୟଚନ୍ଦ୍ରଙ୍କ ହୃଦୟରେ ଯେ ଭାବାନ୍ତର ଆଣି ପାରି ନ ଥିଲା, ତାହା ଆମ୍ଭମାନଙ୍କ ହୃଦୟରେ ଅତ୍ୟଧିକ ବିସ୍ମୟ ଉତ୍ପାଦନ କରେ ।

"ଉପେନ୍ଦ୍ର ଶୃଙ୍ଗାରରସ ନାମରେ ଯାହା ବର୍ଣ୍ଣନା କରିଅଛନ୍ତି, ତାହା କାମରସ ।" ଲାବଣ୍ୟବତୀ, ପ୍ରେମସୁଧାନିଧି, କୋଟିବ୍ରହ୍ମାଣ୍ଡସୁନ୍ଦରୀ ଯେ ପାଠ କରିଥିବ ସେ ଏହି ଉକ୍ତିର ଯଥାର୍ଥତା ଉତ୍ତମରୂପେ ହୃଦୟଙ୍ଗମ କରିବ; ବିଶେଷ କହିବା ନିଷ୍ପ୍ରୟୋଜନ । ସ୍ଥାନେ ସ୍ଥାନେ ବର୍ଣ୍ଣନାରେ ଅଶ୍ଳୀଳତା ରହିବା ହେତୁ ସେଥିରେ

ଶୃଙ୍ଗାର ବୀଭତ୍ସରେ ପରିଣତ ହୁଏ ତେବେ ହିଁ ଉପରର ପ୍ରାୟ ସମସ୍ତ ସଂସ୍କୃତ ଓ ପ୍ରାକୃତ କାବ୍ୟମାନଙ୍କୁ ଏହି ଦୋଷରେ ଦୁଷ୍ଟ ବୋଲି କହିବୁଁ । ଔଚିତ୍ୟାଶ୍ରିତ କାବ୍ୟରେ ନାୟକର ନାୟିକା ପ୍ରତି ପ୍ରୀତିକୁ ଉପେନ୍ଦ୍ର ରକ୍ତଚୋଷାଳୁର ରକ୍ତପିପାସା ଚରିତାର୍ଥ କରିବା ସଦୃଶ ଘୃଣ୍ୟ କରିଅଛନ୍ତି—

"ମଣ୍ଡ: ମଶାରିରେ ପଡ଼ୁ ତୋମକୁ" ଏହି ପଦ୍ୟାଂଶ ବାଣୀଭୂଷଣ ଉଦ୍ଧାର କରି କହନ୍ତି ଯେ, ଏହି ଉଦାହରଣଟି ଉପେନ୍ଦ୍ରଙ୍କ ରୁଚି ଓ ଏହା ଭଳି ଅନେକ ସ୍ଥାନରେ ବ୍ୟବହାର କରି ଅଛନ୍ତି । ଏହାର ଏକ ଅଦ୍ଭୁତ ଅର୍ଥ କରି ସେ ଉପେନ୍ଦ୍ରଙ୍କର ମନ୍ଦତା ପ୍ରକାଶ କରିଅଛନ୍ତି । କିନ୍ତୁ ଲାବଣ୍ୟବତୀର ୪୨ ଛାନ୍ଦରେ ନାୟକମୁଖରେ ଶରଦୋକ୍ତି କରିଛନ୍ତି "ମନ ମୋହର ଭ୍ରମୁଛି କହଇ । ମଣ୍ଡ ମଶାରୀରେ ପଡ଼ୁ ତୋମକେ ।" ଏହାର ପ୍ରକୃତ ଅର୍ଥ ହେଉଛି ଯେପରି ମଶା ମଶାରିରେ ବନ୍ଦୀ; ଅନ୍ୟତ୍ର ଯାଇ ପାରେ ନାହିଁ ସେହିପରି ନାୟକର ମନ ନାୟିକାଠାରେ ବନ୍ଦୀ ଅର୍ଥାତ୍ ଆସକ୍ତ, ଅନ୍ୟ କୌଣସି ବସ୍ତୁ ପ୍ରତି ପ୍ରବର୍ତ୍ତେ ନାହିଁ । ଆମ୍ଭେମାନେ ମଶାର ମଶକ ବିଷୟ ବୈଦେହୀଶ, ଲାବଣ୍ୟବତୀ, ରସିକହାରାବଳୀ ଓ ପ୍ରେମସୁଧା-ନିଧିରୁ କେତେକ ପଦମାନ ଉଦ୍ଧୃତ କଲୁ । ସେ ସବୁର ଅର୍ଥ ଭଲ ଏବଂ ଏପରି କୁତ୍ସିତ ବା ବୀଭତ୍ସ ଅର୍ଥ କୌଣସି ଗୋଟିକର ନୁହେଁ । "ଦୂତବଚନ୍ଦ୍ରୀ ପଦପଦ୍ମରୁ କର । ବାନ୍ଧୁ ତେ ମଶକ ମଶାରି ପରି" ବୈ: ବି: ଛ ୬-୩୨ ପଦ । ଜା ବୋଲି ବୋଲିବା ମଶାରୀ ମଧ୍ୟ ପଶୁଛେ ଭ୍ରମୁଛି ମନରେ—ଲା: ଛ ୧୯-୧୯ପଦ । ମଶାରି ଉପର ଅନ୍ଧାର ଆଲୋକ ହୁଏ ମଣ୍ଡ ଥିବାରେ—ଲା: ୪୩—୧୦ ପଦ । ମଶକ୍ଷରିରେ ଅଧାବନ୍ତ ମୋର ହୃଦେ ବାନ୍ଧୁଁ ବେଳ କରିଥ—ର: ହା: ୧୧-୧୩ । ମଶକ୍ଷରିରେ ଚୋରି ଶିଶୁର ବାସ ପରିରେ ଜଡ଼—ପ୍ରେ: ସୁ: ଛ ୧୦-୧୩ ପଦ । ଛମନ୍ତ ମଣ୍ଡ ମଶକ ମଶାରି—ଉପସର୍ଗ ରୋଧ ଶୋଧ; ଏପରି ବାଜେ ଅର୍ଥ ଯଦି କରନ୍ତୁ, ହୁଏ. କରିବା ଅତ୍ୟନ୍ତ ପକ୍ଷପାତର ବିଷୟ । (୧) ଶବ୍ଦର ବୈଚିତ୍ର୍ୟ ତଥା ଅନୁପ୍ରାସଭଣିତ ବାକଚାତୁର୍ଯ୍ୟ କାବ୍ୟ—ଏହା ଉପେନ୍ଦ୍ରଙ୍କ ମତ । ଏପରି ଅନେକ ମଧ୍ୟ ଦୋଷାବହ; ତେବେ ଉପେନ୍ଦ୍ରଙ୍କ କାବ୍ୟ-ମାନଙ୍କରେ କାବ୍ୟର ସମସ୍ତ ଲକ୍ଷଣ ପୂର୍ଣ୍ଣରୂପରେ ସନ୍ନିବିଷ୍ଟ—ଏହା ପୂର୍ବେ ପ୍ରଦର୍ଶିତ ହୋଇଅଛି । (୨) ଅନେକସ୍ଥଳ ଦୁର୍ବୋଧ ହେବା ଅବଶ୍ୟକ ପରିବାରେ ଉପେନ୍ଦ୍ର ଅସମର୍ଥ ଥିଲେ—ବିଶ୍ୱନାଥଙ୍କ ଏହିରୂପ ବାକ୍ୟ ଉଦ୍ଧାରନ କରେ । ଉପେନ୍ଦ୍ର କାବ୍ୟମାନଙ୍କରେ ନାୟକ ନାୟିକାଙ୍କ ଶରୀର ବର୍ଣ୍ଣ ନ ସ୍ପଷ୍ଟ ବୁଝି ତାହା ପାଠ କଲେ ସୁସ୍ପଷ୍ଟରୂପେ ପ୍ରତିପନ୍ନ ହୁଏ । (୩) ଉପେନ୍ଦ୍ରଙ୍କର ଉପଜ୍ଞାନ ନ ଥିଲା; କାରଣ ଉପସର୍ଗରେ ତାହାମାନଙ୍କର ଯେଉଁ ଉଦାହରଣମାନ ପ୍ରଦତ୍ତ ହୋଇଅଛି ସେଥିରେ ରସବାଚକ କାବ୍ୟ ବିଭୂତାଦି ଶବ୍ଦମାନ କେବଳ ସନ୍ନିବେଶିତ ହୋଇଅଛି । ଦୃଷ୍ଟାନ୍ତ କଥା, ବାଣୀଭୂଷଣ ଉପସର୍ଗ ନ

ପଦ୍ମ ଏପରି ମତ ବ୍ୟକ୍ତ କରିଅଛନ୍ତି । ତଦ୍‌ଭିନ୍ନ ଦ୍ୱିତୀୟତଃ କହିଲେ ଦୃଷ୍ଟି ପ୍ରତୀତ ହୁଏ ଯେ କେବଳ ହାସ୍ୟ ରସର ଉଦାହରଣରେ 'ହାସ' ଶବ୍ଦର ପ୍ରୟୋଗ ଅଛି —ଅନ୍ୟତ୍ର ନାହିଁ । କବି ଉପେନ୍ଦ୍ର ସୁରଙ୍ଗା ପରିଣୟରେ ଲେଖିଅଛନ୍ତି—ସପ୍ତ-ଦଶ ପଦର ପ୍ରଥମ । ତାର ମାଧୁର୍ଯ୍ୟ ହାସ୍ୟ ଅଦ୍ଭୁତ ବାହୁଯ । ହସ୍ତାନିକ ସୁଶାନ୍ତ ବୈଦିଗ୍ଧ ଶୃଙ୍ଗାରେ ଯେ ଲତ୍ୟାଦ—ଏବ ଛନ୍ଦ ୩୭ ପଦ । ସେ ବର୍ଣ୍ଣିତ ନବରସ କର୍ତ୍ତିକା ସ୍ଥାନେ ସ୍ୱତନ୍ତ୍ରେ ଅବକାଶ ଅଛି ବୋଲି ମନେ ହେଉ । ଛାଂ-- ୧୨ ପଦ । ତାଙ୍କର ପ୍ରତ୍ୟେକ କାବ୍ୟ ପାଠ କଲେ ଜଣାଯାଏ ଯେ ଉପେନ୍ଦ୍ର ଶୃଙ୍ଗାର, କରୁଣ, ବୀର, ବୀଭତ୍ସାଦି ରସର ଯେପରି ବର୍ଣ୍ଣନା କରିଅଛନ୍ତି ତାହା ଅନ୍ୟ କୌଣସି ଉତ୍କଳୀୟ କବି କରି ନାହାନ୍ତି—ତାହା କାଳିଦାସ, ଶ୍ରୀହର୍ଷଙ୍କ ବର୍ଣ୍ଣନା ସହିତ ସମାନ । ପୂର୍ବେ ପ୍ରଦର୍ଶିତ ହୋଇଅଛି ଯେ ଧର୍ମଶିକ୍ଷା କାବ୍ୟର ମୁଖ୍ୟ ଧର୍ମ ନୁହେଁ । ଆର୍ଯ୍ୟ ଋଷିମାନେ ଧର୍ମଶିକ୍ଷା ପ୍ରଦାନ କରି ଧର୍ମଶାସ୍ତ୍ରମାନ ପ୍ରଣୟନ କରିଅଛନ୍ତି । ବେଦ, ପୁରାଣ, ଇତିହାସାଦିରେ ମଧ୍ୟ ଧର୍ମର ଉପଦେଶ ନିହିତ । ଧର୍ମାନୁମୋଦିତ ଲୋକାତ୍ମକ ପ୍ରେମମୟ ଜୀବନର ଛବି କାବ୍ୟରେ ପ୍ରଦର୍ଶିତ ହୁଏ । ପୂର୍ବବର୍ତ୍ତୀ କବିମାନଙ୍କ ପରି ଉପେନ୍ଦ୍ର ତାଙ୍କ କାବ୍ୟମାନଙ୍କରେ ଧର୍ମଶିକ୍ଷା ଦେଇ ନାହାନ୍ତି । କାଳବୃତ୍ତିଙ୍କ ଏ ସମ୍ବନ୍ଧେ ସ୍ୱତଃ ପ୍ରଶ୍ନ ଉଠିବ ହୁଏ ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କେତେ କବି ସ୍ୱକାବ୍ୟରେ ଧର୍ମଶିକ୍ଷା ପ୍ରଦାନ କରିଅଛନ୍ତି । ଅନେକମାନେ ଭକ୍ତିରସରେ କହିପାରନ୍ତି ଯେ କୌଣସି କାବ୍ୟରେ ତାହା ପ୍ରଦତ୍ତ ହୋଇ ନାହିଁ । କିନ୍ତୁ ପୁରାଣ, ଇତିହାସ ଲେଖକଙ୍କ ପ୍ରଣାଳୀକରେ ତାହାର ଯଥାଯଥ ଉପଦେଶ ପ୍ରଦତ୍ତ ହୋଇଅଛି । କାବ୍ୟକାରଙ୍କ ସହ ପୁରାଣ ଓ ସ୍ମୃତିକାରଙ୍କୁ ଏକ ଆସନରେ ସ୍ଥାପନ କରିବା ଉଚିତ କହିବା ଯୁକ୍ତିଯୁକ୍ତ ନୁହେଁ । ବୈଦେହୀଶ ବିଳାସ ମଧ୍ୟ ଲବଣ୍ୟବତୀ ପରି ଲୌକିକ କାବ୍ୟକୋଟିରେ ଉପନ୍ୟାସର ସ୍ୱରୂପ ପ୍ରାପ୍ତ ହୋଇଅଛି । ଏହି ମତ ସହିତ ଆମ୍ଭମାନଙ୍କର ଐକ୍ୟ ନାହିଁ । ରାମାୟଣ ଅନୁରୂପ ଏଥିରେ ଉଚ୍ଚ ଆଦର୍ଶ ପ୍ରଦର୍ଶିତ ହୋଇଅଛି । ଦଶରଥ, ଭରତ, ଲକ୍ଷ୍ମଣ, ବିଭୀଷଣ, ହନୁମାନ ଓ ରାମଚନ୍ଦ୍ର; କୌଶଲ୍ୟା, ସୁମିତ୍ରା ଓ ସୀତା ପ୍ରଭୃତିଙ୍କ ବ୍ୟବହାରାଦି ଚରିତ୍ର ଚିତ୍ରଣରେ ଉପେନ୍ଦ୍ରଙ୍କ ବୈଚିତ୍ର୍ୟ ପରିଲକ୍ଷିତ ହୁଏ । କାବ୍ୟମାନଙ୍କରେ ବିଶେଷତଃ ବୈଦେହୀଶ ବିଳାସରେ ଉପେନ୍ଦ୍ରଙ୍କର ଯେ ଦେବଭକ୍ତି ଓ ଧାର୍ମିକପ୍ରାଣତା ପ୍ରଦର୍ଶିତ ହୋଇଅଛି ତାହା ଉତ୍କଳର ଅନ୍ୟାନ୍ୟ ପୁଣ୍ୟାତ୍ମା ଭକ୍ତପ୍ରବରମାନଙ୍କ ଅପେକ୍ଷା କୌଣସି ଅଂଶରେ ନ୍ୟୂନ ନୁହେଁ ।

ଜୟଦେବ ଓ ଦୀନକୃଷ୍ଣଙ୍କ ବ୍ୟତୀତ ଉପେନ୍ଦ୍ର କାହାରିକୁ କବିଗୁରୁ ଗଣନା କରନ୍ତି ନାହିଁ, ଏହାର ସମର୍ଥନ ଅଛି "କବେ ଉପେନ୍ଦ୍ରବାର ଯେତେ ବେଳ ବାହାରି, ଧରଣୀକି ଭକ୍ତଶେଖର ଚରଣରେ ଯାଉଛନ୍ତି । ଜୟଦେବ ଦୀନକୃଷ୍ଣ ପଦ୍ମରେ

ତା ଶରଣ, ଆନ କବିମାନଙ୍କର ମସ୍ତକେ ବାମଚରଣ" ଉପେନ୍ଦ୍ରଙ୍କଠାରେ ଅବସ୍ଥିତ କରି ଦେଇ ରହିଅଛି । ଆତ୍ମମ୍ଭରେ କହୁ, ଏହା ଉକ୍ତିରୁ ହିଁ ଜଣେ ଉପେନ୍ଦ୍ରଙ୍କ ଉକ୍ତି ବୋଲି କହି ନ ପାରିବ । ଉପେନ୍ଦ୍ର ଏପରି ଅହଙ୍କାରୀ ନ ଥିଲେ, ସୁତରାଂ ଏ ପଦ ଗୁଡ଼ିକ ଜଣେ ଘୃଣ୍ୟ ଅନ୍ଧଭକ୍ତର ଉଦ୍ୟମକର ପତିତା ରୂପେ ପ୍ରତୀତ ହୁଏ । ଭଞ୍ଜଙ୍କର କବିସମ୍ରାଟ ଉପାଧିର କବିସମ୍ରାଟଙ୍କ ତୁଲ୍ୟ ନିଜର ବିନମ୍ରତା ପ୍ରକାଶ କରିଅଛନ୍ତି । କାଳିଦାସ ରଘୁବଂଶର ପ୍ରାରମ୍ଭରେ "କ୍ବ ସୂର୍ଯ୍ୟପ୍ରଭବୋ ବଂଶଃ କ୍ବ ଚାଳ୍ପବିଷୟା ମତିଃ । ପ୍ରାଂଶୁଲଭ୍ୟେ ଫଳେ ଲୋଭାଦୁଦ୍ବାହୁରିବ ବାମନଃ ।" ଯେପରି ଉକ୍ତି କରିଅଛନ୍ତି । ଉପେନ୍ଦ୍ର ଠିକ ସେହିପରି ବୈଦେହୀଶବିଳାସର ପ୍ରାରମ୍ଭ ଭୂଷଣରେ—"ବାଲ୍ମୀକି ବ୍ୟାସ କବି ସନ୍ଦର୍ଭରେ, ମନ୍ଦାକାବ୍ୟେ ସୁଯଶ କଲେ, ମନ୍ଦମତିକୁ କି ଉଚିତରେ ହେଲେ ସମ୍ଭବ ଯେ । ବାହିଲେ ଭାବ୍ୟ ଯେ ଭାଳଦାଳେ ତପ୍ତ ରବିଙ୍କ ତେଜକୁ ନେବାରେ ଦୁର୍ବଳ ଏ ଶୀତ ପ୍ରକାଶେ ଛଡ଼ିଲ ତନ୍ତ୍ରା ଯେ । କବିଙ୍କର ଉଦ୍ୟମ ଏମନ୍ତ ଧାନ୍ଦ ଯେ । ବୈର୍ଯ୍ୟ ମେ ଧାରକ ଯେତେ ଫୁଲକୁ ଥାଇ ଯେ । ବିବିଧ ଗୁରେ ବୈଶ୍ୟଧର୍ମୀଣ ତେଶ୍ୟାଳିକ ଦେଖାନ୍ତି ପୁଣି ମୃତ୍ତିକେ ସାବଧାନରେ ତୃଣ ଶୁଦ୍ଧ ଲଗଇ ଯେ । ବୈ: ବି: ଛ ୧-୪ ପଦ ପୁନଶ୍ଚ—ଛନ୍ଦଭୂଷଣର ଉପସଂହାରରେ "ଏହେ ଏ ଛନ୍ଦଭୂଷଣ ଗୀତ ହେଲା ଶେଷ, ସୁଜନ ବୁଦ୍ଧି ଉପେନ୍ଦ୍ରଙ୍କ କରେ ଦୟା ଯେ ।" ବଳି ନିଜକୁ ଅଳ୍ପବୁଦ୍ଧି ରୂପେ ଭାଷିଅଛନ୍ତି । ଏପରି ନମ୍ରତା ପଣ୍ଡିତମାନଙ୍କର ଭୂଷଣ—"ନମ୍ରନ୍ତି ଗୁଣିନୋ ଜନାଃ" ଏହି ଉକ୍ତି ଉପେନ୍ଦ୍ରଙ୍କ ଠାରେ ଚରିତାର୍ଥ ହୋଇଅଛି । ପୁନଶ୍ଚ ତାଙ୍କରେ କହି ପାରନ୍ତି, ସେ ଏପରି ନିଜର ପାଣ୍ଡିତ୍ୟ ଓ ଅଦ୍ଭୁତ କବିତ୍ୱଶକ୍ତିର ପ୍ରକାଶ କରିଅଛନ୍ତି:—"ଢଣିବୁଲର ଯାଉ : ଅଜ୍ଞସୁକୁ ନିରନ୍ତର ! ଯେତେ ବର୍ଣ୍ଣଇ ଉକ୍ତି ମୁଁ ଲଭିଛି ଶରଦ ସମ୍ମତ ହିଁ ।" ବୈ: ଛ: ୧୭-୩୮ । କହିବି ଉପେନ୍ଦ୍ର ମୋ ସମ ଖାଦ୍ୟମବୋ ଭୂଷ-ନାଥ ସାକ୍ଷାତ । ଜୀବ କଲେ ଯେ ଶ୍ରୀର ସୁଧା ମୋର ଶ୍ରୀକର୍ଣ୍ଣକୁ ଭୂଷଣ ହିଁ । ସେ ସତ । ସେ ଭୂଷ ଏ ଭୂଷ ରଙ୍କିତ । ଦେବୀଙ୍କ ଖଳରେ ଅଧିକାରିତ । ଯେ ଭାବିବ ହେଉ ସମ୍ପାତ । ବୈ: ସୁ: ୧୬-୩୦ । ଶାସ୍ତ୍ର ଏ ଶଥର ବାଣ୍ଡୁଳି ତୁମ୍ବର ଆନର ପ୍ରକାଶ । ଯେତେ ଯେପରିକି ବର୍ଷ ରତ୍ନ କବିଙ୍କୁ ଭୂର୍ଣ୍ଣି ମାଗେ ମୋ ଶତ୍ରୁ—ବୋ: ସୁ: ୧୩-୨୮ । ଶତଜନ୍ମା ରଘୁନାଥ । ତାଙ୍କ ଧ୍ୟାନରେ ଉପେନ୍ଦ୍ର ବିଜୟ ତରିବ ଭଜନେ ସମର୍ଥ—ବୈ: ସୁ: ୧୮-୩୧ । ଶତଶ କବିକୁମରେ ତୁଷ୍ଟ ବୁଦ୍ଧି । ବଦ୍ରୀନାଥ ସମାଗମ ଏ ମୋ ବଡ଼ ସିଦ୍ଧି । ବୈ. ବି: ୬୨-୩୨ । ଏଥିରେ ଉପେନ୍ଦ୍ରଙ୍କର ଗର୍ବ ସୂଚିତ ହେଉ ନାହିଁ; ଏପରି ଉକ୍ତି କବିମାନଙ୍କଠାରେ ସବୁବେଳେ ଦୃଷ୍ଟ ହୁଏ । "ନାହଂ ବେଦ୍ମି, ଶୁକୋ ବେତ୍ତି ବ୍ୟାସୋ ବେତ୍ତି ନ ବେତ୍ତି ବା । ଶ୍ରୀଧରଃ ସକଳଂ ବେତ୍ତି ଶ୍ରୀନୃସିଂହପ୍ରସାଦତଃ ।" ଏହିପରି ଗୁରୁଜନଙ୍କ ଅନୁଗ୍ରହରେ ଅଦ୍ଭୁତଶକ୍ତି ପ୍ରାପ୍ତ ହେବା ବାଣୀ କବି

କହିଅଛନ୍ତି । ଭବଭୂତିଙ୍କ ଉକ୍ତି ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ; "ଯଂ ବ୍ରହ୍ମାଣମିୟଂ ଦେବୀ ବାଗ୍ ବଶ୍ୟେବାନୁବର୍ତ୍ତତେ" ଇତ୍ୟାଦି ଇତ୍ୟାଦି । ଆଚାର୍ଯ୍ୟ ଦଣ୍ଡୀ କହିଅଛନ୍ତି; "ଗୁଣାନାମାବନ୍ଧ୍ୟ ସ୍ୱ ତେଷାଂ ନାସ୍ତି ଭୂତାର୍ଥଶଂସିନ," ନିଜର ଗୁଣ ପ୍ରକାଶ ଦଣ୍ଡୀଦାସଙ୍କ ମତରେ ଦୋଷାବହ ନୁହେଁ । ଉପେନ୍ଦ୍ର ନିଜର ଟିକାସ୍ଥଳରେ ଅଦ୍ଭୁତ ପାଣ୍ଡିତ୍ୟ କଥା ଯାହା କହିଅଛନ୍ତି, ତା ଅକ୍ଷରେ ଅକ୍ଷରେ ସତ୍ୟ । ପୃଥିବୀରେ କେହିହିଁ କବି ଏପରି ବହୁଶାସ୍ତ୍ରରେ ପଣ୍ଡିତ ନ ଥିଲେ, ତାହାହେଲେ ସତ୍ୟର ଅଳ୍ପମାତ୍ର ଅପଲାପ ହେବ ନାହିଁ । ବହୁ ଦେଶରେ ଓ ବହୁ କାଳରେ କେତେକ ଲେଖକ ଥାଆନ୍ତି, ସେମାନେ ନିଜକୁ ସର୍ବଜ୍ଞରୂପେ ପ୍ରକାଶ କରନ୍ତି ଓ ଅହଂକାରରେ ବାହାର କରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରନ୍ତି । ସେମାନଙ୍କ ସଂଖ୍ୟା ଖୁବ୍ ବେଶି । ସେଥିରୁ ସେମାନେ ଗୋଷ୍ଠୀ ବାନ୍ଧି ଏପରି ପରିସ୍ଥିତି ସୃଷ୍ଟି କରନ୍ତି, ଯହିଁରେ ଉଚ୍ଚତା ଗୁଣୀବୃନ୍ଦରେ ସ୍ୱତନ୍ତ୍ର କବିର—ସତ୍ୟ, ନ୍ୟାୟ ଓ ଧର୍ମ ସେ ସ୍ଥଳକୁ ନିଜର ସମ୍ମାନ ରକ୍ଷାର୍ଥ ଶିଷ୍ଟ ସୁବିଧାପୂର୍ବକ ଶାନ୍ତ ମଧୁସୂଦନ ଦାସ ନିର୍ଜନରେ ସ୍ୱ ସମସ୍ତ ଅଭିବାଦିତ କରନ୍ତି । ଏହି ଦୃଷ୍ଟିରେ ଉତ୍କଳର ପ୍ରାଚୀନ କବିମାନେ ସ୍ୱ କାବ୍ୟମାନଙ୍କରେ ଉକ୍ତ ପଣ୍ଡିତମାନ୍ୟ ବ୍ୟକ୍ତିମାନଙ୍କୁ ଖଳରୂପେ ଗ୍ରହଣ କରି ସେମାନଙ୍କୁ ସତ୍ୟାନୁଚିତ ଉକ୍ତିରେ ସମ୍ବୋଧନ କରିଅଛନ୍ତି । ଉପେନ୍ଦ୍ର ସେମାନଙ୍କୁ ବାଳିଶ, ଉଷ୍ଟ୍ରପକ୍ଷୀ ( ଢେଙ୍କା ), ଦାଦୁର, ଶ୍ୱାନପୁଚ୍ଛବକ୍ର କୁଟିଳ ଇତ୍ୟାଦି ନାନା ଆଖ୍ୟାରେ ଅଭିହିତ କରିଅଛନ୍ତି ।

ସଂସ୍କୃତ ଅଳଙ୍କାରିକଙ୍କ ମତରେ ଆଶୀ, ନମସ୍କ୍ରିୟା ଓ ବସ୍ତୁନିର୍ଦ୍ଦେଶ ମଧ୍ୟରୁ ଗୋଟିକରେ କାବ୍ୟ ଆରମ୍ଭ ହେବା ଉଚିତ । କାବ୍ୟର କଥାବସ୍ତୁ ଇତିହାସ ପୁରାଣଗତ ବା ସତ୍ୟମୂଳକ ହେବ । କାବ୍ୟର ଉଦ୍ଦେଶ୍ୟ—ଧର୍ମାର୍ଥ କାମମୋକ୍ଷ ଫଳ ପ୍ରାପ୍ତି । ନାୟକ ସାଧାରଣତଃ ଧୀରୋଦାତ୍ତ ହେବା ଉଚିତ । ନଗର, ସମୁଦ୍ର, ପର୍ବତ, ଋତୁ, ଚନ୍ଦ୍ର ଓ ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତ ଅର୍ଥାତ୍ ପ୍ରଭାତ ଓ ସନ୍ଧ୍ୟା, ଉଦ୍ୟାନ, ସରୋବର, ମୃଗୟା, ବିରହ, ବିବାହ, ପୁତ୍ରଜନ୍ମୋତ୍ସବ, ମନ୍ତ୍ର, ଦୂତପ୍ରେରଣ, ଯୁଦ୍ଧଯାତ୍ରା, ଯୁଦ୍ଧ, ନାୟକର ଜୟ ଓ ପୂର୍ବରେ ଉଲ୍ଲିଖିତ ପ୍ରଭୃତି କାବ୍ୟରେ ବର୍ଣ୍ଣିତ ହେବା ଉଚିତ । ରସ ଓ ଅଳଙ୍କାର ଯୁକ୍ତ ହୋଇ ମନୋହର ବୃତ୍ତରେ ରଚିତ ହେବା ଉଚିତ । ଉପେନ୍ଦ୍ରଙ୍କ କେତେକ କାବ୍ୟମାନଙ୍କର କଥାବସ୍ତୁ ପୁରାଣ ଇତିହାସରୁ ଗୃହୀତ (ବୈଦେହୀଶ, ସୁଭଦ୍ରାପରିଣୟ, କଳା-କଉତୁକ, ଲାବଣ୍ୟବତୀ ପ୍ରଭୃତି) ଓ କେତେକ କାଳ୍ପନିକ (ଅନୁଭବର ପ୍ରଖ୍ୟାତ ମାନସ ରଚନା—ଯଥା:—ଚଉ ଛାନ୍ଦ, ଲାବଣ୍ୟବତୀ, ରସିକହାରାବଳୀ, ପ୍ରେମସୁଧାନିଧି, କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରଭୃତି) । ଉପେନ୍ଦ୍ରଙ୍କ ପ୍ରତ୍ୟେକ କାବ୍ୟର ପ୍ରାରମ୍ଭରେ ରାମଚନ୍ଦ୍ର ବା ଜଗନ୍ନାଥଙ୍କ ସ୍ତୁତି ପ୍ରଦତ୍ତ । ନାୟକ ପ୍ରାୟ ଧୀରୋଦାତ୍ତ

ନଗର, ନଗରୀ, ବନ, ଉପବନ ଓ ସରୋବର କ୍ରୀଡ଼ାଦିର ସରସ ଜୀବନ୍ତ ଚିତ୍ର; ଷଡ଼ଋତୁମାନଙ୍କର ସୁନ୍ଦର ମନୋମୟ ବର୍ଣ୍ଣନା; ପ୍ରଭାତ ଓ ସନ୍ଧ୍ୟାର ମନୋଜ୍ଞ ଆଲେଖ୍ୟ; ପୂର୍ବରାଗ, ମିଳନ ଓ ବିରହର ସଫଳ ଗ୍ରନ୍ଥଣୀ, ଆବେଗମୟ ତଥା ସରସ ଚିତ୍ରଣ; ବିବାହ, କୁମାର କୁମାରୀ ଜନ୍ମର ସାମାଜିକ ବ୍ୟବହାରବିଧିର ବର୍ଣ୍ଣନ; ମଲ୍ଲ, ଆଳାତ ଓ ନୃତ୍ୟାଦିଙ୍କ ବାସ୍ତବ ଚିତ୍ର; ଯୁଦ୍ଧଯାତ୍ରା ଓ ଯୁଦ୍ଧାଦିର ଜୀବନ୍ତ ରୋମହର୍ଷଣକର ଉଦ୍ରେକାତ୍ମକ ଆଲେଖ୍ୟ; ନାୟକ ନାୟିକାଙ୍କ ମଧୁମୟ ମିଳନ ଓ ଅନ୍ତ ମନୋହର ନୃତ୍ୟମାନଙ୍କର ଉପଯୁକ୍ତ ବିନ୍ୟାସ ହେଲୁ ମହାକାବ୍ୟର ଲକ୍ଷଣମାନ ଉପେନ୍ଦ୍ରଙ୍କ କାବ୍ୟମାନଙ୍କରେ ଯଥାଯଥ ପରିଦୃଷ୍ଟ ହୁଏ । ପୁନଶ୍ଚ ବର୍ଣ୍ଣିତ ବିଷୟମାନଙ୍କର ଯଥାଯଥ ବିନ୍ୟାସ ଓ ରଚନାମାଧୁର୍ଯ୍ୟ କାବ୍ୟରସିକଙ୍କ ଚିତ୍ତରେ ପ୍ରୀତି ପ୍ରଦାନ କଲେ ଉପରିକଥିତ ଲକ୍ଷଣମାନଙ୍କ ମଧ୍ୟରୁ କୌଣସି ଲକ୍ଷଣର ଅଭାବରେ ଦୋଷ ସମ୍ଭବେ ନାହିଁ । (ଉପେନ୍ଦ୍ରଙ୍କ ଦ୍ୱାରା ସମୁଦ୍ର ବର୍ଣ୍ଣିତ ନ ହେବା ହେତୁ ଯେ ଅକ୍ଷେପ ବାଳକୃଷ୍ଣବାବୁ କରିଅଛନ୍ତି ତାହା ଉପେକ୍ଷଣୀୟ ।)

## କବି

ଯାହାଙ୍କ କୃତି ପାଠ କଲେ ଲୋକଙ୍କର ଚିତ୍ତରେ ପରମ ଆହ୍ଲାଦ ଅର୍ଥାତ୍ ଚମତ୍କାର ଭାବ ଜାତହୁଏ ସେ କବିନାମରେ ଖ୍ୟାତ । ତ୍ରିକାଳଦର୍ଶୀ ଶାସ୍ତ୍ରକର୍ମୀ, ପଣ୍ଡିତ, ଜ୍ଞାନୀ, ଋଷି, ବ୍ରହ୍ମା, ବାଲ୍ମୀକି, ଶୁକ୍ରାଚାର୍ଯ୍ୟ ଓ କାବ୍ୟକର୍ତ୍ତା ପ୍ରଭୃତି ଅର୍ଥରେ କବିଶବ୍ଦ ପ୍ରଯୁକ୍ତ ହୁଏ । ଏଠାରେ କେବଳ କାବ୍ୟ ରଚକଙ୍କ ବିଷୟ ବର୍ଣ୍ଣନୀୟ । ତାହା ହେଲେହେଁ ସେ କବି ସେ ପଣ୍ଡିତ, ବୁଦ୍ଧିମାନ୍, ଜ୍ଞାନୀ ଓ ତ୍ରିକାଳଦର୍ଶୀ ଅଟନ୍ତି । ସେ ବାସ୍ତବର ସତ୍ୟ ଓ ଆଦର୍ଶ ଜଗତ ଉଦ୍ଘାଟିତ କରନ୍ତି । ସତ୍ୟ ଓ ଆଦର୍ଶର ଦେଶ କାଳ ଭେଦରେ ତାରତମ୍ୟ ଥିଲେହେଁ ତ୍ରିକାଳଦର୍ଶୀ କବି ସ୍ୱ ପ୍ରତିଭାବଳରେ ଚିରନ୍ତନ ସତ୍ୟ ଓ ଆଦର୍ଶଭୂତ ବିଷୟକୁ ସ୍ୱ ସୂକ୍ଷ୍ମଦୃଷ୍ଟିରେ ଯଥାଯଥ ଚିତ୍ରିତ କରି ଜନସମାଜକୁ ସୁଖ ଓ ଉପଦେଶ ଦାନ ରୂପେ ଶିକ୍ଷା ପ୍ରଦାନପୂର୍ବକ ସନ୍ମାର୍ଗରେ, ସୁଖ ଶାନ୍ତିମୟ ଜୀବନର ପଥରେ ଚାଳିତ କରନ୍ତି । ପ୍ରତିଭା, ବହୁଦର୍ଶିତା, ଶିକ୍ଷା ଓ ଅଭ୍ୟାସ— ଏ ସମସ୍ତଙ୍କ ସମଷ୍ଟିହିଁ କାବ୍ୟର ଏକ କାରଣରୂପେ ସ୍ୱୀକରଣୀୟ । ଏମାନେ ପ୍ରତ୍ୟେକେ ସ୍ୱତନ୍ତ୍ରଭାବରେ କାବ୍ୟର କାରଣ ହୋଇ ପାରନ୍ତି ନାହିଁ । କେତେକଙ୍କ ମତରେ ପ୍ରତିଭାହିଁ କବିତ୍ୱର ଏକମାତ୍ର କାରଣ । କିନ୍ତୁ ତାହା ଠିକ୍ ନୁହେଁ । ଅବଶ୍ୟ ପ୍ରତିଭା ସହଜରେ କାବ୍ୟତ୍ୱର ପ୍ରସୂତି । କିନ୍ତୁ କେତେକ ବାଳକଙ୍କଠାରେ ପ୍ରତିଭା ଦୃଷ୍ଟ ହେଲେହେଁ ବ୍ୟୁତ୍ପତ୍ତି, ଶିକ୍ଷା ତଥା ଅଭ୍ୟାସର ଅଭାବରେ ତାଙ୍କ ଦ୍ୱାରା କାବ୍ୟ ରଚିତ ହୋଇ ପାରେ ନାହିଁ; ତେଣୁ ସେ ସମସ୍ତଙ୍କର ମିଳନହିଁ କବିତ୍ୱର ଏକ କାରଣ କହିବା ସମୀଚୀନ । ପୁନଶ୍ଚ ସ୍ଥଳବିଶେଷରେ ପ୍ରତିଭା ନ ଥାଇ ମଧ୍ୟ କବିତ୍ୱର

ଅଭିବ ହୁଏ । ଅସ୍ମୁର୍ଣ୍ଣ ଦଣ୍ଡୀ ଯଥାର୍ଥ କହିଅଛନ୍ତି—ଯଦ୍ୟପି ପ୍ରାକ୍ତନ ସଂସ୍କାର ଓ ଫଳବତୀ ନ ଥାଏ ତଥାପି ଶାସ୍ତ୍ରାନୁଶୀଳନ, କାବ୍ୟଜ୍ଞ ଗୁରୁଙ୍କ ଉପଦେଶ, ନିତ୍ୟସିଦ୍ଧ ଅଭ୍ୟାସଦ୍ୱାରା ବାଗ୍‌ଦେବୀଙ୍କ ଉପାସନା କଲେ ଦେବୀ ଅବଶ୍ୟ ଅନୁଗ୍ରହ ପ୍ରକାଶ କରନ୍ତି, ଅର୍ଥାତ୍ କବିତ୍ୱ ଶକ୍ତି ପ୍ରଦାନ କରନ୍ତି । 'ନ ବିଦ୍ୟତେ ଯଦ୍ୟପି ପୂର୍ବବାସନା ଗୁଣାନୁବନ୍ଧି ପ୍ରତିଭାନମଦ୍ଭୁତମ୍ । ଶ୍ରୁତେନ ଯତ୍ନେନ ଚ ବାଗୁପାସିତା ଧ୍ରୁବଂ କରୋତ୍ୟେବ କମପ୍ୟନୁଗ୍ରହମ୍' କାବ୍ୟାଦର୍ଶ ୧ମ ପରିଚ୍ଛେଦ ।

## ପ୍ରତିଭା

'ବୁଦ୍ଧିସ୍ତାତ୍କାଳିକୀ ଜ୍ଞେୟା ପ୍ରଜ୍ଞା ତ୍ରୈକାଲ୍ୟଗୋଚରା । ନବ ନବୋନ୍ମେଷଶାଳିନୀ ପ୍ରଜ୍ଞାଂ ପ୍ରତିଭାଂ ବିଦୁଃ ।' ଯେଉଁ ଶକ୍ତିଦ୍ୱାରା ଦର୍ଶନମାତ୍ରେ ପଦାର୍ଥବିଶେଷର ଜ୍ଞାନ ଜନ୍ମେ, ତାହା ବୁଦ୍ଧି ( Intelligence ), ଯେଉଁ ଶକ୍ତିଦ୍ୱାରା ପଦାର୍ଥବିଶେଷର ତ୍ରିକାଳଗତ ଜ୍ଞାନ ହୁଏ ତାହା ପ୍ରଜ୍ଞା (Wisdom)। କଳ୍ପନା ପ୍ରଜ୍ଞାର ଅନ୍ତର୍ଗତ । ଯେଉଁ ପ୍ରଜ୍ଞା ପଦାର୍ଥବିଶେଷର ପ୍ରଚ୍ଛନ୍ନ ଅର୍ଥାତ୍ ଏତାବତ୍ ଅଜ୍ଞାତ ଥିବା ବିଶେଷତ୍ୱ ବା ଗୋପନ ଧର୍ମକୁ ନୂତନ ନୂତନ ଭାବେ ପ୍ରକାଶ କରେ, ତାହା ପ୍ରତିଭା ନାମରେ ଖ୍ୟାତ । କଳ୍ପନା ଶକ୍ତି ଓ ନିର୍ମାଣକୌଶଳ ଏଥିର ଅନ୍ତର୍ଗତ । କେହିକେହି ଏହି ପ୍ରତିଭାର ପ୍ରକାରାନ୍ତରେ କହନ୍ତି :— ରସାନୁକୂଳ ଶବ୍ଦ ଓ ଅର୍ଥର ଚିନ୍ତାରେ ସ୍ଥିରୀଭୂତ ମହାମାନ୍ ଲୋକଙ୍କର ଯେଉଁ ପ୍ରଜ୍ଞା ଦର୍ଶନକାଳରେ ପଦାର୍ଥର ବାସ୍ତବ ଅର୍ଥ ବା ଧର୍ମ ଗ୍ରହଣ କରିବାରେ ସମର୍ଥ ହୁଏ, ତାହା ପ୍ରତିଭା । ପ୍ରତିଭା, ଶାସ୍ତ୍ର ବ୍ୟୁତ୍ପତ୍ତି, ଶିକ୍ଷା, ଅଭ୍ୟାସାଦିଙ୍କର ସମଷ୍ଟି କବିତ୍ୱର ଏକ ହେତୁ ହେଲେହେଁ ସେମାନଙ୍କ ମଧ୍ୟରେ ପ୍ରତିଭା ପ୍ରଧାନଭୂତା ସତ୍ତ୍ୱେ ଶାସ୍ତ୍ରବ୍ୟୁତ୍ପତ୍ତି ଭାବର ବିଚିତ୍ରତା ବିଧାନର କାରଣ ଓ ଶିକ୍ଷା ଅଭ୍ୟାସାଦି ତାହାର ବୃଦ୍ଧିର ନିମନ୍ତେ ଜାଣିବାକୁ ହେବ । ପ୍ରତିଭା କ୍ୱଚିତ୍ ସ୍ୱତଃ ଜାତ ହୁଏ, କ୍ୱଚିତ୍ ଦେବାନୁଗ୍ରହରୁ ଜାତ ହୁଏ । ଉପେନ୍ଦ୍ରଙ୍କ ପ୍ରାକ୍ତନ ସଂସ୍କାରଗତ ସ୍ୱାଭାବିକ ଶକ୍ତି ଥିଲା ଓ ପ୍ରତିଭା ସ୍ୱତଃ ଜାତ ହୋଇଥିଲା । ଶୁଣି ଭକ୍ତପ୍ରବର ଶ୍ରୀମତାଉକ ମନୁଷ୍ଟିଙ୍କୁ ରାମଚନ୍ଦ୍ରଙ୍କ ଅନୁଗ୍ରହ ଓ ଭଗବତୀ ଦେବୀ କାଳୀଙ୍କ ବରପ୍ରଦାନ ବଳରେ ସେ ପ୍ରତିଭା ଶୁଦ୍ଧିପୂତ ସଞ୍ଜ୍ଞମସ୍ୱ ତଥା ଅତି ଉତ୍କୃଷ୍ଟରୂପେ ଓଡ଼ିଆମାନେ ଶ୍ଳୋକ କାବ୍ୟପାଇଁ ପ୍ରକାଶ କରିଥିଲେ । କିମ୍ବଦନ୍ତୀରୁ ପ୍ରକାଶ ଯେ ତାଙ୍କ ପିତାମହ ଧନଞ୍ଜୟ ଭଞ୍ଜ ସ୍ୱରଚିତ ରଘୁନାଥବିଳାସ କାବ୍ୟ ଉପେନ୍ଦ୍ରଙ୍କୁ ପାଠ କରି ମନ୍ତବ୍ୟ ପ୍ରକାଶ କରିବାକୁ କହିଥିଲେ । ପ୍ରତିଭାବାନ୍ ଉପେନ୍ଦ୍ର କାବ୍ୟକୁ ଆମୂଳଚୂଳ ପାଠ କରି ଏପରି କହିଲେ, "ଏ କାବ୍ୟ ପୂର୍ବତନ ସମସ୍ତ କାବ୍ୟମାନଙ୍କଠାରୁ ଉତ୍ତମ, କିନ୍ତୁ ଏ କାବ୍ୟରେ କଳାସୃଷ୍ଟି, ରସ-ମାଧୁର୍ଯ୍ୟ ତଥା ଅକ୍ଷସ୍ୱାଦର ଯଥାଯଥ ବିକାଶ ନାହିଁ, ତେଣୁ ଏହା ଯଥାସମ୍ଭବ

ସୁନ୍ଦର ହୋଇ ପାରୁ ନାହିଁ ।" ପିତାମହ କହିଲେ, "ଏହାଠାରୁ ଉତ୍ତମ ଓ ସର୍ବାଙ୍ଗସୁନ୍ଦର କାବ୍ୟ ଲେଖି ପାରିବ କି ?" ଉପେନ୍ଦ୍ର ଶୁଣି ସ୍ମିତବଦନରେ କହିଲେ, "ମହିମାଙ୍କର ଆଶୀର୍ବାଦ ଥିଲେ ଏହି ରାମଚନ୍ଦ୍ରରେ କାବ୍ୟ ଲେଖି ନିଶ୍ଚୟ ପ୍ରଶଂସାଭାଜନ ହେବି ।" ଏପରି ଉତ୍ତମ ପ୍ରତିଜ୍ଞା କରି ଧର୍ମସ୍ଥ ଯୁବକ ଉପେନ୍ଦ୍ର ଅଶ୍ୱପୃଷ୍ଠରେ ନିଷ୍ଠାଭକ୍ତିରେ ଉପସ୍ଥିତ ହୋଇ ରଘୁନାଥଙ୍କ ଶରଣାପନ୍ନ ହେଲେ । ଧ୍ୟାନ, ଧାରଣା ଓ ଉପାସନା ବଳରେ ଦେବ ରଘୁନାଥଙ୍କୁ ପ୍ରୀତ କରି ସେ ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କଲେ । ତତ୍ପରେ ଅଶ୍ୱପୃଷ୍ଠରେ ପୁନ-ର୍ବାର ପ୍ରତ୍ୟାବର୍ତ୍ତନ କରିବା ସମୟରେ ଅରଣ୍ୟ ମଧ୍ୟରେ ଅର୍ଦ୍ଧରାତ୍ରିରେ ମନୁଷ୍ୟ ଶବର ବକ୍ଷଦେଶରେ ଆସୀନ ହୋଇ ଜଣେ ଦକ୍ଷିଣାଚାରୀ ସାଧକ ତାନ୍ତ୍ରିକ ମନ୍ତ୍ର ଓ ଉତ୍ସ୍ୱର ବଳରେ ଭଗବତୀ ଦେବୀଙ୍କୁ ଆହ୍ୱାନ କରିବା ଓ ସ୍ୱୟଂ ମୂର୍ତ୍ତି ମହାଭୈରବୀ ଭଦ୍ରକାଳୀଙ୍କ ଆବିର୍ଭାବ ଅବସ୍ଥାରେ ତାନ୍ତ୍ରିକର ହୃଦରେ ନିଶ୍ଚୈତନ୍ୟ ହୋଇ ଭୁଲୁଣ୍ଠିତ ହେବା ଦର୍ଶନରେ ଉପେନ୍ଦ୍ର ହଠାତ୍ ଅଶ୍ୱପୃଷ୍ଠରୁ ଅବତରଣ କରି ଶବର ବକ୍ଷରେ ଆସୀନ ହେଲେ । ଦେବୀ 'ବରଂ ବୃଣୀଷ୍ୱ' କହନ୍ତେ ବିନୀତ ସହିତ ସ୍ତବନ ଭକ୍ତିନମ୍ରଭାବରେ କରାଞ୍ଜଳିପୂର୍ବକ କହିଲେ, "ଦେବି କୃପାମୟି ବରାଭୟଦାୟିନି ପ୍ରସୀଦ ଦେହି ମେ ଦେବି ଶଂ କବୀଶ୍ୱରତ୍ୱମ୍ ।" ଦେବୀ ପ୍ରୀତ ହୋଇ କହିଲେ, "ବତ୍ସ ପ୍ରାକୃତ ଭାଷାସୁ ତେ ଖ୍ୟାତିପୂର୍ବଂ କବିତ୍ୱଂ ପ୍ରସରିଷ୍ୟତି ।" ଏହା କହି ଦେବୀ ଅନ୍ତର୍ହିତ ହେଲେ । ତୃପ୍ତଚିତ୍ତରେ ଉପେନ୍ଦ୍ର ଘୁମୁସରକୁ ଆସି ବର୍ଷେ ମଧ୍ୟରେ ବୈଦେହୀଶବିଳାସ କାବ୍ୟ ରଚନା କରି ସ୍ୱ ପିତାମହ ଧନଞ୍ଜୟ ଭଞ୍ଜଙ୍କୁ ଦର୍ଶାଇଲେ । କାବ୍ୟରସିକ ପଣ୍ଡିତ ଧନଞ୍ଜୟ ଦେବଙ୍କ ଉକ୍ତ କାବ୍ୟଟି ପାଠ କରି ପରମ ପ୍ରୀତ ହେଲେ ଓ ଉପେନ୍ଦ୍ରଙ୍କୁ ଭୂରି ଭୂରି ପ୍ରଶଂସା ପ୍ରଦାନ କଲେ । କାଳୀଙ୍କଠାରୁ ବରପ୍ରାପ୍ତି ବିଷୟ ସେ ତାଙ୍କର କୌଣସି କାବ୍ୟରେ ଉଲ୍ଲେଖ କରି ଥିବା ଜଣାଯାଏ ନାହିଁ । କିନ୍ତୁ ରାମତାରକ ମନ୍ତ୍ରରେ ସିଦ୍ଧିଲାଭ କରିବା ବିଷୟରେ ଅନେକ ସୂଚନା ଦେଇ ଅଛନ୍ତି । ଦେବୀଙ୍କଠାରୁ ବରପ୍ରାପ୍ତି ବିଷୟ କାଳ୍ପନିକ ହୋଇ ପାରେ; କିନ୍ତୁ ଏପରି ସ୍ୱଳ୍ପ-ବୟଃକ୍ରମରେ ସ୍ୱାଭାବିକ ଦେବାନୁଗ୍ରହ ବ୍ୟତୀତ ଏପରି ଅଦ୍ଭୁତ ଶକ୍ତିମତ୍ତାର ପ୍ରକାଶ ସମ୍ପୂର୍ଣ୍ଣ ଅସମ୍ଭବ । କିନ୍ତୁ ସାର୍ବଦର୍ଶିତା ବିଷୟରେ ବିଚାର କଲେ ଜଣାଯାଏ ଯେ ଉପେନ୍ଦ୍ରଙ୍କର ସ୍ୱାଭାବିକ ଜନ୍ମମାତ୍ରକ ସଂସାରର ଅଭିଜ୍ଞାନ, ନାନା ଅଭିଧାନ, ଛନ୍ଦ, ଅଳଙ୍କାର, ବ୍ୟାକରଣ, ନାନା ପୁରାଣଶାସ୍ତ୍ର, କଳାବିଦ୍ୟା, କାମଶାସ୍ତ୍ର, ସ୍ମୃତି, ଜ୍ୟୋତିଷ, ବାର୍ତ୍ତା, ଦଣ୍ଡନୀତି, ନ୍ୟାୟାଦି ଷଡ଼ଦର୍ଶନ, ସାମୁଦ୍ରିକାଦ୍ୟ ଗଜାଶ୍ୱାୟୁର୍ବେଦ, ରନ୍ଧନ, ଉତ୍କଳର ପ୍ରାଚୀନ କାବ୍ୟ, ପୁରାଣ, ଜ୍ୟୋତିଷ, ତନ୍ତ୍ର, ଆୟୁର୍ବେଦ, ଧନୁର୍ବେଦାଦି ବିଦ୍ୟାମାନଙ୍କରେ ପାରଦର୍ଶିତା ଥିଲା । ଅଭିମନ୍ୟୁ ବିଦଗ୍ଧଚିନ୍ତାମଣିର ପ୍ରଥମ ଛାନ୍ଦରେ ଯଥାର୍ଥ କହିଅଛନ୍ତି, "ନାହିଁ ଶାସ୍ତ୍ରପୁରାଣ

ବେଦାଗମ କାବ୍ୟ । ନ୍ୟାସ କଲ୍ପ ବେଦର ଏ ହୋଇବଟି ଶ୍ରାବ୍ୟ ।" ଅମ୍ଭେମାନେ ପୂର୍ବେ ଦର୍ଶାଇଅଛୁଁ ଯେ ମାନବଜୀବନର ଭୁକ୍ତିକାମ୍ୟ ନିମିତ୍ତ ନାନାବିଧ ବିଦ୍ୟାର ଉଦ୍ଭବ ହୋଇଅଛି । ଏହି ମାନବଜୀବନର ଯଥାଯଥ ଚରିତ୍ର ରକ୍ଷଣ କରନ୍ତି; ତେଣୁ ତାଙ୍କର ସର୍ବବିଧ ଶାସ୍ତ୍ରରେ ଅନ୍ତତଃ ସାଧାରଣ ଜ୍ଞାନ ଥିବା ବାଞ୍ଛନୀୟ । ଶିକ୍ଷା ଅଭ୍ୟାସର ବିଚାର କଲେ ଅମ୍ଭେମାନେ ଅବଗତ ହେଉଁ ଯେ, ପ୍ରାଚୀନ ଉତ୍କଳର ସ୍ୱଦେଶବତ୍ସଳ ପଣ୍ଡିତମାନେ ଶାସ୍ତ୍ରାଦି ଆଲୋଚନାରେ ସର୍ବଦା ବ୍ୟାପୃତ ରହି ବିଦ୍ୟାର ଉତ୍କର୍ଷ ବୃଦ୍ଧି ଓ ପ୍ରସାରକଲ୍ପେ ବିଶେଷ ଯତ୍ନବାନ୍ ହୋଇଥିଲେ । ବିଶେଷତଃ ସାହିତ୍ୟରେ ତଥା ଦେଶୀୟ ଭାଷାରେ ବିଶେଷ ଅନୁରାଗୀ ଥିଲେ । ଘୁମୁସର ଭଞ୍ଜବଂଶ ଅର୍ଥାତ୍ ଉପେନ୍ଦ୍ରଙ୍କ ପୂର୍ବପୁରୁଷମାନେ ଗୋବିନ୍ଦଭଞ୍ଜ, ଗୋପାଳଭଞ୍ଜ, ଧନଞ୍ଜୟଭଞ୍ଜ, ନୀଳଭଞ୍ଜ, ଘନଭଞ୍ଜ ପ୍ରଭୃତି ସାହିତ୍ୟରେ ବିଶେଷ ରଚନା ଥାଇ ଉପାଦେୟ କାବ୍ୟମାନ ପ୍ରଣୟନ କରିଅଛନ୍ତି । ଘୁମୁସର ରାଜବଂଶ ବ୍ୟତୀତ ଉତ୍କଳରେ ଚତୁର୍ଦ୍ଦଶ ଶତାବ୍ଦୀଠାରୁ କାବ୍ୟ କବିତା ଲିଖିତ ହୋଇ ସର୍ବତ୍ର ପ୍ରଚଳିତ ହୋଇଥିଲା । ଅର୍ଜୁନଦାସଙ୍କ ରାମବିଭା, ନରସିଂହଙ୍କ ପଦ୍ମମାଳା, ଶିଶୁଶଙ୍କରଙ୍କ ଉଷାଭିଳାଷ, ଚକ୍ରପାଣିଙ୍କ କୃଷ୍ଣବିଳାସ, ଦେବଦୁର୍ଲ୍ଲଭଙ୍କ ରହସ୍ୟମଞ୍ଜରୀ, କାର୍ତ୍ତିକଙ୍କ ରୁକ୍ମିଣୀବିଭା, ବିଷ୍ଣୁଦାସଙ୍କ ପ୍ରେମଲୋଚନା, ରଘୁନାଥଙ୍କ ଲୀଳାବତୀ, ଧନଞ୍ଜୟଙ୍କ ରଘୁନାଥବିଳାସ ଓ ରତ୍ନମଞ୍ଜରୀ; ଦୀନକୃଷ୍ଣଙ୍କ ଜଗମୋହନ ଛନ୍ଦ ଓ ରସକଲ୍ଲୋଳ ପ୍ରଭୃତି ଉଚ୍ଚ ଧରଣର କାବ୍ୟ କବିତା ସାହିତ୍ୟରସିକଙ୍କ ଦ୍ୱାରା ପଠିତ, ଆଲୋଚିତ, ଆଦୃତ ଓ ପ୍ରଶଂସିତ ହେଉଥିଲା । ସତତ ଅନୁଶୀଳନ ତଥା ଆଲୋଚନା ଫଳରେ ଓ ବଂଶର ପାରମ୍ପରିକତାରେ ପ୍ରତିଭାବାନ୍ ଉପେନ୍ଦ୍ରଙ୍କ ହସ୍ତରେ ଏପରି ଉନ୍ନତ ଧରଣର କାବ୍ୟମାନ ଲିଖିତ ହେବା ସ୍ୱାଭାବିକ । ଏହା ସର୍ବଜନବିଦିତ ଯେ ପ୍ରବଳପ୍ରତାପ ଗଙ୍ଗବଂଶ ଓ ସୂର୍ଯ୍ୟ-ବଂଶର ଉତ୍କଳ ଗଜପତିମାନଙ୍କ ସେ ସମୟରେ ଶାସ୍ତ୍ରାଦିର ଆଲୋଚନା । ବିଶେଷତଃ ସାହିତ୍ୟ, ଅଳଙ୍କାର, ଛନ୍ଦ ପ୍ରଭୃତିର ଅନୁଶୀଳନ ପରାକାଷ୍ଠା ଲାଭ କରିଥିଲା । ଅନେକ କାବ୍ୟ, ନାଟକ, ଏକାବଳୀ ଓ ସାହିତ୍ୟଦର୍ପଣ ସଦୃଶ ନାନା ଅଳଙ୍କାର ଓ ଛନ୍ଦ ଗ୍ରନ୍ଥ ପ୍ରଭୃତି ଉତ୍କଳରେ ଲିଖିତ ହୋଇଥିଲା । ଏମ୍ପରି ବିଦ୍ୟା-ଶୀଳନର ମନ୍ଥନରୁ ଯେଉଁ କାବ୍ୟସୁଧାର ମାଧୁରୀ ଉତ୍କଳଖଣ୍ଡରେ ବିକଶିତ ହୋଇଥିଲା, ତାହା ଧୀରଚିତ୍ତରେ ପ୍ରଣିଧାନ କଲେ ବିସ୍ମୟାନ୍ୱିତ ହେବାକୁ ହୁଏ । ଉପେନ୍ଦ୍ରଙ୍କ କାବ୍ୟାବଳୀରେ ପୂର୍ବତନ କବିମାନଙ୍କ ପ୍ରଭାବ ସ୍ଥାନେ ସ୍ଥାନେ ପତିତ ହେବାର ଅମ୍ଭେମାନେ ଦେଖିବାକୁ ପାଉଁ । ଏ ବିଷୟରେ ବିଶେଷ ଆଲୋଚନା କଲେ ପ୍ରବନ୍ଧ ଅତି ଦୀର୍ଘ ହେବ — ଏଣୁ କେବଳ ରତ୍ନମଞ୍ଜରୀ, କୃଷ୍ଣବିଳାସ ଓ ଜଗମୋହନ ରାମାୟଣର ପ୍ରଭାବ କିପରି ଲାବଣ୍ୟବତୀରେ ପତିତ ହୋଇଅଛି ତାହାର କିଞ୍ଚିତ୍ ସୂଚନା ମାତ୍ର ପ୍ରଦତ୍ତ ହୋଇଅଛି । ଲାବଣ୍ୟବତୀ

ରହସ୍ୟମଞ୍ଜରୀ ସମ୍ପୂର୍ଣ୍ଣ କାଳ୍ପନିକ କାବ୍ୟ । ଏପରି କାଳ୍ପନିକ କାବ୍ୟ ରଚନା ସଂସ୍କୃତ ଆଳଙ୍କାରିକମାନେ ଅନୁମୋଦନ କରନ୍ତି ନାହିଁ । "ଇତିହାସ କଥୋଦ୍ଭୂତମିତରଦ୍ ବା ସଦାଶ୍ରୟମ୍" ସେମାନଙ୍କ ମତରେ ଇତିହାସ ପୁରାଣାଦିର କଥା ଓ ସତ୍ୟ, ଲୋକପ୍ରଚଳିତ କଥା ବା ଆଖ୍ୟାୟିକା ଅବଲମ୍ବନ କରି କାବ୍ୟ ଲେଖିବା ଉଚିତ । କିନ୍ତୁ ଉତ୍କଳର ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କବି ଧନଞ୍ଜୟ-ପ୍ରମୁଖ କାଳ୍ପନିକ ବିଷୟକୁ କଥାବସ୍ତୁ ରୂପେ ଗ୍ରହଣପୂର୍ବକ କାବ୍ୟରଚନା କରି ସ୍ୱତନ୍ତ୍ରାନୁରାଗର ପରିଚୟ ଦେଇ ଅଛନ୍ତି । ଧନଞ୍ଜୟ ଭଞ୍ଜଙ୍କ କୃତ ରତ୍ନ-ମଞ୍ଜରୀର କଥାବସ୍ତୁ କାଳ୍ପନିକ । ଏ କାବ୍ୟର ରଚନାଶୈଳୀ ପୂର୍ବତନ କାବ୍ୟ-ମାନଙ୍କଠାରୁ ପୃଥକ୍ । ଏହି ରତ୍ନମଞ୍ଜରୀ କାବ୍ୟର ଆଦର୍ଶରେ ଉପେନ୍ଦ୍ରଭଞ୍ଜ ଲାବଣ୍ୟବତୀ ପ୍ରଭୃତି କାବ୍ୟମାନ ରଚନା କରିଥିଲେହେଁ ନିଜର ପ୍ରତିଭାବଳରେ କାବ୍ୟମାନଙ୍କୁ ସାତିଶୟ ଚାତୁର୍ଯ୍ୟପୂର୍ଣ୍ଣ ଓ ମାଧୁର୍ଯ୍ୟମୟ କରିବାରେ ସମର୍ଥ ହୋଇ ନିଜର ବିଶେଷତ୍ୱ ଦେଖାଇ ଅଛନ୍ତି । ରତ୍ନମଞ୍ଜରୀର ପ୍ରାରମ୍ଭରେ ଧନଞ୍ଜୟ ଜଗନ୍ନାଥଙ୍କ ବନ୍ଦନା କରିଅଛନ୍ତି । ଉପେନ୍ଦ୍ର ମଧ୍ୟ ରସିକହାରାବଳୀ, କୋଟି-ବ୍ରହ୍ମାଣ୍ଡସୁନ୍ଦରୀ, ସୁଭଦ୍ରାପରିଣୟ ପ୍ରଭୃତି କେତେକ କାବ୍ୟମାନଙ୍କର ପ୍ରାରମ୍ଭରେ ଜଗନ୍ନାଥଙ୍କ ସ୍ତୁତି କରି ଅଛନ୍ତି ଓ ଅନ୍ୟାନ୍ୟ କାବ୍ୟମାନଙ୍କରେ ପ୍ରାୟ ରାମଚନ୍ଦ୍ରଙ୍କ ବନ୍ଦନା କରି ଅଛନ୍ତି । କାବ୍ୟର ପ୍ରାରମ୍ଭରେ ଜଗନ୍ନାଥ ଓ ରାମଚନ୍ଦ୍ରଙ୍କ ସ୍ତୁତି କରି ହେଲେହେଁ ପ୍ରାୟ କାବ୍ୟମାନଙ୍କର ଛାନ୍ଦମାନଙ୍କ ଶେଷରେ ପୁନଶ୍ଚ ରାମଚନ୍ଦ୍ରଙ୍କୁ ନମସ୍କାର କରି ହୋଇଅଛି । ରାମଚନ୍ଦ୍ର ଓ ଜଗନ୍ନାଥ ଏ ଦୁହିଙ୍କୁ ସ୍ତୁତି କରିବାର ଅର୍ଥ କଣ ? ଉତ୍କଳରେ ଧାର୍ମିକ ଦୃଷ୍ଟିରେ ମଧ୍ୟ ଜଗନ୍ନାଥ ସର୍ବୋଚ୍ଚ ଉପାସ୍ୟ —ଜଗନ୍ନାଥ ରାଷ୍ଟ୍ରଦେବତାରୂପ । ରାମଚନ୍ଦ୍ର ଉପେନ୍ଦ୍ରଙ୍କର ସିଦ୍ଧିଦାତା ଓ ଆରାଧ୍ୟ ଦେବ । ଉପେନ୍ଦ୍ର ରାମଭକ୍ତ ହେଲେହେଁ ପଞ୍ଚଦେବତାଙ୍କ ବିଶେଷତଃ ଶମ୍ଭୁଙ୍କ ଅଦ୍ଭୁତ ହରପାର୍ବତୀଙ୍କର ମଧ୍ୟ ଉପାସନା କରିଲେ । ତାଙ୍କ କାବ୍ୟମାନଙ୍କରେ ହରପାର୍ବତୀଙ୍କ ମାହାତ୍ମ୍ୟ ବହୁଳ ପରିଦୃଷ୍ଟ ହୁଏ । ଲାବଣ୍ୟବତୀର ୯୭ ଛାନ୍ଦର ଉପସଂହାରରେ ସେ କହିଅଛନ୍ତି, "ଯେ କଲେ ଇଷ୍ଟ ଦୁର୍ଗାଦେବୀ" ଓ କୋ. ବ୍ରହ୍ମାଣ୍ଡ ସୁନ୍ଦରୀରେ ସେ ଶିବଙ୍କ ମହାତ୍ମ୍ୟରୂପେ ବର୍ଣ୍ଣନ କରିଅଛନ୍ତି—"ଯେବେ ତାହାର ପ୍ରବୃତ୍ତିର ଜଗତେ, ତାହାର ମୁକ୍ତିବି ସେ ହିତ । ମହାଦେବକୁ ଜାଣୁ ସେ କାଶୀଶ୍ୱରଙ୍କ ବନ୍ଦନା କରିବା ଉଚିତ । ହୋଇଲେ କବି ଉପେନ୍ଦ୍ର ଭଞ୍ଜର । କାମଦାୟକ କାମାସ୍ତୁ ତନୟ, ଏ ଭାବରେ ପୂର୍ଣ୍ଣ କର୍ଣ୍ଣର ।" ୬ଷ୍ଠ ଛାନ୍ଦ ୩୦ ପଦ । ଉପେନ୍ଦ୍ରଙ୍କ ମତରେ ରାମ ଅବତାରୀ, ଅଂଶୀ, ପୂର୍ଣ୍ଣବ୍ରହ୍ମ ଓ ସ୍ୱୟଂ ଭଗବାନ୍, ମତ୍ସ୍ୟ, କଚ୍ଛପ, ନୃସିଂହ, କୃଷ୍ଣାଦି ଅବତାର ଅଂଶ । "ବାମନ ପଞ୍ଚମ ମୋକ୍ଷଦାର୍ଥୀ । ରାମ ଏ ସ୍ୱୟଂ ଅବତୀର୍ଣ୍ଣ ମହୀ । ବସୁଦେବ ଜାଣି ଅବତାରମାନ । ଦେଖନ୍ତି ସ୍ୱରୂପ ଲକ୍ଷଣ ମୀନ । ବିଶ୍ୱାଶ ହେଲେ ମନର ପାବନେ । କବିକୁଳରେ ଏ କଥିତ ବଚନ ।

ଭଷ୍ମେ ହିରଣ୍ୟ ପ୍ରସ୍ତ ଶଙ୍କନି । ବଳି ଶିରେ ପାଦ ଦେଇ ଗମନି । ବିକଟ ଦେହଙ୍କର ସଂହାର କର । କର୍ଣ୍ଣରେ ତୁମ୍ଭ କର ଫାଳିକାର । ବଳ ସଙ୍ଗେ ହୋଇଅଛ ସହିତେ । ବୁଦ୍ଧଙ୍କ ବୁଦ୍ଧି ତେବେ ଶୁଣି ଅସୁରେ । ବାହ୍ୟ ଜମାନ ଧାତୁକରେ ଅଛି । କିଦାଟ କଳୁଷ ଖଡ଼ଗ ଘେନି । ବିପ୍ରମାନ ଭୁତ ଭୁଜାଶେ ଘେନି । ବାଞ୍ଛନୀ ଅବତାର ଏହି ଦଶ ।" ବୈ: କ: ୬୩ ଛନ୍ଦ ଦଶମାଳ । ସୁତରାଂ ଉପେନ୍ଦ୍ର ଛନ୍ଦଭୂଷଣରେ ଜଗନ୍ନାଥ ସ୍ୱୟଂ ଭଗବାନ୍, ପରଂବ୍ରହ୍ମ, କଳ୍ପ୍ୟ ସନାତନ ଏବଂ ସେ ନାନା ଅବତାର ଗ୍ରହଣପୂର୍ବକ ଯଥାବିହିତ କରନ୍ତି । "ଜମ୍ବୁ ଜନ୍ମରେ ଯେହୁ ତାଙ୍କ ରୂପଧାରୀ । କାଳେ କାଳେ ଦୈତ୍ୟ ଗୋଷ୍ଠୀ ମଧ୍ୟେ ଯେ ବାହାରି । ଦମନକାରୀ ବହେ ସେ ଅଟନ୍ତି ଅବଧି । କଣ୍ଠଦେବ ତନୁ ସେ ପୂର୍ବରେ ଥିଲେ ଧରି । ଲୁଚୁକି ସେ ବଧ୍ଧାଙ୍କି ଦେବଙ୍କ ଉଦୟ । କମଳଧାରୁ ପ୍ରକାଶ ସ୍ୱଚ୍ଛ ଆକାଶେ ।" ରାମ, ନୃସିଂହ ଓ କୃଷ୍ଣରୂପେ ଜଗନ୍ନାଥ ଅବତୀର୍ଣ୍ଣ ହୋଇଲେହେଁ ରାମ ସ୍ୱ ଉପାସ୍ୟ ହେତୁ ସେ ରାମଚନ୍ଦ୍ରଙ୍କୁ ଅବତାରୀ, ସ୍ୱୟଂ ଭଗବାନ୍ ରୂପେ ଗ୍ରହଣ କରିଅଛନ୍ତି । ତହିଁ ଛନ୍ଦଭୂଷଣର ଅଧିକାଂଶ ଛନ୍ଦର ଶେଷରେ ରାମଚନ୍ଦ୍ରଙ୍କୁ ସ୍ତୁତି କରିଅଛନ୍ତି । ଛନ୍ଦଭୂଷଣ କୃଷ୍ଣଙ୍କର ସଂସ୍କାଧନ ପର୍ଯ୍ୟନ୍ତ ଲୀଳା ୩୪ ଛନ୍ଦରେ ଚଉତିଶା ଛନ୍ଦରେ —ଅର୍ଥାତ୍ ୧୬ଶ୍ୟଦ ଛନ୍ଦ ପ୍ରତ୍ୟେକ ବର୍ଣ୍ଣରେ ରଚିତ ହୋଇଅଛି । କବି ଯାନକୃଷ୍ଣଙ୍କ ମତେ ଜଗନ୍ନାଥ ଅବତାରୀ; ସ୍ୱୟଂ ଭଗବାନ୍—ମତ୍ସ୍ୟ, କଚ୍ଛପ, ନୃସିଂହ, ରାମକୃଷ୍ଣାଦି ଅବତାର, ଅଂଶ । ରସକଲ୍ଲୋଳ ୧ମ ଛାନ୍ଦ ଦ୍ରଷ୍ଟବ୍ୟ । ଏହା ଉତ୍କଳୀୟ କୃଷ୍ଣୋପାସକ ବୈଷ୍ଣବଙ୍କ ମତ । ଏମାନଙ୍କ ମତରେ କୃଷ୍ଣାଦି ଅବତାର ମାତ୍ର; ତେବେ ତାଙ୍କୁ ଦାସ୍ୟ ସେମାନେ ଉପାସନା କରନ୍ତି? ତାହାର ଉତ୍ତର ଜଗନ୍ନାଥ ଦାସଙ୍କ ଅତିବଡ଼ ସମ୍ପ୍ରଦାୟର ଭକ୍ତ ଦିବ୍ୟ ଦିବାକର ଦାସ 'ଜଗନ୍ନାଥ ଚରିତାମୃତ'ରେ ପ୍ରଦାନ କରିଅଛନ୍ତି । "ଜଗନ୍ନାଥ ସେ ହୋଇଲେ । ତହିଁ କଳାଏ ନ ବଳିଲା । ତଦାତେ ଗୋଲକାଳ କରି । ଗୋପେ ଶାସ୍ତ୍ରେ ନରଦ୍ୱୀପ ।" ସଂସ୍କୃତ ଭାଗବତ ଅନୁଯାୟୀ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ଭକ୍ତ ସଦାନନ୍ଦ, ଅଭିମନ୍ୟୁ ପ୍ରଭୃତି କୃଷ୍ଣଙ୍କୁ ଅବତାରୀ - ମତ୍ସ୍ୟ, କଚ୍ଛପ, ରାମାଦି ଅବତାର ରୂପେ କହନ୍ତି । ଏହା ସଂସ୍କୃତ ଭାଗବତର, "ଏତେ ଚାଂଶକଳା ପୁଂସଃ କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍" ଉକ୍ତିର ଅନୁରୂପ । ଏହା ମନେ ରଖିବାକୁ ହେବ ଯେ, ଏହି ଦେବତାଙ୍କ ଉପାସକମାନେ ସ୍ୱ ଆରାଧ୍ୟ ଦେବଙ୍କୁ ଅବତାରୀ ରୂପେ ଗ୍ରହଣ କରନ୍ତି । ଏହି ଦୃଷ୍ଟିରେ କୃଷ୍ଣୋପାସକ କୃଷ୍ଣଙ୍କୁ ଅବତାରୀ କହିବା ସମୀଚୀନ । ଉପେନ୍ଦ୍ର କିନ୍ତୁ ଜଗନ୍ନାଥ ଓ ରାମଚନ୍ଦ୍ର ଉଭୟଙ୍କୁ ଅଂଶୀ, ଅବତାରୀ, ସ୍ୱୟଂ ଭଗବାନ୍ ରୂପେ ଓ ଅନ୍ୟାନ୍ୟଙ୍କୁ ଅଂଶ, ଅବତାରରୂପେ ଗ୍ରହଣ କରିଅଛନ୍ତି । ଉପେନ୍ଦ୍ର ଜଣେ ନୈଷ୍ଠିକ, ପରମ ହୃଦୟବାନ ରାମୋପାସକ ବୈଷ୍ଣବ ଥିଲେ । ତାଙ୍କ କାବ୍ୟମାନଙ୍କ ଛାନ୍ଦ ଉଦ୍ଧାର ଶେଷ ପଦମାନ ପାଠ କଲେ ସ୍ୱତଃ ଉପେନ୍ଦ୍ରଙ୍କ ଦୃଢ଼ ହୃଦୟ ଭକ୍ତିଭାବରେ ଆପ୍ଳୁତ ହୁଏ । ସେ

ନିଜ କାବ୍ୟମାନଙ୍କରେ ଦେବପ୍ରଭାବର ଚେଷ୍ଟାର ସ୍ଥାନ ଦେଇ ଅଛନ୍ତି, ସେଥିରୁ ଜଣାଯାଏ, ସେ ଜଣେ ପ୍ରଧାନ ଦେବଭକ୍ତ ଥିଲେ । ଲାବଣ୍ୟବତୀରେ ରତ୍ନମଞ୍ଜରୀର ସ୍ୱପ୍ନ କେଦାରେଶ୍ୱରଙ୍କ ପଢ଼ିଅଛୁ ତାହା ବର୍ତ୍ତମାନ ଦର୍ଶାଇବାସ୍ଥଳେ ତଦନ୍ୟ କାବ୍ୟର ଯଥାବସ୍ତୁର ଓ ଦର୍ଶିତକ୍ଷ୍ୟ ବିଷୟମାନଙ୍କର ଉଲ୍ଲେଖ କରାଗଲା । ଅବନ୍ତୀ ରାଜ୍ୟରେ ନାୟକ ନାୟିକାଙ୍କ ଜନ୍ମ ଦୈବିକହେତୁକ । ରତ୍ନମଞ୍ଜରୀରେ ଅଦ୍ଭୁତ ମନୋହରା ମଳୟାଚଳ ବନରେ ଦେବତାଙ୍କ ସହ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସମ୍ମୁଖରେ ନାଚ ଓ ନୃତ୍ୟ ଦେଖୁ ନେଇ ସ୍ୱ ସ୍ୱାମୀ ଗନ୍ଧର୍ବ କଳାକର ପ୍ରତି ଦୃଷ୍ଟି କରିବାରୁ ଇନ୍ଦ୍ରଙ୍କ ତାମସହୃଦ ହେଲୁ ଓ ଫଳତଃ ତାଙ୍କ ଲକ୍ଷ୍ୟ ରକ୍ଷା ନ କରିବା ହେତୁ ସ୍ୱାମୀ ସହ ମର୍ତ୍ତ୍ୟରେ ଜନ୍ମ ଲଭିବା ରୂପ ଇନ୍ଦ୍ରଙ୍କଦ୍ୱାରା ଅଭିଶାପ ପ୍ରାପ୍ତ ହେଲା । ମନୋହରା ଭୂମାତଳପାର୍ଶ୍ୱସ୍ଥ କୌଶମ୍ବୀ ନଗରର ରାଜା ଚନ୍ଦ୍ରଭାନୁଙ୍କ ଔରସରୁ ଚନ୍ଦ୍ରାବତୀଙ୍କ ଗର୍ଭରୁ ରତ୍ନମଞ୍ଜରୀ ନାମରେ ଜାତ ହେଲା । ମଳୟ ଗିରିପାର୍ଶ୍ୱସ୍ଥ ରତ୍ନପାଳପୁରର ରାଜା ଗୁଣସାଗର ଓ ତତ୍ ପତ୍ନୀ କଳାବତୀ ପୁତ୍ରହୀନା ହେବାରୁ ନାରଦଙ୍କ ଆଦେଶରେ ଅଷ୍ଟାକ୍ଷରୀ ନାରାୟଣ ମନ୍ତ୍ର ଜପ କରି ନାରାୟଣଙ୍କ ଠାରୁ ଗୁଣସାଗରଙ୍କ ପୁତ୍ରବର ପ୍ରାପ୍ତି ଓ କଳାକରର ଚନ୍ଦ୍ରମୁଖ ରୂପେ ତାଙ୍କ ପୁତ୍ରରୂପେ ଜନ୍ମ ହେବା ବର୍ଣ୍ଣିତ । ଲାବଣ୍ୟବତୀରେ— ଧାବତଙ୍କ ବାଟିରେ ବାଣ୍ଟିବାକୁ ଜନ୍ମ । ଶିବଙ୍କ ଦର୍ଶନହେତୁରୁ ଗଣଦେବୀ ଦ୍ୱାରା କନ୍ଦମୂଳଯୁକ୍ତ କାଣ୍ଟାବଣର ଅରଣ୍ୟରେ ସ୍ଥାପନ । ଶ୍ରୀହଂକରଙ୍କ ପଙ୍ଗୁତ୍ୱରେ ବାଟି- ବନର ମୁକ୍ତ । ଦୈବବାଣୀ ଅନୁସାରେ ବାଣ୍ଟିବାରେ ଶରୀର ସତ୍କାର ନ କରିବା ଓ ପରଜନ୍ମରେ ସ୍ତ୍ରୀରୂପେ ପ୍ରାପ୍ତି ଆଶାରେ ଗଙ୍ଗାସାଗରରେ ପ୍ରଭାକରର ଧ୍ୟାନ ପ୍ରଦାନ । ଦିବପାଦଙ୍କ ବର୍ତ୍ତିତେଶ୍ୱରଙ୍କ ପୁତ୍ରରୂପେ ପ୍ରଭାକରର ଚନ୍ଦ୍ରକାନ୍ତ ରୂପେ ଜନ୍ମଗ୍ରହଣ, ବାଣ୍ଟିବାର ମୃତ ଶରୀରରେ ପାର୍ବତୀଙ୍କ ଦ୍ୱାରା ପ୍ରାଣସଞ୍ଚାର ଓ ତାଙ୍କୁ ଅମୃତଫଳ ରୂପେ ପର୍ଯ୍ୟନ୍ତ କରି ଗୌରୀଙ୍କ ହିମାଳୟ ରାଜପତ୍ନୀ କାଦମ୍ବିନୀଙ୍କ ସ୍ୱପ୍ନରେ ଅମୃତଫଳ ପ୍ରଦାନ । ଅମୃତଫଳ ଭକ୍ଷଣ କରିବାହେତୁ କାଦମ୍ବିନୀ ଗର୍ଭରୁ ବାଣ୍ଟିବାର ଲାବଣ୍ୟବତୀରୂପେ ଜନ୍ମ । ରତ୍ନମଞ୍ଜରୀରେ ନାୟକ ନାୟିକାଙ୍କ ମିଳନ, ବ୍ରହ୍ମାଙ୍କ ବାହନ ହଂସର ସ୍ତ୍ରୀ ଦ୍ୱାରା ଘଟିତ । ଲାବଣ୍ୟ ବତୀରେ ମଧ୍ୟ ନାୟକ ନାୟିକାଙ୍କ ମିଳନ ମୁଖ୍ୟତଃ ଶୁକଦ୍ୱାରା ସମ୍ପାଦିତ । ଚିତ୍ରକୂଟ, ରତ୍ନାକର ସୌଦାଗର, ସିଦ୍ଧ ଯୋଗୀ, ମାଳୀ, ସୁଲୋଚନା ପ୍ରଭୃତି କୌଶଳରେ ମିଳନରେ ସହାୟ ଥିଲେ । ରତ୍ନମଞ୍ଜରୀରେ—ସଖୀମାନଙ୍କ ସହ ବନବିହାର, ବନମଧ୍ୟସ୍ଥ ରତ୍ନବେଦିକାରେ କାମଦେବଙ୍କ ଅର୍ଚ୍ଚନା, ସରୋବର ଜଳରେ ପ୍ରବେଶ, ଅରଣ୍ୟମଧ୍ୟସ୍ଥ ଉଚ୍ଚପ୍ରାସାଦରେ ଶିବଙ୍କ ପୂଜା ଓ ରତ୍ନମଞ୍ଜରୀର ସ୍ୱଚ୍ଛନ୍ଦ ବର ପ୍ରାର୍ଥନା । "ବ୍ରହ୍ମାଙ୍କ ବାହନ ହଂସର ସ୍ତ୍ରୀ ତୋର ପୂର୍ବଜନ୍ମର ପତି ସହିତ ମିଳନ କରାଇବ" ଏରୂପ ଦୈବବାଣୀ ଶ୍ରବଣ । ହଂସର ଆଗମନ । କଳାକରର ଓ ରତ୍ନମଞ୍ଜରୀର ପୂର୍ବଜନ୍ମବୃତ୍ତାନ୍ତ କଥନ ଓ ରତ୍ନମଞ୍ଜରୀଠାରୁ ଗଜ

ବନକୁ କୁସୁମଶୃତ ଶିକାରକୁ ଗମନ । କୁସୁମଶୃତର ମଧ୍ୟ ସହଚରଙ୍କ ସହ ମଳୟାଚଳ ବନଖଣ୍ଡରେ ବିହାର—ମଦନବାଧା, ଚନ୍ଦନବନେ ଛଦ୍ମବେଶ ଗମନ, ସରୋବର ବର୍ଣ୍ଣନ, ଅପ୍ସରାମାନଙ୍କ ସ୍ନାନ ଓ କେଶବିନ୍ୟାସ ଦର୍ଶନରେ କୁସୁମଶୃତର ମୋହ । ସ୍ୱପ୍ନପ୍ରାପ୍ତି ପରେ ମନ୍ତ୍ରୀପୁତ୍ର ସହ ଅଗସ୍ତି ଆଶ୍ରମ ଗମନ । ଅଗସ୍ତିଙ୍କ ଦ୍ୱାରା ମନ୍ତ୍ର ପ୍ରଦାନ ଓ ସିଦ୍ଧ ବନରେ ଜପ କରିବା ନିମିତ୍ତ ଆଦେଶ । କୁସୁମଶୃତର ସିଦ୍ଧବନରେ ଜପ । ଜଙ୍ଗମ ମୁନିଙ୍କର ଆଗମନ ଓ ହଂସୀର ଆଗମନରେ ଲକ୍ଷ୍ୟ ଚମତ୍କୃତ ହେବା କଥନ । ଜଙ୍ଗମ ମୁନିଙ୍କର ହଂସୀକି କୁସୁମଶୃତକୁ ଦେଖାଇ ଅନ୍ତର୍ଦ୍ଧାନ; ହଂସୀର କୁସୁମଶୃତକୁ ରତ୍ନମଞ୍ଜରୀର ବାର୍ତ୍ତା କଥନ ଓ ପତ୍ରିକା ଦାନ । କୁସୁମଶୃତଠାରୁ ପତ୍ରିକା ନେଇ ରତ୍ନମଞ୍ଜରୀକୁ ହଂସୀର ପତ୍ରଦାନ । ଉଭୟଙ୍କର ମିଳନ ନିମିତ୍ତ ଉତ୍କଣ୍ଠା । ହଂସୀର ଉକ୍ତି ଅନୁସାରେ କୁସୁମଶୃତର ପିତୃ ଆଦେଶ ମତେ କୌମୁଦୀ ନଗରସ୍ଥ ଦେବଦେବୀଙ୍କ ଉତ୍ସବ ଦର୍ଶନ ନିମିତ୍ତ ଯାତ୍ରା । ପଥ ମଧ୍ୟରେ ସରଯୂ ତଟରେ ମୃଗୟା । କୌମୁଦୀ ନଗରରେ ଅନ୍ୟାନ୍ୟ ରାଜାଙ୍କ ସହ କୁସୁମଶୃତର ପ୍ରବେଶ, ହଂସୀ ସାହାଯ୍ୟରେ ରାଜପ୍ରାସାଦଠାରୁ ଉପବନସ୍ଥ ସୌଧ ସମୀପକୁ କୁସୁମଶୃତର ଗମନ । ଉଭୟଙ୍କର ଉଭୟଙ୍କୁ ଦର୍ଶନ । ରାଜାମାନଙ୍କର ବାଞ୍ଛିତ ଛାଡି ରତ୍ନମଞ୍ଜରୀର ପିତାଙ୍କ ଦ୍ୱାରା ସ୍ୱୟମ୍ବର ବିଧାନ । ରତ୍ନମଞ୍ଜରୀର କୁସୁମଶୃତକୁ ମାଳପ୍ରଦାନ ଦ୍ୱାରା ସ୍ୱାମୀରୂପେ ବରଣ । ଉଭୟଙ୍କର ବିବାହ ସମ୍ପାଦନ...ଇତ୍ୟାଦି ଇତ୍ୟାଦି ।

ଲାବଣ୍ୟବତୀର ଶୋଭା ବର୍ଣ୍ଣନା, ଉପବନ ବିହାର ଓ ସରସୀ କ୍ରୀଡ଼ାର ବର୍ଣ୍ଣନା ସହିତ ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା; ଇନ୍ଦ୍ରଙ୍କ ଉପବନ ବିହାର ଓ ରତ୍ନମଞ୍ଜରୀର ସ୍ନାନ ସରସୀର ବର୍ଣ୍ଣନାରେ ବିଶେଷ ସାମ୍ୟ ଅଛି ।

## ରତ୍ନମଞ୍ଜରୀର ଶୋଭା ବର୍ଣ୍ଣନା

"ସଂସାର ଲାବଣ୍ୟ ସାର ଘେନିଲ୍ଲୁ ସ୍ରଷ୍ଟା । ସିଞ୍ଚିତ ସୁଧାର ଧବଳେ ମଳ ଅଷ୍ଟା । ଚନ୍ଦ୍ର ତହୁଁ ଆହ୍ଲାଦ ଦେଲ୍ଲୁ । ଜାମ୍ବୁନଦ ସୁବର୍ଣ୍ଣର କାନ୍ତି ଦିଲ୍ଲୁ । ଏମନ୍ତେ ସର୍ବ ରତନୁ ଘେନିଲ୍ଲୁ ସାର । ଏଥେ ଜାଣ ନିର୍ମାଣିଲ୍ଲୁ ସୁନ୍ଦରୀବର । ଏଣୁକରି ଭାତି ହେଲ୍ଲୁ ନାରୀଜନେ । ବିରାଜିତ ନାମ ମଞ୍ଜୁ ଏ ସର୍ଜ୍ଜନା ।" ରତ୍ନମଞ୍ଜରୀରେ ଇନ୍ଦ୍ରଙ୍କ ବନବିହାର ବର୍ଣ୍ଣନରୁ କତିପୟାଂଶ ଉଦ୍ଧୃତ ହେଲା । (୧) ଚନ୍ଦ୍ରାନନା ମଦନମୋହିନୀ କୋକିଳବଚନୀ ଭଙ୍ଗେ । ପୃଥୁ ନିତମ୍ବିନୀ, ଭଙ୍ଗି ପଙ୍କଜନୀ ସୁରଭିଜନମନରଞ୍ଜନୀ । ସମସ୍ତେ ଗାଢ଼ ବେଶେ ମନୋହାରୀ । ନବବୟସ ପ୍ରେମ ଦେବତା ରାଜ୍ୟେ ଚିତ୍ରିତ ସ୍ୱର୍ଣ୍ଣ ସୁକୁମାରୀ । (୨) କେତକୀ ତରୁଣ ତରୁଣୀ ବଦନେ ଛାଣ୍ଡିରଜ ପକାଇଲ୍ଲୁ । ବଦନ ନିକ୍ଷ ଭରି ମଧୁ ଭାମିନୀ ଧାଇଁବୁ ଆଲିଙ୍ଗନ କଲ୍ଲୁ । ଏମନ୍ତ

ଶୋଭୁ ତା ବଦନ ଦିଶୁଛି । 'ପଳାସ ନଖରେ ଲାଗିଛି ପଦ୍ମ କି ତେଜ, ସରସିଜ ରହୁଛି ।” ଲାବଣ୍ୟବତୀର ଉପବନବର୍ଣ୍ଣନାରୁ ଓ ଷଟ୍‌ଦଶରେ ସ୍ନାନଲୀଳା ରତ୍ନମଞ୍ଜରୀର ସଖୀମାନଙ୍କ ସହ ବସନ୍ତ ଋତୁରେ ବନକେଳି ବର୍ଣ୍ଣନା—
“ଏମନ୍ତ ବନଶୋଭା ଦେଖି ରତ୍ନମଞ୍ଜରୀ ବାଳୀ । ପ୍ରିୟସଖୀଙ୍କି କହେ ବାଣୀ ବନେ ଭ୍ରମିବା ଚଳ । × × × × ନାଗକେଶର ବନ ପରିମଳ ଗନ୍ଧେ ମଧୁକର । ଭ୍ରମନ୍ତି ଝଙ୍କାର ପଡ଼ନ୍ତି ଦ୍ୱାରଣ ମଣ୍ଡଳ ' ଦେଖାଇ ଶ୍ୱାସ ସନ୍ନିଭରେ ମନ୍ଦ ଚେଷ୍ଟା ଧାଇଁବେ । ମଞ୍ଜୁଳ ମଧୁର ବାସ୍ନା ଅଧରରେ ଚୁମ୍ବିବେ । ଚାହିଁଲେ ଶୟନ ଦେଖିଣ ଧୀରେ କର ଗମନ ; ଏ ସଖୀ ଧ୍ୟାନ ସମ୍ଭ୍ରମଗଣ ଅଛି ଚିହ୍ନିନ ।। × × × ଏମନ୍ତେ ନାନା କଉତୁକ ହାସ୍ୟ ଗୀତ ରହସ୍ୟ । ପ୍ରବେଶ ହୋଇଲେ କାନନେ ରତ୍ନବେଦିକା ପାଶେ ।।” କବିଙ୍କର ନାୟକ ନିକଟକୁ ପ୍ରଥମେ ପତ୍ର ଦେବା ଶବ୍ଦ ସଂସ୍କୃତ ସାହିତ୍ୟ, କାବ୍ୟ, ନାଟକରେ ପରିଦୃଷ୍ଟ ହୁଏ । ରତ୍ନମଞ୍ଜରୀରେ ନାୟିକା ନାୟକ ନିକଟକୁ ନିଜେ ନ ଲେଖିପାରିଲେହେଁ ନିଜ ସଖୀଙ୍କ ନାମରେ ପତ୍ର ଦେଇଥିଲା—

“ସଖୀ ନାମ ଧରି ଚନ୍ଦ୍ରମାବଦନୀ ଲେଖିଛି ଯେମନ୍ତେ ଭଦନ୍ତ । ନୃପନନ୍ଦିନୀ ସନ୍ଦର୍ଭ ବାଣୀ ବନ୍ଧୁ ନୁହେ ଏ ଅନ ଲଖିତ ।”

ଲାବଣ୍ୟବତୀରେ ଏଥି ପଦ୍ଧତି ପରିବର୍ତ୍ତିତ ହୋଇଅଛି । ଏହାର ବାଧ୍ୟତାମ୍ର କାରଣ କବି ଲାବଣ୍ୟବତୀର ୧୨ ଛାନ୍ଦରେ କହୁଛନ୍ତି । “ସେ ବୋଇଲେ ଆମ୍ଭେ ନାରୀ । ପ୍ରଥମରେ ଲେଖିବୁଁ କି ପତ୍ରିକା କି କରି । × × × ଗାଥା ବୋଇଲୁ ଏ ସତ । ତେବେ ପ୍ରେମପତ୍ର ଯାଉ ଅଛୁ ଆମ୍ଭ ହାତ ।” ୪୫—୪୭ ପଦମାନ । ଶୁକର ଅନୁରୋଧରୁ ଓ ଲାବଣ୍ୟବତୀର ଚନ୍ଦ୍ରଭାନୁଠାରେ ଆସକ୍ତି ହେତୁ ଜାଣିବାରୁ ଲାବଣ୍ୟବତୀରେ ନାୟକ ପ୍ରଥମେ ପତ୍ର ନାୟିକା ନିକଟକୁ ଦେଲା । ନାୟକଠାରୁ ପତ୍ର ପାଇ ନାୟିକା ସଖୀଙ୍କ ନାମରେ ପତ୍ର ଦେବା ଲାବଣ୍ୟବତୀରେ ବର୍ଣ୍ଣିତ ହୋଇଅଛି । ଉପେନ୍ଦ୍ର ଭଞ୍ଜ ପୂର୍ବ ପ୍ରାଚୀନ ଶୈଳୀକୁ ଭାଙ୍ଗି ଯାହା କରିଅଛନ୍ତି, ତାହା ପ୍ରୀତିର ଗାଢ଼ତା ସୂଚନାରେ ନ୍ୟୂନତା ଦର୍ଶାଇଲେହେଁ ନାଗରିକସୁଲଭ ଲଜ୍ଜା ଭୂମିରେ ସମୀଚୀନ ହୋଇଅଛି । ଏପରି ଜଣଙ୍କ ହସ୍ତରେ ଶୃଙ୍ଗାର ରସ ବାଲ୍ୟରୁ ଜୀବନରେ ପରିଣତ ହୋଇଛି କହିବା ଠିକ ନୁହେଁ ଧୃଷ୍ଟତାର ବାଣୀ । ନାୟକ ନାୟିକାଙ୍କ ପତ୍ରମାନର ମର୍ମ ପ୍ରାୟ ଉଭୟ କାବ୍ୟରେ ସମାନ । ରତ୍ନମଞ୍ଜରୀରେ ରତ୍ନମଞ୍ଜରୀଠାରୁ ପତ୍ରିକା ପାଇବାରେ ଚନ୍ଦ୍ରମଣ୍ଡପର ଯେଉଁ ଅବସ୍ଥା ତାହା କବି ସୁନ୍ଦରଭାବରେ ବର୍ଣ୍ଣନା କରିଅଛନ୍ତି । ତାହା ଉପେନ୍ଦ୍ରଭଞ୍ଜଙ୍କ କାବ୍ୟାଂଶରେ ମଧ୍ୟ ପରିଦୃଷ୍ଟ ହୁଏ । “ପତ୍ରମ ହୋଇ ପଡ଼ିଲା ଯେମନ୍ତ କରେ ହୃଦେ ନେଇ ଲଗାଇଲା । ରୋମାଞ୍ଚିତ ଗୃହକୁ କି ନବୀନ ପାଇ ଜୀବନ ଲଭିଲା ।

ରଙ୍କ ଏ ପାଇଲୁ କିବା ଶୀକଅନ୍ଧ ଯେସନ କୁମୁଦବନ୍ଧୁ ! ଦାବତାପିତ ନବନିବଳ୍ଲିରୀ କି ପାଇଲୁ ଘନ ଆସାର । ଚକୋର ଲଭିଲୁ କି ସୁଧାଂ କିରଣ ପଦ୍ମବନ କି ମିହିର । ଅଥାଗପୃଷ୍ଠ କି ଲଭିଲେ ସୁଗନ୍ଧ ଢୋଳକ କି ସହକାର ! ଦରିଦ୍ର ଭୃତ୍ୟ କି କୋଟିଏ ହେଲା ସେତେକ ପ୍ରାପ୍ତିକ ହୋଇଲୁ । ମୃତ୍ୟୁଶିଶୁର କି ଜୀବନ ଲଭିଲୁ ସେସନ ଆନନ୍ଦ ହେଲା ।” ଏହି ପ୍ରାପ୍ତିକାଳରେ ଲକ୍ଷ୍ମଣଙ୍କ ମଧ୍ୟରେ ଦାଦ ଶବଦ ଶତଣ୍ଡ ଯାହା ଉତ୍ସମନ୍ତ୍ରରେ ଲମ୍ବିତ, ତାହା ଲାବଣ୍ୟବତୀରେ ମଧ୍ୟ ଲୁପ୍ତ ହୁଏ । ‘ଏମନ୍ତେ ତାରି ଇନ୍ଦ୍ରିୟଗଣ ମିଳି ଏକ ଆରତେ ବୋଲନ୍ତି । ନୃପତି ଚନ୍ଦ୍ରା ଶିରୀଷକୋମଳା କି ଲେଖିଛୁ ଚୂଡାବଳୀ । ଖଣ୍ଡେ ତେ ଲଭି ନୟନ କୁହେ ମେ ଗ ଏ ବଦନସୁଧାଂଶୁ ଶାରଦ । ତୁମ୍ଭ ଗୁଣ ମୋତେ ଯେତେ ମାତ୍ର ଦଅ ଦେଖିବି ଲେଖିଲୁ ବଳି । ନୟନ ବୋଲଇ ଶୁଣ ହେ ଶ୍ରବଣ ତୁମ୍ଭେ ସିନା ଭାଗ୍ୟବନ୍ତ । ଅନୁରାଗ ଜାଳି ପ୍ରେମରସଶର୍କରେ ସୁଧିମ ସେହୁ ଭିଦନ୍ତି ॥ ମନ ବୋଲଇ ରସନା ତୁମ୍ଭେ ଧନ୍ୟ ରସଲତା ମଧୁବାଣୀ । ପ୍ରଥମେ ତୁମ୍ଭେ ତା ଆସ୍ୱାଦ କରିବ ଜହ୍ନକ ପୁଣି ବଖାଣି । ‘ରସନା ବୋଲଇ ତୁମ୍ଭେ ମନ ସବୁ ପୁଣ୍ୟବନ୍ତ ତତପରୁଁ । ଯାହା ତୁମ୍ଭେ ଅବିରତରେ ବିହାର କରୁଅଛ ମନୋହାରୀ ।’ ଇତ୍ୟାଦି ଇତ୍ୟାଦି । ଏହାର ପ୍ରତିରୂପ ପଦାବଳୀ ନିମନ୍ତେ ଲାବଣ୍ୟବତୀ ୨୧ ଛାନ୍ଦ ୨୨-୩୧ ପଦମାନ ଦେଖ । ରତ୍ନମଞ୍ଜରୀ କାବ୍ୟରେ କୁସୁମପୁରର ଯାନ-ପୁର ନାନାବିଧ ଲୋକଙ୍କ ଗମନ (୧୪ ଓ ୧୫) ଶ୍ଳୋକଠାରୁ ଶିବାଙ୍କୁ ନେଇ ସୁଲୁସମାନଙ୍କ ଯିବା ବେଳର ଉକ୍ତି ପ୍ରାୟ ଲାବଣ୍ୟବତୀ କାବ୍ୟର ଅନୁରୂପ । ତନ୍ମଧ୍ୟରୁ ସେ.ଟିଏ ଶ୍ଳୋକ ମାତ୍ର ଉଦାହରଣ ପ୍ରଦତ୍ତ ହେଲା :

ଶ୍ରୀ ଶ୍ରୀ ସାନନ୍ଦ ସେନାଧୀ ଆଗେ ଗଲେ ଶ୍ରେଣୀ, ତହୁଁ ଚଳେ ବାହାର ହୋଇଲେ ଇତ୍ୟାଦି । ଶିଖଣ୍ଡ ବାହିନୀ ସେନା, ବାହାର ହୋଇଲେ ଧନୀ, ବସ୍ତ୍ର ଅଳଙ୍କାର ଧନ ସମ୍ପତ୍ତି କରି । ସ୍ତ୍ରୀଜନ ହେଲେ ବାହାର । ଦେ . ସୁଖ ଆସନ ବସ୍ତ୍ରବାନ ଧ୍ୱଜ । ଇତ୍ୟାଦି ରତ୍ନମଞ୍ଜରୀ ! ନାୟିକାଠାରୁ ନାୟକର ଉଦାହରଣ:—ଦେବକୀ ଭାଣ୍ଡ ବାଣ୍ଟରେ ମଣି ଅଛ ସେ ସ୍ନେହରେ । ବୋଲୁଛି ରେ ମୁଖାଗ୍ନି ଦେବୁ ଗମନ । ମୋର ଅଙ୍ଗସଙ୍ଗ ବିନୁ ଦେଖେ ରହିବ କେମନ୍ତେ । ତୋର ସଙ୍ଗେ ମୋର ଜୀବ କେବେ ଗମନ ଅଧର ପୀୟୂଷ ତୋହର । ପିଇଥିଲୁ ଜୀବ ରହିଥିବ କେମନ୍ତ ! ଲାବଣ୍ୟବତୀରେ ୨୩ ଛାନ୍ଦରେ ଏରୂପ ବର୍ଣ୍ଣନା ଅଛି ।

କୁସୁମପୁରର ସମସ୍ତ ନଗରୀବାସୀ ଅବଶ୍ୟରେ ବୃକ୍ଷ ଲତା ପଶୁପକ୍ଷୀମାନଙ୍କ ବର୍ଣ୍ଣନା ସହ ମୁଖଚ୍ଛବି ଜ୍ୱଳନ୍ତ ଅଛି ଯେପରି ରତ୍ନମଞ୍ଜରୀରେ ସେହିପରି ଲାବଣ୍ୟବତୀରେ ଚନ୍ଦ୍ରଭାନୁଙ୍କ ମୃଗୟା ତଥା ଅରଣ୍ୟ ବର୍ଣ୍ଣନାର ଅଛି ପ୍ରଦତ୍ତ ହୋଇଅଛି । ମୃଗୟାର ବର୍ଣ୍ଣନାରୁ ପଦେ ଅଧେ ଯଥା :—

ଶୁଣିଲୁ ସର୍ପ ଭୁଜଙ୍ଗର ଧ୍ୱନି । ପାଦ ଶବଦେ କମ୍ପିଲୁ ଅବନୀ । ଅନେକ ବନଗଜବିବ ହେଲେ ବାହାର । ସେମାନ୍ତ ପଡ଼ିଥିଲେ ଗେହ୍ୱରର । ସେ ଜନିସ୍ତ ଛିଡ଼ି । ଆସନ୍ତେ କଣ୍ଟକକ୍ଷ ଘୋର ଭଡ଼ି ॥ ସିଂହ ଶାର୍ଦ୍ଦୂଳ ଭଲ୍ଲୁ ମହିଷ । ଭାଲୁଛନ୍ତି ଯେଣୁ ସେ ଘୁଷୁରି ଶାସ ! ଗଜ ଶୂକର ଖେଦା ସମ୍ବର । ଏଣୀ ହରିଣ ମୃଗ ବନଚର । ଶଶକ ଜମ୍ବୁକ । ଚିତ୍ରଳ ମର୍କଟ ମୂଷା ଭଲ୍ଲୁକ ॥ ବ୍ୟାଘ୍ର ବିଲ୍ଲ ଅଛି ଅଜଗର । ଖଡ୍‌ଗୀ ଗୟାଳ ଶଲ୍ଲକୀଗଣ । ଶୃଗାଳ ଘୋଡ଼ାଶିଆଳି । ଭଲ୍ଲୁକପାଣ ବିଲୁଆ କୋକିଆଁ । ବଣ୍ଡୁଆ ବୁଢ଼ିଆଳ । ଉଥ ଦଣ୍ଡଭୁଆଁ ବଧି ଗଣ୍ଡା ॥ ବାହାର ହେଲେ ବନଚରି ମାଡ଼ି । ହେମନ୍ତ ଦିନେ ଭଲେ ଜାଗିବା ଛାଡ଼ି । ନୃପଭିମୁଖ ଦେଖନ୍ତି ଅଜନ୍ମେ । କେବଳ ଶାର୍ଦ୍ଦୂଳ ବରଣି ନ ହୋଇ ଅନେକ ବଣ ଛଡ଼ି । କେଉଁ ଶାର୍ଦ୍ଦୂଳ କରେ ଘୋର ରଡ଼ି ॥ (ରହସ୍ୟମଞ୍ଜରୀ) ।

ପୂର୍ବ ଭାଗରେ କାମୁକ ନାୟିକାଙ୍କ ସ୍ୱଚ୍ଛନ୍ଦଲାଳସ୍ୟ ଚେଷ୍ଟାର ଚେଷ୍ଟା ଦର୍ଶନରେ ମାଧୁର୍ଯ୍ୟମୟୀ ବର୍ଣ୍ଣନା ଓ ପରେ ପ୍ରାପ୍ତି ସମ୍ବନ୍ଧ ଅତ୍ୟନ୍ତିକ ଉଦ୍ଭଟତା ଓ ବିବାହାଦି ବିଷୟ କାବ୍ୟରେ ପ୍ରାୟ ଏକ ପ୍ରକାରେ ବର୍ଣ୍ଣିତ । ଉପେନ୍ଦ୍ରଙ୍କ ଅଦ୍ଭୁତ ପ୍ରତିଭା, ଅଲୌକିକ କଳନାଶକ୍ତି, ମୃଦୁକୋମଳ, କଳାକୌଶଳତା ଓ ଔଚିତ୍ୟରଚନରେ ବାହ୍ୟୋପକରଣର ସୁସଙ୍ଗତ ବର୍ଣ୍ଣନ ଓ ଯଥାଯଥ ସଂସ୍ଥାପନ ହେତୁ ତାଙ୍କ କାବ୍ୟମାନ ଅପେକ୍ଷାକୃତ ସରସ ଓ ଜୀବନ୍ତ ।

## ଊଷାଭିଳାଷର ପ୍ରଭାବ

ଯୋଗିନୀଙ୍କ ତପ୍ରଭାବ ଓ ଲାବଣ୍ୟବତୀଙ୍କ ମିଳନ ଓ ଚନ୍ଦ୍ରଭାନୁଙ୍କ ତିରୋଧାନ ପରେ ଲାବଣ୍ୟବତୀର ହୃଦୟବିଦାରକ ଖେଦ ଶିଶୁପାଳଙ୍କର ଉଷାଭିଳାଷ ପରେ ଉଷାର ଖେଦର ଅନୁରୂପ । ଏବଂ ତାଙ୍କ ଅନୁସନ୍ଧାନରୁ ସ୍ୱପ୍ନରେ ଉଷାର ଅନିରୁଦ୍ଧ ସଙ୍ଗ ଯଥାବ ସଙ୍ଗମଜନିତ ସୁଖାନୁଭବ ଓ ଅନିରୁଦ୍ଧର ତିରୋଧାନ ପରେ ଉଷାର ବିଳାପର ଛାୟା ଲାବଣ୍ୟବତୀରେ ପଡ଼ିଛି । "ପଲଙ୍କ ଦେଖିଣ ଉଠିଲୁ ଚମକି, ସପନ ସଙ୍କେତ ପାଇଣ । ଆହା ପ୍ରାଣନାଥ କେଉଁଣେ ଗଲୁ ବୋଲି ଉଚ୍ଚସ୍ୱରେ କରେ କନ୍ଦଣା । ଦାରୁଣ ! ଦେଖାଇ ନିଧି ହରି ନେଲୁ । ଏଣୁ କୁମାରୀ ମୁଁ ଲଜ୍ଜା ନ ଜାଣିଲି କହିଁ ମୋତେ ଏଥିକି କଲୁ । ଇତ୍ୟାଦି ଇତ୍ୟାଦି ଊଷାଭିଳାଷ ୫ମ—୧ପଦ । ଦେଶ ଚତୁସ୍ତ ଶୃଙ୍ଖଳ ଦର୍ଶି ନାହିଁ ପତି ନାହିଁ ଦୟା ତରୁଣୀ । ମାର ହୃଦେ ଦ୍ୱାତ ନାଥ କାହିଁ ବୋଲି ଅଛ ପଡ଼ିଲେ ଜାଣି ଜାଣୁଣୀ । ଇତ୍ୟାଦି—ଲାବଣ୍ୟବତୀ ୧୨ଛାନ୍ଦ ୧ପଦ । ପୁନଶ୍ଚ ସେହିପରି ପଞ୍ଚମ ଛାନ୍ଦର ୪ର୍ଥ ପଦରେ "ଥିଲେ ସଙ୍ଗାତ, ସୁନ୍ଦରୀ କହୁ ମୋତେ ବାଣୀ । ରବି ପବନ ଅଗମ୍ୟ ଅନ୍ତଃପୁରେ କାହିଁ ପ୍ରବେଶ କଲୁ ଏଥି" ସହିତ ଲାବଣ୍ୟବତୀର ୧୨ ଛାନ୍ଦ ୫ ପଦ "ଆଳୀ

ଖେଳିଲେ ବଦନ ମସ୍ତାନୁରୂପ ପ୍ରୟୋଗେ ଏହୁ ଅନ୍ତଃସ୍ଥଳ ! ଜାଣିବା କାର୍ଯ୍ୟ ନିଶ୍ଚିତ ହେବାରେ ପୁଣ ଏକାବେଳେ ଉପ୍ଯୁକ୍ତ । ଅଷ୍ଟ ତାହାରେ—ପବନର ମାନ ସ୍ଥଳ । ଏ କଥି ଦେବଙ୍କ ଗମ୍ୟ ହୋଇଥିବା ଭେଦ ତ ନ ଥିବ ମନୁଷ୍ୟ ।” ସବୁ ତୁଳନୀୟ । ପୁନଶ୍ଚ ନାରଦଙ୍କ ଅନ୍ୟ ସମର୍ପିତ କଥା ଦା ମନ୍ତ୍ରସ୍ଥଳରେ ପ୍ରଶ୍ନ ଉଦ୍ଦେଶ୍ୟରେ ଅନୁଭୂତିରୁ ଏଣାଇ ଉପାୟ ଶାସ୍ତ୍ରାନୁସାରେ କୃଷ୍ଣ ପ୍ରଭୁ ଅନୁଭୂତିର ପୂର୍ବରୁ ଦୁଇ ଅଛି ଲକ୍ଷଣ ଧରଣକୁ—ଉଷାବିଳାସ ୭ମ ଛାନ୍ଦର ୧୧ ପଦ ଓ ୧୨ ପଦର ସ୍ଥାନ ଲାବଣ୍ୟବତୀର ୧୧ ଛାନ୍ଦର ୩୦ ପଦ ଓ ୩୩ ପଦରେ ପଢ଼ନ୍ତୁ । ଯଥା—ଉଷାବିଳାସ—ପ୍ରିୟେ ମୋ କଳାପ୍ଣ ସେନା ଭାବିଲି ମୃଦୁ ବଚନ କାର୍ଯ୍ୟ ମଦନମୁଣ୍ଡା ଅଭାୟୁ କର । କପାଳେ ମଙ୍କଡ଼ି ଲଗୁ, ଚରଣେ ଅଳତା ଦେଇ, ପଙ୍କଜ ଭାଲିବ ମୋର ଏ ବେଳ କର, ସୁଧାରସ ଅଧରୁ ନେଇ । ଦାସ କରି କଣ ମୋତେ ତମଳକୁହିଁ । ଉକ୍ତ ୭ମ ଛାନ୍ଦ ୧୧ ପଦ ସହ “ଏଡ଼ାଲେ କର ହେଉଛି କର ଉତ୍ତରକମଳ ବୋଇଲୁ ହେ ଜୀବେଶ୍ୱର କଳାପ୍ତ ସେନ” । ଚରଣେ ଅଳତା ଦିଅ ପଛେ ପଛେ ଅଞ୍ଜଳି ସବି ଅନୁସରି ଥିବାକୁ ମୋ ହେଉଛି ମନ । ମୋତେ କପି ବସନ ଭୂଷା । ହେଲିନି ସବୁମତେ ମୁଁ କୃତାର୍ଥ ଯୋଗ୍ୟ । ଲା-୧୪ ଛାନ୍ଦ ୩୦ ପଦ ତୁଳନୀୟ । “ମଦନେ କାତର ହୋଇ ଓଠୋଇଲୁ ଦୃଷ୍ଟି କରି ଚରଣ ଧରନ୍ତେ କହେ ସୁନାଗ ରମା ! ଯାଉଛି କାହିଁରେ ତନୁ, ବାନ୍ଧିଲୁ କୁସୁମଧନୁ ଉଠେ ପ୍ରଣମିତ କଲା ଅପୂର୍ବ ରେଖା । ଶୁଣେ ଶୁଣ ପଦାନ୍ତେ ଶୂନ୍ୟ । ବଦନ ଚୁମ୍ବିଲ ବୋଲି ଭୟ କରଇ ।” ଉଷାର ୭ ଛାନ୍ଦ ୧୨ ପଦ ସହ “ସେ ରମଣୀ ଚନ୍ଦ୍ରମଣି ହୋଇଲୁ ଏମନ୍ତ ମଣି କୃଷ୍ଣଚନ୍ଦ୍ର ଦ୍ୱାରାଲୁଚ କଲୁ ନାଗର । ଦାସ ପୂରିଲୁ ପାଦେ ସମ୍ମୁଖ ପ୍ରସନ୍ନ ହୋଇ ହେଲୁ ଜାଣି କହନ୍ତେଣ ତା ସୀଥିକାର । କର ଧରି ଶିରେ ଲଗାଇ । ବୋଲି କରି ସୁରସିକ ପଲ୍ୟଙ୍କେ ନେଇ ।” ଲାବଣ୍ୟବତୀର ୧୧ ଛାନ୍ଦ ୩୩ ପଦ ତୁଳନୀୟ ।

## ଜଗମୋହନ ରାମାୟଣର ପ୍ରଭାବ

ବଳରାମ ଦାସଙ୍କ ଦାଣ୍ଡି ବା ଜଗମୋହନ ରାମାୟଣ ଉପେନ୍ଦ୍ର ଭଞ୍ଜଙ୍କ ସମୟରେ ସର୍ବଜନାଦୃତ ହୋଇ ଓଡ଼ିଶାର ଗୃହେ ଗୃହେ ପଠିତ ଓ ପୂଜିତ ହେଉଥିଲା । ବଳରାମଙ୍କ ରାମାୟଣ ଲୋକର ଇତିହାସ ସେହିପରି ମଧ୍ୟ ଥିବା । ବଳରାମ ଦାସଙ୍କ କବିତ୍ୱରେ ଉପେନ୍ଦ୍ର ମୁଗ୍ଧ ହୋଇ-ଥିଲେ । ବୈଦେହୀଶବିଳାସର ପ୍ରଥମ ଛାନ୍ଦର ଚତୁର୍ଥ ପଦରେ ଉପେନ୍ଦ୍ର ତାଙ୍କୁ ବ୍ୟାସଦାସ ଓ ବେଦଙ୍କ ସହିତ ସମାନ ଆସନ ପ୍ରଦାନ କରିଅଛନ୍ତି । ବୈଦେହୀଶ ବିଳାସର କଥାବସ୍ତୁ ଉପେନ୍ଦ୍ର ଦାଣ୍ଡି ରାମାୟଣରୁ ଗ୍ରହଣ କରିଅଛନ୍ତି । ଲାବଣ୍ୟବତୀର ୧୫ଶ ଛାନ୍ଦରେ ଐନ୍ଦ୍ରଜାଲିକଙ୍କ ଦ୍ୱାରା ଯେ ରାମଚରିତ ବର୍ଣ୍ଣିତ ତାହା ଜଗମୋହନ ରାମାୟଣର ଅନୁରୂପ—ଏଥିରୁ କେତେକ ମୂଳ ଓ ଟୀକା ଦେଲୁ ।

## ଲୀଳାବତୀ (ରଘୁନାଥହରିଚନ୍ଦନ କୃତ)ର ପ୍ରଭାବ

ଲୀଳାବତୀର ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟମାନଙ୍କରେ ବିଶେଷତଃ ଲାବଣ୍ୟବତୀରେ ଯେପରି ରହିଛି ତାହାର କିଛି ନିଦର୍ଶନ:—

ଲୀଳାବତୀରେ ଜଗନ୍ନାଥଙ୍କ ସ୍ତୁତିର ପ୍ରଭାବ ଉପେନ୍ଦ୍ରଭଞ୍ଜଙ୍କ କୋଟିବ୍ରହ୍ମାଣ୍ଡ-ସୁନ୍ଦରୀ, ସୁଭଦ୍ରାପରିଣୟ, ରସିକହାରାବଳୀରେ ଦ୍ରଷ୍ଟବ୍ୟ । ଲୀଳାବତୀର ପୁତ୍ରବିଳାପ, ଯୌବନପ୍ରାପ୍ତି ବର୍ଣ୍ଣନା, ଘୋର ଅଶ୍ଳୀଳ ଓ ଅଦ୍ଭୁତବଗକଳନ । ରଘୁନାଥ ହରିଚନ୍ଦନ ସ୍ପଷ୍ଟରୂ ବିପ୍ରଦାସଙ୍କ ଚନ୍ଦନଦ୍ୱିରେ ନୈଷଧକୁ ଅବଲମ୍ବନ କରିଛନ୍ତି । ଲାବଣ୍ୟବତୀର ପୁତ୍ରବିଳାପ ଲୀଳାବତୀର ପୁତ୍ରବିଳାପ ସହିତ୍ରକରଣୀୟ । ସୂର୍ଯ୍ୟାସ୍ତ ବର୍ଣ୍ଣନା ଅନ୍ୟ ଭେଦକ କରନ୍ତି, ଏହା ଲୀଳାବତୀରେ ସମର୍ଥନୀୟ; କିନ୍ତୁ କାବ୍ୟଦ୍ୱୟର ଏକ କଳଙ୍କ । ବିଷ୍ଣୁ ଭ୍ରମର ଚୋରାଇବା ଉଭୟଙ୍କ ସମାନ । ଲୀଳାବତୀରେ ବେଶପୋଷାକ ରଘୁନାଥ ୪୦ ପଦରେ ଦେଇଛନ୍ତି । ଲୀଳାବତୀରେ ସ୍ୱପ୍ନରେ ଭୁଲାଇ କରିବା ଦେଖି—ଉପେନ୍ଦ୍ରଙ୍କର ଅଳଙ୍କାରରେ ବେଶି—ବେଶପୋଷାକରେ ମଧ୍ୟ ଲୀଳାବତୀର ପ୍ରଭାବ ଲାବଣ୍ୟବତୀରେ ପରିଲକ୍ଷିତ ହୁଏ ।

ଲୀଳାବତୀ କାବ୍ୟର ନାୟକ ଚନ୍ଦ୍ରପୀଡ଼—ଚନ୍ଦ୍ରପୀଡ଼ଙ୍କ ପିତାଙ୍କ ନାମ ଚନ୍ଦ୍ରଭାନୁ—ଲାବଣ୍ୟବତୀର ନାୟକର ନାମ ଚନ୍ଦ୍ରଭାନୁ—କାଦମ୍ବରୀ ପ୍ରଭୃତି ଲୀଳାବତୀ ଓ ଲାବଣ୍ୟବତୀରେ ପରିଦୃଷ୍ଟ ହୁଏ । ଐନ୍ଦ୍ରଜାଲିକ ଆସି ଉଭୟଙ୍କ କାର୍ଯ୍ୟ କରିବା ପ୍ରାୟ ସମାନ । ଲୀଳାବତୀର ପିତା ବସୁଭୂତ ନିକଟରେ ଐନ୍ଦ୍ରଜାଲିକର ନଟୀ ସହ ପ୍ରବେଶ—ରାଜାଙ୍କ ପ୍ରଶ୍ନରେ ଐନ୍ଦ୍ରଜାଲିକର ହିନ୍ଦୁଳ ଗୋଟିକା ଅଞ୍ଜନ ପ୍ରଭୃତିରେ ପ୍ରବୀଣତାର କହିବା—ରାଜାଙ୍କ ଆଗରେ ସନ୍ଧ୍ୟା ପରେ ରାମଚରିତ ଦେଖାଇ ଲୁକ୍କାୟିତରେ ଚନ୍ଦ୍ରପୀଡ଼କୁ ଆଣି ଲୀଳାବତୀକୁ ଦେଖାଇ ପ୍ରେମାଳାପ କରାଇବା, ସେହିପରି ଲାବଣ୍ୟବତୀର ପିତା ରତ୍ନେଶ୍ୱରଙ୍କ ନିକଟରେ ଐନ୍ଦ୍ରଜାଲିକର ନଟୀ ସହ ପ୍ରବେଶ—ଭକ୍ତ ବିଦ୍ୟାମାନଙ୍କରେ ନିଜର ପ୍ରବୀଣତା ପ୍ରକାଶ କରିବା ପରେ ରାଜାଦେଶରେ ସନ୍ଧ୍ୟା ପରେ ରାମଚରିତ ଦର୍ଶନ କରାଇ ଲୁକ୍କିତରେ ଲାବଣ୍ୟବତୀ ସମ୍ମୁଖରେ ଚନ୍ଦ୍ରଭାନୁକୁ ଆଣି ଦେଖାଇବା—ଲୀଳାବତୀର ସଖୀ ଚିତ୍ରା ଅନ୍ୟ ଦେହ ନ ଜାଣିବା ପ୍ରଭୃତି ଅବିକଳ ମଧ୍ୟ ଲାବଣ୍ୟବତୀରେ ତାହା ଅଛି ।

ଲୀଳାବତୀର ସଖୀମାନେ ତାର ଚିତ୍ରପଟ ସହ ଜଣେ ପ୍ରିୟ ସୁବୁଦ୍ଧିଙ୍କୁ ଚନ୍ଦ୍ରପୀଡ଼ ନିକଟକୁ ପଠାଇଥିଲେ । ଲାବଣ୍ୟବତୀରେ ଲାବଣ୍ୟବତୀର ପିତା ସିଦ୍ଧଜ୍ଞାନାନନ୍ଦଙ୍କଦ୍ୱାରା ମଧୁମାଳତୀ କର୍ତ୍ତୃକ ଲାବଣ୍ୟବତୀର ଚିତ୍ରପଟ ଅଙ୍କିତ କରାଇ ବ୍ରହ୍ମଚାରୀ ହସ୍ତରେ ଚନ୍ଦ୍ରଭାନୁ ନିକଟକୁ ପଠାଇଥିଲେ ।

ଲୀଳାବତୀରେ ଯେପରି ବସନ୍ତସେନା ବେଶ୍ୟା ଆସି ଉପସ୍ଥିତ ହୁଅନ୍ତି ମନ୍ଦ ମନ୍ଦ ଚନ୍ଦ୍ରାପୀଡ଼ଙ୍କର ସମ୍ମୁଖ ହେବା କାଳରେ ଚିତ୍ରପୁସ୍ତକ ଉପସ୍ଥିତ ହୋଇ ଲୀଳାବତୀର ଲକ୍ଷେ ଅଂଶରୁ ଏ ସମ ନୁହେଁ, ଏହା କହନ୍ତେ ଚନ୍ଦ୍ରାପୀଡ଼ଙ୍କ ଲୀଳାବତୀ ବା ତାର ଚିତ୍ରପଟ ଦର୍ଶନ କରିବାକୁ ଅତ୍ୟନ୍ତ ପ୍ରକାଶ କରନ୍ତେ ଚିତ୍ରପୁସ୍ତକ ତାଙ୍କୁ ଚିତ୍ରପଟ ପ୍ରଦର୍ଶନ କରିବା—ସେହିପରି ଲାବଣ୍ୟବତୀରେ ସଖୀମାନଙ୍କ ସଙ୍ଗ ଚନ୍ଦ୍ରଭାନୁ ଲାବଣ୍ୟବତୀ ନିକଟକୁ ଆଲାପ କରନ୍ତେ ମଦନରେଖା ବେଶ୍ୟାର ଉପସ୍ଥିତି—ତାହାର ଶୋଭାଦର୍ଶନରେ ସମସ୍ତଙ୍କର ବିସ୍ମିତ ହୋଇ ଏ "ଏପରି ସୁନ୍ଦରୀ ଜଗତରେ ନାହିଁ" କହିବା ସମୟରେ ବ୍ରହ୍ମଦୂତୀ ଆସି କହିଲେ ଏ ବେଶ୍ୟା ଲାବଣ୍ୟବତୀ ତୁଳନାରେ କିଛି ନୁହେଁ—ଏହା କହନ୍ତେ ଚନ୍ଦ୍ରଭାନୁଙ୍କ ଅତ୍ୟନ୍ତ ପ୍ରକାଶ ଓ ବ୍ରହ୍ମଦୂତୀଙ୍କଦ୍ୱାରା ଚିତ୍ରପଟ ପ୍ରଦର୍ଶନ ।

ଲୀଳାବତୀର ପ୍ରେମପତ୍ରିକା ଚନ୍ଦ୍ରାପୀଡ଼ଙ୍କୁ ପଠାଇବା ଓ ଚନ୍ଦ୍ରାପୀଡ଼ର ସେହିପରି ପ୍ରେମପତ୍ରିକା ପଠାଇବା ପରି ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ପ୍ରେମପତ୍ରିକା ଲେଖାଇ ପରେ ନାୟିକା ହସ୍ତରେ ଦେଖାଇ ଅଛନ୍ତି ।

ଲୀଳାବତୀ ଉପଯୁକ୍ତ ବରପ୍ରାପ୍ତି ନିମନ୍ତେ ଶିବଦୁର୍ଗା ପୂଜା ଓ ମଦନପୂଜା କରିଥିଲା । ଚନ୍ଦ୍ରାପୀଡ଼ ମଧ୍ୟ ଦେବୀ ଦୁର୍ଗାଙ୍କୁ ସ୍ତୁତି କରିଥିଲା । ଲୀଳାବତୀ ଭବନରେ ଫେରିଆସିଲା ପରେ ଜଣେ ଦେବୀ ଚନ୍ଦ୍ରାପୀଡ଼ଙ୍କୁ ତାର ମିତ୍ର ସଙ୍ଗ ମନ୍ତ୍ରରେ ନେଇ ଲୀଳାବତୀ ସଦନରେ ଉପସ୍ଥିତ ହେଲେ—ଲୀଳାବତୀର ମାତା ଦେବୀଙ୍କୁ ଡକାଇବାରେ ଦେବୀଙ୍କର ଚନ୍ଦ୍ରାପୀଡ଼ଙ୍କ ସମ୍ବର୍ଦ୍ଧନା କରିବାକୁ କହିବା—ତହୁଁ ତାଙ୍କୁ ହାର ବସ୍ତ୍ର ଚନ୍ଦନ ପୁଷ୍ପରେ ବିଭୂଷିତ କରାଇଲେ—ବିଦ୍ୟାଭିଙ୍ଗ ପରେ ଚନ୍ଦ୍ରାପୀଡ଼ର ଭାବନା—କିମନ ହେବ ପ୍ରତ୍ୟକ୍ଷ ହେଉଁ ଦେଖିବ ? ଜଣେ ବୋହିତୁଆଳ ଆସି କହିଲା ଏମାନଙ୍କୁ ମଳୟାଚଳ ନେଇଛ ।

ଲାବଣ୍ୟବତୀରେ ବୋହିତୁଆଳ ଆସି ରାଜାଙ୍କୁ ଭେଟି ଦେବା ଓ ଲାବଣ୍ୟବତୀର କଥା କହିବା—ହର ପାର୍ବତୀଙ୍କ ଆଜ୍ଞାରେ ଯୋଗିନୀ ହୋଇ ଚନ୍ଦ୍ରଭାନୁ ଲାବଣ୍ୟବତୀ ପାଖରେ ଚନ୍ଦ୍ରଭାନୁଙ୍କୁ ପହଞ୍ଚାଇବା—ଚନ୍ଦ୍ରଭାନୁର ମୁଦ୍ରିକା ପ୍ରଦାନ ଓ ଲାବଣ୍ୟବତୀର ହାର ପ୍ରଦାନ ।

ଋତୁମାନଙ୍କ ବର୍ଣ୍ଣନା, ନାୟକ—ନାୟିକା ଅନୁରକ୍ତା ଉଭୟଙ୍କ ପ୍ରାୟ ସମାନ ।

ଚୈତ୍ର ପୂର୍ଣ୍ଣମୀ ରାତ୍ରିରେ ସମସ୍ତଙ୍କ ସଂସାରକାଳରେ ଭେଟ ହେବା ନିମନ୍ତେ ଲୀଳାବତୀର ପତ୍ର ଲେଖିବା; ସେହିପରି ଲାବଣ୍ୟବତୀର ଶିବରାତ୍ରରେ ରାମେଶ୍ୱର ଠାରେ ଭେଟ ହେବା ନିମନ୍ତେ ପତ୍ର ଦେବା—ଉଭୟଙ୍କ ପିତାଙ୍କ ଅନୁମତିରେ

ନାୟକଙ୍କର ଯାତ୍ରା ପଥରେ ଅପ୍ସରୀର ସୁଗନ୍ଧା ବର୍ଣ୍ଣନା ପରସ୍ପର ଦର୍ଶନ ଓ ପତ୍ରିକା ଆଦାନ ପ୍ରଦାନ ।

ଲୀଳାବତୀରେ—ରାକ୍ଷସ ଅଗ୍ନିଜ୍ୱାଳା ବତୀର ପିତାଙ୍କୁ ବନ୍ଦୀ କରିବା, ଯୁଦ୍ଧରେ ପରାସ୍ତ କରିବା ଶୁଣି ଚନ୍ଦ୍ରାପୀଡ଼ ରାକ୍ଷସକୁ ପରାସ୍ତ କରି ରାଜାଙ୍କୁ ମୁକ୍ତ କରିବା—ତତ୍ପରେ ଲୀଳାବତୀ ସହ ବିବାହ । କିନ୍ତୁ ଲାବଣ୍ୟବତୀର ପ୍ରଥମେ ବିବାହ ପରେ ପାଳଙ୍କରୁ ଅସୁରଗଣ ଉଭୟମାନଙ୍କ ଶଙ୍କାଅଙ୍ଗ କରନ୍ତେ ତନ୍ତ୍ରୀ ମାୟାରେ ନିଦ୍ରାବସ୍ଥାରେ ଚନ୍ଦ୍ରଭାନୁଙ୍କୁ ନେଇ ତାଙ୍କ ଦ୍ୱାରା ଯୁଦ୍ଧରେ ସେମାନଙ୍କୁ ପରାସ୍ତ କରାଇବା । ବିରହରେ ଉଭୟମାନଙ୍କର ନାୟକ-ନାୟିକାଙ୍କ ଅନ୍ତର୍ଦ୍ୱନ୍ଦ୍ୱ—ପରେ ଚନ୍ଦ୍ରଭାନୁର ଆସିବା ପରେ ନାୟିକା ସହ ମିଳନ—ଇତ୍ୟାଦି ।

## ଲାବଣ୍ୟବତୀ କାବ୍ୟର ଛାନ୍ଦମାନଙ୍କର ସଂକ୍ଷିପ୍ତ ସୂଚନା ଓ ବିଷୟ

### ପ୍ରଥମ ଛାନ୍ଦ

ଶ୍ରୀରାମଙ୍କ ସ୍ତୁତି, କାବ୍ୟରଚନା ପ୍ରସ୍ତାବ, କାବ୍ୟର ଗୁଣକଥନ, ସାଧୁ ସ୍ତୁତି, ପାର୍ବତୀଙ୍କ ବାଞ୍ଛାରୁ ବାଞ୍ଛାବତୀର ଜନ୍ମ ଓ ପାର୍ବତୀଙ୍କ ସହ ଦଣ୍ଡାକ୍ରୀଡ଼ା; ଦୂରଦର୍ଶନ ଶକ୍ତିକୁ ଗଣେଶଙ୍କ ଦ୍ୱାରା ନିସ୍ପୃହ ଅରଣ୍ୟରେ ସ୍ଥାପନ । ଏବଂ ସ୍ୱାମୀ ପ୍ରାପ୍ତି ନିମନ୍ତେ କଠୋର ତପସ୍ୟାରତା ବେଦାଂଶେଶ୍ୱର ଦର୍ଶନେଚ୍ଛୁ ପ୍ରଭାକରର ପଥରେ ବନ ମଧ୍ୟରେ ବାଞ୍ଛାବତୀର ଦର୍ଶନ । ଉଭୟଙ୍କର ପରସ୍ପରଠାରେ ଆସକ୍ତି । ପ୍ରଭାକରର ସ୍ପର୍ଶରେ ବାଞ୍ଛାବତୀର ମୃତ୍ୟୁ । "ପରଜନ୍ମରେ ସ୍ତ୍ରୀରୂପେ ଏହାକୁ ପାଇବୁ, ଶରୀର ସଂସ୍କାର ନ କରି ଗଙ୍ଗାସାଗରରେ ଶବ ପ୍ରଦାନ କର" ଦୈବବାଣୀ ଶ୍ରବଣରେ ପ୍ରଭାକରର ଗଙ୍ଗାସାଗରରେ ଝାସ । ସୁଦର୍ଶିନୀ ନଗରୀ କର୍ଣ୍ଣାଟେଶ୍ୱର ଶଶିଶେଖରଙ୍କ ମହିଷୀ ଶଶିରେଖାଙ୍କ ଗର୍ଭରୁ ପ୍ରଭାକରର ଚନ୍ଦ୍ରଭାନୁ ନାମରେ ଜନ୍ମ । ତାହାର ରୂପ ଓ ଗୁଣ କଥନ । ଚନ୍ଦ୍ରଭାନୁର ସୁହୃଦ, ମନ୍ତ୍ରୀ, ଜ୍ୟୋତିଷ, ପୁରୋହିତ ଓ ସାଧୁର କୁମାର ଯଥାକ୍ରମେ ଗୁଣନିଧି, ବସନ୍ତକ, ରତ୍ନଧ୍ୱଜ ଓ ପୁରନ୍ଦରଙ୍କ ନାମ କଥନ । ଦୈବବଳର ମାହାତ୍ମ୍ୟ, ଶିବ ପାର୍ବତୀଙ୍କ ମହିମା, ତପସ୍ୟାର ପ୍ରଭାବ, ବାଞ୍ଛାବତୀକୁ ପ୍ରଭାକରର ପୁନର୍ ପ୍ରାପ୍ତି ଏ ଛାନ୍ଦର ବୈଶିଷ୍ଟ୍ୟ । ଲାବଣ୍ୟବତୀ କାବ୍ୟ ସରଳ ଓ ଧ୍ୱନ୍ୟାତ୍ମକ, ଏହାରି ସୂଚନା ମଧ୍ୟ ପ୍ରଦତ୍ତ ହୋଇଅଛି ।

### ଦ୍ୱିତୀୟ ଛାନ୍ଦ

ସିଂହଳ ଦେଶର ଅପୂର୍ବ ଶୋଭା ଓ ଐଶ୍ୱର୍ଯ୍ୟ ସମ୍ପତ୍ତି କଥନ । ସିଂହଳରାଜ ଚନ୍ଦ୍ରେଶ୍ୱରଙ୍କ ମହିଷୀ ବିଦ୍ୟୁନ୍ମାଳାଙ୍କ କନ୍ୟାପ୍ରାପ୍ତି ନିମନ୍ତେ ପାର୍ବତୀଙ୍କ ପୂଜା । ଦେବୀ ଦୁର୍ଗା ବାଞ୍ଛାବତୀକୁ ଜୀବଦାନ କରି ଆମ୍ରଫଳରେ ପରିଣତ କଲେ ଓ ସ୍ୱପ୍ନରେ ବିଦ୍ୟୁନ୍ମାଳାଙ୍କୁ ପ୍ରଦାନ କଲେ । ତତ୍ ଭକ୍ଷଣରେ ଲାବଣ୍ୟବତୀର ଜନ୍ମ ।

ଲାବଣ୍ୟବତୀର ଜନ୍ମ, ବାଲ୍ୟ ଓ କୌମାର ଅବସ୍ଥା ତଥା ଅନୁପମ ଶୋଭା ବହୁ ଗୂଢ଼ାର୍ଥରେ ବର୍ଣ୍ଣିତ । ପଦ୍ମିନୀ ଲକ୍ଷଣ, ପାର୍ବତୀଙ୍କ ମାହାତ୍ମ୍ୟ ଓ ଗୂଢ଼ାର୍ଥରେ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବର୍ଣ୍ଣନା—ଏହି ଛାନ୍ଦର ବିଶେଷତ୍ୱ ।

## ତୃତୀୟ ଛାନ୍ଦ

ଯୌବନ ପ୍ରାପ୍ତି ପରେ ଲାବଣ୍ୟବତୀ ଶୋଭାର ସଙ୍କେତ । ଧାତ୍ରୀସୁତା ଓ ମନ୍ତ୍ରୀସୁତା ବ୍ୟତୀତ ଷୋଳସାମନ୍ତ ସୁତାମାନଙ୍କ ନାମ ଓ ସେମାନଙ୍କ ସେବା କଥନ । ଲାବଣ୍ୟବତୀର ଯୌବନପ୍ରାପ୍ତିରେ ବାହ୍ୟ ବାଧା ତଥା ବିଷସ୍ପୃହମାନଙ୍କ କଥନ । ସ୍ୱହସ୍ତେ କୌଣ୍ଡିନ୍ୟପଦ୍ମାର ଲାବଣ୍ୟବତୀଠାରୁ ପୁରସ୍କାରରୂପେ ଯୋଗୀଙ୍କ ଶୁକପ୍ରାପ୍ତି ଓ ତାର ଶୁକ ସଙ୍ଗ ସିଂହଳରୁ କର୍ଣ୍ଣାଟ ଦେଶକୁ ଗମନ । ଏହି ଶୁକଦ୍ୱାରାହିଁ ଭବିଷ୍ୟତରେ ଚନ୍ଦ୍ରଭାନୁ ସହ ଲାବଣ୍ୟବତୀର ମେଳନ ସଙ୍ଘଟିତ ହେବ—ଏହି ଉଦ୍ଦେଶ୍ୟରେ କବି ବୁଦ୍ଧିମତ୍ତାର ସହିତ ଏହି ବିଷୟର ଯୋଜନା କରିଅଛନ୍ତି । ଲାବଣ୍ୟବତୀର ଗୁହ୍ୟାଙ୍ଗର ସବିସ୍ତୃତ ବର୍ଣ୍ଣନା । ନୀତି ଦୃଷ୍ଟିରେ ଏହା ଜଘନ୍ୟ, କଳାଦୃଷ୍ଟିରେ ଏହା ସମର୍ଥନୀୟ । କେବଳ ଉପେନ୍ଦ୍ର, ନୈଷଧକାରଙ୍କ ପଦାଙ୍କ ଅନୁସରଣ କଲେହେଁ ଏହା ଶୋଭନୀୟ ନୁହେଁ । ଅନ୍ୟ ପ୍ରସିଦ୍ଧ ପ୍ରାଚୀନ କବିଙ୍କ ଦ୍ୱାରା ଯାହା କିଛି କଥିତ ତାହାର ଉତ୍କର୍ଷ ସାଧନ କରିବା ପ୍ରୟାସରେ ନିଜର ବର୍ଣ୍ଣନାପାଣ୍ଡିତ୍ୟ ତଥା ବ୍ୟୁତ୍ପତ୍ତି ଦର୍ଶାଇଲେହେଁ କବି ଔଚିତ୍ୟର ମାତ୍ରା ଲଙ୍ଘନ କରିଅଛନ୍ତି । ଏଥିପାଇଁ ଏହି କାବ୍ୟଚନ୍ଦ୍ରମାର କଳଙ୍କ ।

## ଚତୁର୍ଥ ଛାନ୍ଦ

କାମଶାସ୍ତ୍ରାନୁଯାୟୀ ଲାବଣ୍ୟବତୀର ରସପ୍ରବୃତ୍ତି ଶ୍ରବଣ, ଚକ୍ଷୁରିଙ୍ଗିତ ବକ୍ଷୋଜମାନଙ୍କ ଦର୍ଶନର ସଙ୍କେତ ପ୍ରଦାନ ପରେ ସଖୀମାନଙ୍କ ଦ୍ୱାରା ଜେମାଙ୍କ ଶୃଙ୍ଗାରସଜ୍ଜା ଓ ବେଶବିନ୍ୟାସ ସୂକ୍ଷ୍ମାର୍ଥସହ ବର୍ଣ୍ଣନ ।

## ପଞ୍ଚମ ଛାନ୍ଦ

ବସନ୍ତ ଋତୁରେ ସଖୀଗଣଙ୍କ ସହ ଲାବଣ୍ୟବତୀର ଉପବନବିହାର, ଜଳକ୍ରୀଡ଼ା, ନର୍ମୋକ୍ତି, ହାସ୍ୟପରିହାସମୟ ଆଲାପଜନିତ ବିନୋଦ ବର୍ଣ୍ଣନ କବିଙ୍କ ଉପସ୍ଥିତି, ବୁଦ୍ଧିମତ୍ତା ଓ ସୌନ୍ଦର୍ଯ୍ୟବୋଧର ପରିଚାୟକ ।

## ଷଷ୍ଠ ଛାନ୍ଦ

ସରୋବରର ବର୍ଣ୍ଣନା ଓ ସରସୀ ବିହାରରେ ସଖୀଙ୍କ ସହ ଲାବଣ୍ୟବତୀର ସୂକ୍ଷ୍ମାର୍ଥମୟୀ ଭାବ ପ୍ରଶ୍ନୋତ୍ତରରେ ସମସ୍ୟା ପୂରଣ, ଛଳବନ୍ଧ, ଅନ୍ତର୍ଲିପି, ବହିର୍ଲିପି ତଥା ଶ୍ଳେଷୋକ୍ତିମାନଙ୍କ ପ୍ରୟୋଗ—ଏହା ନାବାଳିକା ପକ୍ଷେ ଅସ୍ୱାଭାବିକ ଏପରି ବୋଧହେବ ହୋଇପାରେ । ସମ୍ଭ୍ରାନ୍ତବଂଶୀୟା କନ୍ୟାମାନେ କଳାବିଦ୍ୟାରେ

ବାଲ୍ୟକାଳେ ଏ ସବୁ ବିଷୟରେ ଶିକ୍ଷା ଅଭ୍ୟାସ କରିବା ବିଷୟ ପୂର୍ବେ କଥିତ ହୋଇଅଛି ।

## ସପ୍ତମ ଛାନ୍ଦ

ମିତ୍ରମାନଙ୍କ ସହ ଚନ୍ଦ୍ରଭାନୁଙ୍କର ଆଳାପ, ବନ୍ଦୀ ପ୍ରଶସ୍ତି, ନୃତ୍ୟ, କେଳାନାଟ ପ୍ରଭୃତି ଉଚିତ ରାଜାର ପ୍ରସନ୍ନତା କାଳରେ ମିତ୍ର ବସନ୍ତକଙ୍କ ଦ୍ୱାରା ଚନ୍ଦ୍ରଭାନୁଙ୍କୁ ଶୁକପକ୍ଷୀ ଉପାୟନ ରୂପେ ପ୍ରଦାନ । ସିଂହଳ ଦ୍ୱୀପବାସୀ ସଉଦାଗର ସେ ଦେଶର ଅମୂଲ୍ୟ ଦ୍ରବ୍ୟମାନ ଚନ୍ଦ୍ରଭାନୁଙ୍କୁ ଉପହାର ଦେବା ; ସେହି ପଦାର୍ଥମାନଙ୍କ ଦର୍ଶନରେ ସମସ୍ତଙ୍କର ଆଶ୍ଚର୍ଯ୍ୟ ହେବାରେ "ଲାବଣ୍ୟବତୀର ଜନ୍ମ-ଭୂମିରେ ଏ ପଦାର୍ଥମାନଙ୍କ ସମ୍ଭବ କିଛି ଆଶ୍ଚର୍ଯ୍ୟ ବିଷୟ ନୁହେଁ" ଏହା ସୌଦାଗର କହିବାରୁ ଓ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ଓ ଗୁଣ ବର୍ଣ୍ଣନରେ ଚନ୍ଦ୍ରଭାନୁ ଚିତ୍ତରେ ପ୍ରଥମେ ଅନୁରାଗ ସଞ୍ଚାର । ତାହାର ବୃଦ୍ଧି ଓ ଦୃଢ଼ୀକରଣ ନିମନ୍ତେ ଉପସ୍ଥିତ ଶୁକମୁଖରେ ପୁନଃଶ୍ଚ ଲାବଣ୍ୟବତୀର ଅନୁପମ ରୂପ ଗୁଣ ପ୍ରଶଂସା କରାଇବା କବିଙ୍କ ଚତୁର ବସ୍ତୁସଂଯୋଜନାଶକ୍ତିର ଉତ୍କୃଷ୍ଟ ପରିଚୟ ଅଟେ । ଏତଦ୍ଦ୍ୱାରା ଚନ୍ଦ୍ରଭାନୁଙ୍କ ଉତ୍କଣ୍ଠା ତୀବ୍ରତା ପ୍ରକାଶ ଓ ଲାବଣ୍ୟବତୀର ମନୋଭାବ ନିର୍ଣ୍ଣୟ ନିମନ୍ତେ ସଉଦାଗର ସହ ଶୁକ ଓ ବ୍ରହ୍ମଭୃଙ୍ଗଙ୍କ ପ୍ରେରଣ । ବ୍ରହ୍ମଭୃଙ୍ଗ ପୂଜ୍ୟ ଓ ଅବାଧଗତି-ସ୍ୱୀକାର । ସଉଦାଗର ଓ ଶୁକଦ୍ୱାରା କାର୍ଯ୍ୟସିଦ୍ଧ ହୋଇ ପାରିଥାଆନ୍ତା, କିନ୍ତୁ ସଉଦାଗର ଓ ଶୁକ ଉଭୟ ତ ସିଂହଳ ଦେଶୀୟ । ତାଙ୍କ ଉକ୍ତିରେ ଲାବଣ୍ୟବତୀର ଆସ୍ଥା ହୋଇ ନ ପାରେ; ତେଣୁ ସ୍ୱାଭାବିକ ସାମାଜିକ ପଦ୍ଧତିର ଅନୁରୋଧରେ ପ୍ରତିନିଧିରୂପେ ବ୍ରହ୍ମଭୃଙ୍ଗଙ୍କ ପ୍ରେରଣ ସମୀଚୀନ ।

## ଅଷ୍ଟମ ଛାନ୍ଦ

ଲାବଣ୍ୟବତୀର ପାଣିଗ୍ରହଣ ବିଷୟରେ ସିଂହଳରାଜାଙ୍କର ମନ୍ତ୍ରୀଙ୍କ ସହ ମନ୍ତ୍ରଣା । ମନ୍ତ୍ରୀଙ୍କ ଅନୁରୋଧରେ ସନ୍ନ୍ୟାସୀ ଶିବାନନ୍ଦଙ୍କର ଦାନବଗଲ୍ଲୀ ମଧ୍ୟରୁ କୌମାର ଶରୀର ପ୍ରସ୍ଥାନ ଓ ତତ୍ସଙ୍ଗେ ଦେଶ ବିଦେଶ ଭ୍ରମଣରେ ଦେଖିଥିବା ରାଜା ପ୍ରଜାଙ୍କ ମନୋହର ବର୍ଣ୍ଣନା । ବ୍ରହ୍ମଭୃଙ୍ଗ ସଦୃଶ ବା ତତ୍ପୂର୍ବ ସନ୍ନ୍ୟାସୀ ଧର୍ମପ୍ରାଣ ଓ ପୂଜ୍ୟ । ତାଙ୍କଦ୍ୱାରା ପ୍ରସ୍ତାବ ଆଲୋଚନା କରାଇବା ଅତୀବ ଯୁକ୍ତିଯୁକ୍ତ । ଅନ୍ୟାନ୍ୟ ଶିଳ୍ପ ସୁବର୍ଣ୍ଣପ୍ରସିଦ୍ଧ ମନ୍ଦିରମାନଙ୍କ ଦ୍ୱାରା ଚମ୍ପକ ଅଙ୍କିତ କରିଲେବା ଦ୍ୱାରା ଚମ୍ପକର ସମୃଦ୍ଧି, ମନୋହାରିତା ଓ ଐଶ୍ୱର୍ଯ୍ୟ ଦେଖି ଅତି ମନ୍ତ୍ରମୁଗ୍ଧ, ଏହା କବିଙ୍କ ବୁଦ୍ଧିମତ୍ତାର ନିଦର୍ଶନ ।

## ନବମ ଛାନ୍ଦ

ଲାବଣ୍ୟବତୀ ସମ୍ପତ୍ତିଗ୍ରାଣ ଚନ୍ଦ୍ରଭାନୁଙ୍କ ମିତ୍ରଙ୍କ ସହ କଥୋପକଥନର ଅବସରରେ ନନ୍ଦାଇଦେଶୀୟ ଅପୂର୍ବଶୋଭାସମ୍ପନ୍ନ ମଦନିକା ପକ୍ଷୀର

ଆଗମନ । ତାର ଅଦୃଷ୍ଟପୂର୍ବ ସୌନ୍ଦର୍ଯ୍ୟ ଦର୍ଶନରେ ସମସ୍ତଙ୍କର ବିସ୍ମିତ ହୋଇ ପ୍ରଶଂସା କରିବା ସମୟରେ ଲାବଣ୍ୟବତୀର ଚରିତ୍ର ସହ ସନ୍ନ୍ୟାସୀଙ୍କର ଉପସ୍ଥିତି । ଲାବଣ୍ୟବତୀର ଶୋଭା ତୁଳନାରେ ଏହାର ଶୋଭା ଅତି ତୁଚ୍ଛ ଏହା କହି ସନ୍ନ୍ୟାସୀଙ୍କ ଦ୍ୱାରା ଚରିତ୍ର ପ୍ରଦର୍ଶନ । ଏହି ତୁଳନାରେ ଅବଶ୍ୟ କବି ଲାବଣ୍ୟବତୀର ଶୋଭାର ଉତ୍କର୍ଷ ଚତୁରତା ସହିତ ପ୍ରତିପାଦନ କରିଅଛନ୍ତି; କିନ୍ତୁ ରାଜପୁତ୍ରଙ୍କ ସମକ୍ଷରେ ଗୋଟିଏ ଗଣିକାର ଉପସ୍ଥାନରେ କ ଉପଯୋଗିତା, ଔଚିତ୍ୟ ବା ପ୍ରୟୋଜନ ତାହା ବୁଝୁଁ । ବର୍ତ୍ତମାନ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ଯୌବନଦଶା ପ୍ରାପ୍ତି ହେତୁ ବିବାହ ସମୟ ସନ୍ନିହିତ । କଳାବିଦ୍ୟାରେ ଚତୁରତା ଲାଭ କରିବାର ଯଥାର୍ଥ ସମୟ ଜାଣି କବି କାମଶାସ୍ତ୍ରାନୁଯାୟୀ 'କାମସ୍ୟ ତଦାଶ୍ରୟତ୍ୱାତ୍' ନାମ କଳାସୂତ୍ର, ତେଣୁ ଶିକ୍ଷଣୀୟ । ଆଭିରଭ୍ୟୁଚ୍ଛ୍ରିତା ବେଶ୍ୟା ଶୀଳରୂପଗୁଣାନ୍ୱିତା, ଲଭତେ ଗଣିକା ଶବ୍ଦଂ ସ୍ଥାନଂ ଚ ଜନସଂସଦି । ପୂଜିତା ସା ସଦା ରାଜ୍ଞା ଗୁଣବଦ୍ଭିଶ୍ଚ ସଂସ୍ତୁତା, ପ୍ରାର୍ଥନୀୟାଭିଗମ୍ୟା ଚ ଲକ୍ଷ୍ୟଭୂତା ଚ ଜାୟତେ । କଳାବିଦ୍ୟାରେ ନିପୁଣା, ଚତୁର, ରୂପ ଓ ଗୁଣଯୁକ୍ତା ବେଶ୍ୟାକନ୍ୟା ଗଣିକା ପଦବାଚ୍ୟା ଅଟେ । ସେ ରାଜାଙ୍କଠାରୁ ସମ୍ମାନ ଲାଭ କରେ, ଗୁଣବନ୍ତଙ୍କ ଦ୍ୱାରା ପ୍ରଶଂସ୍ୟା, ପ୍ରାର୍ଥନୀୟା, ଅଭିଗମ୍ୟା ଓ ଲକ୍ଷ୍ୟଭୂତ ଅଟେ । ତତ୍କାଳୋଚିତ ସମାଜପଦ୍ଧତିର ଅନୁସରଣରେ ଗଣିକାକୁ ଆମନ୍ତ୍ରିତ କରାଇ କବି ନିଜର କଳାଭିଜ୍ଞତା ତଥା କାମଶାସ୍ତ୍ରଦର୍ଶିତାର ସୋଜନ ପରିଚୟ ପ୍ରଦାନ କରିଅଛନ୍ତି ।

## ଦଶମ ଛାନ୍ଦ

ମିତ୍ରଗଣଙ୍କ ସହ ଚନ୍ଦ୍ରଭାନୁର ଚରିତ୍ର ବର୍ଣ୍ଣନ । ଏହି ଚରିତ୍ରର ବର୍ଣ୍ଣନରେ କବିଙ୍କ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଜନିତ ଅସାଧାରଣ ରଚନାପାଟବର ସୁସ୍ପଷ୍ଟ ପରିଚୟ ମିଳେ । ସନ୍ନ୍ୟାସୀ ପ୍ରତିହିଂସାରୁ ପ୍ରତ୍ୟାବର୍ତ୍ତନ କରି ଚନ୍ଦ୍ରଭାନୁ ଲାବଣ୍ୟବତୀର ଉପଯୁକ୍ତ ବର ଓ ସେ ଲାବଣ୍ୟବତୀଠାରେ ଗାଢ଼ ଭାବରେ ଆସକ୍ତ; ଏହା ମନ୍ତ୍ରୀଙ୍କୁ କହନ୍ତେ ମନ୍ତ୍ରୀଙ୍କ ସହ ରାଜାଙ୍କର ମନ୍ତ୍ରଣା । ଦେବଦର୍ଶନ ନିମନ୍ତେ ସ୍ୱଦେଶର ଗମନରେ ବରପକ୍ଷ ମେଳନର ସମ୍ଭାବନା ଓ ବିବାହର ଉପାୟ—ତତ୍ପରେ ସ୍ତ୍ରୀସ୍ୱଭାବବର୍ଣ୍ଣନ—ଇତ୍ୟାଦି ବର୍ଣ୍ଣିତ । ଏହା ଦ୍ୱାରା ସିଂହଳରାଜଙ୍କ ଗୌରବରକ୍ଷା, ବରପକ୍ଷର ମତ ପ୍ରଖ୍ୟାପନାର ଅବକାଶ ଓ ପ୍ରସଙ୍ଗ ନିର୍ବିଘ୍ନ ନିର୍ବାହ ଉପାୟା-ବଲମ୍ବନ ପ୍ରଭୃତି ସମାଜର ମାର୍ଜିତ ଅନୁକୂଳ ବ୍ୟବସ୍ଥା—ଏତେକ ସୂକ୍ଷ୍ମ କବି ଦୃଷ୍ଟି ରଖିଥିବା ହେତୁ ପ୍ରଶଂସ୍ୟ ।

## ଏକାଦଶ ଛାନ୍ଦ

ଚନ୍ଦ୍ରଭାନୁର ଲାବଣ୍ୟବତୀ ଚିନ୍ତାରେ କାମରେ ଅଧୀର ହେବା ଓ ବିରହ ଦଶାରେ ଶୋଭା ଯୌବନରେ ପତିସଙ୍ଗମ ନ ହେବା ହେତୁ ଲାବଣ୍ୟବତୀର

ମଦାନ୍ଧକାରରେ ଅତ୍ୟଧିକ ସନ୍ତପ୍ତ ହେବା ବର୍ଣ୍ଣିତ । ଦୂରପାଳୀଙ୍କ ନିର୍ଦେଶରେ ଯୋଗିନୀବେଶ ଦ୍ୱାରା ଲାବଣ୍ୟବତୀ ପାର୍ଶ୍ୱରେ ଚନ୍ଦ୍ରଭାନୁଙ୍କ ଉପସ୍ଥିତ କରାଇ ନିଦ୍ରିତା ଲାବଣ୍ୟବତୀର ରୂପଲାବଣ୍ୟ ବର୍ଣ୍ଣନା ଓ ନିଦ୍ରାମଗ୍ନ କରାଇବା, ଚନ୍ଦ୍ରଭାନୁ ଦର୍ଶନରେ ଲାବଣ୍ୟବତୀର ବିସ୍ମୟ ଓ ନାନାବିଧ ତର୍କଣା, ଚନ୍ଦ୍ରଭାନୁର ଧୃଷ୍ଟତା ଓ ସ୍ୱମୁଦ୍ରିକା ପ୍ରଦାନ, ଲାବଣ୍ୟବତୀର ଚନ୍ଦ୍ରଭାନୁଙ୍କୁ ମୋତିମାଳା ପ୍ରଦାନ କରିବା, ସଙ୍ଗେ ସଙ୍ଗେ ମାୟାଭଙ୍ଗ ଅତି ଚମତ୍କାର ଭାବରେ ସାଧିତ ହୋଇଅଛି । ଏହି ବର୍ଣ୍ଣନାରେ ଇଷ୍ଟାଭିଳାଷର ପ୍ରକୃତ ପରିଚୟ ହୋଇଅଛି । ଚନ୍ଦ୍ରଭାନୁଙ୍କ ଲାବଣ୍ୟବତୀର ଅନ୍ତରରେ ରଖି ଦେବାକୁ ଚନ୍ଦ୍ର, କୋକିଳାଳାପ, ମଳୟ ପବନାଦି ଦ୍ୱାରା ଲାବଣ୍ୟବତୀର କାମ ଉଦ୍ଦୀପନ କରାଇ ଦୈବବଳରେ ଚନ୍ଦ୍ରଭାନୁଙ୍କ ଦେଖାଇବାରେ, ନାୟିକାସୁଲଭ ଲଜ୍ଜାଶୀଳତାର ଅନୁରୋଧରେ ପ୍ରେମ ପ୍ରଦର୍ଶନରେ କାର୍ଯ୍ୟର ସ୍ୱଚ୍ଛନ୍ଦାଚରଣ ନ ଦର୍ଶାଇ କବି ନାରୀଧର୍ମର ସମୁଚିତ ସମ୍ମାନନା କରିଅଛନ୍ତି ।

## ଦ୍ୱାଦଶ ଛାନ୍ଦ

ଲାବଣ୍ୟବତୀର ଖେଦ । ସଖୀଙ୍କୁ ସ୍ୱପ୍ନ ବୃତ୍ତାନ୍ତ କଥନ । ଲାବଣ୍ୟବତୀ ଶଯ୍ୟାରେ ସମ୍ଭୋଗଚିହ୍ନ, ଅଙ୍ଗୁଳିରେ ଅନ୍ୟ ମୁଦ୍ରିକା ଓ ହୃଦୟରେ ଚନ୍ଦ୍ରଭାନୁର ପ୍ରତିକୃତି ଦର୍ଶନରେ ସେମାନଙ୍କର ସତ୍ୟତା ଜ୍ଞାନ । ଦୈବୀ ମାୟାରେ ଏହା ସଂଘଟିତ କହି ଲାବଣ୍ୟବତୀକୁ ସାନ୍ତ୍ୱନା ପ୍ରଦାନ । ମଳୟ, ପିକ, ଚନ୍ଦ୍ର ଓ କାମଙ୍କ ପ୍ରତି ସଖୀଙ୍କ ଅନୁରୋଧରେ ଭର୍ତ୍ସନା । ହେମାର ଦ୍ୱାରା ଉପଚାର କରିଣ ରାଜା ଓ ରାଣୀଙ୍କ ଚିନ୍ତା ।

## ତ୍ରୟୋଦଶ ଛାନ୍ଦ

ମାଳିନୀର ଆଗମନ ଓ ତାହାର ବେଶଭୂଷା ବର୍ଣ୍ଣନ । 'କୋମାଙ୍କ'ନମସ୍କ ଇତ୍ୟାଦି ଭଣିତାର ପାଳିବା ସମସ୍ୟାରେ ଗ୍ରଥିତ କବିତା ଏଥିରେ "ଯୋଗିନୀ-ଦ୍ୱାରା ଚନ୍ଦ୍ରଭାନୁ ଓ ଲାବଣ୍ୟବତୀଙ୍କ ମିଳନ ହେବା ଓ ଲାବଣ୍ୟବତୀ କାଳକ୍ରମେ ଚନ୍ଦ୍ରଭାନୁର ପତ୍ନୀ ହେବ" ସ୍ୱପ୍ନରେ ହର ପାର୍ବତୀଙ୍କ ଉକ୍ତିକୁ କନ୍ଦର୍ପାଦିର ଆଶାର ସଞ୍ଚାର ଓ ମାଳିନୀକୁ ପୁରସ୍କାର ଦାନ । ଶିବପାର୍ବତୀଙ୍କ ପୂଜାର ସମାଧାନ । ସଖୀଙ୍କ ଦ୍ୱାରା ଲାବଣ୍ୟବତୀକୁ ସାନ୍ତ୍ୱନା ପ୍ରଦାନ । କାମିନୀ ନାୟିକାଠାରୁ ବେଶୀ ବୁଦ୍ଧିମତୀ, ଜାଣି ତାହା ବଳରେ ପ୍ରଥମେ କବି କରିଥିବା ଭାବ୍ୟର ସରସତା ପ୍ରତିପାଦିତ କରିଅଛନ୍ତି ।

## ଚତୁର୍ଦ୍ଦଶ ଛାନ୍ଦ

ଚନ୍ଦ୍ରଭାନୁର ଶୋକ ଓ ସଖାମାନଙ୍କ ଦ୍ୱାରା ସାନ୍ତ୍ୱନା ପ୍ରଦାନ । ଏହାଦ୍ୱାରା ଆସନ୍ନ ଗାଢ଼ତା ସୂଚିତ ହେଉଛି ।

## ପଞ୍ଚଦଶ ଛାନ୍ଦ

ଐନ୍ଦ୍ରଜାଳିକ ବିନୋଦ ଓ ନଟୀ ପ୍ରେମସୁଧାର ସିଂହଳ ରାଜସଭାକୁ ଆଗମନ, ତାଙ୍କ ରୂପ ଓ ଶୋଭା ବର୍ଣ୍ଣନା । ମାୟାରେ ସମସ୍ତ ରାମଚରିତ ପ୍ରଦର୍ଶନ । ରାମଙ୍କ ସମ୍ମୁଖରେ ଚନ୍ଦ୍ରଭାନୁର ସ୍ତୁତି ଓ ଚନ୍ଦ୍ରଭାନୁର ଲାବଣ୍ୟବତୀ ପ୍ରାପ୍ତି ନିମନ୍ତେ ସ୍ତୁତି ଓ ରାମଙ୍କର 'ତଥାସ୍ତୁ' କଥନ । ଏହା ଦେଖିଲା ଲାବଣ୍ୟବତୀଙ୍କୁ ରୋମାଞ୍ଚିତ ହୁଅନ୍ତେ ଲାବଣ୍ୟବତୀ ସ୍ୱ ସଖୀଙ୍କୁ ଚନ୍ଦ୍ରଭାନୁଙ୍କୁ ଦର୍ଶାଇବା । ମାୟାରେ ଲାବଣ୍ୟବତୀ ନାଟକକୁ ଆସି ଚନ୍ଦ୍ରଭାନୁର ଗୃହେ ଯିବା ଓ ସଖୀର ଲାବଣ୍ୟବତୀ ନିମନ୍ତେ ଅନୁନୟ କରିବା । ବାସ୍ତ୍ର ପ୍ରସାର କରି ଚନ୍ଦ୍ରଭାନୁଙ୍କୁ ଅନ୍ତର୍ଦ୍ଧାନ କରିବାରେ ଲାବଣ୍ୟବତୀ ମୂର୍ଚ୍ଛିତ ହୁଅନ୍ତେ ଓ ସଖୀଙ୍କ ସାନ୍ତ୍ୱନାରେ ହେବା ସଙ୍ଗେ ସଙ୍ଗେ ମାୟାର ଦୃଶ୍ୟ ଅତି ଚମତ୍କାରଭାବରେ ପ୍ରଦର୍ଶିତ ହୋଇଅଛି । କର୍ପୂରମଞ୍ଜରୀରେ ଭୈରବାନନ୍ଦଙ୍କ ଦ୍ୱାରା କର୍ପୂରମଞ୍ଜରୀର ଆନୟନ ଓ ରାଜାଙ୍କ ସହ ମେଳନ ଓ ବିବାହର ଦୃଶ୍ୟ ଏ ସ୍ଥଳରେ ପାଠକପ୍ରାଣକୁ ଅନୁଭୂତ ହୁଏ । ଐନ୍ଦ୍ରଜାଳିକ ବିନୋଦଙ୍କୁ ଆସି ଲାବଣ୍ୟବତୀର ଚନ୍ଦ୍ରଭାନୁଠାରେ ଅନୁରାଗକୁ ବିଷୟ ଚନ୍ଦ୍ରଭାନୁଙ୍କୁ ଜଣାଇବା ଉଚିତ ସୂଚନା ଭାବରେ ବର୍ଣ୍ଣିତ ହୋଇଅଛି ।

## ଷୋଡ଼ଶ ଛାନ୍ଦ

ସଖୀମାନଙ୍କ ସମ୍ମୁଖରେ ଲାବଣ୍ୟବତୀର ଅନୁପମ ରୂପ ଓ ଗୁଣ ବିଷୟ ଚନ୍ଦ୍ରଭାନୁ ମୁଖରେ ଅତି ଚମତ୍କାର ଭଙ୍ଗିମା ଦ୍ୱାରା କଥିତ ହୋଇଅଛି ।

## ସପ୍ତଦଶ ଛାନ୍ଦ

ଲାବଣ୍ୟବତୀର ସଖୀ ସ୍ୱ ନିକଟରେ ମେଘମାଳାକୁ ଉତ୍ତର ଦେଇ ସ୍ୱ ସ୍ୱାମୀ ହେମଙ୍କ ବିବାହ ବିଷୟ ସ୍ୱପ୍ନ ଓ ଚନ୍ଦ୍ରଭାନୁର ଲାବଣ୍ୟବତୀଠାରେ ଆସକ୍ତି ବିଷୟ କଥନ । ଅସନ୍ତୁଷ୍ଟ ବରପ୍ରାପ୍ତିରେ ତେମଙ୍କ ବିବାହ ନିଶ୍ଚିତ, କିନ୍ତୁ ତେମ ମୁଖରେ ସେହି ସ୍ୱପ୍ନବୃତ୍ତାନ୍ତ ଦେଖିଛନ୍ତି ଭାର୍ଯ୍ୟା ସ୍ୱାମୀ ରୂପେ ଧାରଣ କରିବେ; ମେଘମାଳା ଏହାପରି ଉତ୍ତରକୁ ଶୁଣି ଭାରି ଖୁସି ହୋଇଲେ । ଉତ୍ତରରେ, ଶୁକ ଓ ବୃଦ୍ଧିମନ୍ତଙ୍କ ମନ୍ତ୍ରଣା । ଚନ୍ଦ୍ରଭାନୁ ତେମାଙ୍କ ଦ୍ୱାରା ସ୍ୱପ୍ନରେ ଶୁଣି ଲାବଣ୍ୟର ଏ ବିଷୟ ପ୍ରକୃତ କରିବାକୁ ଉଦ୍ୟତ ବୃଦ୍ଧିମନ୍ତ ନିଜ ସ୍ୱପ୍ନରେ ବନଦୁର୍ଗାଙ୍କର "ଲାବଣ୍ୟ ଚନ୍ଦ୍ରଭାନୁଙ୍କଠାରେ ଆସକ୍ତ" ଉକ୍ତି ଶୁଣିବା କଥା ପ୍ରକାଶ କଲେ । ତହୁଁ ମେଘମାଳା ଶୁକ ସହ ଲାବଣ୍ୟବତୀ ନିକଟକୁ ପ୍ରେରିତ ହେଲା । ଲାବଣ୍ୟବତୀର ସମ୍ମୁଖରେ ଶୁକଠାରେ ଚନ୍ଦ୍ରଭାନୁର ଅଙ୍କିତ ପ୍ରତିମୂର୍ତ୍ତି ଓ ସମାଚାରରେ ଲାବଣ୍ୟବତୀର ଜର୍ଜରିତା ଦେଖିବା ଓ ଚନ୍ଦ୍ରଭାନୁଙ୍କ ଚିନ୍ତାରେ କେମନ୍ତ ସଦା ଦୁଃଖିନୀ ସଖୀର ଏହା ଶୁକଠାରେ ଶୁଣି ସ୍ୱାମୀଙ୍କୁ ଦୁଃଖ ପ୍ରକାଶ କରି ଚନ୍ଦ୍ରଭାନୁଙ୍କ ନିକଟ ପତ୍ର ଦେବା ନିମନ୍ତେ ଲାବଣ୍ୟବତୀଙ୍କୁ

ଅନୁରୋଧ କଲୁ । ଆମେ ଶୁଣି, ପ୍ରଥମତଃ ଆମର ପକ୍ଷ ଲେଖିବା ଉଚିତ ନୁହେଁ, ତୁମେ ଯାଇ ସଖୀଙ୍କ ଅବସ୍ଥା ଜଣାଇ ଚନ୍ଦ୍ରଭାନୁଙ୍କଠାରୁ ପତ୍ର ଆଣିଲେ ଆମର ପତ୍ର ଯାଇଥିବ, ଏହା ସଖୀମାନେ ଏକସ୍ୱରରେ କହିଲେ । ଏହି ସ୍ଥଳରେ ଚମ୍ପକମାଳାର ଚତୁରତା ସହିତ ଉକ୍ତିର ଓ ଲାବଣ୍ୟବତୀ ସ୍ୱୀୟ ପତ୍ର ପ୍ରଥମତଃ ନ ଲେଖାଇବା ଗର୍ବଙ୍କ ବିଶେଷତ୍ୱ ।

## ଅଷ୍ଟାଦଶ ଛାନ୍ଦ

ବିରହଗ୍ରସ୍ତା ଲାବଣ୍ୟବତୀର ପ୍ରାଣ କଣ୍ଠଗତ ହେବା ଚନ୍ଦ୍ରଭାନୁଙ୍କଠାରୁ ପତ୍ର ନେଇ ଲାବଣ୍ୟବତୀକୁ ପ୍ରଦାନ କରିବା ।

## ଊନବିଂଶ ଛାନ୍ଦ

ଲାବଣ୍ୟବତୀ ଦ୍ୱାରା ଚନ୍ଦ୍ରଭାନୁଙ୍କ ହାତସ୍ପର୍ଶିତ ପତ୍ର ପଠନ । ଲାବଣ୍ୟବତୀର ଆନନ୍ଦ ଓ ମନୋଭାବର ଉତ୍କର୍ଷ ବାଣୀରେ ପତ୍ରିକା ଲେଖନ ।

## ବିଂଶ ଛାନ୍ଦ

ଲାବଣ୍ୟବତୀର ପତ୍ରିକା ନେଇ ଶୁକ ଓ ବୃନ୍ଦାବତୀର ଚନ୍ଦ୍ରଭାନୁ ନିକଟରେ ପ୍ରବେଶ ଓ ପତ୍ରିକା ଦାନ ଓ ଚନ୍ଦ୍ରଭାନୁର ଆନନ୍ଦ ।

## ଏକବିଂଶ ଛାନ୍ଦ

ବର୍ଷାଋତୁର ତଥା ଚନ୍ଦ୍ରଭାନୁର ବିରହ ବର୍ଣ୍ଣନା । ଶିବରାତ୍ରିରୁ ରାମେଶ୍ୱର ଦର୍ଶନ ନିମନ୍ତେ ଯିବା ଅର୍ଥେ ଲାବଣ୍ୟବତୀର ସଙ୍କେତ ପ୍ରଦାନ ହେତୁ ଚନ୍ଦ୍ରଭାନୁର ରାମେଶ୍ୱର ଗମନ ବର୍ଣ୍ଣନ । ଲାବଣ୍ୟବତୀ ସଖୀ ନାମରେ ପତ୍ର ଲେଖି ନିଜର ବିରହଭାବରେ ଥିବାର ସୂଚନା ଦେବା ଦ୍ୱାରା ନିଜର ଚତୁରତା ଦର୍ଶାଇଅଛନ୍ତି ।

## ଦ୍ୱାବିଂଶ ଛାନ୍ଦ

ବର୍ଷା ଋତୁରେ ଲାବଣ୍ୟବତୀର ବିରହ ବର୍ଣ୍ଣନା । ''ମେଘାଲୋକେ ଭବତି ସୁଖିନୋଽପ୍ୟନ୍ୟଥାବୃତ୍ତି ଚେତଃ । କଣ୍ଠାଶ୍ଳେଷପ୍ରଣୟିନି ଜନେ କିଂ ପୁନର୍ଦୂରସଂସ୍ଥେ" କାଳିଦାସଙ୍କ ଏହି ଉକ୍ତିର ବିଶଦ ବ୍ୟାଖ୍ୟା ଏକପ୍ରକାର ଏହି ସ୍ଥଳରେ କବି ଉପେନ୍ଦ୍ର, ସୁକଳ୍ପନା ଓ କବିତ୍ୱନୈପୁଣ୍ୟର ପ୍ରଦାନ କରିଅଛନ୍ତି । କାମର ଦଶ ଦଶା ମଧ୍ୟରୁ ନବ ଦଶା ଏହି ବିରହ ସନ୍ଦର୍ଭରେ ବର୍ଣ୍ଣିତ ହୋଇଅଛି ।

## ତ୍ରୟୋବିଂଶ ଛାନ୍ଦ

ପିତା ସହିତ ହୋଇ ଚନ୍ଦ୍ରଭାନୁ ରାମେଶ୍ୱର ଯାତ୍ରା କଲେ । ସୈନ୍ୟ, ସାମନ୍ତ, ହସ୍ତୀ, ପରିଜନ, ଅନ୍ତଃପୁର, ଛତ୍ରଚାମର ତଥା ନାନାବିଧ ଉପକରଣ ସହ ମହାସମାରୋହରେ ଯାତ୍ରା ହେଲା । ଏହି ଯାତ୍ରା କାଳରେ ବାଦ୍ୟବାଜଣାରେ

ଦମୟନ୍ତୀଙ୍କ ଉକ୍ତି ପ୍ରଭୃତି ଅଭିବ୍ୟକ୍ତି ଓ ହୃଦୟସ୍ପର୍ଶୀ ବାକ୍ୟବିନ୍ୟାସରେ ଉପନିବନ୍ଧ ହେବା ହେତୁ କବିଙ୍କ ରସିକତାର ସୁଲକ୍ଷଣ ପରିଚୟ ପ୍ରଦାନ କରେ ।

## ଚତୁର୍ବିଂଶ ଛାନ୍ଦ

ଯାତ୍ରାକାଳରେ ପଥ ଦେଇ ଲାବଣ୍ୟବତୀ ନିକଟକୁ ବୃନ୍ଦାଦୂତୀ ପ୍ରେରଣ ଓ ମୃଗୟାର ଜୀବନ୍ତ ଜ୍ୱଳନ୍ତ ଚିତ୍ର ପ୍ରଦାନ । ମୃଗୟାବିଧିର ଆଲେଖ୍ୟ । ନାନାବିଧ ପୁଷ୍ପଲତା ବୃକ୍ଷଙ୍କ ବର୍ଣ୍ଣନା ସହ ପଶୁପକ୍ଷୀମାନଙ୍କ ଚେଷ୍ଟାଦିର ଯଥାଯଥ ବିବରଣ ପ୍ରଦାନ ।'

## ପଞ୍ଚବିଂଶ ଛାନ୍ଦ

ଅନ୍ତଃପୁର ସହିତ ଲାବଣ୍ୟବତୀର ସିଂହଳରାଜାଙ୍କ ସଙ୍ଗେ ବହୁସଂଯୋଗେ ସିଦ୍ଧେଶ୍ୱର ଯାତ୍ରା । ଲାବଣ୍ୟବତୀ ଦୋଳାରେ ଅବରୋହଣ କରି ମନ୍ଦିରକୁ ଯିବା ସମୟରେ ବୃନ୍ଦାଦୂତୀ ଦ୍ୱାରା ପତ୍ରିକା ଦାନ । ପତ୍ର ପଢ଼ି ଲାବଣ୍ୟବତୀର ପ୍ରତ୍ୟୁତ୍ତର ପତ୍ରିକା ଦାସୀହସ୍ତରେ ପ୍ରଦାନ । ବୃନ୍ଦାଦୂତୀ ସମୀପସ୍ଥ ଚନ୍ଦ୍ରଭାନୁଙ୍କୁ ଦାସୀଦ୍ୱାରା ପତ୍ରିକା ପ୍ରଦାନ ।'

## ଷଡ଼୍ବିଂଶ ଛାନ୍ଦ

ଚନ୍ଦ୍ରଭାନୁ ସ୍ତ୍ରୀବେଶରେ ମନ୍ଦିରକୁ ଆସିଲେ ଲାବଣ୍ୟବତୀର ସାକ୍ଷାତ ହେବ; ମନ୍ତ୍ରୀକନ୍ୟାର ଏହି ପ୍ରସ୍ତାବକୁ ଶୁଣିବ ଚନ୍ଦ୍ରଭାନୁଙ୍କୁ କହିବା । ନାନାଦେଶ ରାଜାଙ୍କର ସିଦ୍ଧେଶ୍ୱରଠାରେ ସମାବେଶ । ସେ ସ୍ଥାନର ବାହ୍ୟ ମହିମା ବର୍ଣ୍ଣନା, ସିଂହଳରାଜଙ୍କ ଅନ୍ତଃପୁରର ଦେବଦର୍ଶନାର୍ଥ ଯାତ୍ରାବେଳେ କର୍ଣ୍ଣାଟରାଜଙ୍କ ଅନ୍ତଃପୁର ମଧ୍ୟ ଯିବେ ଏବଂ ସିଂହଳରାଜଙ୍କ ଅନୁମତିରେ ଚନ୍ଦ୍ରଭାନୁର ସ୍ତ୍ରୀବେଶରେ ନାରୀରୂପେ ଅନ୍ତଃପୁର ମଧ୍ୟରେ ପ୍ରବେଶ ।

## ସପ୍ତବିଂଶ ଛାନ୍ଦ

ଲାବଣ୍ୟବତୀର ମନ୍ଦିରଗମନକାଳୀନ ଶୋଭା ବର୍ଣ୍ଣନା । ଚନ୍ଦ୍ରଭାନୁ ସହ ସାକ୍ଷାତ୍‌ନିମିତ୍ତ ଶୁକର ନିର୍ଦ୍ଦେଶ "ସୁମନା ରସାଳୁର ହୋଇ ଭ୍ରମର ଏଣିକେ କରୁଅଛି ଆଶା" କହିଲେ ଲାବଣ୍ୟବତୀର ସରସ ମଧୁର ଶ୍ଳିଷ୍ଟ ଗୀତ । ଦର୍ଶନ ଅବସରରେ ଆମ୍ଭମାନଙ୍କ ସୁରସିକ କବିଙ୍କ ଚମତ୍କାର ଉକ୍ତି, "ନୋହିଲେ ପଙ୍କ ହେବ ଶୋଭା ରତ୍ନାକର ଦର୍ଶନ ହେଲେ ନିଶ୍ଚୟେ ! ପ୍ରେମରତନ ଯତନ କରି ଖୋଜୁଅଛନ୍ତି ଏ ଅନବଚ୍ଛିନ୍ନେ । ମନ ସେ ମହା କୃପଣ ଧନ ପରି । ସେ ବେନି ଭାସ୍ୱତ୍ ଜଳପାଦପ ସେଥୁ ବାହାରିଲୁ ସିଣି ଗର—୨୨ । ୩୦ ଛନ୍ଦ । ମାତାଙ୍କ ଆଦେଶରେ ଲାବଣ୍ୟବତୀର ମନ୍ଦିରତ୍ୟାଗ । ସେହି ସମୟର ଲାବଣ୍ୟ ଚିତ୍ତର ଦୁଃସହ ତାହା କବିଙ୍କ ଭାଷାରେ, "ଏ ରଚନା ସ୍ପର୍ଶ ହେଉଥିଲା ତେଜିଲୁ ନୃପତ ସ୍ୱରଭୂଷଣକୁ । ବାହୁଡ଼ିଲୁ ବେଗ ଶିବ ଦେଖି'

ସ୍ୱମା ଜଗାଇ ଦୂତୀକଣ୍ଠଶିଳ୍ପ । ମଦନ ଆବେଶ ଲୁମାର ପ୍ରବେଶ ବୋଇଲ ଦେଖଇ ଆନନ । ଚେପେଣ ଅନାଇଲେ ଦେଖେ ଦଶୁଅଛି କେବଳ ଦୁଃଖ-ଅନଳ ।” ଚନ୍ଦ୍ରଭାନୁର ସ୍ତ୍ରୀବେଶରେ ଲାବଣ୍ୟବତୀକୁ ଦେଖିବା, ନାୟକ ପକ୍ଷରେ ସମୁଚିତ ନୁହେଁ, ଏହା ଲୁହାପାଇ ପାରେ । କିନ୍ତୁ ପ୍ରେମର ଉନ୍ମାଦନାରେ ଲୋକ ସମ୍ଭବତ୍ ଗୃହିତ ହୁଏ—ଏହାହିଁ ଅଭିପ୍ରାୟ ।

## ଅଷ୍ଟାବିଂଶ ଛାନ୍ଦ

ପ୍ରଭାତବର୍ଣ୍ଣନ—ଲବଣ୍ୟବତୀକୁ ନିଦାରୁ ଉଠିବାରେ ଚନ୍ଦ୍ରଭାନୁକୁ ସନ୍ଦେହ କରାଇବା ନିମନ୍ତେ ସିଂହଳେଶ୍ୱରଙ୍କଦ୍ୱାରା ପୁରୋହିତପ୍ରେରଣ । ଲାବଣ୍ୟବତୀଗତ-ପ୍ରାଣ ଚନ୍ଦ୍ରଭାନୁ ସମୀପରେ ପୁରୋହିତଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ଦାମ୍ପତ୍ୟ ସୂଚକ ମୁଦ୍ରିତ ପଠନ । 'ଚନ୍ଦ୍ରଭାନୁଙ୍କ ସହିତ ଲାବଣ୍ୟବତୀର ବିବାହ ବିଷୟରେ ଆପଣ ସମ୍ମତିବାନ୍ ହେବନ୍ତୁ' ଏହା ପୁରୋହିତଙ୍କ ଉକ୍ତିରେ କହନ୍ତେ ଭଣ୍ଡୀଃ ପୁରୋହିତଙ୍କର ଚନ୍ଦ୍ରଭାନୁର ବିରହ ବେଦନାରେ ଦୁଃଖପ୍ରକାଶ । ଲବଣ୍ୟବତୀର ପ୍ରଶଂସା କଥନ । ରତ୍ନପୁର ସହ ସିଂହଳରାଜଙ୍କ ନିକଟ ପୁରୋହିତଙ୍କ ଗମନ । ବିବାହ ବିଷୟ ଉତ୍ଥାପନରେ ସିଂହଳେଶ୍ୱରଙ୍କ ସମ୍ମତିପ୍ରଦାନ । ଉତ୍ତମ ଦିବସରେ ଜାତକମେଳନ ପରେ ବିବାହର ସ୍ଥିରୀକରଣ ।

## ଊନତ୍ରିଂଶ ଛାନ୍ଦ

ସିଂହଳରାଜାଙ୍କର ଅନ୍ତଃପୁର ସହିତ ସ୍ୱର୍ଗପୁରୀ ତୁଳନା ବର୍ଣ୍ଣନ । ଲାବଣ୍ୟବତୀର ଖେଦ । ଲବଣ୍ୟବତୀର ଶୀଘ୍ର ସମ୍ବାଦ ଦେଖି ମାତାଙ୍କ ଦ୍ୱାରା ବଦାନ୍ୟ ସ୍ଥିର ଦେବା ପ୍ରକାଶ । ଦଣ୍ଡୀ ଉତ୍ତର ମଧ୍ୟ ସମସ୍ତ ପଣ୍ଡିତଙ୍କ ସହ ସିଂହଳରେ ପ୍ରବେଶ । ସିଂହଳ ଦର୍ଶନରେ ଚନ୍ଦ୍ରଭାନୁର ପ୍ରଶଂସା ଓ ଲବଣ୍ୟବତୀ ସ୍ନେହବଶେ ଦୁଃଖ ଅନୁଭବ । ଏହି ସମୟରେ ସିଂହଳର ମାଳିନୀ ଫୁଲ ନେଇ ସହ ଚନ୍ଦ୍ରଭାନୁଙ୍କ ସମୀପରେ ପ୍ରବେଶ । ଶୁକଦ୍ୱାରା ଦେଖିବା ପରେ ଚନ୍ଦ୍ରଭାନୁର ସୁଗନ୍ଧ ଫୁଲଚନ୍ଦନ ଗ୍ରହଣ । “ତୋ ଲାଗି ଏ ଦ୍ରବ୍ୟ କର । ଜୀବନ ଦୁର୍ଲ୍ଲଭ ସେମାନ ଲାଗିଥିବାରୁ ଶୀତଳ ଦେହକୁ କରଉଅଛନି ।” ଚନ୍ଦ୍ରଭାନୁଙ୍କ ଏହି ଉକ୍ତିରେ ମାଳିନୀର ସାନ୍ତ୍ୱନାସୂଚକ ସନ୍ତୋଷ ସହ ଉକ୍ତି, “ଏହି ସାନ୍ତ୍ୱନାଶ ଶୁଣିଲେ ଯିବା ସ୍ତ୍ରୀଲୋକମାନଙ୍କ ଏ କଣ ବାଞ୍ଛା ଉଠିଅଛନ୍ତି ।” ଏହାପରେ ସିଂହଳରାଜଙ୍କ ଅନ୍ତଃପୁରରେ ଲବଣ୍ୟବତୀ ସହ ସଖୀମାନଙ୍କ ନିକଟରେ ଦୂତୀ ଦାସୀର ସ୍ୱାମୀବଶୀକରଣାଦି କଥାମାନଙ୍କ କଥନ । ସ୍ତ୍ରୀ ଶବ୍ଦକୁ ବଶକରଣୋପଯୋଗୀ ତଥା ପୁରୁଷ ବଶ କରିବା ନିମନ୍ତେ ଔଷଧ, ଉପକାର କଠିନତା ସମାଧାନ ନିମନ୍ତେ ବଟିକା, କେଶକୁ ସୁଲମ୍ବ କରିବା ନିମନ୍ତେ ମନ୍ତ୍ର, ଶରୀରର ସ୍ୱେଦର ଗନ୍ଧନାଶ ନିମନ୍ତେ-ଲେପ ଦ୍ରବ୍ୟର ପ୍ରୟୋଗ ଓ କାମଶାସ୍ତ୍ର ପଠନର ଉପଯୋଗିତା ବର୍ଣ୍ଣନା-

ନୃତ୍ୟ ଦୃଶ୍ୟଟିକୁ ଏଥିମାନେ 'ଲାବଣ୍ୟବତୀର ଦେହ ସବୁଠୁ କାମୋଦ୍ଦୀପକମୂର୍ତ୍ତି' ସୂତ୍ରରେ ବର୍ଣ୍ଣାଇ ବିଶେଷ ଚତୁରତାର କାର୍ଯ୍ୟ କରିଅଛନ୍ତି ।

## ତ୍ରିଂଶ ଛାନ୍ଦ

ବିବାହ ମଣ୍ଡପର ବର୍ଣ୍ଣନା । ବରଷ୍ଠବଳିତ ବୈଦିକ 'ବିଧି' ଅନୁସାରେ ବିବାହ ସମ୍ପାଦନ । ବିବାହ ରାତ୍ରିର ଅଦ୍ୟପ୍ରାନ୍ତ ଯଥାଯଥ ସବୁ ବର୍ଣ୍ଣନା ।

## ଏକତ୍ରିଂଶ ଛାନ୍ଦ

ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ପ୍ରଥମ ସଂଯୋଗ ତଥା ସମ୍ଭୋଗ ସୁଖର ଚିତ୍ର । ନବ ଦମ୍ପତିଙ୍କର ଶୟନଗୃହର ଚିତ୍ର—ଗୃହ ଭିତରେ ଚତୁଃଷଷ୍ଟି (ଘଟ୍ଟଗଣ) କନକ ଚିତ୍ର, ସୁନ୍ଦର ମଣିମୟ ସ୍ତମ୍ଭ, ସରୋବର ସଦୃଶ ପ୍ରତୀୟମାନ କାଚ ତଳ । ତହିଁରେ ନାନା ବିଧ ରତ୍ନର ପଦ୍ମ, କୁମୁଦ, ହଂସ ଓ ଭ୍ରମରର ରୂପ । ଜଳମଣିମୟ ସୋପାନରେ ନୃତ୍ୟଶୀଳ ମୟୂରର ଚିତ୍ର । ଶୟନ କକ୍ଷର ଭିତ୍ତିରେ ରାଧାକୃଷ୍ଣ, ସୀତାରାମ, ମୋହିନୀ ଶିବ, କାମିନୀ କୁବେର ,ଅଞ୍ଜନା ପବନ, ମେନକା ବିଶ୍ୱାମିତ୍ର ପ୍ରଭୃତି ସଂଯୋଗ ଦୃଶ୍ୟଚିତ୍ରମାନଙ୍କର ସ୍ଥିତି ଉଦ୍ଦୀପକ ଚିତ୍ରମାନ; ଦ୍ୱାରରେ ଛତ୍ରଜାଲ ଯବନିକା; ନାନାବିଧ ବସ୍ତ୍ର, ଚାମର, ଛତ୍ର, ଫୁଲମାଳା, ଦୁଆର ଦର୍ପଣ, ଜଳପୂର୍ଣ୍ଣ ଭାଜନ, ସ୍ୱର୍ଣ୍ଣପାତ୍ରମାନଙ୍କରେ ଚନ୍ଦନ, କର୍ପୂର, ଅଗୁରୁ, ତାମ୍ବୁଲବଟିକା, ପିକ ପକାଇବା ପାତ୍ରର ଯଥା ସ୍ଥାନରେ ସ୍ଥାପନ । ପଲଙ୍କର ଚାରିପାଖ ସୁବର୍ଣ୍ଣ କଳସର ଶୋଭା । ରତ୍ନମୟ ପଲଙ୍କୋପରି କର୍ପୂରଚୂର୍ଣ୍ଣମଣ୍ଡିତ କୋମଳ ଶଯ୍ୟା, ନାନାବର୍ଣ୍ଣର ଫୁଲର ଉପଧାନ, ପଲଙ୍କର ଊର୍ଦ୍ଧ୍ୱରେ ମୁକ୍ତାର ଚାନ୍ଦୁଆ । ଶଯ୍ୟା ଉପରେ ସୁଗନ୍ଧି ଦଳ ଓ ଅଗୁରୁଯୁକ୍ତ ଧୂପ ନିଷ୍କାସିତ, ପଲଙ୍କ ଉପରସ୍ଥ ଶଯ୍ୟାତୁଲ୍ୟ ଭୂମି ଉପରେ ମଧ୍ୟ ଅନ୍ତରଶଯ୍ୟା ବିରଚନ । ଉପାଦେୟ ମଧ୍ୟରୁ ଖାଦ୍ୟ ପ୍ରଭୃତି ପଦାର୍ଥମାନଙ୍କର ସର୍ବମାନେ ଦେବକନ୍ୟାକୁ ମନୋହର ସଂଗୀତରେ ମଣ୍ଡିତ କଲେ ଓ ପୁରପାର୍ଶ୍ୱରେ କପୋତ, ଶୁକ, ସାରୀମାନଙ୍କ ପଞ୍ଜରୀ ସ୍ଥାପନ କଲେ । (ବାତ୍ସ୍ୟାୟନଙ୍କ କାମସୂତ୍ରର ସାଧାରଣ ଅଧିକରଣର ୪ର୍ଥ ଅଧ୍ୟାୟରେ ନାୟକ ନାୟିକାଙ୍କ ଶୟନଗୃହର ଯେ ଚିତ୍ର ଅଛି, ତାହାର ଏ ବର୍ଣ୍ଣନା ପ୍ରାୟ ଅନୁରୂପ ) । ସ୍ୱଚ୍ଛ ମଧ୍ୟଶଯ୍ୟା ପ୍ରଭୃତିରେ ଭୂମିରେ ଶଯ୍ୟାନ୍ତର ନିର୍ମାଣ ବିଷୟ କାମସୂତ୍ରରେ ସ୍ପଷ୍ଟଭାବରେ ବର୍ଣ୍ଣିତ ହୋଇଅଛି । (ବାହ୍ୟାବାସନନ୍ତରଂ ମଙ୍ଗଳକୁସୁମାସ୍ତୃ—ସର୍ବଭୋଗ୍ୟୋପକରଣସମ୍ପନ୍ନଂ ଶଯ୍ୟା ବୃକ୍ଷବାଟିକାଂ ଆରଳବଣବାଣିଜ୍ୟସମ୍ପନ୍ନଂ ଅସ୍ତ୍ରାଦ୍ୟଂ ସର୍ବୋପକରଣସ୍ଥାନ ତ୍ରୟାଧନାଂ ସନ୍ଦୋଜନଂ ଚ ପ୍ରେଙ୍ଖାସମ୍ବନ୍ଧିନୀଂ ଚ ଗୃହକଣ୍ଠିକ ପାଟ୍ଟବିଣ୍ଡିକମ୍ । ଭୂମିଶେଷାଂ ଶାଖି ବିଜନେ ମୁକ୍ତଭକ୍ଷ୍ୟପଣ୍ଡିତୈବ୍ରତକ୍ରମେଣ । ଉପକ୍ରମେତ୍ ବସ୍ତ୍ରାନ୍ତସ୍ତରେ; ନ ତୁ ପ୍ରକ୍ଷିପ୍ତମତ୍ୟର୍ଥେଡକ ବା ଦ୍ରବ୍ୟାଦିକଃ । କୁସୁମାଶ୍ରଂଶୋଦ୍ବେ ଯୋଷିତଃ ପୁଷ୍ପମାଲ୍ୟଗନ୍ଧ ଇତ୍ୟାଦି । ୩ୟ ଅଧିକରଣର ୨ୟ ଅଧ୍ୟାୟ )।

ଧନଞ୍ଜୟ ବା ଷୋଡଶଶୃଙ୍ଗ ବ୍ରହ୍ମବର୍ଗ ପାଳନାୟ; ଏପରି ଅର୍ଥ କରି ହୁଏ, କିନ୍ତୁ ଅନ୍ତତଃ କନକଶୃଙ୍ଗ ବ୍ରହ୍ମବର୍ଗ ପାଳନାୟ । ଏହା ସର୍ବମତରେ ସ୍ୱୀକୃତ । ଉପେନ୍ଦ୍ର ନାୟକ ନାୟିକାଙ୍କ ସମ୍ଭୋଗଲୀଳା ଶବ୍ଦ ପଡ଼ିଲ ପରେ ଅର୍ଥାତ୍ ଚତୁର୍ଥୀ ପୂର୍ବରୁ ବର୍ଣ୍ଣାଇ ଶାସ୍ତ୍ରୀୟ କାର୍ଯ୍ୟ ସମ୍ପାଦନରେ ଅନ୍ୟାୟ କରିଅଛନ୍ତି ବୋଲି ପ୍ରତୀତ ହୁଏ । ଶ୍ରୁତି ଓ ସ୍ମୃତି ଅନନୁମୋଦିତ ନ ହେଲେହେଁ ଅଶ୍ଳୀଳତାରେ ଲୋକ ତାହା କରିବାକୁ ବାଧ୍ୟ ହୁଏ । ଏହି ହେତୁ ନ୍ୟାୟ ବା ଧର୍ମାନୁମୋଦିତ ହେଉ ବା ନ ହେଉ ସାଧାରଣ ଅନୁଷ୍ଠିତ କାର୍ଯ୍ୟ—ଆଗ୍ରହରୂପେ ଏପରି ବଳବାନ୍ ହୋଇ ପଡ଼େ ଯେ ତାହା ଲଙ୍ଘନ କରିବା ବଡ଼ କଠିନ । ଏ ପ୍ରସଙ୍ଗରେ ଉପେନ୍ଦ୍ର ବାତ୍ସ୍ୟାୟନଙ୍କ କାମସୂତ୍ର ଉପଦେଶର ପରିପାଳନ ନ କରି ଲୋକାଚରିତ ବିଷୟକୁ ଗ୍ରହଣ କରିଅଛନ୍ତି । ପୁନଶ୍ଚ ଏ ନୀତିଭଙ୍ଗ—ଏଥିରେ ଖଳମ୍ ଅସଦ୍ଦମାନ । ଆଗ୍ରହର ସହାନୁଭୂତି ହେତୁ ଉପେନ୍ଦ୍ର ନୀତିକୁ ଯଥାଯଥ ସୁରକ୍ଷିତ କରିବାରେ ବୋଧ ହୁଏ ସମର୍ଥ ହେଲେ ନାହିଁ ।

## ଦ୍ୱାତ୍ରିଂଶ ଛାନ୍ଦ

ବସନ୍ତକାଳର ଚନ୍ଦ୍ରୋଦୟକାଳୀନ ସନ୍ଧ୍ୟାର ଏକ ବାସ୍ତବ ଜୀବନ୍ତ ଅପୂର୍ବ ମନୋହର ବର୍ଣ୍ଣନା । ଏଥିରେ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ସ୍ଫୂର୍ତ୍ତି ଓ ରସିକତ୍ୱର ସମନ୍ୱୟ ଦେଖି ପରିତୃପ୍ତ ହୁଏ । ପ୍ରକୃତିର ସୌନ୍ଦର୍ଯ୍ୟ ଉପେନ୍ଦ୍ରଙ୍କ ହୃଦୟ ଉପରେ ଓ ଉପେନ୍ଦ୍ରଙ୍କ ସୌନ୍ଦର୍ଯ୍ୟ ଅବବୋଧ ପ୍ରକୃତି ଉପରେ ଯୁଗପତ୍ ଯେ ପ୍ରଭାବ ବିସ୍ତାର କରିଥିଲା, ତାହା ସହୃଦୟ ରସିକଙ୍କ ହୃଦୟରେ ଅବଗତ ହୋଇପାରେ । ଛାନ୍ଦର ପ୍ରାରମ୍ଭରୁ ଶେଷ ଏକତ୍ରିଂଶତ୍ ପଦ ପର୍ଯ୍ୟନ୍ତ ସନ୍ଧ୍ୟା ବର୍ଣ୍ଣନ ପ୍ରକୃତ ଓ ଚମତ୍କାର ଭାଷାରେ ଓ ମନୋହର ଭଙ୍ଗୀରେ ସମ୍ପାଦିତ ତାହା କାବ୍ୟଜଗତର ନିଧି । ବିବାହ ପରେ ମଧୁଯାମିନୀ ପୂର୍ବରୁ ଦିବାର ଠିକ୍ ପୂର୍ବକାଳୀନ ସୁନ୍ଦରୀ କନ୍ୟା ଉଦ୍ଦୀପନକାରକ ହେତୁ ତାହାର ବର୍ଣ୍ଣନା ସମୀଚୀନ । କବି ମଧ୍ୟ ତାହା ଯଥାସ୍ଥାନରେ କହିଅଛନ୍ତି; "ଉଦ୍ଦୀପନକାରକ ଚନ୍ଦ୍ରମା କର୍ଣ୍ଣି ଦେଖି । କଲେ ବେଶ ରେମାରୁ ଚତୁରୀ ପ୍ରାଣସଖୀ ।" ଲାବଣ୍ୟବତୀର ସଖୀମାନଙ୍କ ଦ୍ୱାରା ବେଶବିନ୍ୟାସ, ନାନା ଛଳ, ଚାତୁରୀ ଓ ପରିହାସମନ୍ଦ୍ରୀ ଓ ସଖୀମାନଙ୍କର ଲାବଣ୍ୟବତୀକୁ ନେଇ କେଳିପୁରର ଦ୍ୱାରଦେଶରେ ଉପସ୍ଥିତ । ଏ ଛାନ୍ଦର ବର୍ଣ୍ଣନା ଅତି ରସ ଓ କୌତୁକମୟ ।

## ତ୍ରୟସ୍ତ୍ରିଂଶ ଛାନ୍ଦ

ବଳାତ୍କାରରେ ଲାବଣ୍ୟବତୀକୁ କେଳିପୁରରେ ପ୍ରବେଶ କରାଇବା, ଗୃହ କବାଟ ବନ୍ଦ କରିବା ଓ ମୃଦୁ ସମ୍ଭୋଗ ନିମିତ୍ତ ସଖୀମାନଙ୍କର ଚନ୍ଦ୍ରଭାନୁଙ୍କୁ ସବିନୟ ଅନୁରୋଧ କରିବା "ଅଙ୍ଗରେ ଲାଗିବ ଚନ୍ଦ୍ର ରଖି ସର୍ବାଙ୍ଗ" ଇତ୍ୟାଦି ।

ମେଳନ ପରେ କବି ଉପରିଷ୍ଟ ଦାଂଶିତ ଆଲିଙ୍ଗନ, ଚୁମ୍ବନ, ଦନ୍ତକର୍ମ, ନଖକ୍ଷତ, ସୀତ୍କୃତ, ପାଣିଘାତ, ସମ୍ବେଶନ, ଉପସୃପ୍ତ ଓ ନିବୃତ୍ତି—ନବବିଧ ରମଣର ବିଶଦ ବର୍ଣ୍ଣନା କରିଅଛନ୍ତି । ଉପରିଷ୍ଟକ ଅସହ୍ୟ ଓ ଭୁମ୍ପିତ ରମଣ ( ବାତ୍ସ୍ୟାୟନ ) । ଏପରି ରମଣମାନର ବର୍ଣ୍ଣନା ପ୍ରାଚୀନ କବିଗଣ ପରମ୍ପରାର ଅନୁରୋଧରେ ହୋଇଥିଲେହେଁ ସୁରୁଚିର ଅନୁକୂଳ ନୁହେଁ ।

## ଚତୁଃତ୍ରିଂଶ ଛାନ୍ଦ

ପ୍ରଭାତରେ କେଳିଗୃହରୁ ସ୍ୱାମୀ ଶନୈଃକୁ ବାହାର ଆସିବା ସମୟରେ ମଦାଳସା ଲାବଣ୍ୟବତୀର ଅଳସଭଙ୍ଗୀ ବା ଶୃଙ୍ଗାରମୟୀ ଚେଷ୍ଟାର ବର୍ଣ୍ଣନା । ସେହି କାଳର ଲାବଣ୍ୟବତୀର ଛବି କି ଶୋଭନ, ବାସ୍ତବ ଓ ଜୀବନ୍ତ ରୂପରେ ଉପସ୍ଥାପିତ କରି ହୋଇଅଛି ତାହା, ଚିତ୍ରକର ତାହାହିଁ ଗ୍ରହଣ କରିବାରେ ସମର୍ଥ । କି ସ୍ଫୂର୍ତ୍ତି, କି ରସିକତା ଓ କି ମଧୁର ଭାବର ଉଦ୍ଦୀପନାରେ ଲାବଣ୍ୟବତୀର ସମ୍ଭୋଗଚିହ୍ନ ଦର୍ଶନରେ ତଥା ଅଳସଭଙ୍ଗୀ ବିଷୟରେ ବର୍ଣ୍ଣନାମାନ ହୋଇ-ଅଛି ତାହା ବହୁଭଙ୍ଗୀ ରୂପିଣୀ ଭାଷାଦ୍ୱାରା ଅନ୍ୟଙ୍କ ବଶ ହୋଇ ପାରେ ନାହିଁ । ଲାବଣ୍ୟବତୀର ନିତ୍ୟକର୍ମ ସମାପ୍ତି ପରେ ପୂର୍ବସ୍ୱଳିତ ଅଙ୍ଗଶ୍ରୀ ନବାଭରଣାର୍ଥ ଶୟନ । ଏ ଛାନ୍ଦଟି ୨୪ ବଙ୍ଗଳାଶ୍ରୀ ବୃତ୍ତରେ ରଚିତ । ଧନ୍ୟ ରସିକ କବି ! ଏପରି ଚମତ୍କାରମୟୀ, ସ୍ଫୂର୍ତ୍ତିମୟୀ ଓ ରସମୟୀ ରଚନା ସାହିତ୍ୟ-ରାଜ୍ୟରେ ଏକାନ୍ତ ବିରଳ ବୋଲିଲେ ସତ୍ୟର ଅପଳାପ ହେବ ନାହିଁ ।

## ପଞ୍ଚତ୍ରିଂଶ ଛାନ୍ଦ

ସପ୍ତମଙ୍ଗଳା ଓ ଅଷ୍ଟମଙ୍ଗଳାଦି ଶେଷରେ ଚନ୍ଦ୍ରଭାନୁର ଅପର ତିନି ମିତ୍ର ଗୁଣନିଧି, ରତ୍ନଧ୍ୱଜ ଓ ପୁରନ୍ଦର—ଲାବଣ୍ୟବତୀର ତିନି ସଖୀ ଚାମକଳା, ହୀରାବଳୀ ଓ ମେଘମାଳାଙ୍କୁ ବିବାହ କଲେ । ଏମାନଙ୍କର ଦେଶକୁ ପ୍ରତ୍ୟା-ବର୍ତ୍ତନାର୍ଥ ଆୟୋଜନ । ନାନାବିଧ ବହୁମୂଲ୍ୟ ଯୌତୁକ ସହିତ ଚନ୍ଦ୍ରଭାନୁଙ୍କର ସଖାମାନଙ୍କ ସହ କର୍ଣ୍ଣାଟ ଯାତ୍ରା । ଦେବତାମାନେ ନାରଦଙ୍କ ମୁଖରୁ ଲାବଣ୍ୟବତୀର ଶୋଭା ଶୁଣି ଈର୍ଷ୍ୟାରେ "ଦମ୍ପତୀଙ୍କର ବିଚ୍ଛେଦ ହେଉ" ଏ ରୂପ ଶାପ ପ୍ରଦାନ । ଦେବରମଣୀମାନେ ଲାବଣ୍ୟବତୀର ବିଦାୟରେ ନିଜମାନଙ୍କର ଛବି ବିବର୍ଣ୍ଣ ଆଶଙ୍କା ଦୂର ହେଲା ଦେଖି ସନ୍ତୋଷରେ 'ବର୍ଷକରେ ସେମାନଙ୍କର ମେଳନ ହେବ ଓ ତତ୍ପରେ ସେମାନେ ସୌଖ୍ୟରେ ଜୀବନ ଯାପନ କରିବେ; ଏହି ଆଶୀର୍ବାଦ କରି ସିନ୍ଧୁ ଦେଶସ୍ଥିତା ନଶ୍ୱର ଚଣ୍ଡିକାଙ୍କୁ ଦମ୍ପତୀଙ୍କ ବିଚ୍ଛେଦ ଓ ମିଳନ କାର୍ଯ୍ୟ ସମ୍ପାଦନ ନିମନ୍ତେ ନିୟୋଜିତ କଲେ । ଲାବଣ୍ୟବତୀର ଶୋଭାର ଉତ୍କର୍ଷ ଦର୍ଶାଇବା ଛଳରେ କବିଙ୍କର ଏହି ବର୍ଣ୍ଣନାର ଉତ୍ପାଦନା । ନାରଦ ଅପାତତଃ କଳହପ୍ରିୟ ଓ ଅନିଷ୍ଟକାରୀରୂପେ ଜ୍ଞାତ; କିନ୍ତୁ ପ୍ରକୃତରେ ଜଗତର ମଙ୍ଗଳ ତଥା ଶାନ୍ତିବିଧାନ ତାଙ୍କର କାର୍ଯ୍ୟ । ଏପରି ଦେବତାଙ୍କ ଦ୍ୱାରା ଶାପଗ୍ରସ୍ତ କରାଇ

ଚନ୍ଦ୍ରଭାନୁଙ୍କ ଦ୍ୱାରା କାଳକେତୁ ସଂଗ୍ରାମଙ୍କ ବିନାଶ ସାଧିତ ହୋଇଥିଲା । କର୍ଣ୍ଣାଟ ଦେଶରେ ଲୁଣ୍ଠିତ ମାଣିକ ବାରବନିତାଙ୍କର ଯଥାବିଧି ମାଙ୍ଗଳିକ କାର୍ଯ୍ୟ ସମ୍ପାଦନ । ଲାବଣ୍ୟବତୀର ସୌନ୍ଦର୍ଯ୍ୟ ପ୍ରଶଂସା କର୍ଣ୍ଣାଟ ଦେଶୀୟ ନାଗରିକଙ୍କ ମୁଖରେ ଯେପରି ସରସ ଓ ଚମତ୍କାର ଭାବରେ ବର୍ଣ୍ଣିତ, ତାହା ଅନନ୍ୟ ସରଳ ଓ ତାହା କବିଙ୍କ ସୌନ୍ଦର୍ଯ୍ୟ ଉପାସକତ୍ୱର ଜ୍ୱଳନ୍ତ ନିଦର୍ଶନ । ତତ୍ପର ନବଦମ୍ପତି ପୁରରେ ବାସ କଲେ ଓ ଯଥାକାଳରେ ଯଥାବିଧି ସିଂହଳ ଯାତ୍ରାପୂର୍ବ ଓ ମନ୍ତ୍ରୀଙ୍କୁ ବିଦାୟ ଦେଇଗଲେ ।

## ଷଟ୍‌ବିଂଶ ଛାନ୍ଦ

ଏହି ଛାନ୍ଦର ପ୍ରାରମ୍ଭରେ କବି ପ୍ରଧାନ ଋତୁମାନଙ୍କରେ ଉପଭୋଗଯୋଗୀ ବିହାର ବୈଚିତ୍ର୍ୟର ବର୍ଣ୍ଣନା କରିଅଛନ୍ତି । କବିଙ୍କ ଉକ୍ତିରେ "ଏମନ୍ତ କାଳେ-ମାନଙ୍କେ ନୃପ ନନ୍ଦନର ସଙ୍ଗେ । ଲାବଣ୍ୟମଣି ତରୁଣୀ ଅଙ୍ଗରେ ବିହାର କରୁଥାଇ ରଙ୍ଗେ" । ଲାବଣ୍ୟବତୀର ଟୀକା ଦ୍ରଷ୍ଟବ୍ୟ । ଏହି ଛାନ୍ଦରେ ଆମୋଦ ପ୍ରମୋଦରେ ନାନା ଉପାୟ କରିବା ବିଷୟ ଅତି ସୁନ୍ଦର ପଦ୍ୟ ଟିରେ ବର୍ଣ୍ଣିତ ।

## ସପ୍ତବିଂଶ ଛାନ୍ଦ

କବି ଉପେନ୍ଦ୍ର ୨୬ ଛାନ୍ଦର ଶେଷରେ ୨୭ ଛାନ୍ଦର 'ମାନ' ବିଷୟ ସୂଚନା ଦେଇଅଛନ୍ତି । "ଏହି ସମୟରେ ବାରମାସା ବହୂତ ଦେଖିବା ପାଇଁ କହଇ । ପ୍ରିୟା ପ୍ରତିପକ୍ଷ ଦେହରେ ଥିଲା ତା ଦେଖି ସୁଲୁଣ ଦେଖଇ । ଏହି ସମୟରେ ଚନ୍ଦ୍ରମେ ଭାବମବଳିକା ପ୍ରବେଶ ହେଲା । ପୁଣି କେ ସଦୃଶ ହେଉଛି ସପତ୍ନୀ ଦେଖା ଶଙ୍କାକୁ ଦେଖିଲା । ସ୍ୱଭାବେ ହୋଇପାରେ କ୍ଷେମ ଲୀଳାପାଣି ନ ମଣିଲୁ ନିଜ ହେତୁ । ଜାଣେ ପୁନର୍ବାର ଗାଇଛି ଦେଖିଲ ସେମନ୍ତ କଲିକ ହୋଇ ।" ସପତ୍ନୀର ପ୍ରତିପକ୍ଷ ନିଜର ଅନୁପସ୍ଥିତିରେ ସ୍ୱାମୀ ଦେଖୁଥିବାରେ ଶଙ୍କା କରି ଲାବଣ୍ୟବତୀ ମାନ କଲା । ମାନବତୀ ନାରୀର ଲକ୍ଷଣ ଯଥାଯଥ ବର୍ଣ୍ଣିତ ହୋଇଅଛି । ଲାବଣ୍ୟବତୀର ମାନଭଙ୍ଗ ନିମିତ୍ତ ଚନ୍ଦ୍ରଭାନୁର ଚାଟୁକ୍ତି ଅତି ସୁନ୍ଦର ଓ ମର୍ମସ୍ପର୍ଶୀ । ଚାଟୁକ୍ତିର ଶେଷ କଥା "ଲଭ ଅନ୍ତର ବଶେ ଭାବର ହୋଇ ମାତଲ ଗୋଡ଼ । ଚନ୍ଦ୍ରବିମ୍ବ କପଟ ଦେଖି ଲମ୍ପଟ ହୋ ଟୁଟଇ ଧରି" ଇତ୍ୟାଦି । ଏହା ଶ୍ରବଣେ ଲାବଣ୍ୟବତୀର "ଏହି ବଚନାମୃତ ରଚନା କଲୁ ଲୋଚନା ତୁର । ଦଇବ ଗୁହିଲା ମନ ମୋହିଲା ଜେଣ୍ଡ ରହିଲା ଗାର । ବଲେ ବାହାର ହେଲା ତାହାର ହାସଲହରୀ ଜ୍ଞାତି । ଛିଡ଼ି ଗୁଟିଲା କଥା ସେ ଲିଙ୍ଗ ବୋଲି କହିଲୁ ତୁ ।" ଏହି ଅକାରଣ ମାନଭଞ୍ଜନ ଓ ଭଙ୍ଗରେ ଚନ୍ଦ୍ରଭାନୁର ଅନୁକୂଳତ୍ୱ ତଥା ଚରିତ୍ରଗତରେ ଲାବଣ୍ୟବତୀର ଦୃଢ଼ ପ୍ରତ୍ୟୟ ଏବଂ କବିଙ୍କର ଅବିନୁଷ୍ୟଧାରିତା ତଥା ଚପଳତାବଳିତ ମୁଖା ଦୋଷରେ ଶାନ୍ତି ଦୃଷ୍ଟିରେ

ତଥା ଲକ୍ଷ୍ମୀଙ୍କ ହୋଇ ଚନ୍ଦ୍ରଙ୍କ ପ୍ରତି ବିଶେଷ ଅନୁରକ୍ତି ଦର୍ଶାଇ କବି ନିଜର ଅଦ୍ଭୁତ ଚାତୁରୀ ତଥା ବୁଦ୍ଧିମତ୍ତାର ପରିଚୟ ପ୍ରଦାନ କରିଅଛନ୍ତି ।

## ଅଷ୍ଟତ୍ରିଂଶ ଛାନ୍ଦ

ବସନ୍ତର ଗୁଞ୍ଜନା ନିଶିରେ ପୁରର ଶେଷରେ ଚନ୍ଦ୍ରଭାନୁ ଲାବଣ୍ୟବତୀର ଶୋଭା ଗୁଣକୁ ପ୍ରଶଂସି ରସବତୀ ଗଣନାକୁ ହସିବାକୁ ଲାଗିଲେ । ନାନାବିଧ ଶୃଙ୍ଗାରରେ ନିପୁଣ ହେଲେ ହେଁ ଲାବଣ୍ୟବତୀ କଦାଚ ମାନ କରିବ ନାହିଁ ଓ ସେ ଯେବେ କେବେ ହେଲେ ପ୍ରକାଶ କରିବେ ନାହିଁ । "ଏରୂପେ ମୃଦୁପ୍ରକାଶି ବଚନ ବାକ୍ୟ କହିଲେ, ଅନୁଗ୍ରହ ଚୁମ୍ବ ଆଲିଙ୍ଗନ । ଲଘୁ ହେଲେ ଗୁରୁପଣ ନିପୁଣ କଲେ ଏମନ୍ତ ରସବତୀ ନ କରିବୁ ମାନ ରେ । ଜୀବେଶ୍ୱରୀ ! ପରିହାସ ନ କରିବ ଦେବେ । କଲ ଏମନ୍ତ ସମ୍ମତ ଶଙ୍କା ହୋଇଥିଲେ ହେଁ ମାନିଲ ବିଳାସ ମନୋହରିବେ ସେ ।" ଏହି ଛାନ୍ଦରେ କବି ଏକପତ୍ନୀବ୍ରତକୁ ବିଶେଷ ପ୍ରଶଂସା କରିଅଛନ୍ତି । ସେ ଏଥିର ମଧ୍ୟ ପକ୍ଷପାତୀ ଥିଲେ ।

## ଊନଚତ୍ୱାରିଂଶ ଛାନ୍ଦ

କୁମ୍ଭ ସୁରେଶ୍ୱର କାଳକେଶୁଗଣ ସହିତ ଋଷି ଯତିଙ୍କ ଯାଗନାଶ କରନ୍ତେ ଋଷିମାନେ ଚନ୍ଦ୍ରଭାନୁଙ୍କୁ ରକ୍ଷା କରିବା ନିମନ୍ତେ ହଠରେ ଆହ୍ୱାନ କଲେ । ସବୁଙ୍କ ମୁନିଗଣ ଦେବତାଙ୍କ ଶାପ ଲାଗି ପାଇ ସିନ୍ଧୁଦେଶଶ୍ରେଷ୍ଠା କାମୋଦିନୀ ଚଣ୍ଡୀଙ୍କୁ 'ଚନ୍ଦ୍ରଭାନୁଙ୍କୁ ମାୟାରେ ହରଣ କରିବାକୁ' ପ୍ରେରଣ କଲେ । କାବେରୀକୂଳସ୍ଥ ଲତେଶ୍ୱର ବନରେ ଚନ୍ଦ୍ରଭାନୁ ସ୍ୱ ସଖାଙ୍କ ସହ ସ୍ୱ ସ୍ୱ ପତ୍ନୀମାନଙ୍କ ସଙ୍ଗରେ ବିହାର କରୁଥିଲେ । କଳ୍ପିକା ଚଣ୍ଡୀ ମଲ୍ଲୀ ରୂପେ ହରଣ କରିବାର ଉପାୟରେ ରହିଲେ । ଲାବଣ୍ୟବତୀର 'କୁସୁମ ସମାନ ଅଙ୍ଗ' ଦେଖିବାକୁ ଚନ୍ଦ୍ରଭାନୁ ସ୍ୱ ଗୃହ ସଖାଙ୍କ ସଙ୍ଗରେ ଓ ଲାବଣ୍ୟବତୀ ନିଜର ପ୍ରିୟସଖୀଙ୍କ ସଙ୍ଗରେ "କେଳି କେଳି ହୋଇ, ବନରେ କେଳି ବିହରିଲେ ତହିଁ ।" ଏହି କାଳରେ ପ୍ରଚଣ୍ଡ ବାତର ଝଡ଼ପ୍ରବାହରେ ସୁନ୍ଦରୀଙ୍କ ସହ ଚନ୍ଦ୍ରଭାନୁର କେଳି ମୂର୍ଚ୍ଛିତ ହେବାରୁ ଚଣ୍ଡୀ ସେମାନଙ୍କୁ ହରଣ କରି ଲୀଳାଭୂମି ଖଣ୍ଡରେ ନେଇ ରଖିଲେ । ବାତର ନିବୃତ୍ତି ପରେ ମିତ୍ର ସହ ଚନ୍ଦ୍ରଭାନୁଙ୍କ ଅନ୍ତର ହେବା ଲାଗି ସଖୀଙ୍କ ସହ ଲାବଣ୍ୟବତୀ ଦୁଃଖାର୍ଣ୍ଣବରେ ମଗ୍ନ ହେଲେ । କୋମଳମତି କନ୍ୟା 'ଶରୀରେ ଲାଗିଲା ବିଚ୍ଛେଦ କୋଇଲି' । ଦର୍ଶାଉଛନ୍ତି ଏହା ଜାଣି ଲଙ୍କେଶ୍ୱରୀ ଦୁର୍ଗାଙ୍କୁ ସ୍ତୁତି କରାଇ ( ଭାଳସୀ ହାଟ ) ସେବକଙ୍କ ଗୃହରୁ ବିଚ୍ଛେଦ ବିଷୟ ଜାଣିଲେ । ଏଣେ ମାନ୍ଧାତା ପୁର ଦୁଃଖରେ ସଖାଙ୍କ ସହ ଚନ୍ଦ୍ରଭାନୁ ବିଚ୍ଛେଦ ଲାଗି ଦୁଃଖରେ କାତର ହେଲେ । ଚନ୍ଦ୍ରଭାନୁଙ୍କ ଶୋକ ହୃଦୟସ୍ପର୍ଶୀ । କବି ନିଜର ପତ୍ନୀମୃତ୍ୟୁଜନିତ ଦୁଃଖକୁ ନାନା ସ୍ଥାନରେ ନାୟକମୁଖରେ ବ୍ୟକ୍ତ କରିଅଛନ୍ତି । କାର୍ତ୍ତିକ ମାସରେ ଏତେ ଶୀତ; ଶୀତ ରାତିରେ ଯାଉଛି

ଗଛ । ଯଃ ଅଶ୍ରୁ କେତେ ଦିନ ରଖିବ; ଶାବ ଯେବେ ଘନ ଜଳ ଧାଉର । କୁଡ଼ିଲେ ଚେତନା । କେଉଁ ନ ଜାଣୁଛି ବେଦନା ॥ କେଶବ କରୁଥାଇଁ ଯୋଗରେ ମୂର୍ଛି । ଯୋଗରେ ଶିବ ଯୋଗନର ମନାଇଁ । ସନ୍ଧ୍ୟା ଭଳି ଦେହ ମେଢ଼ ବିଚ୍ଛେଦ । ନୋହିଲୁ ଦାଣ୍ଡି ଘର ଶିରଚ୍ଛେଦ । ସୁବାହୁ , ସୁବନ୍ଧୁ । ବିଚ୍ଛେଦରୁ ଅଙ୍କ ନାହିଁ ବାସ୍ତୁ ॥ ଛନ୍ଦ ୩୯-୨୨-୨୩ ପଦ । ବନବାସରେ ଚନ୍ଦ୍ରସ୍ମିତ ଉଦ୍ଧୃଷ୍ଟ ପ୍ରାପ୍ତ ହୋଇ ସ୍ୱାମଚନ୍ଦ୍ରଙ୍କ ପତ୍ନୀଙ୍କ ମର୍କଟ ସେନାପତିଙ୍କ ନାମଧାରୀ ପାଦପ, କାମ୍ବଜ, ଜାମ୍ବୁ, କୁମୁଦ, ପନସ, ଦମନ, ଚନ୍ଦନ ବୃକ୍ଷମାନଙ୍କୁ ଅନୁରୋଧ କଲେ । ଭୃଙ୍ଗମାନେ ଅନୁରାଗୀ ହୋଇ "ଶ୍ରୀରାମଙ୍କୁ ଦେଲ ଜାନକୀ ବନତା" ବାଣୀମାନ ବଦୂ. ପରବଶ ହୋଇ ମୌ ବକତା ଦଇ । ପ୍ରଭୁ ଶ୍ରୀରାମଙ୍କ ନାମ ଉଚ୍ଚାରଣ କରୁ ମାତେ ଦେବର୍ଷି ନାରଦଙ୍କ ବୀଣାନାଦ ସହ ବାଣୀ ମଧ୍ୟ ଶୁଣାଗଲା, "ସ୍ୱବଶଜନ ମନରେ ନ ଭଲ । ତାକୀ ଲଭିବ କାରୁଣ୍ୟ ସମ୍ମାନ । ଅମର ଶାପରେ । ଦେବୀ ବିଚ୍ଛେଦ ମାନ ସମ୍ଭିରେ ।" ଏହାର ଶ୍ରବଣ ପରେ ଜାଣିବାର ଜ୍ଞାନ ହେଲା ସେ ସୀତାଙ୍କ ସହ ସ୍ଥାନାନ୍ତରିତ ହୋଇ ଲଙ୍କାପୁରୀ ଖଣ୍ଡରେ ସ୍ଥାପିତ ହୋଇଅଛନ୍ତି । ତହିଁରେ ବ୍ୟାକୁଳ ହୋଇ ମଦନ ସହ ଲକ୍ଷ୍ମଣ ଭ୍ରମଣ କରନ୍ତେ କପିମାନେ ଏରୂପ ବର୍ଣ୍ଣନରେ ମୁଖ ହେବେ ଏଥି ହୃତରେ କନକମାନେ ମିଶ ସହ ଚନ୍ଦ୍ରସ୍ମିତଙ୍କୁ ମଞ୍ଜୁଷା ମଧ୍ୟରେ ସ୍ଥାନ ଦେଲେ । କବି ସ୍ୱ ପୁଷ୍ପରେ ବର୍ଣ୍ଣିଛି ଭ୍ରମଣ କରିବାର ସୁଯୋଗ ଦେବା, ଚୈତ୍ୟାଙ୍ଗନବାଦ୍ୟାର ତଥା ବାଲ୍ମୀକିର ମାହାତ୍ମ୍ୟ, ଜଳଭ ଦୁଃଖାନୁଭୂତିର ପ୍ରକାଶ; ସୁନ୍ଦର ଭଙ୍ଗୀରେ ଚନ୍ଦ୍ରହାସର ହନୁମନ୍ତାର ପରିଚୟ; ରାମନାମର ମାହାତ୍ମ୍ୟ ତଥା ଚନ୍ଦ୍ରହାସର ଅନ୍ତିମ ପ୍ରୟାସ ଅଟେ ଏଥର ଅପୂର୍ବ କୃତି ମଧ୍ୟରେ ପ୍ରଦର୍ଶିତ କରିଅଛନ୍ତି ।

## ଚତ୍ୱାରିଂଶ ଠାରୁ ଚତୁଃଚତ୍ୱାରିଂଶ ଛାନ୍ଦମାନ

କବି ଉପମା ଉତ୍ପ୍ରେକ୍ଷା ଅଳଙ୍କାର ଯୋଗେ ପ୍ରୀତି ବୃକ୍ଷମାନଙ୍କର ଚାକଚକ୍ୟ, ସୌରଭ ତଥା ଫୁଲଗୁଡ଼ିକ ଚିତ୍ର ପ୍ରଦାନ କରିଅଛନ୍ତି । ସେ ବସନ୍ତ ଋତୁରେ ବିଚ୍ଛେଦ ଘଟାଇ ଗ୍ରୀଷ୍ମ, ବର୍ଷା, ଶରତ୍, ହେମନ୍ତ ଓ ଶୀତର ବୃକ୍ଷମାନଙ୍କରେ ନାୟକ ନାୟିକାଙ୍କୁ ବିରହଯନ୍ତ୍ରଣା ଭୋଗ କରାଇ ପୁନଶ୍ଚ ବସନ୍ତରେ ମିଳନ କରାଇଛନ୍ତି । ଋତୁମାନଙ୍କ ଉପଯୋଗୀ ବସ୍ତୁମାନଙ୍କ ଉପସ୍ଥାପନରେ କବିଙ୍କର ପ୍ରକୃତି ବର୍ଣ୍ଣନାଶୈଳୀର ପରିଚୟ ପ୍ରଦାନ କରେ । ଭିନ୍ନ ଭିନ୍ନ ଋତୁକାଳୀନ ନାୟକ ନାୟିକାଙ୍କ ସଂଯୋଗଜ କ୍ରିୟାକଳାପ ଓ ବିରହରେ ତତ୍ ତତ୍ ଋତୁରେ ଯେ ଦୁଃଖାନୁଭୂତି ସେ ସମସ୍ତ ଅତ୍ୟନ୍ତ ମନୋହର ପ୍ରାଣସ୍ପର୍ଶୀ ବାକ୍ୟବିନ୍ୟାସରେ ଉପନିବଦ୍ଧ ହୋଇଅଛି । ପ୍ରତ୍ୟେକ ଋତୁରେ ବିରହୀ ନାୟକର ଖେଦୋକ୍ତିରେ କବିଙ୍କ ସୁ ହୃଦୟସ୍ପର୍ଶୀ ଉକ୍ତିଃ ପ୍ରମାଣମାନ ହୋଇଅଛି । ଗ୍ରୀଷ୍ମଋତୁ ବର୍ଣ୍ଣନାରେ "ପଦେ ପଦେ ଅଗ୍ନି ପଥରେ ଜଳୁଛି

ବିଧାତା ବିଧାନ ଦେଖ । ଚୀରଣ୍ଡି ହୋଇ କଥାଏ ରସ୍ତୁଜର ପରମ ରମଣ୍ଟି ସୁଖ ।" × × × × "ଏହା ସୁମଦ୍ରବାଠାରୁ ମଦ୍ରବାଣ ଚଳ ଦେଖୁଅଛି ମନେ । ସୁନଷ୍ଟ ଧନ ଧନଙ୍କରେ ଜନକଅଙ୍ଗୀର ଅନେକ ଭାବକୁ ଧାର୍ଯ୍ୟି । ଖାଇ ଥିବାପାଇ ଜାବଧା କରି ମୁଁ ବୁଲୁଥିବି ଯୋଗୀ ହୋଇ । ଶୃଙ୍ଖଳୀକା ନାମ ଖଣ୍ଡାକୁ ଉଚାଳୁଁ ମାଳୁଁ ଏକା ମେଦେ ମାଇ । ରସିକ ସଂସାର ମଧ୍ୟରେ ଦୁଃଖ ଖାଇ ହୋଇଅଛି ମୋର ।" ସୁନଷ୍ଟ ବର୍ଷା ବୃତ୍ତରେ—"ସୁନ୍ଦରୀ ସେତେ ସୁକ୍ଷରଙ୍ଗ ଦେଖେ । ଆପନାପ୍ରଭୁ ମୋ ବନସ୍ତୀ କେତେ । ଥାଉ ଏହି ଏ ସେନାସେନ ଛକ । ମନୁ ଖାଇ ଗିବାଯାଏ ନ ଯିବ । ଧାଇବ କ ଦଳ । କାର୍ହି ବଚ୍ଛେଦ ଦଣ୍ଡ ଦର୍ଶିଥିଲ ।" ଶରତ୍ ଋତୁର ବର୍ଣ୍ଣନା ଅବସରରେ ଚନ୍ଦ୍ରଭାନୁ ଲାବଣ୍ୟବତୀର ମୁକୁତା ଓ ଶୀଳତାକୁ ପ୍ରଶଂସା କରିବା, "ଅଜ ଯାଏ ସେ ଦକ୍ଷୀଣବଚନ । ନୋହେ ମନେ ଦହିଅଛି ସଦନ । ଦେଖୁ ଧନେ ପ୍ରଥମେ କଥା ଶୁଣା । ଧନେ ସାଙ୍ଗ ପଢ଼ାର୍ଥ ସୁଲକ୍ଷଣା । ଜାଣି ଲୁଚ ମୁଁ ଶୁଣିଲି ସ୍ୱଚ୍ଛେ । ସାଙ୍ଗ ପଢ଼ଦେଲୁ ଯେ କାନ୍ତ ଘଟେ । ସଲକ୍ଷିତ କବେଜ୍ୟୁ ମୋହନା । ଦେଇ ଗୁରୁ ଚରଣରେ 'ଭଜନା" ଇତ୍ୟାଦି । ସ୍ତ୍ରୀର ସ୍ୱାମୀ 'ସମ୍ପଦରେ ହୃଦରେ ହର୍ଷ କରିବା ଅନୁଚିତ । ଶୀତ ଋତୁବର୍ଣ୍ଣନାରେ ଉଚ୍ଚ ସ୍ୱରରେ ପଢ଼ାଉଥିବାବେଳେ ଚନ୍ଦ୍ରଭାନୁ ଉପସ୍ଥିତ ହେବା ଓ ଶୀତର ଜାଡ଼ୀ କହିବାରେ ଲାବଣ୍ୟବତୀ ଲଜ୍ଜିତ ହେବା ଇତ୍ୟାଦି କରି ବର୍ଣ୍ଣନା କରି ନାସ୍ତ ସମଯୁକ୍ତତାର ସୁନ୍ଦର ପରିଚୟ ପ୍ରଦାନ କରିଅଛନ୍ତି । ଶରତ୍ ଋତୁରେ ନାୟକର ଖେଦୋକ୍ତି:— "ସିବ ସନ୍ତ୍ର କରେ ଏ ପାଦେଶର । ଅମୃତତ୍ତ୍ୱ ପ୍ରିୟାବାଣୀ ମଧୁର । ମନ ମୋହିତ ଭ୍ରମୁଛି କରେ, ମଣି ମଣାଶ୍ୱରେ ଚଢ଼ି ଯେମନ୍ତେ ।" ପ୍ରିୟାବିରହରେ କି ଅକୁଳ ସ୍ଥିତି; ଉନ୍ମାଦକ ହେତୁ ମେଳନ ନାସ୍ତ୍ର ଅସମ୍ଭାବ୍ୟ ଉଦ୍ଭବ ଭଲନା ପରେ ନିଜର କର୍ତ୍ତବ୍ୟ ବିମୂଢ଼ତାସୂଚକ ଉକ୍ତିରୁ ବିଚକ୍ଷୁ ପ୍ରକୃତିବାଦ କ ଶାନ୍ତସ୍ଥ ଅର୍ଥ କରିଅଛନ୍ତି । ଶାନ୍ତ ମତ ପ୍ରକାଶ ଶାନ୍ତସ୍ଥ ଭୂତର ବାହ୍ୟପ୍ରକାଶ ମାତ୍ର । ହେମନ୍ତ ଋତୁରେ "ଅଜ ପାଇବ କ ସୁବିଚରକୁ ନାହିଁ ଏ ପରିଚେ । ଯାଗୀ ହୋଇ ଯାଇ ଦେଲୁ ହୃଦମାନ କାଟିବ କିବଚେ । ବାଁଛି ଚକ୍ଷୁରନେ ବସି ଜାଗିବାସି ଚୋକି ଏ କାମନା । ଶଙ୍ଖଧ୍ୱନରେ ସ୍ପୃଷ୍ଟି ହେଲେ ଲବଣ୍ଣ ଗଜେନ୍ଦ୍ରଗମନା ।" ଶିଶିର ଋତୁରେ ୪୬ ଛନ୍ଦର ୩ ପଦରୁ ୧୧ ପଦମାନଙ୍କ ମଧ୍ୟରେ "କପଟି ଧାଧାଣେ ବାଇକାନି ସୁନା ଗିଣ୍ଡ ପଣ୍ଡୁ ହୋଇ ଯେନ୍ତୁ । ପଙ୍କଜ ପଞ୍ଜରି ଶେଜେ ଶୋଇଥିବା ମୋହିତ ବନ୍ଦିଲି ସେହି । ସେ ଗୁପ୍ତକୁ ଭାଳି ମନର । ଏହିକ ପ୍ରାର୍ଥନା ମୋର ।୮। ଅନ୍ତରି କଥାଏ ଯଥା ଏଣ ନାଗ ଅଣିମାଦିମ ରୂପୁ । ସେହି ପ୍ରକାରେ ତା ମୋର ଏକ ପ୍ରାଣ ହେଇବାଲ ଯୁଗଳ ଦେଖା । ହେଁ ଯେବେ ମୋର ପ୍ରାଣ ଯିବ । ବାଳଦେବଙ୍କ ସମ୍ଭାଳିବ ।୯।

କାଳିଦାସଙ୍କ ଉତ୍ତରମେଘର ଛାୟା ଏଥିରେ ପଡ଼ିଲା ହେବା ସମ୍ଭବ । ଏଥିପରି ନାୟକର ଖେଦରେ କବିଙ୍କ ମନୋଗତ ଭାବ ସ୍ପଷ୍ଟରୂପେ ପ୍ରକାଶମାନ । କବି ନିଜ ଭକ୍ତି ସାର୍ଥକ କରି "ରସିକ ସଂସାରମଧ୍ୟରେ ସାର" ରୂପେ ପ୍ରଶଂସା-ଭାଜନ ହୋଇଅଛନ୍ତି । ନାୟିକା ଲାବଣ୍ୟବତୀର ବିରହଜନିତ ଖେଦରେ ସରଳପ୍ରାଣ ପତିବ୍ରତାର ଉଚ୍ଛ୍ୱାସ, ଅନେକ ଜନ୍ମଶୀଳନବଳରେ ଭାସମାନ ହୋଇ ପ୍ରୀତିର ସର୍ବୋଚ୍ଚରୂପ ପ୍ରକାଶ କରୁଅଛି । ନାୟକର ବିଳାପରେ କବି ନିଜ ହୃଦୟଗତ ଅନୁଭୂତିର ସହିତ କରୁଣ ହୃଦୟସ୍ପର୍ଶୀ ବର୍ଣ୍ଣନା ସ୍ୱତଃ ପ୍ରକାଶମାନ ହୋଇଅଛି ।

## ପଞ୍ଚତ୍ରିଂଶ ଛାନ୍ଦ

ଚନ୍ଦ୍ରଭାନୁଙ୍କ ଦ୍ୱାରା କାଳକେତୁ ସଶସ୍ତ୍ର-ମାନଙ୍କ ଉପରେ ଚନ୍ଦ୍ରଭାନୁଙ୍କ କୀର୍ତ୍ତି ଜଗଦ୍‌ବ୍ୟାପିବା ଅଦ୍ଭୁତ କଳ୍ପନାବଳର ପରିଚୟ ପ୍ରଦାନ କରେ । ଏହି ଛାନ୍ଦରେ ବୀର, ଭୟାନକ, କରୁଣ ଓ ବୀଭତ୍ସ ରସମାନଙ୍କର ଯଥାଯଥ ରୂପ ପ୍ରଦତ୍ତ ହୋଇଅଛି । ଚନ୍ଦ୍ରଭାନୁଙ୍କୁ ନବରସରେ ନବଗ୍ରହଙ୍କ ସଙ୍ଗେ ତୁଳନା କରି କବି ନିଜର ପାଣ୍ଡିତ୍ୟ ତଥା ବୁଦ୍ଧିକୌଶଳର ପରିଚୟ ପ୍ରଦାନ କରିଅଛନ୍ତି ।

## ଷଟ୍‌ତ୍ରିଂଶ ଛାନ୍ଦ

ସ୍ୱଦେଶଗତ ସୁହୃଦଙ୍କୁ ଚନ୍ଦ୍ରଭାନୁ ଦେଖି ଗମ୍ଭୀର ତଥା ସ୍ମିତସ୍ନିଗ୍ଧ କୁଶଳବାର୍ତ୍ତା ପଚାରିବା ଲାବଣ୍ୟବତୀ ବିରହରେ ସନ୍ତାପରୁ କ୍ଷୀଣ, ତଥା ମୃତକଳ୍ପା ହୋଇଥିବା ଶୁଣି ସୈନ୍ୟଗଣଙ୍କୁ ପଶ୍ଚାତ୍ତରେ ପବନ-ଗତିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ଓ ଅନ୍ତଃପୁରରେ ଉପସ୍ଥିତ ହୋଇ ହଠାତ୍ ପ୍ରିୟାଙ୍କୁ ଆଶ୍ଳେଷ କଲେ, ପ୍ରିୟାର ମାନ କରିବାର ଅବସର ନ ଥିବା ବିଷୟ କବି ନାୟକର ଭାବୀ ସ୍ୱପ୍ନ ଅଦ୍ଭୁତ ଭାବନାକୁ ଏପରି ମନୋହର ହୃଦୟସ୍ପର୍ଶୀ ଭାଷାରେ ତଥା ନାଟକୀୟ ଛନ୍ଦରେ ଅଭିବ୍ୟକ୍ତ କରିଅଛନ୍ତି, ଯାହା ପାଠ କଲେ ରସିକର ହୃଦୟ ସ୍ୱତଃ ପ୍ରୀତିରସରେ ଆର୍ଦ୍ର ହେବ । "ଅଙ୍ଗେ ମୁଁ ଚଳୁଁ ନାହିଁ କରିବି ଅହ୍ଲାଦ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ପୁଣି ଭାବନା ପରେ—"ଦ୍ରବେଗେ ଦୋଳିବି ଅଙ୍କୁ ଯେବେ ଲେଉଟି ବାସ । ନ ପାଇବ ସୁମୁଖୀ ମାନକୁ ଅବକାଶ"—ପୁଣି ଅନ୍ୟ ଭାବନା ପରେ "ଚମକି ଲୁହିବୀ କେତେ ଗନ୍ଧିବ ବହସ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ପୁଣି ଭାବନାନ୍ତର ପରେ "ଶୁଣି ଏ ବାଣୀ ଅଧିକ ଦ୍ରବିବ ମାନସ । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ସର୍ବଶେଷ ଭାବନା ପରେ "ସଖୀ ଡାକିଦେବ ଅଳ୍ପ କଳସରେ ପାଣି । ନ ପାଇବ ସୁମୁଖୀ ମାନକୁ ଅବକାଶ ।" ୨୧ ପଦଠାରୁ ୩୦ ପଦ ପର୍ଯ୍ୟନ୍ତ ଦେଖ । ଚନ୍ଦ୍ରଭାନୁଙ୍କର କାମ

ନଗର ପ୍ରବେଶବେଳେ ବନ୍ଦୀମାନଙ୍କ ମୁଖରୁ ଅଦ୍ଭୁତ ଗାନ୍ଧର୍ବଗାନ ଶ୍ରବଣ; ସୁଜା
ସେ କରଣ୍ଡର ଅବେକ୍ଷଣ ଭୂମି ହୋଇ ରାଜକୁମାରଙ୍କର ଅନ୍ତଃପୁର ଦେଖିବା
ଇଚ୍ଛା; ଚନ୍ଦ୍ରଭାନୁ ଲାବଣ୍ୟବତୀ ନିକଟରୁ ଚାଲିବେଳେ ଲାବଣ୍ୟବତୀର ରାଜ-
ଯନ୍ତ୍ରଣାର କପଟ ନିମନ୍ତ୍ରଣ ଉପଲକ୍ଷର ଆୟୋଜନ ଦେଖି ଓ ସଖୀମାନଙ୍କ
ସଙ୍କେତ ସାନ୍ତ୍ୱନାବାଣୀ ଶୁଣି ବନ୍ଦନା ହେବା, ଚନ୍ଦ୍ରଭାନୁଙ୍କ ଆଗମନବାର୍ତ୍ତା ଶୁଣି
ଗାତ୍ରୋତ୍ଥାନ କରିବାରେ ଚେଷ୍ଟା ଜଣାଇ ଲାବଣ୍ୟବତୀର ସବ୍ୟସ୍ତ ଆଲିଙ୍ଗନ
କରିବା ଅତି ଚମତ୍କାରରୂପେ ବର୍ଣ୍ଣିତ ହୋଇଅଛି ।

## ସପ୍ତଚତ୍ୱାରିଂଶ ଛାନ୍ଦ

ଚନ୍ଦ୍ରଭାନୁଙ୍କ ଲାବଣ୍ୟବତୀଙ୍କୁ ସାନ୍ତ୍ୱନାବଚନ ଅତି କାରୁଣ୍ୟମୟ, ସ୍ନେହଗର୍ଭିତ ଓ ହୃଦୟସ୍ପର୍ଶୀ । କବି ଏଠାରେ ମନୋଜ୍ଞ ନାୟକମୁଖରେ ଅତି ସୁନ୍ଦର, ସରସ, ସହଜ ଓ ମର୍ମସ୍ପର୍ଶୀ ବାଣୀରେ ଅତ୍ୟନ୍ତ କବି ଶ୍ରେଷ୍ଠ ରସିକ ହୃଦୟବାନ୍ର ପରିଚୟ ପ୍ରଦାନ କରିଅଛନ୍ତି । "ଏବେ ସେ ଅନୁଭବରେ । ଶରୀରର କଷ୍ଟଜୁ ବଡ଼ ହୋଇ ଉଦ୍ୟୋଗ୍ରୁ ଧାଡ଼ି ବାନ୍ଧ ନ ଥିବ ରେ ।" ୧୬ ପଦ । "ହେ ଉନ ନାୟିକେ, ଅଦ୍ୟ ପୁଣି ଜୀବନେ ଧନମାନଙ୍କୁ ବନ୍ଧେ ରେ । ଚନ୍ଦ୍ରଭାନୁ ଯେ ଥାଇ ସେ କ୍ଷଣ ନାହିଁ ସେହି କ୍ଷଣ ସହିଁ ରେ । ପ୍ରାଣବନ୍ଧୁ । ନାହିଁ ମୁଁ ସୁଖ ପାଇ ରେ । ଯେବେ ଏକ ଜୀବନ ହେବାର ତନୁଭିନ୍ନ ଯୋଗେ ଏକତ୍ର ହୋଇଲୁ ରେ ।" ୧୮ ପଦ । "ଦାରୁଣ କଷ୍ଟ ଭୂର ହେଲ୍ବା ପାଇବାରୁଁ ମୋର ଅତିଶୟ ବ୍ୟଥା ରେ । ଭିନ୍ନ ଦେହେ ଏ ଖେଦ ତୋର ମୋର ବିଚ୍ଛେଦ ହେବ ନାହିଁ କଥାରେ । ପ୍ରାଣବନ୍ଧୁ । ଉଦ୍ଦେଶ ପରି ନାଶ୍ୟରେ । ଉଚିତ ପ୍ରିୟାଙ୍କୁ ନେ ଏ ଦୁର୍ଲଭ ଜୀବନେ ଏଥି ଉଚିତ୍ୟ ହେଲ ରେ ।" ମିଳନ ପରେ ଦମ୍ପତୀ ଆମୋଦ ପ୍ରମୋଦରେ ସୁଖମୟ ଜୀବନ ଯାପନ କଲେ ।

## ଅଷ୍ଟଚତ୍ୱାରିଂଶ ଛାନ୍ଦ

ରାଜା ଚନ୍ଦ୍ରଭାନୁଙ୍କୁ ଅଭିଷିକ୍ତ କରାଇ ନୃପଛତ୍ରପଦବୀ ପ୍ରଦାନ କଲେ । ଚନ୍ଦ୍ରଭାନୁଙ୍କ ରାଜତ୍ୱରେ କର୍ଣ୍ଣାଟ ରାଜ୍ୟର ସୁଖ ସମୃଦ୍ଧିର ବର୍ଣ୍ଣନା । ଜନ କାବ୍ୟର ଉପସଂହାରରେ ସ୍ୱ କାବ୍ୟ ଲାବଣ୍ୟବତୀର ଲକ୍ଷଣ ନିର୍ଦ୍ଦେଶ କରି କହୁଅଛନ୍ତି "ନାନା ଅଭିଧାନ ବିଧାନ ପଦ । ନାଟକ କାବ୍ୟ ଅଙ୍ଗେ ମାଧୁରୀ । ବୃତ୍ତି ବୃତ୍ତିରେ ହୋଇଛି ବିଚାର । ରସିକ ଚିତ୍ତ ମୋହନ ମନ୍ତ୍ର × × × । ଧନ୍ୟ ରସିକ ପରଚି ସମାନ । ବିବିଧ ରସ ଦ୍ରବ୍ୟରେ ପୂର୍ଣ୍ଣ ।" ଏପରି ବିବିଧ ରସପୂର୍ଣ୍ଣ ରସିକମୋହନ, ନାଟକୀୟ ଛାନ୍ଦୋବୃତ୍ତି ବହୁବିଧ କାବ୍ୟ ପ୍ରକୃତରେ ପୃଥିବୀର ସାହିତ୍ୟରାଜ୍ୟରେ ବିରଳ ।

# ଲାବଣ୍ୟବତୀ କାବ୍ୟରେ ସୂକ୍ତି ସରଳ ମଧୁର ପଦ୍ୟାବଳୀ

(୧) କଣ୍ଟକୁ ସ୍ଥାପି ନାଶ କରିବାର ଦୋଷ । (୨) ଏ ସଂସାର ଖେଳ-ଘରର ସ୍ୱରୂପ । (୩) ଜନ୍ମ ଅଙ୍କ ନାସ୍ତିକୁ ଲଙ୍ଘିଲେ ସେମନ୍ତ । (୪) ରସିକ ଭଜିଲୁ ଭାବ ରହସ୍ୟ ଜାଣିଲୁ । (୫) ବୋଇଲୁ ମୁଁ ନ ମଲ ଦେଖିଲୁ ଏତେ ଦୁଃଖ । (୬) ସ୍ୱଭାବ ପଣରେ ଭାବ ସେହୁ ପରାଭୂତ । (୭) ତୋଷାଆକୁ ବର୍ଣ୍ଣିବ୍ରା ଜଣ କୃଷ୍ଣ ଭବ ବନ୍ଧ । (୮) ସେ ଶ୍ରୀ ଜଗନ୍ମୋହିନୀଙ୍କ ମାଇ ଏଥିରୁ । (୯) ସୁନ୍ଦର ଦାନ୍ତ ଅଙ୍ଗରେ ଧୂଳିର ଦେଖାଇଲେ । (୧୦) ନାହିଁ ନଥିଲେ ନାହିଁବ ସଂସାର । (୧୧) ବ୍ୟାଧିବନ୍ତର ବାଞ୍ଛିତ ଉପଶ୍ୱର ବୈଦ୍ୟ କହିଲାଭ ପରି । (୧୨) ପୂର୍ଣ୍ଣ ସ୍ୱଚ୍ଛନ୍ଦ ଅନ୍ଧକାରକା ପରି ସେ ଜାଣୁ ଲତା ପ୍ରକାଶିବ । (୧୩) ଜଗ ଗୁଣ ଦେଖା ନ ଯାଇ ସେସବେ ଥାଇ ଜୀବରେ । ବିଷମ ସମସ୍ୟା ପୂରଣରେ ହେଲୁ ଏହୁ ଠାବରେ । (୧୪) ଚାନ୍ଦୁ ଚନ୍ଦ୍ର ଜଳ ଛୁଆକୁ ବୃଷ୍ଟି ବୁଝିଲ ଭାଳେ । ଭୂଷାର ଦୁର୍ଦ୍ଦିନ ହେଉଛନ୍ତି ନବ ତମାଲରେ । ନବଘନେ ଜଣା ଉଡ୍ଡୁଛି ତାର ତାରକାଶ୍ରେଣୀ । ମେଘ ଅଙ୍ଗ ନ ହୋଇଛି ନୀଳମଣି ଧରଣୀ । (୧୬) ପରଦ୍ରବ୍ୟ ପରସ୍ତ୍ରୀ ହରଣକୁ । ଲେଖୁ ଶୁଭ ଜଣ ତହୁଁ ମରଣକୁ । (୧୭) ଭଲ ତେଲୁପରେ ଖଦେ ଅପାଙ୍ଗୀ ପରି । (୧୮) ଦାସ୍ୟରେ ଆଶ୍ରମ ସେ ଅନ୍ତରେ ବ୍ୟାକୁଳ । ନିସ୍ତ ଆଚ୍ଛାଦରେ ଥାଇ ଯଥା ଅନଳ । (୧୯) ସ୍ମରଣ୍ଡ୍ରୋହୀ ପୁଣ ସ୍ୱର୍ଗଭୋଗ ପାଉଛି...ଜ ନ ଘଟରେ ଶଙ୍କିଳ ହୃଷି ଅଛନ୍ତି । ଛନ୍ଦ । -୨୧।୨୨ ; (୨୦) ଜଟରେ କାଖଳତଳ ଯଥା ଲୁଚିକା । (୨୧) କର୍ଣ୍ଣ ହେଲେ ଯଥା ମୂଳ ଗଣ୍ଠି ଦେବେ । (୨୨) ତଲ୍ଲୀନା ହେଲୁ ସମାଲୁପ ଲେଖନୀ ବିଷୟ ପଛକୁ ପକାଇ । (୨୩) ଚମତ୍କାରରେ ଚମତ୍କୃତ । (୨୪) ରାଗ୍ରାର ପର୍ଯ୍ୟେ ସେ ବଳାଇ ପ୍ରେମ । (୨୫) ଯେବେ ଏ ସୁବା କସୂରେ । କାବ୍ୟ ସମା ନାହିଁ ପାରେ । ବ ନୃପ ତହୁଁ ନୃପତ୍ୱଷଶ୍ରି ଥାଇ । (୨୬) ଦୁର୍ଗା ମୋ ଦୁର୍ଲ୍ଲଭ ହୁଅ । (୨୭) ଏଣୁ ଏ କୋନ୍ଦି ହୁଅନ୍ତି...ସେ କି ସମାନ ଛ ୧୯—୧୯ ପଦ । (୨୮) ଛନ୍ଦପ୍ରକ୍ଷରେ ଦୂର୍ଘ କି ଫୁଲ୍ଲ କମଳ । (୨୯) ଭଜ ନ ଭଜ ବାନ୍ଧବ...ବନାଶ ହୋଇ—ଛ ୧୧—୨୫ । (୩୦) ଉଠି ଲୁଚାଲେ ଅଳସ.....ସମ୍ଭାବନା ଗ୍ଲାନି ଉଠିଲୁ ତଳେ ଛ ୧୧-୨୭।୨୨ ପଦମାନ (କବିଙ୍କ ସୌନ୍ଦର୍ଯ୍ୟବୋଧର ସୁନ୍ଦର ନିଦର୍ଶନ) । ( ୩୧ ) ପେଷୁନ ଥାଆନ୍ତ କି ଜଣ ଦାରୁଣ ଦୂତ । ( ୩୨ ) ହେବି ତନୁକୁ ମୁର୍ଚ୍ଛିଲୁ...ଏତେ କ୍ୟ ଭୁଲ କହିଁ ଜଣ । ଛ ୧୨—୧।୨ ପଦମାନ ( କରୁଣ ମଧୁର ସରସ ପଦାବଳୀ ) । ( ୩୩ ) ଜାହା ମନେ ଥିଲୁ ଅଗାଧସମୁଦ୍ର ତଳ ତଳରେ ସମାଇକ । (୩୪) ସବୁ ବାଡ଼ ଦାଇବ । (୩୫) ପବନକୁ ପାଶ ସାଧି ବାନ୍ଧିଲେ ସେ କାହିଁ ହୋଇବ ବନ୍ଧନ । (୩୬) ଭୂଲାଥାଏ ଭଣା ଅଙ୍କ ପଦାର୍ଥ ପଡ଼ିଲେ କି ସେମ ରହିବ । ( ୩୭ ) ଜାଇମନେରେ ସ୍ଥଳ ନ ପାଇ ମୁଁ ବୁଡ଼ିଲୁ । (୩୮) କଲୁ କଥା ଯେତେକ ଅନ୍ୟଥା କରିଛି ଏମନ୍ତ ଦାରୁଣ ଦାଇବ । (୩୯) ଭୁଷ ସବୁ ପାଇସି ହେଲେ କାହିଁ ଲଭି ଅବଶ୍ୟ । ( ୪୦ ) ବେଗ ଭୃଷ୍ଣ ପରି ଦେଖସୁ

ଭଗିଲେ · ଆପଣାର ବାଧ ଏ କଥା । (୪୧) ବଡ଼ ଲୋକର ତୁଷ ହୋଇବ ଅକିଞ୍ଚି
ତ୍କର ସିନା ଲୋଭ କରିବ । (୪୨) ଶଙ୍ଖ ପାତ୍ରର ନାଶିବା ଲାଗିଲେ ଯଥା ଭାଙ୍ଗିବା
ଡିଣ୍ଡ କଣ୍ଡ ହୋଏ ଧନ ହେମନ୍ତ ମନ । ( ୪୩ ) ବୁଝି ଧରେ ଭୃତ୍ୟେ ଲୋଖେ ।
ହେଲେ କି ସୁଖୀ । (୪୪) ଧ୍ୟମନ୍ତ ଭଲୁ ପ୍ରବେଶ···ସମ୍ମୁଦ୍ରେ ପ୍ରକୃ ଛା୧୩-୫୯ ।
୬୪ ପଦମାନ ( ସୁନ୍ଦର ସରଳ ସାନ୍ତ୍ୱନାବାଣୀ ) ; ତଥି ଗ୍ରନ୍ଥର ବିଳାପ—୧୪
ଛାନ୍ଦରି ଅଟେ ସରସ ଓ ହୃଦୟସ୍ପର୍ଶୀ । ( ୪୫ ) ଜଳ କଳଶି ଦେଖି ବାସ୍ପ ଥିଲୁ ।
ପାରିଲ ନାହିଁ ଦୁଃଖ ଲୋଭ ତ କରି । (୪୬) ସ୍ୱର୍ଣ୍ଣସମ୍ପଦ ଯେଉଁ କର୍ମରେ ଥାଇ ।
ଲାଭର ସତେଶ କଳ୍ପନା କହିଁ ଲେ । (୪୭) ପ୍ରଭୁ ଯେ ବଡ଼ କରେ ଦାସଜନକୁ ।
(୪୮) ଦୁର୍ବଳ ମାରିବାକୁ ସମସ୍ତେ ଆଗ । (୪୯) ଜୀବନକୁ ଅଧିକ ଦେଖୁ ନ
ଲେଖ । (୫୦) ବିସର୍ଜି ହୋଏ ସ୍ୱଭ ସନ୍ନିପାତରେ । (୫୧) ଅଭାବ ହେଲେ ଦାଉଁ
ତୃଷ୍ଣାର ବେଗ । ଭାଳିକୁ ଲୁହି ଲୋଭ ଦୁଅଇ ଯୋଗ । (୫୨) ନାସ୍ତିକୁ ହୋଇ
ବଡ଼ ଭାଗ୍ୟେ ନାହିଁ । (୫୩) ଜାତ ଜନନେଶ ଯଥା ଜାଲ ଲୁପତ । ପଡ଼ିଲ ପଦ
ଧରେ ନ ପଢ଼ିଲ ତ ଯେ । ଧୁଁଷିଲ ବେଳେ ଖସି ପଡ଼ିଲ ପଦ । ଖସି ନ ପଡ଼େ
ତଥା ଅମୃତଧାର ଯେ ( କବିଙ୍କ କ ସୌନ୍ଦର୍ଯ୍ୟ ବୋଧ ) ଛା୧୪-୬୫ । ( ୫୪ )
କଳେବରକୁ ଯଥା ନ ଛାଡ଼େ ଛାଇ । ମୁଁ ତାକୁ ନ ଛାଡ଼ିବି ହେମନ୍ତ ହୋଇ ।
(୫୫) ଦାନ୍ତ ହୋଇଛି ପାଉଲ ଶଗ୍ଧ ବିଷ୍ଣୁ । (୫୬) ମାନି ସବ ହେଲେ ସିନା
ମଞ୍ଜଳୀ ଉହିତ···ଦୁନ୍ଥୁ କାହିଁରେ ମିଳିଲେ ହେଉ କି ସମ୍ଭବ ଛା୧୬—୧୨ ।
୧୩ ପଦ ; (୫୭) ବିଧାତା ଘଟାଇ ବେଳ ଯେ ଯୋଗ୍ୟ ସନ୍ଧି ତ । ( ୫୮ )
ଦାର୍ଯ୍ୟକାଳେ ଘ୍ରଥା କହିବାର ଦୋଷ ନାହିଁ । ( ୫୯ ) ଥାତାକୁ ଦାରୁଣ ହୋଇ
ନାହିଁ ତ ସଂସାରେ । (୬୦) ଧାତା ସୁନ୍ଦର ସଂସାରେ । କନ୍ଦ ରାଜା କଲଅଛି
ତ୍ରିଶୂଳ ସୂତ୍ରରେ । ( ୬୧ ) ଭବାଦର ପରଶେ ହେଉଥିଲେ ପଦ୍ମ ତେଜ·····
ଆନନ୍ଦରେ ମୁଦ୍ରା କରି ବାଣୀ ପ୍ରକାଶଇ । ଛା୧୮-୪୨ । ୪୨ ପଦ । (୬୨) ଦାହିଁକି
ବୋଲିଲୁ ସୁଲଭ ଯାଉ । ବାଳାଠାରେ ନାହିଁ ବାନ୍ଧି ଯାଉ । (୬୩) ଢ଼ଳଗଲେ
ଘଟ ତାଳସୀକ ସିନା ପରିପୂର୍ଣ୍ଣ ଦେଖୁଥିବାରି ତେ । (୬୪) ଆଉ ଦୁର୍ଲଭ ହୋଇ
ଭେଦେ କେ ଅଛୁ ବେଦାନ୍ତ ଦୁର୍ଲଭ ଭୁଷ୍ଟି ରେ । (୬୫) ଦୁଣି ସହିତ ସନ୍ତପ୍ତକୁ
ସାଗର ବାନ୍ଧିବ କିଷ୍କନ୍ଧ ତେଜହୋଇ । (୬୬) ଛେକି ଥିଲେ କରପତ୍ର ଶୋଷୁ
ପାରୁ···କହୁନ ନ ଥାଇ ଦେବ ଦାରୁଣେକ ତନୁ ପ୍ରଭୁ ଉପହାସରେ ।
ଛା ୧୯-୧୨ ପଦ ; ( ୬୭ ) ଅନଳେ ଦାହିଲେ ସୁବର୍ଣ୍ଣକୁ ବଳ । ବେଳେ ଛାଡ଼ଇ
ତନୁ ତଦନ । (୬୮) ନୂତନ ଅତୀତ ପ୍ରାପତ ହେଲୁ କି ନଖୁନ । (୬୯) ଦୁର୍ଗକୁ
ଲୁଣ୍ଠାଇବାର ଅଭ କାଳ ତାଣ । ( ୭୦ ) ଧରିତ୍ରୀ ଉଦ୍ଧନ ସାଇ ସିଦ୍ଧାଇଲ ପରମ୍ପ
ହୋଇଲୁ ବାମଛ । (୭୧) ଭୂଷିଲ ସଂସାର ମୋର । (୭୨) ଆଦାଶସ୍ତବାସ ତନୁ
ଧରିବାକୁ କାଞ୍ଚନଶଣି ବାହି ତୋଳଇ । (୭୩) କରମେ ଯାହା ବିଧି ଲେଖିଛିକ
ଲେଖୁଲ କରିବ କାହା । (୭୪) ଧାତକ ଧ୍ରୁବକ ସହିବାର ପ୍ରଭୁ । ଜନନୀ ଜନକ

ସତ୍ରୁ ସବୁ ମିଳଇ । (୭୫) ସେ ସାଙ୍ଗେ ଅର୍ଜିଲ ସେ ତାଙ୍କୁ ଲୁଟଇ ଏଥି ଅଛି ଧର୍ମ ସଂଶୟ । (୭୬) ଚନ୍ଦ୍ରହ୍ରାସ ଅନୁଶୋଚନା ଓ ଶିକ୍ଷା :—"ଶୋଚିତ ମୁହିଁତ ବାଣ୍ଟ ଦେଖୁ ଅଭାଗାନେ...ଦେବେ ଦା ହୋଇବା ଧନ୍ୟା ତାଡ ଗୀତିଭାର । ୟ ୨୯—୪।୫୨ ଗଢ଼ିମାନ ଅତି ସୁଧିର ନବ୍ଯୁଗ ଦ୍ୱିବାମୂର୍ତ୍ତି ଦୀପଙ୍କା । (୭୭) ବନା ସେଦେଶେ ଶନିରଥ ବସନ୍ତ ହୋଇବ । ଭସ୍ମ ହୋଇଥିବା ଜଳମୂର୍ତ୍ତିକି ପାଇବ । (୭୮) ନାରଦ୍ଧୁ ଅଧିକ ହୋଇ ନାହିଁ ତିନି ଯୁଗ । ପରମ ପଦାର୍ଥ ଏହା ଦୋଉଦ ସେ ନାସ୍ତ । (୭୯) ଖାଦ୍ୟ ମାନ ମାଣିକ୍ୟ ମୁକ୍ତା ବାବୁ ମତ । ମୂଲ୍ୟ ଅଛି ମୂଲ୍ୟ ନାହିଁ ସ୍ତ୍ରୀ ରତନର । (୮୦) ଶାହୁଛାଡେ ଅପଲାଗ କରେ ଯାହା ମନ । ସେହୁ ତାର ସକଳ ସୁଗନ୍ଧି ବୋଲି ଶେଷ । (୮୧) ସୁଖୀ ହୋଇଥିବେ ନୃପ ଉପଶାଖା ଟୋକୁ । ବନ୍ଧ୍ୟା ପୁଣ ଗଦ୍ୟପ୍ରିସା ମେଳାପ ଜନ୍ମ ସେ । କି ହେବ ଭକ୍ତି ହୋଇଲେ ସବ ସମ୍ପଦ ସେ । ସ୍ତ୍ରୀଶାସନ ଠାରୁ ପାପ ନାହିଁ ମହୀତଳେ । (ସ୍ତ୍ରୀପାଦ୍ୟୁରୁଷଙ୍କ ସ୍ତ୍ରୀ ସମ୍ପୃକ୍ତ ସ୍ୱଭାବଶ ଦ୍ୱାରକାପୁରୀ ଥିଲେ—ତାଙ୍କୁ ଲକ୍ଷ୍ୟ କରି ଲେଖା ହୋଇଛି) । (୮୨) ଦ୍ରୁତାଦି ଯିବା ସହିତ ପାଦେଶ ଉପଗତ । ପାଣି ହୃଦାର୍ଦ୍ର ; ପାଶକୁ ଅଟେସ ବା ଦେଖନ୍ତ । (୮୩) ଦଇବ ଧର୍ମ ଦାଇଲୁ କି ଦୀପ୍ତଭ-ରସ । (୮୪) ଧାନ୍ୟ କାନ୍ତକର ପଦ୍ମ ବୋଧକଦ ଶିଳ । ଶେଷର ଦେଇଥିଲେ ବୋଲି ବୁଝିବାକୁ ଠଣ୍ଠ । (୮୫) କୃତ୍ରେଶର ଦୁଷ୍ଟ ହେଲେ ଜଡ଼େ କାଳେକ ଘ ଅଛି ଦାସୀ । (୮୬) ଜୀବ ପୁଷ୍ପାଧାର ଥିବ ସେବି ; ପାପ ସେ କାଳେ ଯିବାଡି କାଳ । (୮୭) ପ୍ରେଷ୍ଠ କରିଅଛୁ ବାଳା ସବ ଶୋଭୁ ଥିଏ । ଏଣୁ ଅଶୁଦ୍ଧଙ୍କ ତ ପଦ୍ମନ ଦାସେ ଧରୁ । (୮୮) ସେ ଯାହାର ତାହୁ କାନ ଲୁଟେ ତା ବେଦନା । (୮୯) କି କରନ୍ତି କି ବୋଲନ୍ତି ନ ପାରନ୍ତି ଜାଣି । ପିଣ୍ଡପ୍ରେମ ହୋଇଲେ ଅଧିକ ସଥା ପ୍ରାଣୀ । (୯୦) ଶୋଭା ମୁଖେ ସ୍ନେହବାନ୍ଧ ଗୃହେ ପୁଷ୍ପଲେଖ । ଭକ୍ତି ଅନୁଭବାର ଦର୍ଶନ ଚାମ୍ଭୁ ସେଣୁ । (୯୧) ନିବାର ଅଣ କି ଲଜ୍ଜା ଲଭିଲେ ପ୍ରିୟାଲୁ । (୯୨) ମଧ୍ୟ ବରିବା ପରେ ନୋହେ ଉଚିତ ଧରିଥିଲୁ ଦାବ୍ୟତନ୍ତ୍ର । (୯୩) ଅଛୁ ପ୍ରଜାମାନୁ ପଚିଅଛ ରଙ୍ଗ ନେଇଛ । (୯୪) ଦେ ଯିବ ଧନ୍ଦଜକୁ ସନ୍ନିଧାନ । କାମନା ହେଲୁ ଉଣ୍ଣୁ ପୂର୍ଣ୍ଣ । (୯୫) ସୁଜନ ଗୃହିଣୀ ଉପରେ ଗୃହୁଣୀ କହଇ ଚତୁର ବାଣୀ । (୯୬) ନ ପାଇ ମଧୁ ବୃକ୍ଷନ୍ତ ମଧୁକର କି ମଧୁଲତା । (୯୭) ମୁନିଙ୍କୁ ସୁରଣୀ କଟ୍ଟେଦକୁ ଅନ୍ତ ନାହିଁ ବିପତ୍ତି । (୯୮) ବିପତ୍ତି ବିଚ୍ଛେଦରୁ ବଡ଼ ହୋଇ ଦୁର୍ମେଧାରୁ ଧାତା ବାକ୍ୟ ନ ଥିବ ରେ । (୯୯) ନାସ୍ତି ସୁକୁଷ ଭୁଲ । ସେଣ ଏକେ ଜୀବନ ଦେଇଲ ତନ୍ତ୍ର ବଳ ସେଠାରେ ଏକଙ୍କୁ ହୋଇ । (୧୦୦) କରିବେ ପଣ୍ଡି ଧାମରେ । ରସିକ ପ୍ରିୟାମାନେ ଏ ରସିକ ଜୀବନର ଏଥି ଉପାସ୍ୟ କରି ରେ ।

## ଛନ୍ଦ

ଛନ୍ଦ ଶବ୍ଦରୁ ଛନ୍ଦ ଶବ୍ଦ ନିଷ୍ପନ୍ନ। ଛନ୍ଦ ଶାସ୍ତ୍ର ପିଙ୍ଗଳ ପ୍ରଣୀତ। ଛନ୍ଦ ବେଦାଙ୍ଗ ଅଟେ। ଛନ୍ଦଜ୍ଞାନ ବିନା ବେଦାର୍ଥଜ୍ଞାନ ଅସମ୍ଭବ। ପାଦହୀନ ଲୋକର ଯେପରି ଦୁରବସ୍ଥା ଛନ୍ଦ ବିନା ବେଦର ଅବସ୍ଥା ମଧ୍ୟ ତଦ୍ରୂପ। "ଛନ୍ଦଃ ପାଦୌ ତୁ ବେଦସ୍ୟ" ପାଣିନି। ବୈଦିକ ଓ ଲୌକିକ ଭେଦରେ ଛନ୍ଦର ବିଷୟ ପିଙ୍ଗଳ ଛନ୍ଦଃସୂତ୍ରରେ ପ୍ରଦତ୍ତ ହୋଇଅଛି। ବୈଦିକ ଛନ୍ଦ ସାତଗୋଟି। ତାହା ଯଥାକ୍ରମେ ଗାୟତ୍ରୀ, ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ ଓ ଜଗତୀ। ଏହି ପ୍ରତ୍ୟେକ ବୈଦିକ ଛନ୍ଦ ଆର୍ଷୀ, ଦୈବୀ, ଆସୁରୀ, ପ୍ରାଜାପତ୍ୟା, ଯାଜୁଷୀ, ସାମ୍ନୀ, ଆର୍ଚୀ ଓ ବ୍ରାହ୍ମୀ ଭେଦରେ ଆଠ ପ୍ରକାର। ସେମାନଙ୍କ ଅକ୍ଷରବିନ୍ୟାସରେ ତାରତମ୍ୟ ଅଛି। ଆର୍ଷୀଟି ସାଧାରଣତଃ ପ୍ରଚଳିତ। ତନ୍ମଧ୍ୟେ ଗାୟତ୍ରୀ ପ୍ରଭୃତି ଆର୍ଷୀ ଭେଦରେ ଯଥାକ୍ରମେ ୨୪, ୨୮, ୩୨, ୩୬, ୪୦, ୪୪ ଓ ୪୮ ଅକ୍ଷର ବିଶିଷ୍ଟ। ଅନ୍ୟାନ୍ୟଙ୍କ ଅକ୍ଷରବିନ୍ୟାସମାନ ନିମିତ୍ତ ପିଙ୍ଗଳ ଛନ୍ଦଃସୂତ୍ର ଦ୍ରଷ୍ଟବ୍ୟ। ଛନ୍ଦମାନଙ୍କର ସ୍ଥଳବିଶେଷରେ ଏକପାଦ, ଦ୍ୱିପାଦ, ତ୍ରିପାଦ ଓ ଚତୁଷ୍ପାଦ ହୁଏ। ଅକ୍ଷରମାନଙ୍କ ତାରତମ୍ୟ ହେତୁ ଗାୟତ୍ର୍ୟାଦି ଭିନ୍ନ ଭିନ୍ନ ସଂଜ୍ଞା ଧାରଣ କରନ୍ତି। ଯଥା—ଗାୟତ୍ରୀ ୨୪ ଅକ୍ଷର ବିଶିଷ୍ଟ ହୋଇ ତିନି ପାଦରେ ସପ୍ତାକ୍ଷର ହେଲେ ପାଦନିଚୃଦ୍ ଗାୟତ୍ରୀ ହୁଏ। ଯେ ଗାୟତ୍ରୀ ଛନ୍ଦ ପ୍ରଥମ ପାଦରେ ଛଅ ଅକ୍ଷର, ଦ୍ୱିତୀୟ ପାଦରେ ଅଷ୍ଟାକ୍ଷର, ତୃତୀୟ ପାଦରେ ସପ୍ତାକ୍ଷର, ସେହି ତ୍ରିପାଦ ଗାୟତ୍ରୀକୁ ଅତିପାଦନିଚୃତ୍ କହନ୍ତି। ଏହିପରି ଅକ୍ଷରବିନ୍ୟାସର ତାରତମ୍ୟରେ ଗାୟତ୍ରୀର ନାନା ଭେଦ ପରିଦୃଷ୍ଟ ହୁଏ। ଏହିପରି ଉଷ୍ଣିକ୍, ଅନୁଷ୍ଟୁପ୍ ଆଦିଙ୍କର ନାନା ଭେଦ ମଧ୍ୟ ପରିଦୃଷ୍ଟ ହୁଏ। ଅଗ୍ନି ସବିତାଦି ଓ ଅଗ୍ନିବେଶ୍ୟ କାଶ୍ୟପାଦି ସେମାନଙ୍କର ଯଥାକ୍ରମେ ଦେବତା ଓ ଋଷି ଅଟନ୍ତି। ସେମାନଙ୍କର ବର୍ଣ୍ଣ ସିତ, ସାରଙ୍ଗାଦି। ଷଡ୍ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ ଯଥାକ୍ରମେ ଗାୟତ୍ର୍ୟାଦି ସପ୍ତ ବୈଦିକ ଛନ୍ଦମାନଙ୍କର ସପ୍ତ ସ୍ୱର। ପୁନଶ୍ଚ ଗାୟତ୍ରୀ ଉଦାତ୍ତ; ତ୍ରିଷ୍ଟୁପ୍ ଅନୁଦାତ୍ତ (ମତ); ଜଗତୀ ସ୍ୱରିତ ବୋଲନ୍ତି। ନିଷାଦ ଗାନ୍ଧାର—ଉଦାତ୍ତ; ଋଷଭ ଓ ଧୈବତ—ଅନୁଦାତ୍ତ; ଷଡ୍ଜ, ମଧ୍ୟମ ଓ ପଞ୍ଚମ ସ୍ୱରିତ ଅଟନ୍ତି। ନିଷାଦାଦି ସପ୍ତସ୍ୱରମାନେ ଉଦାତ୍ତାଦି ସ୍ୱରତ୍ରୟର ଅନ୍ତର୍ଗତ। ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ ସ୍ୱରମାନେ ଗାୟତ୍ରୀ, ତ୍ରିଷ୍ଟୁପ୍ ଓ ଜଗତୀମାନଙ୍କର ଅନୁଗତ। ତେବେ କିପରି ଉଷ୍ଣିକ୍, ଅନୁଷ୍ଟୁପ୍, ବୃହତୀ ଓ ପଂକ୍ତିମାନଙ୍କର ସ୍ୱର ବର୍ଣ୍ଣିତ ସମ୍ଭବ ହୁଅନ୍ତି ? ଉଷ୍ଣିଗାଦି ଚାରିଗୋଟି ଗାୟତ୍ର୍ୟାଦି ତିନିଗୋଟିର ଅନ୍ତର୍ଗତ ହେତୁ ସ୍ୱରବର୍ଣ୍ଣନା ସମ୍ଭବ ହୁଅନ୍ତି। ନାରଦୀୟ ଶିକ୍ଷା ପ୍ରମାଣ ଦ୍ରଷ୍ଟବ୍ୟ। ପ୍ରତ୍ୟେକ ଛନ୍ଦର ବ୍ୟଭିଚାର ଏବଂ ଭେଦକୁ ପାଦ କହନ୍ତି। ୨୪ ଅକ୍ଷର ଗାୟତ୍ରୀର

୬ ଅକ୍ଷରରେ ଏକ ପାଦ—ତେଣୁ ଏହା ସମବୃତ୍ତ । ନ୍ୟୂନାଧିକ ସଦୃଶ ସବୁ ଛନ୍ଦର ସମାପ୍ତି ହେଲେ ସେହି ଅକ୍ଷରମାନଙ୍କ ଦ୍ୱାରା ସେହି ଛନ୍ଦର ପାଦ ଧରିବାକୁ ହେବ, ତାହା ବିଷମ ବୃତ୍ତ । ଲୌକିକ ଛନ୍ଦ ତ୍ରିବିଧ—ଗଣଛନ୍ଦ, ମାତ୍ରାଛନ୍ଦ ଓ ଅକ୍ଷରଛନ୍ଦ । "ଅତ୍ରୈବ ତାବତ୍ ଗଣଛନ୍ଦୋ ମାତ୍ରାଛନ୍ଦସ୍ତତଃ ପରମ୍ । ତୃତୀୟ ମକ୍ଷରଚ୍ଛନ୍ଦଶ୍ଛନ୍ଦସ୍ତ୍ରେଧା ତୁ ଲୌକିକମ୍ । ଆର୍ଯ୍ୟାଦ୍ୟୁଦ୍ଗୀତି ପର୍ଯ୍ୟନ୍ତଂ ଗଣଛନ୍ଦଃ ସମୀରିତମ୍ । ବୈତାଳୀୟାଦି ଚୂଳିକାନ୍ତଂ ମାତ୍ରାଛନ୍ଦଃ ପ୍ରକୀର୍ତ୍ତିତମ୍ । ସାମାନ୍ୟା-ଦୁତ୍କୃତିଂ ପାଦାକ୍ଷର ଛନ୍ଦ ଏବ ତ ।" କେତେକ ତ୍ରିବିଧ ବୃତ୍ତ ମାତ୍ରା ଛନ୍ଦ ଓ ଅକ୍ଷରଛନ୍ଦ ଧରନ୍ତି । ବୈଦିକ ଛନ୍ଦରୁ କୌଣ ବିଶେଷ ଜାତିର ଲୌକିକ ଛନ୍ଦର (ସଂସ୍କୃତ ଛନ୍ଦର) ଉଦ୍ଭବ । ଓଡ଼ିଆ ଛନ୍ଦ ସଂସ୍କୃତ ବୃତ୍ତ, ତଳ, ଚୌପଦୀ ପ୍ରଭୃତିରୁ ଜାତ—ଏହାର ଯଥାଯଥ ବିଚାର ସହଜସାଧ୍ୟ ନୁହେଁ ।

ରାଗ ଓ ଛନ୍ଦ ଏକ ବସ୍ତୁ ନୁହେଁ । ରାଗ ଭାବାତ୍ମକ ଓ ବ୍ୟାପକ; ଛନ୍ଦ ତାଳବିଶିଷ୍ଟ ତଥା ସଙ୍କୀର୍ଣ୍ଣ । ରାଗ ବିଶେଷ ଭିନ୍ନ ଭିନ୍ନ ତାଳ ବା ଛନ୍ଦରେ ଗେୟ ହୋଇପାରେ । ରାଗକୁ ଅକ୍ଷରଦ୍ୱାରା ନିୟମିତ କରି ନିର୍ଦ୍ଦେଶ କରିବା ଅସମ୍ଭବ ।

ଯେଉଁ ସ୍ୱର ରଚନା ଲୋକ ଚିତ୍ତକୁ ରଞ୍ଜିତ କରେ ତାହା ରାଗ ନାମରେ କଥିତ । ସ୍ୱରମାନଙ୍କ ସମଷ୍ଟିରେ ରାଗ ନିର୍ମିତ ହୁଏ । ସ୍ୱର-ଶବ୍ଦ-ଧ୍ୱନି ବା ନାଦ ଦୁଇ ଭାଗରେ ବିଭକ୍ତ—ଧ୍ୱନ୍ୟାତ୍ମକ ଓ ବର୍ଣ୍ଣାତ୍ମକ । ସୀତାର, ମୃଦଙ୍ଗ ପ୍ରଭୃତିରୁ ଯେ ସ୍ୱର ଜାତ ହୁଏ ଓ ଯାହାର କିଛି ଅର୍ଥ ନ ଥାଏ ତାକୁ ଧ୍ୱନ୍ୟାତ୍ମକ ସ୍ୱର; ସଂସ୍କୃତ, ଓଡ଼ିଆ ପ୍ରଭୃତି ଭାଷାରୂପୀ ଯେ ଶବ୍ଦ ଓ ଯାହା ଅର୍ଥବିଶିଷ୍ଟ ତାକୁ ବର୍ଣ୍ଣାତ୍ମକ ସ୍ୱର କହନ୍ତି । ସ୍ୱର ସାଧାରଣତଃ ତ୍ରିବିଧ—ହ୍ରସ୍ୱ, ଦୀର୍ଘ ଓ ପ୍ଳୁତ । ଗାନ ବିଷୟରେ ଧ୍ୱନ୍ୟାତ୍ମକ ସ୍ୱର ମୁଖ୍ୟ ସାତଗୋଟି । ସା, ରେ, ଗ, ମ, ପ, ଧ ଓ ନି । ସପ୍ତକ ତିନିପ୍ରକାର, ଖରଜ, ମଧ୍ୟ ଓ ତାର—ଏମାନଙ୍କୁ ଯଥାକ୍ରମେ ମନ୍ଦ୍ର, ମଧ୍ୟ ଓ ତାର ବା ଅନୁଦାତ୍ତ, ସ୍ୱରିତ ଓ ଉଦାତ୍ତ କହନ୍ତି । ମନ୍ଦ୍ରସପ୍ତକ ସାଧାରଣ ସ୍ୱରର ହୁଏ । ମଧ୍ୟସପ୍ତକ ମନ୍ଦ୍ର ସ୍ୱରର ଦ୍ୱିଗୁଣ ଉଚ୍ଚ ଧ୍ୱନିରେ ହୁଏ । ତାର-ସପ୍ତକ ମଧ୍ୟର ଦ୍ୱିଗୁଣରୁ ହୁଏ । ସ୍ୱରର ଅବରୋହକୁ ତାନ କହନ୍ତି । ସପ୍ତ-ସ୍ୱରର ତାନ ସମ୍ପୂର୍ଣ୍ଣ । ଛଅ ସ୍ୱରର ତାନ—ଷାଡ଼ବ । ପାଞ୍ଚସ୍ୱରର ଓଡ଼ବ, ଚତୁଃସ୍ୱରର ମୂଳକର, ତ୍ରିସ୍ୱରର ସାମିକ, ଦ୍ୱିସ୍ୱରର ଗାଥିକ ଓ ଏକସ୍ୱରର ଆର୍ଚ୍ଚିକ । ଗମକ—କୌଣସି ସ୍ୱରକୁ କମ୍ପିତ କରିବାକୁ ଗମକ କହନ୍ତି । ସ୍ୱରର ଆରୋହ ଅବରୋହକୁ ମୂର୍ଚ୍ଛନା କହନ୍ତି । ସ୍ୱର ଶ୍ରୁତିମାନଙ୍କରେ ଗଠିତ ଅର୍ଥାତ୍ କେତେକ ଶ୍ରୁତିରେ ସ୍ୱର ହୁଏ । ସପ୍ତସ୍ୱରର ସମୂହକୁ ଗ୍ରାମ କହନ୍ତି । ମନ୍ଦ୍ର, ମଧ୍ୟ ଓ ତାର ଭେଦରେ ତାହା ଷଡ୍ଜ, ମଧ୍ୟମ ଓ ଗାନ୍ଧାର ନାମରେ ଖ୍ୟାତ ।

ରାଗ ପ୍ରଧାନତଃ ୬ ଗୋଟି :—ସେମାନେ ଭିନ୍ନ ଭିନ୍ନ ଋତୁରେ ଗୀତ ହୁଅନ୍ତି । ହିନ୍ଦୋଳ, ଦୀପକ, ମେଘ, ଭୈରବ, ଶ୍ରୀ ଓ ମାଲକୋଷ୍ ଯଥାକ୍ରମେ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ଓ ଶିଶିର ଋତୁର ଅଟନ୍ତି । ପ୍ରତ୍ୟେକ ରାଗର ପାଞ୍ଚ ରାଗିଣୀ, ଆଠ ଉପରାଗ ଓ ଆଠ ଉପରାଗିଣୀ । ରାଗ—ପୁରୁଷ, ରାଗିଣୀ—ସ୍ତ୍ରୀ, ଉପରାଗ ତାଙ୍କ ପୁତ୍ର ଓ ଉପରାଗିଣୀ ତାଙ୍କ ପୁତ୍ରବଧୂ । ତେଣୁ ସେମାନେ ଯଥାକ୍ରମେ ୬ ରାଗ, ୩୦ ରାଗିଣୀ, ୪୮ ଉପରାଗ ଓ ୪୮ ଉପରାଗିଣୀ । ରାଗ ରାଗିଣୀ ନାମକରଣରେ ଶାସ୍ତ୍ରକାରମାନେ ଏକମତ; ମାତ୍ର ଉପରାଗ ଓ ଉପରାଗିଣୀର ନାମକରଣରେ ଅନୈକ୍ୟ ପରିଦୃଷ୍ଟ ହୁଏ ।

*ରାଗ—ହିନ୍ଦୋଳ ରାଗିଣୀ—ପଟମଞ୍ଜରୀ, ବିଲ୍ୱଲ, ଲଳିତା, ଦେଶାଖ ଓ ରାମକଲି; ଉପରାଗ—ମଙ୍ଗଳ, ଶୋଭ, ବିହଙ୍ଗ, ବିନୋଦ, ଗୌର, ପ୍ରଧାନଚନ୍ଦ୍ରବିମ୍ବ ଓ ଆନନ୍ଦ; ଉପରାଗିଣୀ—ତାମ୍ରଷ୍ଟ, ପୂର୍ବୀ, ତୋଡ଼ୀ, ଘରସ୍ପର୍ଶ, ଦେବଗାନ୍ଧ, ତରୁଣୀ, ଦେବଗ୍ରୀ ଓ ଲଳାବନ୍ତ । ରାଗ—ଦୀପକ; ରାଗିଣୀ—କାମୋଦୀ, ଦେଶୀ, କାନଡ଼ା, କେଦାରୀ ଓ ନଟ; ଉପରାଗ—କନକ, କୁନ୍ତଳ, କମଳ, କୁସୁମ, ଚମ୍ପକ, ରାମ, ଲହଳ ଓ ହମାଲ; ଉପରାଗିଣୀ—କମୁଭାରଜୀ, ମଙ୍ଗଳ-ଗୁର୍ଜରୀ, ମନୋହରୀ, ଅହୁରୀ, ସୁମନ, ହମୀର, ଶଙ୍କର, ବାହାଗଡ଼ା । ରାଗ—ମେଘ, ରାଗିଣୀ—ଦେଶକାରୀ, ଭୂପାଳୀ, ଗୁର୍ଜ୍ଜରୀ, ମଲ୍ଲାର ଓ ଟଙ୍କ; ଉପରାଗ—ଗଜଧର, କେଦାର, ଜାଲନ୍ଧର, ସାରଙ୍ଗ, ନଟନାରାୟଣ, ଶହାନା, କଲ୍ୟାଣ ଓ ଶଙ୍କରାଭରଣ; ଉପରାଗିଣୀ—ମାଣ୍ଡ, କଲକ୍ତନଟ, ଜୟନ୍ତନଟ, ଗୌରୀ, ବାଗ୍ରାଣୀ, ପରଜ, ନଟମଲ୍ଲାରୀ ଓ ଶୁଦ୍ଧନଟ । ରାଗ—ଭୈରବ; ରାଗିଣୀ—ଭୈରବୀ, ମଧୁମାଧବୀ, ସିନ୍ଧବୀ ଓ ବଙ୍ଗାଳୀ; ଉପରାଗ—ହର୍ଷ, ତିଳକ, ପୁରିୟା, ମାଧବ, ସୋହ୍ନି, ବିଲନେଇ, ମଧୁ ଓ ପଞ୍ଚମ; ଉପରାଗିଣୀ—ବିଲାବଲୀ, ସୁହା, ଭୂପାଳି, ଫଲମଞ୍ଜରୀ, ସୌରଠୀ, ଜନଦାସୀ, ପଟମଞ୍ଜରୀ ଓ ହିନ୍ଦୁ । ରାଗ—ଶ୍ରୀ; ରାଗିଣୀ—ମାଳଶ୍ରୀ, ମାଲବୀ, ଆଶାବରୀ ଓ ବସନ୍ତ; ଉପରାଗ—ସିନ୍ଧୁ, ମାଳବ, ଗୌଡ଼, ଦୀପ୍ତ, ଗୁଣସାଗର, ଗମ୍ଭୀର, ଶଙ୍କର ଓ ବିହାଗଡ଼ା; ଉପରାଗିଣୀ—ସରସ୍ୱତୀ, ବଙ୍ଗାଳୀ, କୁମାରୀ, ହିନ୍ଦୋଳି, ମୋହିନୀ, ପ୍ରେମ, ସମ୍ପୂର୍ଣ୍ଣ ଓ ଧାନଶ୍ରୀ । ରାଗ—ମାଳକୋଷ୍; ରାଗିଣୀ—ଗନ୍ଧର୍ବ, ଖମ୍ବାବତୀ, ଗୁଣକଳି, ଗୌରୀ ଓ ତୋଡ଼ୀ; ଉପରାଗ—ମାରୁ, ମେବାଡ଼ା, ପ୍ରବଳ, ଚନ୍ଦ୍ରହଂସ, ଭ୍ରମର, ଚମ୍ପକ, ନନ୍ଦନ ଓ ନନ୍ଦ; ଉପରାଗିଣୀ—ଧନାଶ୍ରୀ, କେଦାରୀ, କାମୋଦୀ, ଗନ୍ଧାରୀ, ପୂର୍ବଧୁ, ଧୂର୍ତ୍ତ, ନୃତ୍ୟପଲ୍ଲବୀ ଓ ମାଳଶ୍ରୀ । ଏହି ନାମକରଣରେ ମଧ୍ୟ ଶ୍ରୀରାଗର ରାଗିଣୀରେ ମାଳଶ୍ରୀ, ଧନାଶ୍ରୀ ଓ ମାଳକୋଷ୍

---

*“ସାମବେଦାତ୍ ସ୍ୱରା ଜାତାଃ ସ୍ୱରେଭ୍ୟୋ ଗ୍ରାମ ସମ୍ଭବାଃ । ଗ୍ରାମେଭ୍ୟୋ ଜାତୟୋ ଜାତା ଜାତିଭ୍ୟୋ ରାଗ ସମ୍ଭବାଃ । ସପ୍ତସ୍ୱରାସ୍ତ୍ରୟୋ ଗ୍ରାମା ମୂର୍ଚ୍ଛନାଶ୍ଚୈକ ବିଂଶତିଃ । ଗ୍ରାମାଂଶକାସ୍ତୁ ଶ୍ରୁତୟ ଏତେଭ୍ୟୋ ରାଗସମ୍ଭବାଃ ।”

ରାଗର ଉପରାଗିଣୀରେ ମାଳଶ୍ରୀ ଓ ଓ ଧନାଶ୍ରୀ ପ୍ରଭୃତି ହୁଏ । ନାମରେ ସୈନ୍ଧ୍ୟ ଥିବାରେ ଗୀତାଞ୍ଜଳିରେ ଚାତୁର୍ଯ୍ୟ ଅଛି । ଅନ୍ୟ ଏକ ମତରେ ଭୈରବର ଉପରାଗରେ ବିଭାସ, ଦେବଶାଖ, ଲଳିତ, ଶଙ୍କାବଳ ଓ ବଙ୍ଗାଳ ଏ ପାଞ୍ଚଟି ରାଗ, ସୋହୁ, ରାଜଚନ୍ଦ୍ର, ମଧୁ ଓ ଗୁଣକ୍ରୀ ସ୍ଥାନରେ ଗୃହୀତ; ଉପରାଗିଣୀ ସମାନ । ମାଳକୋଷ ରାଗର ଉପରାଗରେ ବଡ଼ହଂସ ଓ ଭୂପାଳ ସମାନ; କିନ୍ତୁ ଅନ୍ୟ ସାତଟି ସ୍ଥାନରେ ଗହ୍ୱାର, ମାଳବଗୌଡ଼, କାମୋଦା, ଖମ୍ବାଜ, ମଙ୍ଗଳ, ଶୁଦ୍ଧ ଓ ଟିଲକ ଗୃହୀତ । ଉପରାଗିଣୀ ସବୁକୁ ସମାନ । ଶ୍ରୀରାଗରେ—ରାଗିଣୀ ମାଲବୀ ସ୍ଥାନରେ ମାରୁ ଗୃହୀତ । ଅନ୍ୟମାନେ ସମାନ । ଉପରାଗରେ ସଙ୍କର ଭୈରବ ସମାନ । ଅନ୍ୟ ପାଞ୍ଚଗୋଟି ସ୍ଥାନରେ ଶ୍ରୀଶଙ୍କ, ଗୋପାଳହର, ସାରଙ୍ଗ, ଗଣ୍ଡ, ବଡ଼ହଂସ, ଦେଶକାର ଓ ଭୂପେଶ୍ୱର ଗୃହୀତ । ଉପରାଗିଣୀରେ ଟଙ୍କୀ ଓ ସହସ୍ରଶୀର୍ଷା ସ୍ଥାନରେ ପୁରବୀ ଓ ଖିଖିରଦସା ଗୃହୀତ । ମେଘ ରାଗରେ—ରାଗିଣୀ ସମାନ । ଉପରାଗରେ ଗଜଧର, ସହାନ, କାଳହର, ସାରଙ୍ଗ, ନଟନାରାୟଣ ଓ କଲ୍ୟାଣ ସ୍ଥାନରେ କାଲଙ୍ଗଡ଼ା, ବାଗେଶ୍ରୀ, ଶୁଭଶ୍ରୀ, ମଙ୍ଗଳ, କାନଡ଼ା ଓ ତିଲଙ୍ଗ ଗୃହୀତ । ଉପରାଗିଣୀରେ ଗୌଡ଼ ଓ ବରାଡ଼ୀ ସ୍ଥାନରେ ଖାଦବୀ ଓ ବାହାଦ୍ରୀ ଗୃହୀତ । ହିନ୍ଦୋଳ ରାଗରେ ରାଗିଣୀ ସମାନ । କିନ୍ତୁ ଉପରାଗରେ ୮ଟି ନୂତନ ଯଥା—ବସନ୍ତ, ମାଳବୀ ମାରୁ, ବନମାଳ, ଲକ୍ଷଦୀପନ, ହିଲ, ଧ୍ୱଜ, ନାଗଧ୍ୱଜ । ଉପରାଗିଣୀରେ ଦେବଳ ଦେବରୀ ସ୍ଥାନରେ ତରଙ୍ଗ ଗୃହୀତ—ଅନ୍ୟମାନେ ସମାନ । ଦୀପକ ରାଗର ରାଗିଣୀ ସମାନ । ଉପରାଗରେ କୁସୁମ ସମାନ; ଅନ୍ୟ ସାତଗୋଟି ନୂତନ । ଯଥା—ନଟନାରାୟଣ, ବିହାଗଡ଼ା ମଙ୍ଗଳାପଟଦ, ଅଡ଼ାନା, ଭୂପାଳ ମଙ୍ଗଳ, ମକରନ୍ଦ ଓ ଟଙ୍କ । ଉପରାଗିଣୀ ସମାନ । ଏ ଦୁଇଟି ମତର କେବଳ ଅନୈକ୍ୟ ପ୍ରଦର୍ଶିତ ହେଲା—ଏତଦ୍ଭିନ୍ନ ପ୍ରାୟ ୧୨ ପ୍ରକାର ମତ ଦେଖାଯାଏ । ଏପରି ସ୍ଥଳରେ ଏ ବିଷୟରେ ସ୍ଥିର ନିର୍ଣ୍ଣୟ କରିବା ସହଜ ବ୍ୟାପାର ନୁହେଁ । "ନାସୌ ମୁନିର୍ଯସ୍ୟ ମତଂ ନ ଭିନ୍ନମ୍" ଏ କଥାଟି ଏଥିରେ ଅକ୍ଷରେ ସତ୍ୟ । ତେଣୁ 'ମହାଜନୋ ଯେନ ଗତଃ ସ ପନ୍ଥାଃ' ଧରିବାକୁ ହୁଏ; ଅର୍ଥାତ୍ ଯେଉଁ ଦେଶରେ ଯାହା ପାରମ୍ପର୍ଯ୍ୟକ୍ରମେ ପ୍ରଚଳିତ ତାହାକୁ ଅବଲମ୍ବନ କରିବାକୁ ହେବ । ଓଡ଼ିଆ ସାହିତ୍ୟ କବିତା ଓ ଚୌତିଶା ଛାନ୍ଦପଦମାନଙ୍କରେ ରାଗ ରାଗିଣୀର ନିର୍ଦ୍ଦେଶ ହେଉ ଓ ଉପରେ ଦର୍ଶିତ ରାଗ, ରାଗିଣୀ ଉପରାଗ ଓ ଉପରାଗିଣୀ ମଧ୍ୟରୁ କେତେକ ସେହି ସବୁ ଦେଖାଇଦେବାକୁ ସେମାନଙ୍କ ବିଷୟରେ କିଞ୍ଚିତ୍ ଆଭାସ ମାତ୍ର ଦିଆଗଲା । ଓଡ଼ିଆ ଭାଷାର ପ୍ରାଚୀନ କବିତା ଆମ୍ଭେମାନେ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ପ୍ରକାଶିତ ବୌଦ୍ଧଗାନ ଓ ଦୋହାରେ ଦେଖିବାକୁ ପାଉଁ । କାହ୍ନୁପାଦ, ଲୁଇପାଦ, ସରୋରୁହ ବଜ୍ର, ଶବରପାଦ, ଭୁସୁକୁ ପ୍ରଭୃତି ବଜ୍ରଯାନୀ ଥିଲେ । ସେମାନଙ୍କ ଗୀତରେ ପ୍ରଦର୍ଶିତ ରାଗମାନଙ୍କରେ ଓଡ଼ର-

ବିନ୍ୟାସରେ ସମତା ନାହିଁ । ଉଦାହରଣ ସ୍ୱରୂପ ସୁଙ୍କର ରାଗର ଗୀତର ପାଦ-ମାନଙ୍କରେ ୧୦, ୧୧, ୧୨, ୧୩, ୧୪, ୧୫ ଅକ୍ଷର ବିନ୍ୟାସ ଦେଖିବାକୁ ପାଉ । ଅର୍ଜୁନ ଦାସଙ୍କ ରାମବିଭା, ନରସିଂହଙ୍କ ଶଙ୍ଖମଙ୍ଗଳାକାବ୍ୟ ପ୍ରଭୃତିରେ ଛନ୍ଦମାନଙ୍କର ପରସ୍ପରିକ ପାଦମାନଙ୍କରେ ଅକ୍ଷରସମତା ନାହିଁ । ସୁତରାଂ ଶାରଳ ମହାଭାରତ, ଦାଣ୍ଡୀ ରାମାୟଣ, ଅଚ୍ୟୁତଙ୍କ ହରିବଂଶ, ଚୈତନ୍ୟଦାସଙ୍କ ବିଷ୍ଣୁଗର୍ଭପୁରାଣାଦିରେ ମଧ୍ୟ ଅକ୍ଷରସମତା ନାହିଁ । ଏହାପରେ ଲେଖା ହେବା ଜନ୍ମ ପରେ ପାଦମାନଙ୍କର ଅକ୍ଷରସମତା ରଖିବାକୁ କବିମାନେ ଚେଷ୍ଟା କଲେ । ଦୀନକୃଷ୍ଣ ଦାସ ରସ-କଲ୍ଲୋଳରେ ଏହି ନିୟମରେ କହିଅଛନ୍ତି । ଏ ଗ୍ରନ୍ଥ ଚରଣକୁ ଶୁଣ । ନବ ଅକ୍ଷର ପରିଚ୍ଛେଦ । ଅଳ୍ପ ଅକ୍ଷର ହୋଇ ନାହିଁ । ଦଶ ହୋଇବ ଏକା ନାହିଁ ।
× × × × ଅକ୍ଷର ଗଣିବ ଯତ୍ନରେ । ତେବେ ସେ ଲେଖିବ ପଦରେ ॥
ବେଦରେ ତଥା ସଂସ୍କୃତରେ ବିଷମ ବୃତ୍ତ ଓ ସମବୃତ୍ତର ପଦ୍ୟାବଳୀ ପରିଦୃଷ୍ଟ ହୁଏ । ସମବୃତ୍ତ ଓ ବିଷମ ବୃତ୍ତରେ ରାଗ ମଧ୍ୟ ଅନୁସ୍ୟୂତ ରହେ । ଯେଉଁମାନେ କୌଣସି ରାଗକୁ ଅକ୍ଷର ନିୟମରେ ନିୟନ୍ତ୍ରିତ କରନ୍ତି ସେମାନେ ଛନ୍ଦଶାସ୍ତ୍ର ଓ ସଙ୍ଗୀତ ଶାସ୍ତ୍ରରେ ସମ୍ପୂର୍ଣ୍ଣ ଅନଭିଜ୍ଞ । ସେମାନେ ପାଠକ ଓ ଗାୟକଙ୍କୁ କେବଳ ଧନ୍ଦାରେ ପକାନ୍ତି । ଏକ ଗଣ୍ଠିକ ରାଗର ନାନା ବୃତ୍ତ ହୋଇପାରେ; ତେଣୁ ଅକ୍ଷରବିନ୍ୟାସରେ ପାର୍ଥକ୍ୟ ରହିବା ସ୍ୱାଭାବିକ । ଉଦାହରଣ ସ୍ୱରୂପ ଗୋଟିଏ ରାଗର ଭିନ୍ନ ଭିନ୍ନ ଅକ୍ଷରବିନ୍ୟାସମାନଙ୍କରେ ପଦ୍ୟମାନ— ଯଥା :—କେଦାର ଜଗମୋହନ ନବମଛାନ୍ଦ, ଏକୋନଛାନ୍ଦ, ଭଗବନ୍ତୋକ ତ୍ରୟୋଦଶଛାନ୍ଦ, ଦଶୋତ୍ତରବିଂଶାଦି ତଥା 'ଶ' ଗୀତ ଓ 'ଜ' ଗୀତ ପ୍ରଭୃତି ଦ୍ରଷ୍ଟବ୍ୟ । ଉପେନ୍ଦ୍ର ପ୍ରଭୃତି କବିମାନଙ୍କର ଦାର୍ଢ୍ୟ କବିତା ଓ ଚମତ୍କାର ପ୍ରଭୃତିରେ ସାଧାରଣତଃ ରାଗ ଓ ବାଣୀର ନିର୍ଦ୍ଦେଶ ପାଉ, ମାତ୍ର ତାଳର ଉଲ୍ଲେଖ ଥାଏ । ଗୋଟିଏ ରାଗର ନାନା ବାଣୀ ବା ବୃତ୍ତ ହୋଇପାରେ । ଭିନ୍ନ ଭିନ୍ନ ରାଗର ମଧ୍ୟ ଗୋଟିଏ ତାଳ ହୋଇପାରେ । ସେହି ପ୍ରାଚୀନ କବିମାନଙ୍କ ସମୟରେ ଉକ୍ତ ବାଣୀମାନଙ୍କର ଗାନରୀତି ସର୍ବତ୍ର ଜ୍ଞାତ ଥିଲା । ଆଜିକାଲି କିନ୍ତୁ ଗାୟକଙ୍କୁ କେତେକ ବାଣୀର ଗାନପଦ୍ଧତି ଜଣା ନ ଥିବାରୁ ଗାନ କରିବାରେ ବିଶେଷ ଅସୁବିଧା ହୁଏ । ଯେଉଁ ସ୍ଥଳରେ ତାଳ ନିର୍ଦ୍ଦିଷ୍ଟ ହୋଇଅଛି ସେହି ସ୍ଥଳର ଉକ୍ତ ରାଗର ଗାନ ସହଜରେ ହୋଇପାରେ । ଦୀନକୃଷ୍ଣଙ୍କ ଜଗନ୍ମୋହନ ଛାନ୍ଦର କେତେକ ଛାନ୍ଦରେ ରାଗ ଓ ବାଣୀ କେତେକ ଛାନ୍ଦରେ କେବଳ ରାଗ ଓ କେତେକ ଛାନ୍ଦରେ ରାଗ ଓ ତାଳ ନିର୍ଦ୍ଦିଷ୍ଟ ହୋଇଅଛି । ଜଗନ୍ମୋହନ ଛାନ୍ଦ:—ଷଷ୍ଠ ଛାନ୍ଦ—ବସନ୍ତ ରାଗ—ରୂପକତାଳ; ଅଷ୍ଟମ ଛାନ୍ଦ—ଗୁଜ୍ଜରୀ ରାଗ—ଏକତାଳି ତାଳ; ନବମ ଛାନ୍ଦ—ରାଗ କେଦାର—ତାଳ ଝମ୍ପା; ଉପେନ୍ଦ୍ରଙ୍କ—ଲାବଣ୍ୟବତୀର ୩୨ ଛାନ୍ଦ—ରାଗ ରାଜବିଜେ—ତାଳ ରୂପକ ପ୍ରଭୃତି ଦେଖାଯାଉଅଛି । ତାହା ଗାଇବାରେ ଅସୁବିଧା ହେବ ନାହିଁ । କିନ୍ତୁ ଯେଉଁ ସ୍ଥଳରେ କେବଳ ରାଗର ଉଲ୍ଲେଖ ହୋଇଅଛି ତାହା ଯଥାଯଥ ଗାନ କରିବା

ଅତ୍ୟଦ୍ଭୁତକର। ସେହିଁ ସ୍ଥାନରେ ରାଗ ଓ ରାଗିଣୀ ଉଭୟ ପ୍ରଦତ୍ତ ହୋଇଅଛି-- ରାଗିଣୀ ବା ଭୂଷଣର ପ୍ରଚଳନ ଥିଲେ—ଗାନ କରିବା ସହଜସାଧ୍ୟ ହୁଏ। ରାଗିଣୀ ବା ଭୂଷଣର ପ୍ରଚଳନ ନ ଥିଲେ ଅର୍ଥାତ୍ ତାହା ଗାନ ଜଣା ନ ଥିଲେ, ରାଗର ସ୍ୱରୂପ ଗାନ ହୋଇ ପାରିବ ନାହିଁ। ରାଗର ରାଗିଣୀ ହେଲେ ଅବଶ୍ୟ ତାହାର ବିଶିଷ୍ଟ ଗୁଣ ଜଣାଯାଏ ଓ ତାର ଅପର ରୂପ ଅଙ୍ଗରେ ପ୍ରକାଶ 'ଜନ୍ମପାଇଁ'। ଅସମ୍ପୂର୍ଣ୍ଣତାର ଭାବରେ ରାଗ ନାନା ଆକୃତି ଧାରଣ କରିପାରେ; କିନ୍ତୁ ଅଙ୍ଗର ବୈଚିତ୍ର୍ୟରେ ଶୁଦ୍ଧ ରାଗକୁ କଳୁଷିତ କରିବା ଦୂଷଣୀୟ। ଓଡ଼ିଶାରେ ଶୁଦ୍ଧ ରାଗ ବ୍ୟତୀତ ଆମ୍ଭେମାନେ ଅନେକ ମିଶ୍ର ରାଗ ଦେଖିବାକୁ ପାଉ। ଶୁଦ୍ଧ:—ଭୈରବ, ମେଘ ପ୍ରଭୃତି। ମିଶ୍ର:—କେଦାର+ଗୌଡ଼=କେଦାର ଗୌଡ଼; ପାହାଡ଼ି+କେଦାର=ପାହାଡ଼ିଆ କେଦାର। କଲ୍ୟାଣ+ଅହିରୀ= କଲ୍ୟାଣ ଅହିରୀ; ମଙ୍ଗଳ ଗୁର୍ଜରୀ, ବସନ୍ତ ବରାଡ଼ି ଇତ୍ୟାଦି। କେଉଁ ତାଳରେ ବା ଭୂଷଣରେ ପାହାଡ଼ି ଓ କେଦାର କୋଉଠାଏ ତାହା ଠିକ୍ କରି ପରେ 'ଏପର ମିଶ୍ର ପାହାଡ଼ି କେଦାର ବୋଲିଯିବ ତାହା ନିର୍ଣ୍ଣୟ କରିବାକୁ ହେବ। ଏ ବିଷୟ ବଡ଼ ଗୁରୁତର। ଦୁଃଖର କଥା, ଛନ୍ଦ ଓ ତାଳର -ରାଗ-ରାଗିଣୀ ବିଷୟରେ ତଥା ଗୀତି ରାଗର ନିର୍ଣ୍ଣୟ ବିଷୟରେ ଯଥାଯଥ ଅନୁଶୀଳନ, ଆଲୋଚନା ଏ ପର୍ଯ୍ୟନ୍ତ ଆମର ଏଠି ବହୁଳଭାବରେ ହୋଇ ନ ଥିବାରୁ ଲୋକେ ଏକ ଇଚ୍ଛା ଅନୁସାରେ ମନମୁଖ ଗାନ କରି ନାନା ବିଭ୍ରାଟ ଉପସ୍ଥିତ କରାଉଅଛନ୍ତି। ଏ ବିଷୟରେ ସମ୍ପୂର୍ଣ୍ଣ ଓ ସୂକ୍ଷ୍ମ ଆଲୋଚନା କରିବାକୁ ହେଲେ ବୈଦିକ ସୂକ୍ତ, ବୌଦ୍ଧ ଓ ଜୈନ ସ୍ତୋତ୍ରାବଳୀ, ସଂସ୍କୃତ ଓ ପ୍ରାକୃତ କାବ୍ୟ, ନାଟକ, ପୁଥି ଲେଖା, ଚର୍ଯ୍ୟା, ସରହପା ବାମଦେବ ପ୍ରଭୃତି ପ୍ରାଚୀନ କବିଙ୍କର ଗ୍ରନ୍ଥ; ଚଣ୍ଡୀଦାସ, ବିଦ୍ୟାପତି, ସୁରଦାସ, ମୀରାବାଈ, କବୀର ପ୍ରଭୃତିଙ୍କ ଭଜନ କବିତା; ପ୍ରାଚୀନ ଓଡ଼ିଆ କାବ୍ୟ କବିତା ଓ ଗୀତି ପ୍ରଭୃତି ବୈଦିକ ଶିକ୍ଷା, ପିଙ୍ଗଳଛନ୍ଦ ସୂତ୍ର, ପ୍ରାକୃତ ପିଙ୍ଗଳ, ଅନ୍ୟାନ୍ୟ ଛନ୍ଦଗ୍ରନ୍ଥ ତଥା ସଂସ୍କୃତ, ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ସଙ୍ଗୀତ ଶାସ୍ତ୍ର ସମ୍ବନ୍ଧୀୟ ଗ୍ରନ୍ଥ ଓ ଅନେକଗୁଡ଼ିଏ ଆଲୋଚନା କଲେ ତାହା ସମ୍ଭବତଃ ନିର୍ଦ୍ଧାରିତ ହେବ। ଏ ବିଷୟରେ ଆଲୋଚନା କରିବାକୁ ହେଲେ ଆମ୍ଭମାନଙ୍କୁ ମୋର ପ୍ରିୟବନ୍ଧୁ ମଧୁସୂଦନ ପଣ୍ଡିତ ଶ୍ରୀ ବଳଭଦ୍ରଚନ୍ଦ୍ର ...ଙ୍କ ସାହାଯ୍ୟ ଅବଶ୍ୟ ନେବାକୁ ହେବ। ସେ ଆଜୀବନ ସଙ୍ଗୀତଶାସ୍ତ୍ରର ଆଲୋଚନା କରି ଏ ବିଷୟରେ ଯେ ପାଣ୍ଡିତ୍ୟ ଲାଭ କରିଅଛନ୍ତି, ତାହା ଅନ୍ୟତ୍ର ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ।

ବର୍ତ୍ତମାନ ପାଠକର ଧୈର୍ଯ୍ୟ ରକ୍ଷା ହେତୁ କେବଳ ବିଷୟ ଆଲୋଚିତ ହୋଇ ପାରି ନାହିଁ ଓ କେତେକ ସ୍ଥଳରେ ବିଷୟ ସଂକ୍ଷିପ୍ତ ଭାବେ ପ୍ରକଟ ହୋଇଥିବାରୁ ବିଷୟ ସରଳତା ରକ୍ଷା ପାଇ ନାହିଁ। ଲାବଣ୍ୟବତୀ ବିଷୟରେ କବିର ଉକ୍ତି

ପୁଣି କେତେକ ଶବ୍ଦର ଅନାବଶ୍ୟକ ଲମ୍ବା ବାଧ ହୋଇ ଲେଖିବାକୁ ପଡ଼ିଅଛି । ଛାପାରେ ପାଣ୍ଡୁଲିପିଠାରୁ ଅଭାବ ଓ ନିଜର ବିଶେଷ ଅସୁବିଧାହେତୁ ଟୀକାରେ ସ୍ଥଳେ ସ୍ଥଳେ ଭ୍ରମ ପ୍ରମାଦ ରହି ଯାଇଅଛି । ସହୃଦୟ ପାଠକବର୍ଗଙ୍କୁ ସବିଶେଷ ଅନୁରୋଧ ଯେ ଅନୁଗ୍ରହପୂର୍ବକ ଏହିସବୁ ତ୍ରୁଟିସମୂହ ଭ୍ରମ ପ୍ରମାଦ ଦର୍ଶାଇ ଦିଅନ୍ତୁ ତାହା ସାଦରରେ ଗ୍ରହଣ କରି ଚିରକୃତଜ୍ଞତା-ପାଶରେ ଆବଦ୍ଧ ରହିବି । ପ୍ରସିଦ୍ଧ ପ୍ରାଚୀନ ଟୀକାକାର ଲୋକନାଥ ଦାସଙ୍କ ଲାବଣ୍ୟବତୀ-ଟିପ୍ପଣୀରୁ ମୁଁ ସାହାଯ୍ୟ ଗ୍ରହଣ କରିଅଛି । ସେ ମହାଶୟ ଜଣେ ଧୁରନ୍ଧର ପଣ୍ଡିତ ଥିଲେ, କିନ୍ତୁ ଦୁଃଖର କଥା—ସେ ସ୍ଥଳେ ସ୍ଥଳେ ମାତ୍ର ଟିପ୍ପଣୀ ଦେଇଅଛନ୍ତି । ତାଙ୍କ ଟିପ୍ପଣୀ ମୋତେ ଏ କାର୍ଯ୍ୟ ସାଧନ କରିବାରେ ବିଶେଷ ସାହାଯ୍ୟ ପ୍ରଦାନ କରିଅଛି । କେତେକ ସ୍ଥଳରେ ଲୋକନାଥଙ୍କ ଧୃତପାଠ ତଥା ଟିପ୍ପଣୀ ମୁଁ ଗ୍ରହଣ କରି ନାହିଁ । ଗ୍ରହଣ ନ କଲେହେଁ ତାଙ୍କ ପାଠ ଓ ଟିପ୍ପଣୀ ମୋ ଟୀକାରେ ଉଲ୍ଲେଖ କରି ମୋ ନିଜ ମତ ସ୍ଥାପନ କରିଅଛି ।

**ପୋଥି ପ୍ରାପ୍ତି**—ମୋର ସ୍ୱର୍ଗତ ପ୍ରିୟବନ୍ଧୁ ଦେଶପ୍ରାଣ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ମୋର ଅନୁରୋଧକ୍ରମେ ଗ୍ରାମସ୍ଥ ତଥା ଗଞ୍ଜାମରୁ ଅନ୍ୟ ପୋଥିମାନଙ୍କ ସହିତ ୪ଖଣ୍ଡ ଲାବଣ୍ୟବତୀ ପୋଥି ଆଣି ଦେଇଥିଲେ । ମୁଁ ମଧ୍ୟ କଟକ, ପୁରୀ ଓ ଗଞ୍ଜାମମାନଙ୍କରୁ ୫ଖଣ୍ଡ ପୋଥି ପାଇଥିଲି—ତନ୍ମଧ୍ୟରେ ଲୋକନାଥ ଦାସଙ୍କ ପୋଥି ଉଲ୍ଲେଖଯୋଗ୍ୟ । ପରେ 'କଂ' ନାମକ ସଂସ୍ଥାର ଜଣେ ଉଚ୍ଚ କର୍ମଚାରୀ ସାହେବ ମୋ ନିକଟକୁ ଛାପିତ ସ୍ଥଳ ଲାବଣ୍ୟବତୀର ପ୍ରତି ଗୋଟି ଲେଖା ପଠାଇଥିଲେ । ଲାବଣ୍ୟବତୀ ପୋଥିର ଶବ୍ଦ କଣ ସେ ତାହା ଜାଣିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ତାଙ୍କୁ ପର୍ଲାକି ରାଜକୁମାରଙ୍କର ସଂଗୃହୀତ ରାଜକନ୍ୟାଙ୍କ ଶବ୍ଦ ବିବାହ କାଳରୁ ବର୍ଣ୍ଣିତ ଥିବା ଲେଖି ପଠାଇଲି ଓ ମଧ୍ୟ ସମଗ୍ର ମୁଦ୍ରିତ ଲାବଣ୍ୟବତୀ ଗ୍ରନ୍ଥଟି ପଠାଇବାକୁ ଅନୁରୋଧ କରନ୍ତେ ସେ ତାହା ପଠାଇ ଦେଇଥିଲେ ।

ପରେ ରେଭେନ୍‌ସା କଲେଜ ମିଉଜିୟମରୁ ଦୁଇଖଣ୍ଡ ଲାବଣ୍ୟବତୀ ପାଇଲି । ଏପରି ଚାରିଖଣ୍ଡ ଲାବଣ୍ୟବତୀ ଗ୍ରନ୍ଥ ଓ ମୁଦ୍ରିତ ଗ୍ରନ୍ଥ ମିଳାଇ ଶୁଦ୍ଧ ପାଠ ପ୍ରଦାନ କରିବାରେ ଯଥାସାଧ୍ୟ ଚେଷ୍ଟା କରିଅଛି ।

ବାସ୍ତବଭାବରେ ଅନେକ ଅବାନ୍ତର କଥା ରହିଥିବ । ସହୃଦୟ ପାଠକବର୍ଗ ସ୍ୱ ଉଦାର ହୃଦୟରେ କ୍ଷମା କରିବା ଉଚିତ ।

ସ୍ଥାନ—ନାରଣପୁର,
୧୮।୧୨।୪୪

ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି

# ଲାବଣ୍ୟବତୀ

## ପ୍ରଥମ ଛାନ୍ଦ

### ରାଗ—ନଳିନୀଗୌଡ଼ା

( ରସକଲ୍ଲୋଳ ପ୍ରଥମଛାନ୍ଦ ବାଣୀରେ )

ଜୟ ଜୟ ଜୟ ରାମ ଜନକସୁଖଦା ।
ଭୀମ ହରଷ ଦାନରେ ସଦା ବିଶାରଦ ହେ ॥ ୧ ॥

---

୧ । ଅଦ୍ୟାକ୍ଷର ଜୟଶବ୍ଦ ମଙ୍ଗଳ ବଚନ । ଲିପିଦୋଷ ଗଣଦୋଷ ନାଶ ଅର୍ଥ । ଜୟ ଶବ୍ଦର ପୁନଃ ପୁନଃ ତିନିବାର ପ୍ରୟୋଗ—ଆଦରାର୍ଥରେ ବା ଆନନ୍ଦ ପ୍ରକାଶପୂର୍ବକ ।

ରାମଚନ୍ଦ୍ରଙ୍କ ପକ୍ଷେ:—ରାମ—ଦଶରଥନନ୍ଦନ । ଜନକସୁଖଦା ହେ ରାମ ତୁମ୍ଭ କି ଜୟଯୁକ୍ତ ହୁଅ (ଏହାଦ୍ୱାରା ରାମଙ୍କର ସର୍ବୋତ୍କର୍ଷ ଖ୍ୟାପନରେ ତାହାଙ୍କର ନମସ୍କାର ସୂଚିତ ହେଲା)—ଜନକ ଯେ ଜନକ ନୃପତି (ସୀତା ସ୍ୱୟମ୍ବର କାଳରେ ଶିବଧନୁ ଭଙ୍ଗଦ୍ୱାରା) ତାଙ୍କର ସୁଖଦାତା ଅଛ ବା ଦଶରଥ ଯେ ରାମଚନ୍ଦ୍ରଙ୍କ ପିତା ତାଙ୍କର ସତ୍ୟରକ୍ଷା କରିବାଦ୍ୱାରା ଅର୍ଥାତ୍ ତାଙ୍କର ବଚନରୁ ପିତା ଓ ଭରତଙ୍କୁ ରାଜା କରାଇବା ରୂପ ଯେ ବରଦାନର ପ୍ରତିଶ୍ରୁତି ପୂରଣଦ୍ୱାରା ସୁଖଦାତା ଅଛ । ଭୀମ ହରଷ ଦାନରେ—ମହାଦେବଙ୍କ ମନରେ ଆନନ୍ଦ ପ୍ରଦାନ କରିବାରେ, ସଦା—ସର୍ବଦା ବିଶାରଦ—ଚତୁର ନିପୁଣ ଅଛ ( ଶିବଙ୍କର ରାମତାରକମନ୍ତ୍ର ଜପଦ୍ୱାରା ) ତା ହେଲେ କାହିଁକି ବିଜୟ ହେ ରାମ ତୁମ୍ଭ ଜୟ—ଜୟଯୁକ୍ତ ହୁଅ ।

ପରଶୁରାମ ପକ୍ଷେ:—ଜନକସୁଖଦା—ଜନକ ଯେ ଜମଦଗ୍ନି ତାଙ୍କର ସୁଖଦାତା—(ତାଙ୍କ ବଚନ ପରିପାଳନରେ—ମାତୃ ଶିରଚ୍ଛେଦନରୂପ) । ଜୀବତେ ବାକ୍ୟକରଣଂ ମୃତାହେ ଭୂରିଭୋଜନଂ ; ଗୟାୟାଂ ପିଣ୍ଡଦାନେନ ତ୍ରିଭିଃ ପୁତ୍ରସ୍ୟ ପୁତ୍ରତା । ଭୀମ—ଦୁଷ୍ଟଜନ, ଭୀମରୂପ—ଦୁଷ୍ଟ କ୍ଷତ୍ରିୟମାନଙ୍କର, ହରଷ ଦାନରେ—ସୁଖ ଖଣ୍ଡନ କରିବାରେ । ସେ ୨୧ ଥର ପୃଥିବୀରୁ ନିକ୍ଷତ୍ରିୟ କରିଥିଲେ । ( ଦାନ—ଖଣ୍ଡନ ) ।

ଚନ୍ଦ୍ରହାସଶୋଭିକର ସମସ୍ତ କାଳର ।
ଲକ୍ଷଣବନ୍ତ ଅଲକ୍ଷ୍ୟ ମୁଖ ମନୋହର ଯେ । ୨ ।

---

ବଳରାମ ପକ୍ଷେ:—ଜନକସୁଖଦ—ଜନକ ଯେ ଜନପଦ ତାହାର ସୁଖପ୍ରଦ ବା ଜନକ ଯେ ଜନଗଣ—ଜନମାନେ ତାଙ୍କର ସୁଖଦାତା (ଜନକ—ଏଠାରେ ଜନଶବ୍ଦରୁ ସ୍ୱାର୍ଥରେ କ ପ୍ରତ୍ୟୟ) ଜନପ୍ରିୟ—ଶିବ ରୂପୀ ହୋଇଥିବାରୁ ସେ ଜନପ୍ରିୟ—ଜନପ୍ରିୟ ନାମ ଶିବଙ୍କର ) ବଳରାମ ଭକ୍ତ-ଲୋକମାନଙ୍କ ପ୍ରିୟ । ହେମ ଭୀମପଦାନ୍ତରେ—ବୃଷ୍ଣି ଲୋକଙ୍କ ସୁଖ ସମ୍ପନ୍ନରେ ବା ମାରଣରେ ବା ଭୀମସେନଙ୍କ ଦର୍ପଖଣ୍ଡନରେ—ବଳରାମ ଦୁର୍ଯ୍ୟୋଧନଙ୍କ ଗୁରୁ ହୋଇଥିବାରୁ ଗଦାଯୁଦ୍ଧରେ ଦୁର୍ଯ୍ୟୋଧନଙ୍କୁ ନିପୁଣ କରାଇ ଭୀମଙ୍କୁ ସର୍ବଦା ଦୁର୍ଯ୍ୟୋଧନଙ୍କଦ୍ୱାରା ଦୁଃଖ ପ୍ରଦାନ କରୁଥିଲେ । ( ନାମର ଏକଦେଶ ଗ୍ରହଣରେ ଭୀମସେନ ସ୍ଥାନରେ ଭୀମପଦ ପାଠ୍ୟ ) । ରାମଚନ୍ଦ୍ର ଉପେନ୍ଦ୍ର-ଭଞ୍ଜଙ୍କ ଇଷ୍ଟଦେବତା ହୋଇଥିବାରୁ ତାଙ୍କୁହିଁ ନମସ୍କାର ପ୍ରଦର୍ଶିତ ହେଲା ।

ରାମ ପକ୍ଷେ :—ଚନ୍ଦ୍ରହାସଶୋଭିକର—ଚନ୍ଦ୍ରହାସ ଯେ ଉଜ୍ଜ୍ୱଳ ଖଡ୍ଗ ଶୋଭା ପାଉଛି କରରେ ଯାହାଙ୍କର । ସମସ୍ତ କାଳର ଲକ୍ଷଣବନ୍ତ—ଲକ୍ଷଣ ଯେ ସୁମିତ୍ରାସୁତ ଲକ୍ଷ୍ମଣ ସେ ସଦା ସର୍ବଦା ତାଙ୍କର ଅନୁଗତ । ( ସମସ୍ତ କାଳର ଖଡ୍ଗ ହସ୍ତରେ ତାଙ୍କର ଶୋଭିଥିବାରୁ ଏ ଅର୍ଥ ମଧ୍ୟ ହୋଇ ପାରେ) । ଅଲକ୍ଷ୍ୟ—ଅନୁପମ, ନାହିଁ ଲକ୍ଷ୍ୟ— ସଦୃଶ ଯାହାଙ୍କର । ସେ ମୁଖ ମନୋହର—ମୁଖ ଯାହାଙ୍କର ଅତି ସୁନ୍ଦର ଅଟଇ ।

ପରଶୁରାମ ପକ୍ଷେ:—ସେ ଚନ୍ଦ୍ରହାସଶୋଭିକର—ଚନ୍ଦ୍ର ଯେ ମେଚକ କାଳଗୁଣ ତାହାର ହାସ୍ୟ ଯେ ପ୍ରକାଶ ସଙ୍ଗରେ ଏକୀଭୂତ ଯେ ଶୋଭା ତାହାର ଆକର କି ସ୍ଥାନ ଅଟେ । ଚନ୍ଦ୍ରଃ ସ୍ୱର୍ଣ୍ଣେଽପି କର୍ପୂରେ ଚନ୍ଦ୍ରଃ ମେଚକକାମ୍ୟଯୋର୍ବିଧୌ ଜଳେ । ହାସଃ କଳାଟ୍ଟହାସଯୋଃ ଇତି ବୈଜୟନ୍ତୀ । କାଳମେଘ ତୁଲ୍ୟ । ଲକ୍ଷଣବନ୍ତ—ଶୁଭ ଲକ୍ଷଣଯୁକ୍ତ—ହସ୍ତ ପଦାଦିର ଶୁଭ-ଲକ୍ଷଣଯୁକ୍ତ :—ହସ୍ତରେ ଗଦା ଶଙ୍ଖ ପ୍ରଭୃତି; ପାଦରେ ଚକ୍ର, ଧ୍ୱଜ, ଅର୍ଦ୍ଧଚନ୍ଦ୍ର ପ୍ରଭୃତି । ଅଲକ୍ଷ୍ୟ ମୁଖ ମନୋହର—ଅନୁପମ ମୁଖ ହୋଇଥିବାରୁ ସେ ସୁନ୍ଦର ବା ଚନ୍ଦ୍ରହାସ—ଖଡ୍ଗ ସଦୃଶ ପରଶୁ ଧାରଣ କରିଥିବାରୁ—ଚନ୍ଦ୍ରହାସ ଶୋଭିକର ମହାଦେବଙ୍କ ଶିଷ୍ୟ ହୋଇ ଚନ୍ଦ୍ରହାସ—ଚନ୍ଦ୍ରଙ୍କ ଅର୍ଦ୍ଧ କଳା—ମସ୍ତକରେ ଶୋଭା ପାଉଛି ଯାହାଙ୍କର, ତାଙ୍କ ରୂପ ମହାଦେବ ସଦୃଶ ହୋଇ ସେ ମଧ୍ୟ ଚନ୍ଦ୍ରମୌଳି ।

ବଳରାମ ପକ୍ଷେ :—ଚନ୍ଦ୍ରହାସଶୋଭିକର—ଚନ୍ଦ୍ର ଯେ ଚନ୍ଦ୍ରମା ତାଙ୍କର ହାସ କି ପ୍ରକାଶ ଅର୍ଥାତ୍ ଶ୍ୱେତ କାନ୍ତିର ଆକର କି ସ୍ଥାନ ଅଟେ ।

କବି ଭାରତୀକୀ ଅଗୋଚର ଛବି ଯାର ।
ସୁମନାବୃନ୍ଦବନ୍ଦିତ ଏଣୁ ନିରନ୍ତର ।୩।
ମହାଶୟ ବଳବପୁ ପରେ ଚାପଧର ।
ଛଳଭଙ୍ଗ କରନ୍ତି କାତର ଅରି-ପୁର ।୪।

---

ଲକ୍ଷଣଚନ୍ଦ୍ର—କଳଙ୍କଯୁକ୍ତ ଯେ ଚନ୍ଦ୍ର—ସେହି ସେ ଅଳସ ଅନୁସର ଯାହାର ଏବଂ ମୁଖ ଯାହାଙ୍କର ଅର୍ଥାତ୍ ଚନ୍ଦ୍ରଙ୍କଠାରୁ ତାଙ୍କର ମୁଖ ସୁନ୍ଦର ।

୩। ରାମ ପକ୍ଷେ:—କବି ଯେ ବାଲ୍ମୀକି ତାଙ୍କ ଭାରତୀରୁ—ବଚନରୁ; ଅଗୋଚର—ଅଜ୍ଞାତ; ଛବି—ମୂର୍ତ୍ତି, କାନ୍ତି ଯାହାର । ସୁମନାବୃନ୍ଦ—ଦେବସମୂହ । ବନ୍ଦିତ—ପୂଜିତ । ନିରନ୍ତର—ସର୍ବଦା ।

ପଣ୍ଡୁପ୍ରିୟ ପକ୍ଷେ:—କବି—କାବ୍ୟକର୍ତ୍ତା ତାଙ୍କର ଭାରତୀ ଯେ ଭାଷା ତହିଁର ଅଗୋଚର—ଅଜଣା—ଛବି ଯେ କାନ୍ତି ଯାହାର । ସୁମନାବୃନ୍ଦ—ମନସ୍ୱୀ ସମୂହ—ତାଙ୍କଦ୍ୱାରା ବନ୍ଦିତ—ପୂଜିତ ।

ବଳରାମ ପକ୍ଷେ:—କବି ଯେ ଶୁକ୍ର; ଭାରତୀ ଯେ ସରସ୍ୱତୀ ସେ ଦୁହିଁଙ୍କ ଅଗୋଚର—ଅନାଶ୍ରୟ, ଛବି—ଶୋଭା ଯାହାଙ୍କର ଅର୍ଥାତ୍ ଶୁକ୍ର ଓ ସରସ୍ୱତୀ ସେ ଧୂ-ଳି ହିମ ଶୋଭାକୁ ସମାନ ନୁହନ୍ତି । ଉଭୟ-ଶୁଭ୍ରବର୍ଣ୍ଣ ଅଟନ୍ତି ବା ଉଭୟଙ୍କ ବର୍ଣ୍ଣନାୟ ଅତୀତ । ସୁମନାବୃନ୍ଦ—ସାଧୁବୃନ୍ଦ (ବି. ଗୋପୀ ମତେ) ।

୪। ରାମ:—ମହାଶୟ ବଳବପୁ ପରେ—ମହାଶୟ ବଳି—ଅତିଶୟ ବଳ ଯାହାର ଏବଂ ବପୁ—ଶରୀର ଯେ ରାବଣ ତା ଉପରେ ଚାପ ବା କୋପ ଧର—ଧନୁର୍ଦ୍ଧର ହେଲ ବା କ୍ରୋଧ ପ୍ରକାଶ କଲ । ଛଳି—ଶତ୍ରୁ ରାଜା ସୁବାହୁ ସେଠାରେ ଯାହାର ଭଙ୍ଗ ଯେ ଭେଦ ବା ନାଶ କରିବାରୁ (ଛଳଭଙ୍ଗ—ରାଜ୍ୟଚ୍ୟୁତି, ରାଜନୀତିର ଦୃଷ୍ଟ) । ଅରିପୁର—ଲଙ୍କାପୁରସ୍ଥ ଜନମାନେ । କାତର—ଅଧୀର ।

ପଣ୍ଡୁପ୍ରିୟ ପକ୍ଷେ:—ହେ ମହାଶୟ ବଳ—ଅତ୍ୟଧିକ ବଳଶାଳୀ; ବପୁପରେ କୋପଧର—ବପୁ ଯେ ଶତ୍ରୁ ଧାର୍ତ୍ତରାଷ୍ଟ୍ରଗଣ ସେମାନଙ୍କ ଉପରେ କୋପକାରୀ । ଛଳଭଙ୍ଗ—ଶତ୍ରୁନାଶ ତାହା କରିବାରୁ କାତର ହେଲେ ଅରିପୁର ।

ବଳରାମଙ୍କ ପକ୍ଷେ—ହେ ମହାଶୟ—ମହାନ୍ ଅଟେ ଆଶୟ ଅଭିପ୍ରାୟ ଯାହାଙ୍କର, ଉଦାରଚରିତ; ବଳ—ବଳ ବୋଲି ନାମ ଯାହାର । ଅରିପୁର ଛଳ—ଅରିପୁର ହେଲା ଭୂମଣ୍ଡଳ, ଭଙ୍ଗ—ଭେଦ କରିବାରୁ କାତର ହେଲେ, ଏଠାରେ ଅରିପୁର—ଦୁର୍ଯ୍ୟୋଧନପୁରସ୍ଥ ଜନମାନେ । ଭୂମଣ୍ଡଳକୁ ଛଳ କହନ୍ତି; ଯଥା—ଛଳପାତ

ସହସ୍ରକର ଜନକହର ତେଜବାନ ।
ହରିପକ୍ଷ ସଦାନନ୍ଦ ତୋଷ ବର୍ଦ୍ଧନ ହେ ।୧।
ଏସ ପ୍ରଭୁ କଞ୍ଜଚରଣେ କରି ଭକ୍ତପର ।
ଭଞ୍ଜ ବୀରବର କବି ମାନସଭ୍ରମର ହେ ।୨।

---

(ଲୋକନାଶ) ସହସ୍ରାର୍ଜ୍ଜୁନଙ୍କୁ ସମସ୍ତ କରିବାରୁ ଋଷି-ପୁତ୍ରମାନେ ଶୁଦ୍ଧମନ ହୋଇ ସୁସ୍ଥ ହୋଇଥିଲେ—କଳିଯୁଗ ବୃଦ୍ଧି ହୋଇ ହସ୍ତିନାପୁରରୁ ମୁଖଳରେ ତାଡ଼ିବାରୁ ଉଦ୍ଧତ ମୃତ୍ୟୁ ଦୁର୍ଯ୍ୟୋଧନାଦି ସମସ୍ତେ ସ୍ୱର୍ଗସ୍ଥ ହୋଇଥିଲେ ।

୧ । ପ୍ରଥମ ପକ୍ଷେ:—ସହସ୍ରକର ଜନକହର ତେଜବାନ—ସହସ୍ରକର—ସୂର୍ଯ୍ୟ, ଜନକ—ତେଜକୁ ଆକର୍ଷଣ ହରଣକାରୀ ଯେ ଅଗ୍ନି, ସୂର୍ଯ୍ୟଙ୍କୁ ଜିନି ତେଜସ୍ୱର । ହରିପକ୍ଷ—ସୁଗ୍ରୀବାଦି ମର୍କଟମାନଙ୍କର ସହାୟ । ସଦା ଆନନ୍ଦଯୁକ୍ତ ଯେ ଯୋଗିଜନ ସେମାନଙ୍କର ସୁଖକୁ ବର୍ଦ୍ଧନକାରୀ (ରମନ୍ତେ ଯୋଗିନୋ ଯସ୍ମିନ୍ ସ ରାମଃ) ବା ସଦାନନ୍ଦ ଯେ ମହାଦେବ ତାଙ୍କ ତୋଷ ବର୍ଦ୍ଧନକାରୀ ।

ଦ୍ୱିତୀୟ ପକ୍ଷ:—ସହସ୍ର କର—ସହସ୍ରାର୍ଜ୍ଜୁନ ତାର ଜନକ—ତାଙ୍କ ଭାର ହରଣକାରୀ । ତେଜୋବାନ୍—ତେଜସ୍ୱୀ । ହରିପକ୍ଷ—ହରି ଯେ ଭଗବାନ୍ ସେ ପକ୍ଷ ବା ବଳ ଯାହାଙ୍କର—ବିଷ୍ଣୁଙ୍କର ଅବତାର ହେଲୁ । ସଦାନନ୍ଦ—ସନ୍ଧ୍ୟାକାଳରେ ଆନନ୍ଦଯୁକ୍ତ ଓ ଚୋବେଦାର୍ଥକ—କୁମ୍ଭଦାନ କରିବାକୁ କର୍ଣ୍ଣପଙ୍କର ସନ୍ତୋଷକୁ ବଢ଼ାଇଥିଲ ବା ସଦାନନ୍ଦ ଯେ ମହାଦେବ ତାଙ୍କର ଶିଷ୍ୟ ହୋଇ ତାଙ୍କର ଆନନ୍ଦ ବଢ଼ାଇଥିଲ ।

ତୃତୀୟ ପକ୍ଷ :—ସହସ୍ରକର—ର କନକ ହର ତେଜୋବାନ୍—ସହସ୍ର ସଂଖ୍ୟକ ମସ୍ତକ ଯାହାଙ୍କର ଏବମ୍ଭୂତ ଯେ ଶେଷ ଅର୍ଥାତ୍ ଶଙ୍କର ତାଙ୍କର ଜନକ—ଗର୍ବ ତାକୁ ହରଣ କରିବ ଯେ ତେଜ ସେଥିରେ ଯୁକ୍ତ—ମହାଦେବଙ୍କ ଗର୍ବ ହରଣ କରିବାରେ ତେଜସ୍ୱୀ ବା ବାଣାସୁରର ଗର୍ବ ନାଶକାରୀ ଓ ତେଜସ୍ୱୀ । ହରିପକ୍ଷ—ଅର୍ଜ୍ଜୁନ ଯେ ଶ୍ରୀକୃଷ୍ଣ ତାଙ୍କର ପକ୍ଷ । ସଦା—ସର୍ବଦା ନନ୍ଦ ଯେ ବ୍ରଜବାସୀ ତାଙ୍କର ତୋଷ ବର୍ଦ୍ଧନକାରୀ ଅଟ । ( ସହସ୍ରକର—ସୂର୍ଯ୍ୟ, ସହସ୍ରାର୍ଜ୍ଜୁନ ଓ ଶେଷଦେବ ବା ବାଣାସୁର) ।

୨ । କଞ୍ଜଚରଣେ—ପଦ୍ମରୂପ ପଦରେ ବା ପଦ୍ମ ସଦୃଶ ପାଦରେ (ମଧ୍ୟ: କ: ବା ରୂପକ ସମାସ) । ଭକ୍ତପର—ସେବା । ମାନସଭ୍ରମର—ମାନସ ରୂପ

ମୂର୍ତ୍ତିବନ୍ତ ତବ ମୃଦୁ ଗୀତ ବର୍ଣ୍ଣନ ।
ଏଣୁ ତହିଁ ଥିବ ଅଳଙ୍କାରଯୁକ୍ତ ହୋଇ । ୭ ।

ପଦ ସରଳ ଧ୍ୱନିରେ ଶ୍ରବଣ ମୋହିବ ।
ଅର୍ଥୀଜନପ୍ରକରଙ୍କୁ ଆନନ୍ଦ କରିବ ସେହ । ୮ ।

ଡଲଳରେ ସାବର୍ଣ୍ଣ୍ୟ ଯା ବ୍ୟାକରଣେ ଲେଖା ।
ସ୍ମରି ଚିତ୍ତେ ଭାବି ଏଥି ଗୀତ ହିତ ପାଇଁ ସେ । ୯ ।

ବୁଝାଇଲେହିଁ ଜଡ଼ଜନ ସ୍ୱାଦକୁ ପାଇବ ।
ଖଳ ଖର ଚୂତାଙ୍କୁର ସ୍ୱାଦେକି ଜାଣିବ ସେହ । ୧୦ ।

---

ଭ୍ରମର, ମନରୂପ ଭ୍ରମର । ପଦ୍ମରେ ଭ୍ରମର ଲାଗି ରହିଲା ପରି ମୋ ମନ ରାମଙ୍କ ପାଦପଦ୍ମରେ ସର୍ବଦା ଲାଗିରହୁ ।

୭ । ମୃଦୁ ଗୀତ—କୋମଳ ମଧୁର ଗୀତସଦୃଶ ରୂପ କାବ୍ୟ ତୁମ୍ଭର ମୂର୍ତ୍ତିଧାରୀ । ଯେପରି ସୌନ୍ଦର୍ଯ୍ୟଧାରୀର ଦେହରେ ଅଳଙ୍କାର ଥାଏ ସେହିପରି ଏ କାବ୍ୟରେ ଅଳଙ୍କାରମାନ ଅଛି । (ଏଠାରେ ଅଳଙ୍କାର ଶବ୍ଦ ରସ, ଗୁଣ, ରୀତି, ବୃତ୍ତି, ଦୋଷ, ଅଳଙ୍କାର ଆଦି ସାଧାରଣ ଭାବରେ ବୁଝାଉ ଯଥା 'ଅଳଙ୍କାର ଶାସ୍ତ୍ର' ।

୮ । ପଦ—ପ୍ରତ୍ୟୟାନ୍ତ ଶବ୍ଦକୁ କହନ୍ତି (ସୁପ୍‌ତିଙନ୍ତଂ ପଦମ୍)—ସେ ପଦମାନ ସରଳ—ଧ୍ୱନିରେ—ଶବ୍ଦରେ । ଶ୍ରବଣ—କର୍ଣ୍ଣ । ମୋହିବ—ତୃପ୍ତ କରିବ । ଅର୍ଥୀଜନପ୍ରକରଙ୍କୁ—(ଅର୍ଥ କରୁ ଲୋକ ଯେ ଅର୍ଥୀ—ପଣ୍ଡିତ । ପ୍ରକର—ସମୂହକୁ ) ପଣ୍ଡିତମାନଙ୍କୁ ଆନନ୍ଦ ପ୍ରଦାନ କରିବ । ପଦ ସରଳ ହେଲେହେଁ ବ୍ୟଞ୍ଜନା ବୃତ୍ତିରେ ଗୂଢ଼ାର୍ଥ ପ୍ରଦାନ କରି ପଣ୍ଡିତମାନଙ୍କ ମନରେ ସନ୍ତୋଷବିଧାନ କରିବ ।

୯ । ଡ ଲ ଓ ଳ ବର୍ଣ୍ଣମାନଙ୍କୁ ସମାନ ବର୍ଣ୍ଣ କହନ୍ତି—ଏହା ବ୍ୟାକରଣରେ ଲେଖା ଅଛି । ସ୍ମରି ଚିତ୍ତେ—ନିଜ ମନରେ; ଏଣୁ ବ୍ୟାକରଣର ଏହି ଲକ୍ଷଣକୁ ଲକ୍ଷ୍ୟ କରି । ହିତ ପାଇଁ—କାବ୍ୟର ଓ ଲେଖକଙ୍କର ମଙ୍ଗଳ ପାଇଁ ।

୧୦ । ମୂର୍ଖଙ୍କୁ ବୁଝାଇଲେ ସେ ମଧ୍ୟ ଅର୍ଥ ବୁଝିବ, କିନ୍ତୁ ଖଳ (ଦୁଷ୍ଟ) ଖର (ଗଧ) ଯେପରି ଚୂତାଙ୍କୁର—ଆମ୍ବ ବଉଳକୁ ଚିହ୍ନ ଦେବ, କିନ୍ତୁ ବୁଝିବ ନାହିଁ—ତାର ଆସ୍ୱାଦ ପାଇବ ନାହିଁ; ନ ଜାଣିବ ପାଠ ଗ୍ରହଣ କଲେ—ଯେପରି ଗଧ ଚୂତାଙ୍କୁରକୁ ଖାଏ ନାହିଁ, ସେହିପରି ଦୁଷ୍ଟ ଲୋକ ଏ କାବ୍ୟର ରସ ଗ୍ରହଣ କରିବ ନାହିଁ ।

ମଧୁ ମଣ୍ଡି ଭୁଞ୍ଜିଲେ ଅମୃତାଦର ସୁରେ ।
କରନ୍ତି ସେମନ୍ତ ସାଧୁଜନେ ଏସ ପ୍ରକାରେ ଏହ । ୧୧ ।

ଏହେ ଶିଶୁ ଭୁଣିଲ ବଣିଲ ସୁମଧୁର ।
ଶ୍ରୁତିବଦନରେ ପାନ କର ବୁଧ ନର ଏହ । ୧୨ ।

ଧନେ ଅଳକାପୁରେ ବସି ଏକାନ୍ତେ ଲବଙ୍ଗ ।
ପଶାରଙ୍ଗେ ରଖିବାକୁ ହୃଦରଙ୍ଗେ ବସ୍ତୁର ଏହ । ୧୩ ।

ଏକା କନ୍ୟା ଏ ଅଦ୍ଭୁତେ ମର୍ତ୍ତ୍ୟ ଜାତ ହେଲି ।
ଭୁବନରେ ସମରେ ତ୍ରିଲୋକରେ ନ ଥାଇ । ୧୪ ।

ଯେ ଜଗତଜନନୀ ଯେ ଧନ୍ଦ ମନୋରଥ ।
ତାର ଦିବ୍ୟ ସୁନ୍ଦରୀ କିମ୍ପାଇଁ ହେବ ବ୍ୟର୍ଥ । ୧୫ ।

ଅଙ୍ଗ କି ସୁଣଂସିବା ଉମାଙ୍କୁ ଜିଣୁ ଯାଇ ।
ଶାମ୍ବୁକେଁ ମୁକ୍ତା ଜାତ ହୋଇଲ ପ୍ରକାର ଯେ । ୧୬ ।

---

୧୧ । ସୁରେ—ଦେବତାମାନେ । ମଧୁମଣ୍ଡି ଭୁଞ୍ଜିଲେ—ମହୁକୁ ଯେପରି ଅମୃତବତ୍ ଆଦର କରନ୍ତି, ସେପରି ସାଧୁଜନମାନେ ଦୋଷ ଥିଲେହେଁ ମୋର ଏ କାବ୍ୟକୁ ରସ ଓ ଗୁଣପ୍ରାପ୍ତିରେ ଆଦର କରିବେ ।

୧୨ । ଶିଶୁ ଭୁଣିଲ—ମନ୍ଦ ଭୁଣିବା ଏହି ଅତି ମନୋହର ଲଳିତ କାବ୍ୟକୁ । ଶ୍ରୁତିରୂପ ବଦନରେ—କର୍ଣ୍ଣରୂପ ମୁଖରେ ପାନ କର । ଏ ମନୋହର କାବ୍ୟକୁ ମନରେ ଶାନ୍ତିମନ ନେଇ ଶ୍ରବଣ କରିବା ହେଉ ।

୧୩ । ଅଳକାପୁର—କୁବେରଙ୍କ ପୁର । ଏକାନ୍ତେ—ଏକୁଟିଆ ହୋଇ । ଲବଙ୍ଗ—ପାଶା । ପଶାରଙ୍ଗେ—ପଶା ଖେଳରେ । ରଖିବାକୁ—ଖୁସିରେ ସମୟ କଟାଇବାକୁ ।

୧୪ । ଅଦ୍ଭୁତେ—ଆଶ୍ଚର୍ଯ୍ୟ ଭାବରେ । ଭୁବନରେ—ତନୁସଙ୍ଗରେ । ସମରେ—ତୁଳ୍ୟ, ସାଦୃଶ୍ୟରେ । ତ୍ରିଲୋକରେ—ତିନି ଭୁବନରେ; ସ୍ୱର୍ଗରେ, ମର୍ତ୍ତ୍ୟରେ ଓ ପାତାଳରେ ।

୧୫ । ଜଗତଜନନୀ—ପୃଥିବୀର ମାତା । ମନୋରଥ—ଇଚ୍ଛା । ଦିବ୍ୟ ସୁନ୍ଦରୀ—ପରମ ଲାବଣ୍ୟମୟୀ କନ୍ୟା । ବ୍ୟର୍ଥ—ଅକାରଣ ବା ଭଲ କାହିଁକି ଅକାରଣ ହେବ ।

୧୬ । ଉମାଙ୍କୁ—ପାର୍ବତୀଙ୍କଠାରୁ । ଶାମ୍ବୁକେଁ—ଶାମୁକାରୁ ; ଶାମୁକାରୁ ଜାତ ମୁକ୍ତା ଯେପରି ଶାମୁକାଠାରୁ ସୁନ୍ଦର ଓ ମୂଲ୍ୟବାନ୍, ସେପରି ଏ କନ୍ୟା ପାର୍ବତୀଙ୍କଠାରୁ ବେଶି ସୁନ୍ଦରୀ ।

ବାଞ୍ଛାକୁ ଉପୁଜି ବାଞ୍ଛାବତୀ ନାମେ ହେବ ।
ଖେଳେ ବୋଲାଇଲେ ମତ୍ତ ଦୁର୍ବର୍ଷ ବଶେ ଉର୍ଦ୍ଧ୍ୱ ଯେ । ୧୭ ।
ଏ ସମୟେ ଶୁଭିଲା ଡମରୁ ଶବ୍ଦନାଦ ।
ପାର୍ବତୀ ମନେରେ ଜାତ ଏମନ୍ତ ବିଷାଦ ଯେ । ୧୮ ।
ହରନେତ୍ରଗତ ଯେବେ ହେବ ଏ ଗୋରାଙ୍ଗୀ ।
ଚିତ୍ତ ଥିନା ମୋହର ସୁହାଗୀପଣ ଭଙ୍ଗେ । ୧୯ ।
ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ ।
ଏ ସଂସାର ଅନ୍ତ ଖେଳଘରର ସଦୃଶ । ୨୦ ।
କିନ୍ତୁ କାଳ ଅଗମ୍ୟ ଅଭେଦ୍ୟ ଏହୁ ଥାଉ ।
କଳ୍ପାନ୍ତେ ସ୍ୱଭୂତସଙ୍ଗ ବିଳାସକୁ ପାଉ ଯେ । ୨୧ ।
ଗଣଦେବୀ ଜାଣିକୁ ଏମନ୍ତ ଆଜ୍ଞା ଦେଲେ ।
ସେ ନେଇ ଘୋର କାନନେ ପୁରଏକ ରଚିଲେ ଯେ । ୨୨ ।
ଉର୍ଦ୍ଧ୍ୱ ରଖି କହିଲେ ଲଙ୍ଘିବୁ ଯେବେ ଦ୍ୱାର ।
କିନ୍ତୁ ଭାଗେ ପ୍ରାଣୀ ଯଦି ଦେଖିବ ତୋହର ଯେ । ୨୩ ।

---

୭ । ବାଞ୍ଛାକୁ—ଇଚ୍ଛାକୁ । ଉପୁଜି—ଜନ୍ମି ।

୮ । ଶବ୍ଦନାଦ—ଗୁରୁଗମ୍ଭୀର ସ୍ୱର । ମନେରେ—ମନରେ । ବିଷାଦ—ଦୁଃଖ ।

୯ । ହରନେତ୍ରଗତ—ମହାଦେବଙ୍କ ଆଖିରେ ଯେବେ ଏ ପଡ଼ିବ । ଗୋରାଙ୍ଗୀ—ସୁନ୍ଦରୀ । ସୁହାଗୀପଣ—ସ୍ୱାମୀଙ୍କର ସ୍ନେହଭାବ, ପ୍ରିୟବାଲ୍ଲଭ୍ୟ ।

୦ । ବିଷବୃକ୍ଷ ସ୍ଥାପି—ବିଷବୃକ୍ଷ ଲଗାଇ ତାକୁ ଛେଦନ କଲେ ଦୋଷ ଲାଗେ ହୁଏ । "ବିଷବୃକ୍ଷୋଽପି ସମ୍ବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାମ୍ପ୍ରତମ୍" କୁମାରସମ୍ଭବ । ମୁଁ ଏ କନ୍ୟାକୁ ଜାତ କରିଛି । ମୋ ସ୍ୱାମୀ ମହାଦେବ ଏହାକୁ ଦେଖିଲେ ଏହାର ପ୍ରଣୟରେ ପଡ଼ିବେ, ମୋର ଦଶା ମୁଣ୍ଡଠାରୁ ବଳି ପଡ଼ିବ, ଏ କନ୍ୟା ଶିବର କାମୀ କରିବ, ତେବେ କଣ ଏହାକୁ ନାଶ କରିବି । ଏହାକୁ ନାଶ କଲେ ମୋର ପାପ ହେବ । ଏ ସଂସାର ଅନ୍ତର ଖେଳଘର ପରି । ସବୁ ମାୟାରେ ଆଚ୍ଛାଦ । ୨୧ । ତେଣୁ କିଛି କାଳ ଦେବଙ୍କ ପ୍ରବେଶର ଅଯୋଗ୍ୟ ଦେଶର ବନରେ ରହି ଅନ୍ୟ କଳ୍ପରେ ସ୍ୱଭୂତସଙ୍ଗ ସୁଖକୁ ପାଉ । ( ସଙ୍ଗବିଳାସ—ସଙ୍ଗଲୀଳା ) । ୨୨ । ଗଣଦେବୀ—ଅଧିଷ୍ଠାତ୍ରୀ ଦେବୀ । ଘୋର କାନନେ—ଗହନ ବନରେ । ପୁର—ପତ୍ତନ, ନଗର । ରଚିଲେ—ନିର୍ମାଣ କଲେ ।

ମଧୁ ମକ୍ଷି ଉଚ୍ଛିଷ୍ଟେ ଅମୃତ ଆଦର ସୁରେ ।
କରନ୍ତି ଯେସନନ୍ତ ସାଧୁଜନେ ଦୋଷ ପ୍ରକାରେ ହେ ।। ୧୧ ।।

ଏହେବ ଶିଶୁ ଲୁଚିତ ରଚିତ ସୁମଧୁର ।
ଶ୍ରୁତିବଦନରେ ପାନ କର ବୁଧ ନର ହେ ।। ୧୨ ।।

ଧନେଦ ଅଳକାରେ ବସି ଏକାନ୍ତେ ଗଉସ୍ତ ।
ପଶାରଙ୍ଗେ ରସିବାକୁ ସ୍ମରଙ୍କ କରୁଣ ହେ ।। ୧୩ ।।

ଏକ କନ୍ୟା ଏ ଅଦ୍ଭୁତେ ମର୍ତ୍ତ୍ୟ ଜାତ ହେବ ।
ସୁଷମାରେ ସମରେ ତ୍ରିଲୋକରେ ନ ଥିବ ।। ୧୪ ।।

ହେ ଜଗତଜନନୀ ତୋର ଭଲ ମନୋରଥ ।
କାହିଁ ଦିବ୍ୟ ସୁବେଶା କିମ୍ପାଇଁ ହେବ ବ୍ୟର୍ଥ ।। ୧୫ ।।

ଅଜ କି ପ୍ରଶଂସିବା ଉମାଙ୍କୁ ଜନ୍ମ ଯାର ।
ଶାମୁକ୍ତି ମୁକ୍ତା ଜାତ ହୋଇଲା ପ୍ରକାର ସେ ।। ୧୬ ।।

---

୧୧ । ସୁରେ—ଦେବତାମାନେ । ମଧୁମକ୍ଷି ଉଚ୍ଛିଷ୍ଟେ—ମହୁକୁ ଯେପରି ଅମୃତବତ୍ ଆଦର କରନ୍ତି, ସେପରି ସାଧୁଲୋକମାନେ ଦୋଷ ଥିଲେହେଁ ମୋର ଏ କାବ୍ୟକୁ ଭକ୍ତି ଓ ଶ୍ରଦ୍ଧାରେ ଆଦର କରିବେ ।

୧୨ । ତତ୍ତ୍ୱ ଲୁଚିତ—ମନକୁ ରୁଚିବା ଏହି ଅତି ମନୋହର ରଚିତ କାବ୍ୟକୁ । ଶ୍ରୁତିରୂପ ବଦନରେ—କର୍ଣ୍ଣରୂପ ମୁଖରେ ପାନ କର । ଏ ମନୋହର କାବ୍ୟକୁ ମନରେ ମନୋଯୋଗ ଦେଇ ଶ୍ରବଣ କରିବା ହେଉ ।

୧୩ । ଅଳକାରେ—କୁବେରଙ୍କ ପୁରରେ । ଏକାନ୍ତେ—ଏକୁଟିଆ ହୋଇ । ଗଉସ୍ତ—ପାର୍ବତୀ । ପଶାରଙ୍ଗେ—ପଶା ଖେଳରେ । ରସିବାକୁ—ଖୁସିରେ ସମୟ କଟାଇବାକୁ ।

୧୪ । ଅଦ୍ଭୁତେ—ଆଶ୍ଚର୍ଯ୍ୟ ଭାବରେ । ସୁଷମାରେ—ପରମଶୋଭାରେ । ସମରେ—ତୁଲ୍ୟ, ସାଦୃଶ୍ୟରେ । ତ୍ରିଲୋକରେ—ତିନି ଭୁବନରେ; ସ୍ୱର୍ଗରେ, ମର୍ତ୍ତ୍ୟରେ ଓ ପାତାଳରେ ।

୧୫ । ଜଗତଜନନୀ—ପୃଥିବୀର ମାତା । ମନୋରଥ—ଇଚ୍ଛା । ଦିବ୍ୟ ସୁବେଶା—ପରମ ଲାବଣ୍ୟମୟୀ କନ୍ୟା । ବ୍ୟର୍ଥ—ଅକାରଣ ବା ଉଲୁ କାହିଁକି ଅକାରଣ ହେବ ।

୧୬ । ଉମାଙ୍କୁ—ପାର୍ବତୀଙ୍କଠାରୁ । ଶାମୁକ୍ତି—ଶାମୁକାରୁ; ଶାମୁକାରୁ ଜାତ ମୁକ୍ତା ଯେପରି ଶାମୁକାଠାରୁ ସୁନ୍ଦର ଓ ମୂଲ୍ୟବାନ୍, ସେପରି ଏ କନ୍ୟା ପାର୍ବତୀଙ୍କଠାରୁ ବେଶି ସୁବେଶା ।

ବାଞ୍ଛାରୁ ଉତ୍ପତ୍ତି ବାଞ୍ଛାବତୀ ନାମ ଦେଇ ।
ଏଣେକ ଭଣାଇଲେ ମାତ ଦୁଃଖେ କହି ଉମା ଯେ । ୧୭ ।
ଏ ସମୟେ ଶୁଭିଲା ଡମରୁ ଶବ୍ଦନାଦ ।
ପାର୍ବତୀ ମନରେ ଜାତ ଏମନ୍ତ ବିଷାଦ ଯେ । ୧୮ ।
ହରନେତ୍ରାଗ୍ନି ଯେବେ ଦେଖିବ ଏ ଷୋଡ଼ଶାଙ୍ଗୀ ।
ଯିବ ସିନା ପୋଡ଼ିବ ସୁହାଗୀପଣ ଭାଙ୍ଗି । ୧୯ ।
ବିଷବୃକ୍ଷ ଲଗାଇ ନାଶ କରିବାର ଦୋଷ ।
ଏ ସଂସାର ଅମୃତ ଶୈଳପତିର ସନ୍ତୋଷ । ୨୦ ।
କିନ୍ତୁ କାଳ ଅଗମ୍ୟ ଅବିଶେଷ ଏଥି ଥାଇ ।
କଳ୍ପାନ୍ତେ ପୁରୁଷଙ୍କ ବିଳାସକୁ ପାଇ ଯେ । ୨୧ ।
ଗଣଦେବୀ କନ୍ୟାକୁ ଏମନ୍ତ ଆଜ୍ଞା ଦେଲେ ।
ସେ ନେଇ ସେ'ଠ ଭାବନେ ପୂର୍ବେକ କଲେ ଯେ । ୨୨ ।
ଉର୍ଦ୍ଧ୍ୱ ଋଷି କହିଲେ ଲଗ୍ନରୁ ଯେବେ ଦ୍ୱାର ।
କିନ୍ତୁ ଭାବେ ପ୍ରାଣ ଧର ହୋଇବ ଉଦ୍ଧାର ଯେ । ୨୩ ।

---

୧୭ । ବାଞ୍ଛାରୁ—ଇଚ୍ଛାରୁ । ଉତ୍ପତ୍ତି—ଜନ୍ମ ।

୧୮ । ଶବ୍ଦନାଦ—ଗୁରୁଗମ୍ଭୀର ସ୍ୱର । ମଣ୍ଡପେ—ମନରେ । ବିଷାଦ—ଦୁଃଖ ।

୧୯ । ହରନେତ୍ରାଗ୍ନି—ମହାଦେବଙ୍କ ଆଖିରେ ଯେବେ ଏ ପଡ଼ିବ । ଷୋଡ଼ଶାଙ୍ଗୀ—ଯୁବତୀ । ସୁହାଗୀପଣ—ସ୍ୱାମୀଙ୍କର ସ୍ନେହପାତ୍ର, ସୌଭାଗ୍ୟ ।

୨୦ । ବିଷବୃକ୍ଷ ଲଗାଇ—ବିଷବୃକ୍ଷ ଲଗାଇ ତାକୁ ଛେଦନ କଲେ ଦୋଷ ଭାଗୀ ହୁଏ । "ବିଷବୃକ୍ଷୋଽପି ସମ୍ବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାମ୍ପ୍ରତମ୍" ଭଳି ସମ୍ଭବ । ମୁଁ ଏ କନ୍ୟାକୁ ଜାତ କରିଛି । ମୋ ସ୍ୱାମୀ ମହାଦେବ ଏହାଙ୍କୁ ଦେଖିଲେ ଏହାର ସ୍ତନସ୍ପର୍ଶେ ଜଳିବେ, ମୋର ଦଶା ମୃତ୍ୟୁଠାରୁ ବଳି ପଡ଼ିବ, ଏ କନ୍ୟା ବିଷର କାର୍ଯ୍ୟ କରିବ, ତେବେ କଣ ଏହାକୁ ନାଶ କରିବି । ଏହାକୁ ନାଶ କଲେ ମୋର ପାପ ହେବ । ଏ ସଂସାର ଅମୃତ ଶୈଳପତିର ଦତ୍ତ । ସବୁ ମାୟାରେ ଅବସ୍ଥିତ । ୨୧ । କିନ୍ତୁ କିଛି କାଳ ବୈଦ୍ୟଙ୍କ ପ୍ରବେଶର ଅଯୋଗ୍ୟ ଘୋର ବନରେ ରହି ଅନ୍ୟ ଜନ୍ମରେ ପୁରୁଷଙ୍କ ସୁଖକୁ ପାଇ । (ପଦବିଳାସ—ପଦଭଙ୍ଗୀ) । ୨୨ । ଗଣଦେବୀ—ଅନ୍ନପୂର୍ଣ୍ଣା ଦେବୀ । ଘୋର କାନନେ—ଗହନ ବନରେ । ପୁର—ମନ୍ଦିର, ନଗର । ରଚିଲେ—ନିର୍ମାଣ କଲେ ।

ଯେପରି ପ୍ରକୃଷ୍ଟ ଫଳ ଗ୍ରହଣ କରିବ ।
ଆନ ତନୁ ପ୍ରାପ୍ତରେ ସେ ପତି ହୋଇବ ସେ । ୧୪ ।

ଏତେ କହି ସେ ଦେବୀ ହୋଇଲେ ତିରୋହିତ ।
ଗହନରେ କାଞ୍ଚିବତୀ ଦିବ୍ୟପୁରେ ସ୍ଥିତ ସେ । ୧୫ ।

ଏମନ୍ତରେ ଗଲା ତାହିଁ କେତେ ସମ୍ବତ୍ସର ।
ପ୍ରଶ୍ନକର ନାମେ ଏକ ଋଷିସୁକୁମାର ସେ । ୧୬ ।

ତପ ତା ଅକଥନୀୟ ଦିବ୍ୟ ନାରୀଗଣେ ।
ପଞ୍ଚାଗ୍ନି ସ୍ଥାପନ କରେ ତପଋତୁ ମଧ୍ୟେ । ୧୭ ।

ପ୍ରାବୃଟ କାଳରେ ସୁଖୋଦରକୁ ନ ଯାଇ ।
ଝଞ୍ଜାବାତ ଜଳପାତ କରକା ସହିଲ ସେ । ୧୮ ।

ଶୀତେ ଜଳଶାୟୀ ଭୂମିଶଯ୍ୟା ବସନ୍ତେନେ ।
ମୃତ୍ତିକା ଶଙ୍କର ପୂଜା କରେ ପ୍ରତିଦିନେ ସେ । ୧୯ ।

---

୧୩ । ଲଂଘିବୁ—ଛାଡ଼ିଦେବ, ଡେଇଁଯିବୁ । ପ୍ରାଣହତ—ମୃତ୍ୟୁ । ୧୪ । ପ୍ରକୃଷ୍ଟ ଫଳ—ଉତ୍କୃଷ୍ଟ ଫଳ, ପତିରୂପେ ବରଣ କରିବ । ତନୁ—ଦେହ । ପତି—ସ୍ୱାମୀ ।

୧୫ । ତିରୋହିତ—ଅନ୍ତର୍ହିତ । ଗହନରେ—ବନରେ । ଦିବ୍ୟପୁରେ—ସୁନ୍ଦର ଭବନରେ ।

୧୬ । ସମ୍ବତ୍ସର—ବର୍ଷ । ଋଷିସୁକୁମାର—ଋଷିଙ୍କ ସନ୍ତାନ । ୧୭ । ତପ—ତପସ୍ୟା । ଅକଥନୀୟ—ଅମାପ । ଦିବ୍ୟନାରୀ—ପରମା ସୁନ୍ଦରୀ ସ୍ତ୍ରୀ । ଗଣେ—ଶ୍ରେଷ୍ଠରେ, ଗୁଣ ଶ୍ରେଷ୍ଠରେ । ପଞ୍ଚାଗ୍ନି—ଅଗ୍ନ୍ୟାଧାନ ଏଠାରେ—ଦକ୍ଷିଣ, ଗାର୍ହପତ୍ୟ, ଆହବନୀୟ, ସଭ୍ୟ ଓ ଆବସଥ୍ୟ । ଚାରି ପାଖରେ ଚାରି ଅଗ୍ନି ଓ ଆକାଶରେ ସୂର୍ଯ୍ୟ; ତପଋତୁ—ଗ୍ରୀଷ୍ମଋତୁ ଜ୍ୟେଷ୍ଠ ଓ ଆଷାଢ଼ ମାସ । ୧୮ । ପ୍ରାବୃଟକାଳରେ—ବର୍ଷା ଋତୁରେ । ଶ୍ରାବଣ ଓ ଭାଦ୍ର । ସୁଖୋଦରକୁ—ଘର ଭିତରକୁ । ଝଞ୍ଜାବାତ—ବାତ୍ୟା, ତୋଫାନ । ଜଳପାତ—ବର୍ଷାଧାର । କରକା—କୁଆପଥର ।

୧୯ । ଶୀତେ—ଶୀତଋତୁରେ । ଜଳଶାୟୀ—ପାଣି ଭିତରେ ପଡ଼ି ରହିବା । ଭୂମିଶଯ୍ୟା—ମାଟିରେ ଶୋଇବା । ବସନ୍ତେନେ—ଶୀତ ଋତୁ ପରେ । ମୃତ୍ତିକାଶଙ୍କର—ମାଟିର ମହାଦେବ ।

ସେ ପୁଣ୍ୟତରଙ୍ଗିଣୀ ଅଛି କୂଳ ହୋଇ ତାର ।
କେଦାରେଶ୍ୱର ଦର୍ଶନେ ଚଳ୍ୟ ବଳାହାର ଯେ । ୩୦ ।
ଯାଉଁ ଯାଉଁ ସେ ଅଗମ୍ୟ ଅରଣ୍ୟେ ପଶିଲା ।
ରତ୍ନମୟ ପୁର ସୃଷ୍ଟି ଚିତ୍ତରେ ଭାବିଲା ଯେ । ୩୧ ।
କିନ୍ନରୀ କିନ୍ନର ବା କାହାର ଏଥି ସ୍ଥିତି ।
ଦେଖିବା ବସ୍ତୁରେ ଦେଖେ ପ୍ରାଙ୍ଗଣେ ଯୁବତୀ ଯେ । ୩୨ ।
ଚନ୍ଦ୍ରକୁ ନିନ୍ଦା କରୁଛି ମୁଖହାସକାନ୍ତି ।
ସାରଙ୍ଗକୁ ନିନ୍ଦୁଛି ନୟନ ଭ୍ରୂଲ୍ଲି ଗତି ଯେ । ୩୩ ।
ନାସା-ମଧ୍ୟ ଓଷ୍ଠ ନିନ୍ଦେ ତରୁଣ ହରିକି ।
ଅପବାଦ ଅପସରୁ ଲକ୍ଷ୍ୟ ସେ ନାସ୍ତି କି ଯେ । ୩୪ ।
ଅମର ସମତ୍ରି ଲଭି ନିର୍ନିମେଷ ନାଟନେ ।
ନାସ୍ତି ରୂପ ପିତ୍ତୁଳା ବିଲୋକନ ହେଲା ନେତ୍ରେ ଯେ । ୩୫ ।

---

୩୦ । ପୁଣ୍ୟତରଙ୍ଗିଣୀ—ପୁଣ୍ୟସରୁ । କୂଳ—ଏକତ୍ର । କେଦାରେଶ୍ୱର ଦର୍ଶନେ—ଭଗବାନ ମହାଦେବଙ୍କୁ ଦେଖିବା ନିମନ୍ତେ । ଚଳ୍ୟ ବଳାହାର—ଖାଲି ବଳପୂର୍ବକ ପ୍ରବର୍ତ୍ତାଇଲା ।

୩୧ । ଅଗମ୍ୟ ଅରଣ୍ୟେ—ଗହନ ବନରେ । ଚିତ୍ତରେ ଭାବିଲା—ମନରେ ଭାବିଲା ।

୩୨ । କିନ୍ନରୀ କିନ୍ନର—ଦେବଯୋନିବିଶେଷ; ମନୁଷ୍ୟର ଶରୀର ଓ ମୁଣ୍ଡ ଅଶ୍ୱର; ଏମାନେ କୁବେରଙ୍କର ଅନୁଚର, ବୀଣା ବାଦନରେ ପଟୁ । ପ୍ରାଙ୍ଗଣେ—ଅଙ୍ଗଣରେ । ସ୍ଥିତି—ବାସ । ଯୁବତୀ—ସ୍ତ୍ରୀ । ୩୩ । ମୁଖହାସକାନ୍ତି—ଚନ୍ଦ୍ରମା, କର୍ପୂର ଓ ସୁବର୍ଣ୍ଣ । ମୁଖ ଚନ୍ଦ୍ରକୁ, ହାସ କର୍ପୂରକୁ ଓ କାନ୍ତି ସୁବର୍ଣ୍ଣକୁ ନିନ୍ଦା କରୁଛି । ସାରଙ୍ଗ—ମୃଗ, ଧନୁ ଓ ମତ୍ତହସ୍ତୀ—ନୟନ (ଆଖି) ମୃଗକୁ, ଭ୍ରୂ (ଭ୍ରୂଲତା) ଧନୁକୁ ଓ ଗତି (ଗମନ) ମତ୍ତହସ୍ତୀକୁ ନିନ୍ଦା କରୁଛି । ୩୪ । ତରୁଣ ହରି—ତରୁଣ ଶୁକ, ତରୁଣ ସିଂହ ଓ ତରୁଣ ସୂର୍ଯ୍ୟ । ନାସା (ନାକ) ତରୁଣ (ଅଳ୍ପକାଳର, ଶିଶୁ) ଶୁଆ ଥଣ୍ଟକୁ । ମଧ୍ୟ (କଟିଦେଶ)—ସିଂହ ଶାବକର କଟିକୁ । ଓଷ୍ଠ (ଓଠ) ରକ୍ତିମାରେ ବାଳସୂର୍ଯ୍ୟ ଅରୁଣକୁ ନିନ୍ଦୁଛି । ଅପବାଦ—ନିନ୍ଦା । ଅପସରୁ—ଦୂର ହୋଇ ଯାଉଛି । ତୁଲ୍ୟ ନାହିଁ—ସେ ସର୍ବସୁନ୍ଦରୀ ବାଳୁଛିଡ଼ା ଏପରି ଲକ୍ଷ୍ୟ ହେଉଛି ।

୩୫ । ଅମର ସମତ୍ରି—ସ୍ୱର୍ଗସୁଖ ବା ଅମର ସଳିଳ । ନିର୍ନିମେଷ ନୟନ—(ଆଖିପତା ପଡ଼ୁନାହିଁ); ବିଲୋକନ—ଦେଖିବା । ପିତ୍ତୁଳ—ମୂର୍ଚ୍ଛା ।

ଯେ ହେମମଞ୍ଜରୀ ଶୋଣପଞ୍ଜରୀ ହୋଇଲା ।
ପୁଂସକେଶ-ଖଞ୍ଜରୀଟ ତହିଁରେ ରହିଲା ।୩୬।

ସ୍ୱପ୍ନ ଶବ୍ଦ ବହୁବଚନରେ ଜଳ ଜପ ।
ରମା କପଟିତ ଯେହ୍ନେ କାଳେ ବାହୁ ଝୋପ ଯେ ।୩୭।

ଶରୀର ମଧ୍ୟଲୋପକୁ ଶରୀର ମଧ୍ୟକୁ ।
ଯୋଖି ପ୍ରହାରିଲା କାମ୍ବୁରଣ ତା ବଧିକୁ ଯେ ।୩୮।

ତାଙ୍କୁ ସ୍ତୁତି କଲା ତୋ ନାସାରେ ବୃତ୍ତା ମୋର ।
ଧ୍ରୁବ କି ହୋଇଛୁ ଘର ଏ ଆନ ପ୍ରକାର ଯେ ।୩୯।

ଜାଣ ନାହିଁ ଅଭିଧାନ ବିଧାନମାନଙ୍କୁ ।
କହନ୍ତି ବିଧୁ ଚନ୍ଦ୍ରମା କସ୍ତୁ କର୍ପୂରକୁ ।୪୦।

---

ଲେଖନ—ଅଙ୍କିତ । କେଶେ—ଚକ୍ଷୁରେ । ସେ ମୂର୍ଚ୍ଛ ଅକ୍ଷିରେ ରହିଲ ତହିଁ ଆଶ୍ୱୟତା ପଡ଼ିଲା ନାହିଁ ।୩୬। ହେମମଞ୍ଜରୀ—ସେ ସ୍ୱର୍ଣ୍ଣଲତା ବା ସ୍ୱର୍ଣ୍ଣକଳିକା । ଶୋଣପଞ୍ଜରୀ—ଶୋଣିତର ଆଧାରଭୂତ ବା ସ୍ଥାନ । ପୁଂସକେଶ—ପୁରୁଷର ମୁଣ୍ଡର ଅଗ୍ନି ହୋଇ ଖଞ୍ଜରୀଟ—ଖଞ୍ଜନ ଚଢ଼ାଇ ସେଠାରେ ରହିଲା ବାସ କଲା । ତା ଅର୍ଥ ସେ ନାସାଠାରେ ଲାଗି ରହିଲା ।

୩୭। ସ୍ୱପ୍ନଶବ୍ଦ ବହୁ ବଚନରେ 'ସସ୍ତ୍ରରେ ସ୍ୱପ୍ନ' ଓଡ଼ିଆରେ ଅର୍ଥ ହୋଇ ଥାଏ । ରମା କପଟିତ ହୋଇ—ଧାରି—ନଇଁ । ଝୋପ ବାହୁ—ଭୁଜ ହୋଇ ।

୩୮। ଶରୀର ମଧ୍ୟ ଲୋପକୁ—ଅର୍ଥାତ୍ ଶରକୁ । ଶରୀର ମଧ୍ୟକୁ—ଦେହର ଭିତରକୁ ଯୋଖି ପ୍ରହାରିଲା—ଶର ସନ୍ଧାନ କରି ପ୍ରୟୋଗ କଲା । ବଧିକୁ—ମାରିବା ପାଇଁ ।

୩୯। ସେ ପ୍ରଭାବରେ କାମଦେବଙ୍କୁ ସ୍ତୁତି କଲା—ତୁ ଶ୍ରୀଶଙ୍କୁ ଯେ ମୁଁ ତୋ ନାସାଠାରେ ଓ ରହିରେ ମୋର ମନ ବାନ୍ଧିଲି; ତହୁଁ ମୋର ଘର—ଶରୀର ହୋଇଛି; ଏ ଆନ ପ୍ରକାର—ଏହା ଠିକ୍ ନୁହେଁ, ଏଇ ପଦରେ ସ୍ୱରଭଙ୍ଗ ତହିଁରେ ମୋର ଇଚ୍ଛା । ତୁମ୍ଭେ ନ ଜାଣି ମୋଠାରେ ଏପରି କରୁଛ ।୪୦। ତୁମ୍ଭେ କି ଅଭିଧାନ—କୋଷଗ୍ରନ୍ଥର ବିଧାନ—ନିର୍ଣ୍ଣୟ ବା ନିୟମ ଜାଣ ନାହିଁ । ଯେପରି ବିଧୁ ଏହି ଶବ୍ଦ ଚନ୍ଦ୍ରମା, କସ୍ତୁ ଓ କର୍ପୂରରେ ପ୍ରବର୍ତ୍ତେ, ସେହିପରି ଏ ଶବ୍ଦ ତୋ ପ୍ରିୟାରେ ଓ ପୁରୁଷରେ ମଧ୍ୟ ପ୍ରବର୍ତ୍ତେ ।

ଏ କାଳରେ ପୁଂସଠାରେ ବାମା ଦୃଷ୍ଟିପାତ ।
ଜନ୍ମ ଅନ୍ଧ ନୟନକୁ ଲଭିଲେ ଯେମନ୍ତ ଯେ । ୪୧ ।
ମନମଥ ମଥନେ ଅଧିର ହେଲା ଜାଣ ।
କଦମ୍ବକୋରକ ଶୋଭା ଲୁଟି ଗଲା ତନୁ ଯେ । ୪୨ ।
ନେତ୍ରବଡ଼ଶୀରେ ସେ ଧଡ଼ସି ଅନୁରାଗେ ।
ପୁରୁଷ ମନମୀନକୁ ଧରିନେଲା ବେଗେ ଯେ । ୪୩ ।
ସେକାଳେ ସୁକେଶୀମଣି ଧୀବର ହୋଇଲା ।
କବରୀ କୁବେଣୀ ସଙ୍କଟରେ ପକାଇଲା ଯେ । ୪୪ ।
ସେ ସମୟେ ପୁରୁଷ ଭାଷିଲା ଯୋଡ଼ି କର ।
ହେ ରସ ଉଦୟା ସୁହୃଦୟା ଦୟା କର ହେ । ୪୫ ।
ତପତ ତପନୀୟାଙ୍ଗୀ ଉପଜିଲ ମୋର ।
ବୁଭୁକ୍ଷିତେ ଇଚ୍ଛିତେ ସଫଳ କରି କର ଯେ । ୪୬ ।

---

୪୧ । ପୁଂସଠାରେ—ପୁରୁଷଠାରେ । ବାମା ଦୃଷ୍ଟିପାତ—ସ୍ତ୍ରୀର ଦୃଷ୍ଟି ପଡ଼ନ୍ତେ । ଜନ୍ମରୁ ଅନ୍ଧ ଚକ୍ଷୁ ପାଇଲେ ଯେପରି ଆନନ୍ଦିତ ହୁଏ, ସେହିପରି ସେ ପୁରୁଷ ବା ସ୍ତ୍ରୀ ଆନନ୍ଦିତ ହେଲେ । ୪୨ । ମନମଥ ମଥନେ—କନ୍ଦର୍ପ ପୀଡ଼ାରେ । ଅଧିର ହେଲା—କମ୍ପିବାକୁ ଲାଗିଲା (ସାତ୍ତ୍ୱିକ ବିକାର) କଦମ୍ବକୋରକ ଶୋଭା—କଦମ୍ବକୋରକ ଶୋଭା ଅର୍ଥାତ୍ ଏକ କାଳରେ କଦମ୍ବକଳି ଫୁଟି ପଡ଼ିଲେ ଶୋଭକୁ ଲାଭ [illegible], ସେହିପରି ରୋମାଞ୍ଚ ଦେଖାଗଲା । (କମ୍ପ ଓ ପୁଲକ—ସାତ୍ତ୍ୱିକ ଭାବ ଜାତ ହେଲା) ।

୪୩ । ନେତ୍ରବଡ଼ଶୀରେ—ଅକ୍ଷିରୂପ ବଡ଼ଶୀରେ । ଧଡ଼ସି—ଶୀଘ୍ର । ଅନୁରାଗେ—ସ୍ନେହ ବା ପ୍ରୀତିରେ ପୁରୁଷର ମନରୂପ ମାଛକୁ । ଅକ୍ଷିରେ ପୁରୁଷକୁ ଲକ୍ଷିଲା ଅର୍ଥାତ୍ ତାଠାରେ ପୁରୁଷ ବଶ ହେଲା ।

୪୪ । ସୁକେଶୀମଣି—ସୁନ୍ଦର କେଶଯୁକ୍ତ ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠା । ସେ [illegible] ସେ ଧୀବର ହେଉଛି ହେଲ । କବରୀକୁବେଣୀ—ଚୁଳରୂପ ମାଛ ଖାଇଲାଇ ତାର ସଙ୍କଟରେ—ସଙ୍କୀର୍ଣ୍ଣ ପଥର ମଧ୍ୟରେ ପକାଇଲା । କଣ୍ଠନଳ ସ୍ତନଦ୍ୱୟ ମଧ୍ୟରେ ଯେ ଅତି ସଙ୍କୀର୍ଣ୍ଣ ସ୍ଥାନ ଅଛି, ତା ମଧ୍ୟରେ ବାସ କରାଇଲା ।

୪୫ । ରସଉଦୟା—ରସର ଶୃଙ୍ଗାରର ଉଦୟ ଯାହାଠାରେ—ରସବତୀ ଓ ସୁହୃଦୟା—ଦୟାମୟୀ । ୪୬ । ତପତ ତପନୀୟାଙ୍ଗୀ—କଳକନ୍ତା ସୁନାର

ଅତି ଦୀନ କ୍ଷୀଣ ପ୍ରାଣ ମୁଁ ମଦନ ଶରେ ।
ଭିକ୍ଷା କର କକ୍ଷା କର କୁଟିଳାକ୍ଷୀ ବାରେ ହେ । ୪୭ ।

ଏ ବଚନ ସ୍ୱୀକାର କଣ୍ଠାଗ୍ରେ ଆଣିଲା ।
ବର୍ଷିଲା ଉଜ୍ଜ୍ୱଳ ଛବି ବସିଛ ଜାଣିଲା ହେ । ୪୮ ।

ଏତେକ ତ ଏକାନ୍ତ ଦୁହେଁ ତରୁଣ ତରୁଣୀ ।
ଉଭଟ ଯାହା ଚଳନ୍ତୁ ଥାଇ ଫୁଲ-ଧନୁ-ପାଣି ହେ । ୪୯ ।

ପଞ୍ଚବିଶିଖଙ୍କୁ କେତେ ଲକ୍ଷ୍ୟ ଅଛି କଲ୍ପ ।
ଭଲ ଲକ୍ଷ୍ୟ ନାଗର ନାଗରୀ ହୃଦ ହେଲା ହେ । ୫୦ ।

ପୁଲକିତ ଶରୀର ଲଭିବାକୁ କୃଶକଟୀ ।
ଭୁବନଶ ମଦନ କର ଅବଲା ପାତେଇଛି । ୫୧ ।

ସୁତା ଦେଦନ୍ତ ବଳ୍ପ ଏ ଉଗ୍ରବୁଁ ବଳ କରି ।
କୃପୁ ଜ ଦୃଶିଗ କାଢ଼ିନ୍ତି ଜେ ଜନ୍ମୁ କ୍ରୋଧି । ୫୨ ।

ଦାଳିବେ ଦେବଳୀ ବଳି ନିବାଳି ହୋଇତା ।
ଅଣିଙ୍ଗନ କାଳ ତୁଂଗ ତେଜାଳି ଚୋଳିତା । ୫୩ ।

---

କର୍ଣ୍ଣ ଥିଲା ଅଙ୍ଗ ଯାହାଙ୍କ—କମ୍ବୁ ସ୍ୱର୍ଣ୍ଣଶଙ୍ଖ । ମୋର ଉପଫଳ—ଉପସ୍ୟାର ଫଳସ୍ୱରୂପ । ତୃଷ୍ଣାଂଶରେ—ଅଲଂକ୍ଷ୍ୟ ସହୃଦରେ, ପ୍ରୀତରେ । ଲଜ୍ଜିତ—ଅଳିକରେ । ସଫଳ—ଫଳଯୁକ୍ତ ଦଣ୍ଡ ।

୪୭ । ଭିକ୍ଷା କର—ମୋର ପ୍ରାର୍ଥନାକୁ ପୂରଣ କର ବା ମୋର ସହାୟ ହୋଇ । କୁଟିଳାକ୍ଷୀ—ହେ ବାଙ୍କଚକ୍ଷୁଣୀ । ବାରେ—ଥରେ । ୪୮ । ସ୍ୱୀକାର—ଅଙ୍ଗୀକାର । କଣ୍ଠାଗ୍ରେ—ତୁଣ୍ଡିଲ କେଶପାଶରେ, ଅଥବା ବାହୁଙ୍କିରେ । ଉଜ୍ଜ୍ୱଳ ଛବି—ଅଶ୍ରିଳ ଶ୍ରୀ ବା ଶୋଭା ।

୪୯ । ଏକାନ୍ତ—ଜନଶୂନ୍ୟ । ଦୁହେଁ—ଦ୍ୱିଜନଯୁକ୍ତ । ତରୁଣ ତରୁଣୀ—ଯୁବକ ଯୁବତୀ । ଫୁଲଧନୁପାଣି—ଫୁଲ ଧନୁ ହାତରେ ଯାହାର—କନ୍ଦର୍ପ ।

୫୦ । ପଞ୍ଚବିଶିଖକୁ—ପାଞ୍ଚଟି ଶରକୁ ବା ପାଞ୍ଚଶର ଥିବା ଧନୁକୁ ( ଅରବିନ୍ଦ, ଅଶୋକ, ଚୂତ, ନବମାଳିକା, ନୀଳୋତ୍ପଳ—ଏହି ପାଞ୍ଚ ଶର ; ) ଯାହାକୁ ଅନେକ ଲକ୍ଷ୍ୟ କରିଥିଲେ । ବର୍ତ୍ତମାନ ଉପଯୁକ୍ତ ଲକ୍ଷ୍ୟସ୍ଥଳ ହେଲା ସେ ଦୁହିଙ୍କ ହୃଦୟ ।

୫୧ । କୃଶକଟୀ—କ୍ଷୀଣକଟି ଯେଉଁ ସ୍ତ୍ରୀ । ଭୁବନଶ—ଭୁବନସ୍ୱାମୀ । ପାତେଇଛି—ପେଲା । ୫୨ । ଉଗ୍ରବ—ସୂଅ, ବର୍ତ୍ତି ।

ଚୁମ୍ବିକା ଦେଉଳକୁ ମୁଖଶାଳାର ତାହାର ।
ଜୀବଶୂନ୍ୟ ହୋଇଣ ରହିଲା କଳେବର ଯେ । ୫୪ ।

ଶୁଦ୍ଧ ତରୁଣ ଅରୁଣ-ଦୀପ୍ତିର ଏ ଦଶା ।
ବଦନ ପବନ ଧକେଡ଼େ ଦାଉକଲା ଶ୍ରୁତି ଯେ । ୫୫ ।

ଲୋଚନ ଜଳରେ ଅଗ ଧୋଇଦେଲା ମୁଖ ।
ବୋଇଲା ମୁଁ ନ ମର ଦେଖିଲି ଏତେ ଦୁଖ ଯେ ।୫୬ ।

ଏ ସମୟରେ ଶୁଭିଲା ଅଶରୀରୀ ବାଣୀ ।
ଗଙ୍ଗାସାଗର ସଙ୍ଗମେ ଝାସ ପୁଂସମଣି । ୫୭ ।

ଏ ବକ୍ଷସ୍ଥିକ ଲଭିବୁ ନୃପସୁତ ହେବ ।
ଅନଳେ ନ ଦହି ସେହ୍ନଠାରେ ଯାଅ ଥୋଇ ଯେ । ୫୮ ।

ଏ ବଚନେ କାଷ୍ଠ ସନ୍ତାପକୁ ଶାନ୍ତି କଲା ।
ବାଳ ଦେହେଣ ଯାଇ ଗଙ୍ଗାଘାଟରେ ଝାସିଲା ଯେ । ୫୯ ।

କର୍ଣ୍ଣାଟ ଦେଶରେ କାଞ୍ଚିନାମେ ନଗ୍ର ସାର ।
ଶଶିଶେଖର ନାମରେ ତହିଁ ନରେଶ୍ୱର ଯେ । ୬୦ ।

ଶଶିରେଖା ନାମେ ତାର ପାଟ ଯେ ମହେଷୀ ।
ପୁତ୍ରାର୍ଥେ ଅନେକ ବ୍ରତେ ଦୋଷି କାଶୀବାସୀ ଯେ । ୬୧ ।

---

୫୩ । ଦେଉଳ—ଭୂଆରବନ୍ଧ ଓ ଦ୍ୱାରର ସ୍ଥାନ । ତ୍ରିବଳିରେଖାଙ୍କ—ଉଦରରେ ତିନୋଟି ରେଖା ବା ମୋଡ଼ିଆ ଅଛି ଯାହାର—ଶୋଭାବନ୍ତ । ୫୪ । ମୁଖଶାଳାର—ମୁଖପଦ୍ମ । ଜୀବଶୂନ୍ୟ—ମୃତ । କଳେବର—ଦେହ । ୫୫ । ତରୁଣ ଅରୁଣ ଦୀପ୍ତିର—ବାଲ ସୂର୍ଯ୍ୟ ସଦୃଶ ଉଜ୍ଜ୍ୱଳ ଦୀପ୍ତ ଯାହାର ସେ ଶରୀର । ଦଶା—ଅବସ୍ଥା, ମୃତ ଶରୀର । ବଦନପବନ—ଫୁଙ୍କ । ଦାଉ କଲା—ଦେଲା । ଶ୍ରୁତି—କାନ । ୫୬ । ଲୋଚନ ଜଳରେ—ଲୁହରେ ।

୫୭ । ଅଶରୀରୀ ବାଣୀ—ଆକାଶରୁ ବଚନ । ଗଙ୍ଗାସାଗରସଙ୍ଗମେ—ଗଙ୍ଗା ଓ ସମୁଦ୍ରର ମିଳନ ସ୍ଥାନରେ । ଝାସ—ବୁଡ଼ ପକାଅ । ପୁଂସମଣି—ପୁରୁଷଶ୍ରେଷ୍ଠ ।

୫୮ । ବକ୍ଷସ୍ଥି—ପ୍ରାଣ୍ଟୁଳି, ଶୀଘ୍ର । ନୃପସୁତ—ରାଜପୁତ୍ର । ଅନଳେ—ଅଗ୍ନିରେ

୫୯ । ସନ୍ତାପକୁ—ଦୁଃଖକୁ । ୬୦ । କର୍ଣ୍ଣାଟ ଦେଶ—ଦ୍ରାବିଡ଼ । ନରେଶ୍ୱର—ରାଜା ।

୬୧ । ପାଟ—ପ୍ରଧାନ । ମହେଷୀ—ରାଣୀ, ସ୍ତ୍ରୀ । ପୁତ୍ରାର୍ଥେ—ପୁଅ ପାଇବା ପାଇଁ ।

ଅଛ ଧାନ ବୀଣ ସ୍ୱନ ମୁଁ ମଦନ ଶରେ ।
ଲଜ୍ଜା କର କାହା କର କୁଟିଳାକ୍ଷା ବାରେ ହେ । ୪୭ ।

ଏ ବଚନ ସ୍ୱୀକାର କଟାକ୍ଷେ ଅଣିଲା ।
ରସିକା ଭଜିଲା ଭାବ ବସିବା ଜାଣିଲା ହେ । ୪୮ ।

ଏଣେକ ତ ଏକାନ୍ତ ଦୁହେଁ ତରୁଣ ତରୁଣୀ ।
ତେଣୁ ଯାହା ଶୋଭୁ ଥାଇ ଫୁଲ-ଧନୁ-ପାଣି ହେ । ୪୯ ।

ପଞ୍ଚବିଶିଖରୁ ଯେତେ ଲକ୍ଷ୍ୟ ଅଛା କଳା ।
ଭଣ୍ଡ ଲକ୍ଷ୍ୟ ଜାଣିଲ ନାଗରୀ ଦୃଢ଼ ହେଲା ହେ । ୫୦ ।

ପୁରୁଷ ନାଗର ଲଭିବାରୁ କୃଶକଟୀ ।
ସ୍ୱାବକାଶ ମନେ କରି ଅଦଳ୍ପ ପାଟେଶ୍ୱରି । ୫୧ ।

ଶୁଭା ହେଉ ବଧି ଏ ଉତ୍ସବୁଁ ବଢ଼ କରି ।
ଭସ୍ମ ତ ଶୋଭା ବାନ୍ଧିଲି ଲୋ କଣ୍ଠ ନଶୁଡ଼ି । ୫୨ ।

ବାଳେବ ଦେହଳୀ ବଳି ନିବାଳଶୋଭିତା ।
ଅଳିଘନ କଳା ପୁଂସ ମୋଃଭଣି ଚେଲ୍ଲିତା । ୫୩ ।

---

ବର୍ଣ୍ଣ ପୂର୍ଣ୍ଣ ଅଙ୍ଗ ସାଙ୍ଗରେ—ବସ୍ତ୍ର ଦୂରୀଭୂତ । ମୋର ଉଦ୍ଦେଶ—ଉପସ୍ଥାର ଫଳସ୍ଫୁରଣ । ତୃଣୀଭେ—ଅଳଙ୍କାରୟ ସଙ୍ଗତରେ, ସୁଭରେ । ଲଜ୍ଜିତ—ଅଳଙ୍କାରେ । ସଫଳ—ଫଳଯୁକ୍ତ କର ।

୪୭ । ଲଜ୍ଜା କର—ମୋର ପ୍ରାର୍ଥନାକୁ ପୂରଣ କର ବା ମୋତେ ସମ୍ଭୋଗ ଦିଅ । କୁଟିଳାକ୍ଷା—ହେ ବାଙ୍କଚକ୍ଷୁ । ବାରେ—ଥରେ । ୪୮ । ସ୍ୱୀକାର—ଅଙ୍ଗୀକାର । କଟାକ୍ଷେ—କୁଟିଳ ନେତ୍ରପାତରେ, ଅର୍ଦ୍ଧ ଚକ୍ଷୁଣିରେ । ରସିକ ଭାବ—ଅନ୍ତରିକ ପ୍ରୀତି ବା ସ୍ନେହ ।

୪୯ । ଏକାନ୍ତ—ନିର୍ଜ୍ଜନ । ଦୁହେଁ—ଦ୍ୱିବିଧତଃ । ତରୁଣ ତରୁଣୀ—ଯୁବକ ଯୁବତୀ । ଫୁଲଧନୁପାଣି—ଫୁଲ ଧନୁ ହାତରେ ଯାହାର—କନ୍ଦର୍ପ ।

୫୦ । ପଞ୍ଚବିଶିଖରୁ—ପାଞ୍ଚଟି ଶରରୁ ବା ଫୁଲଶର ଥିବା ଧନୁରୁ (ଅରବିନ୍ଦ, ଅଶୋକ, ଚୂତ, ନବମାଳିକା, ନୀଳୋତ୍ପଳ—ଏହି ପାଞ୍ଚ ଶର ;) ଏଗରୁ ଅନେକ ଲକ୍ଷ୍ୟ କରିଥିଲେ । ବର୍ତ୍ତମାନ ଉପସ୍ଥିତ ଲକ୍ଷ୍ୟସ୍ଥଳ ହେଲା ସେ ଦୁହିଙ୍କ ହୃଦୟ ।

୫୧ । କୃଶକଟି—କ୍ଷୀଣକଟି ସେ ସ୍ତ୍ରୀ । ସ୍ୱାବକାଶ—ସ୍ୱଇଚ୍ଛାନ୍ୱିତ । ପାଟେଶ୍ୱରି—ଦେବୀ । ୫୨ । ଉତ୍ସବ—ସୁଖ, ହର୍ଷ ।

ଦୃଷ୍ଟି ବା ବେଳକୁ ମୁଖଶ୍ରୀଗାତ ତାହାର ।
ଶବଘ୍ରାଣ ହୋଇଣ ବହିଲା କଳେବର ଯେ । ୫୪ ।

ପୂର୍ବୁଁ ତରୁଣ ଅରୁଣ-ଦ୍ୟୁତିର ଏ ସ୍ୱତ ।
ବଦନ ପବନ ଝଙ୍କରେ ଦତ୍ତକଲା ଶ୍ରୁତି ଯେ । ୫୫ ।

ନେତ୍ରଜ ଜଳରେ ଅଗ ଧୋଇଦେଲା ମୁଖ ।
ବୋଇଲା ମୁଁ ନ ମରି ଦେଖିଲି ଏତେ ଦୁଃଖ ଯେ । ୫୬ ।

ଏ ସମୟରେ ଶୁଭିଲା ଅଶରୀରୀ ବାଣୀ ।
ଗଙ୍ଗାସାଗର ସଙ୍ଗମେ ତ୍ୟଜ ପୁଂସମଣି । ୫୭ ।
ଏ ଦ୍ୱିଜସ୍ତ୍ରୀକି ଲଭିବୁ ନୃପସୁତ ହୋଇ ।
ଅନଳେ ନ ଦହି ସେହିଠାରେ ଯାଅ ଥୋଇ ଯେ । ୫୮ ।

ଏ ଭାବେ କହି ସନ୍ତାପକୁ ଶାନ୍ତି କଲା ।
ଦ୍ୱିଜ ଦେହକୁ ନେଇ ଗଙ୍ଗାସାଗରେ ସ୍ପର୍ଶିଲା ଯେ । ୫୯ ।
କର୍ଣ୍ଣାଟ ଦେଶରେ କାଞ୍ଚୀନାମେ ନଗ୍ର ସାର ।
ଶକ୍ତିଶେଖର ନାମରେ ତହିଁ ନରେଶ୍ୱର ଯେ । ୬୦ ।

ଶକ୍ତିବେଣୀ ନାମେ ତାର ପଟ୍ଟ ଯେ ମହିଷୀ ।
ପୁତ୍ରାର୍ଥେ ଅନେକ ବ୍ରତେ ସେବି କାଶୀବାସୀ ଯେ । ୬୧ ।

---

୫୩ । ଦେହଳୀ—ଦୁଆରବନ୍ଧ ଓ ଦ୍ୱାରର ସ୍ଥାନ । ଶୈବଳଶୋଭା—ପଥରରେ ଶିଉଳି ରେଖା ବା ମୋଡ଼ଣ ଥିବା ଯାହାର—ଶୋଭାବନ୍ତ । ୫୪ । ମୁଖଶ୍ରୀଗାତ—ମୁଖଚନ୍ଦ୍ର । ଶବଘ୍ରାଣ—ମୃତ । କଳେବର—ଦେହ । ୫୫ । ତରୁଣ ଅରୁଣ ଦ୍ୟୁତିର—ବାଳ ସୂର୍ଯ୍ୟ ସଦୃଶ ଲାଲ ରଙ୍ଗ ଯାହାର ସେ ସ୍ତ୍ରୀର । ସ୍ୱତ—ଅବସ୍ଥା, ମୃତ ଶରୀର । ବଦନପବନ—ଫୁଙ୍କ । ଦତ୍ତ କଲା—ଦେଲା । ଶ୍ରୁତି—କାନ । ୫୬ । ନେତ୍ରଜ ଜଳରେ—ଲୁହରେ ।

୫୭ । ଅଶରୀରୀ ବାଣୀ—ଆକାଶରୁ ବଚନ । ଗଙ୍ଗାସାଗରସଙ୍ଗମେ—ଗଙ୍ଗା ଓ ସମୁଦ୍ରର ମିଳନ ସ୍ଥାନରେ । ତ୍ୟଜ—ଛାଡ଼ ପ୍ରାଣଦେହ । ପୁଂସମଣି—ପୁରୁଷଶ୍ରେଷ୍ଠ ।

୫୮ । ଦ୍ୱିଜସ୍ତ୍ରୀକି—ପ୍ରିୟାକୁ, ସ୍ତ୍ରୀକୁ । ନୃପସୁତ—ରାଜପୁତ୍ର । ଅନଳେ—ଅଗ୍ନିରେ

୫୯ । ସନ୍ତାପକୁ—ଦୁଃଖକୁ । ୬୦ । କର୍ଣ୍ଣାଟ ଦେଶ—ଦ୍ରାବିଡ଼ । ନରେଶ୍ୱର—ରାଜା ।

୬୧ । ପଟ୍ଟ—ପ୍ରଧାନ । ମହିଷୀ—ରାଣୀ, ସ୍ତ୍ରୀ । ପୁତ୍ରାର୍ଥେ—ପୁଅ ପାଇବା ପାଇଁ ।

ତା ହୃଦର ଆକାଶରେ ପ୍ରକାଶ ହୋଇଲା ।
ଅକଳଙ୍କ କଳାନିଧି ପରି ଯେ ଶୋଭିଲା ସେ । ୬୨ ।

ଅହ୍ଲାଦେ ଚନ୍ଦ୍ର ତେଜେ ଭାନୁ ଭାବ କରି ।
ଚନ୍ଦ୍ରଭାନୁ ନାମ ଦେଲେ ବର୍ଗୁର ବର୍ଗୁର । ୬୩ ।

ବେଦ ବେଦାନ୍ତେ ବିଧାତା ବ୍ୟାକରଣେ ହର ।
ସଙ୍ଗୀତରେ ନାରଦ ଶୃଙ୍ଗାରଶାସ୍ତ୍ରେ ମାର । ୬୪ ।

କବିପଣେ ଗଣେଶ ଜ୍ୟୋତିଷେ ବୃହସ୍ପତି ।
ଅଶ୍ୱାରୋହେ ମିହିର ଭୈରବ ପରି ଗତି । ୬୫ ।

ଧନୁର୍ବେଦେ ଅର୍ଜ୍ଜୁନ ଗଦାରେ ବୃକୋଦର ।
ଦାନୀରେ କର୍ଣ୍ଣ ମାନୀରେ କୁରୁ ଦଣ୍ଡଧର । ୬୬ ।

ବଳିଷ୍ଠରେ ବଳି ଧାର୍ମିକରେ ଯୁଧିଷ୍ଠିର ।
ସୁନ୍ଦରପଣରେ ତାର ସେହି ପଟାନ୍ତର । ୬୭ ।

---

କାଶୀବାସୀ—ଶିବ । ୬୨ । ହୃଦର ଆକାଶରେ—ଗର୍ଭରୂପ ଗଗନରେ ପ୍ରକାଶ ହୋଇଲା—ଉଦିତ ହେଲା, ଜନ୍ମ ହେଲା । ଅକଳଙ୍କ କଳାନିଧି—କଳଙ୍କଶୂନ୍ୟ ଚନ୍ଦ୍ର । ଶୋଭିଲା—ଶୋଭା ପାଇଲା । ୬୩ । ଅହ୍ଲାଦେ—ଶୀତଳ ଓ ସ୍ନିଗ୍ଧ ଗୁଣରେ । ତେଜେ—ପ୍ରତାପରେ । ଭାନୁ—ସୂର୍ଯ୍ୟ; ଶ୍ରୀମନ୍ତ ।

୬୪ । ବେଦ ବେଦାନ୍ତ—କର୍ମକାଣ୍ଡ ଓ ଜ୍ଞାନକାଣ୍ଡରେ; ଋକ, ସାମ, ଯଜୁ ଓ ଅଥର୍ବ ଚାରିବେଦ, ଉପନିଷଦ୍ ଓ ମୀମାଂସା ଦର୍ଶନରେ । ବିଧାତା—ବ୍ରହ୍ମା । ହର—ମହାଦେବ । ଶୃଙ୍ଗାର ଶାସ୍ତ୍ରରେ—କାମଶାସ୍ତ୍ରରେ । ମାର—କନ୍ଦର୍ପ ।

୬୫ । କବିପଣେ—କବିତ୍ୱରେ । ବୃହସ୍ପତି—ଗୁରୁ । ଅଶ୍ୱାରୋହେ—ଘୋଡ଼ା ଚଢ଼ିବାରେ । ମିହିର—ସୂର୍ଯ୍ୟ । ଭୈରବ—ମହାଦେବଙ୍କ ଅଂଶାବତାର ।

୬୬ । ଧନୁର୍ବେଦେ—ଧନୁର୍ଦ୍ଧାରୀଙ୍କ ମଧ୍ୟରେ । ବୃକୋଦର—ଭୀମ । ଦାନୀରେ—ଦାନୀମାନଙ୍କ ମଧ୍ୟରେ । ମାନୀରେ—ଅଭିମାନୀଙ୍କ ମଧ୍ୟରେ । କୁରୁ ଦଣ୍ଡଧର—ଦୁର୍ଯ୍ୟୋଧନ ।

୬୭ । ବଳିଷ୍ଠରେ—ଅତି ବଳବନ୍ତଙ୍କ ମଧ୍ୟରେ । ବଳି—ବଳିଦୈତ୍ୟ । "ବାଳି" ପାଠରେ—ମର୍କଟରାଜ । ସୁନ୍ଦରପଣରେ—ସୌନ୍ଦର୍ଯ୍ୟରେ । ପଟାନ୍ତର—ତୁଳନା ଅର୍ଥାତ୍ ଅନ୍ୟ କେହ ସମାନ ନାହିଁ ।

ମନ୍ତ୍ରୀ ଚତ୍ୱାରେ ସାଧୁତ ସୁବୋଧା କୁମର ।
ନାମ ଗୁଣ୍ଡାନିଧି ବସନ୍ତକ ପୁରନ୍ଦର ।୧୮ ।

ଲକ୍ଷ୍ମୀଧ୍ୱଜ ସହିତେ ଏ ଗୁରୁ ମିତ୍ର ସୂତ ।
ଜାଣି ଦାଉ ଭଲ ନୋହେ ଏହାଙ୍କ ସଙ୍ଗତ ।୧୯ ।

ହେ ରାମ କୃଷ୍ଣ ସୁନ୍ଦର କଳାପମଣ୍ଡନ ।
ରାଧାପତିଲୁଣ୍ଠିତାଶ ଅଘବକଖଣ୍ଡନ ।୨୦ ।

ଉପେନ୍ଦ୍ର ଭଞ୍ଜ ଧରାଧର ମନୋରଥ ।
ଏ ଗୀତ ପୂର୍ଣ୍ଣ ହେବାରେ କର ଏହା ସାର୍ଥ ଯେ ।୨୧ ।

---

## ଦ୍ୱିତୀୟ ଛାନ୍ଦ

### ରାଗ-ପଞ୍ଚମ ମଞ୍ଜରୀ

ଶୁଣ ହେ ସୁଜନେ ରସ କର୍ଣ୍ଣ ମନତୋଷ
ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭେ ଯେ ।୧ ।

---

୧୮ । ସାଧୁତ—ମହାଜନ, ସୌଦାଗର । ସୁବୋଧା—ସୁବୋଧବତୀ ।୧୯। ଦ୍ୟୂତ—କ୍ରୀଡ଼ାଶ୍ୱ ।

୨୦ । ରାମ ଓ କୃଷ୍ଣ ଉଭୟଙ୍କୁ କବି ବନ୍ଦନା କରୁ ଅଛନ୍ତି । ହେ ରାମ:—ସୁନ୍ଦର—ତୁମ୍ଭେ ସୁନ୍ଦର, ଅତିଶୟ ଶୋଭାଶାଳୀ ( ଶ୍ରୀରାମଚନ୍ଦ୍ରଂ ସୁନ୍ଦରମ୍ ) । କଳାପମଣ୍ଡନ — କଳାପବୃନ୍ଦ ଯେଉଁଥିରେ ମଣ୍ଡନ — ଶୋଭମାନ (ନାନାଳଙ୍କାରସମ୍ପନ୍ନ) ବା କଳାପ—ତୂଣୀର ଓ ଉତ୍ତରୀୟ ଯେଉଁଥିରେ ଭୂଷିତ ( ବାଲ୍ମୀକିସ୍ଥାନେ ବାଲ୍ୟଧାମ ଓ ବନଗମନରେ—ଧନୁଃତୂଣ ଧାରଣ କରିଥିଲେ । ) ରାଧାପତିଲୁଣ୍ଠିତାଶ—ରାଧାପତି—ଅନୁରାଧା ନକ୍ଷତ୍ରର ସ୍ୱାମୀ ଚନ୍ଦ୍ର, ତାଙ୍କର ଲୁଣ୍ଠିତ—କାନ୍ତି ବା ପରିଭାଷ—ଆସ ବା ଶୋଭା ଯାହାଙ୍କର । ଅଘବକଖଣ୍ଡନ—ପାପ ବିନାଶକ । ( କୃଷ୍ଣ ପକ୍ଷେ ) । ସୁନ୍ଦର—ସକଳସୁନ୍ଦର ସର୍ବଶ୍ରେଷ୍ଠ-ରୂପ । ୧୮ ) କଳାପ ମଣ୍ଡନ—ମୟୂରପୁଚ୍ଛଧାରୀ । ରାଧାପତି—ରାଧାଙ୍କ ସ୍ୱାମୀ । ଲୁଣ୍ଠିତାଶ—ସଦାଶ୍ରିତ ବନ୍ଦନ । ଅଘବକଖଣ୍ଡନ—ଅଘାସୁର ବକାସୁର ନାଶକ ।୨୧। ମନୋରଥ—ମନକାମନା; ଇଚ୍ଛା ସାର୍ଥ—ସଫଳ ।

୧ । ସୁଜନେ—ସାଧୁଲୋକମାନେ । କର୍ଣ୍ଣମନତୋଷ—କାନ ଓ ମନରେ ସନ୍ତୋଷ ଦେବା । ରସ—ପ୍ରୀତିକର ବସ୍ତୁ । ରତ୍ନାକର—ସମୁଦ୍ର । ସିଂହଳ—ଲଙ୍କା ।

ଭଲ୍ଲୁବାସ ବୋଲେ ସେ ଝୁଟକ ଯୁଟକଙ୍କୁ
ଭଜି ଫୁଟକରେ ଦୂଷେ ଅନ ଜଟକଙ୍କୁ ଯେ । ୨ ।

ଅଛନ୍ତି ଧନଦସମ ଧନବନ୍ତମାନେ ।
କର୍ଣ୍ଣେ ଶୁଣା ଅଛି ସମାନଙ୍କୁ ଏକା ଦାନେ ଯେ । ୩ ।

ଯେତେକ କୋଟି ସୁବର୍ଣ୍ଣ ଯାହାଙ୍କୁ ମିଳେ ତହିଁ
ତେତେକ ଗୋଟି କଳଶ ସେ ମନ୍ଦିରେ ବସାନ୍ତି ଯେ । ୪ ।

ଗୋରୋଚନା ପ୍ରାକାରେ ଯହିଁରେ ମୃଗମଦ
ନାଭି ଖଣ୍ଡି ବସନଙ୍କୁ ଯାଚନ୍ତି ପୁଳିନ୍ଦ ଯେ । ୫ ।

କୁଙ୍କୁମ ଲିପୁଥାଇ ହୁଅନ୍ତି ନାରୀ ଯହିଁ
ହଳଦ୍ରାରେ ଅଦର କରନ୍ତେ ବାହ୍ନିଁ ପାଇଁ ଯେ । ୬ ।

ମାର୍ଗ ମାର୍ଜନେ ରଜନିକର ଅଣି ଯାଇ
ରଜନୀକର ଅଣନ୍ତି ଶକଟରେ ଭରି ଯେ । ୭ ।

ଦୁଷ୍ଟତା ପାଇଁ ଉଅଢ଼ିଲେ ବୈଦ୍ୟକୁଳ ।
ଜ୍ୱରବାନ୍ତେ ଘରେ ଅନ୍ତ୍ରିଜାତଫଳ ଯେ । ୮ ।

---

୨ । ଝୁଟକ—ଘୋଷ୍ଟ୍ରୀବୃଦ୍ଧ । ଫୁଟକ—ସର୍ପ । ଜଟକ—ନଗର । ଅନ—ଅନ୍ୟ ।

୩ । ଧନଦ—କୁବେର । କର୍ଣ୍ଣ—କାନ ଓ କର୍ଣ୍ଣରାଜ । ଧନଦ—ଧନଦାତା । କେହି କୁବେରଙ୍କୁ ଦେଖି ନାହିଁ, ତା କେବଳ କାନ ଶୁଣିଛି । ଏ ଅର୍ଥ ତେତେ ଯୁକ୍ତିଯୁକ୍ତ ନୁହେଁ । ବରଂ କର୍ଣ୍ଣ ରାଜା; କର୍ଣ୍ଣଙ୍କଠାରେ ଦାତାପଣ ଏମାନଙ୍କ ଦାତାପଣ ସଙ୍ଗେ ସମାନ ।

୪ । ସୁବର୍ଣ୍ଣ—ସୁନା ମୋହର, ସୁନା ମାଢ଼ । କଳସ—ମାଠିଆ; ଯେଉଁଠି ସୁନାମାଠିଆ । ମନ୍ଦିର—ଘର । ୫ । ଗୋରୋଚନା—ହଳଦିଆ ବର୍ଣ୍ଣର (ହଳଦିଆ ବର୍ଣ୍ଣର ପଦାର୍ଥ) ଯାହାକି ଗୋରୁଙ୍କ ମୂତ୍ର, ପିତ୍ତରୁ ବା ମସ୍ତକରୁ ବାହାରେ । ମୃଗମଦ— କସ୍ତୁରୀ । ଖଣ୍ଡି ବସନକୁ—ଖଣ୍ଡ ଲୁଗା ପାଇଁ । ପୁଳିନ୍ଦ—ଶବର, ଏକ ଜାତିବିଶେଷ ।

୬ । କୁଙ୍କୁମ—ଜାଫ୍ରାନ କେଶର । ଲିପୁଥାଇ—ଲଗାଇ ହୋଇ, ଲିପ୍ତ ହୋଇ । ହଳଦ୍ରାରେ—ହଳଦୀରେ । ଅଦର—ଅଗ୍ରାହ୍ୟ । ୭ । ମାର୍ଗ ମାର୍ଜନେ—ବାଟ ପରିଷ୍କାର କରିବା ରେ । ରଜନିକର—ଧୂଳିସବୁ । ରଜନୀ—କର୍ପୂର । ଭର—ବସ୍ତାରେ । ଶକଟରେ—ବଳଦ ଗାଡ଼ିରେ । ୮ । ଦୁଷ୍ଟତା—ଦୁଷ୍ଟତା । ଉଅଢ଼ିଲେ—ବୁଝାଇ କହିଲେ । ବୈଦ୍ୟକୁଳ—ବଇଦସବୁ ।

ଶରଦ୍ର ଶର୍ବରୀ ଶେଷ ଅରଣ୍ୟକୁ ଯାଇଂ
କୁନ୍ଦ-ନିଦାଘିତ-ଭବ-ମୋକ୍ଷ ପଡ଼ିଥାଇ ଯେ ।୯।
ବାଦଗ୍ର ଅଦର୍ଶ ତେଜି ସରୋବରେ ଯୋଇ
ବକା ତ ନ ପିବ ଦେଖାଲି ଅସନ୍ତି ସକାଳି ଯେ ।୧୦।
ଖଣ୍ଡପରଶୁଧାରଣ ପୁର ପରସ୍ୱାଦେ - -
ନ ଦହନ୍ତି ଶାମୁକ ମୁକ୍ତା ବସ୍ତ୍ରାନନେ ଯେ ।୧୧।
ଯହିଁ ହେମ ଭମଣାସ୍ତ ଗମ କରେ ଶୋଭା
ଯେ ଗ୍ରହଣୀ ବାରବାରେ ତୁକପାତ ନାହିଁ ତହିଁ ।୧୨।
ଶିଶୁଲାଙ୍କୁ ମେଧାବଳୀ ମଦନଶଳାକା
ଭଜନ୍ତି ଲବଙ୍ଗ ନାଗବଲ୍ଲୀ ଦଳ ଏକା ଯେ ।୧୩।
ଏଣୁ କଣ୍ଠରୋଧ ବାଧଶୂନ୍ୟ ଦବ୍ୟତାନ
ଶିଖି ବନ୍ଧୁ ଭରତ କରନ୍ତି ଭୃଙ୍ଗ ଗାନ ଯେ ।୧୪।

---

ଦ୍ୱରବାଟେ—ଦ୍ୱାରୁଆମାନେ । ଡାଳଫଳ—ଡାଇଫଳ ।

୯ । ଶରଦ୍ର—ଶରତ୍ଋତୁ । ଶର୍ବରୀ—ରାତି । ଅରଣ୍ୟ—ବଣ । କୁନ୍ଦନିଦାଘିତ—ସିଂହଦ୍ୱାର ଡିଅ ହୋଇଥିବା । ଭବମୋକ୍ଷ—ସ୍ୱାତିମୁକ୍ତ ଭଣ୍ଡାରରେ ଯେସବୁ ଗଜମୋତି ଥିଲେ ।

୧୦ । ବାଦଗ୍ର — ବଗୁଲାଙ୍କ । ଅଦର୍ଶ — ଅଗ୍ରସ୍ଥ ଦେଶ । ସରୋବରେ— ପୋଖରୀରେ । ୧୧ । ଖଣ୍ଡ ପରଶୁଧାରଣ—ମହାଦେବ । ପୁର—ମନ୍ଦର । ପରସ୍ୱାଦେ— ସଂସାର କି ଚୂନ କରିବାରେ । ଶାମୁକ ନ ଦହନ୍ତି —ଚୂନ ସକାଶେ ଶାମୁକା ପୋଡ଼ନ୍ତି ନାହିଁ; କାରଣ ମୁକ୍ତା ପୋଡ଼ିଲୁ । ୧୨ । ହେମ—ସୁନା ; କମଣାସ୍ତ୍ର ଗମ—ସୁନାର ଗାଢ଼ିରି । ଭରେ—ବାଡେଇ । ଯେଉଁ ସୁନାର ସୁନାରେ ଦାନ୍ତରେ କାମ ବାଡେଇ ଡୋଳ ହୁଏ, ସେ ସୁନା ତୁଳନାରେ ରାଜ ଅତ ନାହିଁ ରେ ଶୋଭା ହୋଇଥିବା ସୁନା କଣ ନୁହେଁ ବା ସେ ସୁନାର ଗମ ବାଡେଇ ପିଷିଲେ ଏ ସୁନାକୁ ଦୃଷ୍ଟି ଦିଆଯାଏ ନାହିଁ । ଗ୍ରହଣ—ପିଟିବା ବା ବାଡ଼ିଇ ।

୧୩ । ଶିଶୁଲାଙ୍କୁ—ପିଲ୍ଲାଙ୍କୁ । ମେଧାବଳୀ—( ମେଧାବୀ ) ଶୁଦ୍ଧ । ମଦନଶଳାକା—ଶାଖା । ନାଗବଲ୍ଲୀ ଦଳ—ପାନ । ୧୪ । ଏଣୁ—ଏ ହେତୁ ; ଶୁଆ ଓ ଶାରୀ ପିଲ୍ଲାଙ୍କୁ ଲବଙ୍ଗ ଓ ପାନର ରସ ଖାଇବାକୁ ଦିଅନ୍ତି ଦର୍ଶ ତେଜ୍ଞର । ବାଧଶୂନ୍ୟ—ପରିଷ୍କାର, ସ୍ପଷ୍ଟ ହୋଇ

ଗଜ ବସ୍ତୁ ଉପଶାନ୍ତ ଭ୍ରମନ୍ତି ଦେଶାନ୍ତରେ
ମାତଙ୍ଗ ଟୌଖ୍ୟାନିକ ଭଳି ଲବ୍ଧ ମନରେ ସେ । ୧୫ ।
ବାମଦେବ ସ୍ତୁତଶେଷ ଜାଣନ୍ତି ଯହିଁ ମର୍ତ୍ତ୍ୟ
ଭ୍ରମନ୍ତି ଏହୁ ପଥରେ କି ପଥର ସ୍ୱଚ୍ଛ । ୧୬ ।
ବଜ୍ରକାନ୍ତ ବିନା ଗଜ ନ ଅଣନ୍ତି ବନ୍ଧୁ
ଅଣ୍ଡାଳେ ବଳୀ ନୋହେ ସିନ୍ଧୁଜାତ ହନୁ ସେ । ୧୭ ।
ନୃପତିକରେ ନେପାଳୀ ଟାଙ୍ଗଣ ସୁଅଶ୍ୱରେ
ଗନ୍ଧମାର୍ଜାର ଶୋଭିତ ବିଡାଳ ପଦରେ ସେ । ୧୮ ।

---

ଉଦ୍ଧୃତ, ତାହାଙ୍କ ଧ୍ୱଂସଦାନ ମଧୁର ସ୍ୱର ଶବ୍ଦାର । ଶିଖି—ଶିଖା ବନ୍ଧ । ଭ୍ରମି—ବୁଲି ବୁଲି, ଉଡି ଉଡି ସଙ୍ଗତ ।

୧୫ । ଗଜ ବସ୍ତୁ—ଯୋଦ୍ଧା ହାତୀ । ଉପଶାନ୍ତ—ଶାନ୍ତ ଅର୍ଥାତ୍ । ଦେଶାନ୍ତରେ—ବିଦେଶମାନଙ୍କରେ । ମାତଙ୍ଗ ଟୌଖ୍ୟାନିକ—ଗଜମତି ଯାତ୍ରିକ । ଲବ୍ଧ—ଯଶ ।

୧୬ । ବାମଦେବ ସ୍ତୁତଶେଷ ( ବାମ ସ୍ୱାର୍ଥ ବା ) ପ୍ରତିକୂଳ ଭାବର ଶେଷସୂଚକ ଯେ ମା ବା ଅଦନ । ଯହିଁ—ଯେଉଁ ସ୍ଥାନରେ ଲୋକେ ମର୍ତ୍ତ୍ୟ ମଣନ୍ତି ଅର୍ଥାତ୍ ସମସ୍ତ ବିଷୟ ଅନୁକୂଳ । ବା ବାମଦେବ—ସ୍ତ୍ରୀର ହସ୍ତ ଥିବା ପରସ୍ତ୍ରୀ ସ୍ମରଣ—ମର୍ତ୍ତ୍ୟ ମଣନ୍ତି ( ପାଠାନ୍ତର ଲୋକନାଥ ଧୃତ ପାଠ ) ବା ବାମଦେବ ପ୍ରତିକୂଳ ବା ନାସ୍ତିକ ଲକ୍ଷଣ ନେବା ମଣ୍ଡଳ ମଣନ୍ତି । ବାମଦେବ ସ୍ତୁତଶେଷ ଜାଣନ୍ତି ଯହିଁ ମର୍ତ୍ତ୍ୟ—ବା ମଦନ ମଣିକ ଯାହା ମାତ୍ର ବୋଲି ଭ୍ରମନ୍ତି । ପଥରେ—ବାଟରେ । ପଥର—ପାଷାଣ, ପ୍ରସ୍ତର । ସ୍ୱଚ୍ଛ—ନିର୍ମଳ, ଉଜ୍ଜ୍ୱଳ ।

୧୭ । ବଜ୍ରକାନ୍ତ ଗଜ—ଉତ୍କୃଷ୍ଟ ଜାତିର ହସ୍ତୀ । ପାଲକାପ୍ୟମତରେ ଭଦ୍ର, ମନ୍ଦ୍ର, ମୃଗ ନିଷାଧ ଓ ସଙ୍କୀର୍ଣ୍ଣ ମତରେ ଭଦ୍ର, ମନ୍ଦ୍ର, ମୃଗ ଓ ମିଶ୍ର ଭେଦରେ ଚତୁର୍ବିଧ ଏବଂ ଭଦ୍ର ଜାତୀୟ ମଧ୍ୟରେ ସର୍ବୋତ୍କୃଷ୍ଟ । ବଜ୍ର ବୋଧହୁଏ ନିଜ୍ରୁ ବଜ୍ରତୁଲ୍ୟ ଗୁଣ ଭାବ ଅଛନ୍ତି । ସିନ୍ଧୁଜାତ ଅଶ୍ୱ—ସିନ୍ଧୁଦେଶରେ ଜାତ ଓ ପାଳିତ ଅଶ୍ୱ । (ଆରବୀୟ ବା ପଶ୍ଚିମାଞ୍ଚଳର ଅଶ୍ୱ ବା ଭାରତବର୍ଷର ଅଶ୍ୱ ମଧ୍ୟ—ସିନ୍ଧୁ—ସମୁଦ୍ର ଅଞ୍ଚଳ ଦେଶୀ ) ।

୧୮ । ସୁଅଶ୍ୱରେ—ଉତ୍ତମ ଘୋଡ଼ାରେ । ନେପାଳୀ—ନେପାଳ ଦେଶର ଘୋଡା ( ଶାଳ୍ମଳୀ ହିମାଳୟ ଦେଶରୁ ଆଗତ ) ଗନ୍ଧମାର୍ଜାର—ଗନ୍ଧଯୁକ୍ତ ଜନ୍ତୁ ବିଶେଷ । ବିଡାଳ—ବିରାଡି ।

ମାଳୀଅଳି ଦକ୍ଷିଣାବର୍ତ୍ତିତ ଶଳା କମ୍ବୁ
ନ ଦେଖନ୍ତି ଦେବାଙ୍କୁ ହରବରଣେ ଅମ୍ବୁ ଯେ । ୧୯ ।
ଏକମୁଖୀ ରୁଦ୍ରାକ୍ଷ ଭୂଷଣ ଯୋଗୀ କରେ
ବାଳକେ କିଣନ୍ତି ଦ୍ରାକ୍ଷା କେବଳ ଖୋଳିକେ ଯେ । ୨୦ ।
ଖଡ୍ଗ ଚର୍ମ ଅଢେଣୀ ଧାରଣର ଯାଇ
ଖଡ୍ଗ ଚର୍ମରୁ ଅନ ଚର୍ମ ନ ଯୋଗାଇ ଯେ । ୨୧ ।
ଯହିଁ ବ୍ରହ୍ମକାନ୍ତ ବଜ୍ରକବାଟ ଦିଲର
ବଜ୍ର କବାଟରେ ଅନୁସ୍ୱାର ଥିବ କାହିଁ ଯେ । ୨୨ ।
ପଦ୍ମିନୀ ଜନମସ୍ଥାନ ପଦ୍ମାକର ସୁତା
ଅନ ଜାତି ନାଶ୍ୱ ଯହିଁରେ ପରବୃତ୍ତା ଯେ । ୨୩ ।

---

୧୯ । ମାଳୀଅଳି—ମାଳୀମାନେ । ଦକ୍ଷିଣାବର୍ତ୍ତିତ କମ୍ବୁ—ଡାହାଣ ମୁଖୀ ଶଙ୍ଖ (ବଳମ୍ବ) ସ୍ୱର ଶବଶେ ଅମ୍ବୁ—ମହାଦେବଙ୍କଠାରେ ଥାଏ ।

୨୦ । ଏକମୁଖୀ ରୁଦ୍ରାକ୍ଷ—ଗୋଟିଏ ମୁଖ ଥିବା ରୁଦ୍ରାକ୍ଷ ( ଦୁର୍ଲ୍ଲଭ ଓ ଉତ୍କୃଷ୍ଟ ) ଯୋଗୀ—ମହାଦେବଙ୍କ ଉପାସକ । କରେ—ହାତରେ । ଦ୍ରାକ୍ଷା—ଅଙ୍ଗୁର । ଖୋଳ—ଦରକୋଳି ।

୨୧ । ଖଡ୍ଗ—ଗଣ୍ଡା । ଖା ସହିତ ଚର୍ମଅଢେଣୀ—ଚମର ଢାଲ । ଖଡ୍ଗ ଚର୍ମରୁ—ଗଣ୍ଡା ଚମରୁ । ( ସେ କାଳ ଲୋକେ ଯୋଦ୍ଧା ରେ ବ୍ୟବହାର କରନ୍ତି ସେ ସମସ୍ତ ଗଣ୍ଡା ଚମର ତିଆରି ଢାଲ ) ଧାରଣର—ଧରିବା ନିମନ୍ତେ । ନ ଯୋଗାଇ—ଉପଯୁକ୍ତ ନୁହେଁ ।

୨୨ । ବ୍ରହ୍ମକାନ୍ତ ବଜ୍ରକବାଟ—ବ୍ରହ୍ମା ନାମକ ସ୍ଥାପିତ କବାଟ । ବଜ୍ରକବାଟ—ଲୌହ ବା ଇସ୍ପାତର ଖଞ୍ଜା । ଅନୁସ୍ୱାର—ଅଧର । ୨୩ । ପଦ୍ମିନୀ—ଉତ୍କୃଷ୍ଟ ଜାତୀୟା ସ୍ତ୍ରୀ । ପଦ୍ମ—ପଦ୍ମଗନ୍ଧା ( ଭବତି କମଳନେତ୍ରା ନାସିକା କ୍ଷୁଦ୍ର ରନ୍ଧ୍ରା । ଅବିରଳକୁଚଯୁଗ୍ମା ଦୀର୍ଘକେଶୀ କୃଶାଙ୍ଗୀ ମୃଦୁବଚନସୁଶୀଳା ଗୀତବାଦ୍ୟାନୁରକ୍ତା ସକଳତନୁସୁବେଶା ପଦ୍ମିନୀ ପଦ୍ମଗନ୍ଧା । ଅନଜାତି ନାଏ—ଶଙ୍ଖିନୀ, ହସ୍ତିନୀ ଓ ଚିତ୍ରିଣୀ ଜାତି ସ୍ତ୍ରୀମାନେ । ପଦ୍ମାକର ସୁତା—ସୁତା ଲକ୍ଷ୍ମୀ ଦେବୀ ଯେ ଗୋଟିଏ ପଦ୍ମଯୁକ୍ତ ସରୋବର ବା ପଦ୍ମାକର ଲକ୍ଷ୍ମୀଙ୍କର ଜନ୍ମସ୍ଥାନ ଯେ ସମୁଦ୍ର ତନୁଜା ସୁତା ଲକ୍ଷ୍ମୀ । ପରବୃତ୍ତା—ଦାସୀ ।

କଳସ୍ୱ ଗୀତ ଶ୍ରବଣ ଯହିଁ ନିତ୍ୟ ନିତ
ମହୀ ମଧ୍ୟେ ସ୍ୱର୍ଗ ସେ ହୋଇଛି ଉତପତ୍ତି ଯେ । ୨୪ ।
ସେ ନଗର ନରବର ନାମ ଚନ୍ଦ୍ରକେଶ୍ୱର ।
ଚନ୍ଦ୍ରୀକ୍ଷିତା ନାମେ ପାଟମହଷୀ ତାହାର ଯେ । ୨୫ ।
ପଞ୍ଚଶର ସଦୃଶ ପଞ୍ଚସୁତ କଲେ ଜାତ
ଦିବ୍ୟ କୁମାରୀ ପ୍ରାପତେ କଲେ ନାନା ବ୍ରତ ଯେ । ୨୬ ।
ଚଳନ୍ତ ମଙ୍ଗଳବାରେ ଅରନ୍ଧି ପୂଜାକୁ
ପଞ୍ଚମ ପାଳିରେ ତୋଷ କଲେ ଗୌରୀଙ୍କୁ ଯେ । ୨୭ ।
ବାଞ୍ଛିତଫଳ ପିଣ୍ଡ ଥିଲା ଅଗମ୍ୟ ଭାଜନ
ଅପର୍ଣ୍ଣା ଅମ୍ବିକା ଯାହିଁ କଲେ ସଞ୍ଜୀବନ ଯେ । ୨୮ ।
ହୋଇଲେ ସୁନ୍ଦରୀ ଚୁଅ ରସାଳର ଫଳ
ଅଳ୍ପ ଅବଧାରିଲା ସେ ରାମା ତତକାଳ ଯେ । ୨୯ ।
ଜଠରେ ଯେସନ୍ତ ସ୍ୱାଦୁବେଶେ ମହାଦେବୀ ଜଠରେ ।
ଦେଉଗଲେ ସେ ଅମ୍ବଙ୍କୁ ପାର୍ବତୀ ସତ୍ୱରେ ଯେ । ୩୦ ।
ତେବେ ସ୍ୱପନ ଦେଖିଲେ ହସ୍ତେ ଅଛି ଚୂତ
ତାହା ଭକ୍ଷି ମୃଗାକ୍ଷୀ ନାସ୍ତିକ ସଙ୍ଗେ ଭଲ ଯେ । ୩୧ ।

---

୨୪ । କଳସ୍ୱ—ସ୍ୱର୍ଗୀୟ ଶରୀର ମନୁଷ୍ୟାକୃତି ଓ ମୁଖ ଅଶ୍ୱର; କଳରବ—ଦେବଯୋନି ବିଶେଷ; ତାଙ୍କ ସ୍ତ୍ରୀମାନେ ବାଦ୍ୟବାଦନ ଓ ସଙ୍ଗୀତରେ ପାରଙ୍ଗମ । ନିତ ନିତ—ପ୍ରତ୍ୟହ । ମହୀ ମଧ୍ୟେ—ପୃଥିବୀ ମଧ୍ୟରେ । ଉତପତ୍ତି—ଜନ୍ମ ।

୨୫ । ନରବର—ନୃପଶ୍ରେଷ୍ଠ, ରଜା । ପାଟମହଷୀ—ପ୍ରଧାନ ରାଣୀ ।

୨୬ । ପଞ୍ଚଶର ସଦୃଶ—କନ୍ଦର୍ପ ତୁଲ୍ୟରେ । ସୁତ—ପୁତ୍ର । ଦିବ୍ୟକୁମାରୀ—ସୁନ୍ଦରୀ କନ୍ୟା । ପ୍ରାପତେ—ପାଇବା ଲାଗି । ବ୍ରତ—ଦେବତା ପୂଜାରେ ଉପବାସ କରିବା । ୨୭ । ପଞ୍ଚମପାଳିରେ—ପଞ୍ଚମ ଥର । ଗୌରୀଙ୍କୁ—ପାର୍ବତୀଙ୍କୁ । ୨୮ । ପିଣ୍ଡ—ମୂଳ ଶରୀର । ଅମ୍ବିକା—ପାର୍ବତୀ । ସଞ୍ଜୀବନ କଲି—ଜୀଆଁଇଲେ । ୨୯ । ରସାଳ—ଅମ୍ବ । ଅବଧାରିଲା—ପ୍ରତିପାଳନ କଲା, ନିର୍ଣ୍ଣୟ କଲା ; ରାମା—ସ୍ତ୍ରୀ, ବାଞ୍ଛିତା । ୩୦ । ଜଠରେ—ଗର୍ଭରେ । ମହାଦେବୀ—ଚନ୍ଦ୍ରୀକ୍ଷିତା, ପାଟରାଣୀ । ସ୍ୱାଦୁବେଶେ—ସ୍ୱାଦରେ ଅଭିଭୂତ ହେବା ସମସ୍ତେ । ସତ୍ୱରେ—ଶୀଘ୍ର । ୩୧ । ଚୂତ—ଅମ୍ବ । ମୃଗାକ୍ଷୀ—ହରିଣନୟନା, ପାଟରାଣୀ ।

ଶୁଭବେଳେ ଗର୍ଭ ଦର୍ଭାଷୀ ଶୁଭ୍ରକେଶୀ
କେତେ ଦିନେ ଶୋଭା ତାର ଅନେ ଅନେ ଧାଣି ଯେ ।୩୨।
କାନ୍ତି ସୁବର୍ଣ୍ଣେ ଦୋହଦ ପାଣ୍ଡର ମିଶିଲା
ରଜତ ପିତୁଳା ତୁଳା ଅବଳା ଦିଶିଲା ଯେ ।୩୩।
କ୍ଷୀଣ ଯାର ପୀନ ହେଲା ଦେହ ଘଣ୍ଟା ଭଟ୍ଟୀ
ଖସି ନିତମ୍ବ ବିମ୍ବୁ ଅଣେ ଭଳ ଶାଟୀ ଯେ ।୩୪।
ଦେଶରେ ଅବେଗ ହେବା ଉପରେ ତୁଟିଲା ।
ଅଧାରେ ବମନା ହେବାର ଗମନେ ଫୁଟିଲା ଯେ ।୩୫।
ବାହାର ହୋଇଲା ପଞ୍ଚବର୍ଷାବରୁ ମଣ୍ଡ
ମହିଳା ମହୀ ଶୟନେ ବଳାଇଲା ପ୍ରୀତି ଯେ ।୩୬।
ଦବ୍ୟଲୁବ୍ଧିକି ଲୁଚିଲା ମୁକ୍ତା ଭୂଷଣୀ ।
ରଞ୍ଜିଲ ବଳକମାନ ଲଭିଲା ଲକ୍ଷଣୀ ।୩୭।

---

ନାୟକ—ସ୍ୱାମୀ । ରତ—ରମଣରେ ନିଯୁକ୍ତ । ୩୨ । ଦର୍ଭାଷୀ—ଅଳ୍ପ ଭାଷିଣୀ, ସ୍ମେରମୁଖୀ । ଶୁଭ୍ରକେଶୀ—ଉଜ୍ଜ୍ୱଳ ଓ ଚିକ୍କଣ କେଶ ଯାହାର—ସୁନ୍ଦରୀ । କେତେଦିନେ—କେତେଦିନ ପରେ । ଅନେ ଅନେ—ଭିନ୍ନ ଭିନ୍ନ ପ୍ରକାର ।

୩୩ । ଦୋହଦ—ଦୋହଦ ଅବସ୍ଥା ଅର୍ଥାତ୍ ଗର୍ଭବସ୍ଥାର ଲକ୍ଷଣ ଦେହରୁ କାନ୍ତି ସୁବର୍ଣ୍ଣ—କାନ୍ତି ସୁବର୍ଣ୍ଣ ସଦୃଶ ଦେହରେ ପାଣ୍ଡୁ ମିଶିବାରୁ ଦଶ୍ମି ପାଣ୍ଡୁର—ଦେହ ପଡ଼ିଲା ପରି ରଜତ ପିତୁଳା—ରୂପାର ମୂର୍ତ୍ତି; କ୍ଷୀଣ ଯାର ପୀନ ହେଲା—ସରୁ ଥିଲା ତାହା ମୋଟ ହେଲା । ଦେହ ଘଣ୍ଟା ଭଟ୍ଟୀ—ଅଙ୍ଗ ଗଢ଼ ଦେହରେ ଲମ୍ବିବାପରି ଜଣାଗଲା ହେଉଥିଲା । ନିତମ୍ବବିମ୍ବ—ସ୍ତ୍ରୀ କଟିର ପଶ୍ଚାଦ୍ଭାଗକୁ ନିତମ୍ବ କହନ୍ତି ( ପଶ୍ଚାତ୍ ନିତମ୍ବଃ ସ୍ତ୍ରୀକଟ୍ୟାଃ ) । ଗଣ୍ଡ—ମଣ୍ଡଳ, ଗୋଲାକାର ପ୍ରଦେଶ । ଶାଟୀ—ଶାଢ଼ୀ । ଅଣ୍ଟା ମୋଟା ହେବାରୁ ଶାଢ଼ୀ ପିନ୍ଧିବା କଷ୍ଟ ଥିଲା । ୩୫ । ଅବେଗ—ଆଗ୍ରହ, ସ୍ନେହ । ତୁଟିଲା—ଛିଣ୍ଡିଲା । ଅଧାରେ ବମନ—ଖାଦ୍ୟରେ ଅରୁଚି । ଗମନେ ଫୁଟିଲା—ଚାଲି ଆସିବାରେ ବାଧା ବା କଷ୍ଟ ବୋଧହେଲା । ୩୬ । ପଞ୍ଚବର୍ଷାବରୁ—ପଞ୍ଚ ବର୍ଷାବରୁ । ମଣ୍ଡ ବାହାର ହୋଇଲା—ମନ ଛାଡ଼ିଲା । ମହିଳା—ସ୍ତ୍ରୀ, ରାଣୀ । ମହୀ ଶୟନେ—ଭୂମିରେ ଶୋଇବାକୁ । ବଳାଇଲା ପ୍ରୀତି—ଅଧିକଲା ।

୩୭ । ଭକ୍ଷ୍ୟଭୁକ୍ତ—ସଂସାରର ଭଲ ପଦାର୍ଥ ଖାଇବାପାଇଁ ଅଧୀର ( ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ, ଅନ୍ନାଦି ବିଷୟରେ ଅଭିଳାଷ ) ତାର

ପୁଷ୍ପେଷୁମାନସୁଗ୍ମ ଉଦର ପୃଥୁତର
ଅତି ଶୋଭା ନାଭି ଗୋଲକୁଣ୍ଡିକା ପରକାରେ । ୩୮ ।
କସ୍ତୁରୀ ଦାଗରେ ଉସ୍ତ ଲୁଚିଯାଇ ରଙ୍ଗ ଯହିଁ
ଘନ ଘନ ଜୃମ୍ଭା ପୁନଃ ପୁନଃ ମୋଡ଼ି ଅଙ୍ଗ ଦେଇ । ୩୯ ।
ଶ୍ୟାମଳ କୋମଳଅଙ୍ଗୀ ସ୍ତନ ଅଗ୍ର ତହିଁ ।
ସ୍ୱର୍ଣ୍ଣଧର ଶୃଙ୍ଗେ ଜଳଧର ପରି ଶୋଭୁ ଯେହ । ୪୦ ।
ଦଶମାସ ଶେଷେ ଭରବନ୍ତୀ ଅଶକତ ।
ଉତ୍ତମ ଲଗ୍ନ ମଙ୍ଗଳେ ସୁତା ପ୍ରସବିତ ହେ । ୪୧ ।
ଛବି ଶଶୀର କି ଗୁରୁମୁଖ ସଙ୍ଗେ ବାଦ ।
ଅତନୁ ମଦନ ମଣ୍ଡପରେ ବହି ମଦ । ୪୨ ।
ଉଦଧିଶୋଭା ଜଳଧି ମନ୍ଥିଲ ଉଦ୍‌ବେଗେ ।
ଜନ୍ମିଲା ମଦନ ବଳି ସର୍ପିରଙ୍କୁ ଭୋଗେ । ୪୩ ।
ତହୁଁ ଜାତ ଜଗତମୋହିନୀ ସ୍ୱଭାବେ ।
ଅବଶ୍ୟ ଚେଷ୍ଟାକରିବେ ନୃପ ତପସ୍ୱୀ ଏବେ ହେ । ୪୪ ।

---

ବର୍ତ୍ତମାନ ଏହି ବସ୍ତୁରେ ମାଟି ଖାଇବାରେ ମନ କଲେ । ଶୃଙ୍ଖଳ— ଦୃଷ୍ଟିର ଚଞ୍ଚଳ ଭୃକୁଟୀମାନ ସ୍ଥିରଭାବ ପାଇଲା । ୩୮ । ପୁଷ୍ପେଷୁମାନସୁଗ— ମନୁଷ୍ୟ ସୁନ୍ଦ । ଉଦର—ପେଟ । ପୃଥୁତର—ମୋଟା ।

୩୯ । କସ୍ତୁରୀ—ଶବର୍ଣ୍ଣ, ନାଭିଶ । ରଙ୍ଗ ଲୁଚିଯାଇ—ରଙ୍ଗିମା, ଲାଲଗୁଣ ନଷ୍ଟ ହୋଇ । ଘନ ଘନ—ବାରମ୍ବାର । ଜୃମ୍ଭା—ହାଇ । ୪୦ । କୋମଳଅଙ୍ଗୀ—ଯାହାର ସ୍ପର୍ଶ ଅତି ସୁକୁମାର ଶରୀର । ସ୍ତନଅଗ୍ର— ଚୂଚୁକ । ଶ୍ୟାମଳ—କୃଷ୍ଣ, କଳାରଙ୍ଗ । ସ୍ୱର୍ଣ୍ଣଧର ଶୃଙ୍ଗେ—କୈଳାସ ଶିଖରରେ । ଜଳଧର—ମେଘ । କୈଳାସ ପର୍ବତ ଧଳା, ତା ଉପରେ ମେଘ ଭଳି—ସେପରି ଚୂଚୁକ ଥିବା ଦେଖାଗଲା ।

୪୧ । ଭରବନ୍ତୀ—ଗର୍ଭିଣୀ ସ୍ତ୍ରୀ । ଅଶକତ—ଗର୍ଭଭାରରେ ଅସମର୍ଥ । ମଙ୍ଗଳଲଗନେ—ଲଗ୍ନ ଯୋଗରେ । ସୁତା ପ୍ରସବିଲା—କନ୍ୟା ଜାତ ହେଲା ।

୪୨ । ଛବି—ଲାବଣ୍ୟକାନ୍ତି । ଶଶୀର—ଚନ୍ଦ୍ର ବଳରେ ସ୍ଥିର ହୁଏ । ଗୁରୁମୁଖ —ବୃହସ୍ପତି । ବାଦ—ବିବାଦ । ଅତନୁ—ବିଧାନ କର । ମଦନମଣ୍ଡପ— କାମକ୍ରୀଡା । ମଦ—ଗର୍ବ । ବହି—ଧାରଣ କରି । ୪୩ । ଉଦଧି ଶୋଭଉଦଧି—ଯେତେବେଳେ ଦେବାସୁର ସମୁଦ୍ର । ଉଦ୍‌ବେଗ—ଉଦ୍ୟମ । ଜନ୍ମିଲା ମଦନ—ସ୍ତନ ବଢ଼ିଲା ମଦନର ଯୌବନ । ବଳି—ଦେହର ମୋହିନୀ,

ଧାତ୍ରୀ ଧରଣୀଭୃତାଙ୍କୁ ନାଶିଚ୍ଛେଦ କର ।
ଗଣକଗଣ କର୍ଣ୍ଣ କାଟନ୍ତ ବସ୍ତୁର ହେ । ୪୫ ।
ସୂତିକାଗୃହରେ ଦେଖେ ଷଷ୍ଠୀ ଶେଷ କଲେ ।
ଦାଣ୍ଡ ବଂଶ ବାଜିନ ଉଦ୍ୟାନ ଶୟନ ବନ୍ଧାଇଲୁ ହେ । ୪୬ ।
ଅଙ୍ଗଥିଲେ ବୃହସ୍ପତି ଶୋଭାବ୍ରଣି ସୃଷ୍ଟି ।
କଣ୍ଠସ୍ୱରେ ଦେଖେ ଭକ୍ତ ଶ୍ରମ ଭଙ୍ଗ ବହି ହେ । ୪୭ ।
ମୁଖ ଦେଖ ଏମନ୍ତ କାନ୍ତିର ପଦ୍ମ ବିଧୁ ।
ହସ୍ତ ବଳୀ ଭର ଅଙ୍ଗୁ ଗଢ଼ିଥିଲୁ ସାଧୁ । ୪୮ ।
ଚନ୍ଦ୍ର ଭାବ ଅହ୍ଲାଦ ଦର୍ପଣରୁ ହୁଳି ।
ଲବଣୀରୁ କୁଟିଳ ଅଞ୍ଜନପୁଞ୍ଜୁ ଢାଳି । ୪୯ ।
କୁଚଯୁଗ୍ମ ଓଷ୍ଠର ବିଦ୍ରୁମ ରଙ୍ଗ ହର ।
ଲବଣୀ ଶିରୀଷରୁ କୋମଳ ତନୁ କରୁ ହେ । ୫୦ ।

---

ଦର୍ପବନ୍ତି—ଗାଡ଼ ଦଣ୍ଡିଡ଼ି । ଜଗତମୋହନୀ—ପୃଥିବୀସ୍ଥ ଲୋକଙ୍କ ମୋହନକାରିଣୀ । ସୁକୃତ—ଦକ୍ଷକରେ । ଧୃତତପଭଙ୍ଗ—ମହାଦେବଙ୍କ ତପସ୍ୟା ଭାଙ୍ଗିବା ନିମନ୍ତେ । ପାର୍ବତୀଙ୍କ ସେବା ସମୟରେ ମହାଦେବଙ୍କ ତପ ଭଙ୍ଗ କରିବାକୁ ସମର୍ଥ ହୋଇ ନ ଥିଲେ । ଶିବଙ୍କ ନେତ୍ରାନଳରେ ଭସ୍ମୀଭୂତ ହୋଇଥିଲେ । ବର୍ତ୍ତମାନ ସେ ଦାଉ ସାଧିବାକୁ ମନ କଲାଇଲେ । ସମୁଦ୍ର ମନ୍ଥନରେ—କ୍ଷୀର ସମୁଦ୍ରରେ ମନ୍ଥନ କୁମାରଦଶ୍ର । ବାସୁକୀ ଲକ୍ଷ୍ମୀ ହୋଇଥିଲେ—ରତ୍ନମାନ ସେହି ହେଲେ ସମ୍ଭୂତ, ସୁନ ନୈହାର ମଦନ, କାଳ ହେଲେ କାମୁକା । ୪୫ । ଧାତ୍ରୀ—ଧାଈ । ଧରଣୀଭୃତାଙ୍କୁ—ପୃଥିବୀମଣ୍ଡନାକୁ । ନାଶଚ୍ଛେଦ କରି—ନାକ କାଟି । ଗଣକ—ଜ୍ୟୋତିଷ ।

୪୬ । ସୂତିକା—ଛୁଡ଼ିକା, ପ୍ରସବଗୃହରେ । ଷଷ୍ଠୀ—ଷଠୀ । ଦୋଳଶୟନ—ଝୁଲ ଖଟୁଲୀ । ୪୭ । ବୃହସ୍ପତି—ନାରଦ ସନକାଦି । କଳ—ମହାସ୍ୱର । ଶ୍ରମ—ପରିଶ୍ରମ । ୪୮ । ବିଧୁ—ଚନ୍ଦ୍ର । ହସ୍ତବଳୀ—ହାତରେ ଶରୀରର ବଳୀଦାନ ପ୍ରସ୍ତୁତ କରି । ସାଧୁ—ସହ୍ୟ,ସୁନ୍ଦର ଗୁଣ । ୪୯ । ଭାବ ସୁଗନ୍ଧ । ଅହ୍ଲାଦ—ଲାବଣ୍ୟ । ଦର୍ପଣରୁ—ଆଦ୍ୟକାଳରୁ ମାନ ଦର୍ପଣ କରି ଲୋକେ ସୁନ୍ଦର ମୁଖ ଦେଖୁଥିଲେ । ହୁଳି—ନିର୍ମଳତା, ପ୍ରସନ୍ନତା । ଲବଣୀରୁ କୁଟିଳ—ବାଳର ଭଙ୍ଗିମା ବା କୁଟିଳତା (ବଙ୍କୁରିଆ) ଆଣିଲୁ ସମୁଦ୍ରର ତେଉଠାରୁ । କେଶର କୃଷ୍ଣତା—ଅଞ୍ଜନ ସମୂହରୁ କଳା ଆଣି ତିଆରି କରିଥିଲୁ । କୁଚଯୁଗ୍ମକରଙ୍ଗ—ସ୍ତନ ଦ୍ୱୟରୁ ବାଳିତ ଆଣି

ସୁବର୍ଣ୍ଣରୁ ବର୍ଣ୍ଣ ରାଜହଂସଠାରୁ ଗତି ।
ଏରୂପେ ଉପମାବର୍ଗ ସେତେକ ଅଛନ୍ତି ଯେ । ୫୧ ।
ସବୁଠାରୁ ସାର ସାର ଭାଗ ଆଣ ଆଣି ।
ପୁରଟ ପ୍ରତିମା ପରି ରଚିଲ ରମଣୀ ଯେ । ୫୨ ।
ଛକ ସେତେ ଥିଲେ ଶିଖିବାର ତା ନ କଲେ ।
ବିଧାତା ବିଧାନ ଜାଣୁଁ ହେବ ଏ ନୋହିଲେ ଯେ । ୫୩ ।
ଦେଖି ପଦ୍ମ ଲପନଶୋଭାକୁ ଯାଇ ହାରି ।
ଚରଣତଳେ ଶରଣ ପଶିଅଛି ଜାଣି ଯେ । ୫୪ ।
ପଦ୍ମଜାତି ସିନା କଣ୍ଟ କଢ଼ିଲ କେମନ୍ତେ ।
ଏମନ୍ତ ସନ୍ଦେହ ହେଲା ସମସ୍ତଙ୍କ ଚିତ୍ତେ ଯେ । ୫୫ ।
ସଦ୍ୟ ମନେ ସର୍ବ ଶୋଭା ସ୍ଥାନ ବୋଲି ଜାଣି ।
ଲାବଣ୍ୟବତୀ ନାମକୁ ଦେଲେ ଭଲି ଭଲି ଯେ । ୫୬ ।
କଳସ-ପଞ୍ଜର କଳାଧର କଳା ପରି
ଦିନୁଦିନୁ ଶୋଭାବୃଦ୍ଧି ନରେନ୍ଦ୍ରକୁମାରୀ । ୫୭ ।

---

ଅଙ୍ଗରେ ଲଗାଇ । ଓଷ୍ଠକୁ ବାନ୍ଧୁଲି ବନ୍ଧୁ—ଯୋଡ଼ିଲା । ଗଢ଼—ଚାଲିବା । ଵର—ଉତ୍ତମ ବାଣୀ । ଲବଣୀ ଶିରୀଷ—ଲବଣୀ ଓ ଶିରୀଷ ଫୁଲର ସୁକୁମାରତା । କଳେ—କୋଇଲେ । ଲୁଟି—ଲୁଟି ଶରୀର ନିର୍ମାଣ କଲା । ସେ କନ୍ୟା ପଦ୍ମିନୀ, ତାର ସୁଅଙ୍ଗବର୍ଣ୍ଣସ୍ଥ କାନ୍ତିସ୍ୱରୂପ, ଦେଖଣ ଚୂଡ଼ିଲ ଓ ଫଳ, ତନ୍ତୁ ଚମ୍ପକ । ଅଧର ଲାଲ ଏବଂ ଶରୀର ଅତି ସୁକୁମାର । ତାର କାନ୍ତି ସ୍ୱନ: ଓ ଗତି ରାଜହଂସର ଚାଲିପରି । ଉପମା—ଉପମାନ ( ଅଶ୍ୱିନ ପୂର୍ଣ୍ଣଶଶୀ ଓ ପ୍ରସିଦ୍ଧ ପଦାର୍ଥ ) । ସାର, ସାର ଭାଗ—ଉତ୍କୃଷ୍ଟ ଅଂଶ । ପୁରଟ ପ୍ରତିମା—ସ୍ୱର୍ଣ୍ଣ ମୂର୍ତ୍ତି । ରମଣୀ—ସ୍ତ୍ରୀ

୫୩ । ସୀତୁକାର—ଅଙ୍ଗବାର, ମାନବୀ । ବିଧାତା ବିଧାନ—ବ୍ରହ୍ମାଙ୍କ ରଚନା । ୫୪ । ଲପନ—ମୁଖ । ଚରଣ ତଳେ—ସେହି କନ୍ୟାର ପାଦରେ । ତା'ର ପାଦ ପଦ୍ମ ଦେଖିଲ । ୫୫ । ସବୁ ଲୋକମାନେ ମନରେ ଚିନ୍ତା କଲେ ବ୍ରହ୍ମା କ ପଦ୍ମକୁ ଜାଡ଼ି, ସେ କେଉଁ ଏ କନ୍ୟାକୁ ନିର୍ମାଣ କଲେ ଅର୍ଥାତ ଗଢ଼ିଲେ । ୫୭ । କଳସ ପଞ୍ଜର—ଶୁକ୍ଳ ପକ୍ଷର । କଳାଧର—ଚନ୍ଦ୍ର । ନରେନ୍ଦ୍ରକୁମାରୀ—ରାଜକନ୍ୟା ।

ତେବେତେ ଧବଳ ଉଭା ଛଟି ଅଛି ବିମ୍ବାଧରୀ ।
କରିଗମନରେ ପୁଣି ମହୀ ଶୋଭା କରି ଯେ । ୫୮ ।
ରଜନୀକରବଦନା ରଜ-କନ୍ଦରରେ ।
କରଇ ଖେଳ ରଚନା ଶିଶୁଙ୍କ ସଙ୍ଗରେ ଯେ । ୫୯ ।
ରବି ରଥ ବେଗେ ଦୂର ହୋଇ ତା ସୁଷମେ ।
ଏଣୁ କରି ଦୀର୍ଘ ଦିନ ଜାଣିଲି ଗ୍ରୀଷମେ ଯେ । ୬୦ ।
ବିଶ୍ୱସୃକ ବିଶ୍ୱକର୍ମା ଶିଳ୍ପୀ ହୋଇ ଗୋପ୍ୟ ।
ନିର୍ମିଣି ବାରଣଦନ୍ତପିତୁଳା ତା ରୂପେ ଯେ । ୬୧ ।
ଲଟି ଲେପି କୁଙ୍କୁମ ଦାଅନ୍ତି ନେଇ କରେ ।
ହେବ କି ତୋହର ସମ ଏମନ୍ତ ଶଙ୍କାରେ ଯେ । ୬୨ ।
ମନକୁ ନ ଆସି ଆବଦନ ଚିତ୍ରକର ।
ହୋଇ ଚିତ୍ରେ ବିଚାରି ଲେଖନ୍ତେ ଶୋଭା ଭାବ ଯେ । ୬୩ ।
ଇଥାପି ସୁଷମା ସମା ପ୍ରତିମା ନ ହୋନ୍ତି ।
ଶୋଭାକୁ ବର୍ଣ୍ଣନ୍ତି କବି ବୁଦ୍ଧି କରି ତହିଁ ଯେ । ୬୪ ।

---

୫୮ । ଉଭା—ଠିଆ । ଛଟା—କାନ୍ତି । ବିମ୍ବାଧରୀ—ବିମ୍ବସଦୃଶ ଅଧର ଯାହାର ସେ କନ୍ୟା, ଯୁବତୀ । କରିଗମନରେ—ହାତୀ ପରି ଝୁଲି ଝୁଲିବାରେ । ମହୀ—ପୃଥିବୀ ।

୫୯ । ରଜନୀକରବଦନା—ଚନ୍ଦ୍ରମୁଖୀ । ରଜ-କନ୍ଦରରେ—ଧୂଳିଗୁଣ୍ଡିରେ । ୬୦ । ସୁଷମେ—ପରମ ଶୋଭାରେ । ଦୀର୍ଘ—ବଡ଼ । ସୂର୍ଯ୍ୟ ସେ କନ୍ୟାର ଶୋଭାରେ ଚକିତ ହୋଇ ରଥ ଦମି ଦଉଦାରୁ ଖର୍ବ ଦିନ ବଡ଼ ହେଲା ବୋଲି କବି ବର୍ଣ୍ଣନା କରେ ।

୬୧ । ବିଶ୍ୱସୃକ୍—ବିଧାତା; ବିଶ୍ୱକର୍ମା—ଶିଳ୍ପୀ । ସ୍ୱର୍ଗର ବିଶ୍ୱକର୍ମା କାରିଗର ହୋଇଲେ । ଗୋପ୍ୟ—ଲୁଚକରି । ବାରଣଦନ୍ତ ପିତୁଳା—ହାତୀଦାନ୍ତର ମୂର୍ତ୍ତି । ତା ରୂପେ—ସେ କନ୍ୟା ରୂପର ତୁଳନାରେ ।

୬୨ । ଲଟି ଲେପି—ଘଷି ବୋଳି । କୁଙ୍କୁମ—କାଶ୍ମୀର କେଶର । ଶଙ୍କାରେ—ଭୟରେ, ଧୋକାରେ । ୬୩ । ସେ ମନକୁ ନ ଆସିବାରୁ ଚିତ୍ରକର ହୋଇ ତଥ ପଟ ଶୋଭା ବଢ଼ାଇବାରେ ତୁଳିକାରେ ରଞ୍ଜନ କଲେହେଁ । ସୁଷମା—ସୁନ୍ଦରୀ । ସମା—ତୁଲ୍ୟ । ପ୍ରତିମା ନ ହେବାରୁ କବିର ବ୍ୟବସାୟ ଅଣଗୁ କରି ତାର ଶୋଭା ବର୍ଣ୍ଣନା କରିବାକୁ ଲାଗିଲେ ।

ଏମନ୍ତ ଯଶ ତୋମାର ଜଗତେ ଶୁଭିଲା ।
ଯୋଗୀ ତନୁ ମୋହନାସ୍ତ୍ର ମାର ବିଆଇଲା ଯେ ।୬୫ ।
ଏ ବିଷ୍ଣୁରେ ମହେଶ ପାଷାଣ ହେଲେ କିବା ।
ସ୍ମରା ହେବାପାଏ ଅଙ୍ଗ ଶସ୍ତରେ ନ ଥିବା ଯେ ।୬୬ ।
ପକ୍ଷାଶୁକେ ଶିଳାଧୂପ ଭୋକଲେ ଭବନ୍ତା
ହୋଇଲେ ପାଠ ପଠନ କାଳ ମୂକୀ ଭୂତା ଯେ ।୬୭ ।
ସରସ୍ୱତୀ ରୋଗବଶେ ବନ୍ଧ୍ୟା ଥିଲା ଯେବେ ।
ହେଲେ କଣ୍ଠ ଶୋଭାବନ୍ଧ୍ୟ ନ ଲଭନ୍ତୁ ମୋତେ ଯେ ।୬୮ ।
ଲଜ୍ଜାପଞ୍ଚମହାପାପୀ ଦେଖି ଯଉବନ —
ରାଜା ଅପି ଅକର୍ଷିଲା ଅଙ୍ଗଦେଶମାନ ଯେ ।୬୯ ।
ପାଣି ଉର ନିତମ୍ବ ଜଘନ ବକ୍ଷ ସ୍ଥଳ
ଶାଢ଼ୀ ପାଇ ଏମାନେ ହୋଇଲେ କୃତକୃତ୍ୟ ଯେ ।୭୦ ।

---

୬୫ । ଯଶ—ଖ୍ୟାତିଗୁଣ । ଯୋଗୀତନୁ ମୋହନାସ୍ତ୍ର—କାମଦେବୀ ଯୋଗୀମାନେ ଯୋଗ ଛାଡ଼ିଲେ । ସେ ଯୋଗୀମାନଙ୍କ ପ୍ରତି ମୁହଁମାର ପ୍ରହରଣ ହେଲା । ମାର—କନ୍ଦର୍ପ । ବିଆଇଲା—ସୃଷ୍ଟି କଲା ।

୬୬ । ମହେଶ—ଶିବ । ପାଷାଣ—ପଥର । ସ୍ମରା ହେବାପାଏ—ସ୍ମରଣ ହେବା ପର୍ଯ୍ୟନ୍ତ । ଶସ୍ତରେ—ଉତ୍ତମାଙ୍ଗ ଦେହରେ । ୬୭ । ପାଠ ପଠନକାଳ ମୂକୀଭୂତା—ସେ କନ୍ୟାର ପାଠ ପଢ଼ିଲା ବେଳେ ମଧୁର ବଚନ ଶୁଣି କୋକିଳ ଓ ଶାରୀ ମୂକ ହେଲେ । ଶିଳାଧୂପ—କର୍ପୂର ଧୂଆଁରେ ପକ୍ଷୀ ଶୁକର ପାଟି ଫିଟେ ନାହିଁ ଓ ବର୍ଷାକାଳରେ କୋକିଳ ପାଟିରୁ କଥା ବାହାରେ ନାହିଁ । ଏମାନେ ଲଜ୍ଜାରେ ନୀରବ ହେଲେ ।

୬୮ । ରୋଗବଶେ—ଅଜସାରରେ, ଜାଣନ୍ତାରେ ; ଶୋଭାବନ୍ଧ୍ୟ—ସୌନ୍ଦର୍ଯ୍ୟରେ ବନ୍ଧ୍ୟା । ସରସ୍ୱତୀଙ୍କଠାରୁ ସେ ସୁନ୍ଦରୀ ଥିଲା । ୬୯ । ଲଜ୍ଜା ପଞ୍ଚମହାପାପୀ—ଲଜ୍ଜାରୂପ ପାତକୀ । ଯଉବନ ରାଜା—ଯୁବାବସ୍ଥା ରୂପ ରାଜା । ଅଙ୍ଗଦେଶମାନ—ଶରୀରସବୁ । ଅକର୍ଷିଲ—ଅଧିକାର କଲା, ବ୍ୟାପିଗଲା ଅର୍ଥାତ୍ ଯୌବନ ଓ ଲଜ୍ଜା ଉଭୟେ କନ୍ୟାକୁ ଆଶ୍ରିଲେ ।
୭୦ । ରାଜା ଯେପରି ତାଙ୍କର ସଭାସଦଙ୍କୁ ଶାଢ଼ୀ ପୁରସ୍କାର ଦିଅନ୍ତି, ସେହିପରି ଯୌବନ-ରାଜା ପାର୍ଷଦମାନଙ୍କୁ ନିଜର ସବସ୍ତ୍ର କର୍ମଚାରୀଙ୍କୁ, ଉର—ସ୍ତନ, ନିତମ୍ବ—ପିଚା, ଜଘନ ଓ ବକ୍ଷ—ଜଙ୍ଘ ସନ୍ଧି—ଏହି ସ୍ଥାନମାନେ ଶାଢ଼ୀ ପାଇ । କୃତକୃତ୍ୟ—ସଫଳକାମ, ସନ୍ତୁଷ୍ଟ, ଶୋଭାବନ୍ତ ଦିଶିଲେ ।

କୁଚ ଅଙ୍କୁରିତାରେ ବପନ କରି ଦରେଶ
ହୃଦୟବେଦୀରେ ଅଭିଷେକ କୁମ୍ଭ କି ଦେଲେ ସେ । ୭୧ ।
ଏ ସମସ୍ତ ମାଙ୍ଗଲ୍ୟ ଯୁବତୀ-ମତ୍ତଗଜ
ଅନ୍ତଃପୁର ଗୋପରେ ରଖିଲା ଦାଳେ ଥିବ ସେ । ୭୨ ।
ନେତ୍ରାନ୍ତରେ ଚଞ୍ଚଳ ପ୍ରବେଶ ହେଲା ଆସି
ତନୁସ୍ଥ ଲଜ୍ଜା ଗୁରୁଜନମାନଙ୍କୁ ପ୍ରକାଶି । ୭୩ ।
ଏ ପ୍ରତାପ ସୁବାଳିତ ଇଚ୍ଛା କରି ଯାଇ
ଶର ଧନୁ ଶିଖେ କି ସଙ୍ଗାର-ଗୁରୁଠାରୁ ସେ । ୭୪ ।
ଯୁବତୀ ସଂସାରେ ସେ ହେବାକୁ ଚକ୍ରବର୍ତ୍ତୀ
ହେଲା କି ପ୍ରତି ଅଙ୍ଗରେ ରୂପଭ ସମ୍ପତ୍ତି ସେ । ୭୫ ।
କୁନ୍ତଳ ଦେଶରେ ଚୂଡ଼ା ଶୋଭା କରାଇଲା ।
ବଦର୍ଭରେ ହାସକୁ ପ୍ରସ୍ତୁତି ପଣ ଦେଲା ସେ । ୭୬ ।

୭୧ । କୁଚ—ସ୍ତନ ; ଅଙ୍କୁରିତାରେ—ଉଦ୍‌ଗମ ହେବାରେ । ହୃଦୟ ବେଦୀରେ—ଛାତି ହେଲା ବେଦୀ ; ଅଭିଷେକ କୁମ୍ଭ—ରାଜ୍ୟାଭିଷେକରେ ବସିଲା ବେଳେ ଯେ ବେଦୀରେ କଳସ ଦିଏ, ସେ ସଦୃଶ ଯୌବନରାଜାର ଅଭିଷେକ କଳସ ହେଲା ।

୭୨ । ଏ ସମସ୍ତ—ଏ ଯୁବା ଦାନ ହେଲା ମାଙ୍ଗଲ୍ୟ—ସ୍ୱସ୍ତିସୂଚକ । ଯଦ୍ୟପି ପାଗଳ ହାତୀକୁ ଧରିବା ନିମନ୍ତେ ବଣରେ ଗୋପ କରିଥାନ୍ତି । ସେଥିରେ ତାକୁ ପକାଇ ବଶ କରନ୍ତି । ସେହିପରି ଏ ଦଶା ହେଲା ମତ୍ତ ଥିଲା ହାତୀ । ଅନ୍ତଃପୁର ଗୋପ ହେଲା, ସେଥିରେ ଏ ହାତୀକୁ ମାଙ୍ଗଲ୍ୟ ଜବରଦସ୍ତିରେ ରଖିଲା । ୭୩ । ନେତ୍ରାନ୍ତରେ—ନେତ୍ରପ୍ରାନ୍ତରେ ଅର୍ଥାତ୍ ନେତ୍ରକୋଣରେ । ଚଞ୍ଚଳ—ଚଞ୍ଚଳତା ଆସି ପ୍ରବେଶିଲା । ତନୁସ୍ଥ—ଶରୀରସ୍ଥ । ଲଜ୍ଜା ଗୁରୁଜନମାନଙ୍କୁ—ଗୁରୁଲୋକ ଗୁରୁମାନଙ୍କୁ ପ୍ରକାଶ କଲା ।

୭୪ । ପ୍ରତାପ—ତେଜ, ଶକ୍ତି । ଯୁବା—ଯୁବତୀ । ସୁବାଳିତ ଇଚ୍ଛା କରି—ଯୁବକମାନଙ୍କୁ ଜିଣିବାକୁ ଇଚ୍ଛା କରି । ତାର କୋଉଣସି ସୁନ୍ଦରୀ ହେଲା ଶର ଧନୁ । ସଙ୍ଗାରଗୁରୁଠାରୁ—କାମଦେବଠାରୁ । ୭୫ । ଯୁବତୀ—ସଂସାରେ—ଯୁବତୀମାନଙ୍କ ମଧ୍ୟରେ । ଚକ୍ରବର୍ତ୍ତୀ—ମଣ୍ଡଳବର୍ତ୍ତୀ ଅର୍ଥାତ୍ ରାଜା ବା ଶ୍ରେଷ୍ଠ । ରୂପସମ୍ପତ୍ତି—ଶରୀରର ସୌନ୍ଦର୍ଯ୍ୟ ଓ ଅଙ୍ଗ ରୂପ-ଲାବଣ୍ୟ । ( ସ୍ତନଦ୍ୱୟର ଅଙ୍ଗ ଦେଶରେ ପ୍ରକଟ କଲା ) ।

୭୬ । କୁନ୍ତଳ ଦେଶରେ—କୁନ୍ତଳ ନାମକ ହାଇଦ୍ରାବାଦର ଦକ୍ଷିଣ-ପଶ୍ଚିମ ଦେଶ ଓ କେଶପକ୍ଷରେ । ଚୂଡ଼ା—ମୁକୁଟ ଓ ଜୁଡ଼ା । ବଦର୍ଭ—

ମାଳବରେ କଣ୍ଠକୁ ମଣ୍ଡିତ କଲା ତେଜ
ତୈଲଙ୍ଗରେ ଶୋଭିତ କଲା ଉରଜକୁ ଯହିଁ ଯେ ।୭୭।
କାଞ୍ଚୀରେ ରଞ୍ଜନ କଲା ମଧ୍ୟକୁ ନିବିଡ
କନକ କଟକେ କଲା ପାଦକୁ ପୂଜିତ ଯେ ।୭୮।
ମଣି ରମଣୀମଣିକି ଶାଣ ଯଉବନ
ବହୁମୂଲ୍ୟ ପ୍ରଭାକୁ ବଢ଼ାଇ ଦିନୁ ଦିନ ଯେ ।୭୯।
ଉପମା ଅଣିବା କାହିଁ ମହାକବି ହେଲେ
ସୁନ୍ଦରେ ଯାହା ଅଙ୍ଗରେ ସୁନ୍ଦର ହୋଇଲେ ଯେ ।୮୦।
ଜୟ ଜଗନ୍ନାଥ ରମ୍ୟ ଶ୍ରେଷ୍ଠର ନିଳୟ
ମୁନିଗଣ କାମଦାୟୀ ପଦ୍ମବାସୀ ପ୍ରିୟ ହେ ।୮୧।

---

ଦେଶବିଶେଷ ଓ ଛନ୍ଦ ବା ଅଳ ପରିମାଣରେ । ହାସକୁ ପ୍ରବୃତ୍ତ ଯଣ ହୋଇଲା—ସେ ଦେଶର ଲୋକମାନେ ସୁଖୀ ହେଲେ ଓ ହାସହିଁ ପ୍ରଧାନ ହେଲା—ଅଳଙ୍କାର (ମୁଦି) ସେ ନାରୀର ଦୃଷ୍ଟିଗୋଚର ହେଲା ।

୭୭ । ମାଳବରେ—ଦେଶ ବିଶେଷରେ ଓ ସୁଗ୍ରୀବ ବା ଉତ୍ତାଳର ସକୁନ୍ଦ ମାଳରେ । କଣ୍ଠକୁ ମଣ୍ଡିତ—ଗ୍ରୀବାଦେଶ ସୁସଜ୍ଜିତ କରାଇଲା । ତୈଲଙ୍ଗରେ—ତୈଲଙ୍ଗ ଦେଶରେ ଓ କାଞ୍ଚୁଳିରେ । ଉରଜ—ସନ୍ଧି ଓ ସ୍ତନକୁ । ଶୋଭିତ—ଶୋଭିବନ୍ତ ।

୭୮ । କାଞ୍ଚୀରେ—କାଞ୍ଚୀ ଦେଶରେ ଓ ଗୋଟି ମେଖଳାରେ । ମଧ୍ୟକୁ—ମଧ୍ୟଭାଗକୁ, କଟୀକୁ । ରଞ୍ଜନ କଲା—ଶୋଭିତ କଲା । ନିବିଡ—ସର୍ବଦା । କନକ କଟକେ—ସ୍ୱର୍ଣ୍ଣମୁଖ ଲଙ୍କା ଓ ସୁବର୍ଣ୍ଣ ବଳାରେ । ପାଦକୁ ପୂଜିତ—ଲଙ୍କାରେ ସେ ରାଜା ପାଦପୂଜା ପାଇଲେ; ସୁବର୍ଣ୍ଣବଳା ପାଦରେ ଶୋଭା ପାଇଲା ।

୭୯ । ମଣି ହେଲା ରମଣୀମଣି—ଶ୍ରେଷ୍ଠ । ଶାଣ ହେଲା ଯୌବନାବସ୍ଥା । ଯେପରି ଶାଣରେ କଟାଗଲେ ମଣିର ଦୀପ୍ତି ବଢ଼େ, ସେପରି ଯୁବାବସ୍ଥା ତାର ପ୍ରଭା—କାନ୍ତିକୁ ବିଶେଷ ଭାବରେ ବଢ଼ାଇଲା । ୮୦ । ଉପମା—ଉପମାନ । ସୁନ୍ଦରେ—ସୁନ୍ଦର ଅଳଙ୍କାରମାନ । ଅଙ୍ଗରେ—ଅଙ୍ଗ ସ୍ପର୍ଶରେ । ସୁନ୍ଦର—ଶୋଭା ପାଇଲେ । ଅଳଙ୍କରଣସ୍ୟାଭରଣଂ ବିଭୂଷିତସ୍ୟ ବିଭୂଷଣମ୍ ( ବିଦଗ୍ଧ ଉର୍ବଶୀରେ ଉର୍ବଶୀଙ୍କ ବର୍ଣ୍ଣନା ) ।

୮୧ । ଜଗନ୍ନାଥ ଓ ରମଣ ସୁତ:—ହେ ଜଗନ୍ନାଥ—ହେ ଗୋଲୋକନାଥ । ରମ୍ୟ—ରମଣୀୟ, ସୁନ୍ଦର । ଶ୍ରେଷ୍ଠର ନିଳୟ—ମୁକ୍ତିର ଅଧାର ।

ଉପେନ୍ଦ୍ର ଭଞ୍ଜ ଯାଚକବର ସୁକବି
ନିର୍ଦ୍ଦୋଷରେ ଏହି ଗୀତ ହୋଇ ସମାପତ । ୮୨ ।

---

## ତୃତୀୟ ଛାନ୍ଦ

### ରାଗ—କେଦାର, ଚମ୍ପେକଳବାଣୀ ।

ଶୁଣ ରସିକେ ନବ ଯଉବନୀ । ହୋଇ ବନିତା ମଣ୍ଡିଲ୍ଲ ଅବନୀ ।
ଏଣୁ ଉପମାଗଣେ ନିରନ୍ତର । କି କରିବା ଯାଇ ହୋଇଲେ କାତର ।୧।
ଝଳ କାନ୍ତିରେ ଲବଣି ଲୁଚିବ । କଲ୍ଲ କଣ୍ଟକ ଦୁର୍ଗକୁ କେତକୀ ।
ପାଶେ ମଦନ କୁଚ ଉଚ୍ଚତାରେ । କାହିଁ ବୁଡ଼ି ନ ମଲ୍ଲ ପାଣିବାଟରେ ।୨।
ନାସା ସୁଭା ପୁଲ୍ଲବାର ଅନାଇ । ଶୁକାବଦନେ ଶୁଭ ମନ ମନାଇ
ମୁଖେ ପ୍ରଚୁର ପଦ୍ମଗୁର-ପଣ । ମୁଖେ ଦର୍ପ ହରୁଁ ଭଲ୍ଲ ଦର୍ପଣ ।୩।

---

ମୁନିଗଣ କାମଦାସ୍ମ—ମୁନିଙ୍କ ଅଙ୍କିଦାତା । ପଦ୍ମବାସୀ ପ୍ରିୟ—ଲକ୍ଷ୍ମୀପ୍ରିୟ । ସ୍ଵାମ ସେଷୋ:—ଜଗନ୍ନାଥ—ଜଗତର ପ୍ରଭୁ । ଶ୍ରେୟର କାରଣ—ମଙ୍ଗଳ ନିଧାନ । ମୁନିଗଣ କାମଦାସ୍ୟ—ମୁନି ଗାନ୍ଧି । ଶୁଦ୍ଧଭକ୍ତ ( ଦଣ୍ଡକାରଣ୍ୟବାସୀ ଋଷିପ୍ରଭୃତି ଭକ୍ତଙ୍କର ) ପଦ୍ମବାସୀ—ପଦ୍ମର ଗନ୍ଧ ଥିବା ପଦ୍ମିନୀ କନ୍ୟା ସୀତାଙ୍କ ପତି ।

---

୧ । ରସିକେ—ରସିକମଣେ । ନବଯଉବନୀ—ନୂତନ ଯୁବତୀ । ବନିତା—ସୁନ୍ଦରୀ ସ୍ତ୍ରୀ । ଅବନୀ—ପୃଥିବୀ । ମଣ୍ଡିଲ୍ଲ—ଶୋଭା ଦେଇଲ୍ଲ । ଉପମାଗଣେ—ଉପମାନମାନେ—ଚନ୍ଦ୍ର ପଦ୍ମାଦି । ନିରନ୍ତର—ସଦା । କାତର—ଦୁଃଖିତ । ଲବଣୀବଦନାର ଯୌବନଶୋଭା ସେମାନଙ୍କୁ ନିନ୍ଦା କଲ୍ଲ । ୨ । କେତକୀ—କେତକୀଫୁଲ । ଝଳ କାନ୍ତିରେ—ଝଳକ ଥିବା ଶୋଭାରେ ଅର୍ଥାତ୍ ଲାବଣ୍ୟରେ । ଲୁଚିବ—ଲଜ୍ଜିତ । କଣ୍ଟକ ଦୁର୍ଗକୁ—କଣ୍ଟାରେ ଗଡ଼ କରି ତା ମଧ୍ୟରେ ରହିଲ । ଅର୍ଥାତ୍ ତାର ଶୋଭାରେ ଲଜ୍ଜିତ ହୋଇ କଣ୍ଟକରେ ଘେରି ଗଲା ଅନ୍ତରେ ଲୁଚି ରହିଲ୍ଲ । ତାର ସ୍ତନ ଉଚ୍ଚତାରେ ମଦନର ଲଜ୍ଜା ପାଇ ହେଉଛି ମୁଁ କାହିଁକି ପାଣିବାଟରେ—ସମୁଦ୍ରରେ ଅର୍ଥାତ୍ ସେ ଉଚ୍ଚସ୍ତନ ।

୩ । ସୁନ୍ଦରୀଠାରୁ ସୁନ୍ଦରୀର ନାସାସୁଭା ସୁନ୍ଦର ଦେଖାରୁ ଶୁକବଦନେ—ଗୀତ ଗାନ କରୁ ଶୁକ ତାର ମନ ଧରି ଜଗଇଲ୍ଲ । ଦର୍ପଣର ସ୍ୱଚ୍ଛତାର ଦର୍ପ

କମ୍ବୁକଣ୍ଠ ଦେଖି ଅତି ଅଭିଳୁ । ସମ ନୋହେ ବୋଲି ତାକେ ପ୍ରାଜ୍ଞଙ୍କୁ
ନେତ୍ର ସଙ୍ଗେ ଲକ୍ଷିବେ କି ସୁମରି । ମୀନ ଜଳସ୍ଥାନରେ ଯାଏ ମରି ।୪।
ଦୋହଳ ଶ୍ୱାସରେ କୁସୁମ ବିକାଶ । ମକରନ୍ଦ-ଛଳେ ଅଶ୍ରୁ ଦେଭାସ ।
ରମ୍ଭା ଉପମା ପଦ-ପ୍ରଦେଶରେ । ଅଙ୍ଗ ଚେତ୍ତୁ ସମ ହେବ ଅଂଶରେ ।୫।
କୁନ୍ଦକୋରକ-ପ୍ରୀତିକରରଦନା । ସୁଧାକର-ସରସିଜ-ବଦନା ।
ଏ ପ୍ରୟୋଗ ପରଂପରା ଅଛି ତ । ବାଳାଠାରେ ବର୍ଣ୍ଣିବାର କୁତ୍ସିତ ।୬।
ଖଞ୍ଜ-ଗଞ୍ଜନ-ଗଞ୍ଜନ-ଲୋଚନା । ମତ୍ତପରଭୃତଜିତ-ବଚନା ।
ଏ ବାଧିରେ ବର୍ଣ୍ଣିଲେ ସେ ଚତୁରୀ । କେତେ ହୋଇବ ଜନତା ଲହରୀ ।୭।

---

—ଛେଦ । ବର୍ତ୍ତୁଁ—ନଷ୍ଟ ହେବାରୁ । ଦର୍ପଣ ଦୁଃଖେ—ସନ୍ତାପରେ, ସ୍ୱତଃପ୍ରବୃତ୍ତ ହୋଇ ମୁଖେ—ମୁଖ ଆଗରେ ରଖି ପରସ୍ପର ପଣ—ସେବକ ଭାବ ସ୍ୱୀକାର—ପ୍ରକାଶ କଲା । ମୁଖର ସ୍ୱଚ୍ଛତା ଦର୍ପଣକୁ ବଳିଲା ।୪। କମ୍ବୁ—ଶଙ୍ଖ । ଅଭିଳୁ—ଦୁଃଖରୁ । ସମ—ସମାନ । ପ୍ରାଜ୍ଞକୁ—ସବାଙ୍କୁ । ନେତ୍ର—ଚକ୍ଷୁ । ଲକ୍ଷିବେ—ତୁଳା କରିବେ କି—କିପରି କରିବେ ନାହିଁ ଏହା । ସୁମରି—ସ୍ମରି । ମୀନ—ମାଛ । ଜଳସ୍ଥାନରେ—ପାଣି ଶୁଖିଗଲାରେ । ଚକ୍ଷୁ ଖଞ୍ଜନଠାରୁ ଓ ଅଖି ମାଛଠାରୁ ସୁନ୍ଦର ।

୫ । କୁସୁମ—ଫୁଲ । ବିକାଶ—ଫୁଟିଯାଇ । ମକରନ୍ଦ—ଫୁଲମଧୁ । ଛଳେ—ନାମରେ ; ଅଶ୍ରୁ ଦେଭାସ—ଲୁହ ଢାଳୁଛି । ତାର କୁସୁମବିକାଶଠାରୁ ସୁନ୍ଦର । ରମ୍ଭା—ସ୍ୱର୍ଗର ବେଶ୍ୟା, ଅତି ସୁନ୍ଦରୀ ସେ, ଉପମା—ତୁଳନା ହେଲେ ପାଦସ୍ଥାନରେ (ରମ୍ଭୋରୁ) ଅଙ୍ଗ କଣ ସମାନ ହେବ ଆଉ କୌଣସି ଅଙ୍ଗ ସାମାନ୍ୟ ଲାଗନ୍ତୁ ।

୬ । କୁନ୍ଦକୋରକ ପ୍ରୀତିକରରଦନା—କୁନ୍ଦକଢ଼ ଓ ହୀର ଦନ୍ତୀ । ସୁଧାକର-ସରସିଜ ବଦନା—ଚନ୍ଦ୍ର ଓ ପଦ୍ମମୁଖୀ । ପ୍ରୟୋଗ—ବାଦବାକ୍ୟ ! ପରମ୍ପରା—ଶତାବ୍ଦୀଗତକବିଙ୍କ ଠିକେଲେଁ । କୁତ୍ସିତ—ନିନ୍ଦନୀୟ କଥା । ବାଳାଠାରେ—ଲାବଣ୍ୟବତୀ କନ୍ୟାଠାରେ ।

୭ । ଖଞ୍ଜ ଗଞ୍ଜନ ଗଞ୍ଜନ ଲୋଚନା—ପଦ୍ମ ଓ ଖଞ୍ଜନପକ୍ଷୀକୁ ପରାଭବ କରୁଛି ଚକ୍ଷୁ ଯାହାର । ମତ୍ତପରଭୃତଜିତବଚନା—ଆନନ୍ଦରେ ଉନ୍ମତ୍ତ କୋକିଳର କଥା ପରି କଥା ଯାହାର । ଚତୁରୀକୁ—ଲାବଣ୍ୟବତୀକୁ । ବାଧିରେ—ପ୍ରକାରରେ । ଜନତାଲହରୀ—ଢାଙ୍କିବାର ଛଟା । କେତେ ହୋଇବ—କିଛି ହେବ ନାହିଁ ।

ଯହିଁ ତୃଣ ଜଳା ମଧ ଶୋଭିତ । ତାହିଁ ଗୁର୍ଜି ହୋଇଥାଇ ଲୋଭିତ ।
ତହିଁ ସୁନ୍ଦରେ ସୁନ୍ଦର ହୋଇଲେ । କିସ ଅଧିକ ହୋଇବ ବୋଇଲେ ।୮।
ଏ ପ୍ରକାରେ ସୁନ୍ଦରୀ କୃଶୋଦରୀ । ଅଛି ଯେତେ ସେସ ସମ୍ଭ୍ରମ ଅଦରି ।
ନିଦ୍ରାନାଶ ଅବକାଶ ଅଶେଷ । ଜଗିଛନ୍ତି ଏତେ ସଖୀ ପାଶେ ।୯।
ନାଭ ଧାତ୍ରୀପୁତ୍ରୀ ହେମମଞ୍ଜରୀ । ଅତିପଣୀ ବଦୀ କି ସେ ଚଞ୍ଚରୀ ।
କାମକଳା ନାମ ସଖୀ ଦୁହିତା । ବନ୍ଧୁ ନେଣୀ ତୋଳାଇ ବନ୍ଧିତା ।୧୦।
କଟରେଖା ସୁରେଖା ଶିଳ୍ପରେଖା । ହାରାବଳୀ ଚନ୍ଦ୍ରାବଳୀ ଏ ଲେଖା ।
ରତ୍ନମାଳା ହେମପ୍ରମାଳା କମଳା । ପ୍ରେମଶୀଳା ସୁଶୀଳା ପଦ୍ମମଳା ।୧୧।
କଳ୍ପଲତା ମଦାଳସା ବକୁଳା । ପ୍ରେମସୁଧାନିଧି ପୁଷ୍ପମଞ୍ଜୁଳା ।
ଶୋକସନ୍ତପ୍ତସ୍ମୃତା ରୂପ ଧରି । ତାହିଁ ହୋଇଲେ ସ୍ୱର୍ଗ ଅପସରୀ ।୧୨।
ଅଙ୍ଗ ସ୍ୱେଦ ନୋହିବାକୁ ଜଗତା । ଘୁଲେ ଫୁଲବ୍ୟଜନ ଦେ ବନିତା ।
ଷଦା ଗ୍ରୁମର ସ୍ଥଳ ଉପଚାର । ଭାଳି ତେଣୁ ୨ କଲେ ପ୍ରଚାର ।୧୩।

---

୮ । ଯହିଁ—ଲାବଣ୍ୟବନ୍ତ ସ୍ୱରୂପରେ । ତୃଣ—ଶୀଣତା; ଜଳା—ଡାଳଆ ଘାସ ଓ ମଧୁ—ମଧୁଖୁଦ—ଯାହା କି ଅଶୋଭନ । ଯାହା କ ଶୋଭାହୀନ ହେବାର ପଦାର୍ଥ ସେସବୁ ତାଠାରେ ଶୋଭା ପାଇଲେ ଅର୍ଥାତ୍ ତାର କୃଶ କଟି, କଳା ବାଳ—କେଶ୍‌ତଳ, ଦେଶରେ ଓ ସ୍ୱଦାର ମଧ୍ୟରେ । ମଧୁ—ଓଷ୍ଠରେ ଓ ଅଙ୍ଗରେ ଶୋଭାଜନକ । ତାହିଁ—ସେ ସବୁକୁ ଦେଖିବାରେ । ଲୋଭିତ—ଲୋଭଯୁକ୍ତ । ସେସବୁ ଦେଖିବାକୁ ଲୋଭ ହୁଏ । ସେମାନେ ସେହି ସୁନ୍ଦର ଶରୀରରେ ସୁନ୍ଦର ହୋଇଲେ । ୯ । କୃଶୋଦରୀ—ଶୀଣକଟି, ସୁନ୍ଦରୀ । ସମ୍ଭ୍ରମ—ସେବା । ନିଦ୍ରାନାଶ ଅବକାଶ—ନିଦ ଭାଙ୍ଗିବା ସମୟ ।

୧୦ । ଧାତ୍ରୀପୁତ୍ରୀ—ଧାଈଝିଅ । ଅତି......ଚଞ୍ଚରୀ—ଅଶ୍ୱରୂପ ବନ୍ଦାଇକୁ ସେ ହେଲା ଚଞ୍ଚରୀ, ସେ ବଡ଼ ଶୋଭାବତୀ । ସମସ୍ତଙ୍କ ଆଖି ତାଠାରେ ଲାଗି ରହିଥିଲା । ବନ୍ଧୁ...... ବନ୍ଧିତା—ତାର ସୌନ୍ଦର୍ଯ୍ୟ ଏପରି ଯେ ତାକୁ ନିଅର କର ବ୍ରହ୍ମା ବନ୍ଧାଣୀ—ନିର୍ମାଣକୌଶଳ ପରିଚୟ ଦେଲେ । ୧୨ । ସଢ—ଢଙ୍ଗ । ଅପସରୀ—ଅପସରାମାନେ ଭୁଲା ହୁଅନ୍ତି ।
୧୩ । ଅଙ୍ଗସ୍ୱେଦ—ଦେହର ଝାଳ । ଜଗତ—ଜାଣ । ଫୁଲ ବ୍ୟଜନ—ଫୁଲ ବିଞ୍ଚଣା । ବନିତା—ସ୍ତ୍ରୀ । ଷଦ—ମନ୍ଦର ଉଚ୍ଚ ପ୍ରକୃତିରେ ରହିଥିବା ଏକଚ୍ଛତ୍ରାବର୍ତ୍ତୀ । ଉପଚାର—ସେବା, ଆଦର ; ପ୍ରଚାର—ବ୍ୟବହାର, ଚାଳନା ।

ଧର ଚରଣେ ଧର ନିବେଶନ । ଧୀରେ ଧୀରେ ଦେ କରେ ଅଶ୍ୱାସନ
ପୂଗ ଖଦିର ଚୂର୍ଣ୍ଣେ ଦେ ଶୋଭଙ୍ଗୀ । ଦିବ୍ୟଫଳିତ ନାଗବଲ୍ଲୀ ଭଙ୍ଗୀ ।୧୪।
ଚାରୁ ଝୀନବାସ ଲୁହି ସତ୍ୱରେ । ଭଙ୍ଗି ବସୁଛନ୍ତି ଦେ ଭୁଜ ଅଗରେ
ଦଳମାନ ଭିଦ ଭିଦ ସେବଣି । ଗୁନ୍ଥୁଅଛି ମାଳିଆ, ଦେ ସୁଭଣି ।୧୫।
ଝରା ଶିକୁଳି ଗଭାରୁ ମାଳିକା । କରୁଛନ୍ତି କେହି କେହି ବାଳିକା
ଭରି ଲବଣୀ ସିନ୍ଦୂର ଦଳନା । କରୁଅଛି ବସି କେଉଁ ଲଳନା ।୧୬।
ମୃଗମଦ ଘୋଳୁଛି କର୍ପୂରମିଶ୍ର । ରୁଚ ବଦନ ତିଳକ ନିମିତ୍ତ ।
ଚେପଟ ଫେଡ଼ି ଦେ ବାନ୍ଧୁଛି ରଚନ । ଅଳକାରେ କେଉଁମାନେ ଘଟନ ।୧୭।
ଘନସାର ଦିଶାଇ ଚନ୍ଦନରେ । ଦେଇ ଥୋଇଛି ହରଷ ମନରେ
ସଖୀମାନଙ୍କର ଏହୁ ବ୍ୟାପାର । ପରିବାରିକା ଅଛନ୍ତି ଅପାର ।୧୮।
ଫୁଲ ଫଳଙ୍କର ନାମ କହନ୍ତି । ଧରି ଝରି ପରଶ ଦେ ମୁଦିତ ।
କେହୁ କରୁଛି ମୁକୁର ମାର୍ଜନା । ଦେ ଖରଡ଼ ପାରିବାରେ ରଞ୍ଜନା ।୧୯।

---

୧୪ । ଧର......ନିବେଶନ—ପାଦକୁ ପାଦରେ ରଖି । ଅଶ୍ୱାସନ—ଆଶ୍ୱାସିବା, ଦେହରେ ସୁଖପ୍ରଦାନ କରିବା । ପୂଗ—ଗୁଆ, ଖଦିର—ଖଇର । ଚୂର୍ଣ୍ଣ—ଚୂନ । ଶୋଭଙ୍ଗୀ—ସୁନ୍ଦରୀ । ଦିବ୍ୟ ଫଳିତ ନାଗବଲ୍ଲୀ—ସୁନ୍ଦର ପାଚିଲା ପାନ ।

୧୫ । ଝୀନ ବାସ—ପତଳା ଶାଢ଼ୀ । ସତ୍ୱରେ—ଶୀଘ୍ର । ଭଙ୍ଗି—ବସନରେ ଛୁଇଁ (ଭଡ଼୍-ଉଦ୍ଦୀପନ) ଦଳମାନ—ପାଖୁଡ଼ାସବୁ । ଭିଦ—ଏକାଠି କରି, ସଜାଡ଼ି ଧରି । ମାଳିଆ—ଫୁଲର ଉପାଦାନେଷୁ ।୧୬। ଝରା—ଫୁଲଗୁଚ୍ଛ । ଶିକୁଳି—ଶୃଙ୍ଖଳାକାର ଫୁଲର ଛୋଟ ହାର । ଗଭାରୁ ମାଳିକା—ମୁଣ୍ଡରୁ ଝୁଲୁଥିବା ଗୁଚ୍ଛ ଗୁଚ୍ଛ ଛୋଟ ମାଳାସବୁ । ଲବଣୀ—ଲହୁଣୀ । ଦଳନା—ଚକଟା । ଲଳନା—ସ୍ତ୍ରୀ ।୧୭। ମୃଗମଦ—କସ୍ତୁରୀ । ରୁଚ—ସୁନ୍ଦର । ବଦନ ତିଳକ—ମନୋହର ମୁଖ ରଚନା । ନିମିତ୍ତ—ପାଇଁ । ଚେପଟ ଫେଡ଼ି—ଚେପଟ ଖୋଲି । ଘଟନ—ସୁନ୍ଦର । ୧୮ । ଘନସାର—କର୍ପୂର । ପରିବାରିକା—ପରିଚାରିକା, ସେବକମାନେ । ଫୁଲ...କହନ୍ତି—ଫୁଲ ଓ ଫଳର ନାମ ଧାରଣୀ । ଝରି—ଜଳଧାରବିଶେଷ । ପରଶ—ପିନ୍ଧାଇ । ମୁଦିତ—ଆନନ୍ଦିତ । ମୋଦିତ ପାଠ ମଧ୍ୟ ସମୀଚୀନ । ମୁକୁର ମାର୍ଜନା—ଲୁହା ଓ ରୁପାର ଫଳକ, ଯାହାକୁ ମାଜି ସଫା କରି ମୁହଁ ଦେଖନ୍ତି । ଖରଡ଼—ଅଙ୍ଗନ, ବାରଣ୍ଡା । ଭଙ୍ଗୀ ସୁନା ଓ ଲୋମଶେଷ ଚଅରୀ ।

ଅପସର ଯେ ଦେଖନ୍ତି ସତ୍ୱରେ । ପୀଠ ପକାଇଛନ୍ତି ଯେତ୍ନ ବହୁରେ
ଜଳ ଅଣିଛନ୍ତି ଯେ ହେମକୁମ୍ଭରେ । ନାହିଁ ଅସର ଏହି ଅବସରେ ।୨୦।
ଶୁକ୍ଳପକ୍ଷ ଦଶମୀ ଗୁରୁବାରେ । ସିଦ୍ଧ ସାଧ୍ୟଯୋଗ ଯୋଗ ହେବାରେ
ଦିନ ଅଷ୍ଟଦଣ୍ଡ ଭୋଗ ଅଦିତ୍ୟ । ଶୁକ୍ରବେଳା ତୁଳାଲଗ୍ନ ଉଦିତ ।୨୧।
ପୁଷ୍ୟା ନକ୍ଷତ୍ର କର୍କଟ ଚନ୍ଦ୍ରରେ । ବୃହସ୍ପତି ଦୃଷ୍ଟି ଶୁଭ କେନ୍ଦ୍ରରେ ।
ସ୍ଥିତ ସଉର ମଙ୍ଗଳ ମକରେ । ଯେତେ ଅସୁରଗୁରୁ ଲୀଳା କରେ ।୨୨।
ଧନ୍ୟ ହୋଇଅଛି ରାହୁ କନ୍ୟାରେ । ବୁଧ ମିଥୁନରେ କେତୁ ମୀନରେ
ସିଂହେ ସ୍ଥିତ ହୋଇଛନ୍ତି ବଳଭିନ । ସୌମ୍ୟ ଗ୍ରହ ଲଗ୍ନେ ପତନ ।୨୩।
ଏ ସମୟରେ ରମଣୀରତନ । ଶତ୍ରୁ ଲକ୍ଷଣ ଅଙ୍ଗଙ୍କ ଚେତନ ।
ନଦ୍ରାଦ୍ରିରୁ ଯେତେ ପଦ୍ମ ପତନ । ଯାହା ଜଳିଲଣି କାମ କେତନ ।୨୪।
କାଞ୍ଚମାଳାଙ୍କୁ ଠାରି ନୈଋତରେ । ଗଲେ ଗୋପ୍ୟ ପଦରେ ତରତରେ
ଘନଲେଖା ଯେ ଟକଟକ୍କେ ଉବେକରେ । ଭଙ୍ଗପାଟ ଦୁକୂଳେ ନେଇ କରେ
ଯାହିଁ ଏକାନ୍ତ ଯତ୍ନେ ଘନବେଣୀ । ତହିଁ ସଖୀଙ୍କି ସେ ଭକ୍ତି ନାରବେଣୀ
ବସ୍ତ୍ର ଫିଟିଲେ ବାଢ଼ିଥରୁ ଯେସନ । ମୂଳ ମଦାରେ ଛେନ୍ଦ ପ୍ରସନ । ୨୫।

---

କଣ୍ଟକା—ଦୃଷ୍ଟି, ଧୂଳି । ୨୦ । ଅପସର—ଅପ୍ସରା । ସତ୍ୱରେ—ଶୀଘ୍ର ।
ପୀଠ—ପୀଠକ, ଗୁଆଳ ଚୂନାର ଖାଣ୍ଡିରେ ଯେ ଖୋଳି ବା ଏଡ଼ା
ପକାଇଛନ୍ତି । ଚନ୍ଦୁରେ—ଅବଶେଷରେ । ହେମକୁମ୍ଭରେ—ସୁନା ମାଠିଆରେ ।
ଅସର—ଦୃଷ୍ଟି । ଅବସ୍ଥ—ବ୍ୟାପାର, କାର୍ଯ୍ୟ ।
୨୧ । ସିଦ୍ଧି ସାଧ୍ୟ ଯୋଗ—ଜ୍ୟୋତିଷ ଶାସ୍ତ୍ରରେ ସିଦ୍ଧି ଓ ସାଧ୍ୟ ଯୋଗ ଏକବିଂଶ
ଓ ଦ୍ୱାବିଂଶ ଯୋଗରୂପେ ସୁପରିଚିତ । ଯୋଗ ହେବାରେ—ଘଟିବାରେ ।
ଅଦିତ୍ୟ—ସୂର୍ଯ୍ୟ; ଗୁରୁବାର ଦିନ ପ୍ରଥମ ଦୁଇଘଡ଼ି ଗୁରୁବେଳା, ତା ପରେ
ମଙ୍ଗଳ ଓ ତା ପରେ ରବିଙ୍କ ବେଳା, ତା ପରେ ଶୁକ୍ରଙ୍କ ବେଳା । ସଉର
—ଶନି । ଅସୁରଗୁରୁ—ଶୁକ୍ର । ଲୀଳା କରେ—ବିରାଜିଛନ୍ତି, ରହିଅଛନ୍ତି ।
ବଳଭିନ—ସୂର୍ଯ୍ୟ । ସୌମ୍ୟ—ଚନ୍ଦ୍ରସୁତ ବୁଧ । ୨୪ । ରମଣୀରତନ
—ସ୍ତ୍ରୀଶ୍ରେଷ୍ଠ । ଚେତନ—ସଞ୍ଜ୍ଞା । ନଦ୍ରାଦ୍ରି—ନଦ୍ରାରୂପ ପର୍ବତ । ପଦ୍ମ—
ବଜ୍ର । ସେ କନ୍ୟାର ନିଦ୍ରା ହେଲା ପର୍ବତ ତା ଉପରେ ବଜ୍ର ପଡ଼ିବାରୁ
କନ୍ଦର୍ପ ପତାକା ପ୍ରକାଶ ପାଇଲା ।
୨୫ । ନୈଋତରେ—ଅଗ୍ନିକୋଣରେ । ଗୋପ୍ୟପଦରେ—ଗମ୍ଭୀର ଘରର
ଗୁପ୍ତସ୍ଥାନ । ତରତର—ଶୀଘ୍ର । ଉବେକରେ—ବିସ୍ମୟରେ ।
ଭଙ୍ଗପାଟଦୁକୂଳ—ଲାଲିଆ ପାଟ ଲୁଗାକୁ । କରେ—ହସ୍ତରେ । ୨୬ ।
ଏକାନ୍ତେ—ଏକୁଟିଆ ସ୍ଥାନରେ । ଯତ୍ନେ—ସାବଧାନତାରେ । ଘନବେଣୀ

ଚୂର୍ଣ୍ଣ ଭୂମିରେ ମଣ୍ଡଳ ଆକାରେ । ଦ୍ରାବ ହିଙ୍ଗୁଳ ଢାଳିଲା ପ୍ରକାରେ ।
ଦେଖି ସୁଦତୀ ଦେଲା ଅନ ବସନ । ଚିହ୍ନି ହେଲା ସୁରପୁର ଦର୍ଶନ ।୧୭।
ହେମପଦକରେ କାମ-ବଣିକ । ଭିନ୍ନ ନାୟକ କି ଦିବ୍ୟ ମାଣିକ୍ୟ ।
ସ୍ତବାଳିକୁଳ ପାଶୀରେ ଫଳକ । ଧରଣି କର, ବସୁ ନାହିଁ ବଳକ ।୧୮।
ଯଉବନମାଳୀ ସ୍ତନଶମ୍ଭୁରେ । ପୂଜାବିଧି ସାର ଦିବ୍ୟ କମ୍ବୁରେ ।
ପାରିଜାତ ପ୍ରସାଦ କି ଥୋଇଛି । ସେହି ତଳାରେ ଭୁଜର ଦେଖାଇଛି ।୧୯।
ବାଳସୂର୍ଯ୍ୟ କାନ୍ତି-ଚିକୁ-ଗୁହାରେ । ସ୍ଥିତ ତା ଦୃଷ୍ଟି କି ଅଗ ବାହାରେ ।
ଅଧୋମୁଖଙ୍କୁ ଶୋଣିତ ବମନ । କଳ୍ପପ କି ଭରଇ ସେନ ମନ ।୨୦।

---

—ରତ୍ନାଳଙ୍କାରରେ ବେଶ ସାଜିଥିବା ସେ କନ୍ୟା । ବୃକ୍ଷି ନିବେଶି—ଚକ୍ଷୁ ପକାଇ । ସ୍ଫଟିକ ବାଡ଼ରେ—ସ୍ୱଚ୍ଛ ଶୁଭ୍ର ପ୍ରସ୍ତର କାନ୍ଥରେ । ବସୁ—ପାଞ୍ଚଶ କାଞ୍ଚନ ପାଟ୍ଟ ( ଖୁବ ଭଲ ) ପ୍ରସନ୍ନ—ନିର୍ମଳ, ଉଜ୍ଜ୍ୱଳ ।

୧୭ । ଚୂର୍ଣ୍ଣଭୂମିରେ—ଚୂନଲିପା ସ୍ଥାନରେ । ମଣ୍ଡଳ ଆକାରେ—ଗୋଲାକାରରେ । ଦ୍ରାବ ହିଙ୍ଗୁଳ—ତରଳ ଉତ୍କୃଷ୍ଟ ସିନ୍ଦୂର ( Vermillion ) । ଅନବସନ—ଅନ୍ୟ ଶାଢ଼ୀ । ସୁରପୁର—ସୋରିଷ । ଦଦ୍ୟହିଙ୍ଗୁଳ ପାଟରେ—ଭଲ ସିନ୍ଦୂର । ଦ୍ରାବ ହିଙ୍ଗୁଳ—ହିଙ୍ଗୁଳକୁ ତରଳ କରି ।

୧୮ । ହେମ ପଦକରେ—ସୁନାର ପଦକ ( କଣ୍ଠଭୂଷଣ ) । ମାଣିକ୍ୟ—ଲାଲମଣି ( ଭଣ୍ଡାରୀ ବା ସାଧବଙ୍କର ଦୋକାନ ବର୍ଣ୍ଣିତ ମଣି ) । ନାୟକ—ତରଳମଧ୍ୟ ମଣି, ପଦକ ମଧ୍ୟର ମଣି । ସ୍ତବାଳିକୁଳ—ସ୍ତବକମାନଙ୍କ ଶିରଶା ନମନ୍ତ୍ରେ । ପାଶୀରେ—ତମ୍ବାପାଶରେ । ଫଳକ—ନିସୂଚ, ଫଳକ । ଧର—ସୂର୍ଯ୍ୟଙ୍କ କିରଣ । ବସୁ—ପାଞ୍ଚଶ କାଞ୍ଚନ ପାଟ୍ଟିତର । ବଳକ—ଝଲସିତ, ଭ୍ରାନ୍ତ । ଏ ତମ୍ବାପାଶୀ ସୂର୍ଯ୍ୟକିରଣ ବା ବସୁଫଳ ନାହିଁ ।

୧୯ । ଯଉବନ ମାଳୀ—ଯୌବନ ହେଲା ବୋଧା ବା ଗୁଆଳ । ସେ ସ୍ତନ—ଭୂତ ହେଉ ମହାଦେବ ତାଙ୍କୁ । ଦିବ୍ୟ କମ୍ବୁରେ—ଅତି ସୁନ୍ଦର ଶଙ୍ଖରେ ପାରିଜାତ ପ୍ରସାଦ—ସ୍ୱର୍ଗ ମନ୍ଦାରର ଉଜ୍ଜ୍ୱଳତା ଓ ନିର୍ମଳତା ଅର୍ଥାତ୍ ଶଙ୍ଖ ମଧ୍ୟରେ ରହିଲ ସ୍ୱର୍ଗ ମନ୍ଦାର ସ୍ଥାପନ କରିଛି । (ପାରିଜାତ ଭୁଷୁମ ପାଠ ମଧ୍ୟ ପ୍ରଚଳିତ ।)

୨୦ । ବାଳସୂର୍ଯ୍ୟ—ବାଳସୂର୍ଯ୍ୟ, ଅରୁଣ । କାନ୍ତି ଚିକୁଗୁହାରେ—କେଶର ଭର୍ତ୍ତି ବେଶ ହେଲା ପଙ୍କ ତା ଚକ୍ଷୁରେ ଜ ମଧ୍ୟ ପ୍ରଦେଶରେ । ସ୍ଥିତ—ଅଛି । ତା ଦୃଷ୍ଟି—ଦୃଷ୍ଟି । ଅଗ ବାହାରେ—ବାହାରକୁ ପ୍ରକାଶ ପାଉଛି । ଅଧୋମୁଖଙ୍କୁ—ମୁହଁକୁ ତଳ କରିବାରୁ ମୁହଁ ତଳ । ଶୋଣିତ ବମନ—ରକ୍ତବାନ୍ତି । କଳ୍ପପ—ଦର୍ପଣ ।

ଶିବ ସେହ୍ନମା ଭଳ ମାନସରେ । ଲଭ କି ଉଦୟ-ଶୈଳ ଶେଷରେ ।
ନବଘନଘଟେ ସିନ୍ଦୂର ଗୋଳିଲା । ଏହି ଉପମାରେ ଶିଶୁ ଝଳିଲା ।୩୧।
ମୋହ ସଙ୍ଗେ ହୋଇ ଦଗ୍ଧ ସମାନ । ଭଲ ମାରପୁର ଏହି ଗୁମାନ ।
ଉଡ଼ାଇଲା କି ସୁରଙ୍ଗ ପତାକା । ଏଣୁ ପଡ଼ିଲା ଚଳଦଳେ ଡକା ।୩୨।
ଧାଡ଼ା କୋପରେ ଏ ତନୁ ବହିଲା । ଅନୁରାଗ ଦୃଶ୍ୟ ଭଳ ସହିଲା ।
ଭଳ ମଧ୍ୟ ଶିବଦେଲା ନଖରେ । ବ୍ୟକ୍ତ ହୋଇଲା କି ଲଜ୍ଜା ମୁଖରେ ।୩୩।
ଗୋରୋଚନା ଲସି ବନ୍ଧ ଲକ୍ଷଣ । ଦେହ ଯେଉଁ ଦୋଳାନ୍ତ ବିଚକ୍ଷଣ ।
ତାଙ୍କ ଉପରେ କଳା କେଶ ଯୋଗାଇବେ । ମନ୍ଦା ଅବନ୍ତିମାଙ୍କୁ ମୁଖେ ଧରେ ।୩୪।
ଦେଖି ଏମନ୍ତ ଶୋଭା ତାମରସ । ଫୁଲବାସିନୀର କାନ୍ତି ହରଷ ।
ହୃଦୟଜ ଭୁଜ ରଙ୍ଗ ଦୁକୂଳ । ଦିଶ ସଖୀ ଜାଣିବାକୁ ଅକୂଳ ।୩୫।
କାନ୍ଦ୍ରା ଭ୍ରାନ୍ତି, କେମା ସିନ୍ଧା ବିଧାନ । ସଖୀମାନେ କଲେ ଅନୁସନ୍ଧାନ
ଲିପି ନୋହିଲା ପର୍ଣ୍ଣନମାଳିଣୀ । ବଡ଼େଇ ବଲ୍ଲ ଦ ନ ପାଇ ଏ ଜଣା ।୩୬।
କେ ହୋଇଲା ଅଭ୍ୟନ୍ତର ବସନ୍ତ । ପ୍ରକଟିଲା କି କୁସୁମ ସମସ୍ତ ।
କେ ହୋଇଲା ଦେଖି ପୀତବର୍ଣ୍ଣ-ଲମ୍ବିତ । ଅମୃତାରେ କି ଭଜନ୍ତୀ ଭୃତ ।୩୭।

---

୩୧ । ମାନସରେ—ମନରେ । ଉଦୟନଶେଷେ—ଉଦୟ ଶୈଳ ଶେଷ ତାରା ଶୈଳଶେଷ—ଶେଷଭାଗରେ; ଉର୍ଦ୍ଧ୍ୱଦେଶରେ । ନବଘନରେ—ଲକ୍ଷ୍ମୀରେ । ଉପମା—ସାଦୃଶ୍ୟ ।

୩୨ । ମାରପୁର—ସ୍ୱର୍ଗ ପ୍ରଦେଶ, ଯୋନି, କନ୍ଦର୍ପର ଗୃହ ; ଗୁମାନ—ଅଭିମାନ । ସୁରଙ୍ଗ ପତାକା—ଲାଲ ପତାକା । ଚଳଦଳେ—ଅଶ୍ୱତ୍ଥପତ୍ରରେ । ଡକା—ଡାକିବା ଶବ୍ଦ । ଅଶ୍ୱତ୍ଥପତ୍ର ଦୂର ଦିଶିଲା, ଯେଉଁଠାରୁ ଶାଢ଼ୀର ନୀଳରେଖା ପଡ଼ିଥିଲା ସେ ତାଙ୍କୁ ଲାଲ ପତାକା ଭଳି ଦେଖାଇ ଅଶ୍ୱତ୍ଥ ପତ୍ର ଦୁଃଖରେ କୋଳାହଳ କରୁଛି ।

୩୩ । କୋପରେ—ମୂଳୁ ଆରମ୍ଭରେ । ତନୁ ବହିଲା—ଲାବଣ୍ୟବତୀର ଦେହ ଧାଇଁଲା । ଅନୁରାଗ ସହିଲା—ସ୍ନେହ ଅର୍ଥାତ୍ ରକ୍ତିମା ପୂର୍ଣ୍ଣ ଭଳ ଆଚ୍ଛାଦିଲା । ବ୍ୟକ୍ତ—ପ୍ରକାଶ ।

୩୪ । ଗୋରୋଚନା—ଗାଈଠାରୁ ବାହାରୁଥିବା ପିଣ୍ଡ; ପୀତରଙ୍ଗ । ବିଚକ୍ଷଣ—ପଣ୍ଡିତ । ଅବନ୍ତିମା—ବିଶେଷ ନୀଳ ଗୁଣରୁ । ୩୫ । ତାମରସ ଫୁଲବାସିନୀ—ପଦ୍ମଫୁଲର ସୁବାସ ଯାହାଠାରେ ଥିବା କନ୍ୟା ଲାବଣ୍ୟବତୀର । ରୁଚି—ଦୀପ୍ତି । ରଙ୍ଗଦୁକୂଳ—ନୀଳ ଶାଢ଼ୀ । ବସନ୍ତ—ଋତୁରାଜ । କୁସୁମ ସମସ୍ତ—ପୁଷ୍ପମାଳ । ପୀତବଳମ୍ବିତ—ଶ୍ରୀଅଙ୍ଗରେ ଶୋଭିତ,

ତେଡ଼ ବୋଇଲା ଛଳି ଏ ଯୁବତୀକି । ଲାଜ ବଳଅଛି ଥିବ ପ୍ରୀତିକି ।
ଏଣୁ ସମସ୍ତଙ୍କୁ ଦେଖାଇ ସୁବେଶ । ଗାଢ଼ ଲଜ୍ଜିତସୁତା ପ୍ରବେଶ ।୩୮।
ସ୍ଥଳ ମଣାଇ ମୂଳ କରି କାଳ । ତେଜିମା ପାଣ୍ଡୁକୁ ଡାକିଲେ ତଢ଼ାଳ ।
ସାର୍ଦ୍ଧ ପଥରେ ଦେଖିଲେ ଚେଟୀକି । ପେନ୍ଦ୍ରା ଅସୂଅଣ୍ଟା ନାହିଁ ଶାଟୀକି ।୩୯।
ବାସେ ଗୋଡ଼ାଇ ଅଛନ୍ତି ଅଳିଏ । ଏ ସଙ୍କେତ୍ରୁ ସତ କହ ଆଳୀଏ ।
ଯାହିଁ ନୃପସୁତା ପାଖେ ମିଳିଲେ । ଶ୍ୱାସ ବହୁଳ ଶ୍ରମରେ ଛାଳିଲେ ।୪୦।
ତୁମ୍ଭ ଅମ୍ଭ ପ୍ରୀତି ନୋହେ ଅନ୍ତର । ଯଉବନ ସଙ୍ଗୁ ସଙ୍ଗ ଲଭର ।
ତାହା ସଙ୍ଗୁ ଭଲ୍ଲ ଏତେ ଅନ୍ତର । କି କରିବୁ ସଙ୍ଗ ହେଲେ କାନ୍ତର ।୪୧।
ବାଣୀ କୋକିଳଙ୍କୁ ମଧୁର ହେବାରୁ । ନଖଣ୍ଡଅଳୀ ଛବି ବହିବାରୁ ।
ହୃଦ ନ ତଳେ ଚିତ୍ତ ଭଞ୍ଜିବାରେ । ସ୍ତନ-କମଳ କଢ଼ି ବଢ଼ିବାରେ ।୪୨।
କାନ୍ତି ଦେହଜା ଧନୁ ଧନୁ ଗୁଣ । ଗୁର୍ବୀ ଅମ୍ଭେମାନେ ମନେ କରୁଣ୍ଣ ।
ପୂର୍ବ ସମସ୍ତ ଦେଖୁଣି କାହିଁ । ସତ କହ ହୋଇଲା କା ପ୍ରଭାତ ।୪୩।

---

ପ୍ରୀତିସ୍ୱଳ୍ପଶି । ୩୮ । ଛାଳି—ସରସ୍ୱଭାବ ଭଳି । ଯୁବତୀ—ନାଥୀ । ବଳଅଛି—ବଢ଼ି । ୩୯ । ମୂଳ କରି—ଠିକ କରି, ନିର୍ଣ୍ଣୟ କରି । କାଳ—ସମୟ । ତେଜିମା—ଶୁକ୍ଳବର୍ଣ୍ଣା । ତଢ଼ାଳ—ସେହିକ୍ଷଣି । ଚେଟୀକି—ଦାସୀକି । ନାହିଁ ଶାଟୀକି—ଭଲ ପିନ୍ଧିଲା ଶାଢ଼ୀ । ( ଲାଟ ସଖ ନାହିଁ ଅର୍ଥରେ ) ପାଲଟା ଶାଟୀ—ବଦଳା ଶାଢ଼ୀକୁ ।

୪୦ । ବାସେ—ଗନ୍ଧଲୋଭରେ । ଅଳି—ଭଅଁର । ସଙ୍କେତ୍ରୁ—ଚିହ୍ନରୁ । ଆଳୀଏ—ସଙ୍ଗିନୀମାନେ । ଶ୍ୱାସ…ଛାଳିଲେ—ଭୋଗଶ୍ରମ ଦ୍ୱାରା ଶ୍ୱାସ ପ୍ରବାହ ବଢ଼ିଲେ । ୪୧ । ତୁମ୍ଭ…ଅନ୍ତର—ଅମ୍ଭମାନଙ୍କ ପ୍ରୀତି ଭିନ୍ନ ନୁହେଁ । ଯଉବନ…ଲଭ—ବର୍ତ୍ତମାନ ଯୌବନଲଭ ତାଙ୍କୁ ତାଙ୍କ ଲୋକଙ୍କ ସଙ୍ଗ କଲୁ । ତାହା…ଅନ୍ତର । ଲଜ ସଜ ହେବାରୁ ଅମକୁ ଦୂରରେ ରହିଲୁ । କାନ୍ତର ସଙ୍ଗ—ସ୍ୱାମୀ ସଙ୍ଗ ଲାଭ କଲେ କଣ ବା ନ କରିବୁ ?

୪୨ । କୋକିଳ—କୋଇଲି ସ୍ୱରକୁ । ବାଣୀ—ବୋଲ କଥା । କଅଳୀ ଛବି—କଅଳୀ ଫୁଲର ଶୋଭା । ହୃଦ…ବଢ଼ିବାରେ—ହୃଦୟ (ଗୁଡ଼) ପୁଣି ନତରେ—ନଇଁରେ ଚିତ୍ତ—ମନ । ଭଞ୍ଜିବାରେ—ଆସକ୍ତ ହେବାରେ, ଦୃଷ୍ଟେଣ ଭାବରେ ବଳିବାରେ । ସ୍ତନ—କୁଚରୂପ କମଳ କଢ଼—ପଦ୍ମକଢ଼ି ଆସ୍ତେ ବଢ଼ିବାକୁ ଲାଗିବାରେ । ୪୩ । ଦେହଜା କାନ୍ତି—ଦେହଜା ସୁନ୍ଦର ପାଣ୍ଡୁର ବର୍ଣ୍ଣ ( ସେଥିରେ ଈଷତ୍ ପୀତ ମିଶ୍ରିତ ) ଧନୁ ଧନୁ ଗୁଣ—

ଶୁଣି ସଖୀଏ କହିଲେ ଏସନ । ନ କହିଲେ ଭଣ୍ଡିଲଣି ବସନ ।
ବନେ ବିକଶିତ ହେଲେ ମାଧବୀ । ମଧୁପେ କି ନ ଜାଣନ୍ତି ବାରିକି ।୪୪।
ପାଟସୂତ୍ରରେ ଗୁନ୍ଥିଣ ମୋତିକି । ଦେଖା ଲୁଗ୍ଗର ଟେକୁଛି ଜ୍ୟୋତିକି ।
ଟେକେଟେବେକି ଯାଏ ପୂର୍ଣ୍ଣୀ ଉଦରେ । ଜଘପାଟରେ ଭ୍ରୂଲକ୍ଷ୍ଟି ଅଚ୍ଛାଦିତ ।୪୫।
କାହିଁ ହେଲା ନୁଗୁନ୍ତା ଶସ୍ତୁଳାଣୀ । ଦିନାନ୍ତରେ ତ ସେନ ନାହିଁ କଣା ।
ଅବା ସିନ୍ଦୂର ପୋଛିଲ୍ କାହିଁକି । ଆଗ ଅଞ୍ଚଳ କୋଟେହେ ସେ କୋହିବ ।
ସହିତେ ଚନ୍ଦ୍ରହାସ-ସହିତେ । ମୃଦୁଭାଷୀ ଶୁଣିଲେ ଭ୍ରୂଭରେ ।
ମୁଖ ନାହିଁ ଦେଖିଲା ନିଜ ଭରତେ । ଚିତ୍ତ ଚୁକ୍ତ ଅଦର୍ଶିଲା କରତେ ।୪୭।
ତ୍ରିମଣୀଙ୍କ ମାତା ପାତେଶ ଜଣାଇ । ସୁରମନ୍ଦିର ସମ୍ଭାର ଅଣାଇ ।
ମାଷ ଚଣ୍ଡୁଳରେ ପୂର୍ଣ୍ଣ ଗଡ଼ାଇ । ବାସ ପ୍ରାକାର ପ୍ରଭାରେ ବେଢ଼ାଇ ।୪୮

---

ସୁନ୍ଦର, ସୁବର୍ଣ୍ଣବର୍ଣ୍ଣ ଲାଗିବାରୁ । ସୁଗ୍ର ସମୟ—ସନ୍ଧ୍ୟାକାଳ । ପ୍ରକଟ—ପ୍ରକାଶ ।

୪୪ । ବସନ—ଶାଢ଼ୀ । ବିକଶିତ—ପ୍ରସ୍ଫୁଟିତ । ମଧୁପେ—ଭ୍ରମରମାନେ । ୪୫ । ପାଟସୂତ୍ରରେ—ରେଶମସୂତାରେ । ମୋତିକ—ମୁକ୍ତା ( ଯା ବର୍ଣ୍ଣ ଥିଲା ) । ଜ୍ୟୋତିକ ଲୁଗ୍ଗର ଟେକୁଛି—ଲୁଗା ସୂତାର ବନ୍ଧମାନ୍ତି ଲାଗୁଥିବାରୁ ଲଜ୍ଜା କରୁଛି ( ସେ ଗଳ୍ପମଣି ଏ କଥା ଲୁଚାଉଛି ) ଉଦାର ପୂର୍ଣ୍ଣୀ—ଅଣ୍ଟାରେ ଥିବା ପୂର୍ଣ୍ଣୀ । ଭ୍ରୂକୁଟି—ଭ୍ରୂକୁଟି କେତେ କାଳ ଦେଖାଉଥାରେ ।

୪୬ । ଶସ୍ତୁଳାଣୀ—ସୁନ୍ଦର କେଶ ଦେଖାଯାଉ ଜଣ୍ଡ ଯାହାର ସେ ସୁନ୍ଦରୀ । ଦିନାନ୍ତରେ—ଦିନେ ହେବ—ଗତକାଲି । କଣା—ଅଳତା; ସେ ଭୂଲରେ କହୁଥାଇ ଅଳତା ଦାଗ ଲାଗିଛି, କିନ୍ତୁ ସେ ତ ଅଳତା ଦାଲି ଗ୍ରହଣ କରନାହିଁ । ସିନ୍ଦୂର କାଳରେ ପୋଛିବ କହୁଥାରେ; କିନ୍ତୁ ସିନ୍ଦୂର ଯେ ପୋଛିବ ସେ ଲୁଗାର ଆଗପାଖ କାନିରେ ପୋଛିବ; କିନ୍ତୁ ପଛପାଖ କାନିରେ ନୁହେଁ ।

୪୭ । ସହିତେ—ଛୁରିରେ—ସଙ୍ଗୀମାନଙ୍କ ଥିବା ପଦାକ୍ଷର ରୂପ ନଯାରେ ସେ ଅଳଙ୍କାରନା । ଲାବଣ୍ୟବତୀ ଶାସ୍ତ୍ର ଲୁଚିଗଲା—ନିଜର ଯୌବନ ରୂପ ଲୁଚାଇ ରଖି ପାରିଲେ ନାହିଁ । ନିଜ ଭରତେ—ନିଜ ସ୍ତନରେ । ଚିତ୍ତ—ଭ୍ରମ । କରତେ—ନଖରେ ; ଚୁକ୍ତ ଅଦର୍ଶିଲା—ଦେଖିବାକୁ ଲାଗିଲେ ।

୪୮ । ସୁରମନ୍ଦିର—ଦେବାଳୟର, ଗମ୍ଭୀରଘର । ସମ୍ଭାର—ଭୋଜନ ଦ୍ରବ୍ୟ । ମାଷ ଚଣ୍ଡୁଳରେ—ବିରି ଚାଉଳରେ । ବାସ—ଲୁଗା, ପ୍ରାକାର ପ୍ରଭାରେ—ପାଚେରି ପରି ।

ଗୁଣ୍ଡିତାସେ ଗୁଣ୍ଡଗୋଟି ମାର୍ଜଣ । ଅବଲମ୍ବେ ପୋତଲେ ସଣ୍ଡୀଗଣ ।
ନାରିକେଳ ତେଲ ଦୂର୍ବାକ୍ଷେପକୁ । ଭରି ସମୀପେ ଥୋଇଲେ ସୂର୍ପକୁ ।୪୯
ମଧ୍ୟେ ବସାଇଲେ ନବବାଳୀକି । ଶୁଭ ଅର୍ଥେ ଦେଲେ ହୁଳହୁଳିକି ।
ସେହି ଶବଦ ଜନକ ଶୁଣିଲେ । ଜୀର୍ଣ୍ଣ ମୁଦ୍ଗୁଳଟାକୁ କାଣିଲେ ।୫୦
ଉଚ୍ଛଳିଲା ପୁରଦ୍ୱାର ବାଦ୍ୟରେ । ବାଦ୍ୟ ଏମନ୍ତ କହେ କି ନାଦରେ ।
ସୁବା ହୋଇ ସାହା ହେଲା ସୁଗତେ । ମଦନକୁ ଏ ଶୁଭିଲା ଜଗତେ ।୫୧
ଯୋଗୀଜନ୍ମ ମୂଳ ମନମଥର । ଲଭି ଏ ଭସ୍ମ ମହେଶ ପଥର ।
ଅସ୍ଥି ଦମ୍ଭ ହେଲେ ଭବ ବହନେ । ଭଷି ପଶିଲେ ନିମିଷ ବହନେ ।୫୨
ଚାଣ୍ଡ୍ର ଗୃହେ ଶୋଭେ ବୀଜା ଉକତ । ଏହୁ ଉପମା ଜାତ ହୁଏ ଚିତ୍ତ ।
କବି ସଂକଳ୍ପ ଦେଇ ସାଞ୍ଚି ଦିନକୁ । ଚଢେ କି ଋତୁରାଜ ତୁଳନକୁ ।୫୩
ସାଉ ପାପଡ଼ି ହୋଇଛି ପାଣ୍ଡିତ । ସାତକୁମ୍ଭ କୁମ୍ଭ କୁଚ ସ୍ଥାପିତ ।
ଶୁଦ୍ଧ ଶୁଚ ହେମାବଳୀ ନାଭି ତା । ଜଘନ ତ ହେମବେଦୀ ଶୋଭିତା ।୫୪

---

୪୯ । ଗୁଣ୍ଡି ଗୋଟି ମାର୍ଜଣ—ଗୁଣ୍ଡ ଗୋଟି ସର । ଅବଲମ୍ବେ—ଶୀଘ୍ର । ନାରିକେଳ—ନଡ଼ିଆ । ତେଲ—ଲୁଣ । ଦୂର୍ବାକ୍ଷେପକୁ—ଦୂବର ଆକ୍ଷେପକୁ ସ୍ଥାପନକୁ । ସୂର୍ପକୁ—କୁଲାକୁ । ନଡ଼ିଆ, ଲୁଣ ଓ ଦୂବକୁ କୁଲାରେ ସଜାଇ ଥୋଇଲେ ।

୫୦ । ବାଳୀକି—ନୂଆ କନ୍ୟାକୁ । ଜୀର୍ଣ୍ଣ ମୁଦ୍ଗୁଳ—ଲୁଢ଼ା ଦାସୀଟାକୁ ।

୫୧ । ଉଚ୍ଛଳିଲ—କହିଲା, ବ୍ୟାପିଲା । ନାଦରେ—ଶବ୍ଦରେ । ସୁବା ହୋଇ—ସୁବର୍ଣ୍ଣ ହୋଇ, ସାହା—ସହାୟ । ସୁଗତେ—ଉତ୍ସବ ଭାବରେ । ମଦନକୁ—କାମକୁ । ଏ ଜନ୍ମ ମଦନର ସହାୟ ହେଲା, ଏହା ଜଗତକୁ ଶୁଣାଇଲା ।

୫୨ । ମନମଥର—କନ୍ଦର୍ପର । ଯୋଗୀଜନ୍ମ ମୂଳ—ଯୋଗୀଙ୍କ ଜନ୍ମ କରିବା ଔଷଧ । ମହେଶ—ମହାଦେବ ପଥର ପାଳିଥିଲେ । ଦମ୍ଭ—ଧୈର୍ଯ୍ୟ । ବହନେ—ଶୀଘ୍ର । ନିମିଷ ବହନେ—ନିମିଷବହନ ଅର୍ଥାତ୍ ନୈମିଷାରଣ୍ୟରେ (ନୈମିଷ ପାଠାନ୍ତର) ।

୫୩ । ଉକତ—ଏଥି ଅର୍ଥ ବୁଝିଲେ । ଉପମା—ତୁଳନା । ସଂକଳ୍ପ—ଭାବନା ।

୫୪ । ପାଣ୍ଡିତ—କୁଳିତ । ସାତକୁମ୍ଭ କୁମ୍ଭ—ସ୍ୱର୍ଣ୍ଣର କଳସ । ସେ ହେଲା କୁଚ—ସ୍ତନ । ସ୍ଥାପିତ—ଥୁଆ । ଶୁଦ୍ଧ ଶୁଚ—ଯଜ୍ଞୀୟ ପାତ୍ରକୁମ୍ଭ ହେଲେ । ହେମାବଳୀ—ହେମସକୁ ଯେଉଁ ହେମରେଖା ହୃଦର ମଧ୍ୟରେ ବନ୍ଦ୍ୟମାନ । ଜଘନ—ଉଚ୍ଚ ହେଲା ଯଜ୍ଞର ସ୍ୱର୍ଣ୍ଣବେଦୀ ।

ଗୁହ୍ୟ ସୁଲଳିତ କଦଳୀ କାଣ୍ଡରେ । ଶୋଭେ ବର୍ଗଙ୍କ ଅଦ୍ଭୁତକୁଣ୍ଡରେ ।
ଦୀପ୍ତ ଶ୍ରବଣ ତାଟଙ୍କ ଅଳକ । ଚକ୍ର ଦିଗାଇବେ ଜଗ ଚଳନ୍ତି ।୫୫।

ସହସ୍ର ବରଣ ବ୍ରାହ୍ମଣ ସଂସ୍କୃତ । ମନ୍ତ୍ର ମଙ୍ଗଳ ଗୀତକୁ ଜଗାଉ ।
ନାଂଶେଷବ୍ରତରେ ଏ କଥା ଉଦୟ । ପଶୁ ହୋଇବେ ଯୁବା ସମୁଦାୟ ।୫୬।

ସିଦ୍ଧ ହେତ ଏହୁ ବାଞ୍ଛା ତାହାର । ଅଜ ବଲିଷ୍ଠ ହୋଇବ ନାହାର ।
ଇଷ୍ଟ ନାପିତ ଉତ୍ତଳ ଉଲ୍ଲାସେ । ପୂର୍ଣ୍ଣସ୍ନାନ ସାରି ଦାନ ବଳେ ସେ ।୫୭।

ଦାତ୍ୟ ଦେଇଲେ ତଣ୍ଡୁଳ ଅମ୍ବର । ଅବଶେଷ ପକାଇଲେ ସମ୍ବର ।
ତେବେ କାବ୍ୟାରେ ନୃପନନ୍ଦନା । କଲେ ରବିଅର୍ଘ୍ୟ ବନ୍ଦନା ।୫୮।

ବେଶ ଭବବାକୁ ଅଗ୍ର ଦର୍ଶିଲ । ନେତ୍ରାଞ୍ଜନ ବଦେବକୁ ଧ୍ୱଂସିଲ ।
ପଣ୍ଡୁ ଉପମାଗଣେ ଅନୁକୂଳ । ଅଭଦ୍ରତା ଭଜି ହେଲେ ଅକୁଳ ।୫୯।

---

*୫ । ଗୁହ୍ୟ ସୁଲଳିତ—ସୁନ୍ଦର ଗୁହ୍ୟ ପ୍ରଦେଶ । କଦଳୀକାଣ୍ଡରେ—କଦଳୀ ଗଛର ଗଣ୍ଡିରେ । ବର୍ଗଙ୍କ—ଶରୀରର ଉତ୍କୃଷ୍ଟ ଅଂଶ, ଏଠାରେ ଗୁହ୍ୟ ପ୍ରଦେଶ । ସେ ହୋଇ ଅଦ୍ଭୁତ କୁଣ୍ଡ—ହୋମ କୁଣ୍ଡ । ଦୀପ୍ତ ଶ୍ରବଣ ତାଟଙ୍କ—ଉଜ୍ଜ୍ୱଳ କାନର କଡ଼ୁକ । ଅଳକ—ଅଳକ ପାଶ । ଚକ୍ର ଦିଗାଇବେ—ନୂଆ ଭଙ୍ଗିରେ ।

*୬ । ସେହି ସଭାରେ ବରଣ କରା ବ୍ରାହ୍ମଣ ହୋଇ ସଂସ୍କୃତ—ଦୂଷି; ଏଠାରେ ଋଷିମାନେ । ନାଂଶେଷବ୍ରତରେ—ନିଃଶେଷ ଦେବତାରେ । ଉଦୟ—ଡଣା । ଏ ସ୍ଥଳରେ ପଶୁ—ବଳି । ଯୁବା ସମୁଦାୟ—ଯୁବକମାନେ ।

*୭ । ବାଞ୍ଛା—ମନକାମନା । ସିଦ୍ଧ—ସଫଳ । ବଲିଷ୍ଠ—ସ୍ଥିର । ନାହା—ନାଥ, ସ୍ୱାମୀ । ଇଷ୍ଟ—ଇଚ୍ଛାର । ନାପିତ—ଭଣ୍ଡାରୀ । ଉତ୍ତଳ—ଧୋବା । ଉଲ୍ଲାସେ—ମନଖୁସିରେ । ପୂର୍ଣ୍ଣ ସ୍ନାନ—ଅଭିଷେକ, ଯାଗଫଳ ପରେ ବୃଦ୍ଧସ୍ନାନ ।

*୮ । ଦାତ୍ୟ—ଉତ୍କୃଷ୍ଟ । ତଣ୍ଡୁଳ—ଚାଉଳ । ଭଣ୍ଡୁଳ—ଚାଉଳ । ଅମ୍ବର—ଲୁଗା । ସମ୍ବର—ଜଳ । ରବି—ସୂର୍ଯ୍ୟ । ଅର୍ଘ୍ୟ—ପୂଜା । ବନ୍ଦନା—ନମସ୍କାର । *୯ । ବେଶ ଭବବାକୁ—ବେଶ କରିବା ସମ୍ବନ୍ଧରେ । ନେତ୍ରାଞ୍ଜନ—ଆଖିରେ କଜ୍ଜଳ । ବଦେବ—ସ୍ୱଭାବତ ଜ୍ଞାନ । ଧ୍ୱଂସିଲ—ନାଶ କଲା । ଅନୁକୂଳ ଉପମାଗଣେ—ଉପଯୁକ୍ତ ଉପମାନମାନେ—ଚନ୍ଦ୍ର, ପଦ୍ମ ଆଦି । ଅଭଦ୍ରତା—ଶୋଭାହୀନତା; ଅଶୋଭା, ଅବଳ ।

ଶୁଣି ଇଷ୍ଟଦେବୀ ନିଜ ମାତାଙ୍କୁ । ନାଭିସ୍ଥଳି ଯେ ଦେଖାଇଲେ ତାଙ୍କୁ ।
ଏଥିଭିତରେ କୌଣ୍ଡଳକୁମାରୀ । କର ଯୋଡ଼ି କହେ ଦେଖି ସୁଲୁମାହି ।୬୦।
ହେଲି ମେଳଣି ବର ଭୁବନରେ । ଏବା ଥିବ ଧନ୍ୟ ଅବଧାନରେ ।
କେମା ଭାଷ ଅଳଙ୍କାର ଅପାର । ସ୍ନେହବାଣୀ ଭଣୁ ଦେଲ କୃପାର ।୬୧।
ପଢ଼ା ଶୁକ ଗୋଟିଏ ମେଳ ମାଗି । ସେନ୍ନେହ ଦାନ୍ତ ଦେଲ ତାହା ହେମାଙ୍ଗୀ
ଗଲା ସେ ନାଗ କର୍ଣ୍ଣାଟ ଦେଶକୁ । ଶୁକ ଅଚିର କାର୍ଯ୍ୟ ଉଦ୍ଦେଶକୁ ।୬୨।
କାନ୍ତି ଚମ୍ପକଳୀ ଫୁଲ ଦଳିତ । ଯେ କବ୍ରୁର କାନ୍ତ ଦର୍ପ ଦଳିତ ।
ଭୁଜ ସୀତାରମ ପାଦ-ସାରସ । ଉପେନ୍ଦ୍ର ବାରବର ହରଷ ।୬୩।

---

ଅଙ୍କୁଳ—ଭୂଃଶ୍ରୁତ । ୬୦ । ଇଷ୍ଟଦେବୀ—ପାର୍ବତୀ । ନିଜ ମାତା—ନିଜର ଜନନୀ । ନାଭିସ୍ଥଳି—ନାଭି ।

୬୧ । ବରଭୁବନରେ—ଉତ୍କୃଷ୍ଟ ଗୃହ ବା ସ୍ୱାମୀଗୃହକୁ । ଧନ୍ୟ ଅବଧାନରେ—ଆଜ୍ଞା ପ୍ରତିପାଳନ କରିବି । ଭାଷ—ଲକ୍ଷାପଣ । ଅପାର—ଅନେକ । କୃପାର—ଦୟା କରି ।

୬୨ । ହେମାଙ୍ଗୀ—ସୁନାଦେହ ଲାବଣ୍ୟବତୀ । କାର୍ଯ୍ୟ ଉଦ୍ଦେଶକୁ—ବିବାହ ପ୍ରସ୍ତାବ କରିବା ନିମିତ୍ତ । ୬୩ । କାନ୍ତି—ପଦ୍ମ, ଶୋଭାରେ । ଚମ୍ପକଳୀ—ଚମ୍ପାକଳି । ତାହାର ଫୁଲ—ଫୁଟିଲେ । ଦଳିତ—ଦଳ ପକାଇ । ଘୁଣି କବ୍ରୁର—ସ୍ୱର୍ଣ୍ଣ ବା ହରିତାଳ । ତାର କାନ୍ତ—ଉଜ୍ଜ୍ୱଳତା, ଶୋଭା । ଉଦ୍ଭାସିତ ଯେ ଦର୍ପ—ଦମ୍ଭ ଭାବ । ଦଳିତ—ଛିଣ୍ଡିଲା ଏଥର ଯେ ସୀତା । ସ୍ୱର୍ଣ୍ଣ ବିଶେଷରେ—କାନ୍ତି ଶୋଭାରେ ଦଳ ପଡ଼ିଲା । ଚମ୍ପକଳୀ—ଚମ୍ପାକଳିର ବର୍ଣ୍ଣର ପାନ୍ଥିକ—ସୁମନ୍ଦ । କବ୍ରୁର କାନ୍ତ—କବ୍ରୁର ଯେ ସ୍ୱର୍ଣ୍ଣ ସେମାନଙ୍କର କାନ୍ତ ସ୍ୱାମୀ ଯେ ସୁବର୍ଣ୍ଣ ତାଙ୍କର ଦର୍ପ ଦଳିତ—ଗର୍ବକୁ ଯେ ଚୂର୍ଣ୍ଣ କରି ଅଛନ୍ତି । “କବ୍ରୁର କାନ୍ତ ପାଠରେ —କବ୍ରୁର ଧାତୁର ପତି ଦର୍ପ ବା ଜଳର କାନ୍ତର ଯେ ଦର୍ପ—ତେଜ ତାକୁ ଦଳନ—ପରାଜିତ କରି ଅଛନ୍ତି ଯେ ସୁମନ୍ଦ । ପାଦସାରସ —ପାଦପଦ୍ମ ।

---

# ଚତୁର୍ଥ ଛାନ୍ଦ

## ଭୂଷଣେ ଭୋଇଲ ବାଣୀ—( ପ୍ରାନ୍ତାନୁପ୍ରାସ )

ଏଥୁଅନ୍ତେ ଶୁଣ ରସିକ ଜନେ । ଦିନେ ବସନ୍ତ ଭେଟିଲ ସଖୀମାନେ ।
ଅଷ୍ଟ ସଜନୀ ତେଜ ସୁନ୍ଦରୀ ସାର । ନାହିଁ ନ ଥିଲା ନୋହିବ ସଂସାର ।
ଘେନି ତ ଶୋଭା ଲୋଚନେ ଯେ ।
ଅଷ୍ଟ ଲୋଚନଙ୍କୁ କବିବଚନଙ୍କୁ ପଟାଣ କରିବା ଦୋଷରେ ଯେ । ୧ ।
ଏମନ୍ତ ଭାବ ଜାଣିଥିଲେ ଯାହିଁ । ଜନକ ତର୍ଜିଲେ ଅଜ ଉଦାର ।
କି କର ଭୂମେ ତେଜ ପାଶେ ଥାଇ । ସୁବେଶ ନାହିଁ ନ କର କି ପାଇଁ ଲୋ ।
ତେବେ ଜାଣଣି କାହା ମାନସ ଲୋ ।
ତୋ ମନେ କରୁଛୁ ଭୂଷଣଭୂଷା ମୁଁ ବାହିଁକି ହୋଇବି ବେଶ ଲୋ ।୨।
ରସ ବଶରୁ ଶ୍ରବଣ କରିବା । ଦଳ ପଞ୍ଚଳ ପଞ୍ଚକୁ ଗୁନ୍ଥିବା ।
ଦିବ୍ୟ ଅଳଙ୍କାରେ ମଣ୍ଡନ ହେବା । ଏତେ କଥାରେ ବଶ ହୋଇଣ୍ଡି ସୁବା ଯେ
ଶୁଣି ସ୍ୱୀକାର କର ଯେ ।
ବ୍ୟାଧିବନ୍ତର ବାଞ୍ଛିତ ଉପଚାର ବୈଦ୍ୟ ବିହିଲାର ପଥ ଯେ । ୩ ।
ଭଙ୍ଗୀକୁ ଜାଣିଲେ ସଙ୍ଗିନୀବ୍ରାତ । ହେଲା କୋମଳ ଅଙ୍ଗୀ ଅଙ୍ଗୀକୃତ ।
ତାଙ୍କ ନୟନବିକାରକୁ ଜାଣି । ଚତୁରୀ ପରିଚାରିକାମାନେ ଆଣି ଯେ ।
ଶୃଙ୍ଗାର ଭୂଷଣପେଡ଼ି ଯେ ।
ଯତନ ରତନ ମଣ୍ଡନ ବସନ ରଖିଲେ ସଜନୀ ଫେଡ଼ି ଯେ । ୪ ।

---

୧ । ସୁନ୍ଦରୀସାର—ସୁନ୍ଦରୀ ଶ୍ରେଷ୍ଠ । ଲୋଚନନ୍ତ—ଅକ୍ଷିକୁ । କବିବଚନଙ୍କୁ—କାବ୍ୟକର୍ତ୍ତାର ବର୍ଣ୍ଣନାକୁ । ପଟାଣ—ଶୁଣ । ୨ । ତର୍ଜିଲେ—ଭର୍ତ୍ସନା କଲେ । ମାନସ—ମନ । ଭୂଷଣଭୂଷା—ଅଳଙ୍କାରର ଅଳଙ୍କାର । ଅଳଙ୍କାର ତୋ ଶରୀରରେ ରହିଲେ ଅଳଙ୍କାରର ଶୋଭା-ନ୍ୟୂନ ହେବ୍ଦି ତାହା ଗ୍ରହଣ କରିବା ଅଯୁକ୍ତ [ଆଭରଣସ୍ୟାଭରଣଂ ବାହୁଲିତସ୍ୟ ଶାରୁଷଣମ୍—ବକ୍ରମୋଚଣୀ ] ।

୩ । ରସ—ଶୃଙ୍ଗାର ରସ । ଦଳପଞ୍ଚଳପଞ୍ଚ—ତେଜପଟି ଗନ୍ଧନାମକ ଫୁଲର ତୋପା । ଦିବ୍ୟ ଅଳଙ୍କାର—ଅତି ସୁନ୍ଦର ଅଳଙ୍କାରରେ । ମଣ୍ଡିତ—ଭୂଷିତ । ଏତେ କଥା—ଏତେ ସବୁ କାର୍ଯ୍ୟରେ । ବଶ—ଅଧୀନ । ସ୍ୱୀକାର—ଅଙ୍ଗୀକାର; ହଁ କର । ବ୍ୟାଧିବନ୍ତ—ରୋଗୀ । ବାଞ୍ଛିତ—ଇଚ୍ଛା କଲା । ଉପଚାର—ଚିକିତ୍ସା । ବିହିଲା—ବିଧାନ କଲା, ନିର୍ଦ୍ଦେଶ କଲା । ୪ । ଭଙ୍ଗୀ—ଇଙ୍ଗିତ । ସଙ୍ଗିନୀବ୍ରାତ—ସଖୀସମୂହ

ମଞ୍ଜୁ ବଜ୍ରସ୍ଥଳି ପର୍ଯ୍ୟଙ୍କ ସଜ୍ଜ । ଗୁମ୍ଫିଲେ କାଞ୍ଚନ ଚୋଳକ ଭୁଜ ।
ଅଳକାକୋଷେ ଥିବ ଅବା ତୁଲ୍ୟ । କହିବା କବିର ଧାଷ୍ଟା ଅବା ମୂଲ୍ୟ ଯେ
ଏକାଠିଲ ରଙ୍ଗାଙ୍କୁ ଆଣି ଦେ ।
ପୁଲଗୁଳୁଟି ଚିତ୍ରିତପେଡ଼ି ଫେଡ଼ି ସୁବାସ ଛାଇଲା ପୁଣି ଯେ । ୫ ।
ସଜ୍ଜବନ୍ଧ ସଜ୍ଜ ସଜନୀ ଦେଖି । ଅସନେ ବସାଇ ପ୍ରସନ୍ନମୁଖୀ ।
ଆଗେ ଦେଖାଇଲେ ମୁକୁର ମାଜି । ଦାବି ନିର୍ମଳେ କି ଶରଣ ପଶି ଯେ
ଫେଡ଼ିଲେ କୋମଳ ବାଳ ଯେ ।
ବେଗରେ ଚିକୁର ଯୋଗରେ ଶଇଳସୁନାଏ କଲେ କୋମଳ ଯେ । ୬ ।
ଚରଣେ ପଡ଼ି ମନୋହର ଦଶେ । ପଖେ କି ନାଶି ଧାନ ଧୂଳି ପାଶେ ।
ପୁଚ୍ଛ ଚୂଳି ଦେଖି ମୁଖଚନ୍ଦ୍ରର । ପଳାଇ ଯାଉନ୍ତି କି ଅନ୍ଧକାର ଯେ ।
ସଖୀଏ ଭାଷନ୍ତି ବଚନେ ଏଣେ ।
ଗୁମର ମନ୍ଦ୍ରର ଚିଲ୍ଲି ଯା ଗୁଳନ୍ତି ନିତମ୍ବ ଭାଗନ୍ତି ବେଣୀ ଏଣେ ଯେ । ୭ ।

---

କୋମଳ ଅଙ୍ଗୀ—ସୁକୁମାର ଦେହା ଲାବଣ୍ୟବତୀ । ନନ୍ଦନକୁମାର—ଚନ୍ଦ୍ରର ଭଙ୍ଗୀ । ପରିବାରମାନେ—ସଖୀମାନେ । ସଜନ—ସୁନ୍ଦର । ମଣ୍ଡନ—ଭୂଷଣ । ବସନ—ଲୁଗା । ଫେଡ଼ି—ଖୋଲି । ୫ । ମଞ୍ଜୁ ବଜ୍ରସ୍ଥଳି ପର୍ଯ୍ୟଙ୍କେ ସଜ୍ଜ—ସୁନ୍ଦର ବଜ୍ରଳ ଖଟ ପ୍ରାୟ ଶୋଭା ପାଏ । ଅଳକା କୋଷେ—କୁବେରର ପୁରୀ ଅଳକାର ରତ୍ନ ଭଣ୍ଡାରରେ । ତୁଲ୍ୟ ଅବା ଥିବ—ସେହି ଅଳଙ୍କାରମାନଙ୍କ ସଦୃଶ ପଦାର୍ଥ ଥାଇପାରେ । କୁବେରଙ୍କ ଭଣ୍ଡାରରେ ନବନିଧି ଥାଏ । କବି ବର୍ଣ୍ଣନା କରୁଅଛନ୍ତି—ସେଠାରେ ଥିଲେ ଥାଇପାରେ । ମେରୁଶୃଙ୍ଗର ଉପତ୍ୟକାରେ ହିମାଳୟର ଶୃଙ୍ଗଦେଶରେ ଅବସ୍ଥିତ ଅଳକାପୁରୀ, ଯକ୍ଷରାଜ କୁବେରଙ୍କ ସ୍ଥିତିଧାମ । ଧୃଷ୍ଟ—ସେମାନଙ୍କର ମୂଲ୍ୟ ନିରୂପଣ କ୍ରିୟା ଭଳି ଅବା ଠିକ୍ କରି ପାରନ୍ତି । ଶୃଙ୍ଗୁଟି—ଶୃଙ୍ଗଦ୍ୱା, ଭାଙ୍ଗ । ଚିତ୍ରିତ ପେଡ଼ି—ନାନା ବର୍ଣ୍ଣରେ ଚିତ୍ରିତ ଉଜ୍ଜ୍ୱଳ ପେଡ଼ି ବା ନାନା ବର୍ଣ୍ଣ ଓ ଚିତ୍ରିତ ଥିବା ପେଡ଼ି । ସୁବାସ—ସୁଗନ୍ଧ ।

୬ । ସଜ୍ଜବନ୍ଧ ସଜ୍ଜ—ସଜାଇବା ବା ଭୂଷିତ କରିବାର ପଦାର୍ଥମାନ । ସଜନୀ—ସଖୀ । ପ୍ରସନ୍ନମୁଖୀ—ସୁପ୍ରସନ୍ନ ଲାବଣ୍ୟବତୀ । ମୁକୁର ମାଜି—ଦର୍ପଣ ଘଷି ମାଜି । ନିର୍ମଳେ—ସ୍ୱଚ୍ଛଭାବରେ । ସଖୀମାନେ ତା ମୁଖ ସମ୍ମୁଖରେ ଦର୍ପଣ ରଖିଲେ ନାହିଁ; କିନ୍ତୁ ଦର୍ପଣ ସ୍ୱଚ୍ଛଭାବରେ ଲାବଣ୍ୟବତୀଙ୍କୁ ଭକ୍ଷି ଦେଲା ତାଠାରେ ଶରଣ ପଶିଲା । ଶଇଳସୁନାଏ—ଉତ୍ତ ଲକ୍ଷଣ ସଖୀମାନେ । ୭ । ଚରଣେ—ପିଠିରେ । ମନୋହର—

ମର୍ଦ୍ଦଳାକାର କଙ୍କତିକା ସ୍ଥଳ । କାଞ୍ଚୁଳି କମ ସୁପନ ଚିତ୍ରୁଳ ।
ସୁସଞ୍ଚ ସନ୍ଧି ଦଶନ ଅବଳୀ । ଗଳିବ କି ନାହିଁ କୁନ୍ତଳ ଝୁଲି ଯେ
ଅଳୀ ଶ୍ରଦ୍ଧା ଗଳାଇ ଯେ,
ନଖେ ଝଙ୍କାସ୍ତ ଦେଲେ ବେଣୀକାସ୍ତ କି, ଦେଲେ ବେଣୀ କୁଣ୍ଡାଇଁ ଯୋ
ମାଙ୍ଗଶୀର୍ଷ ରଖି ଉତ୍ତମାଙ୍ଗରେ । ଅଗ୍ରୁଞ୍ଚ କରି ସାମନ୍ତଙ୍କ ଧୀରେ ।
ଚକ୍ରର ଧରି ମୂଳେ ଭିଡ଼ା ଭିଡ଼ନ୍ତେ । ଅଦ୍ଭୁତ ଉପମା ଉଦ୍ଦେଶ ଚିତ୍ତେ ଯେ ।
କି କୋକନଦ ମଧ୍ୟରୁ ଯେ ।
ସ୍ରବୁଛି କାଳିନ୍ଦୀ ଦ୍ରବୁଛି ଶୃଙ୍ଗାର ଦ୍ୱା ଦ୍ୱା ଯେ ଅତ୍ୟନ୍ତ ରୁଚ୍ଛ ଯେ । ୯ ।

---

ସୁନ୍ଦର । ମଧ୍ୟେ...ପାଶେ—ପିଠି ମଝିରେ ଦାଳ ପଡ଼ିଥିବାରୁ ପିଠିର ଦୁଇପାର୍ଶ୍ୱ ଉଚ୍ଚ (ଉଚ୍ଚଳ) ଓ ତାହା ଉଳିଥ ହେଉଛି ଶଣି (ଅଙ୍କାର ପାଳି) ବୋଲି କବି ବର୍ଣ୍ଣନା କରୁଅଛନ୍ତି । ସଖେ—ଏ ସଖୀ । ସଖୀମାନେ ଯେ ମସ୍ତକରୁଞ୍ଚର ବର୍ଣ୍ଣଙ୍କୁ ଭାବନ୍ତି ତାହାଙ୍କର ଲାବଣ୍ୟବନ୍ଧର ବେଣୀକୁ ବନ୍ଧାଉ ଅଛନ୍ତି—(ବେଣୀର ଶୋଭାକୁ ଯେ ଭ୍ରମର ସବୁ ଗୁଡ଼େ) । ନରିଷ୍ଟସଞ୍ଚୟ କି—ସେମାନେ—ସଖୀମାନେ—ଉଲ୍ଲୁ ବେଣୀକୁ ଭ୍ରମରଙ୍କୁ ବନ୍ଦାଉଛନ୍ତି କି) ।

୮ । କଙ୍କତିକା—ପଣିଆ । ମର୍ଦ୍ଦଳାକାର—ମୃଦଙ୍ଗ ଆକାରର । ସ୍ଥଳ—ଖୋଲ । କାଞ୍ଚୁଳି କମ—କାଞ୍ଚୁଳି ନାହିଁ ଧଳେଇ । ସୁପନଚିତ୍ରୁଳ—ଅତି ସୁନ୍ଦର ଚିତ୍ର ପଦାର୍ଥ । ସୁସଞ୍ଚ ସନ୍ଧି—ଅତି ସୁନ୍ଦର ଲଗାଲଗି । ଦଶନଅବଳୀ—ଦାନ୍ତଧାଡ଼ି । କୁନ୍ତଳ—କେଶ । ଅଳୀ—ସଖୀ । ନଖେ—ନଖରେ । ଝଙ୍କାସ୍ତ—ଝଡ଼ି ଦେଇ (କୋଉରେ ନଖ ଚଳାଇବାରେ ଝଁ ଝଁ ଶବ୍ଦ କରି) । ବେଣୀକାସ୍ତ କି—ସେ ବେଣୀକାର୍ଯ୍ୟକୁ ପାଳଣି ଦେଲେ । ତର୍ଜ୍ଜନୀ ଯେ ବେଣୀକାରିଣୀ ବେଣୀ କୁଣ୍ଡାଇ ଦେଲେ ।

୯ । ମାଙ୍ଗ—ସୀମନ୍ତ । ବେଣୀକୁ ଦୁଇଭାଗ କରି ମଝିରେ ଥିବା ରଖିବାକୁ ମାଙ୍ଗ କହନ୍ତି । ଉତ୍ତମାଙ୍ଗରେ—ମୁଣ୍ଡରେ । ଅଗ୍ରୁଞ୍ଚ କରି—ସାବଧାନତାର ସହିତରେ । ସାମନ୍ତଙ୍କୁ—ଚିହ୍ନକଣ କରି । ମୂଳେ—ବେଣୀର ମୂଳଭାଗରେ । ଭିଡ଼ା—ଲୁଳ ପାଟସୂତା । ଭିଡ଼ନ୍ତେ—ଜୋରରେ ବାନ୍ଧିବାରେ । ଅଦ୍ଭୁତ ଉପମା—ଅପୂର୍ବ ତୁଳନା । କୋକନଦ—ରକ୍ତପଦ୍ମ । କାଳିନ୍ଦୀ—ଯମୁନା ନଦୀ (କୃଷ୍ଣବର୍ଣ୍ଣ ହେତୁ ବେଣୀର ସାମ୍ୟ) । ସ୍ରବୁଛି—ଝରୁଛି, ବହି ଯାଉଛି ଓ ଶୃଙ୍ଗାର—ଅଧରର । ଦ୍ରବୁଛି—ଗଳି ଯାଉଛି । ତାହା ଯେ ଲାଲ ବାନ୍ଧିବା ସମୟର ଦୃଶ୍ୟ । ଅତ୍ୟନ୍ତ ରୁଚ୍ଛ—ଅତି ସୁନ୍ଦର ।

ରଙ୍ଗରଣ୍ଡି ଭଲ୍ଲ ପାଦ୍ୟ କୁଟ୍ଟାଙ୍କୁ । ସଜାଡ଼ିଲେ ଯୁବା ଜନବୃନ୍ଦାଙ୍କୁ ।
ତମ ନିବାରି କି ଉଦ୍ଧାରେ ବାହାର । ପ୍ରଭାତେ ପ୍ରଭାବନ୍ତ ପ୍ରଭାକର ସେ ।
ବେଣୀ ବନ୍ଧପାଶ ସିନ୍ଥି ଯେ ।
ଯୋଗୀଜନମନ ମୃଗବନ୍ଧନେ କି ଭଲେ କାଅପଣୀ ବାନ୍ଧାଯେ ।୧୦।
ସିନ୍ଦୂର ଗାର ସୀମନ୍ତରେ ଦେଲେ । ବନ୍ଧୁଜୀବକୁ ବନ୍ଧୁ ଜାଣିଥିଲେ ।
ଶୁଣି ନାହିଁ କି ସେ ରଥାଙ୍ଗ ଘାତ । ଅଳି ହୋଇଛି ଲଭନ୍ତ ବ୍ୟକ୍ତ ଯେ ।
ସେହି କ୍ଷତ କ୍ଷତଜ ଶୁଦ୍ଧି ଯେ,
ଲଲାଟେ ଅଟେ ବଦନ ବନ୍ଧୁପାଶେ ନ ଗଲେ ଭୟ ପାଇ ଯେ ।୧୧।

---

୧୦ । ରଙ୍ଗରଣ୍ଡି ଭଲ୍ଲ—ଲାଲି ପାଟଡୋର ବେଣୀ ମଧ୍ୟରେ ଭର୍ତ୍ତି । ପାଦ୍ୟ—ସୁନ୍ଦର । ଯୁବାଜନବୃନ୍ଦାଙ୍କୁ—ଯୁବକଙ୍କ ଧୈର୍ଯ୍ୟ ନାଶ କରିବା ନିମିତ୍ତ । ତମ—ଅନ୍ଧକାର ( ତା ଅଦ୍ଭୁତ କଳନାରେ ସନ୍ଧୂର ) । ନିବାରି—ରୋଧ କରି । ପ୍ରଭାତେ—ସକାଳେ । ପ୍ରଭାବନ୍ତ—ଉଜ୍ଜ୍ୱଳ । ପ୍ରଭାକର—ସୂର୍ଯ୍ୟ । ପାହାନ୍ତାରେ ଅନ୍ଧାର ଘୋଟି ରହିଥାଏ । ହଠାତ୍ ପୂର୍ବ ଦିଗରେ ସୂର୍ଯ୍ୟ ଉଦିତ ହେଲେ, ଯେପରି ଦେଖାଯାଏ ସେପରି କଳା ବାଳ ମଧ୍ୟରୁ ଲାଲ ସୂତା ଦେଖାଯାଉଛି । ବେଣୀବନ୍ଧ ପାଶ ସିନ୍ଥି—ଦୁଇପ୍ରକାର ଫାଶ ଏ କେଶରେ ଦିଆହୋଇଛି । ଯୋଗୀ... ବନ୍ଧନେ—ଜିତେନ୍ଦ୍ରିୟ ଯୋଗୀମାନଙ୍କ ମନ ହେଲା ହରିଣ—ତାକୁ ବାନ୍ଧିବାକୁ । କାଅପଣୀ—ବେଣୀ ଫୁଲ ପାଖୁଡ଼ା ତାର ବେଢ଼ ଦେଲେ କି ? ଏଡ଼ା ଏ ଭଣ୍ଡିରେ ଦୁଇ ପ୍ରକାର ଫାଶରେ ବାନ୍ଧି ଜଣ୍ଡା ବେଢ଼ ସ୍ୱରୂପ କାଅପଣୀ ଦେବାକୁ ଯୋଗୀଙ୍କ ମନରୂପ ହରିଣ ସେଥିକୁ ବର୍ତ୍ତିଯାଇ ପାରିବ ନାହିଁ, ଯୋଡ଼ି ଦେଖିଲେ ବୁଝାପଡ଼େ ।

୧୧ । ସୀମନ୍ତରେ—ସିନ୍ଥାରେ । ଦୁଇପାଖକୁ ବିଭକ୍ତ ହୋଇଥିବା କେଶର ମଧ୍ୟସ୍ଥିତ ମାର୍ଗରେ । ବନ୍ଧୁଜୀବ—ରାହୁ । ବନ୍ଧୁ ଜାଣିଥିଲେ—ଚନ୍ଦ୍ର ଜାଣିଥିଲେ ଏହା ଶୁଣିବା ମାତ୍ରେ ବିରୋଧ ହେଲା; କିନ୍ତୁ ବିରୋଧ ପଡ଼ିବାର ହେଲା କାରଣ—ରାହୁ ( ଅମୃତ ପରଶିବା ସମୟରେ ବିଷ୍ଣୁ ଲୁଚି ଦେବତାଙ୍କ ସଙ୍ଗେ ବସି ଅମୃତ ଖାଉଥିଲେ, ଚନ୍ଦ୍ର ଓ ସୂର୍ଯ୍ୟ ଏ କଥା ବିଷ୍ଣୁଙ୍କୁ କହିବାରୁ ସେ ଚକ୍ରାଘାତରେ ମସ୍ତକ ଛେଦନ କରିଥିଲେ । ତେଣୁ ତାର ଶିର ହେଲା ରାହୁ ଓ ଅବଶିଷ୍ଟ ଅଙ୍ଗ କେତୁ ନାମରେ ଖ୍ୟାତ ହେଲା ) । ରଥାଙ୍ଗ—ସୁଦର୍ଶନ ଚକ୍ର । ଘାତ—ବ୍ରଣ । ବ୍ୟକ୍ତ—ପ୍ରକାଶିତ । କ୍ଷତକ୍ଷତଜ—ଘାଆର ରକ୍ତ । ଲଲାଟେ—ଏଣୁ ଆଗ୍ରହରେ । ବଦନବନ୍ଧୁ ପାଶେ

ଝୋଖାଭେଦୋତ ମଥା ଜାଲି ମଣ୍ଡିଲେ । ମଣ୍ଡିଲେ ନାହିଁ ଧରଣୀ ଖଣ୍ଡିଲେ
କି ନୀଳମଣି ଧରଣୀରେ ଅଣି । ଗବାକ୍ଷେ ଗଲା ପ୍ରକାଶିତ ଶଶୀ ଯେ
କୁନ୍ତା ଜାଲି ଏ ସଦୃଶୀ ଯେ ।
ଶ୍ୟାମଳ କମଳ ଦଳରେ କଳ୍ପ କି ସେଷଣ ସୁଧା ବରଷାଯେ । ୧୨ ।
ତାଙ୍କର ଚନ୍ଦ୍ରମୁଖୀ ଚଞ୍ଚିଲେ । ଖଞ୍ଚିଲେ କି ଅବା ମନ ବଞ୍ଚିଲେ ।
ନବଘନରେ କି ଯାଉଛି ଦଶି । ଏଣୁ ଅର୍ଦ୍ଧଚନ୍ଦ୍ର ଦ୍ୟୁତିର ଧଶି ଯେ ।
ନୀଳ ପୀତ ରଙ୍ଗ ଫୁଲେ ଯେ ।
ଗଭ୍ଭ କଲେ ଶୋଭା ଇନ୍ଦ୍ରଧନୁ ପ୍ରଭା ଉପମେୟ ତାହା ତୁଲେ ଯେ ।୧୩।
ବକ ଉର୍ଦ୍ଧ୍ୱ ହେମ ଦୁଇବଖ୍ୟା । ଭେଦିବାକୁ ଦଶିଲ ମେନ୍ତ ପକ୍ଷ ।
ବାମ ଯମୁନା ଜଳକେଳି ଇଚ୍ଛି । ସୁବର୍ଣ୍ଣ ନାବ ଖେପଣୀ କରୁଛି ଯେ ।
ଦୁଇ ଯା ଉର୍ମିଳ ହୋଇ ଯେ ।
ଠାରେ କି ନାଭ ନବ ନାଗ ନଗରେ ଏ ସମାନେ ଶୋଭା ନାହିଁ ଯେ ।୧୪।

---

—ମୁଖଚନ୍ଦ୍ର ପାଖକୁ । ଏଠାରେ ସନ୍ଦେହ ଜୋଗ ବଙ୍କା ହୋଇଥିବାକୁ ମୁଖ ଉପରକୁ ପଡ଼ିଲ ନାହିଁ ।

୧୨ । ଶୋଭାକ ମୋତ ମଥାଜାଲି—ଶାଖି ମନ୍ତ ମୋତିରେ ଗଢ଼ିତ ମସ୍ତକର ଜାଲି ସଦୃଶ ଅଳଙ୍କାରବିଶେଷ । ଧରଣୀ—ପୃଥିବୀଙ୍କ ଶୋଭା ନାଶ କଲେ । ନୀଳମଣି ଧରଣୀରେ—ନୀଳମଣିମୟ ସ୍ଥାନକୁ ( ଶୁଦ୍ଧ ଅର୍ଥରେ ) ଗବାକ୍ଷ—ଝରକାରେ । ଶଶୀ—ଚନ୍ଦ୍ର । ସଦୃଶ—ତୁଲ୍ୟ । ଶ୍ୟାମଳ କମଳ ଦଳରେ—ନୀଳପଦ୍ମ ଦଳରେ । ସୁଧା ବରଷା—ଅମୃତବୃଷ୍ଟି, ବର୍ଷା ହେଲା କି ( ଅମୃତର ବର୍ଣ୍ଣ ଧଳା ବୋଲି କଳ୍ପିତ )

୧୩ । ତାଙ୍କର—ଅଳ୍ପକର । ବଞ୍ଚିଲେ—ମୁଗ୍ଧ କଲେ । ନବଘନରେ—ନୂଆ ମେଘରେ (ବର୍ଷା ନ ଥିବା ମେଘ ଶ୍ୟାମ କଳା) । ଅର୍ଦ୍ଧଚନ୍ଦ୍ର ସଶିବାକୁ ଦ୍ୟୁତିର—ଶୋଭା । ନୀଳ ପୀତ ରଙ୍ଗ—ନେଳିଆ, ହଳଦିଆ, ଲାଲିଆ । ଗଭ୍ଭ—ମସ୍ତକର ଭୂଷଣ ନିମନ୍ତେ ଫୁଲମାଳା । ଇନ୍ଦ୍ରଧନୁ ପ୍ରଭା—ନୀଳବର୍ଣ୍ଣବିଶିଷ୍ଟ ଇନ୍ଦ୍ରଧନୁର ଶୋଭା । ଉପମେୟ—ସାଦୃଶ୍ୟ । ତୁଲେ—ସଦୃଶରେ ।

୧୪ । ବକ ଉର୍ଦ୍ଧ୍ୱ—ବଙ୍କା ଉଡ଼ିଥିବା, ଅର୍ଦ୍ଧଚନ୍ଦ୍ରତୁଲ୍ୟ ସୁନା ଅଳଙ୍କାର । ହେମଦୁଇବଖ୍ୟା—ସୁନାର ଦୁଇଖଣ୍ଡ । ବାମ—ବାମପଟ । ଯମୁନା ଜଳକେଳି—ଯମୁନା, ନଦୀରେ ଜଳକ୍ରୀଡ଼ା (ନାବଖେଳ) । ସୁବର୍ଣ୍ଣ ନାବ—ସୁନାର ଡଙ୍ଗା । ହେଲୁ ବଙ୍କା ଉଡ଼ିଥିବା । ଦୁଇବଖ୍ୟ ହେଲୁ ଖେପଣୀ—ଅହ୍ଲାଦ । ଉର୍ମିଳ

ସହଟେକ ତ କୁଣ୍ଡଳିତ ଅଳକା । ପକାଇଲେ ଭୃଙ୍ଗଶ୍ରେଣୀରେ ଡକା ।
ଦମ୍ଭ ଆରମ୍ଭ ବିନାଶନ ଅଶେ । ମଞ୍ଜୁଳ ଭଲେ ଅବତଂସ ଦେଶେ ।
ଏମନ୍ତ ଚିତ୍ତରେ ଭଣି ଯେ ।
ମର୍ଦ୍ଦିତ ନୀଳାବ୍ଜୁ ବାହାର ଯାଉଛି କି ଅତି ଉଜ୍ଜ୍ୱଳିତ ଗୁଳି ଯେ ।୧୫।
ଅଳକ ଉର୍ଦ୍ଧ୍ୱେ ଝଲମଲ ମାଳୀ । ଗ୍ରୀଟେକ ଛଟେକେ ଗଞ୍ଜିଲେ ଅଳୀ ।
ଏମନ୍ତ ଅଦ୍ଭୁତ ନ ଥିଲା ଦେଖା । ବିନା ମେଘରେ ସ୍ଥିର ବିଦ୍ୟୁଲ୍ଲେଖା ।
ପାଣତେଜ ଧାଡ଼ିଏ ଭାସ୍ୱ ଯେ ।
ଇଚ୍ଛାରେ ନେତ୍ର ବନ୍ଦୀ ହେବ ମନ୍ତ୍ରିଙ୍କ ଅନଙ୍ଗ କଟାକ୍ଷ ଭାସ୍ୱ ଯେ ।୧୬।
ଲଲାଟପଟ୍ଟ ଅର୍ଦ୍ଧ ଫଳ ସର । ମୃଗମଦ ଚିହ୍ନ କଳଙ୍କ ଧର ।
ସ୍ୱଚ୍ଛ ବାଦ ଇଚ୍ଛି ନିଶାନାସ୍ତୁକ । ଭିଆଇ ଅଛି ଅଭ୍ରଣି ସାସ୍ତୁକ ଯେ ।
ରଚୁଛି ଫଳର ତୋଳି ଯେ ।
ଅଳକା ନାସୁର ସୀମାକୁ ଲଙ୍ଘିଲେ ଭାଣିମ ଫଳଯୁ ନାହିଁ ଯେ ।୧୭।

---

ଢୋଳି—ଥରି ଥରି । ଠାଣେ—ଇଙ୍ଗିତ କରେ, ଇସାରା ଦିଏ । ନାଳ—ସୂର୍ଯ୍ୟ । ନାଗ—ସର୍ପ, ନାଗ, ପାତାଳ; ନଗରେ—ପୁରରେ ।

୧୫ । ସହଟେକ ତ—ସ୍ପଷ୍ଟଭାବେ ; କୁଣ୍ଡଳିତ ଅଳକା—କୁଞ୍ଚିତ ହୋଇଥିବା ଚୂର୍ଣ୍ଣକୁନ୍ତଳ (କୁଞ୍ଚିତ ବାଳ) । ଭୃଙ୍ଗଶ୍ରେଣୀରେ—ଭ୍ରମରମାନଙ୍କରେ । ଡକା ପକାଇଲେ—ଦୋହାଇ ଦେଲେ । ସେମାନେ ଲଜ୍ଜାରେ ମୁଣ୍ଡ ତଳ କରି ଯାଉଲେ । ଚୂର୍ଣ୍ଣକୁନ୍ତଳ ଭ୍ରମରଶ୍ରେଣୀକୁ ଲଜ୍ଜା ଦେଲେ—ତାକୁ ଶୋଷିରେ ବଳ ପଡ଼ିଲେ । ଦମ୍ଭ ଆରମ୍ଭ—ଅହଙ୍କାର ଓ ଚେଷ୍ଟା । ବିନାଶନ ଅଶେ—ନାଶ କରିବା ଉଦ୍ଦେଶ୍ୟରେ । ଦେଶରେ—କର୍ଣ୍ଣ ପାର୍ଶ୍ୱରେ । ମଞ୍ଜୁଳ ଅବତଂସ—ସୁନ୍ଦର ଭୂଷଣ ହେଲେ । କର୍ଣ୍ଣ ପାର୍ଶ୍ୱରେ ଚୂର୍ଣ୍ଣକୁନ୍ତଳକୁ ମୋଡ଼ି ସୁନ୍ଦର କର୍ଣ୍ଣଭୂଷଣ ସ୍ୱରୂପ କଲେ । ମର୍ଦ୍ଦିତନୀଳାବ୍ଜୁ—ନୀଳମଣିର ଚକ୍ରଚିହ୍ନ । ଅତିଉଜ୍ଜ୍ୱଳିତ—ଅତି ଉଜ୍ଜ୍ୱଳ । ଗୁଳି—ଗୁଳା ।

୧୬ । ଅଳକ ଉର୍ଦ୍ଧ୍ୱେ—କପାଳର ଉପରିଭାଗରେ । ଗ୍ରୀଟେକ—ଶୀର୍ଷରେ । ଛଟେକେ—ଭଙ୍ଗୀରେ । ଅଳୀ—ସଖୀ । ଅଦ୍ଭୁତ—ଆଶ୍ଚର୍ଯ୍ୟ । ବିଦ୍ୟୁଲ୍ଲେଖା—ବିଜୁଳିର ଧାର । ଝଲମଲ ମାଳୀ—ସୁନାର ଉଜ୍ଜ୍ୱଳ ସୀମନ୍ତ ଭୂଷଣ । ପାଣତେଜ ଧାଡ଼ିଏ ଭାସ୍ୱ—ଟଙ୍କ ଟେକ ସୁନାର ବା ମୋତିର ଝରା ଦେଲେ ଭାସ୍ୱର ମାଳ । ଅନଙ୍ଗ—କାମଦେବ । କଟାକ୍ଷଭାସ୍ୱ—ଅଦ୍ଭୁତ କଟାକ୍ଷ ଶର । ନେତ୍ରମାନଙ୍କ ଚକ୍ଷୁ ଦେଖୁଥିବେ ଲକ୍ଷ୍ୟ ବନ୍ଧନ ।

୧୭ । ଅର୍ଦ୍ଧଫଳ—ଅଧା ଭାଗ । ଲଲାଟପଟ୍ଟ—କପାଳଦେଶ । ମୃଗମଦ—କସ୍ତୁରୀ । ନିଶାନାସ୍ତୁକ—ଚନ୍ଦ୍ର । ଅଭ୍ରଣି—ଭାଗ । ସାସ୍ତୁକ—ଖଣ୍ଡ ।

ବର୍ତ୍ତେ ତାଙ୍କ ମଣ୍ଡଳ ବର୍ତ୍ତୁଳ । ଭବ ଶୀଘ୍ରତ ନାହିଁ ଅଣି ଧବ ।
ଜୀବ ଭାର୍ଗବଙ୍କୁ ବାଞ୍ଛିଲା କି ଯେ । ଅନଳ ଦେବପାଶେ ନୈଋତପାଶେ ଯେ
ନେତାନ୍ତେ ଭରେ ତର୍ଜନ ଯେ ।
ଶ୍ରୁତରେ ଉପମା ନାହିଁ ତ ବୋଲନ୍ତି ତୁମ୍ଭେ ଭବ କି ବର୍ଣ୍ଣନ ହେ ।୧୮।
ରତନ ଫୁଲ ଅଟନ୍ତି ଯତନ । ଝଲକେ ଝଲକା ଏ ଅନୁମାନ ।
ହର ମାରଙ୍କୁ ଭସ୍ମ କରି ଦେଲା । ଏ ତା ସ୍ତବକ ବନ୍ଧଠାବେ ଥିଲା ଯେ
ଜାଣି ଶୋଭାରେ ତାହାଙ୍କୁ ଯେ ।
ଲୋକେ ବଢ଼ାଇ ଜାଣିପାକୁ ଛଡ଼ାଇ ପଣ୍ଡନ କଲେ ଏହାଙ୍କୁ ଯେ ।୧୯।

---

ଲମ୍ବିତ ହେଲୁ ଚାଲି, ଝଲକ ହେଲୁ ଖଣ୍ଡା । ସଂଯତ—ସ୍ଥିର ଭାବରେ ରହି ଅଛି । ଅଳକା—ଚୂର୍ଣ୍ଣକୁନ୍ତଳ । କୁସୁମ ସୀମା—ସଥାରୀଥ ସ୍ଥାନ- (ଲଲାଟର ପ୍ରାନ୍ତ ଦେଶ) । ଲଙ୍ଘିଲେ—ଖଳତ ଗୁଚ୍ଛ ଅଟିଲେ । କୁନ୍ତଳ ହେଲା ଚନ୍ଦ୍ର, ସେ ମୁର୍ଦ୍ଧିରୁ ଖସି ଅଟିଲେ ବାଣିବ । ଏହି ଉଦ୍ଦେଶ୍ୟରେ (ଅଦ୍ଭୁତ ଉପମା) ।

୧୮ । ବର୍ତ୍ତେ—ଚାଳରେ । ତାଙ୍କ—ତରୁଣ ବା ଜାପ ଫୁଲଟି । ଭବ— ଶୁଭ, ଭାଗ୍ୟଶାଳୀ । ଶୀଘ୍ରତ—ବାକ୍‌ପତି; ବାକ୍ୟ ବ୍ୟବହାରରେ ସମସ୍ତଙ୍କଠାରୁ ଶ୍ରେଷ୍ଠ, ବୃହସ୍ପତି ବା ଗୁରୁ । ଜୀବ ଭାର୍ଗବଙ୍କୁ—ଗୁରୁ ଓ ଶୁକ୍ରଙ୍କୁ । ଅନଳ ଦେବପାଶେ—ମୁଣ୍ଡର ଡାହାଣ ପାଖରେ । ନୈଋତପାଶେ— ବାମ ପାଶରେ । ଚନ୍ଦ୍ରଲଲାଟରେ ବୃହସ୍ପତି ଓ ଶୁକ୍ର ନକ୍ଷତ୍ର ସଦୃଶ ହୋଇ ଝିଲ୍‌ମିଲରେ ଫୁଲଟି ତାଙ୍କ ମାଳରେ ବନ୍ଧାଥାଏ । ନେତାନ୍ତେ—ନେତ୍ର- କୋଣର ଶୂନ୍ୟରେ । ତର୍ଜନଭରେ—ଭର୍ତ୍ସନା କରେ । ଶ୍ରୁତରେ —ବେଦରେ । କର୍ଣ୍ଣରେ ଉପମା ନାହିଁ—ଭୁଲ ନାହିଁ ବୋଲି ସମସ୍ତେ କହନ୍ତି—ତୁମ୍ଭେ ଭବ ଓ ବାଜପକ୍ଷ ହୋଇ କି ବର୍ଣ୍ଣନା କରୁଛ—ଏହିହେତୁ ତୁମ୍ଭେ ଦୁହେଁ ଦୋଷୀ; ସେହିହେତୁ ଶାସନାର୍ଥ ଓ ତିରସ୍କାରର ପାତ୍ର । ତାଙ୍କର ଏହା କର୍ଣ୍ଣର ଉପମା ନାହିଁ ।

୧୯ । ରତନ ଫୁଲ ଅଟନ୍ତି ଯତନ—ରତ୍ନ ଫୁଲ ଅତି ସୁନ୍ଦର । ଝଲକା— କର୍ଣ୍ଣଭୂଷଣ ବିଶେଷ । ଝଲକେ— ଜକ ଜକ ହୋଇ ଶୋଭା ପାଉଛି । ଅନୁମାନ—ସମ୍ଭାବନା, କଳ୍ପନା । ହର—ମହାଦେବ । ମାର— କନ୍ଦର୍ପ । ସ୍ତବକ—ଗୁଚ୍ଛ । ବନ୍ଧଠାରେ—କନ୍ଦର୍ପର ସ୍ତ୍ରୀଠାରେ ଥିଲା ; ଲାବଣ୍ୟବତୀ ଶୋଭାରେ ତାକୁ ବଳ ପଡ଼ିବାରୁ । ଲୋକେ—ସଂସାରରେ । ବଢ଼ାଇ ଜାଣିପାକୁ—ଲାବଣ୍ୟବତୀର ରତିଠାରୁ ବଳପଣ ଜାଣିବା ନିମନ୍ତେ ରତିଠାରୁ ତା ଛଡ଼ାଇ ଆଣି ଲାବଣ୍ୟବତୀଙ୍କୁ ତଦ୍ୱାରା ଭୂଷିତ କଲେ ।

ମଲ୍ଲୀକଢ଼ି ତ ପରଂପର ବନ୍ଧୁ । ମଣିଲ୍ ତେଣୁ ଗଞ୍ଜା ପଦ୍ମ ଓସନ୍ଧୁ ।
ଗଞ୍ଜିଲେଣ୍ ପଙ୍କଜ ଏହି ବଚନେକ । ଭ୍ରମନ୍ତି ଭୃଂଗ ମନ ତହଁପ୍ରୀତେକ ସେ ।
ଇନ୍ଦିଁ ପେକ ପଢ଼ିବ ପୁଣି ସେ ।
ବାଲୀ ବୋଲି ବାଲୀ ଗୁପତ ଶାଙ୍କୋଳି ଯାଗରେ ରଖିଲ୍ଲ ଅଣି ସେ ।୨୦
ନେତ୍ର ବାଣ ଭ୍ରୂ କମାଣ ଯୋଗେ । ମନ୍ମଥଙ୍କୁ କଇଦେ ବିନା ପ୍ରୟୋଗେ
ଯାହା କଜ୍ଜଳ ଗୁଣ ତହିଁ ଦେଖିଲ୍ । ଅଛ କି ସଖୀ ସୃଷ୍ଟି ରଖିଥିଲେ ସେ
ବଡ଼ ବଙ୍କ ସୁକୁମାର ସେ ।
ଭୁସ୍ମିତ ଗାବକୁ ଏ ଶସ୍ତ୍ର ମାରନ୍ତି ନ ବନେ ଏହା ବଚ୍ଚୁ ସେ ।୨୧।
ଶ୍ରବଣକୁ ଯାହା ଲକ୍ଷ୍ମୀ ଲଗିଛନ୍ତି । ସେ କି ଅଧିକ ତାକୁ ଶିଖାଉଛନ୍ତି ।
ଚନ୍ଦ୍ରମୁଖୀ ହେବ ଧାତା ବଚନେ ।'ତୋ ଅଧ କୁରଙ୍ଗ ହର ତା ଧରେ ସେ
ଯାଉଛଲ ତାହାଙ୍କୁ ମାର ସେ ।
ଝାମ୍ପିଁ ଝାମ୍ପିଁ ବୋଲି ଗୋକବାଟେ ବନ୍ଦିଲ ଗତିକି ଭାର ସେ ।୨୨

---

୨୦ । ମଲ୍ଲୀକଢ଼ିକି—କର୍ଣ୍ଣଅଳଙ୍କାର ବିଶେଷ, ମଲ୍ଲୀଫୁଲର କୋରକ ବା କଢ଼ି । ପରମ୍ପର— ଲୋକମାନେ ଧାରାବାହିକଭାବରେ, କ୍ରମାନ୍ୱୟରେ କହି ଅସୁଛନ୍ତି ତେଣୁ—ଭୂଇଁଶୋଷି । ଗଞ୍ଜା—କେଶ ହୋଇଥିବା ବାସସ୍ଥାନ । ଗଞ୍ଜିଲେ —ଜର୍ଜରେ ଶୋଷକଲେ । ଏହି ବଚେକ—ଏହି ବଚନରେ । ଭୃଂଗମନ ତହଁପ୍ରୀତେ—ଭ୍ରମରଙ୍କ ମନ ହେଲା ତହିଁରେ । ବାଲୀ—କନ୍ୟା; ବାଲୀ —ବାଉଳି, କର୍ଣ୍ଣଭୂଷଣ । ଶାଙ୍କୋଳି—ଶୃଙ୍ଖଳ; ବେଡ଼ି; ବାନ୍ଧିବାର ଜାଞ୍ଜିର । ମଲ୍ଲୀକଢ଼ି ହେଲା କର୍ଣ୍ଣଭୂଷଣ, ଭୃଙ୍ଗମନ ସେଠାରେ ପଡ଼ିଲେ ବାଉଳି ହେଲା, ତେଣୁ ସେଠାରେ ବନ୍ଧାହୋଇ ରହିବ । ୨୧ । ନେତ୍ର —ଆଖି, ହେଉଛି ବାଣ—ଶର । ଭ୍ରୂ—(ଭ୍ରୂଲତା) ହେଲା କମାଣ— ଧନୁ । ମନ୍ମଥଙ୍କୁ...ପ୍ରୟୋଗ—ବିନା ଶରଯୁଲନାରେ ହୃଦୟକୁ ବର୍ଷଣ କରୁଛନ୍ତି । କଜ୍ଜଳ ଅଖିରେ-କଜ୍ଜଳ ଦେବା ହେଲା ଗୁଣ-ଧନୁର ଦଉଡ଼ି । ସୃଷ୍ଟି—ସୁବା ସୃଷ୍ଟି କି ରଖିଥିଲେ—ନାଶ କରିଥିଲେ । କଜ୍ଜଳ ଗୁଣ ଦ୍ୱାରା ଯୋଗ କରିବାକୁ ସଖୀମାନେ ସୃଷ୍ଟି କି ନାଶ କରି ପାରିଥିଲେ; ତହିଁ ବୁଦ୍ଧିମତୀ ଲାବଣ୍ୟବତୀ । ଦୃଷ୍ଟିତ ଗାବକୁ—ଭଡ଼ର ପ୍ରାଣୀଙ୍କୁ, ସେ ଶସ୍ତ୍ର ଲୋଡ଼ ନାହିଁ ।

୨୨ । ଶ୍ରବଣକୁ—କାନକୁ । ଲକ୍ଷ୍ମୀ—କଜ୍ଜଳଲକଳର ଧାର । ଶିକ୍ଷା ଦେଉଛନ୍ତି —ଉପଦେଶ ଦେଉଛନ୍ତି । ଧାତା—ବିଧାତା, ବ୍ରହ୍ମା । ତୋ ଅଧ କୁରଙ୍ଗ —ତୋର ଶତ୍ରୁ ହରିଣ—ହରିଣର ନୟନ ତୋ ସଙ୍ଗରେ ଶତ୍ରୁତା

ଘୋଣାରେ ହେଲେ ମୋତି ନାକଚଣା । ଟିକଣା ବନ୍ଧ ଏ ଉପଲକ୍ଷଣା
ମାନ ନେବା ମନମୀନ ଓଠାଇ । ଥୋପ ଲଗାଇ କି ବଡ଼ଶୀ ଧରି ସେ ।
ଘୁଞ୍ଚେ କି ମାଣିକ୍ୟ ଗୁଣା ଯେ ।
ଝୁଞ୍ଚେ କି ଦାଡ଼ିମ ଅନଳ ଜ୍ୟୋତି ସେ ଛୁଞ୍ଚେ କି ଲୋକଙ୍କ ବଶା ଯେ ।୨୩
ଗଣ୍ଡେ ଚୂଡ଼େ ଚିତ୍ର ମକରୀ ଝଳି । ମୁକୁର ବିମ୍ବ କି ତମାଳ ବଲ୍ଲୀ ।
ଚିବୁକେ ଭ୍ରମର ଓଷ୍ଠ ବନ୍ଧୁଳି । ମଧୁ ନ ପିଏ କି ଏଥି ବସିଛି ସେ ।
ନାସାଙ୍କାର ଅଛି ଘାର୍ଣ୍ଣି ଯେ ।
ବିମ୍ବ ହୋଇଥିଲେ ଜମ୍ବୁ ଫଳ ମୋତେ ନ ପୂଣି ଚଞ୍ଚୁରେ ରୁଚି ଯେ ।୨୪

କରୁଥିବା ହେତୁ ସେ ଶମ୍ଭୁ । ସେ ତୋ ଉପ୍ଟରେ ହର—ମହାଦେବଙ୍କ ପାଖେ ଶରଣ ପଶିଛି । ମହାଦେବ ସ୍ୱହସ୍ତରେ ହରିଣଶିଶୁକୁ ଧାରଣ କରନ୍ତି । ଭାବାର୍ଥ ଛି—ଭାବାର୍ଥ ଅଛି:—ଆଖିର ଗତି ଚପଳ ହୋଇଛି ସେ ହରିଣକୁ ଶୋଭିତ କରେ । ଦୃଷ୍ଟିପାତ ଏତେ ସୁନ୍ଦର ଯେ ତାହା ବଳରେ ବ୍ରହ୍ମା ଓ ମହାଦେବ ମଧ୍ୟ ଜଡ଼ବତ୍ ଆଚରଣ କରିବେ—ହରିଣ ତ ଦୂରର କଥା ।

୨୩ । ଘୋଣାରେ—ନାକରେ । ମୋତି ନାକଚଣା—ମୋତିବସା ନାକଚଣା । ଟିକଣା ବନ୍ଧ—ନିର୍ଦ୍ଦିଷ୍ଟ ବନ୍ଧ । ଉପଲକ୍ଷଣା—ଉପମା । ମନମୀନ—ମନ ହେଉଛି ମାଛ । ଥୋପ—ମାଛ ଧରିବା ପାଇଁ ବନଶୀରେ ଲଗା ହେବା ଆହାର । ଘୁଞ୍ଚେ କି—ଅଲଗା ହୋଇଯାଏ କି, ମାଣିକ୍ୟ ଗୁଣା—ଲାଲମଣି (ମାଣିକ୍ୟ—ଲାଲଥିବା ମଣି—ଆଖିର ଦର୍ପଣ ଏ ଥିବାପରି ହୋଇଥାଏ) । ଝୁଞ୍ଚେ କି—ଚିପିଦେବ । ଅନଳଜ୍ୟୋତି—ନିଆଁର ତେଜ । ଛୁଞ୍ଚେ କି—ଲାଗିଲେ ଲୋକଙ୍କ ମନକୁ ବଶ କରୁଛି ।

୨୪ । ଗଣ୍ଡେ—ଗାଲରେ । ଚୂଡ଼େ—ଶିରେ । ମକରୀ ଝଳି—ଶୋଭାଯୁକ୍ତ ମକର ଆକୃତି ଚିତ୍ରରେଖା ବା ଚିତ୍ର (ଯୁବତୀ ପ୍ରଭୃତି କପାଳରେ) ମୁକୁରବିମ୍ବେ—ଦର୍ପଣମଣ୍ଡଳରେ କି ଦେଖାଯାଉଛି । ତମାଳବଲ୍ଲୀ—ତମାଳଲତା, ଏପରି ଅଛି । ଚିବୁକେ—ଥୋଡ଼ିରେ । ଭ୍ରମର—ଭଅଁର । ସେ ମାନେ, ଓଷ୍ଠ ବନ୍ଧୁଳି—ଅଧର ବନ୍ଧୁଳି । ମଧୁ ନ ପିଏ କି ଏଥି ବସିଛି—ଅଧରାମୃତ ଯେପରି ରସ ନ ପିଏ ଏଥି ବସିଛନ୍ତି । ନାସାଙ୍କାର—ନାକ ହେଉଛି ଶୁଆ । ଘାର୍ଣ୍ଣି ଅଛି—ଠିକ ରହିଅଛି । ଅଧର ସେ ହେଲା ବିମ୍ବ—ପାଚିଲା କାଙ୍କୁଡ଼, ସେ ବୋଲୁଛି ଯେ ମୁଁ ଯେବେ ଜମ୍ବୁଫଳ ହୋଇଥାନ୍ତି ସେ ମୋତେ ତା ଥଣ୍ଟରେ ଚୁମ୍ବିଦେଇ ଥାଆନ୍ତା—ଚିବୁକ ଓ ଓଷ୍ଠ ମଧ୍ୟରେ ଭଅଁରମାନେ ଅଙ୍କିତ ନାକ ଶୁକ ପକ୍ଷୀ ଏବଂ ଓ ଅଧର—ବିମ୍ବଫଳ, ତାହା ତ ଜମ୍ବୁକୁ ଶୋଭାରେ ବଳି ପଡ଼ୁଛି ।

ଦନ୍ତେ ଦିଅନ୍ତେ ମୋତି ଗୁପସର । ରହୁଥିଲେ ଉପମାଏ ଅପସର ।
କି କମ୍ବୁ କଣ୍ଠିକି ଯଶ ପ୍ରକାଶ । ମନ୍ତ୍ର କପୋତେ କି କରୁଛି ହାସ ଯେ ।
ଯୋଡ଼-ମାଳି କାଚମାଳୀ ଯେ ।
ଅଙ୍କୁ ମାଳିଆଳି ଦେଖେଶେ ବନ୍ଧୁବା ଯେତେକ ମଣ୍ତ୍ରିଲେ ଅଳି ଯେ । ୨୪ ।
ଫୁଲ୍ଲ ଲମ୍ବ ବାଲ୍ଲ ଚରମ ଶୋଭା । ଖେଳାଇବା ପାଇଁ ଭରମ ପ୍ରଭା ।
ଶରତେ କାମ କି ମଣ୍ଡନ କଲ୍ଲା । ନୀଳବର୍ଣ୍ଣ ପୀତବର୍ଣ୍ଣେ ଶୋଭିଲା ଯେ ।
ବଣିଜ ଦୃଷ୍ଟି ପ୍ରକଟି ଯେ ।
କି ଇନ୍ଦୀବର ଶୋଣକଞ୍ଜ କୁମୁଦ ନିର୍ଜଳ ନଦୀରେ ଫୁଟି ଯେ । ୨୫ ।
ପ୍ରେମାବଳି-ଭର ଅତି ପ୍ରସାରି । ଯୌବନ ଗଜ କୁଚ ଅମାରି ।
ଚୋଳ ଘୋଡ଼ଣୀ କି ମଣ୍ଡଣୀ ହାରି । ପ୍ରବାଳମାଳା କି ବନ୍ଧନ ଫାଶ ଯେ ।
ପଦାଙ୍କ ମାହୁନ୍ତ ଛାଳା ଯେ ।
ଧନ୍ୟ ଧନ୍ୟ ଗ୍ରୀମା ସୁଷମା କହିଲେ ତା ଏଥୁ ଉପମାକୁ ଦେଖି ଯେ । ୨୬ ।

---

୨୪ । ମୋତି ଗୁପସର—ମୋତିରେ ତିଆରି ଗୁପସର (କଣ୍ଠ ଅଳଙ୍କାରବିଶେଷ) ଉପମା—ଉପମାନ, ଅପସର—ଦୂରେଇଗଲେ; ଏ ସମାନ ନାହିଁ । କମ୍ବୁ—ଶଙ୍ଖ; ଯଶ ପ୍ରକାଶ—ଯଶର ପ୍ରସ୍ତାବ । ଶଙ୍ଖ ଧଳା ଓ କୀର୍ତ୍ତିଧଳା । କଣ୍ଠ ଶଙ୍ଖାକୃତି ହେଉଛି ଓ ମୁକ୍ତାର ଗୁପସର ଶୋଭାପାଉଛି ଧବଳଭାବରେ ଯଶର ଧବଳତା ହେଉଛି ବୋଲି ଯାଉଛି । ମନ୍ତ୍ର କପୋତ—ଦର୍ପ ବା ମଦରେ ମତ୍ତଥିବା କପୋତର କଣ୍ଠ ଗୁଳନାକୁ ଯେ କଣ୍ଠ ଜିଣିଯାଉଛି । ଯୋଡ଼ମାଳ ଓ କାଚ ମାଳ, ମାଳ ଅଳ ମାଳାସବୁ ମଣ୍ତ୍ରିଲେ—ଶଙ୍କିଲେ; ଅଳି—ସର୍ପମାନେ ।

୨୫ । ଫୁଲ—ପାଟଫୁଲ, ଝୁମ୍ପା । ଚରମ—ପିଠି । ଭରମ ପ୍ରଭା—ସୁନାର କାନ୍ତି । ଖେଳାଇବା ପାଇଁ—ଦୋହଲିବା ପାଇଁ; ଶରତେ—ଶୁଭରେ । କାମ—କନ୍ଦର୍ପ । ନୀଳବର୍ଣ୍ଣ ପୀତବର୍ଣ୍ଣ—ଦେଶୀରଙ୍ଗ ଗାଲ—ପାଟ ହେଉଛି ଫାଲୁ ପିଠିର ବର୍ଣ୍ଣ । ବଣିଜ—ଅତି ଆଶ୍ଚର୍ଯ୍ୟଜନକ । ଦୃଷ୍ଟି—ଦେଖା । ପ୍ରକଟି—ପ୍ରକାଶ ପାଉଛି । ଇନ୍ଦୀବର—ନୀଳପଦ୍ମ (ନୀଳ) ଶୋଣକଞ୍ଜ—ନାଲି ପଦ୍ମ (ଫୁଲ) କୁମୁଦ—ଧଳା (ପିଠିର ବର୍ଣ୍ଣ) ନିର୍ଜଳ ନଦୀ—ଜଳ ନ ଥିବା ନଦୀରେ । ଏହା ପିଠିର ଶୋଭା ବର୍ଣ୍ଣନ ।

୨୬ । ପ୍ରେମାବଳି ଭର—ଉଦରର ମଧ୍ୟରେ ଯେ ରୋମ ସମୂହର ରେଖା ସେ ହେଲା ହାଁଅକୁଣ୍ଡ, ପ୍ରସାରି—ଲମ୍ବାଇଛି । ଯୌବନ—ଯୁବାବସ୍ଥା ହେଲା ଗଜ (ହାତୀ) କୁଚ—ସ୍ତନ, ସେ ହେଲେ ହାଉଦା । ଚୋଳ—କାଞ୍ଚୁଲା, ସେ ହେଲା ଘୋଡ଼ଣୀ—ହାଉଦା ଉପର ଢାଙ୍କୁଣି (ପ୍ରଚ୍ଛଦ ଆବରଣ) । ମଣ୍ଡଣୀ

ବାହୁଟିସାର ଶୋଭ ଦେଖିଲେ ଭର୍ତ୍ତା । କ୍ଷୀନ ତାଡ଼ନକୁ ତାଡ଼କୁ କର୍ତ୍ତା ।
ଅଙ୍ଗୁଳୀଠାରେ ମଣିବନ୍ଧ ପଡ଼ଇ । ଅଙ୍ଗୁଳି ମଣ୍ଡିଲେ ଅତ୍ୟନ୍ତ ସ୍ପର୍ଦ୍ଧେ ସେ ।
ଦେଖିଲେ ମରକତ ଚୂଡ଼ି ସେ ।
କର ଚମ୍ପାଦାମ ଭ୍ରମରେ ଭ୍ରମରେ ଭ୍ରମରେ କି ଅବା କଡ଼ ସେ । ୨୮ ।
ସଖୀମାନେ ପାଣି ଅଞ୍ଜଳି ଗୁନ୍ଥି । ଭଲେ ପାଞ୍ଚ ପାଞ୍ଚ ନାଗର ଏଣ୍ଡି ।
ପାଞ୍ଚନାଗର ଉପୁ ଚେଷ୍ଟ ଦାନ । ଥୋଇଲେ କି ଦେଖି ଏ ରମ୍ୟ ସ୍ଥାନ ସେ
ଚେଉଦର ପଞ୍ଚ-ମନକୁ ସେ ।
ପଞ୍ଚରତ୍ନ ଦେଇ ପୂଜା କରିବା କି ବୋଲି ମୁଦି ଦେଲେ ତାକୁ ସେ । ୨୯ ।

---

—ସାତସରୀ ହେଲା ହାର—ହାର ପ୍ରବାଳ ମାଳା ହେଲା ବକଳଙ୍ଗୀ—ରଥ ଓ ହାରବାଣ୍ଡରେ ମଣ୍ଡିତ ହେବା ମାଳ "ବକ ଷଡ଼ାଙ୍ଗ ଭୂଷ ବକଳଙ୍ଗୀ" ଚୋ: କ୍ରି: ସୂ: । ପଦକ—କଣ୍ଠ ଭୂଷଣବିଶେଷ, ସେ ହେଲା ମାଦୁଳି—ସ୍ତ୍ରୀଗ୍ରୀବାଳଙ୍କ । ସ୍ଥାନ—ପ୍ରତ୍ୟେକ ସ୍ଥାନରେ ବସିଛି । ଗ୍ରୀବା—କଣ୍ଠ (ବାମ ପାଠ ମଧ୍ୟ ଗ୍ରହଣୀୟ) ବୃତ୍ତମ—ଅତି ଶୋଭା ।

୨୮ । ବାହୁଟି ସାର... ..ଭର୍ତ୍ତା—ବାହୁଟିରୁ ସାର ଏ ଏହା ଭିନ୍ନ ବାହୁରେ—ସାର ଉତ୍କୃଷ୍ଟ ବାହୁଟି—ହସ୍ତାଭରଣ ବିଶେଷ । କ୍ଷୀନ ତାଡ଼ନକୁ—କ୍ଷୀଣ ତ୍ରୁଟି କରିବାକୁ । ତାଡ଼—ବାହୁର ଅଲଙ୍କାର ବିଶେଷ । ଗର୍ତ୍ତ—ଖଣ୍ଡି । ମଣିବନ୍ଧ—ହାତର ଗଣ୍ଠି ବା ମୁଣ୍ଡୋଳ । ପଡ଼ଛି—ଝଲକୁ (ମଣିରେ ବନ୍ଧା ହେଲା ପରି ସେ ମଣିବନ୍ଧ) । ଅଙ୍ଗୁଳୀଠାରେ—ଅଗ୍ରମ ସେ ବାହୁର ସ୍ଥାନରେ । ଅଙ୍ଗୁଳି—ଖଞ୍ଜୁ (ଯାହାର ସମାନ ଅଲଙ୍କାର ଅଛି ଦେଖ ହେବେ) । "ଚୁଡ଼ାଙ୍ଗରେ କାହିଁ ସେ ହସ୍ତ ଭୂଷ କହିବା ତହିଁ ବ୍ରହ୍ମା ତେଣୁ ଦେଲେ ଅଙ୍ଗୁଳ କର ନାମ ଖଡେଶ" ଚୋ: କୋ: । ସ୍ପର୍ଦ୍ଧେ—ଭଲଗୁଣରେ । ମରକତ ଚୂଡ଼ି—ହରିତ୍ ନୀଳମଣି ଖଚିତ ଚୂଡ଼ି । କର—ହସ୍ତକୁ । ଚମ୍ପାଦାମ ଭ୍ରମରେ—ଚମ୍ପାମାଳ ଭ୍ରାନ୍ତିରେ । ଭ୍ରମରେ ଭ୍ରମରେ—ଭ୍ରମରମାନେ । କଡ଼—ଲକ୍ଷ୍ୟ କରୁଛନ୍ତି କି ।

୨୯ । ପାଣି—ହାତ । ପାଞ୍ଚ ନାଗର—ପାଞ୍ଚଶର । ପଞ୍ଚନାଗର—ପଞ୍ଚଶର, ମଦନ । ରମ୍ୟ—ସୁନ୍ଦର । ଚେଉଦର ପଞ୍ଚମନକୁ—ମନ, ଭ୍ରମନ, ଶମନ, ଘୂମନ ଓ ଅମନ ବା ପଞ୍ଚଜ୍ଞାନ ଇନ୍ଦ୍ରିୟମାନଙ୍କୁ—ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ବା ଚିତ୍ତ, ବୁଦ୍ଧି, ଅହଙ୍କାର, ମନ ଓ ଇନ୍ଦ୍ରିୟ । ପଞ୍ଚରତ୍ନ—କେତେକଙ୍କ ମତରେ ନୀଳ, ହୀରା, ପଦ୍ମରାଗ, ମୁକ୍ତା ଓ ପ୍ରବାଳ ବା ସୁନା, ରୁପା ମୁକ୍ତା; ରାଜାବର୍ତ୍ତି ଓ ପ୍ରବାଳ ବା ସୁନା, ହୀରା, ନୀଳ, ପଦ୍ମରାଗ ଓ ମୁକ୍ତା । ମୁଦି—ମୁଦ୍ରିକା ।

ସୁବର୍ଣ୍ଣମାଳି ବାଳୀ ଦେଶି ବନିତା । ପଦ୍ମ କୂପରେ ଉକୁଟିଲେ ଶୋଭା ।
ସୁନା କଚ୍ଛପ ଧୀୟ ବିରଚନା । ଫୁଙ୍କିଲେ ତହିଁ ମରକତ ମୀନା ଯେ ।
ଦେଖୁଥିଲେ ସନ୍ଧ୍ୟ ଅଳତା ଯେ ।
ପାଟସୂତ୍ର ପାଶେ ଫାନ୍ଦ ତାହାଙ୍କୁ କିବା କଉତୁକ ଧାତା ଯେ । ୩୦ ।

ହଂସକ ଯାହାନ୍ତି ଖଞ୍ଜିଥିଲ ପାଦେ । ହଂସକୁ ଏମନ୍ତ କହିବ ନାଦେ ।
ଇଚ୍ଛାରେ ଗ ସମ ନୋହିବ ଗତିକି । ସ୍ପୃହା ନ ଲଭିବ କାହୁଁ ଏଥିକି ଯେ ।
ତୁମ୍ଭେ ଗ ପୋଷିଲ ପକ୍ଷୀ ଯେ ।
ଅଛି ନ ଥିବାର ମିଷେ ଲଭିବାକୁ ତୁମ୍ଭର କି ଦୋଷ ଅଛୁ ଯେ । ୩୧ ।

ବଳା ପାଦେ ଅଛୁ ଅବଳା ବୋଲି । ଏହି ବିଚାରେ କି ଖଞ୍ଜିଲେ ସଖୀ ।
ବୋଲାଇଅଛୁଁ ସୁନ୍ଦରି ଏତେ ଝୁମକ । ସୁରା ଚେତନା ଚମକ ଠମକ ଯେ ।
ମଣ୍ଡିଲେ ମଞ୍ଜୁ ମଞ୍ଜୀର ଯେ ।
ନିପୁର ନିପୁରଧର ଅଙ୍ଗୁଳିକୁ ମୁଦ କା ସାଜିଲ ତୁହି ପଠ । ୩୨ ।

---

୩୦ । ବନିତା—ସ୍ତ୍ରୀ ସଖୀ । ସୁବର୍ଣ୍ଣମାଳି ଓ ବାଳୀ—ଏ ଦୁଇ ଗହଣା । ଉକୁଟିଲେ—ପ୍ରକଟିତ କଲେ । ସୁନା କଚ୍ଛପ ଧୀୟ ବିରଚନା—ସୁନା କଚ୍ଛପର ରୂପ ଗଢ଼ିଲେ । ଫୁଙ୍କିଲେ...ମୀନା—କଣ୍ଢଅ ଯେପରି ସୁନା ଦାମ ଦେଖୁଥିଲେ ଜଡ଼ାଇ କଳ୍ପନା କଲେ କଣ୍ଠରେ ବସାଇ ଫୁଙ୍କ ଦେଇ ସେହିପରି ଏପାରେ ମାଳମଣି ଜଡ଼ିତ ହୋଇଛି । ଦେଖୁଥିଲେ—ପାଦ ଦେଖିଲେ । କଉତୁକ—ମଜା । ଧାତା—ବ୍ରହ୍ମା । ପାଟସୂତ୍ର—ଲାଲ ସୂତା । ଫାନ୍ଦେ—ଫାଶରେ । ଫାନ୍ଦ—ବାନ୍ଧିଲ ।

୩୧ । ହଂସକ—ପାଦ ଅଳଙ୍କାରବିଶେଷ; ନୂପୁର ବା ପାଦକଟକ (ହଂସ ଭଳି କାଉଁରି—ହଂସପଦର ଶବ୍ଦ ହେଲେ ବୋଲି ତା ନାମ ହଂସକ ) ହଂସକୁ—ହଂସପକ୍ଷୀକୁ । ନାଦେ ସ୍ୱ ମନୋହର ଶବ୍ଦରେ । ଲାବଣ୍ୟବତୀର ଗତିକି ସମାନ ନ ହୋଇ । ସ୍ପୃହା—ଇଚ୍ଛା । ଅଛି ନ ଥିବାର—ଯାହାର ଅଛି ନାହିଁ—ଏଣା; ଗୁରୁ ତାଙ୍କ ନାମ ଧରି ତାଙ୍କର ମିଷେ—ଛଳମାନେ; ଲଭିବାକୁ—ହଂସର ସଙ୍ଗରେ ତୁଳନା କରିବା ନିମିତ୍ତ ଏହା ଦେଇଅଛୁ—ତୋର କିଛି ଦୋଷ ନାହିଁ । ହଂସକ ଧ୍ୱନିଠାରୁ ହଂସଙ୍କର ଶବ୍ଦ ମଧୁର ।

୩୨ । ବଳା...ସଖୀ—ସେ ତିଳୁଟେ ଅବଳା ତାହାର ତ ବଳା ଅଛି ଏହି ବିଚାରରେ ସଖୀମାନେ ତା ପାଦରେ ବଳାକୁ ଖଞ୍ଜିଲେ । ଝୁମକ—ଝୁମ ଝୁମ ଶବ୍ଦ, ଝଙ୍କାର । ସୁରା...ଠମକ—ସୁରାପଙ୍କର ଚେତନାକୁ ଚମକାଇବାରେ ସେ ହେଉଛି ନାଗର । ( ଠମକ—ନାଗର ) । ମଣ୍ଡିଲେ—ଭୂଷିତ କଲେ ।

ଛନ୍ନାବର ଯେ ହିଙ୍କାର ହୁଙ୍କାର । ବଢ଼ାଇବ ପୁଣି କାମ-ବିକାର ।
ପ୍ରପଦେ ବେଢ଼ିଲେ ଝୁଣ୍ଟିଆ ବାଜେଣୀ । ନ ଜାଣି ବାନ୍ଧିବ ଏଡ଼େ ସାଜଣି-ଯେ
ସହଚରୀ ବୋଲି ବୋଲୁଛି ଯେ ।
ଶାଢ଼ୀ ପାଲଟିବା ପାଇଁ ଯେ ଅବନୀ-ଶୋଭା କରୁଚଲେ ଉଣ୍ଡ ଯେ । ୬୩ ।
କାହାର କଲେ ନୀଳ-ହୀନ-ଶାଢ଼ୀ । ପିନ୍ଧୁଣ୍ଡ ଧଡ଼ୀ ଫୁଲ-ଲଗ ପଡ଼ି ।
ଝୁଞ୍ଚିଲେ ସହିବ ମୁଠା ଭିତରେ । ସତେ ଭର୍ତ୍ତିଥିଲେ ବଂଶ-ନଳିରେ ଯେ ।
ଭର୍ତ୍ତି ଲେ ଝୁଞ୍ଚିଲେ ସଖୀ ଯେ ।
ବାଳା ବଳ ଅଣ୍ଟି କାନ୍ଥ ଟିକାଇଲେ ଉପମାଏ କୁଣ୍ଡ ଦେଖି ଯେ ୬୪ ।
କରଜେ ପଢ଼ି ଯୋଗାଇଲୁ ତେନକୁ । ମୁଦ ଥୋଇଲେ କି କଳାଜ୍ଞଙ୍କୁ ।
ସ୍ତ୍ରୈତ ପୁଞ୍ଜ ଲଟି ଲୁଣି ଧାଶିଲା । ଯଜ୍ଞଭୂମି କି ନୀଳକଣ୍ଠ କଲା ଯେ ।
ନିତମ୍ବାଣି ଚେଳ ଲାଗଇଲେ ଯେ ।
ଶ୍ରୋଣୀବଳୀଦନ୍ତମଣ୍ଡନଚିତ୍ତଳ ପଣ୍ଡୁ ଯଦିରେ ପଟେନ ଯେ ୬୫ ।

---

ମଞ୍ଜୁ—ସୁନ୍ଦର । ମଞ୍ଜୀର—ନୂପୁର । ଶିଞ୍ଜନ—ସ୍ୱର୍ଣ୍ଣ, ମଣିମୟ ଓ ପାଦକାଳ ।
ତ୍ରିପୁରହର—ମହାଦେବ (ତ୍ରିପୁରାସୁରଙ୍କ ପୁର—ପୁର—ମହାଦେବ ତ୍ରିପୁରକୁ ନିଜ ଶରାଗ୍ନିରେ ପୋଡ଼ିଥିଲେ) ଏହାଙ୍କୁ ଜୟ ଦେବା ନିମନ୍ତେ ।
ସ୍ମର—କନ୍ଦର୍ପ । ଛୁର ସାଜିଲ—ଛୁରୀ ଚିହ୍ନ ପରି ବଜାଇଲା ।
ଧଳବିଜୟରେ ତାହାରି ।

୬୩ । ପ୍ରପଦେ—ପଦର ଅଗ୍ରଭାଗ ଅର୍ଥାତ୍ ଅଙ୍ଗୁଳିରେ ବା ପାଦର ଚୂଡ଼ା ଅଙ୍ଗୁଳିରେ ବାଜେଣି—ଶବ୍ଦକାରୀ ଝୁଣ୍ଟିଆ, ସ୍ତ୍ରୀମାନଙ୍କର ପାଦଅଙ୍ଗୁଳିର ଅଳଙ୍କାର ବିଶେଷ, ମୁଦ ଆକାରର । ହିଙ୍କାର—ହିଙ୍କି କାଳାପାସ୍ୟ ଶବ୍ଦ; ହୁଙ୍କାର—ହୁଁ ହୁଁ ଶବ୍ଦକୁ ବଢ଼ାଇବ—ସେ ଏହି କଥରେ ବା ଭଙ୍ଗୀରେ ଶବ୍ଦ କରିବ ନାହିଁ—"ହିଙ୍କାରାଦ କଣ୍ଠେ ଶୁଣି ଝୁଣ୍ଟିଆ ଉଦ୍ଧ୍ୟେ ମର୍ଥ" ବାଃଚଃ । କାମବିକାର—କାମଚେଷ୍ଟା । ବାଜେଣି—ବାଜା ସଜ୍ଜା । ସହଚରୀ—ସଖୀ । ପାଲଟିବା ପାଇଁ—ବଦଳିବା ପାଇଁ । ଅବନୀଶୋଭା—ପୃଥିବୀମଣ୍ଡନା ଲାବଣ୍ୟବତୀ । ଉଣ୍ଡ—ଠିଆ ।

୬୪ । ହୀନ—ପାତଳ । ଲଗ—ଚଳ । ଏତେ ସରୁ ଯେ ବଂଶନଳୀରେ—ବାଉଁଶ ନଳୀରେ ଭର୍ତ୍ତି କଲେ; ଝୁଞ୍ଚିଲେ—ଲୁଗାକୁ ସଜାଡ଼ ଭୁଞ୍ଜ ପକାଇଲେ । ଅଣ୍ଟି—କଟି ; କାନ୍ଥ ଟିକାଇଲେ—କାନ୍ଥ କଣ୍ଟ ମାରି ଟିକାଇଲେ । ଉପମାଏ କୁଣ୍ଡ—ଉପମାନ ଏକତ୍ର ।

୬୫ । କରଜେ—ନଖରେ । ତେନ—ତନ୍ତୁକୁ । ମୁଦ...କଳାଜ୍ଞଙ୍କୁ—କଳାବନ୍ତ ଲୋକ (ଅର୍ଥ) ଛନ୍ଦ—ପାଣ୍ଡୁର ସୁନାର ସେ ତୁଳକ ବା ସଙ୍ଗେ ସମାନ ତା

ନାଭିଗଡ଼ ଶୋଭା ଛବି ଫଳ କଣା । କାମମନ୍ଦିର ଜାଗ୍ରତକୁ ଠଣା ।
ରହିଲେ କୁଞ୍ଚି ଅଳେଣ ଲମ୍ବି ପଡ଼ି । କାହିଁଣି ମଦନ ଯାଉଥିଲା ପୋଡ଼ି ଯେ ।
ଶୀତ ଦେବା ଭଳେ ଶାନ୍ତି ଯେ ।
ଯୁବାଙ୍କ ଅଧୋଗତିକି ବଗୁର କି ଜଣମନ୍ତ୍ର ଏ ଧୂମପଙ୍କ୍ତି ଯେ ୩୭ ।
ବାଳିକା ଦେଳକୁ ଯେଉଁ ରଚନା । ଯୋଗୀକି ଚୋଳିବା ଯୋଗେ ରଚନା ।
ଯୋଗୀଙ୍କି ଚୋଳିବ ଯୋଗରେ ରଚ । କଳା ଦେକଳରେ ନ ଲଭ ବଚସ ଯେ
ଖ୍ୟାତି ଦେଶସ୍ୱକଟିକି ଯେ ।
ଅଧ ଦ୍ରୁମପରେ ବାନ୍ଧିଲେ ବାନ୍ଧବା ବାଳେଣି ଦ୍ବିଗୁଣସ୍ପର୍ଶିକ ଯେ । ୩୭ ।
ଭୁଞ୍ଜାଇଲେ ଚନ୍ଦ୍ର ଜଗତକୁ ପାନ । ଏବେ ଅଧରେ ଦୁଟିକ ପରସନ୍ଧ ।
ବନ୍ଧୁମ ଭଳି ଲଗାଇଲେ ପୁନ । ଅରୁଣ କଳା କି ସିନ୍ଦୂରେ ସ୍ନାନ ଯେ ।

---

ମଣ୍ଡଳିଙ୍କ ଘର ସ୍ତନାଗ୍ରଚୂ କଣ ଛବିଲୁବେ ଛାୟାଣ ଦଣ୍ଡ ଅଙ୍କୁର ) । ସ୍ଥିତ —ସ୍ଥିତ । କୁଚ—ସ୍ତନର । ପଲ୍ଲବୁଲ୍ଲିକ—ଲମ୍ବିରେ ଯେ କାଳା—ସୀମାର, ଦଣ୍ଡା ଓ ଭମ୍ବୁର । ଗଳକର୍—ନେଳିଆ ଭଙ୍ଗରେ ଦଣ୍ଡ ବାନ୍ଧିଦିଅ । ଦେହ—ବସ୍ତ୍ର । ଜଘନେ—ଜଙ୍ଘରେ । ଶିବୋଃଶି—ଶିବଯୋଣିଆ ହୋଇ ଥାଏ । ରୋମାବଳୀ ଦଣ୍ଡମଣ୍ଡଳ ଚଞ୍ଚଳ—ଉଦର ମଧ୍ୟସ୍ଥ ରୋମରେଖା ହେଲା ଦଣ୍ଡ.ଙ୍କର କାଠି, ସେଥିରେ ଲଗା ହୋଇଥିବା ଚଞ୍ଚଳ—ପତାକା । ପଶୁସ୍ଥ ଘଟରେ ମନେ—ଏହି ମନରେ ବୋଧହୁଏ ।

୩୭ । ନାଭିଗଡ଼—ନାଭି । ଶାଣ—ସ୍ତ୍ରୀର କଟିବନ୍ଧନ, ଶୋଭାଶିର ଛବି—ଶୋଭା ବା ସ୍ୱରୂପ । କାମମନ୍ଦିର ଜାଗ୍ରତକୁ—ଗୁହ୍ୟ ଦେଶକୁ ପ୍ରବେଶ ବା ପ୍ରକାଶକୁ ଏ ଦେହରୁ ଠଣା —ଉପଯୁକ୍ତ ସ୍ଥାନ, ସିଦ୍ଧାନ୍ତ ବାଟ । ରହିଲେ —ରହିଲେ । ଜାଣେ......ଧୂମପଙ୍କ୍ତି—ଶଳ ଲୁଗାର ଶେଷଭାଗ ଯାହାକୁ ସଖୀମାନେ ଆଗରେ ଲୁଚିକରି ରଖିଲେ ତାହାକୁ ଦେଖି ଏମନ୍ତ ଉତ୍ପ୍ରେକ୍ଷା ହେଲା କି ? କାମଦେବ ମହାଦେବଙ୍କ କୋପାନଳରେ ପୋଡ଼ି ଯାଉଥିଲା, ଏହା ସେ ସୁଦର୍ଶନବାଣ କାହିଁ ମଦନକୁ ଶୀତ ଦେବା ଭଳି ତାହା ଶାନ୍ତି କାରଣ ଯୁବ.ମାନଙ୍କର ଅଧୋଗତି ହେବ, ଏହାର ବାଳ୍ୟର ଦର୍ପଣର ଅଗ୍ରବରେ ଯୁବଜନମାନଙ୍କର ଆଉ ଗତି ନାହିଁ । ପୋଡ଼ା ହୋଇଥିବା ଲୋକ ଉପରେ ଜଳ ସେଚନ କଲେ ଧୂମ ଊର୍ଦ୍ଧ୍ୱଗାମୀ ହୁଏ । କନ୍ଦର୍ପ ଅଭାବରେ ଯୁବକମାନଙ୍କର ଏହିପରି ଅଧୋଗତି ହେବ । ସେହିପରି ଏ ଧୂମପଙ୍କ୍ତି ଅଟେ ।

୩୮ । ଏକ ଅଧର—ପ୍ରଥମତଃ ଅଧର ଖାଦ୍ୟ ବିମ୍ବଫଳ ପରି ଲାଲ କ୍ରିଡ଼ାସ୍ଥଳ ନିର୍ମଳ । ବନ୍ଧୁମ ଭଳି—ଦୋପହରା ଫୁଲ, ପୁଣି ଲାଲ ଫଳେ ଯେପରି

ଛୁଁବାରେ ମୁକୁର ହେଉ ଯେ ।
ଦେହକୁ କି ନୋହିଲୁ ବୋଲି ଯତ୍ନେ ବଳେ ରମଣୀ ଭ୍ରମିଲୁ ହୋଇ ଯେ । ୩୮
ଘୋଡ଼ାଇ ଦେଲେ ଯେ ଜବ ଘୋଡ଼ଣୀ । ଶର୍ମାରେ ଅହ୍ଲାଦର ନାଗମଣି ।
ଝୋପଣା ଚିତ୍ର ଅତୁଳା ଚିତ୍ରୁଳା । ଏକ କଲ୍ପ ଭବ ଦେହି ସ୍ଥିର ହେଲ୍ଲ ଯେ
ଅଣି ପକ୍ଷୀ-ଅଠାକାଠି ଯେ ।
ଘୋଡ଼ାଇ ଦେଲେ କି ଏହି ଭୁବନାରେ ଧନ । ଦେହରେ ଥାଉ ମୂର୍ତ୍ତି ଯେ ୩୯
ଲାବଣ୍ୟ ଉନ୍ନତେ ଯେ ଅବଭାସ । ଦାସବାହୁଳ ଶ୍ରମ ନବଦ୍ୱର ।
ଧ୍ୟାନେ ଅର୍ଜିତ ଉପକାସ ହତ । ଉପେନ୍ଦ୍ର ଗାଇବାର ଭଣିତ ଯେ ।
ରସିକସିନ୍ଧୁକୁ ଶ୍ରୁତ ଯେ ।
କବି ଯେଷ ଜାଣିଦେନ ଶୋଭିତ ଶ୍ରମ ଏଥୁ ଏ ଦେହଶଷେଶଳ ଛାନ୍ଦ ଯେ । ୪୦

---

ତାକୁ ହେଲ୍ଲ । ଅଦ୍ଭୁଣ—ଗାଲିବବି, ପ୍ରିୟ ଭରେ ଆଧୋଇଲେ ଯାହା ଏ ତାହା । ଛୁଁବାରେ—ଦୋଷସ୍ପୃଷ୍ଟ ହସ୍ତରେ । ମୁକୁର—ଆରଶି । ଦେହକୁ......ହୋଇ—ଏ ଦେଶ ମନକୁ ମାନଲୁ ଦେହବାକୁ ଯେ ଭ୍ରମିଲୁ । ୩୮ । ଘୋଡ଼ଣୀ—ଓଢ଼ଣୀ । ଶର୍ମାରେ—ହର୍ଷଳରେ । ନାଗମଣି—ଚନ୍ଦ୍ର । ଝୋପଣ—ଅତି ସରଳ ଲେପ ଯାହା ଲଗାଇଲେ କାଗଜର ଛବି ଉଜ୍ଜ୍ୱଳତା ବାଢ଼େ; ସେଥିରେ ଚିତ୍ର ମନୋହର ହୋଇଥିବା ଅତୁଳା ଚିତ୍ରୁଳା—ଅସମ ମୂର୍ତ୍ତି । କଲ୍ପ ଦେହି—ହାତ ହିପବ୍ । ଅଣି ...କାଠ—ଅଠାକାଠିରେ ଯେପରି ପକ୍ଷୀ ଲାଗିଲେ ବନ୍ଦୀ ହୁଅନ୍ତି, ସେହିପରି ଏହି ଲାବଣ୍ୟବତୀର ମୂର୍ତ୍ତି ଦେଖି ସମସ୍ତେ ଲାଗିଗଲେ ବନ୍ଦୀ ହେଲେ । ତାକୁ ଓଢ଼ଣରେ ଘୋଡ଼ାଇ ଦେଲେ ମୂର୍ତ୍ତି ଥାଇ ଦେହରେ ଧନ ଥାଏ ଅର୍ଥାତ୍ ସମସ୍ତେ ଦେଖିବ୍ୟାକୁ ହୋଇ ପ୍ରାଣ ହରାଇବେ ।

୪୦ । ସ୍ୱମଙ୍କ ପକ୍ଷେ:—ଲାବଣ୍ୟବତୀ—ସୁବର୍ଣ୍ଣ ଷଷ୍ଠର ଯାହାର ଏପରି ଯେ ଉନ୍ନତ ମୂର ଲାବଣ୍ୟ ଅବଭାସ—ନାଶଗଲା । ଦାସ ଯେ ଦେଉଛି ତାହାରେ ସ୍ନେହଯୁକ୍ତ । ନରସିଂହ ପକ୍ଷରେ:—ଲାବଣ୍ୟ ଯେ ଲାବଣ୍ୟ-ବର୍ଣ୍ଣିତ ଭାବ ଉନ୍ନତ—ଦେହ ତାର ନାଶିକାର ପୂର୍ଣ୍ଣ ଦାସ ଯେ ପ୍ରହ୍ଲାଦ ତାହାରେ ସ୍ନେହଯୁକ୍ତ । ଧ୍ୟାନେ ଅର୍ଜିତ—ଧ୍ୟାନରେ ପ୍ରାପ୍ତ । ଅସ ରୂପ ଉପ-କାସ ହତ—ତାତରୂପ ହସ୍ତୀ ଯାହାଙ୍କ ଦ୍ୱାରା ନଷ୍ଟ ହୁଏ । ରସିକମାନେ ହେଲେ ସମୁଦ୍ର, ତାହା ଉଲ୍ଲାସ ପ୍ରଦାନ କାରଣରେ ସେ ଚନ୍ଦ୍ର । ଦେହଶ ଷେଶଳ—ଦେହଶ ବନ୍ଧୁଳ ।

# ପଞ୍ଚମ ଛାନ୍ଦ

## ରାଗ-ବସନ୍ତ

ଏହି ସମୟରେ ସୁନ୍ଦରୀ ଛାମୁରେ ଚନ୍ଦ୍ରମଞ୍ଜୁଳା ଜଣାଇଲା ।
ଏଥେ ମଦ୍ଗୁର ମଧୁଋତୁ ପ୍ରବେଶ କିଛି ଦିନ ହେଲା ହୋଇଲା ।
ଶ୍ରବଣ । କର ନାସ୍ତି ନବ କାମିନୀ ।
ଯେଣୁ ବସନ୍ତେ ପୁନଃ ପୁନଃ ପ୍ରକାଶ କଲାନି ଅନ୍ଧାର ଯାମିନୀ ।୧।
ମଳୟଶୈଳବାସିନୀ ଗୌରବ ଭର ବହିଲାଣି ମନ୍ଦ ସମୀର ।
ସୁମନାଙ୍କ ବାସ ଓଗୁଳି ତେବଣ୍ଟି ଓଗାଳି ବହୁଲାଣି ଭ୍ରମର ।
ତେଜଣର । ତେଜଣରେ ହେଲେଣି ମଞ୍ଜୁଳ ।
ତେଜଣରେ ମଣ୍ଡନ କରବା ଅଳକରେ ଫୁଟିଲେଣି ତେଣ୍ଟରେ ବଞ୍ଜୁଳ ।୨।
ମକ୍ଷୀ ସାଧବୀ ମକରନ୍ଦସାଧବୀ ହେଲେଣି ବାସିବା କାନନେ ।
ଭୂତାର ନାଶ ଗୃହି ବାସ ପ୍ରକାଶ କଲେଣି ପଙ୍କଜ-ଆନନେ ।
ହେଉଣି । ତର୍ଯ୍ୟ ପ୍ରକଟ କଟକେ ।
ଅନଙ୍ଗ ଫୁଲ୍ଲର-ବଶିଖ କାମ୍ଭେ ଦେଲା ଉର୍କାଳି କାମୁକେ ୩।

---

୧। ସୁନ୍ଦରୀ—ଲାବଣ୍ୟବତୀର । ଛାମୁରେ—ସମ୍ମୁଖରେ । ମଦ୍ଗୁର—ସୁନ୍ଦର । ମଧୁଋତୁ—ବସନ୍ତଋତୁ । ନବକାମିନୀ—ମୁଗ୍ଧା ସ୍ତ୍ରୀ, ପ୍ରାପ୍ତଯୌବନା । ଅନ୍ଧାର ଯାମିନୀ—କୁହୂ (ଅମାବାସ୍ୟା ତ୍ୱମାବସ୍ୟା ଦର୍ଶଃ ସୂର୍ଯ୍ୟେନ୍ଦୁସଙ୍ଗମଃ, ସା ଦୃଷ୍ଟେନ୍ଦୁଃ ସିନୀବାଲୀ ସା ନଷ୍ଟେନ୍ଦୁକଳା କୁହୂଃ—ଅମର) ତିଜ ଭଙ୍ଗ ସୁଖ ଦେଉ ।

୨। ମଳୟଗିରିଚାରିଣୀ—ମଳୟ ପର୍ବତର ସମସ୍ତ ଦେଉଛି ଚନ୍ଦନ ଗନ୍ଧ । ମନ୍ଦ ସମୀର—ମନ୍ଦ ବହୁଥିବାରୁ ଧୀର ଧୀର—ଦକ୍ଷିଣ ପବନ । ସୁମନାଙ୍କ ବାସ—ଫୁଲଙ୍କ ଗନ୍ଧ, ସ୍ତ୍ରୀଙ୍କ ଗନ୍ଧ । ତେଜଣର—ନାଗେଶ୍ୱର ଗଛ । ତେଜଣରେ—ବକୁଳ ବା ଫୁଲର ଦେଇ କାନ ନାହିଁ । ତେଣ୍ଟରେ—ଜୁଡ଼ାରେ । ମଞ୍ଜୁଳ—ସୁନ୍ଦର । ବଞ୍ଜୁଳ—ଅଶୋକ ବା ବେତଗଛ । ତେଜଣର ହେଲେଣି ମଞ୍ଜୁଳ—ବକୁଳ ଓ ନାଗେଶ୍ୱର ଗଛମାନ ଫୁଲରେ ସୁନ୍ଦର ଦିଶିଲେଣି । ୩। ମକରନ୍ଦ ସାଧବୀ—ପୁଷ୍ପରସରେ ମତ୍ତ ହୋଇ ଧାନ୍ତେନ— ବନରେ ବାସିବା ହେଲେଣି—ମଞ୍ଜି ହେଲେଣି—କାନନରେ ଫୁଟିଲେଣି । ଭୂତାର—ଦୂର । ପଙ୍କଜ—ପଦ୍ମ । ଆନନେ—ମୁଖରେ । ପଦ୍ମ ଫୁଟିଲାଣି । କଟକେ—ନଗରରେ । ତର୍ଯ୍ୟ—ଉତ୍ସବ ବା ଗାନବାଦ୍ୟ । ଅନଙ୍ଗ—କନ୍ଦର୍ପ । ଫୁଲ୍ଲର ବଶିଖ—ଫୁଲଶର (ଅରବିନ୍ଦ, ଅଶୋକ, ଚୂତ

ଦୋଳା ଲୀଳା ସହିତଲଳନା ସବୁର ଶରୀର ହେଲାଣି ସ୍ୱେଦକୁ ।
ଚନ୍ଦନ କର୍ପୂର ସୁଧାଲେପସୁର ବ୍ୟଞ୍ଜନ ବଢ଼ାଇ ମୋଦକୁ ।
ଚତୁର ! ଜାଣି ନ ଥିବୁ ତୁ କପାଇଁ ।
ଅଣ ଅଭିରାମ ଆରାମ ଦେଖିବା କଉତ କରିବାକୁ ଜଣାଇଁ । ୪ ।

ସଜନୀଜନଙ୍କର ଜାଣି ଶୀତ୍କାର ମାର୍ଗ ପରିସ୍ରାବ କହିଲେ ।
ଅମଳ କମଳକୋମଳଚରଣ ପୀଡ଼ା ତୋହିବାକୁ ଯାଇଁଲେ
ପଣ୍ଡିତେବ । ଗନ୍ଧସାର ଗୋଳି ସିଞ୍ଚିଲେ ।
ସୁବ୍ରତା ସେବତୀ ଚାରୁଭ୍ରୁ ମିଶାଇ ଘନସାର ଚୂର୍ଣ୍ଣ କହିଲେ । ୫ ।

ହଦ ପଦ୍ମଶ ବର୍ଣ୍ଣିଣୀ ପାନମୁଣୀ ସଜଣୀ ସଜାଡ଼ିଲେ ଭଡ଼ି ।
ମଲ୍ଲିନନ୍ଦନୀ ଜଗଭବନାକୁ କରଭର ଦେଇ କୁଟାଇ ।
ସୁନ୍ଦରୀ । ସୃଷ୍ଟି-ରଞ୍ଜା ରାଜକୁମାରୀ ।
କର୍ପୂର ଶ୍ୱେତ ଅତିପତ୍ର ଟେକିଦେଲେ ଭ୍ରମର ମୂଳକ ପ୍ରବୃତ୍ତି । ୬ ।

---

ନବମଲ୍ଲିକା ଓ କାଳିଆଫୁଲ) । ଧାର୍ମିକ—ଧନୁର୍ଦ୍ଧର । ସେକ—ଅଭିପ୍ରାୟ ଭାବ । ଉଚ୍ଛିଳିଣି—ଧଇଜ ହେଲାଣି । କାମୁକଙ୍କର ମନରେ କାମ ଉଦୟ ହେଲାଣି । ୪ । ଦୋଳାଲୀଳା—ଦୋଳି ଉତ୍ସବ । ସବୁର—କୃଷ୍ଣଙ୍କର । ସ୍ୱେଦକୁ—ଝାଳକୁ, ଗରମ ହେବରୁ ଝାଳ ବୋହିଲାଣି । ସୁଧାଲେପସୁର—ଚୂନବୋଳା ଘର—ଧୋଆଘର । ବ୍ୟଞ୍ଜନ—ବିଞ୍ଚଣା । ମୋଦକୁ—ହର୍ଷକୁ ଏସବୁ ଦରକାର ପ୍ରାଣିବର । ଅଭିରାମ—ସୁନ୍ଦର । ଆରାମ—ଉପବନ, ଗୁମ୍ଫବାଟିକା ଅର୍ଥାତ୍ ଫୁଲବଗିଚା ।

୫ । ସଜନୀଜନଙ୍କର—ସଖୀମାନଙ୍କୁ । ଶୀତ୍କାର—ଶୀତ୍କାର । ମାର୍ଗ—ବାଟ । ଅମଳକମଳ କୋମଳଚରଣ—ଶୁଦ୍ଧ ପଦ୍ମ ସଦୃଶ କୋମଳ ପାଦ ; ପଥରେ —ସୁବାସ ଜଳରେ, ଉତ୍ତମ ଜଳରେ । ଗନ୍ଧସାର —ଚନ୍ଦନ । ସୁବ୍ରତା—ସଖୀମାନେ ବା ଦାସୀ । ଘନସାର—କର୍ପୂର । ୬ । ପଦ୍ମ—ଗଣ୍ଡୁ, ଏକ-ପ୍ରକାର ଲୁଗା । ପଦ୍ମଶ—ଦେଦାକା । ପାନମୁଣୀ—ପାନ ରଖି ଥିବା ଡବା । ମଲ୍ଲିନନ୍ଦନୀ—ମଲ୍ଲିଝିଅ । ଜଗଭବନାକୁ—ସଂସାରପ୍ରାଣୀଙ୍କୁ । କରଭର—ହାତପାପୁଲି କଢ଼ । ରାଜକୁମାରୀ—ରାଜକନ୍ୟା । ସୃଷ୍ଟି ରଞ୍ଜା—ସ୍ତ୍ରୀ ସୃଷ୍ଟି ଅର୍ଥାତ୍ ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠଭୂତା । ଶ୍ୱେତ ଅତିପତ୍ର—ଧଳା ଛତା (ଧଳା ଛତା ଅତପ ଆକର୍ଷଣ କରେ ବୋଲି ତା ପ୍ରକୃତରେ ପ୍ରତ୍ୟକ୍ଷରୁ ମୃଦୁ ) । ଭ୍ରମର ମୂଳକ ପ୍ରବୃତ୍ତି—ଭ୍ରମର ଉଡ଼ାଇ ଦେବାକୁ ।

ତର୍ଜି ପ୍ରବୀଣା ବୀଣାକୁ ବଜାଉଛନ୍ତି ଯାଉଛନ୍ତି ପ୍ରତୀତ ହୋଉଛନ୍ତି ।
ବନ୍ଧୁରେ ବନ୍ଧୁର ବାଆଁଟି ଏଥିରେ ସାବଧାନ ଥାଅ କହୁଛନ୍ତି ।
ଗମନେ । କେମାର ମୋ ମନେ କରନ୍ତି ।
ମନମଥ ରଥଯାତ୍ରା କି କରୁଛନ୍ତି ପଥ ମନୋରଥ ପୂରେଇଁ । ୭ ।

ଲାଲୁଟି ଲୁଚନା ଚୂନ ଦରପଣ ଚିକୁର ଚ୍ୟାମର ଯହିଁରେ ।
ତରଙ୍ଗ ଭୁଜଙ୍ଗ-ନୟନ ତୁରଙ୍ଗ କି ରଙ୍ଗ କରନ୍ତ ତହିଁରେ ।
କଳଶ । ଚକ୍ର କୁଚ ଶ୍ରୋଣୀ ଚହୁଳ ।
କଟିମେଖଳା ଘଣ୍ଟି ଯହିଁ ପ୍ରକଟି ଅଞ୍ଚଳ ପତାକା ଚଞ୍ଚଳ । ୮ ।

ରୋମାଞ୍ଚ ଏ ବାଦ୍ୟରେ ପ୍ରବେଶ ସଖୀରେ ପୀନ-ସ୍ତନାନ୍ତେ ବିପିନରେ
ତୁଳିବା ଖେଳିବା କୁସୁମ ତୋଳିବା ଅବସ୍ଥେ ଲୋଭ ମନରେ ।
ତର୍କିରେ । ଛଳବାକ୍ୟମାନ କହୁଲେ ।
ଶୁଣି ପରଭୃତ ଚକିତ ସ୍ତବ୍ଧ ମୂକ ବଲ୍ଲୁଭଙ୍କି ବାହୁଲେ । ୯ ।

---

୭ । ପ୍ରବୀଣା—ବାଦ୍ୟକୁଶଳା । ପ୍ରତୀତ—ବୋଧ, ଜଣା । ବନ୍ଧୁରେ—ମିତ୍ରଙ୍କ କନ୍ୟାକୁ । ବନ୍ଧୁର—ଉଚା ନିଚ୍ଛ, ଅସମତଳ । ବାଆଁ—ମାର୍ଗ, ବାଟ । ସାବଧାନ—ହୁସିଆର । ମନମଥ—କାମଦେବ । ମନୋରଥ ପଥ—ମନ ଇଚ୍ଛାର ମାର୍ଗ ।

୮ । ଲୁଲୁଟିଲୁଚନ ଚାଉ—ଶୀଳ ଓ ମୁଖ ହୋଇ ଅଥବା ଚକ୍ଷୁ ( ମୁନାର ଦର୍ପଣ) । ଦରପଣ—ଆରସି । ଚିକୁର—କେଶ ହୋଇ ଚ୍ୟାମର—ରଥର ଚାମର । ଚାର ତରଙ୍ଗତୁରଙ୍ଗ ନୟନ—ଚଞ୍ଚଳ ମୃଗର ନୟନ ହୋଇ ଅଥବା ତୁରଙ୍ଗ—ଅଶ୍ୱ । ରଙ୍ଗ—ନୃତ୍ୟ ଓ ଦୌଡ଼ । ଚହୁଳ—ଅଲଙ୍କାର, ଚଞ୍ଚଳ ବା ସୁନ୍ଦର । କୁଚ ଓ ଶ୍ରୋଣୀ—ସ୍ତନ ଓ ପିଣ୍ଡି ହୋଇଲ ରଥର କଳସ ଓ ଚକ୍ର । କଟିମେଖଳା—ଅଣ୍ଟାମୁଣ୍ଡା ବା ଡଙ୍କିଣୀ ସେ ହୋଇ ରଥର ଘଣ୍ଟି । ପ୍ରକଟି—ପ୍ରକାଶ ପାଏ । ଅଞ୍ଚଳ—ଚାଦର ଲୁଗାକାନି ହୋଇ ରଥର ଚଞ୍ଚଳ ପତାକା ।

୯ । ବାଦ୍ୟରେ—ପ୍ରକାରରେ । ସଖୀରେ—ଫୁଲ ତୋଳି ଯିବାକୁ ଅନ୍ୟେ ଅନ୍ୟେ । ପୀନସ୍ତନାଏ—ବଡ଼ ସ୍ତନାନ୍ତେ, ଯୁବତୀମାନେ । ବିପିନରେ—ବନରେ । ଛଳବାକ୍ୟମାନେ—ପରିହାସରେ କଥା କହୁଥିବା । ସେହି ମଧୁର କଥାମାନ ଶୁଣି ପରଭୃତ—କୋକିଳ । ଚକିତ—ଆଶ୍ଚର୍ଯ୍ୟ ହୋଇ । ସ୍ତବ୍ଧ—ଥକା, ଜଡ଼ ହୋଇ । ମୂକବଲ୍ଲୁଭଙ୍କ—ମୂକର ସମ୍ପଦ କି ମୌନ ଦଶା. ସେ ଅଭ୍ୟାସ ମନ୍ତ୍ର ଉପିବାକୁ ବା ସମାଧିସ୍ଥ ହୁଏ ବୋଲି ସେ ଜାଣନ୍ତେ

ଭଣେ ଏକ ନାରୀ କହେ ସେ ସୁନାରୀ ଏ ଦେଶରେ ବାସ କରୁଛି ।
ଭୃଙ୍ଗ କିଂପୁରୁଷ ଚଞ୍ଚଳ-ମାନସ ଏଥି ତହିଁ ପୁଣ ଯାଉଛି ।
ତହିଁକି । ଛଳି କହିଲା କହିଁ ଯାଉଛି ।
ମହାବିବେକୀ ହୋଇ ତୁ କିପାଇଁ ମଧୁପନାମକୁ ବହୋଲୁ । ୧୦ ।

ଏହାକୁ ଶୁଣି ଅନେକ ସଖୀ କହେ ଲୋ କଟେ ନାଗେଶ୍ୱର ମୋର ।
ହୋଇଲେ ହୋଇଥାଉଟି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର ।
ସେ ଛଳେ । ଶିଖିଲ୍ଲ ନାଗେଶ୍ୱର କହ ।
ସୁମନାଭୂଷଣ ସମ୍ପତ୍ତି ପାଇବ ତାହାପରେ ଯାଇ ଅରୋହ । ୧୧ ।

---

ନାମ ଧରେ ବା ଜାଣେ ତରେ ନାହିଁ । ନାୟକ ସବୁ ସେ ସଖୀଙ୍କ ମଧୁର ଆଳାପ ଶୁଣି ସ୍ମିତ ଓ ଲଜ୍ଜିତ ହୋଇ ଚୁପ ହୋଇ ରହିଲେ ।

୧୦ । ସୁନାରୀ—ଉତ୍ତମ ନାରୀ ଓ ସୁନାରୀ ଫୁଲ । ଭୃଙ୍ଗ—ଭଅଁର । କିଂପୁରୁଷ—କୁତ୍ସିତ ପୁରୁଷ । ଚଞ୍ଚଳ ମାନସ—ଅସ୍ଥିର ମନରେ । ଯେପରି କୁତ୍ସିତ ପୁରୁଷ ଗୋଟିଏ ସ୍ତ୍ରୀ ଛାଡ଼ି ଅନ୍ୟ ସ୍ତ୍ରୀ ନିକଟକୁ ଯାଏ ସେହିପରି ଭ୍ରମର ସୁନାରୀ ଫୁଲ ଛାଡ଼ି ଅନ୍ୟ ଫୁଲ ପାଖକୁ ଯାଉଛି ବା ଭୃଙ୍ଗ ଓ କିଂପୁରୁଷ, ଭୃଙ୍ଗ—ଭଅଁର ଓ ଲମ୍ପଟ । କିଂପୁରୁଷ—ବାନର ଓ କୁତ୍ସିତ ପୁରୁଷ, ଏ ଅର୍ଥ ମଧ ହୋଇପାରେ ( ଭଅଁର ଫୁଲକୁ ଯାଏ, ବାନର [illegible] ) । ଛଳ—ପରିହାସ କରି ବକ୍ରୋକ୍ତିରେ କହୁଛି । ମହାବିବେକୀ—ବଡ଼ ବିଚାରଶୀଳ ହୋଇ । ମଧୁପ—ଭଅଁର ଓ ମଦ୍ୟପ ନାମ ବହୋଲୁ—ଧରି ଯାଉଛୁ । ( ଭଅଁର ମଧୁ ପାନକରେ ନିମିତ୍ତ ମଦ୍ୟପ ଅପଭ୍ରଷ୍ଟ ଅର୍ଥାତ୍ ଲମ୍ପଟ ) ।

୧୧ । ନାଗେଶ୍ୱର—ନାଗେଶ୍ୱର ଫୁଲ । ନାଗେଶ୍ୱର—ନାଗେଶ୍ୱର ଫୁଲ ଓ ସର୍ପଶ୍ରେଷ୍ଠ । ସୁପର୍ଣ୍ଣ—ପଳାଶ ଓ ଗରୁଡ଼ । ନାଗେଶ୍ୱର—ଐରାବତ । ସୁମନା ଭୂଷଣ ସମ୍ପତ୍ତି—ଇନ୍ଦ୍ର ସମ୍ପତ୍ତି । ଅରୋହ—ଚଢ଼ । ଜଣେ ସଖୀ କହିଲା, ମୋର ଏହି ନାଗେଶ୍ୱର ଫୁଲ ଗଛ । ଅନ୍ୟ ଜଣେ କହିଲା, ନାଗେଶ୍ୱର ଯେବେ ହେଲା ତେବେ କିମ୍ପାଇଁ ପୁଣି ସୁପର୍ଣ୍ଣରେ ବା ପଳାଶରେ ଆଦର କର । ବକ୍ରୋକ୍ତିରେ—ଏ ଯେବେ ନାଗେଶ୍ୱର ଅର୍ଥାତ୍ ସର୍ପଶ୍ରେଷ୍ଠ ହୋଇ ଜନ୍ମିତ ହେବେ ସୁପର୍ଣ୍ଣରେ ଗରୁଡ଼ଙ୍କୁ ଆଦର କଲେ ଭୟ ଦୂରିଯିବ । ସେ ଛଳ କହନ୍ତି ନାଗେଶ୍ୱର—ହସ୍ତୀ ଶ୍ରେଷ୍ଠ—ଐରାବତ କହ । ସୁମନାଭୂଷଣ—ଦେବତାଙ୍କ ମଣ୍ଡନସ୍ୱରୂପ ଯେଉଁ ଇନ୍ଦ୍ର, ତାଙ୍କ ସମ୍ପତ୍ତି ପାଇବୁ । ତା ଉପରେ ଅରୋହ—ଚଢ଼ ।

ତେଜ କାହାକୁ କହେ ମୋହପାଇଁ ସଞ୍ଚି ରଖିଥିବୁ ଏକା କଳ୍ପଣା ।
ଦେବବଲ୍ଲଭଙ୍କୁ ଲଭିବାକୁ ତୋତେ ବିଧାତା କଲେ ପୁରୁଣା ।
ସେ ଶୁଣି । ବୋଇଲା ଏ କଥା ଗୂଢ଼ ରେ ।
ଶୋକିଲେ ନ ପାଇ ମୁଁ ବନ୍ଧୁ ଜୀବକୁ ଦେଲି ବସ୍ତ୍ର ଦାନ୍ତରେ । ୧୨ ।
କେତକୀ ସୁଭ୍ରୂମାରେ ଚତୁରୀଏ କହେ ସବୁରଙ୍ଗ ମୁଖ ଅନାଇଁ ।
ଧନ କରସ୍ୱାରେ ହୋଇଲା ଭ୍ରମରୁ ମଳି ମଳି ଶୋଭା ଦିଆଇଁ
ସେ ବୋଲେ । ଇଙ୍ଗିତେ ଅଳକି ଚେତାଇ ।
ନଥଲୀ ହେଲକା ଦେଖିଲା ଭ୍ରମରୁ ପଲାଶପାକେ ଯା ଗମଇଁ । ୧୩ ।
ଶେଷ ଭରେ ଅଶୋକ ଲଭିଲୁ ବାଲ୍ଲଭୀ କେତକୀ ହେଲଟି ମୋହର
ସେ ଭଜେ ସୁବର୍ଣ୍ଣକାନ୍ତିହର ସେହି ଶୋଭାଭ ପିବୁଟି ଶରୀର ।

---

୧୨ । କଳ୍ପଣା—ଦୟା ଓ ଫଳଦେବାର ଶକ୍ତି । (ଏଠାରେ ଫଳ, ତୋହର ଲେମ୍ବୁଜାତୀୟ) ଦେବବଲ୍ଲଭ—ଇନ୍ଦ୍ର (ଇନ୍ଦ୍ରଙ୍କ ପତ୍ନୀ ସ୍ୱାମୀ) ଓ ସୁନାର ଗଛ । ବିଧାତା—ବ୍ରହ୍ମା । ପୁରୁଣା—ସୃଷ୍ଟି । ଶୋକିଲେ...ଜୀବକୁ—ହେ ବନ୍ଧୁ ଶୋକରେ ମୁଁ ଜୀବକୁ—ପ୍ରାଣକୁ (ପ୍ରାଣପତିକୁ) ନ ପାଇ—ପାଇ ନାହିଁ ବନ୍ଧୁଲୀ ଫୁଲକୁ ମୁଁ ଶୋକ ପାଉନାହିଁ । ବସ୍ତ୍ର ଦାନ୍ତରେ—ବସ୍ତ୍ର ଦାନ୍ତ ଯାଗରେ ପଡ଼ିଲୁ ବା ମଧ୍ୟ ଓ ବଡ଼େଇହୋଇ ଫୁଲ ଅଣଟର ପାଇଲି ।

୧୩ । ଚତୁରୀଏ—ଏକ ଚତୁରା ସ୍ତ୍ରୀ । ସୁଭ୍ରୂମାରେ—ସ୍ପଷ୍ଟକରେ । ଧନ...... କରସ୍ୱାରେ—ଧନାଥର ଫୁଲରେ ବାସ ହୋଇ ଭ୍ରମରୁ ମଳି ମଳି ଫୁଲ ବୋଲି କାହିଁକି ହେଉଛୁ, ଅନାଇଁଲେ—ଦେଖି—ଏକ ସାର ସୁଲୁଷ । ବାସକରୁ—ବାସହୋଇ ଭ୍ରମରୁ ମଳି ମଳି (ମଉଳି ମଉଳି) କାହିଁକି ଘୂରୁଛ ହୋଉଛୁ । ଇଙ୍ଗିତେ ସେ—ସ୍ପଷ୍ଟଦେଲେ ସେ । ଅଳକି—ସଙ୍ଗୀନ । ଚେତାଇ—ବୁଝାଇ । ନଥଲୀ...... ଗମଇଁ—ନଥଲୀ ଫୁଲ ତ ଫୁଟିଲୁଣି, ସେଥିରେ ବାସ ଅଛି—କାହିଁକି ନିର୍ଗନ୍ଧ ପଲାଶ ଫୁଲ ନିକଟକୁ ଯାଉଛୁ (ନିର୍ଗନ୍ଧ ଭବ କଂଶୁକା) । ନଥଲୀ ନିର୍ଗନ୍ଧ ହୋଇଛି ଆଉ ସଙ୍ଗିଙ୍କ ସାହାସ—ଏକାକୀ ହେବା ଦେଖିବା ଭ୍ରମରୁ ପଳାଶ—ବ୍ୟାଘ୍ର ପାଶକୁ ସେ ଭଲି, ମରିବାକୁ ଯାଉଛି ବା କାଉଁରୁରୁ ବାସଦାର ହେଲ ଭ୍ରମରୁ ତୁ କାହିଁକି ମଳ ମଳ ବୋଲୁଛୁ । ତନ୍ତୁ ସେ କହିଲ ନଥଲୀ—ଅଗ୍ନିସମ୍ମୁଖ ହେଲନି—ଏମନ୍ତ ଦେଖିଲ୍ଲ ଭ୍ରମରୁ ସେ ପଳାଶ ପାଖକୁ ଯାଉଛି—ପଳାଶ ଉପରେ ଅଗ୍ନି ଆରୋପ କରି ହେଉଛି (ବର୍ଣ୍ଣ ସାଦୃଶ୍ୟକୁ)

୧୪ । ଅଶୋକ—ଅଶୋକଫୁଲ, ଶୋକ ନାହିଁ ଏହି ଅବସ୍ଥାକୁ ଲଭିଲୁ । ବାଲ୍ଲଭୀ—ପ୍ରିୟ ସଜନୀ । କେତକୀ—କେତକୀଫୁଲ ; ସେଥିରେ କଣ୍ଟା

ଏକାଳେ । ଅଳି ଜଣେ ଅସି ପଶୁର ।
ଦେଖାଇ ଭଳୁ କୁସୁଅନା ପାଶକୁ ଯିବ କି ନ ଯିବ ବରୁର । ୧୦ ।
ଦେଖରେ ରସାଳବନ୍ଧପୀ ପ୍ରବାଳ ତଲ୍ଲମାଳରେ ଶୋଭୁଛି ।
କୋକିଳ ବନସ୍ପେ ଅବଲମ୍ବ ଥିଲେ ବହୁତ ଦେଖିଲମ୍ବ ଶୋଭୁଛି ।
ଏମନ୍ତ । ଖ୍ୟାତି ବଳେ ଭଲୁ କଳାସ ।
ଦେନାଣି ଭର୍ଗ ସ୍ୱର୍ଦ୍ଧ ସହଚରୀ ସହ ପରିବାସୀ ପ୍ରବେଶ । ୧୫ ।
ଦେଖି ହରଷ ଭୃଙ୍ଗୀପାଡ ପାରସକାଛଗଣ ବସପଣ୍ଡିତା ।
କାମନୀୟବନ ତଳଚରୀ ଯେନି ଭାଗ୍ୟରେ ରହିଲ ମଣ୍ଡିତା ।
ବାହିଲ । ଭିଡ଼ ମଧ୍ୟେ ଶାନ୍ତୀ ସଙ୍ଗିତ ।
ପଞ୍ଚମୁଣା ସୋଷେ ଭୂଷିତାର ସୁହ୍ନ ସଖୀଏ ସାଙ୍ଗଲେ ଶୁଦ୍ଧିତ । ୧୬ ।

---

ଅଛୁ, ମୋତେ ଟେକି ପଚାରିଲ, ତମ୍ଭେ ତୋର ମୁଖ ମୋର ଦୁଃଖେ । ସୁବର୍ଣ୍ଣକାନ୍ତିହୃସ୍ତ—ସେ କେତକୀ ଫୁଲ ସୁନାର କାନ୍ତିକୁ ହୃଦ ହରିଅଛି ସେହି କାନ୍ତିରେ ଶମ୍ଭର ଶୋଭାଇ ହୋଇ ଯିବୁ—ତାହା ପରି ସୁନ୍ଦର କାନ୍ତିଯୁକ୍ତ ହେବୁ (ଆଉ ଅର୍ଥ ମଧ୍ୟ ହୁଏ କେତକୀ ଶେଙ୍କିତା ହେଲେ ଭ୍ରମର—ଲମ୍ଫ ହୋଇବ ବାସ୍ତୁ ଜାଣେଗ ନାହିଁ । କେତକୀ ପାଖକୁ ଭ୍ରମର ଯାଆନ୍ତି ନାହିଁ ) । କୁସୁଅନା—ଏହି ଫୁଲ ପାଖକୁ ଯିବ କି ନାହିଁ ଭାବୁଛି; କାରଣ ଅନା—ଦେଖ ସେ ଲୁଚି ମୋତେ ଧର ବା ଭୁଲି ପକାଇବ (ବା ଅଦ୍ଭୁତ ଦେଖୁଛି କୁସୁ—ଏହି ସୁଲୁଷ ମୋତେ ଛୁଇଁଲେ ମୁଁ ଲଜ୍ଜାବନ୍ତ ହୋଇଯିବ ) ।

୧୫ । ରସାଳ ବନ୍ଧପୀ—ଅମ୍ବଗଛ ଓ ବସନ୍ତ ଉଦାନ କରୁଛି ସେ ଏପରି ବନ୍ଧପିନ ଲୁଣ୍ଠନର୍ଥୀ । ପ୍ରବାଳ ତଲ୍ଲ ମାଳାରେ ଶୋଭୁଛି—ନୂଆ ଗଜାଁଳିଆ ପତ୍ର ଓ ବଉଳରେ ଶୋଭିତ ଓ ପୋଷିଲା ବନ୍ଧନମାଳା ( କଉଳ ତୋଳି ପରି ଏ ହାର ହୋଇଛି ) ସେ ଶୋଭିତ । ଶୋଭୁ...ଶୋଭୁଛି—କୋକିଳ ଅସ୍ତମ୍ଭ କରିଥିଲେହେଁ ଅନେକ ଭ୍ରମର ସେଠାରେ ଲାଗି ରହିଛନ୍ତି । ତାର ସ୍ୱାମୀ ଥିଲେହେଁ ଅନେକ ଉପପତିଙ୍କୁ ବଶ କରିଛି । କଳାସ—ଲୀଳା । ତର୍ଷ—କଳାମୟ ଉତ୍ସବ, ଯେଉଁଥିରେ ଗୀତ ବାଦ୍ୟ ଓ ଆମୋଦ ପ୍ରମୋଦ ହୁଏ, ଏଠାରେ ଦୋଳି ଉତ୍ସବ । ବାଣ—ପିଚ୍ଚା, ଅବିର ପିଚକାରୀ, ଯାନ ପ୍ରଭୃତି ଉପକରଣ । ସହଚରୀ ସହ—ସଙ୍ଗିନୀ ସହିତ । ପରିବାସୀ—ପରିଷ୍କୃତିକା । "ସହଚରୀ—ପରିବାରିକାଏ ପାଠାନ୍ତର—ସହଚରୀ—ଦାସୀ—ପାଠ ମଧ୍ୟ ଉପଯାରେ" । ୧୬ ! ହରଷ—ଆନନ୍ଦିତ । ଭୃଙ୍ଗୀ ପାଡ—ଶୃଙ୍ଖାଣୀ । ପାରସକାଛଗଣ—ହଂସକାଛୀ ଗୃହ । ବସପଣ୍ଡିତା—ବସ କୁଣ୍ଡଳୀ । କମନୀୟ ବନ—ସୁନ୍ଦର କାନ୍ଥୁକାଠି

ଭ୍ରମର-ମତ୍ତ କାମିନୀ ସଙ୍ଗେ ରଙ୍ଗେ ଉରଙ୍ଗେ ଖେଳାଇଲେ କାମିନୀ ।
ମହୀ ଅକାଶେ ଏକାବେଳେ ପ୍ରକାଶେ କି ଅବା ଅନେକ ଦାମିନୀ
କି ବାରେ । ଚଳପୁଷ୍ପଲତା ହେମର ।
ମହା ଅନୁରାଗ ପରାଗବୃଷ୍ଟିରେ ହୋଇ ଅଛନ୍ତି ଉଡ଼ପର । ୧୭ ।
କଞ୍ଜଖଞ୍ଜନଗଞ୍ଜନନେତ୍ରୀକି କି ଧନ ସୁହାଇ ସଧାଉଛି ।
ଅଲ୍ପ ଅସାଧ ହୋଇ ତାହାଙ୍କ ସୃଷ୍ଟି କି ରଚିଅଛି ପଦନ ଧାଉଛି ।
ନାହିଁ କି । ଏଥକୁ ବଡ଼େବଡ଼ ତାହାର ।
କୋଟିଏ ବ୍ରହ୍ମାଣ୍ଡ ଗୋଟିଏ ଭଙ୍ଗୀରେ ଜିଣିବା ଗୁମାନ ତାହାର । ୧୮

---

ହୋଇଥିବା । ଫେଉଁଲା—ଝୁମାଲ । ମଣ୍ଡିତା—ଭୂଷିତା । ଫୁମୁଣା—ଅକାର ଥିଲା ।

୧୭ । ଭ୍ରମରମତ୍ତକାମିନୀ—ଯୌବନ ମଦରେ ଉନ୍ମତ୍ତ ହୋଇଛି ଯେ ସୁନ୍ଦରୀ ଓ ମଦର ଜନ୍ମଦାୟିନୀ ସ୍ତ୍ରୀ ଲାବଣ୍ୟବତୀ । ରଙ୍ଗେ—ଲୀଳାରେ । ଉରଙ୍ଗେ—ଢେଉ, ନାଚ, କୁଦ ଓ ଅଗ ପଛକୁ ଯିବା ଆସିବା କରି । କାମିନୀ—ସ୍ତ୍ରୀମାନେ । ମହୀ ଅକାଶେ—ପୃଥିବୀରୁ ଅକାଶରେ । ଅନେକ ଦାମିନୀ—ବହୁତ ବିଜୁଳି । ଏହି ସୁନ୍ଦରୀମାନେ ବିଜୁଳି ପରି ଦେଖାଗଲେ । ହେମର ଚଳ ପୁଷ୍ପଲତା—ସୁନାର ଚଳନ୍ତ ଫୁଲଗଛ । ମହାଅନୁରାଗ ପରାଗ ବୃଷ୍ଟିରେ—ବଡ଼ ସ୍ନେହରୂପ ଫୁଲଧୂଳି (ପୁଷ୍ପରେଣୁ) ପକାଇବାରେ । ଉଡ଼ପର—ଅନ୍ଧ । ଲୁଚି ପଡ଼ି ଅଛନ୍ତି (ଏଠାରେ ଲୀଳା ଅଭିନୟ ମଧ୍ୟ ଦେଖାଇବା ସୂଚିତ) ।

୧୮ । କଞ୍ଜଖଞ୍ଜନଗଞ୍ଜନନେତ୍ରୀକି—ପଦ୍ମ ଓ ଖଞ୍ଜନ (ଶୋଭା ଓ ଖଞ୍ଜନର ଚଞ୍ଚଳତା) କୁ ତିରସ୍କାର କରୁଛି ନେତ୍ର ଯାହାର ତାକୁ—ଲାବଣ୍ୟବତୀକୁ । ଧନ ସୁହାଇ—ଧନ ଭଲପାଇ, ଆତ୍ମାରେ ଘଷ୍ଟୁ କରାଇ (ଅର୍ଥାତ୍ କେବଳ ନ କରାଇ) । ସଧାଉଛି—ଖେଳାଇବାରେ ଲାଗି ହୋଇଛି । ଅଲ୍ପ...ଧାଉଛି—ମନେ ଚିନ୍ତା କରୁଛି ଏପରି କେଉଁ ସଂସାର ଅଛି ଯାହାକୁ ସେ ବଶ କରି ନାହିଁ । ବଡ଼େବଡ଼—ବଡ଼ୁର । ଗୋଟିଏ ଭଙ୍ଗୀରେ—ଏକ ମାତ୍ର ଭଙ୍ଗୀରେ । ଗୁମାନ—ଅଭିମାନ, ତେଣୁ “କଞ୍ଜନ ଖଞ୍ଜନ ଗଞ୍ଜନ ନେତ୍ରୀକି” ଧନ ସୁହାଇ ସଧାଉଛି ।” ଏ ପାଦରେ କାମଦେବ ଓ ଖଞ୍ଜନ ପକ୍ଷୀଙ୍କୁ ଶୋଭାରେ ଓ ଚଞ୍ଚଳତାରେ ତିରସ୍କାର କରୁଛି ଯେ ନେତ୍ର ତାର ପାଠ ମଧ୍ୟ ସମୀଚୀନ—ଏ ପାଠ ଲେଖକମାନେ ଗ୍ରହଣ କରି ଅଛନ୍ତି କିନ୍ତୁ ମୁଦ୍ରିତ ପାଠ ସମୀଚୀନ ।

ମୁଠାରୁ ଫିଙ୍ଗିଦେବାରେ ଏ ପ୍ରତୀତ ଫଗୁ ଫିଙ୍ଗିବାରେ ଲଳନା ।
ବସନ୍ତରାଜା ବଶକୁ କି କରନ୍ତି ରଙ୍ଗପାଞ୍ଚେଟେଲ ଗୁଳନା ।
ସେ ରଜ । ତାର ଶୂନ୍ୟେ ଲୁଣ୍ଠ ହୋଇଲା ।
ଅତ୍ୟନ୍ତ ଘୂର୍ଣିତ ଦିଗ ପରବାର ମାଣିକ୍ୟଛନ୍ଦ କି ଧଇଲା ।୧୯।

କଙ୍କଣ କ୍ୱଣିତ ଧ୍ୱନିରୁ ମଣିତ ଭୂଜ ଡିଣ୍ଡିମ କି ବାଜିଲା ।
ଭଟବାଦ ବାଣୀ ମଙ୍ଗଳ ଗୀତ କି ଅଭିଷେକ ବେଳେ ହୋଇଲା ।
ସୁଖରେ । ଭୂତ ପୂର୍ଣ୍ଣକୁମ୍ଭ ରଖିଛି ।
ଗୁଚ୍ଛ ବେଣ୍ଟ ଚୂତ ପଲ୍ଲବ ସଂଯୁତ ଦ୍ୱାର ଉଦୟାର ସାଜିଛି । ୨୦ ।

ରମଣୀ ରମଣୀୟ କଲେ ଅବରଗୁଣ୍ଡିରେ ସେ ବନସରଣୀ ।
ମଣ୍ଡ ମଣ୍ଡଳା ଭ୍ରମିବାନ ଲଭିଲା ଏସନ ମାନସକୁ ଆଣି ।
ସେ ଧୂଳି । ବାନ୍ଧି ପବନ ଯୋଗେ ଉଡ଼ି ।
ଶୁଭସୂଚକ ବନ୍ଧୁ ଚନ୍ଦ୍ରାତପ କି ଯାଉଛି ଶିରେ ବାନ୍ଧି ଗାଡ଼ି । ୨୧ ।

---

୧୯ । ପ୍ରତୀତ—ବୋଧ । ଫଗୁ—ଅବିର । ଲଳନା—ସ୍ତ୍ରୀ । ଅବିର ଉଡ଼ିବାରୁ ଆକାଶରେ ଜଣା ଯାଉଛି ରଙ୍ଗପାଞ୍ଚେଟେଲ ଗୁଳନା—ଲଳିଆ ପାଚିଲା ଉଡ଼ାଇ ଅଛନ୍ତି କି—ବସନ୍ତରାଜାଙ୍କୁ ଅଧୀନ କରିବାକୁ । ସେ ରଜ—ଅବିରଧୂଳି । ଶୂନ୍ୟେ ଲୁଣ୍ଠ—ଆକାଶରେ ବ୍ୟାପିଲା । ଘୂର୍ଣିତ—ଘୂର୍ଣବନ୍ତ । ଦିଗପରିବାର—ଦିଗ ହେଲେ ଭୃତ୍ୟ । ମାଣିକ୍ୟଛନ୍ଦ—ଲାଲମଣିର ଛଟା । (ମାଣିକ୍ୟ—ସାଧାରଣତ ଲୋହିତ ବର୍ଣ୍ଣ) ।

୨୦ । କଙ୍କଣକ୍ୱଣିତ ଧ୍ୱନିରୁ—କଙ୍କଣର ଝୁଣ ଝୁଣ ଶବ୍ଦରେ । ମଣିତ—ଭୂଷି ପଡ଼ୁଛି ଭୂଜରୂପ ଡିଣ୍ଡିମ—ନାଗରା । ଭଟବାଦ ବାଣୀ—ଭଟପାଟିକର ସ୍ତୁତି ଶ୍ଲୋକ କଥା ହେବା । ମଙ୍ଗଳ ଗୀତ— ସ୍ତ୍ରୀଙ୍କ ବଚନ ଭାଳରେ ଶୁଭ ମଙ୍ଗଳ ଗୀତ ଗାଏ । ଅଭିଷେକ—ସ୍ତ୍ରୀଙ୍କ ଗାଡ଼ ବହିବା ସ୍ତ୍ରୀମାନଙ୍କ ଭୂତ—ସ୍ତନ ହେଲା ପୂର୍ଣ୍ଣକଳସ । ସୁଚୁ... ସାଜିଛି —ସୁନ୍ଦର ଆଲିରେ ଦ୍ୱାର ପଡ଼ିବା ହେଲା ଅମ୍ବର କଣ୍ଠଧି ପଣ୍ଡର ଦ୍ୱାର । ଉଦୟାର —ବେଣି ଧଆହୋଇ ସେ ଦ୍ୱାର ପାଉଛି ।

୨୧ । ରମଣୀ—ସ୍ତ୍ରୀ । ରମଣୀୟ—ସୁନ୍ଦର । ବନସରଣୀ—ବନପଥ । ମଣ୍ଡମଣ୍ଡଳା—ଘୁର୍ଣ୍ଣି ନାଚ; ଭ୍ରମିବାନ ଲଭିଲା—ଉଡ଼ିଲା ହେଲା । ମାନସ—ମନ ପବନରେ ଉଡ଼ି ଯିବାରୁ ଏପରି ଜଣାଯାଉଛି । ଚନ୍ଦ୍ରାତପ ଶୁଭ ସୂଚକ ବନ୍ଧ ଯେପରି ଯାଉଥିବା ବେଳେ ନାଲି ଗାଡ଼ି ବାନ୍ଧି ଯାଉଛି କି ?

ଏନୀର ନୀର ଚିରିଲା ନିରନ୍ତର ଖେଳନ୍ତେ ନୀରରୁହନୟନା ।
ମଞ୍ଜୁ ମଞ୍ଜୀର ଘନରବ ମଧୁର ବସନ୍ତେ କରେ କି ବରଣା ।
ବଲ୍ଲି । ପରି ଫୁଲି ଭୂଷା ରତନ —
ଅଙ୍ଗରାଗେ ଅନ୍ଧ ଭୃଙ୍ଗ ଭିଡ଼ିପଡ଼ି ହୋଏ କି ନବଲାପଥନ । ୨୨ ।

କୁଙ୍କୁମ ଚିରିଲା ବାଙ୍କି କରଙ୍କର ସୁନ୍ଦର ଜୀବଜ ତାହାର ।
ଜନଜାତକଲୁ କିବା ଦ୍ୱଦଶାଙ୍କ ପ୍ରବାହ ବହୁଅଛି ବାହାର ।
କର୍ପୂର । ଶ୍ରେଣି ମଣ୍ଡିତ ତାହା ସ୍ତନ ।
ସୁବର୍ଣ୍ଣ ସ୍ୱୟମ୍ଭୁ ଶମ୍ଭୁସ୍ଥଳ ତ ହୋଇଲେ ଭସ୍ମ ବିଲେପନ ।୨୩।

ତାହା କୁଚ ଫଗୁଷଙ୍ଗକୁ ସୁମନ୍ତି ଏହି ପାଣି ହୋଏ ମାନବେ ।
ହୃଦୟ ସରୋବର ମଧ୍ୟେ ହୃଦୟ କୋକନଦ କଢ଼ି ଯୁଗ୍ମ ସେ ।
ତାହାର । ଛୁଡ଼ି ହାର ଶେଷ ମୁକୁତା ।
ପୟୋଧର ସ୍ଥଳେ ସୀରବନ୍ଧୁ ବୃନ୍ଦି କରବାରେ କି ସେ ଶୋଭିତା ।୨୪।

---

୨୨ । ଏନୀର ନୀର—ସୁବାସ ଜଳ । ନିରନ୍ତର—ସବୁ ବେଳେ । ନୀରରୁହନୟନା—ପଦ୍ମନୟନା । ମଞ୍ଜୁ—ସୁନ୍ଦର । ମଞ୍ଜୀର—ନୂପୁରର ଶବ୍ଦ ହେଲା । ଘନରବ—ଯେପରି ଶବ୍ଦ ସେ ଥିଲା ମଧୁର । ବସନ୍ତେ—ବସନ୍ତକାଳରେ ବରଣା କଲୁ କି ? ଭୂଷ ରତନ—ଅଳଙ୍କାର ରତ୍ନର ଫୁଲ—ସମ୍ପ୍ରି ସେ ହେଲୁ ବଲ୍ଲୀ । ଅଙ୍ଗରାଗେ—ସୁଗନ୍ଧ ଦ୍ରବ୍ୟ, ଲେପନଃ ଶରୀର ଗନ୍ଧ ଲୋଭରେ ଅନ୍ଧ ହୋଇ ଭୃଙ୍ଗ ଭ୍ରମର ଶରୀରରେ ପଡ଼ିବାରୁ ଜଣାଗଲା ଯେପରି ବୃନ୍ଦାପଥର ବର୍ଷା ହେଲା ।

୨୩ । କୁଙ୍କୁମଚିରିଲା—ନାଲିରଙ୍ଗର ଚାରି ଚିତ୍ରକାରୀକୁ ତାହାର ବାଙ୍କିବାରୁ । ଜୀବଜ—ସ୍ତନ । ଜନକାତକଲୁ—ସୁନା ପର୍ବତରୁ ; ପ୍ରବାହ—ସ୍ରୋତ । କର୍ପୂର ଶ୍ରେଣି—କର୍ପୂର ଧୂଳି । ସୁବର୍ଣ୍ଣ ସ୍ୱୟମ୍ଭୁ ଶମ୍ଭୁ ସ୍ଥଳ—ସୁନାର ସ୍ତନରୂପ ଶିବଲିଙ୍ଗ ବା ବ୍ରହ୍ମା ଓ ଶିବ (ସ୍ୱୟମ୍ଭୁ—ସ୍ତନ, କାମଦେବ, ବ୍ରହ୍ମା, ବିଷ୍ଣୁ, ଶିବ ଆଦି ଅର୍ଥରେ ପ୍ରଯୁକ୍ତ) । ଭସ୍ମ ବିଲେପନ—ପାଉଁଶ ବୋଳି ହେଲେ କି ?

୨୪ । ସୁମନ୍ତି—ଅତି ସୁନ୍ଦର । ହୃଦୟ ସରୋବର—ଛାତି ହେଲା ସରୋବର । କୋକନଦ କଢ଼ି ଯୁଗ୍ମ—ରକ୍ତପଦ୍ମର ଦୁଇଟି କଳି । ପୟୋଧର—ମେଘ ଓ ସ୍ତନ ; ହାରରୁ ମୁକ୍ତା ଝରିବାରୁ ଜଣାପଡ଼ୁଛି ଯେପରି ସ୍ତନରୂପ ମେଘରୁ ଦୁଗ୍ଧବିନ୍ଦୁ ଝରୁଛି କି ?

କାଶ୍ମୀର ରଜ ଟେକ ମାରୁତେନ୍ତେ ପାଳୁଛି ଗ୍ରୀବା ବଙ୍କ କରି ଘୂର୍ଣ୍ଣିଲା ।
ମନ୍ଦ ମରୁତେଣେ କି ହଲୁଛି ନଳିନ ଅଳି ସମ୍ପୃକ୍ତରେ ରହିଲା ।
ଚେଡ ବାଳା । ମୁଖେ କସ୍ତୁରୀପଙ୍କ ଢାଳି ।
ମୃଗାଙ୍କ କଳଙ୍କ ଛଡ଼ାଇ ଦେବାକୁ ବନ୍ଧୁ ଯାଉଛି କି ବା କାଳୀ ।୨୫।
ତାହା ଲଲାଟୁ ସିନ୍ଦୂର ବନ୍ଧୁ ଉଡ଼େ ସ୍ୱେଦ ବହାଇବାକୁ ଜଣାଇ
କେଶ ସିନ୍ଧୁ ଦନ୍ତଘାତରୁ ବ୍ୟକତ ଇନ୍ଦୁ ଦେଉଛି କି ରକତ ।
ସେ ବାଳେ । ଅତି ଚଞ୍ଚଳ ନୟନ ଗତି ।
ଦୃଗଧରାକୁ କି ଶ୍ୟାମଳ କୋମଳ କମଳେ ମଣ୍ଡନ୍ତି ଯୁବତୀ ।୨୬।
ରବି କିରଣେ ଭାନୁପ୍ରଭା ପ୍ରକାଶି ଶ୍ରବଣେ ତାଟଙ୍କ ଚଳନ୍ତି ।
ପ୍ରମଦା ପ୍ରମୋଦଭରେ କି କରନ୍ତି ଅନଙ୍ଗ ମଙ୍ଗଳ ଆଳତି ।
ଚଳିତ । ନାସିକା ମୋତି ହରହାର ।
ବାଜଇ ନୂପୁର ନାଦେ କି ନାଚନ୍ତି ନର୍ତ୍ତକୀ ଗୁଣେ ଅଳଙ୍କାର ।୨୭।

---

୨୫ । କାଶ୍ମୀରରଜ—ଜାଫ୍ରାନକେଶରର ଧୂଳି । ଗ୍ରୀବା—ବେକ । ବଙ୍କ—ବଙ୍କା । ମନ୍ଦ ମରୁତରେ—ଧୀର ବାୟୁରେ । ନଳିନ— ପଦ୍ମ ; ଉଲ୍ଟିପଡ଼ି ; ଅଳି—ଭ୍ରମର । ମୁହଁ ହେଉଛି ପଦ୍ମ, ତାର କେଶର ହେଉଛି ଜାଫ୍ରାନକେଶର ଧୂଳି ଓ ଚକ୍ଷୁ ହେଲା ଭ୍ରମର । କସ୍ତୁରୀପଙ୍କ—କସ୍ତୁରୀଗୋଳା ପାଣି । ମୃଗାଙ୍କ—ଚନ୍ଦ୍ର । ତାଠାରୁ କଳଙ୍କ—କଳା ଚିହ୍ନ । କାଳୀ—କଳା ରଙ୍ଗ । ଚନ୍ଦ୍ର ହେଉଛି ମୁଖ ।

୨୬ । ଲଲାଟୁ—କପାଳରୁ । ସ୍ୱେଦ—ଝାଳ । କେଶ ସିନ୍ଧୁ—ବାଳ ହେଉଛି ସିନ୍ଧୁ । ଦନ୍ତଘାତରୁ—ଦାନ୍ତରେ କାମୁଡ଼ିବାରୁ ମୁଖ ହେଉଛି ଚନ୍ଦ୍ର ; ସେହି ଚନ୍ଦ୍ରକୁ ଦାନ୍ତରେ ଆଘାତ କରିବାରୁ ଚନ୍ଦ୍ରରୁ ରକ୍ତ ବାହାରୁଛି କି ? ଦୃଗଧରାକୁ—ଦୃଗମଣ୍ଡଳକୁ ଶ୍ୟାମଳ କୋମଳ କମଳେ—ନୀଳ ବର୍ଣ୍ଣର ପଦ୍ମରେ ଭୂଷିତ କରୁଅଛନ୍ତି କି ? ସ୍ତ୍ରୀମାନଙ୍କର ଚତୁର୍ଦ୍ଦିଗକୁ ଚଞ୍ଚଳ ନୟନ ବୁଲିବାରେ ଏପରି ବର୍ଣ୍ଣନା ହୋଇଅଛି ; କାରଣ ତାଙ୍କର ଚକ୍ଷୁ ମଧୁର ନିର୍ମଳ ନୀଳବର୍ଣ୍ଣ କୁବଳୟରେ ବିହ୍ୱଳ ହୋଇ ପଡ଼ୁଛି ।

୨୭ । ରବିକିରଣେ—ରବିର ଜ୍ୟୋତିରେ । ଭାନୁପ୍ରଭା—ସୂର୍ଯ୍ୟଙ୍କ ତେଜ । ଶ୍ରବଣେ—କାନରେ । ଚଳନ୍ତି—ହଲୁଅଛନ୍ତି । ତାଟଙ୍କ—ତଡ଼କା ; କର୍ଣ୍ଣଭୂଷଣ । ତାଟଙ୍କ ସୂର୍ଯ୍ୟ ପରି ଉଜ୍ଜ୍ୱଳ । ପ୍ରମଦା—ଯୌବନ ମଦରେ ମତ୍ତ ସ୍ତ୍ରୀମାନେ ପ୍ରମୋଦଭରେ ହର୍ଷରେ ପୂର୍ଣ୍ଣଚାନ୍ଦର, ଅତି ଭକ୍ତି ଭାବରେ । ଅନଙ୍ଗ—କାମଦେବ । ମଙ୍ଗଳ ଆଳତି—ବନ୍ଦାପନା କରୁଅଛନ୍ତି କି ? ନାସିକା ମୋତି ହରହାର ଚଳନ୍ତି—ନାକର ମୋତି

ଭଙ୍ଗ ଲଭାଇ କୁସୁମ ଖସିବାରୁ ଏମନ୍ତ ହୋଉଛି ପରତେ ।
ଧନ୍ୟ ଧନ୍ୟ ବୋଲି ପ୍ରଶଂସା କରି କି ବହୁ କହୁଛନ୍ତି ନବତେ ।
ତରୁଗଣ, ଛଳେ ସିଞ୍ଚୁଛନ୍ତି କର୍ପୂର ।
ପଲ୍ଲବଛଳେ ପଣତେ କହୁଛନ୍ତି ଉପକାର ତୁଟେ ତାଙ୍କର । ୨୮ ।
କାହିଁ କାହିଁ ତରୁ ତରୁଣୀମାନଙ୍କୁ ପକ୍ଷୀ ନିନାଦରେ କହନ୍ତି ।
ଏପରି କ୍ୱସ୍ତବ ବେଳେରେ ତୋ ହୁଥିଲା ଦେଖି ନ ଥିବ ସୁରପତି ।
ହେ ତରୁ,—ଶାଖା ଦୋଳେଇନ୍ତି ଫଳଭରେ !
କି ପରିରମ୍ଭ ଆରମ୍ଭ କରୁଛନ୍ତି ରମ୍ଭୋରୁ ପାଦ ଲଗି ଶିରେ । ୨୯ ।
ଏମନ୍ତ ବେଳେ ଏକ ସଖୀ କହିଲା ଶୁଣ ପ୍ରହର ହେଲା ବେଳ ।
ସ୍ନାନ ମାଗିଲୁ ଅବଧାନ ନୋହିଲା ଏତେକେ ବନ୍ଧୁ କୁତୂହଳ ।
ଶୁଣି ହଁ, ହଁ କଥା କଲା ଅଙ୍ଗୀକାର ।
ଏହି ସମୟେ ଓଡ଼ାଏ ଦାସୀ ଆସି ଦେଲାଣି ମଜ୍ଜଣା ସମ୍ଭାର ।୩୦।
ସରୋବରକୂଳେ ପ୍ରବେଶ ସୁବେଶ ଭଲ୍ଲଟି ସମ୍ପୂର୍ଣ୍ଣ ଏ ଛନ୍ଦ ।
କବିଗୁମ୍ଫ ଅନେକ ଅଛି ଶୁଭ ଶୁଣିଲେ ଜନ୍ମିବ ଆନନ୍ଦ ।

---

(ନୋଳକ) ଓ ଛତର ଧାର ଦୋହଲୁଛନ୍ତି । ବାଦେ—ବାଦ୍ୟରେ ବାଜି ଉଠି । ନୂପୁର ନାଦେ କ—ନୂପୁର ହେଲ ବାଦ୍ୟକାର ତା ସଙ୍ଗେ ବାଦା କରି, ନର୍ତ୍ତକୀବୃନ୍ଦ ଅଲଙ୍କାର —ନାଚୁଥିବା ଲୋକର ଗୁଣ ଗହଣରେ ନାଚୁ ଅଛନ୍ତି । ନୂପୁର ପାଦରେ ବାଜୁଛି, ହାର ଓ ନାକର ମୋତି ଟଳି ଦୋହଲୁଛନ୍ତି । ନର୍ତ୍ତକୀଗଣ ଅଳଙ୍କାର, ଗାଠ ମଧ୍ୟ ତଳପାରେ ।

୨୮ । କୁସୁମ ଖସିବାରୁ—ଫୁଲ ଝଡ଼ିବାରୁ । ପରତେ—ଜଣା । ସେ ନାରୀମାନେ ପ୍ରଶଂସା କରି ବହୁ କହୁଛନ୍ତି କି ? ତରୁଗଣଛଳେ - ବୃକ୍ଷରୂପରେ । ପଲ୍ଲବଛଳେ—ପତ୍ରରୂପରେ । ଉପକାରବୃତ—ଉପକାର କରିବାକୁ ।

୨୯ । ତରୁ—ବୃକ୍ଷ । ତରୁଣୀ—ସ୍ତ୍ରୀ । ପକ୍ଷୀନିନାଦରେ—ପକ୍ଷୀମାନଙ୍କ ଶବ୍ଦରେ । ସୁରପତି—ଇନ୍ଦ୍ର । ଫଳଭରେ—ଫଳର ଭରରେ—ପୂର୍ଣ୍ଣଭାରରେ । ପରିରମ୍ଭ ଆରମ୍ଭ—ଆଲିଙ୍ଗନ କରିବାକୁ ପ୍ରଯତ୍ନ । ରମ୍ଭୋରୁ ପାଦ ଲଗି ଶିରେ—ସ୍ତ୍ରୀର ପାଦକୁ ଶିରରେ—ମୁଣ୍ଡରେ ଲଗାଇ ।

୩୦ । ଅବଧାନ—ମନ ବା ଦୃଷ୍ଟି । କୁତୂହଳ—ଉତ୍ସବ । ମଜ୍ଜଣା ସମ୍ଭାର—ସ୍ନାନର ସାମଗ୍ରୀ ।

୩୧ । ସରୋବର କୂଳେ—ପୁଷ୍କରିଣୀ କୂଳରେ । ସୁବେଶ ଭଲ୍ଲଟି—ଭଲ ବେଶ ପିନ୍ଧିଲା । ଗୁମ୍ଫ—କାବ୍ୟକୌଶଳ ବା ଛଟା । ଶୁଣିଲେ—

ଜାଣିଲା । ଜନ ମନକୁ ଏ ଶୋଭିବ ।
ମୂର୍ଖ ସ୍ୱଭାବ ଅଦୃଷ୍ଟରଙ୍କା ଯବ ସେ ଭାଙ୍ଗି ଭକ୍ତି ପ୍ରକାଶିବ । ୫୧ ।
ଅନନ୍ତ ଭୂଷଣ ବୃଷଧନୁଧ୍ୱଜ ସୁହୃଦ ଭବତାପ ନାଶୀ ।
ଶ୍ରୀନିଳୟ ଦ୍ୱିଜରାଜ ବନ୍ଦନୀୟ ଜନବନ୍ଧୁଙ୍କୁ ପ୍ରକାଶି ।
ସୁମର । ଯତେକ ସେ ରାମଚନ୍ଦ୍ର ଶିବ ।
ଭଣେ ଉପେନ୍ଦ୍ର ଭଞ୍ଜ ଶାଳବର ସୁଧା ଜନ କର୍ଣ୍ଣ ଜୁଡ଼ିବ । ୫୨ ।

---

ଭୁଞ୍ଜିଲେ । ଅଦୃଷ୍ଟରଙ୍କା—ଅପ୍ରାପ୍ତସେବିକା ବାଳକ । ରଙ୍ଗ—ସନ୍ତୋଷ, ରମଣ ।

୫୨ । ଅନନ୍ତ ଭୂଷଣ—ଅନନ୍ତ ଯେ ଶେଷଦେବ ତାହାଙ୍କ ଭୂଷଣ ଅଟନ୍ତି (ବିଷ୍ଣୁ ଯୋଗନିଦ୍ରାରେ ଅନନ୍ତ ସର୍ପଙ୍କ କ୍ରୋଡ଼ରେ ଶୟନ କରନ୍ତି ବା ଅନନ୍ତଭୂଷଣ—ଅସଂଖ୍ୟ ଭୂଷଣ ଯାହାଙ୍କର ( ରାମଚନ୍ଦ୍ରଙ୍କ ଧ୍ୟାନରେ—ନାନାଲଙ୍କାରଦୀପ୍ତ ବୋଲି ଯେ ଅଛନ୍ତି ) । ବୃଷଧନୁଧ୍ୱଜ—ବୃଷ ଯେ ଧର୍ମ; ଧନୁ ଯେ କୋଦଣ୍ଡ ଯେଉଁଥିରେ ଚିହ୍ନ, ଧର୍ମରକ୍ଷକ ଓ କୋଦଣ୍ଡ-ଧାରୀ । ସୁହୃଦ ଯେ ସୁଗ୍ରୀବ ବା ବିଭୀଷଣ ତାଙ୍କର ଏବଂ ଜଗତର ତାପ—ଦୁଃଖ, ତ୍ରିତାପ (ଆଧ୍ୟାତ୍ମିକ, ଅଧିଭୌତିକ ଓ ଅଧିଦୈବିକ) ନାଶକାରୀ । ଶ୍ରୀନିଳୟ—ଶ୍ରୀନିବାସ ( ଲକ୍ଷ୍ମୀ ଯାହାଙ୍କଠାରେ ବାସ କରନ୍ତି )

# ଷଷ୍ଠ ଛାନ୍ଦ

**ରାଗ ସୁମନେହି—ଯୋଗୀ ସମାଧି ବାଣୀରେ ଗାଇବ ।**

ମନ ଦେଇ ଶୁଣ ଦେବ କହେ ନୃପସୁତା ସୁକେଶୀ ।
କୂଳରେ ବକୁଳମୂଳରେ ପୀଠ ଉପରେ ବସି ।୧।
ସରସୀ ଶୋଭିତ ଅନାଇ ମନ ହେନି ଲୋଭିତ ।
ଘଟପଟନା ଦ୍ରୁମରେ ପକ୍ଷୀପନ୍ତି ବେଷ୍ଟିତ ।୨।
କି ନୀଳଶାଢ଼ୀ ଉପରେ ହଂସାବଳୀ ଦେଖାଉଛି ।
ଅବନୀ ବନିତା ବସ୍ତ୍ରରେ କିବା ଚିହ୍ନିବା ଇଚ୍ଛୁ ।୩।
ପାବକ୍ଷ ସ୍ୱଚ୍ଛ ସ୍ଫଟିକରେ ନୀରତୀର ପ୍ରତୀତ ।
ସୁବେଣୀ ସ୍ୱର୍ଣ ଯୋଗ କି ତହିଁ ତ୍ରିବେଣୀ ଖ୍ୟାତ ।୪।

---

୧ । ଦେବ କହେ—ସମ୍ବୋଧନ । ନୃପସୁତା—ରାଜକନ୍ୟା । ସୁକେଶୀ—ଉତ୍ତମ କାଳକେଶିନୀ; ସୁନ୍ଦରୀ । କୂଳରେ—ତଟରେ । ବକୁଳ—ବଉଳଗଛ । ପୀଠ—ଚଉକି ।

୨ । ସରସୀ—ପୁଷ୍କରିଣୀ । ଶୋଭିତ—ସୌନ୍ଦର୍ଯ୍ୟ । ଲୋଭିତ—ଲୋଭଜାତ । ଦ୍ରୁମରେ—ଗଛଡାଳରେ । ଘଟନା—କିମ୍ଵା ; ସମୂହ—ପନ୍ତି । ବେଷ୍ଟିତ—ଘେରାହୋଇଛି ।

୩ । ନୀଳଶାଢ଼ୀ—ସୁନ୍ଦରଣୀ ଜଳ ନେଳ ନୀଳ ଶାଢ଼ୀ । ତହିଁ ଦେଖନ୍ତି—ଉପରେ ହଂସସମୂହ ଥିବାର ଜଣାପାଉଛି । ଅବନୀବନିତା—ପୃଥିବୀରୂପ ସ୍ତ୍ରୀ; ବସ୍ତ୍ରରେ—ମେଳ ହେବାରେ; ଜାଣିବାକୁ ଇଚ୍ଛା କରୁଛି କି ?

୪ । ପାବକ୍ଷ—ପାଦ୍ବାତ । ସ୍ୱଚ୍ଛ ସ୍ଫଟିକରେ—ନିର୍ମଳ ଧଳା କାଚ ପଥରରେ ଖଞ୍ଜିତ ତହିଁ ନୀର—ଜଳରେ । ତୀର—କୂଳ । ପ୍ରତୀତ—ଜଣାପାଉଛି । ସୁବେଣୀ—ସୁନ୍ଦର କେଶପାଶ ଯାହାର, ସୁକେଶୀ ଲାବଣ୍ୟବତୀ । ସ୍ୱର୍ଣ—ସ୍ୱର୍ଣ୍ଣ ଯୋଗ ହେଉଛି । ତହିଁ—ସେଠାରେ—ତ୍ରିବେଣୀ । ଖ୍ୟାତ—ପ୍ରସିଦ୍ଧ; ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କ ଯୋଗ । ନୀର—ଯମୁନା । ତଟ—ଗଙ୍ଗା । ଲାବଣ୍ୟବତୀ—ସରସ୍ୱତୀ । ଭାବନା ହୁଅଇ । ଜଳରେ ପାବକ୍ଷ ପ୍ରତିବିମ୍ବିତ ଓ ଲାବଣ୍ୟବତୀର ଯୋଗ, ନୀଳ, ଧଳା ଓ ପୀତ ରଙ୍ଗ । ଜଳକୁ କବି ନୀଳବର୍ଣ୍ଣ ରୂପେ ବର୍ଣ୍ଣନ କରିଅଛନ୍ତି—ଏହା ତବ ସମସ୍ତେଙ୍କ ବିରୋଧ ଯଥା—ଜଳ ସାଧାରଣଭାବେ 'ସାମାନ୍ୟ ପ୍ରତ୍ୟେଣ ଶୌକ୍ଲ୍ୟଦୃଷ୍ଟେଃ ସ୍ୱଚ୍ଛତାସ୍ୱାଦ' ଇତି—କିନ୍ତୁ ଏଠାରେ ସେ ସାମାନ୍ୟ ଅର୍ଥରେ ବର୍ଣ୍ଣନା ନ କରି ବିଶେଷଭାବରେ ବର୍ଣ୍ଣନ କରି କବିଙ୍କୁ କୃତିତ୍ୱ ଦର୍ଶାଇ ଅଛ

ଦୀପ ଦାଣ୍ଡୀ ଲଭି ମଙ୍ଗଳପନ୍ତି ଦିଏ ଭଉଁରି ।
ବଡ଼ ବଡ଼ଙ୍କି ବେଢ଼ିକି ଶୋଭେ ଚୂର୍ଣ୍ଣ ଚଉଁରି ।୫।
ଜଳ କମ୍ବାଳ ଅବଳେହେଁ ଘନ ମନ ହରୁଛି ।
ଜଳ ନିର୍ମଳରେ ଅଦର ଆଦର୍ଶ ଖାଉଛି ।୬।
ଗମ୍ଭୀର ଗୁଣକୁ ପଣ୍ଡିତଠାରୁ ସ୍ୱୀକୃତ କରି ।
ନର୍ତ୍ତକୀଠାରୁ ଭଉଁରି ଶିଖି ଯାଏ ଏହାରି ।୭।
ଅମୃତ ସଙ୍ଗତେ ହୋଇଛି ମିତ ମଧୁର ପଣେ ।
ବନ୍ଧୁର ପ୍ରେମକୁ ବାନ୍ଧୁବ ବଳେ ଶୀତଳ ଗୁଣେ ।୮।
କାମଶସ୍ୱାଳୀରେ ପ୍ରକାଶ ମାନ ସୁଖଦାନରେ ।
କୁମୁଦବେ ତେଣୁ ବଦନ ଚେନ୍ଦୁ କର ପ୍ରକାରେ ।୯।

---

୫ । ଦୀପଦଣ୍ଡୀ—ସ୍ତମ୍ଭଶ୍ରେଣୀ ମଧ୍ୟସ୍ଥ ଦେବାଳୟବିଶେଷ । ମଙ୍ଗଳପନ୍ତି—ଶୁଭଲକ୍ଷଣସବୁ । ଭଉଁରି ଦିଏ—ଦୀପଦାଣ୍ଡୀ ଚତୁଃପାର୍ଶ୍ୱରେ ଘାଣ୍ଟିରେ ବୁଲୁ ଅଛନ୍ତି । କର ଚିହ୍ନା ପରେ ବଡ଼ ବଡ଼ଙ୍କି—( ବଡ଼ଙ୍କି—ବଙ୍କିଆ ଶୃଙ୍ଗାନ୍ତ ବାଡ଼ଙ୍କ ଚନ୍ଦ୍ରଶାଳେ ସୌଧୋଚ୍ଚ ବେଣ୍ଟକ—କୋଠା ଉପର ଘର ) ଏଠାରେ ଅଛି ଉଚ୍ଚ କୋଠାଘର । ତାର ଚତୁଃପାର୍ଶ୍ୱରେ ଥିବା ଚୂର୍ଣ୍ଣ ଚଉଁରି—ଚୂନଲେପା ପ୍ରାଙ୍ଗଣଭୂମି ଶୋଭି ପାଉଛି ।

୬ । ଜଳ—ପାଣି । କମ୍ବାଳ—ପଙ୍କ । ଅବଳ—ଦୋଳନ୍ତ । ଘନ—ବହୁତ । ଜଳ ଅତି ସ୍ୱଚ୍ଛ ହେବାରୁ । ନିର୍ମଳରେ—ସ୍ୱଚ୍ଛତାରେ । ଆଦର୍ଶକୁ—ଦର୍ପଣକୁ । ଅଦର—ଅସ୍ତବ୍ୟ । ଖାଉଛି—ଉନ୍ଥ ନାହିଁ । ଜଳ ଦର୍ପଣଠାରୁ ସ୍ୱଚ୍ଛ । ୭ । ଗମ୍ଭୀର ଗୁଣକୁ—ଗମ୍ଭୀରତା—ଗାମ୍ଭୀର୍ଯ୍ୟ ( ଗଭୀରପଣ ) ନର୍ତ୍ତକୀ—ନାଚବାଲୀ । ଭଉଁରି—ବୁଲି ବୁଲି ବା ଘୂରି ଘୂରି ନାଚିବା । ୮ । ଅମୃତ—ସୁଧା ତା ସଙ୍ଗେ ମିତ ହୋଇଛି—ଜଳର ନାମ ମଧ୍ୟ ଅମୃତ କାରଣ ଜଳରେ ମଧୁର ଗୁଣ ମିଶ୍ରିତ ଅମୃତ ପରି ଅଛି । ବାନ୍ଧବ—ଚନ୍ଦ୍ରର ସ୍ନେହକୁ, ପଦ୍ମର । ବନ୍ଧୁର—ଭୃଙ୍ଗ । ଶୀତଳ ପଣେ—ଥଣ୍ଡା ଗୁଣରେ ।

୯ । କାମଶସ୍ୱାଳୀରେ—କନ୍ଦର୍ପର ଶରସମୂହରେ । ଏ ପୁଷ୍କରିଣୀରେ ଅରବିନ୍ଦ ଓ ନୀଳୋତ୍ପଳ ପ୍ରଚୁର ପରିମାଣରେ ପ୍ରସ୍ଫୁଟିତ ହେବାରୁ ସୁଖ ଦେବାରେ ବର୍ଣ୍ଣିତ [ ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲୀ ଓ ନୀଳୋତ୍ପଳ—କନ୍ଦର୍ପର ଶର ] କାମୁକ ଓ କାମିନୀ ପକ୍ଷୀମାନଙ୍କରେ ନେତ୍ରସୁଖ ବଢ଼ୁଛିମାନ । କୁମୁଦବେ—କଇଁରେ ଓ ଚନ୍ଦ୍ରଙ୍କ ନାମ ବାଚୋଚ୍ଚେର

ସର ଶୋଭା ଦେଖନ୍ତୁ ଦେବୁଁ ସେ ସରେ ମର୍ଦ୍ଦନବଧୂ ।
ବାସପ୍ରମାଣ ଜଳେ ଯାଇଁ ବରଜି ଲାବଣ୍ୟନିଧି । ୧୦ ।
ଭବ ବଲ୍ଲଭଙ୍କ କୌତୁକ ହେଲା ଭ୍ରମୀ ବୁଡ଼ିଲା ।
ନ ବୁଡ଼ି ଶୈଳ ସଲିଳ ଉପରେ ଭାସିଲା । ୧୧ ।
କାସ ପୁଣି ଦେଖା ନ ଯାଉ ଯେତେବେ ଥାଇ ଜୀବନେ ।
ବିଷମ ସମସ୍ୟା ପୂରଣ ହେଲା ଏହି ଠାବରେ । ୧୨ ।
ଅପୂର୍ବ ଅମ୍ବୁଜ ମୁଖଚନ୍ଦ୍ର ଭାବି ଭୃଙ୍ଗ ଚକୋର ।
ତୁମ୍ବିକା ମେଳରେ ଧାଇଁଲେ ଶ୍ରୁତି ଗୁହିଁ କାତର । ୧୩ ।

---

( ବିଷ୍ଣୁଙ୍କ ନାମ—କୁମୁଦ=କୁ—ପୃଥିବୀ ତାହାର ଆନନ୍ଦଦାତା )
ଶ୍ରୀପତି—ଲକ୍ଷ୍ମୀ, ହରି ବିଷ୍ଣୁଙ୍କ ରୂପରେ ।

୧୦ । ମର୍ଦ୍ଦନବଧୂ—ଏସାରଣି ନାମ । ସର—ପୁଷ୍କରିଣୀ । ସରେ—ଶେଷ ହୁଏ । ଲାବଣ୍ୟନିଧି—କାନ୍ତିର ତରଳତା ଯେ ଲାବଣ୍ୟ ତାର ସ୍ଥାନ ଯେ ଲାବଣ୍ୟବତୀ [ ମୁକ୍ତାଫଳେଷୁ ଛାୟାୟାସ୍ତରଳତ୍ୱମିବାନ୍ତରା । ପ୍ରତିଭାତି ଯଦଙ୍ଗେଷୁ ତଲ୍ଲାବଣ୍ୟମିହୋଚ୍ୟତେ ] । ବାସପ୍ରମାଣେ—ଛାତି ବୁଡ଼ିବା ପାଣିରେ । ୧୧ । ଭବ—ଭାବ୍ୟକର୍ତ୍ତା । କୌତୁକ—ଆଶ୍ଚର୍ଯ୍ୟ । ଭ୍ରମୀ—ଲୁଅ; ପାଣି ଘୂରୁଥିବା ସ୍ଥାନରେ । ସଲିଳ—ପାଣି । ଜଳ ଉପରିଭାଗରେ । ଜଳରେ ବୁଡ଼ିଲା ନାହିଁ ଭାସିଲା ଏହାହିଁ ଆଶ୍ଚର୍ଯ୍ୟ । ଭ୍ରମୀ ପଡ଼ି ବୁଡ଼ିଲା—ଯେ କି ବାଳୁକା ସେ ଭାସିବାର କଥା ସେ ବୁଡ଼ିଲା । ଶୈଳ ସ୍ତନ ଭାସିଲା—ଯେ ବୁଡ଼ି ସେ ବୁଡ଼ିବାର କଥା ସେ ଭାସିଲା । ୧୨ । ଜୀବନେ ଥିଲେ—ପ୍ରାଣରେ ଥିଲେ ଅସମ୍ଭବ ସମ୍ଭବ ହୁଏ । ବିଷମ ସମସ୍ୟା—ଅଦ୍ଭୁତ ପ୍ରଶ୍ନ । ପୂରଣ ହେଲା—ମିଳିଲା । ୧୩ । ଅପୂର୍ବ......କାତର । ଭୃଙ୍ଗ—ଭଅଁର । ଚକୋର ପକ୍ଷୀ—ଏ ଦୁହେଁ ମୁଖକୁ ଦେଖିଲେ ଅପୂର୍ବ—ଆଶ୍ଚର୍ଯ୍ୟ । ଅମ୍ବୁଜ—ପଦ୍ମ ଓ ଚନ୍ଦ୍ର ଏପରି ଭାବି ତୁମ୍ବିକା ମେଳରେ ଦୁହେଁ ଧାଇଁଲେ । ଶ୍ରୁତି ନ ଗୁହିଁ କାତର ହେଲେ—ଅସ୍ଥିର ହେଲେ—ଭ୍ରମର ଶ୍ରୁତିକି ଚମ୍ପାପୁଷ୍ପ ମଣି କାତର; ଚକୋର ଶ୍ରୁତିକି ଫାଶ ମଣି ପଥ କାତର ହେଲା । ଅପୂର୍ବ ଅମ୍ବୁଜ—ଚନ୍ଦ୍ରର ପ୍ରକାଶ ରାତିରେ, ପଦ୍ମର ବିକାଶ ଦିନରେ ଏହାର ଯେ ମୁଖ ପଦ୍ମ ଓ ମୁଖଚନ୍ଦ୍ର ଅହୋରାତ୍ର ଅମ୍ଲାନ ଭାବରେ ବିକାଶ ଲାଭ କରେ । 'ଚମ୍ପକଂ ପାଟଲୀପୁଷ୍ପଂ ଶ୍ରୁତି ଦୋଲା ଚ ପାଶକ ଇତି ଭାବ ଚନ୍ଦ୍ରାମଣିଃ ।

ବେଶ ଦରଶନେ ରଥାଙ୍ଗ ଥାଇଁ ଅନ୍ଧାର ଭ୍ରମେଣ ।
ବିଚ୍ଛେଦ ଭୟରୁ ପଳାଇ ଗଲେ ନ ରଥ ପାଶେ । ୧୪ ।
ନୟନ କଜ୍ଜଳ ଉଜ୍ଜଳ ଲକ୍ଷ୍ମୀ ଅନାଇ ଦେବ ।
ଗମ୍ଭୀର ଜଳରେ ପଶିଲେ ମୀନ ଭୟରୁ ପାଦ । ୧୫ ।
ଭ୍ରୂଲି ନୟନ ଅଞ୍ଜନକୁ ଗୁହିଁ ଖଞ୍ଜନମାନେ ।
କୁରଙ୍ଗ ହେ! ଆମ୍ଭେ ମଲୁଁ ବୋଲି ଡାକିଲେ ସ୍ୱନେ । ୧୬ ।
ସମ୍ମୁଖେ ସଜନୀ ଅମ୍ବୁରେ ସେହୁଭାବେ ପଶିଲେ ।
ହାସ ପରିହାସ ସରସ ଭଙ୍ଗୀମାନ ସୃଜିଲେ । ୧୭ ।
ଦେଖ ହେ ନଳିନୀ ନଳିନୀ ନଳିନୀରେ ପୂରିତ ।
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ । ୧୮ ।

୧୪ । ରଥାଙ୍ଗ—ଚକ୍ରବାକ । ବେଶ ଦରଶନେ—ବେଶକୁ ଦେଖି । ଅନ୍ଧାର ପାଇଁ ଥାଇଁରୁ କାରଣ ସେ ମନେ କରିଥିଲା ଏ ଶୈବାଳ । ବିଚ୍ଛେଦ ଭୟରୁ—ତା ସ୍ତ୍ରୀଠାରୁ ବିରହ ଘଟିବ ଏହି ଭୟରେ ତା ପାଖରେ ନ ରହି ପଳାଇ ଗଲା, କାରଣ ଭାବିଲା ଏ ରାତି ( ରାତିରେ ଚକ୍ରବାକ ଦମ୍ପତି ମଧ୍ୟରେ ବିରହ ହୁଏ ) ।

୧୫ । ଆଖିର ଚଞ୍ଚଳତା କଜ୍ଜଳର ଲକ୍ଷ୍ମୀକି ଦେଖି ଗଭୀର ପାଣିରେ ମାଛ ଯାଇ ଲୁଚିଲେ—ଭୟରେ ମନେ କଲେ ଏ ଲକ୍ଷ୍ମୀ ନୁହେଁ ଏ ଯନ୍ତ୍ର, ଏଥିରେ ମୋତେ ମାରି ପକାଇବ ।

୧୬ । ତନ୍ୱୀ ଭ୍ରୂରୁ—ଭ୍ରୂଲତା । ନୟନ—ଆଖି ଅଞ୍ଜନ—କଜ୍ଜଳକୁ ଦେଖି ଖଞ୍ଜନ ପକ୍ଷୀସବୁ ଡାକି କରି କହିଲେ 'ହେ ହରିଣମାନେ ଆମ୍ଭେ ସବୁ ମଲୁ । ସାବଧାନ ହୁଅ । କୁରଙ୍ଗ—ହରିଣ । କାରଣ ସେମାନେ ମନେ କଲେ ଭ୍ରୂଲତା ହେଲା ଧନୁ, ଆଖି ହେଲା ଶର ଓ ଅଞ୍ଜନ ହେଲା ଗୁଣ, ବିନ୍ଧିଲେ ମରିବୁ—ଉତ୍କଣ୍ଠା ଭୟରେ ଏପରି କହିଲେ । ତନ୍ୱୀର ଶୋଭା ମାତ୍ର, ଖଞ୍ଜନ ଓ ହରିଣକୁ ତିରସ୍କାର କରୁଛି ।

୧୭ । ସମ୍ମୁଖେ—ଆଡ଼ମ୍ବର ସହକାରେ । ଅମ୍ବୁରେ—ଜଳରେ । ହାସପରିହାସ ଭଙ୍ଗୀମାନ—ଥଟ୍ଟା, ନକଲ ଓ ଛଳରେ କଥାବାର୍ତ୍ତା ହେଲେ । ( ସମ୍ମୁଖେ—ପାଠ ସମୀଚୀନ ନୁହେଁ—ଅନ୍ୟ ପାଠମାନ ଦୃଷ୍ଟ ) ।

୧୮ । ଅତି ସ୍ୱଚ୍ଛରେ ଛି ଓ ଦେଖି ପ୍ରଫୁଲ୍ଲ ହୁଏ । ସେ ନଳିନୀ—ପଦ୍ମଗନ୍ଧା କନ୍ୟା, ନଳିନୀ ସେ ସୁନ୍ଦରୀ ସେ ନଳିନୀରେ ଅଦ୍ଭୁତଭାବରେ ପୂର୍ଣ୍ଣ ହୋଇଛି । ଭ୍ରମରେ—ଭ୍ରମରମାନେ । ଭ୍ରମରେ—ମଦମତ୍ତ ହୋଇ ଭ୍ରମଣରେ । ଭ୍ରମରେ—ଭ୍ରମରର ଝଙ୍କାରରେ ବା ଜଳର

ବ-ଗୁଳି ବଗୁଳି ଅଲଗ୍ନି ମୀନ ଭକ୍ଷଣ ପାଇଁ ।
ରାଜୀବ ରାଜୀବନୟନା ଏଥି ଖେଳା କରଇ । ୧୯ ।
ସଲିଳେ କଚ୍ଛପ ଦେଖ ଦେଖ ଦେଖାଇଅଛି ଶୋଭନ ।
ସଲଲେ କୁଡୁପବଦନା ଖେଳିବାକୁ ମୋ ମନ । ୨୦ ।
ନବୀନ ଜୀମୂତ ଜୀମୂତସ୍ତନୀ କି ଏ ଉଦିତ ।
ଏ ନୀଳ କମଳ କମଳବନ୍ଧୁ ବହୁ ତେମନ୍ତ । ୨୧ ।
ଭୁବନ ଏଥିରେ ପୂରିତ ମୋହେ ସର୍ବ ଭୁବନ ।
ଜୀବନବନ୍ଧୁ ଏ ନାଶିବେ ପ୍ରାଣୀଙ୍କର ଜୀବନ । ୨୨ ।

ଭଉଁରୀ ସହୃଣ ଭ୍ରମଣ କରୁଅଛନ୍ତି ମଧ୍ୟ ଯମକ । ବା ଭ୍ରମ—ଜଳନିର୍ଗମ ଗର୍ତ୍ତରେ ଏ ଯେଉଁ ସରୋବର ଶୋଭିତ ଅଛଇ ।

୧୯ । ରାଜୀବନୟନା—ପଦ୍ମଲୋଚନା । ବଗୁଳି—ଏଣ୍ଡି ସମ୍ମୁଖ ଅର୍ଥାତ୍ ମତ୍ସ୍ୟରଙ୍କା ପକ୍ଷୀ ସମୂହ ମୀନମାନଙ୍କୁ ଭକ୍ଷିବା ନିମନ୍ତେ କାଉଁରି ଅଛନ୍ତି—ଶୋଷ ପାଉଛନ୍ତି । ସ୍ତ୍ରୀ ଏଥି—ଏହି ସର୍ପଟରେ ରାଜୀବ ଯେ ପଦ୍ମର ଶେଷ ଖେଳା କରୁଅଛି [“ରାଜୀବଂ ନଳିନେ ନା ତୁ କୃଷ୍ଣସାରମୀନଯୋଃ ] ମେଦିନୀ ରାଜୀବଶବ୍ଦଭବ୍ୟ ( ଶେଉଳ )’ କହୁଅଛନ୍ତି ତାହା ପ୍ରାମାଣିକ; କାରଣ ଅମରକୋଷରେ ମତ୍ସ୍ୟ ବିଶେଷମାନଙ୍କ ନାମ ଦେଇ ‘ରାଜୀବ ଶକୁଲସ୍ତିମିଃ’ ଲିଖିତ ଅଛି । ପୁନଶ୍ଚ ସେ ଗଡକଣ୍ଠ ରାଇଗଡ଼ା ମାଛ କହୁଅଛନ୍ତି— ଏ ମାଛ ଏ ଅଞ୍ଚଳରେ ଅପ୍ରସିଦ୍ଧ । ରାଜୀବ ଶକୁଳ ଓ ତିମି ତିନି ଜାତି ମାଛଙ୍କ ନାମ ।

୨୦ । ଦେଖ କୁଡୁପବଦନା—ଦେଖ ଚନ୍ଦ୍ରମୁଖୀ । ସଲିଳ ଯେ ଜଳ ସେଥିରେ କଚ୍ଛପ ନୌକା ଶୋଭା ପାଉଅଛି । ସଲ୍ଲଲେ—ଲଳନାର ସହିତ କେଳି ଖେଳିବାକୁ ମୋ ମନ ଆଦ୍ୟ ଯମକ—୨୧ । ଜୀମୂତସ୍ତନୀ—ମେଘ ନିତମ୍ବିନୀ, ନବୀନ ଜୀମୂତ—ନୂଆମେଘ ଏ ଉଦିତ—ପ୍ରକାଶିତ କାଳିଣ ନୀଳ କମଳ—ନୀଳପଦ୍ମ । କମଳ ବନ୍ଧୁକୁ—ଜଳବନ୍ଧୁକୁ ବହିବାରୁ ନୂଆ ମେଘ ପରି ଦିଶୁଛି । ନୂଆ ମେଘରେ ଜଳ ଥାଏ । ନୀଳପଦ୍ମର ମେଘ ସହିତ ସାଦୃଶ୍ୟ । ମଧ୍ୟ ଯମକ ।

୨୨ । ଭୁବନ—ଜଳ । ଭୁବନ—ସଂସାର । ପ୍ରାଣୀଙ୍କର ଜୀବନବନ୍ଧୁ—ପ୍ରାଣୀଙ୍କର ପ୍ରାଣବନ୍ଧୁ, ଓଷ୍ଠୀ ଏ ଜୀବନ—ପ୍ରାଣ ଓ ଜଳ । ଆଦ୍ୟ ଯମକ ।

ଅହି-ମକର ତାପ ନାଶେ ଶୋଭୁ ସାରସ ଚକେ
ଅହି ମକର ତାପ ନାଶେ ଶୋଭୁ ସାରସ ଚକେ । ୧୩ ।
ଘଣ ପ୍ରକାଶିବ ସୁମନ—ଶର ସୁମନଶର
ମଲ୍ଲିକ ଅଣିଲୁ ସୁମନ—ଶର ସୁମନସର । ୧୪ ।
ମଲ୍ଲିକା ସ୍ଫୁଟି ଶ୍ୱ ଦେଖାଲ୍ଲ ସ୍ୱଚ୍ଛବର୍ଣ୍ଣେ ଏସନ
ଏକାଳରେ ଖ୍ୟାତ ଧରଣୀ ଭରଭୂଷା ନିରନ୍ତ । ୧୫ ।
ବସୁର ନାମ ଖ୍ୟାତ ମୁନି ଯାହା କରେ ସେ ହେତ ।
ପ୍ରାକର୍ମ ଦ୍ୱିବର୍ଣ୍ଣ ବଲେ୍ଲମେ ଦ୍ୱିମଲ୍ଲୁପର ଥିବ । ୧୬ ।

୧୩ । ଅହିମକର—ସୂର୍ଯ୍ୟ; ତାଙ୍କର ତାପକୁ ଏ ଶର ତାପ ନାଶ କରେ । ସାରସଚକ୍ରେ—ପଦ୍ମ ସମୂହରେ ଶୋଭା ପାଉଛି । ଅହି—ସର୍ପ; ମକର—ମଗର, ତାଙ୍କର ଦୁଃଖର ନାଶକାରୀ ଏ ଶର ! ସାରସଚକ୍ରେ—ହଂସସମୂହ ବା ହଂସ ଓ ଚକ୍ରବାକମାନଙ୍କରେ ଏ ଶୋଭା ପାଉଛି । ଏ ସବୁ ଶରଦ ବା ମନ୍ତ୍ରାସମର । କୀଡ଼ା ସରୋବରରେ ଅହି ମକର ବର୍ଣ୍ଣନା କବି ସମର୍ଥ୍ୟଜନକ ହେବନାହିଁ; ତେଣୁ କବିଙ୍କ ବର୍ଣ୍ଣନାର ଉପଲକ୍ଷଣ ଅର୍ଥରେ ଦେଖ ଅସୁନ୍ଦର । ତେଣେ କବିଙ୍କ ଉକ୍ତି ସମର୍ଥନ କରିଲ—ଅହି—ନୋଧି (ଅ—ନ; ଧି—ଅବଧାରଣ) ନିଶ୍ଚିତରୂପେ ନାହାନ୍ତି ମକର ଦୁଃଖ ସମୟମାନେ ସର୍ବଦେ ଓ ତାପ ନାଶେ—ଲୋକଙ୍କ ଦୁଃଖକୁ ନାଶ କରେ । ସରଚକ୍ରେ—ଚକ୍ରବାକରେ ଯୁକ୍ତ ହୋଇ ଶୋଭାରେ ସାରସେ ଅଛି—(ଦେଖ) କିନ୍ତୁ ଏଠାରେ କଷ୍ଟ କଳ୍ପନା ନ କରି ନାହିଁ ହିମକର—ଶୀତଳକର ଯାହାଠାରୁ ସେ ଅହିମକର ତାଙ୍କ ତାପ—ଗ୍ରୀଷ୍ମତାପ ନାଶରେ—ଅନାୟ ସୂଚକବତ୍ !

୧୪ । ଏହି ସୁମନଶର—ସୁପୁଷ୍ଟ ଯୋଦ୍ଧା—ବିଶେଷତଃ ନୀଳଉତ୍ପଳ ଓ ଅରବିନ୍ଦରେ ପୁଷ୍ଟି ଏହି ଯୋଦ୍ଧା । ସୁମନଶର—କନ୍ଦର୍ପଙ୍କ ବାଣ କା ବିଶେଷ ପ୍ରକାଶ କରିବ କାରଣ ସେ କନ୍ଦର୍ପ ସୁମନଶରେ—ଉତ୍ତମମନରେ । ସୁମନସର—ଦେବସରୋବର ବା ମାନସ ସରୋବରକୁ ମଲ୍ଲିକ ଆସିଲ । "ଯଶ ପ୍ରକାଶିବ" ଏ ପାଠ ଗ୍ରହଣ କଲେ ସୁମନଶର ସେ କନ୍ଦର୍ପ; ସୁମନଶର ସେ କନ୍ଦର୍ପର ପୁଷ୍ପଶରକୁ ଅରବିନ୍ଦ ଓ ନୀଳୋତ୍ପଳ, ତାର ଦେଶିଅଁ ଯଶ ପ୍ରକାଶ ହେବ, ଏଥି ସଙ୍ଗେ ମଲ୍ଲିକ ଆସିଲ ।

୧୫ । ମଲ୍ଲିକା—ମଲ୍ଲିଫୁଲ । ସ୍ୱଚ୍ଛବର୍ଣ୍ଣେ—ଶୁଭ୍ର ରଙ୍ଗରେ । ଏସନେ—ଏପରି ;

ବ୍ୟସ୍ତେ ବସନ୍ତାଦ୍ୟ ଫୁଲେଷ ପୁଣି ଉଚ୍ଚେ ନାମ ।
ସମସ୍ତ ପଢ଼ିଲେ ହୋଇବ ଜଳେ ଥିବା କୁସୁମ । ୧୭ ।
ଦରଭୂଷା ଭୂଷଣେ ଜାଣିଲା ହସି ସଖୀଙ୍କ ଉକ୍ତି ।
ହଂସ କଳବର ପଶ୍ଚମେ ମୋହେ ପରତେ ହୋଇ । ୧୮ ।
'ଫଳ' ଯେଣ୍ଣ ବର୍ଣ୍ଣ ପ୍ରାନ୍ତେ ଦେଲେ ମୁକ୍ତା ନାମ ।
ଶୁଣି ଧନ୍ୟ ବୋଲି ପ୍ରଶଂସା କଲେ ସକଳ ବାମା । ୧୯ ।
ଏ ରୀତିରେ ସ୍ମିତି ଭାରତୀ ଜଳ ଯେପଣ କଲ ।
ଦେଖିଲ ନ ଥିଲା ଚଞ୍ଚଳା ବୃଷ୍ଟିବାରି ଭାବ । ୨୦ ।
ଭଣ୍ଣ ନ ଦ୍ରୁବନେ ଭବଜମାନେ କି ମନୋହର ।
ନଳଧାଞ୍ଚା ପାଇ ନାଗ୍ରୀକି ଭେଳା କଲେ ଭୂଚର । ୨୧ ।

---

୧୭ । ଏକାକ୍ଷରେ ଯୋଗ ଅକ୍ଷର—'କ୍ଷ' । ଦରଭୂଷା—ଦ୍ରାବିଡ ଅଳଙ୍କାର "ବଳୟ" ପୁଣ ବସ୍ତୁର ନାମ ଖ୍ୟାତ—ବସ୍ତ୍ର (ବ୍ୟସ୍ତ କଲେ) । ମୂଳ ସାହା ହେଲେ "ଲୟ"; ପ୍ରାନ୍ତର୍ଣ୍ଣ ଦ୍ୱିବର୍ଣ୍ଣ—ଦ୍ୱିବର୍ଣ୍ଣ ସେ ପଦ୍ମକମ—ଶବ୍ଦ ଭୂଷାଭଣ—"କଳ" ବଟେଚମେ—ଓଲଟାଇଲେ ଗମଭୂମନ—"ଲବ" । ବ୍ୟସ୍ତ ବସନ୍ତାଦ୍ୟ ଫୁଲେଷ—ଓଲଟାଇ ପଢ଼ିଲେ ବସନ୍ତକାଳର ଏକ ଅଦ୍ୟଫୁଲ "ବକୁଳ" । ଉଚ୍ଚେ ନାମ "କୂଳ" ସମସ୍ତ .. କୁସୁମ—ଏକାଠି ପଢ଼ିଗଲେ ହେବ ଜଳର ଫୁଲ "କୁବଳୟ" ।

୧୮ । ହଂସ କଳବର—କୁବଳୟ ହଂସର ଆଖ୍ୟ । ପରତେ—ଜଣାଯାଇ ।

୧୯ । ଫଳ ଏହି ଫୁଲ ଅକ୍ଷର ଶେଷରେ ଯୋଗ କଲେ ମୁକ୍ତା ନାମ ହେବ "କୁବଳୟ ଫଳ" କୁବଳୟ—ପୃଥିବୀ ବଳୟ ଯାହାର ସେ ସମୁଦ୍ର ତାର ଫଳ—ମୁକ୍ତା । ସକଳବାମା—ସବୁ ସ୍ତ୍ରୀ । ୨୦ । ଏ ରୀତିରେ—ଏହି ପ୍ରକାରରେ । ଭାରତୀ—କଥା । ଯେପଣ କଲ—ଗଲାଇ । ଦେଖିଲ ନ ଥିଲା—ଦେଖା ନ ଥିଲା । ଚଞ୍ଚଳା—ବିଜୁଳି—ପ୍ରକୃତ ଅର୍ଥରେ ଚଞ୍ଚଳା ସ୍ତ୍ରୀମାନେ—ବାରି—ଜଳ ବର୍ଷା ଦେଖିବାକୁ ଯେ ଏଠାରେ ବାଳୁଙ୍କ ବର୍ଣ୍ଣନ ସ୍ତ୍ରୀମାନେ । ୨୧ । ଭଣ୍ଣ ନ ଦ୍ରୁବନେ—ଶବ୍ଦ ହୋଇ । ପ୍ଲବନେ—ପହଁରିବାରେ । ଭବଜମାନେ—ସ୍ତନସବୁ । ନଳଧାଞ୍ଚା ପାଇ—ସୁଗ୍ରୀବଙ୍କ ମନ୍ତ୍ରୀ ନଳ ଯେ ରାମଙ୍କ ସେନାପତି; ସେତୁବନ୍ଧ ସମୟରେ ସେ ମନ୍ତ୍ରବଳରେ ପଥରମାନଙ୍କୁ ସମୁଦ୍ରରେ ସ୍ଥାପନା କରୁଥିଲେ ସେ ସବୁ ନ ବୁଡ଼ି ସମୁଦ୍ରରେ ଭାସୁଥିଲା । ଏହି ନଳଧାଞ୍ଚା ପାଇ ନାରୀମାନେ ସ୍ତନରୂପ ପଥରରେ ଭେଳା ତିଆରି କଲେ କି ?

ଅଙ୍ଗ ଶ୍ରୀ କୁସୁମ ନାୟକ ସଙ୍ଗ ବଢ଼ାଇ ଲୀଳା ।
କରୁଛନ୍ତି ଯେମନ୍ତ ଶୋଭିଙ୍କୁ ଦୃଷ୍ଟି ବାନ୍ଧିଲେ ବାଳା ॥ ୩୨ ॥
ବୁଦ୍ଧି ଯେ କାହାର ତରୁଣୀ ଧର୍ମ୍ମ ଜାଣି ସେ ଭ୍ରାନ୍ତି
ଘଟରେ ଗଜ ଅଛି ବୋଲି ଯୋଗେ କୁମ୍ଭୀର ଖ୍ୟାତି ॥ ୩୩ ॥
ନାସା ନଦୀ ଧାର ନୋହୁଥିଲେ ଉହୁ ଘଡ଼ିଏ ଯାଏ ।
ହାସ କୁମୁଦ, ନେତ୍ର ମୀନ, ମୁଖ କମଳ ପ୍ରାୟେ ॥ ୩୪ ॥
ଜଘନ ପୁଳିନ, ଉରଜ ଚକ୍ରବାକ ମିଥୁନ
ରୋମାବଳୀ ଅଳି ଅବଳୀ, ଗତି ହଂସ ସମାନ ॥ ୩୫ ॥
ଉଦର କମଳ ଦଳଶ, ନାଭି ଜଳ ଭଉଁରୀ
କର କୋକନଦ, ସୁବାହୁ ଯହିଁ ମୃଣାଳ ସରି ॥ ୩୬ ॥
ତାଳି ଜଳେ ମିଳି କରନ୍ତି କେଳି ଏ ଭୋଳ ଜଣା
ସଖୀ ସଙ୍ଗେ ମିଶି ଖେଳଇ ଯହିଁ ଚଞ୍ଚଳେକ୍ଷଣା ॥ ୩୭ ॥
କାର୍ତ୍ତିକ ଏମନ୍ତ ହୋଇଲେ ବୋଲି କେବା ବୋଲିବ
ସୁଲକ୍ଷଣୀଙ୍କୁ ଏ ଲକ୍ଷଣ କାହିଁ ପ୍ରମାଣ ହେବ ॥ ୩୮ ॥
ହୀନ ଅବସ୍ଥାରେ କୁଳକୁ କୁଳପାଳିକା ଆସି
ଗଳିତ ଅଙ୍ଗରେ ଜଡ଼ି ସେ ଶାଢ଼ୀ ଏମନ୍ତ ଦିଶି ॥ ୩୯ ॥

---

୩୨ । କୁସୁମ ନାୟକ—ପୁଷ୍ପବାଣ କନ୍ଦର୍ପ ସେ ହେଉଛି ରଜ—ରାଜା, ବଢ଼ାଇଲା—ବୋଇତ ଖେଳ କରୁଛି । ଯେଉଁ ଶୋଭକୁ କନ୍ୟାମାନେ ଧାରଣ କଲେ ବା କନ୍ଦର୍ପରାଜ ବଢ଼ାଇଲା—ଚନ୍ଦ୍ରମାନଙ୍କର ବୋଇତ ଲୀଳା କରୁଛି କି (କନ୍ୟାମାନଙ୍କର ମୁଖ ହେଉଛି ଚନ୍ଦ୍ରମାନ) । ୩୩ । ଘଟରେ ଗଜ ଅଛି ବୋଲି—ଗଜଗମନା ହେଉଛି । ଗଜକୁ କୁମ୍ଭୀର ଧରିଥିଲା । ହରି କୁମ୍ଭୀରକୁ ଚକ୍ରରେ ଛେଦନ କରି ଗଜକୁ ରକ୍ଷା କରିଥିଲେ ।

୩୪ । ହାସ ହେଉଛି କୁମୁଦ—କଇଁ । କମଳ—ପଦ୍ମ । ପୁଳିନ—ନଦୀତୀର, ବାଲୁକାମୟ ପ୍ରଦେଶ । ଉରଜ—ସ୍ତନ । ଚକ୍ରବାକ ମିଥୁନ—ଚକ୍ରବାକ ଓ ଚକ୍ରବାକୀ । ରୋମାବଳୀ—ରୋମସମୂହ । ଅଳି ଅବଳୀ—ଭ୍ରମର ସମୂହ । ଉଦର—ପେଟ । କମଳଦଳଶ—ପଦ୍ମପତ୍ର । କର—ହସ୍ତ । କୋକନଦ—ରକ୍ତପଦ୍ମ । ମୃଣାଳ—ପଦ୍ମନାଡ଼ । ଚଞ୍ଚଳେକ୍ଷଣା—ଚଞ୍ଚଳନୟନା, ଲାବଣ୍ୟବତୀ । ୩୮ । ସୁଲକ୍ଷଣୀଙ୍କୁ—ସୁନ୍ଦର ଲକ୍ଷଣବତୀଙ୍କୁ । ଲକ୍ଷଣ—ସାଦୃଶ୍ୟ । ୩୯ । କୁଳପାଳିକା—ସାଧ୍ୱୀ ବା ଉଚ୍ଚ ବଂଶୀୟା ।

ସ୍ଫଟିକ ବାଡ଼ ଦୁହିଁ ଧାରେ କିସ ହେମ ପିତୁଳା
ସ୍ତନ ଫଗୁରେଖି ବାରଣଦନ୍ତ ପିଧାନ କଲା । ୪୦ ।
ଅଙ୍ଗ କରକାର ଶୀକରେ ପର୍ଣ୍ଣ ଏମନ୍ତ ଭାବ
ଯେସ ଚନ୍ଦ୍ରଶିଳ ଶବଳ କି ହାସଚନ୍ଦ୍ରେ ଦ୍ରବ । ୪୧ ।
ବିନ୍ଦୁ ବିନ୍ଦୁ ଜଳ ବହୁଛି ସ୍ଥୂଳ କୁଟିଳ ବାଳେ
ତୁଷାର ବୃଷ୍ଟିକି ହୋଉଛି ନବ ତମାଳ ଦଳେ । ୪୨ ।
ନବଯଉବନ କିବା ଉଛୁଳୁ ଭାବ ଭାବଜାଶ୍ରେଣୀ
ମୋହପତନ କି ହୋଉଛି ନୀଳମଣି-ଧରଣୀ । ୪୩ ।
ଅଙ୍ଗ ଅଙ୍ଗନାର ପୋଛିଲେ ସଖୀମାନେ ସତ୍ୱରେ
କେଶ ହୋଉଛି ତେଣୁ ଗଣ୍ଠି କି ଦେଲେ ଅଗ୍ର ଭାଗରେ । ୪୪
ଭିଡ଼ିଦେଲେ ପୀତାମ୍ବରକୁ ଉରୁସନ୍ଧିକି ରୁନ୍ଧ ।
ପିନ୍ଧ ନିତମ୍ବିନୀ କଟିତଟେ ନୀବୀବନ୍ଧକୁ ବାନ୍ଧ । ୪୫ ।

---

ସ୍ତ୍ରୀ । ପାଣ୍ଡୁର—ଈଷତ୍ ପୀତ ଶ୍ୱେତ । ୪୦ । ସ୍ଫଟିକ—ଧଳା ଦାମି ପଥର । ହେମପିତୁଳା—ସୁନାମୂର୍ତ୍ତି । ସ୍ତନଫଗୁରେ—ସ୍ତନଫଗୁଆ । ବାରଣଦନ୍ତ—ହାତୀଦାନ୍ତ । ପିଧାନ—ଢାଙ୍କିବା ।

୪୧ । କରକାର—ଅଗ୍ନିର । ଶୀକରେ—ଜଳରେ । ଚନ୍ଦ୍ରଶିଳଶିଳ—ଚନ୍ଦ୍ରକାନ୍ତମଣିର ପାହାଡ଼ । ହାସ ଚନ୍ଦ୍ରେ—ହାସ ରୂପକ ଚନ୍ଦ୍ରରେ । ଦ୍ରବ—ତରଳି ଯାଏ । ଚନ୍ଦ୍ରକିରଣ ଚନ୍ଦ୍ରକାନ୍ତ ତରଳେ ।

୪୨ । ସ୍ଥୂଳ କୁଟିଳବାଳେ—ସୁନ୍ଦର କୁଞ୍ଚିଆ ବାଳରେ । ତୁଷାର-ବୃଷ୍ଟି—ପାଣିର କଣା, (ଟୋପା) ନବତମାଳଦଳେ—ନୂଆ ତମାଳ ପତ୍ରରେ । (କଳା)

୪୩ । ନବଯଉବନ—ନୂଆ ଯୌବନରେ । ଭାବ ଭାବଜାଶ୍ରେଣୀ—ଉଜ୍ଜ୍ୱଳ ନକ୍ଷତ୍ର ସମୂହ । ନୀଳମଣି ଧରଣୀ—ନୀଳମଣିର ଭୂମିରେ । ମୋହ ପତନ କି—ମୋତିସବୁ ପଡ଼ୁଛି କି ?

୪୪ । ଅଙ୍ଗ—ଦେହ । ଅଙ୍ଗନା—ସୁନ୍ଦରୀ ସ୍ତ୍ରୀ । ସତ୍ୱରେ—ଶୀଘ୍ରରେ । ୪୫ । ଭିଡ଼ିଦେଲେ—ଭିଡ଼ି ପିନ୍ଧାଇ ଦେଲେ । ପୀତାମ୍ବର—ହଳଦିଆ ପଟ ଶାଢ଼ୀ । ଉରୁ ସନ୍ଧି—ଜଘନର ଉପରଭାଗର ମଝି ଜାଗାକୁ । ରୁନ୍ଧ—ବନ୍ଦ କର । ନିତମ୍ବିନୀ—ସ୍ଥୂଳନିତମ୍ବ (ପିଚା) ଥିବା ଯାହାର ସେ ସୁନ୍ଦରୀ । କଟିତଟେ—ଅଣ୍ଟାରେ । ନୀବୀବନ୍ଧ—ଶାଢ଼ୀଗଣ୍ଠି ଗଣ୍ଠି ।

ଟୋପ୍ର ତୋଷିଲ୍ଲ ଗୋପ୍ର ଚିଦର୍ଭ ଅଳଙ୍ଗନକୁ ପାଇଁ
ଧଡ଼ ନ ଥିଲେ ଶାଢ଼ୀ ଥିଲୁ ପସୁ ଦଶନ୍ତ୍ରା ନାହିଁ । ୪୬ ।
କଣାଇଲେ ଏତେକ ମନ୍ଦରେ ଗିବା, ଅସ୍ତ୍ର ଦନେଶ
ଜଗତ୍ତମୋହିନୀ ଜଗଡାପରେ ଦେହ୍ମ ସୁବେଶ । ୪୭ ।
ଶୁଣିକର ନଜପଲ୍ଠ ଦେଇ ବଜେ ମୃଦଙ୍ଗ ।
କାମକଳାକୁ ସେ ଅକ୍ଷେପେ ସଜଣାଣି ପଞ୍ଚମ । ୪୮ ।
ଧ୍ୱନିକରେ କାଷ ଶୋଭିକ୍ଷୁ ଘୃଦେ ତେଜ ତୋଷା ଏ ଭିଲ,
ତାଳେମ କାମୁଦ ନା କାରନ୍ତି, ଘ୍ରାମ କାହିଁ ଶୋଭନ । ୪୯ ।
ନଜ ଧନକତ୍ୱଗ , ସଂସାର କାଟିଥା ନେ ଓଟଲ୍ଲ ।
ନୃପତି ଅବରେ ନ ବୋଲି ପ୍ରଭାଷାସ୍ୱ ଷାଲ୍ଭ । ୫୦ ।
କ ଶୋଭ୍ର ଭଟେର ଚାନ୍ଦ୍ରଭର, ତାଙ୍କୁ ଆହିଁ ଭଦ୍ରତ
ବିଷ୍ଣୁର ସଂଧା ମଣ୍ଡନ କ କି କଣ୍ଠ ଭୂଷିତ । ୫୧ ।
ନଜ ଭଟେ ଭଳନ ରଥାଙ୍ଗ ଦର ଗଦା ନନ୍ଦକ
ମଣିମା ଧରିଲ ଅମୃତ ବୋଲି ଓଷ୍ଠା ନେବେତ । ୫୨ ।

---

୪୬ । ଟୋପ୍ର—ଶୋଭା, ସୁନ୍ଦର । ଅଳଙ୍ଗନକୁ ପାଇ—ଦେଖିବାରେ ଲାଗି ରହିବାକୁ । ଧଡ଼......ନାହିଁ—ବଳଦଅ ପାଢ଼ ଶଙ୍ଖରେ ଦେହ ମିଶି ଯାଉଛି । କେବଳ ଧଡ଼ ଦେଖି ଲୁଗା ବୋଲି ଜାଣି ହେଉଛି । ୪୭ । ମନ୍ଦରେ—ଗୀତରେ । ଦନେଶ—ସୂର୍ଯ୍ୟ । ଜଗତି—ମଣ୍ଡପ, ଅଟ୍ଟାଳି । ୪୮ । ନଜପଲ୍ଠ—ହାତରେ ଶ୍ରୀ.ତଳିଲ । କାମକଳାକୁ—ମନ୍ମଥ ଭୂମିକାକୁ । ଅକ୍ଷେପି—ଇଙ୍ଗିତ କରି, ସୂଚେଇ । ସଜଣାଣି—ସଙ୍ଗୀତ । ୪୯ । ଧ୍ୱନିକରେ—ବିଷ୍ଣୁଙ୍କ ହସ୍ତରେ । କାଷ ଶୋଭିତ—କଣ ଶୋଭୁଥାଏ 'ପଦ୍ମ' । ଘୃଦେ—ସ୍ୱଷ୍ଟିରେ । ତେଜ ତୋଷା ଏ ଭିଲ—ସ୍ୱଅଟ୍ର (ଛତି ସନ୍ଧିଠାରୁ) ଚକ୍ରବାକ, ଚକ୍ରବାକୀ । କାମେ—ସ୍ତ୍ରୀଲୋକରେ । କାମୁଦ ନ କରନ୍ତି—'ଧନ୍' । ଘ୍ରମ କାହିଁ ଶୋଭନ—ଘ୍ରମର ଜାଣିରେ ଶୋଭା—ଗଦା । ୫୦ । ନେ ଧନକତ୍ୱଗ—ଶତ୍ରୁହନ୍ତାରୀ—ନନ୍ଦ । ସଂସାର ଦଳନା ନେଇ ଅଟଲ—'କ'—ବ୍ରହ୍ମା । ନୃପତି—ରାଜା । ନ ବୋଲି—ଧନ । ପ୍ରଭାଷାସ୍ୱ —ପଞ୍ଚପ୍ରାସ୍ୱ, ମହିମା । ୫୨ । କ...ଦରେର—ତାହାକୁ ତନ୍ତ୍ର ସ୍ତ୍ରୀ କାରଣରେ ଶୋଭା ପ୍ରଦାନ କରେ—'ଧନ' ଦେହର । ତାଙ୍କ କେଶଁପାରେ ପ୍ରକାଶିତ—ଅଙ୍କଳ । ବିଷ୍ଣୁଙ୍କ—ହରିଙ୍କ ସନ୍ତୁରେ ମଣ୍ଡନ କଣ କଣ ହେବ ଜଣି ଦେଖ ।
୫୨ । ପଦ୍ମ, ରଥାଙ୍ଗ (ଚକ୍ର) ଦର (ଶଙ୍ଖ) ଗଦା । ନନ୍ଦ (ବିଷ୍ଣୁଙ୍କ ଟିଡା—ଖଣ୍ଡିଭୂଷଣ) କ (ବ୍ରହ୍ମା)—ମଣିମା (ଅବଧାନ) ଧରିତ (ଧନ) ।

ଶୋଭଇଣି ପ୍ରଶଂସା ସଂସାରସାର ରମଣୀ କୁଳ
ସଦାଚେ ପ୍ରତିବିମ୍ବ ହୋଇ ସେ ପୁଣି ଦ୍ୱିବିଧ ହେଲା । ୫୩ ।
ଏଠାରୁ ଏ ଗ୍ରନ୍ଥ ସମ୍ପୂର୍ଣ୍ଣ ହେତୁ ଲକ୍ଷଣେ ଯୁକ୍ତ
ଶ୍ଳେଷରେ ଅଭଙ୍ଗ ସଭଙ୍ଗ ଭଙ୍ଗାଭଙ୍ଗଙ୍କୁଁ ବ୍ୟକ୍ତ । ୫୪ ।
ପ୍ରବନ୍ଧ ଯମକ ଅନୁପ୍ରାସ ରୂପକରେ ଘାତକ
ବହିର୍ଲାପି ଅନ୍ତର୍ଲାପିକା ହେଗନ୍ତି କର୍ଣ୍ଣବେଧକ । ୫୫ ।
ବଳି ଛଳି ରାମ ବାମନ୍ତ ମୂର୍ତ୍ତି ମନରେ ଧ୍ୟାୟି
ଉପେନ୍ଦ୍ର ବୀରବର ଯେ ଏଥୁ ରସ କହଇ । ୫୬ ।

---

ଅମ୍ବର—ଆକାଶ । ଚକ୍ରଧର—ବିଷ୍ଣୁ । ବିଷ୍ଣୁଙ୍କ ଚାରିହାତରେ ପଦ୍ମ, ଚକ୍ର, ଶଙ୍ଖ, ଗଦା । ନନ୍ଦକ—ବିଷ୍ଣୁଙ୍କ ଖଡ୍ଗ । ମଣି—କୌସ୍ତୁଭ । ମା ଲକ୍ଷ୍ମୀ । ପୀତ ଅମ୍ବର—ପୀତାମ୍ବର ।

୫୩ । ସଂସାରସାର- ସଂସାର ମଧ୍ୟରେ ଶ୍ରେଷ୍ଠ । ରମଣୀ—ସ୍ତ୍ରୀ । ସଦାଚେ—ସଦାରେ ।

୫୪ । ଲକ୍ଷଣେ—ଗୁଣରେ । ଶ୍ଳେଷ—ବାକ୍ୟାଳଙ୍କାର । ଶବ୍ଦ ବା ବାକ୍ୟର ଦୁଇ ବା ତତୋଽଧିକ ଅର୍ଥରେ ଶ୍ଳେଷ ହୁଏ—ତାହା ଦ୍ୱିବିଧ, ସଭଙ୍ଗ, ଅଭଙ୍ଗ ଭେଦରେ ଦ୍ୱିବିଧ । ପୁଣି ଶବ୍ଦ ଶକ୍ତିର ଓ ଅର୍ଥଶକ୍ତିର ଭେଦାନୁସାରେ ଦ୍ୱିବିଧ । ବ୍ୟକ୍ତ—ପ୍ରକାଶିତ । ଯମକ ପଦାର ଆବୃତ୍ତିରେ ହୁଏ—ତାହା ଆଦ୍ୟ, ପ୍ରାନ୍ତ, ମଧ୍ୟ, ଆଦ୍ୟନ୍ତ, ଆଦ୍ୟମଧ୍ୟ, ସର୍ବଯମକ ଏ ରୂପ ଛଅ ପ୍ରକାର । ରୂପକ—ଉପମାନର ଉପମେୟରେ ଅଭେଦ ବା ଉପମାନର ରୂପରୁ ଉପମେୟ ଉପରେ ଆରୋପରୁ ରୂପକ ହୁଏ । ଅନୁପ୍ରାସରେ—ସ୍ୱରବର୍ଣ୍ଣାର୍ଥରୁ ଅନ୍ୟ ଏକ ଅର୍ଥ ପ୍ରକାଶ ପାଇଲେ । ଘାତକ—ଦୁଇଟି ପଦାର୍ଥ ଏକ ପ୍ରଶ୍ନରେ ଅନୁସ୍ୟୁତ ହେଲେ ଘାତକ ହୁଏ । ବହିର୍ଲାପି ଓ ଅନ୍ତର୍ଲାପି—ପ୍ରଶ୍ନୋତ୍ତରାତ୍ମକ ଶବ୍ଦ ସମୂହ ହେଲା ଦଶଟି ।

୫୬ । ବଳି—ଦୈତ୍ୟରାଜ, ବଳ୍ପ ବାକ୍ୟ, ବିଷ୍ଣୁଭକ୍ତ । ତାର ଦାନ ଧର୍ମରେ ଇନ୍ଦ୍ର ଭୀତ ହୋଇ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ବିଷ୍ଣୁ ଅଦିତି ଗର୍ଭରେ ଉପେନ୍ଦ୍ର ନାମରେ ଜନ୍ମ ପରିଗ୍ରହ କରି ବାମନରୂପେ ତିନିପାଦ ଭୂମି ମାଗିଥିଲେ—ଶୁକ୍ରଙ୍କ ନିଷେଧ ସତ୍ତ୍ୱେ ସେ ଦାନ ଦେଲେ ଓ ସ୍ୱମସ୍ତକରେ ବିଷ୍ଣୁଙ୍କ ପାଦଗ୍ରହ ଯୋଗେ ପାତାଳରେ ରହିଲେ । ବାଳଛଳ—ପାଠ ସମୀଚୀନ ନୁହେଁ—ବାଳି ପାଠରେ ଅର୍ଥ ସୁଗମ—ମର୍ତ୍ତ୍ୟରାଜ ବାଳିକୁ ଗଛ ପଛରେ ରହି ମାରି ସୁଗ୍ରୀବକୁ ସାହାଯ୍ୟ କରିଥିଲେ ।

## ସପ୍ତମ ଛାନ୍ଦ

### ନୃପ ଭୂପାଳ—ବଙ୍ଗଳା ବାଣୀ

(ବାଳକବରଙ୍କ ହିଂଦୋଳରେ ଦୋଳନ୍ତ ଦଶା ଦେଖାଇବା)

ଏଥୁଅନ୍ତେ ଶୁଣ ଜନେ ମନ ଦେଇ ।
ମନୋହର ବସନ୍ତ ଋତୁକୁ ଚାହିଁ ॥ ୧ ॥
ବସେଳ ଅଗ୍ରତେ ଭଣ୍ଡାରିକା-ସୁତ ।
ସମୀପରେ ରହିଲନ୍ତି ଗୁରୁ ମିତ୍ର ॥ ୨ ॥
ସୁବୁଧାନ ମହିମା ଝୁଣ୍ଟିଆ ଭାଳେ ।
ଦେଖାଣ ଶୁଣ ତହିଁ ଖଞ୍ଜଣୀ ତାଳେ ॥ ୩ ॥
ନଣ ବର୍ଣ୍ଣନା କରନ୍ତି ଶ୍ରୁତି ଶ୍ଳୋକେ ।
ଏକ ଦୋଳେ ଗୀତ କବିଭୁବଣେ ॥ ୪ ॥
ତବ ନସ୍ତ ଭୃଷ ସ୍ଥ ଖାର ଦାଣ୍ଡା ।
କାର୍ତ୍ତି ନାସ୍ତେ ତାର ହାର ଧୀର ମାଳା ॥ ୫ ॥
ଯାନ ତବ ଦେଖି ପର ଦର୍ପଜ୍ଞାନେ ।
ସ୍ଥାଣୁ ବୁଣ ଭଜନାସ୍ତ୍ର ସ୍ତୁତି ଦିନେ ॥ ୬ ॥

---

୨ । ଅଗ୍ରତେ—ଆଗରେ, ସମ୍ମୁଖରେ । ୩ । ଝୁଣ୍ଟିଆ—ସେବକ ବିଶେଷ । ଖଞ୍ଜଣୀ—ବାଦ୍ୟବିଶେଷ । ୪ । ଶ୍ରୁତି—ବେଦପାଠକ । ଶ୍ଳୋକେ—ଶୁଦ୍ଧ ଅର୍ଥରେ । କବିଭୁବଣେ — ଭଗଫଣରେ । ୫ । ତବ ନସ୍ତ ଭୃଷ ଖାରଦାଗା—ତେଜ ଯାର, ତେଜ ଦାଗ ତବ ଭୃଷ—ତୁମ୍ଭର ବଚନ କଥା । ତବ—ତନ୍ତ୍ର । ନସ୍ତ—ଦୁର୍ଦର୍ଶ ବ (ନାସ୍ତି)—ଅପଣଙ୍କ ବାଡ଼ୀ ତନ୍ତ୍ର ଘର ଶୀତଳ । ବା ତେଜ ଖାରଦାଗା—ତେଜ ଖାରିଦନ୍ତା (ଦାନ—ଛେଦନ, ଦେଖା-ଅବଖଣ୍ଡନେ) । ଭବ ଭୃଷ—ତୁମ୍ଭର ଶରୀରକାନ୍ତି ତଥି—ସୁବର୍ଣ୍ଣ ବା କର୍ପୂର ତୁଲ୍ୟ କା—ତୁମ୍ଭ କାନ୍ତି ସୁବର୍ଣ୍ଣ ବା କର୍ପୂର ପରି । କାର୍ତ୍ତି ନାସ୍ତେ ତାର ହାର ଧୀର ମାଳା—ତେଜ ଧୀର ତେଜ ମାଳ—ତେଜ କ୍ଷିପ୍ତ ତେଜ ଉଜ୍ଜ୍ୱଳମାନ, ତୁମ୍ଭର କାର୍ତ୍ତି ନାସ୍ତେ ତାର ହାର—ଉଜ୍ଜ୍ୱଳ ମୁକ୍ତାହାର । ପକ୍ଷେ କାର୍ତ୍ତି ତେଜ ସ୍ତ୍ରପାଦ—ସ୍ୱଚ୍ଛତା—ନିର୍ମଳତା ଓ ଅନୁଗ୍ରହ ଦେଇ ନାସ୍ତେ ମୁକ୍ତାହାର ବା ନକ୍ଷତ୍ର ହାର । ଧୀର ମାଳ—ପଣ୍ଡିତମାନଙ୍କ ମଧ୍ୟରେ ଅଗ୍ରମାନବନ୍ତ ଅଛନ୍ତି । ୬ । ଯାନ ତବ ଦେଖି ପର ଦର୍ପଜ୍ଞାନେ—ଯାନ—ମୁକ୍ତ ଯାହା—ଜବାଟେଣି—ତେଜୋ ଭୃତ୍ୟ ହଏ—ପର-ଶତ୍ରୁ-ଦେଇ ଦର୍ପଜ୍ଞାନ ହୁଏ । ପକ୍ଷେ-ଜାନ୍—ପ୍ରାଣକୁ ତବ ଦେଖି—ସେବେ ବା

ଟେକେ ଭବ ଗୀତ କର ନିବେଶ୍ୱରେ ।
ପ୍ରାନ୍ତ୍ୟପଦ ଶୃଙ୍ଖଳା ଗୋମୂତ୍ରରେ । ୭ ।

ଦ ଲ ଚ ସୁ କ ର ଧୀ ର ପ୍ର ଶଂ ସା ର ।
ସା ର ସା ଗୁ ଣ ର କ ର ଏ ସଂ ସା ର ।୮।
ସା ର ସା ର ଜ୍ଞ ତ ଏ ତ ଦେଖ କ୍ଷୁ ଧା ର ।
ମା ର ପ ର ସ ତ ଅ ଢ ସୂ କ୍ଷ୍ମ ମା ର ।୯।

---

ଶିପ୍ରବୃଷ୍ଟି ଦିଅ—ଯଦି ଯୁଦ୍ଧରେ ପ୍ରାଣଠାରେ ମମତା ରଖ—ପର—ପ୍ରଧାନ । ଶବ୍ଦେନ —ଶବ୍ଦଶୂନ୍ୟ ହେବ । ଅର୍ଥାତ୍ ପ୍ରାଣଭୟ ରଖିଲେ ଯୋଦ୍ଧା ଶବ୍ଦଶୂନ୍ୟ ହୁଏ । ( ଜାତ୍ ଯାହା ଉଚ୍ଚ ମାନ ଥାଇ ମାନ ବସ୍ତୁର ଜାତିକ ) ଜୟାପେକ୍ଷୀ—ଜୟ ଅପେକ୍ଷା କର । ଏଥିରେ ମଧ୍ୟ ଲବଙ୍ଗ ଅର୍ଥ ଅଛି । ବା ଯାଇ ସବା ହେଉ—( ସେହିପରି ଦେଖ ପଙ୍କ୍ତି—ଯଥା ଲତା, ଲଘୁ ) ଯୁଦ୍ଧଯାତ୍ରାରେ ଯେତେ ସୈନ୍ୟ ତୋଅ ଇତ୍ୟାଦିଃ—ପ୍ରସୂ ଯୁଗ ଭଳଗାସ୍ୟ ମୃତ୍ତବନେ—ତୁମ୍ଭେ ମୃତ୍ତବନ ଭଳଗସ୍ୟ—ସେବକାସ୍ୟ ଅଛ । ତାସୁ ବନ୍ଧୁକ ଯୁଗ ଯାହାକୁ ଏଥିର ତୁମ୍ଭେ । ସୁଖୀ ଓ ସେବ୍ୟ ।

୭ । ନିଶ୍ଚୟରେ— ତିନି ପ୍ରକାରରେ; ପ୍ରାନ୍ତ୍ୟ ସଂଜ୍ଞ —ଶେଷରେ ପଦର ଅନୁସ୍ୱ । ଶୃଙ୍ଖଳା —ପୂର୍ବବାକ୍ୟର ଶେଷ ଓ ପରବାକ୍ୟର ପ୍ରଥମରେ ସମାନ ଅକ୍ଷର ବିଶିଷ୍ଟ ରଚନା ; ଗୋମୂତ୍ର—ପ୍ରଥମ ବାକ୍ୟର ପ୍ରଥମ ବର୍ଣ୍ଣ ସହିତ ଦ୍ୱିତୀୟ ବାକ୍ୟର ଦ୍ୱିତୀୟ ବର୍ଣ୍ଣ ପ୍ରଥମ ବାକ୍ୟର ତୃତୀୟ ସହିତ ଦ୍ୱିତୀୟ ବାକ୍ୟର ଚତୁର୍ଥ ବର୍ଣ୍ଣ ଏହିପରି ପାଠ କଲେ ପ୍ରଥମ ବାକ୍ୟର ସମସ୍ତ ଅକ୍ଷର ପାଇବ ଓ ସେହିପରି ଦ୍ୱିତୀୟ ବାକ୍ୟ ପାଠ କଲେ ଦ୍ୱିତୀୟ ବାକ୍ୟର ପ୍ରଥମ ବର୍ଣ୍ଣ ସହିତ ପ୍ରଥମ ବାକ୍ୟର ଦ୍ୱିତୀୟ ବର୍ଣ୍ଣ ଓ କ୍ରମାନୁସାରେ ପଢ଼ିଲେ ହେବ । ତଳ ଲେଖିଲୁ ଅଧ ପଢ଼ିବ ।

୮ । ଦଳଚନ୍ଦ୍ର ସୁକର ଧୀର ପ୍ରଶଂସାର—ଦଳଚନ୍ଦ୍ର ସୁକର—ଶତ୍ରୁସୈନ୍ୟ ନାଶକାରୀ । ଧୀର ପ୍ରଶଂସାର—ପ୍ରଶଂସା କରିବାରେ ତୁମ୍ଭେ ଧୀର—ଜିତେନ୍ଦ୍ରିୟ, ଶ୍ରେଷ୍ଠ ଅଛ । ସାର ସାଗୁଣର କର ଏ ସଂସାର—ଏ ସଂସାର ସାର—ଏ ସଂସାରରେ ତୁମ୍ଭେ ଶ୍ରେଷ୍ଠ ଅଛ ଓ ସଂସାର ପାଳକ ହେଉ, ତୁମ୍ଭ କର—ତୁମ୍ଭ ହସ୍ତ । ସାଗୁଣର—ଉର ବା ଖଡ୍ଗଯୁକ୍ତ ( ଋ—ଦାନାଦାନାଦ୍ୟେଃ ଶାଙ୍ଗଣ ଗୁଣ—ସାଗୁଣର—ସାଗୁଣଯୁକ୍ତ )

୯ । ସାରସାର କିତ ଜଳ ଦେଖ କ୍ଷୁଧାର— ସାରସାରଜଳେ କାହିଁ ଦେଖ କ୍ଷୁଧାର —ସାରସା ଯେ ହଂସ ତାର ଜଳ—କର୍ଣ୍ଣଜ୍ଞାତ ବା ଯେ—ହଂସର

ନୃତ୍ୟ ଦେଖାଇ ଅଛନ୍ତି ନଟ ଭଣ୍ଡି ।
 ତହିଁ ବଂଶଶଳାକାରେ ଡୋଲି ବାଇ । ୧୦ ।
ନାଟ କରୁଅଛନ୍ତି ଗଣିକା ଅଳୀ ।
 ଗୀତ ଗାଉଅଛନ୍ତି ଗୁଣିକେ ଢେଳା । ୧୧ ।
ଗଜ ଅଶ୍ୱ ରତନ ବସନ ମାନ ।
 ମୂଲ୍ୟ କରୁଛନ୍ତି ଜ୍ଞାନଶୀଳ ଜନ । ୧୨ ।
ଶ୍ଳାକାପାତନ ଗଡ଼ ସ୍ତମ୍ଭ କଥା ସ୍ମୃତି ।
 କରୁଛନ୍ତି ସାଧନ ପଦାର୍ଥ ଅପି । ୧୩ ।
ବସନ୍ତକ ମୃଣ ବୃଷ୍ଟି ପଦ୍ମାବେ ।
 ଏହି ସମସ୍ତରେ ଗୁଣନାଥ ଭାବେ । ୧୪ ।
ଛାନ୍ତୁ କନ୍ୟା ଲଭ ହେଲ୍ଲ ଦ୍ୱୀପାନ୍ତରେ ।
 କିଛି ଅପୂର୍ବ ପଦାର୍ଥ ଏ ଜଗତରେ । ୧୫ ।
ସ୍ତବଶ୍ଚକ ସ୍ତମ୍ଭରେ ନ ଜଲ୍ ଗେଇଁ ।
 ଶୁଣି ସକଳ ହୋଇ ଦେଖ ବେଗେ ଉଠି । ୧୬ ।
କାଳ ରମଣୀ ପାଶକୁ ନେଇ ଜାବ ।
 ଦେଲ, ଇଛା ଶୁଣି ସର୍ବେ ତୋଷଭର । ୧୭ ।

---

ଗଡ଼କୁ ଜଣିଛୁ ( ଗୋମୂତ୍ର ଅନୁବେଷ୍ଟରେ ସାଷ୍ଟସ—ସ୍ଥାନରେ ସାରସା—ଓଡ଼ିଆରେ ମଧ୍ୟ ଦୃଷ୍ଟିକୁ ସାରସା କହନ୍ତି ) ହେ ରୂପ'ର—ଲୀଳାପ୍ରିୟ, ଶସ୍ତ୍ରହନ୍ତା ବା ଅତି ସୁନ୍ଦର ( ରୂପ ବସ୍ତୁଗତ—କ୍ରୀଡ଼ିତ ରୂପାର୍ଃ । ଦେବୀ ପୃଥିବ୍ୟାଂ ଶସ୍ତ୍ରନ୍ନ ମାରନ୍ତୁଭ, ଦେବୀ—ପୃଥିବ୍ୟାଂ ମାର ଭବ ଅବରନ୍ଧ ବା ) ମାରପର ସବ ଅତ୍ର ଶୂଳମାର —ହେ ଶୂଳମାର ତୁମ୍ଭେ ମାର ତର—ଜନ୍ମପଟାକୁ ଶେଷ୍ଟ ଶୋଭିରେ ଏ କଥା ସତ ବା ମାରପର—ଜିତେନ୍ଦ୍ରିୟ—ଏ ଅର୍ଥ ହୋଇପାରେ ମଧ୍ୟ ।

୧୦ । ନୃତ୍ୟ—ନାଚମାଣ । ନଟ—ଯେ ନିଜେ ନାଚେ ବା ନାଚିବା ଶ୍ରେଣୀକୁ ନଟ୍ଏ । ବଂଶଶଳାକା—ଲମ୍ବା ବାଉଁଶ ପୋତି ତା ଉପରେ ଚଢ଼ି ଭପରକୁ ହେଉଛୁ ଓ ତଳେ ତୋଳି ଦେଖାଇ । ୧୧ । ଗଣିକାଅଳୀ—ବେଶ୍ୟାମାନେ ।

୧୨ । ଜ୍ଞାନଶୀଳ—ଅନୁଭବ ଯାହାର (ଜ୍ଞାନଶୀଳ ପାଠାନ୍ତର) ୧୩ । ସାଧନ—ଉପକରଣ, ଯୁଦ୍ଧବିଦ୍ୟା ଅଭ୍ୟାସ । ୧୫ । ଦ୍ୱୀପାନ୍ତର—ଅନ୍ୟ ଦ୍ୱୀପରେ—ଭିନ୍ନ ଦେଶରେ, ବିଦେଶରେ । ୧୭ । ଜାବ—ଶୁଭଦାୟୀ । ତୋଷଭର—ସନ୍ତୁଷ୍ଟ ।

ଏହିକାଳେ କର୍ଣ୍ଣାଟଙ୍କ ବେଶକର ।
ଆସି ବୋଲନ୍ତି ଅବନେକ ଅଙ୍କ ଦ୍ୱାର । ୧୮ ।
ସବାଲେ ସିଂହଳଦ୍ୱୀପୁଁ ଅଛନ୍ତି ମୁହିଁ ।
ଇଚ୍ଛା ମୋର ସୁବର୍ଣ୍ଣ ଭେଟ ପାଇଁ । ୧୯ ।
ଶୁଣି ନୃପସୁତ କଲା ସ୍ୱୀକାର ।
ଆଣି ଛାମୁରେ ଭେଟାଇ ଛଡ଼ିଦାର । ୨୦ ।
ଶିରେ ଧର ଦେଇ ଭେଟି ଏତେ ଦ୍ରବ୍ୟ ।
ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ । ୨୧ ।
ମେଘଡମ୍ବୁ ନୀଳା ବ୍ରହ୍ମଜାତ ସ୍ୱର୍ଣ୍ଣ ।
ତାର ମୁକ୍ତା କୁକ୍କୁଟଡିମ୍ବ ପର । ୨୨ ।
ଅଷ୍ଟ ସୁମାଣିକ୍ୟ ପଦ୍ମରାଗ କାନ୍ତି ।
ଅଷ୍ଟବଙ୍କ ପ୍ରବାଳହିଁ ପନ୍ତି ପନ୍ତି । ୨୩ ।
ଚନ୍ଦ୍ରକାନ୍ତ ପାଷାଣ ନୀଳେନ୍ଦ୍ର ମଣି ।
ଲକ୍ଷ୍ମୀନାରାୟଣ ଶିଳା ଦେଲେ ଗଣି । ୨୪ ।
ଅଗ୍ରୁ ଚନ୍ଦନ ଅତର ଶ୍ରୀ କର୍ପୂର ।
କଳ୍ପ ପାଟଳ ଚୂଆ ପନୀର ନୀର । ୨୫ ।

---

୧୮ । ବେଶକର—ଦ୍ୱାରୀ । ବୋଲନ୍ତି ଅବନେକ—ବୋଲନ୍ତରେ ଯେ ବାଣିଜ୍ୟ କରେ ।

୨୦ । ଛଡ଼ିଦାର—ଦ୍ୱାରପାଳ, ଦ୍ୱାରୀ । ୨୧ । ପ୍ରମୋଦଚିତ୍ତ—ତୁଷ୍ଟ ମନ । ସାଧବ—ବେପାରୀ ।

୨୨ । ମେଘଡମ୍ବୁ ନୀଳ—ଇନ୍ଦ୍ରନୀଳ ଯାହାର ରଙ୍ଗ ମେଘର ପରି ଘନ । ବ୍ରହ୍ମଜାତ ସ୍ୱର୍ଣ୍ଣ—ବିଶୁଦ୍ଧ ଜାତର ସ୍ୱର୍ଣ୍ଣ ବା ବ୍ରହ୍ମଦେଶର ସୁନା । ତାର ମୁକ୍ତା—ଉଜ୍ଜ୍ୱଳମୁକ୍ତା କୁକୁଡ଼ା ଅଣ୍ଡା ପରି । ୨୩ । ସୁମାଣିକ୍ୟ—ଉତ୍ତମ ମାଣିକ୍ୟ (ଉତ୍କୃଷ୍ଟ, ରକ୍ତବର୍ଣ୍ଣ ଅର୍ଥାତ୍ ଦାଳିମ୍ବମଞ୍ଜି ରଙ୍ଗର) ପଦ୍ମରାଗ—ଲାଲମଣି । ଅଷ୍ଟବଙ୍କ ପ୍ରବାଳ—ଆଠବାଙ୍କିଆ ପୋହଳା । ପନ୍ତି ପନ୍ତି—ପେନ୍ଥା ପେନ୍ଥା ।

୨୪ । ଚନ୍ଦ୍ରକାନ୍ତ ପାଷାଣ—ଚନ୍ଦ୍ରକାନ୍ତ ମଣି । ନୀଳେନ୍ଦ୍ର ମଣି—ନୀଳମଣି । ଲକ୍ଷ୍ମୀନାରାୟଣ ଶିଳା—ଶାଳଗ୍ରାମମାନ । ଅଗ୍ରୁ—ଅଗୁରୁଚନ୍ଦନ । ପନୀର ନୀର—ସୁବାସ ଜଳ ।

ସୋମସ୍ୱଜ କୁଆଁଡ଼ କାଞ୍ଚିବାଜଳ ।
ମଟନାଭର ବଂଶପତ୍ରୀ ହରିତାଳ । ୨୬ ।
ଚୌପଥ ଇକ୍ଷ୍ୱାକୁ ଫୁଲ ତୁଳରେ ତହିଁ ।
ଜମ୍ବୁନଦ ସନା ଆନ ହେମ ନାହିଁ । ୨୭ ।
ମଣି ପଦାରେ ମିହିରମଣି ଲେଖା ।
ଦନ୍ତେ ଦନ୍ତିଦନ୍ତ ନଖେ ବ୍ୟାଘ୍ରନଖ । ୨୮ ।
* ଚର୍ମ ଆସନରେ ସାର ଶୁଳଦାର ।
ଚର୍ମ-ଅରଣୀ ଖଡ୍ଗର ଚର୍ମ ସାର । ୨୯ ।
ଲୁନା ଚଉବାର ବୃଦ୍ଧ ସମଧାର ।
ଶଙ୍ଖ ଦକ୍ଷିଣାବର୍ତ୍ତିକ ଶୁଭ୍ରତର । ୩୦ ।
ଏକମୁଖୀ ରୁଦ୍ରାକ୍ଷରେ ସୁଶୋଭନ ।
ଶୁକ୍ଳ କନକମୃଗ ଚର୍ମ ସମାନ । ୩୧ ।
ଶୁଭ୍ର କାଗଜ ଲମ୍ବୁର ଦେଶଜାତ ।
ବାସ ଚାମର ଲଳା ଅପରିମିତ । ୩୨ ।

---

୨୬ । ସୋମସ୍ୱଜ—ଓଷଧିବିଶେଷ; ବାସ୍ତବ । କୁଆଁଡ଼—ପଦ୍ମସ୍ତ । କାଞ୍ଚିବାଜଳ—ଗଙ୍ଗାଧାର । ବଂଶପତ୍ରୀ ହରିତାଳ—ବାଉଁଶ ପରିଆ ହରିତାଳ ।

୨୭ । ଚୌପଥ—ରୂପା । ଇକ୍ଷ୍ୱାକୁ ଫୁଲ—ପିତାଳ୍ପବଫୁଲ, ତା ପରି ଧଳା ଓ ନିର୍ମଳ । ଜମ୍ବୁନଦ—ଜମ୍ବୁଦ୍ୱୀପ ସୁନା । ହେମ—ସୁନା । ୨୮ । ମିହିରମଣି—ସୂର୍ଯ୍ୟକାନ୍ତ ମଣି । ଦନ୍ତିଦନ୍ତ—ହାତୀଦାନ୍ତ । ୨୯ । ଶୁଳଦାର—ଶୂଳ ବା ପାଲୁଆର୍ଥ ଗଡ଼ା ଚର୍ମସନବିଶେଷ; ଶୁଳଦାର—ଅତି ଲମ୍ବ ମଧ୍ୟ ହେଇ ଉପରେ (ଯୋଦ୍ଧାମାନଙ୍କରେ ବୋଲଦାର ଓ କୋଲଦାର) ଚର୍ମ ଅରଣୀ—ଚମଢାଲ । ଖଡ୍ଗଚର୍ମ—ଗଣ୍ଡାଚମ । ସାର—ଶ୍ରେଷ୍ଠ—ଗଣ୍ଡା ଚମର ଢାଲ ।

୩୦ । ଲୁନା—ସ୍ତ୍ରୀମାନଙ୍କ ବ୍ୟବହାର କରିବା ଶ୍ରେଷ୍ଠ ଅଳଙ୍କାର ଚଉବାଣୀ । ସମଧାର—ବଡ଼ ଲମ୍ବା ବୃତ୍ତ ଗୋଲ ଧାଡ଼ିଥିବା ଚଉବାସ । ବୃଦ୍ଧ—ଅଳଙ୍କାର । ଦକ୍ଷିଣାବର୍ତ୍ତିକ—ଡାହାଣମୁଖୀ ଶଙ୍ଖ । ୩୧ । କନକ ମୃଗ ଚର୍ମ—ସୁନା ହରିଣର ଛାଲରେ ଯେ ଚର୍ମ ହୁଏ । ୩୨ । ଶୁଭ୍ର କାଗଜ—ଧଳା କାଗଜ । ଲମ୍ବୁର—ଲମ୍ବୋଦ୍ଭର ଦେଶରେ ଜନ୍ମିତ । ବାସ—ଲୁଗା । ଚାମରଲଳା—ଚାମର ଓ ଶ୍ୟାମଳବର୍ଣ୍ଣର ଧଡ଼ିବା ଲୁଗା

ସିନ୍ଧୁଜାତ ହୟ ଖୁରବାହ ଖଚ୍ଚ ।
ବଙ୍ଗଜାତ ଗଜ ପାଟଶାଳ୍ କୀର । ୩୩ ।
ନେପାଳିକା ମୃଗିକା ସାଳିଅ ଶୃଙ୍ଗ ।
ଲବଙ୍ଗର ଲତା କାଞ୍ଚଫଳ ତରୁ । ୩୪ ।
ଚକୋରକ ଧନଞ୍ଜୟା ପାସ୍ୱତ ।
କଳପେଣ୍ଡା ଶୂନ୍ୟଭୁଜ ସୁରଞ୍ଜକ । ୩୫ ।
ଲୌହ ଚୁମ୍ବକ ପରଶୁରାବ ଯହିଁ ।
ଦାବୀଜେଜ ଗନ୍ଧସ୍ୱେଦବସନେ ଶୋହି । ୩୬ ।
ଶୃଙ୍ଗ କମାଣ ଗାବ ଗୁଡକଧେନି ।
ଲୁଚି କି ବଡିଶ ବଣ ଉଠିବ ନେଜ । ୩୭ ।
ମାନଦାସ୍ତ ଶାସ୍ତ୍ରକ ଇବ୍ରମ ଫସ୍ତା ।
ଅଛି ସେଗଣ ବର୍ଣ୍ଣିବ କିଏ କବି । ୩୮ ।

---

ଗନ୍ଧ । ଅପହ୍ନିତ—ଅପକ୍ଷୟ । ୩୩ । ସିନ୍ଧୁ ଜାତ ହୟ—ସିନ୍ଧୁ ତଥା ଆରବଦେଶର ଘୋଡ଼ା । ଖୁରବାହ ଖଚ୍ଚରେ—ଖର ବୋହିବା ଗଧ । ବଙ୍ଗଜାତ ଗଜ—ବଙ୍ଗଦେଶୀୟ ହସ୍ତୀ (ଏହା ଜାତିରେ ଶ୍ରେଷ୍ଠ) । ପାଟଶାଳ୍ କୀର—ମୁଣ୍ଡର ଚୂଳପ ଉପରେ ଲାଲ ଚିହ୍ନ ଥିବା ଶୁଆ—ମଦନା କାଗୁଆ ବା ଚନ୍ଦନା ।

୩୪ । ନେପାଳିକା ମୃଗିକା—ନେପାଳୀ ମୃଗୀ । ସାଳିଅ—ଶାଳିଅ ଚଢ଼େଇ । କାଞ୍ଚଫଳ—କାଞ୍ଚିଫଳ । ତରୁ—ଗଛ । ୩୫ । ଚକୋରକ—ଚକୋର ପକ୍ଷୀ । ଧନଞ୍ଜୟା—ଧନର ଦ୍ୱାରା ଜାଣନ୍ତି । ପାସ୍ୱଦତ—ପାରା । କଳପେଣ୍ଡା—ଗୁଡ଼ପେଡ଼ା । ଶୂନ୍ୟଭୁଜ—ଖାଲିହାତ—(ଯହିଁରେ କିଛି ନାହିଁ) । ସୁରଞ୍ଜିକ—ରଞ୍ଜିତ ।

୩୬ । ଲୌହ—ଲୁହା । ଚୁମ୍ବକ—ଚୁମ୍ବକ ପଥର । ପରଶୁରାବ—ସ୍ୱର୍ଣ୍ଣମଣି ପଥର । ଦାବୀଜେଜ—ଭଲ ଜାତୀୟ ଶାଢ଼ୀ । ଗନ୍ଧସ୍ୱେଦବସ—ଜଙ୍ଗମ ବେତତଣ୍ଡୋଳ ବା ଫୁଲପାଟବାଳା ବୋଡ଼ । ୩୭ । ଶୃଙ୍ଗ—ଶିଙ୍ଗା; ଶୃଙ୍ଗେ ତୁ ପୌରୁଷଂ ଶ୍ରେଷ୍ଠଂ ଶାର୍ଙ୍ଗଂ ମନ୍ତ୍ରପାନ୍ତଂ—ବୀର ସଙ୍କେତ । କମାଣ—ତୋପ ବା ବନ୍ଧୁକ । ଗାବ ଗୁଡକଧେନି—ଗଡରେ ଗୁଡ଼କ ଧେନି ଖଣ୍ଡା ବୋଲନ୍ତି । ୩୮ । ମାନଦାସ୍ତ—ମାନଧର (ମାନ ଦାର ବା ମାନଧାରୀ)—ମନକାମନା ପୂର୍ଣ୍ଣକାରୀ, ମାନ ରକ୍ଷାକାରୀ । ଶାସ୍ତ୍ରକ

ଦେଖି ଦିବ୍ୟ ପଦାର୍ଥ ସମ୍ଭୋଜନରେ ।
କରେ ସାଧୁଙ୍କୁ ପ୍ରଶଂସା ସୁମନରେ ।୩୯।
ଏକ ଦେଶେ ନ ମିଳେ ବସ୍ତୁବଳେ ।
କେଉଁ ଦେଶରୁ ଆଗତ ବସ୍ତୁବଳେ ।୪୦।
ସେ ବୋଇଲା ସିଂହଳ ଦ୍ୱୀପରୁ ମୁହିଁ ।
ଏ ଦେଶକୁ ଆସିଛି ବାଣିଜ୍ୟ ପାଇଁ ।୪୧।
ଯେଉଁ ଲାବଣ୍ୟବତୀ ସମୁଦ୍ରସ୍ଥାନ ।
ତହିଁ ଅପୂର୍ବ କେତେ ଦ୍ରବ୍ୟମାନ ।୪୨।
ଲକ୍ଷ୍ମୀପରିପୂରିତ ସେ ପତ୍ତନେ ।
ଏବେ ଅଧିକ ସ୍ତ୍ରୀଜନୁମାତ୍ର ବଳେ ।୪୩।
କେହି ନାହିଁ ଯେ ଭରସା ତାହାଙ୍କର ।
ଏହା କହିବାକୁ ଛନ୍ତି ଅନୁସର ।୪୪।
ଭବ ଜନ୍ମଙ୍ଗସଦନ ମୋର ଭୂଷ ।
ତୋହ୍ମ ତାଙ୍କୁ ନ ବରନ୍ତୁ ମୋ ଦୃଷ୍ଟ ।୪୫।
ଏ ବଚନ ଶ୍ରବଣେ ସେ ଗୃହମିତ୍ରେ ।
ପରସ୍ପରେ ଠାରେ ହେଲେ ନେତ୍ରେ ।୪୬।
ମନ୍ତ୍ରୀସୁତ ବୋଇଲା ଭୃତ୍ୟକୁ ଚାହିଁ ।
ଦିନ କେତେ ବେଗ ହୋ ପର୍ବ ଯାଇ ।୪୭।

---

—ଅନ୍ନ - ବା ଖଣ୍ଡ । ଫର୍ଦ୍ଦ—ତାଳ । ବେସଣ—ଉତ୍କଳବାସର ଲେପ ବା ଅଙ୍ଗରାଗ । ବର୍ତ୍ତିକ ଖଣ୍ଡବଦ୍ଧ—ରଙ୍ଗରେ ତିଆ ଘଷିବା । ବର୍ତ୍ତିକ—ହଳଦୀ, କୁଙ୍କୁମ ପ୍ରଭୃତି, ଯାହା ଲଗାଇଲେ ଦେହର ରଙ୍ଗ ଫୁଟି ଉଠେ । ୩୯ । ଦ୍ରବ୍ୟ ପଦାର୍ଥସମୂହ—ଭକ୍ଷ୍ୟ ଜିନିଷମାନ । ସାଧୁଙ୍କୁ— ବେପାରୀକୁ, ବୋହିତ୍‌ଯାଳକୁ । ୪୦ । ସମୁଦ୍ର—ସିନ୍ଧୁ । ୪୪ । ଏହା କହିବାକୁ ଲକ୍ଷ୍ମୀଙ୍କର ଭରସା—ଯାହାର ହୋଇନାହିଁ ତାଙ୍କୁ ଲାବଣ୍ୟବତୀକୁ ଅନୁସର ଅଛନ୍ତି; ପ୍ରାର୍ଥନା କରିବାକୁ ରହି ଅଛନ୍ତି ।

୪୫ । ଭବ......ଦୃଷ୍ଟ—ଭବ ଜନ୍ମଙ୍ଗ—ଦେବଙ୍କ କ୍ରୋଡ଼; ଦେବଗୃହ ସୋପାଦନ—ରହିବା ସ୍ଥାନ, ଭୂଷ ନୋହୁ—ଶୋଭା ନୋହୁ ମୁଁ ସେଥିରୁ ବର୍ଜିତ ନ ହେବି; ଏ ମୋର ଦୃଷ୍ଟ—ଅନୁରୋଧ କରନ୍ତୁ ବରଣ କରିବୁ ନାହିଁ ।

ଏ ବଚନକୁ ଡାକିଲା ପ୍ରତିହାରୀ ।
ତୁମ୍ଭ ସମସ୍ତେ ମେଲାଣି ନିଜ ପୁରୀ । ୪୮ ।
ତାହା ଡାକ ପ୍ରମାଣେ ଗର୍ଜିଲ ସଭା ।
ସୁଟିଲୁ ସାଧୁରେ ନୃପକ ହୋଇ ଶୋଭା । ୪୯ ।
ତୁମ୍ଭେ ଯାହା କହିଲ ହେ ଅଲୌକିକ ।
ସତେ ଏମନ୍ତ ସୁନ୍ଦରୀ ମହୀରେ ଜାତ । ୫୦ ।
ସେ ବୋଇଲେ ଅମ୍ଭ ପରେ ଏତେ କଥା ।
ସେନ ପ୍ରଥମପଦରେ ନାହିଁ ମିଥ୍ୟା । ୫୧ ।
ପରଦ୍ରବ୍ୟ ପରସ୍ତ୍ରୀ ହରଣକୁ ।
ଲେଖୁଁ ଶୁଭ କରି ଛନ୍ତୁ ମରଣକୁ । ୫୨ ।
ନାହୁଁ ଖଳ ଦୁର୍ଜନ ନିର୍ଧନ ଜନ ।
ଶୁଣିଲାର ପ୍ରସଙ୍ଗ ନ କହୁଁ ପୁନ । ୫୩ ।
ଦୂତ କବି ଭାଟ ଜନଙ୍କଣ୍ଠୁ କହଣି
ନୋହୁଁ, ଅଧିକ କହିବୁ କି ଭାବଣି । ୫୪ ।
ଯାହା ସମ ବ୍ରହ୍ମାଣ୍ଡ ଉଦରେ ବର ।
ନାହିଁ, ଜନ୍ମିଗଲା ଯାକୁ ପଞ୍ଚଶର । ୫୫ ।

---

୪୭ । ଧନ ଦେଖିଲେ ଲୋଭ—ଧନ ଦେଖିଲେ ଲୋଭ ହେଉ । ୪୮ । ପ୍ରତିହାରୀ — ପହରୀ, ଦ୍ୱାରପାଳ । ମେଲାଣି—ବିଦାୟ । ୫୦ । ଅଲୌକିକ—ଅଦ୍ଭୁତ । ମହୀ—ମହୀରେ, ପୃଥିବୀରେ ।
୫୧ । ଅମ୍ଭପରେ—ଅମ୍ଭଠାରେ । ଏତେ କଥା—ଏତେ କଥନ । ପ୍ରଥମ ପଦରେ — ପ୍ରଥମରୁ ଏ ଶେଷପର୍ଯ୍ୟନ୍ତ ମିଥ୍ୟା ନାହିଁ ଏହା ଦେଖ, ଏହା ସବୁ ସତ୍ୟ ।
୫୨ । ପରଦ୍ରବ୍ୟ ଓ ପରସ୍ତ୍ରୀ ହରଣଠାରୁ ମୃତ୍ୟୁକୁ ଶ୍ରେୟସ୍କର ମଣୁଁ ।
୫୩ । ଖଳ—ଦୁଷ୍ଟସ୍ୱଭାବ । ଦୁର୍ଜନ—ଦୁଷ୍ଟଲୋକ । ନିର୍ଦ୍ଧନ—ଦରିଦ୍ର । ପ୍ରସଙ୍ଗ—ବିଷୟ ।
୫୪ । ଦୂତ, କବି, ଭାଟ ଏମାନେ ବାତୁଳ୍ୟ ଭଳି କହନ୍ତି । ଏହା ଆମ୍ଭେ ନୋହୁଁ ତା ଭାଳିକ କହୁ । ୫୫ । ବ୍ରହ୍ମାଣ୍ଡ ଉଦରେ—ଜଗତ ମଧ୍ୟରେ । ବର—ସ୍ୱାମୀ । ସମ—ସମାନକୁ, ଜନ୍ମରେ । ପଞ୍ଚଶର—

ତାଙ୍କୁ ସମାନ ଦେବାକୁ ଅଛି ଏଡ଼େ ।
ଯାହା ଦର୍ପଣ ମଧ୍ୟରେ ଦଶେ ସେହୁ ।୫୬।
ତାଙ୍କୁ ଏକ୍ଷୁଟେ ନିର୍ମାଣ କଲା ବିଧି ।
କାଟି କାନ୍ଥୁ ଯେମନ୍ତ ଅକ୍ଷର ହୋଇ ।୫୭।
ଯେତେକ କବ ବର୍ଣ୍ଣିଛନ୍ତି ଯେତେ ନାରୀ ।
ଟିକେ ତାଙ୍କୁ ରମ୍ଭା ରତି ନୋହେ ସରି ।୫୮।
ବଡ଼ ଲବ ବୋଲନ୍ତି ଲାବଣ୍ୟବତୀ ।
ସେହି ଜନମ ହୋଇଛି ଏବେ ଝିଅ ।୫୯।
ଯଥା ନ ଦେଖି ନ ଖାଇ ସୁଧା ନାମ ।
ସବୁଠେ କହି ସ୍ୱାଦୁ ମନୋରମ ।୬୦।
ତଥା ଏଙ୍କୁ କାଉ ହେବ ବୋଲି ବାମା ।
ଖ୍ୟାତ ହୋଇଲା ଲାବଣ୍ୟବତୀ ନାମା ।୬୧।
ହାସ ଅଧର ଗୁମ୍ଫିଲେ ଏ ସଂଶୟ ।
ଲଭୁଅଛି କାହା ଶୋଭା କେ କହସ୍ୟ ।୬୨।
ବାଳଅରୁଣ କି ସୁଧାସ୍ନାନ କରି ।
ଅନୁସରି ହରଷ ନିଶିକୁ ପରି ।୬୩।
କିବା ମାଣିକ୍ୟକୁଟ୍ଟିକୁ ଟେକି ଜ୍ୟୋତି ।
ଦାନ୍ତ ତଥା ସ୍ଫଟିକ ଦନ୍ତପନ୍ତି ।୬୪।

---

କନ୍ଦର୍ପ ଭସ୍ମ ହେଲା ବନ୍ଦୁ କନ୍ଦର୍ପ ପରି ସୁନ୍ଦର ନ ଥିବାରୁ ଏପରି ଉକ୍ତି ।୫୭। କାଟି କାନ୍ଥୁ ଯେମନ୍ତ ଅକ୍ଷର—ଘୁଣାକ୍ଷର ନ୍ୟାୟ ଅକସ୍ମାତ୍ ହୋଇ ପଡ଼ିଛି । ଶତ-ଚେଷ୍ଟାରେ ଏପରି ସୁନ୍ଦର ସୃଷ୍ଟି ହୋଇପାରେ ନାହିଁ ।

୫୮ । ରମ୍ଭା—ଅପ୍ସରା । ୬୦ । ସୁଧା—ଅମୃତ । ୬୧ । ଲାବଣ୍ୟବତୀ—ମାଧୁର୍ଯ୍ୟମୟୀ ।

୬୨ । ହାସ ଓ ଅଧର ମଧ୍ୟରେ କାହା ଶୋଭା ବେଶି ହେଉଛି ବୋଲି ସନ୍ଦେହର କଥା ।

୬୩ । ବାଳଅରୁଣ—ସକାଳ ସୂର୍ଯ୍ୟ । ୬୪ । ମାଣିକ୍ୟକୁଟ୍ଟି—ମାଣିକ୍ୟ ଖଣ୍ଡକୁ । ବାଂଗି .... ଦନ୍ତପନ୍ତି—ଓଷ୍ଠ ଲାଲ, ତନ୍ମଧ୍ୟରୁ ଦନ୍ତ ଦେଖା ହେଉଛି ସେହିପରି ।

ସେ ଅଧରରେ ଶୋଭେ ତାମ୍ବୁଳ ବୋଳ ।
କେ କାହାକୁ ରଙ୍ଗ କଲା ହୋଏ ବୋଲ ।୬୫।
ହା ହା ରଦନ ସେ କାହିଁକି ସୁନ୍ଦର ।
ଇନ୍ଦୁବରେ ମାଜିଲା କି ଘସି ସାର ।୬୬।
ବୋଲ ତୋଳିବା ବେଳେ ଦଶନ୍ ଗଳେ ।
ଫଗୁ ପିଚକା ଯେମନ୍ତ କାଚନଳେ ।୬୭।
କଣ୍ଠେ ଥାଇ ପାନପିକ କି ମଞ୍ଜୁଳ ।
ପକ୍ୱ ନାରଙ୍ଗ ପାସୁ ଗଣ୍ଡସ୍ଥଳ ।୬୮।
ଅଙ୍ଗେ ଅଛି ନବ ପୁଷ୍ପ ନବ ପକ୍ଷୀ ।
ଏକ ଏକ ଅଙ୍ଗେ ଲକ୍ଷି ରଖେ ଅକ୍ଷି ।୬୯।
ଭିଆଇଛି ଲୁଣି ଅଣି ଶୋଭାସାର ।
ଜଗତ୍‌ଜୟ ଜଙ୍ଗମ ମୂରତି ମାର ।୭୦।

---

୬୫ । ତାମ୍ବୁଳ ବୋଳ—ପାନରସର ଲେପ । ରଙ୍ଗ—ଲାଲ୍; ଓଠରୁ ପାନ ବା ପାନରୁ ଓଠ ।

୬୬ । ହା, ହା—ବିସ୍ମୟବାଚକ ଶବ୍ଦ । ରଦନ—ଦାନ୍ତ । ଘସିସାର—ଅଲ୍ଲକ୍ଷ ସାର ।

୬୭ । ଫଗୁ—ଅବିର । ପିଚକା—ଜଳନିକ୍ଷେପ କରିବା ଯନ୍ତ୍ର ଏଠାରେ ନଳ । ଫଗୁ ପିଚକା—ଅବିର ଖାଧି । ୬୮ । ମଞ୍ଜୁଳ—ସୁନ୍ଦର । ନାରଙ୍ଗ—ନାରଙ୍ଗଫଳ । ଗଣ୍ଡସ୍ଥଳ—ଗାଲ ।

୬୯ । ନବକାନ୍ତ ପୁଷ୍ପ—ମୁଖ—ପଦ୍ମ । ଅଧର—ବନ୍ଧୁଲୀ । ହାସ ମଲ୍ଲିକା ବା ଜାଇ । ଦନ୍ତ—କୁନ୍ଦ । ନାସା—ତିଳଫୁଲ । କର୍ଣ୍ଣ—ଚମ୍ପା । ନେତ୍ର—ନୀଳୋତ୍ପଳ । ଗଣ୍ଡ—ମଧୂକ ପୁଷ୍ପ । ଊର୍ଦ୍ଧ୍ୱ ଓଷ୍ଠ—ମନ୍ଦାର । ନବକାନ୍ତ ପକ୍ଷୀ ;—ଗତି—ରାଜହଂସ । ରୋମାବଳୀ—ମଧୁମକ୍ଷିକା । ସ୍ତନ—ଚକ୍ରବାକ । କଣ୍ଠ—କପୋତ । ନାସା—ଶୁକ । ନେତ୍ର—ଖଞ୍ଜରୀଟ । ତୋଳା—ଭ୍ରମର । କେଶ—ମୟୂର । ବଚନ—କୋକିଳ ।

୭୦ । ଭିଆଇଛି......ସାର—ସେହି ସେହି ପୁଷ୍ପ ଓ ପକ୍ଷୀମାନଙ୍କଠାରୁ ଶୋଭାର ସାର (ଶ୍ରେଷ୍ଠାଂଶ, ଉତ୍କୃଷ୍ଟ ଅଂଶ) ବାଛିଆଣି ଗଢ଼ି । ଭିଆଇଛି—ନିର୍ମାଣ କରିଛି । ଜଗତ୍‌ଜୟ—ଜଗତକୁ ଜିଣିବାରେ ସମର୍ଥ । ଜଙ୍ଗମ ମୂରତି—ଚଳନ୍ତି ପ୍ରତିମା । ମାର—କନ୍ଦର୍ପ ।

ଅଥ ମନ୍ମଥର ମନଭେଦୀ ଶର ।
ମରମକୁ ଭେଦିବାରେ ମନୋହର ।୭୧।

ହର ପଥର ହେଲେ କାତର ସୋହି ।
ସେନ ଏଥର ଯିବ ହୃଦୟ ଫୁଟି ।୭୨।

ରୂପ କୁମ୍ଭ ଶିଳାର ମିନ୍ତ ତାଏ ।
ହୃଦୁଁ ଭାଙ୍ଗିନେବା ମନ ଲୋହ ସ୍ଥାୟେ ।୭୩।

ରବିବର୍ଣ୍ଣିନା ବର୍ଣ୍ଣିନା କଲି ଯେତେ ।
ଉପମା କଲ୍ପି ତାହା ହାନି ହେତେ ।୭୪।

ଭାବ ହାବ ଲୀଳା ବିଳାସାଦି ଶନ୍ତ ।
ଯାହା ଅଙ୍ଗେ ହୋଇଛନ୍ତି ମୂର୍ତ୍ତିବନ୍ତ ।୭୫।

---

୭୧ । ଅଥ—ପୁଣି । ମନ୍ମଥର—କନ୍ଦର୍ପର । ମନଭେଦୀ—ମନକୁ ଭେଦ କରିବାରେ ସମର୍ଥ । ମରମକୁ—ହୃଦୟକୁ । ମନୋହର—ସୁନ୍ଦର ।

୭୨ । ହର—ମହାଦେବ । କାତର ସୋହି—କାତରତା ବା ଅଧୀରଭାବରେ ଘାରି ହୋଇ ଦୁଃଖଗ୍ରସ୍ତ । ସେନ—ଲକ୍ଷ୍ମୀ, ଧର—ତ୍ରୁଟ ଏଥର ଏ ମଦନକୁ ଦେଖିଲେ ସେଙ୍କ ହୃଦୟ ଫୁଟିଯିବ ।୭୩। ଏ ରୂପ କୁମ୍ଭ-ପଥରର ମିତ କି ହୃଦକୁ ମନ ଲୋହାକୁ ଟାଣିନେବ—ମନ ବିହ୍ୱଳ ହେବ ସେ ଖିଣ୍ଣନ୍ଦନୀ ହେବେ ।

୭୪ । ରବିବର୍ଣ୍ଣିନା—ରବିଙ୍କ କାନ୍ତି ଲାବଣ୍ୟବତୀ । ଲାବଣ୍ୟବତୀ ସଙ୍ଗେ ଯାହାକୁ ତୁଳନା କଲି ସେଥିରେ ଲାବଣ୍ୟବତୀର ହେତେ ହାନି ହେଲା—ତାକୁ ଅଧମ ଶ୍ରେଷ୍ଠ କରିଦେଲି ।

୭୫ । ଭାବ—ଯୌବନର ପ୍ରଥମାବସ୍ଥାରୁ ସ୍ୱର ହୃଦୟାଏ ବା ମଦନବିକାର-ଶୂନ୍ୟ ଚିତ୍ତରେ ପ୍ରଥମ ବିକାର ହେବାକୁ ଭାବ କହନ୍ତି । "ନିର୍ବିକାରାତ୍ମକେ ଚିତ୍ତେ ଭାବଃ ପ୍ରଥମବିକ୍ରିୟା ।" ହାବ—ଭ୍ରୂଲତା, ନେତ୍ରାଦି ବିକାରଦ୍ୱାରା ସମ୍ଭୋଗ ଇଚ୍ଛା ପ୍ରକାଶକାରୀ ଭାବକୁ ହାବ କହନ୍ତି । "ଭ୍ରୂନେତ୍ରାଦିବିକାରୈସ୍ତୁ ସମ୍ଭୋଗେଚ୍ଛା ପ୍ରକାଶକଃ । ଭାବ ଏବାଳ୍ପ ସଂଲକ୍ଷ୍ୟ ବିକାରୋ ହାବ ଉଚ୍ୟତେ ।" ଲୀଳା :—ମନୋହର ଅଙ୍ଗ, ବେଶ ଓ ଅଳଙ୍କାରାଦି ଦ୍ୱାରା ପ୍ରିୟର ଅନୁକରଣକୁ ଲୀଳା କହନ୍ତି । "ପ୍ରିୟାନୁକରଣଂ ଲୀଳା ରମ୍ୟୈର୍ବେଶ-କ୍ରିୟାଦିଭିଃ ।" । ଉଃ ନୀଃ । ବିଳାସ :—ଯିବାରେ, ଠିଆ ହେବାରେ, ବସିବା ପ୍ରଭୃତିରେ ମୁହଁ, ଆଖି ପ୍ରଭୃତିର କାର୍ଯ୍ୟରେ ପ୍ରିୟସମାଗମ ହେତୁ ଯେ

ତାହା ଶୋଭା କହିଲେ ସରବ କାହିଁ ।
ପୂର୍ବେ ନ ଥିଲା ନୋହିବ ଏବେ ନାହିଁ ।୭୬।
ରାଜା କହୁଛି ତୁମମାକୁ ବର ଭର ।
ମୋର ମିତ୍ର ମନ୍ତ୍ରୀଙ୍କ ହୋଇଛନ୍ତି ଭାର ।୭୭।
କନ୍ୟା ଅନୁରୂପେ ଅଛି ବର ନାହିଁ ।
ମନ ପ୍ରଧାନ କନ୍ୟାକୁ ଅଛି ତହିଁ ।୭୮।
ଶୁଣି ମନ୍ତ୍ରୀସୁତ କଲା ଏ ଉତ୍ତର ।
ଅଛି ନୃପସୁତ ନୂତନ ମାର ।୭୯।
ହୋଇବ କି କାର୍ଯ୍ୟ ଉଦ୍‌ଯୋଗ ଘଟିଲେ ।
ଶୁଣି ଶୁକ ପଢ଼ି ଦେଲା ସେହି କାଳେ ।୮୦।
ସୁଧାପାନ କଲା ବନ୍ଧୁ ଉପାୟରେ ।
ପ୍ରୀତି ହୋଇଅଛି ଚନ୍ଦ୍ର କୁମୁଦରେ ।୮୧।
ଗୁଞ୍ଜ ତୁଲା ହୋଇଛି ସୁବର୍ଣ୍ଣ ତୁଲେ ।
ଧର୍ମି ସବୁ ଉଚ୍ଚ ନୀଚ ପାଂଶ କଲେ ।୮୨।
ଶୁଣି କୁମାରବର ଆଶ୍ଚର୍ଯ୍ୟ ହେଲା ।
ବୋଇଲେ ତୁମ୍ଭ ଦେଖିଲୁ କି ମେଧାବିନୀ ।୮୩।

---

ତାତ୍କାଳିକ ଶିକ୍ଷା ଭଳି ଭାବବିଳାସ କହନ୍ତି । "ପରସ୍ପରାସଙ୍ଗାନ୍-ମୁଖନେତ୍ରାଦି କର୍ମଣାମ୍ ତାତ୍କାଳିକଂ ତୁ ବୈଚିତ୍ର୍ୟଂ ବିଳାସଃ ପ୍ରିୟ-ସଙ୍ଗଜମ୍ ।" ସା: ଦ: । ମୂର୍ତ୍ତିବନ୍ତ—ଶରୀର ଧରି ଅଛନ୍ତି । ବସ୍ତୁବର ଦେଖା ଦେଇ ଅଛନ୍ତି । ଅନୁଭବରେ ଭାବ, ହାବ, ହେଳା ଓ ଲୀଳା ବିଳାସାଦି ଅଷ୍ଟାବିଂଶ ଅଳଙ୍କାରମାନେ ଯାହା ଅଙ୍ଗରେ ମୂର୍ତ୍ତି ଧରି ଅଛନ୍ତି । ( ସାହିତ୍ୟ ଦର୍ପଣ ଦେଖ ) ।

୭୭ । ବର—ସ୍ୱାମୀ । ଭାର—ଦାୟିତ୍ୱ । ୭୮ । ଅନୁରୂପେ—ସମାନରେ । ପ୍ରଧାନ—ଶ୍ରେଷ୍ଠ । ଶ୍ରେଷ୍ଠ ପୁରୁଷ ସଙ୍ଗରେ କନ୍ୟାର ମନ ଅଛି । ୭୯ । ନୂତନ ମାର—ନୂଆ କନ୍ଦର୍ପ । ୮୦ । ଉଦ୍‌ଯୋଗ—ଚେଷ୍ଟା । ସବୁ ଘଟିଲେ କାର୍ଯ୍ୟ ସିଦ୍ଧ ହୁଏ (ହୁଏ କି ନାହିଁ) । ୮୧ । ବନ୍ଧୁ—ସିଂହଦ୍ୱାରା ପୁଷ୍ପ । ସୁଧା—ଅମୃତ । ଉପାୟରେ—କୌଶଳରେ । ସେହି ଉପାୟରେ ଚନ୍ଦ୍ର ଓ କଇଁରେ ପ୍ରୀତ ।

୮୨ । ସୁବର୍ଣ୍ଣ ତୁଲେ—ସୁନା ସହିତରେ । ତୁଲା—ଓଜନ । ପାଂଶ—ସ୍ୱଭ । ତୁଲେ—ତୁଲ ଭାବରେ । ଧର୍ମରେ ସବୁ ପଦାର୍ଥ ଉଚ୍ଚ ଓ ନୀଚ ହୋଇଛି ।

୮୩ । କୁମାରବର—କୁମାରଶ୍ରେଷ୍ଠ । ମେଧାବିନୀ—ଶୁକ ।

କୀର କହିଲା ସେ ଋଷାଳୁଙ୍ଗା ପୋଷା ।
ଶିଶୁକାଳରୁ ମୁହିଁ ତାହାଙ୍କ ପୋଷା । ୮୪ ।

ଶୁଣି ଚଞ୍ଚୁ ଚରଣରୁ ଧରି ତାର ।
ପୁଣି ଧଇଲା ବୋଲୁଥିଲା ଡର । ୮୫ ।

ସ୍ୱାମୀ ନାମ ମୋହନ ଉଚ୍ଚାଟ ଶର ।
ଲୁଚେ କି ଥିବ ନୋହିଲା ସେ ଗୋଚର । ୮୬ ।

ତୁମ୍ଭ ବଚନ ବସନ୍ତ ଉତ୍ତୁ ହେଲା ।
ତାହା ଯୋଗୁଁ ଆଶାତରୁ ପଲ୍ଲବିଲା । ୮୭ ।

ଭଲେ କାରଣ ହୋଇ ଗ୍ରୀଷ୍ମକାଳ ।
ତାକୁ ଜାଳି ଦେଉଛି ବିରହାନଳ । ୮୮ ।

ଶୁଣି ସେ ବୋଇଲେ ବୀର ହୁଅ ସ୍ଥିର ।
ଆମ୍ଭମାନଙ୍କୁ ସେବି କୃପାଳୁ ହର । ୮୯ ।

ପରବଶ ହେଲେ ପୁଷ୍ପକାଳ ସାର ।
ଦିଶ ନ ଲଭଇ କାହିଁ ସଞ୍ଚାର । ୯୦ ।

ଏ ବଚନେ ଶାନ୍ତି ଲଭିବାକୁ ପୁନଃ ।
ଗାଢ଼ ପକାଇ ଡାକିଲେ ଶକୁନମାନ । ୯୧ ।

ସାଧୁଙ୍କୁ ତହିଁ ଅନୁକୂଳ ହେଲେ ।
ଶଙ୍ଖ ଦୁନ୍ଦୁଭି ଗଉଣୀ ସଙ୍ଗେ ଚଳେ । ୯୨ ।

---

୮୪ । କୀର—ଶୁକ । ଋଷାଳୁଙ୍ଗା ପୋଷା—ଦୁଗ୍ଧସମ୍ପନ୍ନା ସ୍ତ୍ରୀ । ୮୫ । ଚଞ୍ଚୁ—ଥଣ୍ଟ । ଚରଣ—ପାଦ ।

୮୬ । ସ୍ୱାମୀ—ସ୍ତ୍ରୀ । ଉଚ୍ଚାଟ—ଉଚ୍ଚାଟନ । ମୋହନ ଶର—ମୁଗ୍ଧ କରିବା ପାଇଁ । ଗୋଚର—ଜଣା । ୮୭ । ବଚନ—କଥା । ସେ ବସନ୍ତକାଳ ଆଶାତରୁ—ଆଶାରୂପ ଗଛ । ପଲ୍ଲବିଲା—ପତ୍ର ଧରିଲା । ୮୮ । ଗ୍ରୀଷ୍ମକାଳ—ଖରା ଦିନ । ବିରହାନଳ—ବିଚ୍ଛେଦରୂପ ଅଗ୍ନି । ୯୦ । ସାର—ଉତ୍କୃଷ୍ଟ । ପୁଷ୍ପକାଳ—ବସନ୍ତ ସମୟ । ସଞ୍ଚାର—ଅମୃତ । ଦିଶ—ଦେଖାଇଲା । ନ ଲଭଇକି—ପାଏ ନାହିଁ କି ?

୯୧ । ଶକୁନ—ଶୁଭସୂଚକ । ଲକ୍ଷଣମାନ ବା ଚିହ୍ନ । ୯୨ । ଅନୁକୂଳ ହେଲେ—ସହାୟ ହେଲେ—ମେଳାଣି ହେଲେ । ଶଙ୍ଖ—ଶଙ୍ଖ । ଦୁନ୍ଦୁଭି—ନାଗରା ଦୁନ୍ଦୁଭି ।

ଶୂନ୍ୟେ ଯେ କାଳେ ଶୁଭ୍ର ଅଷ୍ଟାଙ୍ଗୀ ଉଦେ ।
ବାମ ଦକ୍ଷିଣେ ଦ୍ୱିଜ ଗୋମାୟୁ ଡାକେ । ୯୩ ।
ପଞ୍ଚୁଁ ପବନ ବହିଲା ଖୋଲି ସ୍ୱଚ୍ଛ ।
ଗୋପୀ ଧୀବରୀ ଡାକିଲେ ଦଧି ମାଛ । ୯୪ ।
ଆଶା ବଢ଼ିଲା ଶୁଭସୂଚକ ଜାଣି ।
ଲଗ୍ନ ସମାପତ ହୋଇ ପୁଂସମଣି । ୯୫ ।
ନୀଳ ଶ୍ୱେତହରିତଶରୀର ଦରଦାହୀ ।
ଶ୍ରୁତିନିସ୍ତାରକ କୀର୍ତ୍ତିପ୍ରକାଶକାରୀ । ୯୬ ।
ମୀନମୂର୍ତ୍ତି ରଘୁପତି ଶ୍ରୀପଦ୍ମର ।
ଭଜିବ ଉପେନ୍ଦ୍ର ଭଞ୍ଜ ବାରବାର । ୯୭ ।

---

୯୩ । ଶୁଭ୍ର ଅଷ୍ଟାଙ୍ଗୀ—ଧଳା ଚନ୍ଦ୍ର । ଶୂନ୍ୟେ—ଆକାଶରେ । ଉଦେ—ଉଠୁଅଛି । ଦ୍ୱିଜ—ବ୍ରାହ୍ମଣ । ଗୋମାୟୁ—ବିଲୁଆ । ବାମେ ଶିବା ଦ୍ୱିଜା ଦକ୍ଷିଣେ ଗୋମୃଗଦ୍ୱିଜାଃ ।

୯୪ । ପଞ୍ଚୁ—ପଛରୁ । ସ୍ୱଚ୍ଛ—ଭଲ ଭାବରେ । ଅନୁକୂଳ ପବନ ବହିଲା । ଗୋପୀ—ଗଉଡୁଣୀ । ଧୀବରୀ—କେଉଟୁଣୀ । ଦଧି—ଦହି । ଅନୁକୂଳ ବେଳେ ଦହିମାଛ ଦର୍ଶନ କରନ୍ତି । ତୁ ଏବେ ଦହି ମାଛ କହ । ମୋର ବେଳ ହେଉଅଛି ବହୁତ । ( ପ୍ର: ଗୀ: )

୯୫ । ଶୁଭସୂଚକ—ମଙ୍ଗଳଜନକ । ପୁଂସମଣି—ପୁରୁଷ ଶ୍ରେଷ୍ଠ ।

୯୭ । ନୀଳ.....ଦାହୀ :—ଚକ୍ଷୁ ପକ୍ଷେ ନୀଳରେ ବେଷ୍ଟିତ ଶରୀର—ମତ୍ସ୍ୟଶରୀର ଅଟନ୍ତି । ଏହି ଯେ ଶଙ୍ଖାସୁର ତାର ସଂହାରକାରୀ । ଶ୍ରୁତି ସେ ବେଦ ତାହାର ଉଦ୍ଧାରକାରୀ ଓ ଯାହାଁ ସେ ଯଶ ତାହାର ସ୍ୱାଦ କ ପ୍ରକାଶକାରୀ ଏହିରୂ ମତ୍ସ୍ୟଶରୀର ବିଷ୍ଣୁ (ମୀନମୂର୍ତ୍ତି) ଜଳ ଭଳିବା ନମସ୍କେ ଅବସ୍ଥିତ ଦେଲେ—ଧାରଣ କଲେ ଶରୀର—କଳେବର ସେ । ଦରଦାହୀ—ଭୟ ନିବାରଣକାରୀ । ଶ୍ରୁତି—ଶ୍ରବଣ ମାନଙ୍କେ ନିସ୍ତାରକାରୀ ଓ କୀର୍ତ୍ତି ପ୍ରକାଶକାରୀ ରଘୁପତି—ଶ୍ରୀରାମଚନ୍ଦ୍ର । ଶ୍ରୀପଦ୍ମର—ଶୋଭିଷ୍ଣୁ ପାଦକୁ । ଭଜିବ—ଭଜିଲି ।

# ଅଷ୍ଟମ ଛାନ୍ଦ

(ସୁବର୍ଣ୍ଣରେଖାର ଶିବମଠ ସେନା ସନ୍ନ୍ୟାସୀର ଦେଶଭ୍ରମଣ ଓ
ଚନ୍ଦ୍ରଭାନୁ ପାଖେ ପ୍ରବେଶ)

ରାଗ—ମଙ୍ଗଳଗୁଜ୍ଜରୀ

ଏଥୁ ଅନନ୍ତରେ ଶୁଣ ଶୁଣି ସୁଜନ ।
ମନ୍ତ୍ରୀକି ଡାକି ସିଂହଳଦ୍ୱୀପ ରାଜନ ।୧।

ବୋଇଲେ କିଶୋରଦଶା ପ୍ରାପ୍ତ କୁମାରୀ ।
ଲଘୁ ଦେଖେ ବର ଦେବା କରାଅ ଜଲ ।୨।

ଶୁଣିଲେ ସୁଦର୍ଶଣାଙ୍କ ଭୃତ୍ୟ ତୋଷରେ ।
ଦୁଇ ସେନାପତିଙ୍କ ଅବା ଦୈବବଶରେ ।୩।

ନୃପତି ହୋଇ ପ୍ରମାଦ ସମ୍ପତ୍ତିବାଧ ।
ଶିଆଣିଙ୍କୁ ଭୁଲିଗଲେ ସେ ହେବେ କ୍ରୋଧ ।୪।

ଶୁଣି କର ଯୋଡ଼ି କହେ ସଚିବ ତହିଁ ।
ମୋହ ବନ୍ଧୁରକ୍ଷାର ଦିନ ତ ନାହିଁ ।୫।

ଶିବଙ୍କୁ ଦେଲେ ପାର୍ବତୀ ଶାପ ପଡ଼ିବ ।
ଭସ୍ମଭୂଷଣ ଅଙ୍ଗେ ଏ କେଶ ଜଡ଼ିତ ।୬।

---

୧ । କିଶୋରଦଶା :—ଦଶବର୍ଷରୁ ଷୋଳବର୍ଷ ପର୍ଯ୍ୟନ୍ତ କିଶୋର ଅବସ୍ଥା ।

୩ । ଭୃତ୍ୟ—ଦାସ । ତୋଷରେ—ଖୁସିରେ । ଦୁଇ ସେନାପତିଙ୍କେ—ସୈନ୍ୟବଳ ଦେବେ । ଦୈବବଶରେ—ଦୈବବଳରେ ।

୪ । ନୃପତି—ରାଜା । ପ୍ରମାଦ—ଭୁଲ । ସମ୍ପତ୍ତିବାଧ—ଧନ ଦୌଲତ ହାନି । ଶାସ୍ତ୍ରଙ୍କର ହିଂସ୍ର ହେବ—ଲକ୍ଷ୍ମୀଙ୍କ ଠାରେ ଶ୍ରଦ୍ଧା ଭୁଲିଗଲେ ସେ ଲକ୍ଷ୍ମୀ ଆମ ଉପରେ କ୍ରୋଧିବେ । ସୁଦର୍ଶଣାଙ୍କ ଠାରେ ଶାସ୍ତ୍ର ଅସନ୍ତୋଷ ହେଲେ ଲକ୍ଷ୍ମୀ ଆମ ଉପରେ ରାଗିବେ, ତେଣୁ ଆମର ସମ୍ପତ୍ତିହାନି ହେବ । ତାଙ୍କୁ ଶୀଘ୍ର ବର ଜାଇ କରାଇ ଦେବା । ଯାହା ଲକ୍ଷ୍ମୀଙ୍କ କ୍ରୋଧର ଶଙ୍କା ରହିବ ନାହିଁ ।

୫ । ସଚିବ—ମନ୍ତ୍ରୀ । ୬ । ଭସ୍ମଭୂଷଣ ଅଙ୍ଗ—ପାଉଁଶ ବୋଳା ଦେହରେ । କେଶ ଜଡ଼ିତ—ଜଟାଧାରୀ ମୁନିଙ୍କ ।

ଚନ୍ଦ୍ର ସେ କ୍ଷୀଣ କଳଙ୍କୀ ତାହାଙ୍କ କି ମୁଖ ।
ଅଶ୍ୱିନୀକୁମାର ହେଲେ ତୁରଗମୁଖ । ୭ ।
କୁସୁମଧନୁ ଅତନୁ ଅଛି ଅନ୍ୟ ଏକ ।
ଶିବପଟେ କୁଳବଧୂ ମାନବଲୋକେ । ୮ ।
କୁଣ୍ଡ ଦଣ୍ଡଧରଶ୍ରେଣି କରିବା ଆଣି ।
ଇଚ୍ଛାବର କଲେ ପଛେ ରମଣୀମଣି । ୯ ।
ଭୂପତି ଶୁଣି ତାହାଙ୍କୁ କଲେ ସମ୍ମତ ।
ମାନବେ ଲେଖା ନ ଯାଏ ସୁନ୍ଦରୀ ଚିତ୍ର । ୧୦ ।
ଜ୍ଞାନାନନ୍ଦ ନାମେ ଏକ ସନ୍ନ୍ୟାସୀ ଥିଲେ ।
ସଚିବ ପ୍ରୀତିରେ ମୟ ସମୀପେ ଗଲେ । ୧୧ ।
ସେକାଳେ ସେ ବିଶ୍ୱକର୍ମା ଏକତ୍ରମନେ ।
ନିର୍ମାଣିଛନ୍ତି ପିତୁଳା ଜେମା ସମାନେ । ୧୨ ।
ଜଗତମଞ୍ଜୁ ମଞ୍ଜୁଷମଧ୍ୟେ ପ୍ରତିମା ।
ଦର୍ପଣେ ଫୁଟି ଦିଶୁଛି କେବା ସୁଷମା । ୧୩ ।
ଏକାଳେ ସନ୍ନ୍ୟାସୀ କରି ଧ୍ୟାନ ଗାୟନ ।
ଲାବଣ୍ୟବତୀ ସ୍ୱରୂପ ଦେଖିଲେ ଧ୍ୟାନ । ୧୪ ।

---

୭ । କ୍ଷୀଣ—କୃଶ, ସରୁ (କଳା ଭୁରୁମ ହ୍ରାସ ହେତୁ) । କଳଙ୍କୀ—କଳଙ୍କ ଯୁକ୍ତ, କଳା ଦାଗ ହେତୁ । ଅଶ୍ୱିନୀକୁମାର ସୁନ୍ଦର ହେଲେହେଁ ସେ ତୁରଗମୁଖ—ଘୋଡ଼ାମୁହାଁ ।

୮ । କୁସୁମଧନୁ—କନ୍ଦର୍ପ, ସେ କିନ୍ତୁ ଅତନୁ—ଦେହଶୂନ୍ୟ । ମାନବ ଲୋକେ—ମନୁଷ୍ୟ ସମାଜରେ, ମର୍ତ୍ତ୍ୟରେ । ୯ । କୁଣ୍ଡ—ଏକାଠି । ଦଣ୍ଡଧରଶ୍ରେଣି—ରାଜା ସମୂହ । ଇଚ୍ଛାବର—ସ୍ୱୟମ୍ବର । ୧୦ । ଭୂପତିବର—ରାଜଶ୍ରେଷ୍ଠ । ମାନବେ—ମନୁଷ୍ୟଦ୍ୱାରା—ଲେଖା ନ ଯାଏ—ଅଙ୍କିତ ବା ଲିଖିତ ହୋଇ ପାରିବ ନାହିଁ ।

୧୧ । ସଚିବ—ମନ୍ତ୍ରୀ । ମୟ—ଦାନବ ଓ ଅସୁରଙ୍କ ଶିଳ୍ପୀ ।

୧୨ । ବିଶ୍ୱକର୍ମା—ଶିଳ୍ପୀ । ଏକତ୍ରମନେ—ସ୍ଥିରଚିତ୍ତରେ ।

୧୩ । ଜଗତମଞ୍ଜୁ—ସଂସାରରେ ମନୋହର । ମଞ୍ଜୁଷ—ପେଡ଼ା । ସୁଷମା—ଅପୂର୍ବ ସୌନ୍ଦର୍ଯ୍ୟ । ୧୪ । ଧ୍ୟାନଗାୟନ—ଧ୍ୟାନବନ୍ଦର ମନ୍ତ୍ରକୁ ଗାନ କରି ।

ଦାନ ଦେଲାବେଳେ ମାନ କରୁଥିଲେ ଏତେ ।
ଅମ୍ଭ ବଡ଼ାଣିଙ୍କୁ ଖ୍ୟାତ ହେବ ଜଗତେ । ୧୫ ।
ସ୍ୱୀକାର କରୁ ଯୋଗୀ ବାହୁଡ଼ ଆସି ।
ଦେଖାଇ ସ୍ୱରୂପ ମନ୍ତ୍ରୀ ମସ୍ତକ ଚୋଟି । ୧୬ ।
ସେ ବୋଇଲେ ଧର୍ମଭାଉ ଅଟନ୍ତୁ ତୁମ୍ଭେ ।
ଅମ୍ଭ ବୋଇଲେ ଏହା ଦେଲି ତୁମ ସମ୍ଭାବ । ୧୭ ।
ଦେଖାଇ ରୂପଦର୍ପଣେ କଣ ଭରବ ।
ଦୋଷ ଗୁଣ ସୁନ୍ଦରପଣକୁ ବୁଝିବ । ୧୮ ।
ଏ ବଚନେ ଶିଷ୍ୟ କରେ ଦେଇ ବୁଝାଇ ।
ଶୁଣ ଏବେ ଏତେ ଦେଶ ଭ୍ରମିଲୁ ସେହି । ୧୯ ।
କର୍ଣ୍ଣାଟ ଦେଶେ ଯେଉଁ ରୂପେ ହେଲେ ଆଦର ।
ବକ୍ତୁଥାଇ ତାଙ୍କୁ ମଞ୍ଜୁଷତ ନାଗର । ୨୦ ।
କୁନ୍ତଳେ କୁନ୍ତଳବର୍ଣ୍ଣେ ସାରିଲେ ଦାନ ।
ମତ୍ସ୍ୟଜନ ମତ୍ସ୍ୟପର ନାଡିଶଦ୍ଧାନ । ୨୧ ।
କାମ୍ବୋଜ ନିଷେଧ ଅନ ଲୋକନ ହେଲେ ।
ମାଳବରେ ମାଳା କର ତାହା କଟିଲେ । ୨୨ ।
ମଗଧରେ ମଗଧାପତି ପାଇଲୁ ପଦ ।
ବିଦେହ ବିଦେହଗଣରେ ବୋଧିଲେ ସାଧ । ୨୩ ।

---

୧୫ । ବଡ଼ାଣିଙ୍କୁ—ଭାଉଜଙ୍କପଣିଆ; ଶିଳ୍ପିଙ୍କୁ । ଖ୍ୟାତ—ପ୍ରଚୁର ।
୧୬ । ସ୍ୱୀକାର—ଅଙ୍ଗୀକାର, ସ୍ୱୀକୃତ । ସ୍ୱରୂପ—ପ୍ରକୃତରୂପ, ମୂର୍ତ୍ତି ।
୧୭ । ଧର୍ମଭାଉ—ଧର୍ମପିତା । ୨୦ । ମଞ୍ଜୁଷତନାଗର—ରାଜା ଘରୁ ।
୨୧ । କୁନ୍ତଳେ—କୁନ୍ତଳ ଦେଶରେ । କୁନ୍ତଳବର୍ଣ୍ଣେ—ରୂପ ଦେଖି ବାଳର ରଙ୍ଗ ସବୁ ଭଲ ପାଇଲେ ( କୁନ୍ତଳରେ ) । ମତ୍ସ୍ୟଜନେ—ମତ୍ସ୍ୟଦେଶର ଲୋକମାନେ । ମତ୍ସ୍ୟପର ନମ୍ରତ୍ୱ—ଅଧିପତି ନ ସହାଇ ଅଶ୍ରୁଧାରା ବେହି ଦେଖିଲେ ।
୨୨ । କାମ୍ବୋଜ ଦେଶର ଲୋକେ ଅନ୍ୟ ଦେଖିବାକୁ ବାରଣ କଲେ । ମାଳବରେ—ମାଳବ ଦେଶର ଲୋକେ ମାଳାକାର—ଆଦର କରି ସେ ଲୁଣ୍ଠନକାରୀ ନାମ ଧାରଣ କରିବାକୁ ଲାଗିଲେ । ୨୩ । ମଗଧରେ—ମଗଧ ଦେଶରେ । ମଗଧାପତି—ଇନ୍ଦ୍ରପଦ । ବିଦେହ—ଦେଖିଲେ । ବିଦେହଗଣରେ—ସମସ୍ତ ସଭରେ ।

କନ୍ୟାକୁବ୍ଜ କନ୍ୟା କୁଳ ଶୁଣିଲେ ବାଣୀ ।
ମଲ୍ଲଦେଶ ମଲ୍ଲୁ ରମ୍ଭା ଏମନ୍ତ ଭଣି । ୨୪ ।
ଅଙ୍ଗରେ ଅଙ୍ଗନାଅଙ୍ଗ ପ୍ରଶଂସା କଲେ ।
ଏହୁ ରମା ବୋଲି କଳି କଳିଙ୍ଗେ ହେଲେ । ୨୫ ।
ଧାତା ସୃଷ୍ଟି ଏହୁ ମରହଟ୍ଟେ ନଗର ।
ସୌରାଷ୍ଟ୍ରେ ଭଣି ସୌଦାମିନୀ ସ୍ଥିର । ୨୬ ।
ତୈଲେ କାତୈଲେ ଓଡ଼ାଳି ବସିବା ଚିନ୍ତା ।
ଦ୍ରାବିଡ଼େ ଜାବିଡ଼େ ଅଳକାଳେ ସମତା । ୨୭ ।
ଗୁଜୁରାଟ ସ୍ମିତବଦନେ ଦେଖିବା ଇଚ୍ଛା ।
ବିଦର୍ଭରେ ଦର୍ଭହାସୀ ଦର୍ଶନବାଞ୍ଛା । ୨୮ ।
ଉତ୍କଳେ ଉତ୍କଳ ହୋଇ ନରହେ ଯାଗ୍ୟା ।
ଗର୍ବସ୍ତୁ ଏ ଗଜୁରବ ଗଉଡ଼େ କର । ୨୯ ।
ନେପାଳେ କପାଳେ ଥିଲେ ପାଇବା ଭାବ ।
ମାଗଧେ ମାଗଧମୁଖେ ବର୍ଣ୍ଣାନ୍ତି ଛବି । ୩୦ ।

---

୨୪ । କନ୍ୟାକୁବ୍ଜ—କନୌଜ ଦେଶରେ । କନ୍ୟାକୁଳ—କନ୍ୟାଶ୍ରେଣୀ । ମଲ୍ଲଦେଶ—ମାଲୁଆଁ ଦେଶରେ । ରମ୍ଭା ମଲ୍ଲୁ—ଶୋଭାରେ ଲକ୍ଷ୍ମୀ-ଶାଳି ରମ୍ଭା ଅପ୍ସରା ରୂଢ଼ ମଲ୍ଲୁ । ଅଙ୍ଗଦେଶରେ ଅଙ୍ଗନାଅଙ୍ଗ—ସ୍ତ୍ରୀ ଲାବଣ୍ୟବତୀର ଶରୀର । କଳିଙ୍ଗ ଦେଶରେ ଏହୁ ରମା—ଲକ୍ଷ୍ମୀ—ଶୋଭା ଦେବୀ ବୋଲି ଲୋକଙ୍କ ମଧ୍ୟରେ କଳି ହେଲା ବା କଳିଙ୍ଗ ଲୋକମାନେ କଳି କଲେ ।

୨୬ । ଧାତା ସୃଷ୍ଟି—ବିଧାତାଙ୍କ ଅପୂର୍ବ ସୃଷ୍ଟିର ସୃଷ୍ଟି । ମରହଟ୍ଟରେ— —ଦେଶରେ । ସୌରାଷ୍ଟ୍ରେ—ଦେଶରେ । ସ୍ଥିର ସୌଦାମିନୀ—ସ୍ଥିର ବିଜୁଳି ।

୨୭ । ତୈଲେ—ତୈଲଙ୍ଗ ଦେଶରେ । ତିଳତୈଳ—ଜଂଘ ଲୁ ମଧ୍ୟରେ । ଦ୍ରାବିଡ଼—ଦେଶରେ । ଜାବିଡ଼େ—ଜୁଡ଼ାବନ୍ଧରେ । ସମତା—ଅତି ଅସ୍ତବ୍ଧ । ଗୁଜୁରାଟ—ଗୁଜୁରାଟ ଦେଶରେ । ବିଦର୍ଭରେ—ବୈଦର୍ଭରେ । ଦର୍ଭହାସୀ ସ୍ତ୍ରୀ ମୃଦୁହାସୀ—ସ୍ମିତବଦନା ।

୨୯ । ଉତ୍କଳଦେଶରେ ଉତ୍କଳ—ଉତ୍କଣ୍ଠିତ । ୩୦ । ଗର୍ବସ୍ତୁ—ଗର୍ବିତା । ଗଜୁରବ—ମର୍ଯ୍ୟାଦା । ଗଉଡ଼େ – ବଙ୍ଗଦେଶରେ । ମାଗଧେ—ମଗଧ ଦେଶରେ ( ମଗଧ ସ୍ଥାନେ ଅ ) ମାଗଧ ମୁଖେ—ଭାଟ ମୁଖରେ ।

କୁଞ୍ଜଗଳେ ଗଳେ ବାଙ୍କି ବୁଲିବା ସେସ୍ନା ।
ବର୍ଣ୍ଣାଳୀ ଗାଳି ଉପମାବଳିକି ଦେଇ ।୩୧।
ରୋମଶ ରୋମହର୍ଷିତ ଦେଖି ଭୂପତ ।
କଳେବରରେ କଳେବରେ ଅନଙ୍ଗ ଜାତ ।୩୨।
କେରଳେ ଭ୍ରମେ କେରଳମାୟା ଦେଖାଇବ ।
ଯମନ ମନକୁ ଭିଲ ନୋହିଲା ଭାବି ।୩୩।
ସିନ୍ଧୁରେ ଘୁଞ୍ଚିଲେ ସିନ୍ଧୁରେ ଯେ ହାଣିବ ।
ସିନ୍ଧୁରଗମନା ପ୍ରତିଅଙ୍ଗ ପିଶିବ ।୩୪।
ବାଳା ତୁଳାପିତୁଳାକୁ ଗୁନ୍ଥି ସମ୍ବେଗ ।
ପିତୁଳା କରି ରଖିବେ ନୟନଯୁଗେ ।୩୫।
ବିଦଗ୍ଧେ ବିଦଗ୍ଧ କାମ ଦହନେ ।
ସେ ଭାବନା ନ ଛାଡ଼ିଲେ ରଜନୀ ଦିନେ ।୩୬।
କେ ବୋଇଲେ ଘଟ କି ଏ ତାହାର କପଟ ।
ଦେଖିଲେ କାହିଁକି ଚିତ୍ତ ହୋଇ ଲମ୍ପଟ ।୩୭।
କେ ବୋଇଲେ ଏ କେଉଁ ହେଳା ଦମ୍ଭ ରହିଲା ।
ଶାତକୁମ୍ଭ କୁମ୍ଭକଳଶାକୁ ବହିଲା ।୩୮।

---

ଉପମାବଳୀଙ୍କି—ଉପମାମାନଙ୍କି, ଚନ୍ଦ୍ର, ପଦ୍ମ ପ୍ରଭୃତିଙ୍କୁ ତୁଚ୍ଛ କରି ଗାଳିଦେଲେ । ଏ କନ୍ୟା ଏହାଙ୍କ ସଙ୍ଗେ ସମାନ, ଏ ହେତୁ ।

୩୨ । ରୋମଶ ଦେଶରେ ରୋମହର୍ଷିତ—ଅଙ୍ଗମାନେ ତାଙ୍କ ପ୍ରେମ ଅଙ୍କୁର ଗଲା ( ପୁଲକ ) । କଳେବରରେ—କଳେବର—[illegible] ଦେଶରେ । କଳେବରରେ—ଶରୀରରେ ।

୩୩ । କେରଳେ—କେରଳ ଦେଶର ଲୋକ ଭାବିଲେ । କେରଳ ମାୟା—କେଳା କୁହୁକ । ଯମନ—ଯବନ । ୩୪ । ସିନ୍ଧୁରେ—ସମୁଦ୍ରରେ । ସିନ୍ଧୁରଗମନା—ଗଜଗାମିନୀ ଲାବଣ୍ୟବତୀ । ୩୫ । ପିତୁଳାକୁ—କନ୍ୟାର ସମ ମୂର୍ତ୍ତିକୁ—ଚିତ୍ରପଟକୁ । ସମ୍ବେଗ—ଅତି ଶୀଘ୍ରରେ । ପିତୁଳା—ଆଖି ତୋଳା, ବା ପୁଅ । ନୟନଯୁଗେ—ଦୁଇ ଆଖିରେ । ୩୬ । ବିଦଗ୍ଧେ—ବିଦଗ୍ଧମାନେ—କଳାବିଳାସରେ ଚତୁର ବା ରସିକମାନେ । କାମଦହନେ ବିଦଗ୍ଧ—କନ୍ଦର୍ପଜ୍ୱାଳାରେ ବିଶେଷ ଭାବରେ ଦଗ୍ଧ ହୋଇ । ୩୭ । କେ ‥କପଟ—ଏ ତାହାର କୁହୁକ ବା ଇନ୍ଦ୍ରଜାଲ । ଲମ୍ପଟ—ଲାଳସାଯୁକ୍ତ, ଲୋଲୁପ । ୩୮ । କେଉଁ ହେଳା—କପଟ ହେଳା । ଦମ୍ଭ ରହିଲା—ନିଶ୍ଚଳଭାବରେ ଚେଇଁ ରହିଲା । ଶାତକୁମ୍ଭକୁମ୍ଭକଳଶାକୁ—

ସେ ବୋଲେ ସତେ କାମିନୀ ଅଛି ଏମନ୍ତେ ।
କେମନ୍ତେ ଗଢ଼ିଲୁ ବିଧି ଅସୂର୍ଯ୍ୟ କେତେ । ୩୯ ।

ଏକେ ବୋଲେ ସତେ ଏରୂପେ ଥିଲେ ତରୁଣୀ ।
ଏତେକାଳେ ଅଳଙ୍କୃତା ହୋଇଲା ଧରଣୀ । ୪୦ ।

ସେ ବୋଲେ ମୋହନ ମୂର୍ତ୍ତିବନ୍ତ ହୋଇଲା ।
ସକଳ ସୁନ୍ଦର ଅଙ୍ଗେ ଯେଣୁ ଅଛିଲା । ୪୧ ।

ସେ ବୋଲେ କହିବା ନୋହେ ନେତ୍ରସୁକୃତ ।
ଦେଖିଲୁଁ ଲାବଣ୍ୟବତୀର ଅଦ୍ଭୁତ । ୪୨ ।

ବସୁଧରେ ସୁଖାସୁକ୍ତି କାହା ପ୍ରଳୟ ।
ହୋଇବ ହୋଇଛି ଉତ୍ପାତ ଉଦୟ । ୪୩ ।

ବିଦ୍ୟୁସ୍ଥିର ଇନ୍ଦୁଚିର ଜିଣି ବଦନ ।
ଅମଳିନ ହୋଇ ଛ ନଳିନ ବିକାଶ । ୪୪ ।

---

ସୁନାକଳସ ପଣ ସ୍ତନ ଯାହାର ଏପରି କନ୍ୟାକୁ ବାହିବା—କାମିନୀ କଲୁ ।

୩୯ । କାମିନୀ—ସ୍ତ୍ରୀ । ୪୦ । ତରୁଣୀ—ସ୍ତ୍ରୀ ; ଅଳଙ୍କୃତା—ଭୂଷିତା । ଧରଣୀ—ପୃଥିବୀ ।

୪୧ । ମୋହନ—ମୋହକ ଗୁଣ (କାମଦେବର) । ମୂର୍ତ୍ତିବନ୍ତ ହୋଇଲା—ଶରୀର ଧଇଲା ।' ସକଳ ସୁନ୍ଦର—ସମସ୍ତ ସୌନ୍ଦର୍ଯ୍ୟ ( ସକଳ ସୁନ୍ଦର ସନ୍ନିବେଶ—ସୁଗଠିତ ଏକାଠି, କୃଷ୍ଣଙ୍କ ମୂର୍ତ୍ତି ) । ୪୨ । କହିବା ନୋହେ—କହି ହେବ ନାହିଁ । ନେତ୍ରସୁକୃତ—ଚକ୍ଷୁର ପୁଣ୍ୟ । ଅଦ୍ଭୁତ—ରୂପ ।

୪୩ । ଉତ୍ପାତ—ଉତ୍ପାତ; କୌଣସି ଅସାଧାରଣ ଘଟନା ଯାହାଦ୍ୱାରା ବିପଦ ସୂଚିତ ହୁଏ, ଯଥା ଶକୁନ, ଯେପରି ବିଦ୍ୟୁତ୍ କପିଳ ବର୍ଣ୍ଣ ଦେଖା ହେଲେ ବୃଷ୍ଟି ହୁଏ ସେହିପରି ଏ ଲାବଣ୍ୟବତୀର ଉଦୟ—ପ୍ରକାଶ ବା ଜନ୍ମରେ ସୁଖାସୁକ୍ତି—ସୁଖକପଡ଼ା; ପ୍ରଳୟ—ବିନାଶ ହେବ ।

୪୪ । ବିଦ୍ୟୁସ୍ଥିର—ଏ ଲାବଣ୍ୟବତୀର ଶୋଭାକୁ ଠିକ୍ ବର୍ଣ୍ଣନା କଲେ କହିବା ଯେ ଏ ସ୍ଥିର ବିଜୁଳି; ଜିଣି ବଦନ—ବଦନଶ୍ରୀ; ଭରସ୍ଥାସ୍ଥି ଉଦିତ ପୂର୍ଣ୍ଣ ଭାବରେ ଇନ୍ଦୁ—ଚନ୍ଦ୍ର, ଅମଳିନ—ଅମ୍ଳାନ; ଯଶିବେ ମଧ୍ୟ ନଳିନ ପଦ୍ମ—ମୁଖପଦ୍ମ ।

ପୁଣି ବକ୍ଷସ୍ଥଳେ ବାଳଭୂମି କରୁଛ ।
ଏଡ଼େ ଅନଙ୍ଗ ବନ୍ଧାଇ କି ଦୁର୍ଗ କର । ୪୫ ।

ଦେଖ ଏ ପ୍ରତ୍ୟକ୍ଷ କଥା କରୀକି ହରି ।
ମାରେ ଏବେ ଆରୋହିଛନ୍ତି ହରିକି ହସ୍ତୀ । ୪୬ ।

ଦର୍ଶନେ ଖଞ୍ଜନ ଯୋଗ ଆଗେ ଦେଖିଲୁ ।
ଲଜ୍ଜାପଥେ ରଞ୍ଜନ ଗଞ୍ଜନ ହୋଇଲୁ । ୪୭ ।

ଯେ କାମିନୀ କେତେ ଅନୁମାନ କି ଭାବ ।
ତୋତେ ସେ ପ୍ରତ୍ୟକ୍ଷ କେତେ ଅଛି ତା ଭାବ । ୪୮ ।

କେହେଲେ ହୋଇଥିବ ଅବା ବିଧାତାମାତା ।
ମନେ ମନାସିବା କଥା ହୁଅଇ କି ତା । ୪୯ ।

---

୪୫ । ବାଳଭୂମି—ଦୁର୍ଗସ୍ଥାନ, ସୈନ୍ୟଙ୍କ ରହିବା ସ୍ଥାନ (ଜଳଭୂମି ପାଠରେ ଜଳଦୁର୍ଗ) । ଅନଙ୍ଗ—କାମଦେବ । ଏହା ଖଣ୍ଡିଆରୁ ରକ୍ଷା କରି ରହିଲା ।

୪୬ । ଦେଖ ଏ ...... ହସ୍ତୀ :—ଏ ପ୍ରତ୍ୟକ୍ଷ ଦେଖା ଯାଉଛି—ହସ୍ତୀର କୁମ୍ଭ—ସିଂହ ମାରେ, କିନ୍ତୁ ହରିକି—ସିଂହକୁ । ଆରୋହିଛନ୍ତି—ଉପରେ ବସିଛନ୍ତି । କଟୀ-ହସ୍ତୀ ସୁବର୍ଣ୍ଣବର୍ଣ୍ଣର ଜଙ୍ଘ ହେଲା ସିଂହ ଓ କଟୀ ହେଲା କୁମ୍ଭରୂପ ସ୍ତନ ତା' ଉପରେ ରହିଛି । (ଅଙ୍ଗ ଅଙ୍ଗ ଅର୍ଥରେ) ୪୭ । ଦର୍ଶନେ...ହୋଇଲୁ—ଦର୍ଶନ—ପଦ୍ମ, ସେ ହେଲା ମୁଖ, ଖଞ୍ଜନ ଯେ ଖଞ୍ଜରୀଟ ପକ୍ଷୀ ସେ ହେଲା ନେତ୍ର । ସେ ରଞ୍ଜନ—ଶୋଭନ—ଦୀପ୍ତ ଦର୍ଶନ କରିବାରେ ଖଞ୍ଜନ ଯୋଗକୁ ପ୍ରଥମରେ ଦେଖିଛୁ । ଏତେନାହି ଖଞ୍ଜନ- ଗର୍ବସ୍ୟ ନଳିନାଦଳନେତ୍ରା ଦୃଷ୍ଟଃ କଟେଷୁ ଚତୁରସ୍ୟ ବିଳାସପଦ୍ମମ୍ । ଇତି । ଗ୍ରନ୍ଥାନ୍ତରେ—ଏତେନାପି ଖଞ୍ଜନବରେ ସରସୀରୁହସ୍ଥେ ଦୃଷ୍ଟଃ କଟେଷୁ ନର୍ତ୍ତିକାଚନପାଳନକ୍ଷମ୍ ।

୪୮ । ଅନୁମାନ—କଳ୍ପନା, ଅନୁଭବ । ୪୯ । ବିଧାତା—ବ୍ରହ୍ମା ଯେ ମାତା— କଳ୍ପନାକାରୀ । ମନେ ମନାସିବା କଥା—ମନର କଳ୍ପନାରେ ଏ ସୃଷ୍ଟି କାରଣ । କୃତ୍ରିମ ଉପାୟରେ ଏହି ବାଣ୍ଟ ହୋଇଥିବ । ମନରେ ଯାହା କଳ୍ପିତ ହୁଏ, ତାହା କାର୍ଯ୍ୟରେ ପରିଣତ ହୁଏ ; କିନ୍ତୁ ଏହା ଅଲ୍ପ ରହିଯାଏ ।

ପ୍ରମ୍ଭାଗେ ଅପୂର୍ବ ସୀତାସନ୍ତ୍ରଣ ପରି ।
ଏ ରୂପକୁ ଅଛୁ କି ସେ ନାମୀଶ ଭର ।୫୦।

ଏମନ୍ତେ ଧାମା ପ୍ରଶଂସା ସଂସାରେ ଖ୍ୟାତ ।
ନୃପତି ସମୂହ ହେଲେ ଉତ୍କଣ୍ଠିତଚିତ୍ତ ।୫୧।

ମନକୁ ପ୍ରେଷିତ କଲେ ସିଂହଳଦ୍ୱୀପ ।
ଶୟନେ ଦେଖିଲେ ସ୍ୱପ୍ନେ ବାଳାସ୍ୱରୂପ ।୫୨।

ଅସର ପାଇ ବାଜିଲା କୁସୁମଶର ।
ସାହେଲେ ଉଶୀରବାଟୀ ଶିଶିରକର ।୫୩।

ଶିଶିରକରତେଜ ରବି ଭଳି ପାଇଲେ ।
ନବଦଳକିଶଳୟ କରି ଶୋଇଲେ ।୫୪।

ଦ୍ୱିଜ ଖଣ୍ଡୀଭୂତ କରି ଚଣ୍ଡୀଚରଣ ।
ପ୍ରତିଦିନ କରିବାରେ ହେଲେ ନିପୁଣ ।୫୫।

ଶମ୍ଭାଶୋଷ୍ୟ ଅନୁଭବୀ କରିବାପାଇଁ ।
ଶିବେ ଶୋଡୋପଚାର କରି ତର୍ମା ଚଢ଼ାଇ ।୫୬।

ଅଙ୍ଗନାପୂର୍ଣ୍ଣୀ ନୟନେ ଦେଖିବାପାଇଁ ।
ଗଣେଶଙ୍କୁ ଲଡ଼ୁ ଦେବା ଟଣାଣ ନାହିଁ ।୫୭।

---

୫୦ । ପ୍ରମ୍ଭାଗେ...ପରି—ରାବଣ ଯେପରି ମାୟାରେ ସୀତା ଧରି ରାମଚନ୍ଦ୍ରଙ୍କୁ ଦେଖାଇଥିଲା ସେହିପରି ଏ ମାୟା ମୂର୍ତ୍ତି କି ? ଇନ୍ଦ୍ରଜିତ ମାୟା ସୀତାକୁ ହନୁମାନ ଆଗରେ ଯୁଦ୍ଧକ୍ଷେତ୍ରରେ କାଟିଥିଲା । ମେଘନାଦର ଅନ୍ତ- ଦ୍ୱେଷରେ ଉନ୍ମୁମାଳିର ପୁଅ ସିଂହନାଦ ନାଗ ଲଙ୍କାଣୀ ମୁକାନ୍ତିଙ୍କୁ ନେଇ ପ୍ରମ୍ଭାଗରେ ବୁଝାଇ ମାୟା ସୀତା କରିଥିଲା ସେହି ମୁଦାନ୍ତି ସେ ମାୟା ସୀତା ହୋଇଥିଲା ସେ ଅବିକଳ ସୀତା । ବାଲ୍ମୀ ରାମାୟଣ ।

୫୧ । ଉତ୍କଣ୍ଠ—ଉଚାଟ । ୫୨ । ପ୍ରେଷିତ—ପଠାଇଲେ । ୫୩ । ଅସର—ଅବସର, ସୁଯୋଗ, ବେଳ । କୁସୁମଶର—କନ୍ଦର୍ପ । ଉଶୀର—ବେଣାଚେର । ଶିଶିରକର—(ଚନ୍ଦ୍ର) କର୍ପୂର । ୫୪—ରବିଙ୍କର—ସୂର୍ଯ୍ୟଙ୍କ ତାପ—(ଶରତାପ ପାଠାନ୍ତର) ଶରୀରରେ ଚନ୍ଦ୍ର ସୂର୍ଯ୍ୟଙ୍କ ପରି ଅସହ୍ୟ ହେଲା । ନବ ପଲ୍ଲବ ଶଯ୍ୟନ—ନୂଆ କଅଁଳଥ ପତର ଶେଯ । ୫୬ । ଶମ୍ଭାଶୋଷ୍ୟ—ବଜ୍ରପାତ ଶୌରବର୍ତ୍ତୀ ।

କରେ ଝୁର୍ଣ୍ଣମାଳ୍ୟ ଯଥା କୁରବକଲସୀ ।
ରମାବଲ୍ଲଭଙ୍କୁ ଦେଲେ ଲଭଙ୍ଗେ ତୁଳସୀ । ୫୮ ।

କାମଶାସ୍ତ୍ର ଦେଖି ସ୍ତ୍ରୀବଶୀକରଣ ।
କଲେ ମନ୍ତ୍ର ମନ୍ତ୍ରପୂତ ମଣି ଭୂଷଣ । ୫୯ ।

ଶୋଭା ଅର୍ଥେ ମଣ୍ଡି ହେଲେ ବହୁଅଳଙ୍କାର ।
ପଉଣ୍ଡ୍ରକ ବାସୁଦେବ ହେଲା ପ୍ରକାର । ୬୦ ।

କେତକୀପୁଷ୍ପ ବାଞ୍ଛିତ ଯଥା ମଧୁପ ।
ତଥା ନୃପମଣ୍ଡଳ ବାଳାରେ ଲୋଲୁପ । ୬୧ ।

ନ ତୁଟିଲା ଆଉ ଆଶା ଦେଖିବା ଛାମୁର ।
ବରଙ୍ଗଣୀ ନାସିକା ନିବଳୀ ପ୍ରକାର । ୬୨ ।

ଉଚ୍ଚତରୁଫଳେ ଖର୍ବେ ଆଶାସ୍ତି ପର ।
ଲାବଣ୍ୟବତୀ ନାମକୁ ମନ୍ତ୍ରର କର । ୬୩ ।

ବାଳା ପ୍ରଭାଅଙ୍ଗ ଶୋଭା ମାନସେ ଥୋଇ ।
ଅପଣା ଶୋଭାକୁ ଆଦରଶରେ ଚାହିଁ । ୬୪ ।

ବାହ୍ୟରେ ଅବମ୍ଭ ସେ ଅନ୍ତରେ ବ୍ୟାକୁଳ ।
ଭସ୍ମ ଆଚ୍ଛାଦନରେ ଥାଇ ଯଥା ଅନଳ । ୬୫ ।

---

୫୮ । କୁରବକଲସୀ—କୁନ୍ଦପୁଷ୍ପ ମାଳିଆ । ରମାବଲ୍ଲଭ—ବିଷ୍ଣୁ । ୫୯ । କାମଶାସ୍ତ୍ର—ବାତ୍ସ୍ୟାୟନଙ୍କ କାମଶାସ୍ତ୍ର—ସ୍ତ୍ରୀ ବଶୀକରଣ ମଣି ମନ୍ତ୍ର ଔଷଧାଦି ପ୍ରୟୋଗରେ ସ୍ତ୍ରୀ ବଶ କରାହୁଏ । ୬୦ । ପଉଣ୍ଡ୍ରକ—ବାସୁଦେବ ହେବାର ପୌଣ୍ଡ୍ରକ ରାଜା ନକଲି ଶଙ୍ଖ ଚକ୍ରାଦି ଧରି କାଠ ଗରୁଡ ଉପରେ ଚଢ଼ି ବିଷ୍ଣୁ ସାଜିଥିଲେ ସେହିପରି ରାଜାମାନେ ଭୂଷଣ ଧାରଣ କଲେ ।

୬୧ । କେତକୀ...ମଧୁପ—ଭ୍ରମରର ସେପରି କେତକୀ ଫୁଲରେ ଅଭିଳାଷ—କାମନା

୬୨ । ବରଙ୍ଗଣୀ ନିବଳୀ ପ୍ରକାର—ବରଙ୍ଗରେ ନାକର ନାକ୍ରିଆର ଅଗ୍ରଭାଗ ବା ଗୁଳପରି ସେ ନାକ୍ରିଆ ପ୍ରିୟତମଙ୍କ ନିମିଷ ଅସ୍ଥିର, ତଥାପି ସେ ପିଣ୍ଡ ମାତ୍ର ଦେହକୁଁଟି ବର୍ତ୍ତିପାରେ ନାହିଁ । ୬୩ । ଉଚ୍ଚ ତରୁ ଫଳ—ତେଙ୍ଗାଗଛର ଫଳପାଇଁ ; ଖର୍ବ—ବାମନ, ଠେଙ୍ଗା ।

୬୪ । ଆଦରଶରେ—ଦର୍ପଣରେ । ବାହ୍ୟରେ—ବାହାରେ (ବ୍ୟାଜରେ—ଛଳରେ, ଛଳରେ) । ଅବମ୍ଭ—ଦମ୍ଭ । ଅନ୍ତରେ—ମନ ମଧ୍ୟରେ ।

୬୫ । ଭସ୍ମଆଚ୍ଛାଦନରେ—ପାଉଁଶ ଘୋଡ଼ାହୋଇ ଭିତରେ । ଅନଳ—ଅଗ୍ନି ।

ବିଚକ୍ଷଣ ଜନ ଯେସନ୍ତି ଫିନ୍ଦୁକଦ୍ୱୀପେ ।
ପ୍ରୀତି ଲଗାଇଲେ ଇନ୍ଦ୍ରେଶ୍ୱର ମଦ୍ୱୀପେ । ୬୬ ।
ଲାବଣ୍ୟବତୀ ସ୍ୱରୂପ ଅଇଁବା ଯୋଗେ ।
ଅଗ୍ନି ପ୍ରକଟ ହୋଇଲା କର୍ଣ୍ଣାଟଦେଶ । ୬୭ ।
ଚନ୍ଦ୍ରଭାନୁ ଭୂପଙ୍କ ଯାହା ସାଧୁଛ କହ ।
ତାଙ୍କୁ ଦେବ କାମିନୀ ରୂପ ଦେବ ପଟେ ଲିହି । ୬୮ ।
ରୂପକାର ରଙ୍ଗାଜୀବ ମଣ୍ଡିଏତେ କାହିଁ ।
ମନଙ୍କୁ ଅଦେଖ ମସବାଭୁବନେ ନାହିଁ । ୬୯ ।
ହୋଇଥିଲୁ ମୋ ନେତ୍ରର ବନ୍ଧ୍ୟା ରଣୀ ।
ଶୁଣିବ ବୋଲି ଅଛଣ ପ୍ରତିତରୁଣୀ । ୭୦ ।
ଗୁରୁଦ୍ରୋହୀ ପୁଣ ସ୍ୱର୍ଗଦ୍ୱାର ପାଇଲେ ।
ସାତସିନ୍ଧୁ ଜଳ ଭିତରଦେ ବହିଲେ । ୭୧ ।
ପକ୍ଷ ବନା ହୋଇଅଛି ଗଗନଗତି ।
ଜଳ ଉପରେ ଶଇଳ ଭାସିଅଛନ୍ତି । ୭୨ ।
ଯେବେଁ ଦାଇବେ ହୋଇବୁ ଏତେ ବିଧାନ ।
ମେଳି ପାଇବେ ତେଜୁ କି ବାଳାରତନ । ୭୩ ।

---

୬୬ । ବିଚକ୍ଷଣ—ଚତୁର । ଯେସନ୍ତି—ପ୍ରକାର । ମଦ୍ୱୀପେ—ଗବାକ୍ଷପଥରେ । । ୬୭ । ସ୍ୱରୂପ—ପ୍ରକୃତମୂର୍ତ୍ତି । ଯୋଗ—ଦ୍ୱାରା । ପ୍ରକଟ—ପ୍ରକାଶ । ୬୮ । ରୂପକାର—ମୂର୍ତ୍ତି ଗଢ଼ିବା କାରିଗର ଲୋକ । ରଙ୍ଗାଜୀବ—ଚିତ୍ରକର । ମସବାଭୁବନେ—ମର୍ତ୍ତ୍ୟପୁରରେ ।

୭୦ । ବନ୍ଧ୍ୟା—ବନ୍ଧ୍ୟା । ପ୍ରତିତରୁଣୀ—ତରୁଣୀ ସ୍ତ୍ରୀ ଲାବଣ୍ୟବତୀର ପ୍ରତିନିଧି ବା ପ୍ରତିରୂପ "ପ୍ରତିନିଧି ପ୍ରତିଦ୍ୱନ୍ଦ୍ୱ୍ୟୋଃ" ଏହି ଅର୍ଥରେ ପ୍ରତି ଶବ୍ଦ ।

୭୧ । ଗୁରୁଦ୍ରୋହୀ—ଚନ୍ଦ୍ର । ବୃହସ୍ପତିଙ୍କ ସ୍ତ୍ରୀ ତାରାଙ୍କୁ ହରଣ କରିଥିବାରୁ ସେ ଗୁରୁଦ୍ରୋହୀ ; ତାହେଲେ ଦେବବଂଶରୁ ସ୍ୱର୍ଗଦ୍ୱେଷୀ ବା ଅମୃତ ଗୁରୁପତ୍ନୀ ହରଣ କରିଥିଲେହେଁ ଯଜ୍ଞଭୋଗୀ ହୋଇ ସ୍ୱର୍ଗରେ ସ୍ଥିତ ହୋଇ ଅଛନ୍ତି । ସାତସିନ୍ଧୁ...ବହିଲେ । ଅଗସ୍ତ୍ୟ ଋଷି ସାତ ସମୁଦ୍ରକୁ ଚଳୁ କରି ପିଇଥିଲେ । ୭୨ । ପକ୍ଷ...ଗଗନଗତି—ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଲକ୍ଷ୍ୟ କରି ବା ହନୁମାନ ପକ୍ଷ ନ ଥିଲେହେଁ ପକ୍ଷୀପରି ସମୁଦ୍ର ଲଙ୍ଘନ କରିବାବେଳେ ଆକାଶରେ ଉଡ଼ିଯାଇଥିଲେ । ଜଳ...ଭାସି ଅଛନ୍ତି—ସେତୁ ବାନ୍ଧିବା ସମୟରେ ନଳଙ୍କ ହସ୍ତସ୍ପର୍ଶରେ ପର୍ବତମାନେ ସମୁଦ୍ରରେ ଭାସି ରହିଥିଲେ ।

ଜ୍ୟୋସ୍ନେ ଭୂଷିତ ଗୃହକ ଯେମନ୍ତ ହୋଇ ।
ଜଳଦ ଦର୍ଶନେ ଉନମନ ହେଲ । ୭୪ ।
ଅଷାଢ଼ ଘନଦୁର୍ଦ୍ଦିନେ ଚକୋରବୃନ୍ଦ ।
ଆଶା ଯେସନ୍ତେ ଶରଦ ଆଗମେ ହେବନ୍ତି । ୭୫ ।
ସ୍ୱରୂପ ସ୍ମରେ ଯେଣେ ତଥା ଦେହକାନ୍ତି ଆଶା ।
ଅସର ହୋଇଲା ତେଣୁ ବାସର ନିଶା । ୭୬ ।
ପାଶ୍ଚେଷ୍ଟାଳି ପଡ଼ିଅଛି ମନକୁ ମୋହେ ।
ଭର୍ଣ୍ଣ ଦେଖିଲ ଯଥା ମୃଗ ଯଷ୍ଟି ଶବଦେ । ୭୭ ।
ପଦସ୍ମର ନୟନ ସେହି ଦଶକୁ ଦେଖି ।
ନିଦେଶେ କାଗଜଠକି ଯଥା କୁତୁକୀ । ୭୮ ।
ନିଦା ଭୂଖ ବାଧା ନବ ପାରନ୍ତି ନାହିଁ ।
ଅଳପ ଅନୁରାଗ କି ହୋଇବ କହି । ୭୯ ।
ବିନାଶୁକ ଦୂତ୍ୟ ସଦାଶିବ ତୋଷଦ ।
ସୁମନସ ଗଣର ଯେ ହରେ ବିଷାଦ । ୮୦ ।

---

୭୪ । ଜ୍ୟୋସ୍ନେ—ଜ୍ୟୋସ୍ନାଦ୍ୱାରେ । ଭୂଷିତ—ଶୋଭି । ଜଳଦ—ମେଘ । ଉନମନ—ଉଦ୍‌ବିଗ୍ନ; ଏକାଗ୍ରଚିତ୍ତ ହୁଏ । ଦେହ ଓ ମନ ତାର ଏକ ହୋଇଯାଏ ।

୭୫ । ଘନଦୁର୍ଦ୍ଦିନେ—ମେଘଯୋଗୁଁ ଘୋର ବର୍ଷାଦିନରେ ଚକୋର ବୃନ୍ଦ—ଚକୋର ସବୁ । ଶରଦ ଆଗମେ—ଶରତକାଳ ଆସିବାରୁ, ଚନ୍ଦ୍ରକଳାକୁ ଦେଖି ପାଇବା ପାଇଁ ।

୭୬ । ସ୍ୱରୂପ—ସ୍ୱରୂପବାଣୀର ପ୍ରତିମୂର୍ତ୍ତି । ଦେହକାନ୍ତି—ଦେହର । ଅସର—ସହିଲା ନାହିଁ । ବାସର—ଦିନ । ନିଶା—ରାତି । ୭୭ । ପାଶ୍ଚେଷ୍ଟାଳି—ଲେଖିଥିଲା । ମୋହେ—ଭୁଲିଲେ । ୭୮ । କାଗଜ ଠକି—ଶୁଆ । କୁତୁକୀ—କୌତୁହଳାକ୍ରାନ୍ତ ଲୋକ, ମଣିଷ ।

୭୯ । ଅନୁରାଗ—ସ୍ନେହ । ୮୦ । ମହାଦେବଙ୍କ ଗଣେ—ବିନାଶୁକ ଯେଉଁ ଶିବଗଣ ତାଙ୍କର ଦୂତ୍ୟ । ସଦାଶିବ—ମହାଦେବଙ୍କ ନାମ । ତୋଷଦ—ସନ୍ତୋଷକାରୀ; ସୁମନସଗଣ—ସାଧୁଗଣଙ୍କର ଦୁଃଖ ହରଣକାରୀ । ଶ୍ଳେଷ ପକ୍ଷରେ:—ବିନାଶୁକ ନାମ୍ନୀ—ଶ୍ରେଷ୍ଠ ପ୍ରଭୁତ । ଦୂତ୍ୟ—ପୂଜନୀୟ । ସଦାଶିବ—ମହାଦେବ । ତାଙ୍କର ତୋଷକାରୀ । ସୁମନସଗଣ—ଦେବଗଣ; ତାଙ୍କର ଦୁଃଖନାଶକାରୀ । ବିନାଶୁକ—ବିପକ୍ଷୀ ଭାବ

ଉପଇନ୍ଦ୍ର ଭଞ୍ଜ ଶାରଦାର ବରପୁତ୍ର ।
ଏ ଗୀତ ହେଳେ ଭଣନ୍ତି ତାଙ୍କ କୃପାରେ । ୮୧ ।

---

## ନବମ ଛାନ୍ଦ

### (ଚନ୍ଦ୍ରଭାନୁ ନିକଟରେ ଲାବଣ୍ୟବତୀର ଚିତ୍ରପଟ ସହ ସନ୍ନ୍ୟାସୀର ପ୍ରବେଶ)

### ରାଗ—ସାମଗୁର୍ଜରୀ

ହୋଇଲା ପ୍ରବେଶ ଗ୍ରୀଷମ ସମୟ ସୁଷମା ପ୍ରୌଢ଼ା ଯୁବତୀକି ।
ବଳଗା ମନୋହର ଭାର ବହିଲା ପକ୍ୱଚୂତଫଳକ କୁଚ ।
ପ୍ରଫୁଲ୍ଲ । ମଲ୍ଲିକା ହାସକୁ ବଖାଣି ।
ରସିକଭ୍ରମର ଗୁଞ୍ଜନକୁ ନିରତ ପାଟଳା ଶ୍ରବଣ ଶିରେଣୀ । ୧ ।
ଝିଙ୍କାରୀ ଝଙ୍କାର ଛୁଣ୍ଟିଆ ଝୁମକେ ଡମରୁ ଫକୀର ଦ୍ୱାରାରେ ।
ରଞ୍ଜିଲା ମନକୁ ଘନରବେ ନେବ ଚନ୍ଦ୍ରକିରଣେ ଶୋଭାରେ ।
ଶାଲ୍ମଳୀ । ରଙ୍ଗେ ଅନୁରାଗ ଦେଖାଇ ।
ବନବାଟିଏକୁ ବର ହଦାଳାଗି ଯୋଗରେ କି ଦାହି ପକାଇ । ୨ ।

---

ଚାମ୍ପୂଭ—ହେମନ୍ତ—ଶୀତୁଡ଼ି ତା ବ୍ୟାପ୍ତି ଗୁଣ୍ୟ ଯେ ବିଷ୍ଣୁ । ଏଠାରେ ଗ୍ରୀଷ୍ମ ଓ ବିଷ୍ଣୁଙ୍କ ଅଭେଦବୋଧସ୍ତୁ ।

---

୧ । ସୁଷମା—ସୁନ୍ଦରତା । ପ୍ରୌଢ଼ା—ପ୍ରବୃଦ୍ଧଯୌବନା; ଗ୍ରୀଷ୍ମଋତୁ । ଯୁବତୀ ହେଲା ଗ୍ରୀଷ୍ମ ସେ ଗ୍ରୀଷ୍ମ ମନୋହର ପକ୍ୱଚୂତଫଳ କାନ୍ତକ—ପାଚିଲା ଆମ୍ବଫଳର ଶୋଭାକୁ ବହିଲା—ଧାରଣ କଲା । ପ୍ରଫୁଲ୍ଲ—ପ୍ରସ୍ଫୁଟିତ । ମଲ୍ଲିକା—ମଲ୍ଲୀଫୁଲ । ବଖାଣି—ପ୍ରକାଶ କରି । ରସିକ—ନାଗର ହେଲେ ଭ୍ରମର । ଗୁଞ୍ଜନ—ଭୋଗ, ମଦ ଗଥା, ପାଟଳ ଶ୍ରବଣ ଶିରେଣୀ—ପାଟଳ ଫୁଲ ରୂପ କାନ ପତରେ । ନିରତ—ସଦା ସର୍ବଦା । ଗ୍ରୀଷ୍ମ ହେଲେ ଯୁବତୀ, ତାର ଦାନ୍ତ ପାଚଲା ଆମ୍ବର ବର୍ଣ୍ଣ, ହାସ ହେଲେ ମଲ୍ଲୀ, ତାର କାନ ହେଲା ପାଟଳଫୁଲ, ଭ୍ରମର ହେଲେ ରସିକ । ୨ । ନାରଙ୍ଗୀ ଝୁଣ୍ଟିଆ—ପାଦ ଅଳଙ୍କାର ନୂପୁର । ଝୁମକ—ଶବ୍ଦ ହେଲେ ଝିଙ୍କାରୀ ଝଙ୍କାର—ଝିଙ୍କାରୀ ପୋକର ଝିଁ ଝିଁ ଶବ୍ଦ । ଡମରୁ—ଢକା । ଘନରବେ—ଦୁର୍ଗାର ରବେ ବା ଋଷଭରେ ଓ ଜଳରେ । ଶାଲ୍ମଳୀ ରଙ୍ଗେ—ଶିମୁଳୀ ଫୁଲର

ଦେବଦେଶ ଚିକ୍କଣ ବ୍ୟଜନପ୍ରଭଞ୍ଜନଦରଦଶ ଶ୍ରାନ୍ତିକୁ ନାଶିଲା
ଜଳଯନ୍ତ୍ରର କର୍ପୂର ଚନ୍ଦନ ପଙ୍କଜରେ ଶୀତ୍ର ବନ୍ଦିଲା ।
କାଶିଲା । ଶୁଣି ମୂର୍ଚ୍ଛିବନ୍ତ ହୋଇଲା ।
ବିଦେଶ ନ ଯାଅ ବୋଲି ଜନଙ୍କୁ କି କହେ ତୁଷାନଳ ଥୋଇଲା । ୩ ।
ଏମନ୍ତ କାଳେ କାନନେ ନୃପସୁତ ସ୍ୱର୍ଣ୍ଣବର୍ଣ୍ଣୀ ମଧ୍ୟ-ମଣ୍ଡପେ ।
ହୋଇ ମିତ୍ରସଙ୍ଗ ବାଳାର ପ୍ରସଙ୍ଗ ଚକୋର ତାହା ନାମ ଜପେ ।
ଘୋଷାଣେ । ଦେଖେ ଦେଖେ ଏହି ଭଣେ ।
ସାଧୁ କହିଲା ପରୁ ବିଧୁବଦନା ଅଛି ଅଗୁଞ୍ଚି ମାନସକୁ । ୪ ।
ଦହିଲେ ମିଳେ ନ ଦେଖି ଏବେ ଚିତ୍ର ଥିଲେକୁ ନ ଲାଜ ଜଗତ ।
ସାଧୁଶି ସହିଷ୍ଣୁକା ସମେ ସହିକା ହିଙ୍ଗୁଳା ଦେଖାଇଲୁ ଆଗତ ।
ଏହା ଦେଲା । ମାଳିକ ଦହିବ ସାବଧାନେ ।
ସଦ୍ଧାକୁଁ ଅସିତ୍ତ ନାମ ମଦାଳସା ଚଢିଲା ନିବ ଦରଶନେ । ୫ ।

---

ନା'ଲ ଏଛନ୍ଦର । ଅନ୍ତେଲ୍ଲରେ—ଦେଖି । ବନାବାହେକୁ—ବଳାକ ବୁଝିଲା (ଅନେ୍ୟ ଅର୍ଥରେ ବନରୁପ ନାମହିଁଲା) ବେଷଦ୍ଭବାଦାଙ୍ଗି—ବାଷ୍ପ-ରୂପ ବନ ଅଗ୍ନିରେ । ୩ । ଦେବଦେଶ ଚିକ୍କଣ—ଚୀନଦେଶ ଚିକ୍କଣ । ବ୍ୟଜନପ୍ରଭଞ୍ଜନଦରଦଶ—ବିଞ୍ଚଣା ପବନ ଯୋଗରେ । ଶ୍ରାନ୍ତି—କ୍ଳାନ୍ତିକୁ । ଜଳଯନ୍ତ୍ରର—ଯେଉଁ ଯନ୍ତ୍ରରେ ପାଣି ଥାଇ ବାହାରେ ସେଥିରେ ସ୍ନାନ କରନ୍ତି ତୁଏ । ଚନ୍ଦ୍ର ରହିଲା—ମନ ମୁହାଇଲା । ଶୁଣି—ଶୁଣିବାରୁ । ମୂର୍ଚ୍ଛିବନ୍ତ—ଚେତନା ଧାରଣ କଲା । ବହେ—ଧଳିଗଲା । ତୁଷାନଳ—ବହ୍ନିକୁଁ ।

୪ । କାନନେ—ବନରେ, ଏଠାରେ ଉପବନରେ । ନୃପସୁତ—ରାଜକୁମାର । ସ୍ୱର୍ଣ୍ଣବର୍ଣ୍ଣ ମଧ୍ୟ ମଣ୍ଡପେ—ଜଳ ସରୋବର ମଧ୍ୟସ୍ଥ ସୌଧଶ୍ରେଣୀ ରୂପ ମଣ୍ଡପରେ । ବାଳାର—ଲାବଣ୍ୟବତୀ କନ୍ୟାର । ଜପେ—ବାରମ୍ବାର ଉଚ୍ଚାରଣ କରୁଛି । ବିଧୁବଦନା—ଚନ୍ଦ୍ରବଦନା । ଅଛି—ବର୍ଣ୍ଣନା ଅନୁସାରେ ସୁନ୍ଦରୀ ଓ ମନ ଲାଗୁଅଛି ।

୫ । ଦହିଲେ......ଆଗତ—ମିତ୍ରମାନେ ଦହିଲେ ଏପରି ମନରେ ଦୁଃଖ କାହିଁ ଜାତ ହେଲେ ସେପରି ଗଠନର ମୂର୍ତ୍ତି ନ ଥିଲେ, କପଟ ସହିଷ୍ଣୁତା ସମେ—ରୂପ ପରି ଗୁଣ ଯାହାର ସେ ଲାବଣ୍ୟବତୀ ତାହା ଏମାନଙ୍କ ସହିତ ହିଙ୍ଗୁଳା—ଉପଯୁକ୍ତ ମୂର୍ତ୍ତି ଅଛି । ମାଳିକ—ମାଳୀ । ସାବଧାନେ—ସନ୍ତୁଷ୍ଟରେ—ଏ ଗାଠ ଧର୍ମୀତି, ରାଜାମାନଙ୍କ ସମ୍ମୁଖରେ କହିଲେ, ଏ ଶବ୍ଦ ବ୍ୟବହାର ହୁଏ । ସନ୍ଧ୍ୟାବେଳେ—ନିଦାଘରେ । ଚଢିଲା—ଦେଖିବା ।

ପଟୁରେ କୁମାର ପ୍ରଶଂସା ଯାହାର ଶୁଣୁଥିଲଇଁ ଏ ଓସ ନାରୀ ।
ଯାହା ଜନମକାଳୁଁ ମର୍ତ୍ତ୍ୟମଣ୍ଡଳେ ଆସିଲେ ନାହିଁ ଅପସରୀ ।
ରଙ୍ଗିକି । ହୋଇ କଲ୍ୟ ମନ୍ଦନନ୍ଦନ ।
ଜାଣି ଶୀଘ୍ରକାର ଅଣି ମାଳାକାର ଦେଖାଇଲା ସମାରଞ୍ଜନ । ୬ ।
ନବଯୌବନ ଶାଣ୍ଡିରେ ଶାଣିତ କାହା ମନ ବଶ ନୋହିବ ।
ସ୍ତମ୍ଭନ ମୋହନ ବଶ ଉଚ୍ଚାଟନ ମୂର୍ତ୍ତିବନ୍ତ କଲା ଦାଉର ।
ଦେଖିଲୁ । ମାତେ ଗାତେ ଅଣି ଲୁଖିଲୁ ।
ରୂପରେ ଦର୍ପ ବସାଇ ତୋପଭରେ ମାର ମରମରେ ପୋଷିଲା । ୭ ।
ସୁବର୍ଣ୍ଣ ସୁବର୍ଣ୍ଣବଳୟ ଯାହାର ଏ ଅଂଶସୂକ୍ତ କରୁଅଛି ।
ତାହାକୁ ଦେବ ନର ତାରତମ୍ୟ ଅନ୍ତ କାରଣହିଁ ଯହିଁ ନୋହୁଛି ।
ଚିକୁର । କଳେଣୀକୁ ତାହେ ଶୋଭନ ।
ଏ ଭାବେ ବାନ୍ଧିବା ପୁରୁଷଙ୍କ ମନ ହୋଇଲା କି କାହୁଁ ରନ୍ଧନ । ୮ ।
ମୋତିଜାଲି ଝଳି ତାରତାରକା କି ଉଦୟ ହେଲେ ନବ ଘନେ ।
କିବା ଚନ୍ଦ୍ରକୁ ଗ୍ରାସୁଁ ସୁଧାବିନ୍ଦୁକୁ ବାହୁଛି ରାହୁ ଅଧବନେ ।
ଝଲକୁ । ଦିବ୍ୟ ଚନ୍ଦ୍ରସ୍ତମ୍ଭା ଲୁଳିତ ।
ଅର୍ଦ୍ଧେନ୍ଦୁ ଉପୋତ୍ତିଗେ ଲମ୍ବି ଉଦୟ ସମ୍ଭରଟି କିବା କୁଳାଚ । ୯ ।

---

୬ । ଅପସରୀ—ସ୍ୱର୍ଗବେଶ୍ୟା । ସମାରଞ୍ଜନ—ବିଶେଷ । ୭ । ଶାଣିତ—ଶାଣଦିଆ । ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ ତଥା ତନ୍ତ୍ରରେ ଲୋକଙ୍କୁ ଜଡ଼, ମୁଗ୍ଧ, ଅଧୀନ ଓ ବିଚଳିତ କରିବା ଶକ୍ତି ଦିଅନ୍ତି; ଏମାନେ କଣ ଶରୀର ଧରିଲେ କି ? । ରୂପରେ—ଅନ୍ତରେ । ଦର୍ପ—ଶର । ତୋପଭରେ—କ୍ରୋଧପୂର୍ଣ୍ଣ ହୋଇ । ମାର—କନ୍ଦର୍ପ । ମରମରେ—ହୃଦୟରେ । ୮ । ସୁବର୍ଣ୍ଣ—ସୁନ୍ଦର ଶରୀର ରଙ୍ଗ । ସୁବର୍ଣ୍ଣ ବଳୟ—ସୁନା ବଳା । ତାରତମ୍ୟ—ପାର୍ଥକ୍ୟ, ତୁଳନା । କାରଣ—ଶଙ୍କା (ବାହ୍ୟ ହେବା, ପୃଥକ୍ କରଣ) ଚିକୁର—କେଶ । ଶୋଭନ—ସୁନ୍ଦର ।

୯ । ମୋତିଜାଲି ଝଳି—ମୁକ୍ତା ଜାଲର ଶୋଭା ( ଯାହାକୁ ମୁଣ୍ଡରେ ପିନ୍ଧନ୍ତି ) ବା ଝଳକ । ତାରତାରକା—ଉଜ୍ଜ୍ୱଳ ନକ୍ଷତ୍ର । ନବଘନେ—ନୂଆ ମେଘ ( ଜଳପୂର୍ଣ୍ଣ ଥିବାରୁ ଅତି କୃଷ୍ଣ ) କେଶ ହୋଇଥିବା କବରୀ । ମୋତି ଜାଲି—ତାରତାରକା । ସୁଧାବିନ୍ଦୁ—ଅମୃତ ଟୋପାସବୁ ( ସୁଧା—ଶୁଭ୍ର ) ଅଧବନେ—ଦେହରେ ( ସ୍ୱଚ୍ଛ—ନାଳିଆ ) କେଶରେ ଉର୍କଣା । ଦିବ୍ୟ—ଅତି ସୁନ୍ଦର । ଲୁଳିତ—ଝୁଲୁଛି । ଅର୍ଦ୍ଧେନ୍ଦୁ—ଅର୍ଦ୍ଧଚନ୍ଦ୍ର ।

ଶୁଦ୍ଧ ଅଳକା ଝିଲିମିଲିମାଳିକା ଅଗ୍ରେ ଲମ୍ବିତ ଶୁଭ୍ର ମୋତି ।
ହେମଲତା ଶିଖେ ମଧୁକରେନ୍ଦ୍ର ମଧୁ କିବା ସଞ୍ଚୁ ଅଛନ୍ତି ।
ଦନ୍ତୁରୀ । ଊର୍ଦ୍ଧ୍ୱ ତିଳକ ଭାଲଦେଶେ ।
ବିଜ୍ଞାଣ ସାରସ ମଧ୍ୟ ଅଳିବଣ ରମିତ କି ତମାଳ ପାଖେ । ୧୦ ।
ଭାଟେଙ୍କ ଗ୍ରୀବାଟିର ସ୍ଫୁରୁଛି ଶ୍ରବଣ ପାଶାଦି ଉପମାମାନଙ୍କୁ ।
ଅଛନ୍ତି ବକ୍ରମଣ୍ଡଳିକରି ଧରନ୍ତି ଧୈର୍ଯ୍ୟ-ଧରଧ୍ୱଂସନକୁ ।
ବଦନ । ବଚାରେ ବର୍ଣ୍ଣିଲୁ ବହିଛି ।
ଯା ଦ୍ୱା ବାଳୀ ପୁଲଙ୍ଗୁଳିକାଙ୍ଗୁଳିକ ପଲ୍ଲବ ସଲକ୍ଷ୍ମୀ ନେଉଛନ୍ତି । ୧୧ ।
ଲଳିତ-ହେମାଭକମଳଭେଦାଭବର ଜ୍ଞାନ ନାଶେ ନାସେ ତାହାର ।
ନିର୍ମଳ ସ୍ୱଭାବ ସମ୍ପୂର୍ଣ୍ଣ ବିମ୍ବାଧରୁ ଅର୍କ ଅରୁଣାଭର ।
ଅବନ୍ତୀ । ରୋହିଣୀ କି ସଦନ ଡୋଳକରେ ।
କଳଙ୍କହୀନ ପୂର୍ଣ୍ଣଶଶ୍ୱ କି ଉଦିତ ବଦନ ଦୋଳକରେ । ୧୨ ।

---

ଅଧୋଭାଗରେ—ତଳରେ । ସପ୍ତର୍ଷି—ସାତଜଣ ଋଷି ଉତ୍ତର ଆକାଶ ପଟରେ । ଆକାଶରେ ବିଦ୍ୟମାନ—ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ ।

୧୦ । ଶୁଦ୍ଧ—ସୁନ୍ଦର । ଅଳକାଝିଲିମିଲି ମାଳିକା—ମୁଣ୍ଡରେ ଲୁଚିଥିବା ସୁନାର ଅଳଙ୍କାରରେ ଜାଲି ପରି ଗୁନ୍ଥା ହୋଇଥିବା ଅଙ୍ଗ । ହେମଲତା—ସୁନାର ଲତା । ଶିଖେ—ଉପର ଭାଗରେ । ମଧୁକରେନ୍ଦ୍ର—ଭଅଁର ଶ୍ରେଷ୍ଠ । ଦନ୍ତୁରୀ ଊର୍ଦ୍ଧ୍ୱ ତିଳକ—କପାଳରେ ଯେ ଉପରକୁ ଟଣା ପଡ଼ିଛି । ଭାଲ—କପାଳ । ବିଜ୍ଞାଣ—ଜଣା ଯାଉଛି । ସାରସ—ପଦ୍ମ । ଅଳିବଣ—ଭ୍ରମରଶ୍ରେଣୀ ।

୧୧ । ଭାଟଙ୍କ ଗ୍ରୀବାରେ—ବେକରେ ଯେ ଗ୍ରୀବ ଅଛି । ସ୍ଫୁରୁଛି—ଶୋଭୁଛି । ଶ୍ରବଣ—କାନ । ପାଶ—ଫାଶ । ଉପମା—ଉପମାନ । ବକ୍ର—ଘୁରି । ଧୈର୍ଯ୍ୟଧରଧ୍ୱଂସନକୁ—ଧୈର୍ଯ୍ୟବଳେକ ନାଶକୁ । ବଦନ—ବର୍ଣ୍ଣନ । ପଲ୍ଲବ ଲକ୍ଷ୍ମୀ ନେଉଛି—ଶୋଭିତ ପରାଧ ହେଉ ନାହିଁ ।

୧୨ । ଲଳିତ—ସୁନ୍ଦର । ହେମାଭ କମଳ ମୋଦବର—ଆଗରେ ଝଟକୁଥିବା ମୋଦଶ୍ରେଣୀ । ନାଶେ—ନାଶ କରେ । ନାସେ—ନାକରେ । ସମ୍ଭାଧସ୍ୱ—ସମ୍ପୂର୍ଣ୍ଣ ଶୋଭିତ, ଓଷ୍ଠ ହେଲା ପଳିତ ବାନ୍ଧୁଳି (ବିମ୍ବ) ଅର୍କ—ତଳ ଓଠ । ଅରୁଣରେ ଓଠକୁ ଲାଲ । କଲଙ୍କହୀନ—ନିଷ୍କଳଙ୍କ । ପୂର୍ଣ୍ଣଶଶ୍ୱ—ପୂର୍ଣ୍ଣିମା । ଉଦିତ—ଉଦିଛି ।

ବଶୀକରଣ ସିଦ୍ଧ ମଣି ମନ୍ତ୍ର ଔଷଧି ଯେତେ ଜନତେ ଅଛି ।
ଶୂଳୀ ଭଲ ଯନ୍ତ୍ର ଭାଳି ଅନାଇଲେ ତଳଟିବ ସନକୁ ପାଞ୍ଚି ।
ଧୈର୍ଯ୍ୟର । ଅଞ୍ଜନ ଦମ୍ଭକୁ ଗର୍ବରେ ।
ଭାଲ ଗଣ୍ଡ ଶଣ୍ଡ୍ରଚନ୍ଦ୍ରମା-ମୃଗନାସୀମାଦ୍ୱାର ଗାର ପଣ୍ଡ ସେ । ୧୩ ।
ଦନ୍ତମାବଳୀ ହୀରା ମର୍କତ ପ୍ରବାଳ କାନ୍ତି ଦଣ୍ଡିରବ ସମ୍ପୁଟ ।
ଭ୍ରବଳୟନ୍ତ ଭ୍ରମ୍ମୀ ଘାର ହିବଳ ଶନିବଲ୍ଲୀ ଢଳ ଖ୍ୟାତ ।
ବର୍ଣ୍ଣରେ । ବର୍ଣ୍ଣର ବୃଦ୍ଧି ଭ୍ରମ ହେଲା ।
ମନ୍ଦ ମଧୁର ଘନସାର ହାସହି କାଶିଲ ଏରେଡ଼ୁର ବନ୍ଧ । ୧୪ ।
କଚ୍ଚବାଣିଙ୍କ ପାଟଡୋର ଚରଣେ ଭିଡ଼ ଅଛାଦରି ଯାଇନେ ।
ହୁବଣ୍ୟଗର୍ଭ ଭ୍ରମ ବ୍ୟକ୍ତ ନୋହିବ ଏହି କାମନା କରି ମନେ ।
ତାହାର । ଖୋଲ ଯତ୍ନେ ହେଁ ଦେଖାଇ ।
ଭିତ ପୃଷ୍ଠିଲ ଗୋପେନ୍ଦ୍ର କୋଟିଏ କଦା ଜେନ ଅବର୍ଣ୍ଣ ନ ଦେଖିଲ ।୧୫।

---

୧୩ । ବଶୀକରଣ—ଲୋକଙ୍କୁ ନିଜର ଅଧୀନରେ ରଖିବା । ସିଦ୍ଧ—ଭିନ୍ନପ୍ରକାର ଶୂଳୀ—ମହାଦେବ । ଯନ୍ତ୍ର—ଲିଙ୍ଗେନ୍ଦ୍ରିୟ । ଦମ୍ଭ—ଦୃଢ଼ତା, ଧୈର୍ଯ୍ୟ । ଗର୍ବରେ—କେଶ କଳ୍ପନ୍ତି । ସେ ଅଞ୍ଜନ ଦାର—କପାଳ ଓ କପୋଳର । ଖଣ୍ଡ ଚନ୍ଦ୍ରମା ମୃଗନାସୀମାଦ୍ୱାର ଗାର—କପାଳ ଓ କପୋଳ ଏ ଉଭୟ ତ୍ରମ୍ଭର ଅଂଶ—ଏହା ଅଂଶବ୍ୟସ୍ତୁଳ ସୀମା ଜଣୁଥିବା କୃଷ୍ଣର ରେଖା ।

୧୪ । ଦନ୍ତମାବଳ—ଦନ୍ତକରସମ୍ପୁଟ ସୂକ୍ଷ୍ମ ହେମାଳ ରେଖା । ମର୍କତ ପ୍ରବାଳ—ନୀଳମଣିର ଦାଣ୍ଡୀଖଣ୍ଡ । କାନ୍ତି—ଆଭା । ଦଣ୍ଡିରବସମ୍ପୁଟ—ହୃଦ୍‌କାକଳି ଶବ୍ଦକୁ । ଭ୍ରବଳୟନ୍ତ—ଭ୍ରୂଯୁଗ୍ମ । ଭ୍ରମ୍ମୀ ଘାର—ଉତ୍କଣ୍ଠ କର । ହିବଳ—ପ୍ରେମରେ କୋଟି ମୋଡ଼ି ଯେ ହେଉ କଣାର ତନ୍ଦ୍ରୀ ଶୁଣି—ଶବ୍ଦ ଶନିବଲ୍ଲୀ—ମନୋହର ବଂଶୀ । ଖ୍ୟାତେ—ପ୍ରକାଶ । ଘନସାର—କର୍ପୂର ।

୧୫ । ଚରଣେ—ପିଚିରେ, କାଞ୍ଚି ଧୂଳି ପାଖରେ ଯେ ଗୋଡ଼ି ଭାଙ୍ଗ ପିଠରେ ଭିଡ଼ କୃଷ୍ଣ ଗ୍ରୀବରେ ଯୋଡ଼ାଇଛନ୍ତି । ହୁବଣ୍ୟଗର୍ଭ ଭ୍ରମ—ବ୍ରହ୍ମା ଭ୍ରମ । ବ୍ୟକ୍ତ ନୋହିବ—ପ୍ରକାଶ ହେବ ନାହିଁ । କାମନା—ଇଚ୍ଛା । କୃଷ୍ଣରେ ବ୍ରହ୍ମା ଭ୍ରମ ନ ହେଉ ଏହି କାମନା କରି ଗୋପକନ୍ୟା କୃଷ୍ଣଙ୍କ ହେଉ ବା ଚିତ୍ରରେ ପିଚିରେ ବାନ୍ଧିଲେ । ସେହି କାଞ୍ଚି ହେଲା ବ୍ରହ୍ମାଙ୍କର ଭବିଷ୍ୟକାଳୀନ ଅନ୍ତଃକାଦ ରୂପ ଖୋଲ । ଅର୍ଥାତ୍ କୃଷ୍ଣର କଟିତା ଏବଂ କାଳର କାମିନୀ ରୋଗରରେ କାହିଁଲୁ ଗଡ଼ି ବାନ୍ଧିଥିଲେ । କିନ୍ତୁ ତାହାର ସ୍ୱଭାବତଃ ଜଡ଼ତା ଓ ଚୂର୍ଣ୍ଣଳତା (ମୋଡ଼ାଇବା) ଗୋପିଙ୍କ ଅନ୍ତର୍ଦ୍ଧାରିତ

ଯେଣୁ ମଣ୍ଟିଛି ଅଙ୍ଗରାଗ ପଦ ଅନଙ୍ଗଠାରେ ସମ୍ପାଦିତ ।
ମହାଉତପାତ ମନ୍ଦ ବୋଲି ତାକୁ କରୁଅଛି କି ସେ ଗୋପିତ ।
ସେ କଥା । ଯୁକ୍ତ ନୋହଇ ଦେଖିବାର ।
ଚୀର ଅଚ୍ଛାଦିତ ଥିଲୁ କରନ୍ତି ଫଳ କୁମ୍ଭକୁ ମଧୁକର । ୧୬ ।
ଭର ସନାଳ କୋକନଦ ବାହାର କି ଛନ୍ଦ ଶୋଭା ପରଶିଛି ।
ଅଙ୍ଗୁଳି ପଣ୍ଡେ ଅନା ଭୂଷା ଧରଛି ଭୂଷଣବର୍ଜିତା ଲକ୍ଷଣାକୁ ।
ଭୂଷିତ । କିଙ୍କିଣୀ କଣ୍ଠେରେ ଚେଷ୍ଟିତ ।
କାମିନୀଙ୍କି କାମରଥ ବୋଲିବାର ଯ. ଗଣ୍ଡିବଦ୍ଧ ସନ୍ତି । ୧୭ ।
ନାହିଁ ତୁଳା-କୋଟି-ଜଗତରେ ବୋଲି ବେଢ଼ିଛି ପାଦରେ ଆଦରେ ।
ଝୁଣ୍ଟି ନାସ୍ତି ଧନ୍ୟ ଶବ୍ଦ କର ଅଳକ୍ତ ପଦଗ୍ରାସ ବ୍ୟକ୍ତ ହେବାରେ ।

---

ନ ହୋଇ ସମ୍ବନ୍ଧ—ଚର୍ଚ୍ଚ ନେଇ—ତହିଁ—ହେଉ ଉଜ୍ଜ୍ୱଳ ହେଉ ଅବଶ—ପାଦତଳ ଭୂଇଁ ଦେଖି ପାରୁ ନାହିଁ । ବା ହିରଣ୍ୟଗର୍ଭ—ହିରଣ୍ୟ ସୃଷ୍ଟି ଗର୍ଭରେ ଯାହାର ଏଟି ସେ ହେଉ ବା ବ୍ରହ୍ମାଙ୍କ ପଦ୍ମ ସେହି ଭୂମି—( ପୃଥିବୀ କଳ୍ପିତା ହେଉ ) ।

୧୬ । ଅନଙ୍ଗଠାରେ—ଯାହାର ଅଙ୍ଗ ନାହିଁ ସେ ଅନଙ୍ଗ ସ ଠାରେ । କନ୍ଦର୍ପଙ୍କୁ ଅଙ୍ଗରାଗ ପଦ—ଦେହରେ ଅଙ୍ଗ ଦେବା । ସମ୍ପାଦିତ—କଳ୍ପିତ । ଏଥି ବିରୋଧ ହେଲା ମହା ଉତପାତ—ମହା ଅନି । ମନ୍ଦ—ଖରାପ । ଗୋପିତ—ଲୁଚାଇ ଅଛି । ଯୁକ୍ତ—ଉଚିତ । ଚୀର—ବସ୍ତ୍ର, ଶାଢ଼ୀ । ଅଚ୍ଛାଦିତ—ଘୋଡ଼ା ହୋଇଛି । ମଧୁକର—ଭ୍ରମର, ଚୂଚୁକ ସେ ହେଲେ, ଭ୍ରମର ( ସେହି ଚାକୁଳ ବେଢ଼ି ) ସ୍ତନ ଉପରେ ଚିତ୍ରିତ ସେ ଭ୍ରମର ମୂର୍ତ୍ତି—ଚିହ୍ନ ଦେଖି । ଫଳ—ସ୍ତନ ।

୧୭ । ଭର—ଭାର । ସନାଳ କୋକନଦ—ନାଡ଼ ଲାଗିଥିବା ରକ୍ତପଦ୍ମ । ଜଙ୍ଘଶୋଭି ପରଶିଛି—ଶରୀରର ଶୋଭା ହେଲା ଘୋଷଣା । ଅଙ୍ଗୁଳି—କଳଅଗ୍ର । ଆଭୂଷଣର ପ୍ରୟୋଜନ ନାହିଁ କାରଣ ଅଙ୍ଗ ଚିତ୍ରିତ ଥିବା ହେତୁ । ଭୂଷଣବର୍ଜିତ ଲକ୍ଷଣକୁ—ଭୂଷଣ ନେଇ ଭୂଷା ଶବ୍ଦ ନଥିବାରୁ ; ଭୂଷିତ—ଶୋଭା କରିବା । କାମିନୀଙ୍କ—ସ୍ତ୍ରୀଙ୍କ । କାମରଥ—ମଦନଙ୍କ ରଥ । ଗଣ୍ଡିବନ୍ଧ—ରଥରେ ସୁନ୍ଦର ଗଣ୍ଡି ଥିବା ପରି ଏ ଶରୀର ସନ୍ତୁ ଦିଶିଛି ।

୧୮ । କୋଟିଜଗତରେ—ଅସଂଖ୍ୟ ବ୍ରହ୍ମାଣ୍ଡରେ । ତୁଳ—ସମାନ ନାହିଁ ଏଥିହେତୁ ତୁଳାକୋଟି—ନୂପୁର । ଆଦରେ—ଆଗ୍ରହରେ । ଝୁଣ୍ଟି ନାସ୍ତି—ଭଗ୍ନାଙ୍ଗ ସ୍ତ୍ରୀ । ଅଳକ୍ତ—ଅଳତା । ପଦାଗ୍ରଗ ବ୍ୟକ୍ତ

ପଶନ୍ତି । ଏପରି ଖେଳ ଛନ୍ଦ ଗଉଡ଼ ।

ଚମ୍ପକ ଗଭା ପଟଳ ଶାଢ଼ୀ ଥିବା ତଳୁର ଧଡ଼ିକୁ ଟୋପର । ୧୮ ।
କାର୍ଯ୍ୟକୁ କାରଣ କରି ଉତ୍ପଳର ମଦନାକାର ଶୋଭା କାନ୍ତି ।
ବସନ୍ତ କହି ବସିଲେ ଏଥି ଶଙ୍କା ବହୁତ ଛନ୍ଦ ହେବା ଅଛି ।

ଶୋଭନ୍ତି । ସ୍ୱର୍ଣ୍ଣ ଯୁଗତି ଓ ସମ୍ପଦ ।

କଟେଣି ଲଣ୍ଡାର ସିଂହଳପତିକେ ମାସ୍ୱରୂପ ହେବାଇଲା ପ୍ରବେଶ । ୧୯ ।
ସମ୍ଭ୍ରମେ ଉଠି ଯାଉଛନ୍ତି ଯିବା ମନ ଜାଣି ନରପତି କହିଲେ ନିଷ ।
ଆଜ ଅସ ବୋଲି ସନ୍ନ୍ୟାସୀମାନଙ୍କୁ ଦୂତ ଜରିଏ ଗଲେ ଦୂତ ।

ପ୍ରବେଶ । ଅସନ ଦେଇ ବସାଇଲେ ।

ଚତୁର ମିତ୍ରେ ଚତୁର ଭାବବନ୍ଧୁ ପ୍ରଶଂସା ଧୀରେ କଥା ହେଲେ । ୨୦ ।
ସେ ବୋଇଲେ ସୁନ୍ଦ ଭଇଲ ଚନ୍ଦ୍ରବିମ୍ବପରେ ନେ ବୁଦ୍ଧି କରେ ଘଣା ।
ଚନ୍ଦ୍ରେ ଚକୋର ବସି ସୁଧା ପିଇବ! ମନ୍ତ୍ରେ କ କମ୍ପାଉଛି କେଣା ।

ସେ ବୋଲେ- ସୁନ୍ଦ ନାସାବେଳପଣକୁ ।

ଏ ଗୁଡ଼ୁସାର ଏ ଗୁଡ଼ୁସା କରନ୍ତି ବଢ଼ନ୍ତି ଫୁଲବାଣକୁ । ୨ ।
ଶଳ ବୋଇଲେ ସୁନ୍ଦ ସୁନ୍ଦ ଦେଇ ନୟନ ଯୁଗ ଉପରେ ଯା ନାହିଁ ।
ଏଥି ଶିବ ସେତ କାମ ପଶିବା ନ କରିବ ଏହା କହିଲି ।

ସେ ବୋଇଲେ । ସୁନ୍ଦ ମଧୁର ହାସକୁ ।

ଅଧର ଦେଖାଇ ଦେଉଛି ଉଚ୍ଛୁଣ ଅଚ୍ଛୁଣି କଣିକା ଦଶକୁ । ।

---

ହେବାରେ—ପାଦର ଅଗ୍ରମା ପ୍ରକାଶ ପାଇବାରେ । ଦନ୍ତ—ଦୋହ । ଶଙ୍କର—ଶ୍ୱେତ ପିଙ୍ଗବର୍ଣ୍ଣ । ଚମ୍ପକଗଭା—ଚମ୍ପ ଫୁଲର ଶିରମାଳ । ପଟଳ ଶାଢ଼ୀ—ପାଟଳା ଫୁଲର ଶାଢ଼ୀ । ତଳୁର ଧଡ଼ିକୁ ଟୋପର—ବାଳର ଶେଷ ଭାଗକୁ ଲଣ୍ଡାଉଛନ୍ତି । ୧୯ । ଲଣ୍ଡା—ଚନ୍ଦ୍ର । ପ୍ରବେଶ—ହିଲ । ପୁଷ୍ପ କଟେଣି—କଟଣ ପୁଷ୍ପ । ସ୍ୱରୂପ—ପ୍ରକାଶ । ୨୦ । ସମ୍ଭ୍ରମେ—ତ୍ୱରାରେ । ଯାଉଛନ୍ତି ଯାଇ—ସେ ଯାଉଅଛନ୍ତି । ଚତୁର ମିତ୍ରେ—ଚତୁର ମିତ୍ରମାନେ । ଚତୁର ଭାବବନ୍ଧୁ—ଚତୁର ବେଶ୍ୟା । ଧୀରେ—ଧୀର ବାକ୍ୟରେ, ଅସ୍ପଷ୍ଟ ଅସ୍ପଷ୍ଟ ବୃଦ୍ଧିରେ ।

୨୧ । ଚନ୍ଦ୍ରବିମ୍ବପରେ—ଅର୍ଦ୍ଧଚନ୍ଦ୍ର ଜଳୁଲିକାରେ । ମନ୍ତ୍ରେ—ମଦନମନ୍ତ୍ରରେ । ଚଳୁଷା—ତୃଷ୍ଣା ସ୍ତ୍ରୀ । ଗୁଡ଼ୁସା—ଗୁଡ଼ୁକପଣ । ଫୁଲବାଣକୁ—ଫୁଲବାଣ ପାଇ ।

୨୨ । ଶିବ—ତ୍ରିନେତ୍ର ମହାଦେବ । କାମପଶିବା—କନ୍ଦର୍ପପୀଡ଼ା । ଉଚ୍ଛୁଣ ଅଚ୍ଛୁଣ—ବାଳକପଣ । ଦଶକୁ—ଲଲପଣକୁ । ୨୩ । ପ୍ରମୁଖମା—ପ୍ରଭୃତିପ,

ସନ୍ନ୍ୟାସୀ ଲକ୍ଷି ଯାହା ଦୃଷ୍ଟଉପମା ଅଛନ୍ତି ଦର୍ଶନ ଦେବାକୁ ।
ଏ ଯୋଷା ଯୋଗ୍ୟ ନୋହେ ତା ପଦପଦ୍ମ-ଉପଳ ଉପମା ହେବାକୁ ।
ଶୁଣ ସତ ! କି କଥା ମନ୍ତ୍ରୀଙ୍କ ଶୋଭିଲ ।
ପ୍ରତ୍ୟକ୍ଷ କଥାରେ କର୍ଣ୍ଣ ଅନୁମାନ ବୋଲି ସେ ଫେରାକୁ ଫେରିଲା ୨୩ ।
ଏ ବାମାକୁ ବାସ ଉପହାର ଦିଅ ଅଧିକାରୀଙ୍କି ଆଜ୍ଞା ହେଲା ।
ଲଳନା ହେଲା ସ୍ତ୍ରୀମା ରୂପ ଲୋକନେ ବିସ୍ମୟ ଲକ୍ଷ୍ୟକୁ ପଡ଼ିଲ ।
ସମ୍ପୂର୍ଣ୍ଣ । ଏ ସ୍କନ୍ଧ ଚତୁର୍ବିଂଶପଦ ।
ଅଯୋଧ୍ୟାଇନ୍ଦ୍ର ଧ୍ୟାନରେ ଉପେନ୍ଦ୍ର ନାଶିବ ଅର୍ଜ୍ଜିନ ପଦ୍ମ । ୨୪ ।

---

ଟିପ୍ପଣୀ । ଯୋଷା—ସ୍ତ୍ରୀ । ପଦପଦ୍ମୋପଳ—ପାଦପଦ୍ମର ପଥର । ଉପମା—ଉପମାନ ବା ସାଦୃଶ୍ୟ । ମନ୍ତ୍ରୀଙ୍କ—ମନ୍ତ୍ରୀଙ୍କୁ । ଫେରିଲା—ଫେରାଇଲା ।

୨୪ । ବାମା—ସ୍ତ୍ରୀ । ବାସ—ଲୁଗା । ଉପହାର—ପୁରସ୍କାର । ଅଧିକାରୀ—ଗନ୍ଧାଗାରିକ । ଲଳନା- ଅଙ୍ଗନା । ଅଯୋଧ୍ୟା ଇନ୍ଦ୍ର—ଶ୍ରୀରାମଚନ୍ଦ୍ର । ଲୋକନେ—ଦେଖିବାରେ । ଅର୍ଜ୍ଜିନ—ପାପ । ଅରେ—ଦୁଃଖ ;

# ଦଶମ ଛାନ୍ଦ

( ଶିଶୁଅଙ୍କ ଦର୍ଶନ )

ରାଗ—କେଶାକ୍ଷ । ପଛଡ଼ୀ ଚକ୍ରକେଶାବାଣୀ

ଏଥୁ ଅନନ୍ତରେ ରସିକସାର । କର୍ଣ୍ଣପୁଟରେ ସୁଧା ପାନ କର ।
ନୃପସୁତ ଅତି ଚେଷ୍ଟେ ଖେଳିଲେ । ଖେଳିଲା ନାହିଁ ନୟନ ପଡ଼ିଲେ ।
କି ପଡ଼ିଲା । ନାହିଁ କରିଲ ବେନି । ଜାଣିଲା ନାହିଁଟି ଲୁହକୁ ଜାଣି ! ୧ ।
ପୂର୍ଣ୍ଣଚନ୍ଦ୍ର କଳା ମଦନକଳା; କନକନିଭ ମଦନ ଚିତ୍ରଳା ।
କାଚବାନ୍ଧୁପୁରେ ବସିଲ ପରି । ମୁକୁରେ ପୁଣି ଦିଶୁଛି ମାଧୁରୀ ।
କି ସୁନ୍ଦର । ଏତେ ଅଙ୍ଗ କାନ୍ତି । ଏହିଣି ଦେଖାଇ କହିଣି ହୋଇଛନ୍ତି । ୨ ।
ସର୍ବଦିଗେ କି ଶିଶୁଅଳକାଅବଳୀ । କରିଥିଲ ପରି ଅଳକା ଝୁଲି ।
ଅଧରେ କି ଅଛି ଧ ଥ ଝଲକ । କର୍ଣ୍ଣରେ ମାଳିକ ରତ୍ନ ମାଣିକ୍ୟ ।
କି ସୁନ୍ଦର । ସୁନ୍ଦି ଚନ୍ଦ୍ରମୁକୁଶ । ଗୁଳିଦେଲା ପରି ଦେଖିଣୀକଳୁଷ । ୩ ।
ଆଉ ଅଙ୍ଗସ୍ୱେଦ ଭ୍ରମ ଭାଙ୍ଗିଲା । ସୁମ ଭି ପ୍ରତିମା ନ ଯାଉଡ଼ି ଦେଖିଲା ।
ରଙ୍କତ ଲୋକିତ ଦାତ୍ରୀ ବେଢ଼ିଲେ । ମତେ ମନେ ଲଭେ ଚମ୍ପକ ଦେଲେ
କି ସୁନ୍ଦର । ମନ ନୟନ ପ୍ରାଣେ । ଦେଲି ଏଣୀଲୋଚନ କର ସମର୍ପଣେ । ୪ ।

---

୧ । 'ରସିକ ସାର—ଶ୍ରେଷ୍ଠ ରସିକ । କର୍ଣ୍ଣପୁଟରେ—କାନରୂପ ପୁଟରେ । ସୁଧା—କାବ୍ୟାମୃତ । ଜାଣିଲ—ଲକ୍ଷ୍ୟ ରହସ୍ୟ । ୨ । ମଦନକଳା—କାମକଳା । କନକନିଭ—ସୁନା ଭଳି । ଚିତ୍ରଳା—ମୂର୍ତ୍ତି । କାଚବାନ୍ଧୁପୁରେ—କାଚରେ ବେଢ଼ି ହୋଇଥିବା ଘର । ମୁକୁରେ—ଦର୍ପଣରେ । ମାଧୁରୀ—ଶୋଭା ।

୩ । ସର୍ବଦିଗେ—ଚାରି । ଶିଶୁଅଳକାଅବଳୀ—ଛୁଆ ବାଳ ଗୁଚ୍ଛ । ଅଳକା—ଚୂର୍ଣ୍ଣକୁନ୍ତଳ ମୁଣ୍ଡର ବାଳ, ଚୂର୍ଣ୍ଣ କୁନ୍ତଳ । ଝୁଲି—ଶୋଭି । ଝଲକ—ଦେଖି । ଏଣୁ—ଆଉଥରେ । ଗୁଳିଦେଲା—ଗୁଳିଦେ । ଦେଖିଣୀ, କଳୁଷ—ଦେଖିଣୀକୁ ଧାଇଁ ବେଢ଼ିବାପାଇଁ ଚନ୍ଦ୍ରମା । ଏମ ଚନ୍ଦ୍ରମା ମୁଖ ପାଠାନ୍ତର । ସୁନ୍ଦୀ ଧଣ୍ଟିକି ଲେଖାଯିବା ଚନ୍ଦ୍ରମା ମଧ୍ୟ ପାଠ ଅଛି ।

୪ । ଅଙ୍ଗସ୍ୱେଦ—ସ୍ୱେଦ । ସୁମ ଭି ପ୍ରତିମା—ସ୍ୱର୍ଣ୍ଣ ପ୍ରତିମା ବା ଛବି । ଦେଖିଲା—ଦେଖି । ରଙ୍କତ—ଅଙ୍କିତ । ଲୋକିତ—ଶୋଭିତ । ସମର୍ପଣ—ଦାନ, ଦାନ

ଏଣୁ ତେଣୁ ସୁରତନୁ ଭନୁଭନନ୍ତି । ଅତେଣ ଅନୁଥାନ ଅନୁମାନନ୍ତି ।
ଅଲକ୍ଷିତ ହେଉଛି ଲେକିତ କର । କହିବି ଉପମା ହୋଇଲା ସବ
କି ସୁନ୍ଦର । କଣ ବଚନ ପଥ । କୃତାର୍ଥ ଭବନେ ହେଲୁ ସମର୍ଥ । ୫ ।
ତରୁଣୀ ଶୋଭା ଅଟା ସାଧ୍ୱୀ ଚାହିଁ । ବତୀଶ ପଞ୍ଚୀଶ ଅଣ୍ଟ ଉଥାଇ ।
କନକ ପିଙ୍ଗାକ୍ଷିଅ କୁଥ ସମ । ମୁକ୍ତାଝାଲି ମୁଠାଝାଲି ଭମ ।
କି ସୁନ୍ଦର । ପୁଣି ଦଶଣ କ୍ଷୁଦ୍ରେ । ପୂଜା କରେ କି ଜଗବସ୍ତୁଭାବେ । ୬ ।
ଦ୍ୱିଜାସ୍ୟରୁ ଅଧର ଭମ ସେହୁଠାରେ । ଅବତଂସ ତନ୍ତୁମ୍ମି ଥିବାରେ ।
ତାଟଙ୍କଲ୍ୟ ଭାରବା ଗୁନ୍ଦପାଣ୍ଡ । ସୁଧାବନ୍ଦୁ ଦ୍ରବ ହେଉ ମୋଡ଼ ।
କି ସୁନ୍ଦର । ତାମରସରୁବୋରଣୀ । ଡିଲିମିଲିପାଳୀ ସେହୁ ଲକ୍ଷଣୀ । ୭ ।

---

ତଷ୍ଟ ଓ ଘ୍ରାଣ ସେ ଶୋଭୁଛିର ଉଡ଼ିଯନ୍ତି । ୫ । ସୁରତନୁ—ସୁରତି । ଭନୁ ଭନନ୍ତି—ଗୁଣୁଗୁଣାଇ ହେଉଛନ୍ତି—(ତନୁ—ଭୃଙ୍ଗ ଅର୍ଥ; ସୁରତନୁ ଅର୍ଥରେ ପ୍ରୟୋଗ) ଅନୁଥାନ—ଚାଲି ଚଳ । ଅନୁମାନକୁ—ତର୍କଣାକୁ । ଅଲକ୍ଷିତ—ଅଦୃଶ୍ୟ । ଲେକିତ—ଦେଖା । ଉପମା—ତୁଳନା । କୃତାର୍ଥ—ସଫଳ । ସମର୍ଥ—କ୍ଷମ ।

୬ । ସାଧ୍ୱୀ—ପତିବ୍ରତା । ବତୀଶ—ଦର୍ପଣ । ପଞ୍ଚୀଶ—ପଞ୍ଚବିଂଶାବସ୍ଥା ବର୍ଷୀ । ପଞ୍ଚବିଂଶେ ସୌଭାଗ୍ୟବତୀ ସମ୍ପୂର୍ଣ୍ଣଯୌବନାଃ ସ୍ତ୍ରିୟଃ । କନକ-ପିଙ୍ଗାକ୍ଷିଅ—ସୁନାର ଅଳଙ୍କାରବିଶେଷ, ଯାହା ବେଣୀର ଅଗ୍ରଭାଗରେ ଲଗାନ୍ତି । ଅଳି ନଳ୍ପ ବେଣୀ, "ହେମ ଏ ମୁଦ୍ରି । ବିକ୍ରୁତ୍ତିକ ଗଣି କଙ୍କାର ମୁଦ୍ରି । ଗଜଦନ୍ତସହିତ ସାମନ୍ତୀ । ମୁକ୍ତାପିଣ୍ଡ ଶିର ଅଦ୍ଭୁତେ କର୍ଣ୍ଣ । ବେଣୀ ଏକହଂସୀ; ଚାରିଧାଡ଼ି ପୋହେଇ ସାଜନ୍ତି ଭଳି ।" ହୋଃ ଗ୍ରଃ ଦୂଃ । କୁଥ ସମ—ଗ୍ରୀବା ପିଠିରେ ଗଡ଼ୁଥିବା ଭଳି କମଳ ଚେର । ସେଥିରେ ମୁକ୍ତାର ଝାଲିର ମୁଠା କେ ମୋଡ଼ିଏ ବଣି ସୁନ୍ଦର ଝାଲିଦାମ ହୋଇଛନ୍ତି ଯେପରି ହାରର ପିଠି ଉପର ଭାଗରେ ଝାଲି ଭଳି ଦେଖାଯାଉଥାଏ । ଜଗବସ୍ତୁ ଭାବେ—ସଂସାରକେତା ଭାବରେ ।

୭ । ଅବତଂସ—କର୍ଣ୍ଣଭୂଷଣ । ତନ୍ତୁମ୍ମିରେ ଶୁଙ୍ଗ ଥାଏ । ତାଟଙ୍କ—ହେବାସ୍ଥାନ । ଗୁନ୍ଦ—କଣ୍ଠ । ଯେପରି ଦ୍ୱିଜାସ୍ୟ ଅଧରେ ଦ୍ୱିଜାସ୍ୟ ସୁନ୍ଦର କରିଛି ଓ ଜଳଜାତ ହୋଇଥିବା ଭାବିବା ଯୋଗ୍ୟ ସେହିପରି ତନ୍ତୁମ୍ମିରେ ସୁନ୍ଦରୀ ନାରୀଙ୍କ କାନରେ ଯେଉଁ ଝୁମ୍ପା ଥାଏ ସେ ସବୁ ହେଲେ ଭାରବା—ସେ ଝୁଲା ସବୁ ହୋଇବ । ଏହି ତର୍କଣା କରୁଛନ୍ତି ସେ ସେ ସବୁ ତନ୍ତୁ ଠାରୁ ସୁଧାଦ୍ରବ—ତରଳ ଅମୃତବିନ୍ଦୁ ସଦୃଶ ? ରୁବୋରଣୀ—ରକ୍ତିମ ପାଦ, ଝୁଲାପାଟକ (ସୁନା ପାଳକ ମଧ୍ୟରେ ଏକତମ ହେଲୁ ) ଲକ୍ଷଣୀ—ସାଦୃଶ୍ୟ ।

କର୍ଣ୍ଣେ ହୋଇଅଛି ବଦଆବାସ । ଏଥିକି ଉପମା ନବବା କିସ ।
ଢୁଲୁ ଢୁଲୁ ଦୃଶ୍ୟ ଚଳନ ହେଲ୍ଲ । ବାଲି ଦୋଲେ ମନେ ଯତନେ କଲ୍ଲ ।
କି ସୁନ୍ଦର ! ଫୁଲ ମୁର୍କ୍ଷୀଭଙ୍ଗି । ଝଲକା ଉପମାକୁ ନଲ୍ଲ ଭୂଷି । ୮ ।
ଭାଲ ଗୁହିଁ ଚନ୍ଦ୍ର ଭଲ ବର୍ତ୍ତୁଳ । ଏ ହେମକାଗଜପଟ ଥାଡ଼ାର ।
ଲେଖିଛି ଚନ୍ଦ୍ରକଟାକ୍ଷ ଏଥିରେ । ଏ ବାଳା ସମାନ ନାହିଁ ଦୀପ୍ତିରେ ।
କି ସୁନ୍ଦର ! ଗୁଣେ ନାଗ ଭୁବନେ । ସ୍ୱର୍ଗପୁରେ ଅଜ ଅଛି ସମାନେ ।୯।
ବଡ଼ କି ଚତୁର ପାରିବା ଏହା । ବଡ଼କବି ଜଡ଼ ଯେଣିକେ ତାହା ।
ଭଣ୍ଟ ଶୁଭଳ କଳା ଭଣିବାର । ଚେଟପିଛିଲେ ଅଛି ଅକ୍ଷରପଢ଼ି ।
କି ସୁନ୍ଦର ! ବୁଦ୍ଧି ଚଳିବ ନାହିଁ । ଦେଖିଥିଲେ ଛାର ତାଙ୍କୁ ଗୁହିଁ । ୧୦ ।
ଶିବଶିର ଚଳାଇନ୍ଦୁ କଳାଏ । କଳା ହୋଇ ବିଷଜ୍ୱାଳାର ଭସ୍ମେ ।
ଶ୍ରୀକୁଚାରେ ଲୁଚୁ ପଳାଇ ଆସି । ଲକ୍ଷ୍ୟରୁକାରେ ଏହି ଲକ୍ଷ୍ୟ ଦର୍ଶି ।
କି ସୁନ୍ଦର ! ପର୍ଶୁରାମ ପରଶୁ । ବାମା କହେ ରାମା ଶବ୍ଦାବର୍ଣ୍ଣ । ୧୧ ।

---

୮ । ବଦ୍ରୀ ଆବାସ—ବଦଆ ନାମକ ଅଳଙ୍କାରର ସ୍ଥାନ ବା କଣ୍ଠୀ ଘର । ବାଲି—ସ୍ତ୍ରୀ, ଦୋଲ—କର୍ଣ୍ଣଭୂଷଣ ବିଶେଷ । ମୁର୍କ୍ଷୀଭଙ୍ଗି—ଫୁଲ ମର୍କିଫୁଲର ଭଙ୍ଗୀ ବା ଉତ୍ତମ ମର୍କିକିଡ଼ି ଗଢ଼ଣି । ଝଲକା—କର୍ଣ୍ଣଭୂଷଣ ବିଶେଷ । ଭୂଷି—ଭୂଲ୍ଲି । ଝଲକାର ଉପମା ନାହିଁ ।

୯ । ଭାଲ—କପାଳ । ଭଲ—ଭଲ, ଅର୍ଦ୍ଧଚନ୍ଦ୍ରାକାର ଗହଣାବିଶେଷ । ହେମକାଗଜପଟ—ସୁନା କାଗଜପଟ ବା ପଟା । ଚନ୍ଦ୍ରକଟାକ୍ଷ—ମନୋହର ଭଙ୍ଗୀ । ନାଗଭୁବନେ—ପାତାଳରେ । ଶୋଭାରେ ଓ ଗୁଣରେ ସ୍ୱର୍ଗ, ମର୍ତ୍ତ୍ୟ ପାତାଳରେ ସମାନ ଦେଖୁ ନାହିଁ ।

୧୦ । ଏ ନାୟିକା ବଡ଼ ବା ଚତୁର ଏହା ଯେଉଁ ପାରିବେ । ଜଡ଼—ମୂର୍ଖ । ଯେ କେବଳ ପଢ଼ିବ ସେ ବଡ଼, କିନ୍ତୁ ଚତୁର ବୋଲି କହିବ ନାହିଁ । ଅକ୍ଷର ପଢ଼ି—ଅକ୍ଷର ବଳି 'ବୁଦ୍ଧି ଚଳିବ ନାହିଁ'—ଆସ୍ୱାଦ ପଢ଼ିବ ନାହିଁ ।

୧୧ । ଶିବଶିର—ମହାଦେବଙ୍କ ମୁଣ୍ଡର ଚନ୍ଦ୍ର । କଳାଏ—ଏକ କଳା । ବିଷଜ୍ୱାଳର—ମହାଦେବଙ୍କ କଣ୍ଠସ୍ଥିତ କାଳକୂଟ ବିଷର ଜ୍ୱାଳା । ଭସ୍ମେ—ଭସ୍ମ ଦଗ୍ଧ । କଳା ହୋଇ—କଳା ପଡ଼ି । ଶ୍ରୀକୁଚାରେ—ଲାବଣ୍ୟବତୀଠାରେ; ପଳାଇ ଆସି ଲୁଚୁ—ଲୁଚିଲା ପରି ଅଛି । ଲକ୍ଷ... ...ଦର୍ଶି—ଏହି ପ୍ରକାରରେ ଦେଖା ଯାଉଛି । ପର୍ଶୁରାମ—ଜମଦଗ୍ନିଙ୍କ ପୁଅ, ସେ ସର୍ବଦା ହସ୍ତରେ ପରଶୁ (ଟାଙ୍ଗିଆ) ଧରି ଥାଆନ୍ତି । ବାମା—ଏ ଯୁବତୀ ସେହି ପରଶୁରେ ଭୁଲିଯାଉଛି । ରାମ ଶବ୍ଦ ବର୍ଣ୍ଣ—ରାମା ସ୍ତ୍ରୀ

ଉତ୍-କଣ୍ଠିତ ଲୁଣ୍ଠିତା ନୟନ । ଅଞ୍ଜନରଞ୍ଜି ବ୍ୟାଜେ ମହାମୂନ ।
ନ ମାନୁଁ ଗୃହିଣୀ ଛଟକ ବର । ପରମକୁ ଭେଦ ଯାଏ ବାହାର ।
କି ସୁନ୍ଦର । ଦୃଷ୍ଟି କଜ୍ଜଳ ମଳ । ଅନ୍ତେ ରକତ ଦେହବାରୁ ବ୍ୟକତ ।୧୬।

ଏ ଯାଏଁ ଗୃହିଁଙ୍କ ଉଦ୍ରେକ ଭାବ । ଅପଣା ଗାତ୍ରକୁ ନେଇବୁ ଭାର ।
ସ୍ତବ ନ ଦେଖି ଲଜ୍ଜିଲ୍ଲ ଜଙ୍ଘୁର । ଚମତ୍କାରରେ ଚମତ୍କାର ।
କି ସୁନ୍ଦର । ସତେ ଆଉ ନ ବାଛି । ଏହି ପଦକ ସେ ଚାହାଁଲ୍ଲ ଯୋଷି ।୧୭।

ଯାହିଁ ନୟନରେ ଏତେକ ବଢ଼ାଇ । ମୃଗଙ୍କୁ ଦେଲ୍ଲ ନଗର ଛଡ଼ାଇ ।
ବୁଡ଼ା ଲବଣଦଧିରେ ମୀନ କମଳ । ମୋ ସଙ୍ଗେ ହୋଇଥାଅ ବୋଲି ତୁଲ
କି ସୁନ୍ଦର । ପଦ୍ମ ଥିଲକୁ ଦୋଷେ । ଦାନ୍ତ ଦାଆଇଲା ଭୁବନ ବଶେ ।୧୮

---

—ଏ ଛନ୍ଦରେ ଯମକ ଥିବାରୁ ନିଶ୍ଚିତ ହେଉ ଧାରଣ କରୁଅଛି । ଯମା ହେଲା ଯମକ ଶବ୍ଦ ବର୍ଣ୍ଣ—ପାଠାନ୍ତର ଅର୍ଥ ସୁଗମ । ୧୬ । ଉତ୍କଣ୍ଠ ଲୁଣ୍ଠିତା—ଅଭିଳାଷ ଲୁଣ୍ଠି । ନୟନ—ଆଖି । ଅଞ୍ଜନ ରଞ୍ଜି—ଆଖି-ଚଟାଣରେ ସବୁ କଳା ଗାର । ବ୍ୟାଜେ—ଛଳରେ, ବାହାନାରେ । ମହାମୂନ—ଅଧିକାଂଶ । ଛଟକ—ଲୀଳା । ଅନ୍ତେ...ବ୍ୟକତ—ସେ ଆଙ୍କ କଳା ହେଲେହେଁ ଆଖି ମଧ୍ୟର ରକ୍ତିମା—ଅନ୍ୟକୁ ଭେଦ ବାହାରି ଆସିବାରେ ତା ଦେହର ରକ୍ତିମତା ଧରା ହୋଇଛି ।

୧୭ ; ଏ ଯାଏଁ—ଏଥି ସଙ୍ଗରେ । ସେ ନାୟକ, ଗୃହିଣୀଶ୍ରେଷ୍ଠ, କୃଷ୍ଣଙ୍କ ବ୍ରଜଭୂମି । ଅପଣା ଗାତ୍ରକୁ—ନିଜ ଦେହକୁ । ଭାର ନେଇବୁ—ସେ ଉଦ୍ଦେଶ୍ୟରେ ଆସୁଛି । ସ୍ତବ—ନିଜ ଦେହରେ ଶକ୍ତି । ଜଙ୍ଘୁର ଲଜ୍ଜିଲ—ଅଙ୍ଗରେ ବାଧା ହେଲା । ଚମତ୍କାରରେ ଚମତ୍କାର—ଏ ଅତି ଅଦ୍ଭୁତ ଘଟନା । ସତେ ଆଉ ନ ବାଛି—ଏ ଆଖି ତୁଲ୍ୟ ଆଉ ଦେଖି ନାହିଁ ।

୧୮ । ବଢ଼ାଇ—ବଢ଼ିଗଲା ; ମୃଗଙ୍କୁ—ହରିଣଙ୍କୁ । ନଗର—ସହର, ଏଠାରେ ମନୁଷ୍ୟଙ୍କ ବାସସ୍ଥାନ । ମୀନ କମଳ—ମାଛକୁ ପାଣିରେ ବୁଡ଼ାଇ ଦେଲୁ ( କମଳ—ପଦ୍ମ ଓ ଜଳ ) ତୁଲ—ସମାନ । ପଦ୍ମ ଥିଲକୁ ଦୋଷେ—ପଦ୍ମ ସେ ନୟନ ସଙ୍ଗେ ସରି ହେବାକୁ ଇଚ୍ଛା କରିବାରୁ ସେ ଦୋଷ ଦେଇଥିଲୁ । ଭୁବନବଶେ—ତା ଉପରେ ଦାବିଲ ପକାଇ । ଦାନ୍ତ ଦାଆଇଲା—ଚିହ୍ନ ଦେଲା ।

ଗଣ୍ଡ ଶଶିକ ପ୍ରମାଣ ମକସ୍ୱ । ଏ ଅନୁମାନକୁ ଅନ୍ୟ ନ ଭଣ ।
ନାସାରଥ ସଙ୍ଗ ହେବା ହେତୁରେ । ମଣ୍ଡିଲ କନ୍ଦର୍ପ କାଳ କେତୁରେ ।
କି ସୁନ୍ଦର । ନାସାପୁଟ ବେଶର । ତୂଣୀରସ୍ଥିତ ଶରପୁଙ୍ଖ ଶର । ୧୫ ।
ଏମନ୍ତ ସାଢେଜଣି ଗୁମ୍ଫି କି ଭର । ସ୍ୱୟମ୍ଭୁ ଶମ୍ଭୁ ଜୂଟଜୂଟ ଧର ।
ଅଚ୍ଛାଦିତ ହୋଇ ଶୈଳ-କନ୍ଦରେ । ଜାଳାରେ ଶରଣ କୁସୁମ ପାଶେ
କି ସୁନ୍ଦର । ତାର ଜାହ୍ନବୀ କି ସେ । ହେମମାଳୀ କାଳ ଭୁଜଙ୍ଗମ ପାଶେ
ସମ୍ପୁଟ ଉପମା ଉରଜେ ମଞ୍ଜୁ । ମୁକ୍ତାମାଳା-ଲୁଚା କାଳବନ୍ଧୁ ।
ସମ୍ବରନ ରାଜା ସର୍ବସ୍ୱ ତହିଁ । ହେମମାଳାକାର ସହିତେ ପୁଚ୍ଛିଲ ।
କି ସୁନ୍ଦର । ଭଲ ଶୋଭାଉଅଛି । ଜାଗ୍ରତପଣ ଲକ୍ଷ୍ମୀକୁ ଦେଉଛି । ୧୬ ।

---

୧୫ । ଗଣ୍ଡ ଶଶିକ ପ୍ରମାଣ ମକସ୍ୱ—ଗାଲରେ ଯେ ତିଳ ନ ଥିଲା ତା ହେଉଛି ମକର ଆକାର । ଅନୁମାନ—ଚିନ୍ତା । ହେତୁ—ପତାକା; ଗାଲର ଏ ତିଳ ହେଉଛି ନାସାରଥର ପତାକା । ନାସାପୁଟ—ନାକପୁଡା । ବେଶର—ଅଳଙ୍କାର ବେସର । ତୂଣୀର—ଶରତୂଣୀ । ସ୍ଥିତ—ଥିବା । ଶରପୁଙ୍ଖ ଶର—ପୁଙ୍ଖ ବାଣର ପରପୃଷ୍ଠ ସ୍ଥାନ; ଏ ସ୍ଥଳରେ ପକ୍ଷୀର ପର ନ ଥାଇ ସିନ୍ଦୂର ମିଶ୍ର ଅଛି ।

୧୬ । ସାଢେଜଣି—ସାଢେସ୍ୱଣ୍ଠା; ଖୋଷା । ସ୍ୱୟମ୍ଭୁ ଶମ୍ଭୁ—ଆପେ ଆପେ ଜନ୍ମିଛନ୍ତି ଯେ ମହାଦେବ । ଜୂଟ—ଜଟା । ଶୈଳ କନ୍ଦରେ—ପାର୍ବତୀଙ୍କ ଗୁପ୍ତ ସ୍ଥାନରେ । ତାର ହେଉଛି ଜାହ୍ନବୀ—ଗଙ୍ଗା । ମହାଦେବଙ୍କ ଶିରରେ ଗଙ୍ଗା, ହୃତ ଉପରେ ମୁକ୍ତାହାର । ହେମମାଳୀ—ଉଦରସ୍ଥିତ ସରୁ ରୋମ ରେଖା; କାଳଭୁଜଙ୍ଗ ପାଶେ—ଜାଲସର୍ପ ନିକଟରେ ଅଛି । ତାର ଜାହ୍ନବୀ କି ସେ—ପାଠାନ୍ତର, ପୂର୍ବ 'କି ସେ' କି ସେ ସଙ୍ଗେ ଏ ପଦର ପାଠ ସମୀଚୀନ ନୁହେଁ । ପୂର୍ବ ପଦର ପାଠରେ ଧରେଣ ପଢ଼ି ୪ ପଦାନ୍ତ କି ସେ—ପଢ଼ିବା ମଧ୍ୟ ସମୀଚୀନ ।

୧୭ । ସମ୍ପୁଟ—ପେଡ଼ିଥିଏ; ମଞ୍ଜୁ—ସୁନ୍ଦର । ଉରଜେ—ସ୍ତନରେ । ଉପମା—ତୁଲ୍ୟ । ମୁକ୍ତା ମାଳ ହେଉଛି ଲୁଚା କାଳବନ୍ଧୁ—ଲୁଚା ହେବା ସମସ୍ତର ଗଣ୍ଠି । ସମ୍ପୁଟରୁ ହୃଦରେ ବସାଇଲେ ପଲଙ୍କରେ ଥାଣି କରିବାକୁ ଦୃଶ । ତହିଁ—ସେ ସମ୍ପୁଟରେ । ସମ୍ବରନ ରାଜା ସର୍ବସ୍ୱ—ଯୌବନ ହୋଇଛି ରାଜା, ତାହାର ସମସ୍ତ ଧନ । ହେମମାଳଙ୍କାର—ହେମସ୍ତୂପ ଅନେକ । ଜାଗ୍ରତପଣ—ଜାଗିଥିବା ପଣ । —ଲକ୍ଷ୍ମୀ ବାରବାର ବିଦ୍ୟମାନ ଅଛି ।

ନୀଳଜଳଦ ବନ୍ଧୁଳିକି ଶିର । ଥିଲା ଯାହା କରେ ମର୍କତ ଚୂଡ଼ ।
ଭ୍ରୂଟେକ ବାନ୍ଧୁବାକୁ ଯତ୍ନ ମାଧୁରୀ । ନାସା ଲକ୍ଷ୍ମୀରେ କହ୍ଲାର ଯହିଁ ।
କି ସୁନ୍ଦର । କାନ୍ତି ଅଶୋକଭାବକଲୀ । ମାଣିକ୍ୟମୁଦାରେ ଫୁଲ ଉଜ୍ଜ୍ୱଳା । ୧୮ ।
ଶିନ୍ଦୂର ଚତୁର୍ଥୀଚନ୍ଦ୍ର ଭ୍ରମରୀ । କଳଙ୍କ ଅଙ୍କିତ ଯେହ୍ନେ ଅଙ୍କୁରି ।
ଶ୍ରୁତିସୀମାରେ ମନୋରମ ତାଳ । ବ୍ୟାଧ ବୁଦ୍ଧି କି ବନ୍ଧ ଏବେ ବାଳ ।
କି ସୁନ୍ଦର । ମତ୍ତ କପୋତ ପାଶେ । ବାନ୍ଧି ଥୋଇଛନ୍ତି କିବ ପରେ କି ସେ
ସୁନ୍ଦରୀ ଅବଳା ପଦକୁ ଛଳି । ବୈବଧେ ବନ୍ଧନ ହୋଇଛନ୍ତି ବଳୀ ।
ଅଛି କି ନାହିଁ ଏ ସଂଶୟ ମଧ୍ୟ । ଯୁଗି ପଢ଼ିବାକୁ ସେ ଗୁଣେ ବାନ୍ଧେ
କି ସୁନ୍ଦର । ତହିଁ କଞ୍ଚି କିଙ୍କିଣୀ । ଏଣୁ କଟୀ ଥିବା ହେଉଛି ଜାଣି । ୨୦
ଚିହ୍ନାଇଅଛି ବାସ କୁଞ୍ଚା ବେଢ଼ । ଗଢ଼ିଛି ପୁଣି ଚିକ୍କଣ କଦଳୀ ।
ନାଭିକି ଅଧ ଅନୁମାନେ ଜାଣ । ଗୁଲ୍ଫ ପର୍ଯ୍ୟନ୍ତ ନୋହିଲା ଗୋଚର
କି ସୁନ୍ଦର । ଉର୍ଦ୍ଧ୍ୱ ଦିଶୁଛି ଚାପେ । ସ୍ଥଳକମଳିନୀ ଶୋଭିତର ନାଦେ । ୨୧

---

୧୮ । ନୀଳ ଜଳଦ—ନେଳିଆ ମେଘ । ବନ୍ଧୁଳିକି ଛଡ଼ିଥିଲା ଯାହ—ବାନ୍ଧୁଳିକୁ ଦୂର କରିଦେଇ ଧରିଥିଲା ଯାହା । ମର୍କତ ଚୂଡ଼—ନୀଳମଣିର ଚୂଡ଼ାରେ ହାତ ଦିଆ ହୋଇଛି । ଭ୍ରୂଟେକ—ବାଙ୍କୁରେ । ମାଧୁରୀ—ଶୋଭା । କହ୍ଲାର—ଶ୍ୱେତପଦ୍ମ । ଯଂକି—ଶୋଭା ।

୧୯ । ଶିନ୍ଦୂର—ଅଧର, ସେ ହେଲା ଚତୁର୍ଥୀଚନ୍ଦ୍ର—ଚଉଠି ଜହ୍ନ ; ସେଥିରେ ସେ ଭ୍ରମରୀ—ଭ୍ରମର ଆକାରର ଦନ୍ତ, ସେ ଚନ୍ଦ୍ରର କଳଙ୍କ—କଳା ଦାଗ । ଅଙ୍କୁରି—ଉଦ୍ଗମ ହୋଇଛି । ଶ୍ରୁତିସୀମା—ଗଳାର ଅଳଙ୍କାରବିଶେଷ । ମନୋରମ—ସୁନ୍ଦର । ବ୍ୟାଧବୁଦ୍ଧି—ଶିକାରୀର ଆଶା । ବନ୍ଧ—ବାନ୍ଧିଲା । ମତ୍ତ କପୋତ—ମଦରେ ମତ୍ତ ହେବା ପାରା, ତାକୁ ସେ ବାଳ ବା କି ରୂପବତୀ ରୂପ ପାଶରେ ବାନ୍ଧିଛି କି ? ଦୈବପରେ—ଦୈବାତ୍‌ରୂପ ସୁନ୍ଦର ' ଜଗତ୍ ଭାଗରେ ।

୨୦ । ଅବଳା ପଦକୁ—ବଳ ନାହିଁ ଏହି ନାମକୁ । ଛଳି—ଦୃଢ଼ କରି, ଦୂର କରି ; ତାର ଉଦରରେ ଯେଉଁ ତିବଳି ଅଛି ସେ ଉଦରସ୍ଥାନରେ ବାନ୍ଧି ହୋଇ ବଳୀ—ବଳବାନ ହୋଇଛି କି ଏଠାରେ ଦଳି ତ୍ରିବେଣୀ ମଧ୍ୟ କ୍ଷେତ୍ରରେ ଲୁଚାଇଅଛି । ମଧ୍ୟ ମଧ୍ୟଦେଶ, କଟୀ ଅଛି....ସଂଶୟ —ଏବେଳେ ଜାଣି ସେ ତାହାର ଅସ୍ତିତ୍ୱରେ ସନ୍ଦେହ ; ଜାଣେ ଭାଙ୍ଗିଯିବ ସେଥି ହେତୁ । ଗୁଣେ—ଦଉଡ଼ିରେ ; ଦଳିତ୍ରୁଟି ପଢ଼ିବାକୁ । ୨୧ । ବାସ—ଲୁଗା, ଶାଢ଼ୀ । କଞ୍ଚିତ୍ତ—କୁଞ୍ଚ ପକାଇଛି । ଚିକ୍କଣ କଦଳୀ

ତୋଡ଼ର ଚୂଡ଼ା ମୃଗମଦ ଚଟା । ପଶ୍ଚିମାଶୀ ଝୁଣ୍ଟିଅରେ ରଞ୍ଜିତା ।
ଝୋଲୁଛି ବ୍ୟଗ୍ର ଅଳକ୍ତ ସ୍ୱଗତେ । ଶରଣ ରକ୍ଷଣ ଅନୁରାଗରେ ।
କି ସୁନ୍ଦର । ତରୁଣୀକୁ ବାଳାର । ଶରଣ ଅର୍ଥରେ ପ୍ରସାରୁ ଭର । ୨୨ ।
ଦିନ କହେ ତୋନାହେ ଲାବଣ୍ୟଧାମ । ଆଏ ଅଛି ଦିନା ପ୍ରତ୍ନପ୍ରତିମା ।
ସକଳ୍ୟାଦୀ ଭୂଷିଲ ତେଣୁ କାଳକୁ । ତେତେ ସୁନ୍ଦରତା ତିଳ ତଳକୁ ।
ଏହୁ ସୁନ୍ଦର । ଅଙ୍ଗେ ଅଙ୍ଗେ ଏହାର । କାମିନୀ ଦିନା ଅଛ ରୂପଭାର । ୨୩ ।
କୁମାର ଦମ୍ଭକୁ ଊଣା ଦଶିଲା । କପୂର ସଚିବସୁତ ଭାଷିଲା ।
ସୁବର୍ଣ୍ଣ ପୀଡ଼ାରେ କଣ ଶ୍ରୀଗ୍ରାମ । ଯାଡ଼ାତ ସର୍ଜିବି ବାଲାରୁ ପ୍ରେମ ।
କି ଗୋସାଇଁ । ଏଥୁଁ ଅଧିକ ବୋଲି । ଅମ୍ଭ ବିଷୟରେ ନାହିଁ ଏଡ଼େ ଭୁଲି ।
ନୃପଜ ବୋଲେ କିହାଁ ନୋହିଥାନ୍ତ । ଅଙ୍ଗରେ କଲ୍ପ ଯେ ଭାମ ସଞ୍ଜୀବ
ସଙ୍ଗୀର କରେଣ ବୃଭୁଷ ପେନ୍ଦ୍ର । ତେଣୁ ଝୋଲିଥିବ ନବଯୌବନା ।
କି ଶଗାଭ । ନୟନର କି ଛଟ । ଦେଖିଲୁଟିକି ତେମ ବାଳା ସ୍ୱରୂପ । ୨୫

—ଛାଇରେ ବା କୌଣସି ବାଟର ସୁଖ ଚକାଳ କୃଷ୍ଣା ଭଗ୍ନପାଏ । ନାଭି......ଗୋଡର—ନାଭିଠାରୁ ଗୋଡ଼ ଗଣ୍ଠି ପର୍ଯ୍ୟନ୍ତ ଶରୀରର କୌଣସି ଅଙ୍ଗ ଦେଖାଯାଉ ନାହିଁ । ସ୍ଥଳସରସିଜ ଶୋଭାରେ— ସ୍ଥଳପଦ୍ମ ଶୋଭାକୁ ।

୨୨ । ତୋଡ଼ର ଚୂଡ଼ା—ତୋଡର-ପଦାଇ ଅଳଙ୍କାରବିଶେଷ, ତାର ଅଗ୍ରଭାଗ; ତୋଡ଼ର ଝୋଲା ପାଦର ମୁଣ୍ଡି ଏବଂ ମୃଗମଦ ଚଟା—ପାଦରେ କସ୍ତୁରୀ ଚିତା ଦିଆ ଯାଇଛି । ପଶ୍ଚିମାଶୀ ଝୁଣ୍ଟିଆରେ—ପଶ୍ଚିମ ଦେଶୀୟ ଅଙ୍ଗୁଳିର ମୁଦି । ରଞ୍ଜିତା—ଶୋଭିତ । ଅଳକ୍ତ—ଅଲତା । ସ୍ୱଗତେ—ଭଲ ଗୁଣରେ; କ୍ରୋଧରେ । ବ୍ୟଗ୍ର—ଚଞ୍ଚଳ । ଶରଣରକ୍ଷଣ—ଆଶ୍ରିତ ଜୀବ ରକ୍ଷାକାରୀ । ଅନୁରାଗରେ—ସ୍ନେହରେ । ଶରଣ ଅର୍ଥରେ—କାମବାଧାରୁ ରକ୍ଷା ନିମିତ୍ତ । ପ୍ରସାରୁ—ବଢ଼ାଇ, ଲମ୍ବାଇ । ଭର—ଭାବ ।

୨୩ । ଲାବଣ୍ୟଧାମ—ଲାବଣ୍ୟର ସ୍ଥାନସ୍ୱରୂପା ଲାବଣ୍ୟବତୀ । ପ୍ରତ୍ନପ୍ରତିମା—ପ୍ରତିମୂର୍ତ୍ତି । ସୁନ୍ଦରତା—ସୌନ୍ଦର୍ଯ୍ୟ । ତିଳ ତଳକୁ—ଅତି ସାମାନ୍ୟ ଅଂଶକୁ । ରୂପଭାର—ରୂପଭାଗ । ଅର୍ଥାତ୍ ବେଜାର ଏ ଶରୀରେ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ଅଳ୍ପମାତ୍ର ଫୁଟାଇ ପାରିଛି । ୨୪ । ଦମ୍ଭକୁ ଊଣା ଦଶିଲା—ଦୈନ୍ୟ କମିଗଲା । ସଚିବସୁତ—ମନ୍ତ୍ରୀପୁତ୍ର । ଏଡ଼େ ଭୁଲି— ଏ ମୂର୍ଚ୍ଛିତ ଭ୍ରମ ।

୨୫ । ନୃପଜ—ରାଜପୁତ୍ର । ଅଙ୍ଗରେ.....ସଞ୍ଜୀବ—କନ୍ଦର୍ପ ଯେ ଅଙ୍ଗର ପ୍ରଭାବହିଁ ଭାବନ୍ତ କରନ୍ତି ବା ଯେ ପଞ୍ଚମୂର୍ତ୍ତି ଅଙ୍ଗର ଭାବକୁ ଯେ ସଞ୍ଜୀବ

ଏରୂପେ ବୋଲି କହିବାକୁ ଧ୍ୟାନ । ଦ୍ୱାର ଓଗାଳ ଗତ ଦେବାକୁ ବେନ
ସ୍ୱାତିଶ ଓ ଅଙ୍କ ନ ଲଭିବ ସାର । ଏହୁ କଥା ହେଲା ଏଥିର ସାର ।
କି ସଂସାର । ଅସ୍ତୁ ମୁକ୍ତଗଣି । ପିତୁଳା ଅଙ୍ଗିନା ହୋଇ ତପସ୍ୱୀ । ୨୬ ।

ଜୀବଙ୍କୁ ଉଚାଟ କର ସନ୍ନ୍ୟାସୀ । ଚକ୍ଷୁବନ୍ଧନ ମାୟାକୁ ପ୍ରକାଶି ।
ଶିଷ୍ୟ ସଙ୍ଗେ ସେଦ୍ୱାସଣି ଅନ୍ତର । ପ୍ରତେ ଅନ୍ତର୍ଦ୍ଧାନ ହେଲେ ପ୍ରକାର
କି ସୁନ୍ଦର ।, ମନେ ହେଲା ଏ ଧାନ୍ଧା । ତୋ ନୋହିଲେ ଗନ୍ଧର୍ବୀ କି ଏ ବନିତା ।

ଶାନ୍ତି ନ ଛାଡ଼ିଲେ ଏହୁ ଭାବର । ମାଗନ୍ତି ସୁଗତସଙ୍ଗତ ବର ।
ଦମ୍ଭକୁ ହେଲେ ତାହାର କାରଣ । ସ୍ୱରୂପକୁ ଛାଡ଼ିବାକୁ ଜାଣି ।
ତପ ସୁନ୍ଦର । ଭଲ ଏହି ଭରସା । ସ୍ୱାପଥ ମୋତେ ଦେଖାଇବ ସୁଦୃଶା ।

ମୂର୍ଚ୍ଛା ପ୍ରଭସା ତପ ନ ପିନ୍ଧିବା । ଆଜ ଦୁର୍ବସ ପ୍ରତିବନ୍ଧ ପଣ୍ଡା ।
ପ୍ରତିବନ୍ଧ ପଡ଼ି ହୋଇବ କିସ । ଲିଖା ହେଲା ସେ ରୂପ ପ୍ରତିଦାଣ ।
କି ସୁନ୍ଦର । ନିହାରନ୍ତି ତା ଜନ୍ମ । ସଙ୍ଖାଳି ବର୍ତ୍ତିବା କାଳି ହରଣ । ୨୯

---

ଲକ୍ଷ୍ମୀ ଅର୍ଥାତ୍ ମୋତେ ଧାମଙ୍କ ଜଣାଉଛି । ମଞ୍ଜୁଳ—ସୁନ୍ଦର । ଲାବଣ୍ୟବତୀ । ବଡ଼େଇ ଗୃହୁଁ—ବାହାରି ହେଲା, ଲୀଳା କଳାଶାଳ ହୋଇ । ସସଙ୍ଗ—ହେଉ ମିତ । ୨୬ । ଧ୍ୟାନ—ଚିନ୍ତା । ଦ୍ୱାର—ବାଟ । ଗତି ଦେବାକୁ—ବାଟ ଛାଡ଼ି ଦେବାକୁ, ସଫଳ ହେବାକୁ । ମୁକ୍ତଗଣି—ମୁଖ୍ୟଗୁଣ, ସେ ତପସ୍ୱୀ ହୋଇ ପ୍ରତିମୂର୍ତ୍ତି ଅଛନ୍ତି ।

୨୭ । ଉଚାଟ—ଉଦାସ, ଚକ୍ଷୁବନ୍ଧନ । ମାୟା—ଯେଉଁ କୁହୁକଦ୍ୱାରା ଚକ୍ଷୁକୁ ତାହା ଦୃଶ୍ୟ ହେବ । ଅନ୍ତର—ଦୂର । ଅନ୍ତର୍ଦ୍ଧାନ—ଲୁଚିଯିବା । ପ୍ରତେ—ବିଶ୍ୱାସ । ଧାନ୍ଧା—ବ୍ୟାଘାତ, ପ୍ରହେଳିକା । ବନିତା—ସ୍ତ୍ରୀ ।

୨୮ । ଶାନ୍ତି—ମନରୁ । ଭାବନବର—ଭାବର ପ୍ରାର୍ଥନା । ସୁଗତ ସଙ୍ଗତ—ସୁନ୍ଦରର ସହିତ ମେଳ । ସେହି ତପସ୍ୱୀଙ୍କୁ ସେ ରାଜକୁମାର ବାଧାରେ ମଧ୍ୟ ତାଙ୍କୁ ପ୍ରାର୍ଥନା କଲେ ମୋତେ ସୁନ୍ଦର ସଙ୍ଗରେ ଭେଟ କରାଅ । ସ୍ୱରୂପକୁ ଛାଡ଼ିବାକୁ ଜାଣି—ତପସ୍ୱୀ ଲାବଣ୍ୟବତୀର ସେ ପ୍ରତିମୂର୍ତ୍ତି ଛାଡ଼ି ଯାଇଥିଲେ ସେ ହେଲେ ଦମ୍ଭ ଧରିବାର ପ୍ରଧାନ କାରଣ । ସୁଦୃଶା—ସୁନ୍ଦରୀ । ୨୯ । ତାତ—ପିତା । ଦୁର୍ବସ—ଦୁର୍ଦଶା । ପ୍ରତିବନ୍ଧ—ବାଧା । ପ୍ରତିଦାଣ—ପ୍ରତ୍ୟେକ ଦିଗରେ ।

ଯୋଗୀନ୍ଦ୍ର ପ୍ରତିବନ୍ଧ ସିଂହଳଦ୍ୱୀପେ । ଏକାନ୍ତେ ଡକାଇଲ ମନ୍ତ୍ରୀ ସମୀପେ
ବର୍ଣ୍ଣି ଚିତ୍ରଦେଶ ମଣ୍ଡଳେଶ୍ୱର । କନ୍ୟାର ଅନୁରୂପେ ବର ସତ ।
କି ସୁନ୍ଦର । ଗୁଣସାଗର ସେହୁ । ଯାର ତୁଲ ହୋଇ ଜଗତେ ନାହିଁ । ୩୦
ତାଙ୍କୁ ଯେ ଦେଲା ସୁନ୍ଦରୀ ଯଦି । ଜାଣିଲି ବିଧାତା ଅଛି କୋବିଦ ।
ଆନ ରାଜପୁତ୍ରେ କୁଳକଳଙ୍କର । ଯୁବତୀ ଚିତ୍ତ ଖଣ୍ଡନଚକ୍ର ।
କି ସୁନ୍ଦର । ଜାତ କାମ ସଙ୍ଗରେ । କୁମାର ସଙ୍ଗ କେତ କଳ୍ପନାରେ । ୩୧
ତାଙ୍କ ବଦନ ଘର୍ଷଣ ରାଜପଣ । ଜାଣି କହୁଛୁ ତାଙ୍କୁ ସମର୍ପଣ ।
କ୍ଷିତୀଶ ହୋଇଛି ସ୍ୱରୂପ ଦେଖି । ତାଙ୍କୁ ପ୍ରଦାନ କରିବା ସୁମୁଖୀ ।
କି ସୁନ୍ଦର । କଥା ଏତିକ ଶୁଣି । ନୃପତି ଅତି ଜଣାଇଲା ପୁଣି । ୩୨
କାହିଁକି ମନ୍ତ୍ରଣ ରାଜା ବୋଇଲା । ମନ୍ତ୍ରୀ କହେ କେତେ ଲେଖା ନ ଗଲା
ଭୂପତି କହେ ତାଙ୍କୁ କି ପ୍ରକାରେ । ଦୂତ ନ ପେଷି ଆଣିବା ଏ ପୁରେ
କି ସୁନ୍ଦର । ପୁଣି ମନ୍ତ୍ରୀ କଥନ । କହିବା ଅପୂର୍ବ ଯାତ୍ରା ରଚନ । ୩୩
ବଣ ହୋଇଛି ଘୋଷ ଶୁଣି ଅଛୁ । ଅମ୍ବର କନ୍ୟା ଯାଚିବା ନ ଦଣ୍ଡ ।
ସର୍ବମଣ୍ଡଳେ ଏ କଥାର ମୂଳ । ସ୍ୱର୍ଦ୍ଧନରେ ଚଳେ ଯାତ୍ରା ଗୋଳ ।
କି ସୁନ୍ଦର । ଶୁଣି ହୋଇଲା ଶେଷ । ନୃପେ ଘରେ ପୁଣ ଅଇଲ ଦେଶ । ୩୪

---

୩୦ । ଏକାନ୍ତେ—ଏକୁଟିଆ । ମଣ୍ଡଳେଶ୍ୱର—ରାଜପୁତ୍ର । ଅନୁରୂପେ—ସଦୃଶ । ସତ—ନିଶ୍ଚୟ । ଗୁଣସାଗର—ଅନେକ ଗୁଣରେ ପୂର୍ଣ୍ଣ ।

୩୧ । କୋବିଦ—ପଣ୍ଡିତ, ଜ୍ଞାନୀ । କୁଳକଳଙ୍କର—ବଂଶନାଶକ । ଅନ୍ୟ ରାଜପୁତ୍ରମାନେ ସମ୍ମୁଖରେ ସ୍ୱଭାବତଃ କୁଅନ୍ତି, ମାତ୍ର ଏ ରାଜପୁତ୍ର—ଯୁବତୀମାନଙ୍କ ଚିତ୍ତକୁ ହରିବାରେ ପ୍ରବୃତ୍ତ । କାମ—କନ୍ଦର୍ପ । ସଙ୍ଗରେ—ସ୍ମୃତିରେ । ଜାତ—ଜନ୍ମ ହୋଇଛି । କଳ୍ପନାରେ—ଚିନ୍ତାମାନେ । କୁମାର ନାମ ଘେନି ଅନନ୍ତ—ନ—ପୂର୍ବେ ସେଥିରେ ନାହିଁ କି କନ୍ଦର୍ପ ଏ ରାଜପୁତ୍ର ।

୩୨ । ବଦେବ—ବଶ୍ୟ । ରାଜପଣ—ରାଜଗୀ । ସୁମୁଖୀ—ସୁନ୍ଦରୀ ଲାବଣ୍ୟବତୀ । ସଚିବ—ମନ୍ତ୍ରୀ । ୩୩ । କାହିଁକି—କାହିଁ ଅଛି । ସମ୍ପତ୍ତି—ଭିନ୍ନ, ରୂପ । କେତେ..ଗଲା—ଏତେ ମୂର୍ଖ କେବେ ତଥାପି ହୋଇ ନାହିଁ । ଭୂପତି—ରାଜା । ପେଷି—ପଠାଇ । ପୁଣି—ପୁନର୍ବାର । ୩୪ । ଘୋଷ—ଶବ୍ଦ, ବସ୍ତ୍ରାନ । ଯାଚିବା—ମାଗିବା । ନ ଦଣ୍ଡ—ନ ଜଣାଅ । ସର୍ବମଣ୍ଡଳେ—ସମସ୍ତଙ୍କ ମଧ୍ୟରେ । ସ୍ୱର୍ଦ୍ଧନରେ—ବଳଭଦ୍ର ଦିନ ଲାଗି ।

ଜାତବତ୍ସଳ ମୁନିବେଶଧାରୀ । ଅଧିକ ଭୁଜ ଦର୍ପ-ହରଣକାରୀ ।
ଭୃଗୁବନ୍ଦ୍ୟ ବୀରବର ସ୍ମରଣ । ଏ ଗୀତ ଶୁଣେ ଶେଷ ହେବା ପାଇଁ ।
କହି ସୁଜନେ । ଶୁଣି ତୁଷ୍ଟ ସନ୍ତୋଷ । ଜଳକର୍ଣ୍ଣବଳେ ନୋହୁ ପ୍ରବେଶ । ୩୬

---

## ଏକାଦଶ ଛାନ୍ଦ

### ( ଲାବଣ୍ୟବତୀର ସ୍ୱପ୍ନ ଦର୍ଶନ )

ରାଗ—ଚୋଖି ( ଯଦନ ଈଶ୍ୱର ବାଣୀ )

ଏଥୁଅନ୍ତେ ଶୁଣ ରସ ଶ୍ରୀପଞ୍ଚମ ଜାଣି ପ୍ରବେଶ
ଉଦୟ ତାରାମଣ୍ଡଳେ ହେଲେ ଆକାଶେ ।
ଚକ୍ର-ସୁରତଙ୍କ-ନକ୍ର ଛେଦନେ ଗ୍ରୀବକ ଚକ୍ର
ପୀଡ଼ିଲା ତାଡପିଞ୍ଛରେ କାମ କି ରୋଷେ ।
ରେଣ ହେବ କି ଗ୍ରହିବାଳୀ
ସ୍ଫଟିକ ପେଟୀରେ କିବା ବସ୍ତୁ ସ୍ଥାପିଲା । ୧ ।

---

୩୬ । ଜାତବତ୍ସଳ—ଜାତ ଯେ ଯିଏ ଦଶରଥ ତାଙ୍କଠାରେ ବତ୍ସଳ ସ୍ନେହ-ଯୁକ୍ତ । ମୁନିବେଶଧାରୀ—ବନବାସ ସମୟରେ ମୁନିବେଶ ଧାରଣ କରିଥିଲେ । ଅଧିକ ଭୁଜଦର୍ପହରଣକାରୀ—ବହୁଭୁଜ ଯେ ରାବଣ (କୋଡ଼ିଏ ହାତ ତାହାର) ତାର ଗର୍ବନାଶକ । ଜାତବତ୍ସଳ—ଯିଏ ଜମଦଗ୍ନି ଠାରେ ସ୍ନେହଯୁକ୍ତ । ମୁନିବେଶଧାରୀ ଯେ ତପସ୍ୱୀ ହେଇ । ଅଧିକଭୁଜ ଦର୍ପ ହରଣକାରୀ—ସହସ୍ରାର୍ଜୁନ ଯେ କାର୍ତ୍ତବୀର୍ଯ୍ୟ (ତାର ସହସ୍ର ହସ୍ତ) ତାର ଗର୍ବନାଶକ—ହସ୍ତକୁ ଛେଦନ କରି ତାକୁ ନାଶ କରିଥିଲେ । ଜଳ—ଦୁଃଖ । କର୍ଣ୍ଣବଳେ-କାନଦ୍ୱାରରେ ।

---

୧ । ରସ—ସଖି । ତାରାମଣ୍ଡଳ—ଚନ୍ଦ୍ର । ଚକ୍ରସୁରତଙ୍କନକ୍ର—ଚକ୍ରବାକ ଓ ଚକ୍ରବାକର ସୁଖ ସମୟ ହେଲା ନକ୍ର—କୁମ୍ଭୀର । ଛେଦନେ—ନାଶ କରିବାରେ । ଗ୍ରୀବକଚକ୍ର—ସ୍ୱାଧୀନ ଚକ୍ର ( ଚନ୍ଦ୍ର ହେଲା ସୀତା ଚକ୍ର ) ତାଡପିଞ୍ଛରେ—ଯିଏ କୃଷ୍ଣଙ୍କ ଦଶମକ ଭଳିରେ । ରୋଷେ—କ୍ରୋଧରେ । ଗ୍ରହିବାଳୀ—ଗ୍ରହି ହେଲା ସ୍ତ୍ରୀ । ସ୍ଫଟିକ ପେଟୀରେ—ପଥର କାତର ପେଡ଼ିରେ । ବିଷ୍ଣୁ ହରି ଅବତାରରେ କୁମ୍ଭୀର ମୁହଁକୁ ଗଜକୁ ରକ୍ଷା କରିଥିଲେ ଓ ନିଜର ସୁଦର୍ଶନ ଚକ୍ରଦ୍ୱାରା କୁମ୍ଭୀରକୁ ନାଶ

ଅଳି କି ବାଷ୍ପବସ୍ତ୍ର          ହୋଇବ ବାସ୍ତ ଜାଳ କି
ମଞ୍ଜୀମାଳା ହୋଇ ବନ୍ଧୁ କିରଣେ ମଣି ।
ଏ ଭଣିତ ସ୍ୱୟମ୍ବର          ନାୟିକା କହିଲେ ଭବ
ଏତେଭାବେ ଦେଖାଗଲା ଏ କଥା ପୁଣି ।
ରବିକରେ ମହୀମଣ୍ଡଳୀ ।
ଭାଷି ହୋଇଥିଲା କି ଚନ୍ଦନ ଲେପିଲି । ୨ ।
ଶୀତଳ ଯାହା କିରଣ          ପବନରେ ସମୀରଣ
ରଣରଣ ନିବାରଣ ହେଲା କି ଏବେ ।
ବାଡ଼ବାଗୁଣ ବହି—          ପାରେ ଅଦାହନ୍ତ ତହିଁ
ସେ ଅଛି ଯା ଗର୍ଭେ ତହୁଁ   ଜାତ ସ୍ୱଭାବେ ।
ପୁଂସ ହୋଇ ସୁଧାକରର ।
ଚନ୍ଦ୍ର ଶୃଙ୍ଗ ହୋଇଲା ଅଧିକ ଜାତର । ୩ ।
ହାସ ନାସା ଗତ ଗ୍ରୀତ          ବଚନ ରମଣୀ ପ୍ରୀତ
ଏକାନ୍ତ ହେବାକୁ ପେଟେ କାଠି ସୁମରେ ।

---

ପରିଥିଲେ; ସେହିପରି କାମଦେବ ଚନ୍ଦ୍ରରୂପ ଖଣ୍ଡାର ତଳୁ ସେମିତି ଚକ୍ରବାକମାନଙ୍କର ମୁଖ ଛେଦନ କଲା କି । ରାତିରେ ଚକ୍ରବାକ ଦମ୍ପତୀର ବିଚ୍ଛେଦ ହୁଏ । ପୁଣି ରାତ୍ରି ସ୍ତ୍ରୀବେଶ ହେବାରୁ ଚନ୍ଦ୍ରରୂପୀ ମୁକୁଟ ପିନ୍ଧି ତାହାର ଉପରେ କି ଓ ରତ୍ନପାଖରେ ଅନ୍ଧକାର ହେଲା ଦସ୍ତୁର ଦାଗ ହେବା । ୨ । ବାଷ୍ପବସ୍ତ୍ର—ଗ୍ରୀଷ୍ମ ଋ । ବାସ୍ତ—ନିବାସ୍ଥ । ଜାଳ—କିରଣ ଜାଲ । ବନ୍ଧୁ—ଚନ୍ଦ୍ର । ମଞ୍ଜୀମାଳା ହେଲା କିରଣ । ରବିକରେ—ସୂର୍ଯ୍ୟଙ୍କ କିରଣରେ । ମହୀମଣ୍ଡଳୀ—ପୃଥିବୀ ରୂପିଣୀ ସ୍ତ୍ରୀ । ଚନ୍ଦନଲୁଳ କିରଣ ଲେପିଲା ।

୩ । ସ୍ପର୍ଶରେ—ଛୁଇଁବାରେ । ସମୀରଣ—ପବନ । ରଣରଣ—ଉତ୍କଣ୍ଠା । ବାଡ଼ବ—ଅଗ୍ନି । ସେ ଅଛି ଯା ଗର୍ଭେ—ଅଗ୍ନି ସମୁଦ୍ରର ଗର୍ଭରେ ଥାଏ; ବାଡ଼ବାଗ୍ନି ସମୁଦ୍ରରେ ଥାଏ; ସେହି ସମୁଦ୍ରରୁ ଚନ୍ଦ୍ର ଜନ୍ମ ଲଭିଛି, ତେଣୁ ସୋଦର ଗୁଣ—ଏ ଅଗ୍ନିର ଗୁଣ ଗ୍ରହଣ କରି ବିରହୀଙ୍କୁ ଜାଳାଗ୍ନିରେ ସନ୍ତପ୍ତ କଲା । ତହୁଁ ବିରହ ସୁଧାଚନ୍ଦ୍ରରେ—ହୁନ ଲେଖା ଅଗଣାରେ । ଚନ୍ଦ୍ର ଶୃଙ୍ଗ—ଅଗ୍ନି ଗର୍ଭରେ ଥିବା ଚନ୍ଦ୍ରରୁ ଶୃଙ୍ଗ ଅଧିକ ବାଢ଼ିଲା ହେଲା । ଚନ୍ଦ୍ର, ଚନ୍ଦନ, ଭ୍ରମର ସଂଶ୍ଳେଷଣରେ ସୁଖକର ହେଲେହେଁ ବିରହରେ ଦାହ ଉତ୍ପାଦ କରନ୍ତି ଏହା ଅଳଙ୍କାରଶାସ୍ତ୍ରରେ ବର୍ଣ୍ଣିତ ଅଛି ।

ସ୍ୱରଭଙ୍ଗ ପ୍ରବଳରେ	ଭାଷା ହେଲ ବର୍ଣ୍ଣେ ଉଚ୍ଚରେ
ତଥାପି ବାଳା ଭାବନା ଥାଇ ତହିଁରେ ।
ସବର୍ଣ୍ଣାଦ ଶବଦ ଶୁଣି ।
ସାଧୁ ଶୁକ ଅଇଲେ କି ହୁଅଇ ଗୁଣି । ୪ ।
ଯେମନ୍ତ ଦେଖିଲୁଁ ଚିତ୍ରେ	ତେମନ୍ତ ଦିଶଇ ନେତ୍ରେ
କେମନ୍ତେ ଲଭିବ ମୂଳ ବଲ୍ଲଭ ଏହି ।
ଯେବେ ଏ ସ୍ୱରୂପ ବପୁରେ	ଦିବ୍ୟରମା ନାହିଁ ପାଶେ
କି ଲାଭ ତହିଁ ନୃପତି ସମ୍ପତ୍ତି ଥାଇ ।
ଅଛନ୍ତେ ହେ ଚନ୍ଦ୍ରାଳି ଶିବ
ତାଙ୍କୁ ଦେଖାଅ ନୋହିଲେ ଯାଉ ଏ ଜୀବ । ୫ ।
ତେବେଣି ନୃପନନ୍ଦନୀ	କୁଟିଳକଚ ସୁଦତୀ-
ବାଣୀରେ ମନ୍ତ୍ରୀ ସୁନ୍ଦରୀ ଚନ୍ଦ୍ରକୁ ଗୁହିଁ ।
ପଦ୍ମିନୀ ହେଲା କାତର	ଭଣି ମଦନବିକାର
ଭାଉର ଚିତ୍ତେ ବଢ଼ୁର ଶ୍ୱାସ ପବନ ।

---

୪ । ଭାଷ—କହିବା । ନାଶା—ନାକ । ଶଢ—ଶୁଖି । ସ୍ୱର—ଧ୍ୱନିର । ବଚନ ରମ୍ୟତା—କଥାର ରମଣୀୟତା । ପ୍ରୀତି—ସ୍ନେହ । ଏକାନ୍ତ ହେବାର—ଏକାଠି ହେବାର । ଏହି ସବୁ ଧ୍ୱନିସ୍ୱର ବିଶିଷ୍ଟ ଶୋଭାକୁ ନାଦ୍ଭୂତ ସୂଚଣ କରୁଛି । ସ୍ୱରଭଙ୍ଗ ପ୍ରବଳରେ—ପ୍ରୀତିରେ କଣ୍ଠରୁଦ୍ଧ ହେବାରୁ ଗଦ୍‌ଗଦ ସ୍ୱରର ପ୍ରବଳତାରେ ଭାଷାରେ—ପ୍ରତ୍ୟେକ ଶବ୍ଦର—ଭାଷ, ନାଶା..... ଏକାନ୍ତ ପର୍ଯ୍ୟନ୍ତର । ବର୍ଣ୍ଣେ ଉଚ୍ଚରେ—ଏକବର୍ଣ୍ଣ, ଆଦ୍ୟବର୍ଣ୍ଣ ଉଚ୍ଚାରିବାରୁ । ବାଳା...ତହିଁରେ—ସେଥିରେ ବାଳାର ଭାବନା ରହୁଛି—ଯଥା ଭା ନାଶା ଶବ୍ଦର ପ୍ରତିରୂପ । ପୁଣି ସବର୍ଣ୍ଣାଦ ଶବଦ ଶୁଣି—ଭା ଷା ନା । ଏ ବର୍ଣ୍ଣ ସେ ସ ଅକ୍ଷର ଆଦରେ ଯାହାର ଏପରି ଶବ୍ଦକୁ ଶୁଣିଲେ—ସାଧୁଙ୍କ ଶୁକ ଏହ ବୁଲି ବୁଝ ଅଇଲେ କି ଏପରି ଗୁଣି ହୁଅନ୍ତି—ଏଠାରେ ଚନ୍ଦନସ୍ପର୍ଶ ସୂଚିତ ହେଲା ।

୫ । ମୂଳ—ପ୍ରକୃତ ଲାବଣ୍ୟରାଶିକି । ଦିବ୍ୟ ରମା—ସୁନ୍ଦରୀ ସ୍ତ୍ରୀ । ଶିବ—ମହାଦେବ ।

୬ । ନୃପତି ନନ୍ଦନୀ—ରାଜକନ୍ୟା । କୁଟିଳକଚ—ଅତି ସୁନ୍ଦର । ସୁନ୍ଦରୀଙ୍କ ଗତିରେ—ଅଳ୍ପ ଗତିରେ । ଶୁଦିଣୀ—ତରଳତା । ପଦ୍ମିନୀ—ପଦ୍ମିନୀ ଜାତୀୟା କନ୍ୟା (ପଦ୍ମିନୀ ପଦ୍ମଗନ୍ଧା) । ପଦ୍ମ ଚନ୍ଦ୍ରକିରଣରେ ମଉଳି ଯାଏ,

ମୋହ ସମ କରମହୀନ ।
ତାହିଁ ପଡ଼ସଙ୍ଗ କାହିଁ ଲଭି ଯୌବନ ।୬।
ସୁବର୍ଣ୍ଣ ସମାନ ନାରୀ ବନସୁଝାଙ୍ଗଣା ପରି
ବିରହ ଅନଳେ ହୋଇଥାଇ ଯେ ଦହି ।
ସ୍ମରଜଳସିକ୍ତବନେ ଡୋଳକପଟିରେ କଟେ
ପରଶ ରସାଣ ପ୍ରୀତିବାନ ବଢ଼ାଇ ।
କମ କାଣ୍ଡ କରଇ ସେବ ।
ଗୁଣିକ ବଣିକଛିଦ୍ର ବନ୍ଧୁ ସମ୍ଭବ ।୭।
ଦୁର୍ଗା ଓମା ଦୁର୍ଗତି ହର ଏମନ୍ତ ବ୍ୟାକୁଳ ଭାବ
ହର କୃପା ଦୟା କଲେ ସେ ନାରୀ ପ୍ରତେ ।
ନିଦ୍ରାବଶରେ ସ୍ୱପନ ଦେଖିଲେ ସତ ବିଧାନ
ଏକ ଯୋଗିନୀ ପ୍ରବେଶ କୁମାରୀ ପାଶେ ।
ତବ ଧରି ନିଦ୍ରା ଭାଙ୍ଗିଲା ।
ଗଗନମାର୍ଗେ କୁମାରୀପୁରକୁ ନେଲା ।୮।

---

ସେହିପରି ପଦ୍ମିନୀ କନ୍ୟା ତ୍ରିସ୍ତୁତମାନେ ଦୁଃଖିତା । ମଦନଦାହ—କାମର ଶକ୍ତି ସ୍ତ୍ରୀ; ହତ, ସ୍ୱାଦାଧି ବା ବଶ—କାମର ଦଶାକୁ ଭେଟେଲ । କରମହୀନ—ଭାଗ୍ୟହୀନ ।

୭ । ନାରୀ ଯେ ସ୍ତ୍ରୀ ସେ ସୁବର୍ଣ୍ଣ ସମାନ । ବନସ୍ପ ଯେ ପ୍ରବଳ ସେ ଝାଙ୍କଣା ସମାନ । ବିରହ ଯେ ସେ ହେଲା ଅନଳ—ଅଗ୍ନି ତେଣୁ ସେ ଦାହ ହୁଏ । ସ୍ମର ଯେ ସେ ହେଲା ଜଳ ତେଣୁ ସେଥିରେ ସିକ୍ତ କରେ । ଡୋଳ ଯେ ସେ ହେଲା ନେହିଁ ପଥର, ତେଣୁ ତାକୁ କଟଇ । ପରଶ ( ସ୍ପର୍ଶ ) ସେ ରସାଣ ପଥର ହେଲା ସେଥିରେ ପ୍ରୀତି ବାନକୁ—ପ୍ରୀତିର ତେଜକୁ ବଢ଼ାଏ । ଗୁଣିକ—ଗୁଣବନ୍ତ ଅଟେ । ଏପରି ଯେ ବଣିକ—ବଣିଆ ସେ ସମ୍ଭବରୁ ବନ୍ଧୁ—ଶ୍ରଦ୍ଧା ସ୍ତ୍ରୀଭେ । ଜମ ଭଳି, କାଳ ଭୁଣ୍ଡାଦି ଜମକୁ ଜଣି ସେବା କରେ ବା ଦମ ଜଣି ଜମକୁ ଜଣି ସେବା କରେ । ଏମନ୍ତ ମନେ ଦର ବ୍ୟାକୁଳ ହେଲା ।

୮ । ଦୁର୍ଗତି—ଦୁଃଖ । ହରକୁ ପ୍ରତ୍ୟକ୍ଷ ଉମାକୁ ନାରୀ ଚିନ୍ତା କଲେ । ନିଦ୍ରାବଶରେ—ନିଦ୍ରାବସ୍ଥାରେ । ସତ ବିଧାନ—ପ୍ରକୃତ ଘଟଣା । ଗଗନମାର୍ଗେ—ଆକାଶବାଟେ ।

ତଦ୍ଭାବିଲ୍ ସବର୍ଣ୍ଣ୍ୟବର୍ଣ୍ଣ    ତୋଳାଇବ ଏନ୍ଧୁ ସୁବର୍ଣ୍ଣ
ସୃଜନୀରେ ଶୋଭୁଅଛନ୍ତି ପଲ୍ଲବପର ।
ସଖୀ ଦେଖି ସୃଷ୍ଟ ପାଶେ    ଜ୍ଞାନସ୍ୱାନ ନାଦ୍ରାବଶେ
ମନାଇ ପାଇଲେ ଦେଖ ଦୁଇ ନାଗର ।
ଏତେ ବଢ଼ି ହେଲା ଅନ୍ତର ।
ଶୋଭା ସୃଷ୍ଟି ଗଲା ହୋଇ ଭଙ୍ଗ କୁମର । ୯ ।
ମନେ ପାଞ୍ଚେ ମଞ୍ଚେ ଜାତ    କାହିଁକି ଏ ଅଦ୍ଭୁତ
ଏବେ ଜାଣିଲି ମୋହର ନୟନଦୋଷେ ।
ଏ ବର୍ଣ୍ଣ ସୁବର୍ଣ୍ଣରୂପ    ତୁମ୍ଭଅନ୍ତା ନ ଭାବରୂପ
ଭିନ୍ନ ଭିନ୍ନ ଜାଣି ହେଲା ଭରନ ଦୋଷେ ।
ସ୍ୱରୂପ ଏମନ୍ତ ସ୍ୱରୂପ ।
ଏତେକାଳଯାଏ ହୋଇଥିଲା ଏ ଗୋପ୍ୟ । ୧୦ ।
ଏବା ଏ ନୋହେ ସ୍ୱରୂପ    ସୁଣି ମିଶିଲି ସରସ
ମିଳନ୍ତି ଶୋଭା ସ୍ୱରୂପ ଦାମ୍ପତ୍ୟ ସେବା ।
ସୁବାସ ମଧୁର ଏଣୁ    ବାସୁଅଛି ବ୍ୟକ୍ତ ହୋଇ
ବର୍ଦ୍ଧିଲା ମୁକୁଳ କରିଥିଲା ଅବନୀ ।
ସୁଖ ହାବ ଲୀଳା ପ୍ରସଙ୍ଗ ।
ତୁମ୍ଭଅନ୍ତି ଯାହା ପ୍ରସାଦେ ସେ କି ସମାନ । ୧୧ ।

---

୯ । ଜ୍ଞାନସ୍ୱାନ—ଚେତନାଶୂନ୍ୟ । ମନାଇ—ଭୁଲାଇ । ଅନ୍ତର—ଦୂର । ଅଙ୍ଗ—ଟିଏ ।

୧୦ । ମନେ ପାଞ୍ଚେ—ମନରେ ଭାବେ । ମଞ୍ଚେ—ମର୍ତ୍ତ୍ୟରେ । ଅଦ୍ଭୁତ—ଆଶ୍ଚର୍ଯ୍ୟ । ଏ ନାରୀର ବର୍ଣ୍ଣ ଓ ସୁବର୍ଣ୍ଣ ଜନ୍ମ—ସୁବର୍ଣ୍ଣ ଅଳଙ୍କାର । ଭାବରୂପ—ପୃଥକ୍ ବାସ ତୁମ୍ଭନ୍ତା ନାହିଁ । ଏ ଭିନ୍ନ ଭିନ୍ନ—କାଞ୍ଚନ ବର୍ଣ୍ଣ ସୁବର୍ଣ୍ଣ ପୃଥକ ପୃଥକ୍ ରୂପେ ଜଣା ପଡ଼ିଲା ଦୋଷ ହେତୁ । ଏ ସ୍ୱର୍ଣ୍ଣ-ସ୍ୱରୂପ । ଏତେକାଳ ପର୍ଯ୍ୟନ୍ତ ଗୁପ୍ତ ହୋଇଥିଲା ଏବେ ପ୍ରକଟ ହେଲା । ୧୧ । ସବୁ କେବଳ ତୁମ୍ଭେ ସୁଖି ଜଣିରେ ରସ—ଶୃଙ୍ଗାର ରସ ପ୍ରକଟଅଛି । ଅଥବା କଣ୍ଠରେ ସ୍ୱ ସେ ବସ୍ତୁ, ଅନ୍ତରିତ ସ୍ୱ ଯେ ମନ ଇନ୍ଦ୍ରିୟ ଏ ଦୁହିଙ୍କର ଅନ୍ୟ ଜାଣିବୁ ଅବରୋଧ କରି, ଅପଣାର କାରଣରୁ ଉଜ୍ଜ୍ୱଳ ଓ ଅନୁଭବାଦି ସ୍ଥିତି ହେତୁ ତାହାଙ୍କ ସେ ସୁଖ ତାହାକୁ ରସ ବୋଲି । ବର୍ଦ୍ଧିତନ୍ତ୍ର-

ଅଣିମାଦ୍ୟ ସୁଖଦାତ୍ରୀ     ଶୋଭୁଅଛି ଅଣି ହୋଇ
ପଲଙ୍କଅଙ୍କରେ ଦିଶେ ସମସ୍ତ ଶୋଭା ।
ଉପାଣ ରଜତବାଟେ     କନକଲତା କି ଲତେ
ଶରଦ ଘନରେ କି ସେ ଚପଳା ପ୍ରଭା ।
ବାମକରୁ କପୋଳତଳ ।
ଦଣ୍ଡୁପୃଷ୍ଠେବ ଥୁଆ କି ଫୁଲ୍ଲ କମଳ । ୧୨ ।
ଲୁଚିବାକୁ ଶୋଭା ତେଜି     କି ନୀଳେନ୍ଦୀବରପତ୍ର
ଉଲଟାଇ ଦର୍ପଣେ ଥୋଇଛନ୍ତି କୁତୁକେ ।
କି ଅବା ଖଞ୍ଜନଯୁଗ     କ୍ରୀଡ଼ନ ଛାଡ଼ିବାକୁ ଯୋଗ
ଅଞ୍ଜନ ଅଠାକାଠିରେ ଏକାବେଳକେ ।

---

କରଣସ୍ୟୋଦ୍ୟୋତାଚନ୍ଦ୍ରରବୈଧନମ୍ । ସ୍ୱକରଣାଦ ଅସ୍ପୃଷ୍ଟି ତମତ୍ୱାତ୍ ସୁଖଂ ଭବଃ । ପୁଣି ସ୍ୱପ୍ନିକ ଜାତ୍ରଟି ଯେମିତି ଶୋଭୁଅଛନ୍ତି । ସୁବାସ ମନ୍ଦର ଏହା—ସୁଗନ୍ଧର ଏ ଘର, ପଦ୍ମ ବା ପଦ୍ମଗନ୍ଧା ହେବାରୁ ବାସ—ସୁଗନ୍ଧ । କାନ୍ତି—ପ୍ରକାଶ । ସୁବର୍ଣ୍ଣ—ସୁନା । ଅବନୀ—ପୃଥିବୀ । ବହନ୍ତି—ସେ କନ୍ୟାକୁ ଧାରଣ କରନ୍ତି । ସୁର, ନାଗ, ନଳ ଓ ସ୍ତ୍ରୀପକ—ଏମାନେ ଯାହା ପ୍ରସାଦେ—ଯେଉଁ କନ୍ୟାର ଅନୁଗ୍ରହକୁ ଲାଭ କରନ୍ତି, ତାଙ୍କ ସେ ସମାନ କି ? ସେଥିରୁ ସେ କନ୍ୟା ଅସାଧାରଣ ।

୧୨ । ଅଣିମାଦ୍ୟ—ଅଣିମା, ଲଘିମାଦି ଏ ଅଷ୍ଟ ଐଶ୍ୱର୍ଯ୍ୟର ସୁଖଦାନକାରୀ । ଉପାଣ—ଉଷୁଳ । ରଜତବାଟେ—ରୁପା ବାଟୁରେ କନକଲତା—ସୁନାଲତା । ଶରଦଘନରେ—ନିର୍ମଳ ମେଘରେ ଅର୍ଥାତ୍ ଜଳଶୂନ୍ୟ ମେଘରେ (ଜଳ ଥିଲେ ମେଘ କାଳିଆ, କିନ୍ତୁ ଜଳ ନ ଥିଲେ ଧଳା) ଚପଳା ପ୍ରଭା—ବିଜୁଳି ଝଟକ । ଶରଦ ଘନରେ ଚପଳା ପ୍ରଭା ନ ଥାଏ; ଏଠାରେ ତାହା ଉତ୍ପ୍ରେକ୍ଷା କରା ହୋଇଛି । ବାମ—ମନୋହର ଏମନ୍ତ କରକୁ କପୋଳତଳ—ଗଣ୍ଡସ୍ଥଳରେ ଦେଇଛି । (ବା ବାଁ ହାତକୁ ଗଣ୍ଡରେ ଦେଇଛି) ବା "ବାମା" ପାଠ ଗ୍ରହଣ କଲେ—ସ୍ତ୍ରୀ କରକୁ ଗଣ୍ଡତଳେ ଦେଇଛି । ହାତ ହେଲା କେଶୂର ପଥଳିଆ ଦଣ୍ଡ ଓ ଗଣ୍ଡ ହେଲା ଫୁଟିଲା ପଦ୍ମ ।

୧୩ । ନୀଳେନ୍ଦୀବର ପତ୍ର—ନୀଳପଦ୍ମ ପାଖୁଡ଼ା । କୁତୁକେ—କୌତୁହଳରେ । ଖଞ୍ଜନଯୁଗ—ଦୁଇଗୋଟି ଖଞ୍ଜନପକ୍ଷୀ; ଅଞ୍ଜନ—ନେତ୍ର ଅଞ୍ଜନରୂପ ଅଠା-

ମୀନଶ୍ରେଣୀ ଜୟଦସ୍ୟୁ ଅକ୍ଷି ।
ମୃଗାଙ୍କ-ଅଙ୍କରେ ଦେଖ ସମସ୍ତେ ଧଣି । ୧୩ ।
ନାମା ବାମଦେବ ତୁଲ୍ୟ     ତେଣୁ ତ୍ରିପୁରଜୟସ୍ତ୍ରୀ
ଦ୍ୱନ୍ଦ୍ୱ ଦବ ଚୂର୍ଣ୍ଣ ଚନ୍ଦ୍ର ଦ୍ୱିଭାଗ କଲେ ।
ଖଣ୍ଡେ ଖଣ୍ଡେ ଭାଲଦେଶେ     କାଳତ ପ୍ରକାଶ ଅଶେଷ
କଣ୍ଠେ ପ୍ରମୋଦ ମାନସେ ଅଣି ବାନ୍ଧିଲେ ।
ସେଥିଅଛି ଚନ୍ଦନପାଟି ।
ଦେଖିବାନେ ଏହି ଉପମା ମନେ ସ୍ଫୁରନ୍ତି । ୧୪ ।
ଝିଲିମିଲିମାଳି ପାନ-     ପଣିରେ ଅତି ଶୋଭନ
ମାର ମଙ୍ଗଳ ପଟ୍ଟିକା-ତୋରଣୀ ପରି ।
କୁଞ୍ଚିତ କୁନ୍ତଳ ଝଲି     ବାତେ ଡୋଳେ ଅଳିଅଳି
ପକ୍ଷ ଖୁଲି କାହା ଉଡ଼ି ପିବାକୁ ଖୁଦ୍ ।
ମୁକୁତା ସୀମନ୍ତୀ ଉପରେ ।
କାଳିନ୍ଦୀ ମଧ୍ୟେ କି ବହିଛି ଜାହ୍ନବୀଧାରେ । ୧୫

---

ଆଡ଼ିରେ ଲୁଚି ରହିଛନ୍ତି କି । ମୀନ—ମାଛ । ମୃଗାଙ୍କ ଅଙ୍କରେ—ଚନ୍ଦ୍ର କୋଳରେ । ଅକ୍ଷି—ଖଞ୍ଜନଙ୍କ ଅଞ୍ଜନ ଓ ମୀନ ସୃଷ୍ଟି; ମୁଖ ଦେଖ ଦର୍ପଣ, ଚନ୍ଦ୍ର ।

୧୪। ନାମା—ଲକ୍ଷଣଯୁକ୍ତା । ବାମଦେବ—ମହାଦେବ । ତ୍ରିପୁରଜୟସ୍ତ୍ରୀ—ଏ କନ୍ୟା ଶୋଭାରେ ତ୍ରିପୁର ସ୍ତ୍ରୀଙ୍କୁ ଜୟକରୁ । ମହାଦେବ ତ୍ରିପୁରକୁ ଜୟ କରିଥିଲେ । ଏଥିପାଇଁ ସମାନଧର୍ମୀ ଓ ସମାନ ଅଧିକାରୀ ହେଲୁ । ଚନ୍ଦ୍ରଙ୍କୁ ଦ୍ୱିଖଣ୍ଡ କଲେ—ଖଣ୍ଡେ ଖଣ୍ଡେ ଭଲପେ ଭାଲରେ ଧାରଣ କଲେ । ପ୍ରମୋଦ—ହର୍ଷ । ଚନ୍ଦନପାଟି ଥିବାରୁ ନାସ୍ତକଠାରେ ଏହି ଉପମା ; ସ୍ଫୁରନ୍ତି—ପ୍ରକାଶ ପାଉଛି ।

୧୫। ଝିଲିମିଲି ମାଳି ପାନପଣି ସଙ୍ଗେ ଯୋଗ ହେବାରୁ । ଶୋଭନ—ସୁନ୍ଦର । ମାର—କନ୍ଦର୍ପର ମଙ୍ଗଳପଟ୍ଟିକ ତୋରଣୀ—ଶୁଭ ପଟର ଫାନ୍ଦ । କୁଞ୍ଚିତ କୁନ୍ତଳୀ ଝଲି—କୁଞ୍ଚିତ ଟେଙ୍କ ଟେଙ୍କ ବାଳର ଝୋଟ । ବାତେ—ପବନରେ । ଅଳିଅଳି—ଭ୍ରମର ଶ୍ରେଣୀ । ପକ୍ଷ—ଡେଣା । ଖୁଦ୍—ଶୀଘ୍ର । ସୀମନ୍ତୀ ଉପରେ—ମସ୍ତକର କେଶ ମଧ୍ୟସ୍ଥିତ ଫାଙ୍କ, ସୁନ୍ଥା । ମୁକୁତା ଥିବାରୁ ଦର୍ପଣା ହୋଇଛି ଯେପରି କାଳିନ୍ଦୀ—ଯମୁନା (କଳା ଜଳ) ମଧ୍ୟରେ ଜାହ୍ନବୀ—ଗଙ୍ଗାର ଗୋଟିଏ ଧାର ବୋହୁଛି କି ? (ଗଙ୍ଗାଜଳ ଧଳା)

ଶୁଦ୍ଧାଙ୍କୁ କରିଛି ଯୋଷା    ଚୀନଶିଳୁରଙ୍କୁ ଶୋଷା
ଦଶୁଛି ଜହ୍ନ ତଇଁଶ୍ୱ ରଜ୍ଜୁ ଭଙ୍ଗିଶ୍ୱା ।
କେତୁମୂର୍ଦ୍ଧ ତୁଣ୍ଡେ ଘଷି    ଗଲାଣି ଶରଦାଶଶୀ
କେବଳ କିରଣ ଦଶି କିଛୁ ମାଧୁରୀ ।
ଅଡ଼କୋଷା କୁମୁଦ ଶୋଭା ।
ଖାଦ୍ୟାଭାବ କଲ ଲୁଣ୍ଠିତ କି ତାହା । ୧୨ ।
ଗଣ୍ଡଶୈଳପରେ ପଦ୍ମ-    ସ୍ୱର-ଭାଟଙ୍କର ସଦ୍ମ
ତଦ୍ୟୁଠାରେ ସାନ୍ଦ୍ର ସ୍ନେହ ଅବନ୍ଧ୍ୟା କି ହେଲା !
କରେ ବିଷଣ୍ଣତ ସବୁ    ଯେପରି ହୋଇ ପ୍ରଭାତ
ନିଶି ଶରଦରାଗାନ୍ତେ ଅଧି ପୂରନ୍ତି ଦଶେ
ଜଣାଇଲ୍ଲୁ ଉପେକ୍ଷା କର୍ଣ୍ଣ ।
ଓଡ଼ା ଶୋଭି ଯଶ ହେଲାଣି ସ୍ୱର୍ଣ୍ଣରେ ପୂର୍ଣ୍ଣ । ୧୩ ।

---

୧୨ । ଚୀନ ଶିଳୁରଙ୍କୁ—ସୂକ୍ଷ୍ମ ଓ ଉଜ୍ଜ୍ୱଳ ବାଲୁକା । ଚୀନ—ସୂକ୍ଷ୍ମ ଓ ଚିକ୍କଣ ଅଂଶଲଗ୍ନ ହୋଇ ଉଜ୍ଜ୍ୱଳ । ଯୋଷା—ସ୍ତ୍ରୀ । ଶୋଷା—ଜିହ୍ୱା । ତଇଁଶ୍ୱ—କେଶବନ୍ଧନ ନିମିତ୍ତ ରଜ୍ଜୁବିଶେଷ (ବିଶେଷତଃ ମହାର୍ଘଙ୍କର ବାଳରେ ହୋଇଥାଏ) । ଯହ୍ନ—ସୁନ୍ଦର । ରଜ୍ଜୁ ଭଙ୍ଗିଶ୍ୱା—ଭୂଷା ବ ସିନ୍ଦୂର ଗାର । ଗର୍ଭିଣ କଳ୍ପ ତଇଁଶ୍ୱ । ପ୍ରକାଶ ଭୂଷା ଭଙ୍ଗିଶ୍ୱ । କେତୁମୂର୍ଦ୍ଧ ତୁଣ୍ଡେ—ରାହୁ ପାଟିରେ । ଶରଦାଶଶୀ—ଶରତ୍କାଳର ଚନ୍ଦ୍ର । ମାଧୁରୀ—ଶୋଭା । ଧଳା ଶିଳର କିଛି ଅଂଶ ଦେଖା ହେଉଥିବାରୁ ଚନ୍ଦ୍ରକିରଣରୁ କିଛି ପ୍ରକାଶ ପାଉଥିବାରୁ ତର୍କଣା ହେଉଛି । ଅଡ଼କୋଷା—କୋଷାର ଅଧୋଭାଗରେ । କୁମୁଦ ଶୋଭା—ଫୁଲଯୋଡ଼ି (ଧଳା ଫୁଲ ମଣ୍ଡା ପ୍ରଭୃତି) । କୋଷାଲୁଗ ସଜ୍ଜ ବାଳ ଉତ୍ତରେ ଲୁଗାଶିଳାଲୁଗାଦନ୍ତ ଘଷିଥିବାରୁ; ତାର ଲୁଗ ଫୁଲମାନେ ଦୁଃଖରେ ଖା ଖା କରି ରହିଛନ୍ତି—ଏହା କବିଙ୍କ ତର୍କଣା । କୋଷା ତଳେ ଲୁଗା ଶିଳ ଓ କୋଷା ମୂଳ ପାଖରେ ଧଳାଫୁଲମାନ ଖଞ୍ଜା ହୋଇଅଛି ।

୧୩ । ଗଣ୍ଡଶୈଳର—ଗାଲର ଉପରେ । ପଦ୍ମସ୍ୱର ଭାଟଙ୍କ—ପଦ୍ମସ୍ୱର କ ଲୁଲମଣିର କର୍ଣ୍ଣିକାର ତଳକ । ସଦ୍ମ—ଘର, ସ୍ଥାନ । ସାନ୍ଦ୍ର—ଅତ୍ୟନ୍ତ, ଘନ । ସ୍ନେହ—ଅନୁରାଗୀ, ଶୁଷ୍କାଶୁକ୍ତ । ଅବନ୍ଧ୍ୟା—ଅର୍ଦ୍ଧା ନିଷ୍ଫଳ । ଅର୍ଦ୍ଧା ନକ୍ଷତ୍ରର ଆକାର ପଦ୍ମାକୃତି । ଅର୍ଦ୍ଧା ନକ୍ଷତ୍ର ଚନ୍ଦ୍ରଙ୍କ ସ୍ତ୍ରୀ । ଚନ୍ଦ୍ରରୂପ ଗଣ୍ଡଶୈଳ ଉପରେ ଅର୍ଦ୍ଧାରୂପ ଭାଟଙ୍କ ରହିବାରୁ

ଅଛି ବଜ୍ରମଣ୍ଡଳୀ ଭଳୀ ବିଧାତା କି ବଜ୍ରେ ଗଢ଼ି
ସୁରସ୍ୱ ସଭାରେ ଇନ୍ଦ୍ର ଭଳି ଦେଖନ୍ତି ।
ଚଉଣୀ-ବୃଷଅସୁର ନାଶ କରଣ ଏଥିର
ଥିରଗମନା କି ଥିର ହୋଇ ବହିଛି ।
କହୁଛି ଝଲକା ଝଲକ ।
ସୁର୍ ରଶ୍ମି ନାହିଁ ସୁରନେତ୍ରେ ପଲକ ।୧୮।
ପାନ ଦଳ ଦୁଇ ଭ୍ରୂଖଣ୍ଡ ଫୁଟି ଦିଶୁଅଛି ଗଣ୍ଡେ
ମୁକୁରେ ଜବା କୁସୁମ ପ୍ରତିବିମ୍ବେ କି ।
ଶ୍ରବଣେ ଫୁଟିଲ ଶୋଣା ତହିଁ ଖାଲା ନାଭଚଣା
ବିକଫୁଲ୍ଲ ତିଳଫୁଲକୁ ଭୃଙ୍ଗ ଚୁମ୍ବେ କି ।
ଏଥାଦି ପଡ଼େ ରଙ୍ଗ ଅଧରେ ।
ଭଦ୍ରହୀନ ପକ୍ୱବିମ୍ବେ ମନ ନ ଧରେ ।୧୯।

---

ବିପରୀତ ରତ—ପୁରୁଷାୟିତ । ପ୍ରଗାଢ—ବୋଧ । ଷଷ୍ଠିଚନ୍ଦ୍ରମା—ଚନ୍ଦ୍ରଙ୍କ କରଣ ସେ ମିଶି । ଫୁଲେ—ଅଗ୍ରା ନଥନୀ ସେ ପଦ୍ମପଦ୍ମଣ ସେଥିରେ ଦେଖାଯାଉଛି—ଏ ଅଦ୍ଭୁତ ପ୍ରଗାଢ—(ବା ଅଗ୍ରାର କୋଣର ସହିତ ଚନ୍ଦ୍ରକୋଣ ମିଶି ପ୍ରଫୁଲ୍ଲ ଭାବରେ ଦେଖାଯାଉଛି) । ତେଣୁ ସେ ରସିକାର କର୍ଣ୍ଣ ଜଣାଉଛି ତୋ ଶୋଭାର ଯଶ ସ୍ୱର୍ଗର ବ୍ୟାପି ଗଲାଣି ।

୧୮ । ବଜ୍ର ମଣ୍ଡଳିକି—ହୀରାର ମଣ୍ଡଳି (କର୍ଣ୍ଣାଳଙ୍କାର) । ବିଧାତା—ବ୍ରହ୍ମା । ବଜ୍ରେ—ବଜ୍ରରେ । ସୁରସ୍ୱସଭାରେ—ସବୁ ସୁରମାନଙ୍କ ମଧ୍ୟରେ ଇନ୍ଦ୍ର ଶ୍ରେଷ୍ଠ ଯେଉଁ ପରି; ଇନ୍ଦ୍ର ବଜ୍ରଧାରୀ ଏ ମଧ୍ୟ ବଜ୍ରନିର୍ମିତ ମଣ୍ଡଳିକି ପିନ୍ଧିଛି, ତହିଁ ଏ ମଧ୍ୟ ଇନ୍ଦ୍ର । ଚେଁଣି ବୃଷ ଅସୁର—ଇନ୍ଦ୍ର ବୃତ୍ତାସୁରକୁ ନାଶ କରିଥିଲେ ଏ ସୁନ୍ଦରଙ୍କ ଚେଁଣି ନାଶ କରୁଛି । ଏଥିରେ—ଏହାଦ୍ୱାରା (ବଜ୍ରଦ୍ୱାରା) । ଥିରଗମନା—ଧୀରଗାମିନୀ ଲାବଣ୍ୟବତୀ । ଝଲକା-ଝଲକ—କର୍ଣ୍ଣର ଝୁଲା, ଝୁମ୍ପାର ସେ ସ୍ପୃହଁ ସୁର—ଦେବତାଙ୍କ ନେତ୍ରରେ ପଲକ ରଶ୍ମି ନାହିଁ—ଦେବତାମାନେ ଦେଖିବାରେ ଲୋଭୀ ହୋଇ ନିର୍ନିମେଷ ନୟନ ହୋଇଅଛନ୍ତି—ଆଖିପତା ପଡ଼ାନ୍ତି ନାହିଁ ।

୧୯ । ମୁକୁରେ—ଆରଶିରେ । ଜବାକୁସୁମ—ମନ୍ଦାର ଫୁଲ । ପ୍ରତିବିମ୍ବେ କି—ପ୍ରତିଫଳିତ ହୋଇଛି କି । ଶ୍ରବଣେ—କର୍ଣ୍ଣ ସମୀପରେ । ଶୋଣା—ନାକ । ଫୁଟିଲ—ଫୁଲ ଫୁଟି ଉଠିଛି । ଖାଲା ନାଭଚଣା—ଖାଲରେ ଅଟକ ନାଭଚଣା । ବିକଫୁଲ୍ଲ—ଫୁଟିଥିବା । ତିଳଫୁଲକୁ—ରାଶିଫୁଲକୁ ।

ଦମ୍ଭ-ଜଳଧି-ମନ୍ଥନ ଅଚଳ ସ୍ତନ-ଚନ୍ଦନ
ଫେଲୁପରି ହୋଇ ଶୋଭନ ବସନ ଛଳ ।
ସୁଧାକୋଷ ବେନି ଆଣି ତାଙ୍କି କି ଦାନବାଳୁଣି
ଘଳି ଦମ୍ଭ ତରଙ୍ଗଙ୍କୁ ବଶିଷ୍ଠ ବାଳୀ ।
ସ୍ଫଟିକପ୍ରାସାଦ ସଦୃଶୀ ।
ନବଘନ କାନ୍ତି ଅଛି ଉର୍ଦ୍ଧ୍ୱେ କି ମିଶି । ୨୦ ।
ଯାଞ୍ଜିଲା ଚାଢ଼ ସଜାଡ଼ି କଞ୍ଚୁଅଳୀ ଶଙ୍ଖଚୂଡ଼ୀ
ସୁପ୍ରୀତରେ ଟେକିମାଲୁ କାନ୍ତି ଅଧିକା ।
ସ୍ଫୀତର ସଞ୍ଚେ କର ସ୍ଥିତ ନଖେ ମଞ୍ଜୁ ମଞ୍ଜୁଅଛି
ଶବିତ ହୋଇଛି ପୁଣି ଗୃଧ ତାରକା ।
ତୁମ୍ବୀ ଦଣ୍ଡସାର ଭିଅଇ ।
ବୀଣା ହେବ ଗୁଣା ଆଣି ଯାଉଛି ବହି । ୨୧ ।

---

ଭୃଙ୍ଗ—ଭ୍ରମର । (ତିଳଫୁଲ ନାସିକା, କଳା ନାକତଣା—ଭ୍ରମର) । ରଙ୍ଗ ଅଧରେ—ଲାଲ ଓଷ୍ଠରେ । ଲଗୁ......ଏହିରେ—ଯାହାକୁ କଣ୍ଠିତ ନାକଫୁଲ ଉପରେ ଲଗୁ ହେଲେ ସେ ପାଉଁଶିଆ ଦେଖାଯାଏ ତାର ଲାଲ ଗୁଣ କମିଯାଏ—ଜଣେ ତର୍ଜଣା କରୁଛନ୍ତି—ବିମ୍ବଫଳ ପଦ୍ମବର୍ଣ୍ଣ ସେ ଅଧର ସଙ୍ଗେ ସରି ନୁହେଁ ।

୨୦ । ଦମ୍ଭଜଳଧିମନ୍ଥନ—ଯୁବକଙ୍କ ଧୈର୍ଯ୍ୟରୂପ ସମୁଦ୍ର ମନ୍ଥନ କରୁଛି । ଅଚଳସ୍ତନ—ପର୍ବତରୂପ କୁଚ । ଚନ୍ଦନଲେପନ ହୋଇ ଶୋଭନ—ସେଥିରେ ଚନ୍ଦନବୋଳା ହୋଇଥିବାରୁ ସୁନ୍ଦର ଦେଖାଯାଉଛି; ଚନ୍ଦନ ହେଲା ଫେଣ ବସନ ଛଳ—ତା ଉପରେ ବସ୍ତ୍ର କାନି ପଡ଼ି ଯାଇଛି—ସେ ହେଲା ଫେଣ । ସୁଧାକୋଷ—ଅମୃତକୁମ୍ଭ । ସେଥିରେ ଦାନବ ବାଳୁଣି ହେଉଛି—(ଚନ୍ଦନ ଲେପନକୁ ଦାନ ବାଳୁଣି ଧରୁହୋଇଛି) ଦମ୍ଭତରଙ୍ଗକୁ—ଗର୍ବର ଢେଉ କମିଗଲା । ସ୍ଫଟିକପ୍ରାସାଦସଦୃଶୀ—ଧଳା ଦାନ ପଥରର ମନ୍ଦିର ତୁଲ୍ୟ । ନବଘନ କାନ୍ତି—ନୂଆ ମେଘର ଶୋଭା; (ଏଠାରେ କଳା ଶାଢ଼ୀ ବା ସ୍ତନାଗ୍ର ସୂଚିତ)

୨୧ । ସୁପ୍ରୀତରେ—ଅତ୍ୟନ୍ତ ସ୍ନେହରେ । କାନ୍ତି—ଶୋଭା । ସ୍ଫୀତେ—ଫିଙ୍ଗରେ । ସଞ୍ଚେ—ସୁନ୍ଦର ଭାବରେ । କରସ୍ଥିତ—ବାମହସ୍ତ ରହିଛି ସେହି ବାମକରର ଅଙ୍ଗୁଳି ନଖରେ ମଞ୍ଜୁଳ—ସୁନ୍ଦର ସେ ମଞ୍ଜୁ ଅଛି, ତହିଁରେ ସୁନ୍ଦର ଓ ଶାବା ତଳ ହୋଇଅଛି । ତୁମ୍ବୀ—ଲାଉ, ସେ ହେଲା

ଦରଶନେ ହେମରାଜି    ଦନ୍ତେ ଘଁଷଇ ଜମ୍ବୁଜ

ଭବ ନାହିଁ ବେଣୀ ଫୁଟି ଦିଶୁଛି କିସ ।

ସୂକ୍ଷ୍ମ ଜନ୍ତୁପଙ୍କଜନ    ଭୁଜଙ୍ଗ ସନ୍ଦେହମାନ

ଏ ଏହା ବାଳନାରନ୍ଧ୍ରୁ ଚଳି ମାନସ ।

ଉଚ୍ଚ ଦେଖି ଦୃଷ୍ଟି ସେତେନସ୍ତି ।

ମାଂସଳ ଗଭୀର ପକ୍ୱ ଚୂତ କି ଶୋଭି ।୨୨।

ଶାଢ଼ୀ ଅଧ ପଡ଼ି ଉଡ଼ି    ନିବିଡ଼େ ନୀବୀ ନିବାଡ଼ି

ଅଛି ଦେଖିଲେ ଛନ୍ଦେ ଭିଡ଼ି ବିବେକ ଭଳି ।

ଉରଦାମ୍ଭୁଜ୍ୱଧର    ପରି ଚାରୁ ମନୋହର

ଚିତ୍ତ ମତ୍ତ-ଦ୍ୱିରଦ-ବନ୍ଧନ-ଶିକ୍ଳି ।

ଉପମା ଦୃଷ୍ଟାନ୍ତ କୁହେ ।

ଶୋଭାନଦୀ କି ଲହରୀ ଦେଖି ଚମକେ ।୨୩।

---

ଚିତ୍ତ । ଦଣ୍ଡଧାର—ଅଙ୍କୁଶ ଧାରଣ ଦଣ୍ଡ ହେଲା କାମଦର ହୃଣ—ତାର ଅଣିବାକୁ ବାହୁ ଯାଉଛି ଇତ୍ୟାଦି ।

୨୨ । ହେମରାଜି ଦରଶନେ—ଉଦର ମଧ୍ୟ—ସୂକ୍ଷ୍ମ ରୋମରେଖା ଦେଖି । ଦନ୍ତେ ଘଁଷଇ ଜମ୍ବୁଜ—ଶଶଧାଳ ପାଇଁ ସନ୍ଦେହ ହେଲା । ଭବ ନାହିଁ ବେଣୀ ଫୁଟି ଦିଶୁଛି କିସ—ଏ ହେମରାଜିକୁ ତ ବେଣୀ ଭବ ନାହିଁ ତେବେ ଏ କାଣ ପ୍ରକାଶ ପାଉଛି—ଏହାଙ୍କର ଶରୀରର ଲାବଣ୍ୟାତିଶଯ୍ୟ ସୂଚିତ ହେଲା । ଜନ୍ତୁପ କାନନ—ତହିଁର ଅକାରର ଭଙ୍ଗ ଏଠାରେ ଉଦର ମଧ୍ୟସ୍ଥ ଗୁହ୍ୟପ୍ରଦେଶ । ଏ ହେମରାଜି ଦେହେ—ଏ ଏହାର ବାଳନାରନ୍ଧ୍ର—ବାଳିକା ନାଭି । ଉଚ୍ଚ—ଜାନୁର ଉପରିଭାଗ । ସେତେନସ୍ତି—ଲେଖ । ମାଂସଳ—ସ୍ଥୂଳ । ଗଭୀର—ଶ୍ୱେତପୀତ । ପକ୍ୱଚୂତ—ପାଚିଲା ଅମ୍ବ ପରି ଶୋଭୁଛି କି ?

୨୩ । ଶାଢ଼ୀ ଅଧ ପଡ଼ି ଉଡ଼ି—ଶାଢ଼ୀର ଅଧା ପଡ଼ି ଉଡ଼ି ରହୁଛି । ନିବିଡ଼େ—ଟାଣ କରି । ନୀବୀ—କୋଷଣି । ନିବାଡ଼ି ଅଛି—ଲଗାଇ ଅଛି । ଦେଖିଲେ ଛନ୍ଦେ—ଦେଖିଲେ ପ୍ରକାରରେ । ବିବେକ—ବୁଦ୍ଧି । ଭଳି—ଅନୁସାରେ । ଉରଦାମ୍ଭୁଜ୍ୱଧର—ଜଙ୍ଘ ହାତୀପଣ ହେଲା ପର୍ବତ । ପରି ଚାରୁ ମନୋହର—ସେ ଜାଙ୍ଘ ହେଲା ସୁନ୍ଦର ଚାରୁରୂପ । ଚିତ୍ତମତ୍ତଦ୍ୱିରଦ—ମନ ହେଲା ମତ୍ତହସ୍ତୀ ହାତୀ । ବନ୍ଧନଶିକ୍ଳି—ବାନ୍ଧିବା ଶିକୁଳି । ଉପମାକୁହେ ଦୃଷ୍ଟାନ୍ତ—ଉପମାନ ସମୂହଙ୍କୁ ଦୃଷ୍ଟାନ୍ତ । ତାହଁ ଶୋଭାର ନଦୀ ଲହରୀ ଦେଖି ଏ ତା ପ୍ରକାଶ କରୁଛି—ନଈର ଲହରୀରେ

ନିତମ୍ବ ନିଗମ ସ୍ଥାନ          ଯାଗ ଯାଉଛି ମଦନ
ଧରିବାକୁ ଅଗ୍ନିପକ୍ଷୀ  କରି ମମତା ।
କାହିଁ କି ନୟନ ମନ          ନୀବୀତର ତାର ସଦନ
ହେଲେ ସେ ନୀବୀସଦନ ଏ ସଂଶୟ ତା ।
ଅବକାଶ ରହିଲା ନାହିଁ ।
ଅନ୍ୟ ଶୋଭା ଦେଖିବାକୁ ଜଙ୍ଘନ ଯହିଁ ।୨୪।
ଭଙ୍ଗୁ ନ ଭଙ୍ଗୁ ବାଳିକା          ଅଗ ମୁଁ ନିଦ୍ରା ଭାଙ୍ଗିବ
ତନୁ ହେଲେ ଛୁଇଁଥିବ ଏ ବଡ଼ ଲାଭ ।
ଏଣ ପାଦେ ଧାଳା ମନାଇ          କାଳେଣ୍ଟି ମଣେ ଇନ୍ଦ୍ର ସେହି
ମନରେ ଭାବନା କରି ପରମ ଶୁଭ ।
ଜାନୁ ଧରି ହେଲା ସ୍ଥୂଳାଇ ।
ମୁଣ୍ଡ-କରି ଲାଗି ନିଦ୍ରା ବିନାଶ ହେଲା ।୨୫।
ଉଠି ଭାଙ୍ଗନ୍ତେ ଅଳସ          କି ଶୋଭା କୁଚକଳଶ
ହେବ ହୋଏ କି ମେରୁକୁ ଜିଣିବା ଗର୍ବେ ।
ଉର୍ଦ୍ଧ୍ୱ ସ୍ଥାନ ଭବ ଦେଖା          ଶୋଭା ଲପନକୁ ବଦନ
ଚନ୍ଦ୍ର କି ବନ୍ଧୁପଦିଷ୍ଟ ହୋଇଲା ଏବେ ।

---

ପଡ଼ିଲେ ଭୂଷଣିବ ତାର ରକ୍ଷା ନାହିଁ—ଏ ଯେ କଥା ସେ ହେଲା ଅଭିନ୍ନ —ଅନାଗନାଂ ଉପମାନ ମାନେ ଏହା ସମସ୍ତେ ଉପାଡ଼ିବେ ।

୨୪ । ନିତମ୍ବ—କଟି । ନିଗମସ୍ଥାନ—ଗୁହ୍ୟ ପ୍ରଦେଶ । ମଦନ—କାମ । ଅଗ୍ନିପକ୍ଷୀ—ଅଗ୍ନିରୂପ ପକ୍ଷୀ । ମମତା—ସ୍ନେହ । ନୟନ ମନ—ଆଖି ଓ ମନ । ତାଙ୍କ ସଦନ—ଘର ବା ନୀବୀର ଘର ତାଙ୍କ ଆଖି ଓ ମନ । ସଂଶୟ—ସନ୍ଦେହ । ଅବକାଶ—ମଧ୍ୟରେ ଅନ୍ୟ କୌଣସି ଭାବନାର ସ୍ଥାନ ବା ଅବସର । ଜଙ୍ଘନ—ଜଙ୍ଘ ।

୨୫ । ଭଙ୍ଗୁ—ସେତୁ । ତନୁ—ଦେହ । ମଣେ—ମଣିଷରେ । ପରମ ଶୁଭ—ଅତ୍ୟନ୍ତ ମଙ୍ଗଳ । ବିନାଶ—ନଷ୍ଟ । ୨୬ । କୁଚକଳସ—ସ୍ତନରୂପ କଳସ । ମେରୁକୁ—ମେରୁପର୍ବତକୁ । ଗର୍ବେ—ଅହଙ୍କାରରେ । ଲପନ—ମୁଖ । ବନ୍ଧୁପଦିଷ୍ଟ—ବନ୍ଧୁଳିର ମଣ୍ଡଳ । ଦୃଷ୍ଟା—ଦ୍ୱାର । ଶୋଭିତ—ଶୋଭିତ । ଦରବିକଶିତ—ଦରଫୁଟା । ହୋବନଦ—ରକ୍ତ ପଦ୍ମ ।

ମୃଗ କୁମ୍ଭଦ୍ୱୟେ ସ୍ଥିତ ।
ଦ୍ୱିରଦଦଳିତ କୋକନଦ ଯେମନ୍ତ । ୨୬ ।
ନୟନେ ଚଞ୍ଚଳ ମିଶେ ଗଣବଣା ଏଣୀ କି ଏ
ଖର ପ୍ରାୟ ଯାଇ ପୁଂସଲ୍ଲକ୍ଷେ ପଡ଼ିଲା ।
ଏ ସୁନ୍ଦର ପାରବାର ରସରତନ-ଆକର
ମୀନ ପ୍ରାୟେ ହୋଇ ତହିଁ ବେଗେ ବୁଡ଼ିଲା ।
ଲାଗେ ମୁଖ ନୁଅଇଁ ଘନେ ।
ସମ୍ଭାବନା କଲା ପ୍ରାୟେ ଛଟିଲା ଛଟେ । ୨୭ ।
ସ୍ୱଚ୍ଛନ୍ଦେ ନୁହଇ ମାର ନାହିଁ ଫୁଲଧନୁଶର
ସୁଧାକର ନୋହେ ତହିଁ କଳଙ୍କ ଅଛି ।
ଆଉ ଦେବତାମାନଙ୍କୁ କାହିଁ ଅଣିମା ମନକୁ
ମୋହର ସୁକୃତ ଏ ସ୍ୱରୂପ ହୋଇଛି ।
ମୋର ପୁଣି ସୁକୃତ ଫଳେ ।
ଶୋଭା ଜାତ ହେବାକୁ ଯେମନ୍ତ ଜଗତେ । ୨୮ ।
କି ଅଛେ ଗୋକୁଳେ ଭବ ମୋହନଲୀଳାକୁ ଧର
ଥିଲେ ଜାଣ ତବଭକ୍ତି ଅବଶ୍ୟକ ।

---

୨୭ । ନୟନେ—ନୟନରେ । ଚଞ୍ଚଳ—ଚଞ୍ଚଳତା । ଗଣବଣା ଏଣୀ—ଜାଲବଦ୍ଧା ହରିଣୀ । ଖର—ଶର । ପୁଂସଲ୍ଲକ୍ଷେ—ପୁରୁଷ ହେଲା ଲକ୍ଷ୍ୟ ସ୍ଥାନ । ସୁନ୍ଦର ପାରବାର—ସୌନ୍ଦର୍ଯ୍ୟର ସମୁଦ୍ର । ରସରତନ ଆକର—ଶୃଙ୍ଗାର ରସ ହେଉଛି ରତ୍ନ ତାହାର ଆକର ଖଣି ବା ଆଧାର । ମୀନ—ମାଛ । ସୁନ୍ଦରୀ ଆଖି ସୁନ୍ଦରଠାରେ ପଡ଼ିଲା । ଘନେ—ବେଶି ଥର, ଅଧିକ ଭାବରେ । ସମ୍ଭାବନା—ସମ୍ମାନନା, ଆଦର । ଛଟେ—ଅଳ୍ପ ହୋଇ, କାମ୍ୟ ହୋଇ ।

୨୮ । ସ୍ୱଚ୍ଛନ୍ଦେ—ସ୍ୱେଚ୍ଛାରେ । ମଦନ—କାମ । ଫୁଲଧନୁଶର—ଫୁଲଧନୁ ଓ ଫୁଲଶର—ମୌର୍ବୀ ଭ୍ରମରମାଳା ଧନୁରଥ କଣ୍ଠିଣଃ ' କୌସୁମାଃ ସୁମ-ହେତବଃ । ସୁଧାକର—ଚନ୍ଦ୍ର । ଚନ୍ଦ୍ରରେ କଳଙ୍କ ଅଛି, ଏହାଙ୍କଠାରେ କଳଙ୍କ ନାହିଁ । ସୁକୃତି—ପୁଣ୍ୟରୁ । ମୋହନଙ୍କ ସ୍ୱରୂପ ' ଜଗତେ —ସ୍ୱଭାବରେ ।

ଏତେ ଚେତେ ଅବତାର      ବର୍ଣ୍ଣା ହୋଇବ ତାକର
କି ମୂର୍ତ୍ତିମନ୍ତ ଉପମା ଦ୍ରବ୍ୟଙ୍କ ସାର ।
ଏରୂପେ ବର୍ଣ୍ଣି ସୁକେଶୀ ।
କ୍ଷୀର ନୀର ପ୍ରାୟ ମନ ପୂର୍ବେ ମିଶି । ୨୯ ।

ଏକାବେଳେ ଭଗକୋରକ      ଭଗ୍ନ ତରୁଣଢଳକ
ତୋଳିଲ ତେଜ ଜୀବେଶ୍ୱର ବନସ୍ତୁ ଦେନ ।
ଚରଣେ ଅଳତା ଦେବ      ପଦେ ପଦେ ଗ୍ଲାଳ ସ୍ୱର
ଅନୁସରିଥିବାକୁ ଏମା ହୋଇଛି ମନ ।
ମୋତେ ଦିଅ ବସନ ଭାଗ୍ୟ ।
ହେଲିନି ସବୁମତେ ମୁଁ କୃତାର୍ଥଯୋଗ୍ୟ । ୩୦ ।

ସେତେକ ମୋର ଭାଗ୍ୟ ନାହିଁ      ତୋତେ କି ଦାରନ୍ତି ଗୁହିଁ
ଉତେଶପତିଃ ଯାଦା ଛୁଇଁ ଏ କଥା ଭାବ ।
ମୋ ମତେ ମୁଁ ତୋ ସେବକ      ହେଲିନି କାମପାବକ
ଜାଳିଲେ ଏଡ୍ଡୁ ଅପଣ କାହାକୁ ଦେବ ।
ବନସ୍ତୁ ପ୍ରଶଂସାକୁ ବାଣୀ ।
ନାହିଁ ମୁଁ କି କହିବି ତୁ ଦାସ୍ୟାଗ୍ରମଣି । ୩୧ ।

---

୨୯ । ନକରେ—ଅତି ଅଳ୍ପକାଳ ମଧ୍ୟରେ । ତୋହରେ—ତୁମଠାରେ । ଦ୍ରବ୍ୟ—ବସ୍ତୁ, ମୋହନ ରୂପକୁ—ସମସ୍ତଙ୍କୁ ମୁଗ୍ଧ କରିବାର ଶୋଭାକୁ । ଅବଳା—ଦୁର୍ବଳା । ଅବତାର—ଜନ୍ମ । ଉପମା ଦ୍ରବ୍ୟଙ୍କ ସାର ମୂର୍ତ୍ତିମନ୍ତ—ଉପମାନ, ଚନ୍ଦ୍ର, ଚନ୍ଦନାଦିଙ୍କ ସାର ପଦାର୍ଥ ସବୁ ଦେହର ଧରିଛନ୍ତି କି ? କ୍ଷୀର ନୀର—ଦୁଧ ଓ ପାଣି ।

୩୦ । ଭଗ୍ନ—ଦଗ୍ଧ । କୋରକ—ଦୁଇ ଯୋଡ଼ କଅଁଳ ଫୁଲକଢ଼ି ପରି ଦେଖିବା—ନବଯୌବନରେ । ତରୁଣଢଳକ—ଯୁବାବେଶ । ଜୀବେଶ୍ୱର—ପ୍ରାଣେଶ୍ୱରୀ । ସ୍ୱର—ସଦ୍ଗୁଣ, ପଦ; ଅନୁସରି ଥିବାକୁ—ପଦେ ପଦେ ଥିବାକୁ । ବସନ ଭାଗ୍ୟ—ଲୁଗାର ଭାଗ୍ୟ, ମୋତେ ସର୍ବଦା ଅଲିଙ୍ଗନ ଦେଉଥା—ମୋତେ ନିଜର ବସ୍ତ୍ରରୂପେ ସର୍ବଦା ଦେଇଥା । କୃତାର୍ଥ—ସଫଳ । ଯୋଗ୍ୟ—ଉପଯୁକ୍ତ ।

୩୧ । ସେବକ—ଭୃତ୍ୟ । କାମପାବକ—କନ୍ଦର୍ପ ଅଗ୍ନି । ଅପଣ—ନିନ୍ଦା । ବନସ୍ତୁ ପ୍ରଶଂସାକୁ ବାଣୀ—ବନସ୍ତୁରେ ପ୍ରଶଂସା କରିବା କବିଙ୍କ କଥା । ଦାସ୍ୟାଗ୍ରମଣି—ଦାସ୍ୟଶୀଳାଙ୍କ ମଧ୍ୟରେ ଶ୍ରେଷ୍ଠ ।

ମିଥ୍ୟା କୋଟି ନାଟ୍ୟବ୍ୟାଜେ        କୋଟି ସମ୍ପଦାଙ୍କୁ ଯେ
ରଖିଥିଲୁ ପଦ୍ମକୋଷେ କରି ଭଣ୍ଡାର ।
ହୃଦୟର ମାର ଓଢ଼ାରି        ଦେଖାଇଲୁ ହଟ କରି
ଦେଖି ମୁଖରେ ଛୁଇଁଲେ ସେ ଜରଜର ।
ହାସ ଅକୃପଥ୍ୟ ପ୍ରକାଶ ।
ନ କଲୁ ନଗନା କାହିଁ ଭଲ ମୁଁ ନାଶ । ୩୭ ।
ସେ ରମଣୀ-ଚନ୍ଦ୍ରମଣି        ହୋଇଲା ଏମନ୍ତ ମଣି
ସ୍ପୃହୁତରେ ଦ୍ରବୀଭୂତ କଲା ନାଗର ।
ହାସ ଦୁର୍ବଳ ପରସେ        ଶ୍ରୀମୁଖ ପ୍ରସନ୍ନ ହୋଏ
ହେଲା ଜାଣି ବଣିକନେ ଭା ସୀକାର ।
ଭର ଅଙ୍ଗ ଶିରେ ଲଗାଇ ।
କୋଳେ ଧରି ସୁରସିକ ପଲ୍ୟଙ୍କେ ଥୋଇ । ୩୮ ।
ବସ ବସାଇଲା କୋଳେ        ଲପନ ଚୁମ୍ବି ବାଟେକେ
ତେମା ଝଟେ ତେଲା ବେଟେ ବତନମୁଖୀ ।
ଡେମା କାନ୍ତି ମୋହନାଳୀ        ଲମ୍ଭାଇଲା ପୁଂସଗଳା
ପରସ୍ପର ବରଷେ ହୋଇଲେ ପ୍ରମୋଦୀ ।
ସେ ଭାଳକୁ ଅନ୍ତ ଚନ୍ଦ୍ରମା ।
କୁମାର ସ୍ୱରୂପ ବାଢେ଼ ଟେକି ପ୍ରତିମା । ୩୯ ।

---

୩୭ । ନାଟ୍ୟବ୍ୟାଜେ—ନଟ ଛଳରେ । କୋଟିସମ୍ପଦାଙ୍କୁ—ଅନେକରୂପ ଦୁଇପାଖ ଧାରୁଅ ଲମ୍ବା ଖଣ୍ଡା । ପଦ୍ମକୋଷ—ଅଗ୍ନିପତ୍ନୀ ମହିଷୀ । ସ୍ପର୍ଶରେ—ଆଲିଙ୍ଗିଲେ । ଛୁଇଁଲେ—ଲଭିଲେ । ଜରଜର—ଓଦା । ହାସ-ଶ୍ରୀପଦ୍ମିନୀ—ହାସରୂପ ଚନ୍ଦ୍ର । ହାସ ଅକୃପଥ୍ୟ—ହସ ରୂପ ଔଷଧ । ପ୍ରକାଶ—ବାହାର । ଜନ ନାଶନ—ସୁବିଧା ।

୩୮ । ସେ ରମଣୀ—ସେ ସ୍ତ୍ରୀ ରୁକ୍ମିଣୀଦେବୀ । ଚନ୍ଦ୍ରମଣି—ଚନ୍ଦ୍ରକାନ୍ତମଣି । ଚନ୍ଦ୍ରକାନ୍ତମଣି ଚନ୍ଦ୍ରକିରଣରେ ତରଳିଲା ପରି । ନାଗରଙ୍କୁ—ରସିକଙ୍କୁ । ସ୍ପୃହୁତରେ—ଶୋଭାମୟ ରୂପ ଚନ୍ଦ୍ରଦ୍ୱାରା । ଦ୍ରବୀଭୂତ ହେଲା—ତରଳି ଗଲା; କରେ ଅଣାଯାଉଛି ହେଲା । ପ୍ରସନ୍ନ—ପ୍ରଫୁଲ୍ଲ । ବଣିକନେତ୍ରେ—ବାଙ୍କ ନୟନ ଶିରେ । ସୀକାର—ଅଙ୍ଗୀକାର; ସ୍ୱୀକାର ।

୩୯ । ଲପନ—ମୁଖ । ପ୍ରମୋଦୀ—ସ୍ଫୁର୍ତ୍ତି, ଆନନ୍ଦିତ । କୁମାର ସ୍ୱରୂପ—କୁମାରଙ୍କ ନିଜ ରୂପ । ପ୍ରତିମା—ପ୍ରତିମୂର୍ତ୍ତି ।

ଦେଖା ଯେ ମାୟା ହରିଲା     ଜୀବକୁ ସ୍ୱପ୍ନରେ ନେଲା
ଲଳିତା ବିନାଶ ନିଦ୍ରା ଯେକାଳେ ହତ ।
ବିଜ୍ଞ କର୍ମା ନ ପଢ଼ିଲା     ଏ ଦଣ୍ଡ କାହିଁକି ଦେଲା
ପିଶୁନ ଧାତା କି କଲା ଦାରୁଣ କୃତ ।
ଶ୍ରମ ବୋଲି ବସ୍ତୁ ହୋଇ ।
ଉପେନ୍ଦ୍ର ବାବଡ଼ର ଏ ରସ କହି । ୩୬ ।

## ଦ୍ୱାଦଶ ଛାନ୍ଦ

## (ଲାବଣ୍ୟବତୀର ବିଳାପ)

ରାଗ—ଭଇରବି; କୁମ୍ଭକାମ୍ଭ ଚନ୍ଦ୍ରକଳା ବାଣୀ ।

ଚେତ ଚତୁର୍ଦ୍ଦଶ ଶୁଭ୍ରିଙ୍କ କଣି ନାଶେଣ ଯାଶେ ନାହିଁ ଦିବ୍ୟ ତରୁଣ
ମାଗି ବିବେଦ ସାଥ ନାଥ ନାଥ ବୋଲି ଅତ କରିଲେ ବହୁ କାରୁଣ ।
ଶୋକେ ଅଧୀରେ । ଚେତନା ହତ ଯେ ବାସରେ ।
ତେଜ ଲେଉଟାଇ ତରଙ୍ଗ ପିଠାଇ କର ଭିଳ କୁଟବଧରେ । ୧ ।

---

୩୬ । ମାୟା ହରିଲା—ହୃଦୟର ଭ୍ରମ ଗଲା । ହତ—ନଷ୍ଟ । ପିଶୁନ—ଖଳ, ଦୁଷ୍ଟ । ଦାରୁଣକୃତ—ନିଷ୍ଠୁର କାର୍ଯ୍ୟ ।

---

୧ । ଚେତ—ଚେତି । କଣି ନାଶେଶ—ସ୍ୱର୍ଗ ଶେଷରେ । ଦିବ୍ୟ ତରୁଣ—ସୁନ୍ଦର ଯୁବକ । ଦାରୁଣ—ବିଳାପ । ଅଧୀରେ—ଚଞ୍ଚଳ ଭାବେ । ଚେତନା ହତ—ଜ୍ଞାନ ନାଶ । ଯେ ବାସରେ—ଯେ ଶୟନରେ, ସୁନ୍ଦରର ଶରେଶ୍ୱର ହେବା ଅବସ୍ଥାରେ । କରାଞ୍ଜ—ତୁଳ୍ୟ । ହୃତ ସକ୍ଷରେ—ଦୁଇ ସ୍ତନ ମଧ୍ୟରେ । ଏହାର ଅଣଶ୍ମ ଅର୍ଥ ହେଉଛି ଯେ ନାୟିକାର ନାମ ଚନ୍ଦ୍ରକାନ୍ତି;—ଶେଷ—ଦୁଧଫେଣ ପରି ଧଳା—କ୍ଷୀର ସମୁଦ୍ର ମଧ୍ୟରେ ଚନ୍ଦ୍ର ଲୁଚିଗଲେ କି ? ସମୁଦ୍ର ମଧ୍ୟରେ ଚନ୍ଦ୍ର ମଧ୍ୟ ଅସ୍ତ ହେଲେ ଲୁଚି ଯାଆନ୍ତି । ଚନ୍ଦ୍ର ଓ ହୃଦୟର ସାଦୃଶ୍ୟ ପ୍ରାୟ କରେ, କର୍ଣ୍ଣ ଲାବଣ୍ୟ ହେଲା ସାଦୃଶ୍ୟ । ହୃତ ସକ୍ଷ ଶୋଭିବା ହେଉଛି—ଲୋକାଲୋକ

ପୁଣି ବୋଲଇ ହେ ଜାଣି ମୁଁ ନ ଥିଲି ଦଇବ ତୁ ଏତେ ଦାରୁଣ ।
କ୍ଷୁଧାତୁରଙ୍କୁ ସୁଧାତୁଲ୍ୟ ଭୋଜନ ପରଶିଲୁ କେଉଁ କାରଣ ।
ଲୁଣ୍ଠି ନେବା—ବେଳେ କୁଳିଶ ତୁଲ୍ୟ ହେଲୁ ।
ଯେବେ ଭକ୍ଷ ଦେବେ ମୁଖଣି ନ ଦେଲୁ ଏତେ ବ୍ୟାକୁଳ କାହିଁ କଲୁ ।୨।
ଏ ବାଣୀ ଶ୍ରବଣେ ଶୁଣି ସଖୀଗଣେ ପଚାରିଲେ ଏ କି ବଚନ ।
ଭାବଚଳନୟନରେ ସଲିଳ ପୂରିଛୁ କିଏ ।
ନାରୀରତନ । ବାଳିଶ ଦେଖୁ ହୋଇଲୁ ।
ପୁରୁଷପଦ ଦିବାକର ଅଗମ୍ୟ ପୁରେ କାହିଁ ଚିତ୍ତ ଦେଲୁ ।୩।
ବୋଇଲେ ନାଗରୀ ସାଗରେ ସ୍ନାନ କରି ଯେମନ୍ତ ତୃଷା ନ ତୁଟିଲା ।
କଳ୍ପତରୁରେ ଫଳ ନାହିଁ ଯେମନ୍ତ ସେମନ୍ତ ଦଶାକୁ ଘଟିଲା ।
ଦିବ୍ୟ ପୁରୁଷେ ଅଛି ବସି ରସି ଦେଖା ପାଉଣ ।
ଅଙ୍ଗେ ଅଙ୍ଗ ମେଳ ରସ ଜାତବେଳେ ବିଚ୍ଛେଦ ହୋଇଲା କି ଦୋଷେ ।୪।
ଅଳୀ ଭାଳିଲେ ଚନ୍ଦନମସ୍ତୃଦ୍ଧ ସହିତେ ଏହି ଅନ୍ତଃପୁର ।
ସ୍ୱରଗ-ଭଣ୍ଡୁ ଉତ ବେଷ୍ଟିତ ହେବାକୁ ଯାଏ ଦାବଦେ ଅନ୍ତକର ।

---

ସଦାଚରେ ଚନ୍ଦ୍ର ଓ ସୂର୍ଯ୍ୟ ଅସ୍ତ ହେଲେ ଅସ୍ତନ୍ତି । ବା ତୁଳାସ୍ନିଗ୍ଧ ଚନ୍ଦ୍ର ଓ ସୂର୍ଯ୍ୟ ଗଣ୍ଡ କରନ୍ତି କହୁଁ ତୁଳନା—ଶେଯ, ଓଲଟାଇଲୁ ଟ । ଭିତରେ ଥାଇ ପାରନ୍ତି ; କେମନ୍ତ କବିଙ୍କ ଆକାରର—ତଳ୍ପଗର୍ଭରେ ଚନ୍ଦ୍ରସୂର୍ଯ୍ୟ ଅଛନ୍ତି କି ? ଲକ୍ଷ୍ୟାର୍ଥ—ଦଶ ଦଶା ମଧ୍ୟରୁ—ଏ ଉନ୍ମାଦ ଦଶା ।

୨ । ଦାରୁଣ—ନିଷ୍ଠୁର । କ୍ଷୁଧାତୁରଙ୍କୁ—ଭୋକିଲାଙ୍କୁ । ସୁଧା ତୁଲ୍ୟ—ଅମୃତ ପରି । ଲୁଣ୍ଠି ନେବା—ଛଡ଼ାଇନେବା । କୁଳିଶ—ବଜ୍ର । ବ୍ୟାକୁଳ—ବ୍ୟାକୁଳତା । କଲୁ—"ହେଲୁ ମଧ୍ୟ ପାଠାନ୍ତର" ।

୩ । ଭାବଚଳନୟନରେ—ଚଞ୍ଚଳ ଚପଳ ଚକ୍ଷୁରେ । ବା ଭାବ—ମନର ପ୍ରବୃତ୍ତିରେ ଚଳ ଚଳ ଚକ୍ଷୁରେ । ନାରୀରତନ—ନାରୀଶ୍ରେଷ୍ଠ । ବାଳିଶ—ମୂର୍ଖ । ପୁରୁଷ ପଦ—ଅନ୍ୟ ପୁରୁଷର ସ୍ଥାନ । ଦିବାକର ଅଗମ୍ୟ ପୁରେ—ଯେଉଁ ନଅରରେ ସୂର୍ଯ୍ୟଙ୍କର କିରଣ ପଡ଼େ ନାହିଁ । ଚିତ୍ତ—କାନ୍ତ । ବା ପୁରୁଷ ପଦ—ନବ ନର—ଅଣ୍ଡିରୁ ଦାଣ୍ଡ ।

୪ । ନାଗରୀ—ସ୍ତ୍ରୀ । ସାଗରେ—ସମୁଦ୍ରରେ । ତୃଷା—ଶୋଷ । କଳ୍ପତରୁରେ—କଳ୍ପ ଇଚ୍ଛାପ୍ରଦ ତରୁ—ବୃକ୍ଷ ; ଯେଉଁ ବୃକ୍ଷ ଈପ୍ସିତ ପ୍ରଦାନ କରେ ସେଥିରେ ଫଳ ନ ଥିବା ଅସମ୍ଭବ । ଦିବ୍ୟ—ଅତି ସୁନ୍ଦର । ରସଜାତବେଳେ—ସମ୍ଭୋଗାବସରରେ । ଅଙ୍ଗ—ଦେହ । ବିଚ୍ଛେଦ—ବିରହ । ୫ । ଅଳୀ—ସଖୀ । ଚନ୍ଦନମସ୍ତୃଦ୍ଧ—'ଚନ୍ଦନ

ଅଛି ତହିଁରେ । ପବନର ଯାନ ସ୍ମରଣ ।
ଏ ଦେଶ ଦେବତରେ ଗମ୍ୟ ହୋଇଥିବ ଭେଦ ତ ନ ଥିବ ମନୁଷ୍ୟ ।୪।
ଯେମାଙ୍କୁ ପୁଚ୍ଛିଲେ ତାଣ୍ଡବଶିଖିଙ୍କୁ ଦେଖିଲୁ ତ ଶିବସଦନେ ।
ତହୁଁ ବେଳୁଁ ଏପାବେ ଧାଇଁ ହେଲୁ ଏବେ କି ଅବା ବସିଲୁ ମଦନେ ।
ଶୁଣି ସୁନ୍ଦରୀ । ଶିର ବଣାଇ ଭଲ ନାହିଁ ।
ଧାତ୍ରୀସୁତୀ ମନ୍ତ୍ରୀସୁତାଙ୍କୁ ବୋଇଲ ସ୍ୱପନରେ ଭୁଲ କପାଇଁ ।୫।
ଚିକୁରଶୋଭୀ ମୁକୁର ପ୍ରତିବିମ୍ବ ଅଲିଙ୍ଗନେ ଯେତେବେ ଅସିବ ।
ମୃଗତୃଷ୍ଣା ଜଳ ତୃଷ୍ଣାକୁ ନାଶିବ ସ୍ୱପ୍ନ ତେବେ ଫଳ ଦିଶିବ ।
କହେ ସଚିବ—ସୁତା ସବୁ ବଡ଼ ଦାରବ ।
ତାହା ମନେ ଥିଲା ଅଗାଧ ସମୁଦ୍ର ଚୁଳୁଭିତରେ ସମ୍ଭାଇବ ।୬।

---

ପଡ଼ି । ଅନ୍ତଃପୁର—ସ୍ତ୍ରୀମାନଙ୍କ ନିବାସ । ଉରଗ ଦଂଷ୍ଟ୍ରେ—ସାପଦାନ୍ତ- ଦ୍ୱାରା । ବେଷ୍ଟିତ—ଆବୃତ । ଚନ୍ଦନ ଗଛରେ ସାପମାନେ ଥାନ୍ତି, ଏ ଅନ୍ତଃପୁରରେ ସର୍ପରୂପ ଅନ୍ତଃପୁରରକ୍ଷକ ପ୍ରହରୀମାନେ ସର୍ବଦା ଜାଗି- ରହିଥାନ୍ତି । ଏ......ମନୁଷ୍ୟ—ଏ ସ୍ଥାନକୁ ମନୁଷ୍ୟ ଆସି ପାରିବ ନାହିଁ କୌଣସି ଦେବତା ହେଲେ ଆସିପାରିବ । ଉରଗ କଣ୍ଟକେ— ଉରଗତ ହୋଇଅଛି କଣ୍ଟକ ଲେଖା ଯାହାଙ୍କର ଏପରି ଯେ ବାଳ ସୁନ୍ଦର ତାଙ୍କ ଦ୍ୱାରା ବେଷ୍ଟିତ—ସୁରକ୍ଷିତ ।

୫। ତାଣ୍ଡବ ଶିଖି—ମହାଦେବଙ୍କ ତାଣ୍ଡବ ନୃତ୍ୟ ସମୟରେ ଯେଉଁ ଦେବଗଣ ଉପସ୍ଥିତ ଥାନ୍ତି—ସେହି ଶିଖି । ଶିବସଦନେ—ମହାଦେବଙ୍କ ମନ୍ଦିରରେ । ଶିର ବଣାଇ—ମୁଣ୍ଡ ହଲାଇ । ଧାତ୍ରୀସୁତୀ—ଧାଈ ଝିଅ । ମନ୍ତ୍ରୀସୁତାକୁ— ମନ୍ତ୍ରୀ ଝିଅକୁ ।

୬। ଚିକୁରଶୋଭୀ—ଅତି ସୁନ୍ଦର କେଶରେ ଶୋଭା ପାଉଥିବା ସୁନ୍ଦରୀ ସ୍ତ୍ରୀ । ମୁକୁର ପ୍ରତିବିମ୍ବ—ଆରସିରେ ପ୍ରତିଫଳିତ ହେଲେ, ଦର୍ପଣରେ ଦେଖା- ଯିବା । ମୃଗତୃଷ୍ଣା ଜଳ—ମରୁଚିକା ପାଣି । ଆରସିରେ ଦେଖାଯିବା ସୁନ୍ଦରୀ ଯେପରି ଆଲିଙ୍ଗନ କରିବ, ମୃଗତୃଷ୍ଣା ଜଳ ଶୋଷ ଯେପରି ନିବାରିବ, ସେପରି ସ୍ୱପ୍ନକଥା ସତ ହେବ । ସଚିବସୁତା—ମନ୍ତ୍ରୀଝିଅ । ଅଗାଧ ସମୁଦ୍ର.........ସମ୍ଭାଇବ—ଅଗସ୍ତି ଋଷି ସପ୍ତ ସମୁଦ୍ର ଜଳକୁ ତିନି ଚୁଳ କରି ଦେଇଥିଲେ—ପାନ କରି ଦେଇଥିଲେ । ସେ ଜଳକୁ ଚୁଳୁରେ—ପଣ୍ଡୁଲିରେ ଧରିଥିଲେ । ସପ୍ତ ସମୁଦ୍ର ଜଳ ଚୁଳୁରେ ତ ରହିଥିଲା—ସେହିପରି ତାଙ୍କ ବଳରେ ଅସମ୍ଭବ ସମ୍ଭବ ହେବ ।

ସେ ପୁଣି ବୋଇଲା ସେ କଥା ଯେରୂପେ ଏ କଥା କୁଳହଂସିପ୍ଲବନ ।
ସ୍ୱପନକୁ ପାଶ ପାତ ବହିଥିଲେ ସେ ତାହାଙ୍କ ହୋଇବ ଦର୍ଶନ ।
ପୁଣି ସେହୁ କହେ । ଊଷା ଅନିରୁଦ୍ଧ ହେମନ୍ତ ।
ସେ ବୋଲେ ସତେ ଯଦୁପୁରେ ସେ ଥିଲା ଜାଣିଲ ଏ ତାହାଙ୍କ ସମ୍ଭୂତ ।୮।
ସ୍ୱପ୍ନମଳା ନାମେ ସଙ୍ଗୀ ବୋଲିଲୁ ତେମାଙ୍କୁ ଅନାଇଁ ସଖୀକି ।
ଅକ୍ଷି ଥାଉଁ ଦେଖି ନ ପାରି ସଙ୍କେତ ଖେଳ ହୁଅ ତାହାଙ୍କ ପାଇଁ କି ।
ନୋହେ ସ୍ୱପନ । ସତ ସ୍ୱର୍ଗ କି ନା ବାଳାକୁ ।
ତାଙ୍କ ଦେଖାଇ ଏ ମାୟା ହେଲେ ହେବ ଲଭିଛି ବଷ୍ଟଭଳୀଲାକୁ ।୯।
ଗଣ୍ଡମଣ୍ଡଳ ପାଟଳ ଚୁମ୍ବିବା ବେଳେ ତାମ୍ବୁଳବୋଳ ତ ଲାଗିଛି ।
ପାନବଶରେ ରଦବାସ ବିଶେଷ ଶୋଭା-ଦନ୍ତସତେ ଲାଗିଛି ।
ଚନ୍ଦ୍ର ବଦନ । ଠାଏ ଠାଏ ଅଙ୍ଗେ କଷିଛି ।
କାମବାଣରେ ଭିଡ଼ିଛି ତରଳେ କଙ୍କଣ ପଦରେ ପୀଡ଼ିଛି ।୧୦।

---

୮ । ଯେରୂପେ—ଯେପ୍ରକାର । କୁଳହଂସି ପ୍ଲବନ—କୁଳକୁ ପବିତ୍ରକରା । ଊଷା ଅନିରୁଦ୍ଧ ହେମନ୍ତ—ବାଣାସୁର କନ୍ୟା ଊଷା ସ୍ୱପ୍ନରେ ଶ୍ରୀକୃଷ୍ଣଙ୍କ ନାତି ଶାମ୍ବଙ୍କ ପୁଅ ଅନିରୁଦ୍ଧଙ୍କର ପ୍ରବେଶ ଓ ସମ୍ଭୋଗଙ୍କର ପଦ୍ମାବତୀ ରୂପରେ ରହିବା ତ ଅତି ଅଦ୍ଭୁତ କାହିଁ । ଅନିରୁଦ୍ଧ ତ ଯଦୁପୁରେ—ଦ୍ୱାରକାରେ ଥିଲେ । ସେ କିପରି ଏ ଅଗ୍ନିପୁରରେ ସମ୍ଭୂତ—ଜାତ, ଉପସ୍ଥିତ ହେଲେ । ଅନିରୁଦ୍ଧଙ୍କୁ ମାୟା କନ୍ୟା ହରଣ କରି ଶୋଣିତପୁରରେ ପହଞ୍ଚାଇଥିଲା ।

୯ । ସଙ୍କେତ—ଚିହ୍ନ । ବଷ୍ଟଭଳୀଲାକୁ—ସ୍ୱାମୀସମ୍ଭୋଗକୁ ।

୧୦ । ଗଣ୍ଡମଣ୍ଡଳ—ଗାଲ । ପାଟଳ—ଲାଲ । ତାମ୍ବୁଳବୋଳ—ପାନଖିଆ ରସ । ପାନବଶରେ—ଅଧରପାନ ଇଚ୍ଛାରେ ବା ବଳରେ । ରଦବାସ—ଓଷ୍ଠ । ବିଶେଷ ଶୋଭା—ଅତ୍ୟନ୍ତ ରମଣୀୟତା । ଦନ୍ତସତେ—ଦନ୍ତଘାତରେ । "ଲାଗିଛି" ପାଠରେ ଶୋଭା ଲାଗି ଯାଇଛି । "ଦନ୍ତସତେ ହୋଇଛି" ପାଠାନ୍ତର—ଅର୍ଥ ସଙ୍ଗତ ନ ଥିବାରୁ ଏ ପାଠ ଗ୍ରାମ୍ୟାଦର । ଚନ୍ଦ୍ର—କର୍ପୂର । କଷିଛି—ଲାଗି ରହିଛି । କାମବାଣରେ—କନ୍ଦର୍ପ କେଳିରେ । କଙ୍କଣ ପଦରେ ପିଡ଼ିଛି—କଙ୍କଣ ଦାଗ ଗୋଡ଼ରେ ବସିଛି ।

ଲୁଇଁମା ଚେଲରେ ଶ୍ରୀଅଙ୍ଗ କେମନ୍ତ ଦେଖିଥିବ ସିନା ଅଦ୍ୟରେ ।
ଯଙ୍କ ମୁଦ୍ରିକା ଅନାମିକାମଣ୍ଡନ ଦେଖୁ ଦେଖିଣ କି ଏ ପୁଚ୍ଛେ ।
ଯନ୍ତୁ ଦେଖାଇ । ଏଣୁ ଯେ ସଙ୍କେତ ନାଦର ।
ଏଭାବେ କହିଣ ଗୃହିଁ ତୋଳିଲେ ବାଡ଼ିକୁ ସେ ଯନ୍ତ୍ର ଏ ଚିତ୍ର ସୁନ୍ଦର ।୧୧।
ଉପମାହସ୍ତି ଦୃଷ୍ଟି କର ବିମ୍ବୋଷ୍ଠୀ ଦୁର୍ଲ୍ଲଭ ବଲ୍ଲଭରୂପକୁ ।
ଦେଖି ଭାଳିଲେ ପରମେଷ୍ଠୀ କୋଟିଏ କଲା କୋଟିଏ କନ୍ଦର୍ପକୁ ।
ସଙ୍ଗ ସଜନୀ । ଅନିମିଷ ହୋଇ ରହିଲେ ।
କୋହିଲେ କାହିଁକି ଜଗତମୋହିନୀ ମନକୁ ମୋହିଲା ଏହିଲେ ।୧୨।
ପ୍ରବୋଧ କଲେ ଏ ବିଧିରେ ସଧୀରେ ବୁଝିବି ଦେଖାଇ ପ୍ରମାଣ ।
ପୁରୁଷପଦେ ଏହାକୁ ମିତ୍ରପଦେ ତୋତେ କଲା ଧାତା ନିର୍ମାଣ ।
ଅନ୍ୟ ଅନେକେ । ସଙ୍ଗତି କାହିଁ ଭିଆଇବ ।
ତୁଳାପାତେକ ଭରା ଅଧିକ ପଦାର୍ଥ ପଡ଼ିଲେ କି ସମେ ରହିବ ।୧୩।
ଏତେ କହି ଦେଲେ ନାଟକ କଟାଇ ସେ ଦିନ ଚଳିଲା କ୍ଷୀଣକୁ ।
ସ୍ୱପନସଙ୍ଗ ପ୍ରସଙ୍ଗ ଶନ୍ତି ଚିନ୍ତି ଗୃହିଁ ହଲୁଥାଏ ଦିନକୁ ।
ନିଦ୍ରା ହେବାକୁ । ଶରଧା ହୋଏ ଏହା ଭାବ ।
ପୁଣି ସେ ପୁରୁଷପାଶକୁ ଅଇଲେ ଅଣଲେ ଅଖିଳ ବାନ୍ଧବ ।୧୪।

---

୧୧ । ମୁଦ୍ରିକା—ମୁଦି । ଅନାମିକା—ଦାଣିଅଙ୍ଗୁଳି ପାଖ ଅଙ୍ଗୁଳି; ମୁଦି—ଅଙ୍ଗୁଳି; ସଙ୍କେତ ନଗର—ଚିହ୍ନସବୁ । ବାଡ଼ିକୁ—ବାକ୍ସକୁ । ବାକ୍ସରେ ରାଜକୁମାର ମୂର୍ତ୍ତି ଅଙ୍କିତ ହୋଇଥିବାରୁ ।

୧୨ । ଉପମାସ୍ତ୍ରି—ଉପମାନ ସବୁ; ଚନ୍ଦ୍ର, ପଦ୍ମ ପ୍ରଭୃତି । ବିମ୍ବୋଷ୍ଠୀ—ବିମ୍ବ ସଦୃଶ ଓଷ୍ଠ ଯାହାର ସେ ଲାବଣ୍ୟବତୀ । ଦୁର୍ଲ୍ଲଭ ବଲ୍ଲଭ ରୂପକୁ—ଦୁଷ୍ପ୍ରାପ୍ୟ ପ୍ରିୟମୂର୍ତ୍ତିକୁ ; ପରମେଷ୍ଠୀ—ବ୍ରହ୍ମା । କୋଟିଏ କନ୍ଦର୍ପକୁ—କୋଟି କୋଟି କନ୍ଦର୍ପର ଲାବଣ୍ୟରେ ଏହି ନାୟକକୁ କୋଟିଏ କରି ନିର୍ମାଣ କରିଛନ୍ତି । ସଜନୀ—ସଖୀ । ଅନିମିଷ—ଆଖିପତା ନ ପକାଇ ।

୧୩ । ପ୍ରବୋଧ—ସାନ୍ତ୍ୱନା । ବିଧିରେ—ପ୍ରକାରେ । ସଧୀରେ—ଧୀରସ୍ୱରରେ । ଧାତା—ବିଧାତା । ସଙ୍ଗତି—ମେଳନ । ଭିଆଇବ—ବିଧାନ କରିବ । ତୁଳାପାତେ—ତରାଜୁରେ । ଗୋଟିଏ ପାଖରେ ହାଲୁକା ଅନ୍ୟପାଖରେ ଓଜନିଆ ପଦାର୍ଥ ଦେଲେ ସମାନ ଓଜନ ତ ହେବ ନାହିଁ । ତୁମ୍ଭେ ଦୁହେଁ ପରସ୍ପରକୁ ସମାନ ।

୧୪ । ନାଟ—ନାଟ୍ୟଧର୍ମ; ପ୍ରାତଃକୃତ୍ୟ । କ୍ଷୀଣକୁ—ଦୁର୍ବଳତାକୁ । ସ୍ୱପନସଙ୍ଗ—ସ୍ୱପ୍ନରେ ମିଳନ ହେବା । ପ୍ରସଙ୍ଗ—ବିଷୟ । ଦିନକୁ ହଲୁଥାଏ—ଦିନ କାଟୁଥାଏ । ଅଖିଳ—ଦାନ ।

ବିରହ ଅଧିକ ଧିକ ଜଳ୍ପ ବେଶ ହାର୍ ଭୂଷା ଧରଣୀଶୟନ ।
ଅପଘନେ ସବୁ ଜଳ୍ପ ସ୍ମରଜ୍ୱର ନୀରପୂର ହେଲା ନୟନ ।
ମହା ଆକୁଳ । ନିରତେ ହୋଇଲ୍ୟା ନାଗରେ ।
ସ୍ତୋକ ସ୍ତୋକ ତନୁ ତନୁକୁ ଚାହିଁଲା ମଦନ ବିଷାଦ ଭରରେ ।୧୫।
ବୋଲଇ ସଖୀ ମୋର ବଚନ ନାଗର-ପ୍ରେମସାଗରେ ମଜ୍ଜିଲି ।
ଅବଶ୍ୟ ଲଭିବି ଭାବରତନକୁ ଏମନ୍ତ ଚିତ୍ତରେ ହେଜିଲି ।
ଏତେ ହେଲାକୁ । ଜୀବନ ଆଶାକୁ ଛାଡ଼ିଲି ।
କାମଭ୍ରମେ ପଡ଼ି କାମମକରେ କୂଳ ନ ପାଇ ମୁଁ ବୁଡ଼ିଲି ।୧୬।
ସିବାକୁ ଜୀବ ଶୋଚନା ହୋଇ ନାହିଁ ଏହି କଥାକୁ ମନେ ଭାବି ।
ସାଗର ହ୍ରାସ ପଳ ନାହିଁ ସମର୍ଥ ହେବ ମନାସିବା ପାଇବି ।
କୃପା କର ତ । ଅଛି କର୍ଣ୍ଣଧାର ହୋଇବ ।
ଜଲ୍ପ କଥା ଯେତେ ଅନ୍ୟଥା କରନ୍ତି ଏମନ୍ତ ଦାରୁଣ ଦରବ ।୧୭।
ସଖୀ କହିଲେ ଦୁଃଖ ସହି ଧୈର୍ଯ୍ୟ ହେଲେ କାର୍ଯ୍ୟ ଲଭି ଅବଶ୍ୟ ।
ହରି ଅବସାଦ ସ୍ୱପ୍ନ ବହିଲକୁ ଶତ ଯିବନ୍ତି ପୀୟୂଷ ।

---

୧୫ । ଅଧିକ— ପ୍ରବଳ । ଧିକ—ଛିଛି । ହାର୍—ହାର । ଭୂଷା—ବେଶ ଭୂଷଣ । ଧରଣୀଶୟନ—ଭୂମିରେ ଶୋଇବା । ଅପଘନେ—ଦେହରେ । ସ୍ମରଜ୍ୱର—କନ୍ଦର୍ପତାପ ବା ପୀଡ଼ା । ନୀରପୂର—ଲୋତକପୂର୍ଣ୍ଣ । ନିରତେ—ସବୁବେଳେ । ସ୍ତୋକ ସ୍ତୋକ—ଅଳ୍ପ ଅଳ୍ପ, ଟିକି ଟିକି କରି । ତନୁକୁ—ଦେହକୁ ।

୧୬ । ପ୍ରେମସାଗରେ—ପ୍ରେମ ସମୁଦ୍ରରେ । ମଜ୍ଜିଲି—ବୁଡ଼ିଲି । ଭାବରତନକୁ—ପ୍ରେମରୂପ ରତ୍ନକୁ । ହେଜିଲି—ଚିହ୍ନିଲି । ଲୋକ ସମୁଦ୍ରରେ ବୁଡ଼ି ରତ୍ନ ଖୋଜନ୍ତି ଯେ, ମୁଁ ସେହିପରି ପ୍ରେମସମୁଦ୍ରରେ ବୁଡ଼ିଲି ପ୍ରେମରତ୍ନକୁ ପାଇବା ଆଶାରେ, କିନ୍ତୁ କାମଭ୍ରମେ—କନ୍ଦର୍ପର ଉତ୍କଟତାରେ ପଡ଼ି କାମମକରରେ—ଦୁର୍ଭାଗ୍ୟବଶତଃ । କୂଳ—ଅନ୍ତ ନ ପାଇ ।

୧୭ । ଶୋଚନା—ଦୁଃଖ, ସାଗର—ସମୁଦ୍ର । ହ୍ରାସ—ବୁଡ଼ିବା । ସମର୍ଥ—କମ୍ପନ । କର୍ଣ୍ଣଧାର—ନାବିକ । ଦାରୁଣ—ନିଷ୍ଠୁର ।

୧୮ । ହରି—ଶ୍ରୀକୃଷ୍ଣ । ଅବସାଦ—ଦୁଃଖାବାଦ । ପୀୟୂଷ—ଅମୃତ । ବୃନ୍ଦାଳି—ଶ୍ରେଣୀ । ମଙ୍ଗଳ ଚଳନେ—ମଙ୍ଗଳସୂଚକ ଚଳିଲେ ଯୋଗ ବର୍ଷା ହୁଏ । ଘନ—ମେଘ । ଅମୃତ ବର୍ଷନ ସମୟରେ ସ୍ୱୟଂ ଉଦ୍ଧବେ ଦେବତାଙ୍କ ସଙ୍ଗରେ

ତୁ ଯେ କୃଶାଙ୍ଗୀ—ଗୃହକୀ ଦୋ ତୃଷା ହରିବ ।
ପାଗଳ ଚାତକେ କର୍ଣ୍ଣ ଲୋଚନ କି ଜଳ ବରଷା ନ କରିବ ।୧୮।
ଏକାଳେ ବଳୟଶୋଭି କୁବଳୟନୟନୀ ମଳୟ ସମୀରେ ।
ଲୋକେ ଭୋଗୀ ପ୍ରୀତ ତୁମ୍ଭଙ୍କୁ ବୋଲୁଛି ସେହି ଗୁଣ ବଢ଼ ମୋଠାରେ ।
ଅହେ ପବନ ! ବୋଲାଅ ଜଗତଜୀବନ ।
ଏବେ ମୋ ଜୀବନ ନେବାକୁ ହୋଇଛ ଯଥା ସନ୍ନିପାତେ ଜୀବନ ।୧୯।
ଯହିଁ ତହିଁ ତୋଠାରେ ମଧୁକାଳ ତହୁଁ ଏ ଦକ୍ଷିଣ ଶବଦ ପ୍ରକଟ ।
ସେତୁ ହେତୁରେ ଯତ୍ନମାନେ ରଖିଲେ କି ଜାଣିବ ସେ ତ ମର୍କଟ ।

---

ବସିଥିଲୁ; କିନ୍ତୁ ହୋଇ ବସିଥିବାରୁ ସୁଦର୍ଶନ ଚକ୍ରଦ୍ୱାରା ବିଷ୍ଣୁ ତା ଶିରଚ୍ଛେଦନ କଲେ, କିନ୍ତୁ ତାର ପେଟେ ଅମୃତ ଥିବାରୁ ସେହି ଦେବଳ ଅସୁରଙ୍କ ଭଳିରେ ଅମର ରହିଲା ।

୧୯ । ବଳୟଶୋଭି—ହାତ କଙ୍କଣରେ ଶୋଭା ପାଉଛି ଓ କୁବଳୟନୟନୀ—ନୀଳପଦ୍ମ ସଦୃଶ ନୟନ ଯାହାର ଏପରି ଯେ ଲାବଣ୍ୟବତୀ ସେ ମଳୟ ସମୀରେ—ଦକ୍ଷିଣ ପବନକୁ ଲକ୍ଷ କହୁଛି । ଭୋଗୀ ପ୍ରୀତ—ଭୋଗୀଜନଙ୍କର ଠାରେ ପ୍ରୀତ ପୁଣି ଭୋଗୀ ଯେ ସର୍ପ ତାଙ୍କର ଠାରେ ପ୍ରୀତ । ସର୍ପ ପବନ ଭକ୍ଷଣ କରିବା ହେତୁ । ସେହି ଗୁଣ ମୋଠାରେ ବଢ଼—ସର୍ପର ଦଂଶନ ଗୁଣ ତାହାକୁ ମୋଠାରେ ବଢ଼ୁଛି ବା ତାହାର ସଂସର୍ଗଗୁଣକୁ ଅବଲମ୍ବୁଛି । ଅହେ ପବନ, ତୁମ୍ଭେ ଜଗତଜୀବନ—ସଂସାରର ପ୍ରାଣ ଏବେ ମୋର ଜୀବନ ନେବାକୁ ହେଉଛ । ଜୀବନ—ଜଳ । ଯେ ଜୀବମାନଙ୍କର ଜୀବନ ! ସେ ଯେପରି ସନ୍ନିପାତ ବିକାରରେ ଜୀବନକୁ ନାଏ ସେହି ପ୍ରକାରରେ ପବନ ଜୀବନ ହୋଇ ଏ ଅବସ୍ଥାରେ ମୋର ଜୀବନକୁ ନେଉଛୁ ।

୨୦ । ଯହିଁ ତହିଁ—ଯେ କୌଣସି ସ୍ଥାନରେ । ମଧୁକାଳ ହୋଏ—ବସନ୍ତକାଳ ହେଲେ । ତୋତେ—ତୋଠାରେ । ଦକ୍ଷିଣ ଶବ୍ଦ ପ୍ରକଟେ, ଏ ଦକ୍ଷିଣ ପବନ ଏମନ୍ତ କୁହାଯାଏ । କିନ୍ତୁ ପ୍ରକୃତରେ ତୁ ଦକ୍ଷିଣ ନୋହୁ ବାମ, ସେହି ହେତୁରେ—ସମୁଦ୍ରବନ୍ଧନ କରିବା କାରଣରେ ମଳୟ ପର୍ବତକୁ ଉପାଡ଼ି ନ ନେଇ ରଖିଲେ ସେମାନେ ତ ମର୍କଟ ତାଙ୍କୁ କଣ ନିନ୍ଦିବ; ସେ ତ ମର୍କଟ—ମାଙ୍କଡ଼ ବୁଦ୍ଧିହୀନ, ବଣ ଜନ୍ତୁ । ଏହିହେତୁ ମଳୟ ପର୍ବତକୁ ରଖିଲେ । ମଳୟ ପର୍ବତ ସେତେବେଳେ ବନ୍ଧରେ ପୋତା ହୋଇ ଥାଆନ୍ତା ତୁ ଆଜି କାହିଁ ଜାତ ହୋଇ ଆସନ୍ତୁ । ଯେଣୁ କର ତୁ ତହିଁରୁ ପୋଡ଼ୁଛୁ । ତୁ ମନ୍ଦ ହେବାରୁ ତେଣୁ ମନ୍ଦ ମରୁତ ବୋଲୁଛି । ତୁ ପବନ

ମନ୍ଦ ମରୁତ ! ହୋଇଛନ୍ତି ଯେଣୁ ତନୁ ପୋଡ଼ୁ ।
ଦେବତା ହୋଇଲେ ପୁଣି ମାତାଗୁଣ ଗ୍ରହଣ ପାରନ୍ତି ନ ଗୁଡ଼ୁ ।୨୦।
ଲାଗିଲେ କାହା ବ୍ୟଥିତ ନ କରୁ ଜାତେ ତୋହର ଖଣ୍ଡିଭୂତ ।
ଏତେକ ବିବେକ ଇନ୍ଦ୍ରର ନୋହିଲା ଦେହରୁ ହେବ ବଳବନ୍ତ ।
ଜଳ ପବନ । ଏକ ସିନା ସ୍ତୁତି ନ ଘେନ ।
ରାମଚନ୍ଦ୍ରଙ୍କୁ ଜଣାଥାଉଛି ନିଶ୍ଚଳ ହେବ କଳ୍ପକାଳେ ଜୀବନ ।୨୧।

---

ଦେବତା ବନ୍ଧୁ ତୁ ମାତା ଦିତିର ଗୁଣ ( ଅସୁର ଗୁଣକୁ ) ବର୍ଜୁଛୁ; ଯେପରି ବିଭୀଷଣ ସୁମାଳି ଦୈତ୍ୟର କନ୍ୟା ନିକଷାର ଗୁଣକୁ ବର୍ଜିଲା । ଚିତା ବିଶ୍ୱବାସ୍ତୁ ଗୁଣ ଗନ୍ଧ କରୁ ଗ୍ରହଣର ନ ଥାଏ; ସେହିପରି ହେ ପବନ ତୁ କଶ୍ୟପଙ୍କର ପୁତ୍ର ହୋଇଲେହେଁ ତୁ ତୋର ମାତା ଅସୁର ବଂଶର ଗୁଣକୁ ବର୍ଜୁଛୁ ତେଣୁ ସବୁରି ଅନନ୍ତ କରୁଛୁ ।

୧୯ । ଲାଗିଲେ—ହେ ପବନ ତୁ ଦେହରେ ଲାଗିଲେ । ବ୍ୟଥିତ—ପୀଡ଼ିତ । ଖଣ୍ଡିଭୂତ—ଖଣ୍ଡିଆ ହୋଇ । ଦିତି ଯୋଗେ ବଳବନ୍ତ ପୁତ୍ର ଲାଭ କରିବା ନିମନ୍ତେ କଶ୍ୟପଙ୍କୁ ପ୍ରାର୍ଥନା କରିଥିଲେ; ତହୁଁ ସେ ସନ୍ତୁଷ୍ଟ ହୋଇ ତାଙ୍କୁ କହିଲେ ତୋର ବଳବନ୍ତ ପୁତ୍ର ହେବ ଯଦି ତୁ ମଦନ ଏକାଦଶୀ ବ୍ରତ ପାଳନ କରିବୁ । ଦିତି ବ୍ରତ ପାଳନ କରି ରହିଲେ । ତାଙ୍କ ଗର୍ଭାବସ୍ଥାରେ ଥରେ ତାଙ୍କ ମୁଣ୍ଡବାଳ ଖୋଲିହୋଇ ପଡ଼ିଲାରୁ ଇନ୍ଦ୍ର କପଟରେ ତା ପେଟରେ ପଶି ଗର୍ଭକୁ ସାତଖଣ୍ଡ କରି କାଟିଲେ—ସେ ଶିଶୁମାନେ କାନ୍ଦିଲେ, ପୁଣି ପ୍ରତ୍ୟେକ ଖଣ୍ଡକୁ ୭ ଖଣ୍ଡ କରି କାଟିବାରୁ ସେମାନେ ୪୯ ଖଣ୍ଡ ହେଲେ । ଦିତିଙ୍କ ଚେତନା ଆସିବାରୁ ସେ କାଳେ ଅଭିଶାପ ଦେବେ, ତହୁଁ ଇନ୍ଦ୍ର ତାଙ୍କୁ ପ୍ରାର୍ଥନା କଲେ; ସେ ଇନ୍ଦ୍ରଙ୍କୁ କହିଲେ ଦୈବର ଗତି ଅଲଙ୍ଘନୀୟ, କିନ୍ତୁ ସେମାନେ ବଳବନ୍ତ ହୋଇ ତୋ ପକ୍ଷରେ ବସ୍ତାର ରହିବେ । ଏତେକ ବିବେକ—ଏତେକ ବିଚାର ! ଦେହ ବା ଦେହ ହେବାରୁ—ଦେହ ରହିଲେ ବଳବାନ ହେବ, ଏହା ଇନ୍ଦ୍ରର ବିଚାର ହୋଇ ନାହିଁ ସେ ତାକୁ ଅଣଚାଶ ମୂର୍ତ୍ତି ଦେଲେ । ଜଳ ଓ ପବନ, ତୁମ୍ଭ ଦୁହିଁଙ୍କର ସ୍ୱଭାବ ଏକ, ତହିଁ ତୁମ୍ଭେ ଦୁହେଁ ସ୍ତୁତି କଲେ ପ୍ରସନ୍ନ ହୁଅ ନାହିଁ । ରାମଚନ୍ଦ୍ରଙ୍କୁ... ଜୀବନ—ସମୁଦ୍ର ପାରିହେବା କାଳରେ ରାମଚନ୍ଦ୍ର ଜଳଦେବତା ବରୁଣଙ୍କୁ ସ୍ତୁତି କରି କହିଥିଲେ ମୋର ସମୁଦ୍ର ତରଣକୁ ସୁଗମ କରିଦିଅ, ସେ ସ୍ତୁତି ନ ଶୁଣିଲାରୁ ରାମଚନ୍ଦ୍ର କ୍ରୁଦ୍ଧ ହୋଇ ସମୁଦ୍ରକୁ ଧ୍ୱଂସ କରିବାକୁ ଉଦ୍ୟତ ହୁଅନ୍ତେ ସେ ଆସି ଶରଣ ପଶିଲା ଓ ସମୁଦ୍ରବନ୍ଧନର ସୁବିଧା କରିଦେଲା । ନିଶ୍ଚଳ—ସଞ୍ଚୁପାନି, ବଳଶାଳୀ; ସେହିପରି ତୋ ଠାରେ ଦୟା ନ ହେଲେ ତୁ ଶୁଣିବୁ ନାହିଁ ।

ପୁଣି ଶୁଣି ପିକବାଣୀ ଗୁଣି ଜଇମିନୀଙ୍କ ମଣି ବଜ୍ରଘାତ ।
ଚେତନାବଶେ ଅବଶେ ବସେ ଘୃଣେ ମୋ ହୃଦରୁ ହର୍ଜି ମହତ ।
ମୁଁ ଯେ ଅବଳା । ମୋ ବଧ ଜଗତେ କଳଙ୍କ ।
ବକୁଳଆସବ ଅଶ୍ରୁ ଦ୍ୱିଜ ହେଲେ ହୋଇଲୁ କି ଜ୍ଞାନ-ବିନାଶ ।୨୨।
ପଞ୍ଚମସ୍ୱରେ ତୋ ପଞ୍ଚଶର ଥିଲା ପଞ୍ଚଷ୍ଟ ଇଚ୍ଛା କରି ମୋର ।
କଳକଣ୍ଠ ନାମ ଅନ୍ତ୍ୟ ବର୍ଣ୍ଣ ଏବେ ଅନ୍ଲେଷ ଭଲ କି ଅକାର
ଥରେ ଜାଣି ମୁଁ । ନ ଥିଲି ଏମନ୍ତ କୋକିଳଣି ।
ବ୍ୟାଧ ପୋଷି ବଧ କରୁଥିଲେ ତୁ କି ମାଁ ଦେଖାଉ ବଡ଼ପଣ ।୨୩।

---

୨୨ । ପିକବାଣୀ—କୋଇଲିସ୍ୱର । ବଜ୍ରାଘାତ ମଣି—ବଜ୍ରପଡ଼ିବା ଭାଳି । ଜଇମିନୀଙ୍କ ଗୁଣି—ଜୈମିନି ଋଷିଙ୍କୁ ଗୁଣକୁ—ଜୈମିନି ଋଷି ବଜ୍ର ନିବାରକ ଅଟନ୍ତି । ଅଗସ୍ତ୍ୟଶ୍ଚ ପୁଲସ୍ତ୍ୟଶ୍ଚ ବୈଶମ୍ପାୟନ ଏବ ଚ । ସୁମନ୍ତୁ ର୍ଜୈମିନିଶ୍ଚୈବ ପଞ୍ଚୈତେ ବଜ୍ରବାରଣାଃ ; ମୁନେଶ୍ଚ ଜୈମିନେଶ୍ଚ ଖାଣ୍ଡ୍-ନେନ ବିଦ୍ୟୁଦଗ୍ନିଭୟଂ ନାସ୍ତି ପଠିତେନ ଗୃହୋଦରେ । ଚେତନାବଶେ—ଚୈତନ୍ୟ ଥିବା ପରେ । ଅବଶେ—ବଳହୀନତାରୁ । ହୃଦରୁ—ନାଶରୁ । ମହତ—ବଡ଼ଲୋକପଣ 'ମହତ୍ତ୍ୱ ସାଧୁତ୍ୱର' । ଅବଳା—ସ୍ତ୍ରୀ । ମୋତେ ମାରିବାର ତୋର ଉଚିତ ନୁହେଁ । ଧର୍ମବନ୍ତ ଲୋକ ସ୍ତ୍ରୀବଧ କରନ୍ତି ନାହିଁ ; କାରଣ ସ୍ତ୍ରୀବଧ ମହାପାତକ ମଧ୍ୟରେ ଗଣ୍ୟ ! ମନ୍ଦଂ ପ୍ରମତ୍ତମୁନ୍ମତ୍ତଂ ସୁପ୍ତଂ ବାଳଂ ସ୍ତ୍ରିୟଂ ଜଡ଼ଂ । ପ୍ରପନ୍ନଂ ବିରଥଂ ଭୀତଂ ନ ରିପୁଂ ହନ୍ତି ଧର୍ମବିଦ୍—ଭା । ବକୁଳ ଆସବ—ବକୁଳମଦ୍ୟ । ଅଶ୍ରୁ—ଅଶନକୁ-ଭୋଜନକୁ ଦ୍ୱିଜ ହେଲି—ପକ୍ଷୀ ଓ ବ୍ରାହ୍ମଣ ହେଲେ ଜ୍ଞାନ ବିନାଶ ହୋଇଲୁ । ଶବ୍ଦ ଛଳରେ ବିପ୍ରକୁ ବୁଝାଇଲା । ଦ୍ୱିଜ ମଦ୍ୟ-ପାନ କଲେ ମହାପାତକୀ ହେଲେ ; ତୁ ମହାପାତକୀ ।

୨୩ । ରେ କୋକିଳ—ତୋର ପଞ୍ଚମ ସ୍ୱରରେ କାମର ପଞ୍ଚଶର—ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲିକା, ନୀଳୋତ୍ପଳ ବା ଉନ୍ମାଦନ, ମୋହନ, ବଶ, ସ୍ତମ୍ଭନ ଉଚ୍ଚାଟନ । ପଞ୍ଚଷ୍ଟ—ସ୍ପଷ୍ଟ । ଅନ୍ଲେଷ—ଯୋଗ । କଳକଣ୍ଠର ଅନ୍ତ୍ୟ-ବର୍ଣ୍ଣରେ ଅକାର ଯୋଗ କଲେ ତୁ କାଳକଣ୍ଠ ହେଲୁ । ତୋତେ କଳକଣ୍ଠ କହନ୍ତି—କଳ—ଅସ୍ଫୁଟ ମଧୁର ଧ୍ୱନିଯୁକ୍ତ ତୋର ସ୍ୱରକୁ କହନ୍ତି, ତାହା ଭୁଲ । ବସ୍ତୁ ତୁ କାଳକଣ୍ଠ—ବିଷସ୍ୱର ତୁ । ଏହା ମୁଁ ଜାଣିଥିଲେ ବ୍ୟାଧ—ଶବର । ବଧ—ହତ୍ୟା । ବଡ଼ପଣ ଅହଙ୍କାର ।

କୁସୁମଶରକୁ ପୁଣି ବୋଲୁଅଛୁ ହତ୍ୟା ଦେଉଣ୍ଡୁ କି ମୋହର ।
ଏ କର୍ମ କରାଇ ମନ କାଢ଼ ହୋଇ ମନ୍ମଥ ପଦ ପୁରସ୍କାର ।
ତୁ କି କସ୍ତୁରୀ—ଠାରୁ ଏ ଦୀକ୍ଷାକୁ ପାଇଲୁ ।
ପଞ୍ଚସମ୍ଭବ ଅଚେତନ ଦ୍ରବ୍ୟ ସଙ୍ଗେ ବିଷୟରେ ତୁଳନା ହୋଇଲୁ ।୨୩।
ଯେ ବୋଲେ ମାର ତାହାକୁ ତୁହି ମାର ନ ମାର ବୋଲେ ମୁଁ କାରଣେ ।
ମୋ ତନୁ ନାଶ କରି କାମ କରିବୁ କାହିଁ ବିଚାର କରୁ ଏତେ ।
ଦେଖ ଅନଳ ଜାମ୍ବୁକୁ ନଷ୍ଟ କରି ଲିଭେ ।
ପ୍ରେତ ହେବାକୁ ପ୍ରେତପତି ସମୀପେ ନେବା ବିଚାର କରୁ ଏବେ ।୨୪।
ଯାହା ତୁମର ଚେତେ କିଛି କରିବ ସ୍ମରିବୁ ନୋହେ ଏ ହେଉର ।
ଯାହାଙ୍କୁ ମାର ଗର୍ବିଲୁ କେତେ ଲୁଚି ପ୍ରାପତେ ହେଲନ ତୋ ପୋହାର ।

---

୨୩ । କୁସୁମଶରକୁ—କନ୍ଦର୍ପକୁ । ତୁ ଦଣ୍ଡ ମୋର ହତ୍ୟା ଦେଉଛୁ । ତୁ ମୋ ମନକୁ କାଢ଼ ହୋଇ ମୋ ମନକୁ ମଥୁଛୁ । ମନ୍ମଥପଦ ପୁରସ୍କାର—ମନକୁ ମନ୍ଥିବା ହେଉଛି ଏ ଅର୍ଥ । ଏ ତୋର ପୁରସ୍କାର କି ? ପୁରସ୍କାର ଅର୍ଥରେ । ତୁ କ ଏହି ସଙ୍ଗ ଗୁରୁଙ୍କଠାରୁ ପାଇଲୁ । ଜଡ଼ରୂପୀ ପଞ୍ଚସମ୍ଭବ—ପଞ୍ଚଠାରୁ ଜାତ—ସେ ପୁଣି ଅଚେତନ ଦ୍ରବ୍ୟ । ମୋ ବିଷୟରେ ତୁ ତାର ତୁଳନା ହେଲୁ । ଜଡ଼ରୂପୀ ହେଉଛି ମୁଁ ନାଶ ଯାଏ, ସେହିପରି ତୁ ମନକୁ କାଢ଼ ହୋଇ ମନକୁ ମଥୁଛୁ ।

୨୪ । ଯେ ତୋତେ ମାର—କନ୍ଦର୍ପ ବୋଲି କହେ ତାକୁ ତୁହି ମାର—ନାଶ କର । କାରଣେ ସର୍ବଦା କହୁଛି ତୁ ମାର କାହିଁ ! ତନୁ—ଦେହ । ଅନଳ—ଅଗ୍ନି । ଜାମ୍ବୁକୁ ପୋଡ଼ି ପକାଇ ନିଆଁ ନିଭିଯାଏ ତୁ ମୋତେ ମାଇଲେ ତୁ ନିଜେ ମରିବୁ । ତୁ ପ୍ରେତ । ପ୍ରେତପତି—ଯମ । ମୋତେ ମାରି ଯମ ନଗରକୁ ନେବୁ ଏପରି ବିଚାର କରୁଛୁ ।

୨୫ । ଯାହା ତୁମର—ତୁ ଶ୍ରୀକୃଷ୍ଣଙ୍କ ପୁତ୍ର । ଚେତେ ସ୍ମରି—ତୋର ବାପର ସ୍ତ୍ରୀବଧ କରିବାର ଚେଷ୍ଟେ ଶିକ୍ଷି ତୁ କି କରୁ ସ୍ମରିଲୁ । ଏ ତୋର ବେଲାର ଗ୍ରନ୍ଥେ ଏହି ନ୍ୟାୟରୁ ତୁ ମୋତେ ମାରିବାର ମୂଳ କଲୁ । "ମୋ ବାପ ତ ପୁତନା ବଧ କରିଛନ୍ତି, ମୁଁ ବି ତୁଳେ ସ୍ତ୍ରୀବଧ କରିବି ।" ଲୁଚି—ସମର୍ପି । ହେ କନ୍ଦର୍ପ, ଯାହାଙ୍କୁ ତୁ ମାର ସେଥିରୁ ତୋର କେତେ ସମ୍ପଦ ପ୍ରାପ୍ତି ହୋଇଛି । ଏହି ସୁକୃତରୁ—ଏହି ଭଲ କାମରୁ (ବ୍ୟଙ୍ଗୋକ୍ତି) ନିଷ୍ପୁଣ୍ୟ ପୂର୍ବେ ଲୁଚି ରୂପ ପାଇଥିଲୁ—ମହାଦେବଙ୍କଠାରେ ଏବ ପ୍ରସ୍ତୋଭ ନୟନକୁ ଭସ୍ମ ହୋଇଯାଇ ଲୁଚି ହେଲୁ । "ଲୁଚି ସ୍ୱରୂପ ପାଠରେ—

ମୁଁ ତା ଗୁଡ଼ାଉଛି । ଏହି ସୁହୃଦଙ୍କୁ ଶସ୍ତ୍ର ।
ପୂର୍ବରେ ଭୂତ ସ୍ୱରୂପ ହୋଇଥିଲୁ ଅନୁଚିତ ଚିତ୍ତ-ଉଦୟ ।୨୬।
ବେଗ ଭସ୍ମ ଶମ୍ଭୁ କେଶବଙ୍କୁ ରଖିଲେ ଅପଶାର ବାଧ ଏ କଥା ।
ସର୍ବ ସର୍ବଜ୍ଞତା ଦଙ୍କ କଥା ପୁଣି  କାହିଁକି କଲେ ସେ ଅନ୍ୟଥା ।
ନାହିଁ ଶୋଚନ । ହେଲେ ହେଲି ମୁଁ ପ୍ରାଣହୀନ ।
ପୁଣି ଜାଣିବେ  କଳ୍ପବୃକ୍ଷ ସ୍ଥାପିବା ଉମା କରବା ଦାନ ମାନ ।୨୭।
କାମୀର ଭକ୍ତି ଦେବତାରେ ବିଶ୍ୱାସ ନିଶ୍ୱାସ ଦୁଇ କଥା ନାହିଁ ।
ସିନ୍ଧୁ ଗର୍ଭରେ ଶମ୍ବର ଭୁଞ୍ଜାଇଲା ତେବେ ବଞ୍ଚିଲୁ ଜାଣିବ ଶୁଣ ।

---

ଭସ୍ମ ସ୍ୱରୂପ" । ଅନୁଚିତ ଚିତ୍ତ ଉଦୟ—ଅନୁଚିତ ବିଷୟରେ ମନ ଦେବା ଦେଖୁ ତୁ ଭୂତ ବା ଭସ୍ମ ହୋଇଥିଲୁ ବା ମୋର ତୋତେ ଅନୁନୟରେ ମୁଁ ଅନୁଚିତ ବିଷୟରେ ମନ ଦେଉଛି ।

୨୭ । ବେଗ, ଭସ୍ମ ଓ ଶମ୍ଭୁ କେଶବଙ୍କୁ ରଖିଲେ ଅର୍ଥାତ୍ ପୂର୍ଣ୍ଣ ଭାବରେ ନାଶ ନ କଲେ ଅପଶାର ବାଧ—ହାନି; ଏ କଥା—ଏହି ବିଷୟ ସର୍ବ—ମହାଦେବ ସେ ସର୍ବଜ୍ଞତା—ସମସ୍ତ ବିଷୟ ଜାଣନ୍ତି, ତ୍ରିକାଳଦର୍ଶୀ । ଦଙ୍କ କଥା—ସେ ତୋତେ ଭସ୍ମ କରି ଦେଇଥିଲେ ପୁଣି କାହିଁକି ତୋତେ ଜୀବନ୍ୟାସ କଲେ; ତୋତେ ଜୀବନ ନ ଦେଇଥିଲେ ତୁ ଆମ୍ଭମାନଙ୍କୁ ଏପରି ପୀଡ଼ା ଦେଉଥାନ୍ତୁ କି ? ମୁଁ ପ୍ରାଣହୀନ ହେଲେ ହେଲି, ଏଥିକୁ ମୋର ଶୋଚନା ନାହିଁ । ଉମା ଯେ ପାର୍ବତୀ ସେ ମାନ ଦଣ୍ଡବନ କଳ୍ପବୃକ୍ଷ ସ୍ଥାପିବାର ଫଳ ପୁଣି ଜାଣିବେ । କଳ୍ପବୃକ୍ଷ ପରି ଯେ ତୁ ତୋତେ ସଂସ୍ଥାପନା କରିବାର ଫଳ ପାଇବେ । ଏ ଦୁଷ୍ଟ କନ୍ଦର୍ପକୁ ଜୀବନ୍ୟାସ କରିବାରୁ ମୋତେ ପୀଡ଼ା ଦେଲୁ । ୨୮ । କାମୀ—କାମନା ଓ କାମୀ ଦୁର୍ଦ୍ଧର । ଦେବୋଶି ଦେବତାଠାରେ ନିଶ୍ୱାସ ବିଶ୍ୱାସ ଏ ଦୁଇ କଥା ନାହିଁ । କାମନା ଓ କାମୀ; ଦ୍ୱନ୍ଦ୍ୱ ସମାସରେ ପୂର୍ବପଦ ଏକଶେଷ ହୋଇଯାଏ । ଦେବତା-ନ୍ତରେ ବିଶ୍ୱାସ ନିଶ୍ୱାସ ଏ ଦୁଇ କଥା ଥିଲେ ତୁ ନାଶ ଯାନ୍ତୁ । ଏହି ଦୁଇ କଥା ନ ଥିବାରୁ ତୁ ନାଶ ନ ଯାଇ ରହିଲୁ । ତୋର ପ୍ରଦ୍ୟୁମ୍ନ ରୂପରେ ରୁକ୍ମିଣୀଙ୍କ କୋଳରେ ଜନ୍ମ ହୁଅନ୍ତେ ଶମ୍ବରାସୁର ତୋତେ ଅନ୍ତଃ-ଶାଳୁ ଚୋରାଇ ନେଇ ସମୁଦ୍ରରେ ପକାଇ ଦେଇଥିଲା । ତୋତେ ମାଛ ଗିଳି ଦେଇଥିଲା; ସେହି ମାଛକୁ କେଉଟ ଧରି ଶମ୍ବରାସୁରକୁ ଭେଟି ଦେଇଥିଲା । ମାଛ ଫାଡ଼ନ୍ତେ ତୁ ସୁନ୍ଦର ଶିଶୁ ରୂପରେ ବାହାରିଲୁ । ଶମ୍ବରାସୁର ରତିକୁ ବଳପୂର୍ବକ ନିଜ ଘରେ ସ୍ତ୍ରୀ କରିବା ଉଦ୍ଦେଶ୍ୟରେ ରଖିଥିଲା । ଏ ଶିଶୁ ତୋର ସ୍ୱାମୀ କନ୍ଦର୍ପ ଜାତ ହୋଇଅଛି—ଏହା

ଏତେକ ଭଣୁ ଦେଖି । ଖର ଶ୍ୱାସ ଛାଡ଼ି ମଜ୍ଜନ ।
ଅଳୀ ଅଙ୍କେ ଢଳି ପଡ଼ନ୍ତେ ହେଳକୁ କର୍ଣ୍ଣେ ଫୁଙ୍କି କଲେ ଚେତନ । ୨୮ ।
ସଲିଳ ସିଞ୍ଚିଲେ ସଧୀରେ ବସିଲେ ପଲ୍ଲବଶଯ୍ୟାରେ ଶୁଆଇ ।
ଦେଲେ ମୃଣାଳ ବ୍ୟାଳ ମଣି ଚମକି ସୁପର୍ଣ୍ଣ ସୁପର୍ଣ୍ଣ ବୋଲାଇ ।
ଲଗେ ଭଜନ । ଶିବ ଶିବ ବୋଲି ବନିତା ।
ଗଳାର ହାର ଜଳୁ ଜଳୁ ତାହାର ଫୁଟି ଯାଇଗଲେ ମୁକୁତା । ୯ ।
ଶକୁନ୍ତଚୟ ତା ତଦ୍ଦଶା ଅନାଇଁ ତୁରିତେ ଏମନ୍ତ ଅଟବି ।
ଦୂର କରିଣ ଶୁକ ସାରୀ ପଞ୍ଜରୀ ଉପାଡ଼ିଲେ ପୁଷ୍ପମଞ୍ଜରୀ ।
କଳାକବାଟି । ଝଣୀର ବାଟି କଲେ ଦୃଢ଼ ।
ବାହୁଡ଼ିଲେ ନବବଧୂ ବିଧୁ ଦେଖି ନ ଦେଖିବ ଏହା ଭାବ ତ । ୩୦ ।

---

ନାରଦଙ୍କଠାରୁ ଶୁଣି ରତି ତାକୁ ଯୌବନରେ ବଢ଼ାଇ ସମସ୍ତ ବିଦ୍ୟା ଶିଖା ଦେଇ ଶମ୍ବରାସୁରକୁ ତୋ ସ୍ୱାମୀ ମରାଇଥିଲେ । ତୋର ଜୀବନ ଅଛି, ସମୁଦ୍ରରେ ପଡ଼ି ମୁହାଁ ବଞ୍ଚିଲା । ଖରଶ୍ୱାସ—ଜୋରରେ ନିଃଶ୍ୱାସ ପକାଇ । ମଜ୍ଜନ—ବୁଡ଼ ଦେଇ ରହିଲେ । ଅଳୀ—ସଖୀ । ଅଙ୍କେ—କ୍ରୋଡ଼ରେ । ଚେତନ—ସଞ୍ଜ୍ଞା ଆଣିଲେ । ୨୯ । ସଲିଳ—ଜଳ । ସଧୀରେ—ଅସ୍ତେ ଅସ୍ତେ । ପଲ୍ଲବ ଶଯ୍ୟାରେ—କଅଁଳିଆ ପତ୍ରର ବିଛଣାରେ । ମୃଣାଳ—ପଦ୍ମନାଡ଼ । ବ୍ୟାଳ—ସର୍ପ । ସୁପର୍ଣ୍ଣ—ଗରୁଡ଼ । ସର୍ପକୁ ଭୟ ପାଇବା ନିମନ୍ତେ । ଶିବ—ମହାଦେବ—ମଙ୍ଗଳ କରନ୍ତୁ ବୋଲି ଭଜନ କଲେ । ବନିତା—ସ୍ତ୍ରୀ । ମୁକ୍ତାହାର ଗଳାରୁ ତାହାର ଜଳିବାରୁ, ଶରୀରର କାମାଗ୍ନି ଯୋଗରେ ସେ ଫୁଟି ଯାଇଥିଲେ । ମୃଣାଳ ଓ ମୁକ୍ତା ଶୀତଳ ଉପଚାର ପ୍ରସିଦ୍ଧ ।

୩୦ । ଶକୁନ୍ତଚୟ—ପକ୍ଷୀମାନେ । ତଦ୍ଦଶା—ଅବସ୍ଥା । ତୁରିତେ—ଶୀଘ୍ର । ଅଟବି—ଭଲେ । ଶୁକ ସାରୀ ପଞ୍ଜରୀ ବୃକ୍ଷକୁ ଦୂରକୁ ନେଇଗଲେ । ପୁଷ୍ପମଞ୍ଜରୀ—ଫୁଲ ଲତାମାନଙ୍କୁ । କଳାକବାଟି—ଝରକା ଫାଙ୍କ । ଝଣୀର—ବେଣାରେର । ଦୃଢ଼—ବନ୍ଦ କଲେ । ନବବଧୂ—ନୂତନ ବାଳା । ବିଧୁ—ଚନ୍ଦ୍ର । ଦ୍ୱିବିଧ; ଅଲମ୍ବନ ଓ ଉଦ୍ଦୀପନ । ନାୟକର ନାୟିକା ଓ ନାୟିକାର ନାୟକ । ଅଲମ୍ବନ—ଯାହାକୁ ଆଶ୍ରୟ କରି ରତ୍ୟାଦି ଭାବ ଜନ୍ମେ । ଶୁକ ସାରୀ ଓ ଚନ୍ଦ୍ରାଦି ଉଦ୍ଦୀପକ ବିଭାବ, ସେ ଭାବକୁ ତେଜାଇ ଦିଏ । ଶୁକ ସାରୀଙ୍କ କଥା ଶ୍ରବଣ ଓ ପୁଷ୍ପ ଲତାରେ ପୁଷ୍ପ ଦର୍ଶନ ତଥା ଚନ୍ଦ୍ର ଦର୍ଶନ, କାମପୀଡ଼ା ବଢ଼ାଇବ । ବେଣାରେର ବାଟି କଳାକବାଟି ବନ୍ଦ କରିବାରେ—ଚନ୍ଦ୍ର ଦେଖା ହେବ ନାହିଁ ଓ ଶୀତଳ ହେବ ।

କହେଣ ବୋଇଲା ଅଛ ଯତ୍ନ କରି ସ୍ତ୍ରୀ ଗୋପ୍ୟ ମନ୍ଦିରେ ରଖିଥିବା ।
ଚେଳ କହେ ଜନନୀ ହରିଣ୍ୟ ସେକାଳେ ହେଲେ କି ଲୁଚି ପୁ କରିବା ।
କର୍ଣ୍ଣ ସଜନୀ । ବୋଇଲା ଏ ବଗୁର ଭଲ ।
ଯାସ ଦଆଇ ଶଶ କୃଶ ହୁଇବା ମାଡ଼ିବସୁ ଚନ୍ଦ୍ରମଣ୍ଡଳ । ୩୧ ।
ଚେଢ କହେ ଏ ବିଷ୍ଟି ଚେନ,ହେ ଗଗନକୁ ଚେବ ପୁଣି ଉଇବ ଗମନ ।
ଗ୍ରହ ଯୋଡ଼ ହେବା ନିମିତ୍ତ ଉଇବା ତଣ୍ଡ ଦେବତା ଙ୍କ ପ୍ରସନ୍ନ ।
ଶୁଣି ସେ ବୋଲେ । ସେ ପାପ ଶରୀର ଅମର ।
ସିଂହିକା ସୁତ ଉଦରକୁ ଶିବଛ ପରି ହନୁମାନ ପ୍ରକାର । ୩୨ ।
କାନ୍ତିର ସଖୀ ବୋଇଲା ସର୍ବପର ବସ୍ତୁର ଏଥି ରେ ସଜନି ।
କି ମନେ ଦୃଶ କରନ୍ତାଇଁ ରହନ୍ତା ଏ ସୁତ୍ରର ଦାରଣ ରଜନୀ ।
ମହାମାନିକ । ଜନମାନଙ୍କୁ ତୋ ସଗ୍ଭର ।
ମନ୍ଦାକିନୀ ବୋଇଲା ଏଥୁଁ ଉତ୍କୁଁ ଭଲ କାମା ବୃଥା କରୁର । ୩୩ ।

---

୩୧ । ଗୋପ୍ୟ ମନ୍ଦିରେ—ଗୁପ୍ତ ସ୍ଥାନରେ; ଗମ୍ଭୀର ଘରେ । ଶଶକୁ—ଠେକୁଆକୁ; ଭଲ ଘାସ ଖୁଆଇଲେ । ତା: କୃଶ ହୁଇବା—ତାକୁ ମୋଟା କରି ଦେବା, ତେଣୁ ସେ ଚନ୍ଦ୍ରଙ୍କ ଦେହସାରା ବ୍ୟାପିଯିବ—ତହୁଁ ଚନ୍ଦ୍ର ଦର୍ଶନରେ ବ୍ୟାମପୀଡ଼ା ହେବ ନାହିଁ ।

୩୨ । ଗଗନକୁ—ଆକାଶକୁ ଯାଇ ମୋଟା ଠେକୁଆ ଗ୍ରାସ କଲେ ସେ ଚନ୍ଦ୍ରମଣ୍ଡଳ ବ୍ୟାପିବ—ସେ କଥା ହେବ ନାହିଁ । ରାହୁର ମୁଣ୍ଡ କେବଳ; ସେ ଚନ୍ଦ୍ରକୁ ଗିଳିଦିଏ, କିନ୍ତୁ ଚନ୍ଦ୍ର ଗଳିପଡ଼େ । ଉପ୍ସରିଲ ଉଭିଲ୍ଲ ପଡ଼ିବ ଦୁଇଫାଳ ହୋଇ ଯାଇଥିଲା, ଜଣ ଦେବତା ତାକୁ ଯୋଡ଼ି ଦେଇଥିଲେ । ସେହି ଉଣ୍ଡ ଦେବତାଙ୍କୁ ଉପାସନା ଓ ବ୍ରତାଦି ଦ୍ୱାରା ସନ୍ତୁଷ୍ଟ କରାଇଲେ ସେ ଗ୍ରହ ଓ କେତୁକୁ ଯୋଡ଼ି ଦେବେ, ତହୁଁ ଚନ୍ଦ୍ରକୁ ଗ୍ରାସ କଲେ ସେ ତା ଉଦରରେ ନଷ୍ଟ ହୋଇଯିବ । ସେହି ଚନ୍ଦ୍ରର ପାପ ଶରୀର—ଅମର—ନାଶ ହେବାର ନୁହେଁ । ହନୁମନ୍ତ ଲଙ୍କାକୁ ଯିବାବେଳେ ବାଟରେ ସିଂହିକା ତାକୁ ଗିଳି ପକାଇଲା । ହନୁମାନ ରାମନାମ ଉଚ୍ଚାରଣ କରି ତା ପେଟକୁ ଚିରି ବାହାରି ପଡ଼ିଥିଲା । ସେହିପରି ଏ ଅମର ଚନ୍ଦ୍ର ସିଂହିକା ସୁତ—ରାହୁ ତାର ପେଟକୁ ଚିରି ବାହାରି ଆସିବ ।

୩୩ । ସର୍ବପର—ସବୁଠାରୁ ଶ୍ରେଷ୍ଠ । "ସର୍ବୋପର ପାଠର ଅର୍ଥ ସବୁ ଉପରେ, ସବୁଠାରୁ ବଳି" । ଏଥିର କି ମନ୍ତ୍ର ଅଛି ଯାହା ବଳରେ ଏ ନଅରେ ଦାରୁଣରଜନୀ—ଅମାବାସ୍ୟା ରାତି । ମହାମାଣିକ—ବଡ଼ମାଣିଆକୁ । ଏଥୁ ଉତ୍କୁ—ଏଥିଠାରୁ ଅଧିକ ।

ବନ୍ଧ ହୋଇ ବିଷ ହୋଇବ ଅଗ୍ନିଙ୍କ ବର୍ମ ପିନା ଯୋଗ କହବ
ସାଗର ମନ୍ଥନ ଗରଳ ପାଇଲେ ଯୋଗ କଲେଟି ମହାଦେବ ।
ଶୁଣି ଏ ବାଣୀ । ସମସ୍ତେ ହୋଇଲେ ପ୍ରମାଣି ।
ଶୈତ୍ୟପଦେଷ୍ଟା ରେ ଏହା ଅବଲମ୍ବ ବୋଲି କହେ ଭଲେ ଦାରୁଣ । ୩୪ ।
ଲାବଣ୍ୟନିଧିର କି ବ୍ୟାଧି ବୁଝି ଏ ଶବ୍ଦ ରାଜା ରାଣୀ ଶୁଣିଲେ ।
ନଦାଭ କଞ୍ଚୁକ ଶିକସ୍ତ ମନ୍ତ୍ରୀଙ୍କ ଦ୍ୱିକସ୍ତ ଭରଭ ଆଣିଲେ ।
ଶୁଣି ଏହି ଯାଇଁ । ଦେଖିଲେ ରମଣୀ ରତନ ।
କରତା ମୁଦ୍ଗୁମୂଳ ଅଗେ କହିଲେ ଏ କୁବ୍‌ଜୁ ଏହି ବିଧାନ । ୩୫ ।
ରସ ବିନା ଏ ନ ଘୁଞ୍ଚିବ ଲୁଚିବ ମଧୁର ଅଧର ହୋଇଲେ ।
ଶାନ୍ତି ହେବ ତୀକ୍ଷ୍ଣ ତାପ ସନ୍ଧେ ଚନ୍ଦ୍ରଗୁଣରେ ଏକ ଶଯ୍ୟା ଗଲେ ।
ରୋଗ ବିଷମ । ସ୍ୱଗଜନ୍ୟ ବୋଲି ହୋଇଛି ।
ଦୃଷ୍ଟ ଯାକରେ ଯେତେକ ଅକ୍ଷଧ ଏ ଗୁଣ ନ କରିବେ କିଛି । ୩୬ ।

---

୩୪ । ଶୈତ୍ୟପଦେଷ୍ଟା—ଶୁଶ୍ରୂଷାକାରୀ । ଦାରୁଣ—ଦୁଃଖ । ୩୫ । ଲାବଣ୍ୟନିଧିର—ଲାବଣ୍ୟର ଆଧାରଭୂତା; ରାଜକନ୍ୟା । ବ୍ୟାଧିବୁଝି—ରୋଗ ବୁଝିବା । କଞ୍ଚୁକି—ଅତଣ୍ଡ, ଅନ୍ତଃପୁର । ଶିକସ୍ତ—ବୈଦ୍ୟ । ଦ୍ୱିକସ୍ତ—ଡାକର । ରମଣୀରତନ—ସ୍ତ୍ରୀ ଶ୍ରେଷ୍ଠ । କରତା—ବୃଦ୍ଧା । ମୁଦ୍ଗୁମୂଳ—ଅନ୍ତଃପୁରର ଦାସୀ । ବିଧାନ—ଉପାୟ ।

୩୬ । ଏ ରୋଗି ବ୍ୟାଧି । ରସ—ରସାୟନ ରସ ତାହାର ବିନା—ତଦ୍‌ବ୍ୟତୀତରେତ ନ ଘୁଞ୍ଚିବ—ନ ଛାଡ଼ିବ । ମଧୁର—ସ୍ୱାଦୁ ଅଧର, ଯେ ମଧୁଲୁଚିବ ନାହିଁ । 'ନ' ପାର ଏଠାରେ ଦୁଇ ସ୍ଥାନରେ ଲାଗିବ ଦେହଳୀ ଦୀପିକା ନ୍ୟାୟରେ ତୀକ୍ଷ୍ଣ ତାପ—ଉତ୍କଟ ଦାହ (ସନ୍ତାପ) ସନ୍ଧେ—ସ୍ୱତରେ । ଚନ୍ଦ୍ରଗୁଣରେ—ଚନ୍ଦ୍ର କିରଣରେ ଶଯ୍ୟା ଗଲେ—ଶୁଆଇଲେ ତାହା ଶାନ୍ତି ହେବ—ଉପଶମ ହେବ । ସ୍ୱଗ ଜନ୍ୟ ବୋଲି ହୋଇଛି —କହୁଁ ଜନ୍ମ ହୋଇ ହୋଇଛି ଏ ହେତୁ ରୋଗ ବିଷମ—ଉତ୍କଟ । ଚିତ୍ତୋଦ୍ଭବ୍ୟ ହୋଇଛି । ଚିତ୍ତୋଦ୍ଭବ୍ୟ ହେଲେ ସ୍ତୀଠାରେ ବିଷମ । 'କଣ୍ଟୁମ୍ନ ଲବଣାଦ୍ ଚିତ୍ତଦ୍ରୁତ ବୈଦ୍ୟଶାସ୍ତ୍ରେ । ଦୃଷ୍ଟପାକରେ କୋଷଧ ଯେତେ ଔଷଧ ସେ ସବୁ କିଛି ଗୁଣ କରିବ ନାହିଁ (ଦୃଷ୍ଟପାତ—ଉତ୍ପାଦ) । ଏ ରୋଗି ବାରମ୍ବାରର ତାହା ରସ ଯେ ଶୃଙ୍ଗାର ରସ ତା ବିନା ଏ ଯିବ ନାହିଁ । ଅଧର ମଧୁ ମଧୁର ହେଲେ ଲୁଚିବ ହୋଇ ଲୁଚିବ । ତନ୍ଦ୍ରକ୍ରିଆ ନାମକ ଯେ ରାଜକୁମାର ତା ସଙ୍ଗେ ଏକ ଶଯ୍ୟା ହେଲେ- ଅର୍ଥାତ୍ ଏହାଠାରେ ଶୋଇଲେ ଏ ତୀକ୍ଷ୍ଣ ତାପ ଶାନ୍ତି ହେବ । ଏ ରୋଗ ବିଷମ । ସ୍ୱଗ ଯେ ସୁକୁଟୋରେ ଅନୁସ୍ୱର—ଅଧିକ୍ତ, ସେ ହେତୁ ହୋଇ ହୋଇଛି । ଦୃଷ୍ଟପାକରେ ଯେତେ ଔଷଧ, ସେସବୁ କିଛି ଗୁଣ କରିବେ ନାହିଁ ।

ଭିତରେ ଯେତେକ ସଖୀ ଥିଲେ ଶ୍ରବଣେ ରହିଲେ ବିରସ ମନରେ ।
ଚତୁର ନାମେ ମାଳିନୀ ପରବେଶ ଏହି ସମୟେ ଅନ୍ତଃପୁରେ ।
ପୁଷ୍ପ ଶୃଙ୍ଗାର । ଘେନି ସେ ଆଗତ ହୋଇଲା ।
ହେମନ୍ତ ସ୍ମରଣେ ଯହିଁକି ଶ୍ରବଣେ ଅବ ନନ୍ଦକୁ ସେ ବହିଲା । ୩୭ ।
ହେ ରାମ କାମସୁନ୍ଦର ଗୁଣବନ୍ତ ଶିଳୀମୁଖ-ଧନୁ-ଧାରଣ ।
ସିତାମ୍ବୁଜମୁଖୀ ରତିପ୍ରମୋଦିତ ହର ମିତ୍ରପଣ ପ୍ରମାଣ ।
ଜାଣି ନାଗର । ନସନ୍ତି ହର ଉତପର ।
ଭଣେ କୃପାବ୍ଧି ଭଞ୍ଜ ବୀରବର ଏ ଛାନ୍ଦ ଅତି ମନୋହର । ୩୮ ।

---

୩୭ । ଶ୍ରବଣରେ—ଶୁଣିବା ପରେ ବା ଶୁଣି ଦେଇ । ବିରସ ମନରେ—ଦୁଃଖିତ ମନରେ । ୩୮ । ହେ କାମସୁନ୍ଦର—କନ୍ଦର୍ପ ସଦୃଶ ସୁନ୍ଦର । ହେ ଗୁଣବନ୍ତ—ଦୟା ଦାକ୍ଷିଣ୍ୟ ସୌଜନ୍ୟାଦି ଗୁଣଯୁକ୍ତ । ହେ ଶିଳୀମୁଖ-ଧନୁଧାରଣ—ଶର ଓ ଧନୁଧାରକ । ହେ ସିତାମ୍ବୁଜମୁଖୀ ରତି ପ୍ରମୋଦିତ—ସୀତାନାମ୍ନୀ ଯେ ଅମ୍ବୁଜ ମୁଖୀ—ପଦ୍ମମୁଖୀ ଯେ ସ୍ତ୍ରୀ ତାଙ୍କର ରତି ଯେ—ପ୍ରୀତି ସେଥିରେ ପ୍ରମୋଦିତ—ହର୍ଷଯୁକ୍ତ ଅଛି । ହେ ହର ମିତ୍ରପଣ—ହର ଯେ ବାନର—ସୁଗ୍ରୀବ ତାଙ୍କଠାରେ ମିତ୍ରପଣ—ମିତ୍ର ବ୍ୟବହାର ଯାହାଙ୍କର ! ହେ ପ୍ରମାଣ—ହେ ସତ୍ୟବାକ୍ୟ ବା ସତ୍ୟସନ୍ଧ ।

କାମ ପକ୍ଷରେ:—ହେ କାମ, ହେ ରାମ—ରମଣୀୟ । ହେ ସୁନ୍ଦର । ହେ ଗୁଣବନ୍ତ ଶିଳୀମୁଖ ଧନୁଧାରଣ—ଗୁଣବନ୍ତ ହୋଇଛନ୍ତି—(ଗୁଣ—ଦଉଡ଼ି ସଗୁଣ ହୋଇଛି ) ଶିଳୀମୁଖ—ଭ୍ରମର ଯହିଁରେ ଏପରି ଯେ ଧନୁ—ପୁଷ୍ପଧନୁ ତାହାର ଧାରକ । "ମୌର୍ବୀ ରୋଲମ୍ବମାଲା ଧନୁରଥ ବିଶିଖାଃ କୌସୁମାଃ ପୁଷ୍ପକେତୋଃ" ।

ସିତାମ୍ବୁଜମୁଖୀ ରତି ପ୍ରମୋଦିତ—ଶ୍ୱେତପଦ୍ମ ମୁଖୀ ଯେ ରତି ଦେବୀ ତାଙ୍କଠାରେ ପ୍ରୀତିଯୁକ୍ତ । ହରି—ଯେ ଚନ୍ଦ୍ର ତାଙ୍କଠାରେ ମିତ୍ରପଣ—ମିତ୍ରତା ପ୍ରମାଣ ଯାହାଙ୍କର—ଚନ୍ଦ୍ର କନ୍ଦର୍ପ ମିତ୍ର ଏହା ଯଥାର୍ଥ ସ୍ୱଭାବିକ । ତୁମ୍ଭେ ନାଗର ନାୟିକାଙ୍କ ଚିତ୍ତହରଣ ଜାଣ । ଉତପର—ଆସକ୍ତ ହୋଇ, ମନ ଲଗାଇ, ମୋର ନସନ୍ତି—ଦୁଃଖ ! ହର—ଦୂର କର । ମନୋହର—ସୁନ୍ଦର ।

# ତ୍ରୟୋଦଶ ଛାନ୍ଦ

## (ମାଳତୀର ବେଶ ବର୍ଣ୍ଣନ)

ରାଗ କଉଶିକ—ମୁଖାରୀର ବାଣୀରେ ଗାୟକ ।

ଏଥୁ ଅନନ୍ତରେ ରସ     ଶୁଣ ହେ ମାଳିନୀ ବେଶ
ଜମ୍ବୁଫଳ ପରି ଶୋଭା । ଶୋଭିଛି ଯୋଷା ଶିରେ ॥ ୧ ॥
ଗର୍ଭିତ କଳ୍ପ ଦର୍ପିସ୍ତ     ପ୍ରକାଶେ ବହୁ ଭର୍ତ୍ସିସ୍ତ
ଖଞ୍ଜିଅଛି ଗୋଟି ଦଣ୍ଡା । ଧଇର୍ଯ୍ୟ ଦଣ୍ଡା ଏ ॥ ୨ ॥
ଅନାଦି ନାଶାରେ ନଭେ     ନିର୍ମଳ ତାରା କି ଶୋଭେ
ଦିଶଇ ହେମନ୍ତ ପରି । ଚେତନ-ଭାସ୍ୱ ଏ ॥ ୩ ॥
ଏଥିକୁ ବେଣୀ ଶିଉଳେ     ଧାଡ଼ି ଦେଖାଉଛି ମାଙ୍ଗେ
ଘନ ବୃନ୍ଦ ଭୃଙ୍ଗଶ୍ରେଣୀ । ଅଛି ମୁଁ ଜାଣି ଏ ॥ ୪ ॥
ଲଲାଟେ ଚନ୍ଦନ ଟିକା     ସିନ୍ଦୁର ବିନ୍ଦୁ ଶୋଭିତା
ଚନ୍ଦ୍ର କୋଳେ କି ସବିତା । ଏହା ଭଙ୍ଗୀ ତା ଏ ॥ ୫ ॥

---

୧ । ଜମ୍ବୁଫଳ—ଜମ୍ବୁଲେମ୍ବୁର ଫଳ । ଯୋଷା—ସ୍ତ୍ରୀ । ୨ । ଗର୍ଭିତ—ମଧ୍ୟରେ ପୁରାଇବା । ଦର୍ପିସ୍ତ—ସ୍ତ୍ରୀଙ୍କ କେଶରେ ନିମନ୍ତେ କେଶବନ୍ଧନ ରଜ୍ଜୁବିଶେଷ । ବହୁ ଭର୍ତ୍ସିସ୍ତ—ବହୁ ନିର୍ମିତ ବା ଉଦ୍ଧୃତ ଶୀଳ । ଧଇର୍ଯ୍ୟ ଦଣ୍ଡା—ଯୋଗୀଙ୍କ ଧୀରତାକୁ ଦୂର କରେ; ମନ ଚଞ୍ଚଳ କରେ ।

୩ । ନାଶାରେ—ରାତିରେ । ନଭେ—ଆକାଶରେ । ଚେତନଭାସ୍ୱ—ଅଣ୍ଟାର ବନ୍ଧନର; ଆଖି ଲୁଚି ରହେ । ତମ୍ବା ଫୁଲସବୁ ଆକାଶର ତାରାପରି ଦେଖା ଯାଉଛି । ୪ । ବେଣୀ—ବାଳ । ଶିଉଳେ—ଲଳାଟଙ୍କ ଭଳି । ମାଙ୍ଗେ—ବାଳକୁ ଦୁଇ ପାଖକୁ ଅଲଗା କରିବା ସ୍ଥାନ ମାଙ୍ଗ ତହିଁ ହୁଏ । ତା ମଧ୍ୟରେ ଧାଡ଼ି—ଚୋଟିଏ ରେଖା ବେଣୀ ମଧ୍ୟରେ ଦେଖାଯାଏ । ଘନ—ମେଘ । ଭୃଙ୍ଗଶ୍ରେଣୀ—ଭ୍ରମରପଙ୍କ୍ତି—ଦାଣ୍ଡି ରଙ୍ଗରେ ସେ ବେଣୀ ଜଣିଛି ବୋଲି ଜଣାଉଛି ।

୫ । ଲଲାଟେ— କପାଳରେ । ସବିତା—ସୂର୍ଯ୍ୟ । ଭଙ୍ଗୀ—ଶୋଭା । ଚନ୍ଦନଫୋଟା ମଧ୍ୟରେ ସିନ୍ଦୁରବିନ୍ଦୁ । ଚନ୍ଦ୍ରକୋଳରେ ସୂର୍ଯ୍ୟଙ୍କ ବୋଧ; ଅଦ୍ଭୁତ ଉପମା ।

ଶ୍ରବଣେ ଶୁଭ୍ର କୁଣ୍ଡଳ ଦୋହଲେ ଗଣ୍ଡମଣ୍ଡଳ
ସୁବର୍ଣ୍ଣ ପାଣୀ କପରେ । ଶିରଜ୍ଞ ହେବେ ଏ । ୬ ।
ଫୁଲଗୁଣ୍ଡା ମାଠଗୁଣ୍ଡା ଭରିଛି ବଦେବକ ଦଣ୍ଡା
ନାସା ପୁଟେକେ ପୁଟେକେ । ଥାଇ ଝୁଟେକେ ଏ । ୭ ।
ଲଞ୍ଜି ବନ୍ଧାଣେ କଜ୍ଜଳ ନୟନେ ଦଶେ ଉଜ୍ଜଳ
ପଦ୍ମେ କି ଭ୍ରମର ଖେଳା ଚେଣ୍ଡମନ୍ତ୍ର ଡୋଳା ଏ । ୮ ।
କଣ୍ଠେ ମୁକ୍ତାକଣ୍ଠି ମାଳୀ ପ୍ରବାଳେ ହୋଇଛି ଝୁଲି
ପଦ୍ମକୁ ଛୁରିକ ଫୁଲି । ମାନସ ଭୁଲି ଏ । ୯ ।
କୁଚ ଘଣ୍ଟି କୁଚ ବେଣୀ ହେଲ ଦକୁ ସଜ୍ଜବନୀ
ଦେଖି ତ ନାହିଁ ଅବନୀ । ଲୋଚନ ବେଣୀ ଏ । ୧୦ ।
ପାଦବାଳୁ ସୁବାକୁଳ କାମ ଭବ ଅନୁକୂଳ
ଫେଟିକଟି କି ଶାଢ଼ୀଘର । ଛଥା ସୁନ୍ଦର ଏ । ୧୧ ।
କଦମାଳୀ ପାଟବୃତ ଛାଡ଼ିଦେବ ଧ୍ୱଜ ଧାପିତ
ଭମ ଅଧ ଶକ୍ତିବାଞ୍ଛା । ବସ୍ତୁବେ ଶୋଭେ ଏ । ୧୨ ।

---

୬ । ଶ୍ରବଣେ—କାନରେ । ଶୁଭ୍ର—ସୁନ୍ଦର । ଗଣ୍ଡମଣ୍ଡଳ—କପୋଳ ସ୍ଥଳ । ଝାଣୀ—ପାଶ, ଝିଙ୍ଗିଲ । ୭ । ଫୁଲଗୁଣ୍ଡା—ନାକର ଗହଣା; ଯେଉଁଥିରେ ହୋଇ ଭାର ନାହିଁ ଥାଏ । ମାଠଗୁଣ୍ଡା—ମୋଟା ଫାଶିଆ ପଣ୍ଡ, ଯେଉଁ ଥିରେ କଣ୍ଠ କାମଦାମ ନ ଥାଏ, ନାକର ଗହଣା । ଶଦେବକ—ବହୁରଙ୍ଗ, ଭୂଷି । ନାସା—ନାକର । ପୁଟେକେ—ପୁଡ଼ାରେ । ଝୁଟେକେ—ଝଲ୍ ଝଲ୍ ହୁଏ । ଲଞ୍ଜି—ସୂକ୍ଷ୍ମରେଖା, ଯାହା ଆଖିକୋଣରୁ ବାହାରକୁ ବଢ଼ାଇଥାଏ । କଜ୍ଜଳ—କଳା । ନୟନ—ଚକ୍ଷୁ । ଉଜ୍ଜଳ —ସଫା ।
୮ । ପ୍ରବାଳ—ପୋହଳାରେ । ଝୁଲି—ଶୋଭି । ଛୁରିକ—ସୁନ୍ଦର । ମାନସ ଭୁଲି—ମନ ଭୁଲିଯାଏ । ୧୦ । ଘଣ୍ଟି—ଘନ, କଠିନ । ସଜ୍ଜବନୀ—ସ୍ୱର୍ଣ୍ଣ । ଅବନୀ—ପୃଥିବୀ, ଭୂମି । ସ୍ତନ ଉଚ୍ଚ ହୋଇଥିବାରୁ ପାଦପାଖର ଭୂଇଁ ଆଖି ଦେଖି ପାରେ ନାହିଁ । ଲୋଚନ ବେଣୀ—ଆଖି ଦୁଇଟି । ୧୧ । ସୁବାକୁଳ—ସୁବକମାନଙ୍କୁ । ଅନୁକୂଳ—ପ୍ରସନ୍ନ ଭବ । ଶାଢ଼ୀଘର—ଲୁଗାର ଘର, ସ୍ତନ ଉପରେ ଲୁଗା ।
୧୨ । କଦମାଳୀ—କାନ୍ଧର ଅଳଙ୍କାର; ଯେଉଁ କଣ୍ଠରେ ଲୁଅ ବସିଥିବାର ମାଳା । ପାଟବୃତ—ଲାଲ ସୂତା ବା ଲୁଗାଟରେ ହୁଡ଼ା ଯାହାକୁ କାଳ କୌଣସି ବ୍ରତ ଉତ୍ସବ ସମୟରେ ସ୍ତ୍ରୀମାନେ କାନ୍ଧରେ ଧାରଣ କରନ୍ତି ।

ବାମକରର ଅଙ୍ଗୁଳି ହୀରକ ମୁଦ୍ରାରେ ଝଳି
ଚରଣରେ ବଳା ପଟେ । ନାଦ ପ୍ରକଟେ ସେ ।୧୩।
ସୁପଦାଙ୍ଗୁଳ ହଂସାମୁଦୀ ଶବଦେ ଧୈର୍ଯ୍ୟ ଖେଦି
କେଡ଼ରେ ଅଳତା ଚିହ୍ନ । ଅତି ବିଚିତ୍ର ସେ ।୧୪।
କମ୍ର ଶ୍ରେଣୀ ପର୍ଯ୍ୟନ୍ତ ଉରୁକୂପରେ ଲମ୍ବିତ
ବନ୍ଧନ ଛନ୍ଦନ ନୀବୀ । ମୋହନ ଛନ୍ଦ ସେ ।୧୫।
ସ୍ତନ ଉର୍ଦ୍ଧ୍ୱେ କଣ୍ଠତଳେ ମଣିବନ୍ଧ ଉରମୂଳେ
ପାଦ ପଦ୍ମେ ଚିବୁକରେ । କି ମନୋହରେ ସେ ।୧୬।
ହରତାଳୀ କାଳୀ ଲତା ଅଙ୍କୁରିଲଚ୍ଛି ବନଲତା
ଦେହ ତ ଅତ୍ୟନ୍ତ ଗୋର । ତହିଁ କି ଶୋଭା ସେ ।୧୭।

---

ତାଡ଼—ବାହୁର ଅଳଙ୍କାର ବିଶେଷ; ତାହାର ଉପରେ ଝୁମ୍ପା ଦୋଳି ମୁଣ୍ଡ ଥିବା ଗହଣା । ଭୁଜ—ବାହୁ । ଶୋଭିତ—ଶୋଭିତ । ଚମ—ହସ୍ତର ଅଳଙ୍କାର ବିଶେଷ । ଶଙ୍ଖ କାଚ—ଶଙ୍ଖ ଓ କାଚ ହସ୍ତାଳଙ୍କାର । ହୀରକ—ଅନେକ ମୋଡ଼ିଥିବା ଅଙ୍ଗୁରି । ଝଳି—ଦୀପ୍ତ । ଚରଣରେ—ପ୍ରତି ପାଦରେ । ବଳା—ପାଦର ବଳୟ । ପଟେ—ଶୋଭେ । ନାଦ ପ୍ରକଟେ—ଶବ୍ଦ ପ୍ରକାଶ କରେ ।୧୪। ସୁପଦେ—ପାଦର ଅଙ୍ଗୁଳିର ଅଗ୍ରଭାଗ ବା ପାଦର ବୁଢ଼ା ଅଙ୍ଗୁଳିର ଅଗ୍ରଭାଗ । ଧୈର୍ଯ୍ୟ ଖେଦ—ଲୋକର ଧୀରତା ଦୂର କରେ ବା ନାଶ କରେ । କେଡ଼ରେ—ପାଦର ଧାରରେ । ଶୁକ୍ଳପାଶ ଧାରରେ । ବିଚିତ୍ର—ସୁନ୍ଦର ।

୧୫। କମ୍ର—ଜଙ୍ଘାଯାଏ, ପ୍ରକାଶିତ । ଶ୍ରେଣୀପର୍ଯ୍ୟନ୍ତ—ନିତମ୍ବଭାଗର ଶାଢ଼ିସ୍ଥାନ । ଉରୁକୂପରେ—ଜଙ୍ଘର ଉପରିଭାଗରେ । ଲମ୍ବିତ—ଝୁଲୁଛି । ବନ୍ଧନ—ବନ୍ଧା ହୋଇଛି । ଛନ୍ଦନ—ଫାଶ ପଡ଼ିଅଛି । ନୀବୀ—ଘୋଷଣୀ ଗଣ୍ଠି; ସ୍ତ୍ରୀଙ୍କ କଟିବନ୍ଧନ । ମୋହନଛନ୍ଦ—ଯାହାର ଶୋଭା ଲୋକଙ୍କୁ ମୁଗ୍ଧ କରିଦିଏ ।

୧୬। ସ୍ତନଉର୍ଦ୍ଧ୍ୱେ—ସ୍ତନର ଉପରେ । ମଣିବନ୍ଧ—ହାତର ମୁଠି । ଉରମୂଳେ—ବାହୁର ମୂଳରେ । ପାଦପଦ୍ମେ—ପାଦ ଉପରେ । ଚିବୁକ—ଥୋଡ଼ି । କି ମନୋହରେ—କି ସୁନ୍ଦର ଭାବରେ ।୧୭। ହରତାଳୀ କାଳୀଲତା ବନଲତା—ସେ ସ୍ତ୍ରୀ ଦେହ ସବୁ ସ୍ଥାନରେ ହରିତାଳୀ ସେ ହରିତାଳିକା ଭଳି ସେ ଖୋଟ ଅଛି ତା ଶରୀର । କାଳୀ ସେ ଅଙ୍ଗର ବର୍ଣ୍ଣ ଏ ଦୂର୍ବେ ।

ଧନାଟେକ ଅଛି ଖର୍ବ ଅଙ୍ଗ      କଥା ଏ ଟେନାଟେକ ସୁବଙ୍ଗ
ପୀନ ଟେନାହି କ୍ଷୀଣ ଟେନାହି । ଏମନ୍ତ ଦେଷ୍ମ ସେ । ୧୮ ।
ଅଦର୍ଶିତ ଗଣ୍ଠି ଶିସ୍ତ      ପାଟଳି ରସାଳ ପରା
ବପୁସ ଟେପାଳ ସଭର । ଏଥିଭିତର ସେ । ୧୯ ।
କୁସୁମ ଗୁଞ୍ଜଡ଼ା କରେ      ଗୋଳାଇଛନ୍ତି ଭୂପରେ
ଗଜ ପଦ୍ମଟେ ମନ୍ଥର । ଗମନ ଭାର ସେ । ୨୦ ।
ପଣନ୍ତ ଦେଉଛନ୍ତି ଶିରେ      ଧରନ୍ତି ଦକ୍ଷିଣ କରେ
ମୁଖ ହସିବା ପଦ୍ମରେ । କା ଶୋଭା ପାଏ ସେ । ୨୧ ।
ମନ୍ତ୍ରୀସୁତା ଆଗେ ନେଇ      ସୁମନ ସମ୍ଭାର ଥୋଇ
ଧୀରେ ଶିବ ଉମା ଅଙ୍କ । ବନ୍ଦିଲା ଶଙ୍କା ସେ । ୨୨ ।
ସତ କି ବୋଲି ବସ୍ତ୍ର      କେତକାବୃତ ଗର୍ଭଗ
ଘୁମୁଣ୍ଡି ନେଲା ସତ୍ୱରେ । ପ୍ରମୋଦଭରେ ସେ । ୨୩ ।
ବୋଲେ ଟେଜମା ସାବଧାନ      ଶୁଣ ଅପୂର୍ବ କଥାନ
କହୁଛନ୍ତି ତନ୍ଵୀ ଆସି । ସୁଧା ବରଷି ସେ । ୨୪ ।
ରମା ଶୁଣି ବୋଲେ ରସ      ଜେମନ୍ତ କଥା ସେ ଭାଷ
ଶୁଣି ଆନନ୍ଦିଙ୍କ ଚିତ୍ତ । ମାଳିନୀ କହି ସେ । ୨୫ ।
ତୋ ଶାଟଶୀ ଫୁଲ ଲମାର      ଏଣୁ ଭଲ ବାଣ୍ଟି ତୋର
ବଳକୁ ମୁଁ କହୁଥାଇଁ । ଦେବେ ଜଣାଇଁ ସେ । ୨୬ ।

---

୧୮ । ଖର୍ବ—ବାମନ, ଗେଡ଼ା । ପୀନ—ମୋଟା । କ୍ଷୀଣ—ପାତଳ । ଦେଷ୍ମ—ଶରୀର ।

୧୯ । ଅଦର୍ଶିତ—ଶୂନ୍ୟ; ଦେଖା ହେଉ ନ ଥିବା । ରସାଳ—ଆମ୍ବ । ୨୦ । କୁସୁମ ଗୁଞ୍ଜଡ଼ା—ଫୁଲର ଗେଣ୍ଡୁ ଭାଗ୍ୟ । କରେ—ହାତରେ । ଗଜ—ହସ୍ତୀ । ମନ୍ଥର—ଧୀର ( ଧୂଳ ମନ୍ଥରା ଦେଖ ) ।

୨୧ । ପଣନ୍ତ—ଖାଣି । ତାକୁ ଡାହାଣ ହାତରେ ଧରିଛନ୍ତି । ୨୨ । ସୁମନସମ୍ଭାର—ଫୁଲସାମଗ୍ରୀ । ଶିବ ଉମା—ଶିବ ପାର୍ବତୀ । ଶଙ୍କା—ଭକ୍ତିମତୀ ।

୨୩ । କେତକାବୃତ—ବର୍ତ୍ତିରେ କେତକୀ ଫୁଲକୁ ଜଣନ୍ତି । ପ୍ରମୋଦଭରେ—ହର୍ଷର ପୂର୍ଣ୍ଣତାରେ । ସତ୍ୱରେ—ଶୀଘ୍ର । ୨୪ । ସାବଧାନ—ଶୁଣିବା ହେଉ । ଅପୂର୍ବକଥାନ—ଆଶ୍ଚର୍ଯ୍ୟ ଘଟଣା । ତନ୍ଵୀ—ବାଳା । ସୁଧା—ଅମୃତ । । ୨୬ । ଶାଟଶୀ—ବିଦେଶୀ ।

ଗଲା କାଳି ଚତୁର୍ଦ୍ଦଶୀ    ହୋଇଥିଲି ଉପବାସୀ
ଦେଖିଲି ଭିତରେ ଯାଇଁ । ଜାଗର ଦେଇ ଦେଇ । ୨୭ ।
ବସିଥିଲି ବଜାଗରେ    ରଜନୀ ଅର୍ଦ୍ଧ ପ୍ରହରେ
ଅଳପ ଆସିଲା ଢୁଳ । ଏମନ୍ତ ବେଳ ଯେ । ୨୮ ।
ଲଭିଲେ କଥା ସୁନ୍ଦର    ଏସଣି ବେଶ ଠାକୁର
ଶିରେ କେଶ ଅର୍ଦ୍ଧଶଶୀ । ମଞ୍ଜୁଳ ଦିଶି ଯେ । ୨୯ ।
କୁନ୍ଦ କ୍ଷୀର ଦର ରୁଚି    ଦେହକରେ ବାଜିଛ ଶୁଚି
ହୋଇଛନ୍ତି ଦିଗମ୍ବର । ଭସ୍ମଧୂସର ଯେ । ୩୦ ।
ପାର୍ବତୀଙ୍କି ବାମକରେ    ଧରିଅଛନ୍ତି ସ୍ନେହରେ
ଦକ୍ଷିଣ କରରେ ବେଦ । ବଦେ ତ୍ରିନେତ୍ର ଯେ । ୩୧ ।
ସେ ବେଳେ ତୋତେ ଛୁଆଇଁ    ଉଶତେ ତୋ ତେଜା ହୋଇ
ଶୁଣି ଶିବ ଶିବା ରମ୍ୟ । କଲି ପ୍ରଣମ୍ୟ ଯେ । ୩୨ ।
ମୁଖ ମୃଦୁହାସେ ଦୁର୍ଗା    ବୋଲେ ତୋତେ ଅବଧାନ
ନୃପଜା ପାଇଁ କି ତୋତେ । କଣାରୁ ନାଦେୟ ଯୋ । ୩୩ ।
ଚନ୍ଦ୍ରମୁଖୀ ଏ ନିଶାରେ    ଶୋଇଥିଲା ଚନ୍ଦ୍ର ଭରେ
ତୋର ଅଙ୍କରେ ଯୋଡ଼ିବା ପୁରୁଷେ ସେନା ଯେ । ୩୪ ।

---

୨୭ । ଜାଗର—ନ ଶୋଇ ରାତି ଦେବା । ୨୮ । ବଜାଗରେ—ଅନ୍ତଃପୁରେ । ରଜନୀ—ରାତି । ଢୁଳ—ନିଦ୍ରା ।

୨୯ । ଲଭିଲେ—ଅଲକ୍ଷରେ । ଅର୍ଦ୍ଧଶଶୀ—ଅଧା ଚନ୍ଦ୍ର । ମଞ୍ଜୁଳ—ସୁନ୍ଦର । ୩୦ । କୁନ୍ଦ—ଧଳା ଫୁଲବିଶେଷ । କ୍ଷୀର—ଦୁଧ । ଦର—ଶଙ୍ଖ । ରୁଚି—କାନ୍ତି । ଦେହରେ ଶୁଚି—ଦେହରେ ସୁନାଙ୍କୁ ଜଳପଡ଼ୁଛି । ଦିଗମ୍ବର—ଉଲଗ୍ନ । ଭସ୍ମଧୂସର—ପାଉଁଶରେ ଧଳା ।

୩୧ । ବାମକରେ—ବାଁ ହାତରେ । ବେଦ—ବେଦ । ତ୍ରିନେତ୍ର—ମହାଦେବ । ୩୨ । ଶିବଶିବା—ହର ପାର୍ବତୀ । ରମ୍ୟ—ସୁନ୍ଦର । ପ୍ରଣମ୍ୟ—ନମସ୍କାର ।

୩୩ । ମୃଦୁ—ଅଳ୍ପ । ଅବଧାନ—ଚେତା । ନୃପଜା—ରାଜକନ୍ୟା । ନାଦେୟ—ସମ୍ଭଦେନ ।

୩୪ । ଚନ୍ଦ୍ରମୁଖୀ—ଚନ୍ଦ୍ର ସଦୃଶ ଲାବଣ୍ୟମୟ ମୁଖ ଯାହାର ସେ ସ୍ଵର୍ଣ୍ଣଲତା । ନିଶାରେ—ସ୍ଵପ୍ନରେ । ଭରେ—କରଣରେ ।

ପ୍ରବେଶ ହୋଇ ପାଶର    ଚିହ୍ନାଇ ଦେଇ ଅନ୍ତର
ତେବେ ପୁଣି ନିଦ୍ରା ଗ୍ରାସିଲା । ବିନସ୍ତୀ ହେଲା ଯେ । ୩୫ ।
ଶ୍ୟାମା ସୀତ୍କାର ସରବେ    ଆଲିଙ୍ଗନ ଦେବା ଭାବେ
ଯୋଗିଙ୍କ ମାୟାର ବଶେ । ହଟିଲା ପୁଂବେଶ ଯେ । ୩୬ ।
ଏଣୁ ବଞ୍ଚିତ ବ୍ୟଥିତ    ହେଉଛି ଜେମାର ଚିତ୍ତ
ଦୁଃଖର ବଶ ବାଳାଙ୍କୁ । ଲଭିବ ତାଙ୍କୁ ଯେ । ୩୭ ।
ମୁଁ ପୁଚ୍ଛା କଲି ଏମନ୍ତ    ତହିଁ ସ୍ୱକାର ସେ ପୁତ୍ର
ନାମ ଧାମ ବାସ ପୁଣି । କହିଲେ ଶୁଣି ସେ । ୩୮ ।
ଭଣ୍ଡାଇ କାଞ୍ଚୀ ନଗରେ    ଶଶିଶେଖର ତୋଳରେ
ହୋଇ ଯେ ଅଛି ଜନମ । ଶେଷାଭିଧାନ ଯେ । ୩୯ ।
ଚନ୍ଦ୍ରଭାନୁ ତାର ନାମ    କାମିନୀମୋହନ କାମ
ରମଣୀ ତାଙ୍କୁ ପାଇବ । ସୁଖୀ ହୋଇବ ଯେ । ୪୦ ।
ସାଧୁ ଶୁଭ ବୃତ୍ତିବୃନ୍ଦ    ପରଦେଶ ତାଳି ପର
ଯେଣୁ ତାହାର ପ୍ରଦେଶ । ହେବ ଏ ଦେଶ ଯେ । ୪୧ ।
ଏତେ ଅଜ୍ଞା ଦେଇ ହର    ହୋଇଲେ ତେଲୁଁ ଅନ୍ତର
ଅଛୁ ମୋତେ ନିଦ୍ରା ନାହିଁ । ଅଇଲି ବହି ଯେ । ୪୨ ।
ନାମ ଶ୍ରବଣ ତାହାର    ହେଲା ତନୁଜା ପ୍ରକାର
ସଂଶୟ-ଅନ୍ଧାର ଦୂର । କଲା ସତ୍ୱର ଯେ । ୪୩ ।
ପୁଣି ତେବେ ଜଳ ପଦ୍ମରୁ    ଅଶାଭଲୁ ପଲ୍ଲାଏ
ପ୍ରମୋଦ ସନ୍ଧ୍ୟ ପ୍ରକାଶେ । ରବି ସନ୍ତୁଷ୍ଟେ ଯେ । ୪୪ ।
ଶୁଣି ଯଥା ଘନଘୋଷ    ଚାତକୀ ଗୃହଙ୍କ ତୋଷ
ଉଦ୍ଦୀପିତ କରି ମତ । ହୋଇ ଉପତି ଯେ । ୪୫ ।

---

୩୫ । ଅନ୍ତର—ଦୂର । ୩୬ । ସୀତ୍କାର—ଶବ୍ଦ । ଆଲିଙ୍ଗନ—କୋଳ । ୩୭ । ବ୍ୟଥିତ—ଦୁଃଖେ । ୩୮ । ପୁଚ୍ଛା କଲି—ପଚାରିଲି । ପୁତ୍ର—ପୁଅ । ୩୯ । ଶେଷାଭିଧାନ—ମନ୍ତ୍ରୀଙ୍କ ମଧ୍ୟରେ ଅଗ୍ର ପୁରୁଷ । ୪୦ । କାମିନୀମୋହନ—ସ୍ତ୍ରୀ ମୋହକାରୀ ।
୪୧ । ପରଦେଶ—ପରଦେଶ । ୪୩ । ସଂଶୟ-ଅନ୍ଧାର—ସନ୍ଦେହ ରୂପ ଅନ୍ଧାର । ୪୪ । ଅଶାଭଲୁ—ଅଶାଲୁପ୍ତ ପଦ୍ମ; ପଲ୍ଲାଏ—ଫୁଲାଏ । ପ୍ରମୋଦ—ହର୍ଷ । ରବିସନ୍ତୁଷ୍ଟେ—ସୂର୍ଯ୍ୟଙ୍କ ଦ୍ୱାରା ଫୁଲ୍ଲ । ୪୫ । ଘନଘୋଷ—ମେଘଶବ୍ଦ । ଚାତକୀ—ଶୋଷୀ । ତୋଷ—ତୁଷ୍ଟି । ଉଦ୍ଦୀପିତ—ଦୀପ୍ତ ।

ଚେଦବଣ ଚକୋର ମୋଦ          ଦର୍ଶି ବଲ୍ଲଭଙ୍କ ମୁଖ
ସେ ଚନ୍ଦ୍ର ହୋଇଲେ ଯଥା । ତଥା ଏ କଥା ସେ । ୪୬ ।
ଚୂତ ହେଲେ ଚକ୍ଷୁଗତ          ଭାବ ହେବ ମୁକୁଳିତ
ପିକ ଯଥା ଆନନ୍ଦିତ । ହେଲେ ତେମନ୍ତ ସେ । ୪୭ ।
ସନ୍ଧ୍ୟାପାତର ନାଟିକା          ଲାଗିଲେ ଯଥା ଭାଟିକା
କିଛି କିଛି ହୋଏ ଭଙ୍ଗ । ତେମନ୍ତ ମନ ସେ । ୪୮ ।
ବାଳକ ପରସ୍ପ ହୋଇ          ସୁନ୍ଦା ଭଲେ ଦାହି ଦାହି
ମାଉଣାକି କଲେ ଦାନ । ରତ୍ନ ବସନ ସେ । ୪୯ ।
ଗିରିଜା ଶାମିତ୍ରେ ପୁଣି          ଦେଲେ ସେ ଚିତା ଭାଟ୍ଟେଣୀ
ଖଞ୍ଜିଲେ ମନ୍ଦାରମାଳୀ । ଭୂଷଣ ବଳି ଏ । ୫୦ ।
ଶମ୍ଭୁଅର୍ଥେ ଗୋଦୋହନ          ପାଇଁ ଦେଲେ ଧେନୁମାନ
କଲ୍ପସନ୍ଧ ଜଳଶାୟୀ । ଭୋଗର ପାଇଁ ସେ । ୫୧ ।

---

୪୬ । ଚେଦବଣ......ଏ କଥା—ଚକୋର ପକ୍ଷୀ ଚନ୍ଦ୍ରଙ୍କ କିରଣ ପାନ କରେ । ସେ ଚକୋର ପୂର୍ଣ୍ଣିମ ରାତ୍ରିକୁ ଦେଖି ଚନ୍ଦ୍ର ଭ୍ରମରେ ଖୁସି ହୁଏ, ତା ପରେ ଯେବେ ସେ ପ୍ରକୃତ ଚନ୍ଦ୍ରକୁ ଦେଖେ ତାର ସୁଖ ସେ କେତେ ବେଶି ହୁଏ, ତାହା କହିହେବ ନାହିଁ । ସେ ପରମ ସନ୍ତୋଷ ଲାଭ କରେ; ସେହିପରି ଶିବ ପାର୍ବତୀଙ୍କ କଥାରେ ନାମ୍ଭୁଦ ଶାଙ୍ଗରେ ମେଳନ ହେବ ଏ କଥା ମନରେ ଭାବି ଆନନ୍ଦ ହେଲ । ୪୭ । ଚୂତ—ଆମ୍ବଗଛ । ଚକ୍ଷୁଗତ—ଚକ୍ଷୁ ଦର୍ଶନରେ । ଭାବ-ମୁକୁଳିତ—ଅବିମ୍ପିତରେ ଫଗୁଣ ହେବ ଏହା ଭାବି ଯେପରି କୋଇଲି ଖୁସି ହୁଏ; ସେହିପରି ସେ ଖୁସି ହେଲେ । ୪୮ । ସନ୍ଧ୍ୟାପାତର ଥଣ୍ଡା ବେଣୀ ହୋଇଗଲେ ଶୀତରେ ଯେପରି ମନ୍ତ୍ରର ନାଡ଼ିରେ ବସ୍ତ୍ର ଲାଗେ ଓ ନାଡ଼ି ଗୁଡ଼ି ଗୁଡ଼ି ହୋଇ ଯାଏ, ସେହିପରି ମନ ବ୍ୟାକୁଳ ବା ଅସ୍ଥିର ହେଲ ।

୪୯ । ଦାହ ଦାହ—ହୁଡ଼ାହୁଡ଼ି, ଧରାଧର ବା ସେହି ସେହି କଥା । ରତ୍ନ ବସନ—ସୁବର୍ଣ୍ଣାଦି ବସ୍ତ୍ର । ୫୦ । ଗିରିଜା—ପାର୍ବତୀ । ଚିତା—ସୁନାପଟା । ଭାଟ୍ଟେଣୀ—ଟାଡ଼ି । ମନ୍ଦାରମାଳୀ—ମନ୍ଦାରଫୁଲର ମାଳ । ଭୂଷଣ—( ଗଣ୍ଠାସୂନ ନେଇକ ) ଅଳଙ୍କାର, ଭୂଷାଦ୍ରବ୍ୟ । ବଳି—ଭୋଗ ଦ୍ରବ୍ୟ ।

୨ । ଶମ୍ଭୁଅର୍ଥେ—ଶିବଙ୍କ ପାଇଁ । ଗୋଦୋହନ—ଗାଈ ଦୁହିବା, ଶିବଙ୍କ ମୁଣ୍ଡରେ ଦୁଧ ଢାଳିବା ପାଇଁ । ଧେନୁ—ଗାଈ । କଲ୍ପସନ୍ଧ—ଦେବଲଗ୍ନ । ଜଳଶାୟୀ—ମହାଦେବଙ୍କ ମୁଣ୍ଡରେ ପାଣି ଅଳ୍ପ ଅଳ୍ପ ବୁନ୍ଦାଏ ଦେବା ।

ବଶିଷ୍ଠଙ୍କ ଦେଲେ ଗଣି          ନାଗ ଭଦ୍ର ପାଇଁ ପୁଣି
ସୁବର୍ଣ୍ଣ ବଣିକ ଭଟେ । ଦେଲେ ସତ୍ୱରେ ଯେ । ୫୨ ।
ତତ୍ତ୍ୱଜ୍ଞାକୁ କହେ ଏମା          ଜଣାଇବୁ ହର ରମା—
— ସ୍ମୃତିରେ ବାଣୀ ଏମନ୍ତ । ମୋର ଶପଥ ତୋ । ୫୩ ।
ଯେବେ ଲଭିବ ସେ ସୁତା          ମୋ ଜୀବ ଥିବାରେ ସେବା
ବନ୍ଧୁଁ ନୋହିବ ଧାତନ ; ବିଧି ବିଧାନେ ଯେ । ୫୪ ।
ନ ଥିଲେ ଲଭିବା ଯୋଗ          ମରଣ କରିବେ ବେଗ
ମୋ ଭୂଷା ଚମ୍ପା ଗଭାର । ପୂଜିବେ ସଖୀ ଯେ । ୫୫ ।
ପୁଣି ବୋଲେ ସହଚରୀ          ଅତୁର ନୃପ ସୁନ୍ଦରୀ
ଧୂଳିଭାତେ ଭୁଞ୍ଜେ ଶ୍ରେଣୀ । ହେଲେ କି ସଖୀ ତୋ । ୫୬ ।
ପକ୍ଷୀ ପକ୍ଷ ଥିଲେ ପାଇ          ଶକୁନାନୁରୂପେ ଗମଇ
ହେଲଣି ଏ କାର୍ଯ୍ୟ ପୂର୍ଣ୍ଣ । ସୁତକମାନ ତୋ । ୫୭ ।
ଦଶଙ୍କ ବିଧି ସୁମୁଖ          ସ୍ୱପ୍ନ ସୁଦ୍ଧ ହେବ ଦେଖ
କଣ୍ଠହାର ଧର ଧୈର୍ଯ୍ୟ । ଲଭିବୁ କାର୍ଯ୍ୟ ତୋ । ୫୮ ।

---

୫୨ । ବଶିଷ୍ଠଙ୍କ—ବଶିଷ୍ଠ, ଅର୍ଥ । ନାଗ—ସର୍ପ । ଭଦ୍ର—ଶୁଭ; (ସର୍ପ ଓ ଶୁଭ ସ୍ୱପ୍ନ ଦେଖିବା ପାଇଁ) ସୁବର୍ଣ୍ଣ—ସୁନା । ବଣିକ ଭଟେ—ବଣିଅ ହାତରେ । ସତ୍ୱରେ—ଶୀଘ୍ର ।

୫୩ । ତତ୍ତ୍ୱଜ୍ଞ—ମାଳିନୀ । ଶପଥ—ରାଣ । ୫୪ । ଜୀବ ଥିବାରେ ସେବା—ପ୍ରାଣ ଥିବାଯାଏ ପୂଜା । ବନ୍ଧ—ବାଧା ବା ହାନି । ବିଧି ବିଧାନେ—ନିୟମ ଅନୁସାରେ ।

୫୫ । ଭୂଷା—ସୁନାର ଅଲଙ୍କାର । ଚମ୍ପା—ଚମ୍ପାଫୁଲ । ସଖୀ—ସଖୀମାନେ; ମହାଦେବଙ୍କର ପୂଜକ । ପର ଜନ୍ମରେ ଭେଟ ଲାଗି । ୫୬ । ସହଚରୀ—ସଖୀ । ଅତୁର—ବ୍ୟାକୁଳ । ଧୂଳି.....ଶ୍ରେଣୀ—ଢେଙ୍ଖୀ ଧୂଳି ଭାତରେ ଖାଇଲେ ଖୁସୀ ହୁଏ କି ତୁମ୍ଭେ ଏତେ ଭଲକର ନୃପ ନାହିଁ, ଅପେକ୍ଷା କର, ନିଶ୍ଚେ ମିଳନଜନିତ ସୁଖ ହେବ ।

୫୭ । ପକ୍ଷୀ—ଚଢ଼େଇ । ପକ୍ଷ—ଡେଣା । ଶକୁନାନୁରୂପ—ଶକୁନ ଅନୁସାରେ । ସୁତକମାନ—ଚନ୍ଦ୍ରସକୁ । ୫୮ । ଦଶଙ୍କ ବିଧି ସୁମୁଖ—ଦୈବ ଅନୁକୂଳ ହେଲଣି ।

ହିମନ୍ତ, ଋତୁ ପ୍ରବେଶ — ପଦ୍ମବନ ହେବ ଧ୍ୱଂସ
ମୂଳ ଥିବାରୁ ବସନ୍ତେ । ପଲ୍ଲବେ ସତେ ଯେ । ୫୯ ।
କ୍ଷୀଣ ହୋଇ କଷ୍ଟ ସହି — ଜୀବମାନେ ଥିଲେ ବୁଦ୍ଧି
ଲଭିବୁ ପରମ ଭୋଗ । ଅଛି ଏ ଯୋଗ ଗୋ । ୬୦ ।
ମାଳତୀ ଅଗମ୍ୟ ବନେ — ଫୁଟିଲେ କରୁର ମନେ
ଭୃଙ୍ଗେ କି ଭୋଗ୍ୟ ନୁହଇ । ପକ୍ଷିଣୀ ସଖୀ ଗୋ । ୬୧ ।
ଏ କଥା ଥିବ ତ ଚିତ୍ତ — ମଧୁମକ୍ଷିକା ରଚିତ
ଦେବଭୋଗ୍ୟ ହୋଇ ଏ କେବେ । ବରୁଷ ସଖୀ ଗୋ । ୬୨ ।
ଫଣୀ ଜାଗ୍ରତେ ଚନ୍ଦନ — ଥିଲେହେଁ କର ଛେଦନ
ବୃକ୍ଷ ହୋଇଛି କି ନାହିଁ । ପକ୍ଷିଣୀ ସଖୀ ଗୋ । ୬୩ ।
ଯେତେବେଳେ କୁସୁମ ଫୁଟେ — ତେବେ ସୁଗନ୍ଧ ପ୍ରକଟେ
ଯହିଁ ତହିଁ ନଦୀଜଳ । ସମୁଦ୍ରେ ମେଳ ଗୋ । ୬୪ ।
ଏମନ୍ତ ବଚନ ହିଁକି — କରି ମାନସ ପ୍ରବୋଧି
ଯତନେ କଲେ ଲଳନା । ସଖୀ ପାଳନା ଏ । ୬୫ ।

---

୫୯ । ହିମନ୍ତ......ସତେ—ଶୀତଦିନ ଆସିଲେ ପଦ୍ମବନ ଶୋଭାହୀନ; କିନ୍ତୁ ପଦ୍ମର ମୂଳ ଥିଲେ ବସନ୍ତକାଳ ଆସିଲେ ପଦ୍ମ କଅଁଳେ ଓ ଫୁଟେ; ସେହିପରି ତୁ ଧୈର୍ଯ୍ୟ ଧରି ପ୍ରାଣ ରଖ, ତୋର ସୁଖ ହେବ । ୬୦ । କ୍ଷୀଣ......ଯୋଗ—ଚିନ୍ତାରେ ଶୁଖିଯାଇ ଓ କଷ୍ଟ ସହି ପ୍ରାଣରେ ବଞ୍ଚି ରହିଲେ ଭଲ ଭୋଗ ହେବ ଏ ଯୋଗ ଦିଶିଲୁଣି ।

୬୧ । ଅଗମ୍ୟବନେ—ଘୋର ଜଙ୍ଗଲରେ । ଭୃଙ୍ଗେ—ଭ୍ରମରଦ୍ୱାରା । ପକ୍ଷିଣୀ-ସଖୀ—ହେ ପ୍ରାଣମିତ । ୬୨ । ମଧୁମକ୍ଷିକା—ମହୁମାଛି ତେବେତ ଜଙ୍ଗଲରେ ମହୁ ସଞ୍ଚି ତା ଫଳରେ ତ ଦେବତା ଭୋଗ କରନ୍ତି; ତୁ ଧୈର୍ଯ୍ୟ ଧର ।

୬୩ । ଫଣୀ—ସର୍ପ । ଜାଗ୍ରତେ—ବିଦ୍ୟମାନତାରେ; ବେଷ୍ଟନରେ । ଛେଦନ—କଟା ।

୬୪ । କୁସୁମ—ଫୁଲ । ସୁଗନ୍ଧି—ସୁବାସ । ପ୍ରକଟେ—ପ୍ରକାଶ ପାଏ । ମେଳ—ମିଶେ ।

୬୫ । ବଚନ ପ୍ରୀତି ଦେଇ—ଭଲପାଇ କଥା କହି । ମାନସ ପ୍ରବୋଧି—ମନକୁ ବୁଝାଇ ବା ସନ୍ତୋଷ କରାଇ । ଯତନେ—ସାବଧାନତା ସହିତରେ । ଲଳନାପାଳନା କଲେ—ତା ମନ ବୁଝାଇ ଦେଲେ ।

ନାସୁକ ସୁଖଦାସୁକ  ଯା ନାମ ଭବ ଭାବକ
  କହିଲା ହୃଦରେ ଧରି । ଅବନୀଶିରା ଏ ।୬୬।
ମାଳିନୀ ତହିଁ ମେଲାଣି  ଘେନି ନିଜ ପୁର ପୁଣି
  ଏ ଛାନ୍ଦ ହୋଇଲା ଶେଷ । ଅତି ହରଷ ଏ ।୬୭।
ହଂସବଂଶକୁ ତୋଷିତ  ସର୍ବଦା ଶ୍ରୁତିରକ୍ଷିତ
  କର୍ବୁରକାନ୍ତ ରଞ୍ଜିତ । କାନ୍ତି ଦୀପିତ ଏ ।୬୮।
ସେ ଧ୍ୟାନ-ବନ୍ଧରେ ଧାତ୍ରି  ଭଞ୍ଜି ବାବରବ କହି
  ତ୍ରୟ ରଚନା ସମସ୍ତ । ପୂରୁ ଏ ଗୀତ ହେ ।୬୯।

---

## ଚତୁର୍ଦ୍ଦଶ ଛାନ୍ଦ

### ( ଚନ୍ଦ୍ରଭାନୁର ଅନୁତାପ ଓ ଶୋକ )

ରାଗ—କଳହଂସ କେଦାର । ମଥୁରା ବଜେ ବାଣୀ

ଶୁଣ ରସିକ ରସ ଏଥୁଅନ୍ତରେ,
  କୁମାର ଶୋଇଥିଲେ ପୁରଚତ୍ୱରେ ସେ ।
ବାହାର ହୋଇ ଗୃହେ ନିଦ୍ରା ବିନ ସେ
  ନାହିଁ ଯାମିନୀ ନାହିଁ କାମିନୀ ପାଶେ ସେ ।୧।

---

୬୬ । ନାସୁକ—କର୍ଣ୍ଣାଟ ରାଜପୁତ୍ର । ସୁଖଦାସୁକ—ସୁଖଦାତା । ଭାବକ—ମହାମନ୍ତ୍ର । ଅବନୀଶିରା—ପୃଥିବୀର ଶୋଭା ସ୍ୱରୂପିଣୀ ଲାବଣ୍ୟବତୀ ।

୬୮ । ବିଧି—ବ୍ରହ୍ମାଙ୍କ ପକ୍ଷରେ—ହଂସ ବଂଶକୁ ତୋଷିତ—ହଂସମାନଙ୍କୁ ସୁଖ ପ୍ରଦାନ କରନ୍ତି (ନିଜ ବାହନ ହେତୁ) । ସର୍ବଦା ଶ୍ରୁତି-ରକ୍ଷିତ—ସବୁବେଳେ ବେଦରେ ତାହାଙ୍କର ମନ ଥାଏ, କର୍ବୁରକାନ୍ତ ରଞ୍ଜିତ—ସୁନାର ବର୍ଣ୍ଣରୁ ବଳି ପଡ଼ୁଛି ଯାହାଙ୍କର ଶରୀରର ଶୋଭା । ଦୀପିତ—ଉଜ୍ଜ୍ୱଳ ସତ୍ତ୍ୱ । ନୃପଙ୍କ ପକ୍ଷେ—ହଂସବଂଶକୁ—ସୂର୍ଯ୍ୟବଂଶ ନୃପ-ମାନଙ୍କର ଆନନ୍ଦଦାୟକ । ବେଦରେ ସେ ସର୍ବଦା ଶ୍ରୁତ ହୋଇ ଅଛନ୍ତି, ବେଦର ରକ୍ଷକ ଅଟନ୍ତି । କର୍ବୁରକାନ୍ତ—ରାକ୍ଷସଙ୍କ ସ୍ୱାମୀ ରାବଣ ତାହାର ରଞ୍ଜନକାରୀ; ତେତା ଏବଂ କାନ୍ତିରେ—ଶୋଭାରେ ଜଡ଼ିତ୍ର—ଧାତ୍ରି—ଧାନ ଦଣ୍ଡ । ରଚନା—ସୃଷ୍ଟି ବା ଏ କାବ୍ୟର ରଚନା । ପୂରୁ—ପୂର୍ଣ୍ଣ ହେଉ ।

୧ । ପୁରଚତ୍ୱରେ—ନଅରର ଅଗଣାରେ । ଯାମିନୀ—ରାତ୍ରି । କାମିନୀ—ସ୍ତ୍ରୀ, ଲାବଣ୍ୟବତୀ ।

ବସି ଘୋଷିଲା ଥାଇ ଛାଟାରେ ମନ
ଏଣୁ ସ୍ୱପନେ ଦେଖା ଦେଲା ସେ ଧନ ଯେ
ଭାବଦେଶକୁ ଗୃହୁଁ ଦେଖିଲା ହାବ
କୁଙ୍କୁମେ ହୋଇଅଛି ସେ ଜବଜବ ଯେ । ୨ ।
ଅହା ରେ ସୁକୁମାରି ନୃପକୁମାରି
ବୋଲି ହୃଦରେ ଦକ୍ଷ କରକୁ ମାରି ଯେ
ଜଳ କଳଶ ଚନ୍ଦ୍ରବିମ୍ବକୁ ଧରି
ପାରିଲି ନାହିଁ ସୁଧା ସ୍ୱାଦ ତ କରି ଯେ । ୩ ।
ମନୁ ମୂର୍ଚ୍ଛନ୍ତି ଅବା ସ୍ୱପନ ବୋଲି
ଜାଣିଲି ଏହୁ ଦେହେଁ କୃତାର୍ଥ ହେଲି ରେ
ସାକ୍ଷାତ ପରି ହୋଇ ସ୍ୱପନ ସଙ୍ଗ
ଭଲୁ ତ କାମବ୍ୟାଧ-ଜରକୁରଙ୍ଗ ରେ । ୪ ।
ସ୍ୱର୍ଣ୍ଣସମ୍ପଦ ଯହିଁ କର୍ପରେ ଥାଇ
ବରଟି ମଣ୍ଡେ ବଜ୍ରପତନ ତହିଁ ରେ
ତୋହର ହୃଦସ୍ଥ ବନ୍ଧୁ କଳ୍ପଣାସ୍ଥାନ
ତହୁଁ ଅଙ୍କୁରି ଯଥା କଟୈନ ସ୍ତନ ରେ । ୫ ।

---

୨ । ବସି...ଧନ—ମନ ସର୍ବଦା ତାର ନାମ ଘୋଷିବାରୁ ସେ ଲାବଣ୍ୟବତୀ ସ୍ୱପ୍ନରେ ଆସି ଦେଖା ଦେଲା, ଏହି ଭାବନା ତାର ପ୍ରଥମେ ହୋଇଥିଲା କବି । ଭାବଦେଶକୁ — ସ୍ତନକୁ । କୁଙ୍କୁମେ...ଜବଜବ —ଜାଫ୍ରାନ କେଶର ବା ହଳଦୀ ଲେପ୍ୟ ରସ ଓ ପିଷ୍ଟିତ ଦ୍ରବ୍ୟରେ ଗଢ଼ା ଲେପ-ବାସ୍ତବର ଚିହ୍ନ ଅଛି (ହାର ବା ଭୂଷଣ କୁଙ୍କୁମ ଲିପ୍ତ ହୋଇଅଛି) ।

୩ । ସୁକୁମାରି—କୋମଳାଙ୍ଗୀ । ନୃପକୁମାରି—ରାଜକନ୍ୟା । ଦକ୍ଷ କର—ଦକ୍ଷିଣ ହସ୍ତ । ଜଳ କଳଶେ—ପାଣି ମାଠିଆରେ । ଚନ୍ଦ୍ରବିମ୍ବ—ଚନ୍ଦ୍ରର ପ୍ରତିବିମ୍ବ—ଚନ୍ଦ୍ରର ପ୍ରତିବିମ୍ବ ବା ଛାଇ । ସୁଧାସ୍ୱାଦ—ଅମୃତ ଆସ୍ୱାଦନ ।

୪ । ମୂର୍ଚ୍ଛନ୍ତି—ଭ୍ରାନ୍ତ । ସ୍ୱପନ—ମିଥ୍ୟା । କୃତାର୍ଥ—କୃତକୃତ୍ୟ, ସଫଳ-କାମ । ସାକ୍ଷାତ—ପ୍ରତ୍ୟକ୍ଷ । କାମବ୍ୟାଧର କୁରଙ୍ଗ—କନ୍ଦର୍ପ ରୂପ ଶବରର ହାତରେ ହରିଣ ପରି ମୋତେ ମାରିଲା ।

୫ । ସ୍ୱର୍ଣ୍ଣସମ୍ପଦ—ସ୍ୱର୍ଣ୍ଣପୂର୍ଣ୍ଣ । ବରଟି—ଅଶ୍ମଣି । ବଜ୍ରପତନ—ତା ମୁଣ୍ଡରେ ବଜ୍ର ପଡ଼ିବା । କଳ୍ପଣାସ୍ଥାନ—ଦସ୍ୟୁର ସ୍ଥଳ । ଅଙ୍କୁରି—ଜାତ ହୁଏ ।

ମନକୁ ଯେତେକ ପାଶେ ରଖିଲୁ ତୋର
କି ଅପରାଧେ ମୋତେ କଲୁ ଅନ୍ତର ରେ ।
ଜାଣିମାରେ ମୋ ଦୋଷ ନାହିଁ ତ କିଛି
ଦଶେ ଯା ଦଣ୍ଡ ଦୃଷ୍ଟି କରୁଣା ଅଛି ରେ । ୬ ।
କି ଏବା ମୋତେ ଭାନ୍ତ ବୋଲିବା ପାଇଁ
ଲାଜ ପାଇଲୁ ଗୁରୁ ଚନ୍ଦ୍ରମା ମୁହିଁ ରେ ।
ଯେବେ ମୁଁ ଆନ୍ତି ପାଦେ ହୋଇ ଚୋପୁର
ଏହା କ୍ଷମା ନ କଲୁ ନାଗରବର ରେ । ୭ ।
ଶିବ କେମନ୍ତେ ଦେଖ ବହିଲେ ଶିରେ
ଶଶୀ ଶବଦ ଥାଉଁ ଚନ୍ଦ୍ର ସ୍ନେହରେ ଯେ
ଏମନ୍ତ ଅଣ ତୋର ଅବଧାନଙ୍କୁ
ପ୍ରଭୁ ଯେ ବଢ଼ କରେ ଦାସଜନଙ୍କୁ ରେ । ୮ ।
ଭସ୍ମକୁ ଅଙ୍କୁରାଇ ଯାହା ନୟନ
ତା ଆଗେଁ ଭସ୍ମ ହେଲେ ଅଣାପ୍ତି ଯେନ ରେ
ଏ ଅପଯଶ ଦୋଷ ହେବ କାହାର
ଚରଣ ଧର ମୁଁ ଯେ ଶରଣ ତୋର ରେ । ୯ ।
କଲେ ତୁ ଶିବ ଅନୁଗ୍ରହ ପ୍ରଦାନ୍ତି
ଅଳକାଭିତେ ଶିବବାର ହୁଅନ୍ତି ରେ ।
ସେବାରେ ଅଳୀ ଫୁଲଗୁଚ୍ଛାରେ ମାଳୀ
ହୋଇ ଲଗାନ୍ତି ବାମବଦନେ କାଳୀ ରେ । ୧୦ ।

---

କଟିକ ପୁନ—ଶରର ପରି ଛାଣ କୁଧ । ୬ । ଅପରାଧେ—ଦୋଷରେ ।
ଦଶେ ଯା ଦଣ୍ଡ—ଦେଖିବାରେ ଦେଖାଯାଉ । ୭ । ଚୋପୁର—ସୁନ୍ଦର ।
ନାଗରବର—ରସିକ ଶ୍ରେଷ୍ଠ ।

୮ । ଶଶୀ ଶବଦ—କଳଙ୍କଯୁକ୍ତ ଶଶ ତାଙ୍କ ନାମ ହେଲେହେଁ । ସ୍ନେହରେ—ସ୍ନେହରେ ମୋର ଦୋଷ ଥିଲେହେଁ ମୋତେ ତୁମ୍ଭେ ଅଙ୍ଗୀକାର କର । ଅବଧାନଙ୍କୁ—ଶିଷ୍ୟଙ୍କୁ ।

୯ । ଭସ୍ମକୁ……ଯେନ—ଯେଉଁ ମହାଦେବଙ୍କ ଚକ୍ଷୁ କନ୍ଦର୍ପକୁ ପୋଡ଼ି ଭସ୍ମ କରି ଦେଇଥିଲା, ସେହି ନୟନ ଆଗରେ ଭସ୍ମରେ ଅଣାଯୁକ୍ତ ହେଲେ । ଅପଯଶ—ନିନ୍ଦା ।

୧୦ । ସୁଦନ୍ତୀ—ସୁନ୍ଦର ଦନ୍ତ ଯାହାର ସେ ସୁନ୍ଦରୀ । ଅଳୀ—ସଖୀ ।

ସପ୍ରାଣେଶ୍ୱରୀ ବନା ଅଳ ବଚନେ
ଜାଣନ୍ତି ନାହିଁ ଚକୋର ବଇନୀ ଧନେ ରେ
ପ୍ରସଙ୍ଗବଶେ ଅବମ୍ବିଲେ ରୁ କୋପ
ଛଡ଼ାଉଥାନ୍ତି ଗୃହୁଁ ପ୍ରକାଶି ତାପ ରେ । ୧୧ ।
ଦ୍ରାକ୍ଷାରୁ ସ୍ୱାଦୁ ଘନସାରୁଁ ଶୀତଳ ।
ପିକୁଁ ସୁସ୍ୱର ଲବଣୀରୁ କୋମଳ ରେ ।
ଏହା କହିବା ଓଠେ ନାଥା ଫୁଲ୍ଲଇ ।
ଚକ୍ରବର୍ତ୍ତୀ ପଣକୁ ଗଣନ୍ତି ନାହିଁ ରେ । ୧୨ ।
ଏତେ ସହିଲ ନାହିଁ ଖଳ ବଧାତା ।
ମୁଁ ଜାଣେ ତେଣିକି ଶଙ୍କୁ ନ କଲ୍ଲ ଚିନ୍ତା ଯେ ।
ତୁଷାର ନାଶ କରେ ଜନମସ୍ଥାନ ।
ଭାଗ୍ୟରେ ନ ସମ୍ଭାବେ ଏ କୁଟମାନ ରେ । ୧୩ ।
ଦୁର୍ବଳ ମାରିବାକୁ ସମସ୍ତେ ଆଗ ।
କାମକୁ ମହାଦେବ କଲେ ଅନଙ୍ଗ ଯେ ।

---

ଭାମବଧନେ—ଦର୍ପ ମୂର୍ତ୍ତିରେ । ଦର୍ପ ମୋତେ ସ୍ପଷ୍ଟ କରୁଛି, ମୁଁ ତୋତେ ପାଇ ତୋର ସେବା କଲେ ମୁଁ ଦାଗ ସାଧୁ ନଥାନ୍ତି ।

୧୧ । ସପ୍ରାଣେଶ୍ୱରୀ—ପ୍ରାଣେଶ୍ୱରୀ—ପ୍ରାଣର ମାଲିକ । ଭଙ୍ଗୀବଚନେ—ବକ୍ର-ସ୍ୱଭ ବଚନ । ପ୍ରସଙ୍ଗବଶେ—କୌଣସି ପ୍ରସଙ୍ଗରେ । କୋପ ଅବମ୍ବିଲେ—କ୍ରୋଧ ପ୍ରକାଶ କଲେ । ତାପ—ଦୁଃଖ, ରାଗ । ଗୃହୁଁ—ଘରରୁ କଥା । ପ୍ରକାଶ—କହି ।

୧୨ । ଦ୍ରାକ୍ଷା—ଅଙ୍ଗୁର । ଘନସାର—କର୍ପୂର ବା ଚନ୍ଦନ । ପିକୁଁ—କୋଇଲି-ଠାରୁ । ଲବଣୀ—ଲହୁଣୀ । ଏପରି କଥା କହିଲେ । ଚକ୍ରବର୍ତ୍ତୀପଣ—ଲକ୍ଷ ରାଜାଙ୍କ ସମ୍ପ୍ରଦାୟ ଟିକିଏ ଭୁଲି ଯାନ୍ତି ।

୧୩ । ଏତେ......ମନ—ଶତ୍ରୁ ବାଧା ଏଡ଼ା ଦେଖିବାକୁ ସହିଲୁ ନାହିଁ । ମୋଠାରେ ନାହିଁ ବୋଲି ଶଙ୍କା କଲ, ମୁଁ ତାର ଶଙ୍କା କରି ନାହିଁ । ମୁଁ ଲାଗି ମୋଠାରେ ଶଙ୍କା କରୁଛ ତାହା ସେ ଖଳ । ତାର ଜନ୍ମସ୍ଥାନ ଦେଖୁଛ ପଦ୍ମ; ତୁଷାର—ହିମ ପଦ୍ମକୁ ନଷ୍ଟ କରେ; ତାର ପିତୃଦ୍ରୋହୀ ସେ ହିମ ତାଠାରେ ଏହି କପଟ ଚିନ୍ତା ଏହି ଖଳ ବୁଝି ପାରୁ ନାହିଁ । ନ ସମ୍ଭାବେ—ଲକ୍ଷ୍ୟ କରୁ ନାହିଁ ।

୧୪ । ଅନଙ୍ଗ—ଦେହଶୂନ୍ୟ, କାମ । ତାଙ୍କ—ମହାଦେବଙ୍କ । ଦର୍ପଦଳନେ—ଗର୍ବନାଶରେ । ଭଳି—ସଦୃଶ, ସମାନ । ସେ ତାକୁ ପୋଡ଼ି

ତେନାହିଁକି ତାଙ୍କ ଦର୍ପଦଳନ ଭଲି ।
ବିନା ଦୋଷରେ ଶରେ ମୋତେ ତ ଜାଳି ଦେଇ ।୧୪।
ଚିନ୍ତେ ଶୁଣି ହୋଇଲେ ଜୀବନ୍ତୁ ଭଣ ।
ଜୀବନକୁ ଅର୍ଥ କେହି ନ ଲେଖ ଦେ ।
ଜୀବନ ଥିଲେ ହୋଏ ସବୁ ପ୍ରାପତ ।
ତୋହାଅଇ ସମ୍ଭାବିତ ଅସମ୍ଭାବିତ ହେ ।୧୫।
ଧ୍ରୁବ ବାଳକ ବ୍ରହ୍ମଜ୍ଞାନ ଲଭିଲା ।
ଅଗସ୍ତିଙ୍କ ଉଦରେ ସିନ୍ଧୁ ରହିଲା ଯେ ।
ପକ୍ଷ ନ ଥାଇ କପି ଗଗନଗତ ।
କର୍ପୂରକୁ ଜଳରେ ଜାତ ଉଦିତ ଯେ ।୧୬।
ଶତହିଁ ହୋଏ ହିତ ସନ୍ନିପାତରେ ।
ବାସୁକୀ ଫଣା ପୃଥ୍ୱୀ ଧାରଣ କରେ ଯେ ।
ଶ୍ରୁତି ନ ଥାଇ ସର୍ବ ସମ୍ପଦେ ରଜା ।
ଜନକଦ୍ରୋହି ପାଉଅଛି ପୃଥ୍ୱୀରେ ପୂଜା ଯେ ।୧୭।
ଜଳ ବିମ୍ବେନେ ସନ୍ଧ୍ୟା କାଳେ ପ୍ରକାଶ ।
ସବିତା-କରେ ହୋଇଅଛି ସାରସ ଯେ ।

---

ହୋଇଲେ ତାଙ୍କର କିଛି ଅନିଷ୍ଟ କରୁ ନାହିଁ, ମୁଁ ତାର କିଛି ଅନିଷ୍ଟ କରୁ ନାହିଁ ଅଥଚ ମୋତେ ତା ଶରରେ ପୋଡ଼ି ପକାଉଛି ।

୧୫। ସମ୍ଭାବିତ—ଯାହାକୁ ଭାବିଥିବ ତାହା ସମ୍ଭାବନାର ବାହ୍ୟ ହେବ ନାହିଁ—ସମ୍ଭବ ଅସମ୍ଭବ ହେବ, ଘଟିଲା କଥା ଘଟିବ ନାହିଁ, ନଘଟିବା କଥା ଘଟିବ ।

୧୬। ଧ୍ରୁବ—ନାରଦଙ୍କ ବା ସପ୍ତଋଷିଙ୍କ ଶିକ୍ଷାରେ ଧ୍ରୁବ ଶିଶୁ ବ୍ରହ୍ମଜ୍ଞାନୀ ହେଲା । ଅଗସ୍ତ୍ୟ ସପ୍ତ ସମୁଦ୍ର ଜଳ ପାନ କରିଥିଲେ । ହନୁମାନ ଆକାଶରେ ଉଡ଼ିଲା ( ଡେଣା ନ ଥାଇ ) କର୍ପୂର ଜଳପରେ ଅଗ୍ନିପରି ଜ୍ୱାଳା ଦିଏ । ୧୭ । ବିଷ ଖାଇଲେ ଲୋକ ମରେ ; କିନ୍ତୁ ସନ୍ନିପାତରେ ବିଷ ଅମୃତ ପରି କାର୍ଯ୍ୟ କରେ । ବାସୁକି ପୃଥିବୀକୁ ମସ୍ତକରେ ଧାରଣ କରେ କିନ୍ତୁ ନରହାତ—ଅର୍ଜ୍ଜୁନଙ୍କ ହାତ ପୃଥିବୀ ଧନୁସ୍କନ୍ଧରେ ଟେକା ହୋଇଥିଲା । ( ନର—ଅର୍ଜ୍ଜୁନ; ନାରାୟଣ—କୃଷ୍ଣ ) ।

୧୮ । ସବିତା କରେ—ସୂର୍ଯ୍ୟଙ୍କ କିରଣରେ । ସାରସ—ପଦ୍ମ । ଶ୍ରୁତି—କାନ । ମହେନ୍ଦ୍ର—ମହାବଳ, ସ୍ୱର୍ଗର ରଜା । ଜନକଦ୍ରୋହୀ—ପିତାଦ୍ରୋହୀ ସେ

ଶବଦ ଶୁଣେ ସର୍ପ ଶ୍ରୁତ ନ ଥାଇ ।
ପ୍ରହଲାଦ ସନ୍ଦେହ, ଜନକଦ୍ରୋହୀ ହେ । ୧୮ ।
ଏ କଥାମାନ ଯଥା ହୋଇଛି ସେନ ।
ତଥା ସତ ହୋଇବ ତୁମ୍ଭ ସ୍ୱପନ ହେ ।
ସ୍ୱପନ ଯେବେ ତୁମ୍ଭେ ସତ ନ କର ।
କହ କାହିଁକି ଅଛି ତା ଦେଖିବା ଭାବ ସେ । ୧୯ ।
ଯେବେ ସୁଯୋଗ ନାହିଁ ତୁମ୍ଭ ଭର୍ତ୍ତର ।
କାହିଁ ସିଂହଳ ଦ୍ୱୀପ କାହିଁ ଏ ପୁର ହେ ।
କାହୁଁ ସିଦ୍ଧ ଯୋଗିଣୀ କେ କାହିଁ ଥିଲା ।
ସ୍ୱପ୍ନ ପର ସାମ୍ନାରେ ସାକ୍ଷାତ କଲା ସେ । ୨୦ ।
ଅବଶ ହେଲେ କାର୍ଯ୍ୟ ନହୁଇ ବେଗ ।
କାଳକୁ ଶୁଣି ବେଗ ହୁଅଇ ଯୋଗ ହେ ।
କୁମାର କହେ ମୋର ମୋହିଲା ଚିତ୍ତ ।
ଅବଶ ହୋଇବାର ନୋହେ ଅଯୁକ୍ତ ସେ । ୨୧ ।
ନାରୀଙ୍କୁ ବଶ ହୋଇ ଜଗତେ ନାହିଁ ।
ବାନରୀ-ରୂପେ ହେଲେ ପବନ ମୋହି ସେ ।
ଏକେ ଅଦ୍ରିସ୍ୱରଙ୍ଗା ଦୁଇ ଧୀବରୀ ।
ପରାଶର ଋଷିର ବିବେକ ହର ସେ । ୨୨ ।
ଅମୂଲ୍ୟ ସ୍ୱାମୀବନ୍ତ ଦେଖା ଭାଗ୍ୟରେ ।
ଧନ ବୋହିବ କେତେ ପୁଣି ମାତାରେ ସେ ।

---

ଯେ ବଡ଼ ପାପୀ; ପିତା ଦୁର୍ଦ୍ଦାନ୍ତ, କିନ୍ତୁ ପାପୀ ହିରଣ୍ୟକଶିପୁର ଦ୍ରୋହ କରି ପୁଣି ପ୍ରହ୍ଲାଦ ଧନ୍ୟ ହେଲେ ।

୨୧ । ଅବଶ—ଅଣି, ବଶ୍ୟ ହିଁଲ । ବେଗ—ଶୀଘ୍ର କାର୍ଯ୍ୟ-ସିଦ୍ଧ ହୁଏ ନାହିଁ । ଅବଶ...ଅଯୁକ୍ତ—ମୁଁ ତାଙ୍କୁ ସମତାର ଅଧୀନ କରି ପାରୁ ନାହିଁ, ଅଣଆୟତ୍ତରେ ଅବଶ ହୋଇ ପଡୁଛି ।

୨୨ । ବାନରୀରୂପେ—ହନୁମାନଙ୍କର ମାତା ଅଞ୍ଜନାର ରୂପରେ ପବନଦେବ ମୁଗ୍ଧ ହୋଇ ତା ସଙ୍ଗରେ ରମଣ କରିଥିଲେ, ତହୁଁ ହନୁମାନଙ୍କ ଜନ୍ମ । ସତ୍ୟବତୀ—କେଉଟର ଝିଅ; ଅଦ୍ରିକା—ଅପ୍ସରାପ୍ରୌଢ଼ିକା । ପରାଶର ଋଷି ତାଙ୍କରେ ଆସକ୍ତ ହୋଇ ରମଣ କରିବାରୁ ବ୍ୟାସ ଜନ୍ମିଥିଲେ ।

ଏମନ୍ତ ପଦାର୍ଥ କି ଲାବଣ୍ୟନାଥ ।
ସ୍ୱପ୍ନେ । ପସ୍ତ ଦେଖି ନ ଥିବେ ବିଧି ଯେ । ୨୩ ।
ବାଳୀର ଶୋଭା ସୁବେଶକୁ ସୁବେଶ ।
ଅଧରେ ସମାପତ ହୁଅଇ ହାସ ଯେ ।
ଅରୁଣ ହୋଇଲେ ନବ ଚନ୍ଦ୍ରମା ଦିଶି ।
ବନ୍ଧୁଳି ପର ଯାଇ ଦେହଣି ମିଶି ଯେ । ୨୪ ।
ନାଚ କଳଶେ ଯଥା କଳ ଗୁପତ ।
ପଦ୍ମଙ୍କ ପରି ଦିଶେ ନ ପଡ଼ଇ ତ ଯେ ।
ହସିଲା ବେଳେ ଖସି ପଡ଼ନ୍ତା ପସ୍ତ ।
ଖସି ନ ପଡ଼େ ତଥା ଅମୃତଧାର ଯେ । ୨୫ ।
ତା ନେନ୍ତ ଗତାଗତ ଅପାଙ୍ଗ ସର ।
ଦୁଇ ଦିଗକୁ ଟାଣିଲ ହେମନ୍ତ୍ରେ କାର ଯେ ।
ଅନଙ୍ଗ କି ତୁରଙ୍ଗ ଧାଇଡ଼ି ଦେଇ ।
ତାର ସନ୍ଧାନେ ଧୈର୍ଯ୍ୟ ପକାଡ଼ି ନେଇ ସେ । ୨୬ ।

---

୨୩ । ଅମୂଲ୍ୟ—ଅପୂର୍ବ । ସମାବର୍ତ୍ତ—ସର୍ବଶ୍ରେଷ୍ଠ । ସ୍ୱପ୍ନ ମାତ୍ରେ—ସ୍ୱପ୍ନକାଳେ । ବିଧି—ବ୍ରହ୍ମା ।

୨୪ । ବାଳୀର—ଲାବଣ୍ୟବତୀର । ଶୋଭା ସୁବେଶକୁ—ଉତ୍ତମ ବେଶର ଉତ୍ତମ ବେଶ । ଅଳଙ୍କାରର ଶୋଭାକୁ ତାର ଶୋଭା ବଢ଼ାଇଲା, କିନ୍ତୁ ତାର ଶୋଭାକୁ ଅଳଙ୍କାର ବଢ଼ାଇଲା ନାହିଁ—(ଅଲଙ୍କରଣସ୍ୟାଲଙ୍କରଣଂ କାଦୂତିତସ୍ୟ ଲକ୍ଷଣମ୍ ବାଣଭୋଜୀ । ଅଧରେ ସମାପତ ହୁଅଇ ହାସ—ମନ୍ଦ ହାସ୍ୟ ହେତୁ ଓଷ୍ଠରେ ଦାନ୍ତ ଛୋଇ ଓଷ୍ଠରେ ଲୀନ ହୁଏ । ତାହା ସ୍ଫୁଟ । ଅଧର ହୋଇଲା ଅରୁଣ । ଦାନ୍ତସ୍ଥି (ଲୁବ ହେତୁ) ଈଷତ ଦୃଶ୍ୟମାନ ହେବାରୁ ଓ ହାସ—ଚନ୍ଦ୍ରମା ଓ ବନ୍ଧୁଳି ପରି ସୁଶୋଭିତ । "ଯୋଷି ଏବେ ଛୁଡ଼ି ଲୁହି ସ୍ମିତେ ନ ଦଶା ଭଞ୍ଜ ଦେଖ । ରବିଚନ୍ଦ୍ର ମଣ୍ଡଳ ହିଡ଼ାମ୍ଭ" ବ: ମଞ୍ଜରୀ ।।

୨୫ । କଳଶ—ମାଠିଆ । ଗୁପତ—ବନ୍ଦ । ଯେପରି ନାଚ ମାଠିଆରେ ପାଣି ଥାଇ ପଦ୍ମଙ୍କ ପରି ଦେଖାଯାଏ କିନ୍ତୁ ପଡ଼େ ନାହିଁ । ସେହିପରି ସେ ସୁନ୍ଦରୀ ହସିଲା ବେଳେ ଅମୃତଧାର ଖସି ନ ଖସିଲା ପରି; ହସ ଏତେ ମଧୁର । ୨୬ । ଗତାଗତ—ଗମନ, ଯିବା ଆସିବା; ଅପାଙ୍ଗ—ଆଖି କୋଣ, ସର ପର୍ଯ୍ୟନ୍ତ । ଟାଣିଲେ—ଟଣାଏ । ଅନଙ୍ଗ—କାମ । ତୁରଙ୍ଗ ଧାଇଡ଼ି—ଘୋଡ଼ା ଦୌଡ଼ । ତାର ସନ୍ଧାନେ—ତାର ଯୋଜନାରେ । ଧୈର୍ଯ୍ୟ ପକାଡ଼ି ନେଇ—ଧୈର୍ଯ୍ୟ ଦୂର କରି ଦେଉଛି ।

ସୁନ୍ଦରୀ ମାନେ ବୃନ୍ଦ ଯାଇ ଦେଖିଲ ।
ଦେଖନ୍ତେ ମାଧୁର୍ଯ୍ୟ-ଭର୍ତ୍ତି ସନ୍ଦୀପନ ହେ ।
ଦଶନ କି ଦେବନ ତାଟଙ୍କଙ୍କୁ ସୁବଳକ
ଉଦିତ ମୁଦିତକୁ ଅଟଳ ନୀଳାବ୍ଜ ହେ । ୨୭ ।
ସୁଷଣ୍ଣ ଘଣ କୁଚ ଯେମନ୍ତ ଧାତଣ ।
ତେମନ୍ତ ବୋଲି କୁହା ନ ଯିବ ଶେଷେ ହେ ।
ଏମନ୍ତ ହେଲେ ବାଣୀ ସବିନ୍ଦ ଯାହିଁ ।
ବର୍ଣ୍ଣନ କରୁଥାଇ ଉପମା ଦେଇ ହେ । ୨୮ ।
ସୁନ୍ଦର ସଦନେ କି ସ୍ୱର୍ଣ୍ଣ ପଞ୍ଜରୀ ।
ଧାତା ରଚିଛି ଅକ୍ଷିପକ୍ଷୀକି ଧରି ହେ ।
ତେମନ୍ତ ଏହିକି ବୋଲି ଭଗ ଦେଖାଇ ।
ମନ-ନେତ୍ରରଞ୍ଜନ ସ୍ଥିର ନ ଯାଇ ହେ । ୨୯ ।
ବାଳୀ ଅନେକ ଦାନ୍ତ କନକବଲ୍ଲୀ ।
ସ୍ତବାନ୍ତରକୁ ନୋହି ସମସ୍ତେ ବୋଲି ହେ ।

---

୨୭ । ଦେଖନ—ଦେଖି; ଦର୍ଶନ । ମାଧୁର୍ଯ୍ୟ—ସୁନ୍ଦର । ସନ୍ଦୀପନ - ଅଗ୍ନିଶିଖା ଜଳାଇବା । ଦେବନ ତାଟଙ୍କ—ଦୁଇ କର୍ଣ୍ଣର ଦୁଇ ଡଳକି (ଅଳଙ୍କାର); ସୁବଳକ—ସୂର୍ଯ୍ୟ ଓ ଚନ୍ଦ୍ର । ଦଶନକି— ଧବଳା ଦନ୍ତ । ନୀଳାବ୍ଜ—ନୀଳୋତ୍ପଳ । ଚକ୍ଷୁମାନ୍ ହେଲେ ନୀଳୋତ୍ପଳ । ଉଦିତ—ଉଦୟଶ । ମୁଦିତ—ସଙ୍କୋଚ ଦିଆଯାଇ ରହି ଅଛନ୍ତି । ଯେ ହିଏ ମାଣ୍ଡବ୍ୟସମ୍ବନ୍ଧୀ ତାଟଙ୍କ ଓ ଯୋଗିଏ ସୁରଙ୍ଗ ସମ୍ବନ୍ଧୀ ତାଟଙ୍କ । ସୂର୍ଯ୍ୟ ଚନ୍ଦ୍ର ଭଳି ଉତ୍ପ୍ରେକ୍ଷା କଲ । ଉତ୍ପ୍ରେକ୍ଷା କରିବାକୁ ଦୋଷ ହେଲା ନାହିଁ ।

୨୮ । ସୁଷଣ୍ଣ—ଅତି ସୁନ୍ଦର । ଘଣ—ଘନ, କଠିନ । ଶେଷେ ଅନନ୍ତ ବା ବାସୁକିଙ୍କ ମୁଖ (ସହସ୍ର ମୁଖରେ ମଧ୍ୟ) ବାଣୀ—ସରସ୍ୱତୀ, ବାକ୍ୟ । ୨୯ । ସୁନ୍ଦର ସଦନେ—ଭଲ ଘରେ । ସ୍ୱର୍ଣ୍ଣ ପଞ୍ଜରୀ—ସୁନା ପିଞ୍ଜରା । ଗୃହକାର୍ଯ୍ୟ-କର୍ମ ହେଲା ସୁନ୍ଦର ସଦନ । ସ୍ୱର୍ଣ୍ଣ ପଞ୍ଜରୀ ହେଲା ସ୍ତନ । ଆଖି ହେଲା ସେଥିରେ ପକ୍ଷୀ; ଆଖି ଲକ୍ଷ୍ୟ ଭେଦେ । ତେଣୁ ଯିବାକୁ ଏହି ପରିମାଣରେ ଭୟ । ସୂର୍ଯ୍ୟକିରଣ ଯେମନ୍ତେ ସର୍ବଦା ଥାଏ ସେହିପରି ମନ ହେଲା ସ୍ଥିରବଦନ—ସୂର୍ଯ୍ୟ କିରଣ ଅତି ଉଚ୍ଚ ସ୍ତନ ।

ସ୍ତନ ମଧୁର ମଧୁକୋଷକୁ ଅଣି ।
ସଞ୍ଚିଲେ କି ରୋମାଳୀ ସରଘା ଶ୍ରେଣୀ ଯେ । ୩୦ ।
ଶୃଙ୍ଗାର ରସଲତା ରୋମାଳୀ ବ୍ୟାଜ ।
ଫଳିଛି ପ୍ରେମାମୃତ ଫଳ ଭଲ୍ଲକ ଯେ ।
ଲଭର ଭାଗ୍ୟ ନାକ ଭୋଗ ହେବ ସେ ।
ଧନ୍ୟ ବର୍ଣ୍ଣିଲ ସ୍ତନ ମଲ୍ଲିକା ଭେଟେ ଯେ । ୩୧ ।
ଜାଣିଲି ସେହି ସ୍ତନ କାନ୍ତି ସମାନ ।
ଲଭି ଏମାନ ଲଭିଲେ କି ଏ ମାନ ଯେ ।
ଶ୍ରୀଫଳ ଯେ ଶ୍ରୀବନ୍ତ ପ୍ରଥମେ ହୋଇ ।
ତୃଣରାଜ ପଦକୁ ପଛେ ପକାଇ ଯେ । ୩୨ ।

---

୩୦ । ଅନେକବାର କନକଲଣ୍ଡୀ—ବହୁବାର ଶର୍ଣ୍ଣରେ ଶୋଭା ହୋଇଥିବା ସୁନାର ଲତା । ଅଥବା କହିଲ ସୁନାର ଲତା ଏ କନ୍ୟା ଲୁକାନ୍ତରରୁ—ଫୁଲ ଭୁଜର ମଧ୍ୟରୁ । ସ୍ତନ ହୋଇଲୁ ମଧୁର ମଧୁକୋଷ—ମଧୁର ମଧୁମକ୍ଷିକା ମହୁ ଫେଣା । ସରଘା—ଉଡ଼ିଅ ପରବୃ ବା ମହୁମାଛି ସବୁ ହେଲେ ରୋମାଳି- ଉଦର ମଧ୍ୟସ୍ଥ ରୋମରେଖା । ସଞ୍ଚିଲେ—ସଞ୍ଚାଦଲେ ।

୩୧ । ରୋମାଳି—ରୋମରାଜି ବା ରୋମର ରେଖା ସେ ହୋଇଲୁ ଶୃଙ୍ଗାର ରସର ଲତା; ବ୍ୟାଜ—ଛଳନା; ରୋମାଳି ନୁହେଁ ସେ ଶୃଙ୍ଗାର ରସ-ଲତା । ଭଲ୍ଲକ—ସ୍ତନ ହୋଇଲୁ ପ୍ରେମାମୃତମୟ ଫଳ । ( ଭାଗବତ—ନିଗମ କଳ୍ପତରୋର୍ଗଳିତଂ ଫଳଂ ଶୁକ ମୁଖାଦମୃତଦ୍ରବସଂଯୁତମ୍ ) ମଲ୍ଲୀକ—ମଲ୍ଲୀପୁଷ୍ପ ।

୩୨ । ସେହି ଲାବଣ୍ୟବତୀର ସ୍ତନ ସଙ୍ଗେ ସମାନ ହୋଇ ବଡ଼ ହେବ ହେବାକୁ ନଡ଼ିଆ ଶ୍ରୀବନ୍ତ—ଶୋଭାଯୁକ୍ତ ହେବାକୁ ଶ୍ରୀଫଳ ବୋଲାଇ ତୃଣରାଜ ପଦକୁ ତ୍ୟାଗ କଲା । (ତୃଣରାଜ—ନଡ଼ିଆ) ବା ଶ୍ରୀଫଳ ଯେ ବେଲ ପ୍ରଥମରେ ବା ଆଦ୍ୟରେ ଶ୍ରୀବନ୍ତ ହୋଇଥିଲା ଅର୍ଥାତ୍ ଶ୍ରୀ ଆଦ୍ୟରେ ତାର ଥିଲା । ପଛରେ ତୃଣରାଜ ସେ ତାଳ ତାହାର ପଦକୁ ପକାଇଲା ଅର୍ଥାତ୍ ରାଜପଦ ତୃଣ ଶବ୍ଦର ପଛରେ ରହିଲା । ପ୍ରଥମ ଅର୍ଥ ସମୀଚୀନ । କାରଣ ସେହି ଦେଶୀୟ ଶବ୍ଦର ନାମ ତ, ତାହା ପୂର୍ବରେ ଶ୍ରୀ ରହିବାରୁ ସେ ଶ୍ରୀଫଳ ବୋଲାଇଲା ଓ ପରେ ରାଜା ରହିବାରୁ ତୃଣରାଜ ବୋଲାଇଲା—ତାହାଙ୍କ ପ୍ରଥମ ନାମକୁ ଗ୍ରହଣ କରିବାରେ ତାର ହେବ ଦ୍ୱିତୀୟରେ ନୁହେଁ—(କାରଣ ଅସଙ୍ଗତ ଅର୍ଥରେ ପାର୍ଥକ୍ୟ ଅଛି) ।

ରୁଦ୍ର ଶିବ ହେବାର ସଂଶୟ ଦୂର ।
ଏତେ କାଳରେ ଅଧି ତେଙ୍କ ମୋହର ଯେ ।
ଯେତେବେ ଲଭିଲୁଣ ସେ ସ୍ତନାମ୍ବରଣ ।
ଭାନୁସିଂହାସନେ ବସିବ ଅବଶ୍ୟ ଯେ । ୩୩ ।
ତୁମାର ବୋଲେ ଆନ ବ୍ୟବସାୟକୁ ।
ଜନ କି କାହିଁ ବର୍ଣ୍ଣୁଥିବା ତାହାକୁ ଯେ ।
ଦୀପ୍ତି ଏମନ୍ତ ହେଲା ରହିଁବ ଗୃହିଁ ।
ସୁରେଳ ଚାଳକ ଚଳସିଂହୋଇବ ଯହିଁ ଯେ । ୩୪ ।
ପୀୟୂଷପିଚ୍ଛୁଳାଙ୍କୁ ସୁନା ରସାଣ ।
ଏହା ଛବି କି ଧାତା କଲା ଭିଆଣ ଯେ ।
ସଂସାରସାର ସବୁ ଲାବଣ୍ୟମାନ ।
ପ୍ରତିବିମ୍ବ ଦେବାକୁ ଦେହବାକୁ ସ୍ଥାନ ଯେ । ୩୫ ।

---

୩୩ । ରୁଦ୍ର—ଶଙ୍କର, ସେ ମଙ୍ଗଳକର ହେବେ; ଏହି ଯେଉଁ ସଂଶୟ ଥିଲା ତାହା ଦୂର ହେଲା । ମହାଦେବଙ୍କ ନାମ ରୁଦ୍ର ଓ ଶିବ; ଯେ ରୁଦ୍ର ସେ କିପରି ଶିବ ହେବେ ଏହି ସଂଶୟ ଥିଲା, ବର୍ତ୍ତମାନ ସେ ପ୍ରସନ୍ନ ହେବାରୁ ସେ ସଂଶୟ ଦୂର ହେଲା । ବା ରୁଦ୍ର ଯେ ମହାଦେବ ସେ କାହିଁକି ଶିବ ହେଲେ—ଏ ସଂଶୟ ମୋର ଏତେକାଳେ ଦୂର ହେଲା । ବିଲ୍ୱସ୍ତନା ବୋଲିବାରୁ ଶ୍ରୀଫଳ ବୋଲାଇଲା; ତାଳସ୍ତନୀ ବୋଲିବାରୁ କୃଷ୍ଣବର୍ଣ୍ଣ ସେ ବୋଲାଇଲା । ଶମ୍ଭୁସ୍ତନା ବୋଲିବାରୁ ମହାଦେବ ହେଲେ କି ଶୁଭଯୁକ୍ତ ହେଲେ । ପ୍ରଥମେ ବିଲ୍ୱୋପମା, ଦ୍ୱିତୀୟରେ ତାଳୋପମା, ତୃତୀୟରେ ଶିବୋପମା ହେଲା— ଏରୂପ କ୍ରମରେ । ସ୍ତନାମ୍ବରଣ — ବୁଧ ଛୁଇଁବା । ଭାନୁସିଂହାସନ —ଭାନୁରୂପ ସିଂହାସନ । ୩୪ । ଅନ୍ୟ ବ୍ୟବସାୟ—ଅନ୍ୟ ପ୍ରସଙ୍ଗ, ଅନ୍ୟ ବିଷୟ ବର୍ଣ୍ଣନା କରିବା—ସ୍ତନ କେବଳ କବି ବର୍ଣ୍ଣନା କରୁଥିବ । ଦୀପ୍ତି—ଦୀପ୍ତି । ଗୃହିଁ—ଗୃହରେ; ଦୀପ୍ତି ଏପରି ଘନ ଯେ ସେଥିରେ ଚାଳକ ଚଳସି ହୋଇ ପଡ଼ିବ (ସୂର୍ଯ୍ୟଦେବଙ୍କ ମନୋବଳ) ।

୩୫ । ପୀୟୂଷପିଚ୍ଛୁଳାଙ୍କୁ—ଅମୃତମୟ ମୂର୍ତ୍ତିକୁ । ରସାଣ—ଲେପ । ଭିଆଣ—ନିର୍ମାଣ । ସଂସାରସାର ଲାବଣ୍ୟ—ସଂସାରସ୍ଥ ସବୁ ସୁନ୍ଦର ପଦାର୍ଥର ସାର । ପ୍ରତିବିମ୍ବ—ପ୍ରତିଫଳିତ ହେବାକୁ, ଦର୍ଶାଇବାକୁ ଏ ଉପଯୁକ୍ତ ସ୍ଥାନ । ଶରଭଦ—ଠେକ । ଗହର—ଶ୍ୱେତ ଦୀପ । କୁଙ୍କୁମ ଶୋଭା—ହଳଦୀ, ଫିଟିକିରି ଓ ଲେମ୍ବୁରସର ଲେପ । ଅବାଙ୍ଗୁତେ—ଦେହରେ । ପିଚ୍ଛୁଳ—ସଙ୍ଗିଳ । ଯେପରି ନଦୀ ସମୁଦ୍ର ସଙ୍ଗେ ମିଶେ—ସେହିପରି ସ୍ତ୍ରୀ ତା ସଙ୍ଗରେ ମିଶିବାକୁ ସମୁଦ୍ରକୁ ସ୍ତୁତି କରିବା ।

କି ଗନ୍ଧବହ ଅନ୍ୟ ଗନ୍ଧ ଦ୍ରବେ ।
କୁଙ୍କୁମ ଶୋଭା କରେ ଯେ ଅବସୃତେ ଯେ ।
ସିନ୍ଦୁରୁ ଗୁରୁ ଭାବ ମନ ଏମନ୍ତ ।
ମିଶିବ ଅଙ୍ଗେ ଭଲେ ଜାଣ ଯେମନ୍ତ ଯେ । ୩୬ ।
ମମତା ଏଥି ଖଗବର ପ୍ରକାର ।
ତା ଅଗେ ବହିଥିବ ଯୋଡ଼ାଣ କର ଯେ ।
ଶିବ ପାର୍ବତୀ ଅର୍ଦ୍ଧଅଙ୍ଗ ପରେ ।
ସେ ଅଳଙ୍ଗନ ହୋଇଥିବ ଶରୀରେ ଯେ । ୩୭ ।
କଣ୍ଠୁ ତୋଳିଁ କମଳା ପଦ୍ମ ସେହି ।
ଅନ୍ତର ହୋଇ ପଡ଼ନ୍ତି ନ ଯିବ କାହିଁ ଯେ ।
ଭଲେ କଲେବରକୁ ଯଥା ନ ଛାଡ଼େ ଛାଇ ।
ମୁଁ ତାକୁ ନ ଛାଡ଼ିବି ସେହିମନ୍ତ ହୋଇ ଯେ । ୩୮ ।
ଯେବେ ଜୀବନେ ଥିବି ଉପାୟ କରି ।
ତପେ ତୋଷିଲି ମନାଇ ହର ଗଉରୀ ଯେ ।
ଲଭିବି ବାଞ୍ଛିତ-ରତନ ଅବଶ୍ୟ ।
ଯୋଗେ ସଙ୍ଗମ ନୋହିଁ ହୋଇଲେ ନାଶ ଯେ । ୩୯
ତାକୁ ପାଇବି ଅଛି ଏଥି ଭରସା ।
ଚନ୍ଦ୍ର ଲଭିଲା ମନ୍ଥି କ୍ଷୀରୁ ଶଶା ଯେ ।
ତା ନାମ କହୁଥିବି ମୁଁ ସୁମରଣ ।
ଗଲେ ତ ଜୀବ ହେବ ତେମା ସୁମରଣ ଯେ । ୪୦ ।
ସୁମେଧା ସୁତ ବୋଲେ ତୋ ଶତ୍ରୁ ମନ୍ତ୍ରୀ ।
ଦୂର୍ବା କୁଟାରୁ ଶ୍ୱେତ କର ତୁ ଯନ୍ତ୍ର ଯେ ।

---

୩୭ । ମମତା ଏଥି—ଏହି ସ୍ନେହ । ଖଗବର—ଗରୁଡ଼ । ଯେପରି ଗରୁଡ଼ ବିଷ୍ଣୁଙ୍କ ପାଖରେ ମୁଁ ସେପରି ତା ପାଖରେ ବସିବି ।
୩୮ । କମଳା—ଲକ୍ଷ୍ମୀ । କଲେବର—ଦେହ । ୩୯ । ହରଗଉରୀ—ଶିବ-ପାର୍ବତୀ । ବାଞ୍ଛିତରତନ—ପ୍ରିୟାଶ୍ରେଷ୍ଠ । ୪୦ । ଶଶା । ଯେପରି ଜାଣି-ଥିଲେବେଳେ ଚନ୍ଦ୍ରଙ୍କୁ ପାଇବା ନିମନ୍ତେ ଷାଣ୍ଡ ଷାଣ୍ଡ ମନ୍ଥି ଓ ମନ୍ଥି ପରେ ଚନ୍ଦ୍ରଙ୍କୁ ପାଇ ତାଙ୍କ ଦେହରେ ଲାଗି ହୋଇ ରହିଲା, ସେହିପରି ମୁଁ ପାଇବି । ସୁମରଣ—ସ୍ମରଣ ଓ ଏଲ ମୃତ୍ୟୁ ।

ସାଧୁଙ୍କ ସୁତ ବୃହସ୍ପତି ଥାଇଛନ୍ତି ।
ତେସ ଅଧିକଳ କୃପାମ୍ବୁ ଭବତା କାନ୍ତି ହେ । ୪୧ ।
ଦ୍ୱୀପ ସପତ ଶୋଭା ଜମ୍ବୁ ପ୍ଲକ୍ଷରେ ।
କୁଶ କ୍ରୌଞ୍ଚ ଶାକ ଶାଲ୍ମଳୀ ପୁଷ୍କରେ ହେ ।
ଲବଣେକ୍ଷୁ ସୁରା ସର୍ପି ଦଧି ଦୁଗ୍ଧ ।
ଯସ୍ତୁ ଏସନି ସପତ ସମୁଦ୍ର ହିଁ ତ ହେ । ୪୨ ।
ଦୂରେଁ ନବଖଣ୍ଡ ଏ ଅଛନ୍ତି ଭୂମି ।
ସିଂହଳଦ୍ୱୀପେ ଅଛି କଳ୍ପଦ୍ରୁଗାମୀ ହେ ।
ଏଥିପାଇଁ ସ୍ତବିବ କାହିଁ ଜୀବନ ।
ଅବିରତେ ଭବତା କୃପାବୃନ୍ଦମାନ ହେ । ୪୩ ।
ତେସ ତ ସ୍ୱଧାରେ ସ୍ତ୍ରିୟ ଧ୍ୱଂସ ଲଭିବ ।
ବଂଶିଜ ଜଣେ ଦିନା ବଳୀ ହୋଇବ ହେ ।
ଏମନ୍ତ ବଚନରେ ତୋଷିଲେ ଚିତ୍ତ ।
ଏ ସ୍ତବ ଅତି ରମ୍ୟ ହୋଇଲା ଶାନ୍ତ ହେ । ୪୪ ।
ଦୈତ୍ୟହତ ଚତୁର୍ଭୁଜ ରଞ୍ଜିତ ।
ଶିଖିଚନ୍ଦ୍ରଙ୍କୁ ପଦ୍ମଯୁ ଚେତ ତ୍ରଳିତ ହେ ।
ହେ ସମ ନାରାୟଣ ଦୂରିତ ଧ୍ୱଂସ ।
ବଳଭ ଜଗନ୍ନାଥ ଭଣ୍ଡ ଏ ରସ । ୪୫ ।

---

୪୧ । ସୁରସାଧ୍ୟ ସୁତ—ସୁରେଶ୍ୱରଙ୍କ ପୁଅ । ୪୨ । ସିଦ୍ଧ—ପ୍ରସିଦ୍ଧ, ଜଣା ।
୪୩ । କଳ୍ପଦ୍ରୁଗାମୀ—ଶତଗୁଣଗମନ ଲାଭକାରୀ । ଅବିରତେ—ସର୍ବଦା ।
୪୪ । ବଂଶିଜ—ଉଚ୍ଚ ବଂଶଜାତ । ୪୫ । ହେ ଦୈତ୍ୟହତ ଚତୁର—ଦୈତ୍ୟ ଯେ ରାକ୍ଷସମାନେ ସେମାନଙ୍କ ହାତରେ—ନାଶରେ ଯେ ଚତୁର—କୁଶଳ । ହେ ଭୁଜରଞ୍ଜିତ—ଭୁଜଦ୍ୱୟରେ ଶୋଭିତ । ଶିଖିଚନ୍ଦ୍ର—ଅଗ୍ନି ବା ସୂର୍ଯ୍ୟ । ନାରାୟଣଙ୍କ ପକ୍ଷ—ଦୈତ୍ୟଙ୍କ ଘାତରେ—ଅସୁରଙ୍କ ନାଶରେ ଚତୁର୍ଭୁଜରଞ୍ଜିତ—ଚାରିଗୋଟି ବାହୁରେ ଶୋଭିତ । ଦୂରିତ—ଦୁଃଖ ଓ ପାପ ।

# ପଞ୍ଚଦଶ ଛାନ୍ଦ

## ( ଐନ୍ଦ୍ରଜାଲିକର ମାୟା ଦେଖାଇବା )

ରାଗ—ବସନ୍ତଭୈରବ । ଭୃଷା ଦ୍ୱାଦଶ ଛନ୍ଦ ବାଣୀ ବା କଳସା ବାଣୀ

ଶୁଣ ଜନେ ଏଣୁ ବିଧାତାଙ୍କୁ ବଡ଼ ବୋଲି ।
ବ୍ୟାଜେ ଧନ ଅର୍ଜ୍ଜନେ ଅନେକ ଦେଶ ବୁଲି ସେ ।
ସିଂହଳ ଦ୍ୱୀପେ ପ୍ରବେଶ ହେଲା ନଟବର ।
ଇନ୍ଦ୍ରଜାଲଶାସ୍ତ୍ରେ ଦକ୍ଷ ବିନୋଦ ନାମ ତାର ସେ ।
ହସ୍ତେ ତା'ର କାନ୍ଧେ ଝୁଲୁଅଛି ଚର୍ମପେଟୀ ।
ଦେହେ ଲଗି ହୋଇଛନ୍ତି ଚନ୍ଦନ ଚିତ୍ର ମାଟି ସେ । ୧ ।
ମନ୍ତ୍ରବିଦ୍ୟା ଶ୍ରେଣୀକ ଫଳନ୍ତି ତାକୁ ବେଳ ।
ତାହିଁ ଭ ଶୋଭିତ ସେ ମସ୍ତକୁଳ ସେନ ସେ ।
ଦଶ କୁଣ୍ଡାକୁ ବେଢ଼ିଛି ଅଙ୍ଗଲାବ ଫୁଲ ।
ଜଡ଼ିତ ଧରିଛି ଭଲ ଭଲା ଓରମାଲ ସେ ।
ସୁନାମୋଡ଼ିଆ ପନସକଢ଼ିଆ କୁଣ୍ଡଳ ।
ଦୋହଲି ଶୋଭା କରୁଛି ତା ଗଣ୍ଡମଣ୍ଡଳ ସେ । ୨ ।
ହସ୍ତେ ଦାନ୍ତେ ସୁନାଖିଲି ଝଲ ଝଲି ଦନ୍ତ ।
ପାନେ ପାଗି ଯାଇଛି ସେ ଜମ୍ବୁଫଳ ମତ ସେ ।
ସିନ୍ଦୂର ଟିକାହିଁ ତା ହଟକେଶ୍ୱର ପଟେଣି ।
ବନ୍ଧୁଛି ଯଟି ହୋଇଛି ସୁଗଳ ଖଣ୍ଡେ ସେ ।
ଦ୍ୱିକଣାମଲ ବାନା ତା ଦ୍ୱୁଙ୍କଙ୍କ ପରତା
ମହା ମହା ଗୁରୁମାନଙ୍କର ଦଦେହନ୍ତା ସେ । ୩ ।

---

୧ । ବ୍ୟାଜେ—ଛଳରେ । ତାକ—ତମ୍ବୁ । "ତାଙ୍କ ମଧ୍ୟରୁ ତାହଅର୍ଦ୍ଧ-ମାତ୍ର ଏଠାକୁ ଆଣ୍ଡା ସାହସ" ବାଃ ତଃ ଭଃ ।

୨ । ଫଳନ୍ତି—ବ୍ୟାଘ୍ରମ ହେତୁ ମାଂସ ଓ ରକ୍ତ ଶୋଷା ବାନ୍ଧି ଫୁଲ ଓଣ ହୋଇଛି । ମସ୍ତକୁଳ—ମସ୍ତକର ମୁକୁଟ ଶୋଭା । ଓରମାଲ ବା ଓରମାଲ—ସୁନ୍ଦର ବା ବଡ଼ ରୁମାଲ । ବକ୍ରକୁଣ୍ଡା—କୁଣ୍ଡା ବଙ୍କା ହୋଇ ବନ୍ଧା ହୋଇଛି ।

୩ । ଝଲ ଝଲି—ଚକ୍ ଚକ୍ । ଜମ୍ବୁଫଳ—ଜାମୁକୋଳି । ହଟକେଶ୍ୱର—ଦ୍ୱାଦଶାସ୍ତ୍ର ଶ୍ରେଷ୍ଠ । ବନ୍ଧୁଛି—ପାର୍ଶ୍ୱ । ସୁଗଳ ଖଣ୍ଡେ—ଦୁଇ ଅଙ୍ଗରେ ।

ଧଣ୍ଡି ଶୈବଳା ଚରଣେ ଭଳ ଝଙ୍କାରରେ ।
ବିଦ୍ୟୁଜିହ୍ନ ହେମ ଡାଳୀ ବାମ ଶ୍ରବଣରେ ଯେ ।
ପିନ୍ଧନ୍ତି ପଞ୍ଚଙ୍ଗ ଫେଟା ଚନ୍ଦ୍ର ଶାଖା କର ।
ବଙ୍କପାଟ ଖଣ୍ଡୁଆ ଉଡ଼ିବେ ମାଧୁରୀ ଯେ ।
ବେଢ଼ିଛନ୍ତି ଶୈଖ୍ୟ କୃଷ୍ଣଶିଖ୍ୟ ଦେଶ ବେଢ଼ାଇ ।
ଟେକି ତଉଡ଼ନା ଏକ ପାଶ ମୁଣ୍ଡେ ମୁଣ୍ଡିଅଛି ଯେ । ୪ ।
ପିନ୍ଧି କଳନାକାନ୍ଥକୁ ବାନ୍ଧନ୍ତି ଛନ୍ଦି ।
ଝୁଲିଲ କାଳୀ ଚିତ୍ରା ଚେକ ଭଲ୍ଲୁଚେଲ୍ଲୁଶା ଦେଖାଯେ ।
ବାନ୍ଧିଛନ୍ତି ଏସ ବଂଶଶଳାକା ଅଧା ଉଭାଳି ।
ଗୋଟ ନାଟ ଅରଟୀ ରଣପାଦ ମଞ୍ଜୁଳ ଯେ ।
ମଧ୍ୟବର୍ତ୍ତୀ ହେମଭୂଷା ନାଦେ ନଟୀସାର ।
ବୟସରେ ଷୋଡ଼ଶୀ ବେଶରେ ମନୋହର ଯେ । ୫ ।
ଏସେ ଲଟପୀ ଲଟପଧୀକ୍ଷୀୟ ଲଟପିକା ।
ଲେଖାଦେଲେ କୁଠାର ଘର ମନରେ ଭରକା ଯେ ।
ଚିତ୍ତେ କାଳ ଧରିବାକୁ ଦର୍ପଣ ଓ ଟେକ ।
ମୁଖ ଫାଟି ନଇଲେ ଭରିଷ୍ଣୁ ଜଭଜକ ଯେ ।

---

ଭବଶ୍ୟାମାଳବାନା—ତା ସଭାଦ୍ୱାରେ ଭଗ ଓ ବାଜପକ୍ଷୀ ଅଙ୍କିତ ଚ୍ଛତ୍ରଙ୍କ—ଶ୍ୟାମ । ଦର୍ପଣହସ୍ତା—ଗନ୍ଧନାଶନାଓ । ୪ । ଧଣ୍ଡିଶୈବଳା—ଗୋଡ଼ଝିଙ୍କୁଳୀ—ପାଦବଳା ବା ଧଣ୍ଡିଖାଡ଼ ପାଦରେ ଝିଙ୍କୁଳି ପରି ଗୁଡ଼ାଇ ହୋଇଛି ବା ପାଦରେ ଫୁଲମାଳା ଧାରଣ କରିଛ । ଚରଣେ—ପାଦରେ । ହେମଡାଳି—ସୁନାର ଡାଳକ (କର୍ଣ୍ଣର ଅଳଙ୍କାରବିଶେଷ) ବାମ ଶ୍ରବଣରେ—ବାଁ କାନରେ । ପଞ୍ଚଙ୍ଗ—ପଞ୍ଚରଙ୍ଗର ବସ୍ତ୍ର, ପିନ୍ଧା ଲୁଗା । ଫେଟା—କମରରେ ଗୋଡ଼ିବା ଲୁଗା (ସ୍ତ୍ରୀମାନେ ଫେଣ୍ଟ ମଧ୍ୟ ଏହି ଅର୍ଥରେ) । ଶାଖା ଚନ୍ଦ୍ର— ସ୍ତ୍ରୀର କଟିବନ୍ଧନ ତୁଲ୍ୟ । ବଙ୍କ ପାଟ—ଭଲ ପାଟ । ମାଧୁରୀ—ଶୋଭା । ତଉଡ଼ନା—ରୁମାଲ । ୫ । କଳନା କାନ୍ଥ—ଝୁଲିବା ବା ଲମ୍ବିବା ଲେଞ୍ଜୁଡ଼ି ବା ଜାଞ୍ଜି । ଭ୍ରୂଚେଲି—କପାଳରେ । ବଂଶଶଳାକା—ଲମ୍ବ ବାଉଁଶ । ଗୋଟ—ମାଟିଆ । କଟି—ପିନ୍ଧା ଲୁଗା (କାଛ ମଧ୍ୟ)—ନାଟ—ଶିର ମଧ୍ୟ । ଅରଟୀ—ବାଦ୍ୟଯନ୍ତ୍ର ବିଶେଷ । ରଣପାଦ—ଡାଙ୍ଗପାଦକୁ ସ୍ତମ୍ଭକ । ମଞ୍ଜୁଳ—ସୁନ୍ଦର । ମଧ୍ୟବର୍ତ୍ତୀ—ମଝିରେ ଥିବା । ୬ । ଲଟପୀ—ଅସଭ୍ୟ । ଲଟପ—ଲମ୍ପଟ । ଲଟପୀ—ଗଛ । କୁଠାର—

ଅଙ୍ଗେ ସଙ୍ଗ କରିଅଛି ସେ ବନ ହଳଦୀ ।
କାନ୍ତି ହୋଇଛି ପାରିଲୁ ଅମ୍ଭ ଗଞ୍ଜହୃଦୀ ଯେ । ୬ ।
ଚତୁସ୍ପାରେ ଅଳକାକୁ ନୂତନେ ଖଣ୍ଡିଛି ।
ଫୁଲଗୁଡ଼ାଏ ଜୁଡ଼ାରେ ଯତନେ ମଣ୍ଡିଛି ଯେ ।
ଦିଶୁଛି ସେ ଜଳଦ ବଳାକୀମହୋଜ୍ଜ୍ୱଳ ।
କଜ୍ଜଳ ଭର ଦେଇଛନ୍ତି ନୟନେ ଉଜ୍ଜ୍ୱଳ ଯେ ।
ମୃଗ ହୋଇଲାକୁ ଅଛି ତଥିଲ ଗୁଡ଼ୁପ ।
ଖେଳାଭୂଟିଯାକ ବାନ୍ଧିଦେଇଛନ୍ତି କସ୍ତୁରୀ ଯେ । ୭ ।
ଅଦ୍ଭୁତିତା ଶୁଭ୍ର ହୋଇଅଛି ଭାଲପଟ ।
ଭ୍ରୂକୁଟିର ଲଗି ଝଟକଇ ଝଟ ଝଟ ଯେ ।
କହିନ କି ଭଣ୍ଡି କ୍ୱଳନ କାମଜାଲି ଚାହିଁ ।
ଅଦ୍ଭୁଥିଲା ଜଗମାକୁ ସେ ବାମା ଲଭଇ ଯେ ।
ଶଚଳକ୍ଷ କଟାକ୍ଷ ତା ପାଇଁ ଯୋଗିଣ୍ଡିକି ।
ବଜରା ଭ୍ରୂତମ ଅଦ୍ଭୁଲେ ମୃଗଧର୍ମ ବେଢ଼ିକି ଯେ । ୮ ।
ବେଶନ୍ତ ପୃଷ୍ଠରେ ତା ଗୁଣୀ ନାକଚଣା ଅଛି ।
ନାସାଦଣ୍ଡି ଫୋଡ଼ାଇ ଗୁଣୀ ଲଗାଇଛି ଯେ ।
ତନ୍ନପୁରେ ମୋତେ ବଢ଼ାଇବାରସଣାଗୁଚ୍ଛ ।
ନାସା ନାହିଁ ବୋଲି ଚିନ୍ତା ବହୁଛି ଅଧରେ ଯେ ।
ସୁନା ମଲ୍ଲୀକଢ଼ୀ ଫୁଲ ଢାଳିପଟିଅମ ।
କାନୀରେ ଭରିଛି ଶ୍ରବଣକୁ ମନୋହର ଯେ । ୯ ।

---

ହୃଦୁକି । ଗୁଞ୍ଜହୃଦୀ—ଏକ୍ସ । ୭ । ଅଳକାକୁ—ଚୂର୍ଣ୍ଣ କୁନ୍ତଳକୁ—ମୁଣ୍ଡଉପରେ କୁନ୍ଦୁକିଆ ବାଳ । ଜଳଦ ବଳାକ—ମେଘ ସହିତ ବଗସମୂହକୁ । ସେ ତନୁ ମୃଗଧର୍ମ ଧରିବାକୁ ବାକି ହୋଇ ଶୋଷ୍ଠ ସ୍ତବାଣ୍ଡିଲି । ତନୁ ଚତୁରା ଭୁଇଁଯାକ କସ୍ତୁରୀ ବାନ୍ଧିଲୁ ପରି ତନୁର କୃଷ୍ଣ ଲଣ୍ଡି ହ୍ୱାସ ଦଳା ଦେଖାଗଲୁ । ୮ । ଅଦ୍ଭୁତିତା—ଅବିରଳ ଚିତା । ଶୁଭ୍ର—ବେଶରେ ଉଜ୍ଜ୍ୱଳ ; ଭ୍ରୂକୁଟୀ—ଭ୍ରୂଯୁଗ୍ମ ବଳଣ । କାମଜାଲୀ—କନ୍ଦର୍ପର ଜାଲ ପାଶବନ୍ଧ—ଶବରମାନେ ନୂଣ୍ଡରେ ନାଥି ପଲମ ହାତରେ ନାଥି ଜଣ୍ଟ; ଧରି ବଣରେ ଭୁଲ ମୃଗମାନଙ୍କୁ ମାରନ୍ତି, ଏହାକୁ ଜାଲ ପାଶିଧି କହନ୍ତି । ସେ ସ୍ତ୍ରୀ କନ୍ଦର୍ପ ଜାଲପାଶିଧି କରି ଆହିଁବା ଭୁଲନାକୁ ଧରିଛି ।
୯ । ବେଶପୃଷ୍ଠରେ—ନାକର ଭୂଇ ପ୍ରକାରେ । ଗୁଣୀ, ନାକଚଣା—ନାକର

ତହିଁ ଝଲକାଇ ସେ ଝଲକା ଝଲକକୁ ।
ଅସ ଟେକାଲି ଟାଣକୁ ଭାବଇ ପ୍ରତ୍ୟୁଷକୁ ଯେ ।
ଅଧରେ ଯେ କରୁଅଛି ଧାନରଙ୍ଗସଙ୍ଗ ।
ପ୍ରବାଳ ଜୁଡ଼ିଲା ଥୋଡ଼ି ଦେଇ କି ରଙ୍ଗ ଯେ ।
ଲୁଟାଇଛି ଶବ୍ଦରେ ମଛିକା ସ୍ତୁତିଦାନ ।
ଓଠେଷ୍ଟୁ ମଧୁ ସଞ୍ଚିବାକୁ କି ସେ ଉପସ୍ଥିତ ଯେ । ୧୦ ।
ଲମ୍ପଣା ଶିଖାରେସ ପଶୁଛନ୍ତି ଦନ୍ତରାଜି ।
ଦେଖୁଛି ସେ ପାଡଲ୍ଲ ଭାଳମୁମଞ୍ଜି ଗଞ୍ଜି ଯେ ।
ଭାଟମାଳୀ ମୋତି କଣ୍ଠା କଣ୍ଠିମାଳୀ ମଞ୍ଜୁ ।
କମ୍ବୁ କଣ୍ଠେ ଲଗାଇଅଛି କି ତ୍ରିଧା ରଜ୍ଜୁ ଯେ ।
ନବଘନ ଦେଖି ପ୍ରାପ୍ତ ବୈବର୍ଣ୍ଣ ତେଳ ।
କଇ ଭୁଜେ ଗ୍ରନ୍ଥିତ ହୋଇଛି ନୀଳସେଲୀ ଯେ । ୧୧ ।
କଷ ଭୁଜ ଅଙ୍ଗକୁ ବୋଲି ସେ ଅଛି ଗ୍ରାସି ।
କାଳିନ୍ଦୀରୁ ମୃଣାଳ ବାହାର ପଶ୍ଚ ଦଣି ଯେ ।
ସେ ଭୁଜେ ବାନ୍ଧିଛି ରୂପାସୁତା ବଦ୍ଧମାଳୀ ।
ପାଣିରେ ତା ପାଣିଜାତ ମିଥ୍ୟା କହୁଅଛି ଯେ ।

---

ଅଳଙ୍କାର ଭୂଲେଖୋଟି । ନାସାଦଣ୍ଡି—ନାକପୁଡ଼ା । ଋତୁଶତଲ୍ପାଣ—ଋଷିକୁଶଳା । ସ୍ତବଣଙ୍କୁ—କାନକୁ । ମନୋରମ—ସୁନ୍ଦର ।

୧୦ । ଝଲକାଇ—ହସାଇ, ଚମକାଇ । ଝଲକ—କର୍ଣ୍ଣଭୂଷଣ ବିଶେଷ । ଝଲକ—ଗଣ୍ଡି । ପ୍ରବାଳ—ପୋହଳା । ଜୁଡ଼ିଲା—ଚନ୍ଦ୍ରକଣ ଦଇ ଲେପ ଦେବା । ଅଧରେ—ଓଠରେ । ମଛିକା—ମାଛି । ମଧୁ—ମହୁ, ଅମୃତ ।

୧୧ । ଲମ୍ପଣା—ଅଲକା । ଶିଖା—ଦେଉଳ । ମୋତିକଣ୍ଠା—ମୋତିର କଣ୍ଠମାଳା । କଣ୍ଠିମାଳୀ—କଣ୍ଠର ମାଳାବିଶେଷ । ମଞ୍ଜୁ—ସୁନ୍ଦର । କମ୍ବୁକଣ୍ଠେ—ଶଙ୍ଖ ସଦୃଶ କଣ୍ଠରେ । ତ୍ରିଧା ରଜ୍ଜୁ—ତ୍ରିଧାରେ ଦଶି ସଜା ହୋଇଥିବା ଦଉଡ଼ି । ନବଘନ—ନୂଆ ମେଘ—ଜଳ ବର୍ଣ୍ଣ ନ ଥିବାରୁ ଶ୍ୱେତ ଥିଲା । ନଳସେଲୀ—ନେଳିଆ ବାଦୁଲ ।

୧୨ । କଷଭୁଜ—କାଳ ନାଗ ବାହୁ । ଅଙ୍ଗକୁ......ଗ୍ରାସି—ବାହୁମୂଳ ବାହୁର ଅଧକୁ ଘୋଡ଼ାଇ ଅଛି । କାଳନ୍ଦୀ—ଯମୁନା (ତାର ପାଣି କଳା) ମୃଣାଳ—ପଦ୍ମନାଡ଼ । ପାଣିରେ—ହାତରେ । ପାଣିଜାତ—ହସ୍ତରେ ଉତ୍ପନ୍ନ

ଅଞ୍ଜନରଚିତେ ରଞ୍ଜନ କଚକ ପାସୁଲି ।
ଦର୍ପଣବପ୍ର ମୁଦରେ ଦୀପିତ ଅଙ୍ଗୁଳୀ ଯେ । ୧୨ ।
ଅଛି ଜଘନତଳେ ଭିଡ଼ ଦେଇ କଞ୍ଚୀଡୋର ।
ଚିହ୍ନୁଛି ଯେ ଅତଳସ ଲହଙ୍ଗା ଉପର ଯେ ।
ବାଜୁଅଛି କ୍ଷୁଦ୍ରଘଣ୍ଟି କଟେ ଝୁମ ଝୁମ ।
ଲଟେ ଉପରଣି କଞ୍ଚପାଟେଲୁଗା ସୁଷମ ଯେ ।
ଝଣଝଣ ହୋଇ ଶଙ୍ଖା ପଘୁଣ୍ଡି ଚରଣେ ।
ତାହେଲ ବସିଲେ ଦହିଁରି ଧନ ବିତରଣେ ଯେ । ୧୩ ।
ବେଣୀମାଳୀ ମୂର୍ଦ୍ଧେ କଟେନ ଭ୍ରମ ଜନ୍ମାଇ ।
ସ୍ତନଦେପଣ୍ଡିଛି କି କାଳବ୍ୟାଳ ବାହାରଇ ଯେ ।
ମୁଦୀ ଲଗାଇଛି ତନ ତନ୍ତ୍ର ପ୍ରପଦରେ ।
ଧରିଛି ଅମୃତଗର୍ଭା ଧନୁ ବେଣା କରେ ଯେ ।
ଏମନ୍ତରେ ନାଟ ନାଟୀ ସିଂହଦ୍ୱାରେ ଯାଇ ।
ଦେଖିବାକୁ ଲୋକେ ଛନ୍ତି ଘଙ୍ଗେ ଘୋଡ଼ାଇ ଯେ । ୧୪ ।
ସିଂହଦ୍ୱାରେ ରହି ବଜାଇଲେ ଢୋଲ ତୁରୀ ।
ନୃପତି ଶୁଣିଲେ ଯାଇଁ ଜଣାଇଲେ ଦ୍ୱାରୀ ଯେ ।
ଶୁଣି କହେ ଜନ୍ମ କୁମୁଦବନ୍ଧୁ ମହାରାଜ ।
ଆସିଛି ଇନ୍ଦ୍ରଜାଳିକ କର୍ଣ୍ଣାଟ ରାଜ୍ୟ ଯେ ।

---

ପରିବା ସବୁ ମାଳପାତ । ମିଠା ଜଡ଼ାଉ କାମ (ଫା—ମୀନା—ସୁନା ରୂପା ଆଦି ଉପରେ ଜଡ଼ାଯିବା ରଙ୍ଗ ବିରଙ୍ଗ କାମ) । କରଜ—ନଖ—ଏଠାରେ ହାତ ଅଙ୍ଗୁଳି ଉପର ବା ନଳ । ଦୀପିତ—ଶୋଭିତ, ଝଟକ । ଅଞ୍ଜନ ରଚିତେ—ଦଳା ଦେବାରେ ।

୧୩ । ଅତଳସ (ଆରବ୍ୟ ଶବ୍ଦ) ରେଶମୀ ବସ୍ତ୍ର । ଲହଙ୍ଗା—(ହି, ଲଙ୍ଗ—କମର + ଅଙ୍ଗା—କମରୁ ତଳକୁ ସମସ୍ତ ଶରୀର ଢାଙ୍କିବା ପାଇଁ ସ୍ତ୍ରୀମାନଙ୍କ ପୋଷାକ ବିଶେଷ) । ଉପରଣି—ଓଢ଼ଣୀ ଚଦର । କଞ୍ଚପାଟେଲୁଗା—ଉପର ଅଣ୍ଟିରିଆ ବସ୍ତ୍ର । ସୁଷମ—ସୁନ୍ଦର । ଶଙ୍ଖା—ଛନ୍ଦ, ଗଣ୍ଡିଆ—ପାଦର ଅଳଙ୍କାର ବିଶେଷ । ଧନ ବିତରଣେ—ଧନ ବାଣ୍ଟିବାରେ ।

୧୪ । ବେଣୀମାଳୀ—କେଶରେଖା—(ଜାଦବର) । ସ୍ତନଦେପଣ୍ଡିଛି—ସ୍ତନରୂପ ଦେଖିଛି । କାଳବ୍ୟାଳ—କୃଷ୍ଣସର୍ପ । ପ୍ରପଦ—ଗୋଡ଼ ଅଙ୍ଗୁଳି । ଅମୃତ ଗର୍ଭା—ସ୍ୱରବାଦ୍ୟ ବିଶେଷ (ଅମୃତଗୋଳ ?) :—ଧନୁ ଭଳି ହାତରେ ଧରିଛି । ଦେଖ ବିପକ୍ଷ—ଦେଖ ସ୍ଥାନ । କକ୍ଷ ଲୁହିଦ ବାଧ

ଶୁଣି ତ୍ରିସ୍ଥ ଦାନ୍ତିଗୁଣ କହିବାକୁ ହଟ ।
ଅସ୍ତ୍ର ଖେଳିବାକୁ ତହିଁ ନୃପତିମୁକୁଟ ଯେ । ୧୫ ।
ଶୁହିଁ ଦେଖିଲି ପ୍ରତିହାର୍ଯ୍ୟ ଦଶ ବଂଶ ଧାଇଁ ।
ଛାମୁରେ ତେଣ ଭେଟାଇଲେ ନାଟ ନାଟୀ ନେଇ ଯେ ।
ଖେଳା ପଡୁଥିଲେ ଅନେକ କି କି ବିଦ୍ୟା ଜାଣି ।
ତେଣ କହିଲା ଦ୍ୱୀପେଶ୍ୱର ସାବଧାନେ ଶୁଣ ଦେବ ।
କୁହୁକ ଗୁଟିକାଞ୍ଜନ ସ୍ତମ୍ଭନ ମୋହନ ।
ବଶ ଉଚ୍ଚାଟନେ ଜାଣି ମୁଁ ଭେଳକିଭଞ୍ଜନ ଯେ । ୧୬ ।
ଗଦ ଗଦେ ବିଷ ଝାଡ଼ନେ ମୁଁ ଧନ୍ୱନ୍ତରୀ ।
ଗୁରୁଏ ଯେମନ୍ତି ମୋରେ ମହାଗୁରୁ କହି ଯେ ।
ମାୟା ରଚନାରେ ମସ୍ତ ଘର ମୋତେ ଯେବେ ।
ପୁଣି ଏ ଅଙ୍ଗନାମାନେ ଗୁଣୀ ଅଲଥନ ଯେ ।

---

ବନ୍ଧୁରୂପ କୁମୁଦଙ୍କୁ ଆନନ୍ଦ ପ୍ରଦାନକାରୀ ଚନ୍ଦ୍ର । ଅର୍ଥାତ୍ ନିଜ ବନ୍ଧୁବାନ୍ଧବଙ୍କ ମନଆନନ୍ଦକାରୀ । ହଟ—ବାଜିଗର, ତମାସା । ଦାନ୍ତିଗୁଣ—ଦାନ୍ତପଣ । ନୃପତିମୁକୁଟ—ରାଜଶ୍ରେଷ୍ଠ ।

୧୬ । ପ୍ରତିହାର୍ଯ୍ୟ—ପହରୀ, ଦ୍ୱାରପାଳ । ଦ୍ୱୀପେଶ୍ୱର—ଲଙ୍କାର ରାଜା । କୁହୁକ—ବାଜିଗରୀ । ଗୁଟିକା—ଏକପ୍ରକାର ସିଦ୍ଧି, ମୁହଁରେ ଗୋଟିଏ ଗୁଳି ରଖିଲେ ଇଚ୍ଛାନୁସାରେ ସ୍ଥାନାନ୍ତର ଯାଇ ହୁଏ, ଲୋକ ତେଣୁ ଦେଖି ପାରନ୍ତି ନାହିଁ । ଅଞ୍ଜନ—କଜଳ, ଆଖିରେ ଲଗାଇଲେ ଏକ ଶକ୍ତି ଆସେ । ଅଦୃଶ୍ୟ, ଭୂତ, ଭବିଷ୍ୟତ ପଦାର୍ଥ ଲୋକ ଦେଖି ପାରେ । ସ୍ତମ୍ଭନ—ଗତି ବା ସ୍ଥିର କରି ଦେବା । ମୋହନ—ମୁଗ୍ଧ କରି ଦେବା ଇତ୍ୟାଦିରେ । ବଶ—ଅଧୀନ କରି ଦେବା, ଅନାୟତ୍ତ କରିଦେବା । ଉଚ୍ଚାଟନ—ଅଡ଼େଇ କରି ଦେବା । ଏହି ବିଦ୍ୟାମାନଙ୍କରେ ମୁଁ । ଭେଳକିଭଞ୍ଜନ—ବିକ୍ରମାଦିତ୍ୟ; ସେ ଭେଳକିବିଦ୍ୟାରେ ଅଦ୍ୱିତୀୟ କଥିତ ଥିଲେ ।

୧୭ । ଗଦ—କୁଷ୍ଠ ରୋଗୀଙ୍କର ମୂଳ, ଯାହା ଖାଇଲେ ବିଷ ଛାଡ଼େ । ଗଦ—ମନ୍ତ୍ର । ବିଷଝାଡ଼ନେ—ସର୍ପାଦିର ବିଷ ଦୂର କରିବାରେ । ଧନ୍ୱନ୍ତରୀ—ସ୍ୱର୍ଗବୈଦ୍ୟ, ବିଷ୍ଣୁଙ୍କ ଅବତାରବିଶେଷ । ଗୁରୁଏ—ଗୁଣୀ ବିଦ୍ୟାରେ ଗୁରୁ ବୋଲନ୍ତି । ସେମାନେ ମୋତେ ମହାଗୁରୁ—ପ୍ରଧାନ ଗୁରୁ । ମାୟା—

ନୃତ୍ୟ ଦେଖିଲେ ବାସବ ରମ୍ଭା ପାସୋରିବେ ।
ଗାନ ଶୁଣିଲେ ବୀଣାକୁ କିଦାଁ ପ୍ରଶଂସିବେ ହେ ।। ୧୭ ।।
ଆମ୍ଭ କୁଳ ଧର୍ମ ବିଦ୍ୟାରେ ତ ନାହିଁ ସରି ।
ତୁମ୍ଭେ କି ଅଜ୍ଞା କରୁଛ କହ ଦଣ୍ଡଧାରୀ ହେ ।
ନୃପତି ବୋଇଲେ ରହ କରିବାକୁଁ ସନ୍ଧ୍ୟା ।
ସମାପୁଣି ଦେଖାଅ ଜାଣିମା ତୁମ୍ଭ ବିଦ୍ୟା ହେ ।
ଏତେତେବେଳେ ହେଲା ତହିଁ ସନ୍ଧ୍ୟା ଅବଶେଷ ।
ସଙ୍ଗୀ ଅବରୋଧନାରୀ ଜଗତୀ ପ୍ରବେଶ ଯେ ।। ୧୮ ।।
ବଢ଼ ବଡ଼ଭି-ମସ୍ତକ ମଣ୍ଡିଲା କୁମାରୀ ।
କେବଳ ଅଙ୍ଗନା ସଙ୍ଗେ ଚନ୍ଦ୍ର ସହଚରୀ ଯେ ।
ଦନ୍ତୀନ୍ଦ୍ର ଗତି ଏ ଯାଏଁ ସ୍ୱରୂପ ।
ସମଚରିତ ଦେଖିଲେ ତାପ ତୃଷ୍ଣା ହେବ ଯେ ।
ଏଥୁକାଳେ ଜାଳିକ ବୋଇଲା ନେତ୍ର ଭୂଜ ।
ନେତ୍ର ଭୂଜନ୍ତେ ଦିଶିଲା ସେ ମାୟାସମାଜ ଯେ ।। ୧୯ ।।
ଶୃଙ୍ଗ ଲୋମୋଦ୍‌ଗମ ଜନେ ଲୋମପାଦ ବୋଲେ ।
ଜରତା ଭଣ୍ଡାରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ ।

---

ରୂପକ । ସରି—ତୈତ୍ତ୍ୱ ଈଳା, ସେ ବଡ଼ ମାୟାବୀ । ଅଙ୍ଗନାପାଦରେ—ଏହି ସ୍ତ୍ରୀ ଶ୍ରେଷ୍ଠାରେ । ଅଥଥନ—ତୁଲ୍ୟ ହେବ ନାହିଁ । ବାସବ—ଇନ୍ଦ୍ର । ରମ୍ଭା—ସ୍ୱର୍ଗବେଶ୍ୟା, ନୃତ୍ୟରେ ସୁନିପୁଣା । ଗାନରେ ସ୍ୱର ବୀଣାର ଆଳାପଠାରୁ ମଧୁର ।

୧୮ । ବିଦ୍ୟାରେ ତ ନାହିଁ ସରି—ବିଦ୍ୟାରେ ଆମ ସଙ୍ଗରେ କେହି ସମାନ ନାହିଁ । ଦଣ୍ଡଧାରୀ—ରାଜା । ଅବଶେଷ—ଶେଷ । ଅବରୋଧ ନାରୀ—ଅନ୍ତଃପୁର ସ୍ତ୍ରୀ । ଜଗତୀ ପ୍ରବେଶ—ନାଟ୍ୟ ମଣ୍ଡପରେ ଉପସ୍ଥିତ ହେଲେ ।

୧୯ । ବଢ଼ ବଡ଼ଭି ମସ୍ତକ—ଅଟ୍ଟାଳିକା ଚନ୍ଦ୍ରଶାଳା ଉପରେ (କୋଠା ଉପର ଘରକୁ ବଡ଼ଭି ବା ଚନ୍ଦ୍ରଶାଳା କହନ୍ତି) କୁମାରୀ—ରାଜକନ୍ୟା, ଲାବଣ୍ୟବତୀ । ସହଚରୀ—ସଖୀ । ଦନ୍ତୀନ୍ଦ୍ର ଗତି—ଗଜଗମନା ରାଜକନ୍ୟା । ତଚ—ଭୁବନା । ସ୍ୱରୂପ—ନିଜ ରୂପ । ମାୟା ସମାଜ—ମାୟା ଖେଳ ।

୨୦ । ଲୋମୋଦ୍‌ଗମେ—ରୋମ ଟାଙ୍କୁରିବାରେ । ଲୋମପାଦ—ଅଙ୍ଗ ଦେଶର ରାଜା; ଦଶରଥଙ୍କ ମିତ୍ର । ଅଙ୍ଗ ଦେଶରେ ଅନାବୃଷ୍ଟି ହେବାରୁ ସେ

ସେ ଦେଶରେ ବୃଷ୍ଟି କଲା ତୁଷ୍ଟି ହେଲେ ରାଜା ।
ଶାନ୍ତା କାନ୍ତା ଦେଇ କରି କଲେ ଦିବ୍ୟ ପୂଜା ଯେ ।
ଦଶରଥ ମନୋରଥ ସାର୍ଥ ହେବାପାଇଁ ।
ସେ ମୁନିକି ଘେନି ଗଲେ ରଥରେ ବସାଇ ସେ । ୨୦ ।
ସୁରୁ ଚରୁ ସ୍ୱରୂପେ ହୋଇଲେ ପଦ୍ମନାଭ ।
କଉଶଲ୍ୟା କୈକେୟୀ ସୁମିତ୍ରା ଭକ୍ଷି ଗର୍ଭ ହେ ।
ଅଭିରାମ ଶ୍ରୀରାମ ଭରତ ଶୁଭବତ ।
ସଲକ୍ଷଣ ଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ଯେ ।
ସୃଷ୍ଟି ରକ୍ଷା ହେତୁ ବଧ୍ୟାଦିନ ଅସି ନେଲେ ।
ବୀରେନ ତାଡ଼କୀ ଶମନଭୁବନେ ପେଟିଲେ ସେହୁ । ୨୧ ।
ସୁବାହୁ ସୁବାହୁ ତଳେ ମାର ମାରିଚକୁ ।
ଆକାଶରେ ଶରରି ଉଡ଼ାଇଲେ ସେ ଘଣକୁ ଯେ ।
ପଥରେ ପଥରେ ବାଆ କରି କଲେ ମୋଦ ।
ଦାସବତ୍ସଳ ଦାସରେ ଧୁଆଇଲେ ପଦ ଯେ ।
ଖଣ୍ଡନେଶୁ କୋଦଣ୍ଡ ତିନି ଖଣ୍ଡ କରି ।
ସୀତାବିବାହ ନିର୍ବାହ ନୃପଦର୍ପ ହରି ଯେ । ୨୨ ।

---

ଲଲନା ବେଶ୍ୟାଙ୍କୁ ପଠାଇ ଋଷ୍ୟଶୃଙ୍ଗଙ୍କୁ 'ବଣରୁ ଆଣିଥିଲେ । ରଜା—ଅଙ୍ଗରାଜା ହୋଇ । ତୁଷ୍ଟି—ସନ୍ତୋଷ । ଦଶରଥଙ୍କ କନ୍ୟା ଶାନ୍ତାଙ୍କୁ ଲୋମପାଦ ପାଳି ନେଇଥିଲେ । ଲୋମପାଦ ଋଷ୍ୟଶୃଙ୍ଗଙ୍କୁ କାନ୍ତା ସ୍ତ୍ରୀ ରୂପେ ପ୍ରଦାନ କଲେ । ଦଶରଥଙ୍କ ପୁତ୍ର ନ ହେବାରୁ ସେ ବଶିଷ୍ଠଙ୍କ ପରାମର୍ଶରେ ପୁତ୍ରେଷ୍ଟି ଯଜ୍ଞ କରିବା ନିମନ୍ତେ ଋଷ୍ୟଶୃଙ୍ଗଙ୍କୁ ସ୍ୱରାଜ୍ୟକୁ ନେଇଥିଲେ ।

୨୧ । ସୁରୁଚରୁ—ସୁନ୍ଦର ଯଜ୍ଞାନ୍ନ । ପଦ୍ମନାଭ—ବିଷ୍ଣୁ । ସେହି ଚରୁ—ପାୟସାନ୍ନକୁ ରାଣୀମାନେ ଖାଇ ଗର୍ଭବତୀ ହେଲେ । ଅଭିରାମ—ସୁନ୍ଦର । ଜାତ—ଜନ୍ମ । ଶମନ ଭୁବନେ—ଯମ ପୁରକୁ । ୨୨ । ସୁବାହୁ—ଦୀର୍ଘବାହୁ, ଶ୍ରୀରାମଚନ୍ଦ୍ର । ସୁବାହୁ—ରାକ୍ଷସବିଶେଷ । ତଳେ—ତତ୍ପରେ, ଯାଗ ପଛରେ ମା ତା ପରେ । ମାରୀଚକୁ ଶରରେ ଦୂରକୁ ଉଡ଼ାଇ ଦେଇଥିଲେ । ପଥରେ ପଥରେ—ପ୍ରସ୍ତର ମୂର୍ତ୍ତି ଧରିଥିବା ଅହଲ୍ୟାକୁ ବାଟରେ । ମୋଦ—ସନ୍ତୁଷ୍ଟ । ପାଦରେ ପ୍ରସ୍ତରକୁ ସ୍ପର୍ଶ କରିବାରୁ ଶାପଗ୍ରସ୍ତା ଅହଲ୍ୟା ନିଜ ରୂପ ପ୍ରାପ୍ତ ହେଲା । ଦାସବତ୍ସଳ—

ବଜ୍ର ପର ଭୃଗୁପତି ଭୃଗୁକୁ ଭେଦିଲେ ।
ଅଭିଷେକ କରବା ମମତା ତାତ କଲେ ଯେ ।
ମନ୍ତ୍ରୀମନ୍ତ୍ରେ କାନ୍ତାନୁଜ ଘେନି ସଙ୍ଗେ ।
ଶଠିଶ-ଚିତ୍ରକୂଟରେ ବସୁଥିଲେ ରଙ୍ଗେ ଯେ ।
କଟ କଲେ ଶକ୍ରସୁତତନି ନେତ୍ରଭଙ୍ଗି ।
ଭରତ ପ୍ରବୋଧି ସବୁଦ୍ଧିରେ ଗିରି ତେଜି ଯେ । ୨୩ ।
ଖରସ୍ପୃଧେ ବିରାଧ ବଧକୁ କରୁଥିଲେ ।
ଅମଳାନ ବସ୍ତ୍ର ଭୂଷା ଅସ୍ତ୍ରକୁ ପାଇଲେ ଯେ ।

---

ଲୁଚାସ୍ୱେଷ୍ଟ । ଦାସରେ—ଦେବଙ୍କ ଦ୍ୱାରା । ଷଣ୍ଡପରଶୁ ଦଣ୍ଡାଦଣ୍ଡ—ସ୍ତ୍ରୀବଧନ୍ତ୍ର । ଜର୍ବାଦ—ସମାପନ । ନୃପଦର୍ପ ଦ[illegible]—ଧନୁ ଭଙ୍ଗିବାରୁ ଆସିଥିବା ଅନ୍ୟ ରାଜାମାନଙ୍କ ଦର୍ପ ନାଶ କରି ।

୨୩ । ବଜ୍ରପର—ଅତି ସୁକଠିନ ଶରୀର । ଭୃଗୁପତି—ପରଶୁରାମ ରୂପ ଭୃଗୁ—ପର୍ବତ । ଅଭିଷେକ—ଯୁବରାଜ ରୂପେ ଅଭିଷେକ । ମନ୍ତ୍ରୀମନ୍ତ୍ରେ—ମନ୍ତ୍ରୀର କୁଟ ମନ୍ତ୍ରଣାରେ । କାନ୍ତାନୁଜ—ସ୍ତ୍ରୀ ଓ ସାନଭାଇ ସୀତା ଓ ଲକ୍ଷ୍ମଣ । ଶଠିଶ—ସୁନ୍ଦର । ରଙ୍ଗେ—କୌତୁକରେ । ଶକ୍ରସୁତ ତନୁ—କାକମାନଙ୍କ । ସୀତା ଚିତ୍ରକୂଟରେ ମାଂସ ଶୁଖାଉଥିଲେ । କାକ ମାଂସ ଖାଇବେ ଆସି ତାକୁ ଥାମ୍ପିବାରୁ ସୀତା ତାକୁ ଦୂର କରି ଦେଉଥିଲେ । ବାରମ୍ବାର ଏପରି କରନ୍ତି । ଶେଷରେ ସେ କାକ ରାଗି ସୀତାଙ୍କର ଶରୀର କ୍ଷତ ବିକ୍ଷତ କରିବାରୁ ରାମଚନ୍ଦ୍ର ଗୋଟିଏ ଶର ପେଷିଲେ । ଯାହା ଦ୍ୱାରା କାକମାନଙ୍କର ଚକ୍ଷୁ ନଷ୍ଟ ହେଲା । ସେମାନେ ଅନ୍ଧ ହେଲେ । ପରେ ସୀତାଙ୍କ ଅନୁରୋଧରେ ରାମଚନ୍ଦ୍ର ସେମାନଙ୍କୁ ଚକ୍ଷୁଦାନ ଦେଲେ କିନ୍ତୁ ସେ ସବୁ କଣା କରି ଦେଲେ । ଭରତ ରାମଙ୍କୁ ଲେଉଟାଇ ନେବାକୁ ଆସିଥିଲେ । ତାଙ୍କୁ ପ୍ରବୋଧ—ସାନ୍ତ୍ୱନା ଦେଇ । ଗିରି—ଚିତ୍ରକୂଟ ପର୍ବତ । ତେଜି—ତ୍ୟାଗ କରି ।

୨୪ । ଖର—ଶୋଭା ରାମଚନ୍ଦ୍ର । ଅସ୍ତ୍ରଧରେ—ଧନୁର୍ଦ୍ଧରରେ । ଖରସ୍ପୃଧ—ଅସୁରବିଶେଷ । ରାମ ନାମରେ ଜୋଟିଏ ଗନ୍ଧର୍ବ ସେ କୁବେରଙ୍କ ରୂପ ତଥା ଶରୀର ଦୁର୍ବଳତାକୁ ଉପହାସ କରିବାରୁ କୁବେର ତାକୁ ଅଭିଶାପ ପ୍ରଦାନ କରିଥିଲେ । ତହିଁ ସେ ବିରୂପ ରାକ୍ଷସ ଶରୀର ପ୍ରାପ୍ତ ହେଲା । ସେ ଖରସ୍ପୃଧ ସୀତାଙ୍କୁ ଧରି ନେଇ ଯାଉଥିଲା । ଲକ୍ଷ୍ମଣଙ୍କ ଶରରେ ସେ ନ ମରିବାରୁ ରାମଚନ୍ଦ୍ର ତୀକ୍ଷ୍ଣ ଶରରେ ତାକୁ ବଧ କଲେ । ସେ ମୁକ୍ତ ହୋଇ ଗନ୍ଧର୍ବତ୍ୱ ପ୍ରାପ୍ତ ହେଲା । ଅମଳାନ ବସ୍ତ୍ର—ସମୁଦ୍ର ମନ୍ଥନରୁ ଏ ଶାଢ଼ୀ

ଦଣ୍ଡକାରଣ୍ୟକୁ ମଣ୍ଡି ସୂର୍ପଣଖା ଦଣ୍ଡି ।
ଖର ଖର ଦୂଷଣ ତ୍ରିଶିର ଶିର ଖଣ୍ଡି ଯେ ।
ହେମସାରଙ୍ଗ ରଙ୍ଗରେ ଲଙ୍କା ଦଣ୍ଡଧାଂସୀ ।
ସୀତା ଶୀତାଂଶୁମୁଖୀକି କୁଟୀରୁ ହରି ଯେ । ୨୩ ।
ମାର୍ଗରେ ବନାଣି ଖଗ ଖଗପ ପ୍ରହାରେ ।
ରହେ ଶୋକବଶ ସୀତା ଅଶୋକ ବନରେ ।
ବାରେ ନ ଦେଖି ସୁମୁଖୀ ମହାଦୁଃଖୀ ରାମ ।
ବିଳାପ ଉଲାପ ପାପ କରଣେ ତେ କ୍ଷମ ।
ରକ୍ଷଦେଶଗମନ ସନ୍ଦେଶ ପକ୍ଷୀ କହି ।
କବନ୍ଧ ବଚନେ ଯେତେ ତାହା ନାଶ କରି ଯେ । ୨୪ ।
ଫଳଦାନେ ମୋକ୍ଷଫଳ ଲଭିଲା ଶବରୀ ।
କ୍ଷୀରପାନେ ବର-ବଳଙ୍କର ବାନ୍ଧି ପୁର ଯେ ।

---

ବାହାରିଥିଲା ! ସେ ଶାଢ଼ୀ ମହାଦେବ ବ୍ରହ୍ମାଙ୍କୁ ଦେଇଥିଲେ । ବ୍ରହ୍ମା ପ୍ରୟାଗରେ ଯଜ୍ଞ କଲା ସମୟରେ ଏ ଶାଢ଼ୀ ଅଗ୍ନିଙ୍କି ଅତ୍ରିଙ୍କୁ ଦେଇଥିଲେ ; ବ୍ରହ୍ମାସ୍ତ୍ର—ଅଗସ୍ତ୍ୟ ଋଷି ରାମଙ୍କୁ ବ୍ରହ୍ମ ଅସ୍ତ୍ର ଦେଇଥିଲେ—"ଅନେକ ପ୍ରଶଂସା ସେ ଅନନ୍ତ କରନ୍ତି । ଶ୍ରୀରାମଙ୍କୁ ଅଗସ୍ତି ଧନୁଶର ଦ୍ୟନ୍ତି । ହେ ରଘୁନାଥ ଶୁଣସି ମୋର ବାଣୀ । ପୂର୍ବେ ଏ ଧନୁ ଶସ୍ତ୍ର ଧରନ୍ତି ଚକ୍ରପାଣି । ଏ ଧନୁଶର ନେ ଯୁଗତ ହୋଇବ । ତୁମ୍ଭେ ନାରାୟଣ ମାନବ ଅବତାର । ଦାନବକୁଳ ନାଶ ଧନୁ ଶସ୍ତ୍ର ଧର । ଏ ଧନୁ ଶସ୍ତ୍ର ନେଇ କଲେ ରଘୁସ୍ୱାମୀ । ମଣ୍ଡି—ଭୂଷିତ କରି । ସୂର୍ପଣଖା—ଲକ୍ଷ୍ମଣ ରାବଣଭଗିନୀ ସୂର୍ପଣଖାର ନାକ କାନ କାଟି ଦେଇଥିଲେ । ଖର—ଶୀଘ୍ର । ଖର ଦୂଷଣ ଓ ତ୍ରିଶିର ଅସୁରମାନଙ୍କୁ ନାଶ କରି ହେମ ସାରଙ୍ଗ ରଙ୍ଗରେ—ସୁନା ହରିଣ ଛଳରେ । ଲଙ୍କା ଦଣ୍ଡଧାସୀ—ଲଙ୍କାର ରାଜା ରାବଣ । ସୀତା ଶୁମୁଖୀକି—ଚନ୍ଦ୍ରମୁଖୀ । କୁଟୀରୁ—ପଞ୍ଚବଟୀରୁ ।

୨୪ । ମାର୍ଗରେ...ପ୍ରହାରେ—ଜଟାୟୁକୁ ରାବଣ ଖଡ୍ଗରେ ପ୍ରହାର କଲା । ଜଟାୟୁ ସୀତାଙ୍କୁ ରାବଣହାତରୁ ରକ୍ଷା କରି ପାରୁ ନ ହୋଇ ମୃତକଳ୍ପ ହୋଇ ପଡ଼ି ରହିଥିଲା । ବିଳାପ ଉଲାପ—କ୍ରନ୍ଦନ କରି । ରକ୍ଷଦେଶ ଗମନ ସନ୍ଦେଶ ପକ୍ଷୀ କହି—ଲଙ୍କାକୁ ଯିବା ପଥ ଜଟାୟୁ କହିଲା । ଦଣ୍ଡକାରଣ୍ୟରେ କବନ୍ଧ ରାମ ଲକ୍ଷ୍ମଣଙ୍କୁ ଗିଳିବାକୁ ବସିବା ସମୟରେ ଲକ୍ଷ୍ମଣ ତା ବାହୁ ଦୁଇଟି କାଟି ଦେଇଥିଲେ ।

୨୫ । ଶବରୀଠାରୁ ରାମଚନ୍ଦ୍ର ଅମୃତଫଳ ଖାଇଥିଲେ । ଶବରୀ ଅଳ୍ପ ଗୁଣି ରାମଚନ୍ଦ୍ରଙ୍କୁ ଖାଇବାକୁ ଦେଉଥିଲା । ମୋଟିଏ ଅଳ୍ପ ହୋଇଲେ ଶବରୀର

କାମ କାମନାକୁ ମୁକ୍ତ ଚିତ୍ତ କରାଇଲେ ।
ପମ୍ପାସରେ କୋକଶୋକକାରକ ହୋଇଲେ ଯେ ।
ମିତ୍ରବଂଶୀ ମିତ୍ର କଲେ ମିତ୍ରପୁତ୍ର ସଙ୍ଗେ ।
ଭେଦି ଶାଳ ଦୁନ୍ଦୁଭିଅସ୍ଥିକି ଗୁଡ଼ିଲ ବଙ୍ଗେ ଯେ । ୨୭ ।

ପଞ୍ଚଶର ନ ଥିବାରୁ ରାମଚନ୍ଦ୍ର ସେ ଅସ୍ତ୍ର ଖାଇ ନ ଥିଲେ । ଶବରୀର ଭକ୍ତି ଓ ସ୍ନେହ ଦର୍ଶନରେ କାନ୍ଦି ମୁଗ୍ଧ ହୋଇଥିଲେ । କ୍ଷୀରପାନେ... ସୁଖ—ଗୋପାଳମାନେ ରାମଚନ୍ଦ୍ରଙ୍କୁ ବିନା ଅର୍ଥରେ ଦୁଗ୍ଧ ନ ଦେବାରୁ ଲକ୍ଷ୍ମଣଙ୍କ ଶସ୍ତ୍ରରେ ଦୁଗ୍ଧ ସବୁ ରକ୍ତାଧାର ଧାରଣ କଲା । ତା ପରେ ବୃଦ୍ଧ ଗୋପାଳ ରାମଚନ୍ଦ୍ରଙ୍କୁ ପ୍ରାର୍ଥନା କରିବାରୁ ଧେନୁମାନେ ଦୁଗ୍ଧ ଦେଲେ ଓ ରାମ ଲକ୍ଷ୍ମଣ ସୀତା ଦୁଗ୍ଧ ପାନ କଲେ । ବୃଦ୍ଧ ଗୋପାଳ ସୁଖବର ମାଗିବାରୁ ରାମଚନ୍ଦ୍ର କହିଲେ ଏହି ଜନ୍ମରେ ତୋର ସୁଖ ହେବ ନାହିଁ । ଦ୍ୱାପରରେ ମୁଁ ତୋର ପୁଅ ହୋଇ ଜନ୍ମ ହେବି । କାମ କାମନାକୁ... କରାଇଲେ—ଓ ଅନ୍ତପାଦ ଋଷିମାନେ ରାମଚନ୍ଦ୍ରଙ୍କ ରୂପ ଦର୍ଶନରେ ମୁଗ୍ଧ ହୋଇ ତାଙ୍କ ଅଙ୍ଗସଙ୍ଗ ଲାଭ କରିବାକୁ ଇଚ୍ଛା କରିବାରୁ ରାମଚନ୍ଦ୍ର କହିଲେ ଦ୍ୱାପରରେ ତୁମ୍ଭେମାନେ ଗୋପୀରୂପରେ ଜନ୍ମଲାଭ କରି ମୋ ସଙ୍ଗେ ରମଣ କରିବ । "ଯାହିଁ ତପ କରନ୍ତି ଅନେକ ତପୀଜନ । ଦେଖି ନମସ୍କାର କରନ୍ତି ବସୁନ୍ଧରା । ଧନ୍ୟ ତୁ ଶ୍ରୀରାମ ଧନ୍ୟ ତୋର ରୂପ । ଏ ତୋହର ରମଣୀ ଯେ ହେବେ ବଡ଼ହେଳା । ଅମ୍ଭେ ଯେବେ ରମଣୀ ହୋଇ ଜନ୍ମି ଥାନ୍ତୁ । ଏ ରଘୁନାଥଙ୍କୁ ରମଣ ରସ ଧ୍ୟାନ୍ତୁ । ପମ୍ପା.. ହୋଇଲେ—ପମ୍ପାସରୋବରରେ ରାମଚନ୍ଦ୍ର ସୀତା ବିରହରେ ବ୍ୟାକୁଳ ହୋଇ ଚକ୍ରବାକ ଓ ଚକ୍ରବାକୀଙ୍କୁ ସଂଯୋଗ ବାନ୍ଧି ପଡ଼ିବାରୁ ସେ ରତିରମଙ୍କୁ ଭର୍ତ୍ସନା କଲେ । ତହୁଁ ରାମ ତାଙ୍କର ଚିରବିଚ୍ଛେଦ ଘଟିବ ବୋଲି ଅଭିଶାପ ଦେଲେ । ପରେ ସେ ଅନୁନୟ ବିନୟ କରିବାରୁ ତାଙ୍କୁ କହିଲେ, ତୁମ୍ଭର ରାତିରେ ବିଚ୍ଛେଦ ହେବ; କିନ୍ତୁ ଦିବସରେ ମିଳନ ହେବ । କୋକ—ଚକ୍ରବାକ । ଶୋକକାରକ—ଦୁଃଖ ପ୍ରଦାନକାରୀ । ମିତ୍ରବଂଶୀ—ସୂର୍ଯ୍ୟବଂଶଜାତ ରାମଚନ୍ଦ୍ର । ମିତ୍ରପୁତ୍ର—ସୂର୍ଯ୍ୟପୁତ୍ର ସୁଗ୍ରୀବ ସଙ୍ଗେ ମିତ୍ର ହେଲେ । ସୁଗ୍ରୀବ ରାମଙ୍କ ଶକ୍ତି ପରୀକ୍ଷା ଛଳରେ କହିଲେ ଯେ ଏହି ସପ୍ତଶାଳ ଯେବେ ଶରରେ ଭେଦ କରିଦେବେ, ତେବେ ବାଳୀ ମରିବ । ତାର ଜୀବନ ଏହି ଶାଳମାନଙ୍କରେ ଅଛି । ବାଳୀ ତିନିଗୋଟି ଶାଳ ମାତ୍ର ଭେଦ କରି ପାରିଥିଲା, ସପ୍ତଶାଳ ଭେଦ କରିଥିଲେ ସେ ଅମର ହୋଇଥାନ୍ତା । ରାମ ସେହି ସପ୍ତ

ଶାଖାମୃଗରାଜ ମୃଗରାଜକୋଟିବଳ ।
ଶର ଶରଭରେ ଭେଦିଲେ ନାଗାଶ ଚପଳ ଯେ ।
ମାଲ୍ୟବନ୍ତ-ଧରଣୀଧରରେ ସୁଖ ବସି ।
ରଘୁବୀର ବିରହେ ବରଷାକାଳ ନିଶି ଯେ ।

ଶାଳବୃକ୍ଷମାନଙ୍କୁ ଶରଦ୍ୱାରା ଭେଦ କରିଥିଲେ । ଦୁନ୍ଦୁଭି ଅସୁର—ମୟ ଦୈତ୍ୟର ପୁଅ ଥିଲା । ମୟ ଦୈତ୍ୟ ବାଳୀଙ୍କ ଦ୍ୱାରା ପରାସ୍ତ ହୋଇ କିଷ୍କିନ୍ଧ ପାତାଳପୁରକୁ ଯାଇ କ୍ରୋଧ କରନ୍ତେ ତାହାର ସନ୍ତାନ ଦୁନ୍ଦୁଭି ବାଳୀଙ୍କ ସଙ୍ଗେ ଯୁଦ୍ଧ କଲା ଓ ବାଳୀଙ୍କ ଦ୍ୱାରା ହତ ହେଲା । ତାହାର ମୃତ ଶରୀର ଯେଉଁ ସ୍ଥାନରେ ପଡ଼ିଥିଲା ତାହାର ହାଡ଼ ପର୍ବତ ସମାନ "ଏ ଯେ ଦିଶୁଅଛି ଦୁନ୍ଦୁଭିର ହାଡ଼ । ପର୍ବତ ସମାନକୁ ଅଟେ ସେତକ ବଡ଼ । ଏହା ଯେତକ ଯୁକ୍ତି କେତେକ ଜିଣି ଥିଲା । ସେଣୁ ସେ ବାଳୀଙ୍କ ବଧ କରି ପାରଇ ।" ବା: ରା । ମତଙ୍ଗ ସ୍ୱର୍ଗରେ ଜଣେ ଦେବତା ଥିଲା—ସେ ଇନ୍ଦ୍ରକୁ ଭୟ ଦେଖାଇବାରୁ ସେ ତାକୁ ଅଭିଶାପ ଦେଲେ ଓ ସେ ଦୈତ୍ୟଶରୀର ପ୍ରାପ୍ତ ହେଲା । "ସୁରପତିଙ୍କି ସେ ମୁଁ ଭୟ କରାଇଲି । ସ୍ୱର୍ଗର ବିନାଶି ମୁଁ ନାଶୁଣେ କରୁଥିଲି । ଶତ୍ରୁସ୍ୱରୂପେ ମୋତେ କୋପେଣ ଶାପ ଦେଲା । ଦାଇତ ଶରୀର ଧରଣୀ ଦେବାଇଲା । ତହୁଁ ପଳାଇଲି ମୁଁ ପଟେନ ଉଦ୍ଧ ବନ । କୋପେଣ ଇନ୍ଦ୍ର ମୋତେ ବଧାଯୁଦ୍ଧ ମାରି । ତହୁଁ ବାହୁ ମୋତେ ବାଧାଏ ମାଇଲା । ପାଦ ଜଙ୍ଘ ମୋର ପେଟରେ ପଶିଲା । ଶିର ପଶିଲା ମୋ ହୃଦୟ ଭିତରେ । ଇତ୍ୟେଣ ଜୀବନ ମୋର ରହିଲା ଦୁଃଖରେ । ଏତେ ବୋଲି ବାମ ପାଦ ମାଇଲେକ ତହୁଁ । ହାଡ଼ର ଅନ୍ତରେ ବଜ୍ର ଅଙ୍ଗୁଷ୍ଠି ଚୁମ୍ବଇ । ଉଚିତ ପ୍ରକାରେଣ ତାହାକୁ ଫିଙ୍ଗି ଦେଲେ । ସୁଗ୍ରୀବ ସଙ୍ଗ କ ସଙ୍ଗେନ ଚଳିଲେ ।

୨୨ । ଶାଖାମୃଗରାଜ—ଶାଖାମୃଗ ଶ୍ରେଷ୍ଠ । ବାନରରାଜ—ବାଳୀ । ମୃଗରାଜ କୋଟିବଳ—ସିଂହକୋଟି ବଳ; କୋଟିଏ ସିଂହର ବଳ; ଅଦ୍ଭୁତ ବଳଶାଳୀ । ଶର ଶରଭରେ— ଶରରୂପ ଶରଭଙ୍କୁ; ଶରଭ—ଅଷ୍ଟାପଦ ମୃଗବିଶେଷ, ପୌରାଣିକ ପଶୁ ବିଶେଷ—ତାହାର ଆଠ ଗୋଡ଼, ସେ ସିଂହଠାରୁ ବଳବାନ୍, ସିଂହକୁ ସେ ଅକ୍ଳେଶରେ ନାଶ କରେ । ଅଷ୍ଟପାଦ—ଶରଭ ସିଂହଘାତୀ—ମତ୍ତ ହସ୍ତୀ ! ଚପଳ—ଶୀଘ୍ର । ଧରଣୀଧର—ପର୍ବତ । ବସି—ରହି । ରଘୁବୀର...ଦେଖ— ବର୍ଷାକାଳରେ ରାମ ମାଲ୍ୟବନ୍ତରେ ସୀତା ବିରହରେ କାତର ହୋଇ ନାଗରଙ୍କ ପରି ବୁଲିଲେ ଏବଂ ସୀତାଙ୍କ ସାକ୍ଷୀ ପର୍ବତ, ବୃକ୍ଷ ଓ ପଶୁ ପକ୍ଷୀଙ୍କୁ ପଚାରିବାକୁ ଲାଗିଲେ । ସୀତାଙ୍କୁ ରାବଣ ହରିନେଇ ଲଙ୍କା

ଉଦ୍‌ଭଟଙ୍କୁ ମୁକୁଟ ସେ ଚିତ୍ରକୂଟେ ଦେଲ ।
ଲଭି ଜାନକୀ ଉଦନ୍ତ ଦୂତ ପଠାଇଲ ସେ । ୨୭ ।

ଚଳେ ସେତୁ ବାନ୍ଧିଲ ଶିଳେ ଜଳେ ଦେଇ ଯଶ ।
ଲଙ୍କା ବେଢ଼ି ଶଙ୍କା କରାଇଲେ ଦୈତ୍ୟବଂଶ ସେ ।
ହତଧର ପାଶ-ଶାପ ନାଶ କଲ୍ୟ ଖେଶ ।
ଅନୀକିନୀ ଅନେକ ହୋଇଲେ ରଣେ ନାଶ ସେ ।

---

ନେଉଥିବା ଜଟାୟୁ ଉଦ୍‌ଭଟ କହନ୍ତି, କାରଣ ସେ ରାବଣ କରି ସୀତାଙ୍କ ହରଣ ବାଟରୁ ଦେଖୁଥିବା ଶୁଣିଥିଲ । ଏ ସମ୍ବାଦ ଉଦ୍‌ଭଟଠାରୁ ପାଇ ରାମ ତାଙ୍କୁ ବର ଦେଲେ । "ତୁ ସେ ମହାତ୍ମା ହୋ ଅଟୁ ଉପକାରୀ । ସଖୀର କାରଣ ମୋ ଦୁଃଖରେ ଅଶ୍ରୁ ଧରି । ସେ ବେଳ ବର ତୋତେ ଦେବଇଁ ଆଜ ମୁହିଁ । ସେତେ ସମସ୍ତେ ଥିବୁ ତୁହି ମୁହିଁ । ଶିରରେ ମୁକୁଟ ହୋ ଥିବ ସପ୍ତଶାଖା । ତାଣି ପଛାନ୍ତର ସେ ଅଦ୍ଭୁତ ବେଶ । ଚିତ୍ରକୂଟେ—ପର୍ବତଶୃଙ୍ଗରେ । ଜାନକୀ—ସ୍ତ୍ରୀଙ୍କୁ ସୀତାଙ୍କର । ଉଦନ୍ତ—ଖବର ।

୧୮ । ଜଳେ—ସମୁଦ୍ର ଜଳରେ । "ନଳ ସେନାପତି ବିଶ୍ୱକର୍ମା ସୁତ । ବାଳର ଅଭ୍ୟାସ ସେ ଜାଣିଲ ବହୁତ । ସେ ପିଲାଦିନେ ଋଷିଙ୍କ ଯଜ୍ଞ ପଦାର୍ଥ ଓ ପୂଜା ଶୋଧନ ପାତ୍ର ସବୁ ନେଇ ପାଣିରେ ପକାଇ ଦିଏ । ଋଷିମାନେ ପିଲାକୁ ଶାପ ନ ଦେଇ ଦେଲେ, ଯାହା ଏ ପାଣିରେ ପକାଇବ, ତାହା ନ ବୁଡ଼ି ଭାସିବ । "ଶୁଣିଣ ମୁନିମାନେ ବୋଇଲେ ଅଟେ ବାଇ । ଅମର ଆଶ୍ରମରେ ଦେବେ ବନ୍ଧ ନାଶ ଯାଇ । ଆଜନ୍ମ ସେତେକ ତୁ ପକାଇବୁ ଜଳ । ନ ବୁଡ଼ି ରହିବ ସେ ଜଳର ଉପର ।" ଦ: ରା: । ଶଙ୍କା—ଭୟ । ଦୈତ୍ୟବଂଶ—ଅସୁରମାନଙ୍କୁ । ହତଧର ପାଶଶାପ—ଇନ୍ଦ୍ରଜିତ ନାଗପାଶ ବନ୍ଧନରେ ରାମ ଲକ୍ଷ୍ମଣଙ୍କୁ ବାନ୍ଧିଦେଲେ—ସେ ନାଗପାଶ ଭୟ । ଖେଶ—'ଖ'—ପକ୍ଷୀ ତାଙ୍କର ଈଶ—ପ୍ରଭୁ—ଗରୁଡ଼ । ଗରୁଡ଼ଙ୍କୁ ସ୍ମରଣନ୍ତେ, ସୁବର୍ଣ୍ଣ ପକ୍ଷୀ ବାରେ ସେ ଉଡ଼ିଗଲେ ରେ ଅପସ୍ମିତ ହୁଅନ୍ତେ ସର୍ପମାନେ ଭୟରେ ପଳାଇଲେ ଓ ରାମ ଲକ୍ଷ୍ମଣ ଏହି ପାଶରୁ ମୁକ୍ତ ହେଲେ । ଅନୀକିନୀ—ସୈନ୍ୟଦଳ । ଅକ୍ଷୌହିଣୀର ଏକାଦଶାଂଶ ସୈନ୍ୟ । ୨୧୮୭ ରଥ, ୨୧୮୭ ହସ୍ତୀ; ୬୫୬୧ ଅଶ୍ୱ, ୧୦୯୩୫ ପଦାତିରେ ଅନୀକିନୀ ସୈନ୍ୟ ହୁଅନ୍ତି । ଘଟକର୍ଣ୍ଣ—କୁମ୍ଭକର୍ଣ୍ଣ, ରାବଣର ଭାଇ । ଘଟୋତ୍କଚ—ଶରୀର ଭଡ଼ବା, ମୁଣ୍ଡ । ଅତିକାୟ—ରାବଣର ପୁଅ । ଲକ୍ଷ୍ମଣ ତାକୁ ଯୁଦ୍ଧରେ ମାରିଥିଲେ ।

ପଞ୍ଚକର୍ଣ୍ଣ ପଞ୍ଚତ୍ୟାଗ ଅତଃକାମ୍ୟ ଯସ୍ୟ ।
ସୁରୁହୁତଜିତ ହତ ବ୍ରହ୍ମାସ୍ତ୍ର କଦାସ୍ୟ ଯେ । ୨୮ ।

ହନୂମାନ ଗନ୍ଧମାଦନଗମନଲୀଳା ।
ଭରତ କଦାନ୍ତ ପ୍ରାପ୍ତ ଲକ୍ଷ୍ମଣ ଜୀଇଲା ଯେ ।
ଶ୍ରୀରାମଚନ୍ଦ୍ର ନରେନ୍ଦ୍ର ଶର ସର୍ପ ନେଇ ।
ଲଙ୍କପତି ଅଙ୍କେ ପଶି ଭିତରେ ପୂରିଲ ଯେ ।
ଅକ୍ଷ୍ୟଣି ବକ୍ଷଭଣି ଅଭିଷେକ କରି ।
ବଇଦେହୀ ଦହ୍ନ ଅନଳରେ ହେମ ଦର ଯେ । ୨୯ ।

---

ଯସ୍ୟ—ଯାହାର । ସୁରୁହୁତଜିତ ହତ—ଇନ୍ଦ୍ରଜିତର ଲକ୍ଷ୍ମଣଙ୍କ ଦ୍ୱାରା ନାଶ । ବ୍ରହ୍ମାସ୍ତ୍ର କଦାସ୍ୟ—ବ୍ରହ୍ମା ଦେଇଛି ବା ବ୍ରହ୍ମ ଅସ୍ତ୍ର ରାବଣ ଲକ୍ଷ୍ମଣଙ୍କ ପ୍ରତି ପେଷିଥିଲା । ଯାହା ଘାତରେ ଲକ୍ଷ୍ମଣଙ୍କ ପ୍ରାଣ ନଷ୍ଟ ହୋଇଥିଲା ।

୨୯ । କପିକୁଳ ବୈଦ୍ୟ ସୁଷେଣଙ୍କ ଆଦେଶରେ ହନୂମାନ ଗନ୍ଧମାଦନ ପର୍ବତରୁ ଗୁଳ୍ମକୁ ବିଶଲ୍ୟକରଣୀ ସହିତ ଆଣିବା । ଭରତ କଦନ୍ତ ପ୍ରାପ୍ତ—ହନୂମାନ ଗନ୍ଧମାଦନକୁ ନେଇ ଆକାଶରେ ଆସିବା ସମୟରେ ଭରତ ତାକୁ ବାଣ ମାରିଥିଲେ । ସେଠାରେ ହନୂମାନର ମୋହ ହେବା ଏବଂ ଭରତଙ୍କ ସହିତ ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ତଥା ରାମ ସୀତାଙ୍କ ବିଷୟ କଥୋପକଥନ । କଦାନ୍ତ ପ୍ରାପ୍ତ—ଖବର ପାଇବା । ଲକ୍ଷ୍ମଣ ଜୀଇଲା—ଗନ୍ଧମାଦନ ପର୍ବତସ୍ଥିତ ବିଶଲ୍ୟକରଣୀ ସୁଷେଣ ଆଣି ଜାମ୍ବବାନକୁ ଦେବା ବାଲ୍ମୀକିଙ୍କ ଭଳି ଏକମୁଖା ବିଶଲ୍ୟକରଣୀକୁ ସ୍ୱର୍ଣ୍ଣର ପଥରରେ ମଣିଶିଳାରେ ଘଷିଲା । ତାକୁ ନେଇ ସତସ୍ଥାନରେ ଲଗାଇଲା । ମୃତସଞ୍ଜୀବନୀ ମନ୍ତ୍ର ନ୍ୟାସ କରାଯିବାରେ ଲକ୍ଷ୍ମଣ ପୁନର୍ଜୀବନ ପ୍ରାପ୍ତ ହେଲେ । ଶ୍ରୀରାମଚନ୍ଦ୍ର ନରେନ୍ଦ୍ର—ରାମଚନ୍ଦ୍ର ହେଲେ ବିଷବୈଦ୍ୟ, ସାପୁଆକେଳା (ନରେନ୍ଦ୍ର, ବିଷବୈଦ୍ୟ, ସାପୁଆକେଳା) ସାପୁଆ କେଳା ଯେପରି ସାପକୁ ନେଇ ପେଡ଼ିରେ ପୂରାଏ ସେହିପରି ରାମଚନ୍ଦ୍ର ଅଗସ୍ତି ପ୍ରଦତ୍ତ ବ୍ରହ୍ମାସ୍ତ୍ର ଲଙ୍କପତି ଅଙ୍କ—ଉଦରରେ ପ୍ରବେଶ କରାଇଲେ । ରାବଣକୁ ମାରିଲେ । ଅକ୍ଷ୍ୟଣ—ଶୀଘ୍ର । ବୈଦେହୀ—ସୀତା । ଦହ୍ନ—ପୋଡ଼ି । ଅନଳରେ—ନିଆଁରେ । ହେମ ଦର—ସୁନା ପରି । ସୀତାଙ୍କ ଅଗ୍ନିପରୀକ୍ଷା ହୋଇଥିଲା ।

ପୁଷ୍କରରେ ପୁଷ୍କରେ ସବଟଳେ ଚଳିଲ୍ ଗତି ।
ଯୋଜ୍ଞାବର ଅଯୋଧ୍ୟାରେ ହୋଇଲେ ନୃପତି ଯେ ।
ଦେଖାଇଁ ଦେଖାଇଁ ଅଭିଷେକ ମହୋତ୍ସବ ।
ଚନ୍ଦ୍ରଆନନୀକି ଦେଖାଇଲା ଆନ ଭାବ ଯେ ।
କର୍ଣ୍ଣାଟେଶ୍ୱରନନ୍ଦନ ଶ୍ୟାମ ଅଟେ ଇଷ୍ଟ ।
ବିଶ୍ୱମ୍ଭର ଅଟେ ବିଶ୍ୱକେତୁ ଯଥା ଶୋଭିଷ୍ଟ ଯେ । ୩୦ ।
କୁମାରୀକି ଶୁଭୁଛି ଏମନ୍ତ ଜଣାଉଛି ।
ଆନ ବଚନ ମୋର ଶ୍ରୁତିଯୁଗଳ ନାହିଁ କରୁଛି ଯେ ।
ତହିଁ ଶ୍ୟାମ ଶ୍ୟାମ ସୁନ୍ଦର ଅଛି ଦାଣ୍ଡ କରି ।
ସୁଗ୍ରୀବଙ୍କୁ ଡାକୁ ବିଭୁପଟଣେ ମନୋଦାସୀ ଯେ ।
ଲାବଣ୍ୟବତୀ ଯୁବତୀ-ଶିରୋମଣି ମୋର ।
ମନୋହାରୀ ହୋଇବ ଏମନ୍ତ କୃପା କର ହେ । ୩୧ ।
ଏ ନବୀନା ବନା ଅଟେ ନ ରହେ ମୋ ମନ ।
ଦହନ କରୁଛି ମୋତେ ମଦନଦହନ ହେ ।
ଘୁଞ୍ଚି ତୁମ୍ଭେ ବିରହ ବିପଦ ଅନୁଭବୀ ।
ନ ଦେଖାଇଲେ ଅଙ୍ଗ କାହା ଆଗେ ଜଣାଇବି ଯେ ।
କରୁଣାଲୋକନେ ଶ୍ୟାମ ଅଶ୍ରୁ ବାଣୀ ଶ୍ରୁତି ।
ଦେଖି ଶୁଣି ଏମନ୍ତ ଏ କମ୍ବୁସ୍ୱରଭାଷୀ ଯେ । ୩୨ ।
ଆଲୀକି ଦେଖାଇ ଦେଲା ଅଙ୍ଗୁଳି ଦେଖାଇ ।
ସ୍ୱପନ ସମ୍ପତ୍ତି ଦାତା ପୁରୁଷ ମୋ ଏହୁ ଯେ ।

---

୩୦ । ପୁଷ୍କରେ—ଅଧାଂଶରେ । ସବଟଳ—ସୈନ୍ୟଙ୍କ ସହିତ । ଚନ୍ଦ୍ରଆନନୀକି—ଚନ୍ଦ୍ରମୁଖୀ ଲାବଣ୍ୟବତୀକୁ । ବିଶ୍ୱମ୍ଭର—ବିଷ୍ଣୁ । ବିଶ୍ୱକେତୁ—କନ୍ଦର୍ପ । ଏଣେ ଶ୍ୟାମସୁନ୍ଦରକୁ ଦେଖିଣ କୁହୁକରେ ଲାବଣ୍ୟବତୀକୁ ଚନ୍ଦ୍ରବିମ୍ବ ଦେଖାଉଛି । ୩୧ । ଚରେ—ସ୍ୱାମୀରେ । ଯୁବତୀ ଶିରୋମଣି—ସ୍ତ୍ରୀ ଶ୍ରେଷ୍ଠା । ମନୋହାରୀ—ମନହରଣକାରୀ ।
୩୨ । ନବୀନା—ନୂତନା ସ୍ତ୍ରୀ । ଦହନ କରୁଛି—ପୋଡ଼ୁଛି । ମଦନଦହନ—କାମାଗ୍ନି । ବିରହ ବିପଦ—ବିରହ ଦୁଃଖ । ଅନୁଭବୀ—ଭୋଗୀ । କରୁଣାଲୋକନେ—ଦୟାପୂର୍ଣ୍ଣ ଦୃଷ୍ଟିରେ । କମ୍ବୁସ୍ୱରଭାଷୀ—ଶଙ୍ଖସ୍ୱର ସୁନ୍ଦର ସ୍ୱର ଶରୀରର ଶବ୍ଦ ଯାହାର ଲାବଣ୍ୟବତୀ ।
୩୩ । ଆଲୀକି—ସଖୀକି । ସ୍ୱପନ ସମ୍ପତ୍ତି ଦାତା—ସ୍ୱପ୍ନର ଧନ ଦାନକାରୀ ମୋ ପ୍ରାଣପ୍ରିୟ । ସୁନ୍ଦର ସୃଷ୍ଟି ସୁନ୍ଦର—ସୁନ୍ଦର ଜଗତରେ ଧନ୍ୟ, ସୁନ୍ଦର-

ସଖୀ ବୋଇଲା ସୁନ୍ଦର ସୃଷ୍ଟି-ପୁରନ୍ଦର ।
ଏଥର ଅଇଲେ ଧାଟେଣ ଏ ଉପାୟ କର ଯେ ।
ଶଠତାରୁ ଶଙ୍କୁର ନ କର କମ୍ବୁକଣ୍ଠୀ ।
ତୋତେ ଦେବୁ ଆଣିଲେ ଅଇଲେ ଦୂତୀ ଭଣି ଯେ । ୩୩ ।

ବାହୁବନ୍ଧନେ ବାନ୍ଧିବୁ ଅତି ଯତ୍ନ କରି ।
ଯାଇ ନ ପାରିବ ଶେଷ ହୋଇଲେ ଶର୍ବରୀ ଗୋ ।
ରତିରଙ୍ଗ ଯୋଏ ଯେବେ ସହିବ ଧୀରଜ ।
ସେ ପ୍ରେମବନ୍ଧୁରେ ବାନ୍ଧି ହୋଇଣ ରହିବ ଗୋ ।
ଯେଉଁ ରତିରସ ବଶ କରିବ ବ୍ରହ୍ମାକୁ ।
ଅଳ୍ପ କି ବରିବାର ସୁଲ୍ଲଭ ଜନଙ୍କୁ ଗୋ । ୩୪ ।

ସଜନୀଏ ମଧୁର ବଚନ କହୁଁ କହୁଁ
ଉଗଟି ପ୍ରବେଶ ସେ ସୁନ୍ଦର ଗୃହୁଁ ଗୃହୁଁ ଯେ ।
କୁମାରୀ କହୁଛେ ସ୍ୱପ୍ନସଙ୍ଗ ଦିନ ଜାଣି ।
ସେହି ଶୁଭ ଯୋଗ ଯେଣୁ ବାହୁଡ଼ି କି ଅଛି ଯେ ।
ଏମନ୍ତେ ସେ ରତ୍ନିକ ପ୍ରକାଶେ ରତନକୁ ।
କିଣିଲୁ ଧନ ଜୀବନ ମନ ଲେଖନକୁ ଗୋ । ୩୫ ।

ମଧୁ ବିନା ମଧୁପର ଆନ ଗତି ନାହିଁ ।
ବିଧୁ ବିନା ଅନେକ କି କୁମୁଦ ପ୍ରକାଶଇ ଗୋ ।
କାନ୍ତ ବିନା ଆନ ଗତି ନାହିଁ ମୋ ଜଗତେ ।
ଆନକୁ ନ କର ଏକା ବରିବୁ ତୁ ମୋତେ ଗୋ ।
ଏଭଳି ମାଗୁଣି ଗୋ କେତକୀବରନାକୁ
ସେ କୁମର କହୁ ଏ ବଚନ ରଚନାକୁ ଯେ । ୩୬ ।

---

ଶ୍ରେଷ୍ଠ । ଶଠତାରୁ—ଧୂର୍ତ୍ତତାରୁ । କମ୍ବୁକଣ୍ଠୀ—ଶଙ୍ଖ ସଦୃଶ କଣ୍ଠ ଯାହାର ସେ ଲାବଣ୍ୟବତୀ । ଅଞ୍ଚଳ—ପଣତ । ୩୪ । ଲବଙ୍ଗ—ଗଣ୍ଠି । ସେ ରତିରସ ବ୍ରହ୍ମାଙ୍କୁ ବଶ କରେ, ସାମାନ୍ୟ ନରର ଭ୍ରମ ଉଠାଇବା କେଉଁ କଥା ।

୩୬ । ମଧୁ—ମଦ୍ୟ । ମଧୁପ—ଭ୍ରମର । ବିଧୁ—ଚନ୍ଦ୍ର । କେତକୀବରନାକୁ—କେତକୀ ଲାବଣ୍ୟବତୀକୁ ।

ସଖୀ ବୋଲେ ଅମ୍ଭ ସଖୀ ସୌଖ୍ୟର ଜନନୀ ।
ଧରଣି ଯେ ଧରନ୍ତି ମୁକୁତା ମାଳ ଯେସନ ହେ ।
ଚୋଟିକରିଲେ ଏ କଥା ହୋଇଛି ନାହିଁ ଆନ ।
ଧନ ତେଜି ଘଟାଇଲେ ଗୃଧ୍ରଙ୍କର ମନ ହେ ।
ତୁମ୍ଭେ ପୁରୁଷ ସଙ୍ଗରେ ଚନ୍ଦ୍ରମା ପ୍ରକାର ।
ତା ସ୍ୱପନ ହୋଇଲେ କୁମୁଦେ ଶୋଭା ଭର ହେ । ୩୭ ।
ଚନ୍ଦ୍ରମୁଖୀ କି ଭଣିଛି ସଖୀ ଥିଲା ଲଜ୍ଜି ।
ମନେ ଭରେ ଗଳାରେ ଶୋଭାଇ ଦେଖି ଭୁଜ ହେ ।
କାଣି ତାହା ସଙ୍ଗତସ୍ୱ ଅନ୍ତର ହେବାକୁ ।
କୁହୁକକୁଶଳ ଶବ ନେଲେ ସେ ମାୟାକୁ ହେ ।
କୁମାର କୁମାରୀ ସତ ଅନକୁ ନ ଦଶି ।
ସମାପ୍ତଣ ତରତେ ସମସ୍ତେ ହେଲେ ତୋଷୀ ହେ । ୩୮ ।
ସ୍ୱଚ୍ଛ ଘାଟକ କଟକ ଖୋଟକ ବଚନ ।
ଘାଟ ବାଟ କୁର ଶାଢ଼ୀ ବାସ କଲେ ଦାନ ହେ ।
ଏତେକ ଲୋକ ଦେଖୁଥିଲେ ଦେଲେ ସଭ୍ୟ କୁର ।
ସବୁରୂପେ ପୂର୍ଣ୍ଣ ହେଲା ମନୋରଥ ତାର ହେ ।
ବ୍ୟାକୁଳ ଅନଳେ ଦଗ୍‌ଧ କୁଟିଳକଟାକ୍ଷା ।
ଶକ୍ର ମିତ୍ର ହେଲା ପଶୁ ଭଳି ମୋହ ରକ୍ଷା ହେ । ୩୯ ।
ବେଳେବେଳେ ଏରୂପ ଭଜିଲା ଗ୍ରୀବମଣି ।
ଜନନୀ ହରଷ ବଢେ ଦାଣ୍ଡକୁ ରଖାଇ ହେ ।
ଏ କୃଷ୍ଣ ଲଙ୍କା ବୃପୁତାର୍ ଦେଲେ ଆଜି ।
ଗୁପ୍ତ କଥା ପ୍ରକଟ ହେଲେ ନବବାଳା ହେ ।
ତୁ ରାଜକୁମାରୀ ଯୋଗେ ହେବ ଧନ୍ୟ ଲଜ୍ଜା ।
ସରବ ଅମ୍ଭ ମହୁଡ ନ ପାରିବୁ କାର୍ଯ୍ୟ ହେ । ୪୦ ।

---

୩୭ । ସୌଖ୍ୟର ଜନନୀ—ସୌଖ୍ୟର ଆଧାରଭୂତା ।
୩୮ । କୁହୁକକୁଶଳ—ମାୟାନିପୁଣ । ୩୯ । ସ୍ୱଚ୍ଛ—ସ୍ୱର୍ଣ୍ଣ । ଘାଟକ—ସୁନା । କଟକ—ଖଡୁ । ଖୋଟକ—ଘୋଡ଼ା । କୁର—ଲୁଟି । ବ୍ୟାକୁଳ ଅନଳେ—ଦୁଃଖାଗ୍ନିରେ । କୁଟିଳକଟାକ୍ଷା—ଅପାଙ୍ଗନୟନା ।
୪୦ । ଏରୂପ ଭଜିଲା ଗ୍ରୀବମଣି—ଏହି ମାୟା ଦେଖିବାରେ ଲାବଣ୍ୟବତୀ ରହିଲା । ଜନନୀ ହରଷ—ମାତାଙ୍କ ଆନନ୍ଦ । ଦାଣ୍ଡକୁ ବାହାର—ଲୋକଲୋଚନ ସବୁ ।

ହଳାହଳ ପାନେ ପ୍ରାଣରକ୍ଷା ବାଞ୍ଛା କଲୁ ।
ସନ୍ନିପାତକୁ ସେ ଶୀତ ଦ୍ରବ ସେନା ଲାଗୁ ଗୋ ।
ତେଜର ବେଗ ଜନମିଲେ ଅଛି ରକ୍ଷା କାହିଁ ।
ଚନ୍ଦ୍ରସ୍ୱର ଏତେକ କହେବଳ ଦେହୁ ନାହିଁ ଗୋ ।
ଏହୁ ବାକ୍ୟ ଅପ୍ସୁ ତା କାଗୁଡ଼ ହୋଇବର ।
ଚଳାଇଲ ଥାଣୁକୁ ବର୍ଷିଲ ବଚନ ଧରି ଯେ । ୪୧ ।
ନାଟ ଯାଇ ଦେବଦେବାଦେବ ଭର୍ଣ୍ଣାଠେ ପ୍ରବେଶ ।
କୁମାରକୁ ଭଦ୍ରାଙ୍କ ଦୁର୍ଲ୍ଲଭ କନ୍ୟା ଦଶ ଯେ ।
ନାମ ଦେଣ ଦର୍ଶ୍ୱଦେଲେ ତାହିଁ ପ୍ରକାଶିଲ ।
କୁମାର କଣ୍ଠରେ ମୋର ସୁକୃତ ପଶିଲ ଯେ ।
ଅବଧବାସୀନ୍ଦ୍ର-ପାଦରେ ଅଯୋଧ୍ୟା ନରେନ୍ଦ୍ର ।
ଧ୍ୟାଇ ଛାନ୍ଦ ଶେଷ କଲା ଭଞ୍ଜ ଉପେନ୍ଦ୍ର ଯେ । ୪୨ ।

---

## ଷୋଡ଼ଶ ଛାନ୍ଦ

( ଚନ୍ଦ୍ରଭାନୁର ମିତ୍ର ଆଗରେ ଲାବଣ୍ୟବତୀ ରୂପ କଥନ )

ରାଗ—ଗୁଜ୍ଜରୀ । ଚନ୍ଦ୍ରାବତୀ ସ୍ୱୟମ୍ବର ବାଣୀ ବା ଭାଗବତ ବାଣୀ ।

ଇନ୍ଦ୍ରଜାଲିକ ମୂର୍ତ୍ତି ଶୁଣି । ବଶ ହେବାକୁ ପୃଥ୍ୱୀଶ୍ରେଣୀ ।
ଉତ୍ପାଦ ଶୋଭା ଅନୁଭବ । କହି ପ୍ରକାଶେ ମିତ୍ର ଆଗ । ୧ ।

---

୪୧ । ହଳାହଳ—ବିଷ । ବାତ ସନ୍ନିପାତରେ ହିମ କରେ, ଅନ୍ୟଥା ନୁହେଁ । ବଚେବଚ—ବିସ୍ମୁର । ନଗୁଡ଼—ଶୁଷ୍କ ।

୪୨ । ସୁକୃତ—ପୁଣ୍ୟ । ଅବଧବାସୀନ୍ଦ୍ର—ପାପ ହୋଇ ବର୍ତ୍ତିଶ୍ରେଷ୍ଠ । ପାଦରେ—ସିଂହ ହୋଇଲେ ଅଯୋଧ୍ୟା ନରେନ୍ଦ୍ର—ରାମଚନ୍ଦ୍ର, ମୋର ପାପ ନାଶ କରନ୍ତୁ ଏହା ଚିନ୍ତ ଉପେନ୍ଦ୍ର ଭଞ୍ଜ ପ୍ରାର୍ଥନା କଲେ ।

---

୧ । ଇନ୍ଦ୍ରଜାଲିକ—ବହୁରୂପୀ, ବାଜିଗର । ପୃଥ୍ୱୀଶ୍ରେଣୀ—ବିଶାଳ ନିତମ୍ବବତୀ; ସୁନ୍ଦରୀ । ଉତ୍ପାଦ—ମନେ ଭାବି । ଶୋଭା—ସୌନ୍ଦର୍ଯ୍ୟ । ଅନୁଭବ—ଦେହ । ପ୍ରକାଶେ—କହେ ।

ଧୀ ଧୀ ଯେ ନବେନ୍ଦୁ-କୁମାରୀ । ଅବନୀଶ୍ରୀ ସୁକୁମାରୀ ।
ପଲ୍ୟଙ୍କ ଅଙ୍କେ ଶୋଇଥିଲା । ସୁକୃତଦୂତୀ ଭେଟାଇଲା ।୨।
ସଂସାରେ ଯେତେ ଦୃଷ୍ଟି ଅଛି । ତାହାଠାରେ ସୃଷ୍ଟି ହୋଇଅଛି ।
ଏଣୁ ଜଗଜ୍ଜନସୁ ରୂପ । ପୁଣି କନ୍ଦର୍ପ ରସକୂପ ।୩।
ତହିଁ ନୟନ ମୀନ ପଡ଼ । ଏ ଶଣ୍ଠ ରହିବାର ଦୃଢ଼ ।
ଅଗ ପଛକୁ ସମ ଶୋଭା । ଶୋଭାହ୍ରଦରେ ହେମପ୍ରଭା ।୪।
ପ୍ରଭାମାନଙ୍କ ନିଜ ଧାମ । ଅନ୍ୟୋନ୍ୟ ନାମରୂପ ସମ ।
ସମ ହୋଇଲେ ଅଙ୍ଗ ଥାଇଁ । ମୁକୁରେ ଦେଖାଇଲେ ଦୁଇ ।୫।
ଅଳଙ୍କାରକୁ ଅଳଙ୍କାର । ଶାସ୍ତ୍ରସୁ ସେହି ସ୍ୱଭାବର ।
ହାବାଦି ଯେତେ ଅଳଙ୍କାର । ସେମାନେ ଅଳଙ୍କାର ତାର ।୬।

---

୨ । ନବେନ୍ଦୁକୁମାରୀ—ନବଯୌବନା । ଅବନୀଶ୍ରୀ—ସଂସାରର ଶୋଭାରୂପିଣୀ । ସୁକୁମାରୀ—କୋମଳାଙ୍ଗୀ । ପଲ୍ୟଙ୍କଅଙ୍କେ—ପଲଙ୍କରେ । ସୁକୃତଦୂତୀ—ତାର ପୁଣ୍ୟ ହେଲା ଦୂତୀ ।

୩ । ସୃଷ୍ଟି—ଶୋଭାକର୍ତ୍ତା । ଏହି ସୁନ୍ଦରୀ ଅନ୍ୟ ଦୃଷ୍ଟିମାନଙ୍କର ସୃଷ୍ଟିର କାରଣ ହୋଇଅଛି ଆଦର୍ଶଭୂତ ହେଉଛି । ଜଗଜ୍ଜନସୁ ରୂପ—ତାର ସୁନ୍ଦର ରୂପ ଜଗତକୁ ଜିଣିଛି । କନ୍ଦର୍ପରସକୂପ—ଶୃଙ୍ଗାରରସର ଭଣ୍ଡାର ।

୪ । ନୟନମୀନ—ଅକ୍ଷିରୂପ ମାଛ । ଶଣ୍ଠ—ଆଶ୍ଚର୍ଯ୍ୟ । ରହିବାର ଦୃଢ଼—ମୁଖରେ ମଗ୍ନ ହେଉଛି, ଯିବାକୁ ନାହିଁ । ଅଗ...ଶୋଭା—ଶରୀରରେ କୌଣସି ଅଙ୍ଗରେ ଶୋଭାର ହାନି ନାହିଁ । ଶୋଭା.....ପ୍ରଭା—ପ୍ରଭା ହେଉଛି ଦେବତା ବା ମହାପୁରୁଷଙ୍କ ଶରୀରର ଜ୍ୟୋତିର୍ମଣ୍ଡଳ । ଏ ହେଉଛି ସମସ୍ତ ସୌନ୍ଦର୍ଯ୍ୟର ସ୍ୱର୍ଣ୍ଣମୟ ପ୍ରଭାମଣ୍ଡଳ ।

୫ । କେବଳ କାନ୍ତିର ମଣ୍ଡଳ ନୁହେଁ, କିନ୍ତୁ କାନ୍ତିର ଆଶ୍ରୟସ୍ଥଳ । ଅନ୍ୟୋନ୍ୟ.....ସମ—ଅନ୍ୟର ରୂପଠାରୁ ନାମର ପାର୍ଥକ୍ୟ ଥାଏ । ଏଠାରେ ନାମ ଯାହା, ରୂପ ମଧ୍ୟ ତାହା ଅତଏବ ଏକ । ସମ.....ଦୁଇ—ସେପରି ରୂପ ଦେହେ ଦର୍ପଣରେ ଦେଖିଲେ ହେଲେ ପୃଥକ୍ ଭାବରେ ନାହିଁ ।

୬ । ଅଳଙ୍କାର.....ସ୍ୱଭାବର—ତାର ଶୋଭାକୁ ଅଳଙ୍କାର ବଢ଼ାଉ ନାହିଁ, ବରଂ ତାର ଶରୀରରେ ଅଳଙ୍କାର ଥିବାରୁ ଅଳଙ୍କାରର ଶୋଭା ବଢ଼ୁଛି, ଏହା ସତ୍ୟ । ଅଲଙ୍କରଣସ୍ୟାଲଙ୍କରଣଂ ବଲ୍ଗୁତ୍ତମସ୍ୟ ବ୍ରିୟତଃ—ବାଣଭୋଜାଶୀ । ହାବାଦି.....ତାର—ଯୌବନରେ ସ୍ୱାଭାବିକ ଭାବରେ ଦେଖାଯିବା ଅଷ୍ଟାବିଂଶ ଅଳଙ୍କାର । ହାବ, ଭାବ, ହେଳା, ଶୋଭା, କାନ୍ତି, ମାଧୁର୍ଯ୍ୟ ପ୍ରଭୃତି ସେ ନାରୀର ଶୋଭା ବଢ଼ାଉଅଛନ୍ତି ।

ଅନୁରାଗର ବଶ ସେହୁ । ଅନୁରାଗକୁ ଜନମାଇ ।
ଯୌବନ ଶୋଭୁ ସେ କାମିନୀ । ଯୌବନ ଶୋଭା ତାହା ସେଣି । ୭ ।
ମୁଖ ପ୍ରଶଂସା ଚନ୍ଦ୍ରାଧର । ଚାନ୍ଦ ପ୍ରଶଂସା ମୁଖ ତାର ।
ତା ରୂପ ଅସ୍ତ୍ର କର ସେନ । ରୂପାସ୍ତ୍ର ବୋଲାଇ ମଦନ । ୮ ।
ଯୁବାସଂସାର ସଂହାରିଣୀ । ଯୋଗୀଙ୍କର ସଂସାର କାରିଣୀ ।
କୁଙ୍କୁମକାନ୍ତି ଅସମରେ । ସଙ୍କୋଚ ବହୁଛି ନାମରେ । ୯ ।
ସୁନ୍ଦରୀ ପୁରନ୍ଦରୀ ନୋହି । ସୁନ୍ଦରୀ ପୁରନ୍ଦରୀ ଏହି ।
ଦେଖି ତା ସର୍ବାଙ୍ଗ ସୁନ୍ଦର । ଚିତ୍ରେ ଚିତ୍ରିବ ପୁରନ୍ଦର । ୧୦ ।
କି ଉପ କର ଦିଶା ଶାଢ଼ୀ । ସେ ବାଳା ପ୍ରତିଅଙ୍ଗେ ଛାଡ଼ି ।
ଜାଣିଲେ ସେ ଉପ ସାଟନ୍ତି । ସେତକବେଳୁଁ ହୁଏ ମତ । ୧୧ ।
ନିଦ୍ରା ଅତୁ ସଂଲଗ୍ନ ହେଲେ । ଇଙ୍ଗୀଏ ଅନୁକୂଳ କଲେ ।
ଲୁଟି ସେ କଲେ ଧୈର୍ଯ୍ୟ ଧନ । ପ୍ରଥମେ ଧରିନେଲେ ମନ । ୧୨ ।

---

୭ । ଅନୁରାଗ......ସେହୁ—ସେ ନିଜେ ସ୍ନେହର ଅଧୀନ, କିନ୍ତୁ ସେ ଅନ୍ୟଙ୍କଠାରେ ତା ପ୍ରତି ସ୍ନେହ ଜନ୍ମାଉଅଛି । ଯୌବନ......ସେଣି—ଯୁବାବସ୍ଥାରେ ସୌନ୍ଦର୍ଯ୍ୟମୟୀ, ତା ଦେହରୁ ମଧ୍ୟ ଯୁବାବସ୍ଥା ଶୋଭା ପାଉଅଛି ।

୮ । ମୁଖ......ତାର । ମୁଖକୁ ପ୍ରଶଂସା କଲେ ଚନ୍ଦ୍ରକୁ ଆଣି ଥୋଇବ ପ୍ରମାଣରେ ଓ ଚନ୍ଦ୍ରକୁ ପ୍ରଶଂସା କଲେ ସେ କାମିନୀର ମୁଖକୁ ଆଣି ଥୋଇବ । ମୁଖର ଚନ୍ଦ୍ର ଉପମାନ । ଚନ୍ଦ୍ରର ମୁଖ ଉପମାନ ତା—ମୁଖକୁ ଚନ୍ଦ୍ର ପ୍ରଶଂସା କରେ—ମୁଖର ଅଧିକ ଲକ୍ଷଣ ହେତୁ ( ବ୍ୟତିରେକ ) ଏବଂ ତାର ମୁଖର ପ୍ରଶଂସା ହେଉଅଛି ତାର ମୁଖ । ( ଅନନ୍ୱୟ ) । ସେନ—ମଦନ କର । ରୂପ—ସୌନ୍ଦର୍ଯ୍ୟ । ରୂପାସ୍ତ୍ର—କନ୍ଦର୍ପର ନାମବିଶେଷ ।

୯ । ଯୁବା...ସଂହାରିଣୀ—ସେ ନାରୀକୁ ଯୁବକମାନେ ଦେଖିଲେ ଭୂତଛନ୍ନ ହେବେ । ଯୋଗିଙ୍କରେ...କାରିଣୀ—ତାକୁ ଦେଖିଲେ ଯୋଗୀମାନେ ଗୃହସ୍ଥାଧର୍ମ ଗ୍ରହଣ କରିବାକୁ ଇଚ୍ଛା କରିବେ । କୁଙ୍କୁମ...ନାମରେ—ତାର କାନ୍ତି ସଙ୍ଗେ କୁଙ୍କୁମ ସମାନ ନ ହେବାରୁ ଲଜ୍ଜା ବା ସଙ୍କୋଚ ବୋଧରେ ନିଜର ନାମକୁ କୁଙ୍କୁମ ( କୁଣ୍ଠିତ ମୁଁ ମନ୍ଦ ମନ୍ଦ ) ବୋଲି କରିଅଛି ।

୧୦ । ପୁରନ୍ଦରୀ—ଇନ୍ଦ୍ରଙ୍କ ପତ୍ନୀ ଶଚୀ ସୁନ୍ଦରୀ ହୁଅନ୍ତି କିନ୍ତୁ ସେ ସୁନ୍ଦରୀ ପୁରନ୍ଦରୀ—ସୁନ୍ଦରୀ ଶ୍ରେଷ୍ଠା । ସର୍ବାଙ୍ଗ ସୁନ୍ଦର—ଅତିସୁନ୍ଦର । ରୂପ—ବିଶେଷଣ, ଲକ୍ଷଣ ଅର୍ଥରେ ( ରୂପ ଜନ୍ୟ ) । ପୁରନ୍ଦର—ଇନ୍ଦ୍ର । ମତ—ମତ୍ତ ।

୧୨ । ନିଦ୍ରା......କଲେ—ତାହାର ନବ ଇଙ୍ଗିତ ଦେଖନ୍ତି ଯେତେବେଳେ ପ୍ରେମର ମାତ୍ରାରେ ଉଠି ହେଲା, ସେତେବେଳେ ତାର ଲଜ୍ଜା ଲୁଣ୍ଠିମାନ

ଅଙ୍ଗ ଦେଶରେ ଲଜ୍ଜା ପ୍ରୀତି | ହୋଇ ସେ ଥିଲେ ଯେବେ ମନ୍ତ୍ରୀ |
ତାର ଯେତେବେଳେ ଇଚ୍ଛାଥିବ | ହୋଇଲେ ଅନୁରୂପ ଭାବ | ୧୩ |
ସୁରଭି ପୃଥୁ ଚକ୍ରବର୍ତ୍ତୀ | ଦେଖାଇ ବିଶେଷ ଭକତି |
ଲେଖାଇ ନେଲା ହାତ ପତ | ହେଲି ବୋଲି ମୁଁ ତୋର ସୁତା |
ଜନକ ମଣ୍ଡଳର ଠାରୁ | ଉଦରେ ରଖିଛି କା ଡରୁ |
ଜମ୍ବୁଦ୍ୱୀପଙ୍କ ଦର୍ପଣନ୍ତି | ହେମମାଳୀ ବୋଲାଇ ଅଛନ୍ତି | ୧୫ |
ଯହିଁ ଏମନ୍ତ ଧୈର୍ଯ୍ୟବନ୍ତା | ରଖି ନ ପାରିଲା ଗୁପତା |
ଅଲ ତାହାର ତାକୁ ଯହିଁ | ବାନ୍ଧି ତୋହର ଦାସ ହୋଇ | ୧୬ |

---

—ହୁଏ, ସାବାସ ଗୋଟି ଗୋଟି ହୋଇ ପ୍ରକାଶ ପାଇଲେ | ଲୁଟି ......ମନ—ସେହି ଉର୍ଣ୍ଣମାନଙ୍କ ହାସ୍ୟ ମୋର ମନ ଲୁଚ ହେବାରୁ ମୋର ଧୈର୍ଯ୍ୟରୂପ ଧନ ନଷ୍ଟ ହେଲା |

୧୩ | ଅଙ୍ଗ...ଭାବ—ସେହି ବାଳାର ଶରୀରରେ ଲଜ୍ଜା ଓ ପ୍ରୀତି ଦୁଇଟି ଦେଖାଦେଲେ—ସେ ବାଳା ହେଲା ରାଜା—ତାର ଦେହ ହେଲା ଦେଶ—ଓ ତାର ମନ୍ତ୍ରୀ ହେଲେ ଲଜ୍ଜା ଓ ପ୍ରୀତି; ଏ ଦୁହେଁ ରାଜ୍ୟରେ ଦେଖା-ଦେଲେ | ରାଜାର ଅଧିକାରରେ ଯେପରି ମନ୍ତ୍ରୀ ବିଶେଷର ପ୍ରଭୁତ୍ୱ ଚାଲୁଥାଏ ହୁଏ, ସେହିପରି ତାର ଇଚ୍ଛା ଅନୁସାରେ ଯେତେବେଳେ ଲଜ୍ଜା ( ପୁରୁଷ ଦର୍ଶନ ହେତୁ ) ଯେତେବେଳେ ପ୍ରୀତି ( ପୁରୁଷ ପ୍ରତି ଅନୁରକ୍ତ ହୋଇ) ପ୍ରୀତି—ସ୍ନେହ ପ୍ରକାଶ ପାଉଥିଲା |

୧୪ | ସୁରଭି...ଭକ୍ତି—ସୁରଭି—ସ୍ତନ | ପୃଥୁ—ବିଶାଳ, ବିସ୍ତୃତ | ଚକ୍ରବର୍ତ୍ତୀ :—ମଣ୍ଡଳାକାରରେ ସ୍ତନ ଉର୍ଦ୍ଧ୍ୱ ଗୋଲ | ବିସ୍ତୃତ—ବଢ଼ିତା | ଅନ୍ୟାର୍ଥରେ ସ୍ତନ ହେଲା ପୃଥୁ ରାଜା; ସେ ଅତି ଉନ୍ନତ ରାଜା ଥିଲେ—ପୃଥିବୀ ତାଙ୍କ ଶସ୍ୟାଦି ପ୍ରଦାନ ନ କରିବାରୁ ସେ ତାକୁ ଶାସ୍ତି ଦେବାକୁ ଉଦ୍ୟତ ହୁଅନ୍ତେ ସେ ତାଙ୍କ ବଶତା ସ୍ୱୀକାର କଲା | ସେହିପରି ମୋ ଠାରୁ "ମୁଁ ତାର ଭୃତ୍ୟ ହେଲି ବୋଲି ହାତଲେଖା ଲେଖାଇ ନେଲା—ମୁଁ ତାର ବିଶାଳ ସ୍ତନମଣ୍ଡଳ ଦେଖି ତାର ବଶ ହେଲି | ଲୋକେ ଧନ ଜନ ଉଦରେ ରଖନ୍ତି | ଏ ବାଳା ତା ସଙ୍ଗରେ ରଖିଛି ବୋଲି କବି ତର୍କଣା କରି କହୁ ଅଛନ୍ତି—ଜନକମଣ୍ଡଳର...ଡରୁ—ସୁନା ପର୍ବତ ମେରୁ ହେଲା ତାହାର ସ୍ତନଯୁଗଳର ଜନକ—ବାପଠାରେ ସେ ଡରୁ—ଲଜ୍ଜାରେ ସୁବର୍ଣ୍ଣ ରଖିଛି—ଅନ୍ୟଥା ରଖିଲେ କାଳେ ଲୋକେ ହସିବ ! ଜମ୍ବୁଦ୍ୱୀ... ବୋଲାଇ ଅଛନ୍ତି—ଏକା ତର୍କଣା କରୁଅଛନ୍ତି ସେ ସ୍ୱୟଂ ହେମରେଖା ତାର ସ୍ତନମଣ୍ଡଳଠାରୁ ନାଭିପର୍ଯ୍ୟନ୍ତ ଅଛି—ତା ପ୍ରକୃତରେ ତାହା ନୁହେଁ,

ବାଳୀ ବାଳାସ୍ତେବକେ ନେତ୍ର | ଜୀବନ ହୋଇଲା ଅନ୍ତ |
ଗଲା ଅସ୍ତୁଛି ବାଳ ଅସ୍ତ | ଏ ମୋତେ ଦଂଶିବାର ପାଇଁ |୧୭|
ପିଞ୍ଛଡ଼ା ପେଡ଼ା ମଧ୍ୟେ ଥିଲା | କିରୂପେ ଫିଟି ଏ ଅଇଲା |
ନ ମାନିବାରୁ ଗଦ ପଦ | କୀଣଙ୍କ ହେଲି କଣ୍ଟବୈଦ୍ୟ |୧୮|
ଏଥାକେ ନେଣ ବୋଧ ଭାଳୁ | ଭାଳି ଏ ଦେବ ଅମୃତକୁ |
ଅଙ୍ଗ ତ ହୋଇଲୁ ଅମର | ଦେଖି ଏ ଶିବ୍ର ସ୍ତ୍ରାନ୍ତ ମୋର |୧୯|
ଅନୁରାଗ ଭୃଙ୍ଗାଣି ସେହି | ଅପାଙ୍ଗ ଥିଲୁ ସଖୀ କହାଇ |
ଶୋଭି ଏସ ଧାଇଁଲୁ ଏମନ୍ତ | ପୁଷ୍ପାରବନ୍ଦେ ଅଳିଯୁକ୍ତ |୨୦|
ଅନଙ୍ଗ ପବନ ବଳାରେ | ଦୃଢ ଡାଳିଙ୍କ ପ୍ରଭାବରେ |
ସେନା ଶୁଣିକ ରଙ୍ଗ ଭଲା | ଘଡିକ ଦଣ୍ଡ ତିନି ଭଲ |୨୧|

---

କିନ୍ତୁ ଜମ୍ବୁଗ୍ର ଡାଳରେ ଅସର ସମୁଦ୍ର ଅଛନ୍ତି—ସେ ଲେଖା ପଣର ନାସ୍ତି ସମୁଦ୍ର । ଏଠି...ହୋଇ—ସେଥିପାଇଁ ମୋ ଭଳି ଧୀର ସ୍ଥିର ନାୟକ (ଭିଦାଞ୍ଚ ନାୟକ ହେଉଛି) ତାର ଗାମ୍ଭୀର୍ଯ୍ୟ ରଖି ପାରିଲି ନାହିଁ—ଅଧୀନତା ସ୍ୱୀକାର କଲି ଅଥ ବା କଏ ତାର ଦାସତ୍ୱ ସ୍ୱୀକାର କରିବ ନାହିଁ । ପୃଥିବୀ ପକ୍ଷରେ ମଧ ସ୍ୱଭୂତା ପ୍ରତ୍ୟୋଜ୍ୟ—ଇତ୍ୟାଦ ।

୧୭ । ବାଳୀ...ପାଇଁ—ସେ ସୁନ୍ଦରୀ କୋଣେଇ ଚାହିଁ ଲୁଦେଲେ ମୁଁ କାମବାଣରେ ପୀଡ଼ିତ ହେଲି—ମନେ ହେଲା—କାଳସର୍ପୀ ନାଗ ମୋତେ କାମୁଡ଼ିବାକୁ ଆସୁଛି । ସେହି ସାପ ତ ଅଷ୍ଟଧାତୁ ପେଡ଼ିରେ ଥିଲା, କେଉଁଠୁ ସେଠୁଁ ବାହାରି ଆସିଲା—ଏପରି ପ୍ରବଳ ବିଷରେ ଆସିଲା ଯେ କଣ୍ଟବୈଦ୍ୟର ମନ୍ତ୍ର, ମଣି ବା ଔଷଧରେ ବଶ ହେଲା ନାହିଁ—ତହିଁ ସେ କୁଳଶସ୍ତ୍ର ଭୂତଭୂଷି ଥିଲା । ସେହିପରି, କଣ୍ଟବୈଦ୍ୟଙ୍କୁ ମୁଁ ମୃତଅନ୍ନ ହେଲି । ଏଠାରେ ତନ୍ତ୍ରର ଦୃଷ୍ଟିରେ ଡାଳୀସ୍ତନ ନାଗର ସାଦୃଶ୍ୟ ଅଛି । ଏପରି ଅବସ୍ଥାରେ ସେ ତନ୍ତ୍ରରେ ଯେ ଶୃଙ୍ଗ ଦର୍ଶି ଅଛି, ତାହାର କାନରେ ରଖି ସେହି ବେଳା ବା ମୋତେ ବୋଧ ହେଲା—କାହିଁ ଭନ୍ତ୍ର ଭୟ ନାହିଁ—ଏଥିରେ ଅମୃତ ମଧ ଅଛି, ତାଙ୍କ ଡାଳିଦେବ—ସେ ସୁଧାନ୍ଧୁପୀ ଦୃଷ୍ଟି-ପାତରେ ଅମର—ଅପୂର୍ବ ସୁଖଭୋଗ ହେଲି । ମୋର ଏପରି ସୌଭାଗ୍ୟ ଦେଖି—ତା ପରେ ତନ୍ତ୍ରର ଉତ୍ତମା ଥିବା ଦେଖି ସେହି ଦୃଷ୍ଟିରେ ଅନୁରାଗ ଭୃଙ୍ଗାଣି—ପ୍ରୀତିଯୁକ୍ତ ଦୃଷ୍ଟିପାତ—ଅପାଙ୍ଗ—ନେତ୍ରପ୍ରାନ୍ତ ସେ ଭୃଙ୍ଗାଣିରେ ଯୁକ୍ତ ଥିବା ଦେଖିଲି—ତନ୍ତୁ କୋଣେଇ ଚାହିଁବା ଦେଖିଲି—ଏପରି ଶୋଭା ଦିଶିଲା ଯେପରି ଫୁଟିଲା ପଦ୍ମରେ ଭ୍ରମର ଲାଗି ରହିଛି ।

୨୧ । ଅନଙ୍ଗ...ଭଲ—ଯେପରି ପବନରେ ପଦ୍ମ କମ୍ପିତ ହୁଏ—ସେହିପରି କାମ-ବାଣରେ ତାର ଦେହ ଶକ୍ତି ସଞ୍ଚାଳନ କଲାରେ—ଚଳା, ଲୁଳ ଓ ଭଲା ବସ୍ତ୍ରର ତନ୍ତ୍ରସ୍ତ୍ରୀ ତନ୍ତୁପାତର ଦେଖିବୁ ଏହି ତିନି ପଦରେ ବର୍ଣ୍ଣିତ ଭଲ ।

ମୋହର କି ଉତ୍ତର ପୁଣ୍ୟ । ତ୍ରିବେଣୀ ଘାଟେ କଲି ସ୍ନାନ ।
କଟାକ୍ଷ ଅଙ୍କୁଶ ସଦୃଶୀ । ମନ ମାତଙ୍ଗକୁ ଅକର୍ଷି । ୨୨ ।
ଉଚ୍ଛନ୍ନ ମାହୁନ୍ତ ଅପେକ୍ଷୁ । ତାର ଅଧୀନ କରିଦେଲି ।
ଭାଙ୍ଗି ଅର୍ଗଳର ନାଶକେ । ଥିଲା ଶିକୁଳି ନାବିକୂଟେ । ୨୩ ।
ନାବତେଢ଼ ପକାଇଲି ବାଟ । ଭ୍ରମମଦର ପାନେ ବୋଧି ।
ଲଭିଲି ସ୍ୱର୍ଗଦ୍ୱାର ଏଥି । ମୋକ୍ଷ ଏଥିରେ ଅଛି ବନ୍ଧି । ୨୪ ।
ସନ୍ଧି ଯେ ମଧ୍ୟ ସିଂହ ସ୍ଥିତ । ନୋହିଲେ ହୁଅନ୍ତା ଏକତ୍ର ।
କାଦମ୍ବ ଚନ୍ଦ୍ରବିମ୍ବ ଯେତ । ସେ ସ୍ଥାନେ ହୁଅଇ ଉଦିତ । ୨୫ ।

---

୨୨ । ମୋର...ସ୍ନାନ—ମୋର ତ କେମ ପୁଣ୍ୟ ନାହିଁ, ମୁଁ ଗଙ୍ଗା (ଧଳା) ଯମୁନା (କଳଆ) ସରସ୍ୱତୀ (ନାଲିଆ) ଏହି ତିନି ନଦୀର ସଙ୍ଗମସ୍ଥଳ ଯେଉଁ ଅକ୍ଷି ପକ୍ଷ୍ମସନ୍ଧି ଗର୍ତ୍ତରେ ସ୍ନାନ କଲି—ସେ ବାଳୀର ଚକ୍ଷୁ ମୋ ଉପରେ ପଡ଼ିବାରୁ ମୁଁ କୃତକୃତ୍ୟ ହେଲି—ମୁକ୍ତିରୂପ ପରମାନନ୍ଦ ଲାଭ କଲି ।

୨୩ । କଟାକ୍ଷ—ତାର ଅପାଙ୍ଗଦୃଷ୍ଟି । ଅଙ୍କୁଶ ସଦୃଶୀ—ଅଙ୍କୁଶ ତୁଲ୍ୟ । ମନ ମାତଙ୍ଗକୁ ଅକର୍ଷି—ମୋର ମନ ହେଉଛି କଣ୍ଢେଇ ହାତୀ ତାକୁ ବଶକୁ ଆଣି । ଉଚ୍ଛନ୍ନ ମାହୁନ୍ତ—ବିହ୍ୱଳ ବା ଉଛୁଳା ହୋଇ ହସ୍ତୀର ଚାଳକ । ସେ ଅପେକ୍ଷ କରିଦେଇ—ତାର ଅଧୀନ କଲି ଅର୍ଥାତ୍ ମନ ମୋର ଉଚ୍ଛନ୍ନ ହେଲା । ଭାଙ୍ଗି—ଖୋଲିଦେଇ ହେଲି ଅର୍ଗଳ । ଶିକୁଳି—ଲମ୍ବା ଜଞ୍ଜିର । ନାବିକୂଟେ—ଖୋଷିଏ ବନ୍ଧରେ । ନବତେଢ଼—ତୋଳିଦେଇ । ଭ୍ରମ ମଦର-ପାନେ—ଭ୍ରମରୂପ ମଦ ପିଅନ୍ତେ ବୋଧି—ସ୍ଥିର କରି । ସ୍ୱର୍ଗଦ୍ୱାର—ପୁରୀର ସ୍ଥାନ । ମୋକ୍ଷ—ପରମାନନ୍ଦ ରୂପ ମୁକ୍ତି । ନାୟକର ଚକ୍ଷୁ ନାୟିକାର ତଳା, ଖୋଷା, ଗ୍ରୀବା ପଡ଼ିଲା ଓ ସେହି ସ୍ଥାନମାନ ଶୃଙ୍ଗାରରେ ସୁଖପ୍ରଦ ହେଉଛି ଏରୂପ ବର୍ଣ୍ଣନା ।

୨୪ । ବାଳା ମୋତେ ଦେଖି ନାକେ ଲଗିଲା ହୋଇ ତାର ଅଙ୍ଗ ଗୃହାଭିତରେ ମୋର ମନକୁ ବାନ୍ଧି ତଥା ଭିତରେ ଯାଇ ତାକୁ ତାର ଭଣ୍ଡାର ଦେଖିବା ନେଇ ପଶାଇଲା । ନାବାଦକିନ—ସ୍ୱର୍ଗଦ୍ୱାର—ତାର ମୋଚନରେ—ଖୋଲିବାରେ ସ୍ୱର୍ଗ ପ୍ରତି ଗମନ ଇତ୍ୟାଦି ।

୨୫ । ସନ୍ଧି ଯେ......ଉଦିତ—ସେହି ଖୋଷିଏ ରୂପ ସ୍ୱର୍ଗଦ୍ୱାରର ନିକଟରେ—ବାଳାର ମଧ୍ୟଦେଶରେ ସିଂହ—କଟିଦେଶ—(ସିଂହକଟି ସୂକ୍ଷ୍ମ ହେତୁ) ସିଂହ ଯେବେ ନାହିଁ ଏପରି କଟି ସୂକ୍ଷ୍ମ ହୋଇ ନ ଥାଆନ୍ତା । କାଦମ୍ବ—ସିନ୍ଦୂର । ଚନ୍ଦ୍ରବିମ୍ବ—ଚନ୍ଦ୍ରମଣ୍ଡଳ (ଶୁକ୍ଳତା ହେତୁ) ଉଦିତ—ପ୍ରକାଶିତ—ସ୍ୱର୍ଗଦେଶରେ । ସ୍ୱର୍ଗର ସିଂହଦ୍ୱାର । ସ୍ୱର୍ଗରେ ଚନ୍ଦ୍ର ଥାନ୍ତି ।

ଲଭିଲି ସେପରି ପୁଣ୍ୟ ତେଜେ । ଲଙ୍ଘି ତା ପାରଶ୍ରି ସେମନ୍ତେ ।
ଜଘନ ଇନ୍ଦ୍ରାସନ ଗୋପ୍ୟ । ବିଶ୍ରାମେ ଇନ୍ଦ୍ରପଦ ପ୍ରାପ୍ୟ । ୨୬ ।
ଏହୁ ଅଭୀଷ୍ଟ କରିଅଛି । ନ ଜାଣି ଧାତା କି ଲେଖିଛି ।
ମନ ବୁଦ୍ଧି ନୟନ ପ୍ରାଣ । ତାହାର କିଣା ହେଲେ ଜାଣ । ୨୭ ।
ଏଣୁ ମୋ ଭଲ ମନ୍ଦ ଭାଗୀ । ସେ ନାହିଁଲା ନବୀନବନିତା ।
ମୋର ଦେହରେ ମୋ ଅସ୍ୱତ୍ତ୍ୱ । କେବଳ ରହିଲି ଯେସନ ଚିତ୍ର । ୨୮ ।
ଦାହକନକବରଣୀକି । ସୁଭାଗ୍ୟ ଗଲା ମୋର ଲକି ।
ଓଷ୍ଠ ପ୍ରବାଳପାଟେ ଥିଲା । ହାସ ମୁକ୍ତାଭାବେ କିଣିଲା । ୨୯ ।
ସେ ତାହା ସେନ୍ନ ଗଲା ପିନା । ଏବେ ମୁଁ ପାଉଛି ବେଦନା ।
ରତନଭଜନ ବରଜନ । ହୋଇ ଭଞ୍ଜିବାକୁ ପତନ । ୩୦ ।

---

୨୬ । ଲଭିଲି...ସେମନ୍ତେ—ମୋର ପୁଣ୍ୟ ଅନୁସାରେ ତାହା ମୁଁ ପାଇଲି—ତାହା ଅନ୍ୟଥା କରି ହେବ ନାହିଁ—ଅଲଙ୍ଘ୍ୟ ପାଇଁ । ଜଘନ ଗୋପ୍ୟ—ଜଘନର ଗୁପ୍ତ ସ୍ଥାନରେ । ଇନ୍ଦ୍ରାସନ—ଅତି ଉତ୍କୃଷ୍ଟ ସ୍ଥାନ, ସୁଖପ୍ରଦେଶ । ବିଶ୍ରାମେ—ସେଠାରେ ରହିବାରେ । ଇନ୍ଦ୍ରପଦ—ଇନ୍ଦ୍ରଙ୍କ ପଦମର୍ଯ୍ୟାଦା; ମୁଖ୍ୟସ୍ଥାନ—ପ୍ରଧାନ ପଦରେ—ଧ୍ୟ । ସ୍ୱର୍ଗରେ—ଇନ୍ଦ୍ରଙ୍କ ସୁଖାସନ ଓ ଇନ୍ଦ୍ରଙ୍କ ପରମ ସୌଖ୍ୟ ବିଶ୍ରାମମାନ; ଏଠାରେ ମଧ୍ୟ ତାହା ।

୨୭ । ଅଭୀଷ୍ଟ—ମନର ଗାଢ଼ ଇଚ୍ଛା : ମୋର ମନ, ବୁଦ୍ଧି ପ୍ରଭୃତି ତାଠାରେ ଅର୍ପଣ କରିଅଛି ।

୨୮ । ନବୀନ ବନିତା—ନୂତନା ମୋର ମାଲିକ ହେଲା ନାହିଁ । ଅସ୍ୱତ୍ତ୍ୱ—ସ୍ୱାମିତ୍ୱ । ଦେହ—ଦେହର ! ମୋ ଦେହରେ ମନ ଇଚ୍ଛାର ଉପରେ ସମାର୍ଥ୍ୟ ମୋର ଅଛି—ଏହା ମୁଁ ଅନୁଭବ ମଣୁଛି ।

୨୯ । ଦାହକନକବରଣୀ—ଅଗ୍ନିଦଗ୍ଧ ସ୍ୱର୍ଣ୍ଣବର୍ଣ୍ଣର ସୁନ୍ଦରୀ । ମୋର ଦୁର୍ଭାଗ୍ୟ ମୋତେ ବଳାଇଲା—ଅର୍ଥାତ୍ ମୋର ସୁଭାଗ୍ୟ ହେତୁ ମୁଁ ତାହାର ଦର୍ଶନ ଲାଭ କରିଥିଲି । ଓଷ୍ଠ......କିଣିଲା—ତାର ପ୍ରବାଳ ସଦୃଶ ଓଷ୍ଠ ଅର୍ଥାତ୍ ଲାଲ ଓଷ୍ଠରେ ମୁକ୍ତାତୁଲ୍ୟ ହାସଦ୍ୱାରା ମୋତେ କିଣିଲା । ଅର୍ଥାତ୍ ତାର ଅଧରସମ୍ପାନ ପାଇଲେ ମୁଁ ତାର ବଶ ହୋଇଥିଲି ।

୩୦ । ସେ......ବେଦନା—ସେ ସୁନ୍ଦରୀ ମୋ ହୃଦୟରୁ (ତା ସମ୍ବନ୍ଧରେ କୌଣସି କଥା ଅନନ୍ୟଲବ୍ଧ) । ଏବେ ବର୍ତ୍ତମାନ ବିରହରହିଛି; ବେଦନା—ଯନ୍ତ୍ରଣା । ରତନଭଜନ—ରମଣୀରୂପର କାନ୍ତି । ବରଜନ—ମୂଲ୍ୟ । ପତନ—ଅଦର ।

ତେବେ ଯାଇ କହାନ୍ତା ମୋ ପାଇଁ । କରୁଣାକଲ୍ପତରୁ ସେହି ।
ଅହୋ ଭବନ୍ତୁ ଏହା ଶୁଣି । ସ୍ପୃକୁ ଜାଆନ୍ତି ସେକ୍ଷଣି । ୩୧ ।
ଧାଆନ୍ତା ଅତିଶୟ ସମ୍ଭ୍ରମେ । ଦାହାନ୍ତା ଯାଇଁ ବା ବିକ୍ରମେ ।
ମନକୁ ମନାଇ ସେବାରେ । ମଜ୍ଜନ୍ତି ମୁଁ ଜାଣି ଧବାରେ । ୩୨ ।
ଯାହାର ନାସାଫୁଲ୍ଲ ପଣ । ଫୁସାଇ ଦେଇ ଫୁଲବାଣ ।
ଶମ୍ଭୁରେ ଏ ତୃଣ ସମୀର । ଅସ୍ତ୍ରେ ତ କମ୍ପାଇବ ହର । ୩୩ ।
ସବୁ ସୁବେଶମାନେ ତାକୁ । ସେ ପୁଣି ସୁବେଶ ବେଶକୁ ।
ମଳିନ ହୋଇଥିଲେ ବେଶେ । ଜଗତ ମୋହି ପାରଇ ସେ । ୩୪ ।
ପଙ୍କ ମଧ୍ୟରେ ପଦ୍ମ ଥାଇ । ଯଥା ରସିକ ଭୃଙ୍ଗ ମୋହି ।
ଯେମନ୍ତ ଦେବତାଏ ଶିରେ । ବହନ୍ତି ବଧୂ ସ୍ପୃହଂ କରେ । ୩୫ ।
ଶର କବଳୁ ଶମ୍ବରାରି । ରମା ସୁଷମା ସେହି ପରି ।
ସ୍ୱଭାବେ ମୋର ବେନି ଆଖି । ଯହିଁ ପଡ଼ଇ ରହେ ଲାଗି । ୩୬ ।

---

୩୧ । କରୁଣାକଲ୍ପତରୁ—ଦୟାର ବାଞ୍ଛିତବୃକ୍ଷ ଦୟାକରି ମୋର ବେଦନା ହରନ୍ତା ଓ ମନକାମନା ପୂରଣ କରନ୍ତା । ସ୍ପୃକୁ—ତା ପାଖକୁ ।

୩୩ । ନାସାଫୁଲ୍ଲପଣ—ନାକ ଟେକିବା ଢଙ୍ଗ । ଫୁଲବାଣ—କନ୍ଦର୍ପ । ଅସ୍ତ୍ରେ—ଏପରି ଅସ୍ତ୍ରଦ୍ୱାରା । ହର—ମହାଦେବଙ୍କୁ । କମ୍ପାଇବ—ତାଙ୍କୁ ଯୋଗରୁ ଟଳାଇବ ଏବଂ ଏହା ପବନରେ ଘାସ ପରି ହେବ—ମହାଦେବଙ୍କୁ ବିଚଳିତ କରିବ । ସାମାନ୍ୟ କଥା—ଯେପରି ପବନରେ ଘାସ ଉଡ଼ିଯାଏ, ସେହିପରି ହେବ । ମୋତେ ମହାଦେବ ପୋଡ଼ି ପକାଇଥିଲେ, ବର୍ତ୍ତମାନ ମୁଁ ତାଙ୍କୁ ସହଜରେ ହରିବର କରିବି ।

୩୪ । ସୁବେଶ—ଭଲ ଅଳଙ୍କାର । ମାନେ—ଶୋଭା ପାଏ । ଭଲ ସବୁ ବେଶର ସେ ଅଳଙ୍କାର—ତାଂ ଦେହରେ ଲାଗି ବେଶମାନଙ୍କର ଶୋଭା ବଢ଼େ । ସେ ସୁନ୍ଦରୀ । ବେଶରେ ମଳିନ ହୋଇଥିଲେ—ଅର୍ଥାତ୍ ଖରାପ ବେଶ ଧାରଣ କରିଥିଲେହେଁ ନିଜର ସହଜ ସୌନ୍ଦର୍ଯ୍ୟ ହେତୁ ଜଗତକୁ ମୋହି ପାରେ । "ଇୟମଧିକମନୋଜ୍ଞା ବଲ୍କଲେନାପି ତନ୍ୱୀ, କିମିବ ହି ମଧୁରାଣାଂ ମଣ୍ଡନଂ ନାକୃତୀନାମ୍"—ଶକୁନ୍ତଳା ।

୩୫ । ରସିକଭୃଙ୍ଗ—ରସଗ୍ରାହୀ ଭ୍ରମର । ବଧୂ—ବଣ୍ଠ । ଶମ୍ବରାରି—କନ୍ଦର୍ପ । ରମା ସୁଷମା—ସୁନ୍ଦରୀର ଶୋଭା । ପଙ୍କରେ ଥାଇ ସୁଦ୍ଧା ପଦ୍ମର ଶୋଭା ଅତି ଉତ୍କୃଷ୍ଟ । ପଙ୍କ ତାର ଶୋଭାକୁ ନାଶ କରି ପାରେ ନାହିଁ—କାରଣ ତା ସ୍ୱାଭାବିକ ସୁନ୍ଦର । ତେଣୁ ତାହା ସମସ୍ତ ଆଦର ଲଭନ୍ତି ।

୩୬ । ଶମ୍ବରାରି—କାମଦେବ । ରମା—ସୁନ୍ଦରୀ ଲାବଣ୍ୟବତୀର । ସୁଷମା—ସୌନ୍ଦର୍ଯ୍ୟ ସମ୍ପଦର ଆଦରଣୀୟ ।

ସେ କୋଟି କୋଟି ହୋଇଥିଲେ । ସେ ଶୋଭା ଦେଖିଥାନ୍ତି ଭଲେ ।
ଅଙ୍ଗେ ଶତ ଶତ ଭଙ୍ଗି । ସୁଖୀ ହୁଅନ୍ତି ଦେଖି ଦେଖି । ୩୭ ।
ହେ ବାବା ତୋହର ଅଶେଷ । ଏମନ୍ତ ବର୍ଣ୍ଣି ବର୍ଣ୍ଣି ପୁଂସ ।
ପୁରପ୍ରବେଶ ତତ୍ତ୍ୱ ଅଜ । ଏ-ସ୍ତବ ହୋଇଲା ସମ୍ପୂର୍ଣ୍ଣ । ୩୮ ।
ଯେ ବରଷେ କୃଷ୍ଣ ଦୁର୍ଗାଦେବୀ । ବରଷୁହୋଇଲେ ସମ୍ଭବ ।
ମନୁଷ୍ୟ ଏହୁ ଅଦଭୁତ । ଭଞ୍ଜାନନ୍ଦଭଞ୍ଜ ନାମ ସତ । ୩୯ ।
ବଂଶିଷ୍ଠ ବଶିଷ୍ଠ ପାଳକା । ଶ୍ରୀରାମେ ଦାନ୍ତ ଶୁଭଟୀକା ।
ସେ କୁଳେ ଜାତ ଧନଞ୍ଜୟ । ସମସ୍ତ ଗୁଣର ନିଳୟ । ୪୦ ।
ସୁମୁଖଙ୍କ ଅଧିକ ପରଶେ । ଲୋକେ ବିଖ୍ୟାତ କବିଗୁଣେ ।
ଉଦ୍ଭବ ତାହାଙ୍କ ତନୁଜ । ନରେଶ ମାଳବଂଶ ଭଞ୍ଜ । ୪୧ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୂର୍ତ୍ତି । ଉପେନ୍ଦ୍ର ଭଞ୍ଜ ନାମ ଖ୍ୟାତି ।
ତାରକମନ୍ତ୍ର ପରସାଦେ । ହେମାଦ୍ରର ଭବାପଣ ଜିତେ । ୪୨ ।
କଳଙ୍କସ୍ଥାନ ସେ ଗୀତ । ଖଳ-ସ୍ୱଭାବେ ଅଦୂଷିତ ।
ବିଚିତ୍ର ସୁଧାକର ଏହି । ସୁମନାତ୍ପଦ ସୁଖଦାୟୀ । ୪୩ ।

---

୩୭ । ଅଙ୍ଗେ—ପ୍ରତ୍ୟେକ ଅଂଶରେ ।

୩୮ । ପୁର ପ୍ରବେଶ—ନଗରରେ ପ୍ରବେଶ । ୩୯ । ବରଷୁହୋଇଲେ—ସମ୍ପୂର୍ଣ୍ଣ ଉତ୍ପନ୍ନ । ମନୁଷ୍ୟ ଜାତିରେ । ଅଦ୍ଭୁତ—ଆଶ୍ଚର୍ଯ୍ୟ କଥା । ଭଞ୍ଜାନନ୍ଦଭଞ୍ଜ—ଭଞ୍ଜରାଜ୍ୟଧାରୀ ଓ ଦେବୀଙ୍କତ ଶକ୍ତି ପ୍ରସୂତ ।

୪୦ । ବଶିଷ୍ଠ—ପ୍ରଧାନ ଋଷି, କୁଳ ପୁରୋହିତ । ପାଳକା—ପାଳକ; ସର୍ବଦା ସେ ବଂଶର ମଙ୍ଗଳାକାଂକ୍ଷୀ । ଗୁଣର ନିଳୟ—ସର୍ବଗୁଣ ଯୁକ୍ତ । ୪୧ । ଅଧିକପରଶେ—ବଡ଼ ସ୍ନେହରେ, ଶୁଭାଶୀଷରେ । ଉଦ୍ଭବ—ତାଙ୍କ ପୁତ୍ର ବିଖ୍ୟାତ ଓ ଗୁଣସମ୍ପୂର୍ଣ୍ଣ । ତନୁଜ—ପୁତ୍ର । ନରେଶ—ରାଜା । ୪୨ । ତାରକ ମନ୍ତ୍ର—ରାମତାରକ ମନ୍ତ୍ର । ପରସାଦେ—ଅନୁଗ୍ରହରେ; ବଳରେ । ସେ ଜିତେନ୍ଦ୍ରିୟ ଓ ଯୋଗୀ ସେ ତେବେଳ ରାମତାରକ ମନ୍ତ୍ର ସାଧନ କରି ସିଦ୍ଧିଲାଭ କରନ୍ତି; ଏଣୁ ଉପେନ୍ଦ୍ର ଜଣେ ଜିତେନ୍ଦ୍ରିୟ ଯୋଗୀ ଥିଲେ ।

୪୩ । କଳଙ୍କସ୍ଥାନ—ଦୋଷଶୂନ୍ୟ, ଜନ୍ମ ଖଳ ସ୍ୱଭାବେ—ଦୁଷ୍ଟଲୋକ ସ୍ୱଭାବରେ— ଅଦୂଷିତ—ଅସ୍ପୃଷ୍ଟ, ତଥା ମୋ କାବ୍ୟ ପ୍ରଶଂସା କରନ୍ତି । ସୁଧାକର— ଏ ଅଦ୍ଭୁତ ଚନ୍ଦ୍ର, ସେ ଚନ୍ଦ୍ରକୁ ରାହୁ ଗ୍ରାସ କରେ, କିନ୍ତୁ ଏ ଚନ୍ଦ୍ରକୁ ସେପରି କେହି ଅଭିଭୂତ କରି ପାରିବ ନାହିଁ । ସୁମନାତ୍ପଦ—ଦେବତାସମୂହ ବା ପଣ୍ଡିତଗଣ । ସୁଖଦାୟୀ—ଆନନ୍ଦପ୍ରଦ ।

ନାରିକେଳ ଯେ ରସପୂର । ଭକ୍ଷି ନ ପାରନ୍ତି ବାନର
ତାର କି ସ୍ୱାଦୁ ଜାଣ ହୋଇ । ପ୍ରସଙ୍ଗୁ ଚଳି ମଧ୍ୟ କହି ॥ ୪୪ ॥

---

୪୪ । ନାରିକେଳ—ନଡ଼ିଆ । ରସପୂର—ରସପୂର୍ଣ୍ଣ, ତହିଁ ମଧୁର । ବାନର—ମାଙ୍କଡ଼; ଅଳବୁଦ୍ଧି ଚପଳ ମତ ଲୋକ । ଭକ୍ଷି ନ ପାରେ—ଆସ୍ୱାଦ କରି ପାରେ ନାହିଁ । ଅର୍ଥାତ୍ ସଜ୍ଜନରେ କପଟେ ଧରିହେବ ନାହିଁ ଭୁକ୍ତି ତୁଳନା କଲେ ତାର ମାଧୁର୍ଯ୍ୟ ଓ ସ୍ୱାଦୁ ଲାଭ କରିବ ।

---

ମହାରାଜା ଶ୍ରୀ ରାମଚନ୍ଦ୍ର ଉତ୍କଳ ପୁସ୍ତକଭଣ୍ଡାର ପ୍ରେସରେ ଶ୍ରୀ ଗଦ୍ଦାଧର ଦାସଙ୍କ
ଦ୍ୱାରା ମୁଦ୍ରିତ, ୧୯୫୨